ପ୍ରଥମ ବର୍ଷ

ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା

ପ୍ରଥମ ସଂଖ୍ୟା

# ବୀଣା

ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ, ବିଏ:

Digitized by srujanika@gmail.com

# ସୂଚୀ


| | | | |
|---|---|---|---|
| ୧ | ଅଲେକ-ବନ୍ଦନା [କବିତା] | ଶ୍ରୀ ସୁନନ୍ଦ କର | ୧ |
| ୨ | ଉତ୍କଳ-ବିଚ୍ଛିନ୍ନ-ଅଞ୍ଚଳ [ପ୍ରବନ୍ଧ] | ଶ୍ରୀ ନବକିଶୋର ଦାସ, ବି ଏ, ବି ଏଲ, | ୨ |
| ୩ | ରାଜନୀତିରେ ବ୍ୟକ୍ତିତ୍ୱର ସ୍ଥାନ [ପ୍ରବନ୍ଧ] | ଅଧ୍ୟାପକ ଶ୍ରୀ ଶ୍ରୀରାମଚନ୍ଦ୍ର ଦାସ, ଏମ ଏ, | ୪ |
| ୪ | ଅସଂଖ୍ୟ-ଅମୃତ [କବିତା] | ଶ୍ରୀ ଶଶିଭୂଷଣ ପଟ୍ଟନାୟକ, | ୮ |
| ୫ | ସେଇ ପିଲାଟି [ଗଳ୍ପ] | ଶ୍ରୀ ନନ୍ଦିନୀ ପାଣିଗ୍ରାହୀ | ୧୦ |
| ୬ | ଚିଲ୍‌କାର ବିଭବ [ପ୍ରବନ୍ଧ] | ଡାକ୍ତର ଶ୍ରୀରାଧାଚରଣ ପଣ୍ଡା | ୧୨ |
| ୭ | ବୀଣାର ଆତ୍ମପ୍ରକାଶ | ଜାତି ସେବକ ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ | ୧୬ |
| ୮ | ସଙ୍ଗୀତ [କବିତା] | ଅଧ୍ୟାପକ ଶ୍ରୀ ବିନାୟକ ମିଶ୍ର | ୨୧ |
| ୯ | ଭଞ୍ଜ-ସାହିତ୍ୟରେ ରାଜ୍ୟ-ପାଳନ [ପ୍ରବନ୍ଧ] | ଶ୍ରୀ କପିଳେଶ୍ୱର ଦାସ, ଏମ ଏ, ବି ଇ ଡି, | ୨୧ |
| ୧୦ | ଭିକ୍ଷାର ବିନିମୟ [ଗଳ୍ପ] | ରାଜା ଜଗନ୍ନାଥ ଦେବ ବର୍ମା, ଏମ୍ ଆର୍ ଏ ଏସ୍, | ୨୫ |
| ୧୧ | ପ୍ରଭାତ [କବିତା] | ଶ୍ରୀ ଶ୍ରୀବତ୍ସ ପଟ୍ଟନାଏକ, ବି କାମ୍, ବି ଏଲ, | ୨୮ |
| ୧୨ | ତୈଳ କଳିଙ୍ଗ ଯୁଦ୍ଧ [ଐତିହାସିକ] | ଶ୍ରୀ ସତ୍ୟନାରାୟଣ ରାଜଗୁରୁ | ୨୯ |
| ୧୩ | ଶ୍ରୀହର୍ଷ [ଜୀବନୀ] | ପଣ୍ଡିତ ଶ୍ରୀ ଗୋପବନ୍ଧୁ ବିଦ୍ୟାଭୂଷଣ | ୩୧ |
| ୧୪ | ସମ୍ପାଦକୀୟ | | ୩୬ |


Digitized by srujanika@gmail.com

ଓଁ ଯସ୍ତେ ସ୍ତନଃ ଶଶୟୋ ଯୋ ମୟୋଭୂ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ ।

ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତି ତମିହ ଧାତବେ କଃ ॥

# ଝଙ୍କାର

## ଆଲୋକ-ବନ୍ଦନା

ସୁନନ୍ଦ କର

ଯୁଗ ଯୁଗ ବ୍ୟାପି କଳଙ୍କ-ଅମା ପୁଞ୍ଜିତ ଅମ୍ବରେ,
କ୍ରନ୍ଦସୀ ତେଣୁ କମ୍ପିତ ଆଜ କ୍ରନ୍ଦନେ ହାହାକାରେ ।
କୋଟି ଦଳିତର ତପ୍ତ ଅଶ୍ରୁ, ମୁର୍ଦ୍ଧାର ପୂତ ବାସ,
ଗହନ ସେ ଗୂଢ-ଅତଳ-ଗର୍ଭୁ ପିଶାଚ ଅଟ୍ଟହାସ,
ବିଶ୍ୱର ମହାଜୀବନ ଯୋଜନା ସ୍ତବ୍ଧ କରିବା ଆଣି
ମୃତ୍ୟୁରେ; କ୍ଲୀବ ହୋଇଛୁ ତା ବିଷ ନିଃଶ୍ୱାସେ ଯେତେ ପ୍ରାଣୀ ।
ମଲଙ୍ଗ ଏଇ ତୁଷାର-ଶୀତଳ-ମରଣ ଅନ୍ଧକାର
ବିଦୀର୍ଣ୍ଣ କର ଭେଦଯାଏ ଆମ ବୁକୁଫଟା ଚିତ୍କାର

ଗଗନ ପବନ ମଥି
'ସ୍ୱାଗତ, ସ୍ୱାଗତ ହେ ଦେବ ତ୍ୱିଷାମ୍ପତ !
ତୁମର ଖଡ୍ଗ ସମ ସେ ରଶ୍ମି ହାଣୁ ଏ ଅନ୍ଧକାର
ତୁମର ବହ୍ନି ପରଶେ ତରଳୁ ତୁଙ୍ଗ ତୁଷାର ଭାର,
ତୁମ ଦୀପ୍ତିରେ ବିହ୍ୱଳ ହୋଇ ମରୁ ପତଙ୍ଗପର
ନାଚେ ଆଜ ଯେତେ ପ୍ରେତ ପିଶାଚ ଏ ନରକ ସୃଷ୍ଟି କର,
ତୁମର ଉଷ୍ଣ ଚୁମ୍ବନ ପୁଣି ଆଣୁ ଏ ବାଂହ୍ଲ ଦେଶେ
ସ୍ପନ୍ଦନମୟ ନବୀନ ଜୀବନେ ସଜାଇ ଶ୍ୟାମଳ ବେଶେ ।

Digitized by srujanika@gmail.com

ହେ ତ୍ୱିଷାମ୍ପତି ! ହେ ଆଲୋକଦାତା ! ଅର୍ଘ୍ୟ ଆମର ନିଅ
ନମ୍ର ଏ କୋଟି ଅନ୍ତରେ ତବ ଚିର ବରାଭୟ ଦିଅ;
ଦୁନିଆରେ ଆଜି ଯା' କିଛି ମଳିନ, ଲୁଣ୍ଠିତ, ଘୋରଘୋର
ଆଶ୍ୱାସ ତହିଁ ସ୍ଥାପୁ ହେ ତୁମର ଜ୍ୟୋତିର ଇସ୍ତାହାର,
ଏଇ ଅମାରାତି ଲଭୁ ବିସ୍ମୃତି ଗର୍ଭରେ ଚିର ଲୟ,
ବିଶ୍ୱ ବୀଣାରେ ଝଙ୍କାର ଉଠୁ—ଜୟ ଆଲୋକର ଜୟ !

# ଉତ୍କଳ-ବିଚ୍ଛିନ୍ନ-ଅଞ୍ଚଳ

ଶ୍ରୀ ନବକିଶୋର ଦାସ (ଅଡ଼ଭୋକେଟ)

ଉତ୍କଳ ଶବ୍ଦ ଅଭିଧାନରେ ଥାଇପାରେ, କିମ୍ବା କୌଣସି ରାଜନୀତିକ ଅବା ସାଧାରଣ ଅନୁଷ୍ଠାନ ପତ୍ରରେ ବ୍ୟବସାୟୀ ପ୍ରତିଷ୍ଠାନର ବିଜ୍ଞାପନରେ ସ୍ଥାନ ପାଇପାରିଥାଏ; ମାତ୍ର ଏହା ରାଜନୀତିକ ମାନଚିତ୍ରରେ ନାହିଁ । ଏହା ଏକ ଭୌଗୋଳିକନାମ ମଧ୍ୟ ନୁହେ । ତଥାପି କୋଟି କୋଟି ଲୋକଙ୍କ ସ୍ପନ୍ଦନରେ ଏହି ନାମର ଜନ୍ମ ଏବଂ ବହୁ ନର ନାରୀଙ୍କ ସ୍ପନ୍ଦନ-ସନ୍ତାନ ଭାବରେ ଏହା ଲାଳିତ ପାଳିତ । 'ଉତ୍କଳ' କହିଲେ କ୍ଷୁଦ୍ର;ଦରଖଣ୍ଡିଆ ଓଡ଼ିଶା ପ୍ରଦେଶ, ଓଡ଼ିଶା ଦେଶୀୟ ରାଜ୍ୟ ଏବଂ ଓଡ଼ିଶା ପ୍ରଦେଶର ଉତ୍ତର, ଦକ୍ଷିଣ, ଓ ପଶ୍ଚିମ ଦିଗରେ ଅବସ୍ଥିତ ବହୁ ବିଚ୍ଛିନ୍ନ ଓଡ଼ିଆଅଞ୍ଚଳ ବୁଝାଏ । ଓଡ଼ିଶାପ୍ରଦେଶ କ୍ଷୁଦ୍ର ନିଅଣ୍ଟିଆ ଏବଂ ଅସୁନ୍ଦର ଅବୟବ ଯୁକ୍ତ ହେଲେ ମଧ୍ୟ ଯେଉଁ ଉତ୍କଳୀୟମାନେ ଏହି ପ୍ରଦେଶ ମଧ୍ୟରେ ରହିଛନ୍ତି, ସେମାନଙ୍କର ହେଲେ ଗୋଟିଏ ରାଜନୀତିକ ଭିତ୍ତି ଅଛି, ଏକ ରାଜନୀତିକ ପ୍ରଦେଶ ଅଛି । ଓଡ଼ିଶା ଦେଶୀୟ ରାଜ୍ୟଗୁଡ଼ିକର ସେହିପରି ଅନ୍ୟାନ୍ୟ ଅସୁବିଧା ଥିଲେ ମଧ୍ୟ; ସେମାନଙ୍କ ପ୍ରାଚୀନ ରାଜପଦ୍ଧତି ଅଧୀନରେ ରହି ସେମାନଙ୍କ ସ୍ୱ ସଂସ୍କୃତି-ହାନୀର ବିପଦ ସେତେ ବର୍ତ୍ତମାନ ନାହିଁ । କିନ୍ତୁ ମାନ୍ଦ୍ରାଜ, ମଧ୍ୟ ପ୍ରଦେଶ, ବିହାର ଏବଂ ବଙ୍ଗଳା ପ୍ରଦେଶରେ ରହି ଯାଇଥିବା ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଅବସ୍ଥା କଣ ? ସେମାନଙ୍କର କିପରି ଅସୁବିଧା; ସେଥିପ୍ରତି ସେମାନେ ନିଜେ ମଧ୍ୟ ଅନେକ ସମୟରେ ସଚେତନ ନୁହନ୍ତି । କାରଣ ପ୍ରବଳ ପ୍ରତିବେଶୀ ପ୍ରାଦେଶିକ ସରକାରଗଣ ସେମାନଙ୍କୁ ବିଦେଶୀ ବ୍ରିଟିଶ ସରକାରଠାରୁ ବଳି ଏପରି ଆର୍ଥନୀତିକ, ସାଂସ୍କୃତିକ ଏବଂ ରାଜନୀତିକ ଶୋଷଣ କରୁଅଛନ୍ତିଯେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଉତ୍କଳୀୟମାନେ କ୍ରମେ ସେମାନଙ୍କ ବିଶିଷ୍ଟ ବ୍ୟକ୍ତିତ୍ୱ, ଜାତୀୟତା ଏବଂ ମନୁଷ୍ୟତ୍ୱ ମଧ୍ୟ ସ୍ଥାନେ ସ୍ଥାନେ ହରାଇଛନ୍ତି । ମୁଁ ଯାହା କହିଲି ଏହା ମୋର ମନଗଢ଼ା କଥା ନୁହେ । ନିଜେ ଦୀର୍ଘ ତିନିବର୍ଷ ସିଂହଭୂମି, ମେଦିନୀପୁର, ଦକ୍ଷିଣ ମାନଭୂମି ପ୍ରଭୃତିରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ଅଧିବାସୀଙ୍କ ହୀନସ୍ତା ଆଖିରେ ଦେଖି, ଏ କଥା ମୁଁ ଲେଖୁଛି । ଉଦାହରଣ ସ୍ୱରୂପ ମେଦିନୀପୁର କଥା ଧରାଯାଉ । ଖାଣ୍ଟି କରଣ, ବ୍ରାହ୍ମଣ, ଖଣ୍ଡାୟତ ପ୍ରଭୃତି ତଥାକଥିତ ଉଚ୍ଚ ବର୍ଣ୍ଣ ଜାତିର ହିନ୍ଦୁମାନେ କିପରି ଜାତୀୟତା ହରାଇଛନ୍ତି ଏବଂ ଆତ୍ମ ପ୍ରତ୍ୟୟ ଶୂନ୍ୟ ହୋଇ ଭୀରୁତା ଦେଖାଉଛନ୍ତି ତାହା ହୁଏତ ଅନେକେ ଅଳୀକ ବୋଲି ଅନୁମାନ କରିବେ । ସିଂହଭୂମି ଜିଲା ଧଳଭୂମିରେ ମଧ୍ୟ ସେହି



Digitized by srujanika@gmail.com

ଅବସ୍ଥା ଥିଲା । କିନ୍ତୁ ଆନ୍ଦୋଳନ ଏବଂ ପ୍ରଚାରଫଳରେ ପୂର୍ବ ଅବସ୍ଥା ବଦଳି ଯାଇଛି । ମେଦିନୀପୁରରେ ମଧ୍ୟ ବର୍ତ୍ତମାନ ଚେତନା ଆସିଛି , ଯଦିବା ଏହା ବହୁ ବିଳମ୍ବରେ ଆସିଲା । ମେଦିନୀପୁରରେ ଗତ ସୀମା ନିର୍ଦ୍ଧେଶକ କମିଟି [ଓଡ଼ନେଲ୍ କମିଟି] ବେଳେ ନିଜେ ମୁଁ ଦେଖିଛି ବହୁ ଓଡ଼ିଆ ବ୍ୟକ୍ତି ଆମସାଙ୍ଗରେ ପ୍ରଥମେ ବଙ୍ଗଳାରେ କଥା ବାର୍ତ୍ତା ଆରମ୍ଭ କରୁଥିଲେ ପୁଣି କିଛି ସମୟ ପରେ ଆମଠାରୁ ଭର୍ତ୍ସନା ଶୁଣିଲେ ମିଷ୍ଟ ଓଡ଼ିଆ କହୁଥିଲେ । ମେଦିନୀପୁରରେ ଦେଖି ଆସିଛି ବହୁ ଖାଣ୍ଟି ଓଡ଼ିଆ ଘରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି,ମାତ୍ର ବାହାରେ ବଙ୍ଗଳା କହନ୍ତି । ଏହା କାହିଁପାଇଁ ହୁଏ ? ଏହି ରୋଗର ମୂଳ କାରଣ କଣ ? ତାହା ଆମ୍ଭମାନଙ୍କୁ ବୁଝିବାକୁ ହେବ । ବଙ୍ଗ ସରକାର କିପରି ନିର୍ମମ ଭାବରେ ଏବଂ କୌଶଳରେ ମେଦିନୀପୁରରୁ ଓଡ଼ିଆ ପାଠଶାଳାମାନ ଉଠାଇଥିଲେ, ତାହା ବଙ୍ଗ ସରକାରଙ୍କ ଅଧୀନରେ ହେବା ଓଡ଼ିଆମାନଙ୍କ ସଂସ୍କୃତି ଇତିହାସର ଏକ ଅତି କରୁଣ ଅଧ୍ୟାୟ । ଏଥିରେ ଆଶ୍ଚର୍ଯ୍ୟ ମଧ୍ୟ ହେବାକୁ କିଛି ନାହିଁ । ମେଦିନୀପୁରରେ ବଙ୍ଗ ଶିକ୍ଷା ବିଭାଗର ବଙ୍ଗୀୟ କର୍ମଚାରୀମାନେ ନାନା କୌଶଳରେ ଏବଂ ଲୋକଙ୍କୁ ଭୟ ଭୀତ କରାଇ ଓଡ଼ିଆ ପାଠଶାଳା ଉଠାଇ ଦେଲେ । ଲୋକଙ୍କୁ ପ୍ରଲୋଭନ ଦେଖାଗଲା ବଙ୍ଗଳା ସ୍କୁଲରେ ପଢ଼ାଗଲେ, ସେହି ସ୍କୁଲ ସବୁ ସରକାରୀ ମଞ୍ଜୁରି ପାଇବ । ଏହିପରି ପ୍ରଚେଷ୍ଟାରେ ମଧ୍ୟ ସିଂହଭୂମିରେ ଓଡ଼ିଆ ଶିକ୍ଷା ପରିବର୍ତ୍ତେ ହିନ୍ଦୀ ଓ ବଙ୍ଗଳା ଶିକ୍ଷା ପ୍ରସାର ଲାଭ କରିଥିଲା । ଅନେକଙ୍କର ବର୍ତ୍ତମାନ ମୁଦ୍ଧା ମନେ ଥିବଯେ କିପରି ଦିନେ କଟକ, ବାଲେଶ୍ୱରରେ ମଧ୍ୟ ଓଡ଼ିଆ ଭାଷା ଲୋପ କରିବାକୁ ଚେଷ୍ଟା କରା ଯାଇଥିଲା । କିନ୍ତୁ ଏହି ଚକ୍ରାନ୍ତରୁ କଟକ, ବାଲେଶ୍ୱର ରକ୍ଷା ପାଇଲେ ମଧ୍ୟ ଧଳଭୂମି, ମେଦିନୀପୁର, ଦକ୍ଷିଣ ମାନଭୂମି, ଦକ୍ଷିଣ ବାଙ୍କୁଡ଼ା ରକ୍ଷା ପାଇ ପାରିଲାନାହିଁ । ଅବଶ୍ୟ ଏ ବିଷୟରେ ଦକ୍ଷିଣରେ ଓଡ଼ିଆମାନଙ୍କ ମଧ୍ୟରେ ସୁଆଦର୍ଶ ଦେଖାଯାଏ । ତାହାର କାରଣ ତେଲୁଗୁ ଓ ଓଡ଼ିଆ ଭାଷା ମଧ୍ୟରେ ବିସ୍ତୀର୍ଣ୍ଣ ପାର୍ଥକ୍ୟ, ମାତ୍ର ଓଡ଼ିଆ ଏବଂ ବଙ୍ଗ ଭାଷା ମଧ୍ୟରେ ବହୁ ପରିମାଣରେ ସାମ୍ୟଥିବାରୁ ବଙ୍ଗ ସଂସ୍କୃତି ରାଜନୀତିକ ସୁବିଧା ଗ୍ରହଣକରି ଓଡ଼ିଆ ସଂସ୍କୃତିକୁ ମାରି ଦେବାକୁ ଅଣ୍ଟା ଭିଡ଼ିଥିଲା ।

ରାଜନୀତିକ ଏକତା ବା ଏକ ଶାସନାଧୀନ ହେବା ପୂର୍ବରୁ ଯଦି ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ବାସ କରୁଥିବା ବା ଓଡ଼ିଆମାନଙ୍କର ସଂସ୍କୃତିକୁ ନାନା କଳ ବଳ, କୌଶଳରେ ଉଚ୍ଛେଦ କରାଯାଏ ଏବଂ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନେ ଏହି ଉଚ୍ଛେଦ ବିରୁଦ୍ଧରେ ସଂଗ୍ରାମ କରିବାକୁ ଅଣ୍ଟା ନ ଭିଡ଼ନ୍ତି; ତେବେ ଉତ୍କଳ ସମ୍ମିଳନୀରେ ବା ଅନ୍ୟାନ୍ୟ ପୀଠରୁ ସେହିସବୁ ଅଞ୍ଚଳର ମିଶ୍ରଣପାଇଁ ଦାବୀକଲେ କଣ ହେବ ? ସେ ଦାବୀ କେବଳ କାଗଜରେ ରହିବ । କାରଣ ଏକ ଜୀବନ୍ତ ଜାତି ସଙ୍ଗେ ଜୀବନ୍ତ ଜାତିର ମିଳନ ସମ୍ଭବପର । ନିଆଁ ସଙ୍ଗେ ନିଆଁର, ପାଣି ସଙ୍ଗେ ପାଣିର ମିଳନ ସମ୍ଭବପର । ତେଣୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଅଧିବାସୀମାନେ ଯଦି ଓଡ଼ିଶା ସଙ୍ଗେ ମିଶିବାକୁ ଚାହାଁନ୍ତି ଏବଂ ସେ ମିଶ୍ରଣ ଯଦି ସ୍ୱାସ୍ଥ୍ୟକର ଏବଂ ପ୍ରାକୃତିକ ହେବା ଦରକାର, ତାହାହେଲେ ବର୍ତ୍ତମାନ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ସଂସ୍କୃତିକୁ ବଞ୍ଚାଇ ରଖିବା ପ୍ରଥମ କାମ । କାରଣ ଯଦି ଓଡ଼ିଆ ସଂସ୍କୃତି ବଞ୍ଚି ନ ରହେ, ତେବେ ମିଶ୍ରଣ ପ୍ରଶ୍ନ ଉଠୁନାହିଁ ବା ଉଠିବନାହିଁ । ସେଥିପାଇଁ ପ୍ରତିବେଶୀ ପ୍ରଦେଶମାନେ ବେଶ୍ ରାଜନୀତିକ କୌଶଳରେ ଓଡ଼ିଆ ସଂସ୍କୃତିକୁ ମାରିବାକୁ ଚାହାଁନ୍ତି, ଏବଂ କେତେକ ଅଞ୍ଚଳରେ ସେମାନେ ସାଫଲ୍ୟମଣ୍ଡିତ ହୋଇଅଛନ୍ତି ବୋଲି ମଧ୍ୟ କହିବାକୁ ହେବ । ବର୍ତ୍ତମାନ ଏହି ସମସ୍ୟାକୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଯୁବକ, ନେତା କର୍ମୀମାନେ ଗଭୀର ଭାବରେ ଅନୁଭବ କରନ୍ତୁ । ଏବଂ ଏହି ସଂସ୍କୃତିମୂଳକ ଆକ୍ରମଣ ଏବଂ ଆତ୍ମ ହତ୍ୟାରୁ ନିଜକୁ ରକ୍ଷା କରନ୍ତୁ । ଏହି ହେଲା ବର୍ତ୍ତମାନବିଚ୍ଛିନ୍ନ



Digitized by srujanika@gmail.com

ଓଡ଼ିଆ ଅଞ୍ଚଳର ମୁଖ୍ୟ ସମସ୍ୟା । ସେଥିପାଇଁ ଦେଖିବେ ସିଂହଭୂମିରେ ଓଡ଼ିଆ ଭାଷା କଚେରୀ ଭାଷା ହେଉନାହିଁ, ଯଦିବା ଓଡ଼ିଆଙ୍କ ସଂଖ୍ୟା ହିନ୍ଦୀ ବା ବଙ୍ଗଳା ଭାଷା ଭାଷୀଙ୍କ ସଂଖ୍ୟାରୁ ଢେର ଅଧିକ । ସେଥିପାଇଁ ମଧ୍ୟ ମାନ୍ଦ୍ରାଜସ୍ଥ ଦକ୍ଷିଣ ଅଞ୍ଚଳରେ ଓଡ଼ିଆ ସ୍କୁଲ, କଚେରୀରୁ କ୍ରମେ ଲୋପ ପାଇବାକୁ ବସୁଛି । ମେଦିନୀପୁର, ଫୁଲଝରରେ କେବଳ କଚେରୀ ନୁହେଁ, ପାଠଶାଳାରୁ ମଧ୍ୟ ଓଡ଼ିଆ ଲୋପ ପାଇଅଛି । ତେଣୁ ବର୍ତ୍ତମାନ ଓଡ଼ିଆ ବିଚ୍ଛିନ୍ନଅଞ୍ଚଳ ଆଗରେ ମୁଖ୍ୟ ପ୍ରଶ୍ନ ସେମାନେ ଓଡ଼ିଆ ସଂସ୍କୃତି ଓ ଜାତୀୟତାକୁ ସ୍ଥିର ଭାବରେ ବଞ୍ଚାଇ ରଖିବେ ନା ଏହାକୁ ମାରି-ଦେବେ ଏବଂ ନିଜେ ମରିଯିବେ । ଏହି କଥାଟି ବର୍ତ୍ତମାନ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଉତ୍କଳୀୟମାନେ ବୁଝିବା ଉଚିତ । ଏତିକି ବୁଝିଲେ ଏହି ସମସ୍ୟା ସମାଧାନପାଇଁ ବାଟ ସେମାନେ ଆପେ ଅପେ ପିଟାଇବେ, କାରଣ ଜୀବନ୍ତ ଚେତନ-ଯୁକ୍ତ ଜାତିକୁ ମାରିବାର କ୍ଷମତା ଏ ଦୁନିଆରେ କାହାର ଅଛି ? ରାଜନୀତିକ ସୀମା ରେଖା ଯେତେ କ୍ଷୁଦ୍ର ଏବଂ ଖଣ୍ଡ ବିଖଣ୍ଡିତ ହେଲେ ମଧ୍ୟ, ଆମ୍ଭେମାନେ ତାହା ଭାଙ୍ଗି ଦେଇପାରିବା, କାରଣ ସଂସ୍କୃତି ମୂଳକ ରାଜ୍ୟ ସେତେ ରାଜନୀତିକ ସୀମାରେଖା ବନ୍ଧନ ମାନେନାହିଁ । ତାହାର ଜ୍ୱଳନ୍ତ ପ୍ରମାଣ ଓଡ଼ିଶା ଗଡ଼ଜାତ ଓ ଓଡ଼ିଶା । ବର୍ତ୍ତମାନ କଣ କେହି କହିପାରିବେ ଯେ ଓଡ଼ିଶା ଗଡ଼ଜାତରେ ଓଡ଼ିଆ ସଂସ୍କୃତି ଅଭିବୃଦ୍ଧି ନପାଉଛି ? ଅବଶ୍ୟ ମୁଁ ସ୍ୱୀକାର କରୁଛି ଯେ ବୈଦେଶିକ ସରକାରଙ୍କ ଅପରିଣାମଦର୍ଶୀ ନୀତି ଫଳରୁ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନେ ଗୁରିଗୋଟି ବିଭିନ୍ନ ପ୍ରଦେଶରେ ରହି ପ୍ରାଦେଶିକ ଶାସକମାନଙ୍କ ବିରୁଦ୍ଧରେ ପୁଣି ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିବେ; କିନ୍ତୁ ହତାଶ ହେବାକୁ କିଛି ନାହିଁ । ହତାଶ-ବାଣୀ ଶୁଣାଇବା ମୋର କାର୍ଯ୍ୟ ନୁହେ । ଜାତୀୟତା ଏକ ଅହତ ଅମର ଯୋଇଁ । ଏହାରି ଡ଼ାଳ, ପତ୍ର, ଚେର ସବୁଠୁ ପୁଣି ଜାତୀୟତା ଚେର ଜନ୍ମ ହେବ; ଏବଂ ଜାତୀୟତା ବୃକ୍ଷ ଜନ୍ମିବ। ଜାତୀୟତା ଏକ ପୌରାଣିକ ରକ୍ତବୀଜ । ତେଣୁ ଏହି ଜାତୀୟତାର ରକ୍ଷା ଓ ଅଭିବୃଦ୍ଧି ସାଧନପାଇଁ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆ-ମାନେ କିପରି ସାଧନା, ସଂଗ୍ରାମ କରିବେ ଓ କିପରି ଲୋକମତ ଗଠନକରି ସେମାନଙ୍କ ନ୍ୟାଯ୍ୟ ଦାବୀ ପୂରଣପାଇଁ ତ୍ୟାଗ ଏବଂ ସଂଘର୍ଷର ସମ୍ମୁଖୀନହେବେ, ତାହା ଓଡ଼ିଆ-ଆନ୍ଦୋଳନର ଚଳନ୍ତି ଇତିହାସର ଏକ ଅତି ଉଜ୍ଜ୍ୱଳମୟ କିମ୍ବା କଳଙ୍କ କାଳିମା ପୂର୍ଣ୍ଣ ପୃଷ୍ଠା ହେବ । ଏହାର ଉତ୍ତର ମୁଁ ଦେବନାହିଁ, ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଅଧିବାସୀ ମାନେ ଦେବେ ।

# ରାଜନୀତିରେ ବ୍ୟକ୍ତିତ୍ୱର ସ୍ଥାନ

ଅଧ୍ୟାପକ—ଶ୍ରୀ ରାମଚନ୍ଦ୍ର ଦାସ, ଏମ୍ ଏ, ପୁରୀ କଲେଜ

ଗତ କେତେ ଶତାବ୍ଦୀ ମଧ୍ୟରେ ରାଜନୀତିକ ଜଗତରେ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହୋଇଛି । ବ୍ୟକ୍ତିଗତ ସ୍ୱେଚ୍ଛାଚାରୀ ରାଜତନ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ସାମ୍ୟବାଦୀ ଶାସନତନ୍ତ୍ର ମଧ୍ୟରେ ପାଞ୍ଚଶତ ବର୍ଷର ବ୍ୟବଧାନ ଦେଖିବାକୁ ମିଳେ । ଏହି ବ୍ୟବଧାନର ମହତ୍ତ୍ୱ ପରିବର୍ତ୍ତନରେ ନାହିଁ; ଏହା ବିଶେଷରେ ବ୍ୟକ୍ତିତ୍ୱର ପରାକାଷ୍ଠାରେ ପର୍ଯ୍ୟବସିତ । ଶାସନତନ୍ତ୍ର ସାମାଜିକ ସଂଗଠନର



Digitized by srujanika@gmail.com

ଶୀର୍ଷସ୍ଥାନରେ ଅବତୀର୍ଣ୍ଣ; ସମାଜ ମଧ୍ୟ ବ୍ୟକ୍ତିତ୍ୱର ସଂରକ୍ଷଣ ଓ ପରିବର୍ଦ୍ଧନ ପାଇଁ କଳ୍ପିତ ଓ ପ୍ରଯୁକ୍ତ । ତେଣୁ ଶାସନତନ୍ତ୍ରର ଯଥେଚ୍ଛାଚାରିତା ହେତୁ ବ୍ୟକ୍ତିତ୍ୱର ମହତ୍ତ୍ୱ କ୍ଷୁର୍ଣ୍ଣ ହେଲେ ଦେଶରେ ବିକ୍ଷୋଭ ପ୍ରକାଶିତ ହୋଇ ଶାସନତନ୍ତ୍ରରେ ପରିବର୍ତ୍ତନ ଆସେ। ଗ୍ରୀକ୍ ମନୀଷୀ ଆରିଷ୍ଟଟ୍‌ଲ୍ ଏହି ବ୍ୟକ୍ତିଗତ ସ୍ୱାଧୀନତାର ମୂଳଭିତ୍ତି ଉପରେ ଶାସନତନ୍ତ୍ରର ପ୍ରକାରଭେଦ ନିର୍ଣ୍ଣୟ କରିଥିଲେ । ତାଙ୍କ ମତରେ ରାଜତନ୍ତ୍ରରେ ବ୍ୟକ୍ତିଗତ ସ୍ୱାଧୀନତା ନିମ୍ନତମ ସ୍ତରରେ ଥାଏ । କାଳକ୍ରମେ ତାହା ସଞ୍ଜୀବିତ ହୋଇ ସାଧାରଣତନ୍ତ୍ର ବା ଯାହାକୁ ଆଜିକାଲି ଗଣତନ୍ତ୍ର ବୋଲି କହନ୍ତି, ତହିଁରେ ପୂର୍ଣ୍ଣତ୍ୱ ଲାଭ କରେ । ତେଣୁ ଆରିଷ୍ଟଟ୍‌ଲଙ୍କ ରାଜନୀତିରେ ବ୍ୟକ୍ତିତ୍ୱର ମହତ୍ତ୍ୱ ମାନଦଣ୍ଡଭାବେ ବ୍ୟବହୃତ ହୋଇ ସାଧାରଣ ତନ୍ତ୍ର ଉଚ୍ଚତମ ସ୍ଥାନ ଅଧିକାର କରିଛି । ନୀତିଗତ ରାଜନୀତିକ ଦୃଷ୍ଟିକୋଣରୁ ଆରିଷ୍ଟଟଲଙ୍କ ମତବାଦ କେବଳ ଶୁଭେଚ୍ଛା ଭଳି ପୃଥିବୀର ଶାସନତାନ୍ତ୍ରିକ ରଙ୍ଗମଞ୍ଚରେ ସ୍ଥାନ ପାଇଛି; ବାସ୍ତବ ଦୃଷ୍ଟିରେ ବ୍ୟକ୍ତିତ୍ୱ ଏକା ବେଳକେ ଉଭେଇ ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ରାଜତନ୍ତ୍ରରେ ଦେଶର ତଥା ଜାତିର ସାମୂହିକ କଲ୍ୟାଣ ନରପତିଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟକୁଶଳତାରେ ନ୍ୟସ୍ତ । ସେ ଜାତି ଓ ଦେଶର ରୂପବାନ୍ ପ୍ରତୀକ । ସେ ସ୍ୱେଚ୍ଛାପ୍ରଣୋଦିତ ହୋଇ ରାଜଦଣ୍ଡ ବ୍ୟବହାର କରି ଦେଶରେ କୁଶାସନ ପ୍ରବର୍ତ୍ତନ କଲେହେଁ ରାଜଦ୍ରୋହ ଦ୍ୱାରାରେ ସମସ୍ତ ବିପ୍ଳବ ବନ୍ଦ କରାହୁଏ । ରାଜଭକ୍ତି ରାଜତନ୍ତ୍ରରେ ସର୍ବଶ୍ରେଷ୍ଠ ପ୍ରଜାଧର୍ମ । ବ୍ୟକ୍ତିତ୍ୱର ବିଲୟ ବା ବିନାଶ ହେଲେ ସୁଦ୍ଧା ନରପତିଙ୍କ ବିରୋଧ କରିବା ମହାପାପ ବୋଲି ସେ କାଳର ମନୀଷୀମାନଙ୍କ ମତ । ଏ ପ୍ରକାର ମତକୁ ଐତିହାସିକ ଓ ମନସ୍ତାତ୍ତ୍ୱିକ ସମର୍ଥନ ଦେବା ଲାଗି ହବସ୍ (Hobbes) ଙ୍କ ଭଳି ରାଜନୀତିଜ୍ଞମାନେ କହନ୍ତି ଯେ ରାଜକୀୟ କ୍ଷମତା ଈଶ୍ୱର ପ୍ରଦତ୍ତ ନ ହେଲେ ମଧ୍ୟ ଜନସାଧାରଣଙ୍କ ସ୍ୱେଚ୍ଛାପ୍ରଣୋଦିତ ଦାନ । ଶାସନହୀନ ପ୍ରାକୃତିକ ଅବସ୍ଥାରୁ ସଂଘବଦ୍ଧ ରାଜନୀତିକ ଜୀବନକୁ ଯିବା ଲାଗି ଦେଶର ନେତା ଏକତ୍ର ଚୁକ୍ତିବଦ୍ଧ ହୋଇ ରାଜାଙ୍କୁ ନିମନ୍ତ୍ରଣ କରି କ୍ଷମତା ଅର୍ପଣ କରିଥିଲେ । ଲୋକେ ଦେଇଥିଲେ ସ୍ୱାଧୀନତା; ତଦ୍‌ବିନିମୟରେ ପାଇଲେ ସୁଶାସନ । ତେଣୁ ରାଜାଙ୍କ ମତାନୁସାରେ ସୁଶାସନ ଥିବା ପର୍ଯ୍ୟନ୍ତ ପ୍ରଜାକୁଳ ସମସ୍ତ ବିଷୟ ନୀରବରେ ମୁଣ୍ଡ ପାତି ସହିନେବା ଦରକାର । ଏଥିରେ ବିଦ୍ରୋହର ସ୍ଥାନ ନାହିଁ । ଏହି ଧରଣର ମତବାଦୀମାନେ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଜୋର ନ ଦେଇ ରାଜକୀୟ ସ୍ୱାଧୀନତା ଉପରେ ବିଶେଷ ଆସ୍ଥା ସ୍ଥାପନ କରନ୍ତି । କାଳକ୍ରମେ ହବ୍‌ସଙ୍କ ଅନୁଶୀଳନ ଫରାସୀ ମନୀଷୀ ରୁଷୋଙ୍କ ହାତରେ ଗଣତନ୍ତ୍ରର ମେରୁଦଣ୍ଡ ଭାବେ କାର୍ଯ୍ୟକଳ୍ପ ଓ ବ୍ୟକ୍ତିଗତ ସ୍ୱାଧୀନତାର ଚରମ ପରିଣତିର ଆବଶ୍ୟକତା ଜଗତ୍ ସମକ୍ଷରେ ସୂଚାଇ ଦେଲା; ତେବେ ବି ରାଜତନ୍ତ୍ର ଥିବା ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ନିଜର ପ୍ରାଧାନ୍ୟ ବଜାୟ ରଖି ପାରି ନ ଥିଲା ।

ନରପତିଙ୍କ ପାର୍ଶ୍ୱଚରବର୍ଗ ରାଜତନ୍ତ୍ରରେ ଅତିରିକ୍ତ କ୍ଷମତା ଉପଭୋଗ କରୁଥିବା ବେଳେ ନେତାର ଅନୁରକ୍ତି ଲାଭ କରିପାରି ଥିଲେ । ରାଜକୀୟ କ୍ଷମତା ଏମାନଙ୍କ କର୍ତ୍ତୃତ୍ୱରେ ବିସ୍ତୃତ ଓ ବିସ୍ତାରିତ ହେଉଥିଲା । ସମୟ ଓ ସୁବିଧାର ସୁଯୋଗ ନେଇ ଏହି କ୍ଷମତାଲୋଭୀ ଅନୁଚରବୃନ୍ଦ ରାଜ୍ୟତନ୍ତ୍ର ହସ୍ତଗତ କରି ନିମ୍ନ ଆଧିପତ୍ୟ ବିସ୍ତାର କଲେ ଓ ପୁରୁଷାନୁକ୍ରମେ ତାହା ଉପଭୋଗ କରିପାରିବାର ଯୋଜନା ପ୍ରସ୍ତୁତ କଲେ । ଏହିଠାରେ ହେଲା ଅଭିଜାତତନ୍ତ୍ର ଓ ତହିଁର ରୂପାନ୍ତର ଗୋଷ୍ଠୀତନ୍ତ୍ରର ସୃଷ୍ଟି । ସର୍ବପ୍ରଥମେ ନିଜର ବ୍ୟକ୍ତିଗତ ବୈଶିଷ୍ଟ୍ୟ ଓ ଯୋଗ୍ୟତା ବଳରେ ଶାସନକର୍ତ୍ତା ନିର୍ବାଚିତ ହେଉଥିଲେ; ଏ ବ୍ୟବସ୍ଥା ମଧ୍ୟ ରାଜତନ୍ତ୍ର ଅପେକ୍ଷା ଅଧିକତର ସ୍ପୃହଣୀୟ । କିନ୍ତୁ ଶାସକଗୋଷ୍ଠୀ ହସ୍ତଗତ କ୍ଷମତାର ଏକଚାଟିଆ ବ୍ୟବହାରଲାଗି ବ୍ୟାକୁଳ ହୋଇ ସାଧାରଣ ଜନତାର



Digitized by srujanika@gmail.com

କଲ୍ୟାଣ ପରିବର୍ତ୍ତେ ନିମ୍ନ ସମ୍ପର୍କୀୟ ଓ ଅଙ୍ଗାଦିଙ୍କ ଆଡ଼େ ଢଳିଲେ । ପରିଣାମରେ ବ୍ୟକ୍ତିତ୍ୱର ପରାକାଷ୍ଠା ଏହି ସୀମାବଦ୍ଧ ଗୋଷ୍ଠୀର ମହତ୍ତ୍ୱରେ ପ୍ରକଟିତ ହେଲେ । ବ୍ୟକ୍ତିଗତ ସ୍ୱାଧୀନତା ଦୃଷ୍ଟିରୁ ରାଜତନ୍ତ୍ର ଓ ଅଭିଜାତତନ୍ତ୍ର ସମାନ; ପ୍ରଭେଦ କେବଳ ଶାସକଙ୍କ ସଂଖ୍ୟା ନିରୂପଣରେ ।

ଜନତା ଇତିହାସର ବିଭିନ୍ନ ଯୁଗରେ ଉଭୟଙ୍କ ବିରୁଦ୍ଧରେ ସଂଗ୍ରାମ କରିଛି । ସମାଜର ସାମୂହିକ କଲ୍ୟାଣ ବ୍ୟକ୍ତିଗତ କଲ୍ୟାଣରେ ଅନ୍ତର୍ନିହିତ; ବ୍ୟକ୍ତି ଓ ସମାଜ ପରସ୍ପର ମୁଖାପେକ୍ଷୀ । ସାମାଜିକ ସଂଗଠନର ପୋଷକ, ପରିଚାଳକ ଓ କର୍ଣ୍ଣଧାର ଶାସକ ବ୍ୟକ୍ତିତ୍ୱକୁ ଭୁଲି ଗୋଷ୍ଠୀ ବା କତିପୟ ଲୋକଙ୍କ ମଙ୍ଗଳ ବିଧାନ କଲେ ସମାଜର ସ୍ୱାର୍ଥହାନୀର ସମ୍ଭାବନା ଅଛି ବୋଲି ଶାସନତନ୍ତ୍ର ଓ ସମାଜ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକତା ପ୍ରଭୂତ ଅନୁଭୂତ ହେଲା । ଏହିଠାରେ ରୁଷୋଙ୍କ ଗଣତାନ୍ତ୍ରିକ ମତବାଦର ଆବିର୍ଭାବ । ତାଙ୍କ ମତରେ ଶାସନତନ୍ତ୍ର ଈଶ୍ୱରଦତ୍ତ କିମ୍ବା ଅପହୃତ ନୁହେ । ଏହା କେବଳ ଶାସିତ ଜନସାଧାରଣଙ୍କ ସ୍ୱୀକୃତିମୂଳକ ହେଲେ ତିଷ୍ଠି ପାରିବ । ସମୟର ଅଗ୍ରଗତି ଓ ପରିସ୍ଥିତିର କ୍ରମ ବର୍ଦ୍ଧମାନ ଜଟିଳତା ହେତୁ ଶାସନତନ୍ତ୍ରର ସୃଷ୍ଟି; ଏହି ସୃଜନରେ ଜନ ସାଧାରଣଙ୍କ ଅଭିମତ ଓ ସ୍ୱୀକୃତି ଅନ୍ତର୍ନିହିତ । ତେଣୁ ଶାସନକାର୍ଯ୍ୟ ନିର୍ବାହ କରୁଥିବା ବ୍ୟକ୍ତିବିଶେଷ ବା ଗୋଷ୍ଠି ବିଶେଷ ଜନତାକୁ ଅବହେଳା ବା ଅବଜ୍ଞା କରିବା ନୀତି ବିରୁଦ୍ଧ । ଜନତା ବ୍ୟକ୍ତିତ୍ୱର ସମଷ୍ଟି ହୋଇପାରେ; ଏହା ବୋଲି ଜନତାର ଅଭିମତ ପ୍ରତ୍ୟେକ ବ୍ୟକ୍ତିର ଅଭିମତର ଗାଣିତିକ ସଂଯୋଗ ନୁହେ । ଶାସକ ଦେଶବାସୀ ପ୍ରତ୍ୟେକ ଲୋକର ସନ୍ତୋଷ ବିଧାନ କରିନପାରିଲେହେଁ କେବଳ ପ୍ରକୃତ ବ୍ୟକ୍ତିତ୍ୱର ପ୍ରାଧାନ୍ୟ ରକ୍ଷା କରି-ପାରିଲେ ଶାସନତନ୍ତ୍ର ଉତ୍କୃଷ୍ଟ ଧରଣର ବୋଲି କୁହାଯାଇପାରେ । ଏହି ଭଳି ଶାସନ ପ୍ରଣାଳୀକୁ ଆରିଷ୍ଟଟଲ୍ ସାଧାରଣତନ୍ତ୍ର ଆଖ୍ୟା ଦେଇଥିଲେ । ରୁଷୋଙ୍କ ମତରେ ଏହା ଗଣତନ୍ତ୍ର । ନାମକରଣ ଭିନ୍ନ ହେଲେହେଁ ଏ ପ୍ରକାର ଶାସନତନ୍ତ୍ର ସାଧାରଣ ସ୍ୱୀକୃତି ଉପରେ ପ୍ରତିଷ୍ଠିତ ଓ କଲ୍ୟାଣ କଳ୍ପେ ଉଦ୍ଦିଷ୍ଟ ।

ଗଣତାନ୍ତ୍ରିକ ଶାସକ ଏହି ମୂଳନୀତି ବହୁ-ଦିନୁ ଭୁଲି ସାରିଛି । ଗଣତନ୍ତ୍ର ଦଳଗତ ଶାସନରେ ପର୍ଯ୍ୟବସିତ । ଏଥିରେ ସାଧାରଣ ମଙ୍ଗଳବିଧାନ କରିବାର କାମନା ନାହିଁ; ଦଳଗତ ମତବାଦୀ ଅନୁଚର ବୃନ୍ଦଙ୍କ କାୟିକ ଓ ଆର୍ଥିକ ପୁଷ୍ଟିସାଧନ ଗଣତନ୍ତ୍ର ଶାସକର କାମ୍ୟ ହେଲାଣି । ବ୍ୟକ୍ତିତ୍ୱର ପ୍ରାଧାନ୍ୟ ଦଳଗତ ଅନୁକୂଳ ପରିସ୍ଥିତି ଉପରେ ନିର୍ଭରଶୀଳ । ଦଳର ରାଜନୈତିକ କ୍ଷମତା ଅକ୍ଷୁଣ୍ଣ ରଖିବାଲାଗି ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେବାର ଆବଶ୍ୟ-କତା ଥିଲେ, ଦଳପତି ତଥା ଗଣତାନ୍ତ୍ରିକ ଶାସକ ପଛଘୁଞ୍ଚା ଦିଏନାହିଁ; କିନ୍ତୁ ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରଖିବା ଲାଗି ଦଳଗତ ସୀମାବଦ୍ଧ ସ୍ୱାର୍ଥ ଏଡ଼ିବା ଦରକାର ହେଲେ ଶାସନତନ୍ତ୍ର ଅନିଚ୍ଛୁକ । ସ୍ଥୂଳତଃ କହି-ବାକୁ ଗଲେ, ରାଜନୀତିକ ଦଳର କର୍ଣ୍ଣଧାରମାନେ ବ୍ୟକ୍ତିତ୍ୱର ପର୍ଯ୍ୟାୟ ଯେ ପ୍ରଣାଳୀରେ ନିର୍ଦ୍ଦିଷ୍ଟ କରିବେ, ତଦ୍‌ଭିନ୍ନ ଅନ୍ୟ କୌଣସି ପ୍ରଣାଳୀରେ ବ୍ୟକ୍ତିଗତ ସ୍ୱାଧୀନତା ଦାବୀ କରିବା ଜନସାଧାରଣଙ୍କ ପକ୍ଷେ ସମୀଚୀନ ନୁହେ । ହେଲେ ମଧ୍ୟ ଶାସକ ସେଥିପ୍ରତି ମନୋଯୋଗୀ ହେବାକୁ ଇଚ୍ଛୁକ ନୁହେ । ଏହିଠାରେ ଦଳ ଓ ସମାଜ ସମାନାର୍ଥ ବୋଧକ ହୋଇଯାନ୍ତି । ଦଳଗତ କଲ୍ୟାଣ ସାମାଜିକ କଲ୍ୟାଣ ରୂପେ ବିବେଚିତ ହୁଏ; ଦଳର ଉନ୍ନତି ବିଧାନ କରିବାଲାଗି ସମାଜର ପୂର୍ଣ୍ଣାହୁତି ହୁଏ ।

ଗଣତାନ୍ତ୍ରିକ ଶାସନରେ ଶାସକକୁ ଯଥେଷ୍ଟ କ୍ଷମତା ଓ ତାହାକୁ ଉପଭୋଗ କରିବାର ପରିସର ମିଳେ । ତାର ବ୍ୟକ୍ତିଗତ ଅଭିମତ ଯେତେ ଭ୍ରାନ୍ତ ଓ ଅଭିରୁଚି ଯେତେ ନିକୃଷ୍ଟ ଧରଣର ହେଲେହେଁ ଦଳୀୟ ସମର୍ଥନ ଓ ତାର ପ୍ରଚାର ହେତୁ ତାହା



Digitized by srujanika@gmail.com

ଅଭ୍ରାନ୍ତ ଓ ଉତ୍କୃଷ୍ଟ ବୋଲି ଉଦ୍‌ଘୋଷିତ ହୁଏ । ଜନତାର ପ୍ରକୃତ ହିତୈଷୀ ଓ ବ୍ୟକ୍ତିତ୍ୱର ଉପାସକ ଦଳଗତ ଯଥେଚ୍ଛାଚାରିତା ବିରୁଦ୍ଧରେ ଅଭିଯାନ କଲେ ତାଙ୍କୁ ଶାସନତାନ୍ତ୍ରିକ ଶକ୍ତିର ଅପପ୍ରୟୋଗ ଦ୍ୱାରା ଦବାଇ ଦିଆହୁଏ । ଏହିଠାରେ ହୁଏ, ଏକଛତ୍ର ଶାସନ (Dictatorship)ର ଉଦ୍‌ଭବ । ଦଳପତି ହୁଏ ଏକଛତ୍ର ଶାସକ; ଦଳହୁଏ ଅପରିହାର୍ଯ୍ୟ ଶାସନତନ୍ତ୍ରର ଉପାୟ ଓ ଅନୁଚରବୃନ୍ଦ ହୁଅନ୍ତି, ଜନସାଧାରଣଙ୍କ ଇଚ୍ଛା ଅନିଚ୍ଛାର ମାପକାଠି, ବ୍ୟକ୍ତିତ୍ୱ ଓ ବ୍ୟକ୍ତିଗତ ସ୍ୱାଧୀନତା ସମାଜରୁ ଅପସାରିତ ହୋଇ ଅସତ୍ୟ, ଅସାଧୁତା ଓ ବ୍ୟଭିଚାରର ସୃଷ୍ଟି ହୁଏ । ନିଷ୍ପେଷିତ ଶ୍ରମିକ, କୃଷକ ଓ ଅନ୍ୟାନ୍ୟ ନିମ୍ନସ୍ତରର ଜନତା ଦାରିଦ୍ର୍ୟ ଓ ଅତ୍ୟାଚାରର କଷାଘାତରେ ବିଦ୍ରୋହୀ ହୁଅନ୍ତି । ଗଣତନ୍ତ୍ର ଶାସକ ନିଜ କ୍ଷମତାକୁ ଚିରସ୍ଥାୟୀ କରିବାଲାଗି ଅନ୍ତତଃ ଲୋକ ଦେଖାଣିଆ ସୀମାବଦ୍ଧ ଚେଷ୍ଟା କରିଥାଏ, ଏକଛତ୍ର ଶାସକ ସେତିକି ନକରି ଗୁଳି, ବାରୁଦ ଓ ପ୍ରାଣଦଣ୍ଡର ଆଶ୍ରୟ ନିଏ । ପ୍ରକାଶ୍ୟ ବିଦ୍ରୋହ ଗୁପ୍ତ ଷଡ଼୍‌ଯନ୍ତ୍ରରେ ପରିଣତ ହୁଏ; ସମୟ ଆସେ, ଯେତେବେଳେ ଶ୍ରମଜୀବୀ ବିପ୍ଳବ ବଳରେ ଶାସନତନ୍ତ୍ର ଅଧିକାର କରେ ।

ସାମ୍ୟବାଦୀ ଅଭିଧାନରେ ବ୍ୟକ୍ତିତ୍ୱର ଅର୍ଥ ଶ୍ରମଗତ ଜୀବନ । ଶ୍ରମଜୀବିହିଁ ସାମ୍ୟବାଦୀ ଶାସନ-ତନ୍ତ୍ରର ମେରୁଦଣ୍ଡ । ଶ୍ରମିକର ପୃଷ୍ଠଦେଶରେ ଦଣ୍ଡାୟ-ମାନ ହୋଇ ସାମ୍ୟବାଦୀ ଶାସକ ଶ୍ରମଜୀବୀମାନଙ୍କର ମଙ୍ଗଳ ବିଧାନ କରେ ବୋଲି ପ୍ରତାରଣା କରେ । ପ୍ରତ୍ୟେକ ବ୍ୟକ୍ତି ଶ୍ରମଜୀବୀ ହେଲେହେଁ ଶ୍ରମର ପ୍ରକାର ଭେଦ ହେତୁ ଶ୍ରମିକମାନଙ୍କ ମଧ୍ୟରେ ଶ୍ରେଣୀ ବିଭାଗ ସୃଷ୍ଟି ହୁଏ । ବୁଦ୍ଧିଜୀବୀ ଶ୍ରମିକ ଓ ହସ୍ତଜୀବୀ ଶ୍ରମିକ କାଳେ କାଳେ ଭିନ୍ନ ଥିଲେ । ଆଜି ମଧ୍ୟ ସାମ୍ୟବାଦୀ ଜଗତରେ ଉକ୍ତ ତାରତମ୍ୟ ଅପସାରିତ ହୋଇ-ନାହିଁ । ବୁଦ୍ଧିଜୀବୀ ଶ୍ରମିକ ନିଜ ବିବେକ, ବୁଦ୍ଧି ଓ କାର୍ଯ୍ୟ କୁଶଳତା ବଳରେ ସାମାଜିକ ଓ ରାଜ-ନୈତିକ ସଂଗଠନରେ ଶୀର୍ଷ ସ୍ଥାନ ଅଧିକାର କରେ । କ୍ଷମତା ନିଜ ହାତକୁ ନେଇ ଚିରକାଳ ନିଜହାତରେ ରଖିବାଲାଗି ସର୍ବବିଧ ଆୟୋଜନ କରେ । ସାଧାରଣ ଶ୍ରମିକର ଯାତନାଭୋଗ ଫଳରେ କ୍ଷମତା ହସ୍ତଗତ ହୋଇଛି ବୋଲି ଜାଣିପୁଣି ଶାସକ ହସ୍ତଜୀବୀ ଶ୍ରମିକର ସ୍ୱାର୍ଥ ପ୍ରତି ଯଥାନୁରୂପ ଅବଧାନ ନଦେଇ କେବଳ ପ୍ରତାରଣା କରେ; ଯତ୍‌ସାମାନ୍ୟ ଚେଷ୍ଟା କରି ଯଥେଷ୍ଟ କରୁଛି ବୋଲି ନ୍ୟାୟସଙ୍ଗତ ଓ ଅନ୍ୟାୟ ପ୍ରଣାଳୀରେ ପ୍ରଚାରକରି ନିଜ ସ୍ଥାନ ସୁଦୃଢ଼ କରିନିଏ । ସାଧାରଣ ଜନତାର ବ୍ୟକ୍ତିତ୍ୱ ପ୍ରତି ଆସ୍ଥାବାନ୍ ହେବା ପରି-ବର୍ତ୍ତେ ସାମ୍ୟବାଦୀ ଶାସକ ନିଜ ବ୍ୟକ୍ତିତ୍ୱରେ ଜନତାର କଲ୍ୟାଣ ପ୍ରତିଫଳିତ ହୋଇଛି ବୋଲି ବିବେଚନା କରୁଥିବାରୁ ସାମ୍ୟବାଦୀ ଶାସନରେ ବ୍ୟକ୍ତି ବିଶେଷ ଅପରିହାର୍ଯ୍ୟ ମନେ ହୁଏ । ବ୍ୟକ୍ତିତ୍ୱର ସମୂହ କଲ୍ୟାଣ ସାଧିତ ହୋଇ ପାରେନାହିଁ ।

ତେଣୁ ରାଜତନ୍ତ୍ର, ଅଭିଜାତତନ୍ତ୍ର, ଗଣତନ୍ତ୍ର, ଏକଛତ୍ର ତନ୍ତ୍ର ଓ ସାମ୍ୟବାଦୀ ଶାସନରେ ବ୍ୟକ୍ତିତ୍ୱର ଅବସ୍ଥା ସମାନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ୟେକ ବ୍ୟକ୍ତିତ୍ୱର ପରାକାଷ୍ଠା ଅକ୍ଷୁଣ୍ଣ ରଖି ବ୍ୟକ୍ତିଗତ ସ୍ୱାଧୀନତା ପ୍ରତିଷ୍ଠା କରିବା ସଙ୍କଳ୍ପକରି ଆସ୍ଥାନ ମାଡ଼ି ବସିଛନ୍ତି; ପୁରାତନ ପରିସ୍ଥିତି ସଂଶୋଧନକରି ନୂତନ ଶାସନତନ୍ତ୍ର ପ୍ରଚଳନ କରିବାଲାଗି ଜନତାର ଜାତି, ଧର୍ମ, ବର୍ଣ୍ଣ ଦଳ ନିର୍ବିଶେଷ ସହଯୋଗ କାମନା ଓ ଲାଭ କରିଛନ୍ତି । କିନ୍ତୁ ଶାସନକ୍ଷମତା ହସ୍ତଗତ ହେବାମାତ୍ରକେ ପୂର୍ବ ପ୍ରତିଶ୍ରୁତି ଭୁଲି ନିଜ ସ୍ୱାର୍ଥସିଦ୍ଧି ଯଜ୍ଞରେ ବ୍ୟକ୍ତିତ୍ୱକୁ ଆହୁତି ଦେଇଛନ୍ତି । ଇତିହାସରୁ ବିଭିନ୍ନ ଦେଶ ଓ ଯୁଗର କାର୍ଯ୍ୟକାରୀ ସରକାରଙ୍କ କାର୍ଯ୍ୟ କଳାପରୁ ଏହି ଉକ୍ତିର ସାରବତ୍ତା ଯଥେଷ୍ଟ ପ୍ରତିଭାତ ହୁଏ ।

ରାଜନୀତି ତଥା ରାଜନୀତିର ସ୍ୱରୂପ ବିଶ୍ଳେଷଣ କଲେ ଦେଖାଯାଏ ଯେ ସବୁ ଦେଶ, କାଳ ଓ ଯୁଗରେ ଏବଂ ସର୍ବବିଧ ରାଜତନ୍ତ୍ରରେ ମୁଷ୍ଟିମେୟ ଲୋକହିଁ ଶାସନକ୍ଷମତା ଏକ ଶାସକର ପଦ-



Digitized by srujanika@gmail.com

ମର୍ଯ୍ୟାଦାର ଅଧିକାରୀ । ବହିରାକୃତି ଭିନ୍ନ ହେଲେହେଁ ଅନ୍ତର୍ନିହିତ ସାମ୍ୟ ଯଥାର୍ଥ । ରାଷ୍ଟ୍ରର ସର୍ବୋଚ୍ଚ କ୍ଷମତା ରାଜା ଗୋଷ୍ଠୀ ବା ଜନସାଧାରଣଙ୍କ ହାତରେ ଥିଲେହେଁ କେତେଜଣ ଚକ୍ରାନ୍ତକାରୀ ଦୁରଭିସନ୍ଧି-ମୂଳକ ଲୋକ ସଦାସର୍ବଦା ପ୍ରକୃତ କ୍ଷମତା ବିସ୍ତାର କରନ୍ତି । ପ୍ରକୃତ ଶାସକ ଏମାନଙ୍କ ମାଧ୍ୟମରେ ଜନତାର ରୁଚି ଅଭିରୁଚି ବିଚାର କରିଥାନ୍ତି । ପରି-ଣାମରେ ବ୍ୟକ୍ତିତ୍ୱ ଶାସକ ବା ଶାସକଗୋଷ୍ଠୀର ସ୍ୱାର୍ଥ ଗହନରେ ଏତେଦୂର ଲୁକାୟିତ ଥାଏ ଯେ ସର୍ବବିଧ ବାଧା ଅତିକ୍ରମ କରି ତାହାକୁ ପୁଙ୍ଖାନୁପୁଙ୍ଖ ରୂପେ ନିର୍ଣ୍ଣୟ କରିବା ସହଜ ବ୍ୟାପାର ନୁହେଁ । ରାଜତନ୍ତ୍ରର ବହିରାକୃତି ବ୍ୟକ୍ତିତ୍ୱର ଶ୍ରେଷ୍ଠ ସଂରକ୍ଷକ ନୁହେଁ, ଏଥିପାଇଁ ଆନ୍ତର୍ଜାତିକ ବାୟୁମଣ୍ଡଳ ପରିଷ୍କୃତ ହେବା ଦରକାର । ଶିକ୍ଷା, ସଂସ୍କୃତି, ଅର୍ଥନୀତି ଓ ରାଜନୀତି, ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ପ୍ରତିପାଦନ କରିବାଲାଗି ବଳଶାଳୀ ଉଦ୍ୟମ ହେବା ବାଞ୍ଛନୀୟ । ତା ନ ହେଲେ ସବୁକାଳେ ଶବ୍ଦାଡ଼ମ୍ବର ବଳରେ ବ୍ୟକ୍ତିତ୍ୱ ପ୍ରଦର୍ଶିତ ହୋଇ ଗୋଷ୍ଠୀର ମହତ୍ତ୍ୱହିଁ ପୁଷ୍ଟ ହେଉଥିବ । ପୃଥିବୀ ବକ୍ଷରୁ ବାଦ-ବିସମ୍ବାଦ ଏବଂ ଯୁଦ୍ଧ ବିଗ୍ରହାଦି ଦୂର କରିବାକୁ ହେଲେ, ରାଜନୈତିକ ବା ସାମରିକ ବିପ୍ଳବ ଆବଶ୍ୟକ ନୁହେଁ, ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ସ୍ୱୀକାର କରିବାଭଳି ଚିନ୍ତାରାଜ୍ୟରେ ବିପ୍ଳବ ସଂସାଧିତ ହେବା ଉଚିତ । ପୃଥିବୀର ଜନନାୟକ ତଥା ରାଜନୈତିକ ନେତୃବୃନ୍ଦ ଏକଥା ସ୍ପଷ୍ଟ ଭାବେ ହୃଦୟଙ୍ଗମ କରନ୍ତୁ ।

# ଅସଂଖ୍ୟ—ଅଯୁତ

(କବିତା)

ଶ୍ରୀ ଶଶିଭୂଷଣ ପଟ୍ଟନାୟକ

ଉଡ଼ିଯାଅ—ଉଡ଼ିଯାଅ ପକ୍ଷୀ
ଅନନ୍ତ ଆକାଶ ବୁକେ
ମେଲି ଡେଣା ଦେନି
ପଡ଼ିରହୁ—ପଡ଼ିରହୁ—
ସୁଦୂର ପଶ୍ଚାତେ
ସଂସାରର ସ୍ୱର୍ଣ୍ଣ ଆବେଷ୍ଟନ !
ଯେ ଧରାର ଧୂଳି ପଥ,
ଧନ୍ୟ ହେଲା ତୋ ଚରଣପାତେ
ପଡ଼ିରହୁ ସେ ଦୂର ପଶ୍ଚାତେ—
ଯେତି ଆଶା ଆକାଂକ୍ଷାର ଆକୁଳ ଲୋତକେ
ସିକ୍ତ ଯେଉଁ ମାଟି
ଉଠ ଆଜି ଉଠ ଉର୍ଦ୍ଧ୍ୱେ—
ମାଡ଼ି ତା'ର ଛାତି—
ଯେ ଧୂଳି ଧରିଚି ତୋର
କାମନା ବାସନା
କଳ୍ପନାର ମୃଦୁ ପଦ ଲେଖା
ଭୁଲ ତାରେ—ଯାଅ ଭୁଲି
ଡାକେ ତୋରେ—
ଦିଗ୍‌ବଳୟ ଭାଲପଟେ
ଅସୀମର ରେଖା !!

- - - - - - - - - - - - - - - -

ନୀଳ ନଭେ ବିରଚି ବିହାର—
ଅହେ ଯାଯାବର !
ଶୁଣି ଶୁଣି ଅସୀମ ଆହ୍ୱାନ
ମରଣର ମହୋତ୍ସବେ
ମିଳନର ଶୁଭ ଶଙ୍ଖ ସ୍ୱନ !!
ଉଠ ଉଠେ—ଉଚ୍ଚତମ ସ୍ତରେ
କଳ୍ପନାର କଲ୍ଲୋଳିନୀ
ନିତି ଯହିଁ ଝରେ
ସେ ନିର୍ଝର ତୀରେ
ମୁଦି ଆଖି—ଧୀରେ ଅତି ଧୀରେ



Digitized by srujanika@gmail.com

ମୁଗ୍‌ଧରହୁ ତହିଁ ପ୍ରାଣ ମନ
ଅବିରତ ଶୁଣୁ ଶୁଣୁ ସେ ଝରଣା ଗାନ
ଗୃନ୍ଧନୀ ଚୁମ୍ବନେ ଯହିଁ
ପୁଲକିତା ନିଶୀ ପୁଷ୍ପ ବଧୂ
ହସିଲା ଅଧର ଧାରେ
ଢାଳେ ପ୍ରୀତି ମଧୁ
ସେଇ କଳ୍ପଲୋକେ
ଅଛେ ଅନାଗତ !
ତୁମପାଇଁ ପୁଷ୍ପିତା ଧରଣୀ
ଶୁଣାଏ ସ୍ୱାଗତ !!

— — — — — —

ଭୁଲିଯାଅ ଧରାତଳ ହସ କାନ୍ଦ କଥା
ପୋଛିଦିଅ ଅଖିକୋଣୁ
ଅତୀତର ବଥା
ନିଶୀ ଶେଷେ ନିଶୀର ସପନ
ହେଉ ଅବସାନ !!
ତା' ଚରଣ ଚିହ୍ନେ ଢାଳ
ସ୍ମୃତି ପୁଷ୍ପ ମାଳ
କାଳର କୁସୁମେ ଆଜ
ବାଢ଼ନାହିଁ ପୂତ ପୂଜା ଥାଳ
ନୂତନର ଧୂପ ଅର୍ଘ୍ୟ
ନୂଆର ଅର୍ଚ୍ଚନା
ରଚ ନୂଆ ଉପାଦାନେ—
ରକ୍ଷାକର ମୁକ୍ତିର ଯାଚନା !!
ହେ କାଳର ନ୍ୟାୟକାର !
ଲେଖ ଆଜ କାଳର ବିଧାନ
ସ୍ୱାର୍ଥର ବନ୍ଧନ ତଳେ
ଜନ୍ମଲବ୍ଧ ସକାଳ ସନ୍ଧାନ
କାଳର ଭୂମିକା—
ହେ କାଳର ପାଞ୍ଜିକାର !
ଲେଖ ଆଜ
ଆଗାମୀର ଭାଲେ ଦିଅ
ରକ୍ତ ଜୟ ଟୀକା !!

ଆସୁ ଝଡ଼—ବହୁ ବାତ୍ୟା—
ଧ୍ୱସ୍ତହେଉ କୁଟୀରର
ପର୍ଣ୍ଣ ଆବରଣ
ଭାଙ୍ଗିପଡୁ ଅଟ୍ଟାଳିକା
ଲୁଚିଯାଉ ପ୍ରଳୟର କ୍ରୂର ଆସ୍ତରଣେ
ଧ୍ୱଂସର ପ୍ଲାବନ—
ବାହି ନେଉ ସୁଖ ସୌଧ—
ନନ୍ଦନ କାନନ
ପଡ଼ିରହୁ ବୁଭୁକ୍ଷୁ ଶ୍ମଶାନ
ଉଡ଼ ତମେ—ମୁକ୍ତ ପ୍ରାଣ
ଚିର ଆୟୁଷ୍ମାନ !!

— — — — — — —

ବିଳାସର ତୂଳୀ ତଳ୍ପ ନୁହେ ତୁମପାଇଁ
ପଦ୍ମଭୁକ୍ ଅଳସ କଳ୍ପନା
ତମପାଇଁ ନୁହେ କୋଟି ପ୍ରବଞ୍ଚନା ପୋଥି
ମିଥ୍ୟାର ଜଳ୍ପନା—
ପଳାତକ ନୁହ ତୁମେ ନୁହ
ଦୁନିଆର ଦୈନ୍ୟ ଲାଗି
ଦେଇପାରେ ଯେହୁ **ତପ୍ତ ଲହୁ**
ଆବର୍ଜନା ଧୋଇବାରେ
ବାହେ ଯେହୁ ରକ୍ତର ପ୍ଲାବନ
ଶ୍ରେଷ୍ଠ ସେହି—ମହାତ୍ୟାଗୀ—
ତ୍ୟାଗ ତା'ର କର୍ତ୍ତବ୍ୟର ଦାନ !!
ନୁହ ତୁମେ ନୁହ ନିଃସହାୟ
ବୁକ ତଳେ ବୁଣେ ଆଶା
ଯାହାରି ପ୍ରତୀକ୍ଷା
ତୁମ ପକ୍ଷ ତୁମର ସହାୟ !!
ନୁହ ତୁମେ କାପୁରୁଷ, ଭୀରୁ
ଦାବାନଳ କୋଟିକଣା
ଝଟେ ଯା'ର ହୃଦ **ରୁଦ୍ରଗୀରୁ**
ନୟନେ ଯା' ଝଲେ ବହ୍ନି ଶିଖା
କାହିଁ ତା'ରେ ଭୟ କାହିଁ ?
ମୃତ୍ୟୁ ତାରେ କରେନାହିଁ **ଫିକା** !!

ଯେଉଁ ଶିଶୁ ସଂଗ୍ରାମରେ ମଣେ ସଂଗୁଖେଳ
ପରାଜୟ ଚିନ୍ତା ଲାଗି କାହିଁ ତାର ବେଳ ?
ନାହିଁ ବନ୍ଧୁ—ନାହିଁ କେବେ
ତବ ପରାଜୟ—
ବୀର ଧନଞ୍ଜୟ !
ଦୃଢ଼ କର ଧନୁର୍ବାଣ
ବାତ୍ୟାପରେ ଖଣ୍ଡ ମେଘ ସମ
ମୃତ୍ୟୁ ଲଭୁ ଷୟ୍ୟ !!

- - - - - - - - - - - - - - - - - - -

ମୃତ୍ୟୁ ତମେ କରିବ ଶୀକାର
ଘୋଚ୍ଛିବ ଏ ସୃଜନର ସମସ୍ତ ବିକାର
ଉଷ୍ମସ୍ତୁପେ ଖେଳାଇବ ହାସ
ମରଣରେ ଢାଳିବ ଅମୃତ
ଶ୍ମଶାନେ ଫୁଟାଇବ ଫୁଲ—
ଅସଂଖ୍ୟ—ଅଯୁତ !!
ନିଖିଳର ବ୍ୟଥା ବହି ବୁକେ
ବିଷରେ କରିବ ସୁଧା
ସଦା ସ୍ନିଗ୍ଧ ମୁଖେ
ସୃଜନର ନୂଆ ବଂଶୀ ନାଦ
ମାଗେ ବନ୍ଧୁ !
ତମ ବର—
ତମ ଆଶୀର୍ବାଦ !!!

# ସେଇ ପିଲାଟି

ନନ୍ଦିନୀ ପାଣିଗ୍ରାହୀ

ପ୍ରତି ଦିନ କଲେଜ ଗଲାବେଳେ ବାଟରେ ସେହି ବହି ଦୋକାନରେ ବସିଥିବାର ମୁଁ ତାକୁ ଦେଖେଁ । ଫେରିବା ବାଟରେ ମଧ୍ୟ ମୋର ଆଖିରେ ପଡ଼େ ସେଇ ପିଲାଟି । ବେଞ୍ଚ ଉପରେ ବହି ବସ୍ତାନିଟି ରଖି ନିବିଷ୍ଟ ମନରେ ପୁସ୍ତକ ପୂର୍ଣ୍ଣ ସେଇ କାଚ ଆଲମାରୀ ଗୁଡ଼ାକୁ ଚାହିଁ ରହିଥାଏ । ବେଳେ ବେଳେ ଅଣ୍ଟେଇପଡ଼ି କାଚ ଖୋଜିଲାପରି ବହି ଗୁଡ଼ାକ ଉପରେ ଆଖି ପକାଇ ଯାଉଥାଏ । କିନ୍ତୁ କେବେହେଲେ ବହିଟାଏ ଧରି ପଢ଼ିବାର ମୁଁ ତାକୁ ଦେଖିନାହିଁ । ଓଡ଼ିଶାର ପାଠକ ପାଠିକାମାନଙ୍କର ବହି କିଣି ପଢ଼ିବାର ଦୁର୍ଜୟ ଇଚ୍ଛାର ପ୍ରତୀକ ରୂପେ ପୁସ୍ତକ ଗୁଡ଼ିକ ଯଥା ସ୍ଥାନରେ ସଜ୍ଜିତ ହୋଇ ରହିଥାଏ । ପିଲାଟି ମଧ୍ୟ କେବେହେଲେ ସେମାନଙ୍କର ସ୍ଥାନ ବିଚ୍ୟୁତି ସମ୍ବନ୍ଧରେ ଭାବେ ନାହିଁ ବୋଧହୁଏ ।

ସେଦିନ ସନ୍ଧ୍ୟାବେଳେ ଷ୍ଟେସନଆଡ଼େ ବୁଲି ବାହାରିଥିଲି । ହଠାତ୍ କଲେଜ ଗେଟ ପାଖରେ ତା ଉପରେ ମୋର ଆଖି ପଡ଼ିଗଲା । ଆଠ ନ ବର୍ଷର ପିଲାଟିଏ । ପାତଳା ଗୋଟା ଦେହଟା ଉପରେ ନାଲି ସାର୍ଟଟା ବେଶ୍ ଦେଖାଯାଉଥାଏ । ପ୍ରତିଦିନ ଯାଙ୍କୁ ମୁଁ ବହି ଦୋକାନରେ ଦେଖିଛି ଆଜି କିନ୍ତୁ କୌତୁହଳ ସମ୍ବରଣ କରି ନପାରି ତା ପାଖକୁ ଗଲି । ସେତେବେଳକୁ ସେ ଆସି ବସିଥାଏ ପଡ଼ିଆ ଭିତରେ, ତା'ର ଚାରିପାଖରେ ଦୁଇ ଚାରିଟି ତା'ର ବୟସର ପିଲା ଘେରି ବସିଥାନ୍ତି । ତାଙ୍କଠାରୁ ଅଳ୍ପ ଦୂରରେ ବସି ମୁଁ ଶୁଣିଲି ସେମାନେ କୌଣସି ଗୋଟାଏ ପଦ୍ୟ ଆବୃତ୍ତି କରୁଛନ୍ତି ।

ସନ୍ଧ୍ୟା ଘନେଇ ଆସିଲା । ଶୀତ ମଧ୍ୟ ଜୋରରେ ହେବାକୁ ଆରମ୍ଭ କଲା । ପିଲାଗୁଡ଼ାକ ଉଠି ଚାଲିଗଲେ ।

ତା' ପରଦିନ ସେତିକିବେଳେ ପୁଣି ସେଠାକୁ ଆସିଲି । ଆଜି ମତେ ଅଧିକ ବେଶୀ ସମୟ ଅପେକ୍ଷା କରିବାକୁ ହେଲାନାହିଁ । ପିଲାଟି ମୋ



Digitized by srujanika@gmail.com

ନିକଟକୁ ଆସି ନମସ୍କାର କରି କହିଲା; ଆପଣ କାଲି ମଧ୍ୟ ଆସିଥିଲେ ନା ? ସନ୍ଧ୍ୟା ହେଲାରୁ ମୁଁ ଆଉ ଆପଣଙ୍କୁ ଡ଼ାକିଲି ନାହିଁ । ଆସନ୍ତୁ ଆମର 'ଆବୃତ୍ତି' ଶୁଣିବେ ! ବନ୍ଦନା ଆପତ୍ତିରେ ଉଠି ଯାଉଁ ଯାଉଁ ପଚାରିଲି 'କି ଆବୃତ୍ତି ?'

ସେ କିଛି ନ କହି ଆବୃତ୍ତି କରିବାକୁ ବନ୍ଧୁ-ମାନଙ୍କୁ ଆଦେଶ ଦେଲା । ତାର କଥା ବାର୍ତ୍ତା ଚାଲି ଚଳନ ଇତ୍ୟାଦି ଗୋଟାଏ ଆଶ୍ଚର୍ଯ୍ୟ ରକମର ମନେ ହେଉଥାଏ । ଶୁଣିଲି ସେମାନେ କବି 'ରବୀନ୍ଦ୍ରଙ୍କୁ ଲକ୍ଷ୍ୟକରି ଗୋଟିଏ କବିତା ଆବୃତ୍ତି କରୁଛନ୍ତି । ଆବୃତ୍ତି ପରେ ବାଳକଟି କହିଲା; ରବୀନ୍ଦ୍ର ଶ୍ରାଦ୍ଧୋ-ତ୍ସବରେ ଏହିଟା ଆମ 'ଶିଶୁ ସଙ୍ଘ' ତରଫରୁ କରା-ଯିବ ।' ସାନ ପିଲାଟି ମୁହଁରୁ ଏତେ ବଡ ବଡ଼ କଥା ଶୁଣି ଚମତ୍କୃତ ହେଲି । ତା କାନ୍ଧରେ ହାତରଖି ପଚାରିଲି, 'ତୁମ ନାଁଟା କହିଲନାହିଁ ?' ସେ ହସିଲା କହିଲା, 'ବାପାଙ୍କ ଇଚ୍ଛା, ମୁଁ ରବୀନ୍ଦ୍ରଙ୍କପରି କବି ଏବଂ ଲେନିନ୍‌ଙ୍କପରି ସଂଗଠକ ହୁଏଁ, ତେଣୁ ସେ ମୋତେ ଘରେଡ଼ାକନ୍ତି ଲେନିନ୍ ଏବଂ ସ୍କୁଲରେ ମୋ ନାଁ ରବୀନ୍ଦ୍ର ।'

ଆଦର୍ଶ ପିତାର ଆଦର୍ଶ ସନ୍ତାନ । ରବୀନ୍ଦ୍ରର ପିତାଙ୍କ ପ୍ରତି ହୃଦୟ ଶ୍ରଦ୍ଧାରେ ଭରି ଉଠିଲା । ମୋର ଭାବନାରେ ବାଧାଦେଇ ରବୀନ୍ଦ୍ର କହିଲା, 'ଆସନ୍ତୁ ଆମ ଘର ଆଡ଼େ ବୁଲି ଆସିବେ । ବାପାଙ୍କୁ ଦେଖିବେ, ଆପଣଙ୍କ ସଙ୍ଗେ ଆଳାପକରି ମୋତେ ଭାରି ଭଲ ଲାଗୁଛି । ଆଜି ମୁଁ କୁଆଡ଼େ ଯିବନି, ଚାଲନ୍ତୁ ଘରକୁ ଯିବା ।'

ପଚାରିଲି,'ଆଉ କୁଆଡ଼େ ଯାଇ ଥାଆନ୍ତ କି ?' କହିଲା, 'ହଁ ବହି ଦୋକାନରେ ମୋତେ ବହି ଦେଖିବାକୁ ଭାରି ଭଲ ଲାଗେ, ମୁଁ ସେଠାକୁ ପ୍ରତି-ଦିନଯାଏ । ବହି ଦେଖିଲେ ମୋର ଇଚ୍ଛା ହୁଏ ସେମିତି ବହି ଲେଖିବାକୁ ।'

ପିଲାଟିର ସ୍ନେହ ମମତା ଏବଂ ନିଜର କୌତୂହଳ ଏଡ଼ି ନପାରି ତାଙ୍କ ଘର ଅଭିମୁଖେ ଚାଲିଲି ।

ଗୋଟିଏ ଖୋଲା ଜାଗାରେ ଏକ ମହଲାଟିଏ ଆଗରେ ରବୀନ୍ଦ୍ର ଠିଆହେଲା । ଜାଣିଲି ଏଇଟା ତାଙ୍କ ଘର । ରବୀନ୍ଦ୍ର ସିଧା ତା' ପଢ଼ା ଘରକୁ ନେଇଗଲା ମୋତେ । ଘରର କାନ୍ଥରେ ବର୍ଣ୍ଣାଡ଼ଶ,ସେକସ୍‌ପିଅର, ଗର୍କି, ଟଲଷ୍ଟୟ, ଗାନ୍ଧି, ନେହରୁ ପ୍ରଭୃତି ବଡ଼ ବଡ଼ ଫଟଗୁଡ଼ିକ ସୁନ୍ଦର ଫ୍ରେମରେ ବନ୍ଧା ହୋଇ ଟଙ୍ଗା ହୋଇଛି । ଗୋଟାଏ ବଡ଼ କାଚ ଆଲମାରି ବହିରେ ପୂର୍ଣ୍ଣ ହୋଇ ଗୋଟିଏ କୋଣରେ ଥୁଆ ହୋଇଛି । ମଝିରେ ଗୋଟିଏ ଟେବୁଲ୍ ଉପରେ କେତେଗୁଡ଼ିଏ ବହି କାଗଜ କଲମ ଦୁଆତ ଆଦି ସଜାହୋଇ ରହିଛି । ରବୀନ୍ଦ୍ରଙ୍କ ପିତାଙ୍କ ନିମନ୍ତେ ଅପେକ୍ଷାକରି କରି ଶେଷରେ ପଚାରିଲି, 'ତୁମ ବାପାଙ୍କ ସଙ୍ଗରେ କଣ ଦେଖା ହେବନି ?'

ଲକ୍ଷ୍ୟକଲି ହଠାତ୍ ତା ମୁହଁ ଶୁଖିଗଲା । ସଙ୍ଗେ ସଙ୍ଗେ ପୁଣି ପ୍ରକୃତିସ୍ଥ ହୋଇ ସେ ଟେବୁଲ ଉପରେ ଥିବା ରବୀନ୍ଦ୍ରନାଥ ଓ ଲେନିନ୍‌ଙ୍କ ଫଟୋ ଦୁଇଟିର ମଧ୍ୟ ସ୍ଥିତ ଗୋଟିଏ ଫଟୋ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲା, 'ଏଇ ମୋ ବାପା ।' ଆଶ୍ଚର୍ଯ୍ୟହୋଇ କହି ପକାଇଲି, 'ଏଇଟା ଯେ ଫଟ,' ହଁ, ଫଟ ! ସେଇଟା ବାପାଙ୍କ ଫଟ । ବାପା ଛ'ମାସ ହେଲା ମରି-ଯାଇଛନ୍ତି । ଦିନେ ରାତିରେ ଗୋଟାଏ କାବ୍ୟ ଲେଖୁ ଲେଖୁ ତାଙ୍କର ହାର୍ଟଫେଲ୍ ହେଲା । ବାପାଙ୍କପାଇଁ ମୋର ଯେତେ ଦୁଃଖ ନ ହୁଏ ତାଙ୍କର ଅସମ୍ପୂର୍ଣ୍ଣ ଲେଖାଗୁଡ଼ାକପାଇଁ ସେତେ ହୁଏ । ପିଲାଟିର କଥା ଗୁଡ଼ାକ ମୋତେ ସ୍ୱପ୍ନପରି ଲାଗୁଥାଏ । ଧୀରେ ଧୀରେ ତା ପିଠିରେ ହାତ ରଖି କହିଲି, 'ସେଥିପାଇଁ ଦୁଃଖ କଣ ? ତୁମେ ବଡ଼ ହେଲେ ସବୁ ସମ୍ପୂର୍ଣ୍ଣ କରି ଦେବ ଯେ ।'

ଅତି ଉଲ୍ଲାସର ସହିତ ମୋତେ କୁଣ୍ଢାଇ ପକାଇ ସେ ଚିତ୍କାର କରି ଉଠିଲା, 'ଠିକ୍ କହିଛନ୍ତି



Digitized by srujanika@gmail.com

ଆପଣ । ବାପା ମଧ୍ୟ ମୋତେ କହୁଥିଲେ—ମୋର ଅସଂପୂର୍ଣ୍ଣ କାମ ତୁ ସଂପୂର୍ଣ୍ଣ କରିବୁ । ସେଥିପାଇଁ ମଧ୍ୟ ଏଇ ଲେନିନ୍ ଏବଂ ରବୀନ୍ଦ୍ରନାଥଙ୍କ ଫଟ ମୋତେ ଦେଇଥିଲେ ଜନ୍ମ ଦିନକୁ । ଆପଣ ଦେଖିବେ ମୁଁ ନିଶ୍ଚୟ ବାପାଙ୍କ ଆଶା ପୂରଣ କରିବି ।'

କିଛି ସମୟ ରହି ପୁଣି ସେ କହିଲା, 'ଆଉ ଗୋଟାଏ କଥା ଜାଣନ୍ତି ? ଆମେ ଗୋଟାଏ 'ଶିଶୁସଂଘ' ଗଢିଛୁ, ଦେଶପାଇଁ ବୀର ଶିଶୁ ତିଆରି କରିବା ଆମର ଉଦ୍ଦେଶ୍ୟ । ଆପଣ ଆମକୁ ଏ ବିଷୟରେ ସାହାଯ୍ୟ କରିବେ ବୋଲି ମୁଁ ଆଶା କରୁଛି ।

ମନେ ମନେ ରବୀନ୍ଦ୍ରକୁ ଆଶୀର୍ବାଦକରି ଆସିଲାବେଳେ କହିଲି,'ବାବୁ, ମୋର ସଂପୂର୍ଣ୍ଣବିଶ୍ୱାସ ତୁମେ ତୁମର ପିତାଙ୍କ ପ୍ରଦତ୍ତ ଦୁଇଟିଯାକ ନାମ ସାର୍ଥକ କରିବ ।'

# ଚିଲିକାର ବିଭବ

ଡାକ୍ତର—ସୁଧାଚରଣ ପଣ୍ଡା

"କର୍ପୂର ଉଡ଼ିଯାଇ କନା ପଡ଼ିଛି" ବୋଲି ସମସ୍ତେ କହନ୍ତି— କିନ୍ତୁ, ସେଇ କନାରେ ଯେ କର୍ପୂରର ଗନ୍ଧ ରହିଛି ଏକଥା ଜାଣିବାକୁ କେଇହେଲେ ଇଚ୍ଛା କରନ୍ତି ନାହିଁ— ଏହାହିଁ ଚିନ୍ତାର ବିଷୟ !

କର୍ପୂର ଉଡ଼ିଯାଉ— କନା ଯେତେବେଳେ ଆମହାତରେ ରହିଛି— ଚାଲ— ପୁଣି ନୂଆ କର୍ପୂର ଆଣି ତହିଁରେ ବାନ୍ଧିବା— ଜଣେତ କେଇ ଏପରି କର୍ପୂର ବାନ୍ଧିଥିଲା— ଆମେ କାହିଁ ସେପରି ନବାନ୍ଧିବା ? ଏଇ ମନୋଭାବ କାହିଁ ?

ଆମ ଓଡ଼ିଶାର ସବୁ 'ବଡ଼'— ବଡ଼ ଠାକୁର, ବଡ଼ନଦୀ, ବଡ଼ଦାଣ୍ଡ, ବଡ଼ପଣ୍ଡା— ସେଗେର ତା' ପଛକୁ, ବଡ଼ ବନ୍ୟା, ବଡ଼ ଦୁର୍ଭିକ୍ଷ, ବଡ଼ ରୋଗ, ବଡ଼ ଗରିବ, ବଡ଼ କୁଳି— ଇତ୍ୟାଦି, ଏସବୁ—

"ପୂର୍ବ ପୁରୁଷର ପ୍ରତିଷ୍ଠା ବିଶାଳ
ବିକିଭାଂଗି ଖାଉଥିବା କେତେ କାଳ ?"

ଓଡ଼ିଶାର ପ୍ରକୃତ ସୁନ୍ଦରୀ— ଶୋକ ପାସୋରା ଅପସରା ଭୁବନ— ଏବଂ ମଙ୍ଗଳ ମାଳିନୀ –ନୀଳାମ୍ବୁ ଚିଲିକା କହିଲେ ଆମଦେଶର ପାଠୁଆ ମାନେ କେବଳ ରାଧାନାଥଙ୍କ 'ଚିଲିକା' କାବ୍ୟଟିକୁ ମନେ ପକାନ୍ତି – କିନ୍ତୁ, ଏ ପ୍ରକୃତ ସୁନ୍ଦରୀ ଗର୍ଭରେ ଓଡ଼ିଶାର କି ବିଭବ— ସମ୍ପଦ ରହିଛି ତା' ଜାଣିବା-ପାଇଁ କେତେଜଣ— ବିଶେଷତଃ, ଓଡ଼ିଶାବାସୀ— ଇଚ୍ଛା କରନ୍ତି ? ପ୍ରତିବର୍ଷ ବହୁ ସଂଖ୍ୟକ ସ୍କୁଲଛାତ୍ର— ଶିକ୍ଷକ— ଦର୍ଶକ ଆସି ଚିଲିକା ଦେଖିଯାନ୍ତି, କିନ୍ତୁ କେଇହେଲେ ଏହାର ବିଭବ ନେଇ କିଛି ଆଲୋଚନା ଓ ଅନୁସନ୍ଧାନ କରନ୍ତି କି ନାହିଁ ସନ୍ଦେହ । ଯା'ହେଉ ଏକ୍ଷଣେ ଏଇ ଚିଲିକା ବିଭବ ନେଇଁ କେତେକଥା ଏଠାରେ ବର୍ଣ୍ଣନା କରିବି:—

୧ ପ୍ରାକୃତିକ ସୌନ୍ଦର୍ଯ୍ୟ—

କବି ଓ ଭାବୁକ ମାନଙ୍କ ପାଇଁ ଯେଉଁସବୁ ଉପାଦାନ ପ୍ରକୃତିରେ ମିଳିବା ଦରକାର ସେସବୁ ଚିଲିକାର ପ୍ରତ୍ୟେକ ସ୍ଥାନରୁ ମିଳିଥାଏ । ଏଥିପାଇଁ ଲେଖକମାନେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହୁଅନ୍ତି । ବାସ୍ତବରେ କହିବାକୁ ହେବଯେ, ଓଡ଼ିଶାର ଯେଉଁ ଭାବୁକ ବା ଲେଖକ ଚିଲିକାର ଏ ସୌନ୍ଦର୍ଯ୍ୟ ଦେଖି ନାହାନ୍ତି ତାହାଙ୍କ ଜୀବନରେ ଗୋଟିଏ ପ୍ରଧାନ ଅଭାବ ଚିଲିକା ଦେଖିବା ରହିଛି ବୋଲି ସ୍ପଷ୍ଟ କହିପାରୁଁ । ଇଟାଲିର 'ଭେନିସ୍' ସହର ସମ୍ବନ୍ଧରେ ଇଂରାଜୀରେ ଲେଖାଅଛି । "See Venice and die" ['ଭେନିସ୍ ଦେଖି

ମଣ୍ଡପାଅ'] ଏ ଦୃଷ୍ଟିରେ ଆମକୁ କହିବାକୁ ହେବ— ଯେଉଁମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଇଚ୍ଛା କରନ୍ତି – ସେମାନେ ଜୀବନରେ ଥରେହେଲେ ଚିଲିକା ଦେଖନ୍ତୁ । ନଚେତ ସେମାନଙ୍କର ଏ ଅଭିବଳି ଅପୂର୍ଣ୍ଣ ରହିବ ମାତ୍ର ।

ସୌନ୍ଦର୍ଯ୍ୟ ବର୍ଣ୍ଣନା ନେଇ କବିବର ରାଧାନାଥ ତାଙ୍କର 'ଚିଲିକା' କାବ୍ୟରେ ଲେଖିଛନ୍ତି ।

"ଆହା, ଏ ଶୋଭାର କାହିଁ ପଟାନ୍ତର
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ ଅଗୋଚର,
ପାସୋରିବ ଦେଖି, କହ କେଉଁ ଜନ
ଏ ଶୋକ ପାଶୋରା ଅପ୍ସରା ଭୁବନ ?"

ପୁଣି— କବିବର ଚିନ୍ତାମଣି ମହାନ୍ତି ତାହାଙ୍କର 'ଚିଲିକା ଭ୍ରମଣ' ପୁସ୍ତିକାରେ ଲେଖିଛନ୍ତି:— "ଚିଲିକାର ପ୍ରାକୃତିକ ଦୃଶ୍ୟ ଅତୀବ ରମଣୀୟ ଓ ବିଚିତ୍ର ଅଟେ, ତାହାର ନିତ୍ୟ ନୂତନ ବେଶ ଦେଖି ଦର୍ଶକ ମାନଙ୍କେ ମୁଗ୍ଧ ନହୋଇ ରହିପାରିବ ନାହିଁ, ଚିଲିକାର ଦୃଶ୍ୟ କେବଳ ନିତ୍ୟ ନୂତନ ନୁହେ, ତାହା ଷଣ ନୂତନ ମଧ୍ୟ ଅଟେ, ତାହା କେବଳ ଅନୁଭବର ଅନୁଭବ୍ୟ ସୁତରାଂ ବର୍ଣ୍ଣନାତୀତ ।"

**୨ ବୋଇତ ବାଣିଜ୍ୟ—**

ସାଧବ ଘର ସାତ ପୁଅ ବୋଇତ ବାଣିଜ୍ୟ-କରି ଯିବା କଥା ପିଲା ଦିନରୁ ଆଈ ମାଙ୍କଠାରୁ ଆମେମାନେ ଶୁଣିଥିଲୁ—ଏଇ ବୋଇତ ବାଣିଜ୍ୟକରି ଆମଦେଶର ସାଧବମାନେ ସୁଦୂର ଜାଭା ଓ ମଳୟ ପ୍ରଭୃତି ଦ୍ୱୀପପୁଞ୍ଜରେ ଦିନେ ବସତି ସ୍ଥାପନ କରି-ଥିବାର ଇତିହାସରୁ ଜଣାଯାଏ । ସେ କାଳରେ ଯେଉଁ 'ଅର୍ଣ୍ଣବପୋତ' ମାନ ବ୍ୟବହାର କରି ଯାଉ-ଥିଲେ ତାହାର କୌଣସି ଚିହ୍ନ ଏଠାରେ ନାହିଁ ସତ, କିନ୍ତୁ ସେକାଳର ଗୋଟିଏ 'ବତୀଘର' ଏଇ ବାଲୁଗାଁ ନିକଟବର୍ତ୍ତୀ ଚିଲିକାକୂଳସ୍ଥ 'ଦୀପମୁଣ୍ଡିଆ' ପାହାଡ଼ ଉପରେ ଥିବାର ଚିହ୍ନ ରହିଛି । ଏକ ସମୟରେ ଚିଲିକାରେ ଅତିବଡ଼ ବୁଡ଼ା ଜାହାଜ ଓ ଶକ୍ତି ଲୁହାରେ ତିଆରି ହେବା ବୋଇତ ମଧ୍ୟ ବ୍ୟବହାର କରୁଥିବାର ପ୍ରମାଣ ମିଳେ, ଇଂରାଜୀ ମାନେ ଓଡ଼ିଶା ଅଧିକାର କରିବା ପରେ ମଧ୍ୟ କିଛିକାଳ ଯାଏ ଏଠା ଅଧିବାସୀ ଚିଲିକାରେ ବୋଇତ ବାଣିଜ୍ୟ ଚଳାଇଲେ କେବଳ ଏହାର କୂଳଦେଇ ରେଳପଥ ତିଆରି ହେବାରୁ ଗଞ୍ଜାମ ଓ ପୁରୀ— କଟକ ଜିଲାର ବାଣିଜ୍ୟ ଜିନିଷ ରେଳରେ ବୋହି ଯାଉଛି— ଫଳରେ ଚିଲିକାର ବୋଇତ ବାଣିଜ୍ୟ ଲୋପ ହୋଇଛି ! ଏବେସୁଦ୍ଧା ଚିଲିକାର ଏକାଧିକ ସ୍ଥାନରେ ଛୋଟ ଓ ବଡ଼ ନାହା, ଡଙ୍ଗା ପଟୁଆ ପ୍ରଭୃତି ତିଆରି ହୁଏ, ଏବଂ ରମ୍ଭାଠାରୁ, କେଶପୁର, ବାଲୁଗାଁ, କୌର କାଳୁପଡ଼ା ଓ ଭୁଷଣ୍ଡପୁର ପ୍ରଭୃତି ସ୍ଥାନ ଗୁଡ଼ିକ ବୋଇତ ବାଣିଜ୍ୟର ପ୍ରଧାନ ପେଣ୍ଠ ହୋଇ-ରହିଛି ଏ ସବୁ ସ୍ଥାନରେ ଛୋଟ ଓ ବଡ଼ ଡଙ୍ଗାରେ ଧାନ, କାଠ, ଚୂନ, ଶିପ, ବାଉଁଶ— ଋତୁ ଅନୁସାରେ— ଲୁଣ ଓ ଶୁଖୁଆ ପ୍ରଭୃତି ବୁହାଯାଏ, ମାଛମାରି ଆଣିବା ପାଇଁ ପ୍ରତିଦିନ ଶତାଧିକ ଡଙ୍ଗା ଚିଲିକାରେ ଯା' ଆସ କରେ । ପ୍ରାୟ ପ୍ରତିଦିନ ଦର୍ଶକ ମାନେ ଚିଲିକାରେ ବୁଲିବା ପାଇଁ କିମ୍ବା ପକ୍ଷୀ ଶିକାର କରିବା ପାଇଁ ଡଙ୍ଗାଚଢ଼ି ବୁଲୁଥିବାର ଦେଖାଯାନ୍ତି ! ଏ ସବୁ ଦୃଶ୍ୟ ଦେଖିଲେ ଓଡ଼ିଆ 'ନାବିକମାନେ ଏ ପର୍ଯ୍ୟନ୍ତ ବୋଇତ ବାଣିଜ୍ୟ' କଥା ପାଶୋରି ନାହାନ୍ତି ବୋଲି ସ୍ପଷ୍ଟ କହିପାରୁ, କେବଳ ସୁବିଧା ପାଇଲେ ଏଇ ବାଣିଜ୍ୟ ଯେ ଅଧିକ ଉନ୍ନତି ଲାଭ କରିପାରେ ଏ ଆଶା ରହିଛି ।

**୩ ଚିଲିକାରେ ଜଳଜୀବ—**

ବର୍ଷା ଆରମ୍ଭ ଓ ଶୀତ ଶେଷ - ଅର୍ଥାତ୍ ପ୍ରତିବର୍ଷର ଆଷାଢ଼ ମାସଠାରୁ ମାଘ ଶେଷ ପର୍ଯ୍ୟନ୍ତ ଚିଲିକାରେ ଯେତେ ଜାତି ଓ ବର୍ଣ୍ଣର ପକ୍ଷୀ ଦେଖାଯାନ୍ତି ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ସେପରି ଦେଖିବାକୁ ମିଳେ କି ନାହିଁ ସନ୍ଦେହ । ବିଶେଷତଃ, ମାର୍ଗଶୀର ଓ ମାଘମାସ ମଧ୍ୟରେ ଏଗୁଡ଼ିକର ସଂଖ୍ୟା ଗଣଣାତୀତ ହୁଏ । ଠିକ୍ ଏଇ



Digitized by srujanika@gmail.com

ସମୟରେ ବହୁସଂଖ୍ୟକ ଶିକାରୀ ଭାରତର ବିଭିନ୍ନ ସ୍ଥାନରୁ ଆସି ଏହି ନିରୀହ ପକ୍ଷୀଗୁଡ଼ିକୁ ବନ୍ଧୁକ ଗୁଳିରେ ମାରିଥାନ୍ତି !

ପ୍ରାୟ ୧୫୦ ଶ୍ରେଣୀର ମାଛ ଚିଲିକା ପାଣିରେ ରହନ୍ତି, ସାଧାରଣ ଚିଙ୍ଗୁଡ଼ି, ଇଲସୀ ଓ ପାହୁଆ ଠାରୁ ଆରମ୍ଭ କରି ଅତିବଡ଼ ଖଙ୍ଗା, ଭେକେଟି ଭୁଆସୁଣୀ ଓ ମଗର ମଧ୍ୟ ଏଠାରେ ଦେଖାଯାନ୍ତି । ଗୋଟିଏ ଗୋଟିଏ ଭେକେଟି ଶଗଡ଼ରେ ବୁହାହୁଅନ୍ତି । ଭୁଆସୁଣୀ ଓ ମଗର ମାଛ ଗୁଡ଼ିକ ଗୋଟିଏ ଗୋଟିଏ ମନୁଷ୍ୟକୁ ଗିଳିବାଭଳି ଦେଖାଯାନ୍ତି ! ସାକୁଚ ,ଶଙ୍ଖି ଓ କାଉଁଦା ପ୍ରଭୃତି ବିଷାକ୍ତ ଜୀବମଧ୍ୟ ଚିଲିକାରେ ଦେଖାଯାନ୍ତି । ଏଗୁଡ଼ିକ କ୍ଷତକଲେ ଲୋକମାନେ ବିଶେଷ ଯନ୍ତ୍ରଣା ଭୋଗନ୍ତି ।

କେବଳ ମାଛଧରି ନିଜର ଜୀବନ ବଞ୍ଚାଉଥିବା ପ୍ରାୟ ୧୦ ହଜାର ମତ୍ସ୍ୟଜୀବି ଜାତି ଚିଲିକା ମଧ୍ୟସ୍ଥ ଦ୍ୱୀପ ପୁଞ୍ଜରେ ଏବଂ ଏହାର ଚତୁର୍ଦ୍ଦିଗସ୍ଥ କୂଳ ଗ୍ରାମ ଗୁଡ଼ିକରେ ବାସ କରନ୍ତି ପ୍ରତିଦିନ ନିଶାରାତିରେ ଏବଂ ବଡ଼ ଭୋର କିମ୍ବା ମଧ୍ୟାହ୍ନ ସମୟରେ ଗଭୀର ଚିଲିକାରୁ ମାଛଧରି ଆଣି ତାକୁ ବିକ୍ରି କରି ସେଇକଅଣାପଇସାରେ ନିଜର ପେଟ ପୋଷିବାହିଁ ଏଠା ମତ୍ସ୍ୟଜୀବିଙ୍କର ପ୍ରଧାନ ବ୍ୟବସାୟ, ପ୍ରତିବର୍ଷ ସମଗ୍ର ଚିଲିକାରୁ ପ୍ରାୟ ତିନିଲକ୍ଷ୍ୟ ଟଙ୍କାର ମାଛ ଧରାଯାଏ— ଏଥିରୁ ଅଧିକାଂଶ ମାଛ ରେଲରେ କଲିକତାକୁ ରପ୍ତାନୀ ହୁଏ । ଯେଉଁମାନେ ଏଠା ମାଛ ରପ୍ତାନୀ କରନ୍ତି ସେଥିରୁ ଅଧିକାଂଶ ମହାଜନ ବିଦେଶୀ ଅଟନ୍ତି । ଏହି ବିଦେଶୀମାନେ ମତ୍ସ୍ୟଧରାଙ୍କୁ ଆଗତୁରା ଟଙ୍କାଦେଇ ଅଳ୍ପ ମୂଲ୍ୟରେ ମାଛ ନିଅନ୍ତି ଏବଂ କଲିକତାରେ ବହୁ ମୂଲ୍ୟରେ ବିକ୍ରି କରି ଲାଭବାନ ହୁଅନ୍ତି ! ଗତ କୋଡ଼ିଏ ବର୍ଷ ମଧ୍ୟରେ ଅନେକ ମହାଜନ ଲକ୍ଷାଧିକ ଟଙ୍କା ଏ ପ୍ରଣାଳୀରେ ସଂଚୟ କରିଛନ୍ତି କିନ୍ତୁ ଯେଉଁ ଗରିବ ମଳମୁଣ୍ଡିଆ ମାଛଧରା ହାଡ଼ଭଙ୍ଗା ପରିଶ୍ରମକରେ ତାର ଘର ଛପର ନହୋଇ ପଡ଼ିଛି . ତା ଦେଖି ଯୋଡ଼ାଇବାକୁ କିନାନାଇଁ କି ପେଟ ପୂରିବାକୁ ଦାନାମିଳୁନି ! ଏହି ଗରିବଙ୍କ ଦୁରବସ୍ଥା ଦୂରକରିବା ଦିଗରେ କୌଣସି ମହାଜନ କେବେ ଚିନ୍ତିତ ଥିବାର ଦେଖାଯାନ୍ତି ନାହିଁ, ଏହାଙ୍କ କମ୍ ଚିନ୍ତାର ବିଷୟ ?

**୪ ଲୁଣମରା—**

ଇଂରାଜୀ ଅଧିକାରର ବହୁ ଆଗରୁ ଚିଲିକା ମଧ୍ୟସ୍ଥ ଦ୍ୱୀପ ପୁଞ୍ଜରେ ଭାରତର ଅତି ଉତ୍କୃଷ୍ଟ ଲୁଣ ଆଦାୟ ହେଉଥିଲା ; ଏକ ସମୟରେ ଗୋଟିଏ ବର୍ଷରେ ପ୍ରାୟ ଦୁଇଲକ୍ଷ୍ୟ ମହଣ ଲୁଣ ତିଆରି ହେବାର ଜଣାଯାଏ, ଏହି ଲୁଣ ଯୋଗୁଁ ଚିଲିକାରେ ଭଲ ବୋଇତ ବାଣିଜ୍ୟ ମଧ୍ୟ ଚାଲୁ ହେଉଥିଲା କିନ୍ତୁ ଇଂରାଜୀ ମାନଙ୍କ ନିଷ୍ଠୁର ନୀତି ଯୋଗୁଁ ଏହି ବ୍ୟବସାୟ ବନ୍ଦ ହେବାରୁ ଏଠାଲୋକେ ଭୋକ ଉପାସେ ଦିନକାଟନ୍ତି !

ଏବେ କେତେବର୍ଷ ହେଲା ଏ ବ୍ୟବସାୟର ପୁନରୁଦ୍ଧାର କରାଯାଇଛି । କିନ୍ତୁ ଏକ୍ଷଣ ମାନ୍ଦ୍ରାଜ ଅଞ୍ଚଳରୁ ଅତି ଶସ୍ତାଲୁଣ ଆସି ଓଡ଼ିଶା ବଜାରରେ ବିକ୍ରି ହେଉଥିବାରୁ ଆମର ଏଠା ଦେଶୀଲୁଣର ଆଦର ଓଡ଼ିଶାରେ ନାହିଁ ! ସେଥିପାଇଁ ଏଠା ବ୍ୟବସାୟ ମଧ୍ୟ ମୁଣ୍ଡଟେକି ପାରୁନି !

**୫ ଶିପ, ଶାମୁକା ଓ ଚୂନଭାଟି—**

ଚିଲିକାର ଦ୍ୱୀପପୁଞ୍ଜ ଗୁଡ଼ିକରେ ବହୁସ୍ଥାନରୁ ଭୂଗର୍ଭରୁ ଶିପ ଓ ଶାମୁକା ପ୍ରଚୁର ପରିମାଣରେ ମିଳେ । ବହୁକାଳ ପୂର୍ବେ ଚିଲିକା ବଙ୍ଗୋପସାଗର ସଙ୍ଗେ ସମ୍ପୂର୍ଣ୍ଣରୂପେ ମିଶିଥିବାରୁ ଏବଂ କାଳକ୍ରମେ ଚିଲିକା ଓ ସମୁଦ୍ର ମଧ୍ୟରେ ଏକ ବାଲିବନ୍ଧ ସୃଷ୍ଟି ହେବାରୁ ଏଠା ଦ୍ୱୀପଗୁଡ଼ିକ ମୁଣ୍ଡ ଟେକିପାରିଥିଲା । ଏହି ଯୋଡ଼ା ସ୍ଥାନଗୁଡ଼ିକରେ ଭୂଗର୍ଭରେ ସ୍ତର ସ୍ତର ହୋଇ ଶିପ ଓ ଶାମୁକା ଯୋଡିହୋଇ ରହିଛି ଏଗୁଡ଼ିକୁ ଖୋଳି କାଢ଼ି ଚୂନପାଇଁ ପୋଡ଼ିବା ବ୍ୟବସାୟ କେତେକ ଲୋକ କରନ୍ତି । ସ୍ଥାନୀୟ ଜମୀଦାର ମାନେ ଏ ସ୍ଥାନଗୁଡ଼ିକୁ ପଟ୍ଟାଦେଇ ବାର୍ଷିକ କିଛି ଟଙ୍କା ପାନ୍ତି— ଏବଂ ଯେଉଁମାନେ ପଟ୍ଟାକରି



Digitized by srujanika@gmail.com

ନିଅନ୍ତି ସେମାନେ ଏଇ ଶିପ ଓ ଶାମୁକାକୁ ଡ଼ଙ୍ଗାରେ ରପ୍ତାନୀ କରି ଲାଭବାନ ହୁଅନ୍ତି ।

ଚିଲିକା ମଧ୍ୟସ୍ଥ ପାହାଡ଼ିଆ ଅଞ୍ଚଳରେ ବିଶେଷତଃ, ଜଟିଆ ଓ ଦୀପ ଆଡ଼ିଆ ପାହାଡ଼ ଗୁଡ଼ିକରୁ ଚୂନ ଗୋଡ଼ମଧ୍ୟ ମିଳେ ଏ ଗୋଡ଼ିଆଣି କେତେକ ବ୍ୟବସାୟୀ ଚୂନ ତିଆରି କରି ଲାଭବାନ୍ ହୁଅନ୍ତି । ଏ ଅଞ୍ଚଳର ଚୂନ ପୁରୀ, କଟକ ଓ ବ୍ରହ୍ମପୁର ଯାଏ ରପ୍ତାନୀ ହୁଏ ।

**୬ ଦଳ—**

ଚିଲିକା ପାଣିରେ ଅନେକ ଶ୍ରେଣୀର ଦଳ ଜାତହୁଏ । ତନ୍ମଧ୍ୟରୁ ଟିଙ୍ଗୁଡ଼ିଆ ଦଳରୁ 'ଆଓଡେନ' [ଡ଼ାକ୍ତରି ଔଷଧ] ତିଆରିହେବା ସମ୍ଭବ ଦେଖାଯାଏ । ଏ ଦିଗରେ ବିଶେଷ ଅନୁସନ୍ଧାନକରିବା ଦରକାର । ଏଇ ଦଳରେ ଭଲ ଗଦି ଓ ସାହେବ ଟୋପି ତିଆରି ହୁଏ । ଦଳକୁ ଉତ୍ତମ ରୂପେ ସିଝି କଲେ ଏକ ପ୍ରକାର ସରୁ ସୂତା ଆଦାୟ ହୁଏ । ଏଇ ସୂତାରେ ଏକପ୍ରକାର ପାଟ ମଧ୍ୟ ତିଆରି ହେବା ସମ୍ଭବ । ଏସବୁ ଦିଗରେ ଅନୁସନ୍ଧାନ କରିବାକୁ ହେବ ।

**୭ ସ୍ୱାସ୍ଥ୍ୟ ନିବାସ—**

ଚିଲିକା ପାଣିରେ ପ୍ରଚୁର ପରିମାଣ ଲବଣାଂଶ ଅଛି । ଏଣୁ ଏଠାର ଜଳବାୟୁ ସ୍ୱାସ୍ଥ୍ୟ ପକ୍ଷରେ ହିତକର ଅଟେ । ଚିଲିକାର କେତେକ ଦ୍ୱୀପପୁଞ୍ଜରେ ଏବଂ କୂଳର କେତେକ ସ୍ଥାନରେ ଉତ୍ତମ ସ୍ୱାସ୍ଥ୍ୟ ନିବାସମାନ ତିଆରିକଲେ ସେଠାରେ ରୋଗୀମାନେ ରହି ନିଜର ସ୍ୱାସ୍ଥ୍ୟ ଲାଭ କରିବା ସମ୍ଭବ ଦେଖାଯାଏ । ଏ ଦିଗରେ ଓଡ଼ିଶା ସରକାର ତଥା ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡ଼ିବା ଦରକାର !

**୮ ଚିଲିକା କୂଳରେ ବିଜ୍ଞାନାଗାର—**

ଏ ବିଜ୍ଞାନ ଯୁଗରେ ଭାରତର ଅନ୍ୟ ସବୁ ପ୍ରାଦେଶିକ ସରକାର ନିଜ ନିଜ ଅଞ୍ଚଳରେ ବିଦ୍ୟୁତ ସାହାଯ୍ୟରେ ବହୁତ କାରଖାନା ଖୋଲିଛନ୍ତି କିନ୍ତୁ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ନୀରବ ଅଛନ୍ତି ।

ଯୁଦ୍ଧୋତ୍ତର ପୁନର୍ଗଠନ କାର୍ଯ୍ୟନେଇ ଆମ ସରକାର ଏଇ ଚିଲିକା କୂଳରେ କେତୋଟି କାରଖାନା କରିବା ଆଶାକରଯାଏ । ତନ୍ମଧ୍ୟରୁ ଗୋଟିଏ ବଡ଼ ଦରର 'ବରଫ କଳ' ଏବଂ ମାଛକୁ ସିଝିକରି ବାକ୍ସରେ ନିଆଁ ଟିଣରେ ରଖିବାପାଇଁ ଆବଶ୍ୟକୀୟ ଯନ୍ତ୍ର ସ୍ଥାପନ ପ୍ରଧାନ ହେବା ଦରକାର, ମାଛ ବିଦେଶକୁ ପଠାଇବାପାଇଁ ପ୍ରଚୁର ବରଫ ଦରକାର । ଏକ୍ଷଣି କାଳୁପଡ଼ା ନାମକ ସ୍ଥାନରେ ଗୋଟିଏ ବରଫ କଳ ଅଛି କିନ୍ତୁ ଏଠାରେ ଅତିକମ୍ ପରିମାଣ ତିଆରି ହୁଏ । ମାଛକୁ ଶୁଖୁଆ କରିବା ଏବଂ ଗ୍ରୀଷ୍ମ ଦିନରେ ଯେଉଁ ଚିଙ୍ଗୁଡ଼ି ମିଳେ ତାହାକୁ ସିଝିକରି ତହିଁରୁ ରସ ବାହାରକରିବାପାଇଁ କେତେକ ଯନ୍ତ୍ରପାତି ଦରକାର, ଏହାରସ ବ୍ରହ୍ମଦେଶ ବାସୀଙ୍କପାଇଁ ରପ୍ତାନୀ ହୁଏ ।

ଏ ପର୍ଯ୍ୟନ୍ତ କେବଳ କଳେ ବଳେ କୌଶଳେ ଚିଲିକାରୁ ମାଛ ଧରି ତାକୁ ଖାଇବା ଓ ବିକ୍ରି କରିବା ବ୍ୟତୀତ ଏହି ମାଛର ପରିମାଣ କିପରି ବୃଦ୍ଧି ହେବ ସେ ଦିଗରେ କେହିହେଲେ ଯତ୍ନବାନ କରିନାହାନ୍ତି । ମାଛ ଧରି ନେବା ସଙ୍ଗେ ସଙ୍ଗେ ଏଠାର ଜଳବାୟୁରେ ଅଧିକ ପରିମାଣ ମାଛ କିପରି ଜାତହେବ ସେ ଦିଗରେ ମଧ୍ୟ ଆୟୋଜନ କରିବାକୁ ହେବ —ତା' ନହେଲେ କ୍ରମେ ଚିଲିକାରୁ ମାଛ ପରିମାଣ କମିଯିବା ଅସମ୍ଭବ ନୁହେଁ । ଏଣୁ ନିକଟରେ ଏଠାରେ [ବାଲୁଗାଁ] ଗୋଟିଏ ବିଜ୍ଞାନାଗାର ଖୋଲାଯାଇ ଚିଲିକାର ମତ୍ସ୍ୟ ଶିଳ୍ପର ଉନ୍ନତି କରାଯିବା ଯୋଗାଡ଼ ଚାଲିଛି ।

**୯ ଚିଲିକାର ତୀର୍ଥସ୍ଥାନ—**

ଚିଲିକା ମଧ୍ୟସ୍ଥ 'କାଳିଜାଈ' ପାହାଡ଼ର ଠାକୁରାଣୀଙ୍କୁ ଦେଖିବାପାଇଁ ପ୍ରାୟ ପ୍ରତିଦିନ ଦୂରରୁ ଯାତ୍ରୀମାନେ ଆସନ୍ତି । ଏଇ ପାହାଡ଼ଟି ବାଲୁଗାଁ ଓ ପାରିକୁଦ ମଧ୍ୟସ୍ଥ ଚିଲିକା ଗର୍ଭରେ ଅବସ୍ଥିତ । ଯାତ୍ରୀମାନେ ବାଲୁଗାଁରେ ଡ଼ଙ୍ଗା ଚଢ଼ି ସେଠାକୁ ଯାନ୍ତି ।



Digitized by srujanika@gmail.com

ପ୍ରାୟ ଅଧିକାଂଶ ପୁଣ୍ୟପର୍ବରେ ମଧ୍ୟ ଏଠାରେ ଯାତ୍ରୀ ଦେଖାଯାନ୍ତି । ପ୍ରତିବର୍ଷର ମକର ସଂକ୍ରାନ୍ତି ଦିନ ଏଠାରେ ଏକ ବିରାଟ ମେଳା ହୁଏ । ହଜାର ହଜାର ଯାତ୍ରୀ ଏକତ୍ରିତହୁଅନ୍ତି । ଏପାହାଡ଼ଟି ପାରିକୁଦ ରାଜାଙ୍କ ଅଧୀନରେ ରହିଛି, କିନ୍ତୁ ସାଧାରଣ ଯାତ୍ରୀଙ୍କପାଇଁ ଯେ କୌଣସିଲୋକ ଏଠାରେ ବସା ଗୃହ ଓ ପିଇବା ପାଣି ପ୍ରଭୃତି ଯୋଗାଇବା ଦିଗରେ ଯତ୍ନ କରିପାରନ୍ତି, ସ୍ଥାନଟିରେ ରହିବା ଓ ଚତୁର୍ଦ୍ଦିଗର ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ଯେ କୌଣସି ଲୋକର ଅଧିକାର ଅଛି । ଏପରି ଅବସ୍ଥାରେ ଏ ପାହାଡ଼ରେ ରହିବାସୁବିଧାକଲେ ନିଶ୍ଚେ ଏହା ଓଡ଼ିଶାର ଗୋଟିଏ ତୀର୍ଥ ସ୍ଥାନ ହେବା ସମ୍ଭବ ।

## ୧୦ ଚିଲିକାର ବିପଦ—

ଚିଲିକାର କେତେକ ହିଂସ୍ର ଜଳଜୀବ ବ୍ୟତୀତ ସମୁଦାୟ ହ୍ରଦରେ ସେପରି କୌଣସିବିପଦ କେବେ ଘଟିଥିବାର ଜଣାଯାଏ ନାହିଁ । ସାଧାରଣ ଅବସ୍ଥାରେ କେବେ କୌଣସି ଡଙ୍ଗା ବୁଡ଼ି ମଧ୍ୟ ଘଟେ ନାହିଁ । କେବଳ ପ୍ରବଳ ଝଡ଼ ହେଲେ ସେପରି କୌଣସି ଆଶଙ୍କା ଥାଏ—ସେତେବେଳେ ସାଧାରଣତଃ ନାଉରୀମାନେ ଚିଲିକାରେ ଡଙ୍ଗାନେଇ ଯାନ୍ତି ନାହିଁ । କେବଳ ପ୍ରବଳ ଝଡ଼ ବତାସ ହେଲେ ଚିଲିକା ପାଣି କୂଳ ଉପରକୁ ମାଡ଼ିଯାଏ କିମ୍ବା ତନ୍ମଧ୍ୟସ୍ଥ ଦ୍ୱୀପପୁଞ୍ଜରେ ମାଡ଼ିଯାଇ ସେଠା ଫସଲ ନଷ୍ଟ କରିଦିଏ । ସେପରି ଗୋଟିଏ ସ୍ମରଣୀୟ ଘଟଣା ଗତ ୧୯୦୨ ଖ୍ରୀଷ୍ଟାବ୍ଦରେ ଘଟି ଯାଇଥିଲା । ଆକସ୍ମିକ ଭାବରେ ସମ୍ପୂର୍ଣ୍ଣ ଅସମୟରେ ସମୁଦ୍ରପାଣି ଚିଲିକାମଧ୍ୟକୁ ମାଡ଼ିଯାଇଥିବାରୁ ଏ ଦ୍ୱୀପ ପୁଞ୍ଜର ବହୁ ଲୋକକ୍ଷୟ ଓ ଗୃହ, ପଶୁ, ଫସଲ ନଷ୍ଟ ପ୍ରଭୃତି ଘଟିଥିଲା ।

ଏପରି ଚିଲିକାର ବନ୍ୟା ହେଲେ ଚିଲିକା ଦ୍ୱୀପ ଗୁଡ଼ିକରେ ଫସଲ ନଷ୍ଟ ହୁଏ ଓ ଦୁର୍ଭିକ୍ଷଘଟେ । ପ୍ରୋକ୍ତ ତୋଫାନ ହେଲେ ମଧ୍ୟ ଏପରି ଭୀଷଣ ଦୁର୍ଭିକ୍ଷ ଘଟିଥିଲା ।

## ଚିଲିକାବାସୀଙ୍କ ସଭ୍ୟତା—

ପ୍ରାୟ ଦୁଇଶତ ବର୍ଷ ହେଲା ଏଠା ଦ୍ୱୀପ ପୁଞ୍ଜ ଓ କୂଳର ଗ୍ରାମ ଗୁଡ଼ିକରେ ଲୋକ ବସତି ସୃଷ୍ଟି ହୋଇଥିବାର ଜଣାଯାଏ । କିନ୍ତୁ ସ୍ଥାନୀୟ ମତ୍ସ୍ୟଜୀବିମାନଙ୍କ ମଧ୍ୟରୁ କେହି ହେଲେ ଆଧୁନିକ ଉଚ୍ଚଶିକ୍ଷା ଲାଭ କରିଥିବାର ଜଣାଯାଏ ନାହିଁ । ଏ ଅଞ୍ଚଳରେ ବହୁ ସଂଖ୍ୟକ 'ପାଇକ' ବା 'ଖଣ୍ଡାଏତ' ମାନେ ମଧ୍ୟ ବାସ କରନ୍ତି କିନ୍ତୁ ସେମାନଙ୍କର ଶିକ୍ଷା ସେତେ ଉନ୍ନତ କଲାଭଳି ଦେଖା ଯାଏନାହିଁ । ସ୍ଥାନୀୟ ଜମିଦାରମାନେ ଏଠାରେ କେହି ରହୁ-ନଥିବାରୁ ଏବଂ ନିଜ ପ୍ରଜାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି କରିବା ଦିଗରେ ଆଦୌ ଚିନ୍ତିତ ନଥିବାରୁ ଏ ଲୋକମାନଙ୍କ ସଭ୍ୟତା ଯେ ଆଗେଇ ପାରିନି ସ୍ପଷ୍ଟ କହିବାକୁ ହେବ । ସରକାର ମଧ୍ୟ ଏ ଅଞ୍ଚଳ ପ୍ରତି ବିଶେଷ ଭାବରେ ଚିନ୍ତିତ ଥିବାର ଜଣାଯାନ୍ତି ନାହିଁ । କେବଳ ବନ୍ୟା ଦୁର୍ଭିକ୍ଷ ହେଲେ ମୁଠିଏ ଚାଉଳ ବା ତଗାବି ଋଣ ଦେବା ବ୍ୟତୀତ ଏଠା ଲୋକ-ମାନଙ୍କର ସାମାଜିକ, ନୈତିକ ଓ ଆର୍ଥିକ ଉନ୍ନତି କରିବା ଦିଗରେ କୌଣସି ଯତ୍ନ କରିନାହାନ୍ତି ! ଏହା କମ୍ ଚିନ୍ତାର ବିଷୟ ନୁହେ ।

## ୧୨ ଉନ୍ନତିପାଇଁ ପ୍ରଶସ୍ତ କ୍ଷେତ୍ର—

ଯୁଦ୍ଧୋତ୍ତର ପୁନର୍ଗଠନ ଦିଗରେ ଓଡ଼ିଶା ସରକାର ବହୁତ ଯୋଜନାମାନ ତିଆରିକରିଛନ୍ତି । ଏ ସବୁ ଯୋଜନା କାର୍ଯ୍ୟରେ ଲଗାଇବାପାଇଁ ଚିଲିକାର ଦ୍ୱୀପପୁଞ୍ଜ ଓ କୂଳସ୍ଥ ପ୍ରଦେଶ ପ୍ରଶସ୍ତ କ୍ଷେତ୍ର ଥିବାର ଜଣାଯାଏ । ଏଠା ଦ୍ୱୀପପୁଞ୍ଜ ଗୁଡ଼ିକରେ ଅତି ସୁନ୍ଦର ଫଳ ମୂଳ ଓ କାଠ ପ୍ରଭୃତି ଉପାଦାନର ଜଙ୍ଗଲ ତିଆରି କରି ଯାଇପାରେ । କେବଳ ହଜାର ହଜାର ଏକର ଝାଉଁ, ପୋଲାଙ୍ଗ, ନଡ଼ିଆ, କଦଳୀ ଓ ପାନ ପରିବା ଫସଲ କରି ଯାଇପାରେ । ବର୍ଷା ଦିନରେ ଏଠା ପାଣି ସବୁ ଚିଲିକାକୁ ଚାଲିଯାଇ ନଷ୍ଟହୁଏ । ଏଇପାଣିକୁ ନିୟନ୍ତ୍ରଣକରି ଜଳଭଣ୍ଡାରରେ ରଖିପାରିଲେ ତଦ୍ୱାରା ପ୍ରଚୁର ଫସଲ ଚାଷକରିହେବ



Digitized by srujanika@gmail.com

ଲକ୍ଷଣମସ୍ୟ ଓ ମାଛଧରା ପାଇଁ ତ ଆଗରୁ କୁହାଯାଇଛି, ବରଫକଳ ଓ ମାଛ ଖାଦ୍ୟ ତିଆରିପାଇଁ କାରଖାନା ପ୍ରତ୍ତୁତ ଦରକାର । ଏ ସବୁ ଦିଗରେ ଆମ ଦେଶର ସରକାର ଓ ଦେଶବାସୀଙ୍କ ଦୃଷ୍ଟି ପଡ଼ିବ ?

# 'ବୀଣା'ର ଆତ୍ମପ୍ରକାଶ

ଜାତି ସେବକ ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ

ବୀଣା ସ୍ୱର ଯନ୍ତ୍ର ମଧ୍ୟରେ ସର୍ବଶ୍ରେଷ୍ଠ ଅଟେ । ଯାହାକୁ ବାଗ୍‌ଦେବୀ ଆଦର କରି ନିଜ ହସ୍ତରେ ଗ୍ରହଣକରି ବୀଣାପାଣି ବୋଲି ଆଉ ଗୋଟିଏ ତାଙ୍କର ନାମ ହୋଇଅଛି । ବୀଣା ବଜାଇଲେ ତାହାର ମଧୁର ସ୍ୱରରେ ଲୋକ ମନ୍ତ୍ରମୁଗ୍‌ଧ ହୋଇଥାନ୍ତି । ସ୍ୱର-ରାଜ୍ୟରେ ବୀଣାର ସ୍ଥାନଯେ ବହୁ ଉଚ୍ଚରେ ତାହା କହିବା ବାହୁଲ୍ୟ ମାତ୍ର, ସେହି "ବୀଣା" ରୂପ ପରିଗ୍ରହକରି ସାହିତ୍ୟ ପତ୍ରିକା ରୂପରେ ବିଚ୍ଛିନ୍ନାଞ୍ଚଳ ଟେକାଲୀ ରାଜ୍ୟରୁ ଯୁବରାଜ ରାଜା ଶ୍ରୀ ଶ୍ରୀ ଶ୍ରୀ ମଧୁ-ସୂଦନ ହରିଚନ୍ଦନ ଜଗଦେବ ବାହାଦୁର ବି ଏ ଙ୍କ ସମ୍ପାଦନାରେ ଏହି ମଧୁମାସରେ ଆତ୍ମପ୍ରକାଶ କରୁଛି, ଯଦି ଓ ଏହା ମାସିକ ପତ୍ରିକା, ଏଥିରେ ସାହିତ୍ୟର ଆଲୋଚନା ହେବା ସ୍ୱାଭାବିକ, ତଥାପି ସାହିତ୍ୟରଭିତରଦେଇ ବିଚ୍ଛିନ୍ନ ଓଡ଼ିଆଜାତିରମିଳନ ନେଇ ଯେ ବୀଣା ତାହାର କର୍ତ୍ତବ୍ୟ କରି ଜାତିର ମଙ୍ଗଳ କରି ଚାଲିବ ତହିଁରେ ସନ୍ଦେହର ଅବକାଶ ନାହିଁ । ଟେକାଲୀ ଆଦି ବହୁସ୍ଥାନ ମାନ୍ଦ୍ରାଜ ପ୍ରଦେଶ ମଧ୍ୟରେ ଆମ୍ଭେମାନେ ଯେପରି ବହୁ ଓଡ଼ିଆ ବଙ୍ଗ ପ୍ରଦେଶ ମେଦିନୀପୁର ବାଙ୍କୁଡ଼ା ଜିଲ୍ଲା ଦ୍ୱୟ ରହିଛୁଁ ସେଠାର ଓଡ଼ିଆମାନେ ସେପରି ଉକ୍ତ ମାନ୍ଦ୍ରାଜ ପ୍ରଦେଶ ମଧ୍ୟରେ ରହିଯାଇଛନ୍ତି । ବର୍ତ୍ତମାନ ବିଚ୍ଛିନ୍ନ ହୋଇ ଭିନ୍ନ ପ୍ରଦେଶ ମାନଙ୍କରେ ରହିଯାଇଥିବା ଓଡ଼ିଆଙ୍କ ମଧ୍ୟରେ ଚେତନା ଆସିଛି । ବର୍ତ୍ତମାନ ଯେ ଯେଉଁ ପ୍ରଦେଶରେ ଓଡ଼ିଆ ରହିଯାଇ ଅଛନ୍ତି ସେମାନେ ଏବେ ବୁଝିଲେଣି ଯେ ଆମେ ପ୍ରକୃତରେ ବାଘ, କେବେ ବଣୁଆ ଭୂଆ ନୋହୁ । ଆମେ ବୀର ଓଡ଼ିଆ ସନ୍ତାନ, ଯେଉଁ ଓଡ଼ିଆ ଦିନେ ବାହୁବଳରେ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଥିଲା, ଯେଉଁ ଜାତିର ଗଣ୍ଠିଧନ ହେଉଛନ୍ତି ପ୍ରଭୁ ଜଗନ୍ନାଥ, ଯେ ଦିନେ ଓଡ଼ିଆ ଜାତିର ଶ୍ରେଷ୍ଠତ୍ୱ ଜଗତବାସୀଙ୍କୁ ଦେଖାଇବା ପାଇଁ ଓଡ଼ିଶା ସମ୍ରାଟଙ୍କ ସୈନିକ ରୂପରେ ଦେଖା-ଦେଇ କାଞ୍ଚି ଯୁଦ୍ଧରେ ଓଡ଼ିଆଙ୍କୁ ଜୟଶ୍ରୀ ମଣ୍ଡିତ କରିଥିଲେ । ଅଦ୍ୟାପି ପୁରୁଷୋତ୍ତମ ନୀଳାଚଳ ଧାମରେ ଦାରୁ ବ୍ରହ୍ମ ରୂପରେ ରହି ପୁରୀକୁ ମୁକ୍ତି ତୀର୍ଥରେ ପରିଣତ କରିଛନ୍ତି । ଓଡ଼ିଆଙ୍କର ଏତେ ବଡ଼ ପ୍ରଭୁ ଥାଇ ମଧ୍ୟ ଓଡ଼ିଆ ଜାତିକୁ କମ ନିର୍ଯ୍ୟା-ତନା ସହ୍ୟ କରିବାକୁ ପଡ଼ିନାହିଁ । କଷ୍ଟ ଯେ କେବଳ ମନୁଷ୍ୟମାନେ ପାଆନ୍ତି ତାହା ନୁହେଁ ଦେବତାମାନେ ଯେଉଁମାନଙ୍କ ବର ପ୍ରଭାବରେ ମାନବ ସମ୍ପଦ ସୁଖର ଅଧିକାରୀ ହୋଇ ପାରନ୍ତି, ଅମର ଯେଉଁମାନେ କରିଦେଇପାରନ୍ତି, ସେମାନଙ୍କୁ ମଧ୍ୟ କଷ୍ଟ ପାଇବାକୁ ହୋଇଅଛି ।

ଶାସ୍ତ୍ରରୁ ଜାଣିଛ—

'ବ୍ରହ୍ମା ଯେନ କୁଲାଲବନ୍ନିୟମିତୋ
ବ୍ରହ୍ମାଣ୍ଡ ଭାଣ୍ଡୋଦରେ
ବିଷ୍ଣୁର୍ଯେନ ଦଶାବତାର ଗହନେ
କ୍ଷିପ୍ତୋମହା ସଙ୍କଟେ ।
ରୁଦ୍ରୋଯେନ କପାଳ ପାଣି
ରଟନଂ ଭିକ୍ଷା ଟନଂ କାରିତାଃ;



Digitized by srujanika@gmail.com

ସୂର୍ଯ୍ୟୋ ଭ୍ରାମ୍ୟତି ନିତ୍ୟମେବ
ଗଗନେ ତସ୍ମୈ ନମଃ କର୍ମଣେ ’

ସୁତରାଂ ଓଡ଼ିଆଙ୍କ କର୍ମ ଅବଲ ବେଳକୁ ଭାରତରେ ଇଂରାଜ ରାଜ୍ୟ ପ୍ରତିଷ୍ଠିତ ହେଲା । ଆମ ଭାଇଭାଇକୁ ଉକ୍ତ ଇଂରାଜ ସରକାର ତାଙ୍କ କାର୍ଯ୍ୟ ସୁବିଧାରୁ ହେଉ ବା ଦୁର୍ଦ୍ଧର୍ଷ ଓଡ଼ିଆ ବୀର ଜାତିକୁ ଦୁର୍ବଳ କରି ଦେବାପାଇଁ ହେଉ, ବଙ୍ଗ, ବିହାର, ମାନ୍ଦ୍ରାଜ ମଧ୍ୟପ୍ରଦେଶ ମାନଙ୍କରେ ବହୁ ଓଡ଼ିଆଙ୍କୁ ପୁରାଇ ଓଡ଼ିଆ ମାତୃଭାଷା ଶିକ୍ଷାରୁ ମଧ୍ୟ ବଞ୍ଚିତ କରିଦେଲେ, ଓଡ଼ିଶାବୋଲିବାକୁ କେବଳ ପୁରୀ,କଟକ,ବାଲେଶ୍ୱର ଏହି ତିନୋଟି ଜିଲା ରଖିଲେ । ଏତଦ୍ୱାରା କ୍ରମେ ଜାତି ଦୁର୍ବଳ ହୋଇଗଲା । ଭିନ୍ନ ପ୍ରଦେଶ ଭୁକ୍ତ ହୋଇ ଯେଉଁସବୁ ଓଡ଼ିଆ ରହିଗଲେ ସେମାନେ ସରକାରଙ୍କ କୃପାରୁ ମାତୃଭାଷା ଶିକ୍ଷାରୁ ବଞ୍ଚିତ ରହି,ସେହିପ୍ରଦେଶର ଭାଷାକୁ ମାତୃଭାଷାଶିକ୍ଷା ଆକାରରେ ପାଠଶାଳା, ସ୍କୁଲ ଆଦିରେ ଶିକ୍ଷାକରି ସେହିପ୍ରଦେଶୀ ମୋହରେ ପଡ଼ି ଆତ୍ମବିସ୍ମୃତ ହୋଇ ବସିଲେ । ଖାସ ଓଡ଼ିଶାର ଓଡ଼ିଆମାନେ ମଧ୍ୟ ଅନ୍ୟ ପଡ଼ୋଶୀମାନଙ୍କୁ ଭୟକରି ଦୁର୍ବଳ ପାଲଟି ବସିଲେ । ଏହି ସୁଯୋଗ ବଙ୍ଗାଳୀ ମାନେ ପାଇଯାଇ ଖାସ ଓଡ଼ିଶାରୁ ଓଡ଼ିଆ ଭାଷାର ଅସ୍ତିତ୍ୱ ନରଖି ବଙ୍ଗଳାଭାଷା ପ୍ରଚଳନର ବ୍ୟବସ୍ଥା କରୁଥିଲେ, ସେଥି ମଧ୍ୟରେ କେତେକ ଓଡ଼ିଆ ମନୀଷୀ ସୁପ୍ରୋଥିତ ସିଦ୍ଧାନ୍ତର ବାହାରି ନାନା ପ୍ରତିବାଦକରି ଓଡ଼ିଆ ଭାଷାକୁ ରଖି ଯାଇଅଛନ୍ତି, ସେମାନେ ବାସ୍ତବରେ ଜାତିର ଗୌରବ ରକ୍ଷାକରି ଜାତିର ନମସ୍ୟ ହୋଇଛନ୍ତି । କୁଳ ବୃଦ୍ଧ ମିଃ ମଧୁସୂଦନ ଦାସ ମହାଶୟ ଓଡ଼ିଆଜାତିର ବହୁତ କିଛି ଉପକାରକରି ଅବଶେଷରେ ସମ୍ମିଳନୀ ଆରମ୍ଭକରି ବିଚ୍ଛିନ୍ନ ଓଡ଼ିଆଙ୍କୁ ମିଳାଇ ବୃହତ୍ତର ଉତ୍କଳ କରିବାର ଏବଂ ଜାତିକୁ ବଳିଷ୍ଠ କରିବାର ଆଶା କରିଥିଲେ । ତାଙ୍କ ସାଙ୍ଗକୁ ପୁଣ୍ୟପ୍ରାଣ ଜାତି ହିତପୂତ ଉତ୍କଳମଣି ଗୋପବନ୍ଧୁ ଦାଶ ମିଳିଯାଇ ଜାତିକୁ ରୂପ ରେଖଦେଇ ଗଢ଼ିଯାଇଥିବାରୁ କଠୋର କର୍ତ୍ତବ୍ୟ ଜାତିପାଇଁ କରିଥିବାରୁ ଗଜପତି ମହାରାଜା ପାରଳାଙ୍କ ଏବଂ ରାଜା ବାହାଦୂର ଖଲିକୋଟଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ବଳରୁ ୧୯୩୬ମସିହାରେ ଦରିଖଣ୍ଡି ହୋଇପଡ଼ିଥିବା ଓଡ଼ିଶା ପ୍ରଦେଶଟିଏ ହୋଇ ପୁଣି ଗଣନାରମ୍ଭରେ ଓଡ଼ିଶାର ନାମ ପଡ଼ୁଛି । ତାର ପୂର୍ବେ ଓଡ଼ିଆଙ୍କ ପ୍ରଦେଶ ରୂପ ଘର ନଥିଲା, ଓଡ଼ିଆ-ମାନେ ପର ପ୍ରଦେଶରେ ମଥାଗୁଞ୍ଜି ରହୁଥିଲେ । ଏପରି ହେବା ଦ୍ୱାରା ଜାତି କ୍ରମେ ହୀନବୀର୍ଯ୍ୟ ହୋଇ ପଡୁଥିଲା । ଓଡ଼ିଆର ମର୍ଯ୍ୟାଦା ଉକ୍ତ ଦୁଇ ନରପତି ବଢ଼ାଇ ଯେପରି ‘ଜାତି ପତି’ ହୋଇ ପାରିଛନ୍ତି, ସେହିପରି ଜାତିର ନମସ୍ୟ ହୋଇଛନ୍ତି । ସେହି-ମାନଙ୍କ କୃପାରୁ ଆଜ ଓଡ଼ିଆମାନେ ପ୍ରଦେଶରେ ଉଚ୍ଚ ପଦାଧିକାରୀ ହେବାକୁ ସକ୍ଷମ ହୋଇଛନ୍ତି । କିନ୍ତୁ ନୂତନ ଓଡ଼ିଶା ପ୍ରଦେଶ ବିକଳାଙ୍ଗ ଭାବେ ଆତ୍ମ ପ୍ରକାଶ କରିବା ଦେଖି ଯେଉଁ ନେତୃ ସ୍ଥାନୀୟ ଓଡ଼ିଆମାନେ ଆସ୍ଫାଳନ କରି କହିଥିଲେ ଏତେ-ବେଳେ ଯାହା ମିଳୁଛି ମିଳୁ ପରେ ଆମ୍ଭେମାନେ ପ୍ରାଣପାତ ପରିଶ୍ରମକରି ବିଚ୍ଛିନ୍ନ ଓଡ଼ିଆର ମିଳନ ଘଟାଇ ପ୍ରଦେଶକୁ ପୂର୍ଣ୍ଣାଙ୍ଗ କରିବୁହିଁ କରିବୁ । ଏବେ ଓଡ଼ିଶା ପ୍ରଦେଶ ହେବାର ୧୨ ବର୍ଷ ହେଲାଣି ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସେ ପ୍ରତିଜ୍ଞାର କିଛି ଫଳତଃ ଦେଖିବାକୁ ନାହିଁ । ଗୋଟିଏ ପଦର ଅଧିକାରୀହୋଇ ସବୁ ବିସ୍ମୃତ ହେଲେଣି । ସେମାନେ ବୋଧହୁଏ ମନେ କରୁଛନ୍ତି ବିଚ୍ଛିନ୍ନାଞ୍ଚଳର ମିଳନ ହେଲେ ବିଚ୍ଛିନ୍ନ ଓଡ଼ିଆଙ୍କ ମଧ୍ୟରେ ବହୁ ବିଦ୍ୱାନ ବ୍ୟକ୍ତିମାନେ ଆସି ରୁଣ୍ଡ ହେବେ । ସେତେବେଳେ ହୁଏତ ବର୍ତ୍ତମାନର ଓଡ଼ିଶା ନେତାଙ୍କ ଅଧିକାର ସବୁ ଖସିପଡ଼ିବ । ସେହି ସବୁ ସ୍ଥାନ ବିଚ୍ଛିନ୍ନ ଓଡ଼ିଆ ମାଡ଼ିବସିବେ । ଏ ଭାବନା ଯଦି ନେତାମାନଙ୍କ ମୁଣ୍ଡକୁ ସ୍ପର୍ଶ କରିଥାଏ ତେବେ ସେହି ସବୁ ନେତାମାନେ କଦାପି ମିଳନର ପକ୍ଷପାତୀହୋଇ ବାହାରିବେ ନାହିଁ । ପ୍ରତ୍ୟେକ ଜାତି ପ୍ରେମୀଙ୍କୁ ମିଳନପାଇଁ ରୀତିମତ ଆନ୍ଦୋଳନକରି ଆଗଭର ହୋଇ ବାହାରି-ବାକୁ ହେବ । ଯେ ପର୍ଯ୍ୟନ୍ତ ବିଚ୍ଛିନ୍ନ ଓଡ଼ିଆର ମିଳନ ଘଟି ପ୍ରଦେଶଟି ଆକାରରେ ବୃହତ୍ତ ନ ହେଉଛି



Digitized by srujanika@gmail.com

ସେପଟେ ଦିନ ଯାଏ ପ୍ରଦେଶଟିର ଉନ୍ନତି ଏବଂ ଓଡ଼ିଆ ଭାଷାର ପରିପୁଷ୍ଟି ନହୋଇ ଧ୍ୱଂସ ମୁଖକୁ ଗତି କରୁଥିବ କି ନା । ପଡ଼ୋଶୀ ପ୍ରଦେଶର ନେତା ମାନଙ୍କ ଷଡ଼ଯନ୍ତ୍ର ବିଶେଷ ଭାବରେ ଦେଖାଯାଉଅଛି । ଯହିଁରେକି ଓଡ଼ିଶା ପ୍ରଦେଶ ହୋଇ ନ ରହେ ଏବଂ ଓଡ଼ିଆଭାଷା ଚିରଦିନପାଇଁ ବିଲୟ ଭଜେ । ଆଲ୍ଲାହା-ବାଦରେ କଂଗ୍ରେସୀପଣ୍ଡାମାନେ ସେଦିନ ଯେଉଁ ମିଟିଂ କରିଥିଲେ ତାହାର ଫଳାଫଳ ଖବରକାଗଜରେ ସମସ୍ତେ ପାଠ କରିଛନ୍ତି । ଏ ସନ୍ଧି କ୍ଷଣରେ ମୁଦ୍ଧା ଓଡ଼ିଆ ନେତାମାନେ ବୁଝୁ ନାହାନ୍ତି । ଭାରତୀୟ ଭାବରେ ତନ୍ମୟ । ଏପରି ଉଦାରତା ଓଡ଼ିଆମାନଙ୍କ ବ୍ୟତୀତ ଆଉ କେଉଁ ପ୍ରଦେଶୀଙ୍କ ମଧ୍ୟରେ ଦେଖା ଯାଉ-ନାହିଁ । ଅନ୍ୟାନ୍ୟ ପ୍ରଦେଶୀମାନେ ସ୍ୱ ସ୍ୱ ସ୍ୱାର୍ଥ ସଂରକ୍ଷଣରେବ୍ୟସ୍ତ । ଉତ୍କଳବାହିନୀ ବୋଲି ଓଡ଼ିଶାର ଯୁବକ ଦଳ ଯେଉଁ ସଂଘ ଗଢି ଅଜି କି କେତେବର୍ଷ ହେଲା ଜାତୀୟ ଗୌରବ, ଓଡ଼ିଆ ଭାଷାର ପ୍ରସାର । ତଥା ପୂର୍ଣ୍ଣାଙ୍ଗ ଉତ୍କଳ କରିବାପାଇଁ ବ୍ରତନେଇ ବାହାରି ଅଛନ୍ତି । ଯେଉଁ ବାହିନୀର ଶାଖାମାନ ଓଡ଼ିଶାର ସ୍କୁଲ କଲେଜରେ ବ୍ୟାପିଯାଇ ଅନ୍ୟାନ୍ୟ ପ୍ରଦେଶର ଓଡ଼ିଆ ଯୁବକଙ୍କୁ ତହିଁ ମଧ୍ୟକୁ ନେବାକୁ ସକ୍ଷମ ହୋଇ ପାରିଛି, ସେହି ଯୁବକ ବାହିନୀ ଦଳ ଦଳ ଦେଶର ଭବିଷ୍ୟତ ଆଶା ଭରସାର ସ୍ଥଳ ଅଟନ୍ତି । ସେମାନେ କଂଗ୍ରେସ ନେତାଙ୍କ ସବୁ ଷଡଯନ୍ତ୍ରକୁ ବୁଝି ପ୍ରତିକାର ପାଇଁ ଅଗ୍ରସର ହୋଇ-ଛନ୍ତି । ସେମାନଙ୍କ ମଧ୍ୟରେ ଯଥେଷ୍ଟ ଉନ୍ମାଦନା ଦେଖା ଦେଇଛି । ଗୋଟିଏ ଗୋଟିଏ ବାହିନୀ ସୈନିକ ସେପରି ଅଗ୍ନି ସ୍ଫୁଲିଙ୍ଗ । ଯଦି କେବେ ଉତ୍କଳ ପୂର୍ଣ୍ଣାଙ୍ଗ ରୂପ ପାଏତ ଏହି ଦଳଦ୍ୱାରା ସମ୍ଭବ ହେବ । ବାହିନୀ ଦଳର ନିଷ୍ଠା ଓ ତ୍ୟାଗ ଉନ୍ନତ କାମିମାନଙ୍କ ଆଦର୍ଶ ସ୍ଥାନୀୟ ଓ ସମସ୍ତଙ୍କ ଅନୁକରଣ ଯୋଗ୍ୟ । ଆମ୍ଭେ ପ୍ରାଚୀନ ପନ୍ଥୀ ଓ ଜାତୀକର୍ମୀ ଏହି ଦଳର ନିଷ୍ଠା ଓ ତ୍ୟାଗକୁ ପ୍ରାଣର ସହିତ ଅଭିନନ୍ଦନ ଜଣାଇ ସର୍ବଦା ସେ ଦଳର ମଙ୍ଗଳ କାମନା କରୁଛୁଁ । ମିଃ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଯେଉଁ ଯେଉଁ ଜାତିକୁ ଗଢିଦେଇ ଯାଇଅଛନ୍ତି, ଏହି ବାହିନୀ ଦଳ ସେ ଜାତିକୁ ନିଷ୍ଟେ ରୂପରେଖା ଦେଇ ମିଳନ ଶଙ୍ଖ ବଜାଇବାକୁ ସମର୍ଥ ହେବେ ଏହି ବିଶ୍ୱାସ ଆମ୍ଭର ଅଛି । ବାହିନୀ ଦଳ ସାରା ଓଡ଼ିଶା ମଧ୍ୟରେ ବର୍ତ୍ତମାନ ଉପଯୁକ୍ତ କର୍ମୀ ଦଳ । ଦୁଃଖର ବିଷୟ ଏହି କର୍ମୀ ସଂଘର ପୃଷ୍ଠପୋଷକ ଭାବେ ଏକ ପଣ୍ଡିତ ଗୋଦାବରୀଶ ମିଶ୍ର ଏମ ଏ ଓ ମିଃ ଭାଗବତ ଚରଣ ମହାନ୍ତି ବି ଇ, ଛଡ଼ା ଓଡ଼ିଶା ମଧ୍ୟରେ ଆମ୍ଭେ ଆଉ କାହାକୁ ଦେଖୁନାହୁଁ । ତଥାପି ବାହିନୀଦଳ କାମରେ ଆଗେଇ ଚାଲିଛନ୍ତି । ସେମାନଙ୍କ ଜୟଯାତ୍ରା ପଥରେ ଉକ୍ତ ଦଳର ବିବରଣୀଦିକୁ ପ୍ରକାଶ କରିବାପାଇଁ ଓଡ଼ିଶାର ନିର୍ଭୀକ ସାପ୍ତାହିକ ଅନ୍ୟତମ ବାହିନୀକର୍ମୀ ବାବୁ ଘନଶ୍ୟାମ ନାୟକ ନିକଟରେ ଯେଉଁ 'ବିଶାଳ ଉତ୍କଳ' ନାମକ ପାକ୍ଷିକ ପତ୍ର ପ୍ରକାଶ କରୁଛନ୍ତି ତଦ୍ୱାରା ଆଲୋଚନାର ପଥ କଥଞ୍ଚିତ ସୁଗମ ହୋଇଛି ଅନ୍ୟାନ୍ୟ ପତ୍ର ପତ୍ରିକା ଯଦି ବିଶାଳ ଉତ୍କଳପରି ବାହିନୀ ବିଷୟମାନ ପ୍ରକାଶ କରୁଥାନ୍ତେ ବିଚ୍ଛିନ୍ନ ଓଡ଼ିଆଙ୍କ ବିଷୟ ନେଇ ତୁମୁଳ ଆନ୍ଦୋଳନ କରୁ-ଥାନ୍ତେ ଓଡ଼ିଶାର ହିତ ଦୃଷ୍ଟିରୁ ଓଡ଼ିଆ ସ୍ୱାର୍ଥକୁ ନେତାମାନେ ବାହିନୀ ଦଳ ଭଳିଆ ବୁଝୁଥାନ୍ତେ ତାହା ହେଲେ ଓଡ଼ିଶାର ଭାଗ୍ୟ କିପରି ଉଜ୍ଜ୍ୱଳ ହୋଇ ଉଠନ୍ତା, ତାହା ପଡ଼ୋଶୀମାନେ ଦେଖି ପାରୁଥାନ୍ତେ । କଥାରେ ଅଛି ଦୁର୍ବଳକୁ ସମସ୍ତେ ଚିପନ୍ତି । ଭଙ୍ଗା ଘରର ଛପର ଅଳପ ବତାସରେ ଉଡ଼ିଯାଏ । ଭଙ୍ଗା ହାଣ୍ଡିକୁ ସମସ୍ତେ ଭାଙ୍ଗନ୍ତି । ସେମିତି ଦୁର୍ବଳର ପ୍ରତି ଅତ୍ୟାଚାର ସମସ୍ତେ କରନ୍ତି । ଓଡ଼ିଆ ବଳିଷ୍ଠ ବୀର ଜାତି ଯଦି ଦୁର୍ବଳ ହୋଇଥାଏ ତେବେ ତାହା ମୂଳରେ ବର୍ତ୍ତମାନ ନେତାମାନଙ୍କ ସହାନୁଭୂତିର ବିଶେଷ ଅଭାବ ଓ ଅନୈକ୍ୟତା ଯେ ଓଡ଼ିଆ ଜାତିକୁ ଦୁର୍ବଳ କରିଛି ସେଠାରୁ ନେତା-ମାନଙ୍କ ଅନ୍ୟ ପ୍ରଦେଶୀ ନେତାଙ୍କଠାରେ ଉଦାରତା ଓ ମହାଭାରତୀୟତା ଯେ ଖାଇଛି ତହିଁରେ ସନ୍ଦେହ



Digitized by srujanika@gmail.com

ନାହିଁ ବାହିନୀ କର୍ମୀ ଦଳ ଅବଶ୍ୟ ବର୍ତ୍ତମାନ ସେହି ସବୁ ଭାବର ପ୍ରତିବିଧାନକରି ଚାଲିଛନ୍ତି, ସେ ଦଳ ଭିତରେ ଯେଉଁ ଏକତା ଶକ୍ତି ଆସିଛି, ସେମାନେ ଯେଉଁ ନବଶକ୍ତି ଅର୍ଜନକରିଛନ୍ତି ସେହି ନବଶକ୍ତିକୁ ସେମାନେ ଜୟଶ୍ରୀ ମଣ୍ଡିତ ହେବା ଦିଗରେ ନିମ୍ନୋକ୍ତ ଭାବରେ ଅବଶ୍ୟ ଖଟାଇବାକୁ ପଶ୍ଚାତ୍ପଦ ହେବେ-ନାହିଁ, ତଦ୍ୱାରା କର୍ମୀଦଳ—

ନିର୍ଭିଦ୍ୟ ଶୈଳ ଶିଖରଂ ରଭସା ବହନ୍ତି
ଭାଗୀରଥୀବ ସହସା ପରିଭୂୟ ବାଧା ।
ପୁଣ୍ୟ ପ୍ରଭାବ ଶମିତା ଖିଳ ପାପତାପଂ;
ପୁଣ୍ୟୋଜ୍ଜ୍ୱଳା ବିଜୟତାଂ ନବଶକ୍ତି ରେଖା ।
ଦାବାଗ୍ନି ଲଙ୍ଘିତ ତରୁ ବିବରାଗ୍ର ଧାରାଃ
ଘୋରେତମସ୍ୟଭି ନବା ତପନ ପ୍ରଭେବ ।
ସଞ୍ଚରଯନ୍ତ୍ୟଖିଳଦେଶ ଜନେଷୁ ଶକ୍ତିଂ
ପୁଣ୍ୟୋଜ୍ଜ୍ୱଳା ବିଜୟତାଂ ନବଶକ୍ତି ରେଖା ।

ଆମ୍ଭର ମନେ ହେଉଛି ଏହି ବାହିନୀ ଦଳ ନବଶକ୍ତି ଦ୍ୱାରା ବଳୀୟାନ ଯେତେବେଳେ ହୋଇଛନ୍ତି ଜାତିର ମଙ୍ଗଳ ତଥା ଜାତୀୟ ମିଳନ ଘଟାଇବା ଦିଗରେ ପର୍ବତ ପ୍ରମାଣ ବାଧାକୁ ଲଙ୍ଘନକରି ଅବଶ୍ୟ କର୍ମକରି ଚାଲିବେ । ପ୍ରଭୁ ସେ ଦଳର ଏକମାତ୍ର ସହାୟ । ସେମାନଙ୍କ ଆନ୍ଦୋଳନ ଫଳରେ ଆଜି ଓଡ଼ିଶା କାଉନ୍‌ସିଲ୍‌ରେ ଯେତେବେଳେ ବିଚ୍ଛିନ୍ନ ଅଞ୍ଚଳ ମିଳନ ନେଇ ପ୍ରସ୍ତାବ ପାଶ ହୋଇଛି, ସେତେବେଳେ ଫଳ ଗୋଟାଏ କିଛିହେଲେ ହେବ । ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନଙ୍କର ଯେ କଷ୍ଟ ତାହା ଭୁକ୍ତ ଭୋଗୀ ଛଡ଼ା ଅନ୍ୟ କେହି ବୁଝି ପାରିବେ ନାହିଁ । ତେଣୁ ଆଜି ଏହି ମଧୁମାସରେ ଟେକାଲି ରାଜ୍ୟର ଯୁବ୍ନୟୂର ରାଜା ଶ୍ରୀ ଶ୍ରୀ ଶ୍ରୀ ମଧୁସୂଦନ ହରିଚନ୍ଦନ ଜଗଦେବ ବି, ଏ, ବାହାଦୂରଙ୍କ ସମ୍ପାଦକତ୍ୱରେ ‘ବୀଣା ମାସିକ ଆମ୍ଭ ପ୍ରକାଶ କରୁଛୁ, ମଧୁମାସର ଆରମ୍ଭ ‘ବୀଣା’ ମଧୁସୂଦନଙ୍କ ଦ୍ୱାରା ମଧୁମୟ ହୋଇ ଉପଯୁକ୍ତ ଆନ୍ଦୋଳନକରି ବିଚ୍ଛିନ୍ନ ଓଡ଼ିଆର ମିଳନ ଘଟାଇ ‘ପୂର୍ଣ୍ଣାଙ୍ଗ ଉତ୍କଳ’ କରୁ ଏବଂ ବାହିନୀ ସେହି ବୀଣା ସ୍ୱରରେ ମନ୍ତ୍ରମୁଗ୍ଧହୋଇ କର୍ମରେ ଦୃଢ଼ ହେଉ, ଉପଯୁକ୍ତ ପୃଷ୍ଠପୋଷକପାଇ ଧନ୍ୟ ହେଉ, ଏହାହିଁ ବିଚ୍ଛିନ୍ନ ଦୀନ କର୍ମୀର ପ୍ରାଣର ପ୍ରାର୍ଥନା । ଅଜ ରାଜା ସାହେବଙ୍କ ଶ୍ରୀମୁଖରେ ଆମ୍ଭର ନିବେଦ୍ୟ ଯେ—

‘ବିଚ୍ଛିନ୍ନ ଓଡ଼ିଆ କଷଣ ଦେଖିଣ
ପ୍ରତିକାର ଉଦ୍ଦେଶ୍ୟରେ
ପ୍ରକାଶ କରୁଛ ବୀଣା ପତ୍ରିକାକୁ
ଜାଣିଛି ମୁହିଁ ଅନ୍ତରେ ।
ସୁଖ ତଳପ ତ୍ୟଜି ଯେ ବ୍ରତ ନେଇଣ
ବୀଣା କରୁଛ ପ୍ରକାଶ
ତବ ଉଦ୍ଦେଶ୍ୟରେ ସହାୟ ହୁଅନ୍ତୁ
ସେହି ପ୍ରଭୁ ପୀତବାସ ।
ହେ ମଧୁସୂଦନ ଜାତି ପ୍ରାଣଧନ
ଜଗଦେବ ବାହାଦୂର
ତୁମକୁ ଅଖଣ୍ଡ ସ୍ୱାସ୍ଥ୍ୟ ଦୀର୍ଘ ଆୟୁ
ଦିଅନ୍ତୁ ପ୍ରଭୁ ନିକର ।’

ବୀଣାକୁ ଉଦ୍ଦେଶ୍ୟ ପୂରଣରେ ଲଗାଇ ବୀଣାକୁ ସ୍ଥାୟୀ କରନ୍ତୁ । ଜୟ ଉତ୍କଳ !



Digitized by srujanika@gmail.com

# ସଙ୍ଗୀତ

ଶ୍ରୀ ବିନାୟକ ମିଶ୍ର

ବଇଁଶୀ ବଜାଏ ଗାଆଁ-ମଝିରେ
ଖୋଜିଲେ ସଗ ନାହିଁ ତହିଁରେ
କାନ ହେଲା ଭୁଆଁ ଭୁଆଁ,
ଡ଼ାକେ ଧରି କାହାର ନାଆଁ,
ନାଆଁ ନଥିଲେ ରେ !
କେହି କି କରିବ ହାଆଁ ?

ଆପଣା-ସୁଖେ ହେଲୁ ତୁ ବାଇ,
ପରଦୁଃଖେ ଜ୍ୱଳେ ଅନ୍ତରେ ଥାଇ,
ତୋର ଆଖିରୁ ନବହେ ଲୁହ,
ଆଉ କଥା ଉଲକୁ ଥୁଅ,
କହାଇ ପାରିବୁ କାହାକୁ
କାପର—କୁହ

ଜଗତେ ଧନରେ ଅଛୁ କି ଯଶ ?
କଥା ପଦକରେ ସବୁଏ ବଶ,
କଥାରେ ଶ୍ରୋତା-ଅନ୍ତର-
ବେଦନା ନୋହିଲେ ମୁଖର
ଯାଉ ଛିଡ଼ି ବେଗେ ତୋର
ସଗିଣୀ-ହୃଦର ।

# ଭଂଜ-ସାହିତ୍ୟରେ ରାଜ୍ୟ-ପାଳନ

ଶ୍ରୀ କପିଳେଶ୍ୱର ଦାସ, ଏମ୍ ଏ, ବି ଇ ଡି,

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ନାମ ଉଚ୍ଚାରଣରେ ଅଜିକାଲି ସାଧାରଣରେ ଆମର ଆଧୁନିକ ଶିକ୍ଷିତ ମଣ୍ଡଳୀ ମଧ୍ୟରେ ଦୁଇପ୍ରକାର ପ୍ରତିକ୍ରିୟା ଦେଖା ଯାଇଥାଏ । ଗୋଟାଏ; ଭଞ୍ଜ ସାହିତ୍ୟର ଅଗ-ମୂଳ ପ୍ରାୟ କିଛି ନ ଜାଣି, ନ ବୁଝି, ନ ଶୁଣି ଗତାନୁଗତିକ ଭାବରେ ସ୍ୱର୍ଣ୍ଣ-ପୁରାତନର ଛଳନାରେ ଅସମାଲୋଚକ ଦୃଷ୍ଟିରେ ପ୍ରଶଂସା—ମୁଣି ଝାଡିବା; ଅନ୍ୟଟି, ଦୁଃସମାଲୋଚକଙ୍କ ଦୃଷ୍ଟିରେ ପ୍ରଗତି-ଦୁରଭିମାନ-ସ୍ରୋତରେ ଭାସି ସଂକୀର୍ଣ୍ଣ-ମତବାଦ-ଛଳନାରେ ସେହିପରି କିଛି ନ ବିଚାରି, ଆଲୋଚ୍ୟ ବିଷୟରେ ପ୍ରବେଶ ନକରି, ତହିଁରେ ଅବଗାହନ କରି ନିନ୍ଦା ବାଣୀ ଶୁଣାଇବା । ମୁଁ ଯେତେଦୂର ଭଞ୍ଜ ସାହିତ୍ୟ ଆଲୋଚନା କରିଛି, ମୋର ବିଶ୍ୱାସ ଏ ଦୁଇଟିଯାକ ଅତିଶୟ ଉକ୍ତି । ଭଞ୍ଜ-ସାହିତ୍ୟରେ ଠାଏଁ ଠାଏଁ ଅଶ୍ଳୀଳତା ଦୋଷ, କୁରୁଚିର ନଗ୍ନ ପ୍ରକାଶ, ଅପ୍ରାକୃତ ବିସ୍ତୃତି, ଶବ୍ଦ-ଯାଠବର ଅତିଶଯ୍ୟତା, କ୍ଲିଷ୍ଟତା, ଦୁର୍ବୋଧ୍ୟତା, ସହଜ ସରଳ ଭାବର ଆଚ୍ଛାଦନ ନ ଥାଇ ନାହିଁ । କିନ୍ତୁ ମନେ ରଖିବାକୁ ହେବ



Digitized by srujanika@gmail.com

ପ୍ରାଚୀନ ଠାରୁ ନବୀନ ପର୍ଯ୍ୟନ୍ତ ବିଶ୍ୱ-କବିମାନଙ୍କଠାରେ ମଧ୍ୟ ଥାନେ ଥାନେ ଏ ଦୋଷ ଗୁଡ଼ିକ ଅସେପ ଦେଖାଯାଏ । ଇଂରେଜ କବି ବ୍ରାଉନିଂଙ୍କ କବିତା ତାଙ୍କର ସମସାମୟିକ ବିଖ୍ୟାତ କବି ଟେନିସନ୍‌ଙ୍କ କବିତା ତୁଳନାରେ ଅତି କଠୋର ଅବୋଧ୍ୟ, ଅପ୍ରାକୃତ ବୋଲି ବହୁକାଳ ମତ ପୋଷଣ କରାଯାଇଥିଲା । କିନ୍ତୁ ଗଭୀର ଆଲୋଚନା ଉତ୍ତାରୁ ବର୍ତ୍ତମାନ କୁହାଯାଉଛି ବ୍ରାଉନିଂ ଟେନିସନ୍‌ଙ୍କ ଅପେକ୍ଷା ଗଭୀର ଭାବୁକ, ବଳିଷ୍ଠ ବାଗ୍ମୀ, ଚିନ୍ତାପୂର୍ଣ୍ଣ ଆଲୋଚକ, ଦକ୍ଷ ଜୀବନ-ଅନୁସନ୍ଧିତ୍ସୁ । ଆଦିରସର ବାହୁଲ୍ୟ ଦାନ୍ତେ କାଳିଦାସ ଇତ୍ୟାଦିଙ୍କ ଠାରେ ଲଗାହୁଏ । ମୂଳକଥା, ଆମକୁ ଯୁଗଧର୍ମ, କାଳଗତ, ବିଭିନ୍ନ ସାମାଜିକ ପରିସ୍ଥିତି, ବିଭିନ୍ନ ଚିନ୍ତାର ସ୍ତର ଉପରେ ଦୃଷ୍ଟିରଖି କୌଣସି ବିଷୟ ଆଲୋଚନା କରିବାକୁ ପଡ଼ିବ । ନ ହେଲେ, ପକ୍ଷପାତୀ ବା ଏକଦର୍ଶୀ ହେବାର ସମ୍ଭାବନା ବେଶୀ । ସେ ଯାହାହେଉ, ଆଧୁନିକ-ସମାଲୋଚନା-ନିକଷରେ ମଧ୍ୟ ଭଞ୍ଜ-ସାହିତ୍ୟ-ସ୍ୱର୍ଣ୍ଣକୁ କଷିଲେ, ତହିଁରେ ଯଥେଷ୍ଟ ଉତ୍କର୍ଷ, ଉପାଦେୟତା, ବହୁମୁଖୀ ପ୍ରତିଭାର ପରିଚୟ ମିଳିବ ବୋଲି ମୋର ବିଶ୍ୱାସ । ଭଞ୍ଜ-ସାହିତ୍ୟକୁ ଆମେ ନାନା ଦିଗରୁ ଆଲୋଚନା କରିନାହୁଁ । କେବଳ 'ଶୃଙ୍ଗାର' 'ନାୟକ' 'ନାୟିକା' ଇତ୍ୟାଦି କେତୋଟି ମାମୁଲି ଦୃଷ୍ଟିରୁ ଚାହିଁଛୁ । ଜଣେ ସେକ୍ସପିଅରଙ୍କ ଲେଖାର ସମ୍ୟକ୍ ଅନୁଶୀଳନ ଫଳରେ ସହସ୍ର ସହସ୍ର ଗ୍ରନ୍ଥ ଲେଖା ହୋଇଛି । ଓଡ଼ିଆ ସାହିତ୍ୟ ସମ୍ରାଟଙ୍କ ଲେଖା ଉପରେ ଦୁଇ ତିନି ଖଣ୍ଡ ଆଲୋଚନା-ମୂଳକ ଗ୍ରନ୍ଥ ପ୍ରଣୟନର ଉପାଦାନ, ପରିସର, ଅବକାଶ ନାହିଁ ? ମନସ୍ତତ୍ତ୍ୱ ଭାଷାତତ୍ତ୍ୱ, ସମାଜତତ୍ତ୍ୱ, ନୀତି, ସାଧାରଣ ଜୀବନ, ଉଚ୍ଚକୋଟୀ ଜୀବନ, ରାଜନୀତି-ଇତ୍ୟାଦି ବିଭିନ୍ନ ଦିଗରୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ତଥା ଭଞ୍ଜ-ସାହିତ୍ୟ ଅନୁଶୀଳନ କରିବାର ମାର୍ଗ ଫିଟୁ, ଏହା ମୋର ଆନ୍ତରିକ କାମନା ।

ଏ ବିଷୟର କ୍ଷୀଣ ଅନୁକ୍ରମର ଗୋଟିଏ ବିକ୍ଷିପ୍ତ ଉଦାହରଣ ସ୍ୱରୂପ ମୁଁ ଏଠାରେ 'ଭଞ୍ଜ-ସାହିତ୍ୟରେ ରାଜ୍ୟ-ପାଳନ'ର ସଙ୍କେତ ଦେଉଛି । ଆରମ୍ଭରେ ଏପରି ଗୋଟାଏ ବିଷୟ ବାଛିବାରେ କି ଆବଶ୍ୟକତା, ବିଜ୍ଞ ପାଠକ ଅନୁମାନ କରି ପାରୁଥିବେ । ରାଜନୀତିର ପ୍ରବଳତା ଆଜି ସର୍ବବାଦୀସମ୍ମତ । ଐତିହାସିକ ମାର୍ଗରେ ଆଜି-ରାଷ୍ଟ୍ର-ତନ୍ତ୍ର ଉପରେ ବେଶି ଦୃଷ୍ଟି ଦିଆଯାଉଛି । ରାଷ୍ଟ୍ର-ଗଠନ, ପାଳନ, ଏକୀକରଣ, ବିଭିନ୍ନ ରାଷ୍ଟ୍ର ମଧ୍ୟରେ ସମ୍ବନ୍ଧ, ସମ୍ମିଳିତ ରାଷ୍ଟ୍ର ଇତ୍ୟାଦି ଆଜି ରାଷ୍ଟ୍ରନୀତିଜ୍ଞ କାହିଁକି ଜନସାଧାରଣଙ୍କର ମଧ୍ୟ ଦୈନିକ ବ୍ୟବସାୟ ହୋଇ ଯାଇଛି । ରାଷ୍ଟ୍ରର ଆଦର୍ଶ, କର୍ମ-ପନ୍ଥା, ଯୋଜନା, ପ୍ରଣାଳୀ, ରାଷ୍ଟ୍ରମଧ୍ୟରେ ଶାନ୍ତି-ଶୃଙ୍ଖଳା ରକ୍ଷା, ସଂଖ୍ୟାଧିକ ସମୂହ, ବ୍ୟଷ୍ଟି-ସମଷ୍ଟିର ପରସ୍ପର କର୍ତ୍ତବ୍ୟ-ଦାୟିତ୍ୱ-ଅଧିକାର ନିରୂପଣ ସମୂହ କଲ୍ୟାଣ, ସର୍ବବିଧ ମଙ୍ଗଳ ଇତ୍ୟାଦି ସମସ୍ୟା ଆଜିକାଲିର ପ୍ରଧାନ ଆଲୋଚ୍ୟ ବିଷୟ । ଏ ବିଷୟରେ ଭଞ୍ଜ-ସାହିତ୍ୟରେ କି କିଛି ସୂଚନା ଅଛି, ନା ଭଞ୍ଜ-ସାହିତ୍ୟ କେବଳ ରସ-ସନ୍ଦର୍ଭ, ମିଳନ-ବିରହ, କାମକେଳି ବର୍ଣ୍ଣନାରେ ଶେଷ ହୋଇଛି ।

'ଲାବଣ୍ୟବତୀ'ରୁ କେତୋଟି ଧାଡ଼ି ଉଦ୍ଧାର କରୁଛି । କର୍ଣ୍ଣାଟ ଦେଶର ବୟସାତୀତ ରାଜାଙ୍କ ଘରେ ରସିକ, ବୀର, କର୍ମପ୍ରବୀଣ ଯୁବରାଜ ଚନ୍ଦ୍ରଭାନୁଙ୍କର ସିଂହାସନାରୋହଣ ସଂପୃକ୍ତ ଅଭିଷେକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଲା । ବିଶାଳ ରାଜ୍ୟ ପାଳନର ଗୁରୁ ଦାୟିତ୍ୱ ଆଉ ଚନ୍ଦ୍ରଭାନୁଙ୍କ ଲାବଣ୍ୟବତୀର ବାହୁ-ମୃଣାଳ-ବନ୍ଧନରେ ସବୁ ସମୟ ରଖି ପାରିଲାନାହିଁ ସେ ସୁଚାରୁ ରୂପେ ରାଜକାର୍ଯ୍ୟ ଏପରି କୃତିତ୍ୱ ସହକାରେ ସମ୍ପାଦନ କଲେ ଯେ ଅଳ୍ପଦିନ ମଧ୍ୟରେ—

ସେ ନରେଶ୍ୱର ପାଳିବାରେ ଦେଶ,
ନୋହିଲା ଅଣୁ ମିଥ୍ୟାବକାଶ ।
ଦିବସ ନାମରେ ଦିନ ରହିଲା,
ଦିନକୁ ଦଣ୍ଡ ଅଶ୍ରୟ କଲା ।



Digitized by srujanika@gmail.com

ଭସ୍ମ ଚିତାରେ ମାତ୍ର ଶୋଭା ବହୁ
ଯାଜ୍ଞିକ ଦ୍ୱିଜ ଲଲାଟେ ତହୁଁ ।
ଅଟେଶ କଲା ମନ୍ଦ ମଳୟାନିଳେ,
କଳଙ୍କ ଯାଇ ଚନ୍ଦ୍ର ମଣ୍ଡଳେ ।
କୁଟିଳ ନଦୀ ବୀଚିରେ ଲୁଚିଲେ,
ବିଟପୀ ବୃକ୍ଷ ହୋଇ ବଞ୍ଚିଲେ ।
କଣ୍ଟସ୍ଥାନ କଲା ପୁଷ୍ପବଲ୍ଲୀକି,
ମଧୁପ ପଦ ଶୋଭା ଅଳକି ।

ଯଶସ୍ୱୀ ଶ୍ରୁତକୀର୍ତ୍ତି ଚନ୍ଦ୍ରଭାନୁଙ୍କର ରାଜ୍ୟପାଳନ ଫଳରେ କର୍ଣ୍ଣାଟ ଦେଶରେ ଆଉ ମିଥ୍ୟାର ଅବକାଶ ରହିଲାନାହିଁ, କେହି ମିଛ କହିଲେ ନାହିଁ; ସମସ୍ତେ ନିର୍ଭୀକ, ସତ୍ୟବାଦୀ, ସ୍ୱାଧୀନଚେତ ହେଲେ । ସେ ରାଜ୍ୟ ସୀମା ମଧ୍ୟରେ ଆଉ ଦୀନ ବା ଦରିଦ୍ର ରହିଲେ ନାହିଁ; ଦାରିଦ୍ର୍ୟ-ବାଧା ସେ ଦେଶରୁ ଏକାଥରକେ ଦୂରେଇଗଲା; ଅଭାବ କଅଣ କେହି ଜାଣିଲେ ନାହିଁ; ସମସ୍ତଙ୍କର ଅଭାବ ପୂର୍ଣ୍ଣ ହେଲା; ସମସ୍ତେ ସୁଖ-ସମୃଦ୍ଧିରେ କାଳ ଅତିପାତ କଲେ; ଧନ ଜନ ଗୋପ-ଲକ୍ଷ୍ମୀରେ ଦେଶ ଦୃପ୍ତ ଉଠିଲା । ପୁଣି ସେଠାରେ ଲୋକଙ୍କୁ ଆଉ ଦଣ୍ଡ ଦିଆଗଲା ନାହିଁ, ଯେହେତୁ ସେଠାରେ କୌଣସି ପ୍ରକାର ଦୋଷ, ଅକର୍ତ୍ତବ୍ୟ, ଅନାଚାର ଅଧର୍ମ ଆଚରିତ ହେଲାନାହିଁ; ପାପର ପଙ୍କିଳତା ସେ ଦେଶରୁ ଧୋଇ ହୋଇଗଲା; ଶୃଙ୍ଖଳିତ ନୈତିକ ଧାର୍ମିକ ଜୀବନର ଭିତ୍ତି ପତନ ହେଲା; ଧର୍ମରାଜ୍ୟ ପ୍ରତିଷ୍ଠିତ ହେଲା । ଲୋକେ ଅମର ହେଲେ; ଚିତାଗ୍ନି ଆଉ ସେଠାରେ ଜଳିଲା ନାହିଁ । ମଳୟ ସମୀର ମନ୍ଦ ମନ୍ଦ ବହିବା ଛଡ଼ା ସେଠାରେ ଆଉ ମନ୍ଦ ରହିଲାନାହିଁ; କୌଣସି ଖରାପ ଲୋକ ରହିଲେ ନାହିଁ; ଦୁଷ୍ଟ, ହିଂସ୍ରକ, ଅପକାରୀ ମନୁଷ୍ୟ-ପ୍ରକୃତି ବଦଳିଗଲା; ସମସ୍ତେ ପରସ୍ପରର ମଙ୍ଗଳ ବାଞ୍ଛା କଲେ; ଖଳସ୍ୱଭାବ, ଅସାଧୁତା, ନୀଚମନୋବୃତ୍ତି, ଅନିଷ୍ଟକର ଘୃଣ୍ୟତା କିମ୍ବା ଦୂରୀଭୂତ ହେଲା । ତେଣୁ ସେଠାରେ କେହି ଚନ୍ଦ୍ର-ମଣ୍ଡଳରେ କଳଙ୍କ ଦେଖିବା ଛଡ଼ା ଆଉ ଅନ୍ୟ କୌଣସି କଳଙ୍କ ଦେଖିଲେ ନାହିଁ । ଦେଶ ନିଷ୍କଳଙ୍କ ହେଲା; ପବିତ୍ରତା, ନିର୍ମଳତା, ନିଷ୍ପାପ ଆଚରଣ ସମସ୍ତଙ୍କୁ ସଦ୍‌ମାର୍ଗରେ ପଥିକ କରାଇଲା । ନଦୀରେ ଲହରୀର କୁଟିଳ ଗତି ଛଡ଼ା ଅନ୍ୟ କୌଣସି କୁଟିଳତା ସେ ଦେଶର ଜନ-ସମାଜରୁ ଅଦୃଶ୍ୟ ହେଲା । ମହତ୍ ଆଶୟ, ଉଚ୍ଚ ମନୋବୃତ୍ତି ଘେନି ସମସ୍ତେ ସରଳ, ନିରହଙ୍କାର, ନିଷ୍କପଟ ଜୀବନ ଯାପନ କଲେ । କେବଳ ବୃକ୍ଷ ଛଡ଼ା ଆଉ ସେଠାରେ ବିଟପୀ ରହିଲେ ନାହିଁ; ବ୍ୟଭିଚାର ଦେଖାଗଲା ନାହିଁ; ଗୃହସ୍ଥ ଜୀବନରେ, ଦାମ୍ପତ୍ୟ ସମ୍ବନ୍ଧରେ, ନର-ନାରୀ ସମ୍ବନ୍ଧରେ କିଛି ବ୍ୟତିକ୍ରମ, ଅପକ୍ରମ ରହିଲା ନାହିଁ; ପାତିବ୍ରତ୍ୟର ବିଜୟ ବୈଜୟନ୍ତୀ ଉଡ଼ିଲା; ସତୀତ୍ୱର ବିମଳ ପରାକାଷ୍ଠା ପ୍ରକଟିତ ହେଲା । କୁସୁମ-ଲତାରେ କଳି ବା କଳିକା ସ୍ଥାନ ପାଇବା ଛଡ଼ା ଆଉ ଅନ୍ୟ କୌଣସି ଠାରେ ତାହାକୁ ସ୍ଥାନ ମିଳିଲା ନାହିଁ; ଦ୍ୱେଷ, ଶତ୍ରୁତା, ସକଳ ପ୍ରକାର କଳହ, ମନୋମାଳିନ୍ୟ, ସଂଘର୍ଷ, ଆକ୍ରମଣ ସେ ଦେଶରୁ ସ୍ଥାନାନ୍ତର ହେଲା; ସ୍ନେହ, ମୈତ୍ରୀ, କରୁଣାର ନିର୍ଝର ଝର ଝର ବହିଲା । ଅଳି ଫୁଲରୁ ମଧୁ ଶୋଷଣ କରିବା ଛଡ଼ା ସେ ରାଜ୍ୟରେ ଆଉ ମଦ୍ୟପ ଦେଖାଗଲେ ନାହିଁ; ମଦ୍ୟପାନ ସ୍ୱପ୍ନପ୍ରାୟ ହେଲା ।

ଆଉରି ଲେଖାଅଛି—

ଶରଣ କଲା ବୈଦ୍ୟକୁ ମାରଣ,
ଇନ୍ଧନେ ଦେଖାଗଲା ଦାରଣ ।
ରହିଲା କୁଳ ଲଙ୍ଘନ ସରିତେ,
ଶ୍ରୁତିରେ ଗୌର ଶବଦ ସତେ ।
ବକ ଭକ୍ଷଣେ ହଂସେ ରହେ ଏକା,
ସ୍ତନରେ କରପୀଡ଼ା ଆଶଙ୍କା ।
ବନ୍ଧନ ରହିଲା ବାହୁରେ ମାତ୍ର,
ମୃଗୟା ଯହିଁ ହୋଇଲା ଚିତ୍ର ।

× × × ×

ବୈଦ୍ୟ ଔଷଧକୁ ମାରଣ କରିବା ଛଡ଼ା କର୍ଣ୍ଣାଟ ଦେଶରେ ଆଉ ଅନ୍ୟ କୌଣସି ମାରଣା



Digitized by srujanika@gmail.com

କାମ ଦେଖାଗଲା ନାହିଁ, କାଠ ହାଣିବା ଛଡ଼ା ଆଉ ଅନ୍ୟ କୌଣସି ହଣା ହଣି ଚଳିଲା ନାହିଁ, ଲୋକେ ହଣାମରାକୁ ପରମ ଶତ୍ରୁ ମଣିଲେ । ବନ୍ୟାସମୟରେ ନଦୀ କୂଳକୁ ଡେଇଁବା ଛଡ଼ା ଲୋକେ କୁଳଧର୍ମ କୌଣସି ପ୍ରକାରେ ଲଙ୍ଘନ କଲେନାହିଁ । କୁଳରୁ ବାହାରିଯିବା ଘୋର ପାପ ମନେ କଲେ; କୁଳ-ଭ୍ରଷ୍ଟର ନଷ୍ଟଗତି, ବର୍ଣ୍ଣସାଙ୍କର୍ଯ୍ୟର ପରିଣାମ ଭୟାବହ ଧର୍ମ-ପରଂପରା ସାମାଜିକ ସ୍ଥିତି, ଆଦିର ରକ୍ଷାପାଇଁ କୁଳଧର୍ମ ପାଳନ ସର୍ବାଦୌ କର୍ତ୍ତବ୍ୟ—ଗୀତାର ଏହି ମହନୀୟ ବାଣୀ ମର୍ମେ ମର୍ମେ ଉପଲବ୍ଧି କଲେ । ପୁଣି ଲୋକେ କାନରେ 'ଚୋର' ଶବ୍ଦ ଶୁଣିବା ଛଡ଼ା ପ୍ରକୃତରେ ଚୋରକୁ ଦେଖିଲେନାହିଁ; କୌଣସି ଚୋର ହାର ରହିଲାନାହିଁ; ପରସ୍ୱାପହରଣ, ପର-ଦ୍ରବ୍ୟରେ ଆସକ୍ତି, ଲୋଭ ଇତ୍ୟାଦି ସେ ଦେଶରୁ ଉଠିଗଲା ! ହଂସ ବିଷ ବା ପଦ୍ମ-ମୃଣାଳ ଖାଇବା ଛଡ଼ା ଅନ୍ୟ କିଏ ସେ ବିଷ ପାନକରିବା ଅନ୍ତର୍ହିତ ହେଲା । ବିଷପାନ କରିବାର ନିମିତ୍ତ ରହିଲାନାହିଁ । କୌଣସି ଭୟରେ ବିପଦ, ତାପ, ଭଗ୍ନମନୋରଥ, ନିର୍ଘାତ ନିରାଶା ହେତୁ ମନୁଷ୍ୟ ବିଷପାନ ବା ଅନ୍ୟ କୌଣସି ପ୍ରକାର ଆତ୍ମହତ୍ୟା କରେ କିନ୍ତୁ ସେ ଦେଶରେ ତ ସେ ସବୁ କିଛିନାହିଁ, ଆତ୍ମହତ୍ୟା କାହିଁକି ହେବ ? କାରଣ ନଥିଲେ କାର୍ଯ୍ୟ ଆସିବ କୁଆଡୁ ? ପ୍ରେମିକ ପୁଣି ପ୍ରେମିକାର ଘନ-କୁଚ-ଯୁଗ କର-ଯୁଗଳରେ ମର୍ଦ୍ଦନ କରିବା ଛଡ଼ା ସେ ଦେଶର ପ୍ରଜାଗଣ କରଦ୍ୱାରା ପୀଡ଼ିତ ହେଲେ ନାହିଁ, ରାଜା ସ୍ୱଳ୍ପକର ଆଦାୟ କଲେ । ଏଣୁ ପ୍ରଜାମାନେ ସୁଖରେ ରହିଲେ । ପ୍ରଣୟୀ-ପ୍ରଣୟିନୀର ପରସ୍ପର ଭୁଜ-ବନ୍ଧନ ଛଡ଼ା ଅନ୍ୟ କୌଣସିପ୍ରକାର ବନ୍ଧନରେ ସେ ଦେଶ ବାସୀ ଆବଦ୍ଧ ହେଲେନାହିଁ; ସମସ୍ତେ ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ ଅନୁଭବ କଲେ । ଦାସତ୍ୱର ଶୃଙ୍ଖଳ ରହିଲାନାହିଁ, ଜଣେ ଅନ୍ୟ ଜଣକ ଉପରେ ଅଯଥା ଅଧିକାର, ଅତ୍ୟାଚାର କରିପାରିଲା ନାହିଁ; ଶୋଷଣ ନୀତିର ମୂଳୋତ୍ପାଟନ ହେଲା । ପୁଣି ସେ ଦେଶବାସୀ ମୃଗୟା କଅଣ ଜାଣିଲେ ନାହିଁ, କେବଳ ତାହାର ଦୃଶ୍ୟ ଚିତ୍ରପଟରେ ଦେଖିଲେ । ମୃଗୟା ଗୋଟିଏ ବ୍ୟସନ, ତହିଁରୁ ପ୍ରମାଦ ଜନ୍ମେ । ସେ ଦେଶରୁ ତ ସବୁ ବ୍ୟସନ ଦୂର ହୋଇଥିଲା ମୃଗୟା ରହନ୍ତା କୁଆଡୁ ?

ବିଷୟ ବଢ଼ାଇବାର ପ୍ରୟୋଜନ ନାହିଁ । ବିଜ୍ଞ ପାଠକ ବୁଝିପାରିବେ, ପ୍ରାଚୀନ ପ୍ରତିଷ୍ଠିତ ହିନ୍ଦୁ-ପରଂପରା ସହିତ, ସଂଗୃହୀତ ରାଜନୀତିର ସାର ଗ୍ରହଣ ଓଡ଼ିଆ ସାହିତ୍ୟର ସମ୍ରାଟ ଏଠାରେ କିପରି ପରିବେଷଣ କରିଛନ୍ତି, ନୀତିର ଶୁଷ୍କ ବ୍ୟାଖ୍ୟାନ ମାର୍ଗରେ ନୁହେଁ, କବିତାର ରୂପକ ସୁଧାମୟ ଆହ୍ଲାଦନୀ ଶ୍ଳେଷ-ଭଙ୍ଗୀରେ । ପୁଣି ପାଶ୍ଚାତ୍ୟ ରାଜନୀତି ଏହାଠାରୁ ବଳି ଅଧିକ ଆଉ କଅଣ କହୁଛି ? ଆଜି ଯେଉଁ ସାମ୍ୟବାଦ, ସମାଜବାଦ, ଜାତିବାଦ, ପ୍ରଗତିବାଦ, ବିଜ୍ଞାନବାଦ ଇତ୍ୟାଦି ଅଗଣିତ ମତବାଦର ଢେଉ ଆମ୍ଭ ଦେଶକୁ ପ୍ଳାବିତ କରୁଛି, ତହିଁର ଯଥାଯଥ ସାରସଂଗ୍ରହ କଲେ, ଏହାଠାରୁ ବଳି ଆଉ କି ସୁନ୍ଦର ଚିତ୍ର, କି ବିଚିତ୍ର ଆଦର୍ଶ ଫୁଟି ଉଠିବ ? ଆଜି ଆମ ଦେଶରେ ବିଭିନ୍ନ ରାଜନୈତିକ ତଥା ଅନ୍ୟ ପ୍ରକାର ଅନୁଷ୍ଠାନ ପକ୍ଷରୁ ଯେଉଁ ତୁମୁଳ ପ୍ରଚାର ପୁର ପଲ୍ଲୀରେ, ଘରେ ଘରେ ଲାଗିଛି, ତାହାର ସାମୟିକ ଦଳାଦଳି, ସଂକୀର୍ଣ୍ଣତା, ଉଲ୍ଲଟତା, ପ୍ରହେଳିକାକୁ ବାଦ୍‌ଦେଇ ନିର୍ଘାତ ସତ୍ୟ ସଙ୍କଳନ କରି ବସିଲେ, ଏହାଠାରୁ ଆମେ ଆଉ କି ଅଧିକ ଶିକ୍ଷା ପାଉଁ ? ଧନୀ-ଦରିଦ୍ର ଭେଦ ଘୁଞ୍ଚିଯିବ, ସମସ୍ତେ ସମାନ ଅଧିକାର ପାଇବେ, ଶୋଷଣ ନୀତି ଉଠିଯିବ, ତହିଁ ଉପରେ ପ୍ରତିଷ୍ଠିତ ସାମ୍ରାଜ୍ୟବାଦ ଉଠିଯିବ, ଆଉ ପ୍ରଳୟଙ୍କର ସମର ହେବନାହିଁ, ପୃଥିବୀ ବ୍ୟାପୀ ଶାନ୍ତି ରାଜତ୍ୱ କରିବ, ଅନୀତି ଘୁଞ୍ଚିଯିବ, ଆନ୍ତର୍ଜାତିକ ମାନବିକତା ଉନ୍ନତର ଉଚ୍ଚତର ସ୍ତରକୁ ଉଠିଯିବ, ହତ୍ୟା-ଲୁଣ୍ଠନ-ଦହନର ଲୋମହର୍ଷଣ କାଣ୍ଡ ଲୋପ-ଯିବ, ଅଭାବର ତୀବ୍ର ତାଡ଼ନା ଲୋକ ପ୍ରାଣକୁ ମୁହ୍ୟମାନ କରିବନାହିଁ, ଉପଯୁକ୍ତ ଅବସର, ଆମୋଦ



Digitized by srujanika@gmail.com

ପ୍ରମୋଦ, ଜୀବନର ସୌନ୍ଦର୍ଯ୍ୟ ଅନୁଭୂତିର ଅବକାଶ ସମସ୍ତେ ପାଇବେ—ଏହିତ ଆମ ଦେଶର କାହିଁକି ସମଗ୍ର ପୃଥିବୀର ଅଜକାଲିକାର ଭାବନା-ତରଙ୍ଗ । ବୀର ଉପେନ୍ଦ୍ର ସଂକ୍ଷେପରେ କେତୋଟି ଧାଡ଼ି କବିତାରେ ତହିଁରୁ କେଉଁଟି ଛାଡ଼ିଛନ୍ତି ? ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ମଣ୍ଡଳୀର ଏ ସାମାନ୍ୟ ଲେଖା ଭଞ୍ଜ-ସାହିତ୍ୟ-ସମାଲୋଚନାର ନୂଆ ମାର୍ଗ ଫିଟାଇଲେ ମୁଁ ସୁଖୀ ହେବ ।

# ଭିକାରିଣୀ

ଶ୍ରୀ ଜଗନ୍ନାଥ ଦେବ ବର୍ମା

ଆଜକୁ ଦଶଦିନ ହେଲା ମୁଁ ସେଇ ଷୋହଳ ବର୍ଷ ବୟସୀ ଭିକାରୁଣୀକୁ ପ୍ରତିଦିନ ଦୋକାନ ପାଖରେ ଦେଖେ । ଜଳଯୋଗ ସାରି ଦୋକାନରୁ ଫେରିଲା ବେଳକୁ ବାଟରେ ଭିକ୍ଷା ପାତ୍ରଟି ଦେଖାଇ ମାଗୁଥାଏ "ବାବୁ"— ଭିକ ମୁଠେ" ମୁଁ ପ୍ରତିଥର ତାର ଭିକ୍ଷାପାତ୍ରରେ ଗୋଟିଏ ପଇସା ପକାଇ ଫେରୁଥାଏ । ସେ ମୋର ସମୟକୁ ପ୍ରତିଦିନ ଅପେକ୍ଷା କରି ମୋଠାରୁ ପଇସାଟିଏ ଆଦାୟ କରି ନେଉଥାଏ ।

ଦିନକର ଘଟଣା'

ଦିନେ ସେ ମୋର ଦେୟ ପଇସାଟି ଆଦାୟ କରି ଆଉଜଣଙ୍କ ପାଖକୁ ଯାଇ "ବାବୁ ଭିକ ମୁଠେ" ବୋଲି ମାଗିଲା । ଯୁବକଟି କିଛି ନକହି ସିଗାରେଟ ଧୂଁଆ ଏଣେ ତେଣେ ଫୁ ଫୁ ଛାଡ଼ି ସେ ସାଥୀଙ୍କ ସହିତ କଥା ଲଗାଇଥାନ୍ତି । ମୁଁ ଦୋକାନ ବାଲାକୁ ଦୁଇଟି କଡ଼ା ପାନ ସକାଶେ ଫରମାସ ଦେଇ ସେଠାରେ ଠିଆହୋଇ ଏ ଦୃଶ୍ୟ ଦେଖୁଥାଏ । ଯୁବକର ପ୍ରତି ଭ୍ରୂକ୍ଷେପରେ ଅଭିମାନର ନଗ୍ନ ପ୍ରକାଶ । ମୁଁ ମନେ ମନେ ଭାବୁଥାଏ— ଦେଶର ଅବସ୍ଥା, ଦୁଃଖୀଙ୍କର ପେଟପୋଡ଼ା ଜୀବନ ଆଉ ତା ସାଙ୍ଗକୁ ସୁଖୀଙ୍କର ଏ କୁତ୍ସିତ ବ୍ୟବହାର, 'ହାଅନ' 'ହାଅନ'ର ବ୍ୟାକୁଳ ଚିତ୍କାରରେ ବାଟଘାଟ ଥରି ଉଠୁଛି ଆଉ ତା ସାଙ୍ଗକୁ ଲାଗିଛି ଆମ ବିଳାସ - ପିଚ୍ଛିଳ ଜୀବନର ବିଭତ୍ସ ଅଭିନୟ ! ସତ କହୁଛି, ମୋର ହୃଦୟରେ ମର୍ମନ୍ତୁଦ କ୍ରୋଧ ଉଠିଲା; କିନ୍ତୁ ସେତ ମୋର ଅପରିଚିତ । ଯଦି ପରିଚିତ ହୋଇଥାନ୍ତେ, ତେବେ ଉପଯୁକ୍ତ ଉପଦେଶ ଦେଇଥାନ୍ତି । ଯୁବକ ଉଚ୍ଚ ବପୁ, ସୁଢ଼ଳ, ଗୌରବର୍ଣ୍ଣ, ତାମ୍ରକେଶ, ହାତରେ ଖଣ୍ଡିଏ ରିଭଲଭର୍ ।

ଭିକାରୁଣୀ କରୁଣ ସ୍ୱରରେ ତିନିଥର "ବାବୁ ଭିକମୁଠେ" ବୋଲି ମାଗିଲା । କିନ୍ତୁ ଦୁରଭିମାନୀ ତରୁଣ ନୀରବ ; ଚତୁର୍ଥଥର ମାଗିଛି କି ନାହିଁ, ଯୁବକ ରାଗରେ ଉତ୍ତର ପଡ଼ି ଯୋତାରେ ନିର୍ମମ ପ୍ରହାର ଦେଲେ ! ଅଜାଣତରେ ମୁଁ କହି ପକାଇଲି "କି ପାଷାଣ୍ଡ ବ୍ୟବହାର ।"

ଯୁବକ ମୋ ଆଡ଼େ ଚାହିଁଲେ । କିନ୍ତୁ କିଛି କହିଲେ ନାହିଁ, ଯଦି ଏପରି ଘଟଣା କୋଡ଼ିଏ ବର୍ଷ ତଳେ ଘଟିଥାନ୍ତା, ବୋଧହୁଏ ସେ ମୋର ଜୀବନକୁ ରିଭଲ୍‌ଭର୍‌ରେ ନେବାପାଇଁ କୁଣ୍ଠିତ ହୁଅନ୍ତେ ନାହିଁ । କିନ୍ତୁ ସେଇ ଅନ୍ଧାର ଯୁଗ ଯାଇ ଆଜି ଆଲୁଅ ଆସି ପହଞ୍ଚିଲାଣି ।

ଭିକାରୁଣୀ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିଲା । ମୁଁ ତାକୁ ପାଣିମୁନ୍ଦେ ପିଆଇ ଦେଲି । ସେ ଆଖି ମେଲିଲା । ଦେଖିଲି ଦୋଳାତଳେ ଦୁଇଟି ଲୁହଠୋପା ଝରି ପଡ଼ୁଛି ।

ଦୃଷ୍ଟି ଆନତ କରି କରୁଣ ସ୍ୱରରେ ସେ ମୋତେ କହିଲା, "ଆପଣ କିଏ ସେ ?"

ଉତ୍ତର ଦେଲି "ଉଠ, ତୁମ ଘରେ ଛାଡ଼ି ଆସିବି ।"



Digitized by srujanika@gmail.com

ଭିକାରୁଣୀ ଉଠୁ ଉଠୁ କହିଲା, "ମୋର ଘର ସାରା ଦୁନିଆ, ଆପଣ କେଉଁଆଡ଼େ ଯିବେ ?"

ବୋଧକଲି, ଏ ପ୍ରଶ୍ନର ଅବ୍ୟକ୍ତ ଭାବ ଗମ୍ଭୀର । ଛାତି ମୋର ଦୁଃଖରେ ଭାରାକ୍ରାନ୍ତ ହେଲା । ଭାବିଲି, ଘରକୁ ନେଇ ଅତିଥି କରନ୍ତି । କିନ୍ତୁ ସଂକୋଚ ଲାଗିଲା । ତା'ର ହାତକୁ ଗୋଟିଏ ପଇସା ବଢ଼ାଇ ଦେଇ ଚାଲିଲି ସିଧା ପାର୍କକୁ, ଯାଉ ଯାଉ ଏ ମୋର ନାନା ଭାବନା-ଲହରୀ ମନ ସିନ୍ଧୁ ଗର୍ଭରେ ଉଠୁଥାଏ । ଅରକ୍ଷିତା ଭିକାରୁଣୀ, ତା'ପ୍ରତି ଏପରି ନିଷ୍ଠୁର ଅତ୍ୟାଚାର ! ଆହା, ଦୁନିଆରେ ଏପରି ଲକ୍ଷ ଲକ୍ଷ ଲୋକ ନିଜର ମାନ ମହତ୍ତ୍ୱ ହରାଇ କି କଷ୍ଟ ଜୀବନ ଯାପନ କରନ୍ତି । ଏହାପାଇଁ କିଏ ଦାୟୀ ? ଭାବନା- ସ୍ରୋତକୁ ହଠାତ୍ ଅଟକାଇ ଦେଇ ପଛପଟୁ ସହପାଠୀ ଶିଶିର ପିଠିରେ ମୃଦୁ ଚପେଟିକା ଆଘାତ କରି କହିଲା "କ'ଣ ମ ? କେଉଁ ଦିଗେ ଆଜି ?"

"ପାର୍କ୍ ଦିଗେ । ଚା'— ଥରେ ବୁଲି ଆସିବା ।" ଦୁହେଁ ମିଶି ପାର୍କ୍‌ର ଖଣ୍ଡିଏ ବେଞ୍ଚ ଉପରେ ବସିଲୁ ।

ଖୋଲା ରେଡ଼ିଓରୁ ଗୀତ ଛୁଟୁଥାଏ "ଆଖିୟାଁ ମିଲାକେ ଜିଅଭାରମାକେ ଚାଲେନାହିଁ ଯାନା ।" ଶିଶିର ତା'ସଙ୍ଗେ ମିଶି ଗାଇବାକୁ ଲାଗିଲା । ଗୀତଟି ଶୁଣିଲା ବେଳକୁ ଭିକାରୁଣୀର ଚଟୁଳ ଚାହାଁଣି ମୋର ଅଙ୍ଗ-ଲତାରେ ଆଣିଥିବା ଶିହରଣ ସେତିକେବେଳକୁ ମଧ୍ୟ ଯାଇନଥିଲା । ମନେହେଲା, କିଏହି ଜଣେ ଅଧିକାର କରୁଛି । ମନେ ପଡ଼ିଲା, ଅଲକ୍ଷିତରେ ମୋର ଦୃଷ୍ଟି କିପରି ତା'ର ବକ୍ଷ ଉପରକୁ ଢଳି ପଡ଼ିଥିଲା । ଚିରା ଖଦଡ଼ର ଫାଙ୍କେ ଫାଙ୍କେ ଦମିତ ଯୌବନର ନଗ୍ନଶୋଭା କିପରି ଫୁଟି ଉଠୁଥାଏ । ଆଉ ଅବିଚାରରେ ସେ ରୂପର ପୂଜାରୀ କିପରି ହୋଇ ପଡ଼ିଥିଲି ମୁଁ ।

କେଜାଣି କେତେବେଳୁ ଗଗନ ମାର୍ଗରେ ଭଙ୍ଗାଞ୍ଜିଲ ମେଘମାଳା ଭାସିଉଠିଲି ।ଆଶାର ଆସାର ପାଇ ତୃଷିତ ଚାତକ ନାଚି ଉଠିଲା । ନୀରଦ—ମାଳକରେ ସ୍ୱର୍ଣ୍ଣ ଖଡ଼୍ଗ ତଡ଼ିଲ୍ଲତା କ୍ଷଣେ କ୍ଷଣେ କଷି-ଦେଲା । ବୁଭୁକ୍ଷୁ ଶୁକ୍ଳକା ବର୍ଷାର ଜଳବିନ୍ଦୁକୁ ଅନାଇ ରହିଲା । ଟିପି'ର ଟିପି'ର ହୋଇ ବର୍ଷା ଝରିଲା ।

ଶିଶିର କହିଲା, "ବିପିନ୍, ବର୍ଷା ହେଲାଣି ମ, ଚା' ଫେରିଯିବା ।"

ଦୁହେଁ ଚାଲିଲୁ । ଶିଶିର ପଚାରିଲା, "ବିପିନ୍, ପ୍ରଥମ ଗୀତଟି କେଉଁ ସିନେମାର କହିଲୁ ।"

"ରତନ୍ ଫିଲ୍ମ୍‌ର ।"

'ଆଚ୍ଛା ବିପିନ୍, ତୁ ସଂଗୀତକୁ ଠିକିଏ ହେୟ- ଜ୍ଞାନ ମନେକରୁ କାହିଁକି ?"

'ତୁ ଭୁଲ ବୁଝିଛୁ । ମୁଁ ସଂଗୀତକୁ ପ୍ରଶଂସା କରେ । କିନ୍ତୁ କଥାଟା ହେଉଛି 'ତହିଁରେ ମୋର ସମ୍ପୂର୍ଣ୍ଣ ନାହିଁ, କିନ୍ତୁ ରୁଚି ନିଶ୍ଚୟ ଅଛି ।"

"ହଁ, ବୁଝିଲି ।"

ଲୋକ ଗହଳିରେ ଶିଶିର ଆଉ ମୁଁ କେଉଁ- ଆଡ଼ୁ କେତେ କଥା ଗପ ଲଗାଇ ଚାଲିଥାଉ । ପିଟିଲା ବର୍ଷା ଝୋ ଝୋ କରି । କିଏ ଦୋକାନ ଭିତରକୁ ଗଲେ, କିଏ ବରଣ୍ଡା ଉପରକୁ ଉଠିଲେ ଆଉ କିଏ ଚାଲିଥାନ୍ତି ଦ୍ରୁତ ଗତିରେ । ଅଧ ଫର୍ଲଙ୍ଗ ଦୂରରେ ଆମ ଘରକୁ ଯିବା ବାଟ । ଶିଶିର ପଶ୍ଚିମ ଦିଗେ ଆଉ ମୁଁ ପୂର୍ବ ଦିଗେ Good Night କହି ଧାଇଁଲୁ । ନଜର ମୋର ଘର ଉପରେ ପଡ଼ୁଛି କି ନାହିଁ ବର୍ଷା ମୁଷଳ ଧାରରେ ପାତ ହେଲା । ଘରେ ପହଞ୍ଚି ଲୁଗା ପାଲଟି ରେକ୍‌ରେ ଦୋହଲୁଥିବା ଖଣ୍ଡିଏ ଢିଲା ପାଇଜାମା ଗଳାଇଲି । ଆଇନା ଆଗରେ କେଶ ସଜାଇ ସିଗାରେଟ ଲଗାଇ ବସିଲି ଖଣ୍ଡିଏ ଆରାମ ଚଉକିରେ । ପୁଝାରୀକୁ ଭୋଜନ ଯୋଗାଡ଼ କରିବା- ପାଇଁ ଦରଦ ଦେଲି । ଟେବୁଲ ଉପରେ ଥିବା 'ରଶ୍ମି' ପତ୍ରିକା ଓଠାଇଆଣି ଲେଉଟାଉ ଲେଉଟାଉ ଆଖି ପଡ଼ିଲା ଶ୍ରୀ ବିନୋଦ ମିଶ୍ରଙ୍କର ଖଣ୍ଡିଏ କବିତା ଉପରେ । ଭାବ ସରଳ, ସୁଖପାଠ୍ୟ, ଲେଖକ ମୋର

ସହପାଠୀ, ହାସ୍ୟକର ବନ୍ଧୁ, ସେ ଯେଉଁ ଛବୀକୁ ଲକ୍ଷକରି କବିତାଟି ରୂପାୟନ କରିଛନ୍ତି ସେ ମଧ୍ୟ ମୋର ପରିଚିତା । ଏଣୁ କବିତାର ଅନ୍ତର୍ନିହିତ ଭାବ ଗ୍ରହଣରେ ମୁଁ ସମର୍ଥ ହୋଇଥିଲି । ପୁଝାରୀ ଡ଼ାକିଲା । ମୁଁ ଚାଲି ଗଲି ଦୁଇମହଲା ଉପରକୁ ଖାଇବା ସକାଶେ । ବର୍ଷାର ଧାରା ମୃଦୁପାତ ଚାଲିଥାଏ ନୀରବଚ୍ଛିନ୍ନ ଗତିରେ ।

ଅଧା ଖିଆ ହୋଇଛି, ଶୁଣିଲି, "ବାବୁ, ମୁଁ ବ୍ୟଭିଚାରିଣୀ ନୁହେଁ । ଭାତ ମୁଠାଏ ନ ଦେଇ ତ 'ନାହିଁ' ବୋଲି କହିଦିଅ । ବର୍ଷା ରହିଗଲେ ମୁଁ ଚାଲିଯିବି । ଏ ଅରକ୍ଷ ପ୍ରାଣୀକୁ ଗାଳିଦେଇ ତୁମର କି ଯଶ ?"

ଅଧ ଖିଆରେ ହାତ ନ ଧୋଇ ତଳକୁ ଚାଲି ଆସିଲି । ମୋତେ ଦେଖି ଭିକାରୁଣୀ ନିର୍ଭୀକ ଭାବରେ ମୋ ପାଖକୁ ଚାଲି ଆସିଲା । ଚାକର ଅଟକାଇ ବାକୁ ଗଲା, କିନ୍ତୁ ମୋର କଥା ଶୁଣି ସେ ଦୂରକୁ ଚାଲିଗଲା ।

ଭିକାରୁଣୀକି ପଚାରିଲି "ହେଲା କ'ଣ ?"

ସେ କହିଲା «କିଛିନାହିଁ, ଭାତ ମୁଠାଏ ଖାଇବାକୁ ଦିଅନ୍ତୁ ।"

ମୋତେ ତା'ର କଥା ଗୁଡିକ ସୁଧାରେ ବୁଡ଼ାଇ ଦେଲାଭଳି ଲାଗୁଥାଏ । ପୁଝାରୀକୁ ଡାକି କହିଲି "ମଧୁ ଭାତ ଆଣି ଦିଅତ ।"

ଭିକାରୁଣୀ ପଚାରିଲା "ବୋଧହୁଏ ଆପଣ ଅଧା ଖିଆରେ ଚାଲି ଆସିଛନ୍ତି ।"

"ହଁ, ସେଥିରେ କ'ଣ ଅଛି ? ମୁଁ ହାତ ଧୋଉଛି" ବୋଲି କହି ଚାଲରୁ ପଡୁଥିବା ବର୍ଷା ପାଣିରେ ହାତ ଧୋଇଲି ।

ଭିକାରୁଣୀ କହିଲା, "ପୁଝାରୀ ବାବୁ ତାଙ୍କର ଭାତରୁ ଅଧା ଆଣିଦେବ ଏଠି । ମନାକର ଆପଣଙ୍କ ଭୋଜନର ବଳକା ଭାତ ଅଣାଇ ଦିଅନ୍ତୁ ।"

ମୁଁ କହିଲି, "ହଁ, ସେ ଆଣିଦେବେ ଯେ ।"

କିନ୍ତୁ ଭିକାରୁଣୀ ହେଲେହେଁ ତା'ର ବୁଦ୍ଧି ଆଉ ଗୁଣର ତୁଳନା ନାହିଁ । ସେ ମୋତେ ବାରମ୍ବାର ଅନୁନୟ କରି କହିଲା "ନା—ସେଇ କଥା ହେବନି । ଅନ୍ଧ ତୁଚ୍ଛରେ ଫିଙ୍ଗାଯିବ କିଆଁ ?"

ପୁଝାରୀ ଆଣିଦେଲା ମୋର ଅଧଖିଆ ଭାତ । ଭିକାରୁଣୀ ଥରି ଥରି ସେତକ ପେଟ ପୁରାଇ ଖାଇଲା । ତା'ର କମ୍ପିତ ଶରୀର ଦେଖି ମୋତେ ବଡ଼ ବିକଳ ଲାଗିଲା । ଖଣ୍ଡିଏ ଧୋତି ତା'ର ହାତକୁ ବଢାଇ ଦେଇ କହିଲି, "ପାଲଟି ପକାଅ ।"

ପହଞ୍ଚା ଉପରକୁ ଉଠି କାନ୍ଥ ଅଢୁଆଳରେ ସେ ଲୁଗା ପାଲଟିଲା ।

"ବର୍ଷା ତ ଖୁବ୍ ଜୋର୍ ହେଉଛି । ଏବେ ବା କୁଆଡ଼େ ଯିବ ? ରାତିଟା ଏଠାରେ କଟାଇ ଦିଅ ।" ଏତିକି କହି ମୁଁ ଚାଲିଲି ଶୋଇବା ଘରକୁ ।

× × × × × × ×

ଚାରିଦିନ ଗଲା । ଅତଥ୍ୟ ସଞ୍ଚାର ବନମୟୂରରେ ପ୍ରେମ-ଲତିକାରେ ମଞ୍ଜୁଳ କଳିକା ଫୁଟି ଉଠୁଥାଏ ।

ସେ ଦିନ ରାତି ଶେଷ ପ୍ରାୟ । ନିଦଟା ଠିକ୍ କିନା ଭାଙ୍ଗିଗଲା । ପ୍ରଦୀପଟି ମିଞ୍ଜି ମିଞ୍ଜି ହୋଇ ଜଳୁଛି । ମୁହଁ ଧୋଇ ପ୍ରଦୀପଟି ତେଜି ବସିଲି ଖଣ୍ଡିଏ ଖାତାଧରି । ଭାବିଲି ଭିକାରୁଣୀର ଜୀବନ ବିଷୟରେ ଖଣ୍ଡିଏ ଉପନ୍ୟାସ ଲେଖିବି । ତା'ର ଗତ ଆଉ ବର୍ତ୍ତମାନ ଜୀବନ ସୁନ୍ଦର ରୂପେ ବର୍ଣ୍ଣିତ ହୋଇପାରେ । କିନ୍ତୁ ଭବିଷ୍ୟତ କାହିଁର ରଚିବି ? ଏଣୁ ତେଣୁ ଭାବି ଭାବି ମନ ମୋର ଚଞ୍ଚଳ ହୋଇ ଉଠିଲା । ଚାହିଁଲି ଭିକାରୁଣୀ ଆଗରେ ଛିଡ଼ା ହୋଇଛି । ଆଗରୁ ଅନୁମାନ କରିଥିଲି, ସେ ଜଣେ ଉଚ୍ଚକୁଳର କନ୍ୟା । ପଚାରିଲି, ତୁମର ବାପ ମାଁ କେଉଁ ଠାରେ ଅଛନ୍ତି ?" ତରୁଣୀ ନୀରବ । କେବଳ ତା'ର ଆଖିରୁ ଲୁହ ଦୁଇଧାର ବହିଗଲା । କମ୍ପିତ କଣ୍ଠରେ ପୁଣି ପଚାରିଲି "ଦେହି ନାହାନ୍ତି ?"

"ନା—"



Digitized by srujanika@gmail.com

"ତୁମ ବାପା କଣ କରୁଥିଲେ ?"

ସେ କହିଗଲା ତା'ର ସଂକ୍ଷିପ୍ତ ବିଗତ ଜୀବନ

"ସେ ସରକାର କର୍ମଚାରୀ ଥିଲେ। ମାସକୁ ପଚାଶଟି ଟଙ୍କା ଅର୍ଜୁଥାନ୍ତି। ମୁଁ ଯେତେବେଳେ ତିନି ବର୍ଷର ଝିଅ ମାଁ ଆଖିବୁଜି ଦେଲେ। ବାପା ମଧ୍ୟ ମୋର ଦଶ ବର୍ଷ ବୟସରେ ଚାଲିଗଲେ ସ୍ୱର୍ଗ ସନ୍ନ୍ୟକୁ। ଏ ଅଭାଗିନୀର ଦୁଃଖ ଦୁର୍ଦ୍ଦଶା ଦେଖିବା ପାଇଁ ସେମାନେ କାହିଁକି ବା ରହନ୍ତେ ?"

ମୁଁ ଦୀର୍ଘ ନିଶ୍ୱାସ ପକାଇ ପଚାରିଲି, "ତୁମେ କେତେ ଯାଏଁ ପାଠ ପଢ଼ିଛ ?"

"ମାଇନର ଯାଏଁ।"

"ଜାତି ?"

"କରଣ।"

ହୃଦୟସ୍ଥ ଉଦାରକ କଥା ଗୁଡ଼ିକ ଶୁଣି ମୁଁ ଲୋତକ ସମ୍ବରଣ କରି ପାରିଲି ନାହିଁ। ସେଠାରେ ତା'ର ଅଶ୍ରୁ ପୋଛିବା ପାଇଁ ମୁଁ, ଆଉ ମୋର ଅଶ୍ରୁ ପୋଛିବା ପାଇଁ ସେ ଏକା ଥିଲା ! ମନେ ହେଲା ଆମ ଦୁଇ ଜୀବନର ଅନ୍ଧାର-ଘଡ-ପାହାନ୍ତରେ ଅରୁଣିମା ବିକଶି ଉଠିଛି।

ଠିକ୍ ସେତିକି ବେଳେ ଦୂର ଶାଳ ବଣରୁ ଶୁଭିଲା ଚକ୍ରବାକ ଚକ୍ରବାକୀର ମଧୁ ମିଳନ ମଙ୍ଗଳ ଗୀତିକା।

# ପ୍ରଭାତ

ଶ୍ରୀ ଶ୍ରୀବତ୍ସ ପଟ୍ଟନାୟକ ବି, କମ୍, ବି ଏଲ୍

[ଆଜି] ଶିଶିର ସକାଳ ସାଜେ
ଭରତଆର କଣ୍ଠେ ମଧୁ ପ୍ରଭାତୀ-ବୀଣା ବାଜେ ।୦।

ମୋହିନୀ ରାଗେ ଗାଏ କପୋତୀ
ଉଷାର ଆବାହନର ଗୀତି,
ଅନ୍ଧାର ହଟି ଉଦୟାଚଳ ରକ୍ତ-ରାଗେ ରାଜେ ।୧।

ମେଲାଣି ମାଗେ ଚାନ୍ଦ ଚାହିଁ ଶୂନ୍ୟ-ସରସୀ ମୁଖେ
ମଉଳିଯାଏ ନୀଳ ଗଗନେ ବ୍ୟଥା-ଭରା ବୁକେ।
ଲୁଚି କୁହୁଡ଼ି ଓଢ଼ଣୀ ତଳେ
ଦିଗ୍-ବଧୂକି ମଉନେ ଭାଳେ ?
କାକର ବୋଳା ଲତା କୋଳେ କଳିକା ଦୋଳେ ଲାଜେ ।୨।

ଲୁଚି କୁହୁଡ଼ି-କାନି ଉହାଡ଼େ
ଦିଗ ବଧୂକି ଚାଲି ସଜାଡ଼େ ?



Digitized by srujanika@gmail.com

# ଚୋଳ କଳିଙ୍ଗ ଯୁଦ୍ଧ

ଶ୍ରୀ ସତ୍ୟନାରାୟଣ ରାଜଗୁରୁ

ମଧ୍ୟ ଯୁଗରେ ଅର୍ଥାତ ଖ୍ରୀଷ୍ଟ ୧୦ ମ ଠାରୁ ୧୨ଶ ଶତାବ୍ଦୀ ମଧ୍ୟରେ ଓଡ଼ିଶା ତଥା କଳିଙ୍ଗ ରାଜନୈତିକ ଜୀବନର ପ୍ରଧାନ ଘଟଣା ହେଉଛି—ଚୋଳ କଳିଙ୍ଗଯୁଦ୍ଧ ଏହି ଘଟଣାକୁ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରିବା ଓଡ଼ିଶା ଇତିହାସର ଏକ ଅପରିହାର୍ଯ୍ୟ ବିଷୟ ଥିଲେ ସୁଦ୍ଧା ଐତିହାସିକ ମାନଙ୍କ ଦୃଷ୍ଟି ଏ ପର୍ଯ୍ୟନ୍ତ ଏଥିପ୍ରତି ଆକୃଷ୍ଟ ହୋଇ ନଥିବା ବଡ଼ ଦୁଃଖର କଥା ।

ଚୋଳ ସାମ୍ରାଜ୍ୟ ଯେତେବେଳେ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା—ରାଜେନ୍ଦ୍ର ଚୋଳଙ୍କର ବିଜୟ ଦୁନ୍ଦୁଭି ଯେତେବେଳେ ସୁଦୂର କାନ୍ୟକୁବ୍ଜ ଠାରୁ ଗଙ୍ଗାନଦୀ କୂଳ ପର୍ଯ୍ୟନ୍ତ ବାଦିତ ହେଉଥିଲା—ତେତେବେଳେ କଳିଙ୍ଗ ସର୍ବ ପ୍ରଥମେ ସେହି ରଣ ଆହ୍ୱାନର ଉତ୍ତର ଦେଇଥିବା ସୂଚନା ବହୁ ପ୍ରାଚୀନ ଶିଳା ଓ ତାମ୍ର ଲିପିରୁ ପ୍ରତିପାଦିତ ହୁଏ । ଉକ୍ତ ଅନୁଶାସନ ମଧ୍ୟରୁ ଦ୍ରାକ୍ଷାରାମ [ପୂର୍ବ-ଗୋଦାବରୀ ଜିଲ୍ଲା] ମନ୍ଦିର ଭିତରେ ଥିବା ଗୋଟିଏ ଶିଳା ଲିପିରେ ନିମ୍ନୋକ୍ତ ଶ୍ଳୋକଟି ଦେଖିବାକୁ ମିଳେ—

"ଭସ୍ମୀକୃତ୍ୟ କଳିଙ୍ଗ ଦେଶ ମଖିଳଂ
ନିର୍ଜିତ୍ୟ ଶାଙ୍ଗାନ୍ ରଣେ
ଭଂକ୍ତ୍ୱା କୋଶଲ ମିତ୍ରପାଲ ନିଦଦ୍ଧୈ
ର୍ଦୈବେନ୍ଦ୍ର ବର୍ମାଦିକାନ୍ ।
ବୀରଃ ପଲ୍ଲବ ରାଜ ଛତ୍ୟଭିହିତୋ
ରାଜେନ୍ଦ୍ର ଚୋଡ଼ ପ୍ରଭୋଃ
କୀର୍ତ୍ତ୍ୟେତସ୍ତୁ ମିଦୋତ୍ର ସନ୍ଧିଷୁ ଜୟ
ସ୍ତମ୍ଭଂ ଶୁଭଂ ନ୍ୟାସିପତ୍"

(Vide Madras Epigraphic collections for 1893 (no. 349) and South Ind. insc. Vol. IV No. 1239, P. P. 428-29) ଉପରୋକ୍ତ ଅନୁଶାସନଟି ଚୋଳ ଚାଳୁକ୍ୟ ବଂଶୀୟ ରାଜା ପ୍ରଥମ କୁଲୋତ୍ତୁଙ୍ଗଙ୍କ ରାଜତ୍ୱର ୩୩ଶ ବର୍ଷରେ ଅର୍ଥାତ୍ ଖ୍ରୀଷ୍ଟ ୧୧୦୩ ଅବ୍ଦରେ ଖୋଦିତ ହୋଇଅଛି ।

ଏହି ଲିପିର ବିଷୟ ବସ୍ତୁ ସଙ୍ଗେ ତାମିଲ ଭାଷାରେ ଲିଖିତ "କଳିଙ୍ଗତ୍ତୁ ପରୁଣି" ନାମକ ମଧ୍ୟ ଯୁଗର ଗୋଟିଏ କାବ୍ୟରେ ବର୍ଣ୍ଣିତ ବିଷୟର ମେଳ ଥିବାରେ ଦୃଷ୍ଟ ହୁଏ । ଏହା ପ୍ରଥମ କୁଲୋତ୍ତୁଙ୍ଗଙ୍କ ସମସାମୟିକ କବି ଜୟମ୍‌ଗୋଣ୍ଡନ୍ କର୍ତ୍ତୃକ ଲେଖା ଯାଇଥିବାରୁ ତଦବସ୍ଥ ବିଷୟକୁ ଐତିହାସିକ ପ୍ରାଧାନ୍ୟ ଦେବା ନିତାନ୍ତ ସମୀଚୀନ । ସେଥିରେ ଲେଖାଅଛି—

"ରାଜା ଯେତେବେଳେ ଯୁବରାଜ ଅବସ୍ଥାରେ ଥିଲେ, ସେତେବେଳେ ସେ ଉତ୍ତର ଦିଗ୍ ବିଜୟରେ ବାହାରି ପ୍ରଥମେ ଚକ୍ରକୋଟକୁ ଧ୍ୱଂସ କରିଥିଲେ । ସେଠାରୁ ଦକ୍ଷିଣ ଦିଗକୁ ଯାଇ ନିଜର ଅଭିଷେକ କ୍ରିୟା ସମ୍ପନ୍ନ କରିଥିଲେ । ସେ ସମୟକୁ ରାଜା କାବେରୀ କୂଳରେ ଅବସ୍ଥିତ । ଅତଃପର ପାଲାରୁ ନଦୀ କୂଳରେ 'ନଟରାଜ'ଙ୍କର ପୂଜା ସମ୍ପନ୍ନ ପୂର୍ବକ କାଞ୍ଚୀ ଅଭିଯାନ କଲେ । ସେଠାରେ ମନ୍ତ୍ରୀ ଅମାତ୍ୟ ଏବଂ ବଣ୍ଡାଇମାନ୍ ଓ ତୋଣ୍ଡାଇମାନ୍ ନାମକ ସେନାପତିଙ୍କ ସହ ରାଜା ସଭାମଣ୍ଡପରେ ଆସୀନ ଥିବା ସମୟରେ, ତାଙ୍କ ସମ୍ମୁଖରେ ଦୂତ ସମ୍ବାଦ ଦେଲା ଯେ ଉତ୍ତର କଳିଙ୍ଗର ରାଜା ଅମାନ୍ୟ ଦଣ୍ଡଃ ଦୁଇଥର ରାଜଜୀୟ ଦେୟ[କର] ତାଙ୍କୁ ନଦେଇ ଚୋଳ ରାଜାଙ୍କୁ ଅବଜ୍ଞା କରିଅଛନ୍ତି । ଏହି ସମ୍ବାଦ ପାଇ ରାଜା କଳିଙ୍ଗ ବିରୁଦ୍ଧରେ ଅଭିଯାନ କରିବା ସିଦ୍ଧାନ୍ତରେ ଉପନୀତ ହେଲେ । ବଣ୍ଡାଇ ନଗର ଅରଶନ ନାମକ ଜଣେ ସେନାପତି ଉକ୍ତ ଯୁଦ୍ଧ ପରିଚାଳନା କରିବାକୁ ସ୍ୱତଃ ପ୍ରବୃତ୍ତ ହୋଇ ରାଜାଙ୍କୁ



Digitized by srujanika@gmail.com

ସ୍ତ୍ରୀୟ ମନୋଭାବ ଜ୍ଞାପନ କଲେ, ଏହି ସେନାପତି ଭିନ୍ନ ଭିନ୍ନ ନାମରେ ପରିଚିତ । ଯଥା—କରୁଣା-କରନ୍, ପଲ୍ଲବାର୍କୋନ୍, ବଲବୈବେଣ୍ଡ୍ରନ୍ ଇତ୍ୟାଦି । ରାଜାଙ୍କ ଅନୁମତିକ୍ରମେ ସେ ସପ୍ତ-କଳିଙ୍ଗ ଅଭିଯାନରେ ପ୍ରବୃତ୍ତ ହେଲେ ।

ପଥରେ ସେ ସୈନ୍ୟ ସମଭିବ୍ୟାହାରେ ପାଲରୁ,ପୋନ୍ନ୍ ଗାର,ପେନ୍ନାଇ,ପେୟରୁ,ଗୋଦାବରୀ, ପମ୍ପାନଦୀ ଓ ଗୌତମୀ ପାରହୋଇ କଳିଙ୍ଗରଦକ୍ଷିଣ ପ୍ରାନ୍ତରେ ଉପସ୍ଥିତ ହେଲେ କଳିଙ୍ଗ ଯୁଦ୍ଧର ପ୍ରଥମ ଆଘାତ ତାଙ୍କପକ୍ଷରେ ଘୋଷିତ ହୋଇଉଠିଲା । ସମୁଦ୍ରତଟରେ ପ୍ରବେଶକରି ଏହି ସେନାପତି କଳିଙ୍ଗ ଜୟ ପୂର୍ବକ ସେଠାରେ ଜୟସ୍ତମ୍ଭ ପ୍ରୋଥିତ କରି ରାଜାଙ୍କର ହସ୍ତୀ ଓ ଧନ ରତ୍ନ ବଳାତ୍କାରରେ ଗ୍ରହଣ କରିଥିଲେ । ଅତଃପର 'ଅଭୟ' [ନୃସିଂହ ?] ଙ୍କର ପାଦ ପଦ୍ମରେ ଆରାଧନା କରିଥିଲେ (Vide Kalinga thupparani canto XII, Vr. 63)

ଅତଃପର ରାଜାଙ୍କର ପ୍ରଶସ୍ତି ଗାନରେ କାବ୍ୟର ଉପସଂହାର କରାଯାଇଛି । କପରି ପଞ୍ଚପାଣ୍ଡ୍ୟ, ଚେର ରାଜାଙ୍କୁ ଜୟ କରାଗଲା ; ପୁଣି ଉତ୍ତର ଦେଶରୁ ରାଜସ୍ୱ ଆଦାୟ କରାଗଲା ଇତ୍ୟାଦି ତାପରେ ତୋଣ୍ଡାଇମ୍ୱାର୍ ବେଣ୍ଡନ୍ ନାମକ ଅମାତ୍ୟ କର୍ତ୍ତୃକ କଳିଙ୍ଗର ହସ୍ତୀମାନଙ୍କ ସହ "କଳିଙ୍ଗତ୍ତୁପ୍ପରଣି" ଅର୍ଥାତ କଳିଙ୍ଗ ସାମ୍ରାଜ୍ୟ ସମ୍ପଦ ରାଜାଙ୍କୁ ଅର୍ପିତ ହେଲା, ତାହା ଉକ୍ତ କାବ୍ୟରେ ବର୍ଣ୍ଣିତ ଅଛି । ୨ୟ, ପରିଚ୍ଛେଦ ୪୪ ଶ୍ଳୋକରେ ଉଲ୍ଲେଖ ଅଛି ଯେ ରାଜା କୁଲୋତ୍ତୁଙ୍ଗଙ୍କର କାଞ୍ଚି ଅବସ୍ଥିତ ସମୟରେ ତାଙ୍କର ସେନାପତି କଳିଙ୍ଗ ଅଭିଯାନ ସମ୍ପନ୍ନ କରିଥିଲେ ।

ଉପରୋକ୍ତ ବର୍ଣ୍ଣନା ସଙ୍ଗେ ଦ୍ରାକ୍ଷାରାମ ଶିଳା ଲିପି ଘଟଣାର ଅତ୍ୟନ୍ତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ସୁତରାଂ ଶିଳା ଲିପି ବର୍ଣ୍ଣିତ ପଲ୍ଲବ ରାଜା ଯେ ତୋଣ୍ଡାଇମ୍ୱାର୍ ଚକ୍କୋଣ୍ ନାମକ ସେନାପତିର ଅପର ନାମ, ଏଥିରେ ସନ୍ଦେହ ନାହିଁ । କଳିଙ୍ଗତ୍ତୁପ୍ପରଣି କାବ୍ୟରୁ ଆହୁରି ମଧ୍ୟ ଜଣା ଯାଏ ଯେ, ଏହି ସେନାପତି ବଣ୍ଡାଇ, ମଲ୍ଲଲ୍ ଓ ମଲୟୂଇ ନାମକ ପ୍ରଦେଶର ଅଧିପତି ଥିଲେ ।

ଉପରୋକ୍ତ କାବ୍ୟ ତଥା ଅନୁଶାସନରୁ ଅବଗତ ହୁଏ ଯେ କୁଲୋତ୍ତୁଙ୍ଗଙ୍କର ସେନାପତି କଳିଙ୍ଗ ସାମ୍ରାଜ୍ୟ ପୋଡ଼ି ଛାରଖାର କରିଥିଲେ ପୁଣି କୋଶଳର ଖଣ୍ଡପାଳମାନଙ୍କ ସହ କଳିଙ୍ଗର ଗଙ୍ଗ ବଂଶୀୟ ଦେବେନ୍ଦ୍ରବର୍ମ୍ମାଙ୍କୁ ପରାସ୍ତ କରିଥିଲେ । ଅତଃପର ଓଡ୍ର ଦେଶର ସନ୍ଧି ପ୍ରଦେଶରେ ଜୟସ୍ତମ୍ଭ ପ୍ରୋଥିତ କରିଥିଲେ ।

ପ୍ରଥମ କୁଲୋତ୍ତୁଙ୍ଗଙ୍କ ରାଜତ୍ୱର ୨୬ ଶ ବର୍ଷରେ ଅର୍ଥାତ୍ ୧୦୯୬ ଖ୍ରିଷ୍ଟାବ୍ଦରେ ସେ କଳିଙ୍ଗ ଅଭିଯାନ କରିବା ବିଷୟ ଗୋଟିଏ ଶିଳା ଲିପିରେ ଉଲ୍ଲେଖ ଅଛି । (Vide Krilhorn's Southern list, No. 777, 782 and South Ind. Insc. Vol III No. 72). ସୁତରାଂ ଉକ୍ତ କଳିଙ୍ଗ ଯୁଦ୍ଧ ଖୁବ ସମ୍ଭବ ୧୦୯୬ ଖ୍ରିଷ୍ଟାବ୍ଦର ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ଏହି ରାଜାଙ୍କର ରାଜତ୍ୱର ୪୫ ମ ବର୍ଷରେ ଖୋଦିତ ହୋଇ ଥିବା ଅନ୍ୟ ଏକ ଅନୁଶାସନରୁ ଜଣା ଯାଏ ଯେ, ସେ ନିଜେ ବେଙ୍ଗି ମଣ୍ଡଳ ଅତିକ୍ରମ ପୂର୍ବକ କଳିଙ୍ଗ ସାମ୍ରାଜ୍ୟରେ ଅଗ୍ନି ସଂଯୋଗ କରି ସପ୍ତ କଳିଙ୍ଗ ଅଧିକାର କରିଥିଲେ । (Vide South Ind. Insc. Vol IV No. 445, lines 22-27). ଏହି ଅନୁଶାସନରେ ତାଙ୍କ କଳିଙ୍ଗ ବିଜୟ ସମ୍ବନ୍ଧେ ବିଶେଷ ବର୍ଣ୍ଣନା ଦେଖିବାକୁ ମିଳେ । ଏହି ଘଟଣା ୧୧୧୧ ଖ୍ରିଷ୍ଟାବ୍ଦରେ ଅନୁଷ୍ଠିତ ହୋଇଥିଲା । କାରଣ ତାଙ୍କ ରାଜତ୍ୱର ୪୨ ୟ, ବର୍ଷରେ ଉତ୍କୀର୍ଣ୍ଣ ଗୋଟିଏ ଅନୁଶାସନରେ ଉକ୍ତ ଘଟଣା ଲିପିବଦ୍ଧ ହୋଇ ଅଛି । (Vide No. 608 of the Madras Epigraphic collections for 1904). କୁଲୋତ୍ତୁଙ୍ଗଙ୍କର ରାଜତ୍ୱର ୨୬ ଶ ବର୍ଷର କଳିଙ୍ଗ ଯୁଦ୍ଧ ଠାରୁ ୪୨ ଶ, ବର୍ଷରେ ଘଟିଥିବା



Digitized by srujanika@gmail.com

ଯୁଦ୍ଧ ସ୍ୱତନ୍ତ୍ର ବୋଲି ସେଥିର ବର୍ଣ୍ଣନାଦିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ।

ପ୍ରଥମୋକ୍ତ ଯୁଦ୍ଧରେ ଗଙ୍ଗ ବଂଶୀୟ ରାଜା ଦେବେନ୍ଦ୍ର ବର୍ମ୍ମା ପରାସ୍ତ ହୋଇ ଥିବା ଘଟଣା ବିଶେଷ ଉଲ୍ଲେଖ ଯୋଗ୍ୟ । ପୂର୍ବ ଗଙ୍ଗ ବଂଶୀୟ ରାଜା ରାଜ ରାଜ ଦେବଙ୍କର ଅପର ନାମ ଦେବେନ୍ଦ୍ର ବର୍ମ୍ମା ଥିବା ବିଷୟ ବୃହତ୍ କୋଡ଼ଲ ଅନୁଶାସନରୁ ପ୍ରତିପାଦିତ ହୁଏ । (Vide C. P. No.4 of the Madras Epigraphic collections for 1918-19) ଏହାଙ୍କର ଅଭିଷେକ ୧୦୭୦ ଖ୍ରୀଷ୍ଟାବ୍ଦରେ ସମ୍ପାଦିତ ହୋଇଥିଲା । ଠିକ୍ ଏହି ବର୍ଷ ପ୍ରଥମ କୁଲୋତ୍ତୁଙ୍ଗଙ୍କର ଅଭିଷେକ କ୍ରିୟା ସମ୍ପାଦିତ ହୋଇଥିଲା ।

ଉଭୟ ରାଜାଙ୍କ ମଧ୍ୟରେ ବୈରଭାବ ବିଶେଷ ବିଦ୍ୟମାନ ଥିଲା ।

— କ୍ରମଶଃ —

# ଶ୍ରୀହର୍ଷ

ପଣ୍ଡିତ ଶ୍ରୀ ଗୋପବନ୍ଧୁ ବିଦ୍ୟାଭୂଷଣ

"କାବ୍ୟେଷୁ ମାଘଃ କବି କାଳିଦାସଃ ଇତ୍ୟାଦି ସାଧାରଣ ବ୍ୟବହୃତ ପ୍ରଶସ୍ତି ସ୍ତୋମ ବଳରେ ସୁସ୍ପଷ୍ଟ । ଅବଗତ ହୁଏ ଯେ ଅଧୁନାତନ ପ୍ରଚଳିତ ସଂସ୍କୃତ ମହା କାବ୍ୟମାନଙ୍କ ମଧ୍ୟରେ ମାଘ କବିଙ୍କ ଦ୍ୱାରା ପ୍ରଣୀତ ଶିଶୁପାଲ ବଧର ସ୍ଥାନ ଅତ୍ୟୁନ୍ନତ । ତଥାପି "ଉଦିତେ ନୈଷଧେ କାବ୍ୟେ କ୍ୱ ମାଘଃ କ୍ୱ ଚ ଭାରବିଃ" ଇତ୍ୟାଦି ଲୋକ ପ୍ରଚଳିତ ପ୍ରଶସ୍ତି ପୁଞ୍ଜ ସମାଲୋଚନା କଲେ ନୈଷଧୀୟ ଚରିତ ମହାକାବ୍ୟର ସ୍ଥାନ ବିଜ୍ଞସମାଜରେ ପୂର୍ବୋକ୍ତ ମାଘ କାବ୍ୟର ସ୍ଥାନ ଅପେକ୍ଷା ଅତିଶୟ ଉନ୍ନତ । ଏହା କହିବା ବାହୁଲ୍ୟ ମାତ୍ର, କାବ୍ୟଟିକୁ ଥରେ ମାତ୍ର ମନୋଯୋଗ ପୂର୍ବକ ପାଠକଲେ ପାଠକ ସାଧାରଣ ହୃଦୟଙ୍ଗମ କରିପାରିବେ ଯେ, ପ୍ରୋକ୍ତ କାବ୍ୟଟି ବହୁଗୁଣ ଯୁକ୍ତ ଆଉ ପଦାବଳୀର ଲାଳିତ୍ୟ ମାଧୁର୍ଯ୍ୟ ଗାମ୍ଭୀର୍ଯ୍ୟ ଓ ସରସ ଭାବ ପ୍ରଭୃତି ଉତ୍କୃଷ୍ଟ ଗୁଣାବଳୀରେ ପରିପୂର୍ଣ୍ଣ । ଏହା ଅସ୍ମଦ୍ଦେଶରେ ପଣ୍ଡିତ ବର୍ଗ ମଧ୍ୟରୁ କେହି କଦାପି ଅସ୍ୱୀକାର କରିପାରିବେ ନାହିଁ, ସୁତରାଂ "ନୈଷଧଂ ବିଦ୍ୱଦୌଷଧଂ" ଏହି ସୁଖ୍ୟାତି ସମଗ୍ର ଭାରତ ବର୍ଷରେ ବିଖ୍ୟାତ । ଏହିସବୁ କାରଣ ନେଇଁ ବିଚାର କଲେ ବୋଧହୁଏ ନୈଷଧୀୟ ଚରିତର ମହତ୍ୱ ପ୍ରକାଶାର୍ଥ ଏଠାରେ ଆଉ ଅଧିକ ସେଥିର ପ୍ରଶଂସା ଭାବନା କରିବା ଅନାବଶ୍ୟକ ।

ଉକ୍ତ କାବ୍ୟଟିରେ ୨୨ ଟି ସର୍ଗ ଅଛି । ପ୍ରତ୍ୟେକ ସର୍ଗରେ କର୍ଣ୍ଣାମୃତ ମଧୁ ବର୍ଣ୍ଣନା ପୂର୍ଣ୍ଣ ଶତାଧିକ ସଂସ୍କୃତ ପଦ୍ୟ ବିରାଜମାନ । ବୋଧହୁଏ ଏପରି ସୁମଧୁର ବର୍ଣ୍ଣନା ଅନ୍ୟ କୌଣସି ସଂସ୍କୃତ ଗ୍ରନ୍ଥରେ ଥିବକି ନା ସନ୍ଦେହ । ସେହି ବର୍ଣ୍ଣିତ ବିଷୟାଂଶ ନେଇ ପରସ୍ପର ତୁଳନା କରିବାକୁ ବସିଲେ ମାଧୁର୍ଯ୍ୟ ଓ ଭାବ ଭଙ୍ଗି ନେଇଁ ସର୍ବତ୍ର ସମାନ ହୋଇପାରେ ସତ୍ୟ । କିନ୍ତୁ "ଭିନ୍ନ ରୁଚିର୍ହି ଲୋକଃ" ଏହି ବାକ୍ୟାନୁସାରେ ପ୍ରତ୍ୟେକ ବିଷୟ ଯେ ସମସ୍ତଙ୍କ ରୁଚିର ଅନୁକୂଳ ହେବ ତାହା ଅସମ୍ଭବ । ତଥାପି ଯେ ବିଷୟ ନେଇଁ ଆମ୍ଭେ ଉଚ୍ଚୈଃ ସ୍ୱରରେ କହିପାରୁ ଯେ ଦମୟନ୍ତୀ ସ୍ୱୟମ୍ବର ଓ ବିବାହ ପ୍ରଭୃତି କେତେକ ସ୍ଥଳର ବର୍ଣ୍ଣନା ସାହିତ୍ୟାମୃତ ରସିକ ପାଠକ ସାଧାରଣଙ୍କର ମନୋମୁଗ୍ଧକର ହେବା ଖୁବ୍ ସମ୍ଭବପର ।



Digitized by srujanika@gmail.com

କବି କୁଳ ମୁକୁଟ ମଣି ଶ୍ରୀହର୍ଷ ପୂର୍ବୋକ୍ତ କାବ୍ୟର ରଚୟିତା-ସେ ଏହାଭିନ୍ନ ଆଉରି ଅନେକ ଗ୍ରନ୍ଥ ରଚନା କରିଥିବା କଥା ତାଙ୍କ ସେହି କାବ୍ୟର ସର୍ଗ ସମାପକ ଶ୍ଳୋକ ମାନଙ୍କରୁ ଜଣାଯାଏ । ସେଥି ମଧ୍ୟରୁ କେତେକ ଗ୍ରନ୍ଥ ପରମ ମଧୁର ସାହିତ୍ୟ ସମ୍ପଓ ପୂର୍ଣ୍ଣ । ଆଉ କେତେ ଗ୍ରନ୍ଥ ପ୍ରତି ବାଦୀ ଭୟଙ୍କର କର୍କଶ ଯୁକ୍ତି ତର୍କରେ ଭରିତ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ତାଙ୍କର ସାହିତ୍ୟ ଯେତେ ସରସ, ଶାସ୍ତ୍ର ମୁଦ୍ଧ ତେତେ କଠୋର । କବିତ୍ୱ ଓ ପାଣ୍ଡିତ୍ୟର ଚରମ ସୀମା ତାଙ୍କର ଠାରେ ଦେଖା-ଯାଏ । ଜଗତରେ କବିତାର ଆସନ ଠାରୁ ପାଣ୍ଡିତ୍ୟର ଆସନ ପ୍ରକୃତ ଉଚ୍ଚତମ ହେଲେ ମୁଦ୍ଧା ସରସତା ଓ ସୁବୋଧତା ନେଇଁ ସର୍ବଦି କବିତାର ସମାଦର ସମଧିକ ; ଏହା ସର୍ବବାଦ ସମ୍ମତ । ସୁତରାଂ ତାଙ୍କର ଯେଉଁ ଶାସ୍ତ୍ର ଓ ସାହିତ୍ୟ ଗ୍ରନ୍ଥ ଗୁଡ଼ିକ ରହିଅଛି, ସେଥି ମଧ୍ୟରୁ ସାହିତ୍ୟର ପ୍ରଚୁର ସମଧିକ । ବିଶେ-ଷତଃ କଳି ଦୋଷ ନିରାସକ ପ୍ରୋକ୍ତ ନୈଷଧୀୟ ଚରିତ ମହା କାବ୍ୟର ପ୍ରଚୁର ଭାରତ ବର୍ଷରେ ସର୍ବନି ବିଦ୍ୟମାନ । ସେହି ପ୍ରଚୁର ମୁଦ୍ଧା ଅନ୍ୟାନ୍ୟ କାବ୍ୟର ପ୍ରଚୁର ସଦୃଶ୍ୟ ନୁହେ । କାରଣ ପ୍ରଚଳିତ କାବ୍ୟ ଷଟ୍କ ମଧ୍ୟରେ ତାଙ୍କର ସେହି କାବ୍ୟର ଶ୍ରେଷ୍ଠତା ମାନ ସର୍ବ ସମ୍ମତ । କାଳିଦାସଙ୍କ ରଚିତ କାବ୍ୟତ୍ରୟ ଲଘୁତ୍ରୟ ବା କାଳିଦାସତ୍ରୟ ନାମରେ ଅଭିହିତ । ମାଘ ଭାରବି ନୈଷଧ ଗୁରୁତ୍ରୟ ନାମରେ ଅଭିହିତ । ଲଘୁତ୍ରୟ ଅପେକ୍ଷା ଗୁରୁତ୍ରୟର ଆଧିକ୍ୟ ତାହା ଲଘୁ ଗୁରୁ ନାମରୁ ସୁସ୍ପଷ୍ଟ । ଗୁରୁତ୍ରୟ ମଧ୍ୟରେ ନୈଷଧ ଶ୍ରେଷ୍ଠ ଏକଥା ଏଥିପୂର୍ବେ କୁହାଯାଇ ଅଛି । ସୁତରାଂ ନୈଷଧ ଯେ କାବ୍ୟ ରାଜ୍ୟରେ ସର୍ବଶ୍ରେଷ୍ଠା-ସନ ଅଧିକାର କରିଅଛି ଏହା କହିବା ବାହୁଲ୍ୟ ମାତ୍ର । ଅତୀବ ପ୍ରଶସ୍ତର ପ୍ରଶସ୍ତି ଶିଖରରୁ ଚେଷ୍ଟଣ ସଦୃଶ ମନେ କରି ସେଥିରୁ ବର୍ତ୍ତମାନ ବିରତ ହେଲୁ ।

ସେହି ଜଗଜ୍ଜୟିତ କବିବର ଶ୍ରୀ ହୀରଦେବଙ୍କ ପୁତ୍ର ଥିଲେ । ଏକଥା ତାଙ୍କ କାବ୍ୟ ସମାପ୍ତି ସ୍ଥଳେ ଏବଂ ପ୍ରତି ସର୍ଗ ସମାପ୍ତି ସ୍ଥଳେ ଲେଖାଅଛି । ସେହି ଶ୍ରୀ ହୀରଦେବ ମହାକବି ଓ ତତ୍କାଳୀନ କବି ଗୋଷ୍ଠି-ରେ ଶ୍ରେଷ୍ଠତା ଉପାର୍ଜନ କରି ପାରିଥିଲେ । ଏବଂ ତତ୍କାଳୀନ ଜଣେ ମହାରାଜାଙ୍କର ଆସ୍ଥାନରେ ପଣ୍ଡିତ ଥିଲେ । ତାଙ୍କ ସମୟରେ କବି ଓ ପଣ୍ଡିତ ମାନଙ୍କର ଯଥେଷ୍ଟ ସମାଦର ଥିଲା । ରାଜାମାନଙ୍କର ଆସ୍ଥାନରେ ଊଣା ପକ୍ଷେ ଆଠ ଦଶଜଣ ପଣ୍ଡିତ ରହୁଥିଲେ । କାରଣ ପଣ୍ଡିତଙ୍କ ଅଭାବରେ ରାଜ୍ୟର ଶାସନ କାର୍ଯ୍ୟ ଆଦୌ ଚଳୁ ନ ଥିଲା । ପଣ୍ଡିତମାନେ ମାନ୍ୟ ପାତ୍ର ଓ ମନ୍ତ୍ରୀ ପ୍ରଭୃତି ଉଚ୍ଚତମ ପଦବୀରେ ସୁପ୍ରତିଷ୍ଠିତ ହୋଇ ଶାସକତାର ଭାର ନିର୍ବାହ କରୁଥିଲେ । କବିବର ଶ୍ରୀ ହୀରଦେବ ଯେଉଁ ରାଜାଙ୍କର ସଭା ପଣ୍ଡିତ ଥିଲେ ତାଙ୍କର ଅଧୀନରେ ଆଉରି ଅନେକ ପଣ୍ଡିତ ମୁଦ୍ଧା ସମ୍ମାନିତ ହେଉଥିଲେ । ସୁତରାଂ ଶ୍ରୀ ହୀରଦେବ ସ୍ୱୀୟ ପ୍ରଭୁଙ୍କ ପ୍ରଦତ୍ତ "କବିରାଜ ରାଜମୁକୁଟାଳଙ୍କାର ହୀର" ଉପାଧିରେ ଗୌରବିତ ହୋଇ ଜଗତରେ ଅତୁଳନୀୟ ବିଖ୍ୟାତ ଲାଭକରି ପାରିଥିଲେ । ଆଉ ସେ ବାଲ୍ୟକାଳରୁ ସହଜ ସାତ୍ତ୍ୱିକ ଗୁଣର ବଶବର୍ତ୍ତୀ ଥିଲେ । ସୁତରାଂ ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ରହି ଶାସ୍ତ୍ରୋକ୍ତ ନିୟମ ପରିପାଳନ କରିବାରେ ବହୁକାଳ ଯାଏ ତ୍ରୁଟି କରି ନଥିଲେ । କିନ୍ତୁ ପରିଣୟତା ତାଙ୍କର ମୁଖ୍ୟବ୍ରତ ଥିଲା ଆଉ ପାରମ୍ପରିକ କ୍ରମ ଭଙ୍ଗକୁ ଭୟକରି ଅଭୀଷ୍ଟ ଦାତ୍ରୀ ଶକ୍ତି ସମାରାଧନାରେ ଚିର-ଦିନ ଦୀକ୍ଷିତ ଥିଲେ । ଅତଏବ ପ୍ରାୟ ବୃଦ୍ଧବୟସରେ ତାଙ୍କର ଦାର ପରିଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ଧର୍ମପତ୍ନୀଙ୍କ ନାମ ଅଲ୍ଲଦେବୀ । ସେ ସାଧ୍ୱୀ ଶିରୋମଣି ଥିଲେ । ସର୍ବଦା ପତିଙ୍କ ସେବାଶୁଶ୍ରୂଷାର ମହାନନ୍ଦରେ କାଳ ଯାପନ କରୁଥିଲେ । ସେହି ଆଦର୍ଶ ଚରିତ୍ର ପବିତ୍ର ଦମ୍ପତିଙ୍କ ବିଶୁଦ୍ଧ ଚିତ୍ତ ସର୍ବଦା ବିଳାସ ବାସନାର ଅନୁଭୂତ ପାଇଁ ଢଳି ଯାଇ ନଥିଲା । କିମ୍ବା ଲୌକିକ ଦାମ୍ପତ୍ୟ ସୁଖ ଭୋଗର ଏକାନ୍ତ ବିରୋଧ ନଥିଲା ଅନେକ ସମୟ ଚାଲିଗଲା । କିନ୍ତୁ ଚିର ଦାମ୍ପତ୍ୟର ଫଳ ଭୂତ ପୁନ୍ନାମ ନରକେ ତାରକ ପୁତ୍ରର ମୁଖ ଦର୍ଶନ



Digitized by srujanika@gmail.com

ସୁଖ ଆଉ ତାଙ୍କ ଭାଗ୍ୟରେ ଘଟିଲା ନାହିଁ । ସୁତରାଂ ତାଙ୍କ ଶିରୋମଣି ଶ୍ରୀ ହୀରଦେବ ପୁତ୍ର ଲିପ୍‌ସାରେ ସୁସଂଯତ ଭାବେ ଭଗବତୀ ଜଗଦମ୍ବାଙ୍କର ଚରଣାର ବିନ୍ଦରେ ଏକାନ୍ତ ଶରଣାପନ୍ନ ହୋଇ ଉପଣ୍ଡର୍ଯାରେ ନିରତ ହେଲେ ।

ଭକ୍ତ ବତ୍ସଳା ଭଗବତୀ ଭକ୍ତର ଭକ୍ତି ଉପରେ ଆଉ ସ୍ଥିରତା ଅବଲମ୍ବନ କରି ରହି ପାରିଲେ ନାହିଁ ସେହି କ୍ଷଣ ତାଙ୍କର ଆସନ କମ୍ପମାନ ହେଲା । ସୁତରାଂ ପୁତ୍ରକାମ୍ଭ ଭକ୍ତ ଶିରୋମଣିଙ୍କ ଠାରେ କୃପା ଦୃଷ୍ଟି ନିକ୍ଷେପ କରି ଅଭିବରାନୁଗ୍ରହଦରେ ତାଙ୍କୁ ଆନନ୍ଦିତ କଲେ । ସୁତରାଂ ଶୁଭ ଯୋଗରେ ପତିପ୍ରାଣା ଅଲ୍ଲ ଦେବୀଙ୍କ ଗର୍ଭ ସଞ୍ଚାର ହେଲା । କାଳେ ସେ ଦଶମ ମାସରେ ଅଭିଜିତ ମୁହୂର୍ତ୍ତରେ ପୁତ୍ର ପ୍ରସବ କଲେ । କୁଳୋଚିତ କ୍ରମେ ଆସି ନାମ କରଣ ଦିନ ଉପଗତ ହେଲାରୁ ଶ୍ରୀ ଅନୁଗ୍ରହରୁ ହର୍ଷ ପୁର୍ଣ୍ଣ ଚିତ୍ତରେ ପୁତ୍ରଙ୍କୁ ଶ୍ରୀ ହର୍ଷ ବୋଲି ନାମ ଦେଲେ ।

ମଲ୍ଲୀନାଥ ପ୍ରଭୃତି କେତେଜଣ ଅର୍ବାଚୀନ ବ୍ୟାଖ୍ୟାକାର ମାନେ ତାଙ୍କ କାବ୍ୟର ସର୍ଗାନ୍ତ ଶ୍ଳୋକ ବ୍ୟାଖ୍ୟାନ ସ୍ଥଳେ ଲେଖି ଅଛନ୍ତି ଯେ "ଶ୍ରୀ ହର୍ଷଙ୍କର ମାତୃ ନାମ "ମାମଲ୍ଲ ଦେବୀ" ଆଉ ନିଜେ ଶ୍ରୀ ହର୍ଷ ଜିତେନ୍ଦ୍ରିୟ ଥିଲେ" ଏହା ଠିକ ନୁହେ । କାରଣ ମହାକାବ୍ୟ ପ୍ରଣେତା କାଳିଦାସ ପ୍ରଭୃତି ମହାକବି ଗଣ ନିଜ ନିଜ କାବ୍ୟରେ ସ୍ୱୀୟ ଗର୍ବ ପରିହାରର ସୂଚନା ଦେଇ ଅଛନ୍ତି । ଏହାହିଁ ଶିଷ୍ଟାଗ୍ରହ । ଶ୍ରୀ ହର୍ଷଙ୍କ ପରି ମହାକବି ଯେ ନିଜକୁ ଜିତେନ୍ଦ୍ରିୟ ବୋଲି ପରିଚୟ ପ୍ରଦାନ ଦ୍ୱାରା ଗର୍ବ ପ୍ରକାଶ କରି ଅଛନ୍ତି, ଏହା କିଏ ବିଶ୍ୱାସ କରିବ । ସୁତରାଂ "ଜିତେନ୍ଦ୍ରିୟ ଚୟ" ପଦ କ୍ରିୟା ବିଶେଷଣ ରୂପେ ଅର୍ଥକରି ଆବଶ୍ୟକ । ଅର୍ଥାତ୍ ଯାହାଙ୍କ ଜନ୍ମ ସମୟରେ ଶ୍ରୀ ହୀରଦେବ ଜିତେନ୍ଦ୍ରିୟତା [ଶାସ୍ତ୍ରୋକ୍ତ ନିୟମ] ସ୍ୱୀକାର କରିଥିଲେ । ଏହି ଅର୍ଥ ଦ୍ୱାରା କବିଙ୍କ ପିତୃ ଗୌରବ ସୂଚିତ ସଙ୍ଗେ ସଙ୍ଗେ ପିତୃ କୂଳର ଏକାନ୍ତ ଦୈବ ଭକ୍ତି ପ୍ରଦର୍ଶାଇ ଥିବା କଥା ସୁବ୍ୟକ୍ତ ହୁଏ । ମାମଲ୍ଲ ସ୍ଥଳେ "ମାଂ+ଅଲ୍ଲ" ଏପରି ସନ୍ଧି ବିଚ୍ଛେଦ କରି ଆବଶ୍ୟକ । କାରଣ ନିରର୍ଥକତା ହେତୁରୁ ମାମଲ୍ଲ ପଦଟି ଧର୍ମ ପ୍ରାଣ ହିନ୍ଦୁ ସମାଜରେ ଗୋଟିଏ ବ୍ୟକ୍ତିର ନାମ ରୂପେ ବ୍ୟବହାର କରାଯାଇ ନ ପାରେ ।

## ଦେଶ ନିରୂପଣ

ଶ୍ରୀହର୍ଷଙ୍କ ମାତୃ ବୋଧକ 'ଅଲ୍ଲ' ପଦ ସାସ୍କୃତିକ ଓ ସାଧାରଣ ମାତୃ ସମ୍ବୋଧକ 'ଅଲ୍ଲା' ଶବ୍ଦରୁ ନିଷ୍ପନ୍ନ । ଯେତେବେଳେ ଅପଭ୍ରଂଶ ପ୍ରଣାଳୀରେ ପଡ଼ି ସାସ୍କୃତିକ ପଦ ଗୁଡ଼ିକ ବିକୃତାକାର ଧାରଣ କରି ଜଗତରେ ପ୍ରାକୃତ ନାମରେ ବ୍ୟବହୃତ ହେଲେ । ଏବଂ ସେ ପ୍ରାକୃତ ସୁଦ୍ଧା କାଳକ୍ରମେ ବିକୃତ ହୋଇ ଦେଶଜ ଭାଷାରେ ପରିଣତ ହେବାକୁ ବସିଲା । ସେହି ମଧ୍ୟ ଯୁଗରେ ପ୍ରୋକ୍ତ ଅଲ୍ଲାଶବ୍ଦର ଯତ୍‌କିଂଚିତ୍ ବିକୃତ ସମ୍ଭବ ଦ୍ୱିତ୍ୱଲୋପେ ପୂର୍ବ ବର୍ଣ୍ଣ ଦୀର୍ଘ ନିୟମାନୁ ସାରେ "ଆଲ" ହେଲା । ଅନେକ କାଳ ପରେ ଦେଶଜରୂପେ ଓଡ଼ିଆ ଦେଶରେ ବ୍ୟବହୃତ ହେଲା । ଏହା ଯେ ଓଡ଼ିଆ ମାନେ ସ୍ୱୀକାର କରିବେ ଏଥିରେ ସନ୍ଦେହ ନାହିଁ । ଏହି ଆଲ ଶବ୍ଦ ବହୁକାଳ ଯାଏ ଆମ୍ଭ ଦେଶରେ ଗୌରବାବହ ମାତୃ ସମ୍ବୋଧନ ଭାବେ ବ୍ୟବହୃତ ହେଲା ପରେ ଶେଷ ସ୍ୱର ଓକାରରେ ପରିଣତ ହୋଇ ବୋଧହୁଏ ବାଲ୍ୟ ପାଠ କେଶବ କୋଇଲିରେ ପ୍ରବେଶ ଲାଭ କରିଅଛି । ଏଥିରୁ ସ୍ପଷ୍ଟ ଅବଗତ ହୁଏ ଯେ ଏଥିଦ୍ୱାରା ବାଳକଙ୍କୁ ପ୍ରାଥମିକ ଗୁରୁ-ମାତାଙ୍କର ଗୌରବାବହ ସମ୍ବୋଧନ ଶିକ୍ଷା ଦିଆଯାଇଅଛି । କାଳକ୍ରମେ ନୀଚ ସ୍ତ୍ରୀ ସମ୍ବୋଧନ ରୂପେ ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କ ଦେଶରେ ଉକ୍ତ ଶବ୍ଦଟିର ସଜୀବ ବ୍ୟବହାର ଦୃଶ୍ୟ-ହୁଏ । ଆଉ ଏହି ଶବ୍ଦଟି ଓଡ଼ିଆ ଭାଷା ରାଜ୍ୟର ଗୋଟିଏ ସ୍ୱତନ୍ତ୍ର ସମ୍ପତ୍ତି । କାରଣ ଏହା ଅନ୍ୟ କୌଣସି ଦେଶୀୟ ଭାଷାରୁ ଆମ୍ଭ ଭାଷାକୁ ଆସିନାହିଁ, କିମ୍ବା ଅନ୍ୟ କୌଣସି ଦେଶୀୟ ଭାଷାରେ ଏ ପଦର ବ୍ୟବହାର ନାହିଁ । ପ୍ରାଚୀନ ଯୁଗରେ ସୁଦ୍ଧା ଏହି



Digitized by srujanika@gmail.com

ଶବ୍ଦଟି ଅନ୍ୟ କୌଣସି ଦେଶ ଭାଷାମଧ୍ୟରେ ପ୍ରଚଳିତ ଥିଲାବୋଲି ଆଶଙ୍କା କରିବାକୁ ସୁଦ୍ଧା କୌଣସି କାରଣ ନାହିଁ । କାରଣ ତାହାହେଲେ ସେହି ସେହି ଭାଷା ଭାଷୀ ନୀଚ ଶ୍ରେଣୀରେ ବ୍ୟବହୃତ ହୋଇଥାନ୍ତା । ଅତଏବ ନିଃସଙ୍କୋଚ ଚିତ୍ତରେ କୁହାଯାଇ ପାରେ ଯେ, କାଳେ ଓଡ଼ିଆ ଦେଶରେ ଉକ୍ତ 'ଆଲି' ଏହି ମାତୃ ସମ୍ବୋଧନ ବ୍ୟବହାରରେ ମାତୃ ଗୌରବ ସମ୍ବର୍ଦ୍ଧିତ ହେଉଥିଲା । ସେହି ଶବ୍ଦଟି ଏକ ସମୟରେ ଶ୍ରୀହୀର ଦେବଙ୍କ ଧର୍ମପତ୍ନୀ ବୋଧକ ବା ଶ୍ରୀହର୍ଷଦେବଙ୍କ ମାତୃ ବୋଧକ ହୋଇଥିଲା ।

ଅତଏବ ଆମ୍ଭେ କହୁ ଯେ କବିବର ଶ୍ରୀହର୍ଷ ଉତ୍କଳ ଦେଶବାସୀ ଅଟନ୍ତି । ବ୍ୟାଖ୍ୟାକାର ମଲ୍ଲିନାଥ ଦାକ୍ଷିଣାତ୍ୟ ଥିବାରୁ ସେ ଓଡ଼ିଆ ଶବ୍ଦ ଗୌରବ ସମ୍ବନ୍ଧେ ସବିଶେଷ ଜ୍ଞାତ ନଥିଲେ । ସୁତରାଂ ସେ ତାଙ୍କ ଦେଶର ସ୍ତ୍ରୀ ନାମ ବ୍ୟବହାର ଦୃଷ୍ଟିରେ ନିରର୍ଥକ ମାମଲ ପଦକୁ ଶ୍ରୀହର୍ଷଙ୍କ ମାତୃ ନାମରୂପେ ଲେଖି ପକାଇ ଅଛନ୍ତି । ନାରାୟଣୀ ଟୀକାକାର ଓଡ଼୍ର ଦେଶୀୟ ହେଲେ ସୁଦ୍ଧା ପ୍ରୌଢ଼ ମହା ପଣ୍ଡିତ ମଲ୍ଲିନାଥଙ୍କ ବ୍ୟାଖ୍ୟାନାଂଶରେ ବିଶ୍ୱାସ ସ୍ଥାପନ କରି ସେହି ଶବ୍ଦର ସବିଶେଷ ବିଚାରରେ ଦୃଷ୍ଟି ପକାଇ ନାହାନ୍ତି । ଏତେଦୂରର ବିଚାରକରିବା ସୁଦ୍ଧା ତାଙ୍କ ପକ୍ଷରେ ଅନାବଶ୍ୟକ । କାରଣ ନୈଷଧ ପରି ମହା କାବ୍ୟର ବ୍ୟାଖ୍ୟାନ ଲେଖା ଅବସରରେ ସର୍ଗଶେଷ ଶ୍ଳୋକ ପ୍ରତିପାଦିତ ମାତୃ ନାମ ବିଚାର ଗ୍ରନ୍ଥ ମଧ୍ୟର କଥା ନୁହେ । ତାହାରର କଥା ଏବଂ ଐତିହାସିକଙ୍କର କେବଳ ବିଚାର୍ଯ୍ୟ ବିଷୟ ।

କବିବର ନିଜ କାବ୍ୟର ଅଷ୍ଟାଦଶ ସର୍ଗର ୧୧୩ ଶ୍ଳୋକରେ "ଭଙ୍ଗପଣା" ଚତୁର୍ଦ୍ଦଶ ସର୍ଗର ୭୬ ଶ୍ଳୋକରେ "ଠାକୁରାଣୀ ପର୍ବ", ୧୫ ସର୍ଗ ୧୭ ଶ୍ଳୋକରେ ତାଳ ମୃଦଙ୍ଗ ଓ ବୀର କାହାଳୀ ନାଦ ସପ୍ତମ ସର୍ଗର ୪୭, ଦଶମ ସର୍ଗର ୮୨ ଦ୍ୱାଦଶୀ ସର୍ଗର ୭୬ ଷୋଡ଼ଶ ସର୍ଗର ୧୧୦ ବିଂଶ ସର୍ଗର ୮୨ ଶ୍ଳୋକ ମାନଙ୍କରେ ତାମ୍ବୁଲ, ଭୋଜନ, ଓ ତୃତୀୟ ସର୍ଗର ୧୨୬ ଶ୍ଳୋକରେ ଓଡ଼୍ର ସ୍ତ୍ରୀମାନଙ୍କର [ନୀଚ ଶ୍ରେଣୀରେ] କଣ୍ଠାଳଙ୍କାରର ଗଣ୍ଠିଦେବା ସ୍ଥଳେ ପୃଷ୍ଠ ଭାଗରେ ଯେଉଁ ପାଟସୁତା ବା ପୋହଳା ଝଣ୍ଟି ଗୁନ୍ଥା ସୁନା ଖଣ୍ଡିକ ଲମ୍ବି ରହିଥାଏ ସେ ବିଷୟ ସ୍ମରଣ କରି ନିଜର ଉତ୍କଳ ଦେଶ ବାସି ତା ଦୃଢ଼ କରି ଅଛନ୍ତି ।

## ରାଜ ସମ୍ମାନ

ସପ୍ତମ ସର୍ଗ ୧୦୨ ଶ୍ଳୋକରେ କବିବର ଲେଖି ଅଛନ୍ତି "ଦମୟନ୍ତୀଙ୍କର ପାଦ ଦ୍ୱୟ [ସାଧାରଣର ପଦ୍ମଦ୍ୱୟ ତୁଲ୍ୟ ନଥିଲେ] ପଦ୍ମ ରାଜଦ୍ୱୟ ତୁଲ୍ୟ ।" ସୁତରାଂ ରାଜପଦ ସାର୍ଥକତା ଲାଗି ବିଶେଷଣ ରୂପେ ପ୍ରୟୋଗ କରି ଅଛନ୍ତି । "ଶତଦନ୍ତନାଥୌ" ଅର୍ଥାତ୍ ଦୁଇଟି ଗଜପତିଙ୍କି ଜୟକରି ଅଛନ୍ତି । ତାତ୍ପର୍ଯ୍ୟ-ପ୍ରବଳ ପରାକ୍ରାନ୍ତ ଉତ୍କଳେଶ୍ୱର ଏକମାତ୍ର ଗଜପତି ମହାରାଜା ଯେତେବେଳେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିଶାଳ ଧରଣୀ ମଣ୍ଡଳରେ ଏକ ଛତ୍ରାଧିପତ୍ୟ ପ୍ରକାଶ କରି ଅନେକ ରାଜାମାନଙ୍କୁ ନିଜ ପାଦତଳେ ଝୁଙ୍କାଇ ରଖିଥିଲେ । ତାଙ୍କୁ କେହି ଜିଣି ପାରୁନଥିଲେ । ଜିଣିବା ଦୂରେଥାଉ, ନାମ ଶୁଣିଲା ମାତ୍ରେ ଶତ୍ରୁ ରାଜାଙ୍କର ହୃତ୍କମ୍ପ ଜାତ ହେଉଥିଲା । ସେପରି ଜଣେ ବ୍ୟକ୍ତିଙ୍କୁ ଯେ ଜୟ କରିବ ସେତ ତତ୍କାଳୀନ ଯୁଗର ଅଦ୍ୱିତୀୟ ପରାକ୍ରମ ଶାଳୀ ହେବାର କଥା । ସେ ପରି ଦୁଇଜଣ ରାଜାଙ୍କୁ ଜିଣିଥିବା କଥା ପ୍ରକାଶ କରି ପୂର୍ବୋକ୍ତ ପଦାବ୍ଜ ରାଜ ଦ୍ୱୟର ଅନୁପମତ୍ୱ ପ୍ରଦର୍ଶାଇ ଅଛନ୍ତି । ସେ ସ୍ଥଳେ ନାରାୟଣୀ ବ୍ୟାଖ୍ୟାନକାର କହନ୍ତି—"ଦମୟନ୍ତୀଙ୍କ ପଦାବ୍ଜ ରାଜଦ୍ୱୟ ଗଜପତି ଓ ଗୌଡ଼େଶ୍ୱର ଦୁହିଙ୍କୁ ଜୟକରି ନିଜେ ଅନୁପମ ହୋଇ ଅଛନ୍ତି ।" ଏହା ସଙ୍ଗତ ନୁହେ । ସେ ସମୟକୁ ଭାରତରେ ଗଜପତି ଓ ଗୌଡ଼େଶ୍ୱର ନାମରେ ଦୁଇଜଣ ରାଜା ନଥିଲେ । ଜଣେ ଉତ୍କଳେଶ୍ୱର ମାତ୍ର ଗଜପତି ଗୌଡ଼େଶ୍ୱର ଉପାଧିରେ



Digitized by srujanika@gmail.com

ଅଳଂକୃତ ଥିଲେ । ଏବଂ ଟୀକାକାରଙ୍କର ମତାନୁସାରେ ଶ୍ଳୋକ ସ୍ଥଳେ ଯଦ ଗୌଡେଶ୍ୱର ପଦରେ ଗୌଡ଼ ଦେଶାଧିପତି କବିଙ୍କର ଅଭିପ୍ରେତ ହୋଇଥାନ୍ତେ ତା ହେଲେ ଦମୟନ୍ତୀ ସ୍ୱୟମ୍ବର ସ୍ଥଳେ ତାଙ୍କପ୍ରତି ଯେଉଁ ଅନାଦର ସୂଚାଇ ଅଛନ୍ତି ତାହା କବି କଦାପି କରି ନ ଥାନ୍ତେ । ଯଦ୍ୟପି ସେହି ସ୍ଥଳେ ଗଜପତି ପଦରେ ଦୁଇଜଣ ରାଜା କବିଙ୍କର ଅଭିପ୍ରେତ ହୋଇଥାନ୍ତି ତେବେ ଉତ୍କଳେଶ୍ୱର ଗଜପତି ପ୍ରଥମ । ଆଉ କଳିଙ୍ଗେଶ୍ୱର ଦ୍ୱିତୀୟ ହେବେ । କାରଣ ଦମୟନ୍ତୀଙ୍କ ସ୍ୱୟମ୍ବର ସ୍ଥଳେ କବି ତାଙ୍କୁ ଅତ୍ୟନ୍ତ ସମ୍ମାନ ଦେଇ ଥିବାର ଦେଖାଯାଏ ।

କବିବର ୬ସର୍ଗର ଶ୍ଳୋ୬୧କରେ, ଆଉ ୧୪ସର୍ଗର ଶ୍ଳୋ୪୮କରେ ମଧୁକ ମାଳରେ ବରଣ ବିଧି ବର୍ଣ୍ଣିଥିବାର ଦେଖାଯାଏ । ପ୍ରାଚୀନ ଭାରତର କୌଣସି ରାଜବଂଶରେ ବିବାହରେ ଏହି ମଧୁକ ମାଳାର ବ୍ୟବହାର ଥିଲା । ସୁତରାଂ କବି ମଧୁକ ମାଳର ବ୍ୟବହାର ଲେଖିଅଛନ୍ତି । କେହି କେହି ଆଧୁନିକ ବ୍ୟକ୍ତି ଶାସ୍ତ୍ରସମ୍ମତ ପ୍ରାଚୀନାଚାର ପରମ୍ପରାନୁଯାୟୀ ଏହି ବ୍ୟବହାରକୁ କବିଙ୍କ ମନଗଢ଼ା କଥା ବୋଲିକହନ୍ତି । ତାହା ନିଜର ଅଜ୍ଞତାମୂଳକ ଶବ୍ଦ । ଆଉ କିଛି ନୁହେ । ସେହି ପ୍ରାଚୀନ ଏହି ମଧୂକ ବୃକ୍ଷରେ ସରସ୍ୱତୀଙ୍କୁ ପୂଜା କରନ୍ତି । ଏଥିରେ ବିଷ୍ଣୁ ପ୍ରୀତ ହୁଅନ୍ତି ବୋଲି ସାବିତ୍ରୀ ବ୍ରତ ପଦ୍ଧତି ଲେଖା ଅଛି । ଭାରତୀୟ ରାଜବଂଶର ବଂଶଧର ଗଙ୍ଗବଂଶାବତଂସ ରାଜାମାନଙ୍କର ବିବାହାଦି ଉତ୍ସବାବସରରେ ସେହି କୁଳାଚାର ବିଧିର ରକ୍ଷାର୍ଥ ଅଧିବାସ ପୂର୍ବରୁ ମହୁଲ ଗଛ ଗୋଟିଏ ଉତ୍ସବାଡ଼ମ୍ବରରେ ଆନୀତ ହୋଇ ମଣ୍ଡପ ସମୀପରେ ସଂସ୍ଥାପିତ ହୁଏ । ଆଉ ସେମାନଙ୍କର ଇଷ୍ଟଦେବ ମଧୂକେଶ୍ୱର । ଏଥିରୁ ଅନୁମାନ କରାଯାଏ ଯେ କବିବର ଜଣେ ଗଙ୍ଗ ବଂଶୀୟ ମହାରାଜାଙ୍କର ସଭା ପଣ୍ଡିତ ଥିଲେ । ତା ନ ହେଲେ ସୌରଭ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନ ପୁଷ୍ପାବଳୀ ପରିତ୍ୟାଗ କରି ମଧୂକ ମାଳାର ସୃଷ୍ଟି କରି ନଥାନ୍ତେ ।

## ସ୍ୱୟମ୍ବର ବିଚାର

କବିବର ନିଜ ରଚିତ ନୈଷଧ ମହାକାବ୍ୟର ଏକାଦଶ· ଦ୍ୱାଦଶ ଓ ତ୍ରୟୋଦଶ ସର୍ଗମାନଙ୍କରେ ଦମୟନ୍ତୀଙ୍କରସ୍ୱୟମ୍ବର ବର୍ଣ୍ଣନାକରିଅଛନ୍ତି । ତନ୍ମଧ୍ୟରୁ ଦ୍ୱାଦଶ ସର୍ଗରେ ଭାରତବର୍ଷର କେତେଜଣସୁବିଖ୍ୟାତ ବୀର୍ଯ୍ୟଶାଳୀ ନରପତିଙ୍କୁ ଉକ୍ତ ସ୍ୱୟମ୍ବର ସଭା ମଣ୍ଡପରେ ଉପସ୍ଥାପିତକରିଅଛନ୍ତି । ଆଉ ତ୍ରୈଲୋକ୍ୟବନ୍ଦନୀୟା ବିଦ୍ୟାଧିଷ୍ଠାତ୍ରୀ ଦେବତା ବାଗ୍‌ଦେବୀଙ୍କ ମୁଖରେ ସେମାନଙ୍କର ପରମ ପାବନ ପ୍ରଶସ୍ତି ପୁଞ୍ଜ ଉଦ୍ଭାବନ କରିଅଛନ୍ତି । ସେହି ପ୍ରଶସ୍ତି ଗାନ ପରେ କେତେକଙ୍କୁ ଦମୟନ୍ତୀଙ୍କ ସଖୀ ବା ଦାସୀଙ୍କ କୃତ୍ରିମ ଉପହାସ ବୋଧକ ବାକ୍ୟାବୋଲ ପ୍ରୟୋଗରେ ଅପମାନିତ କରିଅଛନ୍ତି ଆଉ କେତେକଙ୍କୁ ସମ୍ମାନ ଅର୍ପଣ କରି ସେମାନଙ୍କର ଲୋକୋତ୍ତର ମହତ୍ତ୍ୱ ବିଖ୍ୟାତ କରିଅଛନ୍ତି । ପରମ ସୁନ୍ଦରୀ ବୃନ୍ଦାରକ ବାଞ୍ଛନୀୟା ସତୀ ଶିରୋମଣି ଦମୟନ୍ତୀଙ୍କର ଦିକ୍‌ପାଳ ଗଣ ଶୋଭିତ ସେହି ସ୍ୱୟମ୍ବର ସଭା ମଣ୍ଡପରେ ଦିକ୍‌ପାଳୋପମ ବୀର୍ଯ୍ୟୌଦାର୍ଯ୍ୟଶାଳୀ ଯେଉଁ ରାଜନ୍ୟ ବୃନ୍ଦ ଉପସ୍ଥିତ ଥିଲେ, ସେମାନଙ୍କର ଏହି କୌତୁକାବହ ପ୍ରଶସ୍ତି ବର୍ଣ୍ଣନା ଆଉ ସମ୍ମାନା ସମ୍ମାନ ପ୍ରଦାନାଂଶରେ କବିବର ଯେପରି ହୃଦୟଗ୍ରାହୀ କବିତ୍ୱର ମାଧୁର୍ଯ୍ୟ ସାରଲ୍ୟାଦି ବ୍ୟକ୍ତକରି ଅଛନ୍ତି ତାହା କହିବା ବାହୁଲ୍ୟ ମାତ୍ର ।

[କ୍ରମଶ]



Digitized by srujanika@gmail.com

# ସମ୍ପାଦକୀୟ

ଏ ଅଣବକ ଯୁଗରେ ପୁଣି ନୂଆଁ ନୂଆଁ ସାହିତ୍ୟ-ଏସବର ପ୍ରକାଶ କାହିଁକି ? ଦ୍ୱିତୀୟ ମହା-ସମରର ନିଆଁ ଲିଭି ଲିଭିନାହିଁ, ସଂଗ୍ରାମର ଏକଟ କ୍ଷୁଧାଟ ଶେଷ ହୋଇ ହୋଇନାହିଁ, ଦେଶ ଦେଶ, ଜାତି-ଜାତି ମଧ୍ୟରେ ପରସ୍ପର ହିଂସା, କପଟ, ଅବିଶ୍ୱାସ, ଘୃଣା, ନିଷ୍ଠୁରତାର ବାଟ ଫିଟି ଫିଟି ଯାଉଛି । ସମ୍ମିଳିତ-ଜାତି-ଅନୁଷ୍ଠାନ (U. N O) ର ଅବସ୍ଥା ଅନ୍ତର୍ଜାତିକ ସଂଘ (League of Nation) ର ଅବସ୍ଥାକୁ ବଳିଯିବବୋଲି ଚିନ୍ତାଶୀଳ ଲୋକେ ଆଶଙ୍କା କରୁଛନ୍ତି । ବିପଦ ବେଳେ ସାମ୍ରାଜ୍ୟବାଦ ଯେଉଁ ମିଠ ପ୍ରତିଶ୍ରୁତି ଦେଇଥିଲା, ବିଜୟ ବେଳେ ତାହା ପାଶୋରି ନିଜର ମାୟାଜାଲ ଟାଣ କରିବାରେ ଲାଗିଛି, ଲୋକ ପ୍ରତିନିଧି ନାମରେ ସ୍ୱାର୍ଥପରଙ୍କ କୁଟିଳଲୀଳା ବଢିବାରେ ଲାଗିଛି । ଦାସତ୍ୱ-ଶୃଙ୍ଖଳାରେ ଆବଦ୍ଧ ଦେଶ ଓ ଜାତି ସମୂହ ସ୍ୱାଧୀନତା-ଆନ୍ଦୋଳନ-ସମୁଦ୍ରର ଉତ୍ତାଳ ତରଙ୍ଗ ମାଳରେ ଉତ୍କ୍ଷିପ୍ତ । ସେ ଆନ୍ଦୋଳନ ପୁଣି ନାନା ସ୍ୱାର୍ଥର ଧମକରେ, ଧର୍ମ-ଭେଦର ଛଳନାରେ, ଅସାଭାବିକ ସ୍ୱାତନ୍ତ୍ର୍ୟର ନାମରେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ବ୍ୟତିବ୍ୟସ୍ତ । ଏଣେ ପୁଣି ବିଦ୍ରୋହ, ବିପ୍ଲବ, ଅଶାନ୍ତି, ଦୁର୍ଭିକ୍ଷ, ଅନାଟନର ମରଣାନ୍ତକ ବିଭୀଷିକା କବଳ ଚିକ । ଏହା ଭିତରେ ଶାନ୍ତି କାହିଁ, ଅବସର କାହିଁ, କଳ୍ପନା କାହିଁ ଯେ ମନୁଷ୍ୟ ସାହିତ୍ୟର କମନୀୟତାରେ ଚିତ୍ତ ବିନୋଦନ କରିବ, ରସ ଆସ୍ୱାଦନ କରିବ ? 'ବୀଣା' ତଥା ଯେ କୌଣସି ସାହିତ୍ୟ ପ୍ରକାଶରେ ଆଜି ସାଧାରଣ ପାଠକମାନଙ୍କ ଏ ପ୍ରତିକ୍ରିୟା ଉଠିବା ସହଜ ।

× × × ×

ଏହାର ଉତ୍ତରରେ ଯେଉଁ ପୁରୁଣା କଥା କହି ହୋଇଛି ତା ଆଜି କି କୈଫିୟତ ଦେଇ ପାରିବ ? ଚିରନ୍ତନ ଓ ସାମୟିକ, ଆଦର୍ଶ ଓ ବାସ୍ତବ, ଗତି ଓ ମୁକ୍ତି, ଅନୁଭୂତି ଓ ଅକାଂକ୍ଷାର ବ୍ୟବଧାନ, ଯଥାଯଥ ସନ୍ନିବେଶ, ଯଥାଯଥ ସମନ୍ୱୟ, ଆନୁପାତିକ ମିଳନର ସନ୍ଦେଶ ଦେବାଛଡ଼ା ଆଉ କିଏ କଣ ଅଧିକ କହିପାରେ ? କୋଳାହଳ, ଝଗଡ଼ା, ବିସମ୍ବାଦ, ମିଥ୍ୟା, ଅନାଗ୍ରହ ଅଧର୍ମ, ଜୋରଯୋର ରାଜନୀତି (Power-Politics) ଭିତରେ ଜୀବନ ଗତି କରେ ସତ; ତଥାପି ଏସବୁ ଜୀବନର ସାର ଜୀବନର ଅଭିପ୍ରେତ ସାମଗ୍ରୀ, ଆଦରଣୀୟ ବିଷୟ, ଏହା କିଏ କହିପାରେ ? ସଂସ୍କୃତି ଚିରକାଳ ଏହାହିଁ ଶିଖାଉଛି । ପୁଣି ଏଇ ସଂସ୍କୃତିର ସୌଧ ସାହିତ୍ୟ, ଦର୍ଶନ, ବିଜ୍ଞାନ, କଳା ଇତ୍ୟାଦିର ମହନୀୟ ଉଦାର ସମର୍ପଣତାରେ, ସଂଗଠିତ ହୋଇଅଛି । ଦର୍ଶନର ଗଭୀର ତତ୍ତ୍ୱ ଆଲୋଡ଼ନ ଦାର୍ଶନିକମାନେ କରନ୍ତୁ; ବୈଜ୍ଞାନିକ ଆବିଷ୍କୃତିର ନୂଆଁ ନୂଆଁ ଅଦ୍ଭୁତ ଉପାୟ ବୈଜ୍ଞାନିକମାନେ ଉଦ୍ଭାବନ କରନ୍ତୁ । ଲଳିତ କଳାର ସମ୍ମୋହନ ରୂପରେ ରୂପାୟିତ, ସୌନ୍ଦର୍ଯ୍ୟର ସୃଷ୍ଟିକ ରସାଣରେ ରସାଣିତ, ଆନନ୍ଦର ସ୍ୱଚ୍ଛ ସରସୀରେ ସ୍ନାତ ଜୀବନର ଅକୃତ୍ରିମ ଶିକ୍ଷାରେ ଶିକ୍ଷିତ ସାହିତ୍ୟର ଯତ୍କିଞ୍ଚିତସେବା ଓ ସେ ସେବା ଫଳରେ ନିଜକୁ ଯତ୍କିଞ୍ଚିତ କୃତାର୍ଥ କରିବାର କାମନା ଘେନି 'ବୀଣା'ର ଜନ୍ମ । ଦରିଦ୍ରର ମନୋରଥ ପରି ଏ କାମନା ଅପୂର୍ଣ୍ଣ ରହିବ ବା ଭଗବାନଙ୍କର ମନୋରଥ ପରି ପୂର୍ଣ୍ଣାଙ୍ଗ ହେବ, ତାହା ବିଧାତାର ମଙ୍ଗଳମୟ ବିଧାନ ଉପରେ ନିର୍ଭର କରୁଛି ।

× × × × ×

ଆଦର୍ଶରୁ ଖସି ନିବଟ ବାସ୍ତବତା ଦୃଷ୍ଟିରେ ଆମର କେତୋଟି କଥା କହିବାର ଅଛି । ବିଶ୍ୱ-ସାହିତ୍ୟ ଅନାଦି କାଳରୁ ଏବେ ପର୍ଯ୍ୟନ୍ତ ଅସଂଖ୍ୟ ଭାଷାଗତ, ଜାତିଗତ, ଗୋଷ୍ଠିଗତ, ଦେଶଗତ, ଧର୍ମଗତ ସାହିତ୍ୟରେ ପରିପୁଷ୍ଟ, ସମୃଦ୍ଧ, ତା'ଭିତରୁ



Digitized by srujanika@gmail.com

ଗୋଟିଏ— ଆମର ମାତୃସାହିତ୍ୟ, ଓଡ଼ିଆ ସାହିତ୍ୟର ଯତ୍‌କିଞ୍ଚିତ ଆଲୋଚନା, ଅଭିବୃଦ୍ଧି, ପ୍ରସାର, ବିକାଶ ଆମର ଆକାଂକ୍ଷା । ଓଡ଼ିଆ ସାହିତ୍ୟ ପ୍ରାଚୀନ, ବୁଦ୍ଧିମନ୍ତ, ବିଶାଳ, ଗଭୀର, ପୁଣି ଆଧୁନିକତାର ନାନାକଥା କୁଟିଳ-କୁଟିଳ ଗତି ଓ ଛନ୍ଦରେ ସେହି ସାହିତ୍ୟର ଧାରା ପ୍ରବାହିତ । ସେହି ଗଭୀରତାରୁ ଅନୁସନ୍ଧାନ ମାର୍ଗରେ କେତୋଟି ମଣି ଆହରଣ କରି ତହିଁର ସୌନ୍ଦର୍ଯ୍ୟ ଫୁଟାଇବା ସଙ୍ଗେ ନୂତନତାର ତାତ୍ପର୍ଯ୍ୟ, ହାବ ଭାବ, ଉନ୍ନତ ବା ଅଭାବର ସଙ୍କେତ ଦେବା 'ବୀଣା'ର ଲକ୍ଷ୍ୟ । ପୁଣି ବେଳେ ବେଳେ ଏବେ ଦେଖାଯାଉଛି । ଆମର ସାହିତ୍ୟ ପରମ୍ପରା ଛିନ୍ନ ହୋଇ ପଡ଼ୁଛି । ପ୍ରାଚୀନ ଓ ନବୀନ ମଧ୍ୟରେ ଅସେତୁକ ବ୍ୟବଧାନ (Unbridged gulf) ରହିଯାଉଛି । ଅନେକ ଆଧୁନିକ ଲେଖା ଲୋକ-ସାହିତ୍ୟର ଉଣ୍ଡ୍ରିମ ବଜାଉଥିଲେ ମଧ୍ୟ କେତୋଟି ମତ ବାଦର ନିମିତ୍ତ ଭଳି ଜଣାଯାଉଛି । ମୁଷ୍ଟିମେୟ ଇଂରାଜି ଶିକ୍ଷିତଙ୍କ ଛଡ଼ା ପ୍ରକୃତରେ ଲୋକପ୍ରାଣ-କେନ୍ଦ୍ରକୁ ତାହା ସ୍ପର୍ଶ କରୁନାହିଁ । ଅନ୍ୟ ଦିଗରେ ପ୍ରାଚୀନ ସାହିତ୍ୟର ସମ୍ୟକ୍ ଆଲୋଚନା ହେଉନାହିଁ । 'ବୀଣା' ଏହି ସୃଷ୍ଟିତ ବ୍ୟବଧାନ ଉପରେ ସେତୁ ବାନ୍ଧିବାରେ ଗୁଣ୍ଡୁଚିମୁଷା ପରି ବାଲି ଝାଡ଼ି ପାରିଲେ, ଛିନ୍ନ ପରମ୍ପରାର ସଂଯୋଗରେ କିଞ୍ଚିତ୍ କାର୍ଯ୍ୟକାରୀ ହୋଇପାରିଲେ ଶ୍ରମ ସାର୍ଥକ ମନେକରିବ ।

× × ×

ଗତ ଯୁଦ୍ଧ ବେଳେ ବିଶାଳ ପ୍ରାକୃତିକ ଓଡ଼ିଶାରେ, ଦେଢ଼ କୋଟି ନରନାରୀଙ୍କ ମଧ୍ୟରେ ଗୋଟିଏ ସାହିତ୍ୟ ପତ୍ର ଚଳିପାରିଲା ନାହିଁ, କ୍ଷୋଭର କଥା । ଯୁଦ୍ଧ ପରେ ଏବେ ପୁରୁଣା ଓ ନୂଆଁ 'ସହକାର' 'ନବଭାରତ' 'ଚତୁରଙ୍ଗ' 'ଶଙ୍ଖ' 'ପ୍ରଭାତ' ଇତ୍ୟାଦି କେତୋଟି ଚଳୁଛି । ପୁଣି 'ନବୀନ' ସମ୍ପାଦକ ହେଲେ ମଧ୍ୟ ତା'ର ସାହିତ୍ୟିକ ଆକାର ସ୍ପଷ୍ଟ, ଦୃଢ଼ । 'ନବୀନ' ବାସ୍ତବିକ ଓଡ଼ିଆ ନବୀନ ଲେଖକ ଓ ଲେଖିକାଙ୍କର ଉତ୍ସାହଦାତା, ସେମାନଙ୍କ ଲେଖାର ପ୍ରକାଶକ । 'ବୀଣା' ଏହି ସବୁ ପୂର୍ବ ପ୍ରତିଷ୍ଠିତ ସହଯୋଗୀମାନଙ୍କୁ ଆନ୍ତରିକ ଅଭିବାଦନ ଜଣାଇବା ସଙ୍ଗେ ସେମାନଙ୍କର ସହଯୋଗ ପ୍ରାର୍ଥନା କରୁଛି । ପୁଣି ଓଡ଼ିଶାରେ ସାହିତ୍ୟିକ ଅନୁଷ୍ଠାନମାନ ଆଜ ଯାଏ ସବଳ ହୋଇ ପାରିନାହିଁ । ପ୍ରତିଷ୍ଠିତ 'ଉତ୍କଳ ସାହିତ୍ୟ ସମାଜ' ଏ ଦେଶର ଏକମାତ୍ର ପ୍ରଧାନ ଅନୁଷ୍ଠାନ ବୋଲି ବୋଧହୁଏ । ତଥାପି ତାହା ବିଶାଳ, ବ୍ୟାପକ, ସକ୍ରିୟ, ସଂଗଠନଶୀଳ ହୋଇ ପାରୁନାହିଁ । ପୁଣି ତା' ସାଙ୍ଗକୁ କେତୋଟି ଜିଲ୍ଲା ଅନୁଷ୍ଠାନ—ସମ୍ବଲପୁରର 'ଗଙ୍ଗାଧର ସାହିତ୍ୟ ପରିଷଦ', ଗଞ୍ଜାମର 'ସାରସ୍ୱତ ସଂଘ', 'ନବୀନ ସାହିତ୍ୟ ପରିଷଦ' ଇତ୍ୟାଦି ଦେଖାଯାଏ । 'ଓଡ଼ିଆ ସାହିତ୍ୟ ପରିଷଦ' ବିଜୁଳି ପରି ଝଟକି ଲୁଚିଗଲା । ଦୁଃଖ ଲାଗୁଛି, ସେହିପରି ଅନେକ ଅନୁଷ୍ଠାନ, ସମ୍ମେଳନୀ, ସମିତି, ସଭା, ସଂଘ ଏ ଦେଶରେ ତିଷ୍ଠି ପାରୁନାହିଁ । ଆହୁରି ଆଶ୍ଚର୍ଯ୍ୟର କଥା, ରାଜ-ନୈତିକ ଦଳଗତ ମନୋବୃତ୍ତି ଓ ସଂଘର୍ଷ ଆମର ନିର୍ମଳ, ସ୍ୱଚ୍ଛ । ସାହିତ୍ୟିକ ପାରିପାର୍ଶ୍ୱିକୁ ଦୂଷିତ କରୁଥିବା ଦେଖାଯାଏ । ସେ ଯାହାହେଉ, 'ବୀଣା' ଏ ବିଚ୍ଛିନ୍ନ ଅନୁଷ୍ଠାନ ମଧ୍ୟରେ ଯତ୍‌କିଞ୍ଚିତ ଯୋଗ ସୂତ୍ର ସ୍ଥାପନ କରି ସେଗୁଡ଼ିକ ସହଯୋଗମୂଳକ କର୍ମପନ୍ଥା, କିଞ୍ଚିତ୍ ଅଗ୍ରସର କରିବାର ଅବକାଶ ଓ କୃତିତ୍ୱ ଲାଭ କରି ପାରିଲେ ନିଜକୁ ଧନ୍ୟ ମନେ କରିବ । ସବୁ ସାହିତ୍ୟିକ ଅନୁଷ୍ଠାନକୁ 'ବୀଣା' ସାଦର ଆହ୍ୱାନ ଜଣାଉଅଛି ।

× × ×

ଏହି କଥା ନୂଆଁ ନୁହେଁ ଯେ ଏ ଦରିଦ୍ର ଅବନତ ଦେଶରେ ପ୍ରତିଭା ବନର ମାଳତୀ ପରି ବନରେ ଫୁଟି ଝଡ଼ି ଯାଉଛି । ପ୍ରତିଭା-ପୂଜାର ମହତ୍ତ୍ୱ ଆମେ ଆହୁରି ବୁଝିନାହୁଁ । ପ୍ରତିଭାର ପରିଚୟ ପାଇ ତାହାକୁ ଉତ୍ସାହିତ କରି ପାରିଲେ 'ବୀଣା' ସୁଖିହେବ ।

× × ×



Digitized by srujanika@gmail.com

'ବୀଣା' ଚାହୁଁଛି ଏ ଯୁଗରେ ସାହିତ୍ୟ ଆଉ କେବଳ ପ୍ରାଚୀନତାର ଗଣ୍ଡିତାଳିକା ପ୍ରବାହରେ ଭାସି ପାରିବ ନାହିଁ । ବହୁମୁଖୀ ବିରାଟ ଜୀବନ ଆଜି ବିବିଧ ମାର୍ଗରେ, ନାନା ଭାବରେ ଆତ୍ମ ପ୍ରକାଶ କରୁଛି । ବିଭିନ୍ନ ମତବାଦରୁ ସତ୍ୟ ସଂକଳନ କରି, ଦେଶ ଓ ଜାତିର କଲ୍ୟାଣ ସାଧନ ଦିଗରେ ଉଚ୍ଚ-ଦରର ସାଂସ୍କୃତିକ ପନ୍ଥା ଦେଖାଇ ଗଠନ ମୂଳକ ମନୋବୃତ୍ତିର ଚେତନା ଆଣି, କେବଳ ଭାରତର କାହିଁକି, ବିଶାଳ ଧରଣୀରେ ପ୍ରାଚୀନ ଉତ୍କଳର ଉପଯୁକ୍ତ ସ୍ଥାନ ନିର୍ଣ୍ଣୟ କରିବାରେ ସେବା ନକରି ପାରିଲେ, ଆଜି କାଲି ଯେ କୌଣସି ଅନୁଷ୍ଠାନର ମୂଲ୍ୟ ବା ମହତ୍ତ୍ୱ ରହିବ ନାହିଁ ।

× × ×

ଗୋଟିଏ ବିଶେଷ କଥା 'ବୀଣା' ବିନୀତ ଭାବରେ ଜଣାଉଅଛି । 'ବୀଣା'ର ଆତ୍ମ ପ୍ରକାଶ ମାନ୍ଦ୍ରାଜ ପ୍ରଦେଶର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ସମସ୍ୟାର ଗୁରୁତା ସମସ୍ତେ ଜାଣନ୍ତି । ଏ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତି କ୍ରମେ ଲୋପ ହୋଇ ଯାଉଛି । ବିଚ୍ଛିନ୍ନ ଓଡ଼ିଆଙ୍କ ସାମାଜିକ, ଆର୍ଥିକ, ରାଜନୈତିକ ଦୁର୍ଗତିର କଥା ତ ଦାଣ୍ଡରେ ପଡ଼ି ହାଟରେ ଗଡ଼ି ଯାଉଛି । ଆମର ବିଶ୍ୱାସ ଜାତୀୟ ସଂଗଠନରେ ମୌଳିକ ଭାଷା ଓ ସଂସ୍କୃତିଗତ ସଂସ୍ଥା ଲିପ୍ତ ହେଲେ, ଅନ୍ୟ ଅଭାବଗୁଡ଼ିକ ଆପେ ଆପେ ଘୁଞ୍ଚିଯିବ । ଏ କାର୍ଯ୍ୟରେ 'ବୀଣା' ଜାତୀୟତା ଦୃଷ୍ଟିରେ ଓଡ଼ିଶାରୁ ସକଳ ପ୍ରକାର ସାହାଯ୍ୟ ଓ ସହାନୁଭୂତି ଲଭିବ ବାଞ୍ଛନୀୟ ।

× × ×

କ୍ରମେ କ୍ରମେ 'ବୀଣା'ର ଆକାର ପ୍ରକାର ପ୍ରକାଶ ପାଇବ । ଏ ପ୍ରାଥମିକ ଉଦ୍ୟମ । ପ୍ରାଥମିକ ଉଦ୍ୟମ ଜନିତ ତ୍ରୁଟି ନିହିତ ରହିବ । କ୍ଷମା ମିଳିବ ବୋଲି ଆଶା । ଧନବଳ, ଜନବଳ, ସଂଗଠନବଳ ସବୁଥିରେ ଆମର ଅଭାବ ଥିଲେ ମଧ୍ୟ ଆଦର୍ଶର ପ୍ରେରଣାରେ ସାହସୀ ହୋଇ ଆତ୍ମପ୍ରକାଶ କରୁଛୁ । ଏକାନ୍ତ ନିବେଦନ, ଓଡ଼ିଶାର ସାହିତ୍ୟିକ, ପଣ୍ଡିତ, ଜ୍ଞାନୀ, ଧନୀ, ମାନୀ - ସର୍ବସାଧାରଣଙ୍କ ବଦାନ୍ୟତା, ଶୁଭ ଦୃଷ୍ଟି, ସହଯୋଗ ଆମର ଏ କାର୍ଯ୍ୟରେ ରହିବ ।



Digitized by srujanika@gmail.com

# ନିୟମାବଳୀ

୧ 'ବୀଣା' ପ୍ରତ୍ୟେକ ଓଡ଼ିଆ ଗୃହ୍ଣ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ, ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପହିଲି ତାରିଖରେ ପଠାଉଥିବେ ।

୨ ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖିଥିବା ଉଚିତ । ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବାପାଇଁ ବିନୀତ ଅନୁରୋଧ ।

୩ ଲେଖକ ଡାକ ଟିକଟ ଯୋଗାଇଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ।

ସମ୍ପାଦକ, 'ବୀଣା'

ମୁଦ୍ରାକର—ଶ୍ରୀ ସିଂହାଦ୍ରି ପଣ୍ଡା, ରୟାଲ ପ୍ରେସ, ମହୁରୀ ରାଜରୋଡ଼, ବ୍ରହ୍ମପୁର [ଗଞ୍ଜାମ]

Digitized by srujanika@gmail.com

# ବିଜ୍ଞାପନ

୧ 'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୲, ଏହା ଅଗ୍ରିମ ଦେୟ, ଗ୍ରାହକଙ୍କ ଇଚ୍ଛାନୁମତେ ଭି: ପି:ରେ ମଧ୍ୟ ପଠାଯିବ ।

୨ ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୲୶

୩ 'ବୀଣା' ସଂପର୍କରେ ଯେ କୌଣସି କଥା ପତ୍ର ଦ୍ୱାରା ଜାଣିବାକୁ ହେଲେ ଗ୍ରାହକେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେନାହିଁ ।

୪· କିଛି କାଳପାଇଁ ଗ୍ରାହକେ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇପାରିବେ ।

୫ ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ରର ଆଦାନ ପ୍ରଦାନ ରଖିବେ ।

୬ କୌଣସି କାରଣ ବଶତଃ ବୀଣା ପାଇବାରେ ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇପାରୁଥିବେ ।

୭ ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ ।

ପରିଚାଳକ, 'ବୀଣା'

**ବାର୍ଷିକ ଦେୟ ସଡାକ ୫୲** **ପ୍ରତି ଖଣ୍ଡ ୲୶**

Digitized by srujanika@gmail.com

ପ୍ରଥମ ବର୍ଷ

ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା

ଦ୍ୱିତୀୟ ସଂଖ୍ୟା

# ବୀଣା

ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ, ବ ଏ,

Digitized by srujanika@gmail.com

# ସୂଚୀ


| | | | |
|---|---|---|---|
| ୧ | ଜୀବନ ମରଣ କିଛି ଦିଶଇ ନାହିଁ (କବିତା) | ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍, ଏ | ୩୯ |
| ୨ | ସ୍ତବକ ଝରିପଡ଼େ (ଗଳ୍ପ) | ଶ୍ରୀ ଶ୍ରୀବତ୍ସ ନାୟକ | ୪୧ |
| ୩ | ଉପନ୍ୟାସ ସାହିତ୍ୟ (ପ୍ରବନ୍ଧ) | ଅଧ୍ୟାପକ ଶ୍ରୀ କାହ୍ନୁଚରଣ ମିଶ୍ର, ଏମ୍, ଏ | ୪୫ |
| ୪ | ଭକ୍ତ କରବୀ (କବିତା) | ଶ୍ରୀ ନରସିଂହ ଦେଓ | ୪୭ |
| ୫ | ସାହିତ୍ୟରେ ମନୁଷ୍ୟ ଓ ପ୍ରକୃତି (ପ୍ରବନ୍ଧ) | ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାସ, ଏମ୍, ଏ | ୪୮ |
| ୬ | ଆକାଂକ୍ଷା (କବିତା) | ଶ୍ରୀ ଜଗନ୍ନାଥ ଦାସ, ୟୁ, ବି, ପି, | ୫୨ |
| ୭ | ସାଉଁଟା ଫୁଲର ମସ୍ତକ (ଗଳ୍ପ) | ଶ୍ରୀ ପ୍ରହ୍ଲାଦ ମାହାନ୍ତି | ୫୩ |
| ୮ | ରାଗାନୁଗା ଭକ୍ତି (ପ୍ରବନ୍ଧ) | ଶ୍ରୀ ହରବନ୍ଧୁ ଦାସ | ୫୮ |
| ୯ | ସୁଧାମୟ ସୃଜନର ମୁଁ ସୁଧା ପ୍ରତୀକ (କବିତା) | ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ବି, ଏ, (ଅନର୍ସ) | ୬୧ |
| ୧୦ | ପ୍ରେମ ପଥେ (ଗଳ୍ପ) | ଶ୍ରୀ ମହାଦେବ ମହାପାତ୍ର | ୬୨ |
| ୧୧ | ଗ୍ରହ ନିର୍ଣ୍ଣୟ (ପ୍ରବନ୍ଧ) | ପଣ୍ଡିତ ଯୁଗଳକିଶୋର ପାଣିଗ୍ରାହୀ | ୬୬ |
| ୧୨ | ମୋ ଦେଶ (କବିତା) | ଶ୍ରୀ ବ୍ରଜସୁନ୍ଦର ପଟ୍ଟନାୟକ, ବି, ଏ, ବି, ଏସ୍‌ସି, | ୬୮ |
| ୧୩ | ଜୀବନ ଯାତ୍ରା (ଗଳ୍ପ) | ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା | ୬୯ |
| ୧୪ | ଭୁଲିଗଲ (ପଦ୍ୟ) | କୁମାରୀ ନିହାର ପାତ୍ର | ୭୩ |
| ୧୫ | ପ୍ରାଚ୍ୟ ଓ ପାଶ୍ଚାତ୍ୟ | ଜାତିସେବକ ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ | ୭୫ |
| ୧୬ | ସମ୍ପାଦକୀୟ | | ୭୯ |


Digitized by srujanika@gmail.com

ଦ୍ୱିତୀୟ ସଂଖ୍ୟା | ବୈଶାଖ—୧୩୫୪ | ପ୍ରଥମ ଭାଗ

ଓଁ ଯସ୍ତେ ସ୍ତନଃ ସୁଶୟୋ ଯୋମୟୋଭୂ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ ।

ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତୀ ତମିହ ଧାତବେ କଃ ॥

ବୀଣା

# ଜୀବନ ମରଣ କିଛି ଦିଶଇ ନାହିଁ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍, ଏ,

'ଜନ୍ମ ଜନ୍ମ ଯିବ
ନପାଅ ଭଲ ଅଉ କାହାକୁ
ଯେ ଯାହାକୁ ପାଏ ଭଲ
ତାହାର ପାଇଁ ସେ ଯେ ଲଭେ କଷ୍ଟକୁ ।
ତାହା କହିବାର ନୁହଇ ଭାଇ
ଯେ ପାଇଛି ଭଲ ଯାହାକୁ
ତାହା ସେ ଜାଣଇ ।
ବରଷର ବୃଶ୍ଚିକ ଦଂଶନ ଦିନକର
ନେଇଯାଏ ଜୀବନ ଚିର ଦିନର
ଏଥର ଯୋଗୀ ହେବ ମୁହିଁ
କାହାରେ ଭଲ ପାଇବି ନାହିଁ
ଏକାକୀ ଏକାକୀ ଅପଣା ପ୍ରେମରେ ମାତି
ବାହାରିବ ମୁହିଁ ସତେ ଦିବସ ରାତି
କେହି ମୋର ମନ ନ ବୁଝିଲା ଯେବେ,
କି ଫଳ କୁହ ଭଲ ପାଇ ତେବେ ?
ବହୁ ଦିବସର ବିରହ ପରେ
ଆସିଲ ଯେବେ ମୁହିଁ ଘରେ

ପ୍ରିୟ ଯେବେ ଅଛୁ ଏହୁ, ପାଶେ ନାହିଁ ମୋର—
କି ଲଭ, କି ଲଭ, କହତ ମୋତେ
ଏ ବୃଶ୍ଚିକ ଦଂଶନ ଲଭିବାର ?
ନୁହେଁ କି ଏ ମାୟାମୋହ ?
ନୁହେଁ କି ଏ ଭ୍ରମ କହ କହ ।
ନିଜର ଗାଲେ ନିଜେ ଚାପୁଡ଼ା ମାର
ରହିବ ଏଥର ଏକାକୀ ନାହିଁ କେହି ମୋହର
କପାଳେ ଯାର ନାହିଁ ସୁଖ
ସେ କି ପାଇବ ତାହା ? ମିଛ ମିଛ
ସକଳେ ହେବେ ତାହାର ବିମୁଖ ।
କେହି ନାହିଁ ମୋର, କେହି ନାହିଁ ମୋର,
ମୁଁ ଏକାକୀ, ଏକାକୀ, ନିତାନ୍ତ ଏକାକୀ
ମୁଁ ମୋହର
ବିଜନ ଘରେ ଏକାକୀ ମରେ ଛଟପଟେ
ହେବକି ପାଗଳ ?
କାହିଁକି ଏପରି ବିହ୍ୱଳ ?

Digitized by srujanika@gmail.com

ଅପଣାରେ ରଖ ଅପଣା ପାଶୋରେ,
ନରଖି ମନ ଅନ୍ୟ କାହାଠାରେ,
ଦେଖିବ ଦ୍ରବ୍ୟ ଧନ,
ମିଳିବ ସେ ସଘନ
ଅପଣା ପାଶେ ଅପଣା ଜନ
ଛାଡ଼ ନ ଯିବ ସେ କେଉଁ ଦିନ
ରହିବ ସେ ଅନୁକ୍ଷଣ ।
ନାହିଁ ତେବେ ମୋର କେହିକି ?
ମୁହିଁ ତେବେ ଅଛି ଏକାକୀ !
ହଁ, ହଁ, ଅଜଠାରୁ ମୁଁ ଏକାକୀ
ବିଜନତା ମୋର ଚିରସଖୀ ଏଣିକି
ରହିବି ମୁହିଁ ତହିଁ ଅପଣାରେ ବକି ।
ହୋଇଛୁ ପାଗଳ ଅଜ ବିରହେ ସିନା,
ଏ ତପ୍ତ ଶିର ଏ ଶୁଷ୍କପ୍ରାଣ
ବଞ୍ଚିବ କି ନା
ଅଜ କେତେ ଦିନ ନ ହୁଏତ ମୋତେ ଜଣା ।
ଦେଖି ଦେଖି ଅଜ ଶିଖିବ କେବେ,
ଜୀବନ ନାହିଁ ମୋର ମରଣ ଲଭେଁ
ଓଃ ! କି କଷ୍ଟ ! ସକଳେ ଯେବେ ସୁପ୍ତ
ନାହିଁ ଅଖିରେ ନିଦ ମୋହର, ମୁହିଁ ଅଛି ହନ୍ତସନ୍ତ ।
କାହା ପାଇଁ କାହା ପାଇଁ କାହା ପାଇଁ କହ
ନାହିଁ ନାହିଁ ନାହିଁ ନାହିଁ ନାହିଁ ରହ
ଏଣିକି ଏକାକୀ ରହିବ ନାହିଁ କାହିଁ ଗୃହିଁକି
ଶାନ୍ତ ହେବ ଏ ମନ ଶୀତଳ ଯେ ଶରୀର ଏଣିକି ।
ନଯିବି କାହାରି ପାଛୁରେ,
ଦୂରେ ଦୂରେ ରହିବି ସଦା ଅପରଶେ,
ପରମ ସୁଖ ଜଣାଏ ବେଦନା,
ନାହିଁ ମୋର କେହି ମୁଁ ଯେ ନିଜେ ଅନ୍ୟମନା
ମରମ ଭଜେଁ ଦିନୁଁ ଦିନ
ଭଲ ପାଇ ସିନା ଜଣ ଜଣ
ନାହିଁ ମୋର କେହି ମୁଁ ଅଛି ଅଭାଗା ଜନ,
କାହିଁକି ଲୋଡ଼େ ଚନ୍ଦ୍ର ହୋଇ ଯେ ବାମନ
ନାହିଁ ମୋର ଭାଗ୍ୟ ସୁଖ ସଉଭାଗ୍ୟ
ରୌରବ ଯନ୍ତ୍ରଣା ନିତ୍ୟ ଅନୁଭୋଗ ।
ହାୟ, ହାୟ, ହାୟ, ! କି ପାପ କରିଥିଲି କେବେ
ଭଲ ପାଇ ନ ପୂରିଲା ମନ ଏବେ ମରଣ ଅନୁଭବେ
ମରିବି ମରିବି ମରିବି ତେବେ କାହାକୁ କିଛୁ ନକହି
ମରଣ ଶ୍ରେୟଃ ବଞ୍ଚିବା ସିନା ମିଛ ମୋ ପକ୍ଷେ ଭାଇ ।
କିଏ ଅଛ ପ୍ରିୟ ମାର ଅବା ପକାଅ ମୋତେ
ଜାଣିବି ନିଶ୍ଚିନ୍ତେ ଚିରକାଳ ପାଇଁ ବଞ୍ଚିଗଲି ସତେ
ଏ ଯେ ଘୋର ଯନ୍ତ୍ରଣା ଅଖି ବୁଜେ ନାହିଁ ।
ଏକାକୀ ରହେଁ ବସି ଖାଲି ଚୁହିଁ ଚୁହିଁ
କେହି ମୋର ନାହିଁ କେହି ମୋର ନାହିଁ
ମୁଁ ନୀରବେ ଏକାକୀ ନୀରବେ ରହେଁ ଏକାକୀ ଭାଇ ।
ଅଙ୍ଗ ମୋର ଛଟପଟ ହିଅ ମୋର ନାହିଁ
ମରଣ ମୋର ଜୀବନ, ଜୀବନ ଅସଇ ନାହିଁ
ଏ ଯେ କି ଯନ୍ତ୍ରଣା ଦରଦ ! ବୁଝିବ, ତୁହି
ଅଜ କାହାକୁ କହିବ ? ବୁଝିବ କିଏ
ତୁ ଯଦ ବୁଝିବୁ ନାହିଁ ।
କେଉଁ ପଥେ ନେଇଯାଅ ମୋତେ କିଏ ତୁହି
ଦିଗ୍‌ଭ୍ରାନ୍ତ କି ମୁହିଁ ?
ଭାବିଥିଲି ପାଇଥିଲି ରେଖା, ଦେଖିଥିଲି ପଥ
ଚାଲିବି ସବୁ ଦିନେ ସୁଖେ ତହିଁ ।
ସରିଗଲା ପଥ ମୋର ସେ ପଥେ ବୁଲି
ନାହିଁ ପଥ ଅଜ ମୋର ସୁନା ଭେଳା
ଜୀବନ୍ତ ମରଣ କପାଳେ ମୋର
ଏବେ ଲେଖାକି ହେଲା ?
ମୁଁ ଏକାକୀ, ଦାରୁଣ ଜୀବନ ପଥେ ଏକାକୀ
ଚାଲିବି, ନ ପାରିଲେ ମୃତ୍ୟୁ ଆଲିଙ୍ଗିବ
ଏହିପରି ବକି ବକି
ଅକୂଳ ପାରିବାରେ ପଥ ଦିଶଇ ନାହିଁ
ଅନ୍ଧକାର ରାତି ଏକାକୀ ମୁହିଁ
ନାହିଁ ନିଦ, ନାହିଁ କାନ୍ଦ, ନାହିଁ ମରଣ,
ହାୟ ହାୟ ହାୟ ! ଏକି ହେଲା ରହ ରହ ରହ ?



Digitized by srujanika@gmail.com

କେଉଁ ଆଶାରେ କ ପଥରେ କାହାକୁ ଗୁହଁ
ଜୀବନ ଏବେ ନେବ ବାହି ?
ନିଦ ବନା ଏ ଶରୀରୀ ଯିବ ଭାଙ୍ଗି
ବେଗ ଆସିବ ଘେର
ଭଲ ହେବ କେହି ନ ରହିବେ ହୋଇ ମୋହର ।
ସଡି ସଡି ଯିବ ଏକାକୀ ବଜନ କାରାଗାରେ ଭର ।
ଏ ଜୀବନର ଏହି ଶେଷ ଲେଖା
ଏ ଜୀବନର ଏହି ଶେଷ ଦେଖା

ନ ମୁଦବ ଆଖି, ଗୁହଁ ରହୁଥିବ କିଛୁ ଦିଶିବ ନାହିଁ
ଭାବୁଥିବ କିଛୁ ଭାବନା ଆସିବ ନାହିଁ
କେହି ନାହିଁ, କେହି ନାହିଁ, କେହି ନାହିଁ
ମୁଁ ଯେବେ ନିଜେ ନିଜ ଠାରେ ନାହିଁ
ହାୟ ହାୟ ଏକି ହେଲା କହ
ଜୀବନ ମରଣ କିଛୁ ଦିଶଇ ନାହିଁ

# ସ୍ତବକ ଝରିପଡେ

ଶ୍ରୀ ଶ୍ରୀବସ୍ତ ନାୟକ

ବର୍ଷଣ ମଧ୍ୟାହ୍ନ ।...

ଝର୍କାର ପର୍ଦ୍ଦା ଦୋହଲେଇ ଝଲକାଏ ଶୀତଳ ପବନ ଆସି ଲଗିଲା ମୋର ଗଣ୍ଡରେ । ଅର୍ଥହୀନ ଫନସ୍ତ ବେଦନା ବାହାର ପରିସ୍ଥିତିର ସହାନୁଭୂତି ପାଇ ପୁଣି ମନ ଭିତରେ ଚେଇଁ ଉଠିଲେ ।...

ବାହାରେ ଭୀଷଣ ବର୍ଷା । ଶେଷ ଶ୍ରାବଣର ସାମ୍ଭ୍ରରିକ ଶୃଙ୍ଗାର କିଶୋରୀ ଧରିତ୍ରୀ ଉପରେ ଅଜସ୍ର ରସଧାରା ଢାଳି ଯାଉଛି ।...ଘର ଭିତରଟା ଅସ୍ତେ କଳା ପାଲଟି ଆସୁଛି । କରୁଣ ଦୃଷ୍ଟିରେ ଅନେଇଲି...ଝର୍କା ବାହାରର ଆମଲକୀ ବନ-ଶୀର୍ଷରେ ଯେଉଁଠି ଶ୍ରାବଣର ଶ୍ୟାମଳ ମୌସୁମୀ ମିନତିର କଜଳ-କଳା କେଶ ରାଶିର ଭ୍ରମଉପୁଜେଇ ମେଘ ଧାରରେ ତୁଳୀ ଟାଣି ବୁଲେଇ ଆଣୁଥିଲା ।...

କାହାର କଅଁଳ ହାତର ପାପୁଲି ଅତର୍କିତ ଭାବରେ ମୋର ଆଖି ବୁଜି ଧରିଲା । ଧୀର ଭାବରେ ହାତ ଠେକି ସେଇ ହାତ ଦୁଇଟି ଉପରେ ଅସ୍ତେ ହାତ ବୁଲେଇ ନେଲି । କରର କଙ୍କଣ ପରଶରେ ଧୀର ହସି କଅଁଳ କଣ୍ଠରେ ଡ଼ାକିଲି...'ମିନୁ !'

କଣ୍ଠର ଦରଦ ପାଇ ଚପ ମୋର ଆଖି ଛାଡ଼ି-ଦେଲା, ଫେରି ଦେଖିଲି ସେ ମିନତି ନୁହେଁ...ସରୋଜ ।...ସରୋଜର ମୁହଁରେ ହଠାତ୍ ରକ୍ତ ଜମି ଯାଇଛି । ଅସମ୍ଭବ ଅଭିମାନ ମିଶା କୋଧରେ ଲାଲ ଓଠ ଦୁଇଟି କମ୍ପି ଉଠୁଛି ଇଷତ୍ ।...ଆଖିର ତାରିରେ ପଲକ ନାହିଁ ।...

ଅସତର୍କ ମୁହୂର୍ତ୍ତରେ ମୁଁ ସରୋଜ ଆଗରେ ମିନତି କଥା ବାଢ଼ିଛି ! ମୋର ମନ ଭିତରର ଏଇ ଗୋପନ ବସ୍ତୁଟିକୁ ମୋର ଏକମାତ୍ର ଅସତର୍କ ଭୁଲରେ ସରୋଜ ଧରି ନେଇଛି ।...ମିନତିକୁ ଭଲ-ପାଇବାକୁ ଯାଇ ମୁଁ ସରୋଜକୁ ଭୟ କରିଛି ।...

ସରୋଜ ଅସମ୍ଭବ ଗମ୍ଭୀର । ମିନତି...ମିନତି !!! କେଉଁ ଅତୀତର ଝାପ୍‌ସା ଗହ୍ୱର ଭିତରୁ ଗୋଟାଏ ଦଗ୍‌ଧ ଭାବର ଖିଅ ଯେମିତି ସେ ହଠାତ୍ ଯୋଡି ନେଇଛି ।...ମୋର ମନ ଗହ୍ୱରର ସେଇ ଭଗ୍ନାନକ ଆବିଷ୍କାରକ ଆଗରେ ଯେମିତି ମୁଁ କ୍ଷଣକୁ କ୍ଷଣ ମାଟିରେ ମିଶି ଯାଉଛି ।...

ଅପରାଧୀ ଭୀରୁ କଣ୍ଠରେ ସରୋଜର ହାତଟିଏ ଧରି କହିଲି..., 'ଦୟିବନି ସରୁ !'...

ସରୋଜ ବସିଲନାହିଁ । ଚକ୍ଷୁ ଭିତରେ ତା'ର ଜଳ ଝରିବାର ଉପକ୍ରମ କରିଚି । ଏତେଦିନର ନିବିଡ଼ତା ଭିତରେ ସେ ଯିମିତି ହଠାତ୍ ଫାଙ୍କ ଦେଖି ନେଇଚି ! ମୁଁ ଅପ୍ରତିଭ ହେଲି ।

ବାହାରେ ବଜ୍ର ଡାକିଲା । ହଠାତ୍ ଯେପରି ଚମକିପଡି ଚେୟାର ଉପରେ ନଇଁପଡି କାନ୍ଦି ଉଠିଲା ସରୋଜ ।...ଯୁବତୀ କଣ୍ଠର କରୁଣ ଆର୍ତ୍ତ-ନାଦରେ ଘର ଭିତରର ବାୟୁ ବିକଳ ହୋଇ ଉଠିଲା ।...ବାହାରର ବତାସ କାନ୍ଦିଲା...ବର୍ଷାଧାରା କାନ୍ଦିଲା...ବନ ତଳର ବିହଗୀ କାନ୍ଦିଲା;—କାନ୍ଦିଲା ...କାନ୍ଦିଲା...କାନ୍ଦିଲା !...

ସ୍ତବ୍ଧ ହୋଇ ଦେଖିଲି ସରୋଜର କ୍ରନ୍ଦନ । ମିନତି ପ୍ରତି ଏତେଦିନ ତା'ର ଯେ ବିଶ୍ୱାସ ଥିଲା... ଆଜ ହଠାତ୍ ତା' ତୁଟିଯାଇଚି ! ଦାୟୀ ମୁଁ । ହାୟ ମିନତି...ଚପଳା କିଶୋରୀ...ତମେଇ ଶେଷରେ ଧରା ପଡିଗଲ ?...

ସରୋଜର ସାଥୀ ମିନତି । କଣ୍ଠରଲାଳିତ୍ୟ... ଚପଳ ଚରଣର ନୃତ୍ୟଛନ୍ଦରେ ମିନତି ଛବି ଅବସ୍ଥାକୁ ପ୍ରଦେଶର ଦୃଷ୍ଟିଭେଦ୍ ହୋଇ ରହିଛି ! ପ୍ରାଣରେ ପ୍ରତିଭା—ଜନୁତଃରେ ଅସୀମ ସୌନ୍ଦର୍ଯ୍ୟର ତରଙ୍ଗ... ଅଙ୍ଗେ ଅଙ୍ଗେ ଖଞ୍ଜନର ଚପଳତା ।...

ସରୋଜ ହିଁ ମତେ ସେ ଦିନ ଦେଖାଇଥି-ସେ' ଥରେ ଘରେ ମୋର କାନ ପାଖରେ ମୁହଁ ଗୁଞ୍ଜି ଥଟ୍ଟା କରି କହିଥିଲା..., 'ମିନତିଟି କପରି ?' ଟାଳି ଭିତରେ କିଚି କିଚି ଫଗୁ ହସ ।...

ସରୋଜର ଗାଲ ଟିପି କହିଥିଲି..., 'ତମଠୁ ସୁନ୍ଦର ନୁହେଁ ସିଏ !' ବିହ୍ୱଳ ମୋହଦୃଷ୍ଟି । ଲଜ୍ଜାରେ ସରୋଜର ଗଣ୍ଡରେ ଗୋଲାପ !... ମୁଠାଏ ଫଗୁ ଯିମିତି କିଏ ଛିଞ୍ଚି ଦେଇଚି !

ଅବସରରେ ସରୋଜ ଚାଲିଗଲା...କିନ୍ତୁ ମୁଣ୍ଡ ତଳର ସରୋଜର 'ଲଇଜୁ' ବେଣୀର ଗନ୍ଧରେ ଭରପୂର ତକିଆ ମନକୁ ବିହ୍ୱଳ କଲା ନାଇଁ... ସରୋଜର ରକ୍ତ ଅଧର—ପୀଡ଼ନର ଦାଗ ସେତେ-ବେଳେ ଗଣ୍ଡରୁ ଲିଭି ନ ଥିଲେହେଁ ମନ ଭିତର ତା'ର ବୈଚିତ୍ର୍ୟ ଅନୁଭବ କରି ପାରୁନଥିଲି ।

ବସନ୍ତର ଗଛ ପତ୍ରରେ ସଫେଦ୍ ରୁପାଲୀ ଜୋଛନା...ଆଜ ଶସ୍ୟହୀନ କେଦାରେ କେଦାରେ ଝିଁଂକାରର ଝଂକୃତ ସଙ୍ଗେ ସଙ୍ଗେ କା'ର ନୂପୁରର ଉଚ୍ଛଳ ନୃତ୍ୟଛନ୍ଦ !! ଦିଗନ୍ତର ପୃଷ୍ଠଭୂମିକା ଉପରେ କିଏ ଯିମିତି ନାଚି ଚାଲିଚି ଉଚ୍ଛଳ ଛନ୍ଦରେ !

ଦିନ ବିତିଲା ।...ତା'ପରେ ମନେ ପଡେ ସରୋଜହିଁ ଦିନେ ସେଇ ରାଜନର୍ତ୍ତକୀକୁ ମୋର ସ୍ୱପ୍ନର ଅଳକାକୁ ବରଣ କରି ଆଣିଲା...ରାଜନର୍ତ୍ତକୀ ......ରାଜ-ନର୍ତ୍ତକୀ !!

ମିନତିର ନେତ୍ରଧାରରେ ଖଞ୍ଜନର କ୍ଷିପ୍ରତା... ଯୌବନର ସ୍ପନ୍ଦନରେ ଚପଳ ତା'ର ଗତି !! ମିନତି ଥରେ ମାତ୍ର ମତେ ଚାହିଁଥିଲା—କିନ୍ତୁ ସେଇ ଥରକର ଦୃଷ୍ଟିରେ କିଶୋରୀ ଜୀବନର ସମସ୍ତ ସମ୍ବର୍ଦ୍ଧନା ସେ ନିବେଦନ କରିଗଲା ଗୋପନରେ !

ଭଦ୍ରତା ରଖି ସେ ଦିନ ମିନତିକୁ କଥା କହି ପାରି ନଥିଲି ।...ସରୋଜ ହସିଥିଲା ।...

... ... ଦୃଶ୍ୟ ଅପସରି ଗଲା । ଚେୟାର ଉପରୁ କ୍ରନ୍ଦନରତା ସରୋଜର ଉଦ୍‌ଗତ ଅଶ୍ରୁସ୍ରୋତ ମୋର ଉତ୍ତରୀୟ ସିକ୍ତ କରି ଦେଇଚି ।...ଡାକିଲି... 'ସରୁ" !...

ମଥା ଟେକି ଉଠିଲା ସରୁ ! ମନ୍ଦାର ଫୁଲ ପରି ରଂଗା ପଡି ଯାଇଚି ଆଖି ଦୁଇଟି ତା'ର । ବୁକୁ ଭିତରେ ଗଭୀର କ୍ରନ୍ଦନ...କିନ୍ତୁ ମୁହଁରେ ନିଷ୍ଠୁର ଗାମ୍ଭୀର୍ଯ୍ୟ !! ଅପରାଧୀ ଭଳି ଠିଆ ହୋଇ ରହିଲି ।

ଦୂରରେ ମଲ୍ୟଗିରୀ ନଈର ଶ୍ୟାମବନ... ଆହୁରି ଶ୍ୟାମାୟିତ ହୋଇ ଉଠୁଚି । ଶ୍ରାବଣର ମେଘାଞ୍ଜନର ସ୍ପର୍ଶରେ ! ଶୀତ ବାୟୁର ପୀଡନରେ ଟେବୁଲ ଉପରେ ସକାଳେ ସରୋଜ ସଜେଇ



Digitized by srujanika@gmail.com

ରଖିଥିବା ଫୁଲଦାନୀର ଫୁଲଗୁଡ଼ିକ ଇଷତ୍ କମ୍ପ ଉଠୁଚି । ମଣିନାଗ ପାହାଡ଼ର ଚୂଡ଼ା ବାଦଲ ଭିତରରେ ଅଜବ ସାଧ୍...ଅଜବ ଚକ୍ରବଣ ହୋଇ ଉଠିଚି !!

ସ୍ନିଗ୍ଧ ସଜଳ ବର୍ଷଣ ମଧ୍ୟାହ୍ନ ନିଃଶବ୍ଦରେ ଗୁଞ୍ଜନ କରି ଉଠିଲା...ସବୋଜର ପାଖକୁ ଲାଗି ଅସ୍ପ କରୁଣ କଣ୍ଠରେ କହିଲି..."ମୁଁ ଭୁଲ କରିଚି, ସାର !!"...

ଫିଲ୍ ଫିଲ୍ କାନ୍ଦି ଉଠିଲା ସବୋଜ । ସେ କରୁଣ କଣ୍ଠରେ ଥିଲା ଫାଲଗୁନ ନିଶାର୍ଦ୍ଧ ଚକୋରୀର ବୁକୁଫଟା ରାଗିଣୀ ।... ଘର ଭିତର ଏକ ଅବ୍ୟକ୍ତ ବେଦନାରେ ବୁଡ଼ି ଯିବାକୁ ବସିଲା ।...

ହଠାତ୍ ବର୍ଷା ଛାଡ଼ିଗଲା ।...ଅଉ ସବୋଜ ଆଖି ପୋଛି କିଛି ସମୟ ତୁନି ହୋଇ ଠିଆ ହୋଇ ରହିଲା । ମିନତି ପ୍ରତି ତାର ଈର୍ଷା ଯୋଗୁଁ ମନ ଭିତରେ ମୋର ଆତ୍ମତୃପ୍ତି ଆସିଥିଲା ।...

କିଛି ସମୟ ନୀରବ... ନିସ୍ତବ୍ଧ । ଘର ଭିତରେ କେବଳ ସେ ଅଉ ମୁଁ ।... ତରୁଣୀ ଓ ତରୁଣ !... ତରୁଣର ହାତ ଭିତରେ ତରୁଣୀର ଚମ୍ପକ ସ୍ତବକ ଅଙ୍ଗୁଳିର ଆଶ୍ଳେଷ !... ଏତେ ନିକଟ...କିନ୍ତୁ ଏତେ ଦୂର !!!

ମୋ'ର ହାତ ଭିତରୁ ହାତ ମୁକୁଳାଇ ନେଇ ସବୋଜ ଟେବୁଲ ଉପର ଫୁଲଦାନୀର ଫୁଲଗୁଡ଼ାକ ଛିଣ୍ଡ୍ ଛିଣ୍ଡ୍ କରି ତଳକୁ ଫିଙ୍ଗିଦେଲା ।... ତା' ପରେ ହଠାତ୍ ଚମକିପଡ଼ି ଟେବୁଲ୍ ଉପରୁ ଗୋଟାଏ ନୀଳ ଲଫାପା ଟେକିନେଲା ।... ମୋର ଅନ୍ତରାତ୍ମା ଥରି ଉଠିଲା ! ମିନତିର ଚିଠି...ମୁଁ ଲୁଚେଇ ଦେଇ ପାରିନି ।...

ସବୋଜ ଚିଠିଟାକୁ ଧରି ମୋ ମୁହଁକୁ କଟମଟ କରି ଚାହିଁଲା । ଠିକଣାର ଅକ୍ଷର ସେ ଠିକ୍ ଧରିନେଇଚି !!...

"କା' ଚିଠି ଇଏ ?" ପଚାରିଲା ସବୋଜ... କ୍ରୁଦ୍ଧ କଣ୍ଠରେ !

—"ମିନତିର !" ଦୃଢ଼ କଣ୍ଠରେ ମୁଁ ଉତ୍ତର ଦେଲି ।...

—"ଲାଜ ଲାଗୁନି ! ମିନତିର ବୋଲି ଠାଣ କରୁଚ !" ସବୋଜର ଆଖି ଧାରରେ ରାଗ ଅଭିମାନରେ ଲୁହ ଫାଟି ପଡ଼ୁଛି !

ସବୋଜ ଚାଲିଯିବାକୁ ବସିଲା !... ହାତରେ ଚିଠି ! ଦ୍ୱାରବନ୍ଧ ପାଖରୁ ଡାକିଲି, "ସବୋଜ !"...

ସବୋଜ ଫେରି ଚାହିଁଲା । ତା'ର କଟାକ୍ଷରେ ମୋ ପ୍ରତି ତୀବ୍ର ଘୃଣା ପୁରି ରହିଛି ।... "କଅଣ ?' ସେ ପଚାରିଲା ।...

—"ସେ ଚିଠି ଦେଇ ଯା' !"

—'ମୁଁ ଦେବିନି । କ'ଣ କରୁଚ କର !' ସେ ଫେରି ଚାଲିଲା ।...

ଦ୍ରୁତ ପଦରେ ଯାଇ ତା'ର ପଥରୋଧ କରି ଠିଆହେଲି ।... "ସେ ଚିଠି ଦେବାକୁ ହେବ !"

ବ୍ଲାଉଜ୍ ଭିତରେ ସେ ଚିଠି ଭର୍ତ୍ତି କରି ଦେଇ ସବୋଜ କ୍ରୁଦ୍ଧା ଫଣିନୀ ପରି କମ୍ପି ଉଠିଲା ! ..."ନେଇ ପାର ନିଅ !" ସଂଗ୍ରାମର ଆହ୍ୱାନ !...

ଦାଣ୍ଡ କବାଟରେ ଶବ୍ଦ ହେଲା ଏବଂ ପରମୁହୂର୍ତ୍ତେ ପ୍ରବେଶ କଲା ମିନତି ।...ବାଟ ମଝିରେ ହଠାତ୍ ଶାନ୍ତ ପଥିକ ସାପ ଦେଖି ଚମକି ପଡ଼େ ଯେମିତି ମିନତି ଆମ ଦୁହିଙ୍କର ଠିଆ ହେବାର ଭଙ୍ଗୀ ଦେଖି ଠିଆ ହୋଇ ରହିଲା ।...ଅପ୍ରତିଭ ହୋଇ ମୁଁ ଭାବ ସଂଯତ କରିନେଲି । ସବୋଜର ବାଟ ଛାଡ଼ି ମୁଁ ଘୁଞ୍ଚି ଠିଆ ହେଲି...ମିନତିକୁ ଚାହିଁ ଧୀରେ ହସିଲି...କିନ୍ତୁ ସେ ହସରେ ଜୀବନ ନାହିଁ ଯେମିତି ।...

ମିନତି ମୋ' ଆଡ଼େ ଚାହିଁଲା । ସେଇ ଦୃଷ୍ଟିର ପଲକରେ ଯେମିତି ବୁଝି ପାରିଲି ମିନତିର କେତେ ଅଧିକାର ମୋ' ଉପରେ ! ମିନତିର ଚାହାଣୀରେ ଆଦେଶ ! ସେଠା ଛାଡ଼ି ଚାଲି ଆସିବାକୁ ଇଚ୍ଛା ହେଉ ନଥିଲା । ଅସଲ ଶତ୍ରୁକୁ ଦେଖି ଶାଗୁଣା ପୁରୁଣା ମଢ଼ ଛାଡ଼ି ନୂଆ ମଢ଼ ଝାମ୍ପିଲା



Digitized by srujanika@gmail.com

ପରି ସରୋଜ ମଧ୍ୟେ ଘୁଡ଼ ମିନତିକୁହିଁ ଆକ୍ରମଣ କରିବାକୁ ଆରମ୍ଭ କରିଛି । ମିନତି ପୁଣି ଗୁହାଁଲା...ଅଗତ୍ୟା ଘର ଭିତରକୁ ଗଲି ।...

ଶୁଭିଲା ମିନତିର କଅଁଳ କଣ୍ଠ...“ସର ଅପା, କଥା କ'ଣ ?”

ଘର ଭିତରୁ ମଧ୍ୟେ ଯେମିତି ଜଣାଗଲା ସରୋଜ ଏଇବାର ମିନତି ଉପରକୁ ଝାମ୍ପି ପଡ଼ିଲା ।...— “କଥା କଣ ? ମଲ୍ଲିକ ! ଆଉରି ଉଲେଇ ହୋଇ ପଚାରୁଛି...କଥା କ'ଣ ?...କିଛି ଜାଣେନି ! ଏତେ ବେପ୍ରଏଇ ଲୋ ତୁ !”...

ବେପ୍ରଏଇ ? ଝଡ଼ବେଗରେ ଘର ଭିତରୁ ଛୁଟି ଆସିଲି ମୁଁ ।... ଯଉଁ ଯାଉଁ ସରୋଜର ଆକ୍ର-ମଣରେ ଗଛ କାଟିଲା ପରି ତଳେ ପଡ଼ି ଯାଉଥିବା ମିନତିକୁ କୋଳରେ ଧରି ନେଲି । ମିନତିର ମୁଖ ପାଣ୍ଡୁର...ଆଖି କୋଣରେ ଅଶ୍ରୁ...ଦର୍ପିତା ନାଗୁଣୀ ପରି ହାତରେ ଚଟିଖଣ୍ଡ ଧରି ସରୋଜ କମ୍ପି ଉଠୁଛି !!

କୋଳ ଭିତରୁ ମିନତି ନିଜକୁ ଧୀରେ ମୁକୁଳେଇ ଅଶ୍ରୁଳ କଣ୍ଠରେ କହିଲା...“ସର ଅପା, ଚିଠିଟା ତୁ ପଢ଼ିଛୁ ?”

ସରୋଜ କିଛି କହିଲା ନାହିଁ । ମିନତିକୁ ଆଘାତ ଦେଇ ନପାରି ତା'ର କ୍ରୋଧ ଆହୁରି ବଢ଼ି ଯାଇଛି ।... ବିଶେଷରେ ମୁଁ ମିନତିକୁ ତା'ର ଆଗରେ କୋଳରେ ତୋଳି ନେଇଛି !! .

କାନ୍ଦ କାନ୍ଦ କଣ୍ଠରେ କହିଲା ମିନତି...“ସର ଅପା, ଚିଠିଟା ତୁ ପଢ଼ିନୁ ! ସେଥିପାଇଁ ତୁ ରାଗିଛୁ ।” ...ଲୁହ ଭରା ଆଖିରେ ଥରେ ମିନତି ମୋ' ଆଡ଼କୁ ଗୁହାଁଲା । ଅନ୍ତର୍ଦାହର ଗୁହାଣୀ ସେ !... କୁଆଡ଼ୁ ଯେମିତି ମୋର ଝଲକାଏ ରକ୍ତ ଦାଉଡ଼ି ଆସିଲା ।...

ଅଟେଷ୍ଟ ଦାଣ୍ଡ କବାଟ ଖୋଲି ମିନତି ଧୀର ପଦକ୍ଷେପରେ ବାହାରି ଗଲା ।...ବର୍ଷା ପୁଣି ଆରମ୍ଭ ହୋଇ ଯାଇଛି । ଧନ୍ତ ଧନ୍ତ ମିନତି ମୋ'ର ଦୁଆରୁ ଅପମାନିତ ହୋଇ ଫେରି ଯିବ ! ନା...ନା...ତା କରିବାକୁ ମୁଁ ଦେବିନି...ଦେଇ ପାରିବିନି !!

ପାଗଳଙ୍କ ପରି ଉର୍ଦ୍ଧ୍ୱ ଶ୍ୱାସରେ ଛୁଟିଗଲି ପଦାକୁ ।...“ମିନୁ, ମିନୁ !”...

ମୋଡ଼ ଉପରୁ ଥରେ ମିନତି ଫେରି ଗୁହାଁଲା ମଧ୍ୟେ... ମୁଁ ବି ଧନ୍ତ ଧନ୍ତ ଧାଇଁଛି ! ରଣପୁର ସହରର ରାସ୍ତାରେ ରାସ୍ତାରେ ପାଣିର ଜୁଆର ଖେଳୁଛି !...ଓଦା ସର ସର ମିନତିର ଲୁଗା ପଟ ଓ ଭିଜା ବେଣୀରୁ ଝପଝପ ପାଣି ଝରି ପଡ଼ୁଛି ।...

ମିନତିର ହାତ ଧରି ଡ଼ାକିଲି..., “ମିନ, ଫେରିଆସ, ମୁନାଟି... ଫେରିଆସ ।”... ପାରିଲି ନାହିଁ । ଅନ୍ତସ୍ଥଳରୁ ଉଦ୍‌ଗତ ଯେଉଁ ଅଶ୍ରୁସ୍ରୋତ ମୋର ଚକ୍ଷୁ ତୀରରେ ଫାଟି ପଡ଼ୁଥିଲା — ଶ୍ୟାମଳ ଶ୍ରାବଣର ଅଜସ୍ର ବାରିପାତରେ ତାହା ଏକାକାର ହୋଇଗଲା ।...

ବର୍ଷଣ ମଧ୍ୟାହ୍ନ ଘନ ମେଘାନ୍ଧକାର ମଧ୍ୟରେ ଆଉରି ଅନ୍ଧକାର... ଆହୁରି ଜମାଟ କଳାହୋଇ ଉଠିଛି ! ଏତେବେଳେ ରଣପୁର ସହରଠାରୁ ସିଏ ଧାଣ୍ଡରେ ଜଣେ ଦେଲେ ମଣିଷର ଦେଖାନାହିଁ । ବସ୍ତି ଉପରର ମଣିନାଗ ପାହାଡ଼ର ଚୂଡ଼ା ଉପର ଦେଇ ବର୍ଷା ଝରୁଛି ଅବିରାମ ଗତିରେ !! ମୌସୁମୀ ଗୁମ୍ଫିତ ପର୍ବତର ଶିବ ମନ୍ଦିରର ସେଇ ସାନ୍ଦ୍ରତା ତଳେ କୁଆଡ଼େ ନିଶ୍ଚିହ୍ନ ହୋଇ ଯାଇଛି !!

ମିନତି ମୋ'ର ହାତ ଧରିଲା ।... ତା'ର ଆଖି ତୀରେ ତୀରେ ଶିଶିର ଜମି ଆସିଛି !!

ତା'ର ହାତ ଧରି ଘରକୁ ଆଣିଲି । ବାରଣ୍ଡା ଉପରେ ଠିକ୍ ଉଠିଲା ବେଳକୁ ସରୋଜ ସେଇ ବର୍ଷାହୋରେ ଖାଲି ଦେହରେ ତଳକୁ ଓହ୍ଲାଇ ପଡ଼ିଲା ।... ଡ଼ାକିବାକୁ କେତେ ଇଚ୍ଛା ହେଲା... କେତେ ହେଲା ନାହିଁ ।... ମିନତି ତା' ଆଡ଼କୁ ଏକ କରୁଣ ଏବଂ ଅସହାୟ ଦୃଷ୍ଟି ନିକ୍ଷେପ କଲା ।...



Digitized by srujanika@gmail.com

ସେଇ ଘର ଭିତରକୁ ଫେରି ଦେଖିଲି ମିନତିର ଗଠିଖିଣ୍ଡି ଟେବୁଲର ଯେଉଁ ଜାଗାକୁ ନେଇ ଯାଇଥିଲି ଠିକ ସେଇ ଜାଗାରେ ଥୋଇ ଦେଇ ଯାଇଛି !! ତାର ଉପରେ ତା'ର ଜନ୍ମ ଦିନକୁ ମୁଁ ଉପହାର ଦେଇଥିବା ସଂବୀଜର ନିତ ପିଲା ରୁପାର ବ୍ରୋଚଟା ମୂର୍ଚ୍ଛିତ ହୋଇ ପଡି ରହିଛି !...

ମିନତି ନିଃଶବ୍ଦରେ ସେଇଟାକୁ ଉଠେଇ ନେଇ ମୋ'ଆଡ଼େ ଚାହିଁ ରହିଲା !!—

# ଉପନ୍ୟାସ ସାହିତ୍ୟ

ଅଧ୍ୟାପକ ଶ୍ରୀ କାହ୍ନୁଚରଣ ମିଶ୍ର, ଏମ୍, ଏ,

ଇଂରାଜୀ ସାହିତ୍ୟର ପ୍ରଭାବରେ ଆମ ଦେଶରେ ଯେଉଁ ସବୁ ନୂଆ ଧରଣର ସାହିତ୍ୟ ଗଢି ଉଠିଲି ଉପନ୍ୟାସ ତା ମଧ୍ୟରେ ପ୍ରଧାନତମ । ଏହି ଉପନ୍ୟାସର ଅନୁରୂପ କୌଣସି ବସ୍ତୁ ଆମର ପ୍ରାଚୀନ ସାହିତ୍ୟରେ ମିଳେନା । ଅବଶ୍ୟ ଗଳ୍ପ ଆକାରରେ ନାୟକ ନାୟିକା ପ୍ରେମର ଗପ ଆମେ ସଂସ୍କୃତ ସାହିତ୍ୟରେ ଯେ ନ ପାଉଛୁଁ ତାହା ନୁହେଁ । ମାତ୍ର ପ୍ରକୃତ ଉପନ୍ୟାସ କହିଲେ ଆଜି ଆମ୍ଭେମାନେ ଯାହା ବୁଝୁ ସେହିପରି ଉପନ୍ୟାସର ପରିଚୟ ତଦାନୀନ୍ତନ ସାହିତ୍ୟରେ ଦୁର୍ଲ୍ଲଭ । ଏଇ କଥାଟା ଯେ କେବଳ ଆମ ଦେଶରେ ପ୍ରଯୁଜ୍ୟ ଏପରି ନୁହେ । ପରନ୍ତୁ ପ୍ରତ୍ୟେକ ଦେଶର ସାହିତ୍ୟର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରୁଛି । ସାହିତ୍ୟର ଇତିହାସର ପୃଷ୍ଠା ଉନ୍ମୁକ୍ତ କଲେ ଆମେ ସର୍ବପ୍ରଥମ ମହାକାବ୍ୟ ଓ କାବ୍ୟର ସ୍ୱରୂପ ଦେଖିବାକୁ ପାଉଁ । ତାପରେ ଆସିଲି ନାଟକ, ତାପରେ କ୍ଷୁଦ୍ରକାବ୍ୟ ବା ଗୀତିକ । ତାପରେ ଆସିଲି ଉପନ୍ୟାସ ଓ ଗଳ୍ପ । ସୁତରାଂ ଉପନ୍ୟାସର ପ୍ରଧାନ ବିଶେଷତ୍ୱ ହେଲି ଏହି ଯେ ସେ ସଂପୂର୍ଣ୍ଣ ଆଧୁନିକ ସାମଗ୍ରୀ । ପୁରାତନ ଯୁଗର ବାୟୁମଣ୍ଡଳ ଏହାର ସମ୍ମୁଖରେ ଯଥେଷ୍ଟ ସହାୟତା କରି ପାରିନାହିଁ । ପୁରାତନ ଯୁଗର ସାମାଜିକ ଜୀବନର ଇତିହାସ ଏଥିରେ ପାଇବା ବିଡମ୍ବନା ମାତ୍ର । ଆଧୁନିକ ଯୁଗର ସାମାଜିକ ପରିବର୍ତ୍ତନ ସଙ୍ଗରେ ଏହାର ସଂପର୍କ ଘନିଷ୍ଠ । ସବୁ ଶ୍ରେଣୀର ସାହିତ୍ୟ ମଧ୍ୟରେ ଉପନ୍ୟାସ ସର୍ବାପେକ୍ଷା ଗଣତନ୍ତ୍ରର ପ୍ରଭାବରେ ପ୍ରଭାବାନ୍ୱିତ । ଏହି ଗଣତନ୍ତ୍ରର ମୂଳଭିତ୍ତିରେ ଏହାର ପ୍ରତିଷ୍ଠା । ସେଥିଯୋଗୁଁ ଆଜି ଯଦି ଆମେ ସବୁ ଦେଶର ସାହିତ୍ୟ ଇତିହାସ ଖୋଲିବା ତାହା ହେଲେ ଦେଖିବା ଯେ ଅନ୍ୟାନ୍ୟ ସାହିତ୍ୟ ଅପେକ୍ଷା ଉପନ୍ୟାସର କଳେବର ଆଜି ସାହିତ୍ୟ ଦରବାରରେ ଗୋଟାଏ ବିସ୍ତୃତତର ଆସନ ଜମେଇ ବସିଛି । ବ୍ୟାପକ ଓ ସୁବିସ୍ତୀର୍ଣ୍ଣ ପରିସର ନେଇ ତାର କାରବାର ଚାଲିଛି । ମଧ୍ୟଯୁଗୀୟ ସାମାଜିକ ଶୃଙ୍ଖଳରୁ ମନୁଷ୍ୟର ମୁକ୍ତିଲାଭ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଉଦ୍‌ବୋଧନ ଉପନ୍ୟାସ ସାହିତ୍ୟର ଅପରିହାର୍ଯ୍ୟ ଅଙ୍ଗ । ଅନ୍ୟାନ୍ୟ କାବ୍ୟ ବା ନାଟ୍ୟ ସାହିତ୍ୟ ଯେ ଏହା ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଦାବୀ ନେଇ ଜଗତ ସମକ୍ଷରେ ଦୁନ୍ଦୁଭି ଘୋଷଣା ନ କରିଚି ଏପରି ନୁହେଁ । ମାତ୍ର ଏହି ମୁକ୍ତିଲାଭର ବା ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଲାଭର ସୁମଧୁର ବାଣୀ ଅତି ସୁସ୍ପଷ୍ଟ ଭାବରେ ଉପନ୍ୟାସରେ ନିନାଦିତ ହୋଇଛି । ମଧ୍ୟ ଯୁଗରେ ସମାଜ କେତେ ଗୁଡ଼ାଏ ସନାତନ ଓ ଅପରିବର୍ତ୍ତନୀୟ ଶ୍ରେଣୀରେ ବିନ୍ୟସ୍ତ ଥିଲା ଏବଂ ମନୁଷ୍ୟ ନିଜର ସ୍ୱାତନ୍ତ୍ର୍ୟ ଓ ଅସ୍ତିତ୍ୱକୁ ଉପଲବ୍ଧି



Digitized by srujanika@gmail.com

ନିଜର ନିଜକୁ କୌଣସି ଗୋଟିଏ ସାମାଜିକ ଶ୍ରେଣୀର ପ୍ରତିନିଧି ରୂପରେ ଗ୍ରହଣ କରୁଥିଲା । ଏହି ଶ୍ରେଣୀ ବିଶେଷ ମଧ୍ୟରେ ଆତ୍ମବିଲୋପ ଓ ବ୍ୟକ୍ତିତ୍ୱ ବିକାଶର ପକ୍ଷେ ସମ୍ପୂର୍ଣ୍ଣ ପ୍ରତିକୂଳ ଏବଂ ଉପନ୍ୟାସ ଆବିର୍ଭାବ ପକ୍ଷରେ ଗୋଟାଏ ପ୍ରଧାନ ଅନ୍ତରାୟ ଥିଲା । କିନ୍ତୁ ଆଧୁନିକ ଯୁଗରେ ମନୁଷ୍ୟ ଆଉ ନିଜକୁ ଗୋଟିଏ ଶ୍ରେଣୀ ମଧ୍ୟରେ ଆବଦ୍ଧ ରଖିବାକୁ ଚାହିଁଲା ନାହିଁ । ସମସ୍ତ ସାମାଜିକ ଶୃଙ୍ଖଳରୁ ମୁକ୍ତି ଲାଭ କରି ନିଜର ବ୍ୟକ୍ତିତ୍ୱ ବୋଧ ସଙ୍ଗେ ସଙ୍ଗେ ଉପନ୍ୟାସର ଆବିର୍ଭାବ ସମ୍ଭବପର ହେଲା । ଏହାର ଫଳରେ ଆତ୍ମମର୍ଯ୍ୟାଦା ବୋଧ ସବୁଠାରୁ ନିମ୍ନ ଶ୍ରେଣୀରୁ ମଧ୍ୟ ଜାଗି ଉଠିଲା । ଯାହାକୁ ଅନ୍ୟାନ୍ୟ ଶ୍ରେଣୀର ଲୋକମାନେ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ଏଇଟା ଉପନ୍ୟାସ ସାହିତ୍ୟର ପ୍ରଧାନ ଉପାଦାନ । ଉପନ୍ୟାସ ମଧ୍ୟରେ ଗଣତନ୍ତ୍ରର ପ୍ରଭାବ ଏହିଠାରେହିଁ ପରିସ୍ଫୁଟ । ସମାଜର ନିମ୍ନ ଶ୍ରେଣୀର ନରନାରୀମାନଙ୍କର ଦୈନନ୍ଦିନ ଜୀବନର ଇତିହାସ ଲିପିବଦ୍ଧ କରି ସେଥିରୁ ଜୀବନ ସମ୍ବନ୍ଧରେ କେତେ ଗୁଡ଼ିଏ ସାଧାରଣ ଓ ବ୍ୟାପକ ଧାରଣା ପ୍ରସ୍ଫୁଟିତ କରାଇବା ଉପନ୍ୟାସର ପ୍ରଧାନ କାର୍ଯ୍ୟ ।

ଉପନ୍ୟାସ ଜନ୍ମ ହେବା ପୂର୍ବରୁ ତାର ଉପାଦାନ ଓ ଲକ୍ଷଣ ଗୁଡ଼ିକ ଇତସ୍ତତଃ ବିକ୍ଷିପ୍ତ ଓ ବିପର୍ଯ୍ୟସ୍ତ ଭାବରେ ସାହିତ୍ୟରେ ଗୁଡ଼ିଏଇ ହୋଇ ପଡ଼ିଥାଏ । ତାପରେ ଯଥା ସମୟରେ କୌଣସି ପ୍ରତିଭାବାନ ଲେଖକ ସେହି ସମସ୍ତ ବିକ୍ଷିପ୍ତ ଉପାଦାନକୁ ସୁସଂବଦ୍ଧ ଓ ସୁନିୟନ୍ତ୍ରିତ କରି ସେ ଗୁଡ଼ିକୁ ଗୋଟିଏ ବାସ୍ତବ ଆଖ୍ୟାୟିକା ମଧ୍ୟରେ ଗ୍ରଥିତ କରି ଏକ ପ୍ରକାର ନବ ସାହିତ୍ୟର ଜନ୍ମଦାନ କରନ୍ତି ଓ ଚିର ପ୍ରବହମାନ ସାହିତ୍ୟ ସ୍ରୋତକୁ ଗୋଟାଏ ନୂତନ ପ୍ରଣାଳୀରେ ସଞ୍ଚାରିତ କରନ୍ତି । ଆମ ଦେଶର ପ୍ରାଚୀନ ସାହିତ୍ୟର ସମସ୍ତ ଛଦ୍ମ ବେଶର ମଧ୍ୟ ଦେଇ ଉପନ୍ୟାସର ପ୍ରଥମ ଅଙ୍କୁର ଓ ଆଦିମ ଲକ୍ଷଣ ଆବିଷ୍କାର କରି ଯାଇପାରେ । ଆମର ରାମାୟଣ ମହାଭାରତରେ ପୌରାଣିକ ସାହିତ୍ୟରେ ସମସ୍ତ ଅଲୌକିକ ଘଟଣା ଓ ଆଦର୍ଶ ଚରିତ୍ର ବିକାଶର ମଧ୍ୟରେ ସମୟ ସମୟରେ ବାସ୍ତବ ସମାଜ ଜୀବନର କ୍ଷୀଣ ପ୍ରତିଚ୍ଛାୟା ଓ ବାସ୍ତବ ମନୁଷ୍ୟର ସୁଖ ଦୁଃଖର ମୃଦୁ ପ୍ରତିଧ୍ୱନି ଆତ୍ମପ୍ରକାଶ କରିଥାଏ । ସଂସ୍କୃତ ଓ ଗଦ୍ୟ ସାହିତ୍ୟ—କଥା ସରିତ୍‌ସାଗର ବେତାଳ ପଞ୍ଚବିଂଶତି, ଦଶକୁମାର ଚରିତ ଇତ୍ୟାଦି ମଧ୍ୟରେ ବିଶେଷତ୍ୱ ବର୍ଜିତ ବର୍ଣ୍ଣନା ବାହୁଲ୍ୟର ଅନ୍ତରାଳରେ ଉପନ୍ୟାସର ମୌଳିକ ଉପାଦାନ ଗୁଡ଼ିକ ବିକ୍ଷିପ୍ତ ରହିଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବୌଦ୍ଧଜାତକରେ ମଧ୍ୟ ଏହି ବାସ୍ତବତାର କ୍ଷୀଣ ଛାୟା ସ୍ପଷ୍ଟତର ଗଭୀରତର ହୋଇ ଦେଖାଦିଏ ନାହିଁକି ? —ବୌଦ୍ଧ ଜାତକ ଗୁଡ଼ିକ ଈଶପର ଗଳ୍ପ ବା ସଂସ୍କୃତ ପଞ୍ଚତନ୍ତ୍ର ପ୍ରଭୃତିର ଅନୁରୂପ ଓ ସେମାନଙ୍କ ସହିତ ଏକ ଶ୍ରେଣୀଭୁକ୍ତ—ବୌଦ୍ଧ ଧର୍ମ ମହିମା ପ୍ରଚାର ଓ ବୁଦ୍ଧଙ୍କର ଅଲୌକିକ କ୍ଷମତାର ପରିଚୟ ଦାନ କରିବା ଏମାନଙ୍କର ମୁଖ୍ୟତମ ଉଦ୍ଦେଶ୍ୟ ଥିଲା, ପଶୁପକ୍ଷୀର ପରସ୍ପର ବ୍ୟବହାର ଓ କଥୋପକଥନ ମଧ୍ୟ ଦେଇ ମନୁଷ୍ୟ ଚରିତ୍ର ସମାଲୋଚନା ଏବଂ ତାକୁ ନୀତିଜ୍ଞାନ ଶିକ୍ଷା ଦେବାର ଚେଷ୍ଟା ପରିସ୍ଫୁଟ, କିନ୍ତୁ ବାସ୍ତବ ରସଧାରା ଏମାନଙ୍କ ମଧ୍ୟରେ ପ୍ରଚୁର ଭାବରେ ପ୍ରବାହିତ । ସବୁଠାରୁ ଗୋଟିଏ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି, ଗଳ୍ପ କହିବାର ଗୋଟିଏ ବିଶେଷ ନିପୁଣତା ଓ କୌଶଳ ଏବଂ ବାସ୍ତବ ଜୀବନ ସହିତ ଗୋଟାଏ ଘନିଷ୍ଠତର ସଂଯୋଗ ଏମାନଙ୍କୁ ସମଜାତୀୟ ଅନ୍ୟାନ୍ୟ ଗଳ୍ପରୁ ପୃଥକ କରି ରଖିଛି । ସଂସ୍କୃତ ପଞ୍ଚତନ୍ତ୍ରରେ ନୀତିଜ୍ଞାନ ବାସ୍ତବତାକୁ ଅଭିଭୂତ କରିଛି । ଗଳ୍ପରେ ଅତି କ୍ଷୀଣ ଓ ସୂକ୍ଷ୍ମ ଆଚ୍ଛାଦନର ମଧ୍ୟ ଦେଇ ନୀତି ଶିକ୍ଷାର କଙ୍କାଳ ସୁସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଉଅଛି । ବାସ୍ତବ ଜୀବନର କୌଣସି ବିଶେଷ ଦିଗପ୍ରତି ଯେ ଲେଖକର ଦୃଷ୍ଟି ଆକୃଷ୍ଟ ହୋଇଛି ଆମେ ତାର କୌଣସି ପରିଚୟ ପାଉନା ।

ଇଶପର ଗଳ୍ପ ଗୁଡ଼ିକ ସହଜ ସରଳ ଭାଷାରେ ଲିଖିତ । ସଂସ୍କୃତ ଗଳ୍ପ ପରି ଅଳଙ୍କାର ବାହୁଲ୍ୟରେ ଅଯଥା ଭାରକ୍ରାନ୍ତ ନୁହେଁ । ଗଳ୍ପ ହିସାବରେ ବୌଦ୍ଧ ଜାତକ ପଞ୍ଚତନ୍ତ୍ର ଓ ଇଶପର ଗଳ୍ପରୁ ସର୍ବୋତଭାବେ ପୃଥକ । ବାସ୍ତବ ଜୀବନର ଚିତ୍ର, ବାସ୍ତବ ସମସ୍ୟାର ଛାପ ଏମାନଙ୍କ ଉପରେ ଗଭୀର ଭାବରେ ମୁଦ୍ରିତ । ଗଳ୍ପ କହିବା ଓ ଶୁଣିବାର ପ୍ରବୃତ୍ତି ମାନଙ୍କର ଗୋଟିଏ ସ୍ୱାଭାବିକ ଧର୍ମ ଏବଂ ଏହି ସମସ୍ତ ସର୍ବଦେଶ ସାଧାରଣ ଗଳ୍ପ ମଧ୍ୟରେ ଉପନ୍ୟାସର ବୀଜ ନିହିତ ଥିଲା ।

ଏହି ଗଳ୍ପ କହିବାର ଗୋଟିଏ ବିଶେଷ ଭଙ୍ଗୀକୁ ଗଳ୍ପ ମଧ୍ୟଦେଇ ମନୁଷ୍ୟର ପ୍ରକୃତ ଜୀବନର ଛବି ଅଙ୍କନ କରିବାର ଗୋଟାଏ ସାର୍ଥକ ଚେଷ୍ଟା । ଘଟନା ସଂଘାତରେ ତାର ଚରିତ୍ର ଚିତ୍ରଣର ଉଦ୍‌ଯୋଗ ସାମାଜିକ ଜୀବନରେ ଗୋଟାଏ ଯେଉଁ ଆକର୍ଷଣ ବିକର୍ଷଣର ଦ୍ୱନ୍ଦ୍ୱ ଚାଲିଛି ତାର ସ୍ପଷ୍ଟ ଆଲୋଚନା, ଏହି ଦ୍ୱନ୍ଦ୍ୱ ବା ସଂଘାତର ମଧ୍ୟଦେଇ ମନୁଷ୍ୟ ଜୀବନ ସମ୍ବନ୍ଧରେ ଗୋଟାଏ ବୃହତ୍ତର ଓ ବ୍ୟାପକତର ସତ୍ୟକୁ ଫୁଟେଇବାକୁ ଉପନ୍ୟାସ କୁହାଯାଏ ।

# ରକ୍ତ କରବୀ

ଶ୍ରୀ ନରସିଂହ ଦେଓ

ରକ୍ତ କରବୀ ରକ୍ତ କରବୀ
ଫୁଟିଅଛୁ ନୀଳ ସରସୀ ତୀରେ
ମନ୍ଦ ମୃଦୁଳ ମଳୟ ମରୁତେ
ଭାସିଆସେ ଗୀତ ତୋହର ଶିରେ ।
ରଜତ ବସାଣି ଜହ୍ନ ଜ୍ୟୋସ୍ନା
ପରଶି ଯାଏ ତୋ' ଅଙ୍ଗ ଶୋଭା
ତାରକା ରଦନେ ଗଗନ ପବନ
ହସିଦିଏ ଦେଖି ତୋ' ରୂପ ଲୋଭା ।

ତୋହର ଅଙ୍ଗେ ତୋ' ରୂପ ପିଇ
ଆମେ ଗୋ ତରୁଣ ତରୁଣୀ ଜାତ
ବନ୍ଧନ କାରା ନିମିଷେ ଛିଣ୍ଡାଇ
ଅଧରରେ ତୋର ଉଠିବୁ ମାତ ।
ଦିନେ ଉଠିବୁ ଆମେ ବି କରବୀ,
ସ୍ୱଚ୍ଛ ସଲିଳା ଯମୁନା ଜଳେ
କୋଣାର୍କ, ପୁରୀ, ଭୁବନେଶ୍ୱର
ଢାଳିବେ ଜ୍ୟୋତ୍ସ୍ନା ଆମ ମଥାରେ ।

ଆମରି ତେଜେ ଯନ୍ତ୍ର ଦୁନିଆଁ
ଢାଳିବ ତରୁଣ ଅରୁଣ ହାସ
ତପ୍ତ ତପନ ଜଣି ଭିଆଇବୁ
ରକ୍ତ ଲକ୍ତ ଲୋହିତ ବାସ ।

ଦୀପ୍ତ ଦୀପାଳି ଜାଳି ଆଗେ ଆମ
ଡାକିଲେରେ ବିଶ୍ୱ ଉଦ୍‌ଭାସିତ
ଚାଲ ଚାଲ ବେଗେ ମୁକ୍ତି ସିପାହୀ
ଜାତିପୂଜା ତୋର ଅମୋଘ ବ୍ରତ ।
ପାଷାଣ ଚରଣେ ମସ୍ତକ ପିଟି
'ଦେବତା' କହିବା ନାହିଁଏ ବେଳ
ଧର୍ମ ଦୁହାଇ ପଙ୍ଗୁ ସମାନ
ଘର କୋଣେ ଯାଇ ନକର ବଳ ।
ବୋମା ବନ୍ଧୁକ ଦୃପ୍ତେ ଗର୍ଜେ
ଯନ୍ତ୍ର ଶମ୍ଭୁ ଧୂମ୍ର ଛାଡ଼େ
ତୁ'କରେ କେବଳ ଭାଗ୍ୟ ଭିଆଇ
ମଥା ପିଟୁଥିବୁ ଶିଳାର ଦାଢେ ?



Digitized by srujanika@gmail.com

ଗର୍ଜି ଉଠୁରେ      କମାଣ ସମାନ
ଆମେରେ ଓଡ଼ିଆ ସିଂହ ଜାତ,
ଯେ ଦେଶ ଅମ୍ବର      ଭଙ୍ଗି ପଡ଼ୁଛି
ଗଢ଼ିବାକୁ ପୁଣି ରକ୍ତ ପାତ ।
ଉତ୍କଳ ସୀମା      ନିର୍ଣ୍ଣୟ ନୁହେଁ
ଦୃଭୁମାର ନୀଳ ସଲିଳ ଧାରେ

ଅଣୀ ଅମ ଲକ୍ଷ୍ୟ      ରେଖା ଟାଣି ଅଛି
ଗୋଦାବରୀ ପୁଣି ଗଙ୍ଗା ପାରେ
ରକ୍ତ କରବ !
ଅଙ୍ଗୁ ତମର
ଦିଅହେ ଲୋହିତ ରକ୍ତ ଆଭା
ସେତେଜ ସିନ୍ଧୁ      ସୈକତ ତଟ
ଭେଦ ଯାଉ ଅନ୍ଧ ସୀମାନା ଯାଉ ।

# ସାହିତ୍ୟରେ ମନୁଷ୍ୟ ଓ ପ୍ରକୃତି

ଅଧ୍ୟାପକ ଶ୍ରୀ ଚନ୍ଦ୍ରମଣି ଦାଶ, ଏମ୍, ଏ,

କବି ଚିରକାଳ ସୌନ୍ଦର୍ଯ୍ୟ-ପିପାସୁ । ସୌନ୍ଦର୍ଯ୍ୟ-ପିପାସା ଏ ନର ଜୀବନରେ ତାର କଦାପି ଚରିତାର୍ଥ ହୋଇପାରେ ନାହିଁ । ସେ ଯେତିକି ରୂପର ମାଧୁରୀ ଆସ୍ୱାଦନ କରେ, ପିପାସା ତାର ସେତିକି ବଳବତୀ ହୋଇ ଉଠେ । ସେ ଅଖଣ୍ଡ ସୌନ୍ଦର୍ଯ୍ୟ-ସୁଧା ପାନ କଲେ ସୁଦ୍ଧା ତାର ପରିତୃପ୍ତି ଆସେ ନାହିଁ । ସେ ଚିର-ଅତୃପ୍ତ ଜୀବ । କେବଳ ସେହି ସୌନ୍ଦର୍ଯ୍ୟ ପାନ କରି ସେ ପରମ ସନ୍ତୋଷରେ ନୀରବ ହୋଇ ରହେ ନାହିଁ । ସୌନ୍ଦର୍ଯ୍ୟର ମଧୁର ରସ ପାନକରି ସେ ଯେଉଁ ଅନାବିଳ ଓ ଅକୃତ୍ରିମ ଆନନ୍ଦ ଅନୁଭବ କରେ, ସେ ତାହାକୁ ନିଜେ ଉପଭୋଗ କରି ରହି ପାରେ ନାହିଁ । ଆନନ୍ଦର ଆତିଶଯ୍ୟରୁ ତାର ହୃଦୟରେ ଯେଉଁ ଭାବୋଚ୍ଛ୍ୱାସ ହୁଏ, ସେ ତାହା ଅନ୍ୟମାନଙ୍କ ଆଗେ ଉପସ୍ଥିତ ନକରି ରହି ପାରେ ନାହିଁ । ସେ ଶ୍ରୁତିସୁଖଦାୟୀ ସୁମଧୁର ଓ ସଙ୍ଗୀତମୟ ଭାଷା-ବିନ୍ୟାସରେ କିମ୍ବା ଶବ୍ଦ-ପଟବରେ ତାର ଆନନ୍ଦକୁ ଅଭିବ୍ୟକ୍ତ କରେ । ଆନନ୍ଦ ସୃଷ୍ଟି କରିବା ତାର ଚରମ ଲକ୍ଷ୍ୟ ; କାବ୍ୟ ଓ କବିତାର ସାହାଯ୍ୟରେ ପାଠକ ପାଠିକାମାନଙ୍କୁ ନୀତି-ଶିକ୍ଷା ଦେବା ତାର କର୍ତ୍ତବ୍ୟ ନୁହେଁ । ଅନେକ ସମୟରେ ଘଟନା-ଚକ୍ରରେ ପଡ଼ି କବି ସମାଜରେ ପ୍ରଚଳିତ କୁସଂସ୍କାର କିମ୍ବା କୁତ୍ସିତ ବିରୁଦ୍ଧରେ ବିଦ୍ରୋହର ଶାଣିତ ଖଡ୍‌ଗ ଉତ୍ତୋଳନ କରିଥାଏ । ସୁନୀତି ମାର୍ଗରେ ଲୋକମାନଙ୍କୁ ଚାଳିତ କରିବାକୁ ଲେଖନୀ ଧରି ବସେ । କବିବର ରାଧାନାଥଙ୍କ 'ଦରବାର' ଓ 'ମହାଯାତ୍ରା'ରେ ଏହି ବିପ୍ଳବର ସ୍ୱର ଧ୍ୱନିତ ହୋଇ ଅଛି । ରୂପପାୟୀ ସୌନ୍ଦର୍ଯ୍ୟ-ସମ୍ଭୋଗର କବି ସମସାମୟିକ ସମାଜ ଉପରେ ତୀବ୍ର କଟାକ୍ଷପାତ କରି ଅଛନ୍ତି । ଏଥିରେ କବିବର ନିଜର ସୌଜନ୍ୟ ମହାନୁଭବତା ଓ ପ୍ରାଣ ପ୍ରାଚୁର୍ଯ୍ୟର ଯଥେଷ୍ଟ ନିଦର୍ଶନ ଦେଖାଇ ଅଛନ୍ତି ସତ୍ୟ, କିନ୍ତୁ କାବ୍ୟର ମାଧୁରୀ କବିତାର ପ୍ରାଣ-ଶକ୍ତି ଓ କବିଜନୋଚିତ ସ୍ୱାଭାବିକ ଓ ଅପ୍ରତିହତ ଭାବୋଚ୍ଛ୍ୱାସ ଏଥିରେ ଖଣ୍ଡିତ ଓ ବିଧ୍ୱସ୍ତ ହୋଇଅଛି । କାବ୍ୟ ଓ କବିତାକୁ ଯଦି ଭର୍ତ୍ତୃହରିଙ୍କର ନୀତି-ଶ୍ଳୋକରେ ପରିଣତ କରାଯାଏ, ତେବେ ସମାଜର ସୁକଲ୍ୟାଣ ସମ୍ପାଦିତ ହୋଇ ପାରେ କିନ୍ତୁ ଆନନ୍ଦରେ ହୃଦୟ ଉତ୍ଫୁଲ୍ଲ ହୁଏ ନାହିଁ—ପ୍ରାଣ ପୁଲକରେ ନାଚି ଉଠେ ନାହିଁ । କବି ଓ୍ୱାର୍ଡସ୍‌ଓ୍ୱାର୍ଥଙ୍କୁ ସମାଲୋଚନା କରି ଥରେ



Digitized by srujanika@gmail.com

କଣେ ବିଜ୍ଞ ବ୍ୟକ୍ତି ଲେଖିଥିଲେ "Self Consciousness in art leads to its own certain death". ଭାବ ଏବ ରସ କବିର ପ୍ରଧାନ ଅବଲମ୍ବନ । ଅବଶ୍ୟ ଯୁଗର ପରିବର୍ତ୍ତନ ସାଙ୍ଗେ ସାଙ୍ଗେ ମନୁଷ୍ୟର ଚିନ୍ତାଧାରା ପରିବର୍ତ୍ତିତ ହେବା ସ୍ୱାଭାବିକ ଏବଂ ତା ସହିତ ସାହିତ୍ୟର ରୂପ ଓ ଲକ୍ଷଣ ପରିମାର୍ଜିତ କିମ୍ବା ପରିବର୍ତ୍ତିତ ହେବାରେ କୌଣସି ବୈଚିତ୍ର୍ୟ ନାହିଁ । କିନ୍ତୁ ବହୁ ଶତାବ୍ଦୀ ଗତ ହୋଇଥିଲେ ସୁଦ୍ଧା କାଳିଦାସଙ୍କୁ ଶ୍ରେଷ୍ଠ କବିର ଅତ୍ୟୁଚ୍ଚ ଆସନରୁ କେହି ଏ ପର୍ଯ୍ୟନ୍ତ ବିଚ୍ୟୁତ କରିପାରି ନାହାନ୍ତି । ଏବେ ସୁଦ୍ଧା ସେ ଭାବୁକ ଓ ରସିକମାନଙ୍କର ଉପାସ୍ୟ ଦେବତା ରୂପେ ଦଣ୍ଡାୟମାନ । କାଳିଦାସଙ୍କ କାବ୍ୟରେ ଚରିତ୍ରଗତ ଚିତ୍ର ପରିସ୍ଫୁଟ କରିବାର ଚେଷ୍ଟା ମୋଟେ ଦେଖାଯାଏ ନାହିଁ । କିନ୍ତୁ ପରିଣୟ, ପ୍ରଣୟ ଓ ବିଚ୍ଛେଦ ଶୋକର ଗୋଟିଏ ସାଧାରଣ ଭାବ ଓ ରସ ତାଙ୍କର ପ୍ରତ୍ୟେକ କାବ୍ୟରେ ଉଚ୍ଛ୍ୱଳିତ ହୋଇ ଉଠିଛି । 'କୁମାର-ସମ୍ଭବ'ରେ ହର ପାର୍ବତୀଙ୍କୁ ଅବଲମ୍ବନ କରି ପ୍ରେମ, ସୌନ୍ଦର୍ଯ୍ୟ, ଉପମା ଓ ବର୍ଣ୍ଣନା ତରଙ୍ଗିତ ହୋଇ ଉଠିଅଛି । ମନୁଷ୍ୟ ଓ ସଂସାରର ବିଶେଷତ୍ୱ ପ୍ରତି ଉଦାସୀନତା ଦେଖାଇ, ମନୁଷ୍ୟଙ୍କୁ ଓ ଘଟଣାଚକ୍ରକୁ ଭାଷା-ବୈଭବରେ ସର୍ବଦା ଅଚ୍ଛନ୍ନ ରଖି କାଳିଦାସଙ୍କ କାବ୍ୟ ଓ କବିତା ପାଠକର ଚିତ୍ତ-ଭୂମିକୁ ରସ-ବନ୍ୟାରେ ପ୍ଲାବିତ କରୁଅଛି । କବିର ଅମୃତ-ନିସ୍ୟନ୍ଦିନୀ ଲେଖନୀର ସାର୍ଥକତା ସେହିଠାରେ ।

A thing of beauty is a joy forever'.

କବିବର ରାଧାନାଥ ମଧ୍ୟ ପ୍ରାଣର ଆବେଗରେ ଗାଇ ଅଛନ୍ତି ।

'ଦୃଷ୍ଟିପୂର୍ବ ହୋଇ ଅପୂର୍ବ ପ୍ରତୀତି
ସୁନ୍ଦରପଣର ଚିରନ୍ତନ ରୀତି'

କିନ୍ତୁ ଏ ସୌନ୍ଦର୍ଯ୍ୟ-ସମ୍ଭୋଗ କେବଳ କଣ ପ୍ରକୃତିର ରୂପ ବର୍ଣ୍ଣନା କରିବାରେ କିମ୍ବା ରମଣୀୟ ସ୍ଥାନର ମହିମା କୀର୍ତ୍ତନ କରିବାରେ ପର୍ଯ୍ୟବସିତ ? ପ୍ରକୃତିର ରୂପ ଅଛି, ସୌନ୍ଦର୍ଯ୍ୟ ଅଛି, ଜନମନ ହରଣ କରିବାର ତାର ଅପୂର୍ବ ଆକର୍ଷଣୀ ଶକ୍ତି ଅଛି । ରେଳଗାଡ଼ିରେ ବ୍ରହ୍ମପୁର ଷ୍ଟେସନରୁ ଛାତ୍ରପଡ଼ାଘାଟ ପର୍ଯ୍ୟନ୍ତ ଯିବା ବାଟରେ ଯେ କେହି ଲୋକ ଚିଲିକାର 'ସାୟନ୍ତନ' ବର୍ଣ୍ଣୋଜ୍ଜ୍ୱଳମୟ' ଛବି ଦେଖି ମୁଗ୍ଧ ହୋଇଯାନ୍ତି । ଦ୍ରୁତଗାମୀ ବାଷ୍ପୀୟ-ଶକଟର ସଂକୀର୍ଣ୍ଣ ବାତାୟନ ପଥରୁ ନିର୍ନିମେଷ ନୟନରେ ତାର ଅପରୂପ ଲାବଣ୍ୟମୟୀ ମାଧୁରୀ ଉପଭୋଗ କରନ୍ତି ଏବଂ କବି ଗୋପବନ୍ଧୁଙ୍କର ଅନନୁକରଣୀୟ ଓ ଅନବଦ୍ୟ ଭାଷାରେ ଅସ୍ଫୁଟ କଣ୍ଠରେ ସ୍ୱତଃ ଗାଇ ଉଠନ୍ତି ।

'କ୍ଷଣକେ ଲୁଚଇ କ୍ଷଣକେ ଦିଶଇ
ସ୍ୱପ୍ନଲବ୍ଧ ପ୍ରିୟ ପ୍ରତିମା ପରାୟେ ।'

ତେଣୁ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭାଷାରେ ରୂପରେଖ ଦେଲେ କବିର କର୍ତ୍ତବ୍ୟ ଶେଷ ହେଲା ନାହିଁ । ସ୍ଥାନର ମହିମା ଦେଖାଇ ତାର ଗରିମା ବର୍ଣ୍ଣନା କରିପାରିଲେ ପାଠକ ମନରେ ଯେଉଁ ଆନନ୍ଦ ରସର ଉଦ୍ରେକ ହୁଏ—ତାହା କେବଳ କ୍ଷଣସ୍ଥାୟୀ ହୁଏ—ତାହା ହୃଦୟରେ ଗଭୀର ରେଖାପାତ କରିପାରେ ନାହିଁ । ତେଣୁ ପ୍ରକୃତିର ପୁରୋହିତ କବିବର ରାଧାନାଥ 'ଚିଲିକା' କାବ୍ୟରେ ମନୁଷ୍ୟର ସଜୀବ ଓ ସଚେତନ ପ୍ରକୃତି ସହିତ ନିର୍ଜୀବ ଓ ଅଚେତନ ଚିଲିକା ପ୍ରକୃତିର ଐକ୍ୟ ସ୍ଥାପନ କରି ଅଛନ୍ତି । ନିର୍ଜୀବ ଓ ସଜୀବର ମଧ୍ୟର ମିଳନର ଚିତ୍ର ଅଙ୍କିତ ହୋଇଥିବାରୁ 'ଚିଲିକା' କାବ୍ୟ ଆମ୍ଭମାନଙ୍କର ଏତେ ଦୂର ପ୍ରାଣସ୍ପର୍ଶୀ ହୋଇ ପାରିଅଛି । ରାଧାନାଥ ଦୂରଦୃଷ୍ଟି ସମ୍ପନ୍ନ କବି । ତାଙ୍କ ଚକ୍ଷୁ ସମ୍ମୁଖରେ ଚିଲିକା କେବଳ ଗୋଟିଏ 'ସୁବୃହତ' ଜଳାଂଶରୂପେ ପ୍ରତିଭାତ ହୋଇନଥିଲା । ଚିଲିକାରେ ସେ ମନୁଷ୍ୟ-ପ୍ରକୃତିର ମାନବ-ପ୍ରାଣର ସୁସ୍ପଷ୍ଟ ପ୍ରତିଛବି ଦେଖି ପାରିଥିଲେ । ମନୁଷ୍ୟର ଯେପରି ରାଗ, ଦ୍ୱେଷ,



Digitized by srujanika@gmail.com

ସ୍ନେହ, ଦୟା, ମାୟା ଓ ମମତା ଅଛି, ଚିଲିକା-ଠାରେ ସେ ଏହି ମାନବୋଚିତ ସ୍ୱାଭାବିକ ସହଜ ଗୁଣ ଓ ଦୋଷମାନ ଆରୋପ କରି ନିର୍ଜୀବବସ୍ତୁରେ ଜୀବନ୍ତ ସଜୀବତ୍ୱ ଆରୋପ କରି ଯେଉଁ ଅପୂର୍ବ କଳା-କୁଶଳତାର ପରିଚୟ ଦେଇ ଅଛନ୍ତି ତାହା ଚିଲିକା କାବ୍ୟକୁ ଅମର କରି ରଖିଅଛି । ପ୍ରାକୃତିକ ଦୃଶ୍ୟରେ ପ୍ରାଣ ଅଛି— ସ୍ପନ୍ଦନ ଅଛି— ଅପୂର୍ବ ଉନ୍ମାଦନାକାରିଣୀ ଶକ୍ତି ଅଛି । ସେ ଶକ୍ତି ନଥିଲେ କବି ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିଲେ ଏତେ ଆତ୍ମହରା ହୁଅନ୍ତା ନାହିଁ । ତେଣୁ ସେ ମନୁଷ୍ୟ ଜୀବନ ସହିତ ପ୍ରକୃତିର ନିକଟ ମଧୁମୟ ସମ୍ପର୍କ ସ୍ଥାପନ କରିବାକୁ ଉଦ୍ୟତ ହୁଏ । ପ୍ରକୃତିରେ ନିଜ ଜୀବନର ପ୍ରତିବିମ୍ବ ଦେଖେ । ତା ନ ହୋଇଥିଲେ କବି ରାଧାନାଥ କାହିଁକି ଲେଖନ୍ତେ, 'ସଖୀ ଯାଏ ତୋତେ ମଣୁଥିଲି ନିତି' ମନୁଷ୍ୟ ମହାନୁଭବ, ଉଦାର ଓ ପ୍ରଶସ୍ତମନା ହେଲେ ଯେପରି ଜାତିଧର୍ମ ନିର୍ବିଶେଷରେ ଉଚ୍ଚନୀଚ ଭେଦ ଭାବ ହୃଦୟରେ ପୋଷଣ ନକରି ଆଶ୍ରିତକୁ ଆଶ୍ରୟ ଦେବାରେ କେବେମାନ କୁଣ୍ଠା କିମ୍ବା ଦ୍ୱିଧା ପ୍ରକାଶ କରେ ନାହିଁ, ଚିଲିକା ସେହିପରି ନାନାପ୍ରକାର ଜୀବ ଜନ୍ତୁଙ୍କୁ ନିଜର ସୁବିଶାଳ ବକ୍ଷରେ ଆଶ୍ରୟ ଦେଇ ନିଜର ଉଦାରତା ଓ ମହତ୍ତ୍ୱର ପରିଚୟ ଦେଉ-ଅଛି । ଏହିଠାରେହିଁ ମନୁଷ୍ୟ ଜୀବନର ମହତ୍ତ୍ୱ ଚିଲିକାରେ ପ୍ରତିଫଳିତ ହୋଇ ମାନବ-ଜୀବନ ସହିତ ଅଚେତନ ପ୍ରକୃତିର ମଧୁର ସମାବେଶ ସମ୍ପାଦନ କରିଅଛି ।

'ପକ୍ଷଚ୍ଛେଦ-ଶଙ୍କା-ଭୟେ କି ଶଇଳେ
ଲୁଚି ରହିଥିଲେ ତୋହର ସଲିଳେ ?

ଏଠାରେ ପ୍ରଚ୍ଛନ୍ନ ଭାବରେ ଚିଲିକାର ସେହି ମହତ୍ତ୍ୱର ଇଙ୍ଗିତ ବ୍ୟକ୍ତ କରା ହୋଇଅଛି । ଏହି ଇଙ୍ଗିତ ଭାବର ପୂର୍ଣ୍ଣ ଅଭିବ୍ୟକ୍ତି ହୋଇଅଛି ଚିଲିକା ବକ୍ଷସ୍ଥ ଜୀବଜନ୍ତୁମାନଙ୍କର ବର୍ଣ୍ଣନା କରିବାରେ

କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏରୂପେ ବିଚାରି ଚିଲିକା
କୋଟି କୋଟି ଜୀବେ ଯୋଗାଇ ଆହାର
ନସରଇ ତୋର ଅକ୍ଷୟ ଭଣ୍ଡାର
କି ଆଶ୍ରିତ, କିବା ଆଗନ୍ତୁକଚୟ
ନିର୍ବିଶେଷେ ସର୍ବେ ପୁବନ୍ତି ଆଶ୍ରୟ ।

କେବଳ ଏତିକି ନୁହେ । ବିପ୍ଳବୀ କବି ରାଧାନାଥ ଚିଲିକାଠାରେ ମଧ୍ୟ ବିଦ୍ରୋହାତ୍ମକ ଭାବ ଆରୋପ କରି ତାକୁ ଆହୁରି ସଜୀବ ଓ ପ୍ରାଣବନ୍ତ କରି ଅଛନ୍ତି । ମନୁଷ୍ୟ-ପ୍ରକୃତି ଓ ଜଡ଼ ପ୍ରକୃତି ଏକ ଈଶ୍ୱରଙ୍କର ସୃଷ୍ଟି—ପ୍ରକୃତିଠାରୁ ମଧ୍ୟ ମନୁଷ୍ୟର ବହୁତ କିଛି ଶିଖିବାର ଅଛି—ଜଡ଼ ପ୍ରକୃତି ମନୁଷ୍ୟ ପ୍ରକୃତିଠାରୁ ପୃଥକ୍ ନୁହେ—ଏହି ନିଗୂଢ଼ ତତ୍ତ୍ୱର ସତ୍ୟତା ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ସେ ଚିଲିକାକୁ ଜଣେ ରୋଷ-କଷାୟିତ ମହାବିପ୍ଳବୀ ଦେଶାତ୍ମବୋଧ ସମ୍ପନ୍ନ ବ୍ୟକ୍ତିରୂପେ ବର୍ଣ୍ଣନା କରି ଅଛନ୍ତି । ସେ ବର୍ଣ୍ଣନା ପଢ଼ିଲେ ମନେହୁଏ ପୁରୁଷୋତ୍ତମ ଦେବ, ଅନଙ୍ଗ-ଭୀମ ଦେବ, ଲାଙ୍ଗୁଳା ନରସିଂହଦେବ ଓ ସ୍ୱାଧୀନ ଉତ୍କଳର ଅନ୍ୟାନ୍ୟ ଦେଶପ୍ରାଣ ପ୍ରବଳ ପରାକ୍ରମଶାଳୀ ଇତିହାସ ପ୍ରସିଦ୍ଧ ରାଜାମାନଙ୍କ ପରି ଚିଲିକା ଜଣେ ଐତିହାସିକ ବ୍ୟକ୍ତି—ଶତ୍ରୁର ଦର୍ପଦଳନ କରିବା ପାଇଁ ଯାହାର ପ୍ରଚଣ୍ଡ କ୍ରୋଧାନଳ ଉଦ୍ଦୀପ୍ତ—ଦେଶର ଓ ଜାତିର ମାନ-ସମ୍ଭ୍ରମ ଅକ୍ଷୁଣ୍ଣ ରଖିବା ପାଇଁ ଯେ ବଦ୍ଧ-ପରିକର ଓ ଯୁଦ୍ଧ ଭୂମିରେ ପ୍ରାଣ ଦେବାକୁ ପ୍ରସ୍ତୁତ । ଚିଲିକା କାବ୍ୟର ବିଶେଷତ୍ୱ ଓ ମହତ୍ତ୍ୱ ଏହିଠାରେ ।

'ରୁଦ୍ରମୂର୍ତ୍ତି ତୋର ରଖୁ ତୁ ଘୋଡ଼ାଇ
ଦୁରନ୍ତ ଉତ୍କଳ-ଅରାତି ପାଇଁ
ସୂର୍ଯ୍ୟକାନ୍ତ ଯଥା ପରଶେ ଶୀତଳ
ତେଜସ୍ୱୀ ଦର୍ଶନେ ହୁଏ ଉଜ୍ଜ୍ୱଳ
ଶତ୍ରୁ ଦେଖି ତୁହି ସେରୂପେ ଚିଲିକା
ପ୍ରକଟ, ପ୍ରଚ୍ଛନ୍ନ ଶକ୍ତି ମାରାତ୍ମିକା'

ରାଧାନାଥ ଯୁଗର ଅନ୍ୟତମ ବରେଣ୍ୟ ଓ ବନ୍ଦନୀୟ କବି ଗଙ୍ଗାଧର ମେହେର ସ୍ୱପ୍ରଣୀତ 'ପ୍ରଣୟ-ବଲ୍ଲରୀ' ଓ 'ତପସ୍ୱିନୀ' କାବ୍ୟରେ ମନୁଷ୍ୟ-ଜୀବନ ସହିତ ପ୍ରକୃତିର ଏହିପରି ମଧୁର ମିଳନ ଘଟାଇବାରେ ଲମ



Digitized by srujanika@gmail.com

କୃତୀତ୍ୱ ଦେଖାଇ ନାହାନ୍ତି । ମନୁଷ୍ୟର ଦୁଃଖରେ ପ୍ରକୃତି କିପରି କାନ୍ଦେ, ସମବେଦନା ଓ ସହାନୁଭୂତିରେ ପ୍ରକୃତିର ପ୍ରାଣ କିପରି ଶୋକାକୁଳ ହୋଇ ଉଠେ, ମନୁଷ୍ୟର ସମ୍ପଦ ବେଳେ ପ୍ରକୃତି-ରାଣୀ କିପରି ପୁଲକରେ ନାଚି ଉଠେ—ମନୁଷ୍ୟର ଆନନ୍ଦକୁ ଦ୍ୱିଗୁଣିତ କରେ ଏହାର ସୁମଧୁର ଉଜ୍ଜ୍ୱଳ ଚିତ୍ର କବି ଗଙ୍ଗାଧରଙ୍କର ସବୁ କାବ୍ୟରେ ପ୍ରାୟ ଦେଖିବାକୁ ମିଳେ । ସୀତାଙ୍କ ଦୁଃଖରେ ଜଡ଼ ଜଗତ କିମ୍ବା ପ୍ରକୃତିର ଦୁଃଖ ବର୍ଣ୍ଣନା କରିବାକୁ ଯାଇ ସେ ଗାଇ ଅଛନ୍ତି

ସତୀଙ୍କ ବେଦନେ ଗତି ସ୍ତମ୍ଭିଲା ବାତର
ଜଳସ୍ଥଳ ଘେନି ହେଲା ନିସର୍ଗ କାତର
ସ୍ତମ୍ଭି ଗଲା ଜାହ୍ନବୀର ତରଙ୍ଗ ଆବଳୀ
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳୀ'

ସତୀ ସୀତାଙ୍କର ନିର୍ବାସନ ଦୁଃଖରେ ପ୍ରକୃତିର କି ଆନ୍ତରିକ ଦରଦ, ସ୍ନେହ-ସହାନୁଭୂତି ଓ ଅନୁକମ୍ପା । ପ୍ରକୃତି ସହିତ ମନୁଷ୍ୟର ମଧୁର ସମନ୍ୱୟର ଏପରି ବିଶଦ ପ୍ରାଣବନ୍ତ ଚିତ୍ର ଅନ୍ୟତ୍ର ଦୁର୍ଲ୍ଲଭ ।

କାବ୍ୟ କିମ୍ବା ସାହିତ୍ୟରେ ମନୁଷ୍ୟ ଓ ପ୍ରକୃତିର ମଧୁର ମିଳନ-ଚିତ୍ରଣ ଆଧୁନିକ ଯୁଗର କବିମାନଙ୍କର ମୌଳିକ କୃତିତ୍ୱ ନୁହେ । କିମ୍ବା ଆମ ଦେଶର ସାହିତ୍ୟ ଏ ବିଷୟରେ ପାଶ୍ଚାତ୍ୟ ସାହିତ୍ୟ କିମ୍ବା ସଂସ୍କୃତିଦ୍ୱାରା ପ୍ରଭାବିତ ହୋଇନାହିଁ । ଏହି ଅପୂର୍ବ କବି-ପ୍ରତିଭା କିମ୍ବା କଳା-କୁଶଳତା ଭାରତୀୟ କବିମାନଙ୍କର ନିଜସ୍ୱ । ପ୍ରକୃତିର ବିଭିନ୍ନ ମହିମାୟ ଓ ବିରାଟ ଉପାଦାନରେ କେବଳ ମନୁଷ୍ୟତ୍ୱ ନୁହେ । ଦେବତ୍ୱ ଆରୋପ କରି ସୁମଧୁର ଓ ସୁଲଳିତ ବେଦ ମନ୍ତ୍ରରେ ସେମାନଙ୍କର ବନ୍ଦନା ଓ ଆରାଧନା କରିବା ଭାରତୀୟ ଆର୍ଯ୍ୟମାନଙ୍କର ଦୈନନ୍ଦିନ କର୍ମ ଥିଲା । ମହାକବି କାଳିଦାସ 'ମେଘଦୂତ' ଖଣ୍ଡକାବ୍ୟରେ ମୂକ ଓ ଅଚେତନ ମେଘକୁ ବିରହୀ ଯକ୍ଷ ନିକଟକୁ ଦୂତରୂପେ ପ୍ରେରଣ କରିବାରେ ମଧ୍ୟ ପ୍ରକୃତି ଓ ମନୁଷ୍ୟ ଜୀବନର ଅପୂର୍ବ ମିଳନ ସଂସାଧିତ ହୋଇଅଛି । ମେଘ ଆଉ ସେତେବେଳେ "ଧୂମ, ଜ୍ୟୋତି, ସଲିଳ ଓ ମରୁତର ସନ୍ନିପାତ" ହୋଇ ନିର୍ଜୀବ ଓ ଜଡ଼ପିଣ୍ଡ ଭାବରେ ପଡ଼ି ରହିନାହିଁ । ସେ ବିରହିଣୀ ହୃଦୟର କରୁଣ ମନ୍ଥନରେ ବ୍ୟଥିତ ହୋଇ ଅନୁକମ୍ପାରେ ଆର୍ଦ୍ରଚିତ୍ତ । ବିରହ-ବିଧୁରର ଦୁର୍ବିସହ ବିରହ-ବେଦନା ଅପନୋଦନ କରିବାକୁ ବ୍ୟାକୁଳ । ରସପିପାସୁ ପାଠକ ଦୃଷ୍ଟିରେ ମେଘ ଜୀବନ୍ତ ମାନବ ସଦୃଶ ।

ସେହି ମହାକବିଙ୍କର 'ଶକୁନ୍ତଳା' ନାଟକରେ ମନୁଷ୍ୟ ଓ ବାହ୍ୟ ଜଡ଼ ପ୍ରକୃତିର ମିଳନ ଚିତ୍ର ବଡ଼ ମର୍ମସ୍ପର୍ଶୀ ଓ ଚିତ୍ତହର । 'ଅଭିଜ୍ଞାନ ଶକୁନ୍ତଳା' ନାଟକରେ ନାୟିକା ଶକୁନ୍ତଳା ତପୋବନର ଅଙ୍ଗୀଭୂତ । ଏହି ନାଟକରେ ଶକୁନ୍ତଳା ସ୍ୱତନ୍ତ୍ର କିମ୍ବା ସ୍ୱାଧୀନ ନୁହେଁ । ସେ ତପୋବନର ତରୁ ଲତାମାନଙ୍କ ସହିତ ଏକାତ୍ମ ଭାବରେ ବିଜଡ଼ିତ । କାଳିଦାସ ଏହି ଜଗତ୍ ପ୍ରସିଦ୍ଧ ନାଟକରେ ଯେଉଁ ବହିଃ ପ୍ରକୃତିର ବର୍ଣ୍ଣନା କରିଅଛନ୍ତି, ତାହାକୁ ଜଡ଼ ପିଣ୍ଡ ପରି ବାହାରେ ଫିଙ୍ଗି ଦେଇ ନାହାନ୍ତି, ତାହାକୁ ଶକୁନ୍ତଳାର ଚରିତ୍ର ମଧ୍ୟରେ ଉନ୍ମେଷିତ କରି ଅଛନ୍ତି । ଶକୁନ୍ତଳାକୁ ତାହାର କାବ୍ୟଗତ ପରିବେଷ୍ଟନରୁ ବାହାର କରି ଆଣିଲେ କେବଳ ଯେ ନାଟକର ଆଖ୍ୟାନବସ୍ତୁର ସୌନ୍ଦର୍ଯ୍ୟ ବିନଷ୍ଟ ହୁଏ, ତାହା ନୁହେଁ । ଶକୁନ୍ତଳାର ଚରିତ୍ର ଅସୁନ୍ଦର ଓ ଅସମ୍ପୂର୍ଣ୍ଣ ହୋଇପଡ଼େ । ତାହାର ହୃଦୟ ଲତିକା ଚେତନ-ଅଚେତନ ସମସ୍ତଙ୍କୁ ସ୍ନେହର ଲଳିତ ବେଷ୍ଟନରେ ବାନ୍ଧିଅଛି । ତପୋବନ ସହିତ ଶକୁନ୍ତଳା ସାନ୍ଦ୍ର ଭାବରେ ଜଡ଼ିତ । ତେଣୁ ଶକୁନ୍ତଳା ଯେତେବେଳେ ତପୋବନ ତ୍ୟାଗ କରି ପତିଗୃହକୁ ଯାଉଅଛନ୍ତି, ସେତେବେଳେ ପଦେ ପଦେ ତାହାର ଆକର୍ଷଣ, ପଦେ ପଦେ ତାର ମର୍ମାନ୍ତିକ ବେଦନା । କବି ମେହେର ଲେଖି ଅଛନ୍ତି



Digitized by srujanika@gmail.com

"ଶକୁନ୍ତଳା ପଥେ                    ଯାଉଁ ଯାଉଁ ତାର
ତରୁ ଲତା ଗୃହୁଁ ଗୃହୁଁ
ହୃଦୟ ପଟରେ                    ଚିତ୍ରି ନେଉଥାଏ
ସେନେହ ରଙ୍ଗେ ରଙ୍ଗାଇ

×          ×          ×

କେତେକ ଶିଶିର                    ଛଳେ କେତେ ଅବା
କୁସୁମବର୍ଷଣ ଛଳେ
ଶକୁନ୍ତଳା କର                    ସ୍ମରଣ ମାନଙ୍କେ
ଲୋତକ ମୋଚନ କଲେ"

ଶକୁନ୍ତଳା ନାଟକର ସମାଲୋଚନା କରିବାକୁ ଯାଇ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର 'ପ୍ରାଚୀନ ସାହିତ୍ୟ' ପୁସ୍ତକରେ ଲେଖି ଅଛନ୍ତି "ବନର ସହିତ ମନୁଷ୍ୟର ବିଚ୍ଛେଦ ଯେ ଏପରି ମର୍ମାନ୍ତିକ ସକରୁଣ ହୋଇପାରେ ତାହା 'ଜଗତର ସମସ୍ତ ସାହିତ୍ୟ ମଧ୍ୟରେ କେବଳ କାଳିଦାସଙ୍କ ଶକୁନ୍ତଳା ନାଟକର ଚତୁର୍ଥ ଅଙ୍କରେ ଦେଖାଯାଏ । ଏହି ନାଟକରେ ସ୍ୱଭାବ ଓ ଧର୍ମନିୟମର ଯେପରି ମିଳନ, ମନୁଷ୍ୟ ଓ ପ୍ରକୃତିର ସେହିପରି ମିଳନ ଘଟିତ ହୋଇଅଛି । ଦୁଇ ବିସଦୃଶ ଉପାଦାନ ମଧ୍ୟରେ ଏପରି ଏକାନ୍ତ ମିଳନର ଭାବ ବୋଧହୁଏ ଭାରତବର୍ଷ ଛଡ଼ା ଅନ୍ୟ କୌଣସି ଦେଶରେ ସମ୍ଭବପର ହୋଇପାରି ନାହିଁ । × × × ଶକୁନ୍ତଳା ନାଟକରେ ଅନସୂୟା ପ୍ରିୟମ୍ବଦା ଯେପରି, କଣ୍ୱ ଦୁଷ୍ମନ୍ତ ଯେପରି ତପୋବନ ପ୍ରକୃତି ସେହିପରି ଜଣେ ବିଶେଷ ପାତ୍ର । ଏହି ମୂକ ପ୍ରକୃତିକୁ କୌଣସି ନାଟକ ମଧ୍ୟରେ ଯେ ଏପରି ପ୍ରଧାନ—ଏପରି ଅତ୍ୟାବଶ୍ୟକ ସ୍ଥାନ ଦିଆ ଯାଇ ପାରେ, ତାହା ବୋଧହୁଏ ସଂସ୍କୃତ ସାହିତ୍ୟ ଛଡ଼ା ଅନ୍ୟତ୍ର ଦେଖାଯାଏ ନାହିଁ । ପ୍ରକୃତିକୁ ମନୁଷ୍ୟ ରୂପେ ଚିତ୍ରିକରି ତାହାର ମୁହଁରେ କଥାବାର୍ତ୍ତା ଫୁଟାଇ ରୂପକନାଟ୍ୟ ରଚିତ ହୋଇପାରେ— କିନ୍ତୁ ପ୍ରକୃତିକୁ ପ୍ରକୃତ ରଖି ତାହାକୁ ଏପରି ସଜୀବ, ଏପରି ପ୍ରତ୍ୟକ୍ଷ, ଏପରି ବ୍ୟାପକ ଏପରି ଅନ୍ତରଙ୍ଗ କରି ପାରିବା ଏବଂ ତାହାଦ୍ୱାରା ନାଟକର ଏତେ କାର୍ଯ୍ୟ ସାଧନ କରାଇ ନେବା— ଏହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ ।"

# ଆ କାଂ କ୍ଷା*

ପଣ୍ଡିତ ଶ୍ରୀ ଜଗନ୍ନାଥ ଦାଶ, ମୂ ବ ପି

ଜୀବନ ହେ ଜେତ୍ର !
ଲଭୁ ହେ ସେବାରେ
ସଞ୍ଚିତ କର ସ୍ନେହ ।
ହୃଦୟ-ଅଧାରୁ
ଜଳୁ ଶିଖା ଟେକି
ଦୃପ୍ତ-ଈର୍ଷ୍ୟା-ଗେହ ।୧।
ବାଲ ହୋଇ ଦେହ
ମଣ୍ଡିତ କରୁ
ମଞ୍ଜୁଳିଅ-ପାଦ-ତଳ ।
କେଦାର ମାଳାରେ
ଝଙ୍କାର କରୁ
ମାଟି ହୋଇ ଜଗତର ।୨।
ଶିଶୁ-ସ୍ମିତ ହୋଇ
ହରୁ ରେ ହୃଦୟୁଁ
ଜନନୀର ଦୁଃଖ ଭାର ।
ଯୁବା-ଯୌବନ
ହୋଇ ଉଦ୍‌ଦୀପ୍ତେ
କରୁ ଶକ୍ତି-ସଞ୍ଚାର ।୩।
ପାପ-ପ୍ରଭୁତା-
ପରିହାସ ଲେଖୁ
ନିଶା କାଳିମାରେ ମିଶି ।
ପ୍ରାଚୀ ଗୌରବ-
ଇତିହାସ ଲେଖୁ
ଉଷା-ଲାଲିମାରେ ବସି ।୪।



Digitized by srujanika@gmail.com

ଘନ-ଘଟା-ତମେ
ଲେଖି ହୋଇ ଯାଉ
ବ୍ୟଥାର ଅଶେଷ କଥା ।
ବଜ୍ର-ଘୋଷରେ
ଘୋଷିତ ହୋଇ
ନୂଆଉଁ କରୁଣ-ମଥା ।୫

ଶ୍ରାବଣ ଧାରରେ
ବୁହାଉ ଭୂବତେ
ଅତ୍ୟାଗୃହୀର ଅଶ୍ରୁ
ବୈଶାଖୀ-ଦିନ
ଦାବାନଳ ରୂପେ
ପୋଡୁରେଁ ଦଳିତଙ୍କ ଶତ୍ରୁ ।୬

ନଦୀ-ଜଳ-କଲେ
ଗାଉ ବିଶ୍ୱର
ପ୍ରେମ-ପୂତ-ତାନ
ବିଶ୍ୱ-ବୃକ୍ଷେ
ଏକ ହୋଇ ଗାଉ
ବିଶ୍ୱ-ଚେତନା-ଗାନ ।୭।

* ହିନ୍ଦୀ ସାହିତ୍ୟରୁ ସଂଗୃହୀତ

# ସାଉଁଟା ଫୁଲର ମହକ

ଶ୍ରୀ ପ୍ରହ୍ଲାଦ ମହାନ୍ତି

ଶର୍ମିଷ୍ଠା ସହିତ ମୋର ପ୍ରଥମ ଦୃଷ୍ଟି ପରିଚୟ ସଂସ୍କାର ସମିତିର ବାର୍ଷିକ ଅଧିବେଶନରେ । ତା ମୃଦୁଳ କଣ୍ଠରେ ପ୍ରାରମ୍ଭିକ ସଙ୍ଗୀତ ଗାୟନ ଶ୍ରୋତୃ ମଣ୍ଡଳୀର ମାନସ ରାଜ୍ୟରେ ନବ ପ୍ରେରଣା ଓ ଉତ୍ସାହ ସଞ୍ଚାର କରାଇଲା । ମୁଁ ଉକ୍ତ ସଙ୍ଗୀତର ରଚୟିତା; କିନ୍ତୁ ତା'ର ଲଳିତ କଳା ମୃତ୍ୟୁ ଉର୍ଦ୍ଧ୍ୱରେ ଦେଲା ଜୀବନ । ସେତିକବେଳେ ହୁଏତ ସ୍ୱ ରଚନାର ଗୁରୁତ୍ୱ ଉପଲବ୍ଧି କଲି । ଗାନର ସମାପ୍ତି ସହିତ ଘନ ଘନ କରତାଳିରେ ସଭା ମଣ୍ଡପ ମୁଖରିତ ହେଲା ।

ଶର୍ମିଷ୍ଠା - କୋମଳାଙ୍ଗୀ, ରୂପସୀ । ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟର ମୂର୍ତ୍ତିମତୀ ଅବତାର । ତା ଦରମିଳିତ ଅବସନ୍ନ ଚାହାଣି ତଳେ ପ୍ରଚ୍ଛନ୍ନ କ୍ଷୁବ୍ଧ ଜୀବନର କରୁଣ ଇତିବୃତ୍ତ । ଯାହା ଚିନ୍ତାରେ ଅଗଣିତ ଉନ୍ନିଦ୍ର ରଜନୀ ବିତନ୍ତି, ଅଥଚ ସମ୍ମୁଖରେ ତଥି ସେହି ନିରାଭରଣା ପବିତ୍ର ସରଳା ଶର୍ମିଷ୍ଠା; ମୋ ସହକର୍ମୀ ଅନ୍ତରଙ୍ଗ ବନ୍ଧୁ ବିଭୂତିର ଭଉଣୀ ଶର୍ମିଷ୍ଠା; ସରକାରୀ ବାଳିକା ବିଦ୍ୟାଳୟର ସୁଗାୟିକା ଛାତ୍ରୀ ଶର୍ମିଷ୍ଠା । ତା'ର ଯୌବନୋଦ୍‌ବେଳିତ ତନୁ ପ୍ରତି ଅନିମେଷ ଦୃଷ୍ଟି ନିକ୍ଷେପ କଲି । ନୟନ ସଜଳ ହୋଇ ଆସିଲା ଉନ୍ମେଷିତ କୁସୁମର ବ୍ୟର୍ଥତା ହୃଦୟଙ୍ଗମ କରି ।

ଅସବର୍ଣ୍ଣ ଓ ବିଧବା ବିବାହ, ଅସ୍ପୃଶ୍ୟତା ଓ ଜାତିଭେଦ ଦୂରୀକରଣ ସମ୍ବନ୍ଧରେ ସଭାପତି ଏକ ଦୀର୍ଘ ସୁଚିନ୍ତିତ ଭାଷଣ ଦେଲେ । ଏ ସବୁର ପ୍ରବର୍ତ୍ତନ ବିନା ସାମାଜିକ ଉନ୍ନତି ଅସମ୍ଭବ । ସଭାପତିଙ୍କ ତୁଣ୍ଡରୁ 'ବିଧବା ବିବାହ' ଶବ୍ଦଟି ଉଚ୍ଚାରିତ ହେବା ମାତ୍ରେ ଚକ୍ଷୁ ଆପେ ଆପେ



Digitized by srujanika@gmail.com

ଶର୍ମିଷ୍ଠାର ମୁଖ ପ୍ରତି ଅକୃଷ୍ଟ ହେଲା । ଦେଖିଲା; ସେ ତା'ର ଭୟକ୍ରାନ୍ତ ଆଖିପତାରୁ ପଣତ କାନି ବାହାର କରୁଛି । ସହସା ଅନ୍ତରରେ କେଉଁ ଏକ ଅଜଣା ବ୍ୟଥା ଅନୁଭବ କଲା । ମନେ ମନେ ପ୍ରତିଜ୍ଞାବଦ୍ଧ ହେଲା ସମାଜରୁ ଏତାଦୃଶ୍ୟ ଦୁରନ୍ତ ରକ୍ଷଣଶୀଳତାର ମୂଳୋତ୍ପାଟନ ନକଲା ପର୍ଯ୍ୟନ୍ତ ଅବିବାହିତ ରହିବ ।

ସଭାକର୍ମ ସାଙ୍ଗ ପରେ ପରେ ଏକ ଅସବର୍ଣ୍ଣ ବିବାହ ସଫଳ ହେବ ବୋଲି କାର୍ଯ୍ୟନିର୍ଘଣ୍ଟରେ ଉଲ୍ଲେଖ ଥିଲା । ସଭାପତିଙ୍କର ପୌରୋହିତ୍ୟରେ ରଙ୍ଗାଧର ଓ ଅନୁପମା ମଧ୍ୟରେ ପରିଣୟ ଅତି ବିନମ୍ର ଓ ନିରାଡମ୍ବର ସହିତାରେ ସମାହିତ ହେଲା । ଦୁଇଟି ଫୁଲହାରର ବିନିମୟ ମାତ୍ର । ଉପସ୍ଥିତ କୁଳବୃଦ୍ଧ ସମାଜ ପତିଙ୍କର ଶୁଭାଶିଷ ଜ୍ଞାପନରେ ବିସ୍ମିତ ହେଲେ ନା କେବଳ, ଅହ୍ଲାଦିତ ହେଲେ ଢେର ବେଶି । ସମିତି ସଭ୍ୟମାନଙ୍କ ଅଧରରେ ସଫଳତାର ହାସ୍ୟଛଟା ଦେଖାଦେଲା ।

ସନ୍ଧ୍ୟା ପୂର୍ବରୁ ସମୁଦାୟ କର୍ମ ଶେଷ ହେଲା । ଗୃହାଭିମୁଖେ ପ୍ରତ୍ୟାବର୍ତ୍ତନ କଲା । ବିଭୂତିର ନିଷ୍ଠାତି ପରିଚିତ, ଅତି ଆପଣାର ସମ୍ବୋଧନ ଏଡ଼ି ଦେଇ ନ ପାରି ଫେରି ଚାହିଁଲା । ଶରମୀ ହସଫୁଟା ଆନନରେ ଶର୍ମିଷ୍ଠା ପ୍ରଣତି ଜଣାଇଲା । ଚାହିଁଲା ମୁହଁ ସଞ୍ଜର ଝାପସା ଆଲୁଅରେ ମୁଖମଣ୍ଡଳ ତାର ଷୋଡ଼ଶବର୍ଷ ପରି ଶାନ୍ତ ହୋଇ ଉଠିଛି । ପଶ୍ଚାତରେ ବିଭୂତି— ଜ୍ୟୋତ୍ସ୍ନାର ରମଣୀୟତା ଭଳି ପ୍ରସନ୍ନ ।

"ତୁମେ ମୋତେ ଚିହ୍ନିଲ କିପରି ଶର୍ମିଷ୍ଠା ?" ଔତ୍ସୁକ୍ୟମିଶା ସ୍ୱରରେ ପ୍ରଶ୍ନ କଲା । ଶର୍ମିଷ୍ଠାର ଆଖିପତା ବ୍ରୀଡ଼ାଭାରରେ ଅବନତ ହୋଇ ଆସିଲା । ତା'ର ନୀରବ ସଙ୍କୋଚନରୁ ବୁଝି ପାରିଲା ତା ମନ ଗଭୀରର ଭାବ ।

ରହସ୍ୟ ସୃଷ୍ଟି କରିବା ମାନସରେ ବିଭୂତି ଯେ ଗତିରେ କହିଲା, "ସଂସ୍କାର ସମିତିର ସମ୍ପାଦକ, ବୁଦ୍ଧିମାନ ଭବି, ଉତ୍ସାହୀ ବିପ୍ଳବୀ ଯୁବକ ଜଣେ ଛାଡ଼ିବାକୁ ଇଚ୍ଛା ନ କରିବ ବା କିଏ ? ଅତଏବ ସୀମାବଦ୍ଧ ପରିବର୍ତ୍ତେ ଉଚିତେ ଯାହା ବାଞ୍ଛନୀୟ ଭଲେ ନା ।" ପରିହାସ ଛଳରେ କୌତୁକ ଜ୍ଞାପନ କରି କହିଲା ।

ଇତି ମଧ୍ୟରେ କେତେବେଳୁ ଆସି ବସା ଦୁଆରେ ପହଞ୍ଚି ଯାଇଥିଲା । ରବିବାର ଦ୍ୱିପ୍ରହରରେ ତାଙ୍କ ଘରକୁ ଯିବା ପାଇଁ କାରବାର କରି ବିଭୂତି କହିଗଲା ବିଶେଷତଃ ଶର୍ମିଷ୍ଠାର ବିନୀତ ଅନୁରୋଧ ।

ବାପାଙ୍କ ଠାରୁ ଚିଠି ଆସିଥାଏ । ପଢ଼ିଲା, ଶ୍ୱାସକ୍ରିୟା ବନ୍ଦ ହେଲା ପରି ବୋଧ ହେଲା । ଶରୀର ସାରା ବିରକ୍ତି ଓ ନୈରାଶ୍ୟର ଆତିଶଯ୍ୟରେ ତିକ୍ତ ହୋଇ ଉଠିଲା । ମୁକୁନ୍ଦପୁର ନିବାସୀ ଜଣେକ ଡାକ୍ତରଙ୍କ କନ୍ୟା ସହିତ ମୋର ଆସନ୍ତା ବୈଶାଖରେ ପାଣିଗ୍ରହଣ ହେବ ବୋଲି ବାପା ମୋତେ ନ ଜଣାଇ ମହାପ୍ରସାଦ ନିର୍ବନ୍ଧ କରି ସାରିଥିଲେ । କ୍ରୋଧର ଉଦ୍ରେକ ହେଲା ସ୍ୱୀୟ ନଗଣ୍ୟତା ଅନୁଭବ କରି । ଆମ ପ୍ରଦେଶ ଯୁବକର ନିଜ ବିବାହରେ ମତ ବ୍ୟକ୍ତ କରିବାର ଅଧିକାର ମଧ୍ୟ ନାହିଁ । ତହିଁ ଉପରେ ରକ୍ଷଣଶୀଳ ପଙ୍ଗୁ ସମାଜର କଠୋର କଟକଣା । ଦେଶ ମଧ୍ୟରୁ ଏହି ରକମର ବିକୃତ ପୁରାତନବାଦ ନିର୍ବାସନ କରିବା ଲାଗି ମନ ଭିତରେ ବିଦ୍ରୋହର ଜାଗୃତି ଆସିଲା । ମଣିଷ କଣ ଛାଗ, ମେଷ ପରି ମୂକ ଆଉ ଦୁର୍ବଳ ? ଯୂପକାଷ୍ଠରେ ବନ୍ଧା ହେବା ସତ୍ତ୍ୱେ ପ୍ରତିବାଦ କରିବାର ଶକ୍ତି ନାହିଁ । ପକ୍ଷାଘାତ ବିହଙ୍ଗ ଭଳି ଶୂନ୍ୟକୁ କେବଳ ଅନାଇ ରହିଲା ।

ଶର୍ମିଷ୍ଠାର ଲଜ୍ଜାଛବି ହୃଦୟର ନିଭୃତ ଦ୍ୱାରରେ ମୁହୁର୍ମୁହୁ କରାଘାତ କଲା । ତା ସୁମନ୍ତ୍ର ଲୋଚନର ନୀରବ ଚାହାଣି, ଲଳିତ ବଦନର ଧୀର ସୁଷମା, ବିଦଗ୍ଧୀ କଣ୍ଠ ନିଃସୃତ ସଂଗୀତର ମର୍ମସ୍ପର୍ଶୀ ମୂର୍ଚ୍ଛନା ଧାରାବାହିକ ଭାବେ ଚଳଚ୍ଚିତ୍ରର ଆଲେଖ୍ୟ ପରି ମାନସ ମୁକୁରରେ ପ୍ରତିଫଳିତ ହେଲା ।

ତିଳେ ବିଳମ୍ବ ନ କରି ବାପାଙ୍କ ପାଖକୁ ଉତ୍ତର ଲେଖିଲା, "ଆପଣଙ୍କ ସହିତ ବିବାହ ସମ୍ପର୍କୀୟ ପ୍ରସ୍ତାବରେ ମୁଁ ଏକମତ ନୁହେଁ ।"



Digitized by srujanika@gmail.com

ରବିବାର ଦିନ ବିଭୂତି ବସାକୁ ଯିବାର କଥା । ଦ୍ୱିପ୍ରହର ଅଳ୍ପ ଗତ ଯାଇଥାଏ । ବିଭୂତି ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ ନ କରଣୁ ନଜର ପଡ଼ିଲା ପ୍ରସାଧନରତା ଶର୍ମିଷ୍ଠା ପ୍ରତି । ବିପର୍ଯ୍ୟସ୍ତ କେଶଦାମ, ଅସଂଯତ ଆବରଣ, ଲଜ୍ଜାଯୁକ୍ତ ଅଙ୍ଗରେ ଜାଫ୍ରାନ ରଙ୍ଗ ଶାଢୀର ଦରଖସା ବେଷ୍ଟନ, ବୁକୁପରେ ରୁଦ୍ଧ ଯୌବନର ଅଲକ୍ଷିତ ଅର୍ଦ୍ଧ ଉନ୍ମିଳନ ଶତ୍ରୁରେ ମୋର କ୍ଷଣିକ ଆତ୍ମବିସ୍ମୃତି ଜଗାଇଲା । ଇଚ୍ଛା ହେଲା ଧାଇଁ ଯାଇ ତାର ନଗ୍ନହାତରେ ଦୁଇ ପଟି କାଚ ମଥାରେ ଟିପାଏ ସିନ୍ଦୂର ପିନ୍ଧାଇ ଦିଅନ୍ତି । ତେବେ ସେ ଦେଖାଯାନ୍ତା ଶିଶୁ ରବିର ଆରକ୍ତ କିରଣ ପରି ସୁନ୍ଦର ! ହଠାତ୍ ଚାରି ଚକ୍ଷୁର ଅତର୍କିତ ମିଳନ ହେଲା । ବେଣୀ ପିନ୍ଧା ଛାଡ଼ି ଏଣ୍ଡ କ୍ଷଣମାନ ନିଶ୍ଚେଷ୍ଟ ରହି ପଚାରିଲି, "ଭାଇନା କଣ ଘରେ ନାହାଁନ୍ତି ?"

ଅଳ୍ପ ଅବଗୁଣ୍ଠନ ଟାଣି ଉତ୍ତର କଲା, "ଭିତରକୁ ଆସନ୍ତୁ ନା । ଭାଇନାଙ୍କୁ ଡାକି ଦେଉଛି ।" ମଧୁ ବଚନରୁ ଝରି ପଡୁଥିଲା ସାଦର ସମ୍ଭାଷଣର ଉଚ୍ଛ୍ୱାସ । ତାର ଗମନ ପଥକୁ ଅପଲକ ନେତ୍ରରେ ଚାହିଁ ରହିଲି ।

ପରସ୍ପର ସଂଲଗ୍ନ ତିନି ଗୋଟି ଚେୟାରରେ ମୁଁ, ବିଭୂତି ଓ ଶର୍ମିଷ୍ଠା ବସି ଥାଉଁ ଗତ ସନ୍ଧ୍ୟାର ଅସବର୍ଣ୍ଣ ବିବାହ ସମ୍ବନ୍ଧରେ ଆଲୋଚନା ଚାଲିଥାଏ ।

ବିଭୂତି ବ୍ୟଥିତ ହୋଇ ଆରମ୍ଭ କଲା, "ଆମ ଦେଶ ଲୋକଙ୍କର ଅଜ୍ଞତା ସନ୍ଦର୍ଶନ କରି ହତାଶ ହେବାକୁ ପଡୁଛି ରେ ଭାଇ । କାଲି ଯେଉଁମାନେ ଆଶୀର୍ବାଣୀ ବର୍ଷଣ କରୁଥିଲେ, ଶୁଣିଲି ସେମାନଙ୍କ ମଧ୍ୟରୁ ଅନେକ ପଶ୍ଚାତରେ ନାସିକା କୁଞ୍ଚନ କରୁଛନ୍ତି । ଯେଉଁମାନେ ଦୀର୍ଘ ଉତ୍ସାହିତ ବକ୍ତୃତାର ମନ୍ଦ୍ର ଧ୍ୱନିରେ ସଭାମଣ୍ଡପ ନିନାଦିତ କରୁଥିଲେ ସେମାନେ ଆଜି ପୁଣି ବିଦ୍ରୂପ କରି ନାନା ପ୍ରକାର ଉପହାସବ୍ୟଞ୍ଜକ ଗପ, ଠଗ ଠିଆରି କରୁଛନ୍ତି ।"

କ୍ରୁଦ୍ଧପ୍ରସାରେ ମସ୍ତିଷ୍କ ବିଷାକ୍ତ ହୋଇ ଆସିଲା । "ସେତିକି ନୁହେଁ ଗତ ଦିବସର ଘଟନାକୁ କେନ୍ଦ୍ର କରି ମନୋନେର୍ଭା ରଙ୍ଗମଞ୍ଚରେ ଅଭିନୀତ ହେବା ଲାଗି ନୂଆ ନାଟକ ଲେଖା ଚାଲିଲାଣି ।" କହୁ କହୁ କଣ୍ଠ ତାର ବାଷ୍ପ ରୁଦ୍ଧ ହେଲା ।

"ଭୃଙ୍ଗ ସିନା ଫୁଲେ ଫୁଲେ ଉଡି ମଧୁ ଚାଖେ; ମକ୍ଷିକା କିନ୍ତୁ ଲୋଡ଼େ କଣ—ପଚୁ ଘା, ପୂଜ, ରକ୍ତ । ପୁଷ୍ପର ଗନ୍ଧ ତାକୁ ଭଲ ଲାଗେ ନା, ପୂତିମୟ ନର୍ଦ୍ଦମା ତାର ପ୍ରିୟସ୍ଥଳୀ । ଆମ୍ଭେମାନେ ପରି ଅଗ୍ରଦୂତ, ଆଲୋକବାହୀ ଯାତ୍ରୀଦଳ । ବୃଥା ସମାଲୋଚନାକୁ ଡରି କର୍ତ୍ତବ୍ୟ-ପଥ ଛାଡ଼ିବା କାହିଁକି ? ଆହତ ସୈନିକ ଦ୍ୱିତୀୟବାର ରଣ କ୍ଷେତ୍ରରେ ସାହସ ବାନ୍ଧି ଛିଡା ହେଲା ପରି ଏତେ ଗୁଡା କଥା ନିର୍ଭୀକତାର ସହ କହିଗଲି ।

"ମୋ ହାତରେ ଯଦି ଡିକ୍ଟେଟରୀ ଶାସନ ଥାନ୍ତା ତେବେ ଗୋଟି ଗୋଟି ହୋଇ ଏମାନଙ୍କୁ ଗିଲୋଟିନ୍‌ରେ ଝୁଲାଇ ଥାନ୍ତି ।" ଅଗ୍ନିଦଗ୍ଧ ଲୌହ ପ୍ରାୟ ଉତ୍ତପ୍ତ ହୋଇ ଶର୍ମିଷ୍ଠା ତାର ଶେଷ ମତ ପ୍ରକାଶ କଲା ।

ତେତେବେଳେ ନିକଟସ୍ଥ ଦେବ ମନ୍ଦିରରୁ ସନ୍ଧ୍ୟାକାଳୀନ ଘଣ୍ଟାଧ୍ୱନି ବାଜି ଉଠୁଥିଲା ।

ଖରୁ ଟଙ୍କା, ଚଠି ଆଜି କିଛି ଆସେନି । ବି, ଏ, ପରୀକ୍ଷା ଦୁଇ ମାସ ଥାଏ । ମୁଣ୍ଡରେ ଚଡ଼କ ପଡିଲା । ପରୀକ୍ଷା ଫିସ୍, ଦରମା, ବସାଖର୍ଚ୍ଚ ଚଳିବ କିପରି ? ସବୁ ବିଷୟ ଆନୁଳଚୁଳ ବର୍ଣ୍ଣନା କରି ବିଭୂତି ପାଖକୁ ପତ୍ର ଲେଖିଲି ଦୁଇ ଗୋଟି ଭଲ ଟ୍ୟୁସନ ଠିକ କରିଦେବା ଲାଗି । ଅର୍ଥାଭାବର ବିଷମ ଭାବନାରେ ମସ୍ତକ ଘୂର୍ଣ୍ଣିତ ହେବାକୁ ଲାଗିଲା ।

ଚୌଷର ଏକ ନିସ୍ତେଜ ଅପରାହ୍ନ । କଲେଜରୁ ଫେରି ନିରୋଳାରେ ଅର୍ଥାଗମର ପନ୍ଥା ଚିନ୍ତା



Digitized by srujanika@gmail.com

କରୁଥିଲି । ହଠାତ୍ ଗ୍ରୈଷ୍ମ ବସନ୍ତର ମଳୟ ପରି ସମ୍ମୁଖରେ ଆବିର୍ଭୂତା ହେଲା ଶର୍ମିଷ୍ଠା । ଆଶ୍ଚର୍ଯ୍ୟ ହେଲି ଏକାକିନୀ ଭାବେ ମୋ ବସାରେ ତା'ର ଉପନୀତ ହେବା ଦେଖି ।

ବସିବାକୁ ଇଂଗିତ ଦେଇ ଜିଜ୍ଞାସା କଲି, "ଏପରି ଆକସ୍ମିକ ରୂପେ କେଉଁଠୁ ?" ଜାଣେନି ଭ୍ରୂଲତା କିଆଁ ତା'ର ବିସ୍ଫାରିତ ହୋଇଗଲା । "ମୋର ଏକ ଅନୁରୋଧ ଅଛି । ଆପଣ ଯଦି ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି ତାହା ହେଲେ ବ୍ୟକ୍ତ କରିବି ।" ନିତାନ୍ତ ଦରଦୀ ନିବେଦନ ।

ହସି ହସି ପ୍ରତ୍ୟୁକ୍ତି କଲି, "ଆଗ କୁହ ନା !" "ଆପଣ ଯଦି ମୋତେ ନିଜର ବୋଲି ଭାବନ୍ତି ତେବେ ଏହି ଶତେଟି ମୁଦ୍ରା ବର୍ତ୍ତମାନର ଖର୍ଚ୍ଚ ପାଇଁ ରଖିଥାନ୍ତୁ । ଭାଇନାଙ୍କ ନିକଟକୁ ଲେଖିଥିବା ଚିଠିରୁ ସମସ୍ତ ଅବଗତ ହୋଇଅଛି । ପରୀକ୍ଷା ସମୟ, ଟ୍ୟୁସନ କଲେ ପଢା କ୍ଷତି ହେବ ଯେ ।

ଅନାଟନ ସତ୍ତ୍ୱେ ସଙ୍କୋଚ ବୋଧ ହେଲା ବିଶେଷତଃ ଜଣେ ନାରୀର କରୁଣା ଉପରେ ବଞ୍ଚି ରହିବା ପାଇଁ ।

"ଆପଣ କୁଣ୍ଠା ବୋଧ କରିବାର କିଛିମାତ୍ର କାରଣ ନାହିଁ । ଏ ମୋର ଉପାର୍ଜିତ ଧନ ନ ହେଲେ ବି ନିଜ ଧନ—ସଞ୍ଚିତ ପକା ଟଙ୍କା ।"

କଣ କହିବି କିଛି ଭାବି ପାରିଲି ନାହିଁ । ଦୁଇବାର ତାର ମୁହଁ ଉପରେ ଦୃଷ୍ଟି ସ୍ଥାପନ କରି ଟଙ୍କାତକ ଗ୍ରହଣ କଲି ! କୃତଜ୍ଞତାରେ ଛାତି ଭିତର ଆପ୍ଲୁତ ହେଲା ।

କମ୍ପିତ କଣ୍ଠେ ପଚାରିଲି, "ତମେ ଯଦି କିଛି ନ ଭାବ ତାହା ହେଲେ କେତୋଟି ପ୍ରଶ୍ନ କରନ୍ତି ଶର୍ମିଷ୍ଠା ।

"ପଚାରନ୍ତୁ ନା ! ମୁଁ ଆପଣଙ୍କ ପାଖେ ପବନ ପରି ମୁକ୍ତ । ମୋର ପୁଣି ଅନୁମତି ନେଇବା ନିଷ୍ପ୍ରୟୋଜନ ନୁହେଁ କି ?" ଅଗ୍ରହାନ୍ୱିତ ଗଳାରେ ପ୍ରତ୍ୟୁତ୍ତର କଲା ସେ ।

"ତୁମର ପୂର୍ବବିବାହର ମତ କଣ ଶର୍ମିଷ୍ଠା ?"

"ମୁଁ ପରା ଛଡ଼ା ଫୁଲ ।"

"ଛଡା ଫୁଲ ନୁହଁ ଗୋ, ଶାରଦ ପ୍ରଭାତର ଝଡା ଶେଫାଳୀ; ପୂତ, ଶୁଭ୍ର, ସୁରଭି ।"

"ଝଡା ଫୁଲ କଣ ଦେବତାଙ୍କ ପୂଜାଯୋଗ୍ୟ ?"

"ଝଡା ଫୁଲର ବିଭୂଷଣ ପାଇଁ ଦେବତା ପାଗଳ; ସାଉଁଟା ଫୁଲର ମହକ ଲାଗି ଅତି ହସ ।'

ଶର୍ମିଷ୍ଠା ମୋ ପାଖକୁ ଟିକିଏ ଆଗୁଉ ଲାଗି ଆସିଲା । ଚୂର୍ଣ୍ଣ କୁନ୍ତଳ ସଜାଡି ଦେଉଁ ଦେଉଁ ଅଙ୍ଗୁଳି ଅଜ୍ଞାତରେ ତା ମୋଲାଏମ ଚିବୁକ ସ୍ପର୍ଶ କଲା । ମୁହୂର୍ତ୍ତକ ପରି ସୁପ୍ତ ଅଧର କମ୍ପି ଉଠିଲା ।

× × × ×

ପରୀକ୍ଷା ସରିଥାଏ । ଗାଁକୁ ଯିବା ପାଇଁ ବୋଉର ଖବର ପରେ ଖବର, ବିଶ୍ରୀ ନିର୍ଯ୍ୟାତ । ମନ ବୁଝିଲା ନି । ଯାହା ହେଲେ ବି ମଣିଷ ତ । ଦୁଇ ଗୁରୁ ଦିନ ଲାଗି ଘରକୁ ଯିବାର ସ୍ଥିର କରି ଗାଁରେ ପହଞ୍ଚିଲି । ବାପାଙ୍କୁ ପ୍ରଣିପାତ ସାରି ମଥା ଟେକି ଦେଖିଲି ଘୃଣାରେ ମୁହଁଟା ତାଙ୍କର ଫାଟି ପଡୁଛି । ମୋ ପ୍ରତି ନଜର ପଡିବା କ୍ଷଣି ଅବଜ୍ଞା ସହିତ ମୁଖ ବୁଲାଇ ନେଲେ । ଦୀର୍ଘ ନିଶ୍ୱାସ ତେଜି ହତାଶରେ ବାହାରି ଆସିଲି ।

ପରଦିନ । ନୂଆବୋଉ ରାନ୍ଧିବାରେ ବ୍ୟସ୍ତ ଥାନ୍ତି । ଚୁଲି ମୁଣ୍ଡେ ବସି ତାଙ୍କ ସଙ୍ଗେ ଗପ କରୁଥାଏ । କଥା ପ୍ରସଙ୍ଗରେ ମୋର ଶର୍ମିଷ୍ଠା ସହ ବିବାହ ପ୍ରସ୍ତାବ ଉତ୍ଥାପନ କଲି । ବୋଉ ବାପାଙ୍କର ଅନୁମତି ଓ ମତାମତ ଜାଣିବା ପାଇଁ ଅନୁରୋଧ ବି କଲି ।

ଖରାବେଳ । ମଝିଘର ଖଟ ଉପରେ ଗଡୁଥାଏ । ନୂଆବୋଉଙ୍କର କଥା ଗୁଡା ସ୍ପଷ୍ଟ କରି କାନ ପାଖରେ ବାଜି ଉଠୁଥାଏ । ବୋଉ ସମ୍ବାଦଟା ଶୁଣି



Digitized by srujanika@gmail.com

ହୁଏତ ଅଳ୍ପ ମର୍ମାହତ ହେଲା ପରି ଜଣାଗଲା । ବାପାଙ୍କୁ ପଚାରି ବୁଝିବା ପାଇଁ ତତ୍‌କ୍ଷଣାତ କଟେରି ଘରକୁ ପ୍ରସ୍ଥାନ କଲି । ବୋଉ ପାଟିରୁ ସମୁଦାୟ ବିଷୟ ସରିବାକୁ ବାକି ଅଛି ବାପା ଅଗ୍ନିଶର୍ମା ହୋଇ ଉଠିଲେ । ଗର୍ଜନ କରି ବକିବାକୁ ଲାଗିଲେ, "ସଣ୍ଢଟାଏ ଆଣି ମୋ ସପ୍ତ ପୁରୁଷଙ୍କୁ ନର୍କକୁଣ୍ଡରେ ପକାଇବ ଅଲ୍ପାୟୁଷ । ସେ କଥା ଆଉ କହ ନାହିଁ ବନବୋଉ । ଶୁଣିଲ ବେକ୍ରୁ ହାଡ଼ ଭାଙ୍ଗୁଛି । ଆଜିଠାରୁ ଜାଣିଲ ମୋ ସାନପୁଅ ନାହିଁ; ଢୋଉଦାକୁ ମରିଛି ।"

ମହି ଦରିଆରେ ଭେଲା ବୁଡିଗଲା ପରି ପ୍ରତ୍ୟୟ ହେଲା । ସେହି ମୁହୂର୍ତ୍ତରୁ ଘରେ ଜଳ ସ୍ପର୍ଶ କରି ନି । କାମିଜ ଖଣ୍ଡ ଗଳାଇ ସାଥି ସାଥି ବାହାରି ପଡିଲି । ବୋଉର ଶତ ସ୍ନେହାର୍ଦ୍ର ଆହ୍ୱାନ ନୂଆ ବୋଉଙ୍କର ଅସୁମାରି ଗେହ୍ଲାଳିଆ ଆଦର କିଛି ହେଲେ ଅଟକାଇ ପାରିଲା ନାହିଁ । ମୁହଁ ପୋତି ଚାଲି ଆସିଲି । ଗାଁ ମୁଣ୍ଡ କିଅଣ୍ଟି ପାଖେ ବୁଲି ପଡି ଚାହିଁଲି । ନୂଆବୋଉ ବାରି କବାଟର ଦ୍ୱାରବନ୍ଧ ଧରି ମୋ ଆଡେ ଏକଲୟରେ ଅନାଇଛନ୍ତି । ବୋଉ ଆତୁର ହୋଇ ହାତ ଠାରି ଡାକୁଛି, "ଫେରି ଆ ।"

ପାଦ ଦୁଇଟା ଛନ୍ଦ ହୋଇଗଲା । ଦୁର୍ବଳତାକୁ ପ୍ରଶ୍ରୟ ନ ଦେଇ ଅଗ୍ରସର ହେଲି । ଧୈର୍ଯ୍ୟ-ବନ୍ଧ ଭାଙ୍ଗି ଲହରି ପୁଅ ଛୁଟି ଆସିଲା ।

× × × ×

ଶର୍ମିଷ୍ଠା ସହିତ ମୋର ପରିଚୟ ଅଳ୍ପ କେତେ ଦିନ ହେବ ସରି ଯାଇଛି । ସ୍ଥାନୀୟ ଏକ ବେସରକାରୀ ଉଚ୍ଚ ଇଂରେଜୀ ବିଦ୍ୟାଳୟରେ ଶିକ୍ଷକତ୍ୱ ଗ୍ରହଣ କରିଥାଏ । ଦୁଇ ଗୋଟି ଟ୍ୟୁସନ ମଧ୍ୟ ଧରିଥାଏ । ବେଶ୍ ଆନନ୍ଦରେ ଦୁହେଁ ଚାଲି ଯାଉଥାଉ !

ସେ ଦିନ ସାବିତ୍ରୀ ଉଆଁସ । ଶର୍ମିଷ୍ଠାର କ୍ଷାଳିତ ମୁକ୍ତ କେଶ, ପଟ୍ଟବସ୍ତ୍ର ପରିହିତ ଶୁଭ୍ର ବପୁ, ଲାକ୍ଷାରଞ୍ଜିତ ପଦ ଯୁଗଳ ତପୋବନବାସିନୀ ସାବିତ୍ରୀଙ୍କର ସ୍ମୃତି ଜଗାଇ ଦେଉଥିଲା । ଆମ୍ର ପନସାଦି ଫଳ, ଚଣାଛେନା ମିଶା ଧୂଆମୁଗ ଭୋଗ ପାଇଁ ସଜାଡୁଥାଏ ସେ ।

"ଆଚ୍ଛା କହିଲ, ସାବିତ୍ରୀ ଜଙ୍ଗଲ ଭିତରେ ଚଣାଛେନା ଖାଇଲେ କେଉଁଠୁ ?" ହସ ଗୁପି ପଚାରିଲି ।

"ତମର ତ ସବୁ କଥାରେ ଥଟ୍ଟା ।"

"ବାବୁ, ସମାଜ ନିଅନ୍ତୁ ସମାଜ" ଖବର କାଗଜ ବାଲା ପାଟି କରି ଝରକା ଦେଇ ଘର ଭିତରକୁ କାଗଜ ଖଣ୍ଡ ଗଳାଇ ଦେଲା ।"

ସମାଜ ପଢୁ ପଢୁ ମୁହଁର ରଙ୍ଗ ବିବର୍ଣ୍ଣ ହୋଇ ଉଠିଲା । ହୃତ୍‌ପିଣ୍ଡ ବିଦୀର୍ଣ୍ଣ ହେଲା ପରି ଅନୁଭୂତ ହେଲା ।

ହଠାତ୍ ମୁହଁର ପରିବର୍ତ୍ତନ ଲକ୍ଷ୍ୟ କରି ବ୍ୟଗ୍ରମିଶ୍ରିତ ଭୀତିର ଗଳାରେ ପ୍ରଶ୍ନ କଲା, "ଘଟଣା କଣ ?"

ଖବରର ପ୍ରାଧାନ୍ୟ ହ୍ରାସ କରିବା ଅଭିପ୍ରାୟରେ ଓଠ ତଳେ ଫିକା ହସ ଆଙ୍କି ଉତ୍ତର କଲି, "ବାପା ମୋତେ ତ୍ୟାଜ୍ୟପୁତ୍ର କରିଛନ୍ତି ।"



Digitized by srujanika@gmail.com

# ରାଗାନୁଗା ଭକ୍ତି

ଲେଖକ—ଶ୍ରୀ ହରିଚନ୍ଦ୍ର ଦାସ

ଏହି ସଂସାରରେ ତିନୋଟି ବସ୍ତୁ ପରିଲକ୍ଷିତ ହୁଏ । ସେ ଗୁଡିକ ମଧ୍ୟରୁ (୧) ଜଡ଼, ଯାହାର କୌଣସି ଇଚ୍ଛା ଶକ୍ତି ନାହିଁ, ଜଳ, ଅଗ୍ନି, ବାୟୁ, ଆକାଶ, ଗୃହ, ମାଟି, ପଥର ଇତ୍ୟାଦି (୨) ଚେତନ, ଯାହାର ଚେତନ ଶକ୍ତି ଅଛି, ହିତାହିତ ବିଚାର, ଭୟ କ୍ରୋଧ ଭାବ ଅଛି । ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ଇତ୍ୟାଦି । ଏମାନେ ଲୋଭ, କାମ, ଆହାର ଓ ବିହାରରେ ନିତ୍ୟ ସଂପୃକ୍ତ । (୩) ଈଶ୍ୱର, ଯେକି ଚେତନ ଓ ଅଚେତନର ସୃଷ୍ଟି କର୍ତ୍ତା । ସେ କୌଣସି ଜଡ ଶରୀର ବିଶିଷ୍ଟ ନଥିବା ଯୋଗୁଁ ତାହାଙ୍କର ଅସ୍ତିତ୍ୱ ଲୋକଚକ୍ଷୁରେ ପରିଦୃଷ୍ଟ ହୁଏ ନାହିଁ । ସେ, ସମସ୍ତ ସୃଷ୍ଟି, ସ୍ଥିତି, ସଂହାରର ନିୟାମକ । ସର୍ବ ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ । ମନୁଷ୍ୟ, ସମସ୍ତ ଚେତନ ଓ ଅଚେତନ ବସ୍ତୁର ନିଜକୁ ଅଧୀଶ୍ୱର ବିଚାର କରି, ବେଳେ ବେଳେ ଭଗବଦ୍ ତତ୍ତ୍ୱର ଅନୁସନ୍ଧିତ୍ସୁ ହୁଏ । ଈଶ୍ୱର-ପ୍ରାପ୍ତି ଆଶାରେ ଭକ୍ତି ପଥର ପଥିକ ହୁଏ; ନାନା ପ୍ରକାର ସାଧନାର ପ୍ରୟୋଜନ କରେ ।

ସାଧ୍ୟବସ୍ତୁ ଲାଭ କରିବାକୁ ହେଲେ, ଅବଶ୍ୟ ସାଧନାର ପ୍ରୟୋଜନ । ସାଧନା ନକରି କେହି ହେଲେ ଜଗତରେ ସାଧ୍ୟବସ୍ତୁ ପାଇ ପାରନ୍ତି ନାହିଁ । ଭିନ୍ନ ଭିନ୍ନ ସାଧକଗଣ ଭିନ୍ନ ଭିନ୍ନ ମାର୍ଗରେ ସାଧନା କରି ପରମତତ୍ତ୍ୱ ଲାଭ କରିଥାନ୍ତି । କର୍ମଯୋଗରେ ପରମାତ୍ମା, ଜ୍ଞାନ ଯୋଗରେ ବ୍ରହ୍ମ ଓ ଭକ୍ତିଯୋଗରେ ଭଗବାନ ରୂପରେ ଦର୍ଶନ ଲାଭ କରନ୍ତି । କର୍ମ ଯୋଗ ଓ ଜ୍ଞାନ ମାର୍ଗ, ଭକ୍ତି ସାଧନରେ ଗୌଣ ବୋଲି ଧରାଯାଏ । ଜ୍ଞାନର ଶୁଷ୍କ ବ୍ୟାଖ୍ୟାନ, କର୍ମର ଭୟଙ୍କର ବନ୍ଧନୀ ଏହି ଭକ୍ତି ପୀୟୂଷର ଅନନ୍ତ ପ୍ରସ୍ରବଣ ବ୍ୟତିରେକେ ଏଡ଼ାଇବା ଅସମ୍ଭବ । ଉଚ୍ଚତମ ରସାସ୍ୱାଦର ଅମୀୟ ପ୍ରେମତତ୍ତ୍ୱ ଜୀବ ହୃଦୟରେ ଜାଗରୁକ ନହୋଇ ସୁଦୂର ପରାହତ ହୁଏ । ଭକ୍ତି ଗୋଟିଏ ସ୍ୱତନ୍ତ୍ର ବୃତ୍ତି । ଭକ୍ତିର ପ୍ରାଥମିକ ଅବସ୍ଥାରେ ଯେଉଁ ବିବେକ-ବୈରାଗ୍ୟାଦି ଉଦିତ ହୁଏ, ତାହାଦ୍ୱାରା ମୁକ୍ତି ଆପେ ଆପେ ଆସେ ।

ଅତଏବ ଭକ୍ତି ହିଁ ଏକମାତ୍ର ସାଧନ । ଏହାକୁ ଦୂରେ ରଖି, କର୍ମ ଓ ଜ୍ଞାନକୁ ସାଧନାର ପ୍ରଧାନ ପ୍ରଧାନ ଅଙ୍ଗ ବୋଲି ଧରି ଯାଇ ନପାରେ ।

କର୍ମ ଦୁଇ ପ୍ରକାର । ସକାମ ଓ ନିଷ୍କାମ । ନିଜର ଓ ନିଜ ନିଜ ଆତ୍ମୀୟ ବର୍ଗଙ୍କ ସୁଖ ନିମିତ୍ତ ଯେଉଁ କର୍ମ କରାଯାଏ, ତାହା ସକାମ, ପୁଣି ଭଗବାନଙ୍କ ପ୍ରୀତି ସକାଶେ ଯେଉଁ କର୍ମ କରାଯାଏ, ଯେଉଁ କର୍ମର ଫଳ ଭଗବାନଙ୍କ ଠାରେ ଶୁଦ୍ଧ ଚିତ୍ତରେ ସମର୍ପଣ କରାଯାଏ ତାହା ନିଷ୍କାମ କର୍ମ । ଏଥିରେ ଅର୍ଥାତ ଏହି ନିଷ୍କାମ କର୍ମରେ ପ୍ରକୃତ ଭକ୍ତି ନହୋଇ ଭକ୍ତି ଭାବ ଆରୋପିତ ହୁଏ ବୋଲି ଏହା 'ଆରୋପ ସିଦ୍ଧା" ଭକ୍ତି ନାମରେ ଅଭିହିତା ।

ଭକ୍ତି ଶୂନ୍ୟ ହୃଦୟରେ କୌଣସି କାର୍ଯ୍ୟ ଫଳପ୍ରଦ ହୁଏ ନାହିଁ । ଜ୍ଞାନ ମାର୍ଗରେ ଯେଉଁ ଭକ୍ତି ଉଦ୍‌ବେଳିତ ହୁଏ, ତାହାକୁ 'ସଙ୍ଗସିଦ୍ଧା" ବୋଲି ଧରାଯାଏ । ଏହା ଜ୍ଞାନ ମିଶ୍ରା ଭକ୍ତିର ଭିତ୍ତି ଉପରେ, ଉତ୍ତମା ଭକ୍ତି ସୌଧ ନିର୍ମିତ ହୋଇ ଅଖଣ୍ଡ ଅନନ୍ତ ପ୍ରେମର ଆଧାର ହୁଏ ।

ସାଧନ ଭକ୍ତି ଦ୍ୱିବିଧ । ବୈଧୀ ଓ ରାଗାନୁଗା । ରାଗାନୁଗା ଭକ୍ତିର ଅମୃତମୟ ଓ ଆନନ୍ଦମୟ



Digitized by srujanika@gmail.com

ରାଜ୍ୟରେ ପ୍ରବେଶ ଲାଭ କରିବାକୁ ହେଲେ, ବୈଧୀ ଭକ୍ତିର ଆଶ୍ରୟ ନେବାକୁ ପଡ଼େ । ଏହା କୃଷ୍ଣ-ପ୍ରେମ ପ୍ରଦାନରେ ସ୍ୱୟଂ ଅସମର୍ଥ ଥିଲେ ମୁଦ୍ଧା, କୃଷ୍ଣ-ପ୍ରେମ ପ୍ରାପ୍ତିର ପ୍ରଧାନ ସମ୍ବଳ । ଏଣୁ ଭକ୍ତି ସାଧନାର ପ୍ରାଥମିକ ଅବସ୍ଥାରେ ଅପରିହାର୍ଯ୍ୟ । ଏହା ଶ୍ରବଣାଦି ଇନ୍ଦ୍ରିୟ ପ୍ରେରଣା ଦ୍ୱାରା ସାଧ୍ୟ ଏବଂ ବିମଳତମ ପ୍ରେମ କେବଳ ଏହାର ଫଳ । ବ୍ରଜବାସୀ ଗୋପୀଗଣ, ବ୍ରଜେନ୍ଦ୍ର ନନ୍ଦନ ଶ୍ରୀ ଶ୍ୟାମସୁନ୍ଦରଙ୍କ ପ୍ରତି, ଯେଉଁ ମାର୍ଗରେ ଅଗାଢ ଭକ୍ତିର ପରାକାଷ୍ଠା ଦେଖାଇ, ଅନୁରାଗ କରିଥିଲେ, ତାହା ରାଗାତ୍ମିକା ଭକ୍ତି । ରାଗାତ୍ମିକା, ଭକ୍ତିର ଯାହା ଅନୁଗା, ତାହାକୁ "ରାଗାନୁଗା" ଭକ୍ତି କହନ୍ତି । ଏହି ରାଗାନୁଗା ଭକ୍ତିର ଦୁଇଟି ବିଭାଗ ଅଛି । ଯଥା କାମ ରୂପା ଓ ସମ୍ବନ୍ଧ ରୂପା । ଯାହା କାମ ବା, ସମ୍ଭୋଗ ତୃଷ୍ଣାକୁ ପ୍ରେମରେ ପରିଣତ କରି, ଅନାବିଳ ରସ ଧାରାକୁ ହୃଦୟ କନ୍ଦରରେ ପ୍ରବାହିତ କରେ, ତାହା କାମ ରୂପା ନାମରେ ଅଭିହିତା । ଶ୍ରୀକୃଷ୍ଣଙ୍କ ପ୍ରତି ସଖ୍ୟ ବାତ୍ସଲ୍ୟାଦି ଭାବରେ ଯେଉଁ ପ୍ରେମ ପ୍ରଯୁକ୍ତ ହୁଏ, ତାହା ସମ୍ବନ୍ଧ ରୂପା ।

ରାଗାନୁଗା ଭକ୍ତି ହୃଦୟରେ ଜାତ ହେଲେ, ଭକ୍ତ ଭଗବାନ ବ୍ୟତୀତ ଅନ୍ୟ କିଛି ମନରେ ଆଣେ ନାହିଁ । ସେ ସବୁବିଧ, ଆଶ୍ରମ ଧର୍ମ ପରିତ୍ୟାଗ କରେ । ଉପାଧି ପ୍ରତି ଲାଳାୟିତ ହୁଏ ନାହିଁ । ଏକମାତ୍ର ଭଗବାନଙ୍କ ସେବାରେ ଆତ୍ମ ନିୟୋଗ କରେ । ଧନ, ଜନ, ସ୍ତ୍ରୀ, ପୁତ୍ର ଓ ଅନ୍ୟାନ୍ୟ ସାଂସାରିକ ବିଷୟ-ବନ୍ଧନ, ପ୍ରଭୃତି ସେହି ଭକ୍ତ ସମକ୍ଷରେ କେବଳ ସାମୟିକ ଅଦାନ-ପ୍ରଦାନ ସମ୍ଭୂତ ଦୋକାନ-ବ୍ୟବସାୟ ପରି ବୋଧ ହୁଏ । ରାଗାନୁଗା ଭକ୍ତି ମାର୍ଗ ଅନୁସରଣ କରିବା ବ୍ୟକ୍ତିର ପ୍ରେମ ବଡ଼ ଅକୃତ୍ରିମ । ଏହି ପ୍ରେମ ସହିତ ମାତା ପୁତ୍ର ଓ ସ୍ୱାମୀ-ସ୍ତ୍ରୀର ପ୍ରେମ ବା ସ୍ନେହ, ଅଂଶିକ ଭାବେ ତୁଳନା କରି ଯାଇପାରେ । ମାତା-ପୁତ୍ର ଓ ସ୍ୱାମୀ ସ୍ତ୍ରୀର ପ୍ରେମ ଅନାବିଳ ବୋଲି ପ୍ରତୀତ ହେଉଥିଲେ ମୁଦ୍ଧା, ପ୍ରକୃତ ପକ୍ଷେ, ବିଶ୍ଳେଷଣ କଲେ, ତନ୍ମଧ୍ୟରେ ସାମାନ୍ୟ ଅବିଳତା ମଧ୍ୟ ଥାଏ । ଏଣୁ ଏହା ପ୍ରକୃତ ପ୍ରେମ ନୁହେଁ । ଏହା ପ୍ରେମ ବୋଲି ଧରାଗଲେ ମୁଦ୍ଧା, ଏହାର ମଧ୍ୟରେ ଅଦାନ-ପ୍ରଦାନ ଗୋପନରେ ନିହିତ ଅଛି । ପ୍ରତ୍ୟକ୍ଷ ଭାବେ ଦେଖାଯାଏ ଯେ, ଅନେକ କ୍ଷେତ୍ରେ, ମାତା-ପୁତ୍ର ଓ ସ୍ୱାମୀ-ସ୍ତ୍ରୀ ପରସ୍ପର ପ୍ରତି ଯାହା ଆଶା କରନ୍ତି, ଏବଂ ସେହି ଆଶା ଅଚିରେ ସାଫଲ୍ୟ ମଣ୍ଡିତ ନହେଲେ, ସେମାନଙ୍କ ମଧ୍ୟରେ ଅସଦ୍ଭାବର ସୂତ୍ରପାତ ହୁଏ । କିନ୍ତୁ ଭକ୍ତର ଭଗବାନଙ୍କ ଠାରେ ଥିବା ମଧୁର ଓ ଅନାବିଳ ପ୍ରେମରେ କୌଣସି ପ୍ରକାର ଅଦାନ ପ୍ରଦାନ ନଥାଏ । କେବଳ ପ୍ରେମ ନିମନ୍ତେ ପ୍ରେମ କରି ଯାଇଥାଏ । ଏଣୁକରି ଏହାକୁ ମଧ୍ୟ ଅହୈତୁକ ପ୍ରେମ ବୋଲି ଯାଏ । ଏହାହିଁ ଶୁଦ୍ଧ ଭକ୍ତି । ଏହି ଭକ୍ତି ବା ପ୍ରେମ ଜାତ ହେଲେ, ଭକ୍ତ କେବଳ ଭଗବାନଙ୍କୁ ସ୍ୱତଃ ପ୍ରବୃତ୍ତ ହୋଇ ଭକ୍ତି ବା ପ୍ରେମ କରେ; କୌଣସି ପ୍ରତିଦାନ ଚାହେଁ ନାହିଁ ।

ଏକ ଅନିର୍ବଚନୀୟ ସ୍ନିଗ୍ଧ, ମଧୁର, ଅଚିନ୍ତ୍ୟ, ମହା ଆକର୍ଷଣର ନାମ ପ୍ରେମ । ଏହି ବିଶାଳ ସଂସାରର ପ୍ରତ୍ୟେକ ସ୍ଥାନରେ ଏକ ପ୍ରହେଳିକା ପୂର୍ଣ୍ଣ ସରସ ଆକର୍ଷଣ ପରିବ୍ୟାପ୍ତ ରହିଛି । ଏହି ଆକର୍ଷଣ ପ୍ରଭାବରେ, ଅନନ୍ତ ଅନ୍ତରୀକ୍ଷରେ ଅସଂଖ୍ୟ ଗ୍ରହନକ୍ଷତ୍ର ଅନନ୍ତ କାଳ ବ୍ୟାପୀ, ଆପଣା, ଆପଣା କକ୍ଷରେ ପରିଭ୍ରମଣ କରୁଛନ୍ତି । ଏହି ଆକର୍ଷଣର ପ୍ରଭାବରେ ମାନବ, ଗୋଟିଏ ମଧୁର ସୂତ୍ରରେ, ସମାଜରେ ଆବଦ୍ଧ ରହିଛି । ପରସ୍ପରରେ ଆକର୍ଷିତ ହୋଇ, ଆପଣାର କରି ବୋଧ କରେ, ହୃଦୟର ଗଭୀରତମ ସ୍ଥଳରେ ରଖିଲେ ମୁଦ୍ଧା, ତୃପ୍ତିଲାଭ କରେ ନାହିଁ; ନିମିଷେ ମୁଦ୍ଧା ଦର୍ଶନ ନକଲେ, ଚିତ୍ତରେ କେତେ ଆକୁଳତା ପ୍ରକାଶ ପାଏ; ଏହା ପ୍ରେମର ସ୍ୱଭାବ ବିନା ଅନ୍ୟ କିଛି ନୁହେ । ପ୍ରେମର ଧର୍ମ ଏହି ଯେ, ଏହା ଏକା ହୋଇ ନରହି କୌଣସି ଗୋଟିଏ ଉତ୍ସର ଆଶ୍ରୟ ନେଇଥାଏ ଏବଂ କୌଣସି ଗୋଟିଏ



Digitized by srujanika@gmail.com

ତାଙ୍କୁ ବିଷୟ ବୋଲି ବରଣ କରେ । ଜୀବ ହୃଦୟର ଏକମାତ୍ର ପରମାନନ୍ଦ, ସର୍ବ କଲ୍ୟାଣକାରୀ ଶ୍ରୀକୃଷ୍ଣହିଁ ବିଷୟ । ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ କେବଳ ପ୍ରେମ କଳ୍ପତରୁ ଏବଂ ଜୀବହିଁ ଆଶ୍ରିତା ଲତା ।

ରାଗାନୁଗା ଭକ୍ତିରେ ଦଣ୍ଡର ଭୟ କିମ୍ବା ପୁରସ୍କାରର ପ୍ରଲୋଭନ ରହେ ନାହିଁ । ଭଗବାନଙ୍କୁ ଦଣ୍ଡଦାତା କିମ୍ବା ବରଦାତା ରୂପେ, ଭକ୍ତ ବିବେଚନା ନକରି, କେବଳ ପରମ ପ୍ରେମାସ୍ପଦ ବୋଲି ଧରି ନିଏ । ଭଗବାନଙ୍କ ଅପାର ସୌନ୍ଦର୍ଯ୍ୟ ଉପଲବ୍ଧି କରେ । ସେହି ସୌନ୍ଦର୍ଯ୍ୟର ଅସ୍ତିତ୍ୱରେ ଦୃଢ଼ ଭାବେ ବିଶ୍ୱାସ କରେ । ଭଗବାନ ସର୍ବଶକ୍ତିମାନ୍ କି ନାହିଁ, ତାହା ଭାବିବା ପାଇଁ ଭକ୍ତ ହୃଦୟରେ ଅବକାଶ ମିଳେ ନାହିଁ । ତାହାର ଆଗରେ ଭଗବାନ ପ୍ରେମମୟ ଓ ପରମ ପ୍ରେମ ସ୍ୱରୂପ । ଭକ୍ତ ଶତ ଶତ ଦୁଃଖ ଦୁର୍ଦ୍ଦଶା ବରଣ କରି, ଭଗବାନଙ୍କର ସୁଖ ବିଧାନ କରିବା ପାଇଁ ସବୁ କାଳରେ ପ୍ରସ୍ତୁତ ଥାଏ । ଭଗବାନଙ୍କର ଯହିଁରେ ସୁଖ, ଭକ୍ତ କେବଳ ତହିଁରେ ସୁଖୀ ଏବଂ ଭଗବାନଙ୍କୁ ଉପଲବ୍ଧି ନ କରିବା, କେବଳ ପ୍ରକୃତ ଭକ୍ତ ପକ୍ଷେ ଦୁଃଖ । ଅନ୍ୟ କିଛି ସଂସାରରେ ତାର ଦୁଃଖ, ସୁଖ ରହେ ନାହିଁ । ଏହାହିଁ ପରକାଷ୍ଠା ଭକ୍ତି ବା ପ୍ରେମ ନାମରେ ଅଭିହିତ ।

ଏହି ପରି ଭକ୍ତିର ସ୍ୱରୂପ ନିର୍ଣ୍ଣୟ ପ୍ରସଙ୍ଗେ ଗୌଡ଼ୀୟ ବୈଷ୍ଣବାଚାର୍ଯ୍ୟଗଣ, ଭକ୍ତିକୁ ତିନି ଭାଗରେ ବିଭକ୍ତ କରି ଅଛନ୍ତି । ସେମାନଙ୍କର ଅଭିମତରେ, ଯେଉଁ ଭକ୍ତ ଭକ୍ତି-ଶାସ୍ତ୍ରରେ ସୁପଣ୍ଡିତ ଓ ଶ୍ରଦ୍ଧା ସମ୍ପନ୍ନ, ତାହାଙ୍କୁ ଉତ୍ତମ ଭକ୍ତ ରୂପେ ବିବେଚନା କରନ୍ତି । ଶାସ୍ତ୍ର ଜ୍ଞାନ ବର୍ଜିତ ଅଥଚ ଭଗବାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ବ୍ୟକ୍ତି ମଧ୍ୟମ ଭକ୍ତ ଏବଂ ଶାସ୍ତ୍ର ଜ୍ଞାନ ହୀନ ଓ ଭଗବାନଙ୍କ ପ୍ରତି ବୀତତୃଷ୍ଣ ଲୋକ, କନିଷ୍ଠରେ ପରିଗଣିତ ହୁଅନ୍ତି । ଏହି ଶେଷୋକ୍ତ ବ୍ୟକ୍ତି ବୈଧୀ ଭକ୍ତିର କୌଣସି ଗୋଟିଏ ପ୍ରଧାନ ଅଙ୍ଗ ବା ବହୁ ଭଜନ ଓ ସତ୍‌ସଙ୍ଗ, ସ୍ୱତଃ ଶ୍ରଦ୍ଧାଳୁ ହୋଇ ସମ୍ୟକ ରୂପେ ଦୀର୍ଘକାଳ କଲେ, ଉତ୍ତମା ଭକ୍ତି ସ୍ତରକୁ ଉଠିପାରେ । ଯେଉଁ ଲୋକର ଭଗବାନଙ୍କ ପ୍ରତି ଆକର୍ଷଣ ଜନ୍ମେ ନାହିଁ, କିନ୍ତୁ ଶାସ୍ତ୍ର ଶାସନ ଦୁଃଖ ବିମୁକ୍ତି ଶାନ୍ତି ସୁଖ ପାଇଁ ଭଗବତ୍ ସେବା ଆବଶ୍ୟକ ମନେ କରେ, ସେହିପରି ଲୋକପକ୍ଷେ ବୈଧୀ ଭକ୍ତି ଉପଯୋଗୀ । ଏହାକୁ ବିଧି ସମୟ ଧରି, ନିଷ୍ଠା ସହକାରେ ପାଳନ କଲେ ପରେ, ଭଗବାନଙ୍କ ପ୍ରତି ଆକର୍ଷଣ ଜାତ ହେଲେ, ରାଗାତ୍ମିକା ଭକ୍ତିର ଅଧିକାରୀ ହୋଇପାରେ । ସ୍ମରଣ, ମନନ, ଓ ଧ୍ୟାନ ଏହି ବୈଧୀ ଭକ୍ତିର ପ୍ରଧାନ ଅଙ୍ଗ । ସାଧୁସଙ୍ଗ, ଶ୍ରବଣ, କୀର୍ତ୍ତନ, ପ୍ରଭୃତିର ମଧ୍ୟ ଏକ ବା ଏକାଧିକ ଭଜନାଙ୍ଗ ସାଧନକୁ ବୈଧୀ ଭାବ ଭକ୍ତି, ପୁଣି ଏହାର ପରିପକ୍ୱ ଅବସ୍ଥାରେ ଅଭୀଷ୍ଟ ସାଧନାର୍ଥେ ଯେଉଁ ପ୍ରଗାଢ଼ ଇଚ୍ଛା ବା ତୃଷ୍ଣା ଜାତ ହୁଏ, ତାହାକୁ ରାଗାନୁଗା ଭକ୍ତି ବୋଲିଯାଏ ।

ଏଥିରେ ଏକମାତ୍ର ଲକ୍ଷ ରଖି ବୁଝିବା କଥା ଏହି ଯେ, ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଓ ମାତୃ ଭାବ ଇତ୍ୟାଦିର ସମ୍ବନ୍ଧାଶ୍ରୟରେ, ରାଗାନୁଗାଭକ୍ତି ସାଧନାର ଚରମାବସ୍ଥାରେ ପ୍ରେମିକ ଭକ୍ତ ଗଣ, ଆପଣା ଆପଣାର ଉପାସ୍ୟ ପ୍ରଭୁଙ୍କ ଅମୃ ସ୍ୱରୂପ ଓ ସର୍ବଭୂତେ ସନ୍ଦର୍ଶନ କରନ୍ତି । ଏହି ଅପାର୍ଥିବ ପ୍ରେମ ରାଜ୍ୟ, ଏକ ଏକ ମିଶି ଦୁଇ ଦୁଇ ନହୋଇ, କେବଳ ଏକରେ ପରିଣତ ହେବାର କଥା, କିନ୍ତୁ ଏଥିରେ ଦ୍ୱୈତ ଭାବ ନରହିଲେ, ପ୍ରେମାସ୍ପଦର ସହିତ ପ୍ରେମିକର ସମ୍ବନ୍ଧାଶ୍ରିତ ରସାନୁଭବ ସମ୍ଭାବନାର ବହୁଦୂରରେ ରହେ । ଅଦ୍ୱୈତ ଭାବରେ ଜ୍ଞାତା, ଜ୍ଞେୟ ଓ ଜ୍ଞାନ ଏକ ହୋଇଯାନ୍ତି । ସେତେବେଳେ ରସାନୁଭବ ସମ୍ଭାବନା ରହେ ନାହିଁ । ନିଜେ ମଧୁର ହୋଇଯିବା ଅପେକ୍ଷା, ମାଧୁର୍ଯ୍ୟ ଆସ୍ୱାଦନହିଁ ଅଧିକ ପ୍ରୀତିପ୍ରଦ । ଏଥିଯୋଗୁଁ, ରାଗାନୁଗା ପ୍ରେମିକ ଭକ୍ତ, ତାହାର ମନକୁ ଦୃଢ଼ଭାବେ ଦ୍ୱୈତ ରାଜ୍ୟ ବିଚରଣ କରାଇ



Digitized by srujanika@gmail.com

ପ୍ରେମାସ୍ୱାଦର 'ସହୃତ ସମ୍ବନ୍ଧାଶ୍ରିତ ରୂପେ ରସ ସମ୍ଭୋଗ କରେ । ଏହି ଅବସ୍ଥାରେ ଭକ୍ତର ସାର୍ବ-ଜନୀନ ପ୍ରେମ ବା ସର୍ବଭୂତେ ପ୍ରେମ ସ୍ୱାଭାବିକ ଭାବେ ଉପସ୍ଥିତ ହୁଏ । ପ୍ରେମାସ୍ପଦ ଭଗବାନ ସମଷ୍ଟି ଏବଂ ଏହି ବ୍ୟଷ୍ଟି ଜଗତ ତାହାଙ୍କର ଅଭିବ୍ୟକ୍ତି ମାତ୍ର । ସେ ପ୍ରତିଭୂତରେ ଅଭିବ୍ୟକ୍ତ ହୋଇ, ବିଭକ୍ତ ହୋଇଥିଲା ପରି, ଦୃଷ୍ଟିଗୋଚର ହୁଅନ୍ତି । ସେ ଏକ ହୋଇ, ବହୁ ଦେହରେ ପ୍ରବିଷ୍ଟ ହୋଇ ଅଛନ୍ତି ।

ଏଣୁକରି ପ୍ରେମିକ ଭକ୍ତ ସର୍ବଭୂତେ ବିଦ୍ୟମାନ ପ୍ରେମାସ୍ପଦ ଭଗବାନଙ୍କୁ ଦର୍ଶନ କରି ଏବଂ ସର୍ବଭୂତେ ତାହାଙ୍କର ଅଭିବ୍ୟକ୍ତି ଦେଖି ସମସ୍ତ ଚରାଚର ବିଶ୍ୱକୁ ଆନ୍ତରିକ ସୁଖୀ ପାଏ । ସେତେବେଳେ ଭକ୍ତର ଆଗରେ କୌଣସି ଜୀବ ନିକୃଷ୍ଟ, ବା କୌଣସି ପ୍ରକୃଷ୍ଟ ବୋଲି ପ୍ରତୀତ ହୁଏ ନାହିଁ । ଏଣୁକରି ଏହି ସଗାନୁଗା ଭକ୍ତିର ଅମୃତମୟ ଫଳ ଅଟେ । ବିଶ୍ୱପ୍ରେମ ବା ସାର୍ବଜନୀନ ପ୍ରେମ ।

# ସୁଧାମୟ ସୃଜନର ମୁଁ ସୁଧା ପ୍ରତୀକ

ଲେଖକ—ଗୋପାଲଚନ୍ଦ୍ର ମିଶ୍ର ବି, ଏ, ଅନର୍ସ

ସୁଧାମୟ ସୃଜନର ମୁଁ ସୁଧା ପ୍ରତୀକ
ଅବଗାହି ଜୀବନର ପ୍ରଭାତ ଆଲୋକେ
ଭୁଲି ସର୍ବ ପ୍ରତାରଣା ପ୍ରଭେଦ ଐହିକ
ଜାଗିଉଠେ ନିତି ନିତି ଅନ୍ତର-ପୁଲକେ ।
ଲକ୍ଷ୍ୟ ଦିଗ୍‌ବଳୟ ପଥେ ଅମୃତ ଇନ୍ଦୁକ
ଖେଳି ଉଠେ ବାରମ୍ବାର ମୃଦୁଳ ସ୍ପନ୍ଦନେ
କାଳେ କାଳେ ଏ ମାନବ ଦେବତ୍ୱ-ପ୍ରତୀକ
ନଷ୍ଟ ହୁଏ ପ୍ରାଣ ବିନା ଅଯଥା କ୍ରନ୍ଦନେ ।
ତେଣୁ ଆଜ ଜୀବନର ଜନ୍ମ ସ୍ମୃତି ଧରି
ପଦେ ପଦେ ସତ୍ୟ ପାଇଁ କରେ ଆୟୋଜନ
ମତାଣିଅ ସ୍ୱପ୍ନକୂଳେ ବାହି ନେଇ ତରୀ
ଫୁଙ୍କି ଉଠେ ମୁଗ୍ଧ ଭାବେ ଶୁଭ ପାଞ୍ଚଜନ୍ୟ ।
ସୁଧାମୟ ସୃଜନର ମୁଁ ସୁଧା ପ୍ରତୀକ

ମୋ ଆତ୍ମାର ନାହିଁ କ୍ଷୟ ନାହିଁ ପରି ଧ୍ୱଂସ
ପ୍ରତିଦିନ ଏ ଆତ୍ମାର ହୁଏ ଅଭିଷେକ
ଆତ୍ମା ଏକ ପୂର୍ଣ୍ଣ ବସ୍ତୁ ଦେହ ସିନା ଅଂଶ ।
ପ୍ରତିକ୍ଷଣେ ମୁଁ ବିହ୍ୱଳ ମୁଗ୍ଧ ଅଭିଭୂତ
ଏ ସୃଷ୍ଟିର ପ୍ରତିରଶ୍ମି ରେଖା ଜ୍ୟୋତ୍ସ୍ନା କଣା
ଶ୍ୟାମ ବନକୁଞ୍ଜ ମଞ୍ଜୁ ପିକ ପରଭୃତ
ମୋ ହୃଦୟେ ଢାଳି ଯାନ୍ତି ସ୍ୱର୍ଗୀୟ ପ୍ରେରଣା
ସତେ ଅବା ଫୁଟି ଉଠେ ମୋ ଆତ୍ମା-ମୁକୁଳେ
ଏ ନିଖିଳ ବସୁନ୍ଧରା ସୃଜନ ଶ୍ୟାମଳ
ଜାଗରଣେ ଭାଗ ନିଏ ଜୀବନ ପୀଠରେ
ପ୍ରତିକ୍ଷଣେ ଗତି କରି ହୁଏ ମୁଁ ଉଜ୍ଜ୍ୱଳ ।
ଆସୁ ଝଡ଼ ବାତ୍ୟା ନ ଘଟୁ ଟେହେ ବ୍ୟତିକ୍ରମ
ବଞ୍ଚି ରହୁ ଜୀବନର ଶୁଭ ଉପକ୍ରମ ।

:o:



Digitized by srujanika@gmail.com

# ପ୍ରେମ ପଥେ

ଲେଖକ—ଶ୍ରୀ ମହାଦେବ ମହାପାତ୍ର – (ବିଶାଖପାଟଣା)

ରାତି ଅପସରୁଛି, ଦିବସ ବିଭାସିଛି ।

ଦୁଇଟି ପଲ୍ଲୀର ମଧ୍ୟଦେଶସ୍ଥ ପଡ଼ିଆଟିର ରସାଳ ତମାଳ ଇତ୍ୟାଦି ବୃକ୍ଷରାଜି ଭରା କ୍ଷୁଦ୍ର ଉପବନଟି, ବକ୍ଷରେ ସ୍ୱଚ୍ଛସଲୀଳା ପୁଷ୍କରିଣୀଟିକୁ ଧରି କେଉଁ ଆଦିମ ଯୁଗରୁ ପଡ଼ି ରହିଛି । ତାହାର ଇତିହାସ କେ' ରଖି ନାହିଁ କି ରଖିବାକୁ ବି କେହି ଲାଳାୟିତ ନୁହନ୍ତି । ବିହଙ୍ଗଗଣ ସୁଲଳିତ କାକଳିରେ ଉପବନଟିକୁ ସବୁବେଳେ ମୁଖରିତ କରି ମଧୁମୟ କରି ଥାଆନ୍ତି ! ପୁଷ୍କରିଣୀର ଆଉ ସବୁ ପୁଷ୍ପ ଗୁଡ଼ିକର ଶୋଭା-ସମ୍ଭାରକୁ ପଛରେ ପକାଇ ଦେଇ ପୁଷ୍କର କଳିକାଟି ମୁଣ୍ଡଟେକି ଅଧୋବଦନରେ ଚାହିଁ ରହିଛି ।

ତେଣେ ପୂର୍ବାକାଶରେ ସୂର୍ଯ୍ୟଦେବ ମୁଣ୍ଡ ଟେକି କାହାପାଇଁ କେଜାଣି ଗ୍ରହମାନଙ୍କ ପରି ଗହଳ ବନାନୀର ଗଛ ପତ୍ର-ଫାଙ୍କ ଦେଇ କନକ କିରଣ ଦୃଷ୍ଟିରେ ପୁଷ୍କରିଣୀଟିକୁ ଚାହିଁ ଦେଉଛନ୍ତି । ସତେ ଯେପରି ବ୍ୟାକୁଳିତ ନୟନରେ କାହାକୁ ଖୋଜି ଲାଗିଛନ୍ତି ।

ପୁଷ୍କରିଣୀର ଚତୁର୍ପାର୍ଶ୍ୱରେ ସୁନ୍ଦର କଳା ପଥର ଖଣ୍ଡେ ଖଣ୍ଡେ ପଥିକର ଆସନ ସାଜି ଛାୟାଶ୍ରିତ ହୋଇ ବିଛା ପଡ଼ିଛନ୍ତି । ବିମଳା ଖଣ୍ଡିଏ ପଥର ଉପରେ, ଗୋଡ଼ ଦୁଇଟି ପାଣିକି ଲମ୍ବାଇ ଦେଇ, ବସି କଣ ଭାବୁ ଭାବୁ ନିଜକୁ ନିଜେ ହଠାତ କହି ପକାଇଲା—

"ନା, ରୌଦ୍ର ମାର୍ତ୍ତଣ୍ଡ ସହ ଏହି ସୁକୋମଳ ଓ ସୁକୁମାର ପଦ୍ମଫୁଲଟିର ପ୍ରେମ ଥିବା ଅସମ୍ଭବ ।"

ଏକଦା ବିମଳା ଶୁଣିଥିଲା ଯେ କୌଣସି ଏକ ବ୍ୟକ୍ତି ଏକ ଯୁବତୀକୁ ପ୍ରେମ କରି ଯେତେବେଳେ ବିଫଳ ମନୋରଥ ହୋଇଥିଲା, ସେତେବେଳେ ଆତ୍ମହତ୍ୟା କରିଥିଲା ବୋଲି । ଶୁଣିବାର ପରମୁହୂର୍ତ୍ତରୁ ତାର ମନ କେତେବେଳେ ଅଥୟ ହୋଇ ପଡ଼ିଥିଲା ।

ସେ ସେତେବେଳୁ ବୁଝି ନେବାକୁ ଇଚ୍ଛା କରିଥିଲା—'ପ୍ରେମ କଣ ?'

ଏଇଥି ପାଇଁ ସେ ନଖାଇ ନ ପିଇ କେତେ କେତେ ପୁସ୍ତକର ପୃଷ୍ଠା ଲେଉଟାଇ ସାରିଛି, କେତେ ଅନୁସନ୍ଧାନ ବି କରି ସାରିଛି ; କିନ୍ତୁ କେଉଁଠି ସୁଦ୍ଧା ପ୍ରେମର ଭାବାର୍ଥ ସେ ପାଇ ପାରିନାହିଁ—ପାଇବା ଭଳି ମଧ୍ୟ ତାର ମନକୁ ପାଇ ନାହିଁ ।

ଏହି ଭାବାର୍ଥ ପାଇଁ ବିମଳା ଏତେ ଆତୁର ଯେ, ଏପରିକି ସେ ଦିନେ ତାର ବଡ଼ ପାଖକୁ ଧାଇଁ ଯାଇ ପଚାରିଥିଲା—

"ବଉ, ପ୍ରେମ ବୋଲନ୍ତେ କଣ ?"

ତାହାଁର ପ୍ରତ୍ୟୁତ୍ତର ପାଇଥିଲା—

"ପ୍ରେତ ବାୟାଣୀ । ସେ ବିଷୟ ନେଇ ଭାବିବାକୁ ତୋତେ କିଏ କହିଲା ? ଆଉ କେବେ ସେ ବିଷୟ ଭାବନା । ସେ ଗୋଟାଏ ଖରାପ ପଦାର୍ଥ, ଯାହାକି ମନୁଷ୍ୟକୁ ଜ୍ଞାନହୀନ ପାଗଳ ........ କରି ଦେଇଥାଏ ।"

ସେହି ଦିନୁ ବିମଳା ମନରୁ ପ୍ରେମର ଭାବାର୍ଥ ଅନୁସନ୍ଧାନ କରିବା ଲାଳସା ଲିଭିଯିବା ତେଣିକି ଥାଉ—ବରଂ ଦିଗୁଣେ ଦୀପ୍ତିମାନ ହୋଇ ଉଠିଲା । ସତେ ଯେପରି ତାର ହୃଦୟ କନ୍ଦରରେ ତାକୁ ସବୁବେଳେ ତାର କଳ୍ପନାର ଛାୟା ପଚାରି ବସିଲା—'ପ୍ରେମ ଗୋଟିଏ କି ପଦାର୍ଥ ଯେ, ମନୁଷ୍ୟ ଉପରେ ପୁଣି ତାହାର ଏତେ ଶକ୍ତି ?' ବିମଳା ତାହାର ଜବାବ ପାଇଁ ବୁଲିଲା – ବୁଲିଲା, ସାକ୍ଷାତ ପାଗଳୀ ମାନି ବତ୍ ।

ଦିନେ ଦିନେ କ୍ଲାସର ସହପାଠିନୀମାନଙ୍କୁ ମଧ୍ୟ ପଚାରି ପକାଇଥାଏ – ''ପ୍ରେମ ବୋଲନ୍ତେ କଣ ?''



Digitized by srujanika@gmail.com

ସମସ୍ତେ ତା ପ୍ରଶ୍ନର ଉତ୍ତର ସ୍ୱରୂପ ଗୋଟିଏ ଲେଖାଏ ହସ ହସିଦେଇଥାଆନ୍ତି । ବିମଳାର ଏଡ଼େ ବଡ଼ ସନ୍ଦେହଜନକ ପ୍ରଶ୍ନଟି ସହପାଠିନୀମାନଙ୍କ ହସରେ ଉଡ଼ିଯାଇ କେଉଁ ଅସୀମ ଗଗନରେ ମିଳାଇଯାଏ । ଶତ ଚେଷ୍ଟାକରି ସେ ଅଭ ମନ ମୁତାବକ ଭାବାର୍ଥ ପାଇପାରେ ନି । ଅଗତ୍ୟା ପଥହରା ପାନ୍ଥ ସମ ଖୋଜି ବୁଲେ—ସେହି ପ୍ରେମର ଭାବାର୍ଥ ।

ଆଜି ସେହି ଚିନ୍ତାସ୍ରୋତରେ ଭାସି୨ ଆସି ଗ୍ରାମ ବାହାରର ପୋଖରୀ ହିଡ଼ରେ ବିମଳା ଗୋଟିଏ ପଥର ଉପରେ ବସି ପ୍ରକୃତିର ରହସ୍ୟ ସବୁ ଦେଖୁଛି । ଦେଖୁଛି—ସୁସୀତଳ ସରସୀ ମଧ୍ୟରୁ ପଦ୍ମକଢ଼ିଟିଏ ମୁଣ୍ଡଟେକି ପ୍ରଫୁଲ୍ଲ ବଦନରେ ସୂର୍ଯ୍ୟ-ଦେବଙ୍କୁ ଚାହିଁ ରହିଛି - ସତେ ଯେପରି ତାର କିଏ ଜଣେ ପରିଚିତ ଦୂର ଗଗନରେ ତା' ପାଇଁ ଅବିରାମ ଗତିରେ ଧାଇଁ ଆସୁଛନ୍ତି । ସତେ ଯେପରି ସେ ଆସିବା ପୂର୍ବରୁ ତାଙ୍କର ପ୍ରେମିକାର ସତୀତ୍ୱ ନଷ୍ଟ କରିବା ପାଇଁ ଭ୍ରମର ଯେଉଁ ଦୁରଭିସନ୍ଧି କରୁଛି ସେଥିରେ ପ୍ରଚଣ୍ଡାକାର ଧାରଣ କରି ରୌଦ୍ର ମୂର୍ତ୍ତି ସାଜିଛନ୍ତି । ସେହି ରୌଦ୍ରତା ସତୀ ପଦ୍ମିନୀକୁ କେଉଁ ଆନନ୍ଦ ସାଗରରେ ଭସାଇ ଦେଉଛି । ଯେଉଁ ରୌଦ୍ରତା ସହ୍ୟ କରିନପାରି ମହା ଅମୃଧୀ ମରୁ ଭୂମିରେ ପରିଣତ ହେଉଛି, ସେହି ରୌଦ୍ରତାରେ ସୁକୋମଳ କମଳ କଳିକାଟି ମଉଳି-ଯିବା ତେଣିକି ଥାଉ ବରଂ ବେଳୁ ବେଳ ଦୀପ୍ତିମାନ ହୋଇ ସୁଶ୍ରୀ ଧାରଣ କରୁଛି ଓ ସେହି ରୌଦ୍ରତା ହିଁ ନିଜେ ନିଜେ ଦାସତ୍ୱ ସ୍ୱୀକାର କରୁଛି । ଧନ୍ୟ ପ୍ରେମର ବନ୍ଧନ ! ଧନ୍ୟ ପ୍ରେମର କୁହୁକ !!

ବେଳେ ବେଳେ ମୃଦୁ ମନ୍ଦ ସମୀରଣ ଯେତେବେଳେ କଳିକାଟିକୁ ଅଳ୍ପ ହଲାଇ ଦେଇ ଚାଲିଯାଏ, ସେତେବେଳେ ମନେହୁଏ, କଳିକାଟି ସତେ ଯେପରି ସୂର୍ଯ୍ୟ ସଙ୍ଗେ ଢେର ପ୍ରେମାଳାପ କରି ସୂର୍ଯ୍ୟଦେବଙ୍କର ପ୍ରେମାହ୍ୱାନକୁ ଲଜ୍ଜାଭରେ ମୁଣ୍ଡ ନୁଆଁଇ ସମ୍ମତ ଜଣାଇଦିଏ ।

ଏସବୁ ଦେଖୁ ଦେଖୁ, କଣ କେଜାଣି ଭାବିଲା—ବିମଳା ହଠାତ୍ ସେ ପଦକ କହିଦେଲା ।

କହିଦେବାର କେତୋଟି କ୍ଷଣପରେ ଅଦୂରରୁ, ବନ୍ଧଟିର ଆରପାରିରୁ, ସୁଲଳିତ ନାଦରେ ଏକ ବଂଶୀ ସ୍ୱନ ସେହି କାନନର ନିସ୍ତବ୍ଧତା ଭଗ୍ନ କରି ମୃଦୁ ମନ୍ଦ ସମୀରଣରେ ଭାସି ଆସି ବିମଳାର କର୍ଣ୍ଣ କୁହରରେ ନିଜର କୁହୁକ ମନ୍ତ୍ର ପରଶି ଦେଲା । ବିମଳା ହଠାତ୍ ଚମକି ପଡ଼ି ଦେଖେତ- ବନ୍ଧ ଆରପାରିରେ ଜଣେ ଗୌରାଙ୍ଗ ସୁନ୍ଦର ଯୁବକ ବସି ବଂଶୀ ବଜାଉଛି ।

ଏହି ବଂଶୀ ସ୍ୱନ ସତେ ଯେପରି ବିମଳାକୁ ନିମନ୍ତ୍ରଣ ନେଇ ଆସିଥିଲା, ଏହି ମନହରା ନାଦ ବିମଳାକୁ ମୋହାବିଷ୍ଟକରି ଯୁବକ ପାଖରେ ନେଇ ଠିଆ କରିଦେଲା ।

ଯୁବକ ନିଜର ବଂଶୀ ବଜାଇବା ବନ୍ଦକରି ଯେତେବେଳେ ନିର୍ନିମେଷ ନୟନରେ ଯୁବତୀ ପ୍ରତି ଚାହିଁ ରହିଲା, ସେତେବେଳେ ଯାଇ ବିମଳାକୁ ଚେତନା ଆସିଲା । ଚୈତନ୍ୟୋଦୟ ପରେ ଦେଖେତ, ତା' ଆଗରେ ଜଣେ ସୁନ୍ଦର ଯୁବକ ବସି ତା' ଆଡ଼େ ଚାହିଁ ରହିଛି ।

ଅତ୍ୟାତୁର ହେତୁ ବିମଳା ହଠାତ୍ ଯୁବକକୁ ପଚାରି ଦେଲା—"ପ୍ରେମ କଣ କହି ପାରିବ ?"

ଏହି ଆକସ୍ମିକ ପ୍ରଶ୍ନରେ ଯୁବକଟି ଟିକିଏ ବିଚଳିତ ହେଲେ ଶୁଦ୍ଧା, ପ୍ରେମ ଗଦ୍‌ଗଦ କଣ୍ଠରେ କହିଲା—

"ଯୁବତୀ । ଯଦି ପ୍ରେମକଣ ଜାଣିବାର ଇଚ୍ଛା-ଥାଏ, ତେବେ ନିକଟକୁ ଆସି ଭଲଭାବେ ମୋର ଚକ୍ଷୁ ଦୁଇଟିକୁ ଦେଖିଲେ ବେଶ୍ ଉତ୍ତର ପାଇପାରିବ ।"

ବିମଳା ମନ୍ତ୍ର ଚାଳିତ ବତ୍ ନିକଟକୁ ଯାଇ ଯୁବକର ଚକ୍ଷୁ ଦୁଇଟିକୁ ଦେଖେତ, ଆଖି ଦୁଇଟି ପ୍ରେମାଶ୍ରୁଭରା ହୋଇ ଛଳ ଛଳ ଦେଖାଯାଉଛି । ସେ ଚାହାଣୀର ପ୍ରତ୍ୟେକ ପଲକରେ କୌଣସି ଏକ ଆବେଗର ଢେଉ ଖେଳି ଯାଉଛି; ସତେ ଯେପରି



Digitized by srujanika@gmail.com

ସେ ଢଙ୍ଗରେ ବିମଳା ଭାସିଯିବ । ସେତେବେଳର, ଯୁବକର ସେ କରୁଣ ଚାହାଣିର ଛଟା ସତେ ଯେପରି ବିମଳାକୁ କଣ ଭଷା କରି ବସିଛି !

ଚକ୍ଷୁ ଦୁଇଟି ଦେଖି କି ଏକ ଅପୂର୍ବ ଭାବ-ଷଙ୍ଗୀ ବିମଳା ଦେହରେ ଖେଳିଯାଇ ବିମଳାକୁ ଆତ୍ମ ବିଭୋର କରିଦେଲା ।

"ମୋର ଏ ବାମ ଛାତିପରେ ହାତଦେଇ ହୃଦୟର ସ୍ପନ୍ଦନ ଟିକିଏ ଅନୁଭବ କରତ,"

ବିମଳା ଅପରିଚିତ ଯୁବକର ଶରୀର ଛୁଇଁ-ବାକୁ ଆଗ ଶଙ୍କା ପ୍ରକାଶ କଲା । ମାତ୍ର ସତେ ଯେପରି କେଉଁ ଏକ ଅପୂର୍ବ ଶକ୍ତି ଯୋଗରେ ତାର ହାତଟି ନେଇ ଯୁବକର ଛାତିଉପରେ ପକାଇଦେଲା ।

ଉଭୟଙ୍କ ଦେହରେ କେଉଁ ଏକ ଅଜ୍ଞାଣତ ଶକ୍ତିର ବିଦ୍ୟୁତ୍ ଶକ୍ତି ଖେଳିଗଲା କେହି ଜାଣି ନପାରିଲେ । ଉଭୟଙ୍କ ହୃଦୟ ସ୍ପନ୍ଦନ ଆହୁରି ପ୍ରଚଣ୍ଡ ଭାବେ ବଢିବାକୁ ଲାଗିଲା ।

ବିମଳା ଯୁବକର ଛାତିପରେ ହାତ ପକାଇ ଦେଖେତ, ସତେ ଯେପରି ତା'ର ଛାତିର ନିଭୃତ ଅନ୍ତରରେ କିଏ ଜଣେ ପ୍ରେମୋଲ୍ଲାସରେ ନୃତ୍ୟାରମ୍ଭ କରି ବିମଳାକୁ ଆହ୍ୱାନ କରୁଛି । ବିମଳାର ଦେହ ତମାମ ଶୀତେଇ ଉଠିଲା । ବିମଳା ପ୍ରାୟ ଆତ୍ମବିଭୋର ହୋଇ ସାରିଲାଣି ।

"ଆଚ୍ଛା ଯୁବତୀ । ମୋର ହୃଦୟର ସ୍ପନ୍ଦନତ ଦେଖିଲ । ତୁମର ହୃଦୟର ସ୍ପନ୍ଦନ ଦେଖି କହତ— କାହାର କାହାଠାରୁ ଅଧିକ ।"— କହିଲା ଯୁବକ ।

ବିମଳା ନିଜର ଛାତିପରେ ହାତଦେଇ କହିଲା—

"ମୁଁ ଯେ ବୁଝିପାରୁ ନାହିଁ, କାହାର କାହା-ଠାରୁ ଅଧିକ । ତୁମେଅରେ ହାତଦେଇ ଦେଖନା ।"

ଯୁବକ ପ୍ରଥମେ କଣ ବିଚାରିଲା କେଜାଣି, କିଛି ସମୟ ନୀରବ ରହିଲା ।

ବିମଳା ପୁଣି ପଚାରିଲା— "ତୁନିରହିଲ ଯେ, ଲଜ୍ଜା ଲାଗୁଛି ପରି ! ନୁହେ ?"

"ନା, ଲଜ୍ଜା ଲାଗିବାର ସେପରିତ କିଛି ଗୋଟାଏ କଥାନାହିଁ । ଲଜ୍ଜା ବା ଲାଗିବ କାହିଁକି ?"— କହି ଯୁବକ ବିମଳାର ବକ୍ଷପରେ ହାତଟି ଥୋଇଦେଲା । ଯୁବତୀ ବକ୍ଷର କ୍ଷୀଣ ଉଷ୍ଣତା ଟିକକ ଯୁବକ ଶରୀରରେ ଖେଳିଗଲା ।

ଉଭୟେ ଉଭୟଙ୍କ ପ୍ରତି ପ୍ରେମାଶକ୍ତ ଓ ଆତ୍ମ ବିଭୋର ।

"ଆଚ୍ଛା ! ବଂଶୀ ବଜାଇବାର ବନ୍ଦ କଲ ! ବଜାଅନା ଆଉଥରେ ।"— ବିନମ୍ର ଗଳାରେ କହିଲା ବିମଳା ସେହିଠାରେ ବସିପଡ଼ି ।

ଯୁବକ ସୁଲଳିତ ନାଦରେ ସୁରତାନର ଛନ୍ଦେ ଛନ୍ଦେ କେତେ ବିରହ ଗୀତିକା ଗାଇଦେଇ ଭସାଇଦେଲା ସେହି ମୃଦୁ ମନ୍ଦ ସମୀରଣରେ । ବିମଳା ହତାହତ ଜ୍ଞାନ ଭୁଲିଯାଇ ଯୁବକର ନିକଟରୁ ନିକଟତର ହେଉଥାଏ ।

ଦଶମିନିଟ ପରେ—,

ବିମଳା ଯୁବକର ବକ୍ଷପରେ । ବଂଶୀ ସ୍ୱନର ସେହି ସୁଲଳିତ ମାଦକତା ପାନରେ ସଂଜ୍ଞା ଶୂନ୍ୟ-ହୋଇ ଯୁବକର ବକ୍ଷପରେ ଢଳି ପଡ଼ିଲା । ଯୁବକ ଅବିଚଳିତ ଭାବେ ସୁର ଛାଡ଼ୁଥାଏ ।

କିଯତ୍ କ୍ଷଣପରେ ଯୁବକ ଦେଖିଲା— ବିମଳା ନିଦ୍ରାଭିଭୂତା, ତାର ପ୍ରତ୍ୟେକ ଶିରା ପ୍ରଶିରାରେ ପ୍ରେମର ସ୍ଫୁଲିଙ୍ଗ କଣା ଫୁଟି ବାହାରିଲାଣି । ଧୀରେ ଧୀରେ ବିମଳାର ମୁଣ୍ଡ ତଳେ ଥୋଇଦେଇ ଯୁବକ ସେହିଠାରୁ ଅଲକ୍ଷିତ ଭାବେ ଚାଲିଗଲା । ଚାଲିଗଲା— ବିମଳାକୁ ପ୍ରେମମୟ ସ୍ୱପ୍ନପୁରୀ ରାଇ-ଜରେ ଏକାକିନୀ ଭାବେ ଛାଡ଼ିଦେଇ— ପ୍ରଚଣ୍ଡ ପ୍ରେମ ଶିଖାରେ ନିଷ୍ଠୁର ଭାବେ ଫେଲିଦେଇ ।

ଅଳ୍ପ ସମୟାନ୍ତେ ବିମଳା ଉଠି ଦେଖେତ ସେହି ଯୁବକ ନାହିଁ କି ସେ ସୁଲଳିତ ବଂଶୀଧ୍ୱନିବି ନାହିଁ । ପ୍ରଥମେ ସେ ନିଜ ଆଖିକୁ ବିଶ୍ୱାସ କରି-ପାରିଲା ନାହିଁ । ଭାବିଲା— ହୁଏତ ସ୍ୱପ୍ନ ଦେଖିଥିବ । ମାତ୍ର ତାର ଏହି ଭାବନା ସୂର୍ଯ୍ୟାଗମରେ କୁହୁଡି



Digitized by srujanika@gmail.com

ମିଳାଇଗଲାପରି କ୍ଷଣକରେ ମିଳାଇଗଲା— ଯେତେବେଳେ ସେ ଦେଖିଲାଯେ, ସେ ପ୍ରଥମେ ଥିଲା କେଉଁଠି, ଆଉ ଅଛି କେଉଁଠି । ତାର ବିରାଟ ଆଶା ଭସ୍ମସାତ୍ ହେଲା ! ହେଲା — ଚିରକାଳ ପାଇଁ !!

ବିଷାଦର ଏକ କାଳିମା ମୁଖ ମଣ୍ଡଳରେ ବୋଳିହୋଇ ଗୃହକୁ ବାହୁଡ଼ି ଆସିଲା ।

ବାହୁଡ଼ି ଆସିଲା ସତ । ମାତ୍ର ମନରୁ ସେହି ସ୍ମୃତି ଲିଭିଲା ନାହିଁ । ସବୁଦିନେ, ସବୁବେଳେ ଆଖି ଆଗରେ ଝଲସି ଉଠିଲା— ସେହି ସୁନ୍ଦର ମୂର୍ତ୍ତି, ସେହି କମନୀୟ ରୂପକାନ୍ତି ଓ ଗୋଟି ଗୋଟି ହୋଇ ସେହି ହୃଦୟ ସ୍ପର୍ଶୀ ଅତୀତ ଘଟନାବଳୀ । ପାଗଳୀମାନବତ୍ କେତେଥର ସେହି ପୁଷ୍କରିଣୀ ତଟକୁ ଯାଇ ସେହି ପଥର ଉପରେ କେତେ ସେହି ଯୁବକକୁ ଅପେକ୍ଷା କଲା । କିନ୍ତୁ କିଛି ଫଳହେଲାନି । ନୈରାଶ୍ୟର ଏକ ବିରାଟ ବାଦଲ ତା ମନୋଗଗନରେ ଘୋଟିଗଲା ।

ପ୍ରତିଦିନ ବିମଳା କେତେଥର ସେହି ପଥର ଉପରେ ଯାଇ ବସେ । କେତେଥର ସେହି ପତ୍ରଶତ ଗଛ, ପତ୍ର ଗୁଡ଼ିକୁ ଚାହିଁ ଅତୀତର ସେହି ଅପାସୋରା ସ୍ମୃତି ଗୁଡ଼ିକୁ ମାନସ ପଟରେ ଆଙ୍କି ଦିଏ । କେତେଥର ସେହି ମଧୁମୟ ଘଟଣାର କାଳ୍ପନିକ ସ୍ୱପ୍ନ ଦେଖି ଦେଖି ହତାଶ ହୁଏ । କେଉଁଥର ସୁଦ୍ଧା ହିସାବ ନଥାଏ । ମାତ୍ର ତାର ଏ ଶତଚେଷ୍ଟା ସତ୍ତ୍ୱେ ସୁଦ୍ଧା ସେ ଯୁବକକୁ ଆଉ ପାଏନାହିଁ । ତାର ସକଳ କଳ୍ପନା ନୈରାଶ୍ୟ— ବାଦଧିରେ ମିଳାଇ ଯାଏ ।

ବିମଳା ଦେଖେ— ପ୍ରତିଦିନ ସେହି ପଦ୍ମ କଢ଼ଟି ପାଣି ଭିତରୁ ଆସେ ସୂର୍ଯ୍ୟଦେବଙ୍କ ପାଇଁ । ସୂର୍ଯ୍ୟଦେବ ଆସନ୍ତି ପଦ୍ମ କଢ଼ିଟି ପାଇଁ । ଉଭୟଙ୍କର କେତେ ନୀରବ ପ୍ରେମାଳାପ ହୁଏ । କେତେ ଗୋପନୀୟ ଆମୋଦ ପ୍ରମୋଦ ଚାଲେ । କିନ୍ତୁ ବିମଳା ।

ବିମଳା ଯେ ଅଭାଗିନୀ । କେତେ ଦିନ ବିମଳା ସେହି ବିଜନଉପବନରେ ତାରି ଯୁବକ ପାଇଁ ଫୁଟିଛି; କିନ୍ତୁ ଦିନକ ପାଇଁ ସୁଦ୍ଧା ଯୁବକ ଆସିନାହିଁ ସେଠାକୁ, ବିମଳାକୁ ତାର ବାଞ୍ଛିତ ପୀୟୂଷରୁ କଣିକାଏ ଦେଇ ଚାଲିଯିବା ପାଇଁ ।

ଦିନୁଦିନ ଚିନ୍ତାକୀଟ ବିମଳାକୁ କାଟିବାରେ ଲାଗିଲା । ଫଳତଃ ବିମଳା ବିବର୍ଣ୍ଣା ହୋଇ କ୍ଷୀଣାଙ୍ଗୀ ହେବାରେ ଆଉ କିଛି ବାକି ରହିଲା ନାହିଁ । ବାପ ତାର କିଛି କିଛି ଅନୁମାନ କରୁ ଥାଆନ୍ତି, କିନ୍ତୁ ତାଙ୍କର ଏ ଅନୁମାନ ବହୁକ୍ଷଣ ରହେନି, ଯେହେତୁ ଏତଦ୍ ବିଷୟରେ କନ୍ୟାର ଉଦାସୀନତା ସେ ବେଶ ଜାଣିଥାଆନ୍ତି । ନୋହିଲେକି ସେ' ଦିନ' ପ୍ରେମ କିଣ ବୋଲି ପଚାରି ଥାଆନ୍ତା । ଏଣୁ ସନ୍ଦେହର ଅବକାଶ କେଉଁଠି ତାଙ୍କୁ ମିଳେନି । ଆଉ ଅନ୍ୟ କୌଣସି ଅସୁବିଧା ଘଟୁଥିବ ଭାବି, ଭିତରି ଭିତରି ଆଉ ସବୁ ସୁବିଧା ପାଇଁ ଲାଗି ପଡ଼ନ୍ତି ।

× × ×

ଦିନାବସାନ —

ଖଟ ପାଖରେ ଦୀପ ଶିଖାଟି ମିଞ୍ଜି ମିଞ୍ଜି ହୋଇ ଜଳୁଛି । ଖଟଉପରେ ରୁଗ୍ଣା ବିମଳା ଶୋଇଛି । ମୁଣ୍ଡ ପାଖରେ ବାପ ବସି ବିମଳାର ମୁଣ୍ଡ ଉପରେ ହାତ ବୁଲାଉ ବୁଲାଉ କେତେ ଦିଅଁ ଦେବୀଙ୍କୁ କେତେ ଗୁହାରି କରୁଛନ୍ତି ଯେ, ତାଙ୍କର ଏକମାତ୍ର ନୟନାନନ୍ଦ କନ୍ୟାଟିକୁ ବଞ୍ଚାଇବା ପାଇଁ ।

ବିମଳା ଏକ କଡ଼ରୁ ଆର କଡ଼କୁ ଲେଉଟି ଗୁଣୁ ଗୁଣୁ ହୋଇ ଗାଇଲା —

"ପ୍ରେମ ବନ୍ଧନ ଏତେ ଗାଢ଼ କି ଅଟେ
କ୍ଷଣ ବିଚ୍ଛେଦେ ଏତେ ବେଦନା ଫୁଟେ,
ଏ ବେଦନା ବାଧା କି କାଳ ଭୈରବୀ ।
ସହୁଛି ସେହି ଏକା ଯେ ଅନୁଭବୀ ।"

ବିମଳାର ବାପ ପଚାରିଲେ —

"କିମ । କଣ କଲୁ ?"



Digitized by srujanika@gmail.com

"ବଉ ! ଆଉ କଣ ! ଏ ହେଉଛି ସେହି ପ୍ରେମ !"—କହି ଦୁଇଟି ହୁଙ୍କାରରେ ବିମଳା ଚିର ଦିନପାଇଁ ଚକ୍ଷୁ ବୁଜିଦେଲା ଅଭାଗିନୀ ବଉକୁ ଏକୁଟିଆ ଛାଡ଼ି ।

"ହା ବିଧାତା ! ସବୁ ଗଲେ । ଶେଷରେ ଯେଉଁ ଗୋଟିକ ଥିଲା ତାକୁ ବି ନେଲୁ ?—କହି ବିମଳାର ବଉ ବିମଳା ଉପରକୁ ଢଳି ପଡ଼ିଲେ ।

ନିକଟବର୍ତ୍ତୀ ଦୀପଟି ଲିଭିଗଲା ।

# ଗ୍ରହ ନିର୍ଣ୍ଣୟ

ଶ୍ରୀ ଯୁଗଳକିଶୋର ପାଣିଗ୍ରାହୀ

ସୂର୍ଯ୍ୟଙ୍କର ଚତୁର୍ଦ୍ଦିଗରେ ଭ୍ରମଣଶୀଳ ଜ୍ୟୋତିଷ୍କଙ୍କୁ ଗ୍ରହ କୁହାଯାଏ । ଜ୍ୟୋତିଷ ଶାସ୍ତ୍ରରେ ଏହାର ନାମ ଚନ୍ଦ୍ର, ବୁଧ, ଶୁକ୍ର, ରବି, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁବୋଲି ଲେଖାଅଛି । କଥିତ ଜ୍ୟୋତିଷକୁ ବାଦ୍‌ଦେଇ, ଗଣିତ ଜ୍ୟୋତିଷ ମତରେ ବିଚାର କଲେ ଜଣାଯାଏ ଯେ, ରାହୁ ଓ କେତୁର କୌଣସି ଅସ୍ତିତ୍ୱ ନାହିଁ । ରାହୁ ଓ କେତୁ ଦୁଇଟି ବିନ୍ଦୁ ମାତ୍ର । ଏମାନଙ୍କୁ ଦେଖିହୁଏ ନାହିଁ କିନ୍ତୁ ଗଣନା ଦ୍ୱାରା ଏମାନଙ୍କର ଆକାଶ ମଣ୍ଡଳରେ ଅବସ୍ଥାନ ନିର୍ଣ୍ଣୟ କରାଯାଏ । ଇଂରାଜୀରେ ଏହାକୁ **Ascending node and Decending node of the moons' orbit.** ବୋଲି କହନ୍ତି । ବର୍ତ୍ତମାନ ଜ୍ୟୋତିର୍ବିଜ୍ଞାନ ମତରେ ଚନ୍ଦ୍ର ଏବଂ ରବି, ଗ୍ରହ ନାମରେ ପରିଗଣିତ ହୁଏ ନାହିଁ । କାରଣ ଚନ୍ଦ୍ର, ପୃଥିବୀର ଉପଗ୍ରହ ଏବଂ ରବି ନକ୍ଷତ୍ର ଜାତୀୟ ବୋଲି ପ୍ରତିପନ୍ନ ହୋଇଅଛି । ଏହିସବୁ ଗ୍ରହମାନଙ୍କ ମଧ୍ୟରେ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଓ ଶନି ଏହି ପାଞ୍ଚୋଟି ଗ୍ରହ କେବଳ ନିଗ୍ନ ଚକ୍ଷୁରେ ଅର୍ଥାତ୍ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟ ବିନା ଦେଖାଯାଏ । ଏଗୁଡ଼ିକ ଅତି ପ୍ରାଚୀନ କାଳରେ ମଧ୍ୟ ନଗ୍ନ ଚକ୍ଷୁରେ ଦେଖାଯାଉଥିଲା ବୋଲି ପ୍ରାଚ୍ୟ ଓ ପାଶ୍ଚାତ୍ୟ ପଣ୍ଡିତମାନେ ଏକ କଣ୍ଠରେ କହନ୍ତି ।

ଏହି ଗ୍ରହମାନଙ୍କୁ ଦେବ ମାନବ ଭୃଗୁବଂଶଧର, ଅବିଷ୍କାର କରିଥିବା ଜଣାଯାଏ । ମହର୍ଷି ଅଙ୍ଗିରା ନିଜ ନାମରେ ଅଙ୍ଗାରକ ଅର୍ଥାତ ମଙ୍ଗଳଗ୍ରହ ମହର୍ଷି ଭୃଗୁ ନିଜନାମରେ ଭୃଗୁ ଅଥାତ୍ ଶୁକ୍ର ଗ୍ରହ, ଅଙ୍ଗିରାଙ୍କ ପୁତ୍ର ବୃହସ୍ପତି ନିଜ ନାମରେ ବୃହସ୍ପତି ଗ୍ରହ ଏବଂ ବୃହସ୍ପତି ବା ସୋମଙ୍କ ପୁତ୍ର ବୁଧ—ନିଜନାମରେ ବୁଧ ଗ୍ରହ ଆବିଷ୍କାର କରିଥିଲେ । ପ୍ରସିଦ୍ଧ ଜ୍ୟୋତିଷ ଗ୍ରନ୍ଥ ବୃହସ୍ପତି ସଂହିତା ଓ ଅନ୍ୟାନ୍ୟ ବହୁଗ୍ରନ୍ଥ ମତରେ ମଙ୍ଗଳଗ୍ରହର ପୂର୍ବ ନାମ ଅଙ୍ଗାରକ, ଶୁକ୍ରଗ୍ରହର ସମାନାର୍ଥକ ନାମାବଳୀ ଭୃଗୁ, ଭାର୍ଗବ, ଭୃଗୁର, ଉଶନା, ଅସୁର ଗୁରୁ; ବୃହସ୍ପତି ଗ୍ରହର ନାମ ଆଙ୍ଗିରସ, ସୁର ଗୁରୁ; ଏବଂ ବୁଧ ଗ୍ରହର ଅନ୍ୟ ନାମ ସୌମ୍ୟ ବୋଲି ପ୍ରସିଦ୍ଧି ଲଭିଅଛି ।

ଗ୍ରହ ମାନଙ୍କର ଏହିସବୁ ନାମକରଣ ସଂପର୍କରେ କୌଣସି ସନ୍ଦେହ ହୁଏନାହିଁ, କାରଣ ଆବିଷ୍କାରଙ୍କର ନାମାନୁସାରେ ଆବିଷ୍କୃତ ବିଷୟର ନାମକରଣ ହୋଇଥାଏ । ୧୭୮୧ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୩ ତାରିଖରେ, ସାର୍ ଉଇଲିୟମ୍ ହାର୍ଶେଲ, ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ **Uranus** ଗ୍ରହ ଆବିଷ୍କାର କରିଥିଲେ । ଏହି ଆବିଷ୍କ୍ରିୟା ପରେ ଉକ୍ତ ଗ୍ରହର ନାମକରଣ ଯେନି ବହୁ ବାଦାନୁବାଦ ଘଟିଥିଲା । ହାର୍ଶେଲ୍, ରାଜା ଜର୍ଜଙ୍କ ନାମରେ **Gargeon Plant** ବୋଲି ଉକ୍ତ ଗ୍ରହର ନାମକରଣ କରିଥିଲେ । କିନ୍ତୁ ଅନେକ ଖ୍ୟାତନାମା ଜ୍ୟୋତିର୍ବିଦ୍, ଉକ୍ତ ଗ୍ରହକୁ ବର୍ତ୍ତମାନ ସୁଦ୍ଧା 'ହାର୍ଶେଲ' ନାମରେ ଅଭିହିତ କରୁଅଛନ୍ତି । କଲମ୍ବସ୍, ଆମେରିକାର ଆବିଷ୍କାରକ ବୋଲି ପ୍ରସିଦ୍ଧ



Digitized by srujanika@gmail.com

ଲଭିଥିଲେ ମୁଦ୍ଧା, ଆମେରିଗୋ, ପ୍ରଥମ ସମ୍ବାଦ ବହନକାରୀ ବୋଲି ତାଙ୍କ ନାମରେ ଅମେରିକାର ନାମକରଣ ହୋଇଥିଲା ।

ବର୍ତ୍ତମାନ ଏହି ଗ୍ରହମାନଙ୍କର କାଳ ନିର୍ଣ୍ଣୟ ବିଷୟରେ ପାଶ୍ଚାତ୍ୟ ଗବେଷକ Charles Seignobos. ଗ୍ରହାବିଷ୍କାରର ଗୌରବ ଭୃଗୁବଂଶୀୟମାନଙ୍କୁ ନଦେଇ ଏସବୁ ବାବିଲନ୍ ଓ ଗୃଲଦୀୟ ସଭ୍ୟତା ବୋଲି କହନ୍ତି । ସେ କହନ୍ତି ବାବିଲନ ଓ ଗୃଲଦୀୟଙ୍କ ପୂର୍ବପୁରୁଷଙ୍କଠାରୁ ଅମ୍ଭେମାନେ ଜ୍ୟୋତିଷର ପ୍ରାଥମିକ ତତ୍ତ୍ୱ ଅବଗତ ହେଲୁ ।

ପ୍ରସିଦ୍ଧ ଦିଗ୍‌ବିଜୟୀ ସମ୍ରାଟ ନେବୁକାଡରେଦର ନିର୍ମିତ ସପ୍ତତଳ ବିଶିଷ୍ଟ Tower of Babylon ଗ୍ରାହାଙ୍କିତ ସପ୍ତ ଗ୍ରହର ମୂର୍ତ୍ତି ଓ ବର୍ଣ୍ଣ ବୃତ୍ତାନ୍ତକୁ ମୂଳକରି ଜଣେ ଫରାସୀ ଅଧ୍ୟାପକ ମଧ୍ୟ ଉପରୋକ୍ତ ମତ ସମର୍ଥନ କରିଅଛନ୍ତି । ନେବୁକାଡ଼ରେଦ ଖ୍ରୀଷ୍ଟ ପୂର୍ବ ୬୦୪ ଠାରୁ ୫୬୧ ପର୍ଯ୍ୟନ୍ତ ମେସୋପୋଟାମିୟା, ସିରିୟା ବର୍ତ୍ତନ ଓ ବାବିଲନର ସମ୍ରାଟ ଥିଲେ । କିନ୍ତୁ ଏହାର ବହୁବର୍ଷ ପୂର୍ବରୁ ଗ୍ରହାବିଷ୍କାରର ଦୂରର କଥା, ଭାରତ ବର୍ଷରେ ସପ୍ତଗ୍ରହ ପୂଜା ପ୍ରଚଳିତ ଥିଲା ।

ଋଗ୍‌ବେଦ ପ୍ରଥମମଣ୍ଡଳ ୧୮୧ ସୂକ୍ତ ପ୍ରଥମ ଋକ୍‌ରୁ ଜଣାଯାଏ, ବସୁନ୍ଧରା ଚକ୍ରବତ୍ ପରିବର୍ତ୍ତିତ ହେଉଅଛି ବୋଲି ଆମ ପ୍ରାଚୀ ଋଷିମାନେ ଅବଗତ ଥିଲେ । ୭ ମଣ୍ଡଳର ୩୬ ସୂକ୍ତ ୮ ମନ୍ତ୍ରରେ ଋଷି-ମାନେ ପୃଥିବୀକୁ ଶେଷ ରହିତା ଅର୍ଥାତ୍ ଗୋଲାକାର ବୋଲି ଲେଖିଅଛନ୍ତି । ପ୍ରଥମ ମଣ୍ଡଳ ୮୨ ସୂକ୍ତ ତୃତୀୟ ଋକ୍‌ରେ ଋଷିମାନେ ପୃଥିବୀ ସଦୃଶ୍ୟ ଅନ୍ୟାନ୍ୟ ଗ୍ରହମାନଙ୍କୁ ପ୍ରାଣୀସଙ୍କୁଳ ବୋଲି କଳ୍ପନା କରିଅଛନ୍ତି । ଐତରେୟ ବ୍ରାହ୍ମଣରେ ସୂର୍ଯ୍ୟଙ୍କର ସ୍ଥିରତ୍ୱ ଓ ପୃଥିବୀର ଚଳନତ୍ୱ ସ୍ୱୀକୃତ ହୋଇଅଛି । ତୈତ୍ତିରୀୟ ସଂହିତା ଓ ବ୍ରାହ୍ମଣରେ ସପ୍ତ ବିଂଶତି ନକ୍ଷତ୍ରର ଉଲ୍ଲେଖ ଅଛି ।

ବାଲ ଗଙ୍ଗାଧର ତିଳକ ଓ ଦେଶବୀ, ପ୍ରମାଣ କରିଅଛନ୍ତି ଯେ ମୃଗଶିରା ନକ୍ଷତ୍ରରେ ବସନ୍ତ ବିଷୁବ (Vernal Equinox) ଦିନର କଥା, ଯାହା ଖ୍ରୀଷ୍ଟ ଜନ୍ମର ଚାରି ହଜାର ବର୍ଷ ପୂର୍ବେ ସଙ୍ଘଟିତ ହୋଇ ଥିଲା ।

ତିଳକ Orion ଗ୍ରନ୍ଥରେ ଲେଖିଅଛନ୍ତି, ଯେଉଁଠି ପୁନର୍ବସୁ ନକ୍ଷତ୍ରରେ ଦିବାରାତ୍ର ସମାନହୁଏ ଯାହା ଖ୍ରୀଷ୍ଟ ପୂର୍ବ ଛଅ ହଜାର ବର୍ଷପୂର୍ବର କଥା, ତାହାମଧ୍ୟ ଆମ ପୂର୍ବପୁରୁଷ ମହାଋଷିଗଣ ଅବଗତ ଥିଲେ ।

ଋଗ୍‌ବେଦର ଦଶମ ମଣ୍ଡଳର ୫୬ ସୂକ୍ତ, ବୃଷାକପି ସୂକ୍ତ ନାମରେ ପ୍ରସିଦ୍ଧ । Geldner ନାମକ ପ୍ରସିଦ୍ଧ ଜର୍ମାନ ପଣ୍ଡିତ ନିଜକୃତ Vedic Studies ରେ ଏହି ସୂକ୍ତର ସମ୍ୟକ ଆଲୋଚନା କରିଅଛନ୍ତି । ତିଳକ ଏହି ଆଲୋଚନାର ସମାଲୋଚନା କରିଅଛନ୍ତି । ଏଥିରୁ ଯେଉଁ ଜ୍ୟୋତିଷିକ ବିବରଣୀ ମିଳେ, ତହିଁରୁ ଏହାର ସମୟ ଖ୍ରୀଷ୍ଟ ପୂର୍ବ ୧୨୫୦୦ ଠାରୁ ୧୮୫୦୦ ମଧ୍ୟବର୍ତ୍ତୀ ବୋଲି ଜଣାଯାଏ ।

ଏସବୁ ଆଲୋଚନାରୁ ଜଣାଯାଏ ଗ୍ରହମାନଙ୍କର କାଳ ନିର୍ଣ୍ଣୟ ଓ ଆବିଷ୍କାର ଗୌରବ ପ୍ରାଗ୍ ବୈଦିକ ଯୁଗର ଆର୍ଯ୍ୟମାନଙ୍କର ଏବଂ ଏହା କେବଳ ଆର୍ଯ୍ୟ ସଭ୍ୟତା ।



Digitized by srujanika@gmail.com

# ମୋ ଦେଶ

ଶ୍ରୀ ବ୍ରଜସୁନ୍ଦର ପଟ୍ଟନାୟକ ବିଏ, ବି ଇ ଡ଼ି

ଘନ ଅନ୍ଧକାର  ବିଷାଦ ଅପାର
ହତାଶ ମୋ ଦେଶ-ପ୍ରାଣ
ଘୋଟିଛି ଅନିବାର,  ବହେ ଅଶ୍ରୁ-ବାରି
ଏ ଦୁଃଖ କିଏ ନଜାଣେ ? ।୧।

ନାହିଁରେ ଏକତା  ହୀନତା, ଜଡ଼ତା
ପୂରିଛି ସକଳ ମନ,
ନାହିଁ ତ ସୁଶିକ୍ଷା,  ସତ୍ୟ ଧର୍ମ-ଦୀକ୍ଷା,
ହଜିଛି ପ୍ରେମ-ରତନ ! ।୨।

କୁଟ କପଟତା,  ଅଜ୍ଞାନ, ଭୀରୁତା,
ଅଳସତା ହେଲା ସାର,
ନିଶିଥ-ଗଗନ  ମଧୁ ବଂଶୀ-ସ୍ୱନ
ଜୀବନେ ହେଲା ଅସାର ।୩।

କେତେ ଧର୍ମ-ବୀର  କେତେ କର୍ମ-ବୀର
ତପ ଆଚରି ଏ ଦେଶେ
ଜାଳି ଜ୍ଞାନ-ଦୀପ  ଗମିଲେ ସ୍ୱର୍ଗଲୋକ,
(କିନ୍ତୁ) କିହେଲା, କିହେଲା ଶେଷେ ।୪।

(ଆଜି) ଅଛି ଧର୍ମ-ଶାସ୍ତ୍ର  ଦେବତା ପବିତ୍ର
ମସଜିଦ, ଗିର୍ଜା, ମନ୍ଦିର,
(କିନ୍ତୁ) ନାହିଁ ଉଦାରତା  ନାହିଁ ପବିତ୍ରତା
ନାହିଁ ପୀରତି ଅନ୍ତର ।୫।

ସତ୍ୟ, ପ୍ରେମ, ନ୍ୟାୟ  ତେଜି ମନ କାୟ
ଲୁଚିଲେ କେଉଁ ଭୂମିରେ,
ଭାସଇ ମୋ ଦେଶ  ସାହା ନାହିଁ ଲେଶ,
ମିଥ୍ୟା-ହିଂସା-ସିନ୍ଧୁ-ନୀରେ ।୬।

ସତତ ମନ୍ଦିର୍  ମାନବ ଦେବତ୍
ହେଲେ ଭୁଲି ଯେବେ ଜନେ,
ମନ୍ଦିର ଦେବତା  ଶାସ୍ତ୍ର ଯେ କବିତା
ପୋଡ଼ି ଜଳିଯାଉ କ୍ଷଣେ ।୭।

ନାନା ଛବି ଛପ  ହେଉ ଜଳେ ଲୋପ
ପ୍ରଳୟ ଘୋଟୁ ଭୂମିରେ,
ପ୍ରାଚୀନ ସମ୍ପଦ  ସକଳ ବିଭବ
ଭାସିଯାଉ କାଳ-ନୀରେ ।୮।

(କିନ୍ତୁ) ନହୁଅ ହତାଶ  ଅନ୍ତର ବିକାଶ-
ହେବ ଅନ୍ଧକାର କୋଳେ,
ମହତ ମାନବ  ଗନ୍ଧ-ହୃଦ-ଭାବ
ପାଲ ଯଦ ଖୋଲେ ଖେଳେ ।୯।

ସତ୍ୟ, ପ୍ରେମ, ଶାନ୍ତି,  ଅହିଂସା ଯେ ମୈତ୍ରୀ-
ଭାବ ନଥିଲା ଏ ଦେଶେ,
ଭୁଲିଅଛ ବୋଲି  ସିନା ଦେଶେ ବୁଲି
(ଆଜି ସେ) ସ୍ୱତନ୍ତ୍ର ଛପି ବେଶେ ।୧୦।

ହିମାଚଳ କୋଳୁ  ବହେ କୁଳୁ କୁଳୁ
ଶାନ୍ତି-ପ୍ରୀତି-ମୈତ୍ରୀ-ଝର,
ଭୁଲି ନାନା ଭେଦ  ହୃଦ-ମନ-ଖେଦ
ସେ ପୀୟୁଷ ପାନକର ।୧୧।

ଏକତା ମନ୍ତ୍ରର  ଜପ ନିରନ୍ତର
ସେହି ସିନା ଦେବ-ବାଣୀ,
ନୀଳ ପାରାବାର  ଉଦାର ଅନ୍ତର,
କୋହିନୂର ଦେବ ଆଣି ! ।୧୨।

ଅନ୍ଧକାର ଭିତରେ  ଆଲୋକ ଅନ୍ତରେ
କୋଟି ପୁଣ୍ୟ-ରଶ୍ମି ମେଲି
ଟେକିବ ଭାସିବ,  ମୋ ଦେଶ ହସିବ
ଶତ ବ୍ୟଥା ମନୁ ଠେଲି ।୧୩।

ଜଗତ କରତା  ସର୍ବ କର୍ମଦାତା
ବିରାଜ ଜନ ଅନ୍ତରେ,
ଦୁଃଖ-ତମ ନାଶି  ଆଲୋକ ପ୍ରକାଶି
ଭସାଅ ପ୍ରୀତି-ମନ୍ତ୍ରରେ ।୧୪।



Digitized by srujanika@gmail.com

# ଜୀବନଯାତ୍ରା

ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

(୧)

ପୂର୍ବୀୟ ଗିରିମାଳା ମଧ୍ୟରେ ଗୋଟିଏ ଛୋଟ ପାହାଡ଼ୀ ଗାଁ । ସାମନାରେ ଝରଣାଟିଏ ଅନୂଢ଼ା ତରୁଣୀପରି ହସି ଖେଳି, ନାଚି ଗାଇ ବହି ଯାଉଚି, ଗାଁର ପଛପଟରେ ଗୋଟାଏ ମସ୍ତବଡ଼ ପାହାଡ଼ ବୃଦ୍ଧ ଯୋଗୀପରି ଜଟା ଲମ୍ବାଇ—ନିସ୍ତବ୍ଧ ଏବଂ ଗମ୍ଭୀର, ଆପଣା ଭାବରେ ନିମଗ୍ନ—ଠିଆ ହୋଇ ରହିଚି । ମନେ ହୁଏ ଯେପରି ଏଇ ଗାଁଟି ତାର ବାଲ୍ୟକାଳର ସ୍ମୃତି ଅବା ଭରପୂର ଯୌବନର କୌଣସି ସୁନେଲି ସ୍ୱପ୍ନ । ଗାଁଟିରେ ସମସ୍ତ କୋଡ଼ିଏ କି ପଚିଶଟି କୁଡ଼ିଆ ଖଣ୍ଡ ଖଣ୍ଡିଆ ପଥର ଉପରେ ପଥର ଲଦି କାନ୍ଥ ତିଆରି; ଉପରେ ପାହାଡ଼ିଆ ଛଣ ଛାଉଣି; ମୁହଁରେ ବାଉଁଶ ତାଟି, ଗ୍ରାମବାସୀ ଆପଣା ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ନେଇ କେତେ କାଳଧରି ଏଇ କୁଡ଼ିଆ ଗୁଡ଼ିକରେ ରହି ଆସିଚନ୍ତି-ଭଗବାନହିଁ ଜାଣନ୍ତି ।

ପୌଷର ଗୋଟିଏ ରାତି, ଘନଘୋର ଅନ୍ଧାର, ସହଜେ ଶୀତ; ତାର ଉପରେ ଟିପି ଟିପି ଅକାଳ ବରଷା, ମୃତ୍ୟୁ ପଟଳର ସନ୍ନାଟ ମାଡ଼ିପଡ଼ିଚି ଜୀବ ଜନ୍ତୁଙ୍କ ସାଡ଼ା ଶବଦ ନାହିଁ ।

ଗୋଟିଏ କୁଡ଼ିଆ ଭିତରେ ନିଆଁ ଜଳୁଚି ଅଳ୍ପ ଅଳ୍ପ । ଖଣ୍ଡେ ଓଦା କାଠଫଳା କୁହୁଳି କୁହୁଳି ଧୂଆଁରେ କୁଡ଼ିଆ ଭିତର ଅନ୍ଧକାରକୁ ଆହୁରି ବିକଟାଳ କରି ତୋଳିଚି । ଦେହଟିକୁ ଗୋଟାଏ ଛିଣ୍ଡା ଲେଙ୍କେଡ଼ା ବନାତରେ ଘୋଡ଼େଇ, କାନ୍ଥ କୋଳରେ ହାତଯାକି ଖଣ୍ଡେ କାଠ ମୁଣ୍ଡାପରି ଛୁଗୁଣ୍ଡି ବେମ୍ବୁ ନିଆ କଡ଼ରେ ଗଡ଼ିଚି । ଉପବାସର ଆଜି ଦ୍ୱିତୀୟ ରାତି । ପିଣ୍ଡରୁ ପ୍ରାଣକୁ ଅଲଗା କରିବା ପାଇଁ ଆହୁରି କେତେ ଗୋଟା ରାତି କାଟିବାକୁ ହେବ । ସେହି ଗଣନାରେ ମଗ୍ନ ବେମ୍ବୁର ଆଖିରେ ନିଦ ଢଳ ଢଳ କରୁଚି । ମଝିରେ ମଝିରେ ମନେ ପଡ଼ିଯାଉଚି କିଛି; ତାର ସ୍ମୃତି ଭିତରଟା କରତ ହୋଇ ଯାଉଚି—ଯନ୍ତ୍ରଣାରେ କେବଳ ଛଟପଟ କରୁଚି, ଆହା କେଡ଼େ ସୁନ୍ଦର ପିଲା ଦୁଇଟି ତାର ! ମରିବା ପୂର୍ବରୁ ଥରେ ଆଉଁସି ଦେବାର ସୌଭାଗ୍ୟ ସୁଦ୍ଧା ନାହିଁ ।

(୨)

ବାପାର ଋଣ ବାବଦକୁ ବେମ୍ବୁ କୁମୁଟି ଘରେ ଦଶବର୍ଷ ଗୋତି ଖଟିଲା । ଉଁ ଚୁଁ ନକରି ଯେତେ ଅତ୍ୟାଚାର ନିଜର କରି ସହି ନେଲା । ତାପରେ ତ ମୁକ୍ତ, ଦାସତ୍ୱର ବେଡ଼ି ଗୋଡ଼ରୁ ଫିଟିଲା । ଆଖି ଆଗରେ ନୂଆ ସଂସାର । ସମ୍ବଳ ନିଜର ସୁସ୍ଥ ଶରୀର ଆଉ ପିତାର୍ଜିତ କୁଡ଼ିଆ ଖଣ୍ଡିକ । ପରିଶ୍ରମ ତାର ଚିର ସହଚର । ତାରି ସାହାଯ୍ୟରେ ତାକୁ ଏଥର ନିଜର 'ରୁଟି' ଆଦାୟ କରିବାକୁ ହେବ । ପରାଧୀନାବସ୍ଥାର ଅଭ୍ୟସ୍ତ ନିର୍ଦ୍ଦେଶନଶୂନ୍ୟ ଜୀବନ ଯାପନ ତାକୁ କ୍ଷଣକ ପାଇଁ ଅସହାୟ କରି ପକାଇଲା । ହେଲେହେଁ, ଟାଙ୍ଗି ଖଣ୍ଡିକ କାନ୍ଧରେ ଝୁଲାଇ ସେ ଚାଲିଲା ତାର ପୈତୃକ ସମ୍ପତ୍ତି ଦଖଲ କରିବାକୁ ।

ପ୍ରକୃତିର ଦୁର୍ବଳ ସନ୍ତାନ-ସାହୁକାରର କାମନାଧୀନ ପୁତ୍ତୁଳ-ଦୀନତାର ପ୍ରତିମୂର୍ତ୍ତି ବେମ୍ବୁ ଡ଼ୋଙ୍ଗର ହାଣି, ବଗାଡ଼ି ଘୋଡ଼ି, ପଥୁରିଆ ଭୂଇଁର ମାଟି ଚେଲି ଜହ୍ନା, ସୁଆଁ, କାଙ୍ଗୁ, ଗୁରୁଜି, ଓଦା, ଘାଣ୍ଟିଆ ଆଦି ନାନା ରକମର ପାହାଡ଼ୀ ଶସ୍ୟ ଆଦାୟ କଲା । ପରିଶ୍ରମ ଯାହାର ଯୋଗ୍ୟତା, ପେଟ ତାର କେବେବି ଖାଲି ରହେନି; ବେମ୍ବୁର ମଧ୍ୟ ରହିଲାନି । କିନ୍ତୁ ଦିନ ସାରା ଖଟି ଖଟି ସେ ଯେବେ ନିର୍ଜନ କୁଡ଼ିଆକୁ ଫେରେ ମନଟା ତାର ଦବି ଦବି ଯାଏ । ନିଜ ଭିତରେ ଆଉ ଘର ଭିତରଟା ଖାଲି ?



Digitized by srujanika@gmail.com

ଲାଗେ । କେହି ଜଣେ ଯଦି ତାର ପାଇଁ ମୁଠେ ଫୁଟାଇ ଦେବାକୁ ଥାଅନ୍ତା ।

ଦେବତାର ଆଶୀର୍ବାଦ ଗୋଲାମୀ ନେଇ ବଣ ଭିତରେ ବେସୁର ଜନ୍ମ । ବୁଦ୍ଧି ଜାଣିବା ଦିନରୁ ଅଭାବ, ଅନାଟନ ଭୁଲେ ତାର ନିତ ପରିଚୟ । କ୍ଷୁଧା ମୁଖ କଣ ସେ ଦିନେ ଜାଣିନି । ମାଆ କୋଳରେ ବଢ଼ି ମାତୃ ହୃଦୟର ସ୍ନେହ, ସାରଲ୍ୟ ଉପଭୋଗ କରିବାର ସୁବିଧା, ସୁଯୋଗ, ସୌଭାଗ୍ୟ ତାକୁ ମିଳିନି । ଜୀବନ ତା ପକ୍ଷରେ ବିଡ଼ମ୍ବନା ।

ଫ୍ଳରେ ନବଜୀବନର ବହୁତ ଭିଡ଼ କେତେ ଫଗୁଣ ବେସୁର କୁଡ଼ିଆ ମୁହଁରୁ ଫେରି ଯାଇଛି । ବକୁଳ କେତେଥର ତାର ଉପରେ ଝଡ଼ିପଡ଼ି ସୁଗନ୍ଧରେ ଚଉଦିଗ ଅମୋଦିତ କରି ଦେଇଛି । ତାର କୁଡ଼ିଆ ଡାଖ ଅମ୍ବପତ୍ର ଭିତରେ ଅମ୍ଗୋପନ କରି କୋଇଲି କେତେ ଥର ସଙ୍ଗୀତର ଉନ୍ମାଦନା କୁହୁରଣ ଶୁଣାଇ ଦେଇଛି । ବେସୁ ନିଜକୁ ନିଜେ ବୁଝିପାରି ନଥିଲା; ନିଜ ଭିତର କଥା ନିଜେ ଶୁଣି ପାରିନଥିଲା । ଅପ୍ରାପ୍ତ ବୟସରୁ ଗୋଲାମୀର ଅଭିଶାପ ତାକୁ କରି ଦେଇଥିଲା ମୂକ, ବଧିର—ଜଡ଼ ।

(୩)

ଝରଣାତଳ ଘଞ୍ଚ ନିର୍ଜ୍ଜନ ଓ ଝଙ୍କାଳି ବୁଦା ଭିତରେ ହୁଚି ସାମନ୍ତା ଝିଅ କନ୍ଦ ଥିଲେ ବେସୁର ପ୍ରଥମ ଦେଖା । ବୁଦା ଭିତର ଦେଇ ଯାଇଥିବା ସରୁ ଝରଣା କୂଳିଆ ବାଟ ଉପର ଗୋଟାଏ ଛୋଟ ପଥର ଚଟାଣ ଉପରେ କାଠ ଭାର ଥୋଇ ହାଲିଆ ମାରୁଥିଲା । ବେସୁ ଅଣ୍ଟୁ ବୁଡ଼ା ପାଣିରେ ମାଠି ମାଠିଅଟି ଖେଳେଇ ଖେଳେଇ ମନକୁ ମନ ଗୁଣୁଗୁଣୁ ହୋଇ କନ୍ଦ ଗାଉଥିଲା । "ଲତା ଲେଞ୍ଜୁ ଡା ଡିଣ୍ଡୁଟେ, ଟିଣିପିମାନେଦ୍ଧିଁଡଟେ" । ବେସୁ ଅପଲକ ନୟନରେ କନ୍ଦକୁ ଚାହିଁ ରହିଲା । କନ୍ଦର ସଙ୍ଗୀତ ତା ଦେହରେ ବିଜୁଳି ଖେଳେଇ ଦେଉଥିଲା; ଯାଦୁ କରି ଯାଉଥିଲା । ଟାଙ୍ଗି ସାହାଯ୍ୟରେ ପଥ ପରିଷ୍କାର କରି ଘାଟି ଉପରେ ଆଣ୍ଠେଇ ଆଣ୍ଠେଇ ପର୍ବତ ଚୂଳକୁ ଉଠିଯାଏ ବେଳେ କେତେ ଶହ ଝରଣା ଜଳରେ ସେ ବହୁବାର ଧାଙ୍ଗିଡ଼ା ଝିଅଙ୍କର ଉଲଗ୍ନ ଜଳକେଳି ଦେଖିଛି । ସେହି ସବୁ ଦୃଶ୍ୟ ତାକୁ ଦିନେ ହେଲେ ପ୍ରଭାବିତ କରିନି । କିନ୍ତୁ ଆଜିର ଝରଣା, ଆକାଶ, ପବନ, ପାହାଡ଼ - ସବୁ ତାର ଆଖିରେ ହାସ୍ୟମୟ ରହସ୍ୟମୟ ଦେଖାଗଲା । ପାଚିଆ ନୋଙ୍ଗର ଶିରରେ ଅସ୍ତାସ୍ତ ସୂର୍ଯ୍ୟର କନକ ଆଭା; ପର୍ବତ ଉପରେ ବିଛୁରିତ ଧୂସର ବାଉଦମାଳା; ଶାନ୍ତ ନୀଳ ଆକାଶ; ଆଉ ତାର ତଳେ କଳଭାଷୀ ଝରଣା ଜଳରେ ଗାନରତା ଫୁଲ୍ଲ ଯୌବନା କନ୍ଦ, ବେସୁ ଉତଳା ହୋଇ ଉଠିଲା । ଆବେଗକୁ ସମ୍ଭାଳି ନପାରି ସେ ଦୌଡ଼ିଗଲା କନ୍ଦ ପାଖକୁ । ବେସୁକୁ ଦେଖିପାରି କନ୍ଦ ଗୀତ ବନ୍ଦ କରିଦେଇ, ମୁରୁକି ହସି, ମୁଣ୍ଡ ଉପରକୁ ମାଠିଆ ଟେକି କୂଳକୁ ଉଠି ଆସିଲା । ତାପରେ ବେସୁର ମିନତି; କନ୍ଦର ଆପତ୍ତି ।

ସମୟ ଉଣ୍ଡି ବେସୁ ଘାଟ ଜଗିଥାଏ । ପ୍ରତି-ଦିନ ସଞ୍ଜ ସକାଳେ କନ୍ଦ ଗରୁଆ ଘାଟକୁ ପାଣି ଆଣିବାକୁ ଯାଏ । ବେସୁ କନ୍ଦର ବାଟ ଓଗାଳେ । ତାକୁ ତାର ହେବା ପାଇଁ ଅନୁରୋଧ କରେ, ଜଗର କରେ, ଜଞ୍ଜାଳ କରେ । ତାର ମୁଣ୍ଡର ମାଠିଆ ଓହ୍ଲେଇ ଦେଇ ବେସୁ କନ୍ଦକୁ ବାଟ ଉପରୁ ଗଛ ଗହଳି ଭିତରକୁ ଟାଣି ନେଇଯାଏ । ହଁ-ନାହିଁ, ଯିବ-ଯିବନି ଭିତରେ କନ୍ଦ ରାଜି ହୁଏ । ନିଭୃତରେ, କଳାକଳ ନିନାଦିରତା ସ୍ୱଚ୍ଛତୋୟା ବଂଶଧାରା ତୀରରେ ସେ ବେସୁକୁ ସ୍ୱାମୀ ପଦରେ ବରଣ କରେ । ଆକାଶର ଚନ୍ଦ୍ର ସତେ ଅବା ବେସୁର ହାତକୁ ଖସି ଆସିଲା ! କନ୍ଦ ହେବ ତାର ଜୀବନ ସଙ୍ଗିନୀ, ସୁଖ ଦୁଃଖର ସହଚରୀ ! କିନ୍ତୁ ଜାଲ ବାନ୍ଧିବାକୁ ତା ହାତରେ ଟଙ୍କା କାହିଁ ? କନ୍ଦ ପରି କନିଆଁ ପରଜାକୁଳରେ ବିରଳ, ସାମନ୍ତା କଣ ତାକୁ କୋଡ଼ରୁ ଟିପ ଛାଡ଼ିବ ?



Digitized by srujanika@gmail.com

(୪)

ପୁଣି ଗୋତି, ଗୋଲାମୀ, ଦାସତ୍ୱର ବେଡ଼ି । ଜାଲି ବାବଦ ଟଙ୍କାକୁ ସେ କୁମୁଟି ମହାଜନକୁ ପାଞ୍ଚ ବର୍ଷ ପାଇଁ ପୁଣି ଗୋତିପତ୍ର ଲେଖି ଦେଲା । କିନ୍ତୁ ଘରେ ରହିଲା; ବେସୁ ଫେରି ଗଲା କୁମୁଟିର ଗୋତି ଖଟିବାକୁ । ନିଷ୍ପେଷିତ, ନିଃସ୍ୱ, ଚିରଦରିଦ୍ର କୋରାପୁଟ ପରଜାର ଏହାହିଁ ଜୀବନ । ଜାତି ଭାଇଙ୍କ ମଦ ପରଶିବା ପାଇଁ ସେ କୁମୁଟି ପାଖରୁ ହୁଏତ ପାଞ୍ଚଟଙ୍କା ଉଧାର ନେଇ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାର ସର୍ବସ୍ୱ—ମୁଣ୍ଡର ଝାଳ ତୁଣ୍ଡେ ମାରି ପରିଶ୍ରମର ଫଳ ମାଣ ମାଣ କରି ମାପି ଦେଉଛି । ତେବେ ସୁଦ୍ଧା ତାର ଋଣରୁ ପରଜା ରକ୍ତଶୋଷକ ଜୋକ କୁମୁଟିର ଟଙ୍କା ସୁଝୁନି; ସୁଝିବନି ତାର ବଂଶର ଜଣେ କେହି ଔରସ ଥିଲା ପର୍ଯ୍ୟନ୍ତ, ସଭ୍ୟମାନଙ୍କର ଆଶା ରାକ୍ଷସ କବଳରୁ ନିଜକୁ ବଞ୍ଚାଇବା ପାଇ ସେ ବଣ ଭିତରେ, ପାହାଡ଼ ଚୂଳରେ ବାଘର ପ୍ରତିଦ୍ୱନ୍ଦ୍ୱୀ ହୋଇ କୁଡ଼ିଆ ବାନ୍ଧିଛି; ତେବେ ବି ରକ୍ଷା ପାଉନି । ଦେହସହା ହୋଇ ବାଘ ଆସ୍ତେ ପାଲଟିଛି ପରନ୍ତୁ ବାଘଠାରୁ ବଳି ହିଂସ୍ର ତଥାକଥିତ ସଭ୍ୟ ମାନବ ପରଜା ପଛରେ ଗୋଡ଼ାଉଛି ତାର ରକ୍ତ ଶୋଷିବାକୁ, ତାକୁ ଗୋଟାସୁଦ୍ଧା ଗିଳି ପିବାକୁ । ଜୀବନର ମାୟାଡ଼ୋରି ନେଇଁ ଯେଉଁ ଅରଣ୍ୟର ଝାଙ୍କର ଉପରେ ବଣହାଣି, ବଗଡ଼ ଯୋଡ଼, ଦିନରାତି ପରିଶ୍ରମ କରି ଯେଉଁ ମୁଠାଏ ଯୋଗାଡ଼ କୁଡ଼ିଆ ମୁହଁରେ ଥୋଇଲା ସେଇଟିକୁ ବଣ ପିଅଦା ଆସି ହାଙ୍କରେ— "ଦେ, ପାନ୍, ମାମୁଲ୍, ଅଣ୍ଡା କୋଷା, ଭେଟିଆ," ପରଜାର ଆଶା ଥରିଗଲା; ହୃଦୟ ଶୁଖିଗଲା । ମାଡ଼ିଦେଲା ସବୁ ଝାଉଁଳି, ତେବେବି ମୁକ୍ତି ମିଳୁନି । ପୁଣି ଗୋତି, ଗୋଲାମୀ, ପାଦ ଦୁଇଟିରେ ମୁକ୍ତି ବେକା ........

ଜୟପୁର ଜମିଦାରୀ ଭିତରେ ଅଣ ଓଡ଼ିଆ କର୍ମଚାରୀଙ୍କ ନିର୍ମମ ପୀଡ଼ନ ଫଳରେ ସେଠାକାର ଆଦିବାସୀଙ୍କ ଅବସ୍ଥା ଦିନକୁଦିନ ଶୋଚନୀୟ ହୋଇ ଯାଉଛି । ଲୋକଙ୍କ ମନରେ ସବୁବେଳେ ଖାଲି ଆତଙ୍କ ଓ ହାହାକାର । ଯେଉଁ ସର୍ବଗର୍ଗଲା ମାତୃବାଦୀ ଅଣଓଡ଼ିଆ କର୍ମଚାରୀଙ୍କ ବିଦ୍ୱେଷ ଓ ଅତ୍ୟାଚାର ଫଳରେ ଆଦିବାସୀଙ୍କର ଅବସ୍ଥା ଆଜି ଏତେ ଶୋଚନୀୟ, ଏତେ ମର୍ମନ୍ତୁଦ, ସେହି ସେହି ମତର ପ୍ରବଳ ସମର୍ଥକ ଜଣେ ଅଣ-ଓଡ଼ିଆ ସମ୍ପ୍ରତି ଲାଟ ସଭାରେ ତାଙ୍କର ପ୍ରତିନିଧି ! ଏ ଜାତିର ବୁକୁରେ ସ୍ପନ୍ଦନ ଅଛି ନା ଗଲାଣି ? ଏ ଖଣ୍ଡଖଣ୍ଡିଆ ଦେଶ ରହୁଛି ନା ଯାଉଛି ? ଏ ପ୍ରଶ୍ନର ଉତ୍ତର ମିଳିନି; ମିଳିବନି କେବେ ହେଲେ, ଯାହା ।

(୫)

ଆଜି ମୁକ୍ତି ପାଇ ବେସୁ ଘରକୁ ଫେରିଛି । ସମ୍ବଳ ଟିକକ ଯୋଷି ଅନ୍ତ ରଉଡ଼ିର ଲହୁହାର ଗଠନ ଧାରୁଆ ଠାଙ୍ଗି । ଆଶା, ଆକାଂକ୍ଷା ଶୂନ୍ୟ । ବିନ୍ଦୁ ଏ ପ୍ରତିହିଂସା ମଦ ତାର ରକ୍ତରେ ସୃଷ୍ଟି ହୁଅନ୍ତା ତେବେ ସେ ସେହି ରଉଡ଼ିକେ ମାତ୍ର ଠାଙ୍ଗିରେ ତାର ସମସ୍ତ ଅତ୍ୟାଚାର ଓ ପୀଡ଼ନର ପୁରସ୍କାର ଦେଇ ପାରନ୍ତା । ଅତ୍ୟାଚାରୀ କୁମୁଟି-କର୍ମଚାରୀ ମେଣ୍ଟକୁ ଷଡ଼ ବିଷଡ଼ କଣ୍ଡ ଛଦାର ଦିଅନ୍ତା । କିନ୍ତୁ ହାୟ ! ଠାଙ୍ଗି ତାର ଜେଡ଼ା ବଣ ମାରିବା ପାଇଁ, କାଠ କାଟିବା ପାଇଁ; କୁମୁଟିର ରକ୍ତଧାରା ଦେଖିବା ପାଇଁ ନୁହେଁ; ଦୁନିଆର ସବୁଠିଁ ଗୋଟି ଏକସଙ୍ଗ ତାର ଜୀବନରେ ଲାଗି ଗୁଡ଼ିଲଗିଲାଣି । ତାର ବୁକୁରେ ପ୍ରେମର ଜୁଆର ଆଉ ନାହିଁ, ମନରେ ସଚ୍ଚୋଗର ପିପାସା ନାହିଁ ଅଛି କୁଟି ଅଧାସୁଦ୍ଧ ଦାରୁଣ ସମସ୍ୟା । କିନ୍ତୁ ତାର ସ୍ୱାମୀକୁ ପାଞ୍ଚ ବର୍ଷ ପରେ ଫେରି ପାଇଛି । ପାଦ ତାର ତଳେ ଲାଗୁନି । କେତେ କଣ ମନରେ ପାଞ୍ଚି ତାର ଗୋଟାପଣକ ଦେହ ଉଲସି ଉଠୁଛି । ସେ ଆଜି ବେସୁକୁ 'ଆଶା', ଛୁଟି, 'ରାଜି' ପେଟ ପୁରାଇ ଖୋଇବ । ଆଜି ତାର ପାଇଁ ସିନା ବେସୁ ଏତେ କାଳ ଗୋତି ଖଟିଲା ! ପେଟ ପୂରାଇ ଥରେ ଖାଇବାକୁ ପାଇଲେ ପରଜାର ଆନନ୍ଦ ବନ୍ଧ ଲଙ୍ଘି ଯାଏ । ଏ ଜାତିର ଭବିଷ୍ୟତରେ କଣ ଅଛି କିଏ କହି ପାରିବ ?



Digitized by srujanika@gmail.com

କାଳ ସୁଅରେ ଆଉ ପାଞ୍ଚଟି ବର୍ଷ ଭାସି ଗଲଣି । କନ୍ଧ ଏକ୍ଷଣି ଦୁଇଟି ପିଲାର ମାଆ । ଦୁହେଁ ଯଥା ସାଧ୍ୟ ପରିଶ୍ରମ କରି ଆପଣାର ଛୋଟିଆ ସଂସାରଟି ଚଳାଇ ନେଉଛନ୍ତି । ପରଜା ଭାଗ୍ୟ ପଟ୍ଟରେ ବିଧାତା ସୁଖ ଲେଖିଛି କେଉଁଠି, ବେସୁ କନ୍ଧ କେଉଁଠୁ ବେଶିଦିନ ସୁଖରେ ରହି ପାରନ୍ତେ ?

ବଣ ଭିତର ଫସଲ—ହରିଣ, ସମ୍ବରର ଭୋଜି, ଲୋଭ ସମ୍ଭାଳିବା ବଡ଼ ଉତ୍କଟ ହୋଇ ରହି ବେସୁ କ୍ଷେତରୁ ଜନ୍ତୁ ତଡ଼ୁଥିଲା । ଶେଷକୁ ନ ପାରି ବସେଇଲା 'ମାଳ' । ପରଦିନ ସକାଳେ ଦେଖିଲା ବେଳକୁ ଦଶବାଉର ସମ୍ବର ମରି ଶୋଇଛି । ଆରମ୍ଭ ହେଲା ମାମୁଲର ସୁଅ—ଠାଣା ଆମୀନଙ୍କୁ ମୁଣ୍ଡ ଅଉ ବେକ । ଫରେଷ୍ଟରଙ୍କୁ ଚମଡ଼ା । ରିବନ୍ୟୁ ନାଇକଙ୍କୁ ଜଙ୍ଘ ଚକ । ବାକି ପୁଲିସ୍ ଡାକ୍ତର ଇତ୍ୟାଦିଙ୍କ ପୁଡ଼ା ଠେକା । ଖବର ପାଇ ଆଖ ପାଖ ଗାଁର ଶୁଣ୍ଡି ବସ୍ତିର କୁମୁଟି, ଅଉ ଅଉ ଲୋକେ ଧାଇଁ ଆସିଲେ । କିଏ ଦୁଇଅଣା ଦେଇ ଠିକାକରି ମାଉଁସ ଉଠେଇଲା । କିଏ ପୁରୁଣା ବାକିରେ ପେଟ ବସେଇଲା । କିଏ ବା କାଲିକି ଦେବି କହି ସିଧା ମୁହେଁଇଲା ଘରକୁ । ବଳକା ମାଂସତକ ଗାଁ ଲୋକେ ବାଣ୍ଟି ଖାଇଲେ । ଛାଲ ଗୋଟାକ ଜଣେ ବିଦେଶୀ ବେପାରୀ ଟଙ୍କାଟିଏ ଦେଇ କିଣିନେଲା । ଏକଥା ଫରେଷ୍ଟର କାନରେ ପଡ଼ିଲା । ବାବୁ ଗର୍ଜି ଉଠିଲେ, "ଅଁ, "ଇତେ ସାହସ ?" ଛାଲ ତଳବରେ ଦୁଇ ଜଣ ବିଟ ପିଅଦା ଦଉଡ଼ିଲେ । ଛାଲ ଅଉ ପଡ଼ିଅଛି କୁଆଡ଼େ ଫରେଷ୍ଟରଙ୍କର ମାମୁଲି ! ବେସୁ ଛାଲ ବିକା ଟଙ୍କାଟି ପିଅଦାଙ୍କୁ ଦେଇ କେତେ ମିନତି କଲା, ଶୁଣୁଛି କିଏ ? ବରଂ ବିଟ ବଣରକ୍ଷୀ ଓ ପିଅଦାଙ୍କୁ ମାରିବା ଅଭିଯୋଗରେ ଫରେଷ୍ଟର ବେସୁ ବିରୁଦ୍ଧରେ ମକଦ୍ଦମା ଦାଏର କଲେ । କୋର୍ଟ୍ପୁଟକୁ ଗୁଡ଼ିଏ ପାଞ୍ଚ ଥର ଦଉଡ଼ିବା ପରେ ବେସୁକୁ ତାର ସାଧୁତା ଓ ସହନଶୀଳତାର ପୁରସ୍କାର ସ୍ୱରୂପ ମିଳିଲା ଅଠମାସ ସଶ୍ରମ କାରାବାସ । କନ୍ଧ ଭୟରେ ମୁଣ୍ଡ ପିଟିଦେଲା । ଛୁଆ ଦୁଇଟିଙ୍କୁ ନେଇ ଲାଜ ପଗଡ଼ିଆଙ୍କ ଗୋଡ଼ତଳେ ଗଡ଼ିଗଲା । ବେସୁ ନିସ୍ତବ୍ଧ, ମୂକ । ସେ କଣ ଭାବୁଥିଲା ଭଗବାନଙ୍କୁ ଗୋଚର ! ସରକାର ଶକ୍ତି ସାମନାରେ ସାମାନ୍ୟ ପରଜା କେତେ ?

(୭)

ଜେଲର ଫାଟକ ଖୋଲିଲା । ଜଣେ ସିପେଇ ଲୁଗାଣ୍ଡା ବେସୁର ହାତ ଧରି ସଡ଼କ ଉପରେ ଛାଡ଼ି ଦେଇ ଗଲା । ତାର ପଛରେ ଲୁହାର କବାଟ ଋଣ୍ ଝଣ କରି ବନ୍ଦ ହୋଇଗଲା । ସେ ଆଉ ଫେରି ଗୃହଁ ଲାନି । ଦେହରେ ବଳ ନାହିଁ, ମୁଣ୍ଡ ଘୂରି ଯାଉଛି; ସେ ସେଇଠି ରାସ୍ତା କଡ଼ରେ ଦଣ୍ଡେ ବସିଗଲା । ପାଁ ପାଁ କରି ରଜାଘର ବଡ଼ ଦିବାନର ମୋଟରଟା ରାସ୍ତାରେ ଧୂଳି ଉଡ଼େଇ ଗ୍ଲିଗଲା । ତାର ପଛକୁ ଲାଗି ଗୋଟା ମାଜିଷ୍ଟ୍ରେଟ୍‌ରେ ମୋଟର । ବେସୁ ଧୂଳିରେ ପୁରୁଣ ହୋଇ ଗଲା । ଜମିଦାରର ସମ୍ପଦର ହେତୁ ଅନାଥ ପରଜା ଧୂଳିରେ ଗଡ଼ାଗଡ଼ି ଦେଉଛି !

ପଛ ଉଠି, ମର ଭିଇଁ ମୁହଁ ସଞ୍ଜବେଳକୁ ସେ ଯେବେ ତାର କୁଡ଼ିଆ ମୁହଁରେ ପହଞ୍ଚିଲା ଶୋକରେ ତଣ୍ଟି ଶୁଖି ଯାଉଥାଏ । ତିନି ଓଳି ହେଲା ପେଟରେ ଗୁଣ୍ଡିଟି ପଡ଼ିନି । ଆକାଶରେ ମେଘ ଡାକୁଛି । କୋହଲ ପବନ ପିଟୁଛି । କାହାର ସାଡ଼ା ଶବଦ ନାହିଁ । ତାର ପିଲା, କନ୍ଧ ସବୁ ଗଲେ କୁଆଡ଼େ ? ଅସ୍ପଷ୍ଟ ସ୍ୱରରେ ବେସୁ ଡାକିଲା, "ଅଲେ କନ୍ଧ"। ତାର ଡାକର ଉତ୍ତର ଦେଇ ନିଶାଚର ପକ୍ଷୀଟାଏ ଫଡ଼ଫଡ଼ କରି ଉଡ଼ିଗଲା । କଷ୍ଟେମଷ୍ଟେ ହାମ୍ବୋଉ ହାମ୍ବୋଉ ସେ ପିଣ୍ଡା ଉପରକୁ ଉଠିଲା । ଭାବିଲା ପିଲାମାନଙ୍କୁ ନେଇ କନ୍ଧ କାହା ଘରକୁ ଯାଇଛି; ଆସୁଥିବ । ରାତି ଘଡ଼ିଏ ହେଲା; କନ୍ଧର ଦେଖା ନାହିଁ । ଶୀତରେ ଦେହ ଥରି ଯାଉଛି ।



Digitized by srujanika@gmail.com

କେତେବେଳେ ପଡ଼ଶାଘର ପୁତୁର ମାଆ ବୁଢ଼ୀ ପଦାକୁ ବାହାରିଲାରୁ କ୍ଷୀଣ ସ୍ୱରରେ ବେସୁ ତାକୁ ପାଖକୁ ଡାକିଲା । ତା ମୁହଁରୁ ଶୁଣିଲା ଦୁଇମାସ ତଳେ ପାହାଡ଼ ତଳୁ କନ୍ଦକୁ ବାଘ ନେଇ ଯିବା କଥା । ପିଲେ ତାର ବର୍ତ୍ତମାନ ଅଜା ଘରେ । ବୁଢ଼ୀ ତ ଅଣ୍ଟା ପେଞ୍ଚି 'ଆଣି ବେସୁର ମୁହଁରେ ଥୋଇଦେଲା । ଗୁର ପାଞ୍ଚ ଖଣ୍ଡ କାଠ ଧରେଇ କୁଡ଼ିଆ ମଝିରେ ତାକୁ ପାଇଁ ନିଆଁ ଜାଳିଦେଲା । ବେସୁ ପେଞ୍ଚି ଛୁଇଁଲା । ଆଖିରୁ ତାର କେତେ ଦୁଇଧାର ଲୁହ ଗଡ଼ି ପଡ଼ିଲା । ଯୋଷିବ ଯୋଷିବ କୁଡ଼ିଆ ଭିତରେ ପଶି ସେ ତାଟି ମଡ଼େଇ ଦେଲା ।

ଦିନକ ପରେ ଗାଁ ଲୋକେ ତାର ଶବ ବାହାର କରିଥିଲେ ।

# ଭୁଲିଗଲ

କୁମାରୀ ନୀହାର ପାଣ୍ଡ

ବାଦଶାହ ପତ୍ନୀ ମମତାଜ ତୁମେ
ଯାଇଛ ମାଟିରେ ମିଶି
ଶତକୋଟି ଶିଳ୍ପୀ ତାଜା ରକ୍ତରେ
ବେଦନା ଯାଇଛି ହଜି
ହଜିଲାନି କିନ୍ତୁ ବାଦଶା ବୁକୁରୁ
ତୁମର ସ୍ମୃତିର ଗାର
ଭୁଲିତ ନଥିଲେ ମୁମୂର୍ଷୁ, ପ୍ରିୟାର
କ୍ଷୀଣ କରୁଣ ଗୀର
ଭୁଲିଗଲ ତୁମେ ବାଦଶାହ ପ୍ରେମ
ଭୁଲିଲ ଦିଲ୍ଲୀର ପଥ
ବାଦଶାହ କିନ୍ତୁ ଭୁଲିପାରିଲେନି
ତୁମର ଶେଷ ଶପଥ
ସେ ଶପଥ ତେଣୁ ରୂପ ପାଇଅଛି
ତାଜମହଲର ବେଶେ
ବଷେ ବାହୁ ଯାକୁ ଆଗ୍ରା ନଗରୀ
ଅଜବି ଗରବେ ହସେ-

ବିଂଶ କୋଟି ଶିଳ୍ପୀ ପ୍ରାଣ ବଳି ଦେଇ
ଗଢ଼ିଲେ ଯେ ସ୍ମୃତି ସ୍ତମ୍ଭ
ବାଦଶାହ ନିଜେ ଯେଉଁ ସ୍ତମ୍ଭ ପରେ
ଢାଳିଲେ ପ୍ରେମ ସୌରଭ
ଦୁନିଆ ବୁକୁରେ ଶତ ଶତ କବି
ଗାଇଲେ ଯା ସ୍ମୃତି ଗାନ
ଦିନେହେଁ'ତ ତୁମେ ଉଠିଲନି ରାଣୀ
ଦେବାକୁ ତା' ପ୍ରତିଦାନ ।
ଝଡ଼ ପଡ଼ିଥିଲ ଆଗ୍ରା ବଗିଚାରୁ
ଝଡ଼ର ପରଶ ପାଇ
ଜୀବନ ପ୍ରଦୀପ ଲିଭିଗଲା ତୁମ
ଅନ୍ତିମ ମେଲାଣି ନେଇ
ନିଷ୍ଠୁର ସୋହାଗେ ବରି ନେଇଥିଲ
ତାଜମହଲର ରେଣୁ
ବାଦଶାହ ପ୍ରେମ ପ୍ରଦୀପର ମୋହ
ଭୁଲାଇ ପାରିନି ତେଣୁ



Digitized by srujanika@gmail.com

# 'ପ୍ରାଚ୍ୟ ଓ ପାଶ୍ଚାତ୍ୟ'

ଜାତିସେବକ ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ

ଏହି ଭାରତ ଭୂମି ଚିର ପବିତ୍ର ଭୂମି ଅଟେ । ଯେଉଁ ଭାରତ ଭୂମିରେ ଜନ୍ମ ନେବାପାଇଁ ସ୍ୱର୍ଗର ଦେବତାମାନେ ମଧ୍ୟ ଇଚ୍ଛୁକ ଥିବାର ବହୁ ପୁରାଣାଦିରେ ଦେଖିଥାଇଁ, ଆଜି ଭାରତର ଭାବ ଧାରା ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ କିପରି କଳୁଷିତ ହୋଇ ତାହାର ପବିତ୍ରତା କିପରି କ୍ରମେ ବଦଳିବାରେ ଲାଗିଛି, ତାହା ମନସ୍ୱୀ ମାତ୍ରେ ସମ୍ୟକ୍ ଉପଲବ୍ଧି କରୁଥିବେ ଯେ ସନ୍ଦେହ ନାହିଁ । ଚିର ଗୌରବମୟ ଭାରତ ବର୍ଷର ବକ୍ଷରେ କେତେ ଯୋଗୀ ଋଷି ଆତ୍ମତ୍ୟାଗ ଦେଖାଇ ବ୍ରହ୍ମସାକ୍ଷାତ୍କାର କରୁଥିଲେ, ଯେଉଁ ଭାରତରେ ଭଗବାନ୍ ନାନା ରୂପ ପରିଗ୍ରହ କରି ଦଶ ଅବତାର ହୋଇ ପାପୀର ଦଣ୍ଡ ସାଧୁର ମୁକ୍ତି ବିଧାନ କରି ଯାଇ ଅଛନ୍ତି । ପାତିବ୍ରତ୍ୟ ଧର୍ମରେ ଯେଉଁ ଭାରତ ଚିର ଉନ୍ନତ ହୋଇଥିଲା ବ୍ରାହ୍ମଣ୍ୟ ଧର୍ମକୁ ଯେଉଁ ଭଗବାନ ଶ୍ରେଷ୍ଠତ୍ୱ ଦାନକରି, ଯେଉଁ ଭାରତରେ ଭଗବାନହିଁ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଆକାରରେ ଚାରି ବର୍ଣ୍ଣର ସୃଷ୍ଟି କରି ପ୍ରତ୍ୟେକର କର୍ତ୍ତବ୍ୟ ନିର୍ଦ୍ଧାରଣ କରି ଦେଇଥିଲେ ଓ ବ୍ରାହ୍ମଣ ଜାତିକୁ ସବୁଠାରୁ ଶ୍ରେଷ୍ଠ ରୂପ ଦେଇଥିଲେ, ବ୍ରାହ୍ମଣ ଯେଉଁ ନିର୍ଦ୍ଦେଶ ମାନି ଷଟ୍‌କର୍ମ ନିରତ ହୋଇ ନୀତି ଭବିଷ୍ୟ ଦ୍ରଷ୍ଟା ଓ ସମାଜର ଚାଳକ ହୋଇ ରହିଥିଲେ ନିସ୍ପୃହର କର୍ମମାନ କରି ନିର୍ବେଦ୍ୟ ହୋଇ ପାରିଥିଲେ, କ୍ଷତ୍ରିୟ ଜାତି ଯେଉଁ ଜାତିକୁ ଅଭୟ ଦେଇ ଅଭାବମାନ ପୂର୍ଣ୍ଣ କରୁଥିଲେ ବୈଶ୍ୟ ନାନାମତରେ ସମାଜର ପୁଷ୍ଟି କରୁଥିଲେ, ଶୂଦ୍ର ସେବା କରିବା ଦ୍ୱାରା ଜଗତରେ ତାହାର ମହତ୍ତ୍ୱ ପ୍ରକାଶ କରୁଥିଲେ, ଆଜି କି ଆଉ ସେ ଭାରତ ସେ ଭାବରେ ଅଛି । ଆଜି ମ୍ଳେଚ୍ଛର ସଂସର୍ଗରେ ଭାରତର ଭାବ ଧାରା ସମ୍ପୂର୍ଣ୍ଣ ଓଲଟି ଯାଇଛି । ଆଜି ଆଉ ଭଗବାନଙ୍କ ମୁଖ ନିଃସୃତ ଗୀତା ବାକ୍ୟର ମର୍ଯ୍ୟାଦା ତିଳେ ହେଲେ ଦେଖା ଯାଉନାହିଁ । ଭଗବାନ୍ ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଗୀତାରେ ଯାହା କହିଛନ୍ତି ଏଠାରେ ତାହା ଉଦ୍ଧାର ନକରି ରହି ହେଲା ନାହିଁ ।

"ଶମୋଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବ ମେବଚ ।
ଜ୍ଞାନଂ ବିଜ୍ଞାନ ମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ॥
ଶୌର୍ଯ୍ୟଂ ତେଜୋଧୃତିର୍ଦାକ୍ଷ୍ୟଂ ଯୁଦ୍ଧେଚାପ୍ୟପଲାୟନମ୍
ଦାନମୀଶ୍ୱର ଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥
କୃଷି ଗୋରକ୍ଷ୍ୟ ବାଣିଜ୍ୟଂ ବୈଶ୍ୟ କର୍ମ ସ୍ୱଭାବଜମ୍"
ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ।"

ଏହାହିଁତ ଭଗବାନଙ୍କ ମୁଖର ବଚନ ଗୀତାରେ ପ୍ରକାଶ । ଆଜି ସେ ପ୍ରତ୍ୟେକ ସମାଜରେ ଏହା ଅଳୀକ ଓ ସ୍ୱପ୍ନରେ ପର୍ଯ୍ୟବସିତ ହେବାକୁ ବସିଲାଣି । ଭାରତର ମନୀଷି ବୃନ୍ଦ ଏହା ଜାଣି ସୁଦ୍ଧା ଜାତି ଧର୍ମରେ ଜଳାଞ୍ଜଳି ଦେଇ ପାଶ୍ଚାତ୍ୟର ଜାତି ପ୍ରଥାକୁ ସଂଶୋଧନ କରି ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ଭାରତର ସନାତନ ଚାରି ଜାତି ନିଜନିଜର ବୈଶିଷ୍ଟ୍ୟ ହରାଇ ସ୍ୱାଧୀନତା ଅର୍ଜନ ପଥରେ ଏକ ଜାତି ସାଜି ପ୍ରଧାବିତ । ସେହି ସ୍ୱାଧୀନତା ରୂପ ମହାକାଳ ଫଳ ତଥାପି ସେ ଆସୁନାହିଁ । ଅଦିତା ଧଣ୍ଡଜ ବୋଲି ମନେ ହେଉନାହିଁ । ବର୍ତ୍ତମାନ ସେହି ସ୍ୱାଧୀନତା ବଣକୁ ଯାଇ କାନ୍ତାରରେ ଯେ ପଡ଼ି ଗଡ଼ାଗଡ଼ି ହେଲାଣି । ଇଂରାଜ ଏବେ ଅନ୍ୟ ଉପାୟ ନଦେଖି ମୁସଲମାନଙ୍କୁ ସଂଶୋଧନ କରିଛି । ସେହି ମୁସଲମାନଙ୍କର ବନ୍ଧୁ ଛିନ୍ନ ହେଲେ ତାହା ପୁଣି ଅଧିବାସୀଙ୍କୁ ଅନ୍ୟ ରକମରେ ମତାଇବାକୁ ଲାଗିଛି । ଏଣେ ହିନ୍ଦୁର ମହା ମଣ୍ଡଳ ହିନ୍ଦୁଙ୍କୁ ଯେଉଁ ଯେଉଁ ନିର୍ଦ୍ଦେଶ ଦେଉଛନ୍ତି । ତହିଁରେ ହିନ୍ଦୁମାନେ ଆତ୍ମବିସ୍ମୃତ ହୋଇ ଲାଗି ଯାଇ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର,



Digitized by srujanika@gmail.com

ଚଣ୍ଡାଳର ଘର ଅନ୍ନକୁ ମହାପ୍ରସାଦ ମନେ କରି ଏକ ପଙ୍କ୍ତିରେ ହୋଇ ଏକ ଜାତି ବୋଲାଇ ସ୍ୱାଧୀନହେବାକୁ ଗୁହାଁ ବସିଛନ୍ତି । ଭାରତରେ ମୁସଲମାନ ଓ ଅଧିବାସୀମାନେ ଏବେ ଯେ ତେଜ କି କାଣ୍ଡ ଘଟାଉଛନ୍ତି ତାହା ଥରେ କେହି ହେଲେ ଭାବୁନାହାନ୍ତି । ଆଜି ସନାତନ ହିନ୍ଦୁର ଦୁର୍ଗତି କି ଆକାରରେ ମ୍ଳେଚ୍ଛ ଲଢ଼ିବାରେ ବାରେ ବାରେ ଲାଗିଛନ୍ତି, ବ୍ରାହ୍ମଣର ବ୍ରହ୍ମତ୍ୱ, କ୍ଷତ୍ରିୟର କ୍ଷତ୍ରିୟତ୍ୱ, ବୈଶ୍ୟର ବୈଶ୍ୟତ୍ୱ, ଶୂଦ୍ରର ଶୂଦ୍ରତ୍ୱ ମୁସଲମାନମାନଙ୍କ ଦ୍ୱାରା ଉଡ଼େଇ ଦେବାକୁ ବସିଛନ୍ତି । ତିରିଶ କୋଟି ଭାରତୀୟ ସଭ୍ୟତା ସମ୍ପନ୍ନ ହିନ୍ଦୁ ଆଜି ଦଶ କୋଟି ମୁସଲମାନଙ୍କ ଅତ୍ୟାଚାରରେ ଜର୍ଜରିତ । ହିନ୍ଦୁର ଧନମାନ ମହତ୍ତ୍ୱ ସବୁ ଆଜି ଯିବା ଉପରେ । ଅବଳା ଜାତି ଉପରେ ଅତ୍ୟାଚାର ଚରମ ଭାବରେ ଚାଲିଛି, ମା, ଭଉଣୀ ଓ ସ୍ତ୍ରୀକୁ ହିନ୍ଦୁ ରକ୍ଷା କରିପାରୁନାହିଁ । ବାଧା ଦେବାକୁ ଚାହାଁଲେ ମୁସଲମାନର ଉନ୍ମୁକ୍ତ ତରବାରିରେ ହିନ୍ଦୁ ବଳି ହେଉଛି । ଏତେ ଉଦାରତା ହିନ୍ଦୁ ଛଡ଼ା ଆଉ କୌଣସି ଜାତି ମଧ୍ୟରେ ନାହିଁ । ସାମାନ୍ୟ ମୁସଲମାନ ଆଜି କାହା ବଳରେ ଏତେ ବଳୀୟାନ । ସାରା ଭାରତରେ ଆଜି ହାତି କାଠର ତାଣ୍ଡବ ଲୀଳା ଚାଲିଛି । ଆଜି ଏହି କାଣ୍ଡର ଯବନିକା ପାତ ହେବ ଭାରତର ହିନ୍ଦୁ ଯଦି ମୁସଲମାନର ଦାବୀ 'ପାକିସ୍ଥାନ' ସ୍ୱୀକାର କରନ୍ତି । କିନ୍ତୁ ସନ୍ତାନ ବଞ୍ଚିଥାଇ ମାତାକୁ କି କେବେ ଖଣ୍ଡ ଖଣ୍ଡ କରି ଦେବାକୁ ଇଚ୍ଛା କରିବେ ! ଭାରତ ତ ସ୍ୱାଧୀନ ହିନ୍ଦୁରାଜ୍ୟ ହିନ୍ଦୁକୁ ଦୁର୍ବଳ ଦେଖି ସିନା ମୁସଲମାନ ଆଦି ମ୍ଳେଚ୍ଛ ଜାତିମାନେ ଭାରତରେ ପଶିବାକୁ ସାହସୀ ହୋଇଥିଲେ ? କେଣି ମ୍ଳେଚ୍ଛମାନେ କି ହିନ୍ଦୁର କମ କ୍ଷତି କରିଛନ୍ତି ? ହିନ୍ଦୁର ନିଜ ଭାଷା ସଂସ୍କୃତ ସନାତନୀ ଭାଷା ହୋଇଥିଲେହେଁ ଆଜି ସେ ଭାଷାର ଅଙ୍ଗ ପ୍ରତ୍ୟଙ୍ଗ କାଟି ଅର୍ଥାତ୍ ଚର୍ଚ୍ଚା କରିବାକୁ ନ ଦେଇ ଉର୍ଦ୍ଦୁ ଓ ପରେ ଇଂରାଜୀକୁ ରାଜଭାଷା କରି ସଂସ୍କୃତ ଭାଷାକୁ ମୃତ ଭାଷା ଆଖ୍ୟା ଦେଇଛନ୍ତି, ତା ପରେ ଭାରତର ସଭ୍ୟତା ଓ ସଂସ୍କୃତିକୁ ଦାଧିରେ ଛଡ଼ାଇବାରେ ଯତ୍ନ କରିଛନ୍ତି । ତାହାର ମାନେ ମୁସଲମାନ ରାଜ୍ୟ ସମୟରେ ଉର୍ଦ୍ଦୁ ଫାରସି ଯେଉଁ ଆୟତ୍ତ କରିହି ଏବଂ ଇଂରେଜୀଙ୍କ ଅମଳରେ ଇଂରାଜୀ ଭାଷା ବଦ୍ ହୋଇ ରଜା ଘରେ ଅନାୟାସରେ ନୌକର ହୋଇ ପାରିବାରୁ ପ୍ରଚୁର ଅର୍ଥାଗମ କଲେ, ତଦ୍ୱାରା ପେଟ ପୋଷା ହେଲା, ସୁତରାଂ ସଂସ୍କୃତ ଅବହେଳା କରି ତାହାର ଗଳାଟିପି ଅର୍ଦ୍ଧମୃତାବସ୍ଥାରେ ରଖା ହେଲା । ସେ ଭାଷା ଯେଉଁମାନେ ଆଲୋଚନା କଲେ ସେମାନଙ୍କ ପେଟକୁ ଅନ୍ନ ମିଳିଲା ନାହିଁ । ଏଣୁ ହିନ୍ଦୁ ସୁଲଭ ସଂସ୍କୃତ ଭାଷା ମୃତ ଭାଷା ରୂପେ ବ୍ୟବହୃତ ହେବାକୁ ଲାଗିଲା । କ୍ରମେ ସଂସ୍କୃତ ଭାଷା ମଧ୍ୟରେ ହିନ୍ଦୁର ଯେଉଁ ନିୟମ କାନୁନ ରହିଗଲା ଆଲୋଚନା ଅଭାବରେ ହିନ୍ଦୁମାନେ ତାକୁ ବିସର୍ଜନ ଦେବାକୁ ବାଧ୍ୟ ହେବେ । ତାହାର ଫଳରେ ହିନ୍ଦୁ ସଂସ୍କୃତି ଆଚାର ବ୍ୟବହାରରେ ଯଥେଷ୍ଟ ବାଧା ଆସିଗଲା । ଉଦ୍ଧୃତ ଇଂରାଜୀ ଭାଷା ଜୁଆରରେ ସଂସ୍କୃତର ମର୍ଯ୍ୟାଦା ଆଉ ତିଷ୍ଠି ରହି ନପାରି କୋଣ ଠେସା ହୋଇ ରହିଥିଲା । ଏବେ କିଛି କାଳ ହେଲା କେତେକ ଭାରତୀୟ ମନୀଷୀଙ୍କ ଯତ୍ନରୁ ଇଂରାଜ ରାଜ୍ୟରେ ସଂସ୍କୃତ ଶାସ୍ତ୍ରରାଜିର ପରୀକ୍ଷା ଆଦିର ବ୍ୟବସ୍ଥା କରାଇଥିବାରୁ ସଂସ୍କୃତ ବିଦ୍ୟା ମନ୍ଦିର ଓ କଲେଜ ଏବଂ ଟୋଲ ଆଦି ପ୍ରତିଷ୍ଠିତ ହୋଇ ଆଜି ଯାହା ହୋଇଛି ତାହା ସମୁଦ୍ରକୁ ଶଙ୍ଖେ ପାଣି । ଯେଉଁମାନେ ଉକ୍ତ ଶାସ୍ତ୍ରର ଚର୍ଚ୍ଚା ପାଇଁ ଟୋଲ କରିଛନ୍ତି, କିଛିହେଲେ ସାହାଯ୍ୟ ପାଉଛନ୍ତି, ଯେଉଁମାନେ ଇଂରାଜୀସହ ସଂସ୍କୃତ ପାଶ କରୁଛନ୍ତି ସେମାନେ ହାଇସ୍କୁଲ ଓ କଲେଜ ଆଦିରେ ଶିକ୍ଷକ ହେବାର ଅଧିକାର ପାଇଛନ୍ତି । "ନାହିଁ ମାମୁଁ ଅପେକ୍ଷା କଣାମାମୁଁ ଭଲ" ଏହି ନୀତିରେ କିଛି କାମ ହେଉଛି । କିନ୍ତୁ ଭାରତୀୟ ସଂସ୍କୃତିର ସେଥିରେ କିଛି କାମ ହେଉଛି ବୋଲି ମୋଟେ ମନକୁ ପାଉନାହିଁ । ତଥାପି ଯେଉଁ ମନୀଷୀମାନଙ୍କ ମସ୍ତିଷ୍କରୁ ଏତିକି ବାହାରି ସଂସ୍କୃତ ଭାଷାର କିଛି -



Digitized by srujanika@gmail.com

ହେଲେ କାମ ହେଉଛି ସନାତନୀ ଅର୍ଥ ସଂସ୍କୃତ ଭାଷାର ଅନୁଶୀଳନ ଚାଲିଛି ଏଥିରେହିଁ ସେହି ମନୀଷୀମାନେ ଜାତିର ନମସ୍ୟ ହୋଇ ପାରିଛନ୍ତି ଯେ ତହିଁରେ ସନ୍ଦେହର ଅବକାଶ ନାହିଁ । ପୂର୍ବର ଭାରତ ଓ ବର୍ତ୍ତମାନ ଭାରତ ଆକାଶ ପାତାଳର ତଫାତ୍ । ପୂର୍ବର ଭାରତ ମୁନି ଋଷିର ତପୋବନମାନଙ୍କରେ ଯେପରି ଯଜ୍ଞାନଳ ଜଳି ରହି ଅପବିତ୍ରତାକୁ ଭସ୍ମୀଭୂତ କରୁଥିଲା ତାହାର ସଙ୍ଗେ ସଙ୍ଗେ ଶିଷ୍ୟମାନଙ୍କ ସଂସ୍କୃତ ଶାସ୍ତ୍ରାଦି ବେଦ, ବେଦାନ୍ତ, କାବ୍ୟ, ବ୍ୟାକରଣାଦି ପାଠରେ ସର୍ବଦା ମୁଖରିତ ହେଉଥିଲା । ଏଣୁକରି ରାଜ୍ୟାଧିପତି ରାଜାମାନେ ସୁଦ୍ଧା ବେଶୀ ହୋଇ ସେହି ସବୁ ତପୋଧନମାନଙ୍କ ତପୋବନକୁ ଯାଇ ସେହି ସବୁ ଗୁରୁକଳ୍ପ ତପୋନିଧିମାନଙ୍କ ପାଖକୁ ଯାଇ ରାଜ୍ୟ ପରିଚାଳନାର ଉପଦେଶମାନ ଆଣି, ତପୋନିଧିମାନଙ୍କୁ ରାଜ୍ୟ ପରିଚାଳନାର କୈଫିୟତମାନ ଦେଇ ସେମାନଙ୍କର ଶିଷ୍ୟମାନଙ୍କ ଚଳିବା ପକ୍ଷରେ ସମସ୍ତ ବ୍ୟବସ୍ଥା କରି ଆସି, ସ୍ୱ ସ୍ୱ ରାଜ୍ୟର ପ୍ରଜା ସାଧାରଣଙ୍କୁ ପୁତ୍ର ନିର୍ବିଶେଷରେ ପାଳନ କରୁ । ପ୍ରଜାର ସନ୍ତାନମାନଙ୍କ ଶିକ୍ଷା ଦୀକ୍ଷାର ବ୍ୟୟ ରାଜକୋଷରୁ ପ୍ରଦତ୍ତ ହେଉଥିଲା । ମୋଟ ଉପରେ ପ୍ରଜାମାନେ ସନ୍ତାନାଦିର କେବଳ ଜନ୍ମିତ ପିତା ଆଖ୍ୟା ପାଉଥିଲେ । ଅନ୍ୟ ସମସ୍ତ ବ୍ୟୟ ରାଜ୍ୟସ୍ଥିତ ରାଜାମାନେ ବହନ କରୁଥିବାରୁ ରାଜପିତା ହୋଇ ପ୍ରସିଦ୍ଧି ଲାଭ କରୁଥିଲେ । କେଉଁ ବାଜୀକରର ଇଙ୍ଗିତରେ ଆଜି ଭାରତର ରାଜନ୍ୟବୃନ୍ଦ ଓ ପ୍ରଜାସାଧାରଣ ଏପରି ସଦ୍‌ଗୁଣ ପରିବର୍ତ୍ତନ କଲେ ପୁରାଣ ପ୍ରସିଦ୍ଧ ରାଜାମାନଙ୍କର ବଂଶଧରମାନେ ଏପରି ସ୍ୱାର୍ଥପ୍ରିୟ ସାଜି ପ୍ରଜାସାଧାରଣର ଉପରେ ଏପରି ଉତ୍ପୀଡ଼ନ ଅତ୍ୟାଚାର କରୁଛନ୍ତି, ଆଉ ପ୍ରଜା ଯେଉଁମାନଙ୍କୁ ଅନ୍ୟତମ ପିତା ବୋଲି ମାନୁଥିଲେ, "ମହତୀ ଦେବତା ହ୍ୟେଷା ନରରୂପେଣ ତିଷ୍ଠତି ।" ବୋଲି ପ୍ରଜାମାନେ ରାଜାମାନଙ୍କୁ ମାନ୍ୟ କରୁ । ସେ ଭାବ କାହିଁକି କ୍ରମେ ଉଭେଇ ଯାଇ ଆଜି ପିତା ପୁତ୍ରରେ କଳିଗୋଳ ଲାଗି ଚାଲିଛି । ଭାରତୀୟ ସଂସ୍କୃତ ସଭ୍ୟତା ବିଳୟ ଘଟୁଛି ତାହା ବୁଝୁଥିଲେହେଁ କହି ହେଉ ନାହିଁ । ଅଜକାଲି ଶୀର୍ଷ ସ୍ଥାନୀୟ ବ୍ରାହ୍ମଣ୍ୟ ଧର୍ମ ଅଚ୍ଛୁଆଁ ଜାତିଦ୍ୱାରା ସୁଦ୍ଧା ପଦ ଦଳିତ ହେଉଛି, ସଦାଚାର ପରାୟଣ ବ୍ରାହ୍ମଣ ଜାତି ସୁଦ୍ଧା ଆଜି ଆଚାରଭ୍ରଷ୍ଟ ହୋଇ ଚଣ୍ଡାଳର ଅନ୍ନକୁ ଅବାଧରେ ଗଳାଧଃକରଣ କରିବାରେ ଦ୍ୱିଧା କରୁ ନାହାନ୍ତି । ପୌରହିତ୍ୟ ସେତ ବ୍ରାହ୍ମଣ ହୋଇ ଚଣ୍ଡାଳଙ୍କୁ ସୁଦ୍ଧା ଯଜମାନ କରିବାକୁ ଛାଡୁ ନାହାନ୍ତି । ଜଣେ ଜଣେ ବ୍ରାହ୍ମଣ ସନ୍ତାନଙ୍କୁ ଲେଖକ ଏ ସମ୍ବନ୍ଧରେ ଏ ଭ୍ରମଧାର ସମ୍ବନ୍ଧରେ ପଚାରି ଯାହା ଉତ୍ତର ପାଇଛି ତହିଁରେ ଆଉ କାହାକୁ କିଛି ଜିଜ୍ଞାସା କରିବାକୁ ଲଜ୍ଜା ସ୍ୱତଃ ମୁଖବନ୍ଦ କରୁ । ଜଣେ ଦୁଇଜଣ କହିଲେ ସମାଜ ବନ୍ଧନ ଯେତେବେଳେ ନାହିଁ, ଭଗବାନ୍ ଯେତେବେଳେ ସମାଜ ବନ୍ଧକୁ ଭାଙ୍ଗି ଦେଇଛନ୍ତି, ସେତେବେଳେ ଜଳ ସ୍ରୋତ ଯେପରି ସମସ୍ତ ବହି ନେଇ ଯାଇ ଅପବିତ୍ର ହୁଏ ନାହିଁ ସେହି ଜଳରେ ପୂଜା ଠାକୁରଙ୍କର ହୁଏ, ସେହିପରି ବ୍ରାହ୍ମଣ ଜାତି ପତିତ ପାବନ ଅଗ୍ନି ଓ ଜଳର ଜାତି ସେମାନେ ଯାହା କରିବେ ବା ଖାଇବେ ସମସ୍ତ ଭସ୍ମ ନକରିବେ କାହିଁକି ? ଯେଉଁ ବ୍ରାହ୍ମଣ ବର୍ତ୍ତମାନ ଯୁଗରେ ଖାଦ୍ୟ ପେୟ ନେଇ ତର୍କ କରିବେ ତାଙ୍କଠାରେ ବ୍ରହ୍ମଶକ୍ତି କିଛି ନାହିଁ କହିବାକୁ ହେବ । ମହାତ୍ମା ଜଗନ୍ନାଥ ଦାସ ଭାଗବତରେ କହିଛନ୍ତି ପରି "ଅଗ୍ନି ଯେସନେ ସର୍ବ ଖାଇ, ଆହାରେ ଭଲ ମନ୍ଦ ନାହିଁ । ସୁତରାଂ ଅଗ୍ନିରୂପୀ ବ୍ରାହ୍ମଣ ଯଦି ଶୂଦ୍ରାନ୍ନକୁ ଭସ୍ମକରି ନପାରିବେ, ତେବେ ବ୍ରାହ୍ମଣ ବୋଲି ଗର୍ବ କରିବେ କାହିଁକି ?" ଏହାହିଁ ହେଉଛି ଜନସମାଜର ମନୋବୃତ୍ତି । ଏହାହିଁ ଗାନ୍ଧୀ ବାଦର ଚୂଡ଼ାନ୍ତ ନୀତି । ଆଗ ଭାରତରେ ସମସ୍ତେ ଏକ ଜାତି ହେଲେ, ତେବେ ଯାଇ ସ୍ୱାଧୀନତା ମିଳିବ । ମୋ ମତରେ ଯଦି ସ୍ୱ ସ୍ୱ ଜାତି ସ୍ୱାଧୀନତା ରସାତଳକୁ ଗଲା, ହିନ୍ଦୁପରି ସଂସ୍କୃତ ଆଚାର ବ୍ୟବହାର ହରାଇଲେ, ବ୍ରାହ୍ମଣ



Digitized by srujanika@gmail.com

ଯଦି ଚଣ୍ଡାଳର ଅନ୍ନକୁ ମହାପ୍ରସାଦ ମଣିଲେ, ହିନ୍ଦୁର ଚିରନ୍ତନ ଜାତି ଯଦି ବିସର୍ଜିତ ହେଲା, ରାଜ ନୈତିକ ସ୍ୱାଧୀନତା ମିଳିଲେ କେତେ । ଜାତିରେ ତିଷ୍ଠିରହି ଯେଉଁ ସ୍ୱାଧୀନତା ହାସଲ ହୁଏ ତାହାକୁହିଁ ସ୍ୱାଧୀନତା କୁହାଯିବା ଉଚିତ । ଏ ଯେଉଁ ସ୍ୱାଧୀନତା ପାଇଁ ଲୋକେ ଦୌଡ଼ୁଛନ୍ତି, ଏ ସ୍ୱାଧୀନତା ଦ୍ୱାରା ଲାଭ କି ? ମୁ ଦେଖୁଛି ଜାତି ଯିବ ସିନା, ପେଟ ପୁରିବ ନାହିଁ କି ଦେଶ ସ୍ୱାଧୀନ ହେବ ନାହିଁ । ଯେଉଁଦିନ ଭାରତବାସୀ ଏକତା ଗ୍ରହିଛନ୍ତି, ଭାଇର ସହିତ ଭାଇର ଗରମେଳ ହୋଇଛି ସେହି ଦିନ ସ୍ୱାଧୀନତା ଆକାଶ କୁସୁମ ପରି ଅଲୀକ ହୋଇଛି । ଆଜି ଭାଇର ସହିତ ଭାଇ ମିଳି ଭାରତରେ ନାହିଁ । ପିତାଠାରୁ ପୁତ୍ର ପୃଥକାନ୍ନରେ ରହିବାକୁ ସୁଖ ମଣୁଛନ୍ତି, ଭାରତର ପବିତ୍ରତା ସଂସ୍କୃତ-ଆଗ୍ରହର ବ୍ୟବହାର ପଦଦଳିତ । ଏକ ପ୍ରଦେଶର ଅଧିବାସୀ, ଅନ୍ୟ ପ୍ରଦେଶର ଗୌରବକୁ ନଷ୍ଟ କରିବାକୁ ଯାଉଛଆର, ଭ୍ରାତୃଭାବ ଚଳେନାହିଁ । ନେତାମାନେ ସ୍ୱାର୍ଥାନ୍ଧ, ସେଠାରେ କି ଆଶା କରାଯିବ । ମୌଳିକ ଓଡ଼ିଆ ଆଜି ଭିନ୍ନଦେଶରେ ରହିଯାଇ ନିଜ ଭାଇକୁ ଅପଦସ୍ତ କରିବାରେ ଶତଜିହ୍ୱ ନେତାମାନେ ଆଡ଼ମ୍ବର ସାଜି ଭାଇକୁ ଭାଇର ସହିତ ମିଳିତ ହେବାକୁ ଦେଉନାହାନ୍ତି । ଏହି ଦେଖନ୍ତୁନା ଦୁର୍ଦ୍ଦର୍ଶଙ୍କର ଓଡ଼ିଆ ଜାତିକୁ ଓଡ଼ିଆଭାଷା ସମୃଦ୍ଧି ହେବା ଦିଗରେ ମାନ୍ଦ୍ରାଜର ନେତା ଛୋଟ୍ ସୀତାରାମେୟା, ବିହାର ନେତା ରାଜେନ୍ଦ୍ର ପ୍ରସାଦ, ବଙ୍ଗର ନେତା ଶରତ ଚନ୍ଦ୍ର ବସୁ, ଡ଼ାକ୍ତର ଶ୍ୟାମା ପ୍ରସାଦ ମୁଖାର୍ଜି କୁଟ କୌଶଳ କରି ଗୃଳିଛନ୍ତି । ଦିନେ ଆଜି ଯାହାଙ୍କୁ ନେତାଜୀ ନେତାଜୀ କହି ଦେଶବାସୀ ଅକୁଳ ସେହି ସୁଭାଷଚନ୍ଦ୍ର ମଧ୍ୟ ଓଡ଼ିଶାମାଟିରେଜନ୍ମ, ଓଡ଼ିଶା ଜଳ ପବନରେ ବଢ଼ି ଓଡ଼ିଶାର ବୃହତ୍ତର ପରିକଳ୍ପନାରେ ବାଧା ଦେଇଥିଲେ, ଓଡ଼ିଆର ମିଳନରେ ବିଶେଷ ପ୍ରତିପନ୍ଥୀ ହୋଇ କାମ କରିଥିଲେ । ମେଦିନୀପୁରର ନେତା ସ୍ୱର୍ଗତ ବୀରେନ୍ଦ୍ର ଶାସମଲ ନିଜର ପୂର୍ବ ପୁରୁଷକୁ ଓଡ଼ିଆ ବୋଲି କହି ୧୯୩୨ ରେ ଓଡ଼ୋନେଲ କମିଟି ଆଗରେ ଓଡ଼ିଶା ପ୍ରଦେଶ ତଥା ବଙ୍ଗର ଓଡ଼ିଆଙ୍କ ମିଳନ ଦିଗରେ କିରୂପ ବିରୁଦ୍ଧତା କରିଥିଲେ ତାହା ସମସ୍ତେ ଭଲକରି ଜାଣନ୍ତି । ଏହିତ ହେଉଛି ଭାରତର ପରସ୍ପର ସହାନୁଭୂତି ଓ ଉଦାର ଏକତା । ଏବେ ଶାସମଲତ ନାହିଁ, କିନ୍ତୁ କଥାତ ରହିଯାଇଛି । ଯଦି ସେତେବେଳେ ଶାସମଲ ବାଧା ଉପୁଜି ନଥାନ୍ତା ତେବେ ବଙ୍ଗର ଓଡ଼ିଆ ଓଡ଼ିଶା ସହିତ ମିଶିଯାଇ ମହାନ୍ ଆନନ୍ଦରେ ରହିଥାନ୍ତେ । ଆଜି ବଙ୍ଗର ହାଣ କାଠ ମଧ୍ୟରେ ନଥାନ୍ତେ । ଯେଉଁ ବଙ୍ଗଳାକୁ ଅଖଣ୍ଡ ବଙ୍ଗଳ କରି ରଖିବାରେ ହିନ୍ଦୁର ସଂଖ୍ୟା ବଢ଼ାଇ ରଖିବା ଦିଗରେ ବଙ୍ଗାଳୀଙ୍କ ଉଦ୍ୟମ । ସେଥିପାଇଁ କମ୍ କି ବଙ୍ଗାଳୀମାନେ ଆତ୍ମବଳୀ ଦେଇଅଛନ୍ତି । ଆଜି ସେହି କଥା କହି ହେଉନାହିଁ । ହେଲେ କ'ଣ ହେଲା ବଙ୍ଗର ବର୍ତ୍ତମାନ ପରିସ୍ଥିତିରେ ବଙ୍ଗାଳୀମାନେ ବଙ୍ଗ ଭଙ୍ଗ ଆନ୍ଦୋଳନ ଉଠାଇଛନ୍ତି । ଏତେବେଳେ ଭଲ ବଙ୍ଗାଳୀମାନେ ବଙ୍ଗର ଓଡ଼ିଆଙ୍କୁ ଓଡ଼ିଶାର ସହିତ ମିଶିବାକୁ ସୁଯୋଗ ଦିଅନ୍ତୁ । ପ୍ରାଚୀନ ଓଡ଼ିଆ ଭାଷାକୁ ମର୍ଯ୍ୟାଦା ଦିଅନ୍ତୁ । ଏହି ଘଡ଼ି ସନ୍ଧି ବେଳେ ଓଡ଼ିଆ ଯଦି ନିଜଶକ୍ତି ବଳରେ ଓଡ଼ିଶା ସହିତ ମିଳିତ ନହୋଇ ପାରିଲେ ତାହା ହେଲେ ଜୀବନରେ ଅଉ ଏ ସୁଯୋଗ ପାଇବ ନାହିଁ । ଚିରଦିନକୁ ମନସ୍ତାପ ସାର ହେବ ସିନା, ବିଚ୍ଛିନ୍ନ ଓଡ଼ିଆ ଯେଉଁମାନେଙ୍କ ଓଡ଼ିଶାର ସହିତ ମିଶି'ବୃହତ୍ତରଉତ୍କଳ'ର ଜାତିର ଗୁରୁତ୍ୱ ଦେଖାଇ ଗୌରବ ଅଣିବା ଦିଗରେ ଦିଗ୍‌ବର ଯତ୍ନ କରି ଆସୁଛନ୍ତି, ଲେଖକ ମଧ୍ୟ ଜଣେ ସେହି ଦିନର । ଦୀର୍ଘ ବି ୩୯ ବର୍ଷ ସାଧନା ବଳରେ ଏହି ସେଦିନ ମେଦିନୀପୁର ଓଡ଼ିଆଙ୍କ ମଠ ଗଡ ପରିବର୍ତ୍ତିତ ହୋଇଥିବାର ମେଦିନୀପୁର ଜମିରପାଳ ଗଡ଼ରେ ଉତ୍କଳ ସମ୍ମିଳନୀର ବିଶେଷ ଅଧିବେଶନଟିଏ ପ୍ରତ୍ୟକ୍ଷକରି ଏଠା ଓଡ଼ିଆଙ୍କ ମଠଗଡର



Digitized by srujanika@gmail.com

ପରିବର୍ତ୍ତନ ଦେଖି ଆମ୍ଭାକୁ ଧନ୍ୟ ମନେ କରୁଛୁଁ । ସତେ ଲଙ୍କାରେ ରାମ ନାମ ହେବ । ଏ ଧାରଣା ମୋଟେ ମୋର ନଥିଲା । ଆମ ପ୍ରାଚୀନ ପ୍ରବୀଣ ନେତା ପଣ୍ଡିତ ଶ୍ରୀ ଭାଗବତଚନ୍ଦ୍ର ଦାଶ ବିଦ୍ୟାଭୂଷଣ ବି. ଏଲ. ଏବଂ ଜମିରି ପାଲଗଡ଼ର ଜମିଦାର ଶ୍ରୀଯୁକ୍ତ ଭୁଁୟା ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ତ୍ୟାଗ ଏବଂ ଉଦ୍ୟମ ଏବଂ ଏ ଜିଲ୍ଲାର ବିଶିଷ୍ଟ ଧାର୍ମ୍ମିକ ଜାତି ହିତ-ବ୍ରତ ଜମିଦାର ଚୌଧୁରୀ ଲକ୍ଷ୍ମୀନାରାୟଣ ଷଡ଼ଙ୍ଗୀ, ଜମିଦାର ଚୌଧୁରୀ ନନ୍ଦକିଶୋର ଷଡ଼ଙ୍ଗୀ ଏବଂ ଗଡ଼ ବାସୁଦେବପୁରର ରାଜା ଶ୍ରୀ ଦୁର୍ଗାଦାସ ରାୟ ପ୍ରଭୃତି ଅନ୍ୟାନ୍ୟ କେତେ ବିଭବଶାଳୀ ଲୋକ ମାନଙ୍କର ସାହାଯ୍ୟ ସହାନୁଭୂତି ବଳରୁ ସମ୍ମିଳନୀଟି ସାଫଲ୍ୟମଣ୍ଡିତ ହୋଇଛି । ଦୁଇ ଦିନ ଜାତୀୟ ଉନ୍ମାଦନା ବେଶ ଦେଖା ଯାଇଥିଲା । କେବଳ ସମ୍ମିଳନୀ ଦୁଇ ଦିନ ହୋହା ହେବା ଦ୍ୱାରା ସେତେ ଲାଭ ନୁହେଁ । ମେଦିନୀପୁର ଓଡ଼ିଆଙ୍କ ମନରେ ମିଳନ ପଥ ସୁଗମ କରିବା ଦିଗରେ ଯତ୍ନ ହେଉଥିଲେ ଅବଶ୍ୟ ପ୍ରଭୁଙ୍କ ଆଶୀର୍ବାଦ ନବର୍ଷି ରହିବ ନାହିଁ । ସତେ କି ସେ ଉଦ୍ୟମ ହେଉଛି । ଜଗତରେ ମାନ ମହତ୍ତ୍ୱ ରକ୍ଷା କରି ବଞ୍ଚି ରହିବାକୁ ହେଲେ ନିଜ ଗୋଡ଼ ଉପରେ ଭର ଦେଇ ଠିଆ ହୋଇ ଉଦ୍ୟମ କରିବାକୁ ହେବ । ତାହା ନହେଲେ ପେଟମିରେ ସେହି ତମିରେ ଚିରକାଳ ଡ଼ୁବି ରହିବାକୁ ପଡ଼ିବ । ସୁତରାଂ ଏହି ଯେଉଁ ଭାରତର ପରିସ୍ଥିତି ଏପରି ସ୍ଥିତିରେ ଆନନ୍ଦିତ କିଛି ନାହିଁ । ତେବେ କାହିଁକି କୋକିଳର ପଞ୍ଚମ ତାନ । ତାହାକୁ ଲକ୍ଷ କରି କୋକିଳ ଉଦ୍ଦେଶ୍ୟରେ କିଛି କହି ବିଦାୟ ନେଉଛି:—

"ଭାରତର କି ଆନନ୍ଦ କୋକିଳ ଦେଖୁଛୁ
ତେଣୁ ଆନନ୍ଦେ ଉଚ୍ଛ୍ୱଳ ହୋଇଣ ଗାଉଛୁ ।
କାହିଁ ପବିତ୍ରତା ନିଷ୍ଠା ଭାରତ ମଧ୍ୟରେ
ସୁଖ ସମୃଦ୍ଧି ତ ନାହିଁ ଯାଇଅଛି ଦୂରେ ।
ବ୍ରାହ୍ମଣ୍ୟ ଧର୍ମରେ ଯେଉଁ ଭାରତ ସମୃଦ୍ଧ
ଥିଲା ଦିନେ ପୃଥିବୀର ଜାଗନ୍ତ କୋବିଦ ।
ସେ ବ୍ରାହ୍ମଣ୍ୟ ଧର୍ମ ଆଉ ଅଛି କି ଭାରତେ
ସବୁ ଅନ୍ତର୍ହିତ ତୁହି ଦେଖୁଛୁ ନିରତେ ।
ଋଷି ନାହିଁ ଋଷ୍ୟାଶ୍ରମ ନାହିଁ ହୋମାନଳ
ସବୁ ଜାଣି ଦେଖି କିପାଁ ଗାଉଅଛୁ ବୋଲ ।
ସତ୍ୟାବ୍ରତ ଧର୍ମ ଜୁଆରେ ଭଟ୍ଟା ପଡ଼ିଲାଣି
ମ୍ଲେଚ୍ଛ ସଂସର୍ଗର ଫଳ ତାହାଅଛୁ ଜାଣି ।
ଧର୍ମ କର୍ମ କ୍ରିୟା କାଣ୍ଡ ବ୍ରାହ୍ମଣର ତପ
ସବୁତ ଯାଇଛି ନାଶ ଅଛି ଭସ୍ମ ସ୍ତୂପ ।
ରାଜା ପ୍ରଜା ପିତା ପୁତ୍ର ସମ୍ବନ୍ଧ ଗଲାଣି
ଦ୍ୱନ୍ଦ ଲାଗି ପରସ୍ପରେ ହେଲେ ହଣା ହଣି ।
ଭାରତର ଚିର ସାଥୀ ଏକତା ମନ୍ତ୍ରର
ଏହା ଦେଖି ଶୁଣି ସେହି ଗଲା ବହୁ ଦୂର ।
ମ୍ଲେଚ୍ଛର ଭୟରେ ଛାଡ଼ି ଗଲେ ଦେବ ଦେବୀ
ଆଉ ତୋତେ କି କହିବି ମନେ କର ଭାବି ।
ଦିନ ଥିଲା ଯେତେବେଳେ ବସନ୍ତ ଆଗମେ
ତୋର କୁହୁ ସ୍ୱରାମୃତ ଢାଳୁଥିଲା କର୍ଣ୍ଣେ ।
ସେ ସୁଖ ସୌନ୍ଦର୍ଯ୍ୟ ରବି ଚିର ଅସ୍ତମିତ
ହେବାକୁ ଯାଉଛି ମୁହିଁ ଦେଖୁଛି ସତତ ।
ହିନ୍ଦୁର ଆରାଧ୍ୟ କର୍ମ ସବୁ ଯାଇଅଛି
ସ୍ମୃତି ମାତ୍ର ହିନ୍ଦୁ ନେଇ ଭାରତେ ପଡ଼ିଛି ।
ଏହା ସବୁ ଦେଖି ଶୁଣି କି ମୋଦ ପାଉଛୁ
ତେଣୁ ଚୂତ ଶାଖେ ବସି ଗାନ ତୁ ଗାଉଛୁ ।"



Digitized by srujanika@gmail.com

# ସମ୍ପାଦକୀୟ

ଜଗତର ଉନ୍ନତି ନିମନ୍ତେ ପୁଣି ଭାରତର ମଙ୍ଗଳ ନିମନ୍ତେ ଜଗତ ସମକ୍ଷରେ ଭାରତର ଗୌରବ ପ୍ରତିଷ୍ଠିତ ହେବା ଏକାନ୍ତ ଆବଶ୍ୟକ । ଚିନ୍ତା ଓ କର୍ମ ଉଭୟ ମାର୍ଗରେ ଭାରତୀୟମାନେ ନିଜ ଆସନ ଦୃଢ଼ କରିବାର ସମୟ ପହଞ୍ଚିଛି । ଅତୀତ ଗୌରବର ଦ୍ୱାହିରେ ଆଜି ନିଶ୍ଚିନ୍ତ ରହିବାର ସମୟ ନାହିଁ ଅଥବା ମୁଷ୍ଟିମେୟ ଭାରତୀୟ ଆଧୁନିକ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତି ଲାଭ କଲେ ମଧ୍ୟ ଯଥେଷ୍ଟ ନୁହେ । ଅବଶ୍ୟ ଏପରି ଖ୍ୟାତି ବାଞ୍ଛନୀୟ । କିନ୍ତୁ ଏହା ଛଡ଼ା ଆହୁରି ବହୁତ କରିବାର ଆବଶ୍ୟକତା ଅଛି । ଏ ଯୁଗରେ ଭାରତୀୟ ବିଶ୍ୱଭାରତୀ ବିଦ୍ୟାର୍ଥୀଗଣ ମୌଳିକ ଆଲୋଚନା ଓ କୃତବିଦ୍ୟ ଶିକ୍ଷାର ଅବଲମ୍ବନରେ ଜଗତର ସଞ୍ଚିତ ଜ୍ଞାନ-ଭଣ୍ଡାରର ଅଭିବୃଦ୍ଧି ସାଧନ କରନ୍ତୁ । ଆଜି ପ୍ରତୀଚ୍ୟ ଓ ପ୍ରାଚ୍ୟ ଚିନ୍ତାର ସମନ୍ୱୟ ଆଣି ସାଧକ ଓ ଚିନ୍ତାନାୟକମାନେ ମିଳନର ମଧୁମନ୍ତ୍ର ଉଚ୍ଚାରଣ କରନ୍ତୁ । ରୋମ୍ ସାମ୍ରାଜ୍ୟ ପ୍ରତିଷ୍ଠାନ ବେଳେ ରୋମୀୟ ଚିନ୍ତା ମେଡିଟେରେନିଏନ୍ ସାଗର ଉପକୂଳ ପ୍ରଦେଶର ସୀମା ଲଙ୍ଘନ କରି ନଥିଲା । ପରପର ୟୁରୋପୀୟ ଚିନ୍ତା ମଧ୍ୟ ଅଧିକ ବିସ୍ତାରିତ ହୋଇ ନଥିଲା । ଦିନ ଥିଲା ଯେତେବେଳେ ଭାରତୀୟ ଓ ଚୈନିକମାନେ ସେମାନଙ୍କର ଦେଶ ବାହାରେ ବାସ କରୁଥିବା ଲୋକଙ୍କୁ ମ୍ଲେଚ୍ଛ ଆଖ୍ୟା ଦେଇଥିଲେ । ଏବେ କିନ୍ତୁ ଭାରତୀୟ ଚିନ୍ତାସ୍ରୋତ ବିଦେଶରେ ବୋହିବାର ଆରମ୍ଭ କରିଛି ପୁଣି ପାଶ୍ଚାତ୍ୟ ଚିନ୍ତା ଆମ ଦେଶ ଲୋକଙ୍କ ପ୍ରାଣକୁ ଆଲୋଡ଼ନ କରୁଛି । ସାଂସ୍କୃତିକ ଇତିହାସର ଆଗାମୀ ଯୁଗରେ ଏ ଦୁଇଟିର ସତ୍ୟମୂଳକ ସମନ୍ୱୟର ଦାବୀ ସ୍ୱାଭାବିକ । ଏ ଦାବୀ ପୂରଣ ପାଇଁ ଆଜି ଭାରତୀୟ ପଣ୍ଡିତବର୍ଗ ଲାଗି ପଡ଼ନ୍ତୁ ।

× × ×

ସମାଜର, ଜାତିର, ଦେଶର ସେବା ବୋଲି ଦୁହା ଉଠୁଛି । ଆନ୍ତରିକ ହେଉ ବା ନହେଉ, ଜାତୀୟ ସଂଗଠନ ଓ ଅଭ୍ୟୁଦୟ ପାଇଁ ସାଧାରଣ ଲୋକର ମନରେ ମଧ୍ୟ ଆଜିକାଲି ଗୋଟାଏ ଉଦ୍‌ବେଗ, ଅସ୍ପଷ୍ଟ କାମନା ଦେଖା ଯାଉଛି । ମାତୃଭୂମିର ଶ୍ରେୟ ସାଧାରଣ ଲକ୍ଷ୍ୟ, ଏଥିରେ ସନ୍ଦେହ ନାହିଁ । ଭବିଷ୍ୟ ଭାରତ ପୁଷ୍ଟ, ଉନ୍ନତ, ଉର୍ଦ୍ଧ୍ୱଗତି, ପ୍ରଗତି ହେବ, ଏ ଯୁଗରେ ଏପରି କୌଣସି ନର ବା ନାରୀ ଏ ଦେଶରେ ନ ରହି ପାରନ୍ତି, ଯେ ଏହା ବାଞ୍ଛା ନ କରନ୍ତି । କିନ୍ତୁ ସବୁଥିର ପରି ଏଥିରେ ମଧ୍ୟ ଅଭାବ ରହି ଯାଉଛି । ଗୋଟାଏ ଅନିର୍ଦ୍ଦିଷ୍ଟ ଶୂନ୍ୟ ଆକାଂକ୍ଷାରେହିଁ ଏକଥା ଶେଷ ହୋଇ ଯାଉଛି । ବା ତହୁଁ ବଡ଼ ହେଲେ କଥା-ଲହଡ଼ିରେ ତାହାର କାର୍ଯ୍ୟ ସବୁ ଶେଷ । ସଂଯତ ସୃଜନମୂଳକ ସଂସବଦ୍ଧ କ୍ରିୟା-କଳାପରେ ସେ ବାଞ୍ଛା କଳେବର ଧାରଣ କରୁନାହିଁ । ସେଥିପାଇଁ ଆମର ଜାତୀୟ ଜୀବନରେ ଅପରିସୀମ ଆଦର୍ଶ କଳ୍ପନା ସତ୍ତ୍ୱେ ଆଜି ଅସଂଖ୍ୟ ନୈତିକ ବିଭ୍ରାଟ ! ସେ ଯାହା ହେଉ, ଆମର ମନେ ହୁଏ—ଦେଶ, ଜାତି ଆଦି ବଡ଼ ବଡ଼ କଥା କହିବା ପୂର୍ବରୁ ପ୍ରଥମରେ ଆମେ ଜଣେ ଜଣେ ଯେ ଯେଉଁଠାରେ ଅଛି, ଯେଉଁ ପରିସ୍ଥିତି ବା ପାରିପାର୍ଶ୍ୱରେ ଅଛି, ଯେଉଁ ବାତାବରଣ ଭିତରେ ବଢୁଛି, ସଦ୍ୟ ଯେଉଁ ଦାୟିତ୍ୱ ବା କର୍ତ୍ତବ୍ୟ ବୋଝ ବୋହୁଛି, ସେ ସେହିଠାରେ, ସେହି ପରିସ୍ଥିତି ଇତ୍ୟାଦିରେ ସେହି କର୍ତ୍ତବ୍ୟ ପାଳନ ସୁଷ୍ଠୁରୂପେ ଓ ନହଉର ମଙ୍ଗଳକର ଭାବେ କରିବା ପାଇଁ ପ୍ରଥମେ ବଦ୍ଧପରିକର ଓ ଯତ୍ନବାନ ହେଉ । କେବଳ ବଡ଼ କଥାରେ ନୁହେ, ଛୋଟ ଛୋଟ କଥାରେ, ଜୀବନର ନିମ୍ନସ୍ତରମାନଙ୍କରେ, ଦୈନନ୍ଦିନ କର୍ମକ୍ଲାନ୍ତ ଜୀବନର ସାଧାରଣ ଆଦାନ ପ୍ରଦାନରେ ମଧ୍ୟ କର୍ମପଟୁତା, ସଂଯମ, ସାଧୁ ଆଚରଣ ଉତ୍ତମ ସ୍ୱଭାବର



Digitized by srujanika@gmail.com

ଆବଶ୍ୟକତା ରହିଲା ନାହିଁ । ବାସ୍ତବିକ ବୁଝିଁଲେ ଜୀବନରେ ଶ୍ରେଷ୍ଠ ବଡ଼ କେବଳ ତୁଳନାତ୍ମକ ପ୍ରଭେଦ ମାତ୍ର । ସବୁଥିରେ ବୈଶିଷ୍ଟ୍ୟ, ଏକାଗ୍ରତା, ଉଦ୍ଦେଶ୍ୟ, ଉପକାର ଅଛି । ତାହାକୁ ଗ୍ରହଣ କରି କାର୍ଯ୍ୟରେ ଲଗାଇ ପାରିଲେ ହେଲା । ନିଜର ସମ୍ମୁଖ ସଦ୍ୟ କର୍ତ୍ତବ୍ୟ ସୁନ୍ଦର ଭାବରେ ପୂର୍ଣ୍ଣ ହେଲେ ନିଜର ଓ ସବୁର ମଙ୍ଗଳ ହେଲା । ଏପରି କର୍ତ୍ତବ୍ୟ ପାଳନରେ ସଭା-ସମିତି ବସି ନପାରେ, ଲମ୍ବା ବକ୍ତୃତା ଦିଆ ଯାଇ ନପାରେ, ପତ୍ର-ପତ୍ରିକାରେ ଆମ ପ୍ରଶଂସା ବଡ଼ ବଡ଼ ଅକ୍ଷରରେ ପ୍ରକାଶିତ ହୋଇ ନପାରେ, ଦଳ ଗଢ଼ା ଯାଇନପାରେ, ସ୍ୱାର୍ଥ ପ୍ରଚୁର ହୋଇ ନପାରେ; ତଥାପି ନିଷ୍କପଟ ସେବା ଜନିତ ସଦୁଦ୍ୟମର ପରିପୂର୍ଣ୍ଣତା ଓ ଆଧ୍ୟାତ୍ମିକ ତୃପ୍ତି ଆଗରେ ଏ ସବୁ କିଛି ନୁହେଁ । ଗୋଟିଏ ଗୋଟିଏ ବାଲି ମିଶି ବିଶାଳ ସୈକତ ପ୍ରସାରିତ ହୁଏ; ଗୋଟିଏ ଗୋଟିଏ ଜଳବିନ୍ଦୁ ମିଶି ଅପାର ସାଗର ତରଙ୍ଗାକୁଳ ହୁଏ; ଗୋଟିଏ ଗୋଟିଏ ଇଟା, ପଥର, ଚୂନ ଦିଆ ଯାଇ ପ୍ରକାଣ୍ଡ ସୌଧ ନିର୍ମିତ ହୁଏ । ଆଜି ଏ କଥା ବହୁଳ, ସମସ୍ୟା ଜଟିଳ ଯୁଗରେ ଆମେ ସେପରି 'ଏ କ୍ଷୁଦ୍ର' ଅଥଚ ଗଭୀରତତ୍ତ୍ୱ ପାଶୋରି ନଦେଉଁ । ଏ ତତ୍ତ୍ୱ ବୁଝି ଆଜି ଆମ ଦେଶର କାରିଗର ନିତ୍ୟ ଜିନିଷ ତିଆରି କରୁ; ଆମ ଦେଶର ଶିଳ୍ପୀ ଆଜି ନକଲ ପ୍ରତାରଣା, ଶସ୍ତା ବିଜ୍ଞାପନ ଅଭିଶାପ ଛାଡ଼ି ଲୋକ ପରିହାର କରି ଅସଲ ରକମ, ନିପୁଣ ମନୋରମ ଜିନିଷ ଗଢ଼ୁ; ଆମ ଦେଶର କୃଷକ ଉନ୍ନତ ଧରଣର କୃଷି ଅବଲମ୍ବନ କରି ଉର୍ବର ଭୂମିରେ ସ୍ୱର୍ଣ୍ଣ ଫଳାଉ; ଆମଦେଶର ବଣିକ ଦେଶ-ବିଦେଶରେ ବାଣିଜ୍ୟ-ଲକ୍ଷ୍ମୀର ଅନିନ୍ଦ୍ୟ ସୌନ୍ଦର୍ଯ୍ୟ ଓ ପୃଷ୍ଟି ଖେଳାଉ । ଏପରି ଭାବରେ ଜୀବନର ଭିତ୍ତି ଆପେ ଆପେ ଅଷ୍ଟ ହେବ । ଚମତ୍କାର ରାଜନୈତିକ ଖେଳ ଆମର ନେତୃବର୍ଗ ଖେଳୁଥାନ୍ତୁ !

× × ×

ଏ ସମ୍ପର୍କରେ ଗୋଟିଏ କଥା ଆମର ମନେ ପଡ଼େ । ଏତେ ଆଦର୍ଶ ପ୍ରଚାର, ଏତେ ସଦିଚ୍ଛା ସତ୍ତ୍ୱେ ଆଜି ଆମର ଏ ହତାଶା, ନିରାଶା, ଅଶାନ୍ତି, ଅତୃପ୍ତି କାହିଁକି ? ଅସଲ କଥା ହେଉଛି – ସୁବିଧାବାଦ ସମସ୍ତଙ୍କୁ ଲୋଡ଼ା, କଷ୍ଟ ପଡ଼ୁଛି କିଏ ? ଦାୟିତ୍ୱ ମୁଣ୍ଡାଉଛି କିଏ ? ଅଧିକାର, ପ୍ରଭୁତ୍ୱ, କ୍ଷମତା, ସ୍ୱାର୍ଥର ଲୋଭନୀୟ ଆକର୍ଷଣ କିଏସେ ଏଡ଼େଇ ପାରେ ? କହିବା ବେଳେ ସେବା, ତ୍ୟାଗ, ସହିଷ୍ଣୁତା ଇତ୍ୟାଦି । କିନ୍ତୁ ଭିତରେ ଭିତରେ ବିପରୀତ । ଏହାହିଁ ମନୁଷ୍ୟ ସ୍ୱଭାବ । ଏଥିରେ ଭୀତ ବା ଚକିତ ହେବାର କାରଣ କିଛି ନାହିଁ, କୌଣସି ବ୍ୟକ୍ତି ବା ଦଳକୁ ଦୂଷିତ କରିବାର ଅବକାଶ ନାହିଁ । ମନସ୍ତତ୍ତ୍ୱ ଦିଗରୁ ଏ ମନୋବୃତ୍ତି ମାନବିକ । ସେଥିପାଇଁ ପରା ଆମ ଭାଷାରେ ସୁନ୍ଦର ପ୍ରବଚନ ଅଛି—

ମାଛ ଖାଇବୁକି ବଗ ?
କହିଁକି ଗୋସେଇଁ ଆଗ;
ଭାତ ରାନ୍ଧିବୁକି ବଗ ?
ଭାଗିଯିବ ନଳ ପଗ ।

× × ×

ଆଜି କାଲି 'ଲୋକ' ଯୁଗ । ସବୁଥିରେ 'ଲୋକ' କଥା ଶୁଣା ଯାଉଛି । ଲୋକ-ସଙ୍ଘ, ଲୋକ-ଗୀତ, ଲୋକ-ବିଜ୍ଞାନ, ଲୋକ-ଦର୍ଶନ, ଲୋକ-ଆଦର୍ଶ, ଲୋକ-କାମନା ଇତ୍ୟାଦି । ତାଙ୍କ ପ୍ରଣୀ ତାଳି ଲୋକ-ସାହିତ୍ୟ । କିନ୍ତୁ ଏଠାରେ ମଧ୍ୟ ସେହି ଅଭାବ । ଯେପରି 'ଲୋକ' କଥାର ପ୍ରକୃତ ଅଭିପ୍ରାୟ, ତାତ୍ପର୍ଯ୍ୟ, ସାରାଂଶ ଆମେ ବହୁପରିମାଣରେ ବୁଝି ପାରୁ ନାହିଁ ଅଥଚ ଦେଖାଶିଖା ଗଡ଼ଡ଼ାଲିକା ନ୍ୟାୟରେ ପାଟି କରୁଛୁ, ସେହିପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ବିଭ୍ରାଟ । ରାଜନୀତି ହିସାବରେ ଆଜି କାଲି ଆମଦେଶ ପ୍ରାଚୀନ ପରଂପରାର ଇତିବୃତ୍ତରେ ବର୍ଷାକାଳୀନ ଛତୁ ପରି ବହୁବିଧ 'ବାଦ'ର ଯେଉଁ ପରିସ୍ଥିତି, ଠିକ ସେହିପରି ଆମର ପ୍ରାଚୀନ ସଂସ୍କୃତ



Digitized by srujanika@gmail.com

ଓ ଉତ୍କଳ ସାହିତ୍ୟର ଧାରାବାହିକ ଗତି ଓ ସାମ୍ପ୍ରତିକ ଦୃଷ୍ଟିରେ ଆଜିକାଲିର ତଥାକଥିତ 'ଲୋକ, ସାହିତ୍ୟର ପରିସ୍ଥିତି । ପୁଣି ବିବିଧ 'ବାଦ' ଯୋଗୁଁ-ପରି ସେହି 'ବାଦୀ'ମାନଙ୍କ ପକ୍ଷରେ ପରମ ସ୍ପୃହଣୀୟ, ଏକମାତ୍ର ଗନ୍ତବ୍ୟ ଅଥଚ ଅନ୍ୟ ସର୍ବସାଧାରଣଙ୍କ ପକ୍ଷରେ କେବଳ କଥାଜାଲ, ଦଳଗତ ହିତପର ବା ବାକ୍ଆଡ଼ମ୍ବର, ସେହିପରି ଆଜିକାଲିର ପ୍ରସୂତ 'ଲୋକ, ସାହିତ୍ୟ, ସେହି ସେହି ସାହିତ୍ୟ 'ସେବୀ' ବା 'ପ୍ରେମୀ' ମାନଙ୍କ ପକ୍ଷରେ ଆଦରଣୀୟ ବା ଅକଥନୀୟ ପ୍ରଶଂସ୍ୟ; କିନ୍ତୁ ଏ ଦେଶର ସାଧାରଣ ସାହିତ୍ୟ-ରସିକ, ପାଠକ, ବିଜ୍ଞଙ୍କ ପକ୍ଷରେ ତାହା କିମ୍ଭୂତ କିମାକାର ! ଆମର ଅଭିପ୍ରାୟ ଏଠାରେ ଯେପରି କେହି ଭୁଲ ନ ବୁଝନ୍ତି । ସବୁକଥା ବାସ୍ତବିକ ଲୋକମୂଳକ ହେବା ଶ୍ରେୟସ୍କର । ପ୍ରାଚୀନ ଭାରତୀୟ ଚିନ୍ତାର ଏହାହିଁ ପ୍ରାଥମିକ ଶିକ୍ଷା । ସେଥିପାଇଁ ଋଷିଋଷି ଗାଇଥିଲେ 'ସମସ୍ତ ଲୋକ ସୁଖୀ ହୁଅନ୍ତୁ' । କିନ୍ତୁ ସେଠାରେ ଲୋକର ଅର୍ଥ ସମଗ୍ର, ସର୍ବଜନ, ସମୁଦାୟ । ସେଠାରେ ଲୋକର ଅର୍ଥ ଆଧୁନିକ 'ବାଦୀ' ନୁହେଁ । ଆଜି ଆମର ଲୋକ-ସାହିତ୍ୟିକ 'କୃଷକ' ଓ 'ଶ୍ରମିକ' ଚିନ୍ତାର ଉଠାଉଛି; ତାଙ୍କର ଉନ୍ନତି କଳ୍ପେ ଲୋକଗଣ ସହସ୍ର ସହସ୍ର ରଚନା କରୁଛି, ଗୋଟି କବିତା ଅସଂଖ୍ୟ ରଚନା କରୁଛି । କିନ୍ତୁ ଏ କବିତା ବା ଗଳ୍ପର ସ୍ୱାଦ ବାସ୍ତବିକ ପଲ୍ଲୀର ନିଭୃତ କୋଣରେ, ବଣ ଜଙ୍ଗଲରେ ପଥ ପ୍ରାନ୍ତରରେ, ବିଲ ଶସ୍ୟରେ, ସଗଡ଼ ବାଟରେ, ନଦୀ ବା ଚିଲିକାର ନାହା ଉପରେ କେତେଜଣ ଅନୁଭବ କରୁଛନ୍ତି ? କେତେ ଜଣ କଲେଜ ଛାତ୍ର ବା ଛାତ୍ରୀ କି 'ଲୋକ' ? କେତେଗୋଟି ସଂଘ ବା ସମିତିର ସଭ୍ୟ କି 'ଲୋକ' ?

ବିଷୟଟି ଗୁରୁତର—ଗଭୀର ନିରପେକ୍ଷ ପକ୍ଷପାତ ଆଲୋଚନା ସାପେକ୍ଷ । ପଦ ପଦକରେ ଝୁଣିବାର ନୁହେଁ ଯେହେତୁ ପ୍ରାଚୀନ ଅର୍ବାଚୀନ ସଂଘର୍ଷର ହେତୁ । କ୍ରମେ 'ବୀଣା'ର ପୃଷ୍ଠାରେ ଏ ଆଲୋଚନା ବିଶଦ ହେବାର ଆଶା ଅଛି ।

× × ×

'ବୀଣା' ଆମ ପ୍ରକାଶ କରୁଛି— ଦ୍ୱିତୀୟ ସଂଖ୍ୟାରେ ପଦାର୍ପଣ କରୁଛି । ଏହା ଭିତରେ ଆମେ ଯେଉଁ ଆଶାବାଣୀ ନାନାଦିଗରୁ ଶୁଣୁଛୁ, ତାହା ଆମକୁ କର୍ତ୍ତବ୍ୟ ପଥରେ ଚତୁର୍ଗୁଣ ଉତ୍ସାହରେ ଅଗ୍ରସର ହେବା ପାଇଁ ପ୍ରବର୍ତ୍ତନା ଦେଉଛି । "ବୀଣା ପାଇଁ ଉପଯୁକ୍ତ ଲେଖା, ସନ୍ଦେଶ, ଚିତ୍ର, ବିଭିନ୍ନ ଶିଳ୍ପ ବା କାରିଗରିର ଛବି ଇତ୍ୟାଦି ପଠାଇଲେ ଆନନ୍ଦରେ ପ୍ରକାଶ କରିବୁ । ଲେଖା ଗୁଡିକ ଯୁକ୍ତିଯୁକ୍ତ, ସରସ, ଆଧୁନିକ ଆଲୋଚନା ମୂଳକ, ତାତ୍ତ୍ୱିକ ଓ ବିଜ୍ଞାନ ସମ୍ମତ ହେଲେ ପତ୍ରିକାର ଆଦର ବଢିବ, ଏହା କହିବା ବାହୁଲ୍ୟ ମାତ୍ର । × × ×



Digitized by srujanika@gmail.com

# ପୁସ୍ତକ ପରିଚୟ

## ସ୍ୱପ୍ନ-ସିନ୍ଦୂର

ଲେଖକ—ଶ୍ରୀ ବ୍ରହ୍ମାନନ୍ଦ ମିଶ୍ର

ତରୁଣ ପ୍ରାଣର କରୁଣ ମୂର୍ଚ୍ଛନା । ବେଦନା-ବିପର୍ଯ୍ୟର ପ୍ରତି ତନ୍ତ୍ରୀରେ ପ୍ରଣୟିନୀର ଅତୀତ ମଧୁର ସ୍ମୃତି ଫୁଟି ଉଠୁଛି । ଭାବ ଗଭୀର ଓ ପଦ ସରଳ । ବୋଧହୁଏ କବିଙ୍କର ଏହା ପ୍ରଥମ ଉଦ୍ୟମ; ହେଲେ ବି ଲେଖନୀ ଚାଳନାର ଭଙ୍ଗୀ ହୃଦୟସ୍ପର୍ଶୀ ।

ପ୍ରେୟସୀ ସହିତ ଶୁଭଗ ମୁହୂର୍ତ୍ତ ବିତାଇ ପ୍ରେମର ଅନାବିଲ ପରାକାଷ୍ଠା ଦେଖାଇବାକୁ ଯାଇ କବି ଲେଖିଛନ୍ତି—

"ତୁମରି ବିମ୍ବାଧରେ,
ଝିଙ୍କାଇବି ନିଜେ କଳ୍ପନା ମୋର
ପ୍ରେମର ଅତଳ ତଳେ"।

ତରୁଣ କବି ଦୀର୍ଘ ଜୀବନ ଲାଭ କରି ଉତ୍କଳ ମାତାର ଯୋଗ୍ୟ ସନ୍ତାନ ହୁଅନ୍ତୁ । ଏହାହିଁ ଆମର ସ୍ୱାଗତ ।

—

# 'ଚତୁରଙ୍ଗ'

(ଶୁଭେନ୍ଦ୍ର ସଂଖ୍ୟା)

ଭୋଟଲ କଳା ମଣ୍ଡଳର ମୁଖପତ୍ର ରୂପେ ପ୍ରକାଶ ପାଉଛି । ଏଥର ପ୍ରଥମ ବର୍ଷର ଦଶମ ସଂଖ୍ୟାଟି ଉଭୟ ଲଳିତ କଳା ପ୍ରବୀଣ ସରାଇକେଲା ରାଜକୁମାର ସ୍ୱର୍ଗୀୟ ଶୁଭେନ୍ଦ୍ର ନାରାୟଣ ସିଂହଦେବଙ୍କ ପବିତ୍ର ସ୍ମୃତିରେ ଉତ୍ସର୍ଗ । କୁମାର ମହୋଦୟ ରାଜ ପରିବାରରେ ବର୍ଦ୍ଧିତ ହୋଇ ଯୁଦ୍ଧ ଦେଶକୁ ବରଣ କରି ଓଡ଼ିଶାକୁ ଯେଉଁ ଅମର ପୁରାତନ ନୃତ୍ୟ ଦାନ କରି ଚାଲି ଯାଇଛନ୍ତି ଏଥିପାଇଁ ଉତ୍କଳ ମାତାର ସେ ଜଣେ ଯୋଗ୍ୟପୁତ୍ର । ତାଙ୍କର ନାମ ଉତ୍କଳର ପୂତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ରହିଗଲା । ତାଙ୍କର ଜୀବନ୍ତ ଛବି ବି ଚତୁରଙ୍ଗର ପ୍ରଚ୍ଛଦ ପଟକୁ ପୂର୍ଣ୍ଣ ଉପାୟନ କରୁଛି । ଭିତରେ ଥିବା ଛବି ଗୁଡ଼ିକର ଠାଣି ଅତି ଚମତ୍କାର ।

—



Digitized by srujanika@gmail.com

# ନିୟମାବଳୀ

୧ 'ବୀଣା' ପ୍ରତ୍ୟେକ ଓଡ଼ିଆ ଶୁଦ୍ଧ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ, ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜି ମାସ ପହିଲା ତାରିଖରେ ପଠାଉଥିବେ ।

୨ ଲେଖାଗୁଡ଼ିକ କାଗଜର ଗୋଟାଏ ଫାଳରେ ଲେଖୁଥିବା ଉଚିତ । ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ ।

୩ ଲେଖକ ଡାକ ଟିକଟ ଯୋଗାଇଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ।

ସମ୍ପାଦକ, 'ବୀଣା'

ମୁଦ୍ରାକର ଶ୍ରୀ ସିଂହାଦ୍ରି ପଣ୍ଡା, ରୟାଲ୍ ପ୍ରେସ୍, ମହୁରି ରାଜବେଢ଼, ବ୍ରହ୍ମପୁର (ଗଞ୍ଜାମ)

Digitized by srujanika@gmail.com

# ବିଜ୍ଞାପନ

୧ 'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୲, ଏହା ଅଗ୍ରିମ ଦେୟ, ଗ୍ରାହକଙ୍କ ଇଚ୍ଛାନୁମତେ ଭି: ପି: ରେ ମଧ୍ୟ ପଠାଯିବ ।

୨ ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୲୶

୩ 'ବୀଣା' ସମ୍ପର୍କରେ ଯେ କୌଣସି କଥା ପତ୍ରଦ୍ୱାରା ଜାଣିବାକୁ ହେଲେ ଗ୍ରାହକେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ ।

୪ କିଛି କାଳ ପାଇଁ ଗ୍ରାହକେ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ ।

୫ ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ରର ଆଦାନ ପ୍ରଦାନ ରଖିବେ ।

୬ କୌଣସି କାରଣ ବଶତଃ ବୀଣା ପାଇବାରେ ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ ।

୭ ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ ।

ପରିଚାଳକ, 'ବୀଣା'
ଠିକିଲ୍ (ଭଇଜାଗ)



Digitized by srujanika@gmail.com

ପ୍ରଥମ ବର୍ଷ

ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା




ତୃତୀୟ ସଂଖ୍ୟା

ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ ବି. ଏ.,

Digitized by srujanika@gmail.com

# ସୂଚୀ


| | ବିଷୟ | ଲେଖକ |
|---|---|---|
| ୧ | ମୈତ୍ରୀ (ନାଟକ) | ମହାରାଜା ଶ୍ରୀ ବିକ୍ରମଦେବ ବର୍ମା, D. Litt. |
| ୨ | ହେ ସାଧବକୁଳ ମଣି (କବିତା) | ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମା, ଏମ୍. ଏ. ବି. ଇଡ଼୍ |
| ୩ | ବିଜ୍ଞାନ ଓ ଧର୍ମ (ପ୍ରବନ୍ଧ) | ଶ୍ରୀ ରତ୍ନାକର ପତି, ଏମ୍. ଏ. |
| ୪ | ପରିତ୍ୟାଗ (ଗଳ୍ପ) | ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ସାମନ୍ତ |
| ୫ | ବସନ୍ତ ଆଗମେ (କବିତା) | ରାଜା ଜଗନ୍ନାଥ ଦେବ ବର୍ମା, ଡି. ଏସ୍‌ସି |
| ୬ | ଜାତୀୟତା ରକ୍ଷା (ପ୍ରବନ୍ଧ) | ଶ୍ରୀ ନବକିଶୋର ଦାସ, ବି. ଏ., ବି. ଏଲ. |
| ୭ | ଅସୀମର ଆହ୍ୱାନ (ପ୍ରବନ୍ଧ) | ଶ୍ରୀ କପିଳେଶ୍ୱର ଦାଶ, ଏମ୍. ଏ., ବି. ଇଡ଼୍. |
| ୮ | ସ୍ୱରସନ୍ଧ (ଗଳ୍ପ) | ଶ୍ରୀ ରାଜକିଶୋର ପଟ୍ଟନାୟକ |
| ୯ | ମୂକ ଦେବତା (କବିତା) | ଶ୍ରୀମତୀ ମନୋରମା ଦେବୀ |
| ୧୦ | ବିଚ୍ଛିନ୍ନ ଓଡ଼ିଶା ସମସ୍ୟା (ପ୍ରବନ୍ଧ) | ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା, ଏଲ୍. ଏମ୍. ପି. |
| ୧୧ | ମରହଟ୍ଟା ଶାସକଙ୍କ ଅଗୃଧ୍ନ ଚରଣ (ଐତିହାସିକ) | ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ, ବିଦ୍ୟାବାଚସ୍ପତି |
| ୧୨ | ଶ୍ରୀହର୍ଷ (ଜୀବନୀ) | ପଣ୍ଡିତ ଶ୍ରୀ ଗୋପବନ୍ଧୁ ବିଦ୍ୟାଭୂଷଣ |
| ୧୩ | ସପନ-ତରୀ (କବିତା) | ଶ୍ରୀ ମୁରାରୀ ପ୍ରସାଦ ଦାଶ, ଏମ୍. ବି. |
| | ସମ୍ପାଦକୀୟ | |


## ଗ୍ରାହକମାନଙ୍କ ପ୍ରତି

କେତେକ ଅସୁବିଧା ଯୋଗୁଁ 'ବୀଣା'ର ପ୍ରେସସ୍ଥାନ ବଦଳାଇବା ହେତୁ 'ବୀଣା' ବିଳମ୍ବରେ ପ୍ରକାଶ ପାଇଛି । ଆଶାକରୁଁ ସହୃଦୟ ଗ୍ରାହକ ଗ୍ରାହିକା ଓ ପାଠକ ପାଠିକା ଗଣ ତ୍ରୁଟି ମାର୍ଜନା କରିବେ ।

ପରିଚାଳକ
'ବୀଣା'

Digitized by srujanika@gmail.com

ତୃତୀୟ ସଂଖ୍ୟା　　ଜ୍ୟୈଷ୍ଠ—୧୩୪୪　　ପ୍ରଥମ ଭାଗ

ଓଁ ଯସ୍ତେ ସ୍ତନଃ ଶଶୟୋ ଯୋମୟୋଭୂ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦନଃ ।
ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତୀ ତମିହ ଧାତବେ କଃ ॥

ବୀଣା

# ମୈତ୍ରୀ

( ଶ୍ରୀ ବିକ୍ରମଦେବ ବର୍ମା )

[ ତହସିଲଦାର, ନାରାୟଣ ନାୟକ ସମ୍ବଲପୁରରୁ ପରିବର୍ତ୍ତିତ ହୋଇ ପୁରୁଷୋତ୍ତମପୁରର କଚେରିରେ କାର୍ଯ୍ୟ କରୁଥିଲା ସମୟରେ ଜନୈକ ଭଦ୍ରବ୍ୟକ୍ତି ମୋଟର ଗାଡ଼ିରେ ଆସି ସ୍ୱନାମାଙ୍କିତ ପତ୍ର ଦରୱାନକୁ ଦିଅନ୍ତେ ସେ ତାକୁ ନେଇ ନାରାୟଣଙ୍କ କରରେ ଦେଲା ]

ନାରାୟଣ—(ପତ୍ରକୁ ପଢ଼ି, ସ୍ୱଗତ) ସ-ଦା-ନ-ନ୍ଦ ସା-ହ-ତ । ଏ କିଏ ? କାହିଁକି ଆସିଛନ୍ତି ? (କୌତୂହଳ ଭାବ, ପ୍ରକାଶ୍ୟେ) ଅଚ୍ଛା, ଆସନ୍ତୁ । (ସେ ପ୍ରବେଶିଲା ପରେ ଟେଲିଗ୍ରାମ୍ ଟେଲିଗ୍ରାମ୍ ତାକୁ ବକ୍ରେ ଚାହିଁ) ଆପଣ ! ବସନ୍ତୁ ।

ସଦାନନ୍ଦ—(ଗୌରବାନ୍ୱିତ ବଚନ ଶ୍ରବଣରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ବସି) ଆପଣ କାର୍ଯ୍ୟକରଣରେ ବ୍ୟସ୍ତ ।

ନା—ହଁ, ଆମ୍ଭମାନଙ୍କର ଅବସରର ଅଭାବ । ସଦା କାର୍ଯ୍ୟ—କାର୍ଯ୍ୟ—କାର୍ଯ୍ୟ ! ଆପଣଙ୍କର ଦରକାର କଣ ?

ସ—ଆପଣ ମୋତେ ଚିହ୍ନିଲେ କି ?

ନା—(ଅଖି ବୁଜି ଭାବି) ଏକଦା ସ୍ଥାନବିଶେଷରେ ଆପଣଙ୍କୁ ଦେଖିଥିଲା ପରି ପ୍ରତେ ହୁଏ ।

ସ—ଆମ୍ଭେ ଦୁହେଁ ବ୍ରହ୍ମପୁର କଲେଜରେ ଇଣ୍ଟରମିଡ଼ିଏଟ୍ କ୍ଲାସର ସହପାଠୀ । ଆପଣ ପାସ୍ କରି କାର୍ଯ୍ୟ ଗ୍ରହଣ କଲେ; ମୁଁ ପାସ୍ କରି ବି. ଏ. ପଢ଼ିବା ପାଇଁ ବିଜୟନଗର ଗଲି ।

ନା—ହଁ, ହଁ । ଏବେ ଅଳ୍ପ ସ୍ମରଣ ହେଲା । ଆପଣ ବଦଳି ଯାଇଅଛ ।

ସ—ମୁଁ ବଦଳି ନାହିଁ; ଆପଣ ସମ୍ପୂର୍ଣ୍ଣ ପରିବର୍ତ୍ତିତ । କାର୍ଯ୍ୟଦ୍ୱାରା—

ନା—ସମ୍ଭବପର । କେତେକ ବର୍ଷ ବିତିଗଲେ ଆକାର ପରିବର୍ତ୍ତନ ପରିଲକ୍ଷିତ । ଏବେ କି କାର୍ଯ୍ୟ କରୁଅଛ ?

ସ—ନୌକରି କରେନାହିଁ; ପିତାର୍ଜ୍ଜିତ ଭୂମି ଅଛିତ । ତାପରେ ମୁଁ ବ୍ୟବସାୟ କରି କାଳକ୍ଷେପ କରୁଅଛି । ମୋର କେତେ ଜମି ଏ ଅଞ୍ଚଳରେ ମଧ୍ୟ ଅଛି ।

Digitized by srujanika@gmail.com

ନା—ଔତ୍ତମ । ଅଦ୍ୟ ଆପଣଙ୍କ ଆଗମନ-କାରଣ ?
ସ—କାରଣ କିଛି ହିଁ ନାହିଁ । ପୂର୍ବ ମୈତ୍ରୀକ ସ୍ମର ଆପଣଙ୍କୁ ଦେଖିବାକୁ ମାତ୍ର ଆସିଲି ।
ନା—ଆନନ୍ଦ । ବଡ଼ା ଚୁକ୍ତିଭନେ ବସି ଗଢ଼ିବା ।
ସ—ହେଉ । (ଉଠି) ବିଦାୟ ।

ଏତେ ବୋଲି ସେ ନିଜ ମୋଟର ଗାଡ଼ିରେ ଚଢ଼ି ପ୍ରସ୍ଥାନ କଲା । ନାରାୟଣ ଦରିଦ୍ର ସନ୍ତାନ । ତାହାର ବିଦ୍ୟାବୁଦ୍ଧି କେତେ ଜଣଙ୍କ ଧନ ସାହାଯ୍ୟରେ ମାତ୍ର । ସେ ବ୍ରହ୍ମପୁରରେ ଇଣ୍ଟରକ୍ଲାସରେ ପଢ଼ୁଥିଲା ସମୟରେ ପ୍ରାୟଶଃ ସଦାନନ୍ଦର ବସାରେ କାଳଯାପନ କରେ । ମଧ୍ୟ ସଦାନନ୍ଦ ଠାରୁ ଅନେକବାର ଧନ ସାହାଯ୍ୟ ଲଭିଥିଲା । ସେ ଇଣ୍ଟରକ୍ଲାସ ପରୀକ୍ଷା ପାସ କରି ଛତ୍ରପୁର କଲେକ୍ଟର-କଚେରୀରେ କରଣି କାମଟିଏ ଲଭି କମୋନ୍ନତ ହୋଇ ପୁରୁଷୋତ୍ତମ-ପୁରରେ ତହସିଲଦାର କାର୍ଯ୍ୟ କରୁଥିଲା । ସେ ଗର୍ବୀ ଏବଂ କ୍ରୂରସ୍ୱଭାବୀ । ଦରିଦ୍ର ଧନୀ କମ୍ବା ଅର୍ଥୀକାରୀ ହେଲେ ତାର ଆଖି ଦେଖେ ନାହିଁ, କାନ ଶୁଣେ ନାହିଁ, ତୁଣ୍ଡ କହେ ନାହିଁ ଏବଂ ହୃଦୟ ତରଳେ ନାହିଁ । ଏହା ପ୍ରାୟଶଃ ସର୍ବତ୍ର ବିଦ୍ୟମାନ ।

ସଦାନନ୍ଦ କେବଳ ସୌହାର୍ଦ୍ଦ ଲଭିବାକୁ ମାତ୍ର ନାରାୟଣ ନିକଟକୁ ଯାଇଥିଲା । ସେ ତାଠାରୁ ତାହା ଲଭି ନପାରି ବିମୁଖ ହୋଇ ତଦ୍ଦର୍ଶନ ବନ୍ଦ କଲା ।

ସଦାନନ୍ଦ ଅଗର୍ବ ଶ୍ରୀମନ୍ତ ଏବଂ ବିଦ୍ୟାବନ୍ତ । ସେ ଜନନୀ-ଜନକଙ୍କ ଏକମାତ୍ର ସନ୍ତାନ । ତା ଜନନୀ ଜନକ ନାକଲୋକବାସୀ । ତାର ଜାୟା ବିମଳା ଏବଂ ନାଥାନୁକୂଳା । ତାର ହୃଦୟ କରୁଣାମୟ । "ମାନବ ସେବା ମାଧବ ସେବା" ଭାବି ସେ ସର୍ବଦା ପରୋପ-କାର ରତ । ସେସ୍ଥାନ ଜନମାନଙ୍କ ପ୍ରେମପାତ୍ର ହୋଇ ସେ ସୁଖେ କାଳଯାପନ କରୁଥାଏ ।

ସଦାନନ୍ଦ ସିନେମାଶାଳରେ, ନାଟକ ପ୍ରଦ-ର୍ଶନରେ କବା ସଭାସମିତିରେ ନାରାୟଣକୁ ଦେଖିଲେ ହେଁ ମୌନୀ ହୋଇଥାଏ । ତାଠାରେ ନାରାୟଣର କିଛିକାରଣେର୍ଷା ଜନ୍ମନ୍ତେ ସେ କୃତଘ୍ନ ରଇତଙ୍କୁ ଉତ୍ତେଜିତ କରି ସଦାନନ୍ଦର ଭୂମି ସମ୍ବନ୍ଧରେ ଗଣ୍ଡ-ଗୋଳ ସୃଷ୍ଟି କଲା ।

ଉପକାରୀର ଅପକାର କରିବା ନରେ
ଛନ୍ଦାକ ପରି ଦେଖାଯାନ୍ତି ଏ ଦେଶରେ ।

ତଥାପି ସଦାନନ୍ଦ ନାରାୟଣ ସମ୍ମୁଖୀନ ନୋହି କୋର୍ଟଙ୍କ ଆଶ୍ରୟ ନେଇ ସବୁ ସମାଧାନ କରି ନେଲା ।

ପୁରୁଷୋତ୍ତମପୁରାଞ୍ଚଳ ଜନେ ନାରାୟଣର ଦୁଷ୍କାର୍ଯ୍ୟଚୟକୁ ଅଙ୍କନ କରି ଗୋଟିଏ ବିଜ୍ଞାପନ ପତ୍ର ଗବର୍ଣ୍ଣମେଣ୍ଟଙ୍କୁ ପଠାନ୍ତେ, ସେ ବାଲେଶ୍ବରାଞ୍ଚଳକୁ ପରିବର୍ତ୍ତିତ ହେଲା ।

କେତେକବର୍ଷ ପରେ ସଦାନନ୍ଦ ନିଜ ଜାୟାକୁ ଏବଂ ଶାଶୁକୁ ସଙ୍ଗେ ଘେନି ତୀର୍ଥାଟନ ନିମିତ୍ତ ବାହାରି କାଶୀ, ଗୟା, ପ୍ରୟାଗ, ସାକେତ, ମଥୁରା, ବୃନ୍ଦାବନ ପ୍ରଭୃତି ଦିବ୍ୟସ୍ଥଳଙ୍କ ଦର୍ଶନ କରି ଫେରି ଆସିଲା ସମୟରେ ଶାଶୂ ଜ୍ୱର ପୀଡ଼ିତା ହୁଅନ୍ତେ ଚିକିତ୍ସା ପାଇଁ ବାଧ୍ୟ ହୋଇ ବ୍ରହ୍ମପୁର ରେଲବେଷ୍ଟେସନ ନିକଟ ସ୍ଥିତ ସ୍ୱଗୃହରେ ବାସକଲା । ସେ ଥିଲା ଘରର ନିକଟ ମନ୍ଦିରରୁ ବାହାରୁଥିଲା କ୍ରନ୍ଦନ ଶ୍ରବଣ କରି ସଦାନନ୍ଦ ସହସା ସେ ସଦନରେ ପ୍ରବେଶି ଦେଖିଲା ଯେ ସେ କୁଟିରରେ ଜନୈକ ଛିନ୍ନଚେଲଧର ନର ପତିତ ହୋଇ ରୋଗକ୍ଲେଶ ବଶରୁ କ୍ରନ୍ଦୁଅଛି ! ତାର ଶରୀର କଙ୍କାଳ ତୁଲ୍ୟ ଏବଂ ଘନନିଶ୍ୱାସ । ତାକୁ ନାରାୟଣ ବୋଲି ଚିହ୍ନିପାରି ସଦାନନ୍ଦ ଡାକ୍ତରଙ୍କୁ ଡାକିଆଣି ଚିକିତ୍ସା କରାଇ ଉପୋଷଣଭାର ନିଜେ ଗ୍ରହଣ କଲା । ନାରାୟଣ ସମ୍ପୂର୍ଣ୍ଣାରୋଗ୍ୟ ଲଭିବା ଯାଏ ସକୁଟୁମ୍ବ ସଦାନନ୍ଦ ବ୍ରହ୍ମପୁରରେ ବାସ କରି ତାକୁ ସଙ୍ଗେ ଘେନି ନିଜ ମନ୍ଦିରରେ ପ୍ରବେଶିଲା । ନାରାୟଣ କେତେଦିନ ସଦାନନ୍ଦ ମନ୍ଦିରରେ ରହିଲା ପରେ ଏକ ଦିନ ସେ ମିତ୍ରଦ୍ୱୟ ପୁର ପୁରଃସ୍ଥିତ ସୁମନୋଦ୍ୟା-ନରେ ଉପବେଶନ କରୁଥିଲା ସମୟରେ—

ସ—ମିତ୍ର ! ତୁମ୍ଭ ଦୁର୍ଗତିର କାରଣ ଶ୍ରବଣ ଯୋଗ୍ୟ ହେଲେ ମୁଁ ଶୁଣିବାକୁ ଇଚ୍ଛୁକ ।
ନା—(ଲୋତକପୂରିତ ଲୋଚନ ହୋଇ) ମୁଁ ଦୁଷ୍ଟ— କୃତଘ୍ନ ! ଉପକାରୀ ହେବା ତୁମ୍ଭର ଅପକାର କଲ୍ପଫଳ ପାଇଲି । ମୁଁ ବାଲେଶ୍ବରାଞ୍ଚଳରେ ଲଞ୍ଚ ନେଲା ଅପରାଧରେ କାର୍ଯ୍ୟରୁ ଚ୍ୟୁତ ହେଲି ।



Digitized by srujanika@gmail.com

ପରେ୨ ମୋ ସ୍ତ୍ରୀ ଏବଂ ବାଳକ ମୃତ । ମୁଁ ତଦ୍ଦୁଃଖ ଭୁଞ୍ଜୁଥିଲା କାଳରେ ଡକାଏତେ ମୋ ଧନ ହରଣ କଲେ । ମୁଁ ବାଧ୍ୟ ହୋଇ ଭିକ୍ଷା-ପାତ୍ର ଗ୍ରହଣ କରି ରୋଗକ୍ଲେଶ ବଶରୁ ଭୂପତିତ ହୋଇଥାନ୍ତେ ତୁମ୍ଭେ ଅପକାରୀର ଉପକାର କଲ । (ଉଠି ସଦାନନ୍ଦର ଚରଣଯୁଗଳକୁ ଧରି) ତୁମ୍ଭଠାରେ କରିଲି ମନ୍ଦକର୍ମ-ଫଳ ଇହରେ ଯଥୋଚିତ ଲଭିଲି । ତୁମ୍ଭେ କ୍ଷମା ନକଲେ ପରରେ ନାରକୀ ହେବି ।

ସ—(ଉଠି ନାରାୟଣଙ୍କୁ ଆଲିଙ୍ଗି କତରେ ବସାଇ) ମିତ ! ଗତ କର୍ମ ପାଇଁ ଚିନ୍ତିତ ହୁଅନାହିଁ । ଗ୍ରହଗୁରବଶରୁଁ ଭଲ ଏବଂ ମନ୍ଦ ଘଟେ । ଏବେ ତୁମ୍ଭେ ପଶ୍ଚାତ୍ତପ୍ତ । ପଶ୍ଚାତ୍ତାପ ସର୍ବୋତ୍କୃଷ୍ଟ ପ୍ରାୟଶ୍ଚିତ୍ତ । ଅତଏବ ତୁମ୍ଭେ ସର୍ବପାପ ବିମୁକ୍ତ । ମୋର କଥା ଶୁଣ । ଏ ମୋ ଦ୍ୱିତୀୟ ନିଳୟରେ ବାସ କରି ମାନେଜର ରୂପେ ମୋ କାର୍ଯ୍ୟମାନଙ୍କୁ କର । ବର୍ତ୍ତମାନ ମାସିକ ଏକଶତ ଟଙ୍କା ଲଭିବ । ବିବାହ ପରେ—

ନା —ଧନ୍ୟବାଦ ! ଧନ୍ୟବାଦ !! ଏ ଜନ୍ମରେ ପୁନଶ୍ଚ ବିବାହିତ ହୋଇ କୁଟୁମ୍ବର ଜଞ୍ଜାଳ ଆଉ ଭୋଗିବି ନାହିଁ । ଭଗବଦ୍ଭକ୍ତିରେ ମୋ ଶେଷ ଜୀବନ ଯାପନ କରିବି ।

# ହେ ସାଧବକୁଳ ମଣି !

( ଶ୍ରୀ ଗୌରୀକୁମାର ବ୍ରହ୍ମା, ଏମ୍. ଏ., ଓ. ଇ. ଓ. )

ଭଞ୍ଜି ତବ ହେ ସଞ୍ଜି ହେଲା କି
ଜୀବ-ଦିବସର ତବ,
ତୃପ୍ତି କରିବ ସୃଷ୍ଟି କରି କେ
କବିତାର ଅଭିନବ !
ରସାଳୁ ରସାଳ କୁଳିଶୁ କଠିନ
କବି ତୁମେ ସିନା କେତେ,
କବିତା-କାବ୍ୟ ବୁଣିଗଲ ବୀଜ
ବୀଣାପାଣି ସୁନାଖେତେ ।
ଉତ୍ତ୍ର ଭାରତୀ ଉଗ୍ର ଧରିଲ
ବାକ୍ୟ-ସୁମନ ମାଳେ,
ହେଲେ ମଣ୍ଡିତ ପଣ୍ଡିତବର !
ରାଜୁଥିବେ କାଳେ କାଳେ ।
ପଲ୍ଲବ ସୁମନ- କମ୍ର କାନ୍ତ
ଫୁଲ୍ଲ ମଞ୍ଜୀ ବାସ,
ଉପବନେ ତବ ରସ କବିତାର
ରଚୁଥିବେ ମଧୁଶ୍ୱାସ ।

ଦର୍ଶନେ ଯାର ବିଳସିବ ବଳେ
ଭାବ-ଷଟ୍‌ପଦମାଳ,
ହର୍ଷ-ଲପନେ ଲଳିତେ ନାଚିବ
ମୃଦୁଳ ଗୀତି ବାଳ ।
ଉପମା ରୂପକ ଏ ଆଦି ଯେତେକ
ଅଳଂକାର-ସୁଚେଳେ,
ରଞ୍ଜିତ କରି ଯାଇଚ କବି ହେ
ଭାଷା ଜନନୀକି ହେଲେ ।
"କୋଠି" "ଲାବଣ୍ୟ" "ବିଳାସ" "ଅବନୀ"
"ଲୁଅଲୁକ" "ହାସ୍ୟବଳୀ"
ଦୀପ୍ତି ପରଶେ ସ୍ଫୂର୍ତ୍ତି ତେଜିଲା
ଉଠେ ଉତ୍କଳ ଝଲ ।
କହିବ କି ଦେଇ ଅଛନ ତବ,
ଦୈନ୍ୟର ମୁଁ ଯେ ଗଣି
ଘେନ ଅନ୍ତର ଭକ୍ତି ବିମଳ
ହେ ସାଧବକୁଳମଣି !



Digitized by srujanika@gmail.com

# ବିଜ୍ଞାନ ଓ ଧର୍ମ

( ଅଧ୍ୟାପକ ଶ୍ରୀ ରତ୍ନାକର ପତି, ଏମ୍. ଏ. )

ଆଧୁନିକ ଯୁଗ ପ୍ରଧାନତଃ ସମୀକ୍ଷାପ୍ରବଣ । ଯୁକ୍ତିସମର୍ଥିତ ନ ହେଲେ କୌଣସି ସିଦ୍ଧାନ୍ତ ଆଦରର ସହିତ ଗୃହୀତ ହେବା ଏ ଯୁଗରେ କଠିନ । ସେଥିପାଇଁ ସମୀକ୍ଷା ମାନବସମାଜର ପ୍ରତ୍ୟେକ ବିଭାଗରେ ବିଶିଷ୍ଟ ସ୍ଥାନ ଅଧିକାର କରି ବସିଅଛି । ଏହି ସମୀକ୍ଷା ସ୍ୱାଧୀନ ଚିନ୍ତା ଓ ଗବେଷଣାର ସହଗାମୀ, ଏବଂ ଏହାର ଆଶ୍ରୟ ନେଇ ବିଜ୍ଞାନ ଜଗତରେ ଅଦ୍ଭୁତ ଶକ୍ତି ଦେଖାଉଅଛି । ଏହାର ପ୍ରଭାବ ବିଜ୍ଞାନ-ଜଗତରେ ଏତେ ଅଧିକ ଯେ, ଲୋକେ ଭାବିବାକୁ ବସିଲେଣି—ବିଜ୍ଞାନ ଓ ସମୀକ୍ଷାର ଆତ୍ମା ଏକ—ଯେଉଁଠାରେ ସମୀକ୍ଷା, ସେହିଠାରେ ବିଜ୍ଞାନ ଓ ଯେଉଁଠି ବିଜ୍ଞାନ, ସେଇଠି ସମୀକ୍ଷା । ବସ୍ତୁତଃ ଯେଉଁ ଉକ୍ତି ବା ସତ୍ୟ ସମୀକ୍ଷା ଉପରେ ପ୍ରତିଷ୍ଠିତ ନୁହେଁ, ତାହା ବିଜ୍ଞାନାନୁମୋଦିତ ନୁହେଁ—ତାହା ଅମୂଳକ ତଥା ଭ୍ରାନ୍ତ ବୋଲି ବିବେଚିତ ହୁଏ । ବିଜ୍ଞାନର ଲକ୍ଷ୍ୟ, ପ୍ରକୃତିର ବିଭିନ୍ନ ବିଭାଗରେ ନିହିତ ସତ୍ୟମାନଙ୍କର ଆବିଷ୍କାର ଓ ପ୍ରତିପାଦନ । କେବଳ ଏତିକି ନୁହେଁ, ଏହି ସତ୍ୟ ଗୁଡ଼ିକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗକରି ବ୍ୟାବହାରିକ ଜୀବନର ଶ୍ରୀବୃଦ୍ଧି ସାଧନ କରିବା ମଧ୍ୟ ଏହାର ଲକ୍ଷ୍ୟର ଅନ୍ତର୍ଗତ । ସୁତରାଂ ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ସାହାଯ୍ୟରେ ଯାହା ପ୍ରମାଣିତ ନୁହେଁ, ତାହା ବିଜ୍ଞାନର ଚକ୍ଷୁରେ ସତ୍ୟ ନୁହେଁ । ବ୍ୟାବହାରିକ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା ହୃଦୟଙ୍ଗମ କରି ଅଧିକାଂଶ 'ଇନ୍ଦ୍ରିୟଭାବିସ୍ୱ' ବା ପ୍ରତ୍ୟକ୍ଷବାଦୀ ହେବାକୁ ଉଦ୍ୟତ ଏବଂ ଅତୀନ୍ଦ୍ରିୟ ଜଗତରେ ବିଶ୍ୱାସ ସ୍ଥାପନ କରିବାକୁ କୁଣ୍ଠିତ । ବିଜ୍ଞାନମନୋବୃତ୍ତି ଜନସମାଜରେ ଏବେ ଏତେ ପ୍ରାବଲ୍ୟ ଲାଭ କରିଅଛି ଯେ, ଧର୍ମବିଶ୍ୱାସ କ୍ରମଶଃ କମିବାକୁ ଲାଗିଅଛି; ଏପରିକି ଧର୍ମ ଏକ ଅମୂଳକ ମାନସିକ ବିକାର ବୋଲି ବର୍ଣ୍ଣିତ ହୋଇ ଘୃଣିତ ହେବାକୁ ଲାଗିଲଣି । 'ଧର୍ମ', ଏହି ନାମ ଶୁଣିବା ମାତ୍ରକେ ଲୋକେ ନାସିକା କୁଞ୍ଚନ କରି ଘୃଣାବ୍ୟଞ୍ଜକ ମୁଖଭଙ୍ଗୀ ଦେଖାଇଥାନ୍ତି । ସମାଜର ଏହି ସନ୍ଧିସ୍ଥଳରେ ଭାବୁକ ମନରେ କେତେଗୁଡ଼ିଏ ପ୍ରଶ୍ନ ଉଦିତ ହେବା ସ୍ୱାଭାବିକ । ମାନବ ସେଥିପାଇଁ ନିଜକୁ ପଚାରି ଉଠେଣି, ଧର୍ମ କଣ ପ୍ରକୃତରେ ଏକ ଅମୂଳକ ମାନସିକ ବିକାର ? ବିଜ୍ଞାନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଧର୍ମ କ'ଣ ତା'ର ଉପାଦେୟତା ହରାଇ ବସିବ ? ଧର୍ମ ଓ ବିଜ୍ଞାନ ମଧ୍ୟରେ କ'ଣ ଏକ ଅହିନକୁଳ ସମ୍ପର୍କ ବିଦ୍ୟମାନ ? ଅବହମାନକାଳରୁ ଧର୍ମ ମାନବ-ଜୀବନରେ ଯେଉଁ ପ୍ରଭାବ ବିସ୍ତାର କରି ଆସିଅଛି, ତାହାର ଧ୍ୱଂସସାଧନ କ'ଣ ବିଜ୍ଞାନର ଲକ୍ଷ? ଏ ଦୁହିଙ୍କ ମଧ୍ୟରେ ସମନ୍ୱୟର କ'ଣ କୌଣସି ସମ୍ଭାବନା ନାହିଁ ?

ଏହି ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ଦେବାକୁ ହେଲେ ନିମ୍ନଲିଖିତ ବିଷୟଗୁଡ଼ିକ ବିଚାର କରିବା ଉଚିତ !—

୧) ପ୍ରାଗ୍‌ବୈଜ୍ଞାନିକ ଯୁଗରେ ଧର୍ମର ଅବସ୍ଥା ।

୨) ବୈଜ୍ଞାନିକ ଯୁଗର ଆବିର୍ଭାବ ଓ ତାହାର ଅଧୀନରେ ଧର୍ମର ଅବସ୍ଥା ।

୩) ବିଜ୍ଞାନର ଆଧୁନିକ ଉନ୍ନତି ଧର୍ମକୁ କି ଅବସ୍ଥାର ଅଧୀନ କରିଅଛି ।

୪) ବିଜ୍ଞାନ ଓ ଧର୍ମ ମଧ୍ୟରେ ଯଥାର୍ଥ ସମ୍ବନ୍ଧ ।

କିନ୍ତୁ ଏହି ସବୁ ବିଷୟର ଆଲୋଚନାରେ ପ୍ରବୃତ୍ତ ହେବା ପୂର୍ବରୁ ବିଜ୍ଞାନ ଓ ଧର୍ମର ସ୍ୱରୂପ ସମ୍ବନ୍ଧରେ କିଛି କହିବା ଆବଶ୍ୟକ ମନେକରୁଁ ।

ବିଜ୍ଞାନ ଓ ଧର୍ମ ଉଭୟେ ମାନବୀୟ ବ୍ୟାପାର । ମାନବଜୀବନର ପ୍ରୟୋଜନ ସିଦ୍ଧି ଲାଗି ଉଭୟର ଉତ୍ପତ୍ତି । ଧ୍ୱଂସମୁଖରୁ ନିଜକୁ ରକ୍ଷାକରି ଜୀବନର ଆନନ୍ଦ ଓ ପୂର୍ଣ୍ଣତା ଲାଭକରିବା ମାନବର ଗୋଟିଏ ଅନ୍ତର୍ନିହିତ ବୃତ୍ତି । ସେଥିପାଇଁ ଜଣେ ବିଶିଷ୍ଟ ଲେଖକ କହି ଅଛନ୍ତି—ଜୀବନରକ୍ଷଣବୃତ୍ତି ଜୀବନର ଆରମ୍ଭରୁ କାର୍ଯ୍ୟକରେ ଏବଂ ଜୀବନ ବିକାଶ ସଙ୍ଗେ ସଙ୍ଗେ ଏ ବୃତ୍ତିଟି କ୍ରମଶଃ ଶକ୍ତିଶାଳୀ ହୋଇ ପରିଣାମରେ ଆତ୍ମରକ୍ଷଣ ଓ ଆତ୍ମବିକାଶ ରୂପରେ ନିଜକୁ ପ୍ରତିଷ୍ଠିତ କରିବସେ ।



Digitized by srujanika@gmail.com

ଏହାଦ୍ୱାରା ପ୍ରଣୋଦିତ ହୋଇ ମାନବ ଜୀବନର ପ୍ରୟୋଜନସିଦ୍ଧି ନିମିତ୍ତ ଆପଣାକୁ ବଳିଷ୍ଠ ଓ ଉପଯୋଗୀ କରିବାକୁ ଚେଷ୍ଟାକରେ । ଫଳତଃ ଜୀବନସଂଗ୍ରାମ ଲାଗି ନାନା ଉପାୟର ଅବସ୍ଥାର ଓ ଉଦ୍‌ଭାବନର ସୂତ୍ରପାତ ହୁଏ । ଏହିକାରଣରୁ ମାନବର ଜୀବନକ୍ଷେତ୍ରରେ କଳା, ଦର୍ଶନ, କବିତା; ଧର୍ମ, ବିଜ୍ଞାନ ପ୍ରଭୃତିର ଉତ୍ପତ୍ତି ଘଟିଅଛି । ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ହୋଇଥିଲେ ମାନବ ଆଦୌ ଏ ଜଗତରେ ଗତି କରି ନ ଥାନ୍ତା । କିନ୍ତୁ ସେ ତାହା ନୁହେ, ତାହାର ଜୀବନ ଅପୂର୍ଣ୍ଣ, ତାହାର ଶକ୍ତି ଓ ଜ୍ଞାନ ସୀମାବଦ୍ଧ । ସୁତରାଂ ଉଲ୍ଲିଖିତ ଉପାୟଗୁଡ଼ିକ ଅବଲମ୍ବନ ନ କରି ସେ କଦାପି ଆତ୍ମରକ୍ଷା ଓ ଆତ୍ମବିକାଶ ସମ୍ପାଦନ କରି ପାରିବ ନାହିଁ ।

ପୂର୍ବେ ସୂଚିତ ହୋଇଅଛି, ବିଶ୍ୱପ୍ରକୃତିର କୌଣସି ଗୋଟିଏ ବିଶିଷ୍ଟ ବିଭାଗର ଜ୍ଞାନକୁ ଆମ୍ଭେମାନେ ବିଜ୍ଞାନ କହିଥାଉଁ । ଏହି ଜ୍ଞାନ ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ଉପରେ ପ୍ରତିଷ୍ଠିତ, ତେଣୁ ପ୍ରମାଣସିଦ୍ଧ ଓ ଅଭ୍ରାନ୍ତ । ପ୍ରାକୃତିକ ନିୟମମାନଙ୍କର ଅବସ୍ଥାର ତଥା କାର୍ଯ୍ୟକାରଣ ବିଧିରେ ବସ୍ତୁସମୂହର ବ୍ୟାଖ୍ୟା ଏହାର କାର୍ଯ୍ୟ । ପ୍ରକୃତିନିୟତିବୃତ୍ତି* ଓ କାର୍ଯ୍ୟକାରଣ-ବିଧି‡ ଏହାର ଭିତ୍ତିଭୂମି । ଏହାର ଗୋଟିଏ ବିଶେଷତ୍ୱ ଏହିଯେ, ଏହା ବସ୍ତୁଗୁଡ଼ିକର ବ୍ୟାଖ୍ୟା ଦେବାକୁ ଯାଇ ଅତୀନ୍ଦ୍ରିୟ ବସ୍ତୁର ସାହାଯ୍ୟ ନିଏ ନାହିଁ । ବିଜ୍ଞାନର ଦୃଷ୍ଟି ବାସ୍ତବ-ଜଗତର ନିରାଟ ସତ୍ୟଆଡ଼େ ପଡ଼େ । ମାନବର ସୁଖ-ଦୁଃଖ, ଆକାଂକ୍ଷା-ଅଭିଳାଷ, ଏହାର ଲକ୍ଷ୍ୟକୁ ପ୍ରଭାବିତ କରେ ନାହିଁ । ସଜୀବ, ନିର୍ଜୀବ, ଚେତନ, ଅଚେତନ ପ୍ରତ୍ୟେକ ବସ୍ତୁର ପ୍ରାକୃତିକ କାରଣ ବା ନିୟମ ଅନୁସନ୍ଧାନ ତଥା ନିରୂପଣ କରିବା ହେଲା ଏହାର କାର୍ଯ୍ୟ । ସୁତରାଂ ବିଜ୍ଞାନ ଅତିବାସ୍ତବ ପ୍ରତି ପରାଙ୍ମୁଖ କହିଲେ ଚଳେ । ନିମ୍ନଲିଖିତ ଉଦାହରଣରୁ ବିଜ୍ଞାନର ବ୍ୟାଖ୍ୟାନ-ପ୍ରଣାଳୀ କେତେକ ପରିମାଣରେ ଉପଲବ୍‌ଧ ହେବ । ମନେକର ପୂର୍ବାକାଶରେ ଇନ୍ଦ୍ରଧନୁ ପ୍ରତିଭାତ ହୋଇ-ଅଛି । କବି ବସ୍ତୁଟିର ରୂପରେ ମୁଗ୍‌ଧ ହୋଇ କଳ୍ପନାର ସାହାଯ୍ୟରେ ତହିଁରେ 'ସତ୍ୟ' 'ଶିବ' ଓ 'ସୁନ୍ଦର'ର ଏକ ଅପୂର୍ବ ସମାବେଶ ମଧୁମୟ କବିତାକାରରେ ବର୍ଣ୍ଣନା କରେ ଓ ଚିତ୍ରକର ମାନବର ଚିତ୍ତବିନୋଦନ ନିମିତ୍ତ ଏହାର ରମଣୀୟ ରୂପର ଗୋଟିଏ ଜ୍ୱଳନ୍ତ ପ୍ରତିଲିପି ଅଙ୍କନ କରିବସେ । ମାତ୍ର ବୈଜ୍ଞାନିକ ଏହିଭାବରେ ଇନ୍ଦ୍ରଧନୁଟିକୁ ଦେଖେ ନାହିଁ, ସେ ଖୋଜିବସେ ତାହାର କାରଣ । କି କି ଉପାଦାନର ସଂଯୋଗରେ ଇନ୍ଦ୍ରଧନୁଟିର ଉତ୍ପତ୍ତି ଘଟିଅଛି । କି କି ନିୟମରେ ଏହି ଉପାଦାନଗୁଡ଼ିକ ସମାବିଷ୍ଟ ହୋଇ ଧନୁକାକାରରେ ବିଦ୍ୟମାନ । ତାହାର ଏହି ଅନୁସନ୍ଧିତ୍ସାର ସମ୍ମୁଖରେ କବିର କଳ୍ପନାବିଳାସ ଓ ଚିତ୍ରକରର ଅଙ୍କନ ଚାତୁରୀ କେଉଁଆଡ଼େ ଲୀନ ହୋଇଯାଏ । ସେତେବେଳେ ସୌନ୍ଦର୍ଯ୍ୟପିପାସା ବୈଜ୍ଞାନିକର ହୃଦୟରେ ଅନୁଭୂତ ହୁଏ ନାହିଁ, ତାହାର ମନ କେବଳ ଇନ୍ଦ୍ରଧନୁଟିର ସ୍ୱରୂପ ଓ ଗଠନ ବିଧିର ଅନୁସନ୍ଧାନରେ ମଗ୍ନ । ପ୍ରକୃତିର କେଉଁ୨ ନିୟମରେ ଓ କେଉଁ୨ ଉପାଦାନରେ ଏହି ଦୃଶ୍ୟଟିର ଉତ୍ପତ୍ତି ଘଟିଅଛି, ଏହାହିଁ ତାହାର ବିଶ୍ଳେଷଣ ଓ ପରୀକ୍ଷାର ସାମଗ୍ରୀ ହୋଇପଡ଼େ । ପଦାର୍ଥବିଜ୍ଞାନ ଏହାର ବ୍ୟାଖ୍ୟା ଦେବାକୁ ଯାଇ କହେ, କୌଣସି ଏକ ମାଧ୍ୟମ§ ଉପରେ ପତିତ ଆଲୋକତରଙ୍ଗର ଭଙ୍ଗୀରୁ ଏହାର ଉତ୍ପତ୍ତି ଘଟିଅଛି । ଗଣିତବିଜ୍ଞାନ କହେ ଉପାୟରେ ଏହାର ରୂପଟି ଧନୁକାକାର ଧାରଣ କରିଅଛି, ତାହାହିଁ ସ୍ଥିରକରେ । ଶରୀର ବିଜ୍ଞାନ ଓ ମନୋବିଜ୍ଞାନ କହେ, କିପରି ଦର୍ଶନେନ୍ଦ୍ରିୟର ସମ୍ପର୍କରେ ଆସି ଏହା ବିଭିନ୍ନ-ବର୍ଣ୍ଣବିଶିଷ୍ଟ ହୋଇଅଛି । ଏହା ବ୍ୟତୀତ ଧନୁଟିରେ ଅନ୍ୟ ଯାହାକିଛି ଅର୍ଥ ନିହିତଅଛି, ସେଥିପ୍ରତି ବିଜ୍ଞାନବିତ୍ର ଦୃଷ୍ଟି ଯାଏ ନାହିଁ । ଦର୍ଶକର ହୃଦୟ ଏହାର ରମଣୀୟ ବର୍ଣ୍ଣବୈଭବର ସମାବେଶରେ ଯେଉଁ ଅପୂର୍ବ ପ୍ରୀତି ଲାଭକରେ; ତାହା ବୈଜ୍ଞାନିକର ଆଲୋଚ୍ୟ ନୁହେ, କେବଳ ତାହାର ଉତ୍ପତ୍ତି ଓ

*Uniformity of Nature. ‡Law of Causation.

§ Medium—ଏହାର ଅନ୍ୟ ଏକ ପରିଭାଷା-'ବାହନ' ହୋଇପାରେ ।



Digitized by srujanika@gmail.com

ଗଠନର ଅଭ୍ରାନ୍ତ ବର୍ଣ୍ଣନା ତାହାର ଲକ୍ଷ୍ୟ । ପୁଣି ଏହି ବର୍ଣ୍ଣନା ଦେଉଥିବେଳେ ବୈଜ୍ଞାନିକ ଦେଖେ, ଯେପରି ଅତୀନ୍ଦ୍ରିୟଜଗତ୍ର ସମ୍ବନ୍ଧୀୟ କୌଣସି ଭାବ ବା ଧାରଣା ତାହାର ବ୍ୟାଖ୍ୟାନ କାର୍ଯ୍ୟକୁ ପ୍ରଭାବିତ ନ କରେ । ସୃଷ୍ଟି ବସ୍ତୁର ଯେଉଁ ବିଭାବଟିର ବ୍ୟାଖ୍ୟା ଦେବାକୁ ସେ ଯାଏ, ତାହାକୁହିଁ ତାହାର ବନ୍ଧାଗତ ବିଶ୍ଳେଷଣ, ପର୍ଯ୍ୟବେକ୍ଷଣ ଓ ପରୀକ୍ଷା ସାହାଯ୍ୟରେ ବର୍ଣ୍ଣନା କରିବସେ । ବ୍ୟାଖ୍ୟାତବ୍ୟ ବସ୍ତୁର ସ୍ୱରୂପ ନିର୍ଣ୍ଣୟ ଓ ତତ୍ସମ୍ବନ୍ଧରେ ସତ୍ୟନିରୂପଣହିଁ ତାହାର କାର୍ଯ୍ୟ । ମାନବ ସେଥିରେ ତୃପ୍ତ ହେଉ ବା ରୁଷ୍ଟ ହେଉ, ତାହାର କିଛି ଯାଏଆସେ ନାହିଁ । ବିଜ୍ଞାନ-ଲବ୍ଧ ଜ୍ଞାନର ଏକ ବିଶେଷତ୍ୱ ଏହି ଯେ, ଏହା ଭ୍ରମଶୂନ୍ୟ, ବ୍ୟକ୍ତିନିର୍ବିଶେଷ, ନିଃସନ୍ଦିଗ୍ଧ ଓ ସୁସ୍ପଷ୍ଟ ।

ପ୍ରଶ୍ନ ଉଠିପାରେ, ବିଜ୍ଞାନ କଣ ସର୍ବଦା ସମୀକ୍ଷା ନିର୍ଭର ? ଏହା କଣ ବିନା କାରଣରେ କିଛି ସ୍ୱୀକାର କରେ ନାହିଁ ?—କେବଳ ପ୍ରମାଣସିଦ୍ଧ ସତ୍ୟ ଛଡ଼ା ବିଜ୍ଞାନ କଣ କିଛି ଗ୍ରହଣ କରେ ନାହିଁ ? ଉତ୍ତର ଏହି ଯେ ବିଜ୍ଞାନ ବିଶ୍ୱପ୍ରକୃତିର ବିଶିଷ୍ଟ ବିଭାଗମାନଙ୍କର ବ୍ୟାଖ୍ୟାରେ ଅକାଟ୍ୟ ପରୀକ୍ଷା ଓ ପର୍ଯ୍ୟବେକ୍ଷଣର ସାହାଯ୍ୟ ନେଲେ ହେଁ, ଏହା ସସୀମ ମାନବର ଚିନ୍ତା-ପ୍ରସୂତ ଏକ ବ୍ୟାପାର ହୋଇଥିବାରୁ ଅପୂର୍ଣ୍ଣ ଅଟେ । ତେଣୁ ବିଜ୍ଞାନ ନିଜର ଲକ୍ଷ୍ୟସିଦ୍ଧି ନିମିତ୍ତ, ନିଜର ବ୍ୟାଖ୍ୟାନ ପ୍ରଣାଳୀ ସୁନିୟନ୍ତ୍ରିତ ତଥା ଅଭ୍ରାନ୍ତ ଭାବରେ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ବିନା ପ୍ରମାଣରେ କେତେକ ସତ୍ୟ ମାନି ନେଇଥାଏ । ଏଗୁଡିକହିଁ ବିଜ୍ଞାନର ସ୍ୱୀକାର୍ଯ୍ୟ । ଏହି ସ୍ୱୀକାର୍ଯ୍ୟଗୁଡ଼ିକ ତେବେ କଣ ? ପ୍ରଥମତଃ ବିଜ୍ଞାନକୁ ମାନିନେବାକୁ ହୁଏ, ମନ ବୋଲି ଗୋଟିଏ ପଦାର୍ଥ । ମନ ନଥିଲେ ବିଜ୍ଞାନ ନାହିଁ । ଅତଏବ ମନ ଓ ମାନସିକ ଶକ୍ତିର ଅସ୍ତିତ୍ୱ ବିଜ୍ଞାନର ଏକ ପ୍ରଧାନ ମୌଳିକ ଅବଲମ୍ବନ । ଦ୍ୱିତୀୟତଃ ବହିର୍ଜଗତ ତଥା ତଦୀୟ ଯାବତୀୟ ପ୍ରକ୍ରିୟା ଓ ଘଟଣାର ଅସ୍ତିତ୍ୱରେ ବିଶ୍ୱାସ ଏହାର ଅନ୍ୟ ଏକ ସ୍ୱୀକାର୍ଯ୍ୟ । କାରଣ, ବିଜ୍ଞାନ ଉକ୍ତ ପ୍ରକ୍ରିୟା ଓ ଘଟଣାମାନ ନିଜର ବିଷୟ ରୂପରେ ଗ୍ରହଣ କରିଥାଏ । କେବଳ ଏତିକି ନୁହେଁ, ମନୋକର ମନ ଅଛି ଓ ବହିର୍ଜଗତ ଅଛି, ଏ ଦୁହିଙ୍କ ମଧ୍ୟରେ ସମ୍ପର୍କ ନଥିଲେ ବିଜ୍ଞାନ ନିଜ କାର୍ଯ୍ୟରେ ଅଗ୍ରସର ହୋଇପାରିବ ନାହିଁ । ଉଭୟଙ୍କ ମଧ୍ୟରେ ଏପରି ଏକ ସମନ୍ୱୟ ବା ଅନୁକୂଳ ସମ୍ବନ୍ଧ ମାନିବାକୁ ହେବ, ଯାହାର ବଳରେ ମନ ବହିର୍ଜଗତର ଯାବତୀୟ ବସ୍ତୁ ଓ ପ୍ରକ୍ରିୟାର ଅନୁସନ୍ଧାନରେ ସମର୍ଥ ହୁଏ ଓ ବହିର୍ଜଗତ ଏହି ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ ଏକ ଉପଯୁକ୍ତ କ୍ଷେତ୍ରରୂପେ ବିଦ୍ୟମାନ ଥାଏ । ଏହି ତିନୋଟି ସ୍ୱୀକାର୍ଯ୍ୟ ସଙ୍ଗେ ସଙ୍ଗେ ବିଜ୍ଞାନ ମଧ୍ୟ ଦୁଇଟି ମୌଳିକ ନିୟମ ବିନା ପ୍ରମାଣରେ ମାନି ନେବାକୁ ବାଧ୍ୟ ହୋଇଥାଏ । ତନ୍ମଧ୍ୟରୁ ଗୋଟିଏ କାର୍ଯ୍ୟକାରଣବିଧି ଓ ଅନ୍ୟଟି ପ୍ରକୃତିନିୟତିବୃତ୍ତି । ଏମାନଙ୍କ ବିନା ବିଜ୍ଞାନର ଉତ୍ପତ୍ତି ଓ ବିକାଶ ଅସମ୍ଭବ ।

ବର୍ତ୍ତମାନ ଧର୍ମର ସ୍ୱରୂପ ପ୍ରତି ଦୃଷ୍ଟି ଦିଆଯାଉ । ଅତୀନ୍ଦ୍ରିୟ ବା ଅତିବାସ୍ତବ ଶକ୍ତିରେ ବିଶ୍ୱାସ ଧର୍ମର ଭିତ୍ତି । କେବଳ ବୈଜ୍ଞାନିକର କାର୍ଯ୍ୟ-କାରଣବିଧି ଓ ପ୍ରକୃତିନିୟତିବୃତ୍ତିର ଆଶ୍ରୟ ନେଇ ଧର୍ମ ନିଜର ନିଜତ୍ୱ ପ୍ରକାଶ କରିପାରେ ନାହିଁ । ଏହି ବିଶ୍ୱର ହର୍ତ୍ତା କର୍ତ୍ତା ବିଧାତା ଏକ ବା ଏକାଧିକ ଅତୀନ୍ଦ୍ରିୟ ଶକ୍ତିର ଅଧୀନରେ ଯାବତୀୟ ପ୍ରକ୍ରିୟା ସମାହିତ ହେଉଅଛି ଏବଂ ମାନବ-ଜୀବନ ଏହି ନିୟାମିକା ଶକ୍ତିର ଆଶ୍ରୟରେ ନିଜର ବିକାଶ ସମ୍ପାଦନ କରୁଅଛି—ଏହିପରି ଏକ ବିଶ୍ୱାସ ଉପରେ ହିଁ ଧର୍ମ ପ୍ରତିଷ୍ଠିତ । ତେଣୁ ଧର୍ମର ଦୃଷ୍ଟିକୋଣ ବିଜ୍ଞାନର ଦୃଷ୍ଟିକୋଣରୁ ଭିନ୍ନ । ଇନ୍ଦ୍ରିୟଲଭ୍ୟ ଯାବତୀୟ ବସ୍ତୁର ବାହାରେ ଏହି ଅତୀନ୍ଦ୍ରିୟ ଶକ୍ତିର କଳ୍ପନା ହୋଇଥାଏ । ବିଜ୍ଞାନର କଠିନ ତଥା ନିର୍ମମ ବିଶ୍ଳେଷଣ ଧର୍ମର ଅବଲମ୍ବନ ନୁହେଁ । ସମଗ୍ର ସୃଷ୍ଟି ଓ ତଦନ୍ତର୍ଗତ କ୍ରିୟାପରମ୍ପରାର ନିୟାମକ କୌଣସି ଅତିବାସ୍ତବ ଶକ୍ତି ସହିତ ଏକ ଅଚ୍ଛେଦ୍ୟ ସମ୍ପର୍କ ହୃଦୟଙ୍ଗମ କରି ଧର୍ମ ତାହାର ଉଦ୍ଦେଶ୍ୟ ଚରିତାର୍ଥ କରିବସେ । 'ଈଶ୍ୱର' ନାମରେ ନାମିତ କରି ମାନବ ଏହି ଶକ୍ତିର ସମ୍ମୁଖରେ ପୂଜା-ସମ୍ଭାର ବାଢିବସେ—ପ୍ରାଣର ଗଭୀର କନ୍ଦରରୁ ଉଠିଆସେ, କେତେ ଭାବ, କେତେ କଳ୍ପନା, କେତେ କାକୁତି ମିନତି, କେତେ ସ୍ତୁତି ଓ କେତେ ବନ୍ଦନା ! ମାନବ ଏହି ଶକ୍ତି ଆଗରେ ଅନ୍ତରର ହୃଦୟ ଖୋଲିଦିଏ—ନିଜର ଆଶା-ଆକାଂକ୍ଷା ଅକୁଣ୍ଠିତ

Digitized by srujanika@gmail.com

ଭାବରେ ପ୍ରକାଶ କରି ଏହାର ସମ୍ମୁଖରେ ଆତ୍ମସମର୍ପଣ କରିବସେ—ପ୍ରାକୃତ ଓ ଅପ୍ରାକୃତ ରାଜ୍ୟ ମଧ୍ୟରେ ଏକ ଅପୂର୍ବ ମଧୁର ସମ୍ପର୍କ ଉପଲବ୍ଧି କରିଥାଏ। ତାହାର ଜୀବନର ଆଧ୍ୟାତ୍ମିକ ଓ ନୈତିକ ବିଭାବ ସହିତ ଏହି ଅପ୍ରାକୃତ ଶକ୍ତିର ଘନିଷ୍ଠ ସମ୍ବନ୍ଧ ଧର୍ମର ମଧ୍ୟ ଦେଇ ମାନବ ଅନୁଭବ କରେ। ନିଜର ଜୀବନ ତଥା ସମଗ୍ର ବିଶ୍ୱ ତାହାର ଆତ୍ମ-ସମ୍ଭୋଗର ଗୋଟିଏ ସୁନ୍ଦର ଓ ମହନୀୟ କ୍ଷେତ୍ର ପରି ପ୍ରତୀୟମାନ ହୁଏ। ବୈଜ୍ଞାନିକ ବାସ୍ତବତା ଭିତରେ ବିଶ୍ୱସ୍ଥ ଯାବତୀୟ ବସ୍ତୁର କାରଣ ଅନୁସନ୍ଧାନ କରେ। ବିଶ୍ୱର ବିଭିନ୍ନ ବିଭାଗରେ କେବଳ ସତ୍ୟ ଦେଖେ। ମାତ୍ର ଧର୍ମାବିଷ୍ଟ ବ୍ୟକ୍ତି ତହିଁରେ ସତ୍ୟ-ଶିବ-ସୁନ୍ଦର ପରମେଶ୍ୱରଙ୍କର ସତ୍ତା ରନ୍ଧ୍ରେ ରନ୍ଧ୍ରେ ଅନୁଭବ କରି ପ୍ରାଣର ଗଭୀର କନ୍ଦରରୁ ଗାଇଉଠେ—“ବିଶ୍ୱରାଣୀଙ୍କର ସେ ବାଣୀ ଶ୍ରବଣେ ନାଚଇ ଗଗନେ ତାରି, ଭୁବନେ ଭୁବନେ ବହଇ ଆନନ୍ଦେ ଜୀବନ-ଜାହ୍ନବୀ-ଧାରି ॥” ବୈଜ୍ଞାନିକ ସତ୍ୟ ନିରୂପଣରେ ବ୍ୟାପୃତ ଥିବା ସମୟରେ ବ୍ୟକ୍ତି-ବିଶେଷର ସୁଖ, ଦୁଃଖ, ଆଶା ଆକାଂକ୍ଷା ପ୍ରଭୃତି ଅବସ୍ଥା ପ୍ରତି ଭ୍ରୂକ୍ଷେପ କରେ ନାହିଁ, ମାତ୍ର ଏହି ଗୁଡ଼ିକ ହିଁ ଧର୍ମର ଲକ୍ଷ୍ୟବସ୍ତୁ। ସୁତରାଂ ବିଜ୍ଞାନ ଏହି ଅର୍ଥରେ ଅପୌରୁଷେୟ, ଧର୍ମ ପୌରୁଷେୟ। ବିଜ୍ଞାନ ସତ୍ୟସନ୍ଧ, ଧର୍ମ ପ୍ରଧାନତଃ ଭାବପ୍ରବଣ। ବିଶ୍ୱର ସୃଷ୍ଟି ଓ ସ୍ଥିତି ମୂଳରେ ଯେଉଁ କାରଣ ବିଦ୍ୟମାନ, ତାହା ନିର୍ଣ୍ଣୟ କରିପାରିଲେ ବିଜ୍ଞାନ ତୃପ୍ତ—ମାତ୍ର ଧର୍ମ ସେତିକରେ ତୃପ୍ତ ନୁହେ—ଧର୍ମ ଉପଭୋଗ ପ୍ରତି ଦୃଷ୍ଟି ଦିଏ। ବିଶ୍ୱକାରଣର ସମ୍ମୁଖରେ ମନଃପ୍ରାଣର ଅକାତର ସମର୍ପଣହିଁ ଧର୍ମର ବୈଶିଷ୍ଟ୍ୟ। ବିଜ୍ଞାନ ମାନବର ଚିନ୍ତାଶକ୍ତିର ବିନିଯୋଗ ବା ତୁଳନା ଉପରେ ନିର୍ଭର କରେ, ମାତ୍ର ଧର୍ମରେ ମାନବର ସମଗ୍ର ଜୀବନ—ତାହାର ଚିନ୍ତା, କଳ୍ପନା, ଅନୁଭୂତି ଓ ସାଧନା, ସମସ୍ତ ହିଁ କାର୍ଯ୍ୟକାରୀ ହୋଇଥାଏ। ଯେ ଯେଉଁ ଧର୍ମ ଅବଲମ୍ବନ କରନ୍ତୁ ପଛକେ, ଏହି ଅବସ୍ଥା ତାହାଙ୍କ ଜୀବନରେ ସର୍ବଦା ହିଁ ଘଟିବାର କଥା। ଅବଶ୍ୟ ଈଶ୍ୱର କଳ୍ପନା ବିଭିନ୍ନ ପ୍ରକାରରେ ହୋଇଥାଏ, ମାତ୍ର ଏହି ବିଭିନ୍ନତା ମଧ୍ୟରେ ବିଶ୍ୱାସ ଓ ଆତ୍ମସମର୍ପଣ ହିଁ ପ୍ରତ୍ୟେକ ଧର୍ମରେ ଦେଖିବାକୁ ମିଳେ।

ଉପରେ ଆମ୍ଭେମାନେ ଧର୍ମର କେତେଗୁଡ଼ିଏ ଲକ୍ଷଣର ଉଲ୍ଲେଖ କଲୁଁ। ଏହାର ସୁନିର୍ଦ୍ଦିଷ୍ଟ ସଂଜ୍ଞା ନେବା ବଡ଼ ଏକ କଠିନ ବ୍ୟାପାର। ପାଶ୍ଚାତ୍ୟ ଜଗତର ପଣ୍ଡିତମାନେ ଧର୍ମର ସଂଜ୍ଞା ସମ୍ବନ୍ଧରେ ଏକମତ ନୁହନ୍ତି। ଅଧ୍ୟାପକ ଲ୍ୟୁବା ଧର୍ମର ପ୍ରାୟ ୪୮ଟି ସଂଜ୍ଞା ଦେବାକୁ ଯାଇଅଛନ୍ତି। ଏଥିରୁ ଉଲ୍ଲିଖିତ ଉକ୍ତିର ସତ୍ୟତା ପ୍ରତିପନ୍ନ ହେବ। ଯାହାହେଉ, ଆମ୍ଭେମାନେ ଧର୍ମର ସ୍ୱରୂପ ସମ୍ବନ୍ଧରେ ଯେଉଁ କେତୋଟି ସୂଚନା ଦେଇଅଛୁଁ, ସେଥିରୁ ବିଷୟଟିର ବୈଶିଷ୍ଟ୍ୟ କେତେକ ପରିମାଣରେ ଉପଲବ୍ଧ ହେବ।

(କ୍ରମଶଃ)

# ପରିତ୍ୟାଗ

( ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ସାମନ୍ତ )

ଦରଅଉଜା କବାଟଟାକୁ ଗୋଡ଼ରେ ଠେଲି-ଦେଇ ବିନୟ ପଶିଆସିଲା ଘରକୁ। ଡାକିଲା, ରେଣୁ-ରେଣୁକା-ରେଣୁକା ହେ! କେହି ନାହିଁ ସେ ଡ଼ାକ ଶୁଣିବାକୁ। କେବଳ ଦୁଇ ବର୍ଷର ଟୁନୁଟା ଛୁଆଟି ଶୋଇରହିଛି ଦୋଳିରେ। ତାପରେ ଶୁକବାଣୀ ଆସି ଉତ୍ତର ଦେଲା, “ରମା ଦେଈ ଆସି ସାନ୍ତାଣୀଙ୍କୁ ଡ଼ାକି ନେଇଛନ୍ତି ତାଙ୍କ ଘରକୁ।” ବିରକ୍ତ ହୋଇ ବିନୟ କହିଲା, “ଓଃ! ବେଳ ଯେ ଆସି ହେଲାଣି ଗୋଟାଏ, ସରକାରୀ ଚାକିରି, ଏଗାଁରୁ ସେ ଗାଁ ବୁଲି ବୁଲି ଗୋଡ଼ହାତ ଭାଙ୍ଗି ପଡ଼ିଲାଣି, ଘରକୁ ଆସିଲାବେଳକୁ ପୁଣି ସ୍ତ୍ରୀଙ୍କର ଦେଖା ନାହିଁ। କଣ ନା, ରମା ଦେଈଙ୍କ ଘରକୁ! ଯା, ଚଞ୍ଚଳ ଆସିବାକୁ କହ।”



Digitized by srujanika@gmail.com

ମୁଣ୍ଡଉପରର ଅଲସ ବଲସ ବାଳଗୁଡ଼ାକୁ ସାର୍ମି ସାର୍ମି ବିନମ୍ର ଗୁଲଗାଲ ରେଣୁକାର ଗମ୍ଭୀର ଭିତରକୁ । ଚୌକିଟା ଉପରେ ବସିପଡ଼ି ପକେଟରୁ ଚଷମାଟାକୁ ବାହାର କରି ଟେବୁଲ ଉପରେ ରଖିଦେଲା । ତାର ଆଖି ପଡ଼ିଲା ଟେବୁଲ ଉପରେ ଥୁଆ ହୋଇଥିବା ବେଙ୍କାଏ କାଗଜ ଉପରେ । ସବାଉପର କାଗଜଟା ଜଣାଯାଉଛି ଯେପରି ଗୋଟାଏ ଚିଠି । କଣ ଖିଆଲ ହେଲା କେଜାଣି ଚିଠିଟାକୁ ପଢ଼ିବାକୁ ଲାଗିଲା—

ପ୍ରିୟ ସରୋଜ ବାବୁ,

ଭାବୁଛି, ଦୀର୍ଘ ଦୁଇବର୍ଷ ତଳର 'ମୁଁ' ଆଉ ବର୍ତ୍ତମାନ 'ମୁଁ' ଭିତରେ ଢେର୍ ତଫାତ୍ ଦେଖା ଯାଉଥିବ ତୁମ ଅନ୍ତରର ନିଭୃତ ପ୍ରଦେଶରେ । ବୋଧ ହୁଏ ଭୁଲିଯାଇ ଥିବଣି ଅତୀତର ସମସ୍ତ ମଧୁର ସ୍ମୃତି ଗୁଡ଼ିକୁ । କିନ୍ତୁ ମୁଁ ? ପାଶୋରି ପାରିବି ? ମନେ ହେଉଛି, ଠିକ୍ ସେଦିନ—ସେଇ ସବୁଜ ଘାସ ପଡ଼ିଆ—ତାରି ଭିତରେ ଟିକିଏ ବରଗଛ—ତାରି ତଳେ·····। ପତ୍ରର ପ୍ରତ୍ୟେକ ଫାଙ୍କ ଦେଇ ଭାସି ଆସୁଥିଲା ଶାରଦୀୟ ଚନ୍ଦ୍ରର ଶୀତଳ ସ୍ନିଗ୍ଧ ଜ୍ୟୋତ୍ସ୍ନା । ଏକାକୀ ଛିଡ଼ା ହୋଇ ରହିଥିଲ ତୁମେ, ଆଉ ଥିଲି ମୁଁ—ପିତା ମାତାଙ୍କ ଆଖିରେ ଧୂଳି ଦେଇ, ସମାଜର କଠୋର ନିୟମକୁ ଗୋଡ଼ରେ ଠେଲି, ପ୍ରକୃତିକୁ ମୂକ କରି, ଆଉ ଦୁନିଆକୁ ଅନ୍ଧ ବନେଇ ଦେଇ । ସେତେବେଳେ କେତୋଟି ମୁହୂର୍ତ୍ତ ପାଇଁ ଆତ୍ମହରା ହୋଇ ଢଳି ପଡ଼ିଥିଲି ତୁମରି ଛାତି ଉପରେ । ତାପରେ ? ତୁମର ସେଇ ଉଷ୍ଣ ପ୍ରଖର ପ୍ରଶ୍ୱାସ ବାଜିଥିଲା ମୋର ଏଇ ନରମ ଗାଲରେ ! ଛାଡ଼ ଏସବୁ କଥା—

ଭାବିଛି, ବିବାହ ହୋଇ ମନୁଷ୍ୟ ଚିର ଜୀବନ ସୁଖରେ କାଟାଇ ଦିଏ ବୋଲି ? କିପରି ? ଯା ସହିତ ଯାର ଆଗରୁ ମନ ମିଳେନାହିଁ, ଯେଉଁ ସ୍ୱାମୀ ନିଜ ସ୍ତ୍ରୀର ଉଚିତ ଦାବୀ ପୂରଣ କରିବା ଲାଗି ସମ୍ପୂର୍ଣ୍ଣ ଅସମର୍ଥ, ଯେଉଁ ବନ୍ଧନ ଦ୍ୱାରା ନାରୀ-ହୃଦୟରେ ଭୀଷଣ ଝଡ଼ତୋଫାନର ସୃଷ୍ଟି ହୁଏ, ଯେଉଁ ଜୀବନ ମଧୁମୟ ହେବା ପରିବର୍ତ୍ତେ ଦୁର୍ବିସହ ହୁଏ ସାହାଯ୍ୟର ହାହାକାରେ·····ତା'ର ପ୍ରାଣରେ ସରସତାର ଢେଉ କେବେହେଲେ ଖେଳିପାରିବ ?

ଏ ଜୀବନରେ ତୁମର ସହିତ ଦେଖା ଏ ଅଭାଗିନୀର ହେବ କି ନା ସନ୍ଦେହ । ଲେଖା ଏଡିକରେ ବନ୍ଦକଲି । ଡାକ୍ତରୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛ ଜାଣିପାରି ବହୁତ ଖୁସି ହେଲି । ପତ୍ର ଅପେକ୍ଷାରେ ରହିଲି ।

ତୁମରି ସ୍ନେହରୁ ବଞ୍ଚିତା

... ...

ଏକ ନିଃଶ୍ୱାସରେ ପତ୍ରଟି ପଢ଼ିସାରି ବିନୟ ଥକ୍କା ହୋଇ କିଛିକ୍ଷଣ ପର୍ଯ୍ୟନ୍ତ ବସିରହିଲା । କ୍ରମେ ତାର ଶିରା ପ୍ରଶିରା ଜଳି ଉଠିଲା । ଘୂର୍ଣ୍ଣିନ ବାତ୍ୟା ପରି ମସ୍ତିଷ୍କଟା ଘୂରି ବୁଲିଲା । ଦୁନିଆ ଯେପରି ତା'ର ଆଖି ଆଗରେ ଅନ୍ଧକାର । ଭାବନା ପରେ ଭାବନା ତାର ମନଟାକୁ ବିଂଶିବ୍ୟସ୍ତ କରିଦେଲା । ସେ ଭାବିବାକୁ ଲାଗିଲା, 'ତାହେଲେ ରେଣୁକା ଆଗରୁ ଭଲ ପାଇଆସିଛି ସରୋଜକୁ ? ତେବେ କିଏ ଏ ସରୋଜ ! ଜଣାଯାଉଛି, ଆଜିଯାଏ ବି ଲୁଚିଛପାରେ ପତ୍ରର ଆଦାନ ପ୍ରଦାନ ଚାଲିଛି ଦୁହିଙ୍କ ଭିତରେ । ନା-ନା ଏ ଘରେ ରହିବା ଏକାବେଳକେ ଅସମ୍ଭବ ।" ଆହୁରି ଭାବିବାକୁ ଲାଗିଲା, 'ମତେ ଭଲ ପାଏନି ରେଣୁକା ? ମୁଁ ତାର ଦାବୀ ପୂରଣ କରିପାରୁ ନାହିଁ ? କି ଦାବୀ କରିଛି ସେ ? ହଁ, ଦିନେ କହିଥିଲା ରେଶମୀ ପାଟ ଖଣ୍ଡେ—ଆଉ ଦିନେ 'ଇଭିନିଂ-ଇନ୍-ପେରିସ୍ ହେର୍ କ୍ରିମ୍—ମନେ ହେଉଛି ଆହୁରି କେତେ କଣ—କୋଟିଂ ପାଉଡ଼ର, ସ୍ନୋ ଇତ୍ୟାଦି । ମାସକୁ ରୋଜଗାର ଟଙ୍କା ଷାଠିଏ । ଏଥିରେ ପୁଣି ଏତେ ସୌଖିନ୍ ଜିନିଷ ଆସିବ କୁଆଡ଼ୁ ? ନା-ନା, ସହ୍ୟ କରି ହେବନି ।'

ଝଟ୍‌କିନା ଖଣ୍ଡେ କାଗଜ ବାହାର କରି ଲେଖି ବସିଲା—

"ସ୍ନେହର ରେଣୁକା,

ବାସ୍ତବରେ ଭୁଲ କରିଛି ମୁଁ ତୁମକୁ ବିବାହ କରି । ମୋ'ପରି ଜଣେ ଗରିବ, ତୁମର ସ୍ୱାମୀ ହେବା ନିତାନ୍ତ ଅନୁପଯୁକ୍ତ । ଏଇ ମୁହୂର୍ତ୍ତ ଠାରୁ



Digitized by srujanika@gmail.com

ସଂସାରର ସମସ୍ତ ମାୟା, ମମତା, ବାଧା ଓ ବନ୍ଧନକୁ ଛିଣ୍ଡାଇ ଦେଇ ଚାଲିଗଲି, ତୁମର ଠାରୁ ବହୁତ ଦୂରକୁ । ମୋର ପାଇଁ କରୁ ଦୁଃଖ କରବନି ମନରେ । ସ୍ୱାମୀ ହୋଇ ତୁମକୁ କେବେ କଷ୍ଟ ଦେଇ ପାରିନି । ଦୋଳରେ ଶୋଇଛି ଦୁଇ ବର୍ଷର ଶିଶୁ 'ହୁଣୁ'—ତାକୁଇ ସମର୍ପି ଦେଇଗଲି ତୁମର ହାତରେ ! ବିଦାୟ ! !

+ + +

ତିନି ବର୍ଷ ପରେ—

ଉପର ମହଲର ମୁକ୍ତ ବାତାୟନ ପଥଦେଇ ପୂର୍ବ ସମୁଦ୍ର କୂଳରୁ ବହିଆସୁଥାଏ ଥଣ୍ଡା ପବନ—ଘୁ-ଘୁ ହୋଇ । ବିନୟ ତାର ଅବସନ୍ନ ଅଙ୍ଗଟାକୁ ଢଳାଇଦେଇ ବସିଥାଏ ଗୋଟାଏ ଇଜିଚେୟାର୍ ଉପରେ କଣଗୁଡ଼ାଏ ଭାବି ଭାବି । ନିକଟରେ ବସିଛି ପ୍ରମୀଳା, ଖଣ୍ଡେ ବହି ଓଲଟାଇ ଓଲଟାଇ ।

ବିନୟର ଭାବନାରେ ବାଧା ଦେଇ ପ୍ରମୀଳା କହିଲା, "ଦେଖିଲଣି, ଏ ଗୋଟାଏ ନୂତନ ଉପନ୍ୟାସ ବହି । ଆଜି ଏଟାକୁ କିଣି ଆଣିଛି ।"

ବିନୟ ଥରେ ବହିଆଡ଼କୁ ଦୃଷ୍ଟି ନିକ୍ଷେପ କରି ପଚାରିଲା, 'କି ବହି ?'

"ଅଭାଗିନୀ ନାରୀ"—ଏଇ ଦୁଇ ମାସ ହେଲା ପ୍ରକାଶ ପାଇଛି । ପଢ଼ିବ ?

ବିନୟ ନିଜର ଦୁଇ ହାତକୁ ଛାତି ଉପରକୁ ଉଠାଇ ଆଣି କହିଲା, "ନା, ପରୀ ! ମତେ ଖୁବ୍ ହାଲିଆ ଲାଗୁଛି । ତୁମେ ପଢ଼, ମୁଁ ଶୁଣିବ ।"

ପ୍ରମୀଳା ବହିପଢ଼ା ଆରମ୍ଭ କଲା—ବହିଟାକୁ ଏକା ନିଶ୍ୱାସରେ ପଢ଼ିଚାଲିଛି ପ୍ରମୀଳା । ତିରିଶ ପୃଷ୍ଠା ଶେଷ ହେଲା । ଘଣ୍ଟା ଠଣ୍ ଠଣ୍ ହୋଇ ଆଠଟା ବାଜିଲା । ପ୍ରମୀଳା ବିନୟର ହାତଟାକୁ ଅଳ୍ପ ହଲାଇ ଦେଇ କହିଲା, "ବାଃ ! ବେଶ୍ ତ ଶୁଣୁଛ ? ତୁମେ ଯେ କେତେବେଳୁ ଘୁମେଇଲଣି, ମୁଁ ଏଣେ ପାଠି-କରି ପଢ଼ି ଚାଲିଛି !"

ଅଳ୍ପ ହସିଦେଇ ବିନୟ କହିଲା, "ନା ପରୀ ! ଛଇନିଦଟା ଅଳ୍ପ ଲାଗିଗଲା—ଅଚ୍ଛା, କଥାଟା କଣ ହେଲା, କହିଦିଅ ?"

'ତମେ କେତେଦୂର ଶୁଣିଛ, ମୁଁ କଣ ଜାଣେ?'

"ମନେ ହେଉଛି ··· ଯେତେବେଳେ ··· "

"ଅଚ୍ଛା, ସ୍କୁଲରେ ନଳିନୀ ସହିତ ସରୋଜର ପରିଚୟ ହେବା ?"

"ହଁ, ଶୁଣିଛି ।"

"ତାପରେ—ସରୋଜ ଯେଉଁ ଚିଠି ଦେଇଥିଲା ନଳିନୀ ନିକଟକୁ ?"

"ହଁ·····ଏଟା ବି ବୁଝିପାରୁଛି ।"

"ତେବେ, ନଳିନୀ ତାର ପିତାଙ୍କ ନିକଟରେ ସରୋଜ ସହିତ ବିବାହ ପାଇଁ ପ୍ରସ୍ତାବ ଆଗତ କରିବା ?"

"ହଁ, ଠିକ୍ ମନେହେଲା, ଏ ପର୍ଯ୍ୟନ୍ତ ଶୁଣି ପାରିଛି । ତାପରେ କଣ ହେଲା ?"

ତା'ପରେ···ନଳିନୀର ସମସ୍ତ ଚେଷ୍ଟା ବିଫଳ ହେଲା । କୌଣସି ମତେ ନଳିନୀର ପିତା, ହରିବାବୁ ସରୋଜ ସହିତ ନଳିନୀର ବିବାହ ପ୍ରସ୍ତାବରେ ସମ୍ମତ ନ ହୋଇ ଶେଷରେ ଅର୍ଥଲୋଭରେ ଜଣେ ଅଣଚାଶ ବର୍ଷର ବୃଦ୍ଧ ସହ ନଳିନୀର ବିବାହ-ବନ୍ଧନ ସମାପ୍ତ କରିଦେଲେ ।

ଏତକି ଶୁଣି ବିନୟ କହିଉଠିଲା, "କି ଅର୍ଥ-ପିଶାଚ୍ ଏମାନେ ! ଟଙ୍କା ଲୋଭରେ ଜଣେ ବାଳିକାର ଚିରଜୀବନ·····ହଁ, ତା'ପରେ କଣ ହେଲା ? ଭାରି Interesting ଶୁଣିବାକୁ ।"

"କଣ କରିବ ବିଚାରୀ ନଳିନୀ ? ସ୍ୱାମୀ ଗୃହକୁ ଆସି ତାର ଯୌବନ କାନନର ବାସନା କୁସୁମଟି ଯେପରି ଅକାଳରେ ମଉଳିବାକୁ ଲାଗିଲା । ଗୋଟିଏ ବୃଦ୍ଧକୁ ବିବାହ କରି ତାର ଜୀବନ କେବେ ହେଲେ··········"

ଏତକି କହି ପ୍ରମୀଳା ପୁଣି ଆରମ୍ଭ କଲା ବହି ପଢ଼ା ।

ବିନୟ ଘଣ୍ଟାଟାକୁ ଅନାଇ ଦେଇ କହିଲା, "ପରୀ ! ଆଠଟା ବାଜି ସାରିଲଣି—ଏତିକିରେ ବନ୍ଦ କର—ଖାଇବା ସମୟ ହେଲଣି—କାଲି ପୁଣି ପଢ଼ିବ ।"



Digitized by srujanika@gmail.com

"ରୁହ ! ମୋତେ ଆଉ ଦୁଇଟା ପୃଷ୍ଠା ବାକି ରହିଛି; ତୃତୀୟ ପରିଚ୍ଛେଦ ପୂର୍ଣ୍ଣ ହେବାକୁ । ଏଇ ଶୁଣ । ଦୀର୍ଘ ଦୁଇ ବର୍ଷ ପରେ ନଳିନୀ କିପରି ତାର ପ୍ରେମିକ ନିକଟକୁ ଖଣ୍ଡେ ପତ୍ର ଲେଖୁଛି ।"......

ପତ୍ରପଢ଼ା ଶେଷ ହେଲାବେଳକୁ ବିନୟ ଯେପରି ନୀରବ, ନିର୍ଜୀବ ହୋଇ ନିର୍ନିମେଷ ଦୃଷ୍ଟିରେ ଅନାଇ ରହିଛି ପ୍ରମୀଳା ଆଡ଼କୁ । କେଉଁ ଅତୀତର ବିଗତ ଭାବନାର ପ୍ରତ୍ୟେକ ରେଖା ପରିଷ୍କାର ଭାବେ ଫୁଟି ଉଠିଛି ତାର ଶୁଭ୍ର ମାନସ ପଟରେ ।

ପ୍ରମୀଳା ବିନୟ ପ୍ରତି ଥରେ ଦୃଷ୍ଟି ନିକ୍ଷେପ କରି କହିଲା, "ଭାବଟା ବେଶ୍ ରକମ ହୃଦୟଙ୍ଗମ କରିପାରିଛ ବୋଧହୁଏ ?

ବିନୟ ଦୀର୍ଘ ନିଶ୍ୱାସଟାଏ ଛାଡ଼ି କହିଲା, "ଆଉଥରେ ପଢ଼ିବଟି ।"

"କିଛି ବୁଝିଁପାରିଲନି, ବୋଧହୁଏ । ଅଚ୍ଛା, ତେବେ ଶୁଣ ।" କହି ପୁନର୍ବାର ପତ୍ରପଢ଼ା ଆରମ୍ଭ କଲା ପ୍ରମୀଳା ।

ନିର୍ଜୀବ ପରି ଶୁଣୁଥାଏ ବିନୟ । ଚିଠିର ପ୍ରତ୍ୟେକ ଅକ୍ଷର ଯେପରି ମର୍ମେ ମର୍ମେ ଉପଲବ୍ଧି କରିପାରୁଛି ସେ । ତାର ହଠାତ୍ ମନେହେଲା, ବହୁ ଦିନ ତଳର ଗୋଟାଏ ଚିଠି । ହଁ, ଠିକ୍ ସେଇ ଚିଠି ତ ! ସେ ଚିଠିର ପ୍ରତ୍ୟେକ ପଦ ଆଜିଯାଏ ବି ମନରୁ ପାଶୋରିନି ସେ—କିପରି ବା ପାଶୋରି ପାରିବ ? ଯେଉଁ ଚିଠି ଯୋଗୁଁ ସେ ଏତେଦୂର ଆଗେଇ ଆସି ଏଇ ନୂଆ ସଂସାର ଗଢ଼ିବସିଛି......। ହଠାତ୍ ପ୍ରମୀଳାର ପଢ଼ାରେ ବାଧାଦେଇ ବିନୟ କହିଲା, "ଅଚ୍ଛା ପଦ୍ମ ! କୁହତ, ଏ ବହିର ଲେଖକ କିଏ ?"

"ଲେଖକ ନୁହେଁ, ଲେଖିକା ।"

"ଲେଖିକା ! କିଏସେ ?"

"ଏ ବହିଟି ଲେଖିଛନ୍ତି, 'ଶ୍ରୀମତୀ ରେଣୁକା ଦେବୀ' ।"

ବିନୟ ଧଡ଼କିନା ଚୌକିଟା ଉପରୁ ଉଠି ପଡ଼ି କହିଲା, "ରେଣୁକା ! ରେଣୁ—ରେଣୁ ମୋର ଲେଖିଛି ଏ ବହି ? ଠିକ୍ ଏ ଚିଠିଟାତ ମୁଁ ପଢ଼ିଥିଲି ସେଦିନ ! ସେ ତେବେ ଲେଖିଥିଲା ଏ ଉପନ୍ୟାସଟାକୁ ?"

ପ୍ରମୀଳା ତଟସ୍ଥ ହୋଇ କହିଲା, "କଣ ଏପରି ପାଗଳଙ୍କ ଭଳି ହେଉଛ ?"

"ପଦ୍ମ ! ପାଗଳ ମୁଁ ? କିଏ କହିବ ମୁଁ ପାଗଳ ବୋଲି ? ମୁଁ ଯେ ନରପିଶାଚ—ନରହନ୍ତା ! ଜଣେ ନିରୀହ ବାଳିକାର ଜୀବନକୁ ଛାରଖାର କରି ଚାଲି ଆସିଛି ମୁଁ । ଗୋଟିଏ ବି ନୁହେଁ, ପଦ୍ମ ! ତାର ସହିତ ଅଛିର ଗୋଟିଏ ଦୁଇ ବର୍ଷର, ଶିଶୁ ସନ୍ତାନକୁ ବି ।"

ବକ୍ତୃତାର ଆଦ୍ୟ ପ୍ରାନ୍ତ କିଛି ନ ବୁଝି କାତର କଣ୍ଠରେ ପ୍ରମୀଳା କହିଲା, "କୁହ, କଣ ହୋଇଛି ତୁମର ?"

ବିନୟ ପ୍ରମୀଳାର ହାତ ଦୁଇଟି ଧରିପକାଇ ଅତି ବିନୟୀ ହୋଇ କହିଲା, "ପଦ୍ମ ! କ୍ଷମା କର ମୋତେ । ବୋଧହୁଏ ରେଣୁକା ଏ ବହିଟା ଲେଖିଥିଲା । ହଠାତ୍ ଦିନେ ଏ ଚିଠିଟା କେବଳ ମୁଁ ପଢ଼ିଥିଲି । ସନ୍ଦେହ ଓ ଘୃଣାରେ ମୋର ଅନ୍ତର ଉତ୍ତପ୍ତ ହୋଇ ଉଠିଲା । ସେଇ ମୁହୂର୍ତ୍ତରେ ତାକୁ ଓ ତାହାର ସହିତ ଦୁଇ ବର୍ଷର ଗୋଟିଏ ବାଳକକୁ ତ୍ୟାଗ କରି ଚାଲି ଆସିଛି ମୁଁ ।"

"ତେବେ ରେଣୁକାକୁ ତୁମେ ବିବାହ କରିଥିଲ ?"

କମ୍ପିତ ଗଳାରେ କହିଲା ବିନୟ, "ହଁ...ସେ ମୋର ପତ୍ନୀ ।"

କ୍ରମେ ପ୍ରମୀଳାର ଚକ୍ଷୁ ରକ୍ତବର୍ଣ୍ଣ ହୋଇ ଆସିଲା । ନିଜ ହାତକୁ ବିନୟ ହାତରୁ ଛଡ଼ାଇ ନେଇ କହିଲା, "ପାଷଣ୍ଡ ! ପବିତ୍ର ନାରୀ ଆତ୍ମାକୁ ଛାରଖାର କରିଦେଇଛ ତୁମେ । ପ୍ରତାରଣା କରି ସତ୍ପଥରୁ ଟାଣିଆଣିଛ ମୋତେ । ଆଗରୁ ଯଦି ଥରେ ମତେ ଏ ବିଷୟ କହିଥାନ୍ତ........"

ବିନୟ ଅଧୀର ମିନତି ହୋଇ କହିଲା, 'ପଦ୍ମ ! କ୍ଷମାକର ମୋତେ, ସବୁ ଦୋଷ କରିଛିମୁଁ ।'

ପ୍ରମୀଳା ଝଡ଼ବେଗରେ ଗର୍ଜିଉଠି କହିଲା, କ୍ଷମା ! କ୍ଷମା ଚାହଁ ତୁମେ ? ଯିଏକି....." ଠିକ୍



Digitized by srujanika@gmail.com

ଏତକ କହିଲା ବେଳକୁ ପଦ୍ମାର ମୁଣ୍ଡଟା ଯେପରି ଢଳିଗଲା—କଥାଟା ତାର ଅଧୁରା ରହିଗଲା—ଭିତର ଘରୁ ଦେଢ଼ବର୍ଷର ଛୋଟ ପିଲାଟି କାନ୍ଦି ଉଠିଲା ।

\+ + + +

ରାତିର ଦ୍ୱିତୀୟ ପ୍ରହର । ହଠାତ୍ ବିଜୟର ନିଦ ଭାଙ୍ଗିଗଲା । ଛୁଆଟା କାନ୍ଦି ଉଠୁଛି ନିକଟସ୍ଥ ଗମ୍ଭୀର ଘରଟାରୁ । ସେ ଯାଇ ଘର ଭିତରକୁ ପଶିଯାଇ ଦେଖିଲା, ଘରଟା ଅନ୍ଧକାର । ଆଲୁଅ ସୁଇଚ୍‌ଟା ଟିପିଦେଇ ଦେଖିଲା କେହିନାହାଁନ୍ତି । କେବଳ ପିଲାଟା ଠିଆହୋଇ ଶୋଇ କାନ୍ଦି ଉଠୁଛି । ଡାକିଲା, ପଦ୍ମା ! ପଦ୍ମା !! କିଏ ଆସିଲା ନାହିଁ । ଦେଖିଲା, ପିଲାଟାର ମୁଣ୍ଡଉପରକୁ ପଡିରହିଛି କଣ ଗୋଟାଏ କାଗଜ । ତାକୁ ଉଠାଇ ଆଣି ଦେଖିଲା, ସେଥିରେ ଲେଖାଅଛି—

"ପ୍ରାଣେଶ୍ୱର,

ଆଜି ସମସ୍ତ ସାଂସାରିକ ବନ୍ଧନକୁ ତୁଟାଇ ଦେଇ ଚାଲିଲି ଦୁନିଆର ଏଇ ବଞ୍ଚିନା ସମ୍ପ୍ରାଦେଇ । ମୋ ଉପରେ ଜଣେ ନିରୀହ ବାଳିକାର ଇହକାଳ ଓ ପରକାଳ ନଷ୍ଟ କରିଦେବା ପାଇଁ ବିବେକ ମୋତେ ବାରମ୍ବାର ଧିକ୍କାର କରୁଛି । ବହୁତ ଭାବିଛି । ମୁଁ ଯେପରି, ଦୁନିଆ ବି ସେଇପରି । ଜଣେ ପତିପରାୟଣା ନିରୀହ ନାରୀର ଜୀବନ ଯୌବନକୁ ପୋଡ଼ିଜାଳି, ନିରନ୍ତର ତା'ର ଆଖିରୁ ଉତଲା ଲୁହ ଗଡ଼ାଇ, ତୁମର ନିକଟରେ ରହି ମୁଁ ମୋର ଜୀବନରେ କେବେ-ହେଲେ ସୁଖ ଶାନ୍ତି ପାଇ ପାରିବିନି । ଦିନେ ତୁମେ ଏହିପରି ଗୋଟିଏ କୋମଳ ଶିଶୁ-ପ୍ରାଣକୁ ଜଣେ ସରଳା ବାଳିକାର ହସ୍ତରେ ଅର୍ପଣ କରିଦେଇ ଚାଲି ଆସିଥିଲ । ଆଜି ମୁଁ ବି ସେହିପରି ଏଇ ଦେଢ଼ବର୍ଷର ପିଲା 'ଭମି' କୁ ତୁମରିଠାରେ ସମର୍ପି ଦେଇ ଚାଲିଗଲି ଅତିଦୂରକୁ । ଏହାର ଭବିଷ୍ୟତ ପାଇଁ ଦାୟୀ ତୁମେ; କିନ୍ତୁ ମୁଁ ନୁହେଁ । ମତେ ଚିରଦିନ ପାଇଁ ମନରୁ ଭୁଲିଯିବ । ଅନୁରୋଧ କରୁଛି, ପୁଣି ଫେରିଯାଅ ସେଇ ରେଣୁକା ନିକଟକୁ । ହୁଏତ ତୁମର ଭଙ୍ଗା ସଂସାର ପୁନର୍ବାର ଗଢ଼ିପାରିବ । ଶେଷରେ କ୍ଷମା ଦେବ ମତେ ।

ତୁମର ପରିତ୍ୟକ୍ତା

'ପଦ୍ମା' "

ଚିଠିଟାର ପଢ଼ା ଶେଷ ହେଲା ବେଳକୁ ବିଜୟ ଦେହରେ ଯେପରି ପ୍ରାଣ ନାହିଁ । ହୃଦୟଟା ଯେପରି ନିସ୍ପନ୍ଦ ହୋଇଯାଇଛି । ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହୋଇ ଯାଇଛି । ନିଜର କର୍ତ୍ତବ୍ୟ ପୁଞ୍ଜା ଭୁଲି ଗଲାଣି ସେ ।

ପିଲାଟା ଅଧିକ ଜୋର୍‌ରେ କାନ୍ଦି ଉଠିଲା । ତତ୍‌କ୍ଷଣାତ୍ ବିଛଣାରୁ ପିଲାଟାକୁ ଗୋଟାଇ ଆଣିଲା ବିଜୟ । ଦେଖିଲା, ଦାଣ୍ଡ ଦାରଜା ଖୋଲା ରହିଛି । ଅଧିର ଦେଖିଲା, ଦୂରରେ ଦେଖା ଯାଉଥିବା ଘଞ୍ଚ ଡୋଟା ଭିତରେ ଗୋଟାଏ ଟର୍ଚ୍ଚ ଆଲୁଅ ଖେଳି ବୁଲୁଛି କାହାକୁ ଯେପରି ଖୋଜି ଖୋଜି । କିଏ ଯେପରି ଚାଲିଯାଉଛି ତାର ସାହାଯ୍ୟରେ କେଉଁ ଅଜଣା ମୂଲକକୁ । ପିଲାଟାକୁ ଛାତି ଉପରେ ଜାକିଧରି ପାଗଳଙ୍କ ଭଳି କଣ୍ଟାକୁର ଦ୍ରୁତପଦରେ ଦୌଡ଼ିବାକୁ ଲାଗିଲା ବିଜୟ । ଡାକିଲା, ପଦ୍ମା, ପଦ୍ମା ! କେହି ଶୁଣିଲାନି ସେ ଡାକ । ପୁଣି ଆଉ କେତେପାଦ ଯାଇ ଜୋର୍‌ରେ ଡାକିଲା, 'ପଦ୍ମା, ପଦ୍ମା !'

ଠିକ୍ ପ୍ରତିଧ୍ୱନି ଆସିଲା, 'ପରିତ୍ୟାଗ-ପରିତ୍ୟାଗ !'

ପୁଣି ଥରେ ଅଧିକ ଜୋର୍‌ରେ ଡାକିଲା, 'ଫେର ! ଫେରି ଆ, ଫେରି ଆ !'

କେହି ଆସିଲା ନାହିଁ ସେ ଡାକ ଶୁଣି । ହଠାତ୍ ଟର୍ଚ୍ଚ ଆଲୁଅଟା ଲିଭିଗଲା । ବିଜୟ ହତାଶ ହୋଇ ଫେରି ଚାହିଁଲା ପଛକୁ । କେହି କୁଆଡ଼େ ନାହାଁନ୍ତି । ସବୁ ଶୂନ୍ୟ । ଭାବିଲା, ଫେରିଯିବ ସେ ରେଣୁକା ନିକଟକୁ, ଅନ୍ତତଃ ଏଇ ପିଲାଟିକୁ ବଞ୍ଚାଇବା ଲାଗି ତାର ଗୋଡ଼ତଳେ ପଡ଼ି ପୁଣି କ୍ଷମା ମାଗିବ ? ପୁଣି ଭାବିଲା, ନା, କଦାପି ଯିବନାହିଁ । ଥରେ ଯାହାକୁ ପରିତ୍ୟାଗ କରି ଚାଲିଆସିଛି ସେ·········। ନିଜର ପୁରୁଷତ୍ୱକୁ କେବେହେଲେ ଅବମାନନା କରାଇବାକୁ ପ୍ରଶ୍ରୟ ଦେବ ସେ ? ଯଥାକଷ୍ଟ ଧୈର୍ଯ୍ୟ କରି ଖୋଜି ଖୋଜି ବାହାର କରିବ ତାର 'ପଦ୍ମା'କୁ ଏଇ ଅନ୍ଧାରିଆ ଡୋଟା ଭିତରୁ ।

ଏ ସମସ୍ତ ଭାବନାକୁ ଓଲଟ ପାଲଟ କରି ପୁଣି ଏକ ଭାବନାରେ ଉପନୀତ ହେଲା ସେ । ସ୍ୱତଃ ତାର ମନଟା ଢଳିପଡ଼ିଲା ରେଣୁକା ପ୍ରତି । ଫେରିଯାଇ ସବୁକଥା ଗୋଟି ଗୋଟି କରି କହିବ ତାର ନିକଟରେ । ପୁଣି ତାର ସୁନାର ସଂସାର ଗଢ଼ିବସିବ ।



Digitized by srujanika@gmail.com

କିନ୍ତୁ କାହିଁକି କେଜାଣି ବନଜ୍ୟୁର ଗୋଡ଼ ଆଉ ଚଳିଲା ନାହିଁ । ପୁଣି ଥରେ ଚାହିଁଲା ସେହି ଘଞ୍ଚ ଅନ୍ଧାରିଆ ତୋଟାକୁ । କିଏ ଯେପରି ଘୂରି ବୁଲୁଛି ଗୋଟାଏ ପ୍ରେତାତ୍ମା ପରି—କିଏ ଯେପରି ବାରମ୍ବାର ଇଙ୍ଗିତ କରି କହୁଛି ସେଠିକି ଆସିବା ଲାଗି ।

ଆଉ ଭାବି ପାରିଲାନି ବନଜ୍ୟୁ । ସମସ୍ତ ଶକ୍ତି ଯେପରି ଲୋପ ପାଇଲା ତାର । ଥରେ ଶୂନ୍ୟ ଆକାଶ ଆଡ଼େ ଚାହିଁ ଦେଖିଲା, ଅସ୍ତଗାମୀ ଅଷ୍ଟମୀ ଚନ୍ଦ୍ର ଯେପରି ବିକଟ ହସରେ ବିଦ୍ରୁପ କରି ଲାଗିଛି ତାର ଏଇ ବିଭତ୍ସ ଦୃଶ୍ୟ ଦେଖି ଦେଖି ।

କ୍ରମେ ତାର ହାତ ଦୁଇଟି ଶିଥିଳ ହୋଇ ଆସିଲା । ପିଲାଟା ଜୋର୍‌ରେ କାନ୍ଦଉଠିଲା ଭେଁ-ଭେଁ ହୋଇ । ଜ୍ଞାନଶୂନ୍ୟ ହୋଇ ପୁଣି ଥରେ ପିଲାଟାକୁ ଜାକିଧରିଲା ଛାତି ଉପରେ ।

ଗଭୀର ରାତି । ଗାଢ଼ ନିଦ୍ରା କୋଳରେ ମାନବ ସମୂହ ଅଭିଭୂତ ହୋଇ ରହିଛନ୍ତି । ସେଇ ନିସ୍ତବ୍ଧ ରାତିର ଘନ ଅନ୍ଧକାରକୁ ଭେଦକରି ଧୀର ପଦକ୍ଷେପରେ ଚାଲିଲା ବନଜ୍ୟୁ ଲକ୍ଷ୍ୟହୀନ ପଥର ନିଃସହାୟ ପଥିକ ପରି ।

## ବସନ୍ତ ଆଗମେ

(ରବୀନ୍ଦ୍ରନାଥ ଠାକୁରଙ୍କ "Spring in Life" କବିତାରୁ ଅନୂଦିତ)

( ରାଜା ଜଗନ୍ନାଥ ଦେବ ବର୍ମା, ଉ. ଏସ୍. ସି. )

ଜୀବନ ଦୁଆରେ
କିଏ ସେ ଅତିଥି
ପହିଲି ବସନ୍ତ କାଳ;
ଅଜଣା ଲାଲସା
ନୀରସ ହୃଦକୁ
କରେ ଅବ୍ୟକ୍ତ ଚଞ୍ଚଳ ।
ତନୁ ଠାବେ ଠାବେ
ନବୀନ ଜୀବନ
ରଚଇ ମଧୁର ଖେଳା,
ସୁଷମମୟ ବିଶ୍ୱ-
ସୌନ୍ଦର୍ଯ୍ୟେ ଭ୍ରମିବି
ବାଇ ପୀୟୂଷ-ବେହେଲା ।
କେ ଅଛ ଜାଣେନା',
ଦେବି କରପୁଟେ
ଜୀବନ-କୁସୁମ ଭରି;
ଦୂରେ ଅବା ପାଶେ
ଥାଅ କିନ୍ତୁ ଖୋଜି
ବୁଲିବି ଦିବା-ଶର୍ବରୀ ।
ମଳୟ ଶିଖରୁ
ଶୀତଳ ସମୀର
ଯେସନ ଆସଇ ବହି;

ଅଜଣା ବନର
କୁସୁମ ସୌରଭ
ଲୋଭ ପରାୟଣ ହୋଇ ।
ଭ୍ରମିବି ତେସନ
ଅଜଣାର ପାଇଁ
ଅଜଣା ସରଗ-ପଥେ;
ଅଲକ୍ଷିତ ସ୍ଥାନ
ଜାଣେନା ମୁହିଁ ଗୋ,
ଚଢ଼ି ସମୀରଣ-ରଥେ ।
କାହିଁ ସେହି କହ
ମର୍ମସ୍ପର୍ଶୀ ସ୍ୱର
ମୁଖରିତ ସୁଲଳିତ;
ଯାହା କି ନିଖିଳ
ବିଶ୍ୱ ସଙ୍ଗୀତକୁ
କରଇ ପ୍ରତିଧ୍ୱନିତ ।
କାହିଁ ସେ ଲୋଚନ-
ବେନି ଯାହା ଦିଏ
ଅତୁଳିତ ଉଷା ଶୋଭା;
ଖୋଜି ମୁଁ ବୁଲିବି
ଖୋଜି ମୁଁ ବୁଲିବି
ପାଇବା ପାଇଁ ତା ଆଭା ।



Digitized by srujanika@gmail.com

# ଜାତୀୟତା ରକ୍ଷା

( ଶ୍ରୀ ନବକିଶୋର ଦାସ, ଆଡ଼ଭୋକେଟ )

ଜାତୀୟତା ଜନ୍ମଜ । ଏହାର ଭିତ୍ତି ମାନବିକ ଚିନ୍ତା ରାଜ୍ୟରେ ଏପରି ଭାବରେ ଅବସ୍ଥାପିତ ଯେ, ତାହା ଦୂର କରିବା ଅସମ୍ଭବ । ଅବଶ୍ୟ ଆନ୍ତର୍ଜାତୀୟତା-ଧୁଆ ବର୍ତ୍ତମାନ ପୃଥିବୀରେ ଉଠିଛି; ଏହା ପୂର୍ବରୁ ମଧ୍ୟ ଗତ ମହାଯୁଦ୍ଧ ପରେ ଏହି ଧୁଆ ଖୁବ୍ ଜୋରସ୍ୱରରେ ଉଠିଥିଲା; ମାତ୍ର ଆନ୍ତର୍ଜାତୀୟତାର ଭିତ୍ତି ଜାତୀୟତା । ଅଖଣ୍ଡ ମାନବ ସମାଜ ବା ଅଖଣ୍ଡ ବିଶ୍ୱ-ରାଷ୍ଟ୍ର ଗଠନ ସ୍ୱପ୍ନ ବହୁ ସ୍ୱପ୍ନ-ବିହାରୀଙ୍କ ପ୍ରାଣକୁ ସ୍ପର୍ଶ କରିଅଛି । ସେହି ଆଦର୍ଶ ପଛରେ ବହୁ ଭାବୁକ ଏବଂ ଲେଖକ ଅନୁଧାବନ କରୁଅଛନ୍ତି । ଏହା ପୃଥିବୀରେ ସମ୍ଭବପର ହେଉ । ଶୁଭକଥା । ମାତ୍ର ରାଷ୍ଟ୍ର-ସଂଘର ଭିତ୍ତି ହେଉଛି ବିଭିନ୍ନ ରାଷ୍ଟ୍ରର ସଂଯୋଗୀକରଣରେ, ଏକତ୍ରୀ କରଣରେ ନୁହେଁ । ତେଣୁ ଜାତୀୟତା ରହିବ । ବିଭିନ୍ନ ଜାତି ଏକ ମିଳିତ ରାଷ୍ଟ୍ର-ସଂଘ ଗଢନ୍ତୁ ବା ନାହିଁ, ପୃଥିବୀରେ ଯେ ଜାତୀୟତା ରହିବ, ଏହା ମୋର ଦୃଢ଼ ବିଶ୍ୱାସ । ଜାତୀୟତା ହୃଦୟରେ ଚାଳିତ ହେଲେ ଏବଂ ବିଭିନ୍ନ ଜାତୀୟତା ପ୍ରତି ସମ୍ମାନ ଓ ଶ୍ରଦ୍ଧା ଭାବ ଜାଗ୍ରତ ରହିଲେ, ଏହାହିଁ ପ୍ରକୃତ ଆନ୍ତର୍ଜାତୀୟତାର ପଥ ପରିଷ୍କାର କରିବ । ଆର୍ଥିକ ବା ରାଷ୍ଟ୍ରୀୟ ସଂଘର୍ଷ ପୃଥିବୀରେ ରହିବ ଏବଂ ରହିବା ସ୍ୱାଭାବିକ । ମାତ୍ର ଏହାର ସୁସମାଧାନରେ ହିଁ ମଣିଷର ଜୟ ପ୍ରମାଣିତ ହେବ । ହିଂସା ବା ମୃତ୍ୟୁ ମଧ୍ୟଦେଇ ସଂଗ୍ରାମ ପ୍ରକୃତ ବାଟ ନୁହେଁ । ଅନ୍ୟବାଟର ସୂଚନା ଭାବୁକମାନେ ଦେଇଥିଲେ ମଧ୍ୟ ସମାଜ ତଥା ରାଷ୍ଟ୍ରରେ ଏହାର ପୂର୍ଣ୍ଣ ପରୀକ୍ଷା ମଧ୍ୟ ଆଜଯାଏଁ ହୋଇପାରି ନାହିଁ ।

କିନ୍ତୁ ଯଦି ଜାତୀୟତା ରହିବ, ଏହାର ଭିତ୍ତି କ'ଣ ହେବ ? ଜାତୀୟତାର ଚାରୋଟି ଭିତ୍ତି ବୋଲି କୁହାଯାଏ । (୧) ଭାଷା, ସାହିତ୍ୟ ବା ସଂସ୍କୃତି; (୨) ଭୌଗଳିକ ଅବସ୍ଥିତି; (୩) ଐତିହାସିକ ପରମ୍ପରା ଓ (୪) ଏକ ରାଷ୍ଟ୍ର । ଏହିସବୁ ଭିତ୍ତିର ମୌଳିକ-ବିଭାବ ଆଲୋଚନା କଲେ ଜଣାଯିବ ଯେ ଭାଷା, ସାହିତ୍ୟ ବା ସଂସ୍କୃତି ହିଁ ସବୁଠାରୁ ଶ୍ରେଷ୍ଠ-ଭିତ୍ତି । ଏକ ବିଶିଷ୍ଟ ଦୃଶ୍ୟ ପ୍ରତି କେହି କେହି ଦର୍ଶକ ଦୃଷ୍ଟିଦେଇ ଦେଖିଥିବେ ଯେ ଯେତେବେଳେ ବହୁଲୋକ ଏକ ଭାଷାରେ ସଙ୍ଗୀତ ଗାଆନ୍ତି, କିମ୍ବା ଯେତେବେଳେ ବହୁଲୋକ ଏକ ଭାଷାରେ ସେମାନଙ୍କ ମନୋଭାବ ବ୍ୟକ୍ତ କରୁଥାନ୍ତି, ସେତେବେଳେ ସେହି ସମସ୍ତ ଜନତା ମଧ୍ୟରେ ଏକତାର ସୃଷ୍ଟି ହୁଏ ଥାଏ ଭାଷା । ଅର୍ଥନୀତି ବା ରାଷ୍ଟ୍ରନୀତି ବହୁ ବିଭିନ୍ନ ଭାଷାଭାଷୀମାନଙ୍କୁ ଏକତ୍ର କରିପାରେ, ମାତ୍ର ସେହି ମିଳନ ସବୁଦିନେ ରହିବ ନାହିଁ । ଭାଷାଗତ ମିଳନ ଯେତେ ସ୍ପନ୍ଦନ ଉପରେ ପ୍ରତିଷ୍ଠିତ ହୋଇଲେ ମଧ୍ୟ, ଏହାହିଁ ଜାତୀୟତାର ପ୍ରଧାନ ଓ ପ୍ରଥମ ଭିତ୍ତି । ଜାତୀୟତାର ଭାଷା, ସାହିତ୍ୟ ପ୍ରଧାନ ଓ ପ୍ରଥମ ଭିତ୍ତି ହେଲେହେଁ, ଅନ୍ୟାନ୍ୟ ଭିତ୍ତିକୁ ମଧ୍ୟ ଆମ୍ଭେମାନେ ସହଜରେ ଏଡ଼ାଇ ଦେଇ ପାରିବା ନାହିଁ ।

ଏହି ସମସ୍ତ ନୀତି ଦିଗରୁ ଉତ୍କଳ ତଥା ଉତ୍କଳୀୟମାନଙ୍କ ଜାତୀୟତାର ବର୍ତ୍ତମାନ ଓ ଭବିଷ୍ୟତ ଆଲୋଚନା କରିବା ଦରକାର । ଉତ୍କଳର ଅତୀତ ଭାଷା ଓ ସାହିତ୍ୟର ବିଭବ ବର୍ତ୍ତମାନ ସାହିତ୍ୟ-ବିଭବରୁ ଊଣା ନୁହେଁ । ଆଧୁନିକ ଓଡ଼ିଆ ସାହିତ୍ୟ ମଧ୍ୟ ଦ୍ରୁତଗତିରେ ଅଗ୍ରସର ହେଉଅଛି । କେବଳ ସାହିତ୍ୟ, ସଙ୍ଗୀତ କିମ୍ବା କଳା ନୁହେଁ, ଓଡ଼ିଆ ଭୂମିର ଭୌଗଳିକ ଅବସ୍ଥିତି, ରାଷ୍ଟ୍ରମୟ ପରିସ୍ଥିତି ଏବଂ ପରମ୍ପରା ଓ ଐତିହାସିକ ଅବଦାନ ଓଡ଼ିଆଙ୍କୁ ଏକ ବିଶିଷ୍ଟ ଜାତି ରୂପେ ଗଢ଼ିଅଛି । ଉତ୍କଳ ଇତିହାସର ଏହି ଗୌରବମୟ ଅବଦାନ ଆମ୍ଭେମାନେ କିପରି ରକ୍ଷା କରିବା ବା ନଷ୍ଟ କରିବା ତାହା ଆଧୁନିକ ଉତ୍କଳୀୟମାନଙ୍କ ଉପରେ ନିର୍ଭର କରୁଅଛି । ହୁଏତ କେଉଁ ଅତୀତ ଯୁଗରେ କଳିଙ୍ଗ ଭଳି ବୃହତ୍ ସାମ୍ରାଜ୍ୟ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଗଢ଼ିଥିଲେ ବା କେଉଁ ଗତ ଅନ୍ଧକାରରେ ଏହା ଭାଙ୍ଗି, ଛୋଟ କ୍ଷୁଦ୍ର, ବୃହତ୍ ରାଷ୍ଟ୍ରଖଣ୍ଡରେ ବିଭକ୍ତ ହୋଇଥିଲା; ତାହା ଆମ୍ଭମାନଙ୍କର



Digitized by srujanika@gmail.com

ବିଶେଷ ଉପକାରରେ ଆସିବ ନାହିଁ । ବର୍ତ୍ତମାନ ଉତ୍କଳ-ରାଷ୍ଟ୍ରର ଭିତ୍ତି ଭାଷା ବା ସାହିତ୍ୟ । ଏହି ଭାଷା ସାହିତ୍ୟ ବା ସଂସ୍କୃତିକୁ ଭିତ୍ତି କରି ପୃଥିବୀ ସାରା ନାନା ରାଷ୍ଟ୍ର ଗଠିତ ତଥା ସଂରକ୍ଷିତ ହୋଇଅଛି । ଏହି ଭାଷା, ସାହିତ୍ୟ ବା ସଂସ୍କୃତିକୁ ଭିତ୍ତି କରି ସ୍ୱାଧୀନ ଭାରତରେ ବହୁ ପ୍ରାଦେଶିକ ରାଷ୍ଟ୍ର ଗଠିତ ହେବାକୁ ଯାଉଛି; ଏବଂ ଏହି ନୀତି ପ୍ରଥମେ ଏ ଦେଶରେ ଉତ୍କଳ ସମ୍ମିଳନୀ ପ୍ରଚାର କରିଥିଲେ ମଧ୍ୟ, ଭାରତୀୟ ଜାତୀୟ କଂଗ୍ରେସ ଏହାକୁ ଗ୍ରହଣ କରି ନେଇଅଛି ।

ବର୍ତ୍ତମାନ ଉତ୍କଳର ଜାତୀୟତା ରକ୍ଷା ଓ ଅଭିବୃଦ୍ଧି ପଥରେ ଦୁଇଟି ବାଧା ରହିଅଛି । ଏହାର ଐତିହାସିକ ପରମ୍ପରା ଓ ଭୌଗଳିକ ଅବସ୍ଥିତି ଥିଲେ ମଧ୍ୟ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳ ଏକରାଷ୍ଟ୍ର ଅନ୍ତର୍ଭୁକ୍ତ ନୁହେଁ କିମ୍ବା ଏହାର ଭାଷା, ସାହିତ୍ୟ, ସଂସ୍କୃତି ନାନା ଉପାନ୍ତ ଓଡ଼ିଆ ଭୂମିରେ ମୃତ୍ୟୁ ମୁଖରୁ ପୂର୍ଣ୍ଣଭାବରେ ରକ୍ଷା ପାଇ ପାରୁନାହିଁ ।

ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳକୁ ଏକରାଷ୍ଟ୍ର ଭୁକ୍ତ କରିବାରେ ଦୁଇଟି ବଡ଼ ବାଧା ରହିଅଛି । ପ୍ରଥମତଃ ଯେଉଁସବୁ ଉପାନ୍ତ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ରହିଅଛି, ତାହା ଓଡ଼ିଶା ଅନ୍ତର୍ଭୁକ୍ତ ହେବା ଦରକାର । ଏହି ଉପାନ୍ତ ଅଞ୍ଚଳରେ ଆନ୍ଦୋଳନ ଏବଂ ଆସିବାକୁ ଉଦ୍ଦେଶ ଓ ଆକାଂକ୍ଷା ଯେତିକି ତୀବ୍ର ହେବ ଏବଂ ଯେତିକି ଓଡ଼ିଶାରେ ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ମିଳିବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାର ସମସ୍ତ ସରକାରୀ ସୁବିଧାର ସୁଯୋଗ ନେଇ ପାରିବେ, ସେତିକି ଏହି ଆଶା ପୂର୍ଣ୍ଣ ହେବାର ସମ୍ଭବପରତା ଅଛି । ଗଣ-ପରିଷଦ ବ୍ୟବସ୍ଥାପକ ପ୍ରଣୟନ କଲେ ମଧ୍ୟ, ପ୍ରାଦେଶିକ ସୀମା ନିର୍ଣ୍ଣୟ ପାଇଁ ନାନା କମିସନ ବସିବାକୁ ବାଧ୍ୟ । ଏହା ଯେତେ ଶୀଘ୍ର ହୋଇଯିବ ବୋଲି ଜଣାପଡୁଛି, କାର୍ଯ୍ୟରେ ତାହା ହେବନାହିଁ । ତଥାପି ସ୍ୱାଧୀନ ଭାରତରେ ବିଭିନ୍ନ ଭାଷାଭାଷୀ ପ୍ରଦେଶ ଏକ ଏକ ପ୍ରଦେଶ ବା ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ନିଶ୍ଚୟ ହେବେ । ପୁଣି ଏକ ଭାଷାଭାଷୀ ଲୋକେ ଚାହିଁଲେ, ଆନ୍ଦୋଳନ କଲେ, ସେମାନଙ୍କୁ ବାଧ୍ୟ ଦେବ କିଏ ? କାରଣ ଲୋକମତକୁ ଏଡ଼ାଇ କୌଣସି ସୁସଭ୍ୟ ସରକାର ଏ ଯୁଗରେ ତିଷ୍ଠିବା ସମ୍ଭବପର ନୁହେଁ ।

ଦ୍ୱିତୀୟ ସମସ୍ୟାଟି ଅତିବ ଜଟିଳ । କାରଣ, ଓଡ଼ିଶା ଗଡ଼ଜାତରେ ରାଜ-ତନ୍ତ୍ର ପ୍ରତିଷ୍ଠିତ । ଲୋକ-ଶାସନ ସବୁ ଗଡ଼ଜାତରେ ନାହିଁ । କେତେକ ଗଡ଼ଜାତରେ ମାତ୍ର ଆରମ୍ଭ ହୋଇଅଛି । ଓଡ଼ିଶା ଗଡ଼ଜାତରେ ଲୋକ-ଜାଗରଣ ହୋଇ ରାଜାମାନଙ୍କ କ୍ଷମତା ନିର୍ଣ୍ଣୟ ସୀମାବଦ୍ଧ ହୋଇଯିବ ଏବଂ ପୁଣି ସବୁ ଗଡ଼ଜାତର ଲୋକ-ପରିଷଦ ଓଡ଼ିଶା ପ୍ରଦେଶ ସହିତ କେଉଁ ସୂତ୍ରରେ ବା ନୀତିରେ ମିଶିବେ, ତାହା ନିର୍ଣ୍ଣୟ କରିବାକୁ ହେବ । ଗଡ଼ଜାତରେ ଯେତିକି ଲୋକ ଜାଗରଣ ହୋଇଛି, ତହିଁରେ ଲୋକେ ଯେ ଏକ ଉତ୍କଳ ରାଷ୍ଟ୍ର ଗଠନ କରିବାକୁ ଚାହାଁନ୍ତି, ତାହା କେତେକ ପରିମାଣରେ ଜଣା ପଡୁଅଛି । ମାତ୍ର ତାହା ଯଥେଷ୍ଟ ନୁହେଁ । ପୁଣି ରାଜା ମହାରାଜାମାନେ ଅନ୍ୟ ବାଟରେ ଗତି କରୁଅଛନ୍ତି । ସେମାନେ ଓଡ଼ିଶା ଗଡ଼ଜାତ ଓ ଛତିଶଗଡ଼ର ଅନ୍ୟାନ୍ୟ ଗଡ଼ଜାତକୁ ନେଇ ଏକ ସ୍ୱତନ୍ତ୍ର ଗଡ଼ଜାତ-ରାଷ୍ଟ୍ର ଗଠନ କରିବାକୁ ଇଚ୍ଛୁକ । ପୁଣି ଏ ସମ୍ପର୍କରେ ଭାରତୀୟ କଂଗ୍ରେସର ବଡ଼ ବଡ଼ ନେତା କହୁଛନ୍ତି ଯେ ରାଜା ମହାରାଜାଙ୍କର କଂଗ୍ରେସକୁ ଭୟ କରିବାର କିଛି ନାହିଁ । ଏହିସବୁ ଗତିରୁ ଗୋଟିଏ କଥା ସ୍ପଷ୍ଟ ଜଣା ପଡୁଅଛି । ରାଜା ମହାରାଜାମାନେ ଭାବୁଛନ୍ତି ଯେ ସେମାନେ ପ୍ରଦେଶ ସହିତ କୌଣସି ନୀତିରେ ସଂପୃକ୍ତ ହେଲେ, କାଳେ ସେମାନଙ୍କ କ୍ଷମତାରେ ଆଞ୍ଚ ଲାଗିବ । ଏପରି ପରିସ୍ଥିତିରେ ଏକଦିଗରେ ଓଡ଼ିଶା ଗଡ଼ଜାତର ରାଜା, ମହାରାଜା, ଦ୍ୱିତୀୟରେ ଓଡ଼ିଶା ଗଡ଼ଜାତର ପ୍ରଜାଗଣ ଏବଂ ଅପର ପକ୍ଷରେ ଓଡ଼ିଶା ପ୍ରଦେଶବାସୀ ଓ ଓଡ଼ିଶା ସରକାର ଭାରତୀୟ ରାଷ୍ଟ୍ର-ନୀତିର ଗତି-ସ୍ରୋତରେ କେଉଁଠି ଧାଇଁଥିବେ, ତାହା ଅନେକେ ହୁଏତ ମନେ ମନେ କଳ୍ପନା କରୁଥିବେ । କିନ୍ତୁ ଏ ସମ୍ପର୍କରେ ଯେଉଁ ଗୁରୁତର ସମସ୍ୟା ଉଠୁଛି, ତାହାକୁ ଦଳଗତ କିମ୍ବା କୌଣସି ବ୍ୟକ୍ତିଗତ ବା କ୍ଷୁଦ୍ର ସ୍ୱାର୍ଥ ଦୃଷ୍ଟିରୁ ନ ଦେଖି ଉତ୍କଳ ଜାତୀୟତା ରକ୍ଷା ଦୃଷ୍ଟିରୁ ଚିନ୍ତା



Digitized by srujanika@gmail.com

କରିବା ଓ ଆଲୋଚନା କରିବା ଦରକାର । ବର୍ତ୍ତମାନ ଭାରତ ଓ ପୃଥିବୀରେ ଗତି ଯାହା, କ୍ଷୁଦ୍ର କ୍ଷୁଦ୍ର ରାଷ୍ଟ୍ରର ଭବିଷ୍ୟତ ସେତେ ଉଜ୍ଜ୍ୱଳ ନୁହେଁ । ଓଡ଼ିଶା ଗଡ଼ଜାତ ଓ ଓଡ଼ିଶା ପ୍ରଦେଶ ଯଦି କୌଣସି ରାଷ୍ଟ୍ରୀୟ ଯୋଜନା ସୂତ୍ରରେ ଏକତାବଦ୍ଧ ହୋଇପାରନ୍ତେ, ତାହା କିପରି ହୁଅନ୍ତା ? ଓଡ଼ିଶା ଗଡ଼ଜାତଗୁଡ଼ିକ ଏକ ରାଷ୍ଟ୍ର-ସଂଘ ଗଢ଼ିବାକୁ ଯାଉଛନ୍ତି । ପୁଣି ଅତି ଅଳ୍ପକାଳ ମଧ୍ୟରେ ଗଡ଼ଜାତରେ ଲୋକ-ଜାଗରଣ ହେଲେ ରାଜା, ମହାରାଜାମାନଙ୍କ କ୍ଷମତା ଅନେକ ସଙ୍କୁଚିତ ହେବ; ରାଷ୍ଟ୍ର-ସଂଘ କେବଳ ଗଡ଼ଜାତକୁ ଘେନି ହେଲେ ମଧ୍ୟ ପ୍ରତ୍ୟେକ ଗଡ଼ଜାତର କେତେକ କ୍ଷମତା ନିଶ୍ଚୟ ସଙ୍କୁଚିତ ହେବ ଏବଂ କେନ୍ଦ୍ର-ଶାସନକୁ ଦୃଢ଼ କରିବାକୁ ପଡ଼ିବ । ଏପରି ଅବସ୍ଥାରେ ଯଦି କୌଣସି ମିଳନ ସୂତ୍ରରେ ସମସ୍ତ ଓଡ଼ିଶା ଗଡ଼ଜାତ ଓ ଓଡ଼ିଶା ସଂଯୁକ୍ତ ହୋଇପାରନ୍ତି ତାହା କିପରି ହେବ ? ଏ ସମସ୍ୟାଟି ବଡ଼ ଜଟିଳ, ପୁଣି ଏହି କଥାରୁ ଅନର୍ଥ ଖୋଜିବାକୁ ବସି ଅଛନ୍ତି । ମାତ୍ର ଧୀରସ୍ଥିର ଚିତ୍ତରେ ଓଡ଼ିଶା ଗଡ଼ଜାତ ତଥା ଓଡ଼ିଶା ପ୍ରଦେଶର ରାଷ୍ଟ୍ରୀୟ ଭାବୁକ ଓ ରାଷ୍ଟ୍ର-ନାୟକମାନେ ଏହି ସମସ୍ୟାଟିକୁ ଭାବନ୍ତୁ । ରାଜା ମହାରାଜାମାନେ ଯେ ପୂର୍ବ୍ବରୁ ରାଜ୍ୟଗାଦି ବିଚ୍ୟୁତ ହୋଇଯିବେ, ଏହା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବପର ନୁହେଁ । ସମାଜରେ ବ୍ୟକ୍ତି-ନାଶ ଆମର ଲକ୍ଷ୍ୟ ନୁହେଁ, ବରଂ ସମାଜ-ସଂସ୍ଥାରେ ବ୍ୟକ୍ତି-ନିୟନ୍ତ୍ରଣ ହିଁ ଆମର ଆଦର୍ଶ । ସମୂହ ସମାଜର ମଙ୍ଗଳ ପାଇଁ ବ୍ୟକ୍ତିକୁ କେତେକ ସ୍ୱାର୍ଥ ବଳୀ ଦେବାକୁ ହୁଏ । ଏହା କେବଳ ପ୍ରୟୋଜନ । ଏଥିରେହିଁ ବ୍ୟକ୍ତିର ମହତ୍ତ୍ୱ ତଥା ବ୍ୟକ୍ତିତ୍ୱ ଶାଣିତ ହୁଏ । ଗୋଟିଏ ସ୍ୱପ୍ନ ମନକୁ ଆସେ । "ରାଜ-ପରିଷଦ" (House of Lows) ଓ "ଲୋକ-ପରିଷଦ" (House of Commons) ଏହିପରି ଉତ୍କଳରାଷ୍ଟ୍ରର ବ୍ୟବସ୍ଥାପକରେ ନୀତି ରଖି ସମସ୍ତଙ୍କୁ ଏକ ରାଷ୍ଟ୍ରୀୟ ଯୋଜନା ଅନ୍ତର୍ଭୁକ୍ତ କରାଗଲେ, ଅବସ୍ଥା କ'ଣ ହୁଅନ୍ତା ? ଭାରତରେ କେଉଁଠି କ'ଣ ହେଉଛି, ନ ହେଉଛି, ତାହା ଆମର ଆଦର୍ଶ ନୁହେଁ । ମୋର ସ୍ୱପ୍ନ ମତେ 'ଉତ୍କଳ' ଭାରତ ଓ ପୃଥିବୀକୁ ମଧ୍ୟ ନୂଆ ଆଦର୍ଶ ଦେଖାଇ ପାରେ । ଏହିପରି ଯୋଜନାରେ ଓଡ଼ିଶା ଗଡ଼ଜାତର ରାଜା, ମହାରାଜା କିମ୍ବା ଲୋକଙ୍କ କାହାର କ୍ଷମତା ବା ସ୍ୱାର୍ଥରେ ବିଶେଷ ବାଧା ନ ପଡ଼ିବ ବୋଲି ମୋର ବିଶ୍ୱାସ । ଉତ୍କଳ ବିଶ୍ୱ-ଭାରତୀ (University) ରେ ଓଡ଼ିଶା ଗଡ଼ଜାତ ଯୋଗ ଦେଲେ ମଧ୍ୟ, ଗଡ଼ଜାତମାନଙ୍କ ଶିକ୍ଷା ବିଭାଗୀୟ କ୍ଷମତାର କୌଣସି କ୍ଷୁର୍ଣ୍ଣତା ପ୍ରତିପାଦିତ ହୋଇନାହିଁ । ସ୍ୱଚ୍ଛମନରେ ମନ ଖୋଲିଖୋଲି ହୋଇ ବୃହତ୍ତର ଜାତୀୟତା-ରକ୍ଷା ଦୃଷ୍ଟିରୁ ଆଲୋଚନା କଲେ ଓଡ଼ିଶା ପ୍ରଦେଶ ଓ ଓଡ଼ିଶା ଗଡ଼ଜାତ ମଧ୍ୟରେ ରାଷ୍ଟ୍ରୀୟ କ୍ଷେତ୍ରରେ ନାନା ପ୍ରକାର ସହଯୋଗ ଏବଂ ସମ୍ପର୍କ ସ୍ଥାପିତ ହୋଇ ପାରନ୍ତା । ଏହିପରି ମିଳନ, ସହଯୋଗ କିଏବ ପରିସ୍ଥିତିରେ କେତେଦୂର ଯିବ, ତାହା ପରିସ୍ଥିତି ଠିକ୍ କରିବ । ଏତି ଗଲା ଜାତୀୟତାରେ ରାଷ୍ଟ୍ରୀୟ ଭିତ୍ତିର କଥା ।

ଦ୍ୱିତୀୟରେ ଜାତୀୟତା ଭିତ୍ତି ହେଉଛି ସଂସ୍କୃତି । ଓଡ଼ିଆ ସଂସ୍କୃତିର ଗତ ବା ଅତୀତର ଗୌରବ ଗାଥା ଗାଇ କିମ୍ବା ସ୍ମରଣ କରି ଗୀତ ଫୁଲାଇବାରେ ଅସ୍ମମାନଙ୍କର ସଂସ୍କୃତି ରକ୍ଷା ବା ତାହିଁ ସଙ୍ଗେ ସଙ୍ଗେ ଆଧୁନିକ ସଂସ୍କୃତି ବିକଶିତ କିମ୍ବା ଅଭିବୃଦ୍ଧି ପାଇବ ନାହିଁ । ଓଡ଼ିଆ ଭାଷା ଓଡ଼ିଶା ଗଡ଼ଜାତରେ ଆଦିମବାସୀଙ୍କ ମଧ୍ୟରେ ପ୍ରଚଳିତ ହେଉଥିଲେ ମଧ୍ୟ ସମ୍ପୃକ୍ତ ସରକାରଗଣ ଆଜିଯାଏ ଓଡ଼ିଆ ଭାଷାରେ ଲୋକ-ଶିକ୍ଷା (Non Education) ପାଇଁ କିଛି କରିପାରି ନାହାନ୍ତି । ତେଣୁ ଓଡ଼ିଆ ଭାଷା ଲୋକ-ମୁଖରେ ବଞ୍ଚିଥିଲେ ମଧ୍ୟ ଲିପିବଦ୍ଧ ଭାବରେ ଉନ୍ନତ ସଭ୍ୟତମ ଦେଶରେ ଯେପରି ପ୍ରଚୁରିତ ହେବା କଥା, ସେହିପରି ହୋଇନାହିଁ । ଏହା ସଙ୍ଗେ ସଙ୍ଗେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ କଥା ଆମକୁ ବିଚାରିବାକୁ ହେବ । ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଉତ୍କଳୀୟମାନେ ଜାତୀୟଭାବ ଘେନି ସେମାନଙ୍କ ଶିକ୍ଷା ସମସ୍ୟାର ସମ୍ମୁଖୀନ ହେବା ଗୁରୁ । ସେମାନେ ବିଭିନ୍ନ ପ୍ରାଦେଶିକ ସରକାରଙ୍କ ଅଧୀନରେ ଥିଲେ ମଧ୍ୟ ଖଜଣା ସେମାନେ ଦିଅନ୍ତି । ସେମାନଙ୍କ ଖଜଣା ଘେନି ପ୍ରାଦେଶିକ ସରକାର ସେମାନଙ୍କୁ



Digitized by srujanika@gmail.com

ମୌଳିକ ନାଗରିକ ଅଧିକାରରୁ କପରି ବଞ୍ଚିତ କରିବେ ? ଏହା ଅନ୍ୟାୟ । ଏହି ଅନ୍ୟାୟରୁ ରକ୍ଷା ପାଇବାର ବାଟ ଭିକ୍ଷା ନୁହେଁ; ବରଂ ନିଜର ଦାବୀର ଯଥାର୍ଥତା ପ୍ରତିପାଦନ କରି ପ୍ରକୃତ ଆନ୍ଦୋଳନ ଫୁଟାଇବା । ଏହା ନ ହେବା ଯାଏଁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଯଥାର୍ଥରେ ରକ୍ଷା ହେବନାହିଁ ।

ଯଦି ଆମ୍ଭେମାନେ ଗଭୀର ଭାବରେ ଅନୁଭବ କରୁଁ ଯେ ଭାଷା, ସାହିତ୍ୟ ବା ସଂସ୍କୃତି ଜାତୀୟତାର ମୂଳ ଭିତ୍ତି ଏବଂ ଏହି ଭିତ୍ତିରେ ପୃଥିବୀ ସାରା ଜାତୀୟତା ଗଠିତ ହୋଇଅଛି, ତେବେ ଭାଷା, ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଆ ଭାଷୀ ଅଞ୍ଚଳରେ ଯେତେ କାର୍ଯ୍ୟ ହେବା କଥା, ତାହା ହୋଇଛି କି ? ଧର୍ମକୁ ମୂଳଭିତ୍ତି କରି ଜାତି ଗଢ଼ିବା ବିଫଳ ହୋଇଛି, ତାହାର ପ୍ରକୃଷ୍ଟ ଉଦାହରଣ ୟୁରୋପ । ସମସ୍ତ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀମାନେ ଏକ ରାଷ୍ଟ୍ର ଗଠନ କରିପାରି ନାହାନ୍ତି । ଏହା ସଙ୍ଗେ ସଙ୍ଗେ ମୁଁ ଆଉ ଗୋଟିଏ କଥା ପ୍ରତି ନଜର ଦେବାକୁ ଓଡ଼ିଆ ଭାଷା, ସାହିତ୍ୟର ଭାବୁକମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛି । ତାହା ହେଉଛି, ବର୍ତ୍ତମାନ ହିନ୍ଦୀ-ଇତର ଭାଷା-ଭାଷୀ ପ୍ରଦେଶରେ ଯେଉଁ ହିନ୍ଦୀ ଭାଷା, ସାହିତ୍ୟର ପ୍ରଚାର ହେଉଛି । ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଭାରତୀୟ କଂଗ୍ରେସ 'ହିନ୍ଦୁସ୍ଥାନୀ' ଭାରତର ସାଧାରଣ ରାଷ୍ଟ୍ରୀୟ ଭାଷା ହେବ ବୋଲି ପ୍ରସ୍ତାବ ଗ୍ରହଣ କଲାପରେ, ପ୍ରତି ପ୍ରଦେଶରେ 'ହିନ୍ଦୁସ୍ଥାନୀ' ପରିବର୍ତ୍ତିରେ ହିନ୍ଦୀ ଭାଷା ଓ ସାହିତ୍ୟହିଁ ପ୍ରଚାର ଚାଲିଛି । ହିନ୍ଦୀ ଓ ହିନ୍ଦୁସ୍ଥାନୀ ସମ୍ପର୍କରେ ପଣ୍ଡିତ ଜବାହରଲାଲ ନେହେରୁ ମଧ୍ୟ ଏକ ସ୍ୱତନ୍ତ୍ର ପୁସ୍ତିକା ଲେଖି, ପ୍ରକାଶ କରିଅଛନ୍ତି । ସେଥିରେ ସେ ସ୍ପଷ୍ଟ ଜଣାଇ ଅଛନ୍ତି ଯେ ହିନ୍ଦୁସ୍ଥାନୀ (ହିନ୍ଦୀ ନୁହେଁ) ହିଁ ଭାରତର ରାଷ୍ଟ୍ରୀୟ ଭାଷା । ଏପରି ସ୍ଥଳେ ମୌଳିକ ଇଂରାଜୀ (Basic English) ଭଳି ଏକ ସଂକ୍ଷିପ୍ତ ସରଳ 'ହିନ୍ଦୁସ୍ଥାନୀ' ଶିକ୍ଷାର ଉଦ୍ୟୋଗ, ପ୍ରଚାର ଏବଂ ପ୍ରସାର ପାଇଁ ଚେଷ୍ଟା ନକରି, ପ୍ରାଦେଶିକ ସରକାର ହିନ୍ଦୀ-ଭିନ୍ନ ଭାଷା-ଭାଷୀଙ୍କ ଖଜଣା-ପଇସାରେ ହିନ୍ଦୀ ଭଳି ଏକ ପ୍ରାଦେଶିକ ଭାଷା ଓ ସାହିତ୍ୟର ପ୍ରଚାର କରିବାକୁ ପ୍ରଶ୍ରୟ ଦେଉଛନ୍ତି କିଆଁ ? ଯଦି 'ହିନ୍ଦୁସ୍ଥାନୀ' ଆମର ଏକ ଚଳନ୍ତି କଥିତ ଭାଷା, ସେଥିପାଇ ହିନ୍ଦୀ ଭାଷା ଓ ସାହିତ୍ୟ ଶିକ୍ଷାର କି ଆବଶ୍ୟକତା ଅଛି ? ସେଥିପାଇଁ ପୁଣି ହିନ୍ଦୀ-ଇତର ଭାଷାଭାଷୀ ପ୍ରାଦେଶିକ ସରକାର ଟଙ୍କା ଖର୍ଚ୍ଚ କରିବେ କିଆଁ ? ଛାତ୍ରମାନେ ଇଂରାଜୀ ଶିଖିଲା ଭଳି ଏହି ଶିକ୍ଷାରେ ବହୁମୂଲ୍ୟ ସମୟ ନଷ୍ଟ କରୁଛନ୍ତି କିଆଁ ? ପୁଣି ହିନ୍ଦୀ ଶିକ୍ଷା କେନ୍ଦ୍ରକୁ ଏକ ସାମରିକ ଶବ୍ଦ 'ଶିବିର' ଆଖ୍ୟା ଦିଆଯାଉଛି କିଆଁ ? କଂଗ୍ରେସ ଭଳି ଏକ ଭାରତୀୟ ରାଷ୍ଟ୍ରୀୟଦଳର ସାହାଯ୍ୟ ଘେନି ହିନ୍ଦୀ ଭାଷା ଓ ସାହିତ୍ୟକୁ ଅନ୍ୟ ଭାଷା-ଭାଷୀ ପ୍ରଦେଶରେ ଚଳାଇବାକୁ ଏକ ସୂକ୍ଷ୍ମ କୌଶଳ ପ୍ରୟୋଗ କରାଯାଇ ନାହିଁ କି ? ଟିକିଏ ଦୂରଦୃଷ୍ଟି ଦେଇ ଦେଖିଲେ ଜଣାଯିବ ଯେ ଏହାଦ୍ୱାରା ଓଡ଼ିଆ, ବଙ୍ଗଳା, ଆସାମୀ ପ୍ରଭୃତି ଭାଷା, ସାହିତ୍ୟ ବିକାଶ ପଥରେ ଆଉ ଏକ ପ୍ରତିବନ୍ଧକ ଆଣି ଥୁଆ ହେଉଛି । ପୁଣି ଶୁଣାଯାଏ ଯେ ମହାତ୍ମା ଗାନ୍ଧୀ ଓ ଭାରତୀୟ ହିନ୍ଦୀ ପ୍ରଚାର ସମ୍ମିଳନ ମଧ୍ୟରେ ଏହିସବୁ ନୀତି ଘେନି ମତ ପାର୍ଥକ୍ୟ ହେବାରୁ ମହାତ୍ମା ଗାନ୍ଧୀ ତାହାଙ୍କ ସଭାପତିତ୍ୱ ଏହି ସମ୍ମିଳନୀରୁ ଇସ୍ତଫା ଦେଲେ ! ମୁଁ ନିଜେ ଅଲାହାବାଦ, ଜୟପୁର (ରାଜପୁତନା), ତ୍ରିପୁରୀ (ମଧ୍ୟପ୍ରଦେଶ), ରାମଗଡ଼ (ବିହାର), ପ୍ରଭୃତି ଉତ୍ତର ଭାରତୀୟ ହିନ୍ଦୀ-ଭାଷା ଭାଷୀ ବହୁ ନେତୃବର୍ଗଙ୍କ ସହିତ କଥାବାର୍ତ୍ତା କରି ସ୍ପଷ୍ଟ ଜାଣିଛି ଯେ ସେମାନଙ୍କ ମୂଳଇଚ୍ଛା 'ହିନ୍ଦୀ'କୁ ଭାରତୀୟ ଭାଷା ସାହିତ୍ୟରେ ପରିଣତ କରିବା । ସେମାନେ 'ହିନ୍ଦୁସ୍ଥାନୀ' ଶବ୍ଦଟାକୁ ଏକ ରାଜନୀତିକ ବା ରାଷ୍ଟ୍ରୀୟ କୌଶଳ (Political tactics) ବୋଲି ଧରି ନେଇଛନ୍ତି । ସେଥିପାଇଁ ହିନ୍ଦୀ ଭାଷା-ଭାଷୀ ସେଠମାନେ ମଧ୍ୟ ଅଜସ୍ର ଟଙ୍କା ଖର୍ଚ୍ଚ କରୁଅଛନ୍ତି । ଏହି ସମସ୍ୟାକୁ ମଧ୍ୟ 'ଜାତୀୟତା-ରକ୍ଷା' ପ୍ରସଙ୍ଗ କ୍ରମେ ଆଲୋଚନା କରିବା ଉଦ୍ଦେଶ୍ୟ, ଏହି ପ୍ରାଦେଶିକ ଭାଷା, ସାହିତ୍ୟ, ସଂସ୍କୃତିକୁ ଭିତ୍ତି କରି ବର୍ତ୍ତମାନ ଓ ଜାତୀୟତା ଗଢ଼ା ଯାଉଥିବା ବେଳେ ଓଡ଼ିଆ ଭାଷା-ଭାଷୀ ରାଷ୍ଟ୍ର-ନାୟକ ତଥା ଭାବୁକମାନେ ଏହି ହିନ୍ଦୀ



Digitized by srujanika@gmail.com

ପ୍ରକୃତର ସମସ୍ୟାଗୁଡ଼ାକୁ ମଧ୍ୟ ଭୁଲି ପାରିବେ ନାହିଁ। ସେଥିପାଇଁ ପ୍ରାଦେଶିକ ସରକାରମାନେ ଗଡ୍ଡାଲିକା ପ୍ରବାହରେ ନ ଭାସି ସତର୍କ ରହି ନୀତି ନିୟନ୍ତ୍ରଣ କରିବା ଉଚିତ।

ଅଖଣ୍ଡ ଭାରତ-ରାଷ୍ଟ୍ର ହୁଏତ ଅତି ଅଳ୍ପକାଳ ମଧ୍ୟରେ ଗଠନ ଅସମ୍ଭବ ହୋଇପାରେ, ମାତ୍ର ଆମ୍ଭମାନଙ୍କ ପ୍ରିୟ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷା ଏବଂ ଅଭିବୃଦ୍ଧି ସାଧନ ଦ୍ୱାରାହିଁ ଯଥାର୍ଥରେ ଆମ୍ଭମାନଙ୍କ ଜାତୀୟତା ରକ୍ଷା ସଙ୍ଗେ ସଙ୍ଗେ ଅମର ହୋଇପାରିବ।

# ଅସୀମର ଆହ୍ୱାନ

(ଶ୍ରୀ କପିଳେଶ୍ୱର ଦାଶ, ଏମ୍. ଏ., ବି. ଇଡ୍)

ମୁକ୍ତିପାଇଁ ପ୍ରେରଣା ମନୁଷ୍ୟର ଅନ୍ତର୍ନିହିତ। ସସୀମର ଅସୀମରେ ପହଞ୍ଚିବା ହିଁ ମୁକ୍ତି ! ଅସୀମ ଆମର ଅତି ପରିଚିତ, ଅତି ନିକଟ, ଅତି ଘନିଷ୍ଠ; ତଥାପି ଅତି ଅଜ୍ଞାତ, ଅତି ଦୂର, ଅତି ଅପରିଚିତ। ଅସୀମରେ ଆମର ଜନ୍ମ, ବର୍ଦ୍ଧନ, ଅବସାନ; ଅସୀମକୁ ଆମେ ପ୍ରତି ମୁହୂର୍ତ୍ତରେ ଦେଖୁଛୁ, ଅନୁଭବ କରୁଛୁ, ସ୍ପର୍ଶ କରୁଛୁ, ଅସୀମ ସହିତ ଖେଳୁଛୁ। ତଥାପି ମନେହୁଏ, ଅସୀମ ଯେପରି କୌଣସି ଦୂରାଗତ ଅତିଥି, ସ୍ୱପ୍ନ-ପୁରୀର ମାୟା, ସ୍ୱର୍ଗ-ଲୋକର କଳ୍ପନା। ଏଠାରେହିଁ ସୃଷ୍ଟିର ବୈଚିତ୍ର୍ୟ, ଜୀବନର ରହସ୍ୟ।

ଅସୀମ ପ୍ରତି ମନୁଷ୍ୟର ଆକାଂକ୍ଷା, ତୃଷ୍ଣା, ଶ୍ରଦ୍ଧା ପ୍ରବଳ। ଜାଣି ଶୁଣି ବା ନଜାଣି ନଶୁଣି ମନୁଷ୍ୟ ଅସୀମ ଆଡ଼କୁ ଚିର ଆକୃଷ୍ଟ। ଏହି ଆକର୍ଷଣ ବା ଇଚ୍ଛାହିଁ ମନୁଷ୍ୟର ବିଭିନ୍ନ କ୍ରିୟା କଳାପରେ, ବିଭିନ୍ନ ଉଦ୍ୟମର ମୂଳରେ ଥାଏ। ଧର୍ମ ସସୀମ ଠାରୁ ଅସୀମ ପର୍ଯ୍ୟନ୍ତ ମାର୍ଗକୁ ସୁଗମ, ସଂଯତ, ଶୃଙ୍ଖଳିତ କରେ; କଳା ତାହାକୁ ସୌନ୍ଦର୍ଯ୍ୟରେ ସମ୍ମୋହନ ରୂପ ଦିଏ; ବିଜ୍ଞାନ ତାହାର କେତୋଟି ଅଦୃଷ୍ଟ ସଙ୍କେତ ଦିଏ; ଜୀବନ ତାହାର ପ୍ରତିରୂପ ଚିତ୍ର ଅଙ୍କନ କରେ। ସବୁ ସେହି ଅସୀମର ଦ୍ୟୋତକ, ପ୍ରକାଶକ; ଅସୀମର ଆହ୍ୱାନରେ ସମସ୍ତେ ଚଞ୍ଚଳ, ଅଗ୍ରଗାମୀ।

ବାସ୍ତବ ସାଂସାରିକ ଜୀବନରେ ମନୁଷ୍ୟର ତୃପ୍ତି ନାହିଁ। ସେ କୌଣସି ଗୋଟିଏ ପଦାର୍ଥ ପାଇବାକୁ ଇଚ୍ଛାକରେ, ତାହା ପାଏ; କିନ୍ତୁ ତହିଁରେ ସେ ସନ୍ତୁଷ୍ଟ ହୁଏନାହିଁ। ଆଉ କିଛି ପାଇବାକୁ ପୁଣି ବ୍ୟଗ୍ର, ଅଧୀର ହୋଇଉଠେ। ସେ ଭାବନା କରେ, ଗୋଟିଏ ଅବସ୍ଥାରେ ପହଞ୍ଚିଲେ ସେ ନିତ୍ୟସୁଖ ଲାଭ କରିବ, ସେ ଅବସ୍ଥାରେ ପହଞ୍ଚେ; କିନ୍ତୁ ଦେଖେ ତହିଁରେ ସୁଖର ସତ୍ତା ନାହିଁ, ତାହା ଯେପରି ଗୋଟିଏ ରିକ୍ତ ଶୂନ୍ୟତା। ସେ ପୁଣି ଅନ୍ୟ ଅବସ୍ଥାରେ ଉପନୀତ ହେବାର ଉପକ୍ରମ କରେ। ଏହିପରି ତାହାର ଲାଗିଥାଏ ଚିର ଅସୁଖ-ଅଶାନ୍ତି ଜନିତ ନିରବଧି ସଂଘର୍ଷ। ଏ ସଂଘର୍ଷର ମୌଳିକ ତଥ୍ୟ ସେ ପ୍ରାୟ ବୁଝେ ନାହିଁ, ଏଣୁ ବିଶେଷ କ୍ଳେଶ ଅନୁଭବ କରେ। ଏହାହିଁ ସଂସାର ମାର୍ଗର ଅଭ୍ୟସ୍ତ ଲକ୍ଷଣ।

ଏ ସଂଘର୍ଷ ହିଁ ସାକ୍ଷ୍ୟ ଦିଏ, ମନୁଷ୍ୟ ମୁକ୍ତି ଚାହେଁ। ସେ ଅଳ୍ପରେ ସନ୍ତୁଷ୍ଟ ନୁହେଁ, ଅଧିକ ଅଧିକ ଆଶା କରେ। ଯେଉଁ ଅବସ୍ଥାରେ ପହଞ୍ଚିଲେ ଆଉ ଆଶା କରିବାକୁ କିଛି ନ ଥିବ, ପୂର୍ଣ୍ଣକାମ ହେବ, ସେ ଅବସ୍ଥାରୁ ଊଣାରେ ମନୁଷ୍ୟ କେବେ ସନ୍ତୁଷ୍ଟ ନୋହିବ। ସେ ଅବସ୍ଥା ବା ଠିକ୍ କହିଲେ ଅବସ୍ଥାତୀତ ଅବସ୍ଥା ହିଁ ଅସୀମ। କିନ୍ତୁ ମନୁଷ୍ୟ ସସୀମ ଜଗତକୁ ଭ୍ରମରେ ଅସୀମ ବୋଲି ଗ୍ରହଣ କରେ। ଏହା କିନ୍ତୁ ଅସମ୍ଭବ; ସେଥିପାଇଁ ତାହାର କଷ୍ଟ। ଜ୍ଞାନୀ ଲୋକେ ଏ ପରିସ୍ଥିତିର ଅସମ୍ଭାବନା, ବ୍ୟର୍ଥତା ବୁଝନ୍ତି; ଏଣୁ ସାଧାରଣ ଲୋକଙ୍କ ଠାରୁ ଭିନ୍ନ ପନ୍ଥା ଅବଲମ୍ବନ କରନ୍ତି। କିନ୍ତୁ ଏହା ବୋଲି ସାଧାରଣ ଲୋକ ମଧ୍ୟ ଅସୀମ ଆଡ଼କୁ ଅଗ୍ରସର ନ ହୁଅନ୍ତି, ଏ କଥା କହି ହେବନାହିଁ। ତେବେ ପ୍ରଭେଦ ଏତିକି



Digitized by srujanika@gmail.com

ହୋଇପାରେ, ଜ୍ଞାନୀ ଯେଉଁ ଲକ୍ଷ୍ୟ ପ୍ରତି ସଚେତ, ସାଧାରଣ ଅଚେତ; ଜ୍ଞାନୀର ପଥ ସରଳ, ସାଧାରଣର କୁଟିଳ; ଜ୍ଞାନୀ ଦ୍ରୁତଗାମୀ, ସାଧାରଣ ଅଳସ୍ୟପରାୟଣ; ଜ୍ଞାନୀ ଏବେ, ଏହିଠାରେ, ଏହି ଜୀବନରେ ମୁକ୍ତ; ସାଧାରଣର ମୁକ୍ତି ବହୁଜୀବନ, ବହୁ ଆୟାସ ସାପେକ୍ଷ । ତଥାପି ସେହି ଅଖଣ୍ଡ ଆନନ୍ଦରେ ସମସ୍ତଙ୍କର ସଞ୍ଚାର, ଶେଷରେ ସେହି ଆନନ୍ଦରେ ସମସ୍ତଙ୍କର ପ୍ରବେଶ । ସେଥିପାଇଁ ପରା ଉପନିଷଦ ବଜ୍ରଗମ୍ଭୀର କଣ୍ଠରେ କହୁଛି, "ମହତ୍ତ୍ୱ ଆନନ୍ଦରୁ ଜଗତର ସୃଷ୍ଟି, ମହତ୍ତ୍ୱ ଆନନ୍ଦରେ ଜଗତର ସ୍ଥିତି, ସେହି ମହତ୍ତ୍ୱ ଆନନ୍ଦରେ ପୁଣି ତାହାର ଲୟ ।"

କିନ୍ତୁ ପ୍ରଶ୍ନ ଉଠିପାରେ, ମନୁଷ୍ୟ କାହିଁକି ଭୌତିକ ସଂସାରରେ ସୁଖୀ ନ ହେବ ? ଜଗତର ସୀମାକୁ ମନୁଷ୍ୟ କିପରି ଅତିକ୍ରମ କରିବ ? ଏ ଶିକ୍ଷା କି ବିଷାଦ-ବାଦ (Pessimism) ନୁହେଁ ? କଠୋର ଅନୁଭୂତ ଉତ୍ତର ଦିଏ, ନା, ଏ ଶିକ୍ଷା ବିଷାଦ-ବାଦ ନୁହେଁ, ଏହା ନିପଟ ବାସ୍ତବ । ମନୁଷ୍ୟ ବାହାରେ ମନମତାଣିଆ ଭାବରେ ଯାହା କହୁନା କାହିଁକି, ହୃଦୟର ଗଭୀର ଅନ୍ତରାଳରେ ଏ ସତ୍ୟ ଉପଲବ୍ଧି କରେ । ଜୀବନରେ ସୁଖ ଗୁଣେ ବଢ଼ିଲେ ଦୁଃଖ ଦଶଗୁଣ ବଢ଼େ । ଫୁଲରେ କୀଟ ଥାଏ, ଚନ୍ଦ୍ରରେ କଳଙ୍କ ଥାଏ । ଆମର ଶାନ୍ତି, ସୁଖ ଭଙ୍ଗ କରିବାପାଇଁ କୌଣସି ନା କୌଣସି କାରଣ ଅହେତୁକ ଭାବରେ ଆମ ଆଗରେ ଠିଆହୁଏ । ମନୁଷ୍ୟ ସହସ୍ର ସହସ୍ର ବର୍ଷ ହେଲା ଏ ମର୍ତ୍ତ୍ୟଲୋକରେ ବଞ୍ଚି ଆସିଛି, ବିରାଟ ସଭ୍ୟତାର ଦୃଢ଼ ଦୁର୍ଗ ତୋଳିଛି ବୋଲି ଦମ୍ଭ ଧରୁଛି; ତଥାପି ଏ ବିଂଶ ଶତାବ୍ଦୀରେ ଦେଖୁଛୁ, ପ୍ରଥମ ଶତାବ୍ଦୀ ଅପେକ୍ଷା ତାହାର ଜୀବନ କୌଣସି ପ୍ରକାର ନିରାପଦ ନୁହେଁ । ଧନୀର ଅଭାବ ନାହିଁ, ବିଳାସରେ ସେ ମାତିଛି । ତଥାପି ଅଭାବ ଅପେକ୍ଷା ବିଳାସର ଆତିଶଯ୍ୟ ଅଧିକ ବାଧା ଦେଉଛି । ସମର ହୁଙ୍କାର ଶୁଭୁଛି । ଯେତେବେଳେ ତାହାର ବିଳାସର, ସୁଖର ସ୍ୱପ୍ନ ଅଦୃଶ୍ୟ ହୋଇଯାଉଛି; ସେ ଦରିଦ୍ରରୁ ଦରିଦ୍ରତମ ହେଉଛି । ଆଧୁନିକ ଜୀବନରେ ନାନା ସୁବିଧାର ସୃଷ୍ଟି ହେଉଛି; ଜୀବନକୁ ସୁଖମୟ କରିବା ପାଇଁ ବିଜ୍ଞାନ ଆଶ୍ଚର୍ଯ୍ୟଜନକ ଆବିଷ୍କାର କରୁଛି । ତଥାପି ବିଜ୍ଞାନର ପ୍ରତ୍ୟେକ ଆବିଷ୍କାର ଏପରି ଗୋଟିଏ ଗୋଟିଏ ସମସ୍ୟା ଆଣି ଥୋଉଛି, ଯାହାର ସମାଧାନରେ ଜଗତ ସ୍ତମ୍ଭିତ ହେଉଛି । ପରମାଣୁ ବୋମା ଗୋଟିଏ ମାତ୍ର ଦୃଷ୍ଟାନ୍ତ । ଏ ସବୁ ସତ୍ତ୍ୱେ ଯଦି କିଏ କହେ, ଜଗତରେ ମନୁଷ୍ୟ ଅସୁଖୀ ନୁହେଁ, ତେବେ ବାସ୍ତବିକ ସେ କି ମିଥ୍ୟାବାଦୀ ନୁହେଁ ?

ଶେଷ ବିଶ୍ଳେଷଣରେ ଏ ଅସୁଖର କାରଣ କଅଣ ? ପ୍ରାଚୀନମାନେ ବହୁପୂର୍ବରୁ ଏହା କହିଛନ୍ତି । ସୁଖ ଓ ଦୁଃଖ ମନୁଷ୍ୟର ମନର ଅବସ୍ଥାନ୍ତର ମାତ୍ର । ବିଖ୍ୟାତ ଇଂରେଜ କବି 'ମିଲ୍ଟନ୍' ସେଥିପାଇଁ ପରା ଗାଇଛନ୍ତି, "ମନହିଁ ସ୍ୱର୍ଗକୁ ନରକରେ, ନରକକୁ ସ୍ୱର୍ଗରେ ପରିଣତ କରେ !" ମନୁଷ୍ୟ ଶରୀର ଓ ମନକୁ ସର୍ବସ୍ୱ ମନେକରେ । ଶରୀର ଓ ମନତ ସ୍ଥିର ବସ୍ତୁ ନୁହେଁ, ଏଣୁ ସେ କଷ୍ଟ ଭୋଗକରେ । ଆଜି ଆମ ଶରୀର ସୁସ୍ଥ, କାଲି କିନ୍ତୁ ଭୀଷଣ ରୋଗାକ୍ରାନ୍ତ । ଅଲଗାଣ ଘୋଡ଼ା ପରି ମନର ଦ୍ରୁତ ଅସ୍ଥିର ଅବସ୍ଥା କିଏ ପ୍ରତି ମୁହୂର୍ତ୍ତରେ ଅନୁଭବ ନ କରୁଛି ? ସେଥିପାଇଁ ପରା କବି ତାହାକୁ ଲକ୍ଷ କରି ଗାଇଛନ୍ତି, 'ପ୍ରଭଞ୍ଜନର ବେଗ, ଆଲୋକ ଗତି ।' ଏପରି ପରିବର୍ତ୍ତନଶୀଳ, କ୍ଷୟଶୀଳ ପଦାର୍ଥ ଉପରେ ନିର୍ଭର କଲେ, ବାଧା ଛଡ଼ା ଆଉ କଅଣ ମିଳିପାରେ ? ସେଥିପାଇଁ ଅଖଣ୍ଡ ଶାନ୍ତି ଲଭିବାକୁ ହେଲେ, ମନାତୀତ ହେବାକୁ ହେବ ।

ଏଠାରେ ପୁଣି ପ୍ରଶ୍ନ ଉଠିପାରେ, ମନାତୀତ କିପରି ? ମନ ବାହାରେ ଆଉ କଅଣ ଥାଇପାରେ ? ତାହା କି କେବଳ ଶୂନ୍ୟ ନୁହେଁ, ଅପରିକଳ୍ପିତ ଧ୍ୱଂସାବଶେଷ ନୁହେଁ ? ତାହା କିପରି ଶ୍ରେୟ ? ଏଠାରେହିଁ ଆସ୍ତିକତା-ନାସ୍ତିକତାର ମୌଳିକ ମତଭେଦ । ମନାତୀତ ରାଜ୍ୟ ଅଛି । ସୃଷ୍ଟିର ପ୍ରାକ୍କାଳରୁ ପ୍ରକୃତ ଯୋଗୀ, ଋଷି, ସିଦ୍ଧ, ସାଧକ ସେହି ରାଜ୍ୟରେ ପହଞ୍ଚିଛନ୍ତି ଏବଂ ତଦ୍ୱାରା ସ୍ଥାୟୀ ନିତ୍ୟ ଶାନ୍ତିସୁଖ ଲାଭ କରିଛନ୍ତି । ପୁଣି ଲୌକିକ ଜୀବନ ଉପରେ ସେହିମାନେ ହିଁ ଅପରିମିତ ପ୍ରଭାବ ବିସ୍ତାର କରିଛନ୍ତି ଓ କରୁଛନ୍ତି । ପୁଣି ଅନେକେ—ଯେଉଁମାନେ ଶେଷ



Digitized by srujanika@gmail.com

ଲକ୍ଷରେ ଉପନୀତ ହୋଇ ନାହାନ୍ତି ଅଥଚ ଅସୀମ ପଥରେ ପଥିକ ହୋଇଛନ୍ତି—ସେମାନଙ୍କର ଜୀବନ-କୁସୁମ ଯେଉଁ ସୌରଭ ବିକୀରଣ କରୁଛି, ଅପରୋକ୍ଷ ପ୍ରମାଣ ଥାଉଁ ଥାଉଁ ତହିଁରେ କିଏସେ ସନ୍ଦେହ କରିବ? ପରୋକ୍ଷ ଅନୁଭୂତରେ, ଶ୍ରବଣରେ, ଦୂର ଦର୍ଶନରେ ସଂଶୟ ଜନ୍ମିପାରେ। କିନ୍ତୁ ସମ୍ମୁଖରେ ନିର୍ମଳ ଭାବରେ ଅସନ୍ଦିଗ୍ଧ ଚିତ୍ତରେ ଅନୁଭବ କରୁଥିବା ବେଳେ ଅବିଶ୍ୱାସର ପ୍ରଶ୍ରୟ କାହିଁ ?

ସଂସାର-ବାଦୀ ଏଠାରେ ପୁଣି ପଚାରି ପାରେ, ଅଚ୍ଛା, ଏ ଅସାଂସାରିକ ଅପ୍ରାକୃତ ଊର୍ଦ୍ଧ୍ୱଚେତନ ବିଷୟ ସେନି ଆମେ ଏତେ ବ୍ୟତିବ୍ୟସ୍ତ ହେବାର ପ୍ରୟୋଜନ କଅଣ ? ସଂସାର ଜଞ୍ଜାଳତ ଆମକୁ ବଳେଇ ପଡ଼ୁଛି, ଆଉ ଅଖଣ୍ଡ 'ଶାନ୍ତି' ଅନ୍ୱେଷଣ କାହିଁକି ? ବାସ୍ତବ ଜୀବନର ଦୁଃଖକଷ୍ଟ ଘୁଞ୍ଚାଇବା ପାଇଁ ଆମେ ଆଗେ ଲଢ଼େଇ କରିବା; ମର୍ତ୍ତ୍ୟରେ ସ୍ୱର୍ଗଲୋକର ଅବତରଣ ପାଇଁ ଅଣ୍ଟା ଭିଡ଼ିବା; ମର୍ତ୍ତ୍ୟରୁ ସ୍ୱର୍ଗକୁ ପଳେଇ ଯିବା ପାଇଁ ବ୍ୟାକୁଳ ହେବା କାହିଁକି ? କଥାଟା ଯୁକ୍ତିଯୁକ୍ତ, ବୀରତ୍ୱ ବ୍ୟଞ୍ଜକ ବୋଧ ହେଉଛି। କିନ୍ତୁ ଅସଲ କଥା, ଯୁଗଯୁଗ ଧରି ତାହା ପରୀକ୍ଷିତ ହେଉଛି, ତହିଁରେ ଅଭାବ ଦେଖାଯାଇଛି। ଜଗତ ସେ ପଥ ବହୁକାଳ ଅବଲମ୍ବନ କରିଛି, କିନ୍ତୁ ଏବେ ମଧ୍ୟ ଜଗତରେ ଯେଉଁ ଘୋର ବିଶୃଙ୍ଖଳା ଦେଖାଯାଉଛି, ତହିଁରୁ ତ୍ରାହି ପାଇବାର ବାଟ ଦିଶୁନାହିଁ। ଯେଉଁମାନେ ଅସୀମ ପଥରେ ଚାଲିଛନ୍ତି, ସେମାନେ 'ପଳାତକ-ବାଦୀ' ନୁହନ୍ତି। ଆନ୍ତରିକ ଆଦର୍ଶମୂଳକ ଆକାଂକ୍ଷା ସେମାନଙ୍କୁ ସେହି ପଥରେ ଚଳାଏ। ସେହି ଆଦର୍ଶ ଲାଗି ସେମାନେ ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରସ୍ତୁତ; ସାଂସାରିକ ଲାଭାଲାଭ ପ୍ରତି ସେମାନେ ସମ୍ପୂର୍ଣ୍ଣ ନିରୁଦ୍‌ବେଗ। ପ୍ରକୃତ କବି, ବୈଜ୍ଞାନିକ, ଆବିଷ୍କାରକ—ଯେଉଁମାନେ ମାନବିକ ଇତିହାସ ପୃଷ୍ଠାରେ ସଙ୍କେତ ରଖି ଯାଇଛନ୍ତି, ନୂଆ ନୂଆ ମାର୍ଗରେ ମାନବକୁ ଚଳାଇବା ପାଇଁ ଆଲୋକ ସମ୍ପାତ କରିଛନ୍ତି—ସେମାନେ ଏହି କୋଠୀର ଲୋକ। କିନ୍ତୁ ସେମାନେ ମଧ୍ୟ ଅସୀମ ପଥର ପ୍ରାରମ୍ଭରେ। ଲକ୍ଷ ଆହୁରି ବହୁ ଦୂରରେ।

ମୁକ୍ତି ତ ଲକ୍ଷ। ତଥାପି ମନୁଷ୍ୟର ସ୍ୱଭାବ ଓ ପ୍ରାକ୍ତନିକ ପ୍ରବୃତ୍ତି ଭେଦରେ ଏ ଲକ୍ଷ ସାଧନର ପ୍ରକାର ଓ ମାର୍ଗ ବିଭିନ୍ନ। "ମୁଁ ଚଞ୍ଚଳ ପ୍ରକୃତିର ଲୋକ। ଚଞ୍ଚଳତାକୁ ମୁଁ ଭଲପାଏ, ଅନ୍ୟର ସେବାରେ ନିଜକୁ ନିୟୋଜିତ କରିବାପାଇଁ ଭଲପାଏ। ଅନ୍ୟକୁ ସାହାଯ୍ୟ କରିବାରେ ମୋର ଆନନ୍ଦ, ଅନ୍ୟର ସ୍ୱାର୍ଥସାଧନ ଲାଗି ମୋର ସ୍ୱାର୍ଥ ବଳିଦେବା ପାଇଁ ତତ୍ପର। ସକଳ ମାନବିକତା ମୋର ବନ୍ଧୁ। ମୋର ଦୃଷ୍ଟିରେ ବଡ଼ ସାନ କିଏ ନାହିଁ। ଏହି ପଥରେ ପଥିକ ହୋଇ କ୍ରମେ ମୋର କ୍ଷୁଦ୍ର ଅହଂକାର ସେବା-ଯଜ୍ଞର ପୂତ ଅଗ୍ନିରେ ଦଗ୍ଧୀଭୂତ ହୁଏ, ମୁଁ ଜଗତ୍-ବିଜୟୀ ହୁଏ। କ୍ଷୁଦ୍ର ସ୍ୱାର୍ଥହିଁ ମତେ ସଂସାର ରଜ୍ଜୁରେ ବାନ୍ଧି ରଖେ, ତାହା ନ ଥିଲେ ଆଉ ଭୟ କାହିଁ ? ଏପରି ଭାବରେ ମୁଁ ଜୀବନ୍ମୁକ୍ତ ହୁଏ।" ଏହାହିଁ ଆମର ପ୍ରାଚୀନ ଶାସ୍ତ୍ର କଥିତ କର୍ମଯୋଗ ! ଦୈନିକ ଜୀବନରେ ମଧ୍ୟ ଆମେ ଦେଖୁଁ, ଜଣେ ଜଣେ ଲୋକର ଅସାଧାରଣ ତ୍ୟାଗ ଆମର ଗୌରବାସ୍ପଦ ହୁଏ। ଏ ତ୍ୟାଗ କ୍ରମେ କ୍ରମେ ବଢ଼ି ଯେତେବେଳେ ଶେଷ ସୀମାରେ ପହଞ୍ଚେ, ସେତେବେଳେ ବ୍ୟକ୍ତିତ୍ୱ-ବୁଦ୍‌ବୁଦ ଅସୀମ-ସାଗରର ଅଗାଧ ଜଳରାଶିରେ ନିମଜ୍ଜିତ ହୁଏ। କର୍ମଯୋଗର ଏ ବୈଶିଷ୍ଟ୍ୟ।

ଆଉ କେତେକ ଅଛନ୍ତି, ଯେଉଁମାନଙ୍କର ସ୍ୱଭାବ ବିଚାରବନ୍ତ। ସେମାନଙ୍କର କର୍ମରେ ଯେତେ ପ୍ରବୃତ୍ତି ଜନ୍ମେ ନାହିଁ, ଗଭୀର ଚିନ୍ତାହିଁ ସେମାନଙ୍କର ଜୀବନର ଲକ୍ଷଣ। ସେମାନେ ମର୍ମେ ମର୍ମେ ଅନୁଭବ କରନ୍ତି, ଜଗତ କ୍ଷଣିକ; କିଛି ଚିର ନୁହେଁ, ସବୁ ପରିବର୍ତ୍ତନଶୀଳ। ସବୁରି ଉପରେ ରାଜା—ମୃତ୍ୟୁ। ବନ୍ଧୁ, ବାନ୍ଧବ, ମିତ୍ର, କୁଟୁମ୍ବ ସମସ୍ତେ ଦିନେ ଦିନେ ଚାଲି ଯାଆନ୍ତି। ଯାହା ରହିବ ନାହିଁ ତାହା ଉପରେ ସୁଖ ପାଇଁ ନିର୍ଭର କରିବା କି ବାତୁଳତା ! ସେଥିପାଇଁ ସେପରି ଲୋକେ 'ନେତି ନେତି' ନ୍ୟାୟରେ ସବୁ ପରିହାର କରି ଶାଶ୍ୱତ, ଅକ୍ଷୟ, ଅମର ପ୍ରାପ୍ତ ହୁଅନ୍ତି—ଯାହାକୁ ଅଗ୍ନି ଦଗ୍ଧ କରିପାରେ ନାହିଁ, ସଲିଳ ଆର୍ଦ୍ର କରିପାରେ ନାହିଁ, କାଳ ଧ୍ୱଂସ କରିପାରେ ନାହିଁ। ଏହାହିଁ ମୁକ୍ତି। ଏହାହିଁ ଜ୍ଞାନଯୋଗର ବୈଶିଷ୍ଟ୍ୟ।

ପୁଣି କେତେକ ଅଛନ୍ତି, ଯେଉଁମାନଙ୍କର ସ୍ୱଭାବ



Digitized by srujanika@gmail.com

ଅନ୍ତର୍ଦ୍ଦୃଷ୍ଟି, ଆତ୍ମ-ବିଶ୍ଳେଷଣ ମୂଳକ । ସେମାନେ ଦେଖନ୍ତି, ମନୁଷ୍ୟ ସୁଖ ପଛରେ ଧାଏଁ, କିନ୍ତୁ ସୁଖ କେବେ ଧରା ଦିଏ ନାହିଁ । ଏହାର କାରଣ ଭିନ୍ନ ଭିନ୍ନ ଆଲୋଚନା କରି ସେମାନେ ବୁଝନ୍ତି, 'ମନର ମୂଳେ ଏ ଜଗତ', ବାହ୍ୟ ଘଟଣାର ପ୍ରାୟ ତହିଁରେ କିଛି ସମ୍ପର୍କ ନାହିଁ । ବାହ୍ୟ ଘଟଣା ସହିତ ଆମେ ଯେଉଁ ଭାବରେ ପ୍ରତିକ୍ରିୟା କରୁ, ସେପରି ଭାବରେ ସୁଖୀ ବା ଅସୁଖୀ ହେଉ । ମନକୁ ଆୟତ୍ତ କଲେ ଜଗତ ଆୟତ୍ତ ହୁଏ, ଯେହେତୁ ଦୃଷ୍ଟ ଜଗତ ମନର ପ୍ରତିବିମ୍ବ ମାତ୍ର । ତେବେ ମନକୁ କିପରି ଆୟତ୍ତ କରାଯିବ ? ଧ୍ୟାନ ଧାରଣା ଦ୍ୱାରା ତାହା କରିହେବ । ମନ ଡିଆଁ ମାରୁଥିବା ମାଙ୍କଡ଼ ପରି; ସବୁବେଳେ ଏଣେତେଣେ ଧାଉଁଥାଏ । ତାକୁ ଧରିବାକୁ ଚେଷ୍ଟାକଲେ ପ୍ରଥମେ ସେ ଅଧିର ଅମାନିଆ ହୋଇ ନାନା ଉପଦ୍ରବ ଜନ୍ମାଏ । ତଥାପି ଦୃଢ଼ ଅଭ୍ୟାସ, କଠୋର ସଂଯମ, ଗଭୀର ଧାରଣା ବଳରେ ମନକୁ ଏକାଗ୍ର କରାଯାଇ ପାରେ । ମନ ଏକାଗ୍ର ହେଲେ ବସ୍ତୁର ମୌଳିକ ସତ୍ତା ଉପଲବ୍ଧ ହୁଏ, ସର୍ବଲୋକର ରହସ୍ୟ ଗଣ୍ଠି ଫିଟିଯାଏ । ଯୋଗୀ ଏପରି ଭାବରେ ଜଗତକୁ ଜିଣେ, ନିଜର ଅଧିକାରୀ ହୁଏ, ମୁକ୍ତି ପାଏ । ଏହାହିଁ ରାଜଯୋଗର ବୈଶିଷ୍ଟ୍ୟ ।

ପୁଣି କେତେକ ଅଛନ୍ତି, ଯେଉଁମାନଙ୍କର ସ୍ୱଭାବ ଭାବପ୍ରବଣ । ସେମାନେ ଦେଖନ୍ତି ଜଗତର ଅନ୍ତରାଳରେ କୌଣସି ଅଦୃଷ୍ଟ ଇଙ୍ଗିତ ଅଛି । ଘଟଣାର ପ୍ରତିଘାତରେ ମନୁଷ୍ୟ ନିଜକୁ ନିଃସହାୟ ମନେକରେ । ସେ ଦେଖେ ପ୍ରତିକୂଳ ଅବସ୍ଥାରେ ତାହାର ସକଳ ଚାତୁର୍ଯ୍ୟ, ବୁଦ୍ଧି, କୌଶଳ, ବଳ କାହିଁ ଉଭେଇ ଯାଉଛି । ସେଥିପାଇଁ ସେ ବୋଧକରେ ବାସ୍ତବିକ୍ ଏପରି କୌଣସି ଅଦୃଷ୍ଟ ହସ୍ତ ଅଛି—ଯାହାକି ତାହାର ଭାଗ୍ୟ ନିୟନ୍ତ୍ରଣ କରୁଛି । ସେ ନିଜ ଇଚ୍ଛା ଅନୁସାରେ କୌଣସି କାର୍ଯ୍ୟ ସାଧନ କରିପାରେ ନାହିଁ । ଜଗତ-ଇତିହାସ ପୃଷ୍ଠାରେ ସେ ପଢ଼େ, କିପରି ଜଣେ ନେପୋଲିଅନ୍‌ର ଦୁର୍ଦ୍ଧର୍ଷ ସାମରିକତା ବ୍ୟର୍ଥ ହୋଇଥିଲା, ଜଣେ କାଇଜର୍‌ର ଗର୍ବ ଖର୍ବ ହୋଇଥିଲା, ଜଣେ ହିଟ୍‌ଲର ଧୂଳିରେ ମିଶିଯାଇଛି, ଉଦ୍ଧତ ସାମ୍ରାଜ୍ୟବାଦର ହିଂସ୍ରକ ମୁକୁଟ ତଳକୁ ଖସି ପଡ଼ୁଛି । ବାସ୍ତବିକ୍ ଏପରି କୌଣସି ମହୀୟାନ୍ ଶକ୍ତି ଅଛି ଯାହାର ଆଜ୍ଞାରେହିଁ ଆମେ ବଞ୍ଚୁଛୁ, କାର୍ଯ୍ୟକ୍ଷମ ହେଉଛୁ । ସେ ଆଜ୍ଞାକୁ ଲଙ୍ଘି ଆମେ ଏକପାଦ ମଧ୍ୟ ଅଗ୍ରସର ହୋଇ ପାରୁ ନାହିଁ । ସେଥିପାଇଁ ମନୁଷ୍ୟ ସ୍ୱତଃପ୍ରବୃତ୍ତ ହୋଇ ବା ନ ହୋଇ ବଳ, ସାହାଯ୍ୟ, ରକ୍ଷା ପାଇଁ ସେହି ଶକ୍ତିକୁ ପ୍ରାର୍ଥନା କରେ । କ୍ରମେ କ୍ରମେ ଏ ପ୍ରାର୍ଥନା ଦ୍ୱାରା ଚିତ୍ତଶୁଦ୍ଧ ହୋଇ ସେ ଦେଖେ, ସେ ଯେତେଦୂର ନିଜର କ୍ଷୁଦ୍ର ବ୍ୟକ୍ତିତ୍ୱ ଭୁଲି ସେହି ଶକ୍ତି ସଙ୍ଗେ ନିଜକୁ ସଂଯୋଜିତ କରି ପାରିବ, ସେତେଦୂର ସେ ପରମ ସୁଖ ପାଇବ । ବିରାଟ କଳାକରର ସୃଜନମୂଳକ କାମନାରୁ ଜଗତର ସୃଷ୍ଟି । ସେ ସୃଜନର ଅଭିପ୍ରାୟ-ସୀମା ଭିତରେହିଁ ଆମର ବ୍ୟକ୍ତିତ୍ୱ ଗୁଳିତ ହୋଇପାରେ । ତେବେ ମନୁଷ୍ୟ କି ଚିର ଦାସ ? ତାହାର କି ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ନାହିଁ ? ନା, ଏପରି ବୁଝିବା ଭୁଲ । ସ୍ରଷ୍ଟାର ଏକୀକରଣରେ ହିଁ ତାହାର ପ୍ରକୃତ ବ୍ୟକ୍ତିତ୍ୱ ଫୁଟିଉଠେ । ସ୍ରଷ୍ଟାର ପଦ-ପଙ୍କଜରେହିଁ ତାହାର ସକଳ ଆଶା-ଭରସା ପରିପୂର୍ଣ୍ଣ ହୁଏ । ସେ ପଦ-ପଙ୍କଜରୁ ବିଚ୍ଛିନ୍ନ ହେବାର ଔଦ୍ଧତ୍ୟ ହିଁ ମନୁଷ୍ୟକୁ କଷ୍ଟ ଦିଏ । ନିର୍ଝରିଣୀ ଝରଝର ନାଦରେ ଅବିରାମ ଗତିରେ ସମୁଦ୍ରରେ ନିଜକୁ ମିଶାଇ ଦେବା ପାଇଁ ବହୁଥାଏ । ସେତେବେଳେ ତାହାର ଜଳ ସ୍ୱଚ୍ଛ, ଜୀବନ ସଚଳ । କିନ୍ତୁ ତହିଁରୁ ଅଲଗା ହୋଇ ଯେତେବେଳେ ଗୋଟିଏ ପଲ୍ୱଳ ନିଜକୁ ସର୍ବେସର୍ବା ମନେକରେ, ସେତେବେଳେ ସେ ହୁଏ ଅଚଳ, ମୃତ, ଦୁର୍ଗନ୍ଧ । ସେହିପରି ବିଚ୍ଛିନ୍ନ ବ୍ୟକ୍ତିତ୍ୱକୁ ବିରାଟ ଭୂମାର ଅପ୍ରତିହତ ବଚନ ଗତିରେ ମିଶାଇ ଦେଲେ ହିଁ ଆମେ ସେହି ଭୂମାର ଉତ୍ତରାଧିକାରୀ ହେଉ, ବଳବନ୍ତ ହେଉ, ମୁକ୍ତି-ସୁଧା ଆସ୍ୱାଦନ କରୁ । ପୁଣି ଉପାସନା ମାର୍ଗରେ ଦେଖୁ ସେହି ଶକ୍ତି, ସେହି ଭୂମା କେବଳ ବାହାରେ ନାହିଁ, ଆମର ଅନ୍ତରରେ ତାହା ସର୍ବଦା ବିରାଜିତ । ଏହାହିଁ ଭକ୍ତିଯୋଗର ବୈଶିଷ୍ଟ୍ୟ ।

ଅସୀମର ପ୍ରରୋଚନାରେ ସବୁ ଧର୍ମର ସୃଷ୍ଟି । ଅସୀମର ଆହ୍ୱାନ ଚିରନ୍ତନ, ମଧୁର, ସାନ୍ତ୍ୱନା ଦାୟକ, ଅଭୟ କାରକ । ସେ ଆହ୍ୱାନ କି ଆମେ ଶୁଣିବା ନାହିଁ ?



Digitized by srujanika@gmail.com

# ସ୍ୱରସନ୍ଧି

( ଶ୍ରୀ ବ୍ରଜକିଶୋର ପଟ୍ଟନାୟକ )

ମଧୁମୟ ବସନ୍ତର ସୁରଭି ପ୍ରଭାତ । ଧୀର ଦୋଳାୟିତ ମଳୟର ପ୍ରବାହରେ ଦେହ ଶିହରି ଉଠିଛି । ଚତୁର୍ଦ୍ଦିଗ ଅପୂର୍ବ ସୌନ୍ଦର୍ଯ୍ୟ-ବିଭବରେ ମଣ୍ଡିତ । ବାତାୟନ ପଥରେ ଉତ୍ଫୁଲ୍ଲ-ମନା ଚିର ଯୁବତୀ ଭାରତୀ ବୀଣା ବାଦନରେ ରତ । ସଦ୍ୟସ୍ନାତ ଉଜ୍ଜ୍ୱଳ ରୂପରେ ରକ୍ତବର୍ଣ୍ଣ ପରିଧାନ ବେଷ୍ଟିତ । ମୁକ୍ତ କୁନ୍ତଳ ଅଙ୍ଗସାରା ଖେଳେଇ ପଡ଼ିଛି । ନିର୍ଝରିର କଳଗୀତି ପରି ବୀଣାର ମଧୁର ସ୍ୱରରେ କକ୍ଷସାରା ଝଂକୃତ ।

ଅଳ୍ପ ସମୟପରେ ପଲଙ୍କ-ଶାୟିତ ନିରଞ୍ଜନଙ୍କର ନିଦ୍ରା ଭଙ୍ଗ ହେଲା । ଅର୍ଦ୍ଧନିମୀଳିତ ନୟନରେ ସେ କଟାକ୍ଷପାତ କଲେ । ସମ୍ମୁଖରେ ଶ୍ରୀ ସମ୍ପନ୍ନା ଭାରତୀ ତାଙ୍କର ସୁମିଷ୍ଟ କଣ୍ଠ ସହିତ ବୀଣାର ସ୍ୱର ମିଳାଇ ସୂକ୍ଷ୍ମ ତନ୍ତ୍ରୀ ଗୁଚ୍ଛରେ ମୃଦୁ ଭାବରେ ଅଙ୍ଗୁଳି ଚାଳନା କରୁଛନ୍ତି । ପ୍ରଶାନ୍ତ ମୁଖରେ ନିରଞ୍ଜନ ଆରମ୍ଭ କଲେ "ଠିକ୍ ଏହିପରି ଗୋଟିଏ ବୀଣା—ଦୁଇଟି ବିଚ୍ଛିନ୍ନ ହୃଦୟର ମିଳନ ସମ୍ଭବ କରୁଥିଲା· · · ।"

"ସ୍ୱପ୍ନ ନା ସତ୍ୟ" ଉଦ୍‌ବେଗର ସହିତ ଭାରତୀ ପ୍ରଶ୍ନ କଲେ ।

"ଆଃ, ଶୁଣ—" କହି ନିରଞ୍ଜନ ଆରମ୍ଭ କଲେ ।

\+ + +

ମଣିଷ ବଞ୍ଚିରହେ ଆଶାରେ । ଭାଗ୍ୟ ଆକାଶରେ ଉଜ୍ଜ୍ୱଳ ତାରକାର ଉଦୟ ପାଇଁ ଅପେକ୍ଷା କରି ସେ ସୁଦୂର ଚକ୍ରବାଳକୁ ଚାହିଁ ରହେ । କିନ୍ତୁ ଯଦି ଆଷାଢରେ କଳାହାଣ୍ଡିଆ ମେଘ ଝଡ଼ ତୋଫାନ ଘେନି ଦେଖାଦିଏ ତେବେ ସେ ଆଖି ମୁଦେ । ଆଶା ତାର ଅସୀମ ସାଗରର ଜଳରାଶି ମଧ୍ୟରେ ମିଳାଇ ଯାଏ । ଉପୃରେ ଅଚେତନ ରାକ୍ଷସ ହୃଦୟ ଉପରେ ନିର୍ଦ୍ଦ୍ୱନ୍ଦରେ ରାଜୁତି କରେ ।

ସେହିପରି ଘଟିଥିଲା ଉତ୍କଳ ଭାଗ୍ୟରେ । ବୀରପୁତ୍ର ଖାରବେଳ, ଅନଙ୍ଗ, ପ୍ରତାପ, ମୁକୁନ୍ଦଙ୍କୁ ହରାଇ ସେ ମ୍ରିୟମାଣ ହୋଇ ପଡ଼ିଥିଲା । ତାର ସବୁ ଆଶା ଭରସା ଲୋପ ପାଇଲା । ଆଜ-କୋଳର ନିସ୍ସହ ଅବୋଧ ଶିଶୁ ଦ'ଟା । ଏମାନଙ୍କୁ କେଉଁ ଆଶା ? ହତାଶ ଭାବରେ କାଳର କରାଳ ଦୁନ୍ଦୁଭି ନାଦରେ ସେ ମୋହିଗଲା ।

ତାପରେ—ଆସିଛି କେତେ ବନ୍ୟା, କେତେ ଝଡ଼ ତୋଫାନ କେତେ ଦୁର୍ଭିକ୍ଷ, ନଅଙ୍କ ଓ ମଡ଼କ କିନ୍ତୁ ଚେତା ଆସିନି !

ବିଦେଶୀର ଶାସନ ଦଣ୍ଡ ତାର ଘର ଅଧିକାର କରିଛି । କେତେ କାହୁଁ ଆସିଲେ ଜାତି ଲୁଟତରାଜ ଆରମ୍ଭ କରିଛନ୍ତି । ଷଡ଼ଯନ୍ତ୍ରର ଜାଲ ପକାଇ ବହୁ ଧନ ସମ୍ପଦ ଟାଣି ନେଇଛନ୍ତି । ଉତ୍କଳ ବିକଳାଙ୍ଗ ହୋଇଛି ସନ୍ତାନ ତାର ଖାଇବାକୁ ପାଇ ନାହାନ୍ତି । ତଥାପି ଓଡ଼ିଆ ବଞ୍ଚିଛି ।

କେତେ ବର୍ଷ ବିତି ଯାଇଛି ।

ଇଗଲର ଶାବକ ପକ୍ଷ ପାଇ ମୁକ୍ତ ନୀଳ ଆକାଶରେ ଉଡ଼ିଶିଖିଛି । ହର୍ଯ୍ୟକ୍ଷ ଶିଶୁର ଆଖି ମେଲିଛି । ମା ତାର ପୂର୍ବତନ ମୋହାବସ୍ଥା । ଶରୀର କ୍ଷତ, ଛିନ୍ନଭିନ୍ନ, ବିକଳାଙ୍ଗ ଓ ଶିଶୁସମ୍ପଦହୀନ । ଘୃଣା ଓ ରାଗରେ ତାର ମୁହଁ ଲାଲ ପଡ଼ିଲା । ହୃଦୟରେ ବହିଲା ଅବିରତ ହାହାକାର । ମଣିଷ ସବୁ ସହିପାରେ ମାତ୍ର ସହିପାରେ ନା ମାତୃଭୂମିର ଅବମାନନା । ସେଥିଲାଗି ଲୋମହର୍ଷଣକାରୀ ଭୟାବହ ସଂଗ୍ରାମ ପୃଥିବୀ ପୃଷ୍ଠରେ ସ୍ଥାନ ନିଏ । ମନ ତାର ବିଦ୍ରୋହୀ ହୋଇ ଉଠିଲା । ବୀରଶିଶୁ ଗର୍ବରେ ହୁଙ୍କାର ଦେଇ ମାତୃଭୂମିର ଗୌରବ ବଜାୟ ରଖିବାକୁ ଉଦ୍ୟତ ହେଲା । ଚିର ବିଜୟୀ ଓଡ଼ିଆ ଅଚିରେ ଜୟଯୁକ୍ତ ହେଲା । ବିଦେଶୀ ପ୍ରବଞ୍ଚକ ନତମସ୍ତକରେ ବିରାଟ ଓଡ଼ିଆ ଜାତି ପ୍ରତି ଓ ତାର ଗୌରବମୟ ଯଶ, ଜନନୀଭାଷା ଓ ଅମର ଇତିହାସ ପ୍ରତି ସ୍ୱୀକୃତ ଜଣାଇଲା । ଓଡ଼ିଆର ମହତ୍ତ୍ୱ ଜଗତକୁ ଆଲୋକିତ କଲା ।



Digitized by srujanika@gmail.com

ତାପରେ—ବିଜୟୀର ଟୀକା ଦେଇ ବୀରଶିଶୁ ଡାକିଲା "ମା," ମା, ଏଇ ଦେଖ ! ତୋର ସବୁ ଫେରି ଆସିଛି" ?

ସେ ପଲକ ଉନ୍ମୋଚନ କରି ଚାହିଁଲେ ମାଏ। ନୀରବରେ ତାଙ୍କର ଆଖିରୁ ଦୁଇଧାର ଲୁହ ତୁଳୁମାର ଜଳଧାରା ପରି ବହି ଲାଗିଲା । ଅପରୂପ ଲାବଣ୍ୟ ଶ୍ରୀ ମ୍ଳାନ ଦେଖାଗଲା ।

ବୀରଶିଶୁ ଅନ୍ତର୍ଦ୍ଧାନ ହେଲା । ସେତ ତାର କର୍ତ୍ତବ୍ୟରେ ହେଳା କରିନି । ତେବେ ? ତାର ମା ଅଛି ଗୃହେଁ ବା କଣ ? ସାରା ଭାରତ ଅଖଣ୍ଡ, ଅବିଭକ୍ତ । ତାହେଲେ ସେ ନିଶ୍ଚୟ ମହାଭାରତ ସୃଷ୍ଟି ପାଇଁ ବଦ୍ଧ ପରିକର ହେବ । ଭାବି୨ ସେ ସ୍ଥାଣୁ ପରି ବସି ରହିଲା ।

ହଠାତ୍ ଭାବନାରେ ବାଧାଦେଇ ଗୋଟିଏ କ୍ଷୀଣ ପ୍ରତିଧ୍ୱନି ତାର କର୍ଣ୍ଣକୁହରରେ ପ୍ରବେଶ କଲା । ହୃଦୟରେ ତାର ଗୋଟାଏ ଶୂନ୍ୟତାର ବିପ୍ଳବ ଉଠିଲା । ଆତୁର ମନୋନିବେଶ କରି ଶୁଣିଲା । ଅତି ପରିଚିତ ସ୍ୱର ପରି ମନେ ହେଲା ।

ପିଲା ଦିନର ଛୋଟ ସ୍ମୃତିଟିଏ ମନ ମଧ୍ୟରେ ଉଙ୍କି ମାରିଲା । ମା କୋଳରେ ଥିଲାବେଳେ ଏଇପରି ଗୋଟିଏ ସ୍ୱର ଗୋଦାବରୀ ତଟରୁ ଭାସି ଆସିଥିଲା । ସେ ଥିଲା ଦିଗ୍‌ବିଜୟୀ କପିଳେନ୍ଦ୍ରଙ୍କର ବଂଶୀ ସ୍ୱନ ।

ଠିକ୍ ସେଇପରି ଏ ଧ୍ୱନି ତାର ହୃଦୟକୁ ଆମୋଦିତ କଲା ! ସ୍ୱତଃ ମନ ମଧ୍ୟରେ ବାରମ୍ବାର ପ୍ରଶ୍ନ ଉଠିଲା 'ଏ ସ୍ୱନ କାର ?'

ପାଗଳପରି ସେ ମାଆଙ୍କୁ ହଲାଇ ଦେଇ ପଚାରିଲା "କହ ମା ଏ ସ୍ୱର କା'ର ?"

ଦେବୀରୂପିଣୀ ଉତ୍କଳମାତା କହିଲେ "ତୋର ଭାଇରେ, ତୋର"—ଗଳା ତାଙ୍କର ବାଷ୍ପ ଗଦ୍‌ଗଦ୍ ହୋଇଗଲା । ତାଙ୍କର ଲାଗି ମୁଁ ଏତେ କାନ୍ଦେ,ତୁ କଣ ବୁଝୁ ସେ କଥା ? ବୃଥାରେ ଏଣେ ତେଣେ ଧାଇଁ ବୁଲୁ ।

ଦୁଃଖରେ ହୃଦୟ ତାର ଆଲୋଡ଼ିତ ହୋଇଗଲା । ଉଦ୍‌ବେଗରେ ସେ ଧାଇଁଲା ସେଇ ଧ୍ୱନି ଲକ୍ଷ୍ୟ କରି । ମନରେ ତାର ଅସୀମବଳ । ଦୁନିଆର ସବୁ ବାଧା ପ୍ରତିବନ୍ଧକ ପଡ଼ିଲେ ମଧ୍ୟ ସେ ଆଜ ଅତିକ୍ରମ କରିପିବ । ବୀଣାର ଡାକରେ ତାର ଚେତନା ଆସିଛି । ମିଳନ-ପିପାସା ବଳବତୀ ହୋଇଛି ।

+ +

'ବାସ୍ତବିକ ଭାରତୀ, ରକ୍ତର ବନ୍ଧନ କଣ କମ ବନ୍ଧନ ? ତୁମେ ବୃଥାରେ ମୋ ସ୍ୱପ୍ନଟା ଭାଙ୍ଗିଦେଲେ ନଚେତ୍...' 'ମୁଁତ ଭାଙ୍ଗିନି । ବୀଣା ଯେ ତୁମର ଜାଗରଣ ଆଣିଲା' କହି ଭାରତୀ ହସି ଲାଗିଲେ ।

—ଶେଷ—

# ମୂକ ଦେବତା

(ଶ୍ରୀମତୀ ମନୋରମା ଦେବୀ)

ପାଷାଣ ଦେଉଳେ ତୁମେ କି ପାଷାଣ
ପାଷାଣର ହେ ବିଗ୍ରହ
ପାଷାଣ ପ୍ରାଣକ ବାହୁଛ-ଦେବତା
ଅର୍ପି ଦାସ ହୃଦେ ଦାହ ?
ଆଶା ଦୀପାଳୀରେ ନୟନ ସ୍ନେହକ
ଢାଳି ଜାଳିଲି ଜାଗରି,
ବ୍ୟର୍ଥ କିନା ଯେତେ ଉଜାଗର ପ୍ରଭୁ !
ପ୍ରୟାସ ସାଧନା ମୋର ।

କିହି ଦ୍ୱାରେ ତୁମ ଆଣିଛି ପୂଜକ
ହୃଦୟର ଫୁଲ ମାଳ,
ବେଦନାର ଧୂପ ଲହୁ ତାର ଅର୍ଘ୍ୟ
ନୟନର ଲୁହ ଜ୍ୱାଳା ।
ନ ଦେଇ ଦର୍ଶନ ଅକିଞ୍ଚନ ହୃଦୁ
ତୁମେ ଏତେ ନିରମମ
ହେ ମୂକ ଦେବତା ! କଅଁର କି ହେଲା
ଅଶ୍ରୁ ଖାଲି ତୁମ ଦାନ ।



Digitized by srujanika@gmail.com

ହତଭାଗ୍ୟ ଆହା ! ବିଶ୍ୱର ସେ ଘୃଣ୍ୟ
ନିନ୍ଦା ତା ଭାଗ୍ୟ ଭୂଷଣ,
ଯେ ଶରୀର ଭାଗୀ ସେ ଭାଗ୍ୟ ବିଧାତା
ଘୃଣ୍ୟତା, ତା ପ୍ରସାଧନ ।
ହୀନ ଅପବାଦେ ଅବହେଳିତ ସେ
ଜଗତର ଚକ୍ଷୁଶୂଳ
କଥା ପଦେ ଯେହୁ ଦିଏ ତା ମୁହଁକୁ
ସୁଧାରୁ ତା ପରିମଳ ।
ଅଭାଗାର ହୃଦ ନୁହଇ ତ ପ୍ରଭୁ !
ଅସରଳ ତୁମ ପ୍ରେମେ
ଦୀନତା ହେଲେ ତା ଶ୍ରେଷ୍ଠ ନୁହେଁ କେବେ
ଭକ୍ତି ତାର ଶ୍ରେଷ୍ଠ ପ୍ରାଣେ ।

ତେବେ କାହା ପ୍ରଭୁ ! ଜଗତ ଆଖିରେ
ମୋ ଜୀବନ ହାସ୍ୟାସ୍ପଦ ?
ଅସ୍ଥି ସଂଗ୍ରାମରେ ମରି ହେ ଦେବତା !
ଲଭିଲଣି ଅବସାଦ ।
ବଧିବରେ କ୍ଷୁଦ୍ର—ପ୍ରାଣେ ଅଭାଗାର
ସକଳ ଝଡ଼ ବତାସେ,
ଶୃଙ୍ଖଳିତ ସିନା ଭାସିବ କାହିଁରେ
ଜାହ୍ନବୀ ପୁଣ୍ୟ ପୀୟୂଷେ ?
ଆରତ ନାଶନ କର ଆଶୀର୍ବାଦ
ସୁଦୀପ୍ତ ହୁଅନ୍ତୁ ବକ୍ଷେ,
ନିଜ ହାତେ ମୋର ଜୀବନ ଶୋଧନ
କରିରଖ ହିଂସା ପକ୍ଷେ ।

# ବିଚ୍ଛିନ୍ନ ଓଡ଼ିଶା ସମସ୍ୟା

( ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା )

(ବାଣପୁର 'ସାହିତ୍ୟ ପରିଷଦ'ରେ ତା ୧୯-୧-୪୭ ରିଖ ଦିନ ଦେଇଥିବା ଭାଷଣର ସାରାଂଶ)

ବର୍ଷ୨ କର 'ବାର ବର୍ଷ' ଗଡ଼ିଗଲାଣି ତଥାପି ଆମର 'ବିଚ୍ଛିନ୍ନ ଓଡ଼ିଶା ସମସ୍ୟା' ତୁଟିଲା ନାହିଁ ! ବାର ବର୍ଷରେ ଓଡ଼ିଶାର ଜଣେ ରଜା କୋଣାର୍କ ଭଳି ଗୋଟିଏ ପୃଥିବୀ ବିଖ୍ୟାତ ବିରାଟ ମନ୍ଦିର ନିର୍ମାଣ କରାଇ ପାରିଥିଲେ—ବାର ବର୍ଷର ଯୁବକ ଧ୍ରୁବ କଠୋର ସାଧନା କରି ସ୍ୱର୍ଗ-ରାଜ୍ୟ ପାଇ ପାରିଥିଲେ। କିନ୍ତୁ ଦୀର୍ଘ ବାରବର୍ଷ କାଳ କେତେ ଆଶା, କେତେ ଆକାଂକ୍ଷା, କେତେ ସଭା ସମିତି ଏବଂ କେତେ ଉଦ୍ୟମ କରି ସୁଦ୍ଧା ଆମେ 'ବିଚ୍ଛିନ୍ନ ଓଡ଼ିଶା ବାସୀ' ଯେତିକିରେ ସେତିକିରେ ପଡ଼ି ରହିଛେ ! ଏକ ପାଦ-ସୁଦ୍ଧା ଆଗେଇ ପାରିନେ। ହୁଏତ, ଆମର ଉଦ୍ୟମରେ କୌଣସି ଅଭାବ ରହିଛି କିମ୍ବା ଆମକୁ ଏଇ-ପରି ବିଚ୍ଛିନ୍ନ ହୋଇ ରହିବା ପାଇଁ କେଉଁ ଅଭି-ଶାପ ଦେଇଛି ! ଏଇ କେତେ କଥା ନେଇ ଆଜ ଏଠାରେ କିଛି ଆଲୋଚନା କରିବା ।

**୧ମ, 'ବିଚ୍ଛିନ୍ନ ଓଡ଼ିଶା ସମସ୍ୟା' କଣ ?**

ଇଂରେଜମାନେ ଓଡ଼ିଶାର ଯଦି କିଛି ଅନିଷ୍ଟ କରିଥାନ୍ତି ତାହା ଏଇ 'ବିଚ୍ଛିନ୍ନ ଓଡ଼ିଶା', ଗଢ଼ିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏକ ସମୟରେ ଯେଉଁ ଓଡ଼ିଶା ଗଙ୍ଗାନଦୀଠାରୁ ଗୋଦାବରୀ ଯାଏ ବ୍ୟାପି ଥିଲା। ସ୍ୱାଧୀନ ଓଡ଼ିଶାର ବୀରମାନେ ସୁଦୂର ଯାଭା ଓ ବୋର୍ଣ୍ଣିଓ ପ୍ରଭୃତି ସମୁଦ୍ର ଆର ପାଖ ପ୍ରଦେଶରେ ନିଜର ସ୍ୱାଧୀନ ପତାକା ଉଡ଼ାଇ ପାରୁଥିଲେ, ସେଇ ବୀର ଓଡ଼ିଆ ଭୂମିକୁ ପଙ୍ଗୁ କରିଦେବା ପାଇଁ ଇଂରେଜମାନେ ଏ ପ୍ରଦେଶରୁ ଖଣ୍ଡିଏ୨ ନେଇ ଅନ୍ୟ ପଡ଼ୋଶୀ ପ୍ରଦେଶ ସଙ୍ଗେ ମିଶାଇ ଦେଇଥିଲେ। ଏପରିକି ୧୮୦୩ ଖ୍ରୀଷ୍ଟାବ୍ଦ ବେଳକୁ 'ବିଚ୍ଛିନ୍ନ ଓଡ଼ିଶା ସମସ୍ୟା' ସୃଷ୍ଟି ହୋଇସାରି ଥିଲା, ଏ ପ୍ରଦେଶରୁ ଖଣ୍ଡିଏ ଯାଇ ମାନ୍ଦ୍ରାଜରେ, ଖଣ୍ଡିଏ ବଙ୍ଗ-ବିହାରରେ ଏବଂ ଅନ୍ୟ ଖଣ୍ଡିକ ମଧ୍ୟପ୍ରଦେଶରେ ମିଶାଇ ଦିଆଯାଇ ଥିଲା। ଏତଦ୍ୱାରା ଖାସ ଓଡ଼ିଶା ବିକଳାଙ୍ଗ ହୋଇ-ଥିଲା ଏବଂ ପଡ଼ୋଶୀ ପ୍ରଦେଶ ସଙ୍ଗେ ମିଶିଥିବା ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳଗୁଡ଼ିକ ଅନାଦୃତ ହୋଇ ପଡ଼ିଥିଲା।

**୨ୟ ଦେଶ ମିଶ୍ରଣ ଆନ୍ଦୋଳନ**—୧୮୦୩ ଠାରୁ ୧୯୦୩ ଦୀର୍ଘ ଶହେ ବର୍ଷ-କାଳ ବିଚ୍ଛିନ୍ନ

ହୋଇ ରହିବା ପରେ ପ୍ରୋକ୍ତ ଅଞ୍ଚଳ ଗୁଡ଼ିକୁ ପୁଣି ଓଡ଼ିଶା ସଙ୍ଗେ ମିଶାଇବା ପାଇଁ ଓଡ଼ିଶାର ତତ୍‌କାଳୀନ ବୀରମାନେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲେ ଏହାହିଁ ଦେଶ ମିଶ୍ରଣ ଆନ୍ଦୋଳନ—ଏଥିପାଇଁ 'ଉତ୍କଳ ସମ୍ମିଳନୀ' ର ସୃଷ୍ଟି ।

**୩ୟ 'ଉତ୍କଳସମ୍ମିଳନୀ' ର କାର୍ଯ୍ୟ—** ଅନ୍ୟୁନ ୪୫ ବର୍ଷ କାଳ 'ଦେଶ ମିଶ୍ରଣ' ଆନ୍ଦୋଳନ ନେଇ ଯେଉଁ ସବୁ ସଭା ସମିତି ହୋଇଥିଲା ତାର ଫଳରେହିଁ ଗତ ୧୯୩୬ ଖ୍ରୀଷ୍ଟାବ୍ଦରେ 'ନୂତନ ଓଡ଼ିଶା ପ୍ରଦେଶ' ଗଢା ଯାଇଥିଲା । ଏହାହିଁ ଉତ୍କଳ ସମ୍ମିଳନୀର ପ୍ରଧାନ କାର୍ଯ୍ୟ ବୋଲି କୁହାଯାଇପାରେ । କିନ୍ତୁ, ତଦ୍ୱାରା ବିଚ୍ଛିନ୍ନ ଓଡ଼ିଶା ସମସ୍ୟା ତୁଟିପାରିନି । ଉତ୍କଳ ସମ୍ମିଳନୀର ଲକ୍ଷ୍ୟଥିଲା—ସବୁ ଓଡ଼ିଆ ଭାଷୀ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକୁ ଏକତ୍ର କରି ଏକ ଶାସନାଧୀନରେ ରଖିବା । ଭାଷା ସୂତ୍ରରେ ପ୍ରଦେଶ ଗୁଡ଼ିକୁ ଗଢିବା ଦାବୀ ପ୍ରଥମେ ଉତ୍କଳ ସମ୍ମିଳନୀ ଆରମ୍ଭ କରିଥିଲା । ଭାରତ ଜାତୀୟ ସଭା 'କଂଗ୍ରେସ' ମଧ୍ୟ ଏହାକୁ ଗ୍ରହଣ କରିଥିଲା । କିନ୍ତୁ ଭାରତର ଅନ୍ୟ ସବୁ ପ୍ରଦେଶ ଅପେକ୍ଷା ଓଡ଼ିଶାରେ ଯେପରି 'ବିଚ୍ଛିନ୍ନ ଅଞ୍ଚଳ' ଗୁଡ଼ିକ ପଡ଼ୋଶୀ ପ୍ରଦେଶରେ ଖଣ୍ଡି ଖଣ୍ଡି ଅଂଶ ରହିଛି ସେପରି ଅନ୍ୟ କୌଣସି ପ୍ରଦେଶରେ ନାହିଁ । ଏଥିପାଇଁ ଓଡ଼ିଶାର ସମସ୍ୟା ଅତି ଉତ୍କଟ ଓ ବିଗ୍ରର ଯୋଗ୍ୟ ଥିଲା । ଏହାକୁହିଁ ସମ୍ମିଳନୀ ତାର ବାର୍ଷିକ ସଭା ମଣ୍ଡପରୁ ଦାବୀ କରି ଆସୁଥିଲା । ଏହି ଦାବୀ ଫଳରେ ସରକାର କେତେ କମିଟି ଓ କମିସନ ବସାଇଥିଲେ ସତ, କିନ୍ତୁ ଶେଷରେ ପ୍ରଦେଶ ଗଢାହେଲା ବେଳକୁ ଦେଖାଗଲା ଯେ ପ୍ରୋକ୍ତ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକରୁ କେବଳ ଖଣ୍ଡି ଖଣ୍ଡି ଅଂଶ ଆଣି ଅସଲ ଓଡ଼ିଶା ସଙ୍ଗେ ମିଶାଇ ଦିଆଯାଇଛି । ପୁଣି ସେହି ପଡ଼ୋଶୀ ପ୍ରଦେଶଗୁଡ଼ିକରେ ପୂର୍ବ ଅପେକ୍ଷା ଅଧିକ ଖଣ୍ଡ ଖଣ୍ଡ ଓଡ଼ିଆ ଅଞ୍ଚଳ ରଖି ଦିଆଯାଇଛି । 'ବାର ବର୍ଷରି ତପସ୍ୟା ଶୁଖୁଆ ପୋଡ଼ାରେ' ଯିବା ନ୍ୟାୟରେ ୪୫ ବର୍ଷରେ ଆନ୍ଦୋଳନ ପରେ ମଧ୍ୟ ସରକାର ଓଡ଼ିଶାର ସମସ୍ୟା ପୂର୍ଣ୍ଣ ଭାବରେ ତୁଟାଇ ପାରି ନାହାନ୍ତି ।

**୪ର୍ଥ ଏହାର ପରିଣାମ—** ଯେ କୌଣସି ଉଦ୍ଦେଶ୍ୟ ରଖି ସରକାର ଏପରି ଏକ ଖଣ୍ଡିଆ ପ୍ରଦେଶ କରି ଥାନ୍ତୁ—ଏହାର ପରିଣାମରେ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନେ ନିମ୍ନ କେତେକ ଅସୁବିଧା ଭୋଗିବାକୁ ବାଧ ହେଉଛନ୍ତି:—

(୧) ସେମାନେ ସଂଖ୍ୟା ଲଘିଷ୍ଠ ହୋଇଛନ୍ତି ।

(୨) ସ୍କୁଲ କଲେଜରେ ନିଜର ମାତୃଭାଷା ବଦଳରେ ଅନ୍ୟଭାଷା ଶିକ୍ଷା କରନ୍ତି ।

(୩) କଚେରୀରେ ମଧ୍ୟ ସେହି ବିଦେଶୀଭାଷା ଦ୍ୱାରା ନିଜର ବ୍ୟବସାୟ କରନ୍ତି ।

(୪) ସ୍ଥାନୀୟ ଅନୁଷ୍ଠାନ ଗୁଡ଼ିକରେ ନିଜର ସ୍ୱାତନ୍ତ୍ର୍ୟ ହରାଇଛନ୍ତି—କୌଣସି ସଭା ସମିତିରେ ନିଜର ପ୍ରତିନିଧି ନାହାନ୍ତି ।

(୫) ସାମାଜିକ ଓ ନୈତିକ ଦୁର୍ବଳତା ବୃଦ୍ଧି ଲାଭ କରୁଛି ।

[୬] ଜାତୀଗତ ନିଜତ୍ୱ ହରାଇଛନ୍ତି ।

ଗୋଟିଏ ଜାତିକି ପଙ୍ଗୁ ବା ବିକଳାଙ୍ଗ କରିବା ପାଇଁ ପଡ଼ୋଶୀଙ୍କ ପ୍ରଭାବରେ ପଡି ଯେଉଁ ସରକାର ଓଡ଼ିଆଙ୍କ ପ୍ରତି ଏପରି ନୀତି ଧରିଛନ୍ତି ସେ ସରକାର ଯେ କେତେ ଦୂର ନିନ୍ଦନୀୟ ହେବା ଉଚିତ ତା' ଭାବିବାର କଥା ।

**୫ମ ଗତ ବାର ବର୍ଷ ମଧ୍ୟରେ—** ନିଜର ବୋଲି ପ୍ରଦେଶଟିଏ ପାଇଲେ ତେଣିକି ଅନ୍ୟ ସବୁ ଅଭାବ ଦୂର ହେବା ଦିଗରେ ଯଥେଷ୍ଟ ସୁବିଧା ଯୋଗାଡ଼ ହେବ ବୋଲି ସମସ୍ତେ ଆଶା କରିଥିଲେ ଯେଉଁମାନେ ଦେଶ ମିଶ୍ରଣ ଆନ୍ଦୋଳନ ଚଳାଇ ଥିଲେ, ସେମାନେତ ତାହାର ଫଳ ଭୋଗିବା ପୂର୍ବରୁ ଇହଜଗତରୁ ଚାଲିଗଲେ—ଆଉ ଯେଉଁମାନଙ୍କର ଏ ସବୁ କାର୍ଯ୍ୟରେ ଖିଆଲ ପଡ଼ି ନ ଥିଲା ସେମାନେ ଦେଶର ମଙ୍ଗଧରା ହେବା ସଙ୍ଗେ ସଙ୍ଗେ ଆମର ଏହି ବିଚ୍ଛିନ୍ନ ଅଞ୍ଚଳ କଥା ଏକବାରେ ପାସୋରି ଦେଲେ । ଏପରିକି 'ବିଚ୍ଛିନ୍ନ ଓଡ଼ିଶା ସମସ୍ୟା' କହିଲେ ସେମାନଙ୍କ କାଳ ଆଗରେ ମୂଳା ଗୁରୁବାଇଲା ପରି ବୋଧ ହେଲା । ଫଳରେ ଗତ ବାର ବର୍ଷ ମଧ୍ୟରେ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକୁ ଓଡ଼ିଶା ସଙ୍ଗେ ମିଶାଇବା ଦିଗରେ



Digitized by srujanika@gmail.com

ଓଡ଼ିଶାର 'ନେତା' ମାନେ କିଛି କଲେ ନାହିଁ । ଏପରିକି ଓଡ଼ିଶାର ପ୍ରଥମ ଲାଟ ସାହେବ ଗୋଟିଏ ପ୍ରକାଶ୍ୟ ସଭାରେ ସ୍ପଷ୍ଟ କହିଥିଲେ ଯେ ସେ ନିଜେ କିମ୍ବା ତାଙ୍କ ସରକାର ଏ ଦିଗରେ ବିଚ୍ଛିନ୍ନ ଅଂଶ ଗୁଡ଼ିକୁ ଓଡ଼ିଶା ସଙ୍ଗେ ମିଶାଇବା ଦିଗରେ କିଛି କରିବାକୁ ଚାହାନ୍ତି ନାହିଁ । ହାଇରେ ଓଡ଼ିଆ କପାଳ ! ନିଜର ନେତା ଓ କର୍ତ୍ତାଠାରୁ ଏପରି ନିରାଶ ବାଣୀ ଶୁଣିବା ଦିନୁ ବାସ୍ତବରେ ହୃଦୟରେ ଯେଉଁ ଦୁଃଖ ଜାତ ହୋଇଛି ତା' ବର୍ଣ୍ଣନା କରିବାକୁ ବାକ୍ୟ ପାଉନି !

**୬ଷ୍ଠ ପଡ଼ୋଶୀଙ୍କ ଉଦ୍ୟମ**—ଆମ ନେତା ଓ ସରକାରଙ୍କ ଏ ଦୁର୍ବଳ ନୀତି ଯୋଗୁଁ ଆମ୍ଭେମାନେ ଖାସ ଓଡ଼ିଶା ସଙ୍ଗେ ଏ ପର୍ଯ୍ୟନ୍ତ ନ ମିଶିବା ସଙ୍ଗେ ସଙ୍ଗେ ଆମର ପଡ଼ୋଶୀମାନେ ଆମ ପ୍ରତି କି ବ୍ୟବହାର କରୁଛନ୍ତି ଦେଖନ୍ତୁ:—

୧ । ଭାଷା ଲୋପ କରି ସାମାଜିକ ଓ ନୀତି-ଗତ ଦୁର୍ବଳତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆମମାନଙ୍କର ଆର୍ଥିକ ଦୁର୍ବଳତା ମଧ୍ୟ ଘଟାଉ ଅଛନ୍ତି । କୌଣସି ବିଚ୍ଛିନ୍ନ ଓଡ଼ିଆ ପୁଅ ନିଜର ଯୋଗ୍ୟତା ସତ୍ତ୍ୱେ— କୌଣସି ସରକାରୀ ଚାକିରୀ ପାଉନି । (ଏଠାରେ କହି ରଖେ, ମୁଁ ନିଜେ ମାଦ୍ରାଜରେ ଦ୍ୱିତୀୟ ଓଡ଼ିଆ ଡାକ୍ତର ହୋଇସୁଦ୍ଧା ସେ ଅଞ୍ଚଳରେ ସରକାରୀ ଚାକିରୀ ପାଇ ପାରି ନ ଥିଲି)

୨ । ଏ କ୍ଷଣି ଓଡ଼ିଶା ସଙ୍ଗେ ମିଶିଥିବା ଅଂଶ ଗୁଡ଼ିକରୁ ଖଣ୍ଡିଏ ଅଧେ ଟାଣି ନେଇ ନିଜ ପ୍ରଦେଶ ସଙ୍ଗେ ମିଶାଇବା ଉଦ୍ୟମ କରିବାକୁ କୁଣ୍ଠିତ ହେଉ ନାହାନ୍ତି ।

୩ । ଛଳେ କୌଶଳେ ଓଡ଼ିଶାର ନେତା-ମାନଙ୍କୁ ଖୁସି କରି ଓଡ଼ିଶା ପ୍ରଦେଶରେ ନିଜର ବ୍ୟବସାୟ ବାଣିଜ୍ୟ ଅବାଧରେ ଚଳାଇ ଲାଭବାନ ହେଉଛନ୍ତି । ତଦ୍ୱାରା ଖାସ ଓଡ଼ିଶା ଓ ବିଚ୍ଛିନ୍ନ ଓଡ଼ିଆଙ୍କ ଖାଦ୍ୟରେ ଧୂଳି ପକାନ୍ତି ।

୪ । ନିଜ ପାଇଁ ଓଡ଼ିଶାରେ ଯେଉଁସବୁ ସୁବିଧା ଦାବୀ କରନ୍ତି ସେଇତକ ସୁବିଧା ମଧ୍ୟ ଆମ୍ଭମାନଙ୍କୁ ଦେବା ଦିଗରେ ଯୋଗାଡ଼ କରନ୍ତି ନାହିଁ । ଏପରି କାରଣରୁ ବିଚ୍ଛିନ୍ନ ଓଡ଼ିଆଙ୍କ ଅବସ୍ଥା ଦିନକୁ ଦିନ ଯେ ଶୋଚନୀୟ ହେଉଛି କହିଲେ ଅତ୍ୟୁକ୍ତି ହେବ ନି ।

**୭ମ- କଣ କରାଯିବ ?**—ଏ ଏକ ଗୁରୁତର ପ୍ରଶ୍ନ । ଦୀର୍ଘ ବାର ବର୍ଷ ମଧ୍ୟରେ ଓଡ଼ିଶା ସରକାର, ଜନନାୟକମାନେ କିମ୍ବା ଭାରତ ସରକାର ଆମର ଏସବୁ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକୁ ଖାସ ଓଡ଼ିଶା ସଙ୍ଗେ ମିଶାଇବା ଦିଗରେ କିଛି କରି ନାହାନ୍ତି କିମ୍ବା ସେଠା ଅଧିବାସୀମାନଙ୍କର ଭାଷା, ବ୍ୟବସାୟ, ଆର୍ଥିକ ଓ ନୈତିକ ଉନ୍ନତି ଦିଗରେ ମଧ୍ୟ କିଛି କରିନାହାନ୍ତି । ଏପରି ସ୍ଥଳେ ଏସବୁ ଅଞ୍ଚଳ ଗୁଡ଼ିକର ଭବିଷ୍ୟତ କଣ ହେବ ? ଏ ପ୍ରଶ୍ନର ଉତ୍ତର କିଏ ଦେବ ?

ନିକଟରେ—ଭାରତ ସ୍ୱାଧୀନତା ଲାଭ କରିବ । ଇଂରେଜୀ ସରକାର ଭାରତୀୟମାନଙ୍କ ହାତକୁ ଏ ଦେଶର ଶାସନ ଭାର ଦେଇଦେବେ । ସେତେବେଳେ ଭାଷା ସୂତ୍ରରେ ହେଉ କିମ୍ବା ଆର୍ଥିକ ଉନ୍ନତି ଦୃଷ୍ଟିରେ ହେଉ ଭାରତର ବହୁତ ଗୁଡ଼ିଏ ନୂତନ ପ୍ରଦେଶ ସୃଷ୍ଟି ହେବ ଏଥିପାଇଁ ସୀମାନିର୍ଦ୍ଦେଶ କମିଟିମାନ ବସିବ । ଆମର ପଡ଼ୋଶୀ ଆନ୍ଧ୍ରମାନେ ତାଙ୍କର ସ୍ୱତନ୍ତ୍ର ଅନ୍ଧ୍ର ପ୍ରଦେଶ ପାଇଁ ପ୍ରବଳ ଉଦ୍ୟମ କରିଛନ୍ତି; ବଙ୍ଗ ଓ ବିହାରର ଉଦ୍ୟମ ମଧ୍ୟ କିଛି କମ ନୁହେଁ । ବଙ୍ଗ ପ୍ରଦେଶକୁ 'ପାକିସ୍ଥାନ' ଓ 'ହିନ୍ଦୁସ୍ଥାନ' ଏପରି ଦୁଇ ଭାଗରେ ବଣ୍ଟା ଯାଇପାରେ । ଏପରିସ୍ଥଳେ ସେ ପ୍ରଦେଶରେ ଥିବା ଆମର ଓଡ଼ିଆ ଅଞ୍ଚଳଗୁଡ଼ିକ ଯେପରି ଆମ ଓଡ଼ିଶାକୁ ଆସିବ-ତାର ଦାବୀ କରିବା ଦରକାର । ଅନ୍ଧ୍ର ସୀମା ମଧ୍ୟରେ ଏବେ ସୁଦ୍ଧା ୧୦ ଲକ୍ଷ୍ୟ ଓଡ଼ିଆ ଅଧ୍ୟୁଷିତ ପ୍ରଦେଶ ରହିଛି । ଏସବୁ ଗୁଡ଼ିକ ଓଡ଼ିଶା ସଙ୍ଗେ ମିଶିବାକୁ ହେବ । ଓଡ଼ିଶାର ମଥାମଣି-ଧନସଂପଦର ଖଣି ସିଂହଭୂମି ବିହାରମାନଙ୍କ ଅଧିକାରଭୁକ୍ତ ହୋଇଛି । ତାକୁ ଓଡ଼ିଶାକୁ ଆସିବାକୁ ହେବ । ଏ ସବୁ ଦାବୀ ଭାରତ ସରକାରଙ୍କ ଠାରେ କରିବା ପାଇଁ ଆମର ଜନନାୟକ କାହାନ୍ତି ? ଓଡ଼ିଶା ସରକାରତ ଏପର୍ଯ୍ୟନ୍ତ ନୀରବ ନିଶ୍ଚେଷ୍ଟ ହୋଇ ରହିଛନ୍ତି ! ଏସବୁ କାର୍ଯ୍ୟ କରିବାପାଇଁ ଦେଶରେ ପ୍ରବଳ ଜନବଳ ଓ ଧନବଳ ଦରକାର



Digitized by srujanika@gmail.com

ଉଦ୍ୟମ ମଧ୍ୟ କମ ଦରକାର ନୁହେଁ । କିନ୍ତୁ ସବୁ କରିବାପାଇଁ ମନୁଷ୍ୟ କାହାନ୍ତି ? ପ୍ରତିଧ୍ୱନି କହେ— "କା—ହା—ନ୍ତି" ?

**୮ମ ବିଶାଳ ଉତ୍କଳ**—ଏକ୍ଷଣି ଏଇ ପ୍ରଶ୍ନ ମଧ୍ୟ ଉଠୁଛି । ଓଡ଼ିଶା କହିଲେ କେବଳ ଛ'ଟି ଜିଲ୍ଲା ନୁହେ । ଓଡ଼ିଶା କହିଲେ-ଖାସ ଓଡ଼ିଶା ବା ମୋଗୋଲବନ୍ଦୀ ଓ ଗଡ଼ଜାତ ରାଜ୍ୟସମୂହ ବୁଝାଏ । ଅନାଦିକାଳରୁ,ଅନ୍ତତଃ ଗଂଗବଂଶ ଅମଳରୁ ଗଡ଼ଜାତ-ଖାସ ଓଡ଼ିଶା ଏକ ବିଶାଳ ଉତ୍କଳ-ଭୂମି ହୋଇଥିଲା । କେବଳ ଏଇ ଇଂରାଜୀଙ୍କ ଅମଳରେ ନିଜର ଶାସନଗତ ସୁବିଧା ପାଇଁ ଗଡ଼ଜାତ ଗୁଡ଼ିକୁ ଅଲଗା କରି ଦିଆଯାଇଥିଲା । ତଥାପି ଗତ ୧୯୩୫ ଯାଏ ଗଡ଼ଜାତ ରାଜାମାନେ ଓଡ଼ିଶାର ସମସ୍ତ ଉନ୍ନତିକର କାର୍ଯ୍ୟରେ ମୁକ୍ତହସ୍ତ ହୋଇଆସୁଥିଲେ । କିନ୍ତୁ ଚିନ୍ତାର ବିଷୟ, ନୂତନ ଓଡ଼ିଶା ପ୍ରଦେଶ ହେବା ଦିନ ଠାରୁ ଗଡ଼ଜାତଗୁଡ଼ିକୁ ଓଡ଼ିଶାରୁ ଅଲଗା କରିଦିଆଗଲା । ଏବଂ ଅଧିକ ଚିନ୍ତାର ବିଷୟ, ସେଠା ରାଜାମାନେ ଖାସ ଓଡ଼ିଶା ପ୍ରତି 'ସାବତ୍ତି ମାଉ ପୁଅ' ନୀତି ଧରିଛନ୍ତି !

ବର୍ତ୍ତମାନ-ସ୍ୱାଧୀନ ଭାରତରେ ବଡ଼ ବଡ଼ ରାଜ୍ୟର ରାଜାମାନେ ଯେପରି ଭାରତ ଶାସନରେ ଯୋଗ ଦେଉଛନ୍ତି-ଠିକ ସେପରି ଓଡ଼ିଶାର ଭବିଷ୍ୟତ ଉନ୍ନତି ଦୃଷ୍ଟିରେ ଗଡ଼ଜାତର ରାଜାମାନେ ମନଧ୍ୟାନ ଦେଲେ ଏକ "ବିଶାଳ-ଉତ୍କଳ" ପ୍ରଦେଶ ହୋଇହେବ— ସେତେବେଳେ ଆଉ ଗୋଠଖିଣ୍ଡିଆ ହୋଇ କୌଣସି ଗଡ଼ଜାତ ଅଲଗା ହୋଇ ରହିବାକୁ ପଡ଼ିବ ନାହିଁ, ଗଡ଼ଜାତ+ଖାସ ଓଡ଼ିଶା ମିଶ୍ରଣ ଦ୍ୱାରା ନିମ୍ନ କେତେକ ସମୂହ ଉନ୍ନତି ହେବା ଆଶା କରାଯାଏ ।

**(୧) ଶିକ୍ଷାର ପ୍ରସାର**—ଏକ ବିଶ୍ୱବିଦ୍ୟାଳୟ ଅଧୀନରେ ରହି ପ୍ରତ୍ୟେକ ଓଡ଼ିଆ ପୁଅ ଉଚ୍ଚ ଶିକ୍ଷିତ ହେବା ସମ୍ଭବ ।

**(୨) ସଭ୍ୟତା ଲାଭ**—ଏବେ ସୁଦ୍ଧା କେତେକ ଗଡ଼ଜାତରେ ପୂର୍ବ 'ଅନ୍ଧାରନୀତି' ଚାଲିଛି, ଏଣିକି ସେ ଦୋଷ କଟିଯିବ । ସମସ୍ତେ ସମାନ ଅଧିକାର ପାଇବେ—

**(୩)ସାମାଜିକ ଓ ନୈତିକ ଉନ୍ନତି**—ଖାସ ଓଡ଼ିଶାରୁ ଅଲଗା ହେଲେ ମଧ୍ୟ ଗଡ଼ଜାତର ରାଜା ଓ ପ୍ରଜାମାନେ ଓଡ଼ିଶା ସଙ୍ଗେହିଁ ନିଜର ପାରିବାରିକ ସମ୍ବନ୍ଧ ରଖିଛନ୍ତି- ତେଣୁ ସମ୍ମିଶ୍ରଣ ଦ୍ୱାରା ଏଇ ସଂବନ୍ଧ ଆହୁରି ଉନ୍ନତି ଲାଭ କରିବ ।

**(୪) ଆର୍ଥିକ ଉନ୍ନତି**—ବ୍ୟବସାୟ ବାଣିଜ୍ୟ ଦିଗରେ ଓଡ଼ିଶା ବହୁ ପଛରେ ପଡ଼ିଛି । ଗଡ଼ଜାତ ଗୁଡ଼ିକରୁ ଯେଉଁସବୁ କଂଚା ମାଲ ମିଳେ ସେଗୁଡ଼ିକର ସଦ୍‌ବ୍ୟବହାର କଲେ ଓଡ଼ିଶାବାସୀ ଆଦୌ ରେଂଗୁନ୍ କଲିକତା ଯାଇ ଆଉ କୁଲି କାମ କରିବାକୁ ପଡ଼ନ୍ତା ନାହିଁ । ଆମ ଗଡ଼ଜାତରୁ ଜିନିଷ ନେଇ କେତେକ ବିଦେଶୀ ମହାଜନ ଲାଭବାନ ହୁଅନ୍ତି ଅଥଚ ଆମ ଓଡ଼ିଆ ପୁଏ କାମ ନ ପାଇ ବେକାର ହୋଇ ବୁଲନ୍ତି କିମ୍ବା ବିଦେଶରେ କୁଲି କାମ କରନ୍ତି । ସମ୍ମିଶ୍ରଣ ଦ୍ୱାରା ଏ ସବୁ ଅଭାବ ଦୂର ହେଲେ ସମସ୍ତଙ୍କର ଆର୍ଥିକ ଉନ୍ନତି ଲାଭ ହେବା ସୁନିଶ୍ଚିତ ।

ଏ ସବୁ ଉନ୍ନତି ଦୃଷ୍ଟିରେ ଖାସ ଓଡ଼ିଶା ଓ ଗଡ଼ଜାତଗୁଡ଼ିକୁ ଏକତ୍ର କରି ଏକ ବିଶାଳ ଉତ୍କଳ ପ୍ରଦେଶ ଗଢ଼ିବା ଦିଗରେ ଓଡ଼ିଶା ଓ ଗଡ଼ଜାତର ସମସ୍ତେ-ରାଜା ଓ ପ୍ରଜା ସଯତ୍ନ ହେବାର ଦେଖିଲେ କିଏ ଖୁସି ନ ହେବ ?

କଥାରେ ଅଛି "ମେଣ୍ଢା ଶିଙ୍ଘ ଫାଟ ଜୁଟିଲା ବେଳକୁ ଗୋଟା" ଠିକ ଏଇ ନିୟମରେ ଦେଶର ବର୍ତ୍ତମାନ ଘଡ଼ି ସଂଧି ବେଳେ ଓଡ଼ିଶା ଓ ଗଡ଼ଜାତର ରାଜା ଓ ପ୍ରଜାମାନେ ଏକତ୍ର ବସି ଏ ସବୁ ବିଷୟ ଆଲୋଚନା କଲେ ଅଚିରେ ଆମର ବିଚ୍ଛିନ୍ନ ଓଡ଼ିଶା ଅଞ୍ଚଳ ସମସ୍ୟା ଯେ ତୁଟିଯିବ ସଂଦେହ ନାହିଁ । ପ୍ରଭୁ କରନ୍ତୁ ଏପରି ସଦ୍‌ବୁଦ୍ଧି ଆମକୁ ଦିଅନ୍ତୁ ।



Digitized by srujanika@gmail.com

# ମରହଟ୍ଟା ଶାସକଙ୍କ ଆଚାର୍ଯ୍ୟ ବରଣ

( ଶ୍ରୀ ଲକ୍ଷ୍ମୀ ନାରାୟଣ ହରିଚନ୍ଦନ ଜଗଦ୍ଦେବ ରାଜାବାହାଦୂର, ପୁରାତତ୍ତ୍ୱ ବିଶାରଦ, ବିଦ୍ୟାବାଚସ୍ପତି )

ପୁରୁଷୋତ୍ତମକ୍ଷେତ୍ର (ପୁରୀ) ର ପ୍ରଭୁ ଶ୍ରୀ ନିତ୍ୟାନନ୍ଦ ବଂଶୋଦ୍ଭବ ଶ୍ରୀ ରଙ୍ଗନାଥ ଦେବ ଗୋସ୍ୱାମୀଙ୍କ ନିକଟରୁ ଆମ୍ଭେ ସଂଗ୍ରହ କରିଥିବା ସନନ୍ଦ ମାନଙ୍କ ମଧ୍ୟରୁ ତାହାଙ୍କର ପୂର୍ବ ପୁରୁଷ ଶ୍ରୀ ବାସୁଦେବ ଗୋସ୍ୱାମୀଙ୍କ ପୁତ୍ର ଶ୍ରୀ ଉଜ୍ଜ୍ୱଳଦେବ ଗୋସ୍ୱାମୀଙ୍କୁ ନାଗପୁରର ମରହଟ୍ଟା ଶାସକ କଟକ ସରକାରରୁ ପ୍ରଦତ୍ତ କେତେ ଭୂଦାନ ସମ୍ବନ୍ଧୀୟ ଦୁଇ ଗୋଟି ଓ ତାହାଙ୍କ ଭ୍ରାତା ଶ୍ରୀ ବ୍ରଜଦେବ ଗୋସ୍ୱାମୀଙ୍କୁ ଓଡ଼ିଶାର ଆଚାର୍ଯ୍ୟ ରୂପେ ଗ୍ରହଣ କରିବା ସମ୍ବନ୍ଧୀୟ ଗୋଟିଏ । ସନନ୍ଦମାନର ବିବରଣ ନିମ୍ନରେ ଦିଆଗଲା:—

ସନନ୍ଦଟିମାନ ହସ୍ତ ତିଆରି କାଗଜରେ ହାଣ୍ଡା କାଳରେ ଲିଖିତ ହୋଇଅଛି । ଉକ୍ତ ସନନ୍ଦଟିମାନଙ୍କ ନିମ୍ନ ଭାଗ କୀଟ ଦ୍ୱାରା ଦଂଷ୍ଟ ହୋଇ ଅଛି । ସେଥିରୁ ଗୋଟିଏ ସନନ୍ଦରେ—ଖ୍ରୀ:୧୭୭୮ ରେ ଶ୍ରୀ ଉଜ୍ଜ୍ୱଳଦେବ ଗୋସ୍ୱାମୀଙ୍କୁ ଭୂଦାନ ଆଦେଶ ପତ୍ର । ଅପର ସନନ୍ଦରେ ଉକ୍ତ ଭୂମି ଦାନର ପାଞ୍ଚ ବର୍ଷ ପରେ ଖ୍ରୀ:୧୭୮୩ ରେ ତାହାଙ୍କ ଅଧୀନସ୍ଥ କର୍ମଚାରୀ ମାନଙ୍କ ସମ୍ବନ୍ଧେ ଗୋସ୍ୱାମୀଙ୍କୁ ଭୂ ଦାନ ଆଦେଶ ପତ୍ର ।

ଉଭୟ ସନନ୍ଦରେ ନାଗପୁର, ବଙ୍ଗ, ବିହାର ଓ ଓଡ଼ିଶାର ମରହଟ୍ଟା ଶାସକ ଜାନୋଜୀ ଭୋଂସଲେଙ୍କର ଅଷ୍ଟକୋଣାକୃତି ମୁଦ୍ରା ହିନ୍ଦ ଲିପିରେ ଉପର ଭାଗରୁ ତିନି ଭାଗ ଇଞ୍ଚ ବ୍ୟାସରେ ସଂସ୍କୃତର ଅନୁଷ୍ଟୁପ୍ଛନ୍ଦରେ ଛ ପଂକ୍ତିରେ ମୁଦ୍ରଣ କରା ଯାଇଅଛି ।

ମୁଦ୍ରାର ପାଠ:—

ରଘୁବୀର ସୁତ ସ୍ୟୈଷା
ଜଗଦମ୍ବୋବଲୀୟସଃ
ଜାନୋ ଜବେଂ ସଲେ ନାମ୍ନୋ
ଭାତି ମୁଦ୍ରା ଯଶ ସ୍ୱିନଃ ।

ଅର୍ଥ—ଶମ୍ଭୁ ବିଜୟୀ ବଳବାନ ରଘୁବୀରଙ୍କ ପୁତ୍ର ଜାନୋଜଭୋଂସଲେଙ୍କର ଯଶସ୍ୱିନୀ ମୁଦ୍ରା ଏହା:—

ଖ୍ରୀ: ୧୭୭୮ ର ସନନ୍ଦର ଶୀର୍ଷ ଭାଗରେ କୌଣସି ଦେବତାଙ୍କ ନାମ ଲେଖା ଯାଇ ନାହିଁ । ଏହି ସନନ୍ଦଟି ୧୨୨ ଇଞ୍ଚ ଲମ୍ବା ୫୨ ଇଞ୍ଚ ଚଉଡ଼ାଅଛି । କାଗଜର ପ୍ରଥମ ପାର୍ଶ୍ୱରେ ଲମ୍ବାରେ ଏକ ତୃତୀୟାଂଶ ଦକ୍ଷିଣ ଭାଗକୁ ଛାଡ଼ି ଦେଇ ଅବଶିଷ୍ଟାଂଶରେ ପ୍ରାଚୀନ ଉର୍ଦ୍ଦୁ ବା ଶିକସ୍ତା ଲିପିରେ ଲେଖା ୧୧ ପଂକ୍ତି ଲେଖା ଯାଇ ଅଛି । ଉକ୍ତ ଉର୍ଦ୍ଦୁ ଲିପିର ପ୍ରଥମ ପଂକ୍ତିର ପ୍ରାରମ୍ଭର ଦକ୍ଷିଣ ଭାଗକୁ ନାଗପୁର ଶାସକଙ୍କ ମୁଦ୍ରା ମୁଦ୍ରଣ କରା ଯାଇ ଅଛି । ଅପର ପାର୍ଶ୍ୱରେ ୫ଗୋଟି ପଂକ୍ତିରେ ମରହଟ୍ଟା ଲିପିରେ ଲେଖା ଯାଇଅଛି । ମରହଟ୍ଟା ଲିପିର ଶେଷରେ ଲେଖକର ନାମାଙ୍କିତ ମୁଦ୍ରା ଅଛି । ଉର୍ଦ୍ଦୁ ଓ ମରହଟ୍ଟା ଲିପିର ଅର୍ଥ ଏକ ଅଟେ । ଶିର ନିମ୍ନକୁ ଉର୍ଦ୍ଦୁ ଲିପିରେ ତିନି ଗୋଟି ଅଭିମତ ଲେଖା ଯାଇ ଅଛି ।

ଉପରୋକ୍ତ ଖ୍ରୀ: ୧୭୭୮ ସନନ୍ଦର ଭାବ:— ଏଥିଦ୍ୱାରା ଅମଲଦାରଙ୍କୁ ପରଗଣାର ଜମିଦାରଙ୍କୁ ପାଇକ ବିଶୋୟୀ ପ୍ରଭୃତିଙ୍କୁ ଜଣାଇ ଦିଆଗଲା ଯେ କଟକ ସର୍କାରରୁ ପ୍ରାପ୍ତ ୩୬ ବାଟି ୧୪ ବିଘା, ୧୨ ଗୁଣ୍ଠ ୭ ବିଶ୍ୱା ବିଞ୍ଚାର ଜମି ନିଷ୍କର ଭାବେ ଧାରଗଡ଼ା (ଓଡ଼ିଶା ପରଗଣା) ରୁ ଶ୍ରୀ ଉଜ୍ଜ୍ୱଳ ଦେବ ଗୋସ୍ୱାମୀଙ୍କୁ ୧୧୮୬ ଅମ୍ଳିରେ ଧର୍ମାର୍ଥ ଦାନ କରିଥିଲୁ । ସୁତରାଂ ଉପରୋକ୍ତ ପରଗଣାସ୍ଥ ଗୋସ୍ୱାମୀଙ୍କ ଅଧୀନରେ ଲେଖା ଯାଇଥିବା ଜମି ତାହାଙ୍କୁ ସ୍ୱାଧୀନ କରି ଦେବା, ତାହାଙ୍କର ବ୍ୟବହାରରେ କିଏ ବାଧା ଦେବ ନାହିଁ । ଦାନ ଗ୍ରହୀତା ଉପରୋକ୍ତ ଜମିର ଆୟ ଭୋଗ କରି ଦାନ କର୍ତ୍ତାର ମଙ୍ଗଳ ସକାଶେ ପ୍ରଭୁଙ୍କ ସନ୍ନିଧାନରେ ଜଣାଣ କରୁଥିବା ପାଇଁ ଦିଆ ଗଲା ୫ ଦିନ ସବାଲ ମାସ ୧୧୮୬ ଅମ୍ଳି (ଖ୍ରୀ: ୩୦ ତାରିଖ ଅକ୍ଟୋବର ମାସ ୧୭୭୮ ବର୍ଷ ) ।

ଖ୍ରୀ: ୧୭୮୩ ର ସନନ୍ଦର ଶିରୋ ଭାଗରେ 'ଶ୍ରୀ ଲକ୍ଷ୍ମୀକାନ୍ତ' ବୋଲି ଲେଖା ଅଛି । ଅର୍ଥାତ୍



Digitized by srujanika@gmail.com

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନାମ ଲେଖା ହୋଇଅଛି । ଏହି ସନନ୍ଦଟି ୧୭॥ ଇଞ୍ଚ ଲମ୍ବା ଓ ପାଞ୍ଚଇଞ୍ଚ ଚଉଡ଼ା ଅଛି । କାଗଜର ପ୍ରଥମ ପାର୍ଶ୍ୱରେ ଏକତୃତୀୟାଂଶ ଲମ୍ବାରେ ଦମ୍ପଟ ଭାଗକୁ ଛାଡ଼ି ଦେଇ ଅବଶିଷ୍ଟାଂଶରେ ୯ ପଂକ୍ତି ପ୍ରାଚୀନ ଉର୍ଦ୍ଦୁ ଲିପିରେ ଲେଖାଯାଇ ଅଛି । ଉର୍ଦ୍ଦୁ ଲିପିର ପ୍ରଥମ ପଂକ୍ତିର ଦକ୍ଷିଣ ଭାଗରେ ନାଗପୁର, ବଙ୍ଗ, ବିହାର, ଓଡ଼ିଶାର ମରହଟ୍ଟା ଶାସକ ଜାନୋଜି ଭୋଂସଲେଙ୍କ ପୂର୍ବୋକ୍ତ ରାଜ ମୁଦ୍ରା ମୁଦ୍ରଣ କରି ଯାଇଅଛି । ଉର୍ଦ୍ଦୁ ଲିପିର ନିମ୍ନଭାଗରେ ସନନ୍ଦର ଲମ୍ବ ଭାଗରୁ ଶେଷକୁ ଏକଚତୁର୍ଥାଂଶ ଛାଡ଼ି ଦେଇ ମରହଟ୍ଟା ଲିପିର ୯ ପଂକ୍ତିର ଉର୍ଦ୍ଦୁ ଲେଖାର ଅନୁବାଦ ଲେଖା ଯାଇ ଅଛି । ଅପର ପାର୍ଶ୍ୱରେ ଲିପି ଲେଖକର ନାମାଙ୍କିତ ମୁଦ୍ରା ଅଙ୍କନ କରି ଯାଇ ଅଛି । ତାର ନିମ୍ନ ଭାଗକୁ ଦୁଇଗୋଟି ଅଭିମତ ଉର୍ଦ୍ଦୁ ଲିପିରେ ଲେଖା ଯାଇଅଛି । ଉପରୋକ୍ତ ଖ୍ରୀ: ୧୭୮୩ ସନନ୍ଦର ଭାବ:—କର୍ମଚାରୀ ବୃନ୍ଦଙ୍କୁ ପରଗଣାର ଜମିଦାରମାନଙ୍କୁ ପାଇଣ୍ଡା ବଶୋଇଙ୍କୁ ଓ କହିଙ୍କ ସର୍କାର ଏଥିଦ୍ୱାରା ଜାଣିବେ ଯେ ମାହୁ ସାହିର ମୌଜା ଏବଂ ଉପରୋକ୍ତ ଓଡ଼ିଶା ପରଗଣାରୁ ଆଉ କେତେକ ଭୂମି ଶ୍ରୀ ଉଜ୍ଜ୍ୱଳ ଦେବ ଗୋସ୍ୱାମୀ ( ବସୁଦେବ ଗୋସ୍ୱାମୀଙ୍କର ପୁତ୍ର ) ସନାତନରୁ ଅନୁଭୋଗ କରି ଆସୁଅଛନ୍ତି । ଉକ୍ତ ମୌଜାର ଆୟ ମହାପ୍ରଭୁଙ୍କର ଅମୃତ ମଣୋହି (ଭୋଗ ସକାଶେ) ବିନିଯୋଗ କରାଯାଇ ଥିବାରୁ ଉକ୍ତ ମୌଜା ତାହାଙ୍କୁ ସ୍ଥାୟୀ କରାଗଲା । ଏ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବେ । ଏହାଙ୍କ ଅଧୀନରେ ଥିବା ଉପରୋକ୍ତ ମଉଜା ଏହାଙ୍କ ଅଧୀନରେ ଥିବ । କିଏ ଏହାଙ୍କ ବିରୁଦ୍ଧରେ ହସ୍ତକ୍ଷେପ କରିବାକୁ ହେବ ନାହିଁ ବା ଏହାଙ୍କ ଠାରୁ କୌଣସି ରକମ କର ଆଦାୟ କରିବାକୁ ହେବ ନାହିଁ । ୨୮ ଦିନ ମହରମ ମାସ ୧୧୯୦ ଅମଲ (ମହମ୍ମଦୀୟ) ବର୍ଷ (ଖ୍ରୀ: ୪ ତାରିଖ ଜାନେବର ମାସ ୧୭୮୩ ବର୍ଷ ) ।

ଉପରୋକ୍ତ ସନନ୍ଦ ଦୁଇଟିରୁ ବୋଧହୁଏ ଯେ ପ୍ରଭୁ ଶ୍ରୀ ନିତ୍ୟାନନ୍ଦଙ୍କ ବଂଶୋଦ୍ଭବ ଶ୍ରୀ ଉଜ୍ଜ୍ୱଳ ଦେବ ଗୋସ୍ୱାମୀଙ୍କୁ ମରହଟ୍ଟା ଶାସକ ମାନେ ଓଡ଼ିଶାରେ ମଠ ସମ୍ବନ୍ଧୀୟ ଅଗ୍ରଣୀ ରୂପେ ଗ୍ରହଣ କରିଥିଲେ । ଏହି ସମୟକୁ ଓଡ଼ିଶା ଅଧୀଶ୍ୱର—(ଖୋର୍ଦ୍ଧାର ରାଜା) ବୀର କିଶୋରଙ୍କର ପୁତ୍ର ଦ୍ୱିତୀୟ ଶ୍ରୀ ଦିବ୍ୟସିଂହ ଦେବ ରାଜା ହୋଇଥିଲେ ଏବଂ ରାଜାରାମ ପଣ୍ଡିତ ଓ ଶିମନବାପୁ ଓଡ଼ିଶାର ସୁବେଦାର ହୋଇଥିଲେ ।

ତୃତୀୟ ସନନ୍ଦଟି ଶ୍ରୀ ଉଜ୍ଜ୍ୱଳ ଦେବ ଗୋସ୍ୱାମୀଙ୍କ କନିଷ୍ଠ ଭ୍ରାତା ଶ୍ରୀ ବ୍ରଜଦେବଙ୍କୁ ଓଡ଼ିଶାର ଅଗ୍ରଣୀ ରୂପେ ଗ୍ରହଣ କରିବା ସମ୍ବନ୍ଧରେ ଖ୍ରୀ: ୧୭୮୯ରେ ପ୍ରଦତ୍ତ ଅଟେ । ଏହି ସନନ୍ଦଟି ୧୨ ଇଞ୍ଚ ଲମ୍ବା ଓ ୫ ଇଞ୍ଚ ଚଉଡ଼ା ଅଛି । କାଗଜର ଲମ୍ବ ଭାଗରୁ ଉପର ଭାଗରୁ ପ୍ରାୟ ୩ ଇଞ୍ଚ ଓ ଦକ୍ଷିଣରୁ ୧୨ ଇଞ୍ଚ ଛାଡ଼ି ପ୍ରାଚୀନ ଉର୍ଦ୍ଦୁ ଲିପି ଏବଂ ତା'ର ନିମ୍ନକୁ ମରହଟ୍ଟା ଲିପିରେ ୧୩ ପଂକ୍ତି ଲେଖା ଅଛି । ଉର୍ଦ୍ଦୁ ଲିପିର ପ୍ରଥମ ପଂକ୍ତିର ପ୍ରାରମ୍ଭରେ ଦକ୍ଷିଣ ଭାଗକୁ ସଂସ୍କୃତ ଅନୁଷ୍ଟୁପ୍ ବୃତ୍ତ ଶ୍ଳୋକ ହିନ୍ଦି ଲିପିରେ ଛଅପଂକ୍ତିରେ ମରହଟ୍ଟା କର୍ତ୍ତୃପକ୍ଷଙ୍କ ନାଗପୁର, ବଙ୍ଗ, ବିହାର, ଓଡ଼ିଶା ଶାସକ ରଘୁଜୀରଙ୍କ ପୁତ୍ର ଜାନୋଜି ଭୋଂସଲେଙ୍କ ନାମାଙ୍କିତ ପୂର୍ବୋକ୍ତ ମୁଦ୍ରା ମୁଦ୍ରିତ ହୋଇଅଛି । ମରହଟ୍ଟା ଲିପିର ଶେଷରେ ସନନ୍ଦ ଲେଖକର ମୋହର ମୁଦ୍ରଣ କରାଯାଇ ଅଛି । ସନନ୍ଦର ଅପର ପାର୍ଶ୍ୱରେ ଉର୍ଦ୍ଦୁରେ ତିନି ଗୋଟି ଓ ବଙ୍ଗଳା ଲିପିରେ ଗୋଟିଏ ଅଭିମତ ଲେଖା ଯାଇଅଛି ।

ସନନ୍ଦସ୍ଥ ଉର୍ଦ୍ଦୁ ଓ ମରହଟ୍ଟା ଲିପିର ଭାବ:---ଏଥିଦ୍ୱାରା ଓଡ଼ିଶା ସୁବା ଅନ୍ତର୍ଗତ ଥାନା ଓ ମହାଲ ମାନଙ୍କ ଜମିଦାର ଓ କର୍ମଚାରୀ ଗଣଙ୍କୁ ଜଣାଇ ଦିଆଗଲା ଯେ ଶ୍ରୀ ବ୍ରଜ ଦେବ ଗୋସ୍ୱାମୀଙ୍କୁ ଅଗ୍ରଣୀ ପଦରେ ସ୍ଥାୟୀ କରାଗଲା । ଗୋସ୍ୱାମୀ ସନାତନ ଧର୍ମାନୁସାରେ ସମସ୍ତ କାର୍ଯ୍ୟ କରିବେ । ତାହାଙ୍କର ବ୍ୟୟ ସକାଶେ ପୂର୍ବଗତ ଅନୁଯାଇ ବଉଳ ପ୍ରଦେଶରୁ ରୁସୁମ୍ ସେ ଗ୍ରହଣ କରିପାରିବେ । ଏହାଙ୍କର ଏହି କାର୍ଯ୍ୟରେ କିଏ ବାଧା ଦେଇ ପାରିବେ ନାହିଁ । ୫ ଦିନ ରବିଆନିମାସ ୧୧୯୭ ଅମଲ (ମହମ୍ମଦୀୟ) ବର୍ଷ (ଖ୍ରୀ. ୨୩ ଡିସେମ୍ବର ମାସ ୧୭୮୯)

ମରହଟ୍ଟା ଶାସକ ଶ୍ରୀ ଉଜ୍ଜ୍ୱଳ ଦେବ ଗୋସ୍ୱାମୀଙ୍କ



Digitized by srujanika@gmail.com

ତଦନନ୍ତର ତାହାଙ୍କର କନିଷ୍ଠଭ୍ରାତା ଶ୍ରୀ ବ୍ରଜ ଦେବ ଗୋସ୍ୱାମୀଙ୍କୁ ଓଡ଼ିଶାର ଅଗ୍ରସ୍ଥାନରେ ସ୍ଥାୟୀ କରି ଯାଇଥିଲି । ଏହି ସମୟକୁ ଓଡ଼ିଶାଧୀଶ୍ୱର (ଖୋର୍ଦ୍ଧା ରାଜା) ଦ୍ୱିତୀୟ ଦିବ୍ୟସିଂହ ଦେବ ଥିଲେ । ଏବଂ ରାଜାରାମ ପଣ୍ଡିତଙ୍କ ପୁତ୍ର ସଦାଶିବ ରାଓ ଓଡ଼ିଶାର ସୁବେଦାର ହୋଇଥିଲେ ।

# ଶ୍ରୀ ହର୍ଷ

(ପଣ୍ଡିତ ଶ୍ରୀ ଗୋପବନ୍ଧୁ ବିଦ୍ୟାଭୂଷଣ)

( ପୂର୍ବ ପ୍ରକାଶିତ ପରେ )

ପ୍ରଶସ୍ତ ଗୁଣଗଣାଲଂକୃତ ସେହି ବିଶ୍ରୁତ କୀର୍ତ୍ତିଶାଳୀ ନରପତି ମାନଙ୍କର ସଂଖ୍ୟା ଯେ ଦମୟନ୍ତୀଙ୍କ ସମୟରେ ଭାରତରେ କମ୍ ଥିଲା, ତାହା ନୁହେ । କାରଣ କବି ଯଦ୍ୟପି ମହାଭାରତ ବା ଅନ୍ୟ କୌଣସି ପୁରାଣ ଅବଲମ୍ବନାରେ ଏହି କାବ୍ୟ ଲେଖାରେ ପ୍ରବୃତ୍ତ ହୋଇଥାନ୍ତେ ତେବେ ପୂର୍ବୋକ୍ତ ସ୍ୱୟମ୍ବର ସମକାଳୀନ ଅସଂଖ୍ୟ ରାଜାମାନଙ୍କର ନାମ ଧାମ ଅବଶ୍ୟ ଉଲ୍ଲେଖ କରିଥାନ୍ତେ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେ ସେପରି କରିନାହାନ୍ତି । ବୋଧହୁଏ ସେପରି ଲେଖିବାକୁ ଗଲେ ପ୍ରାଚୀନତମ ଯୁଗର ପ୍ରକୃତ ଇତିହାସ ଅସମ୍ଭବ ଭାବିଥିବେ । କିମ୍ବା ପ୍ରକୃତ ଇତିହାସାନୁଯାୟୀ ବର୍ଣ୍ଣନା କରିବାକୁ ବସିଲେ ତତ୍କାଳୀନ ଜଗତର ଅରୁଚିକର ହେବ । ସୁତରାଂ କାବ୍ୟଟି ରସହୀନ ହୋଇ ପଡ଼ିବ ବୋଲି ଭାବିଥିବେ । କାବ୍ୟ ଲେଖକ ଗଣ ପ୍ରକୃତ ଇତିହାସ ନେଇ ସ୍ୱାଭାବିକ ବର୍ଣ୍ଣନାରେ କେବଳ କାବ୍ୟ ଲେଖାରେ ପ୍ରବୃତ୍ତ ହୁଅନ୍ତି ନାହିଁ । ସେପରି ଲେଖିବା ନିୟମ ନୁହେ, ତାହା ପୁରାଣ ଓ ଇତିହାସାଦି ଗ୍ରନ୍ଥ ଲେଖାର ନିୟମ । କବିଙ୍କ ସମସାମୟିକ ଜନସାଧାରଣଙ୍କ ରୀତି ନୀତି ବ୍ୟବହାରାଦି ନେଇ କାବ୍ୟ ଲେଖାଯାଏ । ତା ନ ହେଲେ ସେ କାବ୍ୟଟି ଲୋକରୁଚିର ଅଭାବରୁ ମହତ୍ତ୍ୱଶୂନ୍ୟ ବା ଗୁଣଶୂନ୍ୟ ହୋଇ ପଡ଼େ । ସୁତରାଂ କବିବର ନିଜ ସମୟର ଲୋକଙ୍କର ଯେ ପ୍ରକାର ରୁଚି ଥିଲା ସେଥିର ଅବବୋଧରେ ଲେଖିଥିବା କଥା ସୁସ୍ପଷ୍ଟ ହୁଏ ଏବଂ କବି ନିଜ ସମୟାନୁକୂଳରେ ଭାରତର ରାଜଧାନୀ ଓ ରାଜାମାନଙ୍କ ପ୍ରତି ସୁଦ୍ଧା ଦୃଷ୍ଟି ନିକ୍ଷେପ କରି ନାହାନ୍ତି । ବୋଧହୁଏ ସେ ସମସ୍ତ ନେଇ ଅଯଥା ବର୍ଣ୍ଣନାରେ ପ୍ରବୃତ୍ତ ହେଲେ ଗ୍ରନ୍ଥଗୌରବ ଭିନ୍ନ ଅନ୍ୟ କୌଣସି ଲାଭ ହୋଇ ନପାରେ ବୋଲି ମନେ କରିଥିବେ । ସୁତରାଂ ଭାରତର କେତେ ଜଣ ରାଜାମାନଙ୍କୁ ନେଇ ବର୍ଣ୍ଣନାଂଶ ଶେଷକରି ଅଛନ୍ତି । ସେହି ବର୍ଣ୍ଣନା ମଧ୍ୟରେ ୧ ଅବନ୍ତୀଶ୍ୱର, ୨ ଗୌଡ଼େନ୍ଦ୍ର, ୩ ମଥୁରାଧିପତି, ୪ କାଶୀଶ୍ୱର, ୫ ଅଯୋଧ୍ୟାଧୀଶ୍ୱର ଋତୁପର୍ଣ୍ଣ, ୬ ପାଣ୍ଡ୍ୟ ମହୀପାଳ, ୭ କଳିଙ୍ଗ ବା ମହେନ୍ଦ୍ରର ମହେନ୍ଦ୍ର ବର୍ମା, ୮ କାଞ୍ଚିନରପତି, ୯ ନେପାଳ ରାଜା ପରନ୍ତପ, ୧୦ ମଳୟ ରାଜା, ୧୧ ମିଥିଳ ଭୂପାଳ, ୧୨ କାମରୂପାଧୀଶ୍ୱର, ୧୩ ଉତ୍କଳର ଗଜପତି ମହାରାଜା, ୧୪ କାଙ୍କଟ ରାଜା, ଏମାନେ ବର୍ଣ୍ଣିତ ହୋଇ ଅଛନ୍ତି ।

ଏହି ବର୍ଣ୍ଣନା ପୂର୍ବରୁ ପୁରାଣ ଯୁଗାନୁସାରେ ସପ୍ତ ଦ୍ୱୀପାଧିପତି ମାନଙ୍କୁ ବର୍ଣ୍ଣିଯାଇ ଅଛନ୍ତି । ସୁତରାଂ ସେହି ସେହି ବର୍ଣ୍ଣନା ଇତିହାସ ଚର୍ଚ୍ଚାର ପ୍ରକୃତୋପଯୋଗୀ ବୋଲି ବିବେଚିତ ହୁଏ ନାହିଁ । କବିବର ବୋଧହୁଏ ଉପରୋକ୍ତ ଅବନ୍ତୀନାଥ ପ୍ରଭୃତି ଚଉଦଟି ରାଜ୍ୟର ରାଜାଙ୍କୁ ଭଲରୂପେ ଜାଣିଥିଲେ । ଜାଣିମା ସମ୍ବନ୍ଧେ କାରଣ ବିବେଚନା କଲେ ବୋଧହୁଏ କବି ପଣ୍ଡିତ ପ୍ରବର ସେହି ସେହି ରାଜଧାନୀ ମାନଙ୍କୁ ସମୟ ସମୟେ ଯାତାୟାତ କରୁଥିଲେ । ଆଉ ସେଥିମଧ୍ୟରୁ କ୍ୱଚିତ୍ ସମ୍ମାନିତ କ୍ୱଚିତ୍ ଅସମ୍ମାନିତ ହେଉଥିଲେ । ଅର୍ଥାତ୍ ଯେଉଁ ଯେଉଁ ରାଜ୍ୟର ରାଜା-



Digitized by srujanika@gmail.com

ମାନେ ତାଙ୍କର ମନ୍ତ୍ର ପ୍ରଭାବ ଜନିତ ଅଲୌକିକ ପାଣ୍ଡିତ୍ୟ ଲୋକୋତ୍ତର ଚମତ୍କାରକାରୀ ସରସ କବିତ୍ୱର ମାଧୁର୍ଯ୍ୟ ବ୍ରାହ୍ମଣ ଉଚିତ ସଦନୁଷ୍ଠାନ, ଅନୁପମଧୀଶକ୍ତି ଓ ଅତୁଳନୀୟ ଯୁକ୍ତିତର୍କଧୋରଣୀ ପ୍ରଭୃତି ଗୁଣ ଗଣରେ ବିମୁଗ୍ଧ ହୋଇ ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ସମୁତ୍ସାହିତ ହେଉଥିଲେ । ଏବ ଯେଉଁ ରାଜାମାନେ ବାଚସ୍ପତିକଳ୍ପ ସେହି ପଣ୍ଡିତାଗ୍ରଣୀଙ୍କର ସାମ୍ମୁଖିକ ଅବସ୍ଥାନରେ ନିଜେ ଅମରେନ୍ଦ୍ର ଗର୍ବ ପ୍ରକାଶ କରୁଥିଲେ ବୋଧହୁଏ ସେ ନିଜ କାବ୍ୟମଧ୍ୟରେ ସେମାନଙ୍କର ଅପରିମିତ ସମ୍ମାନ ପ୍ରଦର୍ଶାଇ ଅଛନ୍ତି । ଆଉ ଯେଉଁ ଯେଉଁ ରାଜାମାନଙ୍କର ଅସଦ୍‌ଗୁଣରେ ସେ ଅସନ୍ତୁଷ୍ଟ ଥିଲେ, କିମ୍ବା ଯେଉଁ ରାଜାମାନେ ନିଜ ରାଜାଙ୍କ ଶତ୍ରୁ ଥିଲେ ସେମାନଙ୍କ ଅସମ୍ମାନ ଦେଖି ଅଛନ୍ତି । ଆଉ କେତେକ ରାଜାଙ୍କ ବର୍ଣ୍ଣନାବାସରେ କବିବର ସେମାନଙ୍କୁ ସମ୍ମାନ କିମ୍ବା ଅସମ୍ମାନ ନ ଦେଇ ଉଦାସୀନ ରୂପେ ପ୍ରତିପାଦନ କରିଅଛନ୍ତି । ବୋଧହୁଏ କବି ସେମାନଙ୍କର ସମୁଚିତ ବ୍ୟବହାରରେ ତ୍ରୁଟି କିମ୍ବା ଆଧିକ୍ୟ ପରିଲକ୍ଷିତ କରିନଥିବେ । ଅଥବା ନିଜ ରାଜାଙ୍କ ସହ ଶତ୍ରୁତା ବା ମିତ୍ରତା ଅଭାବରୁ ସେମାନଙ୍କୁ ଉଦାସୀନ ରୂପେ ବର୍ଣ୍ଣିଥିବେ । ଏଠାରେ ମନେ ରଖିବା ଉଚିତ ଯେ କୃଷ୍ଣଦ୍ୱୈପାୟନ ପ୍ରଣୀତ ମହାଭାରତ ଗ୍ରନ୍ଥର ବନ ପର୍ବରେ ଯେଉଁ ନଳ ଚରିତ ଲେଖା ଅଛି ସେଥି-ମଧ୍ୟରେ ଦମୟନ୍ତୀ ସ୍ୱୟମ୍ବର ଠାରେ ଉପବେଶିତ ଚଉଦ ଜଣ ରାଜାମାନଙ୍କ ମଧ୍ୟରୁ କେତେକଙ୍କର ନାମ ଗନ୍ଧ ମଧ୍ୟ ପ୍ରାପ୍ତ ହୁଏ ନାହିଁ । ଅତଏବ ସ୍ପଷ୍ଟ ବୋଧହୁଏ କବିବର ସମକାଳୀନ ରାଜ୍ୟମାନଙ୍କୁ ନେଇ ଦମୟନ୍ତୀ ସ୍ୱୟମ୍ବର ବର୍ଣ୍ଣନାରେ ପ୍ରବୃତ୍ତ ହୋଇ ଅଛନ୍ତି ।

ମନେ ହୁଏ ଏଠାରେ ଉପବେଶିତ ଚଉଦ ଜଣ ରାଜାମାନଙ୍କର ପ୍ରଶସ୍ତି ବର୍ଣ୍ଣନାତ୍ମକ ଶ୍ଲୋକ ସଂଖ୍ୟା-ଠାରେ ସେମାନଙ୍କର ସମ୍ମାନାଦି ସୂଚକ ଶ୍ଲୋକାର୍ଥ ପ୍ରକାଶିତ ହେଲେ ପାଠକଙ୍କର କୁତୂହଳ ସମ୍ପାଦିତ ହେବ । ସୁତରାଂ ନିମ୍ନରେ ସେହି ଅଂଶ ପ୍ରଦତ୍ତ ହେଲା ।

କାବ୍ୟର ରାଜସମ୍ମାନାଦି

ଅବନ୍ତୀଶ ବର୍ଣ୍ଣନା ସର୍ଗ ୧୧ ଶ୍ଲୋ ୮୮—୯୨ ପର ଶ୍ଲୋକରେ ଲେଖିଅଛି ଅବନ୍ତୀଶ୍ୱର ସାତିଶୟ ଅନୁରକ୍ତ ଥିଲେ ସୁଦ୍ଧା କୁଣ୍ଡିନେନ୍ଦ୍ର ଜେମା ତାଙ୍କ ପ୍ରତି ଦୃକ୍‌ପାତ କଲେ ନାହିଁ; ମନେକଲେ ଅନ୍ୟ ଠାରେ ଅନୁରାଗ ଥିବାରୁ ବିରସ ଭାବେ ଦୃଷ୍ଟିପାତ କରିବା ଅପେକ୍ଷା ଦୃଷ୍ଟିପାତ ନ କରିବା କଥା ମାତ୍ର ସୁନ୍ଦର ।

ଗୌଡ଼େନ୍ଦ୍ର ବର୍ଣ୍ଣନା ଶ୍ଲୋକ ୯୬-୧୦୦, ପରବର୍ତ୍ତୀ ଶ୍ଲୋକରେ ଉକ୍ତ ଅଛି, ଏହି ରାଜାଙ୍କ ଠାରେ ଦମୟନ୍ତୀଙ୍କର ଦୃଷ୍ଟି ପଡ଼ିଥିଲା ସତ୍ୟ । କିନ୍ତୁ ଉଦାସୀନ ବୃତ୍ତିରେ ତାହା ରାଗ ଶୂନ୍ୟ ଥିଲା । ଏହା ଜାଣିପାରି ଯାନ ବାହନ ଗଣ ତାଙ୍କୁ ଅନ୍ୟ ରାଜାଙ୍କ ଠାରେ ପହଞ୍ଚାଇ ଦେଲେ । କାରଣ ବିଜ୍ଞବ୍ୟକ୍ତି ଇଙ୍ଗିତ ଦ୍ୱାରା ସୁଦ୍ଧା ଉପଦେଶ ଗ୍ରହଣ କରିଥାଏ ।

ମଥୁରାଧୀଶ୍ୱର ବର୍ଣ୍ଣନା ଶ୍ଲୋକ ୧୦୩—୧୧୧ ପର ଶ୍ଲୋକରେ ଲିଖିତ—"ରାଜପୁତ୍ରୀ ସେ ରାଜାଙ୍କ ଠାରୁ ଫେରାଇ ଆଣି ଅନ୍ୟ ରାଜାଙ୍କ ଠାକୁ ଯିବା ମାର୍ଗରେ ଦୃଷ୍ଟି ପକାଇଲେ ସୁତରାଂ ଶିବିକା ବାହକ ମାନେ ତାହା ବୁଝିପାରି ଅନ୍ୟ ରାଜାଙ୍କ ଠାକୁ ତାଙ୍କୁ ଘେନି ଗଲେ" ।

କାଶୀଶ୍ୱର ବର୍ଣ୍ଣନା ଶ୍ଲୋ ୧୧୩—୧୨୨, ପରେ ଲେଖା ଅଛି—"ରାଜନନ୍ଦିନୀ ସେହି ରାଜାଙ୍କ ବର୍ଣ୍ଣନା ଶେଷ ହେଉଣୁ ତାଙ୍କ ଠାରୁ ଦୃଷ୍ଟି ଫେରାଇ ଶ୍ରଦ୍ଧା ସହ ଉପସ୍ଥିତ ଲୋକଙ୍କ ଶୋଭା ସନ୍ଦର୍ଶନ କରି ତାଙ୍କ ଠାରେ ଅନାଦର ପ୍ରକାଶ କଲେ । ରାଜସଭା ମଧ୍ୟରେ ଗୁଣଗ୍ରାହିଣୀ ରାଜପୁତ୍ରୀଙ୍କ ଦ୍ୱାରା ଅନାଦୃତ ହୋଇ ଥିବାରୁ ମାନ ଧନ କାଶୀଶ୍ୱର ଦୁର୍ଯଶ ଚୂର୍ଣ୍ଣ ହେଲା ପରି ମୁଖ ଶୁଖାଇ ଦେଲେ" ।

ଅଯୋଧ୍ୟାଧିପତିଙ୍କ ବର୍ଣ୍ଣନା—ସର୍ଗ ୧୨ ଶ୍ଲୋକ ୫—୧୨ ପରେ ଉକ୍ତ ଅଛି, "ଦମୟନ୍ତୀ ତାଙ୍କ ଗୁଣାବଳୀର ପୂର୍ଣ୍ଣ ସରସ୍ୱତୀଙ୍କ ବାଗ୍‌ଧାରିଣୀ ଶ୍ରେଣୀ ଆଶ୍ଚର୍ଯ୍ୟାନ୍ୱିତା ହୋଇ ମସ୍ତକର ବକ୍ର ପରିଚାଳନା ଦ୍ୱାରା ସେହି ମନୁବଂଶୀୟ ରାଜାଙ୍କର ପ୍ରତି ନିଜର ଅସ୍ୱୀକାର ସୂଚନା ଦେଲେ" ।

ପାଣ୍ଡ୍ୟରାଜାଙ୍କର ବର୍ଣ୍ଣନା—ଶ୍ଲୋ ୧୪-୨୦ ପରେ ଲେଖା ଅଛି, ଇଙ୍ଗିତଜ୍ଞଦାସୀ ଦମୟନ୍ତୀଙ୍କ



Digitized by srujanika@gmail.com

"କହିଲା, ସ୍ୱାମିନି ! ଏ ଅତେ କୌତୁକ ପଦ୍ମଦର୍ଶନ କରନ୍ତୁ । ସୌଧାଗ୍ର ନର୍ତ୍ତନଶୀଳ ଚଞ୍ଚଳ-ପତାକାଞ୍ଚଳରେ ତାକ ପଦାର୍ପଣ କରିବା ପାଇଁ ଆଗ୍ରହ ପ୍ରକାଶ କରେ" । ଏହି ଅପ୍ରସ୍ତୁତ କଥା ଶୁଣି ସଭାଙ୍ଗଣ ଅଟ୍ଟହାସରେ ପରିପୂର୍ଣ୍ଣ ହେଲା । ଏବଂ ପାଣ୍ଡ୍ୟ ରାଜାଙ୍କ ମୁଖ ମ୍ଳାନ ହେଲା" ।

କଳିଙ୍ଗ ରାଜାଙ୍କ ବର୍ଣ୍ଣନା—ଶ୍ଳୋ ୨୩-୩୦ ପରେ ଇଙ୍ଗିତଜ୍ଞା ଦମୟନ୍ତୀ ସେ ରାଜାଙ୍କ ଗୁଣ ଶ୍ରବଣରେ ଅଶ୍ରଦ୍ଧାନ୍ୱିତ ହୋଇପରି ମୁଖରେ ଅଙ୍ଗୁଳି ନିବେଶ କରିବା ଛଳରେ ଦେବୀଙ୍କୁ ଜଣାଇ ଦେଲେ "ଦେବି ! ବର୍ଣ୍ଣନା ବନ୍ଦ କରନ୍ତୁ ।"

କାଞ୍ଚୀଶ୍ୱର ବର୍ଣ୍ଣନା—ଶ୍ଳୋକ ୩୬-୪୦, ପରେ ଲେଖାଅଛି । ଦମୟନ୍ତୀ ଏହାଙ୍କୁ ନଳଙ୍କ ଅପେକ୍ଷା ଗୁଣହୀନ ମନେ କରି ମନ୍ଦହାସ କଲେ ସତ୍ୟ । କିନ୍ତୁ ସେ ମନ୍ଦହାସ ତେତେବେଳେ ସେହି ରାଜ-ପ୍ରଶଂସା-ଶ୍ରବଣରୁ ଜନ୍ମିଲା ପରି ବୋଧ ହେଉଥିଲା ।

ନେପାଳାଧିପତି ବର୍ଣ୍ଣନା ଶ୍ଳୋକ ୪୨—୪୯, ପରେ ଲିଖିତ—"ହାସ୍ୟ କାହାଣୀ ଦାସୀ ଦମୟନ୍ତୀଙ୍କ ମନଜାଣି କହିଲା—"ଦେବି ! ସୁବିଶାଳ ଜଗତ ଥାଉଁ ଥାଉଁ ସମସ୍ତ ଗୁଣଗଣ ଏହାଙ୍କ ଠାରେ କାରାବାସଦଣ୍ଡ ଭୋଗୁ ଅଛନ୍ତି । ବୋଲି କହନ୍ତୁ" ।

ମଳୟାଧୀଶଙ୍କ ବର୍ଣ୍ଣନା ଶ୍ଳୋକ ୫୩—୫୮, ପରେ ଲେଖା ଅଛି । ଦମୟନ୍ତୀଙ୍କ ଅଭିଳାଷ ଜାଣି ଜଣେ ସଖୀ ସହାସ୍ୟେ କହିଲା—"ଦେବି ! ଅନ୍ୟ ଯେଉଁମାନେ ନିଜର ବର୍ଣ୍ଣନା ପାଇଁ ଆପଣଙ୍କୁ ସବିନୟେ ପ୍ରାର୍ଥନା କରି ଅଛନ୍ତି, ସେମାନଙ୍କ ପାଇଁ ଏଥର ସତ୍ୱର ହୁଅନ୍ତୁ" ।

ମିଥିଳାରାଜ ବର୍ଣ୍ଣନା— ଶ୍ଳୋକ ୬୨—୬୬— ପରେ ଉକ୍ତ ଅଛି, ଏହି ରାଜସ୍ତୁତିର ବିଘ୍ନାଚରଣ ନିମନ୍ତେ ଜଣେ ସଖୀ ଦମୟନ୍ତୀଙ୍କ ପ୍ରତି ଇଙ୍ଗିତ କଲାରୁ, ସେ ମନ୍ଦହାସ ପରିବର୍ତ୍ତେ ମୁଖ ବକ୍ର କରି ନିଜର ଅସ୍ୱୀକାର ପ୍ରକଟନ କଲେ ।

କାମରୁପାଧୀଶ୍ୱର ବର୍ଣ୍ଣନା—ଶ୍ଳୋକ ୭୦—୭୫ ପରେ ଲେଖା ଅଛି—"ତାମ୍ବୁଳବାହିନୀ ଦାସୀ ଦମୟନ୍ତୀଙ୍କ ଅଭିଳାଷ ଜାଣି ପାରି ଖଣ୍ଡିଏ ତାମ୍ବୁଳ ବଢ଼ାଇ ଧରି ଦେବୀଙ୍କୁ ସମ୍ବୋଧନ କରି କହିଲା— "ଦେବି ! ଏ ଖଣ୍ଡିକ ଗ୍ରହଣ କରି ମୁଖଶ୍ରୀ ଅପନୋଦନ କରନ୍ତୁ" ।

ଉତ୍କଳର ଗଜପତିଙ୍କ ବର୍ଣ୍ଣନା ଶ୍ଳୋକ ୭୮—୮୫ ପରେ "ଦମୟନ୍ତୀ ଗଜପତି ମହାରାଜାଙ୍କର ଅଶେଷ ଗୁଣାବଳୀ ଶ୍ରବଣ କରି (ପାତିବ୍ରତ୍ୟ ଭଙ୍ଗ ଆଶଙ୍କାରୁ) ଚକ୍ଷୁମୁଦ୍ରଣ ପୂର୍ବକ ମଧୁକ ମାଳାରେ ନଳନାମ ଜପ କଲେ—ନୈଷଧଙ୍କୁ ସମକ୍ଷରେ ଦର୍ଶନ କଲେ । ତେତେବେଳେ ସେହି ଚକ୍ଷୁ ମୁଦ୍ରଣ ବର୍ଣ୍ଣିତ ରାଜଗୁଣର ଆସ୍ୱାଦନ ନିମନ୍ତେ ସମ୍ଭବ ଥିଲା ପରି ବୋଧ ହେଉଥିଲା ।

ଚୀକଟାଧୀଶଙ୍କ ବର୍ଣ୍ଣନା ଶ୍ଳୋକ ୮୭-୧୦୪ । ପରେ ଲେଖା ଅଛି ! ଜଣେ ଇଙ୍ଗିତଜ୍ଞା ଦାସୀ ସହାସ୍ୟେ ବ୍ୟକ୍ତ କଲା ଏହାଙ୍କର ଅକୀର୍ତ୍ତିକୁ ଯଦି କେହି ସ୍ୱୀକାର କରନ୍ତି ନାହିଁ, ତେବେ ମୁଁ କାହିଁକି ସ୍ୱୀକାର କରନ୍ତି? ଏହି ସଭା ସଦ୍‌ବର୍ଗର କର୍ଣ୍ଣାବତଂସ ତମାଳ ବଲ୍ଲି ସଦୃଶ ଦେବା କଥା ସୁଦ୍ଧା ସ୍ୱୀକାର କରୁନାହିଁ । ସେହି ଅକୀର୍ତ୍ତିପ୍ରବରକୁ କଚ୍ଛପୀ କ୍ଷୀର-ମଧ୍ୟ ସମୁଦ୍ରର ତୀର ପ୍ରଦେଶରେ ବନ୍ଧ୍ୟା ଗର୍ଭ ସମ୍ଭୂତ ମ[illegible]ଗଣ ଗାନ କରନ୍ତୁ ବିଶେଷତଃ ଜନ୍ମାନ୍ଧ ଗଣ ତାହାକୁ ଅନ୍ଧକାର ସଦୃଶ ସନ୍ଦର୍ଶନ କରି ଅଙ୍ଗୁଳିରେ ପରାର୍ଦ୍ଧାଧିକ ସଂଖ୍ୟାରେ ଗଣନା କରନ୍ତୁ ।' ଏହା ଶୁଣି ସଭାମଣ୍ଡପ ଅଟ୍ଟହାସ ପରିପୂର୍ଣ୍ଣ ହେଲା ।

ଉପର ବର୍ଣ୍ଣିତ ଚଉଦ ଜଣ ରାଜାଙ୍କ ମଧ୍ୟରୁ କାଶୀ, ପାଣ୍ଡ୍ୟ, ନେପାଳ, ମଳୟ କାମରୁପ ଓ ଚୀକଟାଧୀଶ୍ୱରମାନଙ୍କ ପ୍ରତି ଅସମ୍ମାନ ବା ଅନାଦର ଅବନ୍ତୀ, ଗୌଡ଼, ମଥୁରା, ଅଯୋଧ୍ୟା, କଳିଙ୍ଗ, କାଞ୍ଚୀ ଓ ମିଥିଳା ରାଜାମାନଙ୍କ ପ୍ରତି ଉଦାସୀନତା ଏବଂ କେବଳ ଉତ୍କଳାଧୀଶ୍ୱର ଗଜପତି ମହାରାଜାଙ୍କ ପ୍ରତି ସମ୍ମାନ ବା ସମାଦର ବ୍ୟକ୍ତ ହୁଏ । ଏହି ସମ୍ମାନାସମ୍ମାନ ପ୍ରଦାତା ଆମ୍ଭର କବିବର ମାନ । ସୁତରାଂ ସହଜରେ ଅନୁମାନ କରାଯାଇପାରେ ଯେ ଶ୍ରୀହର୍ଷ ନିଜର ସମସାମୟିକ ଉତ୍କଳାଧୀଶ୍ୱରଙ୍କର ଦ୍ୱାରା ସବିଶେଷ ସମ୍ମାନିତ



Digitized by srujanika@gmail.com

ହୋଇଥିଲେ । (ମତାନ୍ତର) ପ୍ରବୀଣ ଲକ୍ଷ୍ମଣ ଶାସ୍ତ୍ରୀଙ୍କ ମତ—ଦ୍ୱିତୀୟ କହନ୍ତି—

ତାମ୍ବୂଲ ଦ୍ୱୟ ମାସନଂଚ ଲଭତେ ଯଃ କାନ୍ୟକୁବ୍ଜେଶ୍ୱର

ଯଃ ସାକ୍ଷାତ୍ କୁରୁତେ ସମାଧି ପରଂବ୍ରହ୍ମ ପ୍ରମୋଦାର୍ଣ୍ଣବ ।

ଯତ୍କାବ୍ୟ ମଧୁବର୍ଷି ଧର୍ଷିତ ଦାବ ସ୍ତର୍କେଷୁ ଯସ୍ୟୋକ୍ତୟଃ

ଶ୍ରୀ ଶ୍ରୀହର୍ଷ କବେଃ କୃତଃ କୃତ ମୁଦେ ତସ୍ୟାଭ୍ୟୁଦୀୟା ଦୟଂ ॥

ଅର୍ଥ—(ଯେ କାନ୍ୟ କୁବ୍‌ଜାଧୀଶ୍ୱରଙ୍କଠାରୁ ଦୁଇଖଣ୍ଡି ତାମ୍ବୂଲ ଓ ଖଣ୍ଡିଏ ଆସନ ମର୍ଯ୍ୟାଦା ରୂପେ ପାଉଥିଲେ, ଯେ ଧ୍ୟାନ ବଳରେ ପରମାନନ୍ଦମୟ ପରଂବ୍ରହ୍ମଙ୍କୁ ସାକ୍ଷାତ୍କାର କରୁଥିଲେ, ଯାହାଙ୍କର କାବ୍ୟ ଅମୃତ ବର୍ଷଣ କରୁଥିଲା, ଆଉ ତର୍କଶାସ୍ତ୍ର ଚର୍ଚ୍ଚା ବେଳେ ଯାହାଙ୍କ ଉକ୍ତି ଶତ୍ରୁ ଧର୍ଷକ ଥିଲା, ସେହି ଶ୍ରୀହର୍ଷ କବିଙ୍କର ଏହି ରଚନା ପଣ୍ଡିତ ମାନଙ୍କର ସନ୍ତୋଷ ଜନକ ହେଉ)

ଏହି ଖଣ୍ଡ ୨ ଆଦ୍ୟ ଗ୍ରନ୍ଥର ସମାପ୍ତି ଶ୍ଳୋକରୁ ଜଣାଯାଏ କବି ଓ ପଣ୍ଡିତ ପ୍ରବର ଶ୍ରୀହର୍ଷ କାନ୍ୟକୁବ୍‌ଜାଧୀଶ୍ୱରଙ୍କର ଆଶ୍ରିତ ଥିଲେ । ଆଉ ସେ ଯେଉଁ ବିଜୟ ପ୍ରଶସ୍ତି ନାମକ ପଞ୍ଚମ ସର୍ଗ ସମାପ୍ତି ସ୍ଥଳେ—'ତସ୍ୟାଗ୍ରୀ ବିଜୟ ପ୍ରଶସ୍ତି ରଚନା ତତସ୍ୟ' ଇତ୍ୟାଦି ଗ୍ରନ୍ଥ ଲେଖିଅଛନ୍ତି, ସେ ସେଥିରେ କାନ୍ୟ କୁବ୍‌ଜେଶ୍ୱର ଜୟନ୍ତ ଚନ୍ଦ୍ରଙ୍କର ପ୍ରଶସ୍ତି ମାନ ଥିବା ସମ୍ଭବ । ଜୟନ୍ତ ଚନ୍ଦ୍ରଙ୍କର ବିଜୟ ଚନ୍ଦ୍ର ନାମାନ୍ତର ଥିଲା । ସେହି ଜୟନ୍ତ ଚନ୍ଦ୍ର ବା ବିଜୟ ଚନ୍ଦ୍ର ସମୟ ତାଙ୍କ ହୁଦତ୍ତ ଦେସାୟଂ ଶ୍ରୀ ମଜ୍ଜୟନ୍ତ ଚନ୍ଦ୍ରେ । ବିଜୟୀ ଅଧିକାର ପୁରୁଷାନାଞ୍ଚ ଯଥୀତ ବୋଧୟନ୍ତ୍ୟା ଦଶତଚ ବଦତ ଚତୁ ଭବତାଂ ଯଥୋ ପାରେ ଲିଖିଲ ଗ୍ରାମଃ ସଜଳ ସ୍ଥଳଃ ସଲୋହଲ ବଣାକରଃ ସମତ୍ସ୍ୟାକରଃ ସର୍ଗର୍ତ୍ତୋଷରଃ ସର୍ଗରି ଗହନ ନିଧାନଃ ସମଧୁକାମ୍ରବନ ବାଟିକ ବିଟପ ତୃଣ ଯୂତ ଗୋଚର ପର୍ଯ୍ୟନ୍ତଃ ତସାଧାଧି ଷ୍ଟଦୂର ଘାଟ ବିଶୁଦ୍ଧଃ ସ୍ୱସୀମା ପର୍ଯ୍ୟନ୍ତ ଶ୍ଚତୁର୍ବିଂଶଦଧିକ ଦ୍ୱାଦଶ ଶତ ବତ୍ସର ଆଷାଢ଼େ ମାସି ଶୁକ୍ଲପକ୍ଷେ ସପ୍ତମ୍ୟାଂ ତଥୌ ରବୀ ଦିନେ (ଅଙ୍କତୋଚି ୧୨୪୩ ଆଷାଢ ଶୁଦ୍ଧ ରବୌ) ୭ ଅଦ୍ୟେନ ଶ୍ରୀ ମଦ୍‌ବାରାଣସ୍ୟାଂ ଗଙ୍ଗାୟାଂ ସ୍ନାତ୍ୱା"ଇତ୍ୟାଦି (ଇଣ୍ଡିଅନଆଣ୍ଟିକ୍ୱେରି ୧୫୧୧—୧୨) ।

ଦାନପତ୍ରରୁ ନିଶ୍ଚୟ ଜଣାଯାଏ ଯେ ସେ ୧୨୪୩ ବିକ୍ରମ ସମ୍ବତ୍ସରରେ ଥିଲେ । ବିକ୍ରମ ସମ୍ବତ୍ ୫୭ ସମୟରେ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହୋଇ ଥିବାରୁ ଜଣାଯାଏ ବିଜୟ ଚନ୍ଦ୍ରଙ୍କ ରାଜତ୍ୱ ସମୟ ୧୧୮୭ ଖ୍ରୀଷ୍ଟାବ୍ଦରେ । ପ୍ରୋକ୍ତ ଜୟ ଚନ୍ଦ୍ର ଯୌବ ରାଜ୍ୟ ସମୟର ଆଉ ଖଣ୍ଡିଏ ଦାନ ପତ୍ର ପ୍ରାଚୀନ ଲେଖମାଳର ୨୨ ସଂଖ୍ୟାରେ ପ୍ରକାଶିତ ହୋଇଅଛି । ସେଥିରେ ସମ୍ବତ୍ ୧୨୨୫ (ଖ୍ରୀଷ୍ଟାବ୍ଦ ୧୧୬୯] ପୂର୍ବୋକ୍ତ ଜୟ ଚନ୍ଦ୍ର କାନ୍ୟକୁବ୍‌ଜର ରାଠୋର ବଂଶୀୟ ରାଜାମାନଙ୍କ ମଧ୍ୟରେ ଶେଷ ରାଜା ଥିଲେ । ଏହାଙ୍କୁ ଖ୍ରୀ ୧୧୯୫ ରେ ଯବନମାନେ ବଳାତ୍କାରରେ ରାଜ୍ୟ ଭ୍ରଷ୍ଟ କରିଥିଲେ । ଅତଏବ ଲକ୍ଷ୍ୟ କବିବର ଶ୍ରୀହର୍ଷ ଏହାଙ୍କ ସମସାମୟିକ ଥିଲେ ।

ଖଣ୍ଡନ—

କାନ୍ୟକୁବ୍‌ଜାଧୀଶ୍ୱର ଜୟନ୍ତ ଚନ୍ଦ୍ରଙ୍କର କୁଳପରଂପରାଗତ ରାଜଧାନୀ କାଶୀ ବୋଲି ପ୍ରୋକ୍ତ ତାମ୍ର ଶାସନରୁ ଜଣାଯାଏ । ସୁତରାଂ କାନ୍ୟକୁବ୍‌ଜାଧୀଶ୍ୱର ଓ କାଶୀଶ୍ୱରଙ୍କର ପାର୍ଥକ୍ୟ ଆଶଙ୍କା ଯୋଗ୍ୟ ନୁହେଁ; ସେ ଉଭୟ ସ୍ଥାନର ଅଧିପତି ଜଣେମାନ । ସୁତରାଂ ସେ କାହାରି ଦ୍ୱାରା କାନ୍ୟକୁବ୍‌ଜେଶ୍ୱର ଓ କାହାରି ଦ୍ୱାରା କାଶୀଶ୍ୱର ରୂପେ ବର୍ଣ୍ଣିତ ହୋଇ ଅଛନ୍ତି । ସ୍ୱୟଂବର ବର୍ଣ୍ଣନା ସ୍ଥଳରେ କବିବର ତାଙ୍କୁ କାଶୀଶ୍ୱର ନାମରେ ବର୍ଣ୍ଣନା କରିଅଛନ୍ତି । ବୋଧହୁଏ ପବିତ୍ରତମ କାଶୀଧାମ ନାମ ପରିତ୍ୟାଗ କରି କବି କାନ୍ୟକୁବ୍‌ଜ ନାମ ଗ୍ରହଣ କରିଥିବେ । ଯଦି କବିବର ଶ୍ରୀହର୍ଷ ସେହି କାନ୍ୟକୁବ୍‌ଜର ରାଜାଙ୍କର ଆଶ୍ରିତ ହୋଇଥାନ୍ତେ, ତାହାହେଲେ ସର୍ଗ ୧୧ ଶ୍ଳୋ ୭୮ କଲେ ସ୍ୱୟମ୍ବର ସ୍ଥଳରେ ସେ ତାଙ୍କର ପ୍ରତି ଅନାଦର ବା ଅନାସ୍ଥା ପ୍ରକାଶ କରି ନ ଥାନ୍ତେ ।

[ଦ୍ୱିତୀୟ ମତାନ୍ତର ଓ ଲକ୍ଷ୍ମଣ ଶାସ୍ତ୍ରୀ)

ଗ୍ରନ୍ଥକାର ବିଜୟ ପ୍ରଶସ୍ତି ଓ ଗୌଡ଼ବଂଶ



Digitized by srujanika@gmail.com

କୁଳ ପ୍ରଶସ୍ତି (୧) ନାମରେ ଯେଉଁ ଦୁଇ ଖଣ୍ଡି ଗ୍ରନ୍ଥ ଲେଖି ଅଛନ୍ତି, ନାମ ନେଇ ବିଚାର କଲେ ଜଣାଯାଏ ସେହି ଗ୍ରନ୍ଥ ଦ୍ୱୟରେ କୌଣସି ଜଣେ ରାଜାଙ୍କର ବର୍ଣ୍ଣନା କରାଯାଇ ଅଛି । ତଦାନୀନ୍ତନ ଜୟନ୍ତ ଚନ୍ଦ୍ର ବ୍ୟତିରେକେ ଆଉ କିଏ ଗୌଡ଼କୁଳ ପ୍ରଦୀପ ଥିବା ସମ୍ଭବ ? ସୁତରାଂ ସ୍ଥିର କରାଯାଇପାରେ ଯେ ପ୍ରୋକ୍ତ ଗୌଡ଼ବଂଶ କୁଳ ପ୍ରଶସ୍ତି ଗ୍ରନ୍ଥରେ କବିବର ଜୟନ୍ତ ଚନ୍ଦ୍ରଙ୍କପିତାଙ୍କ ପ୍ରଶସ୍ତି ବର୍ଣ୍ଣନା କରିଥିବା ଖୁବ ସମ୍ଭବ ।

ଉତ୍ତର

ଗୌଡକୁଳ ପ୍ରଦୀପ କିମ୍ବା ଗୌଡେଶ୍ୱର ଉପାଧି ଜୟ ଚନ୍ଦ୍ରଙ୍କ ବଂଶଧରମାନଙ୍କର ବିରୁଦାବଳୀରେ କ୍ୱଚିତ ଦେଖାଯାଏ ନାହିଁ । ଯଦି ତାଙ୍କର ଗୌରବାବହ ଉପାଧି ପ୍ରାପ୍ତ ଥାନ୍ତା ତେବେ ତାଙ୍କର ବଂଶଧରମାନେ କ୍ୱଚିଦପି ଅବଶ୍ୟ ବ୍ୟବହାର କରିଥାନ୍ତେ । ଯଦି ସେହି ଉପାଧି ତେତେଦୂର ଗୌରବ ବର୍ଦ୍ଧିତ ନ ହେବାରୁ ବିରୁଦାବଳି ମଧ୍ୟରେ କ୍ୱଚିତ ବ୍ୟବହୃତ ହୋଇନାହିଁ, ତେବେ ସେହି ନାମରେ କବି ଗ୍ରନ୍ଥ ଲେଖି ନ ଥାନ୍ତେ । ସୁତରାଂ ସ୍ପଷ୍ଟ ଜଣାଯାଏ ଯେ କାଶୀ ବା କାନ୍ୟକୁବ୍ଜ ରାଠୋର ବଂଶୀୟଙ୍କର ଗୌଡେଶ୍ୱର ଉପାଧି ନଥିଲା । କିମ୍ବା କବିଙ୍କ ପ୍ରଣୀତ ଗୌଡେଶ୍ୱରକୁଳ ପ୍ରଶସ୍ତି ଗ୍ରନ୍ଥରେ ସୁଦ୍ଧା ଜୟ ଚନ୍ଦ୍ର ବଂଶଧରଙ୍କର ପ୍ରଶସ୍ତି ଲେଖା ହୋଇ ନଥିବ ।

ତୃତୀୟ ମତାନ୍ତର (ଲକ୍ଷ୍ମଣ ଶାସ୍ତ୍ରୀଙ୍କର)

କେହି କେହି କହନ୍ତି "କବିବର ଯେଉଁ ସବୁ ଗ୍ରନ୍ଥ ଲେଖି ଅଛନ୍ତି, ସେହି ଗ୍ରନ୍ଥ ନାମ ନେଇ ବିଚାର କଲେ ସେହି ସେହି ଗ୍ରନ୍ଥର ବିଷୟ ସହଜରେ ଅନୁମାନ କରି ଯାଇ ପାରେ । ଯଥା—ଅର୍ଣ୍ଣବ ବର୍ଣ୍ଣନ ନବମ ସର୍ଗର ଶେଷ ଶ୍ଳୋକରେ 'ଙ୍ଗତ୍ତୁବ୍ଧାର୍ଣ୍ଣବ ବର୍ଣ୍ଣସ୍ୟ' ଇତ୍ୟାଦି । ଏଥିର ବିଷୟ ସମୁଦ୍ରର ବର୍ଣ୍ଣନା—'ଶିବ-ଶକ୍ତି-ସିଦ୍ଧି' ଅଷ୍ଟାଦଶ ସର୍ଗ ସମାପ୍ତି ଶ୍ଳୋକରେ'ଶିବ ଶକ୍ତି ସିଦ୍ଧି ଭଗିନୀ ସୌଭ୍ରାତ୍ର ଭବ୍ୟେ' ଇତ୍ୟାଦି ଶିବନାମକ ରାଜାଙ୍କର ଶକ୍ତି ଅର୍ଥାତ୍ ତାଙ୍କ ଚରିତ ବର୍ଣ୍ଣନା ମାନ ଏଥିର ପ୍ରତିପାଦ୍ୟ ବିଷୟ । ସାହସାଙ୍କ ଚରିତ ଚମ୍ପୂ ଦ୍ୱାବିଂଶ ସର୍ଗ ଶେଷ ଶ୍ଳୋକରେ 'ନବସାହସାଙ୍କ ଚରିତେ ଚମ୍ପୂକୃତୌ' ଇତ୍ୟାଦି । ଏଥିରେ ସାହସାଙ୍କ ନାମକ ମହାରାଜାଙ୍କ ବର୍ଣ୍ଣନା କରାଯାଇ ଅଛି । ଲୋକେ କହନ୍ତି ସାହସ ପ୍ରଧାନରେ କାର୍ଯ୍ୟ କରିଥିବା ହେତୁରୁ ବିକ୍ରମାର୍କ ସାହସାଙ୍କ ନାମରେ ବିଖ୍ୟାତ ଥିଲେ । ସୁତରାଂ ତାଙ୍କ ଚରିତ ସେଥିରେ ବର୍ଣ୍ଣିତ ହୋଇଥିବ । ଆଉ କେହି କେହି କହନ୍ତି:—"ଗ୍ରନ୍ଥକାର ସାହସାଙ୍କ ଚରିତ ନାମରେ କୌଣସି ଗ୍ରନ୍ଥ ଲେଖି ନାହାନ୍ତି । ସେ ଲେଖିଥିବା ଗ୍ରନ୍ଥର ନାମ 'ନବସାହସାଙ୍କ ଚରିତ' ଏ ନବଶବ୍ଦ ବିଶେଷଣରୁ ଆଉ ନାରାୟଣୀ ବ୍ୟାଖ୍ୟାତାଙ୍କ ମତାନୁସାରେ ସାହସାଙ୍କ ଜଣେ ରାଜାଙ୍କର ନାମ ବୋଲି ଜଣାଯାଉଥିବାରୁ ନବସାହସାଙ୍କ ନାମରେ କାନ୍ୟକୁବ୍ଜେଶ୍ୱର ମାନ ଅଭିହିତ ହେଉଥିବା ଖୁବ୍ ସମ୍ଭବ । ସୁତରାଂ ସେ ଗ୍ରନ୍ଥରେ କାନ୍ୟକୁବ୍ଜ ରାଜାଙ୍କର ପ୍ରଶସ୍ତି କେବଳ ବର୍ଣ୍ଣିତ ହୋଇଥିବ । ବିକ୍ରମ ପ୍ରଶସ୍ତି ବର୍ଣ୍ଣିତ ହୋଇ ନଥିବ । ତା ହେଲେ ବିଶେଷଣାଂଶର ନବ ପଦଟି ବ୍ୟର୍ଥହୋଇ ପଡ଼ିବ" ।

ଆଉ କେହି କେହି କହନ୍ତି, "ଗ୍ରନ୍ଥକାର ଗୌଡ଼ୋର୍ବୀଶ କୁଳ ପ୍ରଶସ୍ତିରେ ସପ୍ତମ ଶ୍ଳୋକରେ ଗୌଡୋର୍ବୀଶକୁଳ ପ୍ରଶସ୍ତି ଭଣିତଭ୍ରାତର ଇତ୍ୟାଦି । ଗୌଡ଼ାଧୀଶ୍ୱରଙ୍କର ପ୍ରଶସ୍ତି ବର୍ଣ୍ଣି ଅଛନ୍ତି । ସୁତରାଂ ତାଙ୍କର ନିବାସ ସ୍ଥାନ ଗୌଡଦେଶ । ପରେ ସେ ଯାଇ କାନ୍ୟକୁବଜରେ ବାସ କଲେ । ତେତେବେଳେ ବିଜୟ ପ୍ରଶସ୍ତି ଗ୍ରନ୍ଥ ଲେଖିଲେ । ବୋଧହୁଏ କାନ୍ୟକୁବ୍ଜ ଦେଶକୁ ଯିବା ପୂର୍ବରୁ ଗୌଡ଼ରାଜକୁଳ ପ୍ରଶସ୍ତି ଲେଖିଥିବେ । ସାହସାଙ୍କ ଚରିତ ଚମ୍ପୂ ସୁଦ୍ଧା ଲେଖିଥିବେ । ସୁତରାଂ ସେ ସେଥିରେ ଗୌଡ଼ ରାଜବଂଶର ପ୍ରଶସ୍ତି ଲେଖିଥିବେ ।

ପ୍ରତିବାଦ

ବିଜୟ ଚନ୍ଦ୍ରଙ୍କ ପ୍ରଶସ୍ତି ବର୍ଣ୍ଣନା ହେତୁରୁ କିମ୍ବା କୌଣସି ଜଣେ ମହାରାଜାଙ୍କର ବିଜୟୋତ୍ସବ ବର୍ଣ୍ଣନା ପୂର୍ଣ୍ଣ ହେତୁରୁ ଯେପରି ଗ୍ରନ୍ଥର ନାମ ବିଜୟ ପ୍ରଶସ୍ତି ରଖି ଯାଇଅଛନ୍ତି । ଗୌଡ଼ ରାଜବଂଶର ପ୍ରଶସ୍ତି ବର୍ଣ୍ଣିତ ହେତୁରୁ ଯେପରି ଗ୍ରନ୍ଥର ନାମ ଗୌଡ଼ୋର୍ବୀଶ-



Digitized by srujanika@gmail.com

ଲୁଲ ପ୍ରଶସ୍ତି ରଖି ଅଛନ୍ତି, ସେପରି ନବସାହସାଙ୍କ ନାମକ ଜଣେ ମହାରାଜାଙ୍କର ପ୍ରଶସ୍ତି ବର୍ଣ୍ଣନା କରି ଗ୍ରନ୍ଥର ନାମକରଣ କରିଥିବେ 'ନବସାହାଙ୍କ ଚରିତ'। ଏହି ନବ ସହସାଙ୍କ ଯେ କିଏ ତାହା ବିଶ୍ବର କନଲ କାନ୍ୟକୁବ୍‌ଜାଧୀଶ୍ବର ବା ଗୌଡ଼ାଧିପତି ନବ ସାହସାଙ୍କରେ ନାମିକ ହୋଇଥିବା ସମ୍ବନ୍ଧେ କୌଣସି ପ୍ରମାଣ ଦେଖାଯାଏ ନାହିଁ। ଶ୍ରୀହର୍ଷଙ୍କ ସମସାମୟିକ କଳିଲେଶ୍ବର ଗଙ୍ଗା ଗୌତମୀ ମଧ୍ୟସ୍ଥ ଧରଣୀମଣ୍ଡଳର ପ୍ରଥମ ଶାସକ ମହାପରାକ୍ରାନ୍ତ ଚୋଡ଼ ଗଙ୍ଗଦେବଙ୍କର ନାମଥିଲା ସାହସାଙ୍କ। ଏଥିରେ ମୁଖ୍ୟ ପ୍ରମାଣ ରୂପେ ଦ୍ରାକ୍ଷାରାମର ପ୍ରାଚୀନ ଶିଳାଲେଖା ଅଦ୍ୟାପି ଭୀମନାଥଙ୍କ ମନ୍ଦିରରେ ଦେଦୀପ୍ୟମାନ ରହିଅଛି। ଯଥା—

["ସ୍ୱସ୍ତି ଶ୍ରୀ ସର୍ବଲୋକାଶ୍ରୟ ବିରନୃପତେର୍ମଣ୍ଡଲେ ଚୋଡ଼ସଙ୍କେ]
ଶାକାବ୍ଦେ ବ୍ୟୋମ ବାଣଦ୍ୟୁଗଣି ପରିମିତେ
(ଶତ୍ରୁବର୍ଗେ) ଜିତୋଽଯଃ ଦେବୀ ଶ୍ରୀ ରାଜଲ[ମ୍ବା]
ନୃପତି ରବିବିଭୋଃ ସାହସାଙ୍କସ୍ୟତଃ [ସ୍ୱ୍ୟ]
ଦୀପଂ ପ୍ରାଦାଦ ଖଣ୍ଡଂ [ପତିସୁଖ ସୁଖଦଂ]
ଭୀମନାଥାୟ ଶଶ୍ବତ୍।"

ଅର୍ଥ:—ସ୍ୱସ୍ତି ଶ୍ରୀ ସର୍ବଲୋକାଶ୍ରୟ ଉପାଧି ମଣ୍ଡିତ ରାଜଶ୍ରେଷ୍ଠଙ୍କର ଚୋଡ଼ ନାମକ ରାଜ୍ୟ ମଧ୍ୟରେ ୧୦୫୦ ଶକ ସମ୍ବତ୍ସରରେ (ଖ୍ରୀ: ୧୧୨୮) ପ୍ରବଳ ପ୍ରତାପଶାଳୀ ରାଜ ସୂର୍ଯ୍ୟୋପମ ସାହସାଙ୍କ ନାମକ ରାଜାଙ୍କର ମହାଦେବୀ ଶ୍ରୀ ରାଜଲାମ୍ବା ପତିପୁତ୍ରଙ୍କ ସୁଖ ସଙ୍କଳ୍ପରେ ଭୀମନାଥ ଦେବ ଛାମୁରେ ଗୋଟିଏ ଅଖଣ୍ଡ ଦୀପ ପ୍ରଦାନ କଲେ।

ଉପରୋକ୍ତ ଶାର୍ଦ୍ଦୁଲ ବିକ୍ରୀଡିତ ପଦ୍ୟର ତଳେ କର୍ଣ୍ଣାଟୀ ଭାଷାରେ କେତେଧାଡ଼ି ଲେଖା ଅଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସେଥିର ଅନୁବାଦ ନିମ୍ନରେ ପ୍ରକାଶ ହେଲା ଯଥା—

୧୦୫୦ ଶକ ସମ୍ବତ୍ସରରେ ସର୍ବଲୋକାଶ୍ରୟ ବିଷ୍ଣୁବର୍ଦ୍ଧନ ମହାରାଜାଙ୍କର ବିଜୟ ରାଜ୍ୟ ସମ୍ବତ୍ସର ୨ ଗ୍ରାହି ସିଂହ ମାସ ବ୍ୟତିପାତ ଯୋଗେ ସ୍ୱସ୍ତି ସମର ମୁଖାନେକ ରିପୁଦର୍ପ-ମର୍ଦ୍ଦନ ଭୁଜବଳ ପରାକ୍ରମ ପରମ ମାହେଶ୍ବର ପରମଭଟ୍ଟାରକ ମହାରାଜାଧିରାଜ ରାଜପରମେଶ୍ବର ଗଙ୍ଗାନ୍ୱୟାବଲମ୍ବନ ମୂଳସ୍ତମ୍ଭ ଶ୍ରୀମଦନନ୍ତ ଦେବ ବର୍ମଙ୍କ ମହାଦେବୀ ରାଜଲ ଦେବୀ ଶ୍ରୀ ଭୀମେଶ୍ବର ଦେବଙ୍କୁ ଦେବାର ଅଖଣ୍ଡଦୀପ୍ତି ଲୌହଦଣ୍ଡ ଦୀପ ୧। ଏଥିପାଇଁ ଘିଅ ବ୍ୟବହାର କରିବାକୁ ବୋଲି ପୁରଂ ଗ୍ରାମରେ ଦେବାଭୂମି ୫୦ପୁଟିକି ନିତ୍ୟ ଘିଅ ୧ ମାଣ।

ଲେଖକ, କବି ଉପଦାନାଗୃଧ୍ୟ"।

ଉପରୋକ୍ତ ଶ୍ଳୋକରେ ସାହସାଙ୍କ ନାମ ଦୃଶ୍ୟ ହୁଏ। ନିଶ୍ଚୟ କରି କୁହାଯାଇ ପାରେ, ତାହା ଚୋଡ଼-ଗଙ୍ଗଙ୍କର ନାମ ମାତ୍ର। ନୈଷଧୀୟ ଚରିତ ଦ୍ୱାବିଂଶ ସର୍ଗ ଶେଷ ଶ୍ଳୋକରେ ସାହସାଙ୍କ ନାମ ପଦର ମେଉଁ ନବ ବିଶେଷଣ ଅଛି ତାହାର ସାର୍ଥକତା ବିଶ୍ବର-କଲେ ଜଣା ଯାଏ ବିକ୍ରମାର୍କ ରାଜାଙ୍କ ନାମ ସାହସାଙ୍କ ଥିଲା। ସୁତରାଂ ଚୋଡ଼ଗଙ୍ଗ ଦେବ ଗ୍ରନ୍ଥକାରଙ୍କ କର୍ତ୍ତୃକ ନବସାହସାଙ୍କ ନାମରେ ଅଭିହିତ ହୋଇଥିବେ। ଅର୍ଥାତ୍ ସାହସ ପ୍ରଧାନ କାର୍ଯ୍ୟ କରିବା ବିଷୟରେ ପ୍ରୋକ୍ତ ଗଙ୍ଗ ରାଜା ବିକ୍ରମାର୍କଙ୍କ ସମାନ ଥିଲେ। ତାଙ୍କର ସେ କାର୍ଯ୍ୟାବଳୀ ରାଜ-ପଦ୍ଧତିରେ ଦିଆଯିବ।

ଗ୍ରନ୍ଥ ବିଶ୍ବର—

ଗ୍ରନ୍ଥକାରଙ୍କ କାବ୍ୟରେ ସର୍ଗ ସମାପ୍ତି ଶ୍ଳୋକ ମାନଙ୍କରୁ ତାଙ୍କ ରଚିତ ଯେଉଁ କେତେ ଗୋଟି ଗ୍ରନ୍ଥର ନାମ ମିଳେ, ନବ ସାହସାଙ୍କ ଚରିତ, ଗୌଡ଼ୋର୍ବୀଶ ପ୍ରଶସ୍ତି ଓ ବିଜୟ ପ୍ରଶସ୍ତି ସେଥି ମଧ୍ୟରେ ବିଦ୍ୟମାନ। ନବ ସାହସାଙ୍କ ଚରିତ ନାମର ବିମର୍ଶ ଇତିପୂର୍ବେ ଦେଖା ଦିଆଯାଇ ଅଛି। ବର୍ତ୍ତମାନ ଅପରନାମ ଦ୍ୱୟର ବିମର୍ଶ ନିମ୍ନରେ ପ୍ରଦତ୍ତ ହେଲା।

ପଣ୍ଡିତ ପ୍ରବର ଶ୍ରୀହର୍ଷ ସୁପ୍ରସିଦ୍ଧ ଦାର୍ଶନିକ ଥିବା କଥା ବୋଧହୁଏ କେହି ଅସ୍ୱୀକାର କରିବେ ନାହିଁ। କାରଣ ତାଙ୍କ ପ୍ରଣୀତ ସମସ୍ତ ଗ୍ରନ୍ଥ ଆଜି କାଲି ଭାରତରେ ଦୁଷ୍ପ୍ରାପ୍ୟ ହେଲେ ସୁଦ୍ଧା ଖଣ୍ଡନ ଖଣ୍ଡଖାଦ୍ୟ ନାମକ ଦର୍ଶନ ଗ୍ରନ୍ଥ ଭାରତରେ ଦର୍ଶନ ଶାସ୍ତ୍ର-ମାନଙ୍କରେ ଉନ୍ନତ ଆସନ ପାଇଥିବା କଥା କାହାର



Digitized by srujanika@gmail.com

ଅଜ୍ଞାତ ନୁହେଁ । ଏପର ଜଣେ ଦାର୍ଶନିକ କଦାପି ବ୍ୟର୍ଥ ପଦନିବେଶ କରିବ ବୋଲି ସ୍ୱପ୍ନରେ ସୁଦ୍ଧା କେହି ଭାବି ନପାରେ । କାରଣ ତାଙ୍କର ବିଜୟ ପ୍ରଶସ୍ତିରେ ଯଦି ବିଜୟ ନାମକ ରାଜାଙ୍କର ପ୍ରଶସ୍ତି ଲେଖା ହୋଇଥାଏ ତେବେ ରାଜ ଗୌରବ ରକ୍ଷାଭିଳାଷରେ ବିଜୟ ପ୍ରଶସ୍ତି ସ୍ଥଳେ ବିଜୟ ରାଜ ପ୍ରଶସ୍ତି ବୋଲି ନାମକରଣ କରିଣ ସମୁଚିତ ଓ ସୁସଙ୍ଗତ ହୋଇପାରେ ? ତଥାପି ବ୍ୟର୍ଥ ପଦ ନିବେଶ କରି ଦାର୍ଶନିକଙ୍କର ପକ୍ଷେ ମହାଦୁଃଖଦାୟ ଭାବି ବିଜୟ ପ୍ରଶସ୍ତି ସ୍ଥଳେ ବିଜୟ ରାଜ ପ୍ରଶସ୍ତି ବୋଲି ଲେଖିବାକୁ ସେ ନିତାନ୍ତ କୁଣ୍ଠିତ ହୋଇ ଅଛନ୍ତି । ଏପରି ସ୍ଥଳେ ସେ ଗୌଡ଼ୋର୍ବୀଶ କୁଳ ପ୍ରଶସ୍ତି ନାମ ମଧ୍ୟରେ ବୃଥା ଉର୍ବୀ ପଦଟି କାହିଁକି ରଖି ଅଛନ୍ତି ? ତାହାର କି ସାର୍ଥକତା ଅଭିବ୍ୟକ୍ତ ହୁଏ ? ଦେଖନ୍ତୁ ଗୌଡ଼େଶ କୁଳ ପ୍ରଶସ୍ତି ନାମ କରଣରେ ସୁଦ୍ଧା ବର୍ତ୍ତମାନ ବିଚାରକଙ୍କ ଦୃଷ୍ଟିରେ ଗୌଡ ରାଜ-ବଂଶର କୁଳ ପ୍ରଶସ୍ତି ବିଷୟରେ ବୋଧଗମ୍ୟ ହେଉ ଥିବା ଏଥିର କାରଣ ବିମର୍ଶ କଲେ ଜଣାଯାଏ ଯେ ସେ ସମୟକୁ ଗୌଡ଼ ରାଜା ଗୌଡ଼େଶ୍ୱର ପଦବୀରେ ପ୍ରତିଷ୍ଠିତ ହେଉ ନ ଥିଲେ; ଉତ୍କଳେଶ୍ୱର ମାନ ସେହି ପଦବୀରେ ସୁପ୍ରତିଷ୍ଠିତ ଥିଲେ । ଆଜ ତାଙ୍କର ବିରୁଦାବଳୀରେ ଗୌଡ଼େଶ୍ୱର ଉପାଧିଗ୍ରନ୍ଥୀ ହୋଇ ସାରିଥିଲା । କାରଣ ସେ ଖ୍ରୀ: ୧୧୩୨ ଖ୍ରୀବ୍ଦରେ ଗଙ୍ଗା ପର୍ଯ୍ୟନ୍ତ ଉତ୍ତର ଦିଗ୍ବିଜୟ ଶେଷ କରିଥିଲେ । ତାହାଙ୍କର ଜଣେ ସେନାପତିଙ୍କର ପ୍ରାଚୀନ ଶିଳାଲେଖରୁ ସୁସ୍ପଷ୍ଟ ଅବଗତ ହୁଏ । କର୍ଣ୍ଣାଟୀ ଭାଷା ଶିଳାଲେଖର ଅନୁବାଦ:- ୧୦୫୭ ଶକ ସମ୍ବତ୍ସରରେ ଯେଉଁ ଶ୍ରୀ ଚୋଡ଼ଗଙ୍ଗ ଚକ୍ରବର୍ତ୍ତୀ ଭାଇ ପୂର୍ବସ୍ଥ ସମସ୍ତ ଦେଶ ଜିଣି ଗଙ୍ଗ ଓ ଗୌତମୀ ଗଙ୍ଗା ମଧ୍ୟସ୍ଥ ସକଳ ରାଜ୍ୟ ସ୍ୱାଧୀନ କରି ଦେବତା ଲୁଷି ଷିଛୃ ଓ ବ୍ରାହ୍ମଣଙ୍କର ତୃପ୍ତି ବିଧାନ କରିଥିଲେ । ତାଙ୍କର ମୁଖ୍ୟ ଠଣାପତି ହାରିତ ଗୋତ୍ର ସମ୍ଭୂତ ଆପସ୍ତମ୍ବ ସୂତ୍ର ମେଡ଼ ପୋତ ୧୦୫୭ ଶକ ବର୍ଷେ ଶ୍ରୀ କୂର୍ମ ଦେବଙ୍କୁ ଗୋଟିଏ କ୍ଷୁଦ୍ର ଅଖଣ୍ଡ ଦୀପ ଅର୍ପଣ କଲେ । (କୂର୍ମଲିପି) ସୁତରାଂ ଉକ୍ତ ଗ୍ରନ୍ଥ ନାମ ମଧ୍ୟରେ ଉର୍ବୀ ପଦ ନିବେଶ କରିଥିବେ ! ଅର୍ଥାତ୍ ଗୌଡ଼ ଧରଣୀମଣ୍ଡଳରେ ସ୍ଥିତ ଯେଉଁ ରାଜବଂଶ ତାହାର ପ୍ରଶସ୍ତି ଏହି ଅର୍ଥ ଗୌଡ଼ୋର୍ବୀଶ କୁଳ ପ୍ରଶସ୍ତି ପଦରୁ ଅବଗତ ହୁଏ । ସୁତରାଂ ଗୌଡ଼ୋର୍ବୀଶ ପଦରେ ଗୌଡ଼େଶ୍ୱର ପଦାଙ୍କିତ ଗଜପତି ମହାରାଜା ବୋଧ ନହୋଇ ଗୌଡ଼ ରାଜା ସୂଚିବୋଧ ହୁଅନ୍ତି । ଚୋଡ଼ଗଙ୍ଗ ପୂର୍ବେ ତାଙ୍କ ବଂଶର କୌଣସି ରାଜା ଗୌଡ଼ବିଜୟ ଦ୍ୱାରା ଗୌଡ଼େଶ୍ୱର ଉପାଧି ଭୂଷିତ ହୋଇ ନଥିଲେ । ସୁତରାଂ ସ୍ପଷ୍ଟ ଜଣା ଯାଏ ଯେ ଗୌଡ ରାଜା ଗଜପତିଙ୍କର ସାମନ୍ତ ରାଜା ଥିଲେ । ସାମନ୍ତ ରାଜାଙ୍କର ପ୍ରଶସ୍ତି ତେତେଦୂର ବର୍ଣ୍ଣନା ଯୋଗ୍ୟ ନୁହେଁ ଭାବି ରାଜବଂଶର ପ୍ରଶସ୍ତି ଲେଖା ଆରମ୍ଭ କଲେ । ବୋଧହୁଏ ଶ୍ରୀହର୍ଷ ସେହି ଗଜପତିଙ୍କର ଉତ୍ତର ଦିଗ୍ବିଜୟ ବୃତ୍ତାନ୍ତ ଦେଖି ବିଜୟ ପ୍ରଶସ୍ତି ଲେଖିଥିବେ କିନ୍ତୁ ସେଥିରେ ବିଜୟ ଚନ୍ଦ୍ରଙ୍କର ପ୍ରଶସ୍ତି କଦାପି ଲେଖି ନଥିବେ । କାରଣ ବିଜୟଚନ୍ଦ୍ରଙ୍କର ଯୌବରାଜ୍ୟକାଳୀନ ଶିଳାଲେଖ ଖ୍ରୀ ୧୧୬୯ ଖ୍ରୀବ୍ଦରେ ଦେଖା ଯାଏ ସେପର୍ଯ୍ୟନ୍ତ ସେ ରାଜଶାସନ ଅଳଂକୃତ କରି ନଥିଲେ । ଖ୍ରୀ୧୧୬୯ ଖ୍ରୀବ୍ଦରେ ରାଜା ଚୋଡ଼ଗଙ୍ଗ ଇହଧାମ ତ୍ୟାଗ କରି ଅଛନ୍ତି । ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱସମୟରେ ନବସାହସାଙ୍କ ଚରିତ ଚମ୍ପୂକାବ୍ୟ ଲେଖି ଗଜପତିଙ୍କୁ ଦେଖାଇ ତାଙ୍କଠାରୁ କବି ଅଶେଷ ସମ୍ମାନ ଲାଭ କରିଥିଲେ ବୋଲି ଯେଉଁ କିମ୍ବଦନ୍ତୀ ଅଛି ତାହା ଏକାବେଳକେ ସମ୍ପୂର୍ଣ୍ଣ ମିଥ୍ୟା ହୋଇ ପଡିବ । କାରଣ କବିଙ୍କ କାବ୍ୟରୁ ଜଣା ଯାଏ ଯେ ନବସାହସାଙ୍କ ଚରିତ ଲେଖା ପୂର୍ବରୁ ବିଜୟ ପ୍ରଶସ୍ତ ରଚିତ ହୋଇ ଅଛି । (କ୍ରମଶଃ)



Digitized by srujanika@gmail.com

# ସପନ-ଚରୀ

( ଶ୍ରୀ ମୁରାରୀ ପ୍ରସାଦ ମିଶ୍ର; ଏମ୍. ବି. ଏଚ୍; ଏମ୍. ଆଇ. ଆଇ; ବି. ଏ. ( ଅନର୍ସ ) ଛାତ୍ର )

ଇଙ୍ଗିତେ ଯା'ର ଗୋଲାପ-ବଧୂର ରକ୍ତ ଅଧର ପରେ
ମଞ୍ଜୁଳ-ମଧୁ ଅତୁଳ ହାସ୍ୟ ନିବିଡ଼ ପୁଲକେ ଝରେ,
ସେଇ ଅଜଣାର ଇଙ୍ଗିତେ ପୁଣି ଗୋଟିଏ ଦିନର ଶେଷେ
ଗୋଲାପବାଳାର ଯୌବନ ମିଶେ ରୁକ୍ଷ ମାଟିର ଦେଶେ ।
ସେମିତି ନଳିନୀ ! ଉଜ୍ଜ୍ୱଳ ଏଇ ଭରା ଯୌବନ ରୂପ
ସେଇ ଅଜଣାର ଇଙ୍ଗିତେ ଦିନେ ହେବ ଗୋ ମାଟିର ସ୍ତୂପ;—
ତାପରେ ଗହନ ଘନ ଅନ୍ଧାର କୋଳେ
ପୃଥିବୀ ବକ୍ଷୁ ଲୁଚିଯିବା ଆମେ ଘନ ବିସ୍ମୃତି ତଳେ ।

+ + +

ସେଥିପାଇଁ ଦୂରେ, ବହୁଦୂରେ ସଖି ନିର୍ଜନ ବନବୁକେ
ପ୍ରକୃତି-ସହ ଶାନ୍ତ ଉରସେ ରଚିବା ନୀଡ଼ଟି ସୁଖେ;—
ବଣଲତା ଯେଉଁ ପୁଷ୍ପରେ ଭରା ଶ୍ୟାମଳ କୁଞ୍ଜ କୋଳେ
କୁହୁ କେକା ଯହିଁ ଉତ୍ସବେ ମାତି ମଧୁ-ସଙ୍ଗୀତ ତୋଳେ;—
ରୂପସୀ ବର୍ଷା ଗମ୍ଭୀର ନୀଳ ହାସ ହସିଯାଏ ଯହିଁ,
ଶରତ ରାଣୀର ସ୍ୱଚ୍ଛ ଅଧର ବଣକୋଳେ ପଡ଼େ ନଇଁ;—
ନବବସନ୍ତ ଅଞ୍ଚଳ ତାର ସଜାଇ ପୁଷ୍ପଭାରେ
ସୁନ୍ଦର କରି ଉତ୍ସବେ ମାତି ସବୁଜ ସମ୍ଭାରେ;—
ଗ୍ରୀଷ୍ମ ଯେ'ଠାରେ ଭୈରବ-ଭୀମ ଝଞ୍ଜା ପବନ ସାଥେ
ଅଗ୍ନି ଜଳାଇ ବନବନାନ୍ତେ ଗୁରୁ ଗୌରବେ ମାତେ;—
ସେଇ କାନନର ନୀରୋଳ ନୀରବ ପୁରେ
ଆମେ ଦିହେଁ ସଖି ଲୋକ ଗହଳରୁ ଅପସରି ଯିବା ଦୂରେ ।

+ + +

'ସପନ-ତର୍ଣ୍ଣ'ରେ ଦୂରେ ଦୂରେ ସଖି ଆମେ ଦୁହେଁ ଯିବା ବାହି
ପ୍ରଣୟ ପୁଲକେ ଜ୍ୟୋତ୍ସ୍ନା ଆଲୋକେ ସଙ୍ଗୀତ ଗାଇ ଗାଇ । —
ଭଲ ପାଇ ପାଇ ଜୀବନ ହେବ ବିଭୋର
ତାପରେ ଆସିବ ଅନ୍ଧାର ଘନଘୋର
ସେଇ ଅଜଣାର ବିରାଟ ବିପୁଳ ଦେହେ
ହସି ହସି ଆମେ ମିଶିଯିବା ସହ ମଧୁର ନିବିଡ଼ ସ୍ନେହେ ।

+ + +

ଏ ମାଟିର ସାଥେ ସ୍ନେହ ହେବ ଶେଷ ଦେଖା
ଧରଣୀ ବୁକୁରୁ ଲିଭିଯିବ ସଖି ଆମରି ଚିହ୍ନ ରେଖା ।

•••••••○•••••



Digitized by srujanika@gmail.com

# ସମ୍ପାଦକୀୟ

ବିଚ୍ଛିନ୍ନ ଅଞ୍ଚଳର ଏକମାତ୍ର ମାସିକ ପତ୍ରିକା ହେବା 'ବୀଣା'ର ଗୋଟିଏ ବୈଶିଷ୍ଟ୍ୟ । ସେଥିପାଇଁ ଏ ସଂଖ୍ୟାରେ ବିଚ୍ଛିନ୍ନ ଅଞ୍ଚଳର ପରିସ୍ଥିତି ସମ୍ବନ୍ଧେ କିଞ୍ଚିତ ଆଲୋଚନା କରିବା ସମୀଚୀନ ମନେ କରୁଁ । ଅନୁଭବରୁ ମାନ୍ଦ୍ରାଜରେ ଥିବା ବିଚ୍ଛିନ୍ନ ଅଞ୍ଚଳ ସମ୍ପର୍କରେ ଆମେ କିଛି ଲେଖୁଅଛୁଁ । ଆମେ ଯେତେ-ଦୂର ଜାଣୁ ଅନ୍ୟାନ୍ୟ ବିଚ୍ଛିନ୍ନ ଅଞ୍ଚଳର ଅବସ୍ଥା ମଧ୍ୟ ସେହିପରି । ମାତୃଭାଷାରେ ଶିକ୍ଷା, ମାତୃଭାଷା-ରକ୍ଷା, ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ପ୍ରାତି-ନିଧ୍ୟ ରକ୍ଷା, କୋର୍ଟ-କଚେରୀ ଆଦିରେ ମାତୃଭାଷାର ପ୍ରଚଳନ, ସାମାଜିକ-ରାଜନୈତିକ-ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ରକ୍ଷା ବିଷୟରେ ଯେଉଁ ତୀବ୍ର ଅଭାବ, ଅବହେଳା, ଯାତନା ଆଜି ବିଚ୍ଛିନ୍ନ ଓଡ଼ିଆ ଦୁରଦୃଷ୍ଟ ବଶରୁ ଭୋଗ କରୁଛନ୍ତି, ତାହା ସବୁ ବିଚ୍ଛିନ୍ନ ଅଞ୍ଚଳ ପକ୍ଷରେ ଊଣା ଅଧିକେ ପ୍ରଯୁଜ୍ୟ । ଏଣୁ ଏ ସମସ୍ୟା ଓଡ଼ିଶାର, ଓଡ଼ିଆ ଜାତିର ଗୋଟିଏ ଗୁରୁତର ଜୀବନ ମରଣ ସମସ୍ୟା, ଏହା କହିଲେ ଅତ୍ୟୁକ୍ତି ହେବନାହିଁ । ଦୁଃଖର କଥା ଏ ସମସ୍ୟାର ସମାଧାନ ପାଇଁ କୌଣସି ଗଠନମୂଳକ, କ୍ରିୟାଶୀଳ, ସାମୂହିକ, ମୌଳିକ ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ । ଅବଶ୍ୟ ବଡ଼ ବଡ଼ ସମସ୍ୟା ଆଜି ଆମ ଗଣତନ୍ତ୍ର-ରାଜ୍ୟକୁ ଆଲୋଡ଼ିତ କରୁଛି, ହୃଦୟରେ କ୍ଷୋଭ ଜାତ କରୁଛି, ପ୍ରାଣରେ ଆଶଙ୍କା, ସନ୍ଦେହ ଓ କମ୍ପନ ଆଣିଦେଉଛି । ଜଗତରେ ବୈପ୍ଳବିକ ପରିସ୍ଥିତି, ଆସନ୍ନ ସମରର ଆଶଙ୍କା, ମାନବ-ଗୋଷ୍ଠୀରେ ବିଭିନ୍ନ 'ବାଦ'ର ସଂଘର୍ଷ, ଭାରତର ଭାଗବଣ୍ଟା, ପାକିସ୍ଥାନ - ହିନ୍ଦୁସ୍ଥାନ - ରାଜସ୍ଥାନର ତ୍ରିକୋଣାତ୍ମକ କଳହ, ଭୀଷଣ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଜି ଆମର ଉଦ୍‌ବେଗଜନକ ପ୍ରଶ୍ନବାଚକ ହୋଇଛି । ତଥାପି ଆକାଶରେ ମେଘ ଦେଖି ମାଠିଆର ପାଣି ବୁଦ୍ଧିମାନ୍ ଅଜାଡ଼ି ଦିଏନାହିଁ । ବଡ଼ କଥା ମଧ୍ୟରେ ଅବଶ୍ୟକୀୟ ଘରକରଣା କଥା ମଧ୍ୟ ଆମକୁ ସଜାଡ଼ିବାକୁ ପଡ଼େ । ଏଣୁ ଏଠାରେ ଆମର କର୍ତ୍ତବ୍ୟ, ଭାରତର ତଥା ଜଗତର ସମ-ସମସ୍ୟାରେ ଆମେ ସମ୍ପୃକ୍ତ ସମର୍ଥ ଭାବରେ ସମବେତ ହୋଇ ସମାଧାନରେ ପ୍ରବୃତ୍ତ ହେବା । ତଥାପି ନିଜ ଘର କଥା, ନିଜ ସୁଖ ଦୁଃଖ କଥା, ନିଜ ହାନି ଲାଭ କଥା, ନିଜ ଭାଇ ବଉସା କଥା, ନିଜ ସଦ୍ୟ ଅଭିଯୋଗର କଥା ପ୍ରତି ଉପେକ୍ଷା ଦେଖାଇ ପାରିବା ନାହିଁ ।

× × ×

ମାନ୍ଦ୍ରାଜର ବିଚ୍ଛିନ୍ନ ଅଞ୍ଚଳ କଥା କହିବାକୁ ଯାଇ ଆମେ ନମୁନା ସ୍ୱରୂପ ବିଗତ ମାନ୍ଦ୍ରାଜ ଓଡ଼ିଆ ସମ୍ମି-ଳନୀରେ ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକର ସାରାଂଶ ଏଠାରେ ଦେଉଛୁ । ଭାତ ହାଣ୍ଡିରୁ ଗୋଟିଏ ଟିପିଲା ପରି ଆଲୋଚିତ ପ୍ରସଙ୍ଗର ପରିଚୟ ଏଥିରୁ ବିଜ୍ଞ ପାଠକେ ବୁଝିପାରିବେ । ଉକ୍ତ ସମ୍ମିଳନୀରେ ଗୃହୀତ ହୋଇଥିଲା—"ଇଚ୍ଛାପୁର, ଉଦ୍ୟାନଖଣ୍ଡ, ଜଳନ୍ତର, ପରିତ୍ୟକ୍ତ ହୋଇଥିବା ପାରଳା ଓ ଚିକିଟି ଅଞ୍ଚଳ, ମଞ୍ଜୁଷା, ବୁଢ଼ାରସିଂହ, ତରଳା, ଟିକଲି ଇତ୍ୟାଦି ଐତିହାସିକ ପରମ୍ପରା, ଭୌଗଳିକ ସ୍ଥିତି, ଭାଷା, ସଂସ୍କୃତି, ଜାତୀୟ ସହଯୋଗ ଇତ୍ୟାଦି ଦୃଷ୍ଟିରେ ଓଡ଼ିଆ ମୂଳକ; ଏଣୁ ଶୀଘ୍ର ଓଡ଼ିଶାରେ ଅନ୍ତର୍ଭୁକ୍ତି ହେବା ଆବଶ୍ୟକ; ସେହିପରି ହେବାପାଇଁ ସମ୍ମିଳନୀ ଅକ୍ଲାନ୍ତ ସଂଯତବୈଧ ଆନ୍ଦୋଳନ ଚଳାଇବେ । ଏ ଅଞ୍ଚଳମାନଙ୍କରେ ସମୁଦାୟ ଜନସଂଖ୍ୟା ବୃଦ୍ଧି ହୋଇଥିବା ବେଳେ କେବଳ ଓଡ଼ିଆ ଜନସଂଖ୍ୟା ଊଣା ପଡ଼ିଛି ବୋଲି ଗତ ଜନସୁମାରିମାନଙ୍କରେ ଯାହା ଦେଖା ଯାଉଛି । ତାହା ଅଣଓଡ଼ିଆ କର୍ମଚାରୀଙ୍କ ଚକ୍ରାନ୍ତର ଫଳ । ଆସନ୍ତା ୧୯୫୧ ସୁମାରିରେ ଓଡ଼ିଆ ସଂଖ୍ୟା ଭ୍ରମଶୂନ୍ୟ ଭାବରେ ଗଣିତ ହେବା ପାଇଁ ସମ୍ମିଳନୀ ସବୁପ୍ରକାର ଉଦ୍ୟମ କରିବେ । ମାନ୍ଦ୍ରାଜ ଓ ବଙ୍ଗ ପ୍ରଦେଶରେ ଓଡ଼ିଆଙ୍କର କିଛି ଦାବୀ ନାହିଁ, ବରଂ ଓଡ଼ିଶାରେ ଅନ୍ଧ୍ର ଓ ବଙ୍ଗାଳୀଙ୍କର ଦାବୀ ଅଛି ବୋଲି କେତେକଣ ନେତାଙ୍କର ଯେଉଁ ବିବୃତିମାନ ବାହାରୁଛି, ତାହା ସମ୍ପୂର୍ଣ୍ଣ ଅମୂଳକ, ଅନ୍ୟାୟ, ସ୍ୱାର୍ଥପର । ଏପରି ମିଥ୍ୟାଜନକ, ଈର୍ଷାମୂଳକ, ହାସ୍ୟା-ସ୍ପଦ ମତପ୍ରଚାର ବିରୁଦ୍ଧରେ ସମ୍ମିଳନୀ ଦୃଢ଼ ପ୍ରତିବାଦ, ଗଭୀର ଅସନ୍ତୋଷ, ତୀବ୍ର ନିନ୍ଦାବାଦ ବ୍ୟକ୍ତ କରୁଛନ୍ତି ।



Digitized by srujanika@gmail.com

ଓଡ଼ିଶାରେ ଅନ୍ଧ୍ରଙ୍କୁ ଯେଉଁ ସୁବିଧା ଦିଆଯାଉଛି, ମାନ୍ଦ୍ରାଜରେ ଓଡ଼ିଆଙ୍କୁ ତାହାର ଭାଗେ ମଧ୍ୟ ଦିଆଯାଉ ନାହିଁ ! ଏଥିର ତଦନ୍ତ କରିବା ପାଇଁ ଗୋଟିଏ ସମ୍ମିଳନୀ କମିଟି ବସାଯାଉ । ଓଡ଼ିଆଙ୍କ ଅଭାବ ସାମ୍ବାଦିକ ମହଲରେ ଠିକ ଭାବରେ ପ୍ରକାଶ ପାଉ ନାହିଁ । ଭିଶାଖାପାଟଣା ଜିଲ୍ଲାର ଭାଷା କେବଳ ତେଲୁଗୁ ବୋଲି ଧାର୍ଯ୍ୟ ହେବା ଅସଙ୍ଗତ; ତେଲୁଗୁ ଓ ଓଡ଼ିଆ ଉଭୟ ବୋଲି ଧରାଯିବା ଉଚିତ । ଉଦ୍ଭ୍ରମା ଓଡ଼ିଆ ସମ୍ପଦ । ଓଡ଼ିଆ ଜାତିର ନାଯ୍ୟ ଦାବୀ ପୂରଣ ଓ କଂଗ୍ରେସ ନୀତି, ଏ ଦୁଇଟି ଭିତରେ ଯେଉଁ କିଛି ବୈଷମ୍ୟ ଅଛି, ସମ୍ମିଳନୀ ଏହା ଦେଖି ପାରୁନାହିଁ । ମାନ୍ଦ୍ରାଜ ଓଡ଼ିଆଙ୍କ ଅଭାବ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଜଣାଇବା ପାଇଁ ଗୋଟିଏ ଡେପୁଟେସନ ପଠାଇବା ଲାଗି ସ୍ଥିର କରାଯାଉଛି । ଓଡ଼ିଆ ବିଦ୍ୟାର୍ଥୀଙ୍କୁ ପ୍ରାଥମିକ ଶିକ୍ଷା ମଧ୍ୟ ମାତୃଭାଷା— ମାଧ୍ୟମରେ ଦିଆ ଯାଉନାହିଁ; ବହୁ ସଂଖ୍ୟକ ଓଡ଼ିଆ ଛାତ୍ର-ଛାତ୍ରୀ ଥିବା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପୃଥକ ଓଡ଼ିଆ ଶ୍ରେଣୀ ବା ଓଡ଼ିଆ ଶିକ୍ଷକ ରଖାଯାଉ ନାହାନ୍ତି । ମେଡିକାଲ୍, ଇଞ୍ଜିନିଏରିଂ ଇତ୍ୟାଦି ଟେକ୍‌ନିକାଲ୍ କଲେଜ ମାନଙ୍କରେ ଓଡ଼ିଆଙ୍କୁ ସ୍ଥାନ ଦିଆଯାଉ ନାହିଁ । ପବ୍ଲିକ୍ ସର୍ଭିସ୍‌ରେ ତାଙ୍କର ସ୍ଥାନ ନାହିଁ । ମାନ୍ଦ୍ରାଜ ବ୍ୟବସ୍ଥାପକ ସଭା, ଭିଶାଖାପାଟଣା ଜିଲ୍ଲାବୋର୍ଡ ଆଦି ସ୍ୱାୟତ୍ତ ଶାସନ ଅନୁଷ୍ଠାନ ମାନଙ୍କରେ ତାଙ୍କର ସ୍ଥାନ ନାହିଁ । ମିଡ଼ିଲ ଓ ହାଇସ୍କୁଲ ମାନଙ୍କରେ ଓଡ଼ିଆ ବିଦ୍ୟାର୍ଥୀମାନେ ସବୁ ବିଷୟ ତେଲୁଗୁରେ ପଢ଼ିବାକୁ ବାଧ୍ୟ କରାଯାଉଛନ୍ତି; ଓଡ଼ିଆ ପଣ୍ଡିତ ଓ ଶିକ୍ଷକ ଆବଶ୍ୟକାନୁସାରେ ନିଯୁକ୍ତ କରାଯାଉ ନାହାନ୍ତି । ଓଡ଼ିଆ ଉତ୍ସବ ଦିବସ ମାନଙ୍କରେ ସ୍କୁଲ କଲେଜ ବନ୍ଦ ରହୁନାହିଁ । ସଂଖ୍ୟାଲଘୁ ଭାବରେ ଓଡ଼ିଆଙ୍କୁ ଯେଉଁ ସୁବିଧା ପ୍ରଦେଶ ଗଠନ ପୂର୍ବରେ ଦିଆ ଯାଉଥିଲା, କ୍ରମେ ତାହା ଉଠାଇ ଦିଆ ଯାଉଛି । ଇତ୍ୟାଦି ।

× × ×

ଏହା ଉପରେ ବିସ୍ତୃତ ଟିପ୍ପଣୀ ଅନାବଶ୍ୟକ । କିନ୍ତୁ ଏ ବୋର୍ଡ ଉପରେ ଜଣାଇବା ଲୋଡ଼ା ଦିଆ ଯାଉଛି । ଇଚ୍ଛାପୁର ବର୍ତ୍ତମାନ ଓଡ଼ିଶାର ଠିକ୍ ଦକ୍ଷିଣ ସୀମାରେ । ସେଠାରେ ଖାଣ୍ଟି ଓଡ଼ିଆ ନିବାସୀ ଅଛନ୍ତି । ତଥାପି ଏବେ ସେଠା ହାଇସ୍କୁଲରେ ମଧ୍ୟ ତେଲୁଗୁ ମାଧ୍ୟମ ଭର୍ତ୍ତି କରାଯାଉଛି । ସ୍ୱାର୍ଥପର ନେତୃବର୍ଗଙ୍କ ପରିପ୍ରଶ୍ନର ଉତ୍ତର ହୋଇନାହିଁ, ବରଂ ବଢ଼ୁଛି । ଚିଲିକା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ଉତ୍ତର ସୀମା ଟାଣିବା ପାଇଁ, କୋରାପୁଟକୁ ଓଡ଼ିଶାରୁ କାଟି ଦେବାପାଇଁ, ବାଲେଶ୍ୱର ଏପରିକି କଟକ-ଭୁବନେଶ୍ୱର ପୁରୀରେ ବଙ୍ଗାଳୀଙ୍କ ସଂଖ୍ୟା ଓ କୋଠା ବଢ଼ାଇବା ପାଇଁ, ଏପରିକି ଓଡ଼ିଶା ପ୍ରଦେଶ ଭାଙ୍ଗି ଦେବା ପାଇଁ ଯେଉଁ ଦୁରଭିସନ୍ଧି ବଡ଼ ବଡ଼ିଆ ମହଲରେ ଏବେ ଚାଲିଛି, ତାହା କାହାକୁ ବା ଅଜଣା ? ସାମ୍ବାଦିକ ମହଲର କଥା ନ କହିବା ଭଲ । କଟକରେ ଆନ୍ଧ୍ର ସମ୍ମିଳନୀର ପ୍ରସ୍ତାବ, ଓଡ଼ିଶା ଗଭର୍ଣ୍ଣରଙ୍କ ସଙ୍ଗେ କୌଣସି ଆନ୍ଧ୍ରଙ୍କ ଆଲୋଚନା, ବ୍ରହ୍ମପୁରରୁ 'ବିଶାଳ ଆନ୍ଧ୍ରବାର୍ତ୍ତା'ର ଉଦ୍‌ଗୀରଣ, ବ୍ରହ୍ମପୁରରେ ପଞ୍ଚାଭି, ପ୍ରକାଶମ୍, ଅଧ୍ୟାପକ ରଙ୍ଗାଙ୍କ ଭାଷଣ, ଉତ୍ତରରେ ଡାକ୍ତର ଶ୍ୟାମାପ୍ରସାଦ, ଶରତ ବୋଷଙ୍କ ବିବୃତି ପତ୍ର ପତ୍ରିକାରେ ବଡ଼ ବଡ଼ ଅକ୍ଷରରେ ବାହାରୁଛି; ଅଥଚ ମାନ୍ଦ୍ରାଜ ତଥା ବିଚ୍ଛିନ୍ନ ଓଡ଼ିଆଙ୍କ ନାଯ୍ୟ ଦାବୀ କହିବାକୁ ଡ଼ର ମାଡ଼ୁଛି; କହିଲେ ଶୁଣିବାକୁ କିଏ ନାହିଁ; ଶୁଣିଲେ ବୁଝିବାକୁ କିଏ ନାହିଁ । ଓଡ଼ିଶା ବ୍ୟବସ୍ଥାପକ ସଭା, ଗଞ୍ଜାମ ଜିଲ୍ଲାବୋର୍ଡ଼ ଇତ୍ୟାଦିରେ ଆନ୍ଧ୍ର ପ୍ରତିନିଧି 'ଉଦାର' ଭାବରେ ରକ୍ଷା କରାଯାଉଛି । ପବ୍ଲିକ୍ ସର୍ଭିସ୍ କଥାତ ନ କହିବା ଭଲ । ଉତ୍କଳ ବିଶ୍ୱଭାରତୀ ବହୁଭାଷା ପୋଷକତାର ଗୌରବରେ ସ୍ଫୀତ ବକ୍ଷ ହେଉଛି । ଉଦ୍ଭ୍ରମା କଥାତ ଦାଣ୍ଡରେ ପଡ଼ି ହାଟରେ ଗଡ଼ ଯାଉଛି । ଉତ୍କଳ କଂଗ୍ରେସ ଓ ଉତ୍କଳ ସମ୍ମିଳନୀ ଭିତର ଫାଙ୍କ ତ ସ୍ପଷ୍ଟ ।

\+ + +

ଏଣେ ପର ଉପରେ ଦୋଷ ଢ଼ାଳି ଆତ୍ମ ପ୍ରସାଦ ଲାଭ କରି ନିଶ୍ଚିନ୍ତ ରହୁଛୁ ଆମେ । ଏହାର ପ୍ରତିକାର ନିମନ୍ତେ ଆମେ କରୁଛୁ କଅଣ ? ବ୍ୟବସ୍ଥାପକ ସଭାରେ ନାମ ମାତ୍ର ପ୍ରସ୍ତାବ ଗୋଟିଏ ଆଉ



Digitized by srujanika@gmail.com

ହୋଇଛି କଅଣ ? ଉପରେକ୍ତ ସମ୍ମିଳନୀ ବସିବାର ପ୍ରାୟ ଦୁଇ ବର୍ଷ ହେଲାଣି । ଏହା ଭିତରେ ବିଚ୍ଛିନ୍ନ ଅଞ୍ଚଳ ପାଇଁ କ 'ଅକ୍ଳାନ୍ତ ସଂଘବଦ୍ଧ' ଆନ୍ଦୋଳନ ଚାଲି ଯାଇଛି ? ଠିକ୍ ଜନ ସୁମାରି ନେବା ପାଇଁ କ ଉଦ୍ୟମ କରା ଯାଇଛି ? ପୁର୍ବୋକ୍ତ ସମ୍ମିଳିତ କମିଟି ବସିବାର ବା ଡେପୁଟେସନ ପଠାଇବାର କ ଆୟୋଜନ କରାଯାଇଛି ? ବିଚ୍ଛିନ୍ନ ଅଞ୍ଚଳ ଗୁଡିକର ଭୌଗୋଳିକ, ଐତିହାସିକ, ସାଂସ୍କୃତିକ, ସାମାଜିକ, ରାଜନୈତିକ, ଅର୍ଥନୈତିକ ଉପାଦାନ ସଂଗ୍ରହ କରିବା ପାଇଁ କି ଚେଷ୍ଟା କରାଯାଇଛି ? ଆଜି ବଙ୍ଗ ବିଭାଗରେ ବଙ୍ଗୀୟ ହିନ୍ଦୁମାନେ ମାନଚିତ୍ର ( Maps ) ସହିତ ଜନସଂଖ୍ୟା ଇତ୍ୟାଦ ସମ୍ପର୍କରେ ହିସାବ ଓ ତଥ୍ୟ ସବୁ ପ୍ରକାଶ କରି ଭିନ୍ନ ଭିନ୍ନ ଅନୁଷ୍ଠାନମାନ ଗଢ଼ି ଯେଉଁ ତୁମୁଳ ଆନ୍ଦୋଳନ ଚଳାଇଛନ୍ତି, ତହିଁରୁ ଆମର କ କିଛି ଶିଖିବାର ନାହିଁ ? ବାସ୍ତବିକ, ଆମର ସେ ଅଧ୍ୟବସାୟ, ଗବେଷଣା, ବାସ୍ତବ ମନୋବୃତ୍ତି, କର୍ମକୁଶଳତା କାହିଁ ? କାଲି ଯଦି ସୀମା—ନିର୍ଦ୍ଦେଶକ କମିସନ୍ ପହଞ୍ଚିଯାଏ, ତାଙ୍କ ଆଗରେ କ ପ୍ରମାଣ, ହିସାବ-କିତାବ (statistics) ଉପସ୍ଥାପିତ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁଁ ? ହାୟ, ଖାଲି କଥା, କଥା, କଥାହିଁ ଆମର ହୋଇଅଛି ବ୍ୟବସାୟ ! ଦଳସଙ୍ଘ ନେତୃତ୍ୱ ସମ୍ପାଦନହିଁ ଆମର ହୋଇଛି କାମ୍ୟ । ଭିତରେ ଦୁର୍ବଳତା ପରିହାର ନକଲେ, କର୍ମ-ଯୋଜନା ପୁଷ୍ଟ, ବଳିଷ୍ଠ, ଯୁକ୍ତିଯୁକ୍ତ କ୍ଷମ ନ ହେଲେ, ଏ ଯୁଗରେ କି ଅଭୀଷ୍ଟ ସିଦ୍ଧ ହେବ ?

\+ \+ \+

ଶୁଣୁଛୁ, ଶାସନ ବିଧାୟକ [illegible] ଓଡ଼ିଆ ପ୍ରତିନିଧିଙ୍କ ସ୍ଥାନ ଖାଲି ପଡିଅଛି । ନୂଆ ପ୍ରତିନିଧି ବସ୍ତି ହେବେ । ଖାଲି ମହାରାଜାଙ୍କ [illegible] ପୂର୍ବେ ଏଥିପାଇଁ ପ୍ରସ୍ତାବିତ କରାଇଥିଲ । [illegible] [illegible] ଶିରୁ ତାଙ୍କୁ ଯେତେବେଳେ ଗୃହୀତ ହୋଇ [illegible] । ଓଡ଼ିଶା ପ୍ରଦେଶ ଗଠନରେ ମହାରାଜାଙ୍କ [illegible] ଉଦ୍ୟମ ସ୍ମରଣୀୟ । ଓଡ଼ିଆ ଜାତୀୟ ଜୀବନ [illegible]ଭୂମିରେ ତାଙ୍କର ଭାଗ ବହୁତ । ତାଙ୍କର ସାମର୍ଥ୍ୟ ସରକାରୀ ମହଲରେ ପ୍ରଭାବ, ଧନବଳ, ଅଭିଜ୍ଞତା ଅଛି । ବିଚ୍ଛିନ୍ନ ଅଞ୍ଚଳ ମିଶ୍ରଣ ସମ୍ପର୍କରେ ଆଗରୁ ତାଙ୍କ ପରି ଝାଣୁଆ ଲୋକ ଲୋଡ଼ା । ଏଣୁ ଆମର ଆଶା, ଓଡ଼ିଶାର ବର୍ତ୍ତମାନ ଦଳଗତ ରାଜନୀତି ନିର୍ବିଶେଷରେ ମହାରାଜାଙ୍କୁ ଏଥର ଶାସନ-ବିଧାୟକ ସଭାକୁ ନେଲେ ଏହିକ୍ଷଣି ଜାତିର ସମୂହ ଉପକାର ସାଧିତ ହୁଅନ୍ତା ।

\+ \+ \+

ଆଜିକାଲି ପତ୍ର-ପତ୍ରିକାରେ ଆଖି ପକାଇବା ବେଳେ କେତୋଟି ପ୍ରଶ୍ନ ଆମ ମନରେ ଉଦୟ ହେଉଛି । ଏଠାରେ ଦେଉଛୁଁ । ଆଶାକରୁଁ ତହିଁର ଉତ୍ତର ଅଭିଜ୍ଞ ମହଲରୁ ମିଳିବ ।

ଭାଷାସୂତ୍ରରେ ପ୍ରଦେଶ ଗଠନ ମୂଳକ ସୀମା-ସାଙ୍ଗ କମିଟି ଯାହା ଗଢା ଯାଇଛି, ତାହାର ଉଦ୍ଦେଶ୍ୟ, କର୍ମପନ୍ଥା, ନୀତି, ଆଲୋଚିତ ବିଷୟ ( Terms of Refernce ), ସ୍ଥିତି-ଦାୟିତ୍ୱ ( States ) କଅଣ ? କେଉଁ ଅନୁଷ୍ଠାନ ପକ୍ଷରୁ ଏହା ଗଢାଯାଇଛି ? ଏହାର ନିଷ୍ପତ୍ତି କେନ୍ଦ୍ର ତଥା ପ୍ରାଦେଶିକ ସରକାରମାନେ ଗ୍ରହଣ କରିବା ପାଇଁ କେତେ ଦୂର ବାଧ୍ୟ ବା କେଉଁ ପ୍ରଣାଳୀରେ ତାହା କରିବେ ? ଏହି କମିଟିର ଗଠନ-ପ୍ରକାର ( Constitution ) କଅଣ ? ତହିଁରେ କେତେ ଜଣ ସଭ୍ୟ ଅଛନ୍ତି ? କର୍ମକର୍ତ୍ତା କିଏ ସେ ? କେଉଁ ନୀତିରେ ଏହି ସଭ୍ୟମାନେ ବଛା ଯାଇଛନ୍ତି ? ତହିଁରୁ ଜଣେ ହେଲେ ଓଡ଼ିଆ ପ୍ରତିନିଧି କାହିଁକି ରହି [illegible] ? [illegible] ପଠାଇବା ପାଇଁ ଶାସନ-ବିଧାୟକ [illegible] କି ଚେଷ୍ଟା କରି [illegible] ? [illegible] ? ପ୍ରାଦେ [illegible] ମନ୍ତ୍ରୀ [illegible] ହେବ [illegible] । ଓଡ଼ିଆ ପ୍ରତିନିଧି ତହିଁରେ [illegible] ? ଶୁଣା ଯାଉଥିଲା, ପ୍ରାଦେଶିକ [illegible] ଶାସନ ବିଧାୟକ ସଭାରେ [illegible] ଗୋଟିଏ ତାଙ୍କୁ ଗୁଡ଼ିକୁ [illegible] । ନଅ ଜଣ ପ୍ରତିନିଧିରୁ କୌଣସି [illegible] କସମାନେ [illegible] ?



Digitized by srujanika@gmail.com

ପ୍ରକାଶନ୍, ଅଧ୍ୟାପକ ବାଙ୍ଗା ଓଡ଼ିଶା ଭିତରକୁ ଆସି ନିର୍ଭୟରେ ଅମୂଳକ ଆନ୍ଧ୍ରଦାବୀ ଜନସଭା ମାନଙ୍କରେ ଉପସ୍ଥାପିତ କରି ଓଡ଼ିଶା ସରକାରଙ୍କୁ ହୁଙ୍କାବାଣୀ ଶୁଣାଇ ପାରୁଛନ୍ତି । ଓଡ଼ିଶାର ଜଣେ ହେଲେ ମନ୍ତ୍ରୀ ବା ବ୍ୟବସ୍ଥାପକ ବିଚ୍ଛିନ୍ନ ଅଞ୍ଚଳକୁ ଯାଇ ସମୂଳକ ସତ କଥା କହିବା ପାଇଁ ବାଟରେ କି କିଛି କଣ୍ଟା ପଡ଼ି ଯାଉଛି ? A. P. I., U. P. I., O. P. I., ଇତ୍ୟାଦି ସାମ୍ବାଦିକ ଅନୁଷ୍ଠାନରେ କେତେଜଣ ଓଡ଼ିଆ ସମ୍ବାଦଦାତା ନିଯୁକ୍ତ ହୋଇଛନ୍ତି ? ସେଥିପାଇଁ ଯୋଗ୍ୟ ହେବା ଭଳି ଗୁରୁଜଣ ସାମ୍ବାଦିକ କି ସମଗ୍ର ଓଡ଼ିଶାରେ ନାହାନ୍ତି ? ଓଡ଼ିଶାର ଭାବି ରାଜଧାନୀ ଭୁବନେଶ୍ୱରରେ ଓଡ଼ିଆ ଇତର ମାନଙ୍କୁ ଜମି ପଟ୍ଟା ଏତେ ମୁକ୍ତ ଭାବରେ ଦିଆ ଯାଉଛି କାହିଁକି ?

Digitized by srujanika@gmail.com

# ନିୟମାବଳୀ

୧. 'ବୀଣା' ପ୍ରତ୍ୟେକ ଓଡ଼ିଆ ଶୁଦ୍ଧ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ । ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପହିଲି ତାରିଖରେ ପଠାଉ ଥିବେ ।

୨. ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖୁଥିବା ଉଚିତ । ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ ।

୩. ଲେଖକ ଡାକଟିକଟ ଯୋଗାଇ ଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ।

ସମ୍ପାଦକ, 'ବୀଣା'
ଟିକଲି, (ବିଶାଖପାଟଣା ଜିଲ୍ଲା)

# ବିଜ୍ଞାପନ

୧. 'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୲, ଏହା ଅଗ୍ରୀମ ଦେୟ । ଗ୍ରାହକଙ୍କ ଇଚ୍ଛାନୁମତେ ଭି. ପି. ରେ ମଧ୍ୟ ପଠାଯିବ ।

୨. ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦୲୵

୩. 'ବୀଣା' ସମ୍ପର୍କରେ ଯେ କୌଣସି କଥା ପତ୍ରଦ୍ୱାରା ଜାଣିବାକୁ ହେଲେ ଗ୍ରାହକମାନେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ ।

୪. କିଛି କାଳ ପାଇଁ ଗ୍ରାହକ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ ।

୫. ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ରର ଆଦାନ ପ୍ରଦାନ ରଖିବେ ।

୬. କୌଣସି କାରଣ ବଶତଃ 'ବୀଣା' ପାଇବାର ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ ।

୭. ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ ।

ପରିଚାଳକ, 'ବୀଣା'
ଟିକଲି (ବିଶାଖପାଟଣା ଜିଲ୍ଲା)

ମୁଦ୍ରାକର :—ଶ୍ରୀ ନରସିଂହ ମିଶ୍ର,
'ତାରା ପ୍ରେସ' ବାଖରାବାଦ, କଟକ

ସମ୍ପାଦକ :—ଶ୍ରୀ ମଧୁସୂଦନ ଦେବ,
ବି. ଏ.

Digitized by srujanika@gmail.com

'ବୀଣା' ପାଇଁ ଏଜେଣ୍ଟ ଦରକାର । ଯେଉଁ ଏଜେଣ୍ଟମାନେ ଅନ୍ୟୂନ ପଞ୍ଚାବନ ନୂତନ ଗ୍ରାହକ ସଂଗ୍ରହ କରିବେ ସେମାନଙ୍କୁ ଶତକଡ଼ା ପଚିଶ ଟଙ୍କା କମିସନ ଦିଆଯିବ । ଅଧିକ ସଂଖ୍ୟକ ଗ୍ରାହକ ସଂଗ୍ରାହକମାନଙ୍କ ପକ୍ଷେ ଶତକଡ଼ା ତିରିଶ ମଧ୍ୟ ଦିଆଯିବ । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାରେ ଲେଖନ୍ତୁ ।

ପରିଚାଳକ, 'ବୀଣା'
ଚିକିଟି (ଗଞ୍ଜାମ ଜିଲ୍ଲା)

ରାଜା ଜଗନ୍ନାଥ ଦେବ ବର୍ମା,

ଡି. ଏସ୍. ସି., ଏମ୍. ଆର୍. ଏ. ଏସ୍. (ଲଣ୍ଡନ)

ଙ୍କ

ପ୍ରଥମ କବିତା ଗ୍ରନ୍ଥ

# ସ୍ମୃତି

ଅତି ନିକଟରେ ପ୍ରକାଶ ପାଉଛି ।

ତରୁଣ କବିର ବିରହ !

ମର୍ମରିତ ଉଚ୍ଛ୍ୱାସ !!

ଅପେକ୍ଷା କରନ୍ତୁ !!!

ବାର୍ଷିକ ଦେୟ ସଡାକ ଟ ୫୲ ପ୍ରତି ଖଣ୍ଡ ଟ ୦୲୵

Digitized by srujanika@gmail.com

ପ୍ରଥମ ବର୍ଷ

ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା

ଷଷ୍ଠ ସଂଖ୍ୟା




ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ ବି. ଏ.,

Digitized by srujanika@gmail.com

# ସୂଚୀ


| କ୍ରଃ ନଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | କଳାର ସ୍ୱରୂପ (ପ୍ରବନ୍ଧ) | ଶ୍ରୀ କପିଳେଶ୍ୱର ଦାସ, ଏମ୍. ଏ., ବି. ଇଡ. | ୧୯୯ |
| ୨ | ଶିଳ୍ପୀର ଆତ୍ମ-ପ୍ରକାଶ (କବିତା) | ଶ୍ରୀ ଶ୍ରୀବତ୍ସ ନାୟକ | ୨୦୨ |
| ୩ | କଳ୍ପ ବିଭବ (ଗଳ୍ପ) | ଶ୍ରୀ ଅଖିଳମୋହନ ପଟ୍ଟନାୟକ | ୨୦୩ |
| ୪ | ମା'ର ଦୁଃଖୀ କଥା (କବିତା) | ଶ୍ରୀ କପିଳେଶ୍ୱର ସେନାପତି, ଏମ୍. ଏ. | ୨୦୭ |
| ୫ | କୋଣାର୍କର ସୂର୍ଯ୍ୟ ବିଗ୍ରହ (ଐତିହାସିକ) | ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ | ୨୦୮ |
| ୬ | ମହେନ୍ଦ୍ରତଟେ ଏ ମମ ମରମ ଧାରା (କବିତା) | ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମା, ଏମ୍. ଏ., ଡି. ଇଡ଼, | ୨୧୨ |
| ୭ | ପଣ-ଦାସୀ ନା ପ୍ରାଣ-ଦାସୀ (ଗଳ୍ପ) | ଶ୍ରୀମତୀ ବସନ୍ତକୁମାରୀ ଦେବୀ | ୨୧୨ |
| ୮ | ଓଡ଼ିଆ ସାହିତ୍ୟରେ ଛନ୍ଦ (ପ୍ରବନ୍ଧ) | ଅଧ୍ୟାପକ ଶ୍ରୀ ସିଦ୍ଧେଶ୍ୱର ହୋତା ଏମ୍. ଏ., | ୨୧୭ |
| ୯ | ପ୍ରବାସୀ (କବିତା) | କୁମାର ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୨୨୧ |
| ୧୦ | ମିଳନ ସମାଧି (ଗଳ୍ପ) | ଶ୍ରୀ କଣ୍ଠୁରିଚରଣ ଦାସ | ୨୨୨ |
| ୧୧ | ପ୍ରେମର ଦାନ (ଗଳ୍ପ) | ଶ୍ରୀ ବଂଶୀଧର ସିଂହ ସାମନ୍ତ, ବି. ଏ. | ୨୨୫ |
| ୧୨ | ଉତ୍କଳମଣି ଗୋପବନ୍ଧୁ (ପ୍ରବନ୍ଧ) | ଜାତିସେବକ ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ | ୨୨୮ |
| ୧୩ | ପାଣି ପୋଡ଼କା (ଗଳ୍ପ) | ଶ୍ରୀ ରାଜକିଶୋର ପଟ୍ଟନାୟକ, ବି. ଏସ୍. ସି., ବି. ଏଲ୍. | ୨୩୨ |
| ୧୪ | ସମ୍ପାଦକୀୟ | ... ... ... ... ... | ୨୩୭ |
| ୧୫ | ଗ୍ରନ୍ଥାଲୋଚନା | ... ... ... ... ... | ୨୫୫ |


## ବିଜ୍ଞାପନର ନିୟମାବଳୀ


ଏକ ମାସ ନିମନ୍ତେ ପୃଷ୍ଠାର ପ୍ରତି ସ୍ତମ୍ଭର ଏକ ଧାଡ଼ିକୁ ... ...ଟ ୦୵

" " ପୂର୍ଣ୍ଣ ଏକ ପୃଷ୍ଠାକୁ ... ... ...ଟ ୩୦୯

ସେହି ବିଜ୍ଞାପନଟି ଛ ମାସ ଯାଏ ରଖିଲେ ପ୍ରତି ମାସକୁ ପ୍ରତି ଧାଡ଼ିକୁ ...ଟ ୦।୵

" " " " ପୂର୍ଣ୍ଣ ଏକ ପୃଷ୍ଠାକୁ ... ...ଟ ୨୫୯

ପରିଚାଳକ 'ବୀଣା'

ଟିକଲି (ଗଞ୍ଜାମ ଜିଲ୍ଲା)


## ଗ୍ରାହକମାନଙ୍କ ପ୍ରତି


ବଜାରରେ କାଗଜର ଏକାନ୍ତ ଅଭାବ ପ୍ରାୟ ସମସ୍ତ ପତ୍ର ... ଉଣା ଅଧିକେ ଅନୁଭବ କରୁଛନ୍ତି । ତେଣୁ ନବୋଦିତ 'ବୀଣା' ନିୟମିତ ଭାବେ ପ୍ରକାଶ ପାଇ ... । ଏହା ଆମେ ସ୍ୱୀକାର କରୁଛୁ । ଆଶାକରୁ ସହୃଦୟ ଗ୍ରାହକଗଣ ତ୍ରୁଟି ମାର୍ଜନା କରିବେ ।

କେତେକ ଗ୍ରାହକ ସେମାନଙ୍କ ଠିକଣାରେ 'ବୀଣା' ପଠା... ... ନ ପାଇଥିବା ଅଭିଯୋଗ କରି ପତ୍ର ଲେଖୁଛନ୍ତି । ସୁତରାଂ ସେମାନଙ୍କ ନିକଟକୁ ଦ୍ୱିତୀୟବାର 'ବୀ...' ...ଇବାକୁ ପଡ଼ୁଛି । କିନ୍ତୁ ଭବିଷ୍ୟତ ପାଇଁ ଅନୁରୋଧ କରୁଁ ଯେଉଁ ଗ୍ରାହକମାନେ 'ବୀଣା' ପାଉନାହାନ୍ତି ସେମାନେ ନିଜ ନିଜର ସଠିକ ଠିକଣା 'ବୀଣା' ଅଫିସକୁ ଜଣାଇବେ ଓ ସେଥି ସଙ୍ଗେ ସଙ୍ଗେ ସ୍ଥାନୀୟ ଡାକଘର ଜଣାଇ ସୁବିଧା ଜନକ ବ୍ୟବସ୍ଥା କରିନେବେ ।

ପରିଚାଳକ

'ବୀଣା'

Digitized by srujanika@gmail.com




୬ଷ୍ଠ ସଙ୍ଖ୍ୟା | ଦୀପା | ପ୍ରଥମ ଭାଗ

ଓଁ ଯସ୍ତେ ସ୍ତନଃ ସୁଶୟୋ ଯୋମୟୋଭୁ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦନଃ ।

ଭାଦ୍ର ୧୩୪୪

ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତୀ ତମିହ ଧାତବେ କଃ ॥

# କଳାର ସ୍ୱରୂପ

( ଶ୍ରୀ କପିଳେଶ୍ୱର ଦାସ., ଏମ. ଏ., ବି. ଇଡ଼. )

କଳା ବିରାଟ ଅସୀମକୁ ରୂପ ରେଖ ଦିଏ, ତଦ୍ୱାରା କଳା ଅସୀମକୁ ସସୀମ କରେ ସତ୍ୟ; ତଥାପି ତାହାହିଁ ବିଶ୍ୱ ଜୀବନ-କଳ୍ପନାର ଅତି ମଧୁର; ଅତି ରୁଚିକର ମାର୍ଗ । ଏହି ମାର୍ଗରେହିଁ ବିଶ୍ୱ-ଜୀବନ ସଙ୍ଗେ କଳାକର ନିଜ ଜୀବନକୁ ଏକୀଭୂତ କରେ । ଏହି ମାର୍ଗ ଏପରି ଭାବରେ ଗୋଟିଏ ସାଧନା, ଗୋଟିଏ ଯୌଗିକ କର୍ମ । ଏକଥା ଆଦିକାଳରୁ ଅକ୍ଳାନ୍ତ ଭାବରେ ବୈଦିକ ମୁନି, ବ୍ଲେକ୍‌ଙ୍କ ପରି ଖ୍ରୀଷ୍ଟିଆନ୍ ରହସ୍ୟ ବାଦୀ, ପ୍ଲେଟୋ-ଏରିଷ୍ଟଟଲ୍‌ଙ୍କ ଗ୍ରିକ୍ ଦାର୍ଶନିକ କହି ଆସି-ଅଛନ୍ତି । ଏହି ମାର୍ଗରେ କେବଳ କଳାକର ନୁହେ, କଳା ଉପଭୋଗ କରିବା ରସିକ, କଳାର ସଂରକ୍ଷକ-ପୋଷକ-ସମସ୍ତେ ପରମର ଅନ୍ୱେଷଣରେ ବ୍ରତୀ ହୁଅନ୍ତି । ଉତ୍କୃଷ୍ଟ କଳାର ପ୍ରତ୍ୟେକ ପଂକ୍ତି, ପ୍ରତ୍ୟେକ ଶୈଳୀ, ପ୍ରତ୍ୟେକ ଅଭିବ୍ୟକ୍ତି ଆନନ୍ଦ-ମୟ । କଳାର ଉତ୍ପତ୍ତି, ଅଭିବୃଦ୍ଧି, ଚରମ ଲକ୍ଷ ଗୋଟିଏ ଅଭଙ୍ଗ-ଆନନ୍ଦ-ଚିର ସନ୍ନିବିଷ୍ଟ । କଳାର ଅଭିବ୍ୟକ୍ତିରେ ସ୍ରଷ୍ଟା ସୃଷ୍ଟିର ପଶ୍ଚାଦ୍ଦେଶରେ ଧାବିତ ହୁଏ; ସୃଷ୍ଟି ସ୍ରଷ୍ଟାପ୍ରତି ଗଭୀର ପ୍ରେମରେ ବିହ୍ୱଳିତ ହୋଇ ତାହାର ଚିରନ୍ତନ ସନ୍ଧାନରେ ପ୍ରବୃତ୍ତ ହୁଏ । ସ୍ରଷ୍ଟାର ଏ ପଶ୍ଚାଦ୍ଧାବନର ଇଙ୍ଗିତ ଇଂରେଜ କବି ଥମ୍ପ୍‌ସନ୍ ତାଙ୍କର କବିତା 'ସ୍ୱର୍ଗଶିକାରୀ' ରେ ଦେଇ ଅଛନ୍ତି; ସୃଷ୍ଟିର ସନ୍ଧାନର ପବିତ୍ରତା ଓ ପ୍ରେରଣାର କଥିତ ଆଭାସ କବି ଟେନିସନ୍ ତାଙ୍କର କବିତା 'ସାର ଗେଲାହେଡ୍‌'ରେ ଦେଇ ଅଛନ୍ତି । ସୃଷ୍ଟିର ପ୍ରିୟତମର ଏ ସନ୍ଧାନ ବାସ୍ତବିକ ହୃଦୟସ୍ପର୍ଶୀ, ଜାଗ୍ରତରେ, ସ୍ୱପ୍ନରେ, ସୁଷୁପ୍ତିରେ-ପ୍ରତ୍ୟେକ ଅବସ୍ଥାରେ ସୃଷ୍ଟି ସ୍ରଷ୍ଟାକୁ ବିସ୍ମୃତ ହେବାର ନୁହେ । ବିସ୍ମୃତ ହେବାପରି ଦେଖାଯାଏ କିନ୍ତୁ ସେ ବିସ୍ମୃତ ଆପାତତଃ । ସୃଷ୍ଟି ସ୍ରଷ୍ଟାର ଗୁଣ ବଡ଼-ସାନ, ପ୍ରୀତିକର-ଭୟଙ୍କର, ସରଳ-ଜଟିଳ, ମଧୁର-ନିଷ୍ଠୁର ସକଳ ପ୍ରକାର ଗୁଣ ପ୍ରତି ମୁହୂର୍ତ୍ତରେ ଝୁରୁଥାଏ; ସ୍ଥିର, ଏକାଗ୍ର, ସଂଯତ

Digitized by srujanika@gmail.com

ଅନ୍ତର୍ଦୃଷ୍ଟିର ସଂଯୋଗରେ ସେ ଗୁଣ ସବୁର ମହତ୍ତ୍ୱ ଉପଲବ୍ଧ କରୁଥାଏ । ସେ ମହତ୍ତ୍ୱର ଗୁରୁଭାରରେ, ଉର୍ଜ୍ୱସ୍ୱଳ ମହିମାରେ ସ୍ରଷ୍ଟାର ହୃଦୟ କୃତଜ୍ଞତାରେ ପୂରିଉଠେ; ଗର୍ବିତ ମସ୍ତକ ନମ୍ରତା, ଭକ୍ତି, ଉପଯତ୍ତରେ ତାରମାନେ ଆନତ ହୋଇଯାଏ । କୃତଜ୍ଞତାର ଏ ପୂତ ଧାରରେ ତାରମାର ଏକ ନବ-ଆଲୋକରେ ମର୍ତ୍ତ୍ୟଜୀବନର ସବୁ କଲୁଷ, ପାପ ତାପ, କ୍ଷୁଦ୍ରତା, ସଂକୀର୍ଣ୍ଣତା, ନୀଚତା ଧୋଇ ହୋଇ ଯାଏ; ଜୀବନର ଅନ୍ତର୍ନିହିତ ଆଦର୍ଶ ଆଲୋକରେ, ଉଦ୍ଭାସିତ ହୋଇ ଉଠେ । ମର୍ତ୍ତ୍ୟର ସୁଖ-ଦୁଃଖ, ଭାବ-ଅଭାବ, ଆଶା-ନିରାଶା, ଶଙ୍କା-ସାନ୍ତ୍ୱନା, ଜୟ-ପରାଜୟ, କୃତିତ୍ୱ-ବ୍ୟର୍ଥତା, ଉତ୍ସାହ-ଅବସାଦ ସ୍ରଷ୍ଟାର ଜୀବନ ସଂଶ୍ଳିଷ୍ଟ । ସେଥିପାଇଁ କଳା ଏ ସବୁ ପ୍ରତି ବିମୁଖ, ବିମୁଖ ହୁଏ ନାହିଁ, ହୋଇ ପାରେ ନାହିଁ, କିନ୍ତୁ ଏ ସବୁକୁ ଉପାଦାନ କରି ତାହାଙ୍କୁ ଜୀବନ୍ତ ଆକାର ଦେଇଥିବେଳେ, ଅରୂପକୁ ରୂପାୟିତ କରିବେଳେ, ଅଚେତନକୁ ଚେତନ କରିବେଳେ ତାହାଙ୍କୁ ବର୍ଣ୍ଣ ବା ଧ୍ୱନି ବା ଭଙ୍ଗୀ ଯୁକ୍ତ କରିଦେଲେ, ଯେଉଁ ଆଦର୍ଶକୁ ତାହା କରିବାରେ ସମର୍ଥ ହୁଏ, ସେ ଆଦର୍ଶ ବାହ୍ୟ ଜଗତର; ବିଷମ ଜଞ୍ଜାଳ-ଜର୍ଜରିତ ଦୈନିକ ସଂସାରର, ସମ୍ଭୋଗ ଉନ୍ମତ୍ତ ଉଚ୍ଛୃଙ୍ଖଳ ଇନ୍ଦ୍ରିୟ ଜୀବନର ବହୁ ଉର୍ଦ୍ଧରେ । ସେ ଆଦର୍ଶର ସ୍ପନ୍ଦନରେ କେଉଁ ମନୁଷ୍ୟର ମନୋରାଜ୍ୟ ସ୍ପନ୍ଦିତ ନ ହେବ ? ପୁଣି ଦର୍ଶନର ଦୃଷ୍ଟିରେ ସେ ଆଦର୍ଶ କ ପରମଠାରୁ ଅଭିନ୍ନ ? ପରମ ସତ୍ୟ ଶିବ ସୁନ୍ଦର । ଦର୍ଶନର ଦୃଷ୍ଟିରେ ଏ ତିନୋଟି ପୁଣି ଅଭିନ୍ନ । ଏପରି ଭାବରେ କଳାକାର ଜୀବନର ଉପାଦାନକୁ ନିଜ ଆଦର୍ଶରେ ରୂପମୟ କରିବେଳେ ନିଜ ସୃଷ୍ଟ କଳାର ବିସ୍ତାରିତ ପକ୍ଷରେ ବିହଙ୍ଗମ ଭଳି ବ୍ୟୋମ ମାର୍ଗରେ ସନ୍ତରଣ କରି ପରମ ସହିତ ନିଜର ଘନିଷ୍ଟ ସମ୍ପର୍କ ଅଭିବ୍ୟକ୍ତ କରୁଥାଏ ମାତ୍ର । ସ୍ରଷ୍ଟାର ଦିବ୍ୟ ସୃଷ୍ଟିରେ ଅଂଶୀ ହୋଇ ସେ ସୃଷ୍ଟିକୁ ପୁଣି ରସାଣିତ, ଛନ୍ଦୋବଦ୍ଧ, ସଙ୍ଗୀତମୟ ଚିତ୍ରିତ ବା ମୂର୍ତ୍ତିମନ୍ତ କରି କଳାକାର ବାସ୍ତବକୁ ପରମର ଉତ୍ସଙ୍ଗରେ ସ୍ଥାନ ପାଏ । ଏପରି ଭାବରେ କଳାକାର ସ୍ରଷ୍ଟାର ସୃଜନ ଓ ପ୍ରଳୟ ଶକ୍ତିରେ ଶକ୍ତିମନ୍ତ ହୁଏ । ଏଥିପାଇଁ ଦାର୍ଶନିକ ବା ବୈଜ୍ଞାନିକର ଆସନ ଠାରୁ କଳାକାରର ଆସନ ତଳରେ ନୁହେଁ, ବରଂ ଉପରେ । ଦାର୍ଶନିକ ତତ୍ତ୍ୱ—ଆଲୋଚନାର ଗହନ ମାର୍ଗରେ ଗୁଳି ଗୁଳି ବୈଜ୍ଞାନିକ ବସ୍ତୁ ତନ୍ତ୍ରର ଅନୁଶୀଳନ ଧନ୍ଦାରେ ଧନ୍ଦହୋଇ କ୍ଳେଶଦାୟକ ସୋପାନରେ ଯେଉଁ ସତ୍ୟରେ ଉପନୀତ ହୁଏ, କଳାକାର ସେହି ସତ୍ୟକୁ ରସ ପ୍ରବାହରେ ସୌନ୍ଦର୍ଯ୍ୟର ଲୀଳାୟିତ ଭୂମିକାରେ ନିର୍ଦ୍ୱନ୍ଦରେ ମୁକ୍ତ ଭାବରେ ଗ୍ରହଣ କରେ; ଗ୍ରହଣକରି ତୁଳିକାର ପ୍ରାଣମନ୍ତ ସଂସ୍ପର୍ଶରେ ଲେଖନୀର ସଂଜୀବିତ ଖୋଦନରେ, ସଙ୍ଗୀତର ମଧୁମୟ ମୂର୍ଚ୍ଛନାରେ ପରଶେ । ଏଥିପାଇଁହିଁ କଳାକାର ବିରହିଣୀର ଏକ ବିନ୍ଦୁ ଲୋତକରେ, ବନମଲ୍ଲିକାର ଅନନୁଭବ ସୁବାସରେ ନିମ୍ନତମ ଜୀବର ମନୁର ଗଭି ଓ ମଗ୍ନ ଚେତନରେ ମଧ୍ୟ ଅସୀମର ବିକାଶ ଦେଖେ । ସେଥିପାଇଁ ହିଁ କଳାବସ୍ତୁ ଚିରନ୍ତନ ଆଲୋକର ମାଧୁର୍ଯ୍ୟର ଅସରନ୍ତି ଭଣ୍ଡାର ହୋଇ ରହେ; ଚିରକାଳ ସଂସାର-ସାଗରର ଉଦ୍‌ବେଳିତ ତରଙ୍ଗରେ ଇତସ୍ତତ ଭ୍ରାମ୍ୟମାନ ଜୀବନ-ତରୀ ଗୁଳିତ ଯାତ୍ରୀର ଦୀପ-ସ୍ତମ୍ଭ, ଆଶ୍ରୟ ପୋତ ହୁଏ । ଦୁର୍ବୋଧଜ୍ଞାନକୁ ସୌନ୍ଦର୍ଯ୍ୟ ପାତ୍ରରେ ପରଶିପାରେ କେବଳହିଁ କଳା । ସିଦ୍ଧିର ସୁଗମ ସୁଖକର ମାର୍ଗ ଉନ୍ମୋଚନ କରିପାରେ କେବଳହିଁ କଳା । ବିଶ୍ୱ-ଦେବତାର ପାଦତଳେ ମନୋରମ ପୂଜା ସମ୍ଭାର ଢାଳିପାରେ କେବଳହିଁ କଳା ।

କୁହାଯାଇଛି କଳା ପରମର ସ୍ମାରକ, ପରମର ଉଦ୍‌ଦ୍ୟୋତକ, ପରମର ଦୃଷ୍ଟିପୂର୍ବ ଅଭିବ୍ୟକ୍ତି ପ୍ରକୃତିରେ, ପ୍ରାଣୀର ସ୍ୱଭାବ-ସଂସ୍କାରରେ, ବୁଦ୍ଧି-ପ୍ରତିଭାରେ ଦେଖାଯାଏ । ତେଣୁ ଏସବୁ କଳାର ସାମଗ୍ରୀ । କିନ୍ତୁ କଳା ସେ ସାମଗ୍ରୀକୁ ବ୍ୟବହାର କରେ କେବଳ ଅନୁକରଣରେ ନୁହେଁ । ପରମର



Digitized by srujanika@gmail.com

ସ୍ରଷ୍ଟା ପ୍ରକୃତ । ପୁଣି ତାହାର ସ୍ରଷ୍ଟା ଲକ୍ଷଣ—ଏ ନିକୃଷ୍ଟ ସ୍ରଷ୍ଟାର ନୀରସ, ନିଷ୍ପ୍ରାଣ ପ୍ରତିକୃତି ଅଙ୍କ-ଭାବରେ ତୋଳିବା କଳାର କାର୍ଯ୍ୟ ନୁହେଁ । ବୁଝାଯାଇଅଛି, କଳାକର ଯୋଗ ମାର୍ଗରେ ପରମର ଅବରୁଦ୍ଧ ଅନ୍ତଃପୁରରେ ପ୍ରବେଶ କରେ । ପରମର ଯେଉଁ ବିଭବ ନିଜ ସୃଷ୍ଟିରେ ସେ ପ୍ରକାଶ କରିବାକୁ ଚାହେଁ, ସେ ବିଭବର ସ୍ୱଚ୍ଛ ପ୍ରତିବିମ୍ବ ପ୍ରଥମରେ ସେ ତାହାର ନିର୍ମଳ ହୃଦୟ ମୁକୁରରେ ଧାରଣା କରେ । ପରେ ସେ ଧାରଣା ନିଜର ସୃଷ୍ଟବସ୍ତୁରେ ଫୁଟାଏ । କହିବା ଅନାବଶ୍ୟକ ଦର୍ପଣ ନିର୍ମଳ ନ ଥିଲେ ବିମ୍ବ ନିଷ୍ପ୍ରଭ ବା କଳଙ୍କିତ ହୁଏ । ସେହିପରି କଳାକରର ଅନ୍ତଃ-କରଣ ସକଳ ଅହମିକା, ଆବର୍ଜନା, ଦୁଷ୍ପ୍ରବୃତ୍ତି ପରିହାର ନକଲେ, ତହିଁରେ ପରମର ସାଦୃଶ୍ୟ ମଳିନ ହୁଏ, ଫଳରେ ସେହି ମଳିନତା କଳା-ବସ୍ତୁକୁ ମଳିନ, ମୂଲ୍ୟହୀନ, ନିରର୍ଥକ କରେ । ଏହି ଦୃଷ୍ଟିରେହିଁ ସୌନ୍ଦର୍ଯ୍ୟ ଓ ଶିବର ମିଳନ, ଏ ଦୃଷ୍ଟିରେହିଁ କଳା ଆତ୍ମ-ସମର୍ପଣ, ଚିତ୍ତଶୁଦ୍ଧି, ପବିତ୍ରତାର ତପସ୍ୟା-ଭୂମି । ଏଠାରେହିଁ କଳା ଐଶ୍ୱର୍ଯ୍ୟ-ସତ୍ତାର ବୀଜାକ୍ଷର ମନ୍ତ୍ର ସାଧନା ସ୍ୱରୂପ । କଳା-ସୃଷ୍ଟିରେ ଐଶ୍ୱର୍ଯ୍ୟ ସତ୍ତା ଛଡ଼ା ଅନ୍ୟ କିଛି ବିଗ୍ରହ ବା କାମନା ରହି ନପାରେ; ପୁଣି ସେ ଐଶ୍ୱର୍ଯ୍ୟ-ସତ୍ତାରେ ପ୍ରାର୍ଥନାହିଁ ମୂଳଭିତ୍ତି । କଳାକର ସେହି ସାଧନା ଓ ପ୍ରାର୍ଥନା ଫଳରେ ମାନସ-ଚକ୍ଷୁରେ ଯେଉଁ ଅପୂର୍ବ ରୂପ ସନ୍ଦର୍ଶନ କରେ, ସେ ରୂପବସ୍ତୁରେ ପ୍ରତିଭାତ କରେ । ସେଥିରେ କଳାକରର ନିଜ ଇଚ୍ଛା ବା କାମନାର ଅବକାଶ ରହେ ନାହିଁ । ସେ ହୁଏ ଦିବ୍ୟ ପ୍ରକାଶର ନିମିତ୍ତ ମାତ୍ର । ଇଂରେଜ କବି ଓ୍ୱାର୍ଡସ ଓ୍ୱାର୍ଥ ଏଥିପାଇଁ ଠାଏଁ କହି ଅଛନ୍ତି, କଳାଭାବ, ସ୍ଥିତି ଓ ସୌମ୍ୟତାର ବିଚିତ୍ର ସମ୍ମିଳନ । ଏପରି ଭାବରେ ସ୍ୱରୂପରେ କଳା ସୃଷ୍ଟିର ଆଦ୍ୟ, ମଧ୍ୟ, ପ୍ରାନ୍ତ—ଯେ କୌଣସି ଅବସ୍ଥାରେ କଳାକରର ଆଦର୍ଶ ସେ ନିଜେ । ସେଥିପାଇଁ ଅଗ୍ନିପୁରାଣ କହିଛି, କଳାକର ବ୍ରହ୍ମା ପରି ସ୍ରଷ୍ଟା । ତାହାର ସୃଷ୍ଟ ବସ୍ତୁ ଐଶ୍ୱରିକ ମୁଦ୍ରାରେ ଅଙ୍କିତ ।

ଏ ପ୍ରକରଣରେହିଁ କଳା-ସୃଷ୍ଟିରେ ଅଳଙ୍କାରର ସ୍ଥାନ ଓ ପ୍ରୟୋଗ ବୁଝିବାକୁ ହେବ । ଏ ପ୍ରକରଣରେ ଅଳଙ୍କାର କଳାବସ୍ତୁ ମଣ୍ଡନ ନିମନ୍ତେ ପ୍ରଯୁଜ୍ୟ ଗୋଟାଏ ବାହ୍ୟ ଉପକରଣ ଅପ୍ରାକୃତ ବସ୍ତୁ ନୁହେ । ହିନ୍ଦୁ କଳାର ଗଦା, ପରଶୁ, କୌସ୍ତୁଭ, ବୈଜୟନ୍ତୀ, କପାଳ-ମାଳ ଏଥିପାଇଁ ଦର୍ଶକର ମନକୁ ଆକର୍ଷଣ କରିବାପାଇଁ ବା ତାହାକୁ ସାମୟିକ ସନ୍ତୁଷ୍ଟି ଦେବାପାଇଁ ସମ୍ବନ୍ଧ କରଣ ନୁହେଁ । କଳା ସୃଷ୍ଟି ସହିତ ସେଗୁଡ଼ିକ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ, କଳା-ରଚନାରେ ସେ ଗୁଡ଼ିକ ଅତ୍ୟନ୍ତ ଅବଶ୍ୟକୀୟ ରୂପକ । ପୁଣି ଏହି ଅନୁସାରେ ଆମର ପୁରାଣ-ବର୍ଣ୍ଣିତ ଦେବ-ଚରିତ ବା ଲୌକିକ ପରମ୍ପରା ଅନର୍ଥକ ନୁହେ । ସେ ଗୁଡ଼ିକ ମଧ୍ୟ କଳାସୃଷ୍ଟିର ଅପରିହାର୍ଯ୍ୟ ବିଷୟ ବସ୍ତୁ ।

କଳାର ବିଶାଳ ସାମୁହିକ ଦୃଷ୍ଟିରେ ପୁଣି ତଥା କଥିତ 'ଆଦିମ ବର୍ବରତା' ବା 'ଆଧୁନିକ ସଭ୍ୟତା' ମଧ୍ୟରେ ସଂଘର୍ଷର ଅବକାଶ ନାହିଁ । କଳା ମାନବର ସଭ୍ୟତାର ଜନ୍ମ—ବିକାଶ ପଥମାନେ ଆଦିମ ସ୍ୱାଭାବିକ ପ୍ରବୃତ୍ତି, ସହଜ ବୋଧ, ପ୍ରାକୃତିକ କଳ୍ପନା ଶକ୍ତିକୁ କ୍ରମେ ହରାଇ ବିଂଶ ଶତାବ୍ଦୀର ମନୁଷ୍ୟ ଉପରେ ସଭ୍ୟତା କୃତ୍ରିମ ବଳାଇଛି, ଏକଥା ବୁଝିଁରଖେ । କିନ୍ତୁ ଏ ଦୁଇଟି ମଧ୍ୟରେ ବଡ଼-ସାନ ଉଚ୍ଚ-ନୀଚ ଭେଦ ମାନେ ନାହିଁ । ବରଂ ଗୋଟାଏ ଦୃଷ୍ଟିରେ ବିଖ୍ୟାତ ଇଂରେଜ ଲେଖକ କାର୍ଲାଇଲଙ୍କ ଉକ୍ତି ଅନୁଯାୟୀ କଳା ଆଦିମମାନଙ୍କରେହିଁ ଅଧିକ ଶ୍ରଦ୍ଧା, ବିଶ୍ୱାସ, କଳ୍ପନା, ବ୍ୟାପକତାର ନିଦର୍ଶନ ଦେଖେ । ସେଥିପାଇଁ ପରି ଆଦିମ ଯେଉଁ ଜଗତକୁ ଗୋଟାଏ ଦେବ-ମନ୍ଦିର ଦୃଷ୍ଟିରେ ଦେଖୁଥିଲା । ଯେଉଁ ଜୀବନକୁ ଉପାସନା-ନିବେଦନା ବୋଲି ମଣୁଥିଲା, ଆଜି ତହିଁରେ ବିଂଶ ଶତାବ୍ଦୀର ସୁସଭ୍ୟ ଆମେ ଦେଖୁଛୁ—ସମରର ପୈଶାଚିକ ଲୀଳା, ଭୀଷଣ ଅସ୍ତ୍ର, ପ୍ରେତପୁରୀର ବିଭୀଷିକା ! କଳା ଦୃଷ୍ଟିରେ ଆଦିମ ବର୍ବର ନୁହେ, ଆମର ଦୁରହଙ୍କାର, ଦୁରଭି-ମାନ, ତାହାକୁ ବର୍ବର ଆଖ୍ୟା ଦେଇଅଛି । ଆମେହିଁ ସେ ଆଖ୍ୟାରେ ଭୂଷିତ ହେବାପାଇଁ ଉପଯୁକ୍ତ ।



Digitized by srujanika@gmail.com

କଳା ଓ ଜୀବନ ଅବିଭାଜ୍ୟ; ସେଥିପାଇଁ କଳାଜୀବନର ଚତୁର୍ବର୍ଗ ସାଧନରେ ସମର୍ଥ ହୁଏ । ଭାରତୀୟ କଳାଶାସ୍ତ୍ର ବହୁକାଳରୁ ଏହା ଦୃଢ଼ ଭାବରେ ଘୋଷଣା କରିଛି । ଭରତ ନାଟ୍ୟ ଶାସ୍ତ୍ର, ସାହିତ୍ୟ ଦର୍ପଣ, ବାତ୍ସ୍ୟାୟନଙ୍କ କାମ ସୂତ୍ର ଏହାର ଦୃଷ୍ଟାନ୍ତ । କଳା ଦୈବ ନିବନ୍ଧନର ସଙ୍କେତ । ଆଧୁନିକ କଳା-ସମାଲୋଚକମାନେ କଳାକରର କାମନା ଉପରେ ଜୋର ଦିଅନ୍ତି ! କିନ୍ତୁ ମନେ ରଖିବାକୁ ହେବ ଭାରତୀୟ ଆଦର୍ଶ ପ୍ରକାରେ କଳାକରର ନିଜସ୍ୱ କାମନା କିଛି ନାହିଁ, କିଛି ନ ରହିବା ଉଚିତ । ସେ ଯେତେଦୂର ତାହାର ସ୍ୱତନ୍ତ୍ରତାକୁ ସତ୍-ଚିତ୍-ଆନନ୍ଦର ଅତଳ ଗର୍ଭରେ ହଜାଇ ଦିଏ, ତହିଁର ରସ ପାନ କରେ, ସେତେ ଦୂରହିଁ ତାହାର କଳା ମୂଲ୍ୟବାନ୍; ସାର୍ଥକ, ଉତ୍କୃଷ୍ଟହୁଏ । ମୁକ୍ତିର ଅନ୍ତିମ ଚେତନାହିଁ କଳାକୁ ଚିନ୍ମୟ କରେ । କୁହା ଯାଇଛି କଳା ଓ ଜୀବନ ଏକାଙ୍ଗ । ସେଥିପାଇଁ କଳାର ଆଲୋଚନା ସବୁ ଯୁଗରେ, ସବୁ ଦେଶରେ ଦେଖାଯାଏ । ପ୍ଲେଟୋ, ଭାଇନ୍ ଏସ୍, ସେଣ୍ଟ ଆମ୍ସ ଏକ୍ୱୀନାସ ପ୍ଲୋଟିନାସ୍ ସ୍କୋପନ୍, ହାଉର୍, ହେଗେଲ, ସ୍କେଲିଙ୍ଗ୍, କେଣ୍ଟ୍, ନିଜ-ବେଦ, ଉପନିଷଦ, ଆରଣ୍ୟକ, ବ୍ରାହ୍ମଣ, ଗୀତା, ବାଇବଲ-ଏପରି ପାଶ୍ଚାତ୍ୟ ଓ ପ୍ରାଚ୍ୟ ଦାର୍ଶନିକ ଠାରୁ ଧର୍ମଶାସ୍ତ୍ର ପର୍ଯ୍ୟନ୍ତ କଳା କେଉଁଠାରେ ବାଦ ଦିଆ ଯାଇ ନାହିଁ । ବାସ୍ତବିକ କଳା ସୃଷ୍ଟି ଆରମ୍ଭରୁ ମାନବିକ ସଂସ୍କୃତିର ଗୋଟିଏ ଅବିଚ୍ଛିନ୍ନ ପରଂପରା । ବିଭିନ୍ନ ଜାତି କଳାର ବିଭିନ୍ନ ପ୍ରକାଶ-ଇଙ୍ଗିତରେ ମନ ଦେଇପାରି ଥାନ୍ତି । କିନ୍ତୁ କଳାରେ ଜାତୀୟତା ତଥା ଆନ୍ତର୍ଜାତୀୟତାର ମଧ୍ୟ ଅର୍ଥ କିଛି ନାହିଁ, ଯେ ହେତୁ କଳା ବିଶ୍ୱ ବ୍ୟାପକ । ଜୀବନ ପରି କଳାର ବିଭାଗ ଅଛି; ତଥାପି ଜୀବନ ପରି ସବୁ ବିଭାଗକୁ ମିଳାଇ ତାହା ଏକ । କଳାର କାମନା, ଅନୁକରଣ, ପ୍ରକାଶ କଳାକରର ଉଦ୍ୟମ କାର୍ଯ୍ୟକାରିତା, କୃତିତ୍ୱ ଠାରୁ ଅଭିନ୍ନ । କଳାକରର ଅନ୍ୟ ଅପେକ୍ଷା କିଛି ନ ଥାଏ, ତାହାର ଏକମାତ୍ର ଆନନ୍ଦ ବା ଅପେକ୍ଷା ବିଶ୍ୱ-ଆତ୍ମାର ସ୍ୱାନୁଶୋଚନ କଳା ଚିନ୍ତା-ରାଜ୍ୟର, ତଥାପି କର୍ମ ତାହାର ବରୁର୍ଯ୍ୟ, ଆଦରଣୀୟ । କର୍ମ-କୁଶଳତାରେ ସୌନ୍ଦର୍ଯ୍ୟ ଆପେ ଆପେ ଶୋଭା ପାଏ, କର୍ମ-ତ୍ରୁଟି ଆପେ ଆପେ ଅସୁନ୍ଦର କୁତ୍ସିତ ଦେଖାଯାଏ । କଳା ରାଜ୍ୟରେ ପୁଣି ବାକ୍ ଓ ମନୋବୃତ୍ତିର ବିରୋଧ ନାହିଁ । ସେ ଦୁଇଟି ପରସ୍ପରର ସମ୍ବନ୍ଧ । ଗୋଟାକର ନିର୍ମଳତାରେ, ନିଖୁଣତାରେ; ମିତ୍ରତାରେ ଅନ୍ୟଟି ନିର୍ମଳ, ନିଖୁଣ ନିତ୍ୟହୁଏ ।

—)(—

# ଶିଳ୍ପୀର ଆତ୍ମ ପ୍ରକାଶ

( ଶ୍ରୀ ଶ୍ରୀବସ୍ତ ନାୟକ )

ହୃଦୟର ଏତେ ସ୍ନେହ ନେଇ
ପ୍ରିୟେ କମ୍ପା ଏ ଅଭିମାନ···
କେବେ କି ତମର ମୋର
ପୀରତିର ହେଇପାରେ ଅବସାନ ?
ନିଖିଳ-ବିଶ୍ୱ ତମେ ସିନା ମମ
ନିଜଜନ, ସଖୀ ରାଣୀ, ପ୍ରିୟତମ
ଅଶ୍ରୁ ଆରତ ଅନ୍ତର ପାଗେ ଜାଗିଉଠେ ଅବିରାମ···
ତମ କଟି, ସଖି··· ଆଜ ଏ ଲଗ୍ନେ
ଯୋ ଛୁଦାଅ ଅଭିମାନ !

ନିଖିଳ ପରାଣ ପ୍ରଣୟିନୀ ମମ ପ୍ରଣୟ ଅର୍ଘ୍ୟ ଦେଇ
ତବ ପୂଜାପୀଠେ ସୁନ୍ଦର···
ଏ ମୋ ଅନ୍ତର ଦେଲି ଥୋଇ
କୁଟୀଳ ନିନ୍ଦା ଶୁଣିଲି ବା କିସ
ଦୀନ ଶିଳ୍ପୀର ବୁକୁତଳେ ବିଷ
ଭୁଣିଚ ଯା କିଛି ଚପୁଡ଼ି ରକ୍ତ
କାମନା ଅଗ୍ନି ଦେହି···
ଭୁଲିଯାଅ ତାରେ ଅନୁରୋଧ ମମ
ଭୁଲିଯାଅ ପ୍ରିୟ ସହି !



Digitized by srujanika@gmail.com

ଅପରାଧ ସେ ଗୋ ଅଜ୍ଞାତେ କା'ର କାଉଁଁରୀ ପରଶ ପାଇ
ମୁଗ୍ଧ ବନ୍ଧନ ସର ମୁଁ ଛୁଟିଲି ଅସୀମ-ମୁକ୍ତ ପାଯ୍ୱୀ ··
ଲଜ୍ଜାରେ ମମ ଥରଇ କଣ୍ଠ
କୂଳ କନାରର ପାଏନା ଅନ୍ତ
କହିବ କେସନେ ଅପରାଧ ମମ
ତମ ଆଗେ ପ୍ରିୟସହି···
କର୍ଣ୍ଣେ ତମର ନ ଦେବ କା ସ୍ୱାନ୍ତ
ସରମେ ମୁଣ୍ଡ ନଇଁ !

ଶିଳ୍ପୀ ଜଗତେ···ଶ୍ରେଷ୍ଠ ତେବେ ସଖି···
ଲେଖାଇଲି ଯେବେ ନାମ
ମଦର ଛନ୍ଦେ ବୁଲବୁଲେ କାଏ
ଗାଇଲା ପାଗଲ-ଗାନ
ନୂଆ ଯଉବନ ପ୍ରଣୟ ବଂଧେ
ଭୁଲି ସଂସାର ମୋହନ-ଗନ୍ଧେ
ପଥିକ ହେଲି ଗୋ ଭୃଙ୍ଗ-ଲଗନେ
ଗୋଲାପ-ଉଜୁଡ଼ା-ପଥେ···
ସୁରଭି ଶୀତଳ ଚୈତ-ସମିର
ମଳୟ ଜୈତ-ରଥେ !

ଯୁବତୀ ଗୁହ୍ମିଲେ ଛନ୍ଦେ ଅନେକ ମଦିର ଚଷେ ଭରି
ଜୋଛନା ନାଚିଲା ଗୋଲାପ କୁଞ୍ଜେ
ଥରି—ଥରି—ଥରି —ଥରି !
କବିତ୍ୱ ଶିଳ୍ପୀ ମୁଗ୍ଧ ମୁଁ ସଖି !
ଅନ୍ତର ଭରି ପ୍ରକାଶିଲି ବାଣୀ
ବରିନେଲି ମୋଦେ ଜୀବନେ କରିବା ଲକ୍ଷ ରୂପର ଗାନ
ଫୁଲେ ଫୁଲେ ଉଡ଼ି ପ୍ରଜାପତି ସମ ଧରିବା ମଞ୍ଜୁ ତାନ !

ଶିଳ୍ପୀ ଜୀବନେ ବିଧାତାର କି ଗୋ ରୁଦ୍ର ଏ ପରିହାସ
ସୁନ୍ଦର ଗୁଚ୍ଛ ଯୁବତୀ ଓଷ୍ଠେ ନିରେଖିବ ନାଚ ହାସ ?
ସେ ସକଳ କଥା ଦୂରେ ପରିହରି
ଅଶ୍ରୁ ନୟନେ କ୍ଷମା ମାଗେ ଦରି
ଶିଳ୍ପୀ ହେବାର ଏ ଜୀବନେ ସଖି !
କେଉଁ ଦେବ ପାପ ବାସ···
ଆଜି ସେଥିଲାଗି ବିଧାତାର ମୋରେ
ନିଷ୍ଠୁର ପରିହାସ !

ଶିଳ୍ପୀ ହେବାର କାମନା କରନ୍ତି
ଅନ୍ଧ ବିବେକ ମୋ'ର—
ଦେହ ସିନା ଏଏ ଅନେ୍ୟ ସକଳି !
ଏ ପରାଣ ତବ ଚିର !
ଲକ୍ଷ କୋଟି ଏ ଦୁନିଆର ଫୁଲ
ଉପଭୋଗ ବିନା ହେବ ଗୋ ଆକୁଳ
ଜୀବନ ମଧୁପ,···ହେବ ତମ ଲାଗି
ନିର୍ମମ ଅତି ଘୋର—
ଶିଳ୍ପୀ ହେବାର କାମନା କଲା ଗୋ
ଅନ୍ଧ ବିବେକ ମୋର !

ଲକ୍ଷ ତରୁର ତଳେ ମୁଁ ଉଡ଼ିବ ମଧୁ-ମ[illegible] ପରି
ବକ୍ଷ ନିଗାଡ଼ି କୋଟି ରୂପସୀର ପ୍ରଣୟ ପାନି ଭରି···
ମଞ୍ଜୁଳ ଗୀତି ଅମିୟ ପାନେ
ଘୂ ଘୂ ଅଳସ ଅବଶ ଗାନେ
ପରୀ ରାଇଜର ଶତ ଶଯ୍ୟାରେ ଯକ୍ଷ ଯୁବକ ସରି—
ଲକ୍ଷ ତରୁର ତଳେ ମୁଁ ବୁଲିବ ବକ୍ଷ ଟେଉଁଲି ଧରି !

# କଳ୍ପ ବିଛାଯାଏ

( ଅଖିଳ ମୋହନ ପଟ୍ଟନାୟକ, ୪ର୍ଥ ବାର୍ଷିକ କଳା— ପୁରୀ କଲେଜ ହଷ୍ଟେଲ )

ରାଜକୁମାର ମନରେ ଜାଗିଲା ତୃଷ୍ଣା । ବୃଦ୍ଧ ଉଦ୍‌ବେଳିତ ବେଗବାଣି ରାଜକୁମାର ହସ୍ତରେ ସମର୍ପି ଦେଇଥିଲା ଗୋଟିଏ ନବୁଜ ସମ୍ପୁଟକ । ରାଜକୁମାର ତାକୁ ଖୋଲିଲା ଅତି ଆଗ୍ରହରେ । ଯତନରେ ତା ମଧରେ ସାଇତା ହୋଇଛି କାଳିନ୍ଦୀ କୃଷ୍ଣ ସୁଦୀର୍ଘ କେଶଟିଏ ।

ମନେ ମନେ ଭାସି ଉଠିଲା ଲକ୍ଷ ସ୍ୱପ୍ନ—କେଉଁ ଅଜ୍ଞାତ ରାଜକୁମାରୀ ସହଚରୀ ମେଳରେ ଆସିଥିବ



Digitized by srujanika@gmail.com

ସ୍ନାନ କର । ନାଗମୂରୁମ୍ଭୀ କେଶରାଶିରୁ ଖସି ପଡ଼ିଥିବ ଗୋଟିଏ—ସବୁ ସହଚରୀ ଧାଇଁ ଆସିଥିବେ—କିଏ ଆଣିଦେଇଥିବ—ଫରୁଆ । ଆଉ କିଏ କେଶଟିକୁ ତା ମଧ୍ୟରେ ଭରି ଦେଇଥିବ ଯତନ କରି । କେତେ ଝାଲ୍ହୁଲ କରି ନଥିବେ ନାଆଣି ରାଜକୁମାରୀଙ୍କୁ—ତାପରେ ରାଜବାଳା ନିଜର ବ ଭୁଜରେ ତାକୁ ସମର୍ପି ଦେଇଥିବେ ତରଙ୍ଗ ବୁଲୁଡେ ସଙ୍ଗେ ନେସର କରୁ ଅଜୁହା ସନ୍ଦେଶ ସେ ଭରିଦେଲେ-ସେ ଅନାଇ ରହିଥିବେ ଅଦୃଶ୍ୟ ହେଲା ପର୍ଯ୍ୟନ୍ତ ।

ପକ୍ଷୀରାଜ ଘୋଡ଼ା ସଜକରି ରାଜକୁମାର ବାହାରିଲା ସେହି ଅଜ୍ଞାତ ରାଜକୁମାରୀର ସନ୍ଧାନରେ ସାଙ୍ଗରେ ନାହିଁ ମନ୍ତ୍ରୀପୁଅ, ନାହିଁ ସାଧବ ପୁଅ ସେ କେବଳ ଏକା ।

ପକ୍ଷୀରାଜ ଘୋଡ଼ା ଛୁଟିଛି ପବନ ବେଗରେ । କେତେ ବଣ ପର୍ବତ ନଈନାଳ ଡେଇଁ ଗଲାଣି କିଏ ଜାଣେ ରାଜପୁତ୍ରକୁ ଶୋଷ ହେଲା ।

ଅଗନା ଅଗନ ବନସ୍ତ । କୁଆଡ଼େ ଥଣ୍ଡ ନାହିଁକି କୋଇଲିର ବେଣ୍ଟ ନାହିଁ—ଗହଳିଆ ଗଛ ଭିତରେ ସୂର୍ଯ୍ୟ କିରଣ ଆସିପାରୁ ନାହିଁ, ରାଜାପୁଅ ଘୋଡ଼ାକୁ ଚରିବାକୁ ଛାଡ଼ିଦେଇ ଗୋଟାଏ ଡେଙ୍ଗା ଗଛ ଉପରେ ଉଠି ଦେଖିଲା ଖୁବ୍ ଦୂରରେ ଦେଖା ଯାଉଛି କ୍ଷୁଦ୍ର କୁଟୀରଟିଏ । ପକ୍ଷୀରାଜ ଘୋଡ଼ା ଛୁଟେଇ ନିମିଷକେ ସେଠି ପହଞ୍ଚିଗଲା—

ବୁଢ଼ୀଟିଏ ବସି ସୂତା କାଟୁଛି—ଆଖିକୁ ଭଲ ଦିଶୁ ନାହିଁ—ହାତ ଥରୁଛି ।

ରାଜାପୁଅର ସୁନ୍ଦର ସଣ ଦେଖି ବୁଢ଼ୀ ଜିଭ କାମୁଡ଼ି ପକାଇଲା—"କିରେ ପୁଅ ! ତୁ ଏଠି କାହିଁକି ପଳା ପଳା—ଏଟା ଅସୁର ରାଇଜ—ଏଇନା ଅସୁର ଆସିଲେ ଆଉ ବଞ୍ଚି ରହିବ ନାହିଁ ।"

ରାଜାପୁଅ ପାଣି ପିଇଲା—କାକୁତି ମିନତି କଲା । ସେ ଜିଦ୍ ଧରି ବାହାରିଛି ରାଜକୁମାରୀଙ୍କୁ ନପାଇ ସେ ଘରକୁ ଫେରିବ ନାହିଁ"—ଯାଉ ପଛକେ ଜୀବନ ।

ବୁଢ଼ୀ ଅସୁରୁଣୀ ତାର ପଇଲସକା ଆଖିରେ ଅନେଇ ରହିଲା ଗୋଟାଏ ଦିଗକୁ—ଯେପରି ସେ ସେହି ଜୀର୍ଣ୍ଣଚର୍ମଚକ୍ଷୁ ଦେଇ ତ୍ରିକାଳ ଦର୍ଶନ କରି ପାରୁଛି । କେତେବେଳେକେ କହିଲା "ଜାଣିଲୁ ପୁଅ ତୁ ଯାହାକୁ ଖୋଜୁଛୁ—ତେବେ ତାକୁ ପାଇବା ସହଜ କଥା ନୁହଁ । ତାକୁ କାମାକ୍ଷ୍ୟ ପୁରୁ ଅସୁର ହରି ଆଣି ରଖିଛି—ହେଲେ ସେଇ ପୋଖରୀ ତଳୁ ସାତତାଳ ପଙ୍କ ଭିତରୁ ଯିଏ ମାଣିକ୍ୟ ଫରୁଆଟିଏ ଉଠେଇ ଆଣି ତା ଭିତରର ଭଅଁରକୁ ମାରି ପାରିବ ତେବେ ଯାଇ ସେ ଅସୁର ମରିବ ।

"ଜୀବନ ଯାଉ ବା ରହୁ ମାଉସୀ ମୁଁ ନିଶ୍ଚେ ଯିବି; ତୁ ଆଉ ମତେ ମନା କରନା—ଖାଲି ବାଟ ବତେଇ ଦେ ଟିକିଏ ।"

ବୁଢ଼ୀ ଅସୁରୁଣୀ ଟିକିଏ ହସିଲା—ହୁଏତ ରଜାପୁଅର ଯୌବନ ତାକୁ ହସେଇଲା—ହସେଇଲା ତାର ଶୀତଳ-ପ୍ରୌଢ ମନଟାକୁ । ରଜାପୁଅ ମୁହଁକୁ ଘଡ଼ିଏ ଅନେଇ ରହିଲା—ତାପରେ ସୂତା କଣ୍ଢାଟାଏ ଆଗକୁ ପକେଇ ଦେଇ କହିଲା ଯାଃ ପଛେ ପଛେ ଯିବୁ ପାଇବୁ ।

ରଜାପୁଅ ପାଦଧୂଳି ନେଇ ବାହାରି ପଡ଼ିଲା । ସତକୁ ସତ ସୂତା କଣ୍ଢାଟା ଆଗରେ ଗଡ଼ି ଗ୍ଭଲିଲା ରଜାପୁଅ ଗ୍ଭଲିଲା ପଛେ ପଛେ ।

କେତେ ନଈ ନାଳ ରଜାପୁଅ ପହଁରିଗଲା-କେତେ ଅନ୍ଧାରିଆ ଗୁମ୍ଫାମଧ୍ୟରେ ରଜାପୁଅଗଲା—ଡେଇଁଗଲା କେତେ ଅଲଂଘ୍ୟ ଗିରି—କାହିଁ ରାଜକୁମାରୀ ! ସୂତାକଣ୍ଢାଟା ଗଡ଼ିଗ୍ଭଲିଛି—ରାଜପୁତ୍ର ଗ୍ଭଲିଛି ତା ପଛେ ପଛେ । କ୍ଳାନ୍ତ ଶ୍ରାନ୍ତ ଅଥଚ ଦୁର୍ନିବାର ପିପାସା । ସାତଦିନ ସାତରାତି ଗ୍ଭଲିବା ପରେ ରଜାପୁଅ ଆସି ପହଞ୍ଚିଲା ଗୋଟାଏ ବଡ଼ ପୋଖରୀ କୂଳରେ—ସେହିଠାରେ ସୂତା କଣ୍ଢାଟା ଅଟକି ଗଲା ରାଜାପୁଅ ଅନେଇଲା ଚାରିଦିଗକୁ କେହିନାହିଁ ।

କେତେବେଳେକେ ଦେଖିଲା ପୋଖରୀ ମଝିରେ ଗୋଟିଏ ଦୀପଦାଣ୍ଡି—ତା ଉପରେ କିଏ ଗୋଟିଏ ବସିଛି ପରି ମନେ ହେଉଛି । କାଳ



Digitized by srujanika@gmail.com

ବଲମ୍ବ ନକରି ରାଜପୁତ୍ର ଲମ୍ଫଦେଲା ପାଣି ଭିତରକୁ ପହିଁରି ପହଁରି ଲାଗିଲା ଘାଟଦାଣ୍ଡିରେ । ସେଠି ତାର ଆଖି ଝଲସିଗଲା ।

ମାଣିକ୍ୟର ଘାଟଦାଣ୍ଡି । ସେଥିରେ ଲାଗିଛି ସୁନା ରୁପାର ଝାଲର—ଚତୁର୍ଦ୍ଦିଗରେ ଲକ୍ଷ ସ୍ୱର୍ଣ୍ଣ ପ୍ରଦୀପ ପଦ୍ମ-ନିର୍ଯ୍ୟାସ ଧ୍ୱଂସ କରି ଝଲସି ଉଠୁଛି । ଅଗୁରୁ ଗନ୍ଧରେ ଆମୋଦିତ ଚଉଦିଗ । ହୀରକ ଚନ୍ଦ୍ରାତପ ତଳେ ବସି ରହିଛି ଅପୂର୍ବ ସୁନ୍ଦରୀ—ନୀଳ ଝୀନବସ୍ତ୍ର ଦେଇ ଫୁଟି ଉଠୁଛି ତାର ତନୁ ଲାବଣ୍ୟ—ତରୁଣୀଟି ବସି ଅନମନା ହୋଇ କାନ୍ଦୁଛି । ତାର ଟୋପାଏ ଲୁହ ଜଳ ସ୍ପର୍ଶ କରି ଫୁଟାଉଛି ଗୋଟିଏ ହୀରାର ପଦ୍ମ । ହୀରକ ପଦ୍ମର ଯୂଥ ଜଳାଶୟର ଗୋଟିଏ କ୍ଷୁଦ୍ର ବହିଷ୍କୃତ ଦେଇ ଭାସି ଯାଇଛନ୍ତି ଦୂରକୁ, ବହୁତ ଦୂରକୁ—ଯେତେଦୂର ଯାଇଛି ସେ ଜଳ ରାଶିର ସ୍ରୋତ । କିଏ ଜାଣେ ? ଆଜ କେଉଁ ଭୂଷିତ ରାଜକୁମାର ହୁଏତ ପୃଥିବୀର କେଉଁ ଅଜ୍ଞାତ ଦ୍ରାଘିମା ଉପରେ ବସି ଗୋଟାଇ ନେଉଥିବ ଏ ହୀରକପଦ୍ମ ସବୁ—ଲକ୍ଷ ପୂର୍ଣ୍ଣ ହେଲେ ସେ ପାଇବ ତାର ଇପସିତାକୁ—ନତୁବା କେଉଁ ଗହନବନ ତଳେ କେଉଁ ଯତି ତପସ୍ୟା ରତ ଥିବେ—ଏ ଫୁଲ ସବୁ ଯାଇଁ ଲୀନ ହୋଇ ଯାଉଥିବ ସେହି ମହାପୁରୁଷଙ୍କର ଚରଣ ପଙ୍କଜରେ । ଯେଉଁଦିନ ସେ ଚରଣରେ ପାଇବେ ଲକ୍ଷ ପଦ୍ମର ସ୍ପର୍ଶ ସେଦିନ ସେ ହେବେ ସିଦ୍ଧ ପୁରୁଷ ।

ରାଜକୁମାରୀ ଫେରି ଚାହିଁଲା । ତା ଆଖି ଆଗରେ ଉଭା ଦିବ୍ୟ ବୀର ପୁରୁଷ—ଅଙ୍ଗେ ଅଙ୍ଗେ ପୁରୁଷର ଲାବଣ୍ୟ । ହଠାତ୍ ତାର ମୁହଁ ମଳିନ ପଡ଼ିଗଲା । ଦୁଃଖ ପ୍ରକାଶ କଲା "କାହିଁକି ଆସିଲ ଏଠାକୁ ରାଜକୁମାର ? ଏଇ ବର୍ତ୍ତମାନ ଫେରି ଆସିବ କାମାକ୍ଷ୍ୟା ଦୈତ୍ୟ—ହୁଏତ ସେ ମାରିବ ହେଲା ।

ରାଜକୁମାର ସାମାନ୍ୟ ହସି ଲମ୍ଫ ଦେଲା ଅତଳ ଜଳକୁ ପୁନର୍ବାର । ରାଜକୁମାର ବୁଡ଼ିଲା ତଳକୁ । ରାଜକୁମାରୀ ଉଦ୍‌ବିଗ୍ନ ନୟନରେ ଅନେଇ ରହିଲା । ଉତ୍କଣ୍ଠା ବଢେ—ରାଜକୁମାର ଉପରକୁ ଉଠେ ନାହିଁ । ବେଳ ଆଖର ହୋଇଗଲା—ରାଜକୁମାରୀ ମନରେ ପାପ ଛୁଇଁଲା ଛତିବେ କଣ—

ଆଶା ଓ ନିରାଶାର ସନ୍ଧି ସ୍ଥଳରେ ରାଜ-କୁମାରୀ ଦୋଳୁଛି ରାଜକୁମାର ଉପରକୁ ଉଠିଲା ଭୀମ ବେଗରେ । ହାତରେ ତା'ର ମାଣିକ୍ୟର ସମ୍ପୁଟକ । ଅସ୍ତ୍ରେ ଖୋଲି ଭଅଁରଟିକୁ ଧରିଲା । ଶୁଣାଗଲା ଭୀଷଣ ଗର୍ଜନ । ଅସୁର ଧାଇଁଛି ଜୀବନ ଉପରେ ଆଘାତ ପାଇ । ରାଜକୁମାର ଚିପିଦେଲା ଭଅଁରଟିକୁ ଦୁଇ ହାତରେ । ଗୋଟାଏ ବିରାଟ ଚିତ୍କାର କରି ଅସୁର ପୋଖରୀ କୂଳରେ ପଡ଼ି ମରିଗଲା ।

ରାଜକୁମାର ପଚାରିଲା "ଜାଣିପାରେ ନାମ ତୁମର ?" ରାଜକୁମାରୀ ଲାଜରେ ମୁହଁ 'ତଳକୁ କରିଦେଲା—ରଙ୍ଗା ମୁହଁରେ ଧୀରେ କହିଲା 'ପଦ୍ମାବତୀ'—

ରାଜକୁମାର ଆମୋଦ ପାଇଲା ।

ନିଜର ମାଂସଳ ସ୍କନ୍ଧ ଉପରେ ବସାଇ ପଦ୍ମାକୁ ନେଇ ଆସିଲା କୂଳକୁ—ହୀରା ଫୁଲର ସ୍ରୋତ ଗଲା ବନ୍ଦ ।

ରାଜକୁମାରୀ ଖୋଲି ଦେଲା ତାର ଅଭିଜ୍ଞତାର ପେଟିକା । ଅସୁର କିପରି ଅତ୍ୟାଚାର କରେ—କନ୍ଦାଏ—ହସାଏ—ଡରାଏ—ମନନେଇ କଥା କୁହେ-ରୁପାକାଠିରେ ଅଚେତା କରିଦେଇ ଚାଲିଯାଏ ।

ରାଜ କୁମାର ଶୁଣିଯାଏ ।

ସେହିଠାରେ ସେହିଦିନ ରାତିରେ—ଆକାଶରେ ଉଠିଥିଲା ବଙ୍କିମ ଚନ୍ଦ୍ର—କୁମାର କୁମାରୀ ରଚିଥିଲେ ବାସର ଶେଯ । ଉପରେ ସୁନୀଳ ଆକାଶ, ତଳେ ମହାଭାରତର ମାଟି ଓ ଗୁରପଟେ ପ୍ରାଗ୍ ଐତିହାସିକ ବାୟୁ ମଣ୍ଡଳ ।

କ୍ଳାନ୍ତ ରାଜପୁତ୍ର ଶୋଇ ରହିଛି । ରାଜକୁମାରୀ ଦଣ୍ଡାୟମାନା ହସ୍ତରେ ଶାଣିତ ଛୁରିକା ।



Digitized by srujanika@gmail.com

ରାଜକୁମାର ଚେତନା ପାଇଲା ହସ୍ତ ରାଜକୁମାରୀ ହସ୍ତରୁ ଖସିପଡ଼ିଲା ଛୁରୀକା, କାହିଁକେଜାଣି ଭାବଥିବେ !

ରାଜକୁମାର ମନରେ କାଣ୍ଟ କାଟିଲା—ହୁଏତ ତାର ଉଦ୍ଦେଶ୍ୟ ତାଙ୍କୁ ମାରି ପଳାୟନ କରିବା। ତାର ଗୋପନ ପ୍ରଣୟୀ ପାଖକୁ ।

ରାଜାପୁଅ ପୁଚ୍ଛିଲା—କାରଣ ?

ରାଜକୁମାରୀ ସଂକୋଚ ବୋଧ କଲା ।

ରାଜକୁମାର ଅବିଶ୍ୱାସ କଲା, କହିଲା, ବିଶ୍ୱାସଘାତକୀ !

ନାଁ ନାଁ ରାଜକୁମାର, ମୋତେ ତା କୁହନାହିଁ ବିଶ୍ୱାସକର, ମୁଁ ଯାହା କରୁଥିଲି ତୁମ ମଙ୍ଗଳପାଇଁ । କଣ୍ଠରେ ଥିଲା ପଦ୍ମାବତୀର ଉତ୍କଣ୍ଠା ଓ ମିନତି ।

ତେବେ ପ୍ରକାଶ କରୁନାହିଁ କାହିଁକି ? ରାଜପୁତ୍ର କଥାରେ ଜୋରଦେଲା ।

"ମୁଁ ଅଭିଶପ୍ତା—ଯଦି କୁହେ ପଥର ହୋଇଯିବି" ପଦ୍ମାବତୀ ଆଖିରେ ଲୁହ, ରାଜକୁମାର ହସିଲା । "ମୁଁ ଶିଶୁ ନୁହେଁ ପଦ୍ମା, ମୋତେ ତୁମେ ଠକିଦେବ, ଆଖିର ଲୁହରେ ଓ ଅଳୀକ କଳ୍ପନାରେ ।"

ରାଜକୁମାର କଥାରେ ଥିଲା ଗଭୀର ଅବିଶ୍ୱାସ ।

"ବିଶ୍ୱାସ କର ରାଜକୁମାର ମୁଁ ଅଭିଶପ୍ତା" କି ମିନତିଭରା ସେ କଣ୍ଠ ! କି ଇଙ୍ଗିତ ଭରା ସେ ଅଙ୍ଗଭଙ୍ଗୀ !

କିନ୍ତୁ ରାଜକୁମାର ମନରେ ସନ୍ଦେହର କାଣ୍ଟ ଯେତ ରହିଁ ଯାଇଛି । ସେ କେବଳ ହସିଲା । ଗୋଟାଏ ବ୍ୟର୍ଥତାର ଆତ୍ମପ୍ରକାଶ କେବଳ ।

"ଯାଅ ପଦ୍ମା, ତୁମେ ମୁକ୍ତ, ତୁମକୁ ମୁଁ ଶାସ୍ତି ଦେବାକୁ ଚାହେଁ ନାହିଁ । ଅବାଧରେ ଯାଇପାର ତୁମର ଗୋପନ ପ୍ରଣୟୀ ପାଖକୁ ।"

"ତୁମେ ମୋର ସବୁ ରାଜକୁମାର—ଦେବତା, ମୁଁ କେଉଁଠାକୁ ଯିବି ? କାହା ପାଖକୁ ? ମୁଁ ତୁମକୁ ଭଲପାଏ ।" ସ୍ୱର କରୁଣ ।

'ଭଲପାଅ' ? ଦ୍ରୁତ ସ୍ୱରରେ ପଚାରିଲା ରାଜକୁମାର, 'ଭ-ଲ-ପା-ଏ' ଆସିଲା ଦରଦଭରା ଉତ୍ତର ।

"ମୁଁ ପରୀକ୍ଷା ଚାହେଁ !"

"ଦେବାକୁ ପ୍ରସ୍ତୁତ ।"

ସତ୍ୟ କର ପଦ୍ମା—

ତିନିଥର ସତ୍ୟ କଲି । ରାଜକୁମାରୀ ପୋଖରୀରୁ ଆଞ୍ଜୁଳାଏ ପାଣି ଟେକିଦେଲା ସନାତନ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ । ସତ୍ୟକରି ଯିବ କୁଆଡ଼େ ପଦ୍ମାବତୀ ! କୁହ ଗତ ରାତିରେ କି ଉଦ୍ଦେଶ୍ୟ ନେଇ ଉଜାଗର ରହିଥିଲ ହାତରେ ଛୁରୀକା ଧରି ? ରାଜକୁମାର ହସି ଉଠିଲା । "ତୁମେ ନିଜର ସର୍ବନାଶ କରୁଛ ପ୍ରିୟ ! ଏତେ ଶ୍ରମ ସ୍ୱୀକାର କରି ଯେ ଆଶା ପୋଷିଥିଲି ତାହା ହେବ ବ୍ୟର୍ଥ । ମୁଁ ସତ୍ୟ କରିଛି କହିବି ଓ ପାଷାଣ ହୋଇଯିବି । ମୋତେ ଆଉ ପାଇବ ନାହିଁ ।

ରାଜକୁମାର ଉତ୍କଣ୍ଠାରେ କର୍ଣ୍ଣପାତ କରି ରହିଲା । ରାଜକୁମାରୀ ଆଖିରେ ଆଖିଏ ଲୁହ ।

"ମତେ ଅଭିଶାପ ଦେଇଥିଲେ ଜଣେ ସିଦ୍ଧ ପୁରୁଷ, ତାଙ୍କର ଯୋଗ ଭଙ୍ଗରେ । ମୋର ପ୍ରଥମ ପ୍ରଣୟୀ ସର୍ପଦଂଷ୍ଟ ହେବେ ମଧୁଶଯ୍ୟା ରାତିରେ ।

କାତର ସ୍ୱରରେ "ଉପାୟ" ମାଗିଥିଲି ।

ଯତି କହିଥିଲେ ଏକମାତ୍ର ଉପାୟ ଯଦି ମୁଁ ଜାଗି ରହି ସର୍ପ ଆଗମନକୁ ଅପେକ୍ଷା କରେ ଅପଲକ ନୟନରେ ଓ ତାକୁ ବିନାଶ କରେ । ମୁଁ ଅପେକ୍ଷା କରିଥିଲି ତୁମେ ମତେ ଭୁଲ ବୁଝିଲ । ମତେ ଆଉ ପାଇବ ନାହିଁ ରାଜକୁମାର ଆଉ ପାଇବ ନାହିଁ ।

କମ୍ପିତ ସ୍ୱର ମିଳେଇଗଲା ବାୟୁମଣ୍ଡଳରେ

"ପଦ୍ମାବତୀ" ! ଚିତ୍କାର କରି ଉଠିଲେ ରାଜକୁମାର । ଆଲିଙ୍ଗନ କରିବାକୁ ପ୍ରସାରିତ ପାଣି ସ୍ପର୍ଶକଲା ଗୋଟାଏ ନିର୍ଜୀବ ଅକର୍ମଣ୍ୟଶିଳା ପ୍ରସ୍ତର ।

କଣ କଲ ରାଜକୁମାର ! ଯାହାକୁ ଜୀବନ୍ତରେ ଧରି ପାରିଲ ନାହିଁ ତାକୁ ଧରୁଛ ରୂପାନ୍ତରିତ ପ୍ରସ୍ତର ମଧ୍ୟରେ ! ଫେରିଆସ !

ରାଜକୁମାର ଜଡ଼ । ହସ୍ତପଦ ଚଳନ ଶକ୍ତି ରହିତ । ଦୁଇଟି ଉଦ୍‌ବିଗ୍ନ-କରୁଣ ଚକ୍ଷୁ କେବଳ ଅପଲକ ନୟନରେ ଅନାଇ ରହିଛି ନିର୍ଜୀବ ପ୍ରସ୍ତରକୁ ଯେପରି ଦୃଷ୍ଟି ରଶ୍ମି ଭେଦ



Digitized by srujanika@gmail.com

କରି ଯାଉଛନ୍ତି ସେହି ମୂକ ପ୍ରସ୍ତର ଖଣ୍ଡର ସ୍ତରେ ସ୍ତରେ ।

ଫେରିଆସ ରାଜକୁମାର ! ତୁମକୁ ଅପେକ୍ଷା କରି ରହିଛନ୍ତି କର୍ଣ୍ଣାଟର ପ୍ରଜାଗଣ ତୁମର ପଦ ଧ୍ୱନିକୁ ଅପେକ୍ଷା କରିଛନ୍ତି ତୁମର ବୃଦ୍ଧ ପିତା ମାତା—ତୁମର ଅଜ୍ଞାତ ରାଣୀ, ଫେରିଆସ ! ରାଜକୁମାର ଜଡ଼ ।

କାଳ କାଳ ବିତିଗଲା ସେହି ମୂକ ପ୍ରସ୍ତର ଓ ଜୀବନ୍ତ ପ୍ରସ୍ତରର ନିଗୂଢ଼ ଆଲିଙ୍ଗନ ଉପରେ । ପ୍ରସ୍ତରର ଧାରେ ଧାରେ ଠୋଳା ଉଠିଲା ଗୋଟାଏ ବିରାଟ ବଲ୍ମୀକ ।

ସେଇ ପଥର ଉପରେ ନିତି କପୋତୀ ବାହୁନେ । ସେଇ ଉଇ ହୁଙ୍କା ଭିତରେ ନାଗ ନାଗୁଣୀକୁ କଥା କହେ ରାତି ଅଧରେ ।

ଏଇୟା କଥା ।

# ମା'ର ଦୁଃଖ କଥା

( ଶ୍ରୀ କପିଳେଶ୍ୱର ଘୋଷରାୟ, ଏମ୍. ଏ. )

ଶୁଣ ମୋର ଦୁଃଖ          କଥା ଲୋ ଭଉଣୀ
ଶୁଣ ମୋର ଦୁଃଖ କଥା
କହିଲା ବେଳକୁ          କାନ୍ଦ ମାଡୁଅଛି
ଘୂରି ଯାଉଅଛି ମଥା ।
ବୃଥା କଳହରେ          ମାତିଛନ୍ତି ଆଜି
ମୋର ଦୁଇ ଗୋଟି ପୁଅ
ଧନ ରତ୍ନ ଏହି          ଦୁଃଖ ଦେଖି ମୋର
ଆଖିରୁ ଗଡ଼ୁଛି ଲୁହ ।
କଲି ଭାଙ୍ଗିବାକୁ          କେତେ ଯତ୍ନ କଲି
ସବୁତ ହେଲାଣି ପଣ୍ଡ
ସୁନା ଘର ମୋର          ଚୂନା ହୋଇଗଲାଣି
ହୋଇଗଲାଣି ଖଣ୍ଡ ଖଣ୍ଡ ।
ଧନ୍ଦ ଧନ୍ଦ ଭାତୃ          ବିବାଦ ବଢ଼ିଲା
ଜାଣିଲେ ଦୁନିଆ ସାରା
ଆହା ଆଜି ମୋର          ମର୍ମ ଅଗାରରେ
ବହୁଅଛି ରକ୍ତ ଧାରା ।
ଘର କଥା ମୋର          ପଦାରେ ପଡ଼ିଲା
ଜଗତ ହସୁଛି ଦେଖି
ଭୋଗିବି ଏ ଦୁଃଖ          ଏଥି କପାଳରେ
ବିଧାତା ଦେଇଛି ଲେଖି ।
ନ କହିଲେ କୁଳ          ଭାସି ଯାଉଅଛି
କହିଲେ ମାଡୁଛି ଲାଜ
ଫୁଟି ଯାଉନାହିଁ          ନିର୍ଲଜ ନୟନ
ଦେଖିଲା ଏ ଦୁଃଖ ଆଜ ।
ଏ ଦାରୁଣ ଦୁଃଖ          ଭାବିଲା ବେଳକୁ
ଫାଟି ଯାଉଅଛି ଛାତି
ଅନ୍ନ ଜଳ ମୋତେ          ରୁଚୁ ନାହିଁ ଆଜ
କାନ୍ଦି କାନ୍ଦି ଦିନ ରାତି ।
ଥିଲେ ଦୁଇ ପୁଅ          ଜନନୀରୁ ଶାନ୍ତ
ସୁଧୀର ସୁବୁଦ୍ଧି ସୁନା
ସାନ ପୁଅ ପର          ଫିସାଦରେ ପଡ଼ି
ସୁନା ଘର କଲା ଚୂନା ।
ଦୁର୍ଦ୍ଦାନ୍ତ ଶତ୍ରୁର          ଦୃଢ଼ ବନ୍ଧନରୁ
ଅହିଂସା ଧର୍ମରି ବଳେ
ମୁକୁଳାଇ ଦେଲେ          ପୁଅମାନେ ମୋତେ
ଆହା କେତେ କଷ୍ଟ ଗଲେ ।
ଅହିଂସା ଧର୍ମର          ପ୍ରଦୀପ୍ତି ଦର୍ଶିନେ
ଶତ୍ରୁ ବି ହେଲା ଆପଣା
ଅହିଂସା ନୀତିର          ଅପୂର୍ବ ଶକତି
ଦେଖିଲା ଆଜ ଦୁନିଆ ।
ପରାଧୀନତାର          ଦୃଢ଼ ବନ୍ଧନରୁ
ମୁକତ ହେଲି ମୁଁ ଆଜ
କିନ୍ତୁ ଘୋର ଜ୍ୱାଳା          ଯାତନାରେ ମୋର
ହୃଦୟ ଯାଉଛି ଭାଜ ।



Digitized by srujanika@gmail.com

ଭାବଥିଲି ଆସି ମୁକ୍ତି ଲଭି ପରେ
ଭୋଗିବି ମୁଁ ଶାନ୍ତି ସୁଖ
ଲୁହ ନ ଜାଣି ମୁଁ ରକତ କାନ୍ଦୁଛି
ନ ସରଇ ମୋର ଦୁଃଖ ।
ସାନ ପୁଅ ଅତି ଅବୁଝା ପଡ଼ିଛି
ମାନୁ ନାହିଁ କାର କଥା
ସହୋଦର ଠାରୁ ପୃଥକରେ ରହି
ଦେଲା ଘୋର ମନୋବ୍ୟଥା ।
ଦୁଇଜଣଙ୍କର ଲାଗିଲେ ବିବାଦ
ତୃତୀୟ ଲୋକର ଲାଭ
ଭାଙ୍ଗି ଦିଅ କଳି ଦୁଇ ଜଣ ଯାକ
ମନେ ରଖି ଏହି ଭାବ ।

ଭୁଲିଯାଇ ସବୁ ଅତୀତ ଘଟଣା
ମିଳିଯାଅ ଦୁଇ ଭାଇ
ମନେ ରଖିଥାଅ ଗଲା କଥା ଆଉ
ଫେରି ତ ଆସିବ ନାହିଁ ।
ଧନ ଜନ ଗୋପ- ଲକ୍ଷ୍ମୀ ସମ୍ପଦରେ
ପୂର୍ଣ୍ଣ ହୋଇଛି ମୋ ଘର
ଖାଇ ପିଇ ହସି ଖେଳି ସୁଖେ ରହି
ବାବୁ ଘରଦ୍ୱାର କର ।
ସତ୍ୟ ଶାନ୍ତି ଦୟା ଧର୍ମ ନ୍ୟାୟ ବଳେ
ହୁଅ ବାବୁ ବଳୀୟାନ
ଜାଣୁ ଏ ଜଗତ ଦୁଇ ଭାଇ ଏକ
ହିନ୍ଦୁ ଓ ମୁସଲମାନ ।

# କୋଣାର୍କର ସୂର୍ଯ୍ୟ ବିଗ୍ରହ

( ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ ରାଜାବାହାଦୁର ପୁରାତତ୍ତ୍ୱ ବିଶାରଦ ଓ ବିଦ୍ୟା ବାଚସ୍ପତି, ରାଜାସାହେବ—ଟିକଲି )

କଳାପାହାଡ଼ କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୁଷୋତ୍ତମ କ୍ଷେତ୍ରର ଜଗନ୍ନାଥଙ୍କ ମନ୍ଦିର ପ୍ରଭୃତି ଅନେକ ଶିବ ଓ ବିଷ୍ଣୁ ମନ୍ଦିରମାନଙ୍କ ବିଗ୍ରହ ମନ୍ଦିରର ଚୂଡ଼ା ଓ ମନ୍ଦିରର ପାର୍ଶ୍ୱଦେବତାମାନଙ୍କୁ ଛିନ୍ନ କରିଥିଲା, ଚୂଡ଼ା ଭଗ୍ନ ହୋଇଥିବା ଅନେକ ମନ୍ଦିର ଅନେକ ସ୍ଥାନରେ ଅଦ୍ୟାବଧି ଦେଖାଯାଏ ଶିବଲିଙ୍ଗ କୌଣସି କାରଣ ବଶତଃ ଭଗ୍ନହେବା ପକ୍ଷରେ ଲିଙ୍ଗର ନାଭିକୁମ୍ଭ ଅଂଶ ଅବଶିଷ୍ଟ ଥିଲେ ସୁଦ୍ଧା ଉକ୍ତ ଲିଙ୍ଗ ପୂଜା କରାଯାଇ ପାରେ ବୋଲି ନିୟମ ଥିବାରୁ କଳାପାହାଡ଼ ଦ୍ୱାରା ଭଙ୍ଗାଯାଇଥିବା ଅନେକ ଲିଙ୍ଗମାନ ସେହିପରି ଛିନ୍ନ ଭାବେ ପୂଜିତ ହେଉଅଛନ୍ତି ଏବଂ ଲିଙ୍ଗସ୍ଥିତ ଶିବାଳୟମାନଙ୍କ ପାର୍ଶ୍ୱଦେବତାମାନ ମଧ୍ୟ ଯେଉଁପରି ଛିନ୍ନ ହୋଇଥିଲେ ସେହିପରି ଭଗ୍ନାବସ୍ଥାରେ ଥିବାର ଦେଖାଯାଏ । କିନ୍ତୁ ବିଷ୍ଣୁ ମନ୍ଦିରର ଦେବତାମାନ କୌଣସି କାରଣ ବଶତଃ ଅଳ୍ପଛିନ୍ନ ହେବାକ୍ଷଣି ସେ ବିଗ୍ରହର ସ୍ଥାନରେ ନୂତନ ବିଗ୍ରହ ସ୍ଥାପନ କରାଯିବା ନିୟମ ଅଟେ । କଳାପାହାଡ଼ ଶିବଲିଙ୍ଗ ଓ ବିଷ୍ଣୁ ବିଗ୍ରହମାନ ଭଗ୍ନ କରିଥିଲା । ଜଗନ୍ନାଥ ବିଷ୍ଣୁଙ୍କ ମନ୍ଦିର ଭିତରକୁ ତାହାକୁ ପ୍ରବେଶ ନ କରାଇବା ପ୍ରଯୁକ୍ତ ପ୍ରଧାନରେ ବିଷ୍ଣୁ ମନ୍ଦିର ବିଗ୍ରହମାନ ଛିନ୍ନ କରିଥିଲା । ଶିବଲିଙ୍ଗମାନ ପ୍ରୋଥିତ ହୋଇଥିବାରୁ ଲିଙ୍ଗକୁ ସ୍ଥାନାନ୍ତରିତ କରିବା ସୁବିଧା ନାହିଁ, କିନ୍ତୁ ବିଷ୍ଣୁ ବିଗ୍ରହ ମନ୍ଦିରରେ ପ୍ରୋଥିତ ହୋଇ ନ ଥିବାରୁ ବିଷ୍ଣୁ ବିଗ୍ରହମାନ କଳାପାହାଡ଼ ଛିନ୍ନ କରିଦେବା ପ୍ରଯୁକ୍ତ ଉକ୍ତ ବିଗ୍ରହମାନଙ୍କ ସ୍ଥାନରେ ନିୟମାନୁଯାୟୀ ଉକ୍ତ ପରିମାଣରେ ନୂତନ ବିଗ୍ରହମାନ ପୁନଃ ପ୍ରତିଷ୍ଠା କରାଯାଇ ଥିବାରୁ, ବିଷ୍ଣୁ ମନ୍ଦିରମାନଙ୍କରେ କଳାପାହାଡ଼ ଦ୍ୱାରା ଭଗ୍ନାବଶିଷ୍ଟ ବିଗ୍ରହମାନ ରହିନାହିଁ କଳାପାହାଡ଼ ନେଇ ଛିନ୍ନ କରି ଫିଙ୍ଗି ଦେଇଥିବା ବିଗ୍ରହମାନ ବର୍ତ୍ତମାନ ସଂଗୃହୀତ ହୋଇ ପ୍ରତ୍ନତତ୍ତ୍ୱ ବିଭାଗର ମ୍ୟୁଜିୟମ୍ ମାନଙ୍କରେ ସ୍ଥାପନ କରାଯାଇଥିବାର ଦେଖାଯାଏ ଏପରି କି ଯବନମାନେ କାଶୀର ବିଶ୍ୱନାଥଙ୍କ ମନ୍ଦିର ଭାଙ୍ଗି ତାହାର ଭଗ୍ନାବଶିଷ୍ଟ ଉପରେ ମସ୍‌ଜିଦ୍ ନିର୍ମାଣ



Digitized by srujanika@gmail.com

କରିଅଛନ୍ତି ଏବଂ ଅନେକ ଶିଳା ଶାସନମାନ ମନ୍ଦିରମାନଙ୍କରୁ ନେଇ ଗଡ଼ଦ୍ୱାରରେ ପଦଦଳିତ ହେଲାଭଳି ପକାଇ ଯାଇଥିଲେ ଔରଙ୍ଗଜୀବ ବୃନ୍ଦାବନର ଗୋବିନ୍ଦ, ଗୋପୀନାଥ ଓ ମଦନ-ମୋହନଙ୍କ ମନ୍ଦିର ଭାଙ୍ଗିଦେବାକୁ ଆଦେଶ ଦେବା ସମ୍ବାଦ ପାଇ ମନ୍ଦିରର ସେବକମାନେ ଉକ୍ତ ବିଗ୍ରହମାନ ଜୟପୁରକୁ ସ୍ଥାନାନ୍ତରିତ କରିଦେଲେ । କେତେଦିନ ପରେ ଉକ୍ତ ଭଗ୍ନାବଶିଷ୍ଟ ତିନି ଦେବାଳୟ ନିକଟରେ ଫେରେ ଆଳୟମାନ ନିର୍ମାଣ କରି ପୁନରପି ନବୀନ ବିଗ୍ରହମାନ ପୂର୍ବୋକ୍ତ ନାମାନୁସାରେ ସ୍ଥାପନ କରି ଯାଇଥିଲେ ପୁରୁଷୋତ୍ତମ କ୍ଷେତ୍ରର ଜଗନ୍ନାଥ ବିଗ୍ରହ କଳାପାହାଡ଼ ନେଇ ଗଙ୍ଗା ନଦୀ କୂଳରେ ପୋଡ଼ି ଦେଇଥିବାରୁ ଫେରେ ନୂତନ ବିଗ୍ରହ ପ୍ରତିଷ୍ଠା ହୋଇଥିଲେ ଇତ୍ୟାଦି ।

କଳାପାହାଡ଼ ସମୟରୁ କୋଣାର୍କର ସୂର୍ଯ୍ୟ ମନ୍ଦିରର ଖ୍ୟାତି ବେଶିଥିବା ପ୍ରଯୁକ୍ତ ଉକ୍ତ ବିଷ୍ଣୁମନ୍ଦିର ମଧ୍ୟ କଳାପାହାଡ଼ ଦ୍ୱାରା ନଷ୍ଟ ହେବା ଆଶ୍ଚର୍ଯ୍ୟ ନୁହେ ।

କଟକରେ ଏକ ପୁରାତନ ମୁସଲମାନ ବସ୍ତି ବିଖ୍ୟାତ ପୀର କଦମରସୁଲଙ୍କ ମସଜିଦ୍ ଅଛି । ଏହି ମସଜିଦ୍ ଔରଙ୍ଗଜୀବଙ୍କ ସମୟରୁ ନିର୍ମିତ ଅଟେ । ଏଠାରେ କଳାପାହାଡ଼ର ଛାଉଣି ହୋଇ-ଥିବାରୁ କୋଣାର୍କ ଠାରୁ ସୂର୍ଯ୍ୟ ବିଗ୍ରହ ତାହାର କର୍ମଚାରୀମାନେ ଆଣିଦେବା ପ୍ରଯୁକ୍ତ । ସେଠାରେ ଉକ୍ତ ବିଗ୍ରହର ଶିର ଓ ବାହୁଦ୍ୱୟ ଛେଦନ କରି ପୁଷ୍କରିଣୀରେ ବିଗ୍ରହକୁ ନିକ୍ଷେପ କରିଦେଇଥିଲେ । ଉତ୍କଳର ଦେବସ୍ଥାନ ମାନଙ୍କ ଉପରେ କଳାପାହାଡ଼ର ବେଶୀ ଈର୍ଷା ଥିଲା । କୋଣାର୍କ ଦେବାଳୟ ନିର୍ମାଣ ସ ନ୍ୟରେ ମନ୍ଦିରର ଶିଖର ଅନେକବାର ଭାଙ୍ଗିଯିବା ପ୍ରଯୁକ୍ତ । ଶିବାଇ ସାମନ୍ତ ମୁଦ୍ରମାରି ଦେଉଳ ଶିଖର ବାନ୍ଧିଥିବା କଥା କଳାପାହାଡ଼ ଜାଣିଥିବାରୁ ମନ୍ଦିରର ଶିଖର ଭାଙ୍ଗି ଦେଲେ ଦେଉଳ ନିଜେ ନିଜେ ପଡ଼ିଯିବ ଦେଉଳ ଭାଙ୍ଗିବା ସକାଶେ ଶ୍ରମ କରିବା ପ୍ରୟୋଜନ ନାହିଁ ବୋଲି ଭାବି ମନ୍ଦିରର ଚୂଡ଼ା ଭଙ୍ଗାଇ ଦେବାରୁ ଉକ୍ତ ମନ୍ଦିରଟି କାଳକ୍ରମେ କ୍ଷତ ବିକ୍ଷତ ହୋଇ ଆଜି ତାର ଏ ଦୁରବସ୍ଥା ଘଟିଅଛି । ମନ୍ଦିରର ଚୂଡ଼ା ଭଗ୍ନକରି ସୂର୍ଯ୍ୟ ବିଗ୍ରହକୁ ନେଇଯିବା ସମୟରେ ମନ୍ଦିରର ପାର୍ଶ୍ୱଦେବତାମାନଙ୍କ ହସ୍ତ ଓ କେତେଗୋଟି ଅଶ୍ୱର ମସ୍ତକ ଛିନ୍ନ କରି ଦେଇଥିଲେ । କୋଣାର୍କ ମନ୍ଦିରଟି ରଥାକୃତିରେ ଗଢ଼ାଯାଇ ସେଥିରେ ସପ୍ତାଶ୍ୱ ଯୋଜନା କରାଯାଇ ଅରୁଣ ସ୍ୱତନ୍ତ୍ର ଭାବେ ସ୍ଥାପନା କରାଯାଇ ଥିବାରୁ ସିଂହାସନସ୍ଥ ସୂର୍ଯ୍ୟ ବିଗ୍ରହର ପୀଠରେ ସପ୍ତାଶ୍ୱ ଓ ଅରୁଣ ବିଗ୍ରହ ଆବଶ୍ୟକ ନାହିଁ । ସୂର୍ଯ୍ୟଦେବଙ୍କ ଉଭୟ ପାର୍ଶ୍ୱରେ ତାହାଙ୍କ ଦୁଇ ସ୍ତ୍ରୀ ଛାୟାଦେବୀ ଓ ମାୟାଦେବୀଙ୍କ ଶିଳା ବିଗ୍ରହ ଅଛି । କଳାପାହାଡ଼ କୋଣାର୍କ ମନ୍ଦିରରୁ ସୂର୍ଯ୍ୟନାରାୟଣ ବିଗ୍ରହ ସ୍ଥାନାନ୍ତର କରିବା ପରେ ଫେରେ ସେହି ସ୍ଥାନରେ ସେହି ପରିମାଣରେ ନୂତନରେ ସୂର୍ଯ୍ୟନାରାୟଣଙ୍କ ବିଗ୍ରହ ଶିଳାରେ ନିର୍ମାଣ କରି ଉକ୍ତ ବିଗ୍ରହର ପୀଠର ଉଭୟ ପାର୍ଶ୍ୱରେ ଛାୟା ଓ ମାୟାଦେବୀ ଖୋଦିତ କରାଇ ପ୍ରତିଷ୍ଠା କରାଇ ଥିଲେ । ମନ୍ଦିରର ଭଗ୍ନ ଶିଖରଟି ମଧ୍ୟ ନିର୍ମାଣ କରା ଯାଇଥିବା ସମ୍ଭାବନା, ଏ ଘଟଣା ଖ୍ରୀ: ୧୫୬୦-୧୫୬୮-ମଧ୍ୟରେ ରାଜା ମୁକୁନ୍ଦଦେବଙ୍କ ସମୟର କଥା । ରାଜା ଲାଙ୍ଗୁଳା ନରସିଂହ ଦେବ ଖ୍ରୀ: ୧୨୭୭-୧୩୦୫ରେ କୋଣାର୍କ ଠାରେ ସୂର୍ଯ୍ୟଙ୍କ ମନ୍ଦିର ନିର୍ମାଣ କରାଇ ୧୨୦୦ କାରିଗର ଦ୍ୱାରା ଯେଉଁ ମନ୍ଦିରର ମୁଦ ହୋଇ ନ ପାରିବାରୁ ଦେଉଳବଢ଼େଇ ଶିବାଇ ସାମନ୍ତର କୃତିତ୍ୱ ଦ୍ୱାରା ପୂର୍ଣ୍ଣ କରିଥିଲା । ଭଙ୍ଗା ଯାଇଥିବା ମୁଦ ଯୋଡ଼ିଲେ କେତେଦିନ ରହିବ । ଯାହାହେଉ ୭୦ବର୍ଷ ରହିଲା । ପ୍ରାୟ ୭୦ବର୍ଷ ମଧ୍ୟରେ ନିର୍ମିତ ମନ୍ଦିରର ଅଧୂଲାଣୀ ପଡ଼ିଯାଇ ନାନାସ୍ଥାନରେ ଭୟଙ୍କର ଭାବେ ଫାଟି ଯାଇଥିବାରୁ ଅଧୂଲାଣୀ ବା ଦେବାଳୟ ମରାମତି କରାଇବା ଅସମ୍ଭବ ଭାବନା କଲେ ଏହି ସମୟକୁ ଉତ୍କଳରେ ଭୋଇ ... ଭୌମ ବଂଶର ରାଜା ନରସିଂହ ଦେବ ଖ୍ରୀ ... ରାଜତ୍ୱ କରୁଥିଲେ । ସେହି ସମୟର ...



Digitized by srujanika@gmail.com

ନିର୍ମାଣକାରୀ ଓଡ଼ିଆ କାରିଗରମାନେ ମଧ୍ୟ ଥିଲେହେଁ ସେମାନେ କଣ କରିବେ ? ନୂତନ ମନ୍ଦିର ନିର୍ମାଣ କରି ଯାଇପାରେ କିନ୍ତୁ ଫାଟିଯାଇ ପତନୋନ୍ମୁଖ ମନ୍ଦିର ଯୋଡ଼ିବା ଅସମ୍ଭବ ସୁତରାଂ କାରିଗରମାନେ ହତୋତ୍ସାହ ହୋଇ ମନ୍ଦିର କେଉଁ ଦିଗରେ ବା କେଉଁ ମନ୍ଦିର ଉପରେ ପଡ଼ିବ ତାର ସ୍ଥିରତା ନାହିଁ ଅତଏବ ଶ୍ରୀମନ୍ଦିରର ଦ୍ୱିତୀୟଦ୍ୱାର ନିର୍ମିତ ସୂର୍ଯ୍ୟନାରାୟଣ ବିଗ୍ରହ ଓ ଅନ୍ୟ ମନ୍ଦିରର ସତ୍ୟନାରାୟଣ ପ୍ରଭୃତି କେତେକ ବିଗ୍ରହ ରାଜା ନରସିଂହ ଦେବ ଖ୍ରୀଃ ୧୬୨୭ରେ ଘେନିଆଣି ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ମନ୍ଦିରମାନ ନିର୍ମାଣ କରାଇ ସ୍ଥାପନ କରିଥିଲେ । ସୂର୍ଯ୍ୟନାରାୟଣ ବିଗ୍ରହ ଯେଉଁ ମନ୍ଦିରରେ ସ୍ଥାପନ କରାଗଲେ ସେହି ମନ୍ଦିରରେ କୋଣାର୍କ ମନ୍ଦିରର ଧାତୁର ଉତ୍ସବ ବିଗ୍ରହ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଅଗ୍ରଭାଗରେ ସ୍ଥାପନ କରାଯାଇ ଭୋଗ ଇତ୍ୟାଦି ଖଞ୍ଜା କରାଗଲା କୋଣାର୍କରୁ ଅଣାଯାଇଥିବା ଶିଳାବିଗ୍ରହ କୌଣସି କାରଣ ବଶତଃ କେତେକ ସ୍ଥାନରେ କ୍ଷୁଦ୍ର ହୋଇ ଯାଇଅଛି । ସୁତରାଂ ଉକ୍ତ ବିଗ୍ରହକୁ ସ୍ଥାନାନ୍ତରିତ ନ କରି କେତେକାଳ ପରେ ଉକ୍ତ ପାଷାଣ ବିଗ୍ରହର ସମ୍ମୁଖରେ ଗୋଟିଏ କାଠ କାନ୍ଥ ନିର୍ମାଣ କରି ଉକ୍ତ କାନ୍ଥ ଦେହରେ ଗୋଟିଏ କାଠ ସୂର୍ଯ୍ୟ ବିଗ୍ରହ ଖଞ୍ଜି ଦେଇଅଛନ୍ତି । ଯେଉଁମାନଙ୍କର ଇଚ୍ଛା ହୁଏ ସେହିମାନେ ଉକ୍ତ ମନ୍ଦିର ଭିତରକୁ ଯାଇ ଉଭୟ ପାର୍ଶ୍ୱରୁ କୋଣାର୍କରୁ ଆନୀତ ସୂର୍ଯ୍ୟନାରାୟଣଙ୍କୁ ଦର୍ଶନ କରି ପାରୁଅଛନ୍ତି । ବର୍ତ୍ତମାନ କୋଣାର୍କର ସୂର୍ଯ୍ୟଙ୍କ ପରିବର୍ତ୍ତେ ସେଠାର ଉତ୍ସବ ବିଗ୍ରହ ପୂଜିତ ହେଉଅଛନ୍ତି, ତାହାଙ୍କୁ ସର୍ବସାଧାରଣ କୋଣାର୍କ ମନ୍ଦିରର ସୂର୍ଯ୍ୟନାରାୟଣ ବୋଲି ଦର୍ଶନ କରନ୍ତି ।

କୋଣାର୍କର ନିମ୍ନଲିଖିତ ତିନିଗୋଟି ସୂର୍ଯ୍ୟବିଗ୍ରହ ବିଭିନ୍ନ ସ୍ଥାନରେ ଥିବାର ଦେଖାଯାଏ ।

୧ । କଟକର ପୀର କଦମ ରସୁଲ ନିକଟସ୍ଥ ପୁଷ୍କରିଣୀରୁ ମିଳିଥିବା ବିଗ୍ରହ ବର୍ତ୍ତମାନ କଟକର ରେଭେନସା କଲେଜର ମ୍ୟୁଜିୟମରେ ବିଦ୍ୟମାନ ଉକ୍ତ ବିଗ୍ରହ କୋଣାର୍କ ମନ୍ଦିର ନିର୍ମାଣ ସମୟର ଶ୍ରୀ ବିଗ୍ରହ ଅଟେ । ଉକ୍ତ ବିଗ୍ରହକୁ କଳାପାହାଡ଼ ନେଇ ମସ୍ତକ ଓ ହସ୍ତଦ୍ୱୟ ଛିନ୍ନ କରି ଦେଇଥିଲା ।

ଏକଚକ୍ରୌ ରଥୋ ଯସ୍ୟ ଦିବ୍ୟଃ କନକଭୂଷଣଃ
ପଦ୍ମାସନା ପଦ୍ମକରୋହଭ୍ୟକୋସ୍ୟାସ୍ତୁ ଦିବାକରଃ ॥
(ନବଗ୍ରହ ସ୍ତୋତ୍ର)

ସୂର୍ଯ୍ୟ ସର୍ବଦା ଦ୍ୱିଭୁଜ ଓ ପଦ୍ମହସ୍ତ ଅଟନ୍ତି । କୌଣସି୨ ପ୍ରତ୍ନତତ୍ତ୍ୱବିଦ୍‌ମାନେ କଟକ ମ୍ୟୁଜିୟମର ସୂର୍ଯ୍ୟ ବିଗ୍ରହକୁ ଅନ୍ୟ କୌଣସି ବିଷ୍ଣୁ ବିଗ୍ରହ ବୋଲି ଓ ଏ ସୂର୍ଯ୍ୟବିଗ୍ରହ ହୋଇଥିଲେ କଣ୍ଠରେ ଚମ୍ପକ ମାଳା ପରିବର୍ତ୍ତେ ପଦ୍ମମାଳା ଥାଆନ୍ତା ବୋଲି କହନ୍ତି । କିନ୍ତୁ ସୂର୍ଯ୍ୟ ବିଗ୍ରହ ବ୍ୟତୀତ ବିଷ୍ଣୁବିଗ୍ରହ ମାନେ ଚତୁର୍ଭୁଜ ଅଟନ୍ତି, ସୂର୍ଯ୍ୟ ପଦ୍ମମାଳା ଧାରି ନୁହନ୍ତି କିନ୍ତୁ ବିଷ୍ଣୁ ମାନେ କେବଳ ମାଳାଧାରି, ଅତଏବ ଯେକୌଣସି ଫୁଲର ବନମାଳା କଣ୍ଠରେ ଶୋଭା ପାଏ । କଟକ ମ୍ୟୁଜିୟମସ୍ଥ ସୂର୍ଯ୍ୟଙ୍କ ବିଗ୍ରହରେ ଯେଉଁପରି ଚମ୍ପକ ପୁଷ୍ପର ବନମାଳା ଶୋଭା ପାଉଅଛି ।

ଆମ୍ବଠାରେ ଥିବା ଗୋଟିଏ ପ୍ରାଚୀନ ରାମଚନ୍ଦ୍ରଙ୍କ ଶିଳା ବିଗ୍ରହରେ ଓ ଆଠଗଡ଼ର ଶ୍ରୀ ଜଗନ୍ନାଥ ମନ୍ଦିର ଶ୍ରୀ ବାସୁଦେବଙ୍କ ଧାତୁ ମୂର୍ତ୍ତିଙ୍କ କଣ୍ଠରେ ମଧ୍ୟ ସେହିପରି ଚମ୍ପକ ପୁଷ୍ପର ବନମାଳା ଥିବାର ଦେଖାଯାଏ ।

୨ । ପୁରୀ ଜଗନ୍ନାଥଙ୍କ ବେଢ଼ାରେ ଥିବା ସୂର୍ଯ୍ୟନାରାୟଣ ବିଗ୍ରହ କୋଣାର୍କ ମନ୍ଦିରରୁ କଳାପାହାଡ଼ ନେବାପରେ ଫେରେ ନିର୍ମିତ ସୂର୍ଯ୍ୟ ନାରାୟଣ ବିଗ୍ରହ; ଏ ବିଗ୍ରହ ମୁକୁନ୍ଦ ଦେବଙ୍କ ସମୟରେ ନିର୍ମିତ ଅଟନ୍ତି, କଟକ ଓ ପୁରୀରେ ଥିବା ସୂର୍ଯ୍ୟ ବିଗ୍ରହର ମାପ ଓ କାରୁକାର୍ଯ୍ୟ ବସିବା ଗଠନ ସମାନ ଅଟେ । ଅତଏବ ପୁରୀର ସୂର୍ଯ୍ୟନାରାୟଣ ବିଗ୍ରହରେ ସାମାନ୍ୟ କ୍ଷୁଦ୍ର ହୋଇଅଛି; କ୍ଷୁଦ୍ର ଯୁକ୍ତ ସ୍ଥାନମାନ ସିମେଣ୍ଟ ଦ୍ୱାରା ପୂର୍ଣ୍ଣ କରାଇ ଉକ୍ତ ମନ୍ଦିରର ମଧ୍ୟନରେ ସ୍ଥାପନା କରିଦେଲେ, କୋଣାର୍କ ମନ୍ଦିରର ସୂର୍ଯ୍ୟ ନାରାୟଣଙ୍କୁ ସମସ୍ତେ



Digitized by srujanika@gmail.com

ଦର୍ଶନ କରିବା ସୁବିଧା ପାଇପାରିବେ । ଏଥିପ୍ରତି ପୁରୀ ଅଧୀଶ୍ୱରଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ସତ୍ୟନାରାୟଣ ବିଗ୍ରହର ହସ୍ତଛିନ୍ନ ହୋଇଥିଲେହେଁ ପୂର୍ଣ୍ଣ କରାଯାଇ ପୂଜା ହେଉଅଛନ୍ତି । କୋଣାର୍କରେ ପୌରାଣିକ ଯୁଗରୁ ଚନ୍ଦ୍ରଭାଗା ନଦୀ ତୀରରେ କୃଷ୍ଣଙ୍କ ପୁତ୍ର ଶାମ୍ବ ମନ୍ଦିର ନିର୍ମାଣ କରି ସୂର୍ଯ୍ୟ ବିଗ୍ରହ ତହିଁରେ ସ୍ଥାପନ କରିଥିଲେ । ମାଦଳା ପାଞ୍ଜିରୁ ଜଣାଯାଏ ଯେ କେଶରୀବଂଶର ବିଂଶତମ ରାଜା ପୁରନ୍ଦର କେଶରୀ ଉକ୍ତ ସୂର୍ଯ୍ୟଦେବଙ୍କ ସକାଶେ ସେହି ସ୍ଥାନରେ ନୂତନ ମନ୍ଦିର ନିର୍ମାଣ କରିଥିଲେ । ସେହି ମନ୍ଦିରର ସମ୍ମୁଖରେ ପଦ୍ମତୋଲା ଗଣ୍ଡରେ ଲାଙ୍ଗୁଲା ନରସିଂହ ଦେବ ସୂର୍ଯ୍ୟଦେବଙ୍କ ସକାଶେ ମନ୍ଦିର ନିର୍ମାଣ କରାଇଲେ ।

"ସପୁଚ୍ଛ ନରସିଂହେନ ଚକ୍ଷୁଶ୍ଚରଣାଂ ଶୁମାଳିନଃ ପ୍ରସାଦଃ କାରିତଃ ଚୋରାଙ୍କାଶକେ ଦ୍ୱାଦଶ କେଶତେ ।

"ରାଜା ଲାଙ୍ଗୁଲା ନରସିଂହ ଦେବ (କୋଣାର୍କରେ) ଗୋଟିଏ ନୂତନ ମନ୍ଦିର ନିର୍ମାଣ କରାଇ ସୂର୍ଯ୍ୟନାରାୟଣଙ୍କୁ ପ୍ରତିଷ୍ଠା କଲେ" ଏହି ବିଷୟ ମଧ୍ୟ ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ଦେଖାଯାଏ ।

ଆଇନ ଆକବରୀ ଗ୍ରନ୍ଥରେ ଲିଖିତ ଅଛି ଯେ "କୋଣାର୍କ ମନ୍ଦିରର ଚତୁଃପାର୍ଶ୍ୱରେ ୨୮ ଗୋଟି କ୍ଷୁଦ୍ରତର ମନ୍ଦିରମାନ ଥିଲା । ତନ୍ମଧ୍ୟରୁ ୨୨ଗୋଟି ମନ୍ଦିରର ପ୍ରାଙ୍ଗଣରେ ଓ ୬ ଗୋଟି ଉତ୍ତର ଦ୍ୱାର ସମ୍ମୁଖରେ ଥିଲା ।" ପୁରନ୍ଦର କେଶରୀ ନିର୍ମାଣ କରିଥିବା ମନ୍ଦିର ଜୀର୍ଣ୍ଣ ହୋଇଯିବା ଦେଖି ଲାଙ୍ଗୁଲା ନରସିଂହ ଦେବ ନିଜର ସୂର୍ଯ୍ୟଦେବଙ୍କ ମନ୍ଦିରର ଗୋଟିଏ କୋଣରେ ଗୋଟିଏ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରାଇ ପୁରନ୍ଦର କେଶରୀଙ୍କ ମନ୍ଦିରର ସୂର୍ଯ୍ୟ ବିଗ୍ରହକୁ ଆଣି ସ୍ଥାପନା କରିଥିବାରୁ ମାଦଳା ପାଞ୍ଜିରେ ଲେଖା ଅଛି ଯେ ରାଜା ନରସିଂହଦେବ 'କୋଣାର୍କରେ ପୁରନ୍ଦର କେଶରୀଙ୍କ ନିର୍ମିତ ମନ୍ଦିର ଜୀର୍ଣ୍ଣ ହୋଇଥିବା ଦେଖି ଉକ୍ତ ବିଗ୍ରହକୁ ଆଣି ନବନିର୍ମିତ ମନ୍ଦିରରେ ସ୍ଥାପନ କଲେ । ଅର୍ଥାତ୍ ଉକ୍ତ ଜୀର୍ଣ୍ଣ ମନ୍ଦିରର ସୂର୍ଯ୍ୟ ବିଗ୍ରହକୁ ନେଇ ନବନିର୍ମିତ ଗୋଟିଏ କ୍ଷୁଦ୍ର ମନ୍ଦିରରେ ସ୍ଥାପନ କଲେ ।

'କୋଣାକୋଣେ କୁଟୀର କମଠୀଳର ଦୃଷ୍ଣୁରଶ୍ମେଃ'

ଅର୍ଥାତ୍—କୋଣାକୋଣରେ ( କୋଣାର୍କ ମନ୍ଦିରର ପ୍ରାଙ୍ଗଣର ଏକ କୋଣରେ ) ସୂର୍ଯ୍ୟ-ଦେବଙ୍କ ସକାଶେ କୁଟିର (ଛୋଟ ମନ୍ଦିର) କରାଇ ଦେଲେ । ବୃହତ୍ ସୂର୍ଯ୍ୟ ମନ୍ଦିର ନିକଟରେ ଏହି ଛୋଟ ମନ୍ଦିରକୁ କୁଟୀର ଆଖ୍ୟା ଦେଇଥିଲେ ।

(୩) କୋଣାର୍କର ନାଟ୍ୟ ମନ୍ଦିରରୁ ମିଳିଥିବା ଅନ୍ୟ ସୂର୍ଯ୍ୟ ବିଗ୍ରହ କୋଣାର୍କର ଅନ୍ୟାନ୍ୟ ସୂର୍ଯ୍ୟ ବିଗ୍ରହଠାରୁ ଭିନ୍ନ ଓ ଛୋଟ ଅଟେ । କୋଣାର୍କ ମନ୍ଦିରର ପାର୍ଶ୍ୱଦେବତା ଓ କୋଣାର୍କ ମନ୍ଦିରରୁ ନେଇ ପୁରୁଷୋତ୍ତମ କ୍ଷେତ୍ରର ଜଗନ୍ନାଥ ଦେବାଳୟର ବେଢ଼ା ମଧ୍ୟରେ ସ୍ଥାପନା କରାଯାଇ ଥିବା ଶିଳା ବିଗ୍ରହ ଓ ଧାତୁ ଦ୍ରବ୍ୟ ସୂର୍ଯ୍ୟ ବିଗ୍ରହ ମାନଙ୍କର ଦୁଇ ଭୁଜ ଅଟେ । କିନ୍ତୁ ନାଟ୍ୟମନ୍ଦିରରୁ ମିଳିଥିବା ଉପରୋକ୍ତ ବିଗ୍ରହଟିର ଚାରିଭୁଜ ଥିବାରୁ ଏହି ବିଗ୍ରହ ପୌରାଣିକ ଯୁଗର ଶାମ୍ବଙ୍କ ସମୟର ବା ତାନ୍ତ୍ରିକ ଯୁଗ ବା କେଶରୀବଂଶୀୟ ରାଜାଙ୍କ ସ୍ଥାପିତ ସୂର୍ଯ୍ୟଦେବଙ୍କ ବିଗ୍ରହ ହୋଇଥିବା ନିଶ୍ଚୟ ଅଟେ ।

ତାନ୍ତ୍ରିକ ଯୁଗର ସୂର୍ଯ୍ୟଙ୍କ ଧ୍ୟାନ—

ରକ୍ତାବ୍ଜ ଯୁଗ୍ମାଭୟଦାନ ହସ୍ତଂ
କେୟୂର ହାରାଙ୍ଗଦ କୁଣ୍ଡଳାଢ୍ୟଂ
ମାଣିକ୍ୟମୌଳିଂ ଦିନନାଥ ମିଡ଼େ
ବନ୍ଧୁକ କାନ୍ତିଂ ବିଲସତ୍ ତ୍ରିନେତ୍ରଂ

ଉପରୋକ୍ତ ଧ୍ୟାନରୁ ସୂର୍ଯ୍ୟ ବିଗ୍ରହ ତାନ୍ତ୍ରିକ ଯୁଗରେ ଚତୁର୍ଭୁଜ ଥିବାର ବୋଧହୁଏ ।



Digitized by srujanika@gmail.com

# ମନ୍ଦ୍ରେ ଉଠେ ଏ ମମ ମରମ ଧାରା

( ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମା )

ଚଞ୍ଚଳ କର ତବ   ମନ୍ଥର ଗତି ଲଭ
ମଞ୍ଜୁଳ ଅଞ୍ଚଳ ଲହର ତୋଳି
କୁଞ୍ଚିତ କୁନ୍ତଳ   ଖୋଲିଦିଅ ଖୋଷା (ଅୟି)
ପଙ୍କଜମୁଖୀ ସୁଗ ପରାଗ ବୋଳି ।
ରମ୍ୟ ଅଧର ତଳେ   ରଙ୍ଗେ ଫୁଟାଅ ହେଳେ
ଫୁଲ୍ଲ ବଚନ ଫୁଲ ମନମୋହନ
ରସ-ସିକ୍ତ ଏଙ୍ଗନେ   ପ୍ରେମସିକ୍ତ ନୟନେ
ଢାଳିଦିଅ ଅମୃତ ଘନ ବହନ ।
ନବନୀତ ସୁଲଳିତ   ଅଙ୍ଗ ଲତିକା ବାରେ
ଭାବ ହିଲ୍ଲୋଳେ ସଖି ! ତରଳେ ଗୁଳି
ଉଦ୍‌ଗତ ଯଉବନ   ମୁଗ୍ଧ ରମଣୀଗଣ
ମୁଗ୍ଧ ବଦନେ ବୋଲି ଦିଅ ଗୋ କାଳି ।

ନୟନ କମଳ ଯୁଗ;   ମୁଖ ପଙ୍କଜ, ନଖ
କୁନ୍ଦ କଳି, ଚରଣ କର ସାରସ
ଚମ୍ପକ ବରଣି ! ଗୋ   କଣ୍ଠେ ମଦନ ଦେବ
ଲବଧ-କୁସୁମ-ମାଳ ସର ସରସ ।
ଦର୍ଶନେ ରୂପ ଆଜି   ଦର୍ଶ-ବିଷାଦ ରାଜି
ହୃଦ କନ୍ଦରୁ ମମ ଯାଇଛି ଦୂରେ
ଅନୁପମ ସୁନ୍ଦରି !   ଅନୁଚିନ୍ତନେ ଶିରି
ପୂରିଯାଏ ଅନ୍ତର ପୁଲକପୂରେ ।
ସେ ପୁଲକେ ସନ୍ତର   ହେ ମଦନ ମଞ୍ଜିର !
ସଞ୍ଜ ସକାଳ ନିଶି ଦିବସ ସାରା
ବାଧା ବନ୍ଧନ ହୀନ   ରଚେ ଯାଉ ଯଉବନ
ମନ୍ଦ୍ରେ ଉଠେ ଏ ମମ ମରମ ଧାରା ।

# ପଣ-ଦାବୀ ନା ପ୍ରାଣ-ଦାବୀ

( ଲେଖିକା ଶ୍ରୀମତୀ ବସନ୍ତ କୁମାରୀ ଦେବୀ )

ମା ଆସି କହିଲେ—"ବିଥି, ଆସିଲୁ ମା, ମୁଣ୍ଡଟା କୁଣ୍ଡାଇ ଦେବି—ଏଇଲେ ସେମାନେ ଆସିଯିବେ । ହଁ, ଆଗ ଯା, ବାପାଙ୍କ ସାବୁନଟିରେ ମୁହଁ ହାତ ଗୋଡ଼ ଭଲରୂପେ ଧୋଇ ଆସେ । ଦେଖ୍, ଭଲରୂପେ ଧୋଇ ଆସିବୁ—"

ମାଙ୍କର ଏହି ଦୁଇପଦ କଥା ଭିତରେ ଯେଉଁ ନିଗୂଢ଼ ଅର୍ଥଟି ଥିଲା ସେଇଟା ତୀକ୍ଷ୍ଣ ଶର ପରି ଗଳିଗଲା ବିଥିର ବୁକୁରେ ! ଆଖି ଦୁଇଟି ସଜଳ ହୋଇ ଉଠିଲା ତାର । ମୁହୂର୍ତ୍ତକ ପାଇଁ ସେ ଅନୁଯୋଗ ଭରା ସଜଳ ଚକ୍ଷୁ ଦୁଇଟି ଉଠାଇ ମାତାଙ୍କ ଆଡ଼କୁ ଚାହିଁଲା ! କନ୍ୟାର ସେ ଦୃଷ୍ଟିର ଅର୍ଥ ବୁଝି ପାରିଲେ ମା ! ଗୋଟିଏ ବେଦନା ଭରା ନିଶ୍ୱାସ ବାହାରି ଆସିଲା ତାଙ୍କ ବକ୍ଷ ତଳୁ ।—ଅନ୍ୟ ଆଡ଼କୁ ଆଖି ଫେରାଇ ନେଲେ ସେ—ବିଥି ଆଉ କିଛି ନ କହି ଘର ଭିତରୁ ବାହାରି ଆସିଲା ।

ଛୋଟ ଛାଟିଘେରା ସାନ ଘରଟିରେ ପଶି ଦୁଇ ହାତରେ ନିଜ ମୁହଁ ଘୋଡ଼ାଇ ଦେଲା ! ସରୁ ଆଙ୍ଗୁଠିର ଫାଙ୍କ ଦେଇ ମୁକ୍ତା ବିନ୍ଦୁ ପରି ଝରି ପଡ଼ିଲା ଲୁହ ! ଏହିପରି କାନ୍ଦିବାଟା ତାର ନୂଆ ନୁହେଁ—ବର୍ଷେ ଧରି ଏହିପରି କାନ୍ଦି ଆସୁଛି ସେ ଏହି ନିଭୃତ ବାଉଁଶ ଛାଟି ଘେରା ଘରଟି ଭିତରେ ! କି ଯୋଗରେ ପୋଡ଼ା ଯୌବନ ଦେଖା ଦେଲା ତା ଦେହରେ, ଏହି କାଳର ଆଗମନ ପରଠାରୁ ସେ ବାପ—ମାଙ୍କୁ କନ୍ଦାଇଛି ନିଜେ ମଧ୍ୟ କାନ୍ଦୁଛି ! ! କିଶୋରୀର ଜୀବନ ଦ୍ୱାରରେ ଯେତେବେଳେ ନବୀନ ବେଶ ଧରି ଉପସ୍ଥିତ ହୁଏ ଯୌବନ—ସେହି କ୍ଷଣଟିକୁ ସମ୍ବଳ କରି କବି ଲେଖେ କବିତା, ଗଳ୍ପ, ଉପନ୍ୟାସ ! ସେହିକ୍ଷଣଟିକୁ ସମ୍ବଳ କରି ତାର କଳ୍ପନା ସାଗରରୁ କେତେ କଣ ଉଦ୍ଭାବନ କରିଦିଏ ସେ ! କିନ୍ତୁ, ବିଥି ଭାବି ପାରେ ନା କବି କିପରି



Digitized by srujanika@gmail.com

କହିବ ଏହି କ୍ଷଣଟି ନାରୀ ଜୀବନର ଅତୀବ ମଧୁର କ୍ଷଣ !—ସେ ତ ନିଜ ଦେଇ ଦେଖିଛି ଏହି କ୍ଷଣଟି ତା ନିଜ ଭିତରେ ତା' ବାପ-ମାଙ୍କ ଭିତରେ କାଳକୂଟର ବିଷ ବିଞ୍ଚି ଦେଇଛି ! ଶାନ୍ତ ସଂସାର ଟି ଭିତରେ ଆଣି ଦେଇଛି ଶୃଙ୍ଖଳା— ! ସେ ଦିନଠାରୁ କାନ୍ଦି ଆସିଛି ସେ—

ବର୍ଥି ଗ୍ଲେଟିଆ ସାବୁନ ଖଣ୍ଡଟିରେ ମୁହଁ ହାତ ଗୋଡ଼ ଭଲରୂପେ ଧୋଇ, ଆଖି ଦୁଇଟି ପୋଛି ଦେଇ ଧୀର ପଦରେ ମା'ଙ୍କ ନିକଟକୁ ଆସିଲା। ବର୍ଥିର ଆରକ୍ତ ଆଖି ଦୁଇଟି ଦେଖି ମା ସବୁ ଜାଣି ପାରନ୍ତି କିନ୍ତୁ ସାନ୍ତ୍ୱନା ଦେବା ଭାଷା ଆଜି ଆଉ ନାହିଁ ତାଙ୍କ ନିକଟରେ। ନିଜାଙ୍କ ମନରେ ସେ ସଜାଇ ଦେଇ ଯାଆନ୍ତି ବର୍ଥିକୁ ! ଆଉ ଦାନ୍ତରେ ଦାନ୍ତ ଚାପି ବସିଥାଏ ବର୍ଥି— ମନଟା ବିଦ୍ରୋହ କରି ଉଠେ କିନ୍ତୁ ତାହା ପ୍ରକାଶ କରିବା ଉପାୟ ଯେ ନାହିଁ ! କୃତ୍ରିମ ସୌନ୍ଦର୍ଯ୍ୟରେ ଭୂଷିତା ହୋଇ ତାର ସାରା ଦେହ ଘୃଣାରେ ସଙ୍କୁଚିତ ହୋଇ ଯାଏ—ଗଣିକା ନ ହେଲେ ମଧ୍ୟ ଗଣିକା ପରି ରୂପର ପସରା ମେଲାଇ ତାକୁ ବସିବାକୁ ହେବ କେତେ ଯୋଡ଼ା ଚକ୍ଷୁ ସମ୍ମୁଖରେ ! ସାଧାରଣତଃ ନାରୀର ଯେତେ ସୌନ୍ଦର୍ଯ୍ୟ ଥିବା ଉଚିତ ସେଇତକରୁ ବଞ୍ଚିତ ହୋଇନି ସେ କିନ୍ତୁ ବିବାହ ବଜାର ଚାହେଁ ଆହୁରି ସୁନ୍ଦର ! ସେହେତୁ ଆଜି ସେ କୃତ୍ରିମ ବେଶ ଧରୁଛି ଦେହରେ—ଆଉ ସେ ବେଶର ଉପକରଣ ଆସିଛି ମା'ଙ୍କ ଖଣ୍ଡେ ଗହଣାର ବିନିମୟରେ !

କେତେକାଳରୁ ସାଇତା ହୋଇଥିବା ଖଣ୍ଡେ ନାଲି ଶାଢ଼ୀ ପିନ୍ଧାଇ ଦିଅନ୍ତି ମା'—ଶାଢ଼ିଟିର ପରଶ ପାଇ ବର୍ଥିର କ୍ଷୀଣ ଦେହଟି ଯେପରି ହସି ଉଠେ, ସବୁ ଶେଷରେ ମା ଅତି ଯତ୍ନରେ ବର୍ଥିର ଶୁଭ୍ର ଲଲାଟ ଉପରେ ପିନ୍ଧାଇ ଦିଅନ୍ତି ଉଜ୍ଜ୍ୱଳ ସିନ୍ଦୁର ବିନ୍ଦୁଟିଏ ! ପୂର୍ବେ ନିଜର ସନ୍ତାନକୁ ସମର କ୍ଷେତ୍ରକୁ ପଠାଇଲା ବେଳେ ମାତା ଯେପରି ଆଶୀର୍ବାଦର ଚିହ୍ନ ସ୍ୱରୂପ ରକ୍ତଚନ୍ଦନର ବିନ୍ଦୁ ଆଙ୍କି ଦେଉଥାନ୍ତି ସମର-ସଜ୍ଜିତ ସନ୍ତାନର ଲଲାଟରେ, ସେହିପରି ଆଜି ମା, କନ୍ୟାର ଲଲାଟରେ ଆଙ୍କି ଦେଲେ ସିନ୍ଦୁର ବିନ୍ଦୁ ! ହଁ, ସେ କନ୍ୟାଙ୍କୁ ସମର-କ୍ଷେତ୍ରକୁ ହିଁ ପଠାଉଛନ୍ତି ! ସମର-କ୍ଷେତ୍ର ନୁହେଁତ ଆଉ କଣ ? କେତେ ଯୋଡ଼ା ଅନୁସନ୍ଧାନୀ ଦୃଷ୍ଟି ଯେ ସମର-କ୍ଷେତ୍ର ଠାରୁ ଆହୁରି ଭୀଷଣ !

ଅନାଥବନ୍ଧୁ କଣେ କିରାଣୀ ! ବଡ଼ ନିରୀହ ସ୍ୱଭାବ । ସଂସାର ଚକ ତଳେ ଭଲ-ରୂପେ ନିଷ୍ପେଷିତ ତାଙ୍କର ଅକାଳ ପକ୍ୱ ରୂକ୍ଷ—ଶୀର୍ଣ୍ଣ ମୁହଁ ଉପରେ ଉଦାସୀନ ଭାବ ! ବାପାଙ୍କ ମୃତ୍ୟୁ ପରେ ସେ ଯେତେବେଳେ ମା ସରସ୍ୱତୀଙ୍କ ଠାରୁ ଛଳ ଛଳ ଆଖିରେ ବିଦାୟ ନେଇ ବାପାଙ୍କ ସ୍ଥାନଟି ଅଧିକାର କରି ବସିଲେ ସେତେବେଳେ ଠାରୁ ସେ ଜାଣନ୍ତି ଜୀବନ ପଥରେ ଅଧିକାଂଶ ସମୟ ଦୁଃଖକୁ ହିଁ ସଙ୍ଗୀ କରି ତାଙ୍କୁ ଅଗ୍ରସର ହେବାକୁ ହେବ । ପିତାର୍ଜିତ ଦୁଇଖଣ୍ଡ କଣ ଜମି ଓ ଦରମା ଅଶୀଏଟି ଟଙ୍କା ତାଙ୍କର ସମ୍ବଳ ! ଗୃହିଣୀ ବୀଣାଙ୍କ ସୁନିପୁଣ ପରିଚାଳନା ହେତୁ ଛୋଟ ସଂସାରଟି କୌଣସିମତେ ଟାଣି ଟୁଣି ଚାଲି ଯାଉଥାଏ । ମାତ୍ର ଦୁଇଟି ସନ୍ତାନ ! କନ୍ୟା ବର୍ଥି— ଆଉ ପୁତ୍ର ରବି । ବର୍ଥି ସେମାନଙ୍କ ମଧୁର ଦାମ୍ପତ୍ୟ ଜୀବନର ପ୍ରତୀକ ସ୍ୱରୂପ ଯେତେବେଳେ ଗୋଲାପ କଳିଟିଏ ପରି ସୌନ୍ଦର୍ଯ୍ୟ ନେଇ ଆସିଥିଲା—କି ଆନନ୍ଦ ସେ ଦିନ ! ବିବାହର ସୁଦୀର୍ଘ ପାଞ୍ଚବର୍ଷ ପରେ ତାଙ୍କର ନିର୍ଜନ କୁଟୀରକୁ ମଧୁର କ୍ରନ୍ଦନରେ ପୂର୍ଣ୍ଣ କରି ଆସିଥିଲା ବର୍ଥି ! ଅନେକ ତର୍କ ବିତର୍କ ପରେ କନ୍ୟାର ନାମ ରଖା ହୋଇଥିଲା ବର୍ଥିକା ! ସେହି ଛୋଟ ଶିଶୁ ବର୍ଥିକୁ ଘେରି କେତେ ଆନନ୍ଦର ଝଡ଼ ବହି ଯାଇଥିଲା ଦମ୍ପତୀଙ୍କ ମଧ୍ୟରେ । କିଏ ଜାଣିଥିଲା ସେ ଦିନ ଏହି ଛୋଟ ଶିଶୁ ଦିନେ ବଡ଼ ହୋଇ ଅଶାନ୍ତିର ଝଡ଼ ବୁହାଇ ଦେବ ସେମାନଙ୍କ ମଧ୍ୟରେ ! ଅନାଥ ବର୍ଥିକୁ ପଢ଼ାଇ ଆଣିଲେ ମାଟ୍ରିକ ପର୍ଯ୍ୟନ୍ତ । ତାଙ୍କର ଓ ବୀଣାଙ୍କର ଆଶା ଥିଲା ଝିଅ ଟିକେ ପାଠ-ଶାଠ ପଢିଥିଲେ, ବର ମିଳିବା କଷ୍ଟକର ହେବ ନାହିଁ !



Digitized by srujanika@gmail.com

କିନ୍ତୁ ଯେତେବେଳେ ରୂପ-ଗୁଣ ଯୁକ୍ତା ବଧୂର ଦର ବଢ଼ିବ ବଜାରରେ, ଅର୍ଥାଭାବରୁ କମ ହୋଇଗଲା ସେତେବେଳେ ସେମାନଙ୍କ ଆଶା ମଧ୍ୟ ଚୂନା ହୋଇଗଲା । ଅର୍ଥହିଁ ମୂଳ ! ତା ନିକଟରେ ରୂପ-ଗୁଣ ସବୁ ହାରିଗଲା ! ବଧୂକୁ ସେ କିପରି ବିବାହ ଦରିଆ ପାର କରାଇବେ ଦିନ ରାତି ସେ ଚିନ୍ତା ପତି ପତ୍ନୀଙ୍କି ଘେରି ରହିଲା !

ଅନେକ ପାତ୍ର ଆସିଛନ୍ତି, କିନ୍ତୁ ସେମାନେ ଧରା ଦେଇ ନାହାନ୍ତି । ଖାଲି ବଧୂକୁ ଦେଖି, ଜଳଖିଆର ସଦ୍‌ବ୍ୟବହାର କରି ଚାଲି ଯାଇଛନ୍ତି । କିଏ ବା ଦୁଇ ଗୁଟିଏ ବିଦ୍ରୂପ କଟାକ୍ଷ, କିଏ ବା ଅଳ୍ପ ସହାନୁଭୂତି ଦେଖାଇ ଯାଇଛନ୍ତି କିନ୍ତୁ କିଏ ବଧୂକୁ ଆଦର କରି ତୋଳି ନେଇ ନାହିଁ । ପରିତ୍ୟକ୍ତା କୁସୁମ ପରି ପଡ଼ି ରହିଛି ସେ । ପ୍ରଥମେ ପ୍ରଥମେ ସେ ଭାରି ଜିଦ୍ କରୁଥିଲା ଏମାନଙ୍କ ଆଗକୁ ଆସିବାକୁ । ମୁହଁ ଫିଟାଇ ଜଣାଇ ଥିଲା ବାରମ୍ବାର ସେ ପ୍ରତ୍ୟାଖ୍ୟାନ ସହି ପାରିବନି ବୋଲି । କିନ୍ତୁ ତା ଦ୍ୱାରା ବାପ ମାଙ୍କୁ ଅଧିକା କଷ୍ଟ ଦେବା ଛଡ଼ା ଆଉ କିଛି ଫଳ ହେଲା ନାହିଁ— ବଧୂକୁ ନୀରବରେ ମୁଣ୍ଡ-ପାତି ସହିବାକୁ ପଡ଼ିଲା ପ୍ରତ୍ୟାଖ୍ୟାନ । ଆଜି ଆଉଥରେ ଆସିଛି ପ୍ରତ୍ୟାଖ୍ୟାନର ପାଳି !

ବଧୂ ସଙ୍କୁଚିତ ହୋଇ ବସିଥାଏ । ଆଉ କେତେଥର ସହିବ ସେ ଏ ନିଦାରୁଣ ପ୍ରତ୍ୟାଖ୍ୟାନ? ସେ ତ ପଥର ନୁହେଁ, ମନୁଷ୍ୟ ! ହଁ ମନୁଷ୍ୟ ଦେହ ନେଇ କେତେ ସହିବ ଆଉ ? କିନ୍ତୁ ନ ସହିଲେ ଉପାୟ କଣ ?

ଅନାଥ ଥରେ କନ୍ୟା ଆଡ଼କୁ ଚାହିଁ ପରେ ସ୍ତ୍ରୀଙ୍କୁ କହିଲେ ପାନ ଜଳଖିଆ ତ ଆଣିବାକୁ ହେବ, କଣ କରିବ ମାସର ଶେଷ ଆଉ, ପାଖରେ ପଇସାଟିଏ ତ ନାହିଁ, ଆଉ ଧାର ତ ସହଜରେ ମିଳିବନି ।

ବୀଣା ମ୍ଳାନ ହସି କହିଲେ, "ପାନ ଆଉ ଜଳଖିଆ ଦେଇ ସେମାନଙ୍କ ଚର୍ଚ୍ଚାଟିରେ ତ ଶହ ଶହ ଟଙ୍କା ସରିଲା । ହଁ, ଆଜି ସେମାନେ ତ କୁଟୁମ୍ବଟା ଯାକ ଆସିବେ ଦେଖିବାକୁ, ପାଞ୍ଚଟଙ୍କାରୁ କମରେ କଣ ଚଳିବ ?"

ଗଭୀର ଚିନ୍ତାମଗ୍ନ ଭାବରେ ଅନାଥ କହିଲେ "କଣ କରିବା ବୀଣା ?" ସ୍ୱାମୀଙ୍କଠାରୁ ଏହି ପ୍ରଶ୍ନ ବୀଣା ଅନେକ ଥର ଶୁଣିଛନ୍ତି ଏବଂ ତାର ଉତ୍ତର ସ୍ୱରୂପ ନିଜ ଦେହରେ ଥିବା ସ୍ୱଳ୍ପ ଗହଣାରୁ ଖଣ୍ଡେ ଖଣ୍ଡେ କାଢ଼ି ଦେଇଛନ୍ତି । ଆଜି ମଧ୍ୟ ସେ ସେହି ଉତ୍ତର ଦେଲେ । ନିଜ ହାତରୁ ସରୁ ସୁନା ଚୁଡ଼ିଟି କାଢ଼ୁ କାଢ଼ୁ ସେ କହିଲେ— "ନିଅ ଏଇଟି ବନ୍ଧା ରଖି ପଇସା ଆଣ, ମାସ ଶେଷ ପର୍ଯ୍ୟନ୍ତ ତ ଘର ଚଳାଇବାକୁ ହେବ—"

ହଠାତ୍ ଦୌଡ଼ି ଆସି ବଧୂ ମା'ଙ୍କ ହାତଟି ଧରି ପକାଇ କାତର କଣ୍ଠରେ କହିଲା—"ନା, ମା ! ମୁଁ ଆଉ ଆଜି ତୁମ ଦେହରୁ ଗହଣା କାଢ଼ି ସେମାନଙ୍କ ଚର୍ଚ୍ଚାରେ ଲଗାଇବାକୁ ଦେବିନାହିଁ ! ବଧୂର ଆଖିରୁ ଝରି ପଡ଼ିଲା ଲୁହ !

ପ୍ରଥମେ ବଧୂର ବ୍ୟବହାର ଦେଖି ବୀଣା ବିସ୍ମିତ ହୋଇ ଯାଇଥିଲେ । ତା ପରେ ବଧୂକୁ ଅଳ୍ପ ଦୂରକୁ ଠେଲିଦେଇ ଶାନ୍ତ ଅଥଚ ଦୃଢ଼ କଣ୍ଠରେ କହିଲେ "ବଧୂ, ତୁ ଚୁପ୍ ହୋଇ ବସ୍— ଏତେ କଷ୍ଟରେ ସଜାଇଥିଲି, କାନ୍ଦି କାନ୍ଦି ମୁହଁଟାକୁ ଖରାପ କରି ଦେଲୁ, ଯା ସେ ଘରକୁ । ମା'ଙ୍କର ଏହି ଆଦେଶ ଅମାନ୍ୟ କରିବା ଶକ୍ତି ନଥିଲା ବଧୂର । ଧୀରେ ସେ ଘରୁ ବାହାରି ଗଲା ।

କନ୍ୟାର କେତୋଟି ପଦ କଥା ଅନାଥଙ୍କ ବୁକୁରେ ମୁନିଆ ଶର ପରି ଗଳିଗଲା ! ଏତେଦିନ ପରେ ଆଜି ସେ ଯେପରି ଲକ୍ଷ୍ୟ କଲେ ବୀଣାର ସେହି ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ପୂର୍ଣ୍ଣ ଦେହ ନାହିଁ ? ଶୀର୍ଣ୍ଣ ଦେହଟିର ଚାରିଆଡ଼େ ଅଭାବ ଯେପରି ତାର ନଗ୍ନ ରୂପ ଧରି ଘେରି ରହିଛି ! ବଧୂର ବରପାତ୍ର ଖୋଜିବା ବିଷୟରେ ବିଭୋର ହୋଇ ସେ ଥରେ ହେଲେ ଚାହିଁ ନାହାନ୍ତି ନିଜ ସ୍ତ୍ରୀ ଆଡ଼କୁ ।

ଅନାଥଙ୍କ ଆଖିରୁ ଝରି ପଡ଼ିଲା ଦୁଇଟୋପା ଲୁହ ! ବୀଣାଙ୍କ ହାତଟି ଧରି ପକାଇ ସେ କହିଲେ,



Digitized by srujanika@gmail.com

"ବୀଣା ! ଛିଃ, ଆଉ ଗହଣା କାଢ଼ନାହିଁ । ମୁଁ ଯାଏ କାହାଠାରୁ ହେଲେ ଧାର କରି ଆଣିବ । ଓଃ ଏ ବର୍ଷଟା ଭିତରେ ଦେହଟା ତମର କେତେ ଦୁର୍ବଳ ହୋଇ ଯାଇଛି !"

"ଆଉ ତମେ ଭାରି ମୋଟା ହୋଇ ଯାଇଛ, ନାହିଁ ? ନିଅ ନିଅ, କଥା ରଖି ଦିଅ, ଏ ପଟକ ବନ୍ଧା ରଖି ଯାହା ଆଣିବା, ତାହା ଆଣ !" ବୀଣା ଦୃଢ଼ କଣ୍ଠରେ କହିଲେ ସ୍ୱାମୀଙ୍କ ହାତରେ ଚୁଡ଼ିଟି ଦେଇ ।

ଅନାଥ ବ୍ୟଥିତ କଣ୍ଠରେ କହିଲେ "ନା ବୀଣା, ଆଜି ମୁଁ ନେଇ ପାରିବି ନାହିଁ ! ତୁମ ଗହଣା ବିକି ମୁଁ ଝିଅର ବାହା ଦେଇ ପାରିବି ନାହିଁ ! ଥାଉ, ଝିଅ ପଛେ ସେହିପରି ରହୁ ।"

'ପାଗଳ ହେଲ?' ବୀଣା କହିଲେ, 'ଯାଅ, ମିଛରେ ଡେରି କରନାହିଁ; ସେମାନେ ଆସିଯିବେ ଏହିକ୍ଷଣି ।'

ଅନାଥ ଆଉ କିଛି କହି ପାରିଲେ ନାହିଁ; ନୀରବରେ ସେ ଘରୁ ବାହାରି ଗଲେ । ନିର୍ଜନ ଘର ମଧ୍ୟରେ ଠିଆ ହୋଇ ବୀଣା କାନ୍ଦିଲେ ପ୍ରାଣ ଖୋଲି ! ଆଜି ସ୍ୱାମୀଙ୍କ ପଦେ କଥାରେ ଯେପରି ତାଙ୍କର ଅଶ୍ରୁର ଉତ୍ସ ଖୋଲି ଯାଇଛି !

ନିଜର କ୍ଷୁଦ୍ର ପ୍ରକୋଷ୍ଠଟିକୁ ଆସି ବଥି ତଳେ ଆଣ୍ଠୁ ମାଡି ବସି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ ଲାଗିଲା—"ଦୟାମୟ ! କଷ୍ଟତ ଯଥେଷ୍ଟ ଦେଇ ସାରିଲ ପ୍ରଭୁ, ଏଥରକ ଦୟାକର । ବାପା, ମାଙ୍କୁ ଆଉ ଅଧିକ କଷ୍ଟ ନ ଦେଇ ମୁଁ ଯେପରି ଶୀଘ୍ର ବିଦାୟ ହୁଏ ! ଆଉ ଯେ ମୁଁ ସେମାନଙ୍କ କଷ୍ଟ ଦେଖି ପାରୁନି—ମୋ ଲାଗି ତାଙ୍କର ଧନ ଗଲା, ସ୍ୱାସ୍ଥ୍ୟ ଗଲା, ସବୁ ଗଲା । ପ୍ରଭୁ ! ଦୟାକର ।"

ବଥିର ଗାଲ ଉପରେ ଦେଇ ଧାର ଧାର ଲୁହ ଗଡ଼ି ପଡ଼ିଲା ।

ବୀଣା ଘର ଭିତରେ ପଶି ଯାଇ ଥମକି ଠିଆ ହେଲେ ! ବଥିର ସେହି ଧ୍ୟାନମଗ୍ନ ମୂର୍ତ୍ତିଟିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ ଯେପରି ମୋହିତ ହୋଇଗଲେ । କିଛିକ୍ଷଣ ପରେ ଧୀରେ ଧୀରେ ପାଖକୁ ଆସି ଡାକିଲେ, "ବଥି ! ଉଠ୍ ମା, ସେମାନେ ଆସିଗଲେଣି" ଚମକି ଠିଆ ହେଲା ବିଥି । ନିଜ କାନରେ ତା ଆଖି ଦୁଇଟି ପୋଛିଦେଲେ ବୀଣା ! ସେ ଦିନ ସମର କ୍ଷେତ୍ରରେ ବିଜୟ ଲାଭ କଲା ବିଥି କିନ୍ତୁ ତା ପୁରେଶହ ଟଙ୍କା ବିନିମୟରେ ! କନ୍ୟାକୁ ଦାନ ଓ ଟଙ୍କାକୁ ଦକ୍ଷିଣା ରୂପେ ନେବେ ସେମାନେ । ନିଜର ଜମି ବିକି ସେ ଦକ୍ଷିଣା ଦେବାକୁ ଅନାଥ ସମ୍ମତ ହେଲେ । ତା ଛଡ଼ା ଉପାୟ କଣ ? କଥାଟା ଶୁଣି ବିଥିର ବକ୍ଷରୁ ଶାନ୍ତିର ନିଶ୍ୱାସଟିଏ ବାହାରି ଆସିଲା ! ଯାହେଉ ଏତେଦିନ ପରେ ସେ ବାପା-ମାଙ୍କୁ ଚିନ୍ତାର ଜାଲରୁ ମୁକ୍ତ କରିବ—ତାଙ୍କ ମୁଣ୍ଡ ଉପରୁ ବୋଝ ଓହ୍ଲାଇ ଦେବ ।

ବିବାହ ଦିନ—ବାଜାର କରୁଣ ସୁର ଯେପରି ଉଚ୍ଛ୍ୱସିତ କ୍ରନ୍ଦନ ବେଗ ସହି ନପାରି ଆଛାଡ଼ି ପଡ଼ୁଛି ମେଘର ବୁକୁରେ ! ବାଟରେ ଯିବା ବାଟୋଇର ମନ ମଧ୍ୟ ଉଦାସ ହୋଇଯାଏ ଅନାଥଙ୍କ ଶାନ୍ତ ଜୀର୍ଣ୍ଣ ଗୃହଟି ଆଜି ଅନେକ ମଣିଷର ପାଦ ସ୍ପର୍ଶ ପାଇ ଯେପରି ଥରି ଉଠୁଛି ! ଗୃହଅଡ଼େ ହୋ ହୋ ରବ । ଏତେ ବଡ଼ ଆନନ୍ଦ ଦିନରେ ମଧ୍ୟ ବୀଣାଙ୍କ ମୁହଁରେ ଫିକା ହସ ! ଯନ୍ତ୍ରଚାଳିତ ପରି ସେ କାର୍ଯ୍ୟ କରି ଯାଉଛନ୍ତି ! କିନ୍ତୁ ତାଙ୍କର ସବୁ କାର୍ଯ୍ୟ ମଧ୍ୟ ଦେଇ ପରିଲକ୍ଷିତ ହେଉଛି କପରି ଗୋଟାଏ ନୈରାଶ୍ୟ ! ନିଜର ସବୁ ଜମି-ଜମା ବିକି ଦେଇ ଅନାଥ ଆଣିଛନ୍ତି ହଜାର ଟଙ୍କା । ଛ'ଶହ ଟଙ୍କାରେ ବିଥିପାଇଁ ହୋଇଛି ଲୁଗା-ପଟା ଦୁଇ ପୁରିଟା ବାସନ-କୁସନ ଇତ୍ୟାଦି । ଆଉ ପୁରେଶହ ଟଙ୍କା ଅଛି ପଣ ରୂପେ ଦେବାକୁ । ଯେଉଁ ଜମି ଦୁ' ଖଣ୍ଡ ଛଡ଼ା ଆଉ କିଛି ସମ୍ବଳ ନଥିଲା, ଆଜି ସେ ଦୁଇଖଣ୍ଡ ବିକା ହୋଇ ଯାଇଛି । ଭବିଷ୍ୟତର ଅନ୍ଧକାର ଛବି ସ୍ପଷ୍ଟ ଦେଖି ପାରୁଛନ୍ତି ବୀଣା ! ସ୍ତ୍ରୀ ପରେ ମାସ ଅଶୀଏଟି ଟଙ୍କାରେ ସେ କେପରି ଘର ଚଳାଇ ନେବେ ତା ଭାବିଲେ ସାରା ଦେହ ତାଙ୍କର ଶିହରି ଉଠୁଛି ! ରବି ବଡ଼ ହେଲାଣି, ତାକୁ ଶିକ୍ଷିତ କରିବା ପାଇଁ ଦରକାର ହେବ



Digitized by srujanika@gmail.com

ଟଙ୍କା ! କେଉଁଠାରୁ ସେ ଆଣିବେ ? ଏହିପରି ଅନେକ ଉଦ୍‌ବିମ୍ବିତ ଚିନ୍ତା ଆସି ତାଙ୍କୁ ଯେପରି ମୂହ୍ୟମାନ କରି ଦେଇଛି !

ଲାଲ ବେନାରସୀ ଶାଢ଼ୀରେ ଆବୃତା ଚନ୍ଦନ ଚର୍ଚ୍ଚିତା ଦିଆଁର ମୂର୍ତ୍ତିଟି ମଧ୍ୟ ମ୍ଳାନ ହୋଇ ଯାଇଛି ! ମାଙ୍କ ବିବାହ ସମୟର ଦାମିକା ବେନାରସୀ ଶାଢ଼ୀଟା ତାଙ୍କୁ ଯେପରି ସାପ ପରି ଗୁଡ଼ାଇ ଦେଇଛି ଆଉ ତାଙ୍କର ସେହି ଗହଣା ଗୁଡ଼ିକ ଆଜି ତା ଦେହରେ ଥାଇ ଯେପରି ବୃଶ୍ଚିକ ପରି ଦଂଶନ କରୁଛନ୍ତି ! ମାଙ୍କ ନିରାଭରଣ ଦେହ ମଳିନ ମୁଖ ଦେଖି ନିଜ ପ୍ରତି ତାର ତୀବ୍ର ଘୃଣା ଆସୁଛି—ଅପରାଧୀମାନ ପରି ସେ ମୁହଁ ଲୁଚାଇ ବସିଛି !

ଲଗ୍ନ ଦିନ ଦୁଇଟା ବେଳେ ବର କେତେବେଳୁ ଆସି ଗଲାଣି ! ଅନାଥ ଯାଇଛନ୍ତି ବାହାଙ୍କଠାରୁ ଧାର ହୋଇଥିବା ପାଞ୍ଚଶହ ଟଙ୍କା ଆଣିବାକୁ । ଦିଆଁର ବିଚ୍ଛେଦ କଥା ଭାବି ମନଟା ତାଙ୍କର ବିଷଣ୍ଣ ହୋଇ ଯାଇଛି । ଫେରିଲା ବେଳକୁ ଟ୍ରାମ ବସ୍‌ରେ ଆସୁଛନ୍ତି ସେ । ବସଟି ଭିତରେ ରଥ-ଯାତ୍ରାର ଗହଳି ମଣିଷ ଉପରେ ମଣିଷ ! କୌଣସିମତେ ଗୋଟିଏ କୋଣରେ ଯାଇ ଠିଆ ହୋଇଛନ୍ତି ଅନାଥ ! ଗହଳି ଭିତରେ ରୁଦ୍ଧ ନିଶ୍ୱାସ ରୁଦ୍ଧ ହୋଇ ଯାଉଛି ପ୍ରାଣ ଯିବା ଉପରେ ! କଳା ମର୍‌ମରିଆ ଲୋକଟିଏ ଧକ୍କା ଖାଇ ଅନାଥଙ୍କ ଉପରେ ପଡ଼ିଲା । ଲୋକଟିର ମୁହଁରେ ମଦର ତୀବ୍ର ଗନ୍ଧ ! ସେହି ଦୁର୍ଗନ୍ଧରେ ଅନାଥ ଅସ୍ଥିର ହୋଇଗଲେ ! କିନ୍ତୁ ଘୁଞ୍ଚିବା ଉପାୟ ନାହିଁ । ଲୋକଟି ଆଉ ଟିକିଏ ଘୁଞ୍ଚି ଆସିଲା । ସେହି ମୂହୂର୍ତ୍ତକ ଭିତରେ ଯେ ଅନାଥଙ୍କର କେଡ଼େ ବଡ଼ ସର୍ବନାଶ ହୋଇଗଲା ସେ ତାହା ଜାଣି ପାରିଲେ ନାହିଁ । ଲୋକଟିର ରକ୍ତାଭ ଚକ୍ଷୁ ଦୁଇଟି ଚକ୍ ଚକ୍ ହୋଇ ଉଠିଲା, ଏଥର ସେ ଅନାଥଙ୍କ ପାଖରୁ ଘୁଞ୍ଚିଗଲା ଟିକିଏ ଦୂରକୁ ! ଅନାଥ ଯେପରି ନିଶ୍ୱାସ ଛାଡ଼ି ବଞ୍ଚିଲେ । ଲୋକଟିର ସ୍ପର୍ଶ କି କଦର୍ଯ୍ୟ ! ଟ୍ରାମ୍‌ବସରୁ ଓହ୍ଲାଇ ପଡ଼ି, ଯେପରି ଗୋଟିଏ ରୁଦ୍ଧ ଅନ୍ଧକାର ଘର ଭିତରୁ ମୁକ୍ତି ପାଇଲା ପରି ଅନୁଭବ କଲେ ଅନାଥ !

—ବେଦୀ ଉପରକୁ ବର ଯିବା ପୂର୍ବରୁ ବରପିତା ସଦାନନ୍ଦ କହିଲେ, "ଅନାଥବାବୁ, ପ୍ରଥମେ ଟଙ୍କାଟା ଦେଲେ ଭଲ ହୁଅନ୍ତା ।

ସରଳ ହାସ୍ୟରେ ମୁହଁ ଭରାଇ କହିଲେ ଅନାଥ, "ତା—ଠିକ୍ । ହେଉ ନିଅନ୍ତୁ ମୁଁ ଦେଉଛି ।" ଅନାଥ ପକେଟ ଭିତରେ ହାତଟା ପୁରାଇ ଦେଲେ । ସେହି ମୂହୂର୍ତ୍ତ ଭିତରେ ଯେପରି ତାଙ୍କର ଗୁରୁଆଡ଼େ ପୃଥିବୀଟା ଘୁରିଗଲା । ପକେଟରେ ଟଙ୍କା ନାହିଁ । ଅନାଥଙ୍କ ବିବର୍ଣ୍ଣ ମୁହଁକୁ ଦେଖି ସଦାନନ୍ଦ ପଚାରିଲେ କାରଣଟା । ବ୍ୟାକୁଳ କଣ୍ଠରେ ଅନାଥ ଉତ୍ତର ଦେଲେ "ମୋ ପକେଟରୁ ଟଙ୍କା ଚୋରି ଯାଇଛି ସଦାନନ୍ଦ ବାବୁ !" ସଦାନନ୍ଦଙ୍କ ମୁହଁର ଭାବ ହଠାତ୍ ବଦଳି ଗଲା । ନିରୁଦ୍‌ବେଗ ଭାବେ ସେ କହିଲେ "ତା—ତ ଯିବା କଥା ଅନାଥ ବାବୁ ! ଆଚ୍ଛା ତେବେ ମୁଁ ମଧ୍ୟ ବିଦାୟ ନେଉଛି ଆପଣଙ୍କ ଠାରୁ !"

ପ୍ରଥମେ ସଦାନନ୍ଦଙ୍କ କଥାର ଅର୍ଥଟା ବୁଝି ପାରି ନଥିଲେ ଅନାଥ ! ଯେତେବେଳେ ହୃଦୟଙ୍ଗମ କରିପାରିଲେ ସେତେବେଳେ ସେ ସ୍ତମ୍ଭିତ ହୋଇଗଲେ ! କାତର କଣ୍ଠରେ ସେ ଭାବି ବୈବାହିକଙ୍କ ହାତଧରି ଅନୁରୋଧ କରିବାକୁ ଲାଗିଲେ, ସଦାନନ୍ଦ ବାବୁ ! ଦୟା କରନ୍ତୁ ମତେ, କାଲି ଆପଣଙ୍କ ଟଙ୍କାଟା କପରି ହେଲେ ଯୋଗାଡ଼ କରି ନିଶ୍ଚୟ ଦେଇଦେବି, ମୋ କଥାରେ ବିଶ୍ୱାସ କରନ୍ତୁ ।"

ଅନାଥଙ୍କ ସବୁ ଅନୁରୋଧ ବିଫଳ ହେଲା । ହୁଏତ ତାଙ୍କର ସେହି କାତର କଣ୍ଠ ଶୁଣି ପାଷାଣ ଦଳି ଯାଇଥାନ୍ତା, କିନ୍ତୁ ସଦାନନ୍ଦଙ୍କ ହୃଦୟ ତରଳିଲା ନାହିଁ । ସେ ଯେ ବରର ପିତା, କପରି ଦ୍ରବିବ ତାଙ୍କ ହୃଦୟ ?

ଏବେଣେ ଭିତରେ ବୀଣା ଏ କଥା ଶୁଣି କାନ୍ଥରେ ମୁଣ୍ଡ ପିଟି ଦେଲେ, ସାଙ୍ଗେ ସାଙ୍ଗେ କପାଳ ଫାଟି ରକ୍ତଧାର ଗଡ଼ି ପଡ଼ିଲା । ବାହାରୁ ସ୍ୱାମୀଙ୍କ ପ୍ରତି ପ୍ରଯୋଜିତ ସଦାନନ୍ଦଙ୍କ କଣ୍ଠଧ୍ୱନି ଆସି ବାଜୁଛି କାନରେ; ତପ୍ତ ଶିଷା ଯେପରି କିଏ ଢାଳି



Digitized by srujanika@gmail.com

ଦେଉଛନ୍ତି କାନ ଭିତରେ ! ବୀଣା ସହି ନପାରି ଅଜ୍ଞାତରେ କାନ୍ଥରେ ମୁଣ୍ଡ ପିଟିବାକୁ ଯାଉଛନ୍ତି ଏ ସମୟରେ ଶ୍ଲଥ ବସନା ବିଥି ଧାଇଁ ଆସି ବାଧା ଦେଲା, ତାର ରୁଦ୍ଧ କଣ୍ଠରୁ ଖାଲି ବାହାରିଲା ମା ! ତାପରେ ସେ ଦ୍ରୁତପଦରେ ବାହାରିଗଲା ସେ ଘରୁ ।

ଅନାଥଙ୍କ ଅନୁରୋଧରେ ପଦ ଘାତ କରି ସଦାନନ୍ଦ, ଭଦ୍ରବେଶୀ ଆଧୁନିକ ଶିକ୍ଷିତ ପୁତ୍ରର ହାତଧରି ସଗର୍ବେ ମୁଣ୍ଡ ଟେକି ଚାଲିଗଲେ—ଦଳନାୟୀଙ୍କ ସହିତ । ସେମାନଙ୍କୁ ଫେରାଇ ଆଣିବାର ବ୍ୟର୍ଥ ଆଶା ନେଇ ଅନାଥଙ୍କର କେତେଜଣ ଆତ୍ମୀୟ ମଧ୍ୟ ପଛେ ପଛେ ବାହାରି ଗଲେ । ଗଲା ପୂର୍ବରୁ ସତେଜ କଣ୍ଠରେ ସଦାନନ୍ଦ ମୃତବତ୍ ଅନାଥଙ୍କୁ ଶୁଣାଇ ଗଲେ, "ଭଦ୍ରଲୋକ ଯେ ଏହିପରି ଜୁଆଚୋରି କରିପାରେ ତା ଏହି ପ୍ରଥମ ଜାଣି ପାରିଲେ ସେ !"

ସମସ୍ତେ ଗଲା ପରେ ମୃତ୍ୟୁପରି ନିସ୍ତବ୍ଧତା ଘରଟିକୁ ଘେରିଦେଲା ! ଭୀଷଣ ଝଡ଼ ପରେ ଆସିଛି ଅଖଣ୍ଡ ଶାନ୍ତ ଭାବ ! ଅନାଥ ଶ୍ଲଥ ପଦରେ ଘର ଭିତରକୁ ପଶିଲେ, ବିଥିର ଛୋଟ ଘରଟିର ଦ୍ୱାର ସମ୍ମୁଖରେ ଠିଆ ହୋଇଛନ୍ତି ବୀଣା ! କପାଳ ଉପରେ ରକ୍ତ-ଦାଗ ଶୁଖି ଯାଇଛି ! ଶାନ୍ତ ମୁହଁଟିରେ ଝରୁଛି ଗୋଟାଏ ଅସମ୍ଭବ ଉଜ୍ଜ୍ୱଳତା । ଧୀରେ ଧୀରେ ଅନାଥ ପାଖକୁ ଯାଇ ଡାକିଲେ, "ବୀ—ଣା ! ବି—ଥି"—

"ଚୁପ୍!" ବାଧାଦେଇ ବୀଣା କହିଲେ ଚୁପ୍ ପାଟି କରନା, ବିଥି ବୋଲି ଡାକନାହିଁ, ଆସ ଦେଖିବ ବିଥି କପରି ନିଶ୍ଚିନ୍ତରେ ଶୋଇଛି ।" ଅଜଣା ହୋଇଥିବା ଦୁଆରଟିକୁ ବୀଣା ବାହାରୁ ଠେଲି ଦେଲେ, ଅନାଥଙ୍କ ଆଖିର ପଲକ ପଡ଼ିଲା ନାହିଁ, ରୁଦ୍ଧ ନିଶ୍ୱାସରେ ସେ ଦେଖିଲେ, ତାଙ୍କ ପ୍ରାଣର ବିଥି, ଏକମାତ୍ର କନ୍ୟା, ତାଙ୍କ ଯୌବନ ସମୟର ମଧୁର ସ୍ମୃତି, ବିଥି—ଶୋଇଛି କ୍ଷୁଦ୍ର ଖଟିଆଟି ଉପରେ—ରକ୍ତ ପରି ଉଜ୍ଜ୍ୱଳ ବର୍ଣ୍ଣ ବେନାରସୀ ଶାଢ଼ୀଟି ଘେରି ରହିଛି ତାର ସର୍ବାଙ୍ଗରେ ! ଶୁଭ୍ର ଲଲାଟ ଉପରେ ବିଚିତ୍ର ଭଙ୍ଗିରେ ଅଙ୍କା ହୋଇଛି ଚନ୍ଦନର ବିନ୍ଦୁ । ସେହି ଚନ୍ଦନ-ଲତା ମଧ୍ୟରେ ଗୋଟିଏ ପ୍ରସ୍ଫୁଟ-ପୁଷ୍ପ ପରି ଜକୁଛି ଲାଲ ସିନ୍ଦୂର-ବିନ୍ଦୁଟି । ଶାନ୍ତ, ସ୍ନିଗ୍ଧ ମୁହଁଟିରୁ ଯେପରି ଗୋଟିଏ ସ୍ୱର୍ଗୀୟ ଆଭା ବିଚ୍ଛୁରିତ ହେଉଛି ! ନାଆଁ ପରି ଝଟକୁ ଥିବା ଗହଣା ମଣ୍ଡିତ ଡାହାଣ ହାତଟି ଶ୍ଲଥ ଭାବରେ ପଡ଼ିଛି ବକ୍ଷ ଉପରେ । ଶିଥିଳ ହାତ ମୁଠା ଭିତରେ ତୀବ୍ର ବିଷର ଶିଶିଟି । ନେଇଁଛି ସେ ନିଜର ବାତ ରୋଗ ପାଇଁ ମାଲିସ କରିବାକୁ କିଣି ଆଣିଥିଲେ । କ୍ଷୁଦ୍ର ଶିଶିଟି ଆଜି ମୁକ୍ତିର ବାଟ ଦେଖାଇ ଦେଇଛି ବିଥିକୁ ।

ଅନାଥ ଆର୍ତ୍ତକଣ୍ଠରେ କହି ଉଠିଲେ ବୀଣା ! ସଦାନନ୍ଦ ବାବୁ ପଣ-ଦାବୀ କରି ନଥିଲେ ମୋ ବିଥିର ପ୍ରାଣ-ଦାବୀ କରିଥିଲେ !"

# ଓଡ଼ିଆ ସାହିତ୍ୟରେ ଛନ୍ଦ

( ଅଧ୍ୟାପକ ଶ୍ରୀ ସିଦ୍ଧେଶ୍ୱର ହୋତା ଏମ୍. ଏ., ଜ୍ୟୋତିଷାଚାର୍ଯ୍ୟ ) [୧]

ଏହି ଛନ୍ଦ ସାଧାରଣତଃ ଦୁଇଭାଗରେ ବିଭକ୍ତ । ମିତାକ୍ଷର ଓ ଅମିତାକ୍ଷର, ଏହି ଅମିତାକ୍ଷର ଛନ୍ଦ ପ୍ରାଚୀନ ଓଡ଼ିଆ ଭାଷାରେ ନଥିଲା । କବିବର ରାଧାନାଥ ପ୍ରାଚୀନ ଛନ୍ଦବୃତ୍ତ ବାରମ୍ବାର ଅବୃତ କରିବା ସଙ୍ଗେ ସଙ୍ଗେ ବଙ୍ଗଳାର ସୁପ୍ରସିଦ୍ଧ କବି ମଧୁସୂଦନ ଦତ୍ତଙ୍କୁ ଅନୁକରଣ କରି ଓଡ଼ିଆ ଭାଷାରେ ବ୍ଲାଙ୍କଭର୍ସ (Blank Verse) ବା ଅମିତାକ୍ଷର ଛନ୍ଦ ପ୍ରବେଶ କରାଇଛନ୍ତି ।

ମିତାକ୍ଷର ଛନ୍ଦ ଦୁଇ ଭାଗରେ ବିଭକ୍ତ ଯଥା:— ପୂର୍ଣ୍ଣମିତାକ୍ଷର ଓ ଅପୂର୍ଣ୍ଣମିତାକ୍ଷର । ପ୍ରାଚୀନ ସାହିତ୍ୟରେ ପୂର୍ଣ୍ଣ ଓ ଅପୂର୍ଣ୍ଣମିତାକ୍ଷର ସମ୍ୟକ୍ ବିକାଶ ଲାଭ କରିଅଛି । ଏ ଛନ୍ଦର ଯତିପାତ ଓ ପଦ ବା ଚରଣ ଅଛି । ଛାନ୍ଦଟିଏ ବୋଲିବା ସମୟରେ ଯେଉଁଠାରେ ନିଃଶ୍ୱାସ-ଗ୍ରହଣ କରାଯାଏ ତାକୁ ଯତି ବୋଲାଯାଏ । ପଢ଼ିବା ବେଳେ ସ୍ୱରର ନିୟମ ଅନୁସାରେ ଛାନ୍ଦମାନଙ୍କର ନାମ



Digitized by srujanika@gmail.com

କସଯାଏ ଓ ସେହି ଛନ୍ଦୋବଦ୍ଧ ପଦ୍ୟକୁ ଛନ୍ଦ କୁହାଯାଏ । ଏହି ପ୍ରସଙ୍ଗରେ କେବଳ କୁହାଯାଇ ପାରେଯେ ସବୁଜ ଲେଖକମାନେ ପ୍ରାୟ ଅପତ୍ତି ଉଠାନ୍ତି । ଉଦ୍ଦେଶ୍ୟ ଆମର ପ୍ରାଚୀନ ଛନ୍ଦରେ ସଙ୍ଗୀତର ମାଧୁର୍ଯ୍ୟ ନାହିଁ, କବିର ସ୍ୱାତନ୍ତ୍ର୍ୟନାହିଁ କିନ୍ତୁ ତାହା ନିହାତ ଅମୂଳକ ଧାରଣା । ଅଂସେହି ଓ ଅବସେହି ସହ ଯତିବିଶିଷ୍ଟ ଛନ୍ଦପଢିବାର କ୍ରମକୁ ଦର୍ଶ କହନ୍ତି ।

ମୁଁ ଆଗରୁ କହିଛିଯେ ସଂସ୍କୃତଛନ୍ଦ ପରି ଓଡ଼ିଆ ଛନ୍ଦରେ ମାତ୍ରା ସ୍ଥାନ ପାଇନାହିଁ ଓ ତାହା କେବଳ ବର୍ଣ୍ଣମାନଙ୍କର ସଂଖ୍ୟା ନେଇ ରଚିତ । ତେଣୁ ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଛନ୍ଦରେ କେବଳ ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ହୋଇଅଛି । ଯେଉଁ ଛନ୍ଦ ରଚନାରେ ପ୍ରଥମପଦର ଅନ୍ତ୍ୟ ଅକ୍ଷର ସହିତ ଅପର ପଦର ଅନ୍ତ୍ୟ ଅକ୍ଷରର ସାଦୃଶ୍ୟ ଦେଖାଯାଏ ତାକୁ ମିତ୍ରାକ୍ଷର କୁହାଯାଏ ଓ ଯେଉଁଥିରେ ସାଦୃଶ୍ୟ ନଥାଏ ତାକୁ ଅମିତ୍ରାକ୍ଷର ବୋଲାଯାଏ । ପଦ ଶେଷରେ ଉପାନ୍ତ୍ୟସ୍ୱର ସହିତ ମିତ୍ରାକ୍ଷର ମେଳହେଲେ ପୂର୍ଣ୍ଣ ମିତ୍ରାକ୍ଷର ହୁଏ । ଓ କେବଳ ପାଦ ଶେଷସ୍ଥିତ ସ୍ୱରସଙ୍ଗେ ବର୍ଣ୍ଣ ସାମ୍ୟହେଲେ ଅପୂର୍ଣ୍ଣମିତ୍ରାକ୍ଷର । ଯଥା
—ପୂର୍ଣ୍ଣ ମିତ୍ରାକ୍ଷର:—

ବଳିଷ୍ଠ ରାଘବ ଆଶା ସୀତା ପ୍ରାପତରେ
ବଢ଼ୁରଲେ ସିନ୍ଧୁ ପୋଲ ଯିବା ପର୍ବତରେ ।
ବୈ: ବିଳାସ

ଏହି ପଦରେ ଅନ୍ତ୍ୟ ବା ଶେଷ ଓ ଉପାନ୍ତ୍ୟ ବା ଶେଷ ଅକ୍ଷରର ପୂର୍ବ ଅକ୍ଷର ଯଥାକ୍ରମେ 'ତରେ' ଉଭୟପଦରେ ଅକ୍ଷୁର୍ଣ୍ଣରୂପେ ବିରାଜିତ ତେଣୁ ଏହା ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ ।

ଅପୂର୍ଣ୍ଣମିତ୍ରାକ୍ଷର:—

ଏଥୁ ଅନନ୍ତରେ ଶୁଣ ବିଚିତ୍ର ଚରିତ
ରାମକୃଷ୍ଣ ସଙ୍ଗେ ଯେଣେ ସଫଳାର ସୁତ ।
ମଥୁରା ମଙ୍ଗଳ

ଏହି ପଦରେ ଅନ୍ତ୍ୟବର୍ଣ୍ଣ 'ତ' ଛଡ଼ା ଉପାନ୍ତ୍ୟ ବର୍ଣ୍ଣ ସମାନନୁହେଁ ତେଣୁ ଏହା ଅପୂର୍ଣ୍ଣ ମିତ୍ରାକ୍ଷର ।

ଅମିତ୍ରାକ୍ଷର:—

ସାରସତ୍ତ୍ୱ ପାସୋରଣ ସାରିଲି ଅପୂର୍ବ
ଦୁଃଖମୟ ଭବସିନ୍ଧୁ, ମହାସୁଖ ବୋଲି
ବୋଲନ୍ତି ଜଗତେ ଯାକୁ ଭଜିତ ସେ ସଦା
'ମହାଯାତ୍ରା'

ଏଥିରେ ଆଦୌ ବର୍ଣ୍ଣସାମ୍ୟ ନାହିଁ । କବି କେବଳ ଭାବପ୍ରକାଶ କରିଛନ୍ତି ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପୃଥିବୀର ଅନ୍ୟାନ୍ୟ ସାହିତ୍ୟପରି ଛନ୍ଦର ସଂଖ୍ୟା କମ୍ ନୁହେଁ । ବରଂ କେତେକାଂଶରେ ଭାରତୀୟ ସାହିତ୍ୟ ମାନଙ୍କରେ ଏହି ଛନ୍ଦ ଯୋଗୁ ଓଡ଼ିଆ ସାହିତ୍ୟ ନିଜର ବିଶେଷତ୍ୱ ଜଣାଇପାରିଛି ; କବି ସମ୍ରାଟ ଉପେନ୍ଦ୍ର ତାଙ୍କ କାବ୍ୟ ମାନଙ୍କରେ ଶବ୍ଦକଳ୍ପିତ ପ୍ରଥା ଅନୁସରଣକରି ପୂର୍ବବର୍ତ୍ତୀ କବିଙ୍କର ପଦାଙ୍କ ଅନୁକରଣ କରିବା ସଙ୍ଗେ ସଙ୍ଗେ ଶବ୍ଦ ବନ୍ଧୋଦୟ କାବ୍ୟରେ ସଂସ୍କୃତ ଆଳଙ୍କାରିକମାନଙ୍କର ମାତ୍ରା ବିଶିଷ୍ଟ ଛନ୍ଦ ମଧ୍ୟ ବ୍ୟବହାର କରି ଓଡ଼ିଆ ଛନ୍ଦ ଜଗତରେ ନୂତନ ସୌଧ ଗଢ଼ିଛନ୍ତି । ଏହି ପ୍ରସଙ୍ଗରେ ଚକ୍ରବନ୍ଧ, ମୟୂରବନ୍ଧ, ଗୋମୂତ୍ର ଛନ୍ଦ, ମେଷଯୁଦ୍ଧ ପ୍ରଭୃତି ସମସ୍ୟାମୟ (Puzzling) ରଚନା ବଙ୍ଗଳାଶ୍ରୀ ରାଗରେ ରଚନା କରି ସଂସ୍କୃତ ସାହିତ୍ୟର ପ୍ରଭାବ ସ୍ପଷ୍ଟ ସୂଚାଇଛନ୍ତି । ଏହି ରଚନା କାବ୍ୟ ପ୍ରକାଶ, ସାହିତ୍ୟ ଦର୍ପଣ ପ୍ରଭୃତି ଗ୍ରନ୍ଥରେ ଓ ମାଘ ନୈଷଧ ପ୍ରଭୃତି କାବ୍ୟରେ ସମ୍ୟକ୍ ଦୃଷ୍ଟ । ସାମାନ୍ୟ କେତୋଟି ଉଦାହରଣ ମାତ୍ର ଦେଇ ଶବ୍ଦ କାବ୍ୟର ଉପସଂହାର କରିବି ।

ଗୋମୂତ୍ର:—

ନିକୁଞ୍ଜ ସୋମ କଂସ ବଶ ହୁତାଶ
ଦୁଃଖୀ ଆଦ ହରସଦା,
ନୀରଦ ସମ କାଣ୍ଡ ହାସ ବତାସ
ଦୃଷ୍ଟ ଶାଖୀ ହରସଦା ।

ଚକ୍ର:—

ନବନୀତ ଚୌର ଅର୍ଜୁନ ଭଞ୍ଜନ
କଞ୍ଜଲପନ ସମକୁ
ନୁହେ ଧର ନଳିନାକ୍ଷୀ ପ୍ରିୟ
ବଧ ନରକ ଅଦ ବୀରକୁ ।



Digitized by srujanika@gmail.com

ସିଂହାବଲୋକନ:—

ନାରାୟଣ ଯୋଗ ମାୟାଙ୍କୁ ହରିଲେ
ଧାତା ହେବାରୁ ଭ୍ରାନ୍ତ,
ନବ କନ୍ଦର୍ପ ଗୋପରୂପ ପ୍ରକାଶି
ତାମୁଖୀ ଦର ଜନିତ । ଇତ୍ୟାଦି

ଏ ସମସ୍ତ ବଙ୍ଗଳାଶ୍ରୀ ରାଗରେ ଲିଖିତ । ଏହି ପ୍ରସଙ୍ଗରେ କେତୋଟି ଛନ୍ଦର ଯତିପାତ ପ୍ରଭୃତି ସାମାନ୍ୟ ଆଭାସ ପ୍ରଯୋଜନୀୟ ।

କଲସା:—

ଏଥୁଅନନ୍ତରେ ଶ୍ରୀ ବିଜେ ଚରିତ
ରାମକୃଷ୍ଣ ସଙ୍ଗେ ନନ୍ଦନ ସଫଳାର ସୁତ ।
'ମଥୁରା ମଙ୍ଗଳ'

୨ ପାଦରେ ଏକ ପଦ । ପ୍ରତିପାଦରେ ୧୪ ଅକ୍ଷର । ଯତିପାତ ୮ମ, ୧୨ଶ, ୧୪ଶ ଅକ୍ଷରରେ ।

ମୁଖାବରି ବାଣୀ:—

ଉତ୍ତରେ ଧ୍ୱନ ବସୁଦେବ ଉଦ୍ଧବ ରାମମାଧବ
ଅକ୍ରୂର ସହିତେ ଆସି ଆସନେ ବସିଯେ ।

ଚତୁପାଦରେ ଏକପଦ । ପ୍ରଥମ ୩ ପାଦରେ ୮ ଓ ଶେଷ ପାଦ ୬ ଅକ୍ଷର । ପ୍ରଥମ ତିନିପାଦରେ ଯତିପାତ ୩ୟ, ୫ମ, ୬ଷ୍ଠ, ଅକ୍ଷରରେ ପଡ଼େ ।

ଶୋକବିରହ ବା ଚିନ୍ତା ବରାଡ଼ି:—

ବିଶ୍ୱାନନ୍ଦ ରାଜ କେଶରୀ କେଶରୀ
ଦ୍ୱାର ଅଜିରରେ ମିଳି ଯେ
ଦେଖିଲେ ଦେଖିଲେ ନେତ୍ର ନୃପତିଏ
ବିଜେ କଦଳି-କେଳି ଯେ ।
ହୋଇଛନ୍ତି, ଅଙ୍ଗରଙ୍ଗରେ ଝଳି ଯେ
ସ୍ୱର୍ଣ୍ଣଜରକସ ନୀଳ ପାଟବସ୍ତ୍ର କଦଳୀ ବସନ୍ତ ଚଳିଯେ
'କୋଟୀ ବ୍ରହ୍ମାଣ୍ଡ ସୁନ୍ଦରୀ'

ଏଥିରେ ପାଞ୍ଚପାଦ । ୧ମ, ୨ୟ, ୫ମ ପାଦରେ ୨୧ ଅକ୍ଷର ଓ ୬ଷ୍ଠ, ୧୨ଶ, ୧୮ଶ, ୨୧ଶ ଅକ୍ଷରରେ ଯତି ପଡ଼େ । ତୃତୀୟ ପାଦ ୩ ଅକ୍ଷର ବିଶିଷ୍ଟ ଓ ଶେଷ ଅକ୍ଷରରେ ଯତି ପଡ଼େ । ୪ର୍ଥ ପାଦ ୯ ଅକ୍ଷର ବିଶିଷ୍ଟ । ୬ଷ୍ଠ, ୯ମ ଅକ୍ଷରରେ ଯତିପଡ଼େ ।

ଏହି ଛନ୍ଦରେ କବି ସମ୍ରାଟ ଉପେନ୍ଦ୍ର ସାମାନ୍ୟ ତଫାତ୍ ଦର୍ଶାଇ ବୈଦେହୀଶ ବିଳାସ ଗ୍ରନ୍ଥରେ କଲ୍ୟାଣାହ୍ୱାରୀ ନାମ ଦେଇଛନ୍ତି ଯଥା—

ବିରୋଧୀ ଭୂପ ପ୍ରକଟାଇ କବିରେ
ବରଷା ସମୟ ସଞ୍ଚରି
ବ୍ୟାପି ଶୋଭା ଦିଶେ ଭୟଙ୍କର ଦିଶେ
ଗରଜେ ଘନାଘନ ହରି
ବିସର୍ଜଇ ଯେ, ବଡ଼ ଆନନ୍ଦରେ ଜୀବନ
ବିଧିରେ କାଳିକା ମହିଷ ସନ୍ତାପ
ନାଶି·ପ୍ରମୋଦ କରେ ଦାନ ।

ପୂର୍ବ ଦର୍ଶିତ ଚିନ୍ତାବରାଡ଼ି ତୁଲ୍ୟ କିନ୍ତୁ ୩ୟ ପଦ ୫ଅକ୍ଷର ବିଶିଷ୍ଟ ଓ ଶେଷ ଅକ୍ଷରରେ ଯତିପଡ଼େ । ଭଗବତଚରଣ ମଧ୍ୟ ମଥୁରା ମଙ୍ଗଳରେ ଶୋକ ବିରାଡ଼ି ବା ଚିନ୍ତା ବରାଡ଼ିକୁ କଲ୍ୟାଣ ଆହ୍ୱାରୀ ଦେଇଛନ୍ତି ଯଥା—

ହସି ବନମାଳୀ ବୋଲନ୍ତି ମଧୁର
କଟକ ଛଟକ ଦେଖିବା
. . .   . . .   . . .
ଯୋଡ଼ ଯୋଡ଼ ହୋଇ କର ଛନ୍ଦାଛନ୍ଦ
ଦେଖି ହସନ୍ତି ଗୋପୀନାଥ

ସହଜରେ ଜଣା ପଡ଼େ ଯେ କବିମାନେ ଏ ମିତାକ୍ଷର ଛନ୍ଦ ସୃଷ୍ଟି ପାରିବାର ସ୍ୱାତନ୍ତ୍ର୍ୟ ଲାଭ କରିଛନ୍ତି । ଏହା କବିର ଜନ୍ମଗତ ଅଧିକାର । ତେଣୁ ପ୍ରକୃତିର ସୌନ୍ଦର୍ଯ୍ୟରେ ଏହି ଅଧିକାର ନେଇ ଆପଣା ଜମାଇବାପାଇଁ ଯେଉଁ ଆନ୍ତରିକ ଓ ମାନସିକ ବୃଦ୍ଧି ଜଗତରେ ନୂତନତା ସୃଜେ ତାହାହିଁ କବି ପ୍ରତିଭା ।

ସଙ୍ଗୀତ ସାହିତ୍ୟରେ ପ୍ରାଣବନ୍ତ ବିଗ୍ରହ ରଚନାକରେ । ରସର ଉନ୍ମାଦନ ରଚେ । ଉନ୍ମାଦନା ଧରଣି ବାସ୍ତବ ମୂର୍ତ୍ତି ଅଙ୍କିବାରେ ସଙ୍ଗୀତ ନାନା ମୂର୍ତ୍ତି ରୂପରେ ଜଗତରେ ପ୍ରକାଶିତ ହୁଏ । ଏଥିରେ ଛନ୍ଦର ନୂତନତ୍ୱ ଦେଖା ଯିବାହିଁ ସ୍ୱାଭାବିକ । ପ୍ରାଚୀନ ସାହିତ୍ୟ ଜଗତରେ ଯବନ କବି ସାଲବେଗ ସଙ୍ଗୀତର ପ୍ରାଥମିକ ବିକାଶ ଦେଖାଇ ମଣିଷକୁ ସରସ କରିଛନ୍ତି । ଏହି ସଙ୍ଗୀତ ସାହିତ୍ୟରେ ଛନ୍ଦର ଯତିପାତ ବିଶେଷଭାବରେ ଗ୍ରହଣୀୟ ନୁହେଁ ବରଂ ଗାୟକ ଓ ବାଦକ ଉଭୟେ ସ୍ୱର ଓ ତାଳର ମାଧୁର୍ଯ୍ୟ ସୃଷ୍ଟି କରି ମାନବ ସମାଜକୁ ଆନନ୍ଦରସରେ ଭସାଇଥାନ୍ତି । ଅତଏବ ଏହିଠାରେ ଉଭୟଙ୍କର ସ୍ୱତନ୍ତ୍ର୍ୟ ଜୀବନ ବିକଶିତ ହୋଇ ନିଜ ନିଜର



Digitized by srujanika@gmail.com

ଜନ୍ମଗତ ପ୍ରତିଭା ସ୍ଫୁରେ । ତେଣୁ ପୂର୍ବକଥିତ ଛନ୍ଦ ମାନଙ୍କରେ ଯତିପାତର ଯେଉଁ କଡ଼ା ନଜର ଥାଏ, ତାହା ଏଥିରେ ନଥାଇ ବରଂ ସଙ୍ଗୀତ ସୃଷ୍ଟିକର୍ତ୍ତାଙ୍କ ଉପରେ ନିର୍ଭର କରେ । ଏଣୁ ଶ୍ରୋତା ଓ ପାଠକ ଦୃଷ୍ଟିରେ ଗାୟକ ଓ ବାଦକ ବିଶେଷ ଆଦର ଲାଭକରେ ।

ଯବନ କବି ସାଲବେଗ 'ସତେକି ମୋଜୀବ ଥିବ ଯିବି ବୃନ୍ଦାବନ……ଇତ୍ୟାଦି ନୂତନ ଧରଣର କବିତା ଲେଖିଛନ୍ତି । କବି ଭୀମ ଭୋଇ ଏ ନଶ୍ୱର ଜୀବନରେ ମୁକ୍ତି ପାଇଁ ଅଲେଖଧର୍ମ ଉପାସନା କରିଛନ୍ତି । ସେଥିରେ ଭଗବାନଙ୍କ ପ୍ରତି ସ୍ୱଅନୁଭୂତି ସୁନ୍ଦର ଭାବରେ ଲୋକ ସମକ୍ଷରେ ପ୍ରକାଶ କରିଛନ୍ତି । ତାଙ୍କର ଭଜନାବଳୀରେ ଜ୍ଞାନ ଓ ଅନୁରକ୍ତି ମିଶା ଭକ୍ତି ସ୍ୱଭାଷାରେ ଏପରି ଭାବରେ ପ୍ରକାଶ କରିଛନ୍ତି ଯେ ତାହା ଜନ ସାଧାରଣଙ୍କ ହୃଦୟକୁ ସ୍ପର୍ଶ କରିଛି ଏବଂ ଅଦ୍ୟାବଧି ଏ ଭଜନ ଗୀତି ଲୋକ ମୁଖରୁ ଶୁଣାଯାଏ । ଯଥା—ପାଦପାଣି ନାହିଁ ତାଙ୍କୁ ଧଇବ କାହୁଁ,

ଏମନ୍ତ ବ୍ରହ୍ମସ୍ୱରୂପ ଦେଖା ନଯାଏ, ଘୋଷା…
'(ଭଜନମାଳା)'

+ + +

ଉତ୍କଳରେ ଅଚ୍ୟୁତାନନ୍ଦ, ବଳରାମ, କବୀର, ନାନକ, ଶୁରଦାସ, ଗ୍ୟାନଦାସ ପ୍ରଭୃତି ଜ୍ଞାନଭକ୍ତି ଉପାସକ କବିମାନଙ୍କର ଏହି ଧରଣର ସଙ୍ଗୀତ କବିତା ବହୁଳ ପରିଲକ୍ଷିତ ହୁଏ । ଅଚ୍ୟୁତାନନ୍ଦଙ୍କର 'ଭଜ ମନରେ ଆରେ ଭଜ ମନ, ଭଜି ପାରିଲେ ପାଇବୁ ଦରଶନ ।' ପଦ ଲିଖିତ ପଦାବଳୀ ଉତ୍କଳର ଘରେ ଘରେ ସୁପରିଚିତ ।

କବିସୂର୍ଯ୍ୟ ବଳଦେବ ଓଡ଼ିଆ ସାହିତ୍ୟରେ ଚମ୍ପୂ, ସଙ୍ଗୀତ, ଚଉପଦୀ ପ୍ରଭୃତି ଲେଖି ପ୍ରାଚୀନ କବି ମଣ୍ଡଳ ମୋହିତ ଯେ କୌଣସି ଛନ୍ଦ ନେଇ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟିକରିଛନ୍ତି । ତେଣୁ ସଙ୍ଗୀତ ଯେ କୌଣସି ଛନ୍ଦରେ ପ୍ରକାଶିତ ହୋଇପାରେ ।

ମାନବ ଜୀବନ କେତେକ ଧ୍ୱନିର ଏକତ୍ରିତ ବିଗ୍ରହ । ଯେପରି ଧ୍ୱନି ସ୍ତରେ ସ୍ତରେ ପ୍ରତିଧ୍ୱନିତ ହୋଇ ସାରା ବିଶ୍ୱରେ ଖେଳେ ସେପରି ଜୀବନର ସୂକ୍ଷ୍ମତତ୍ତ୍ୱ ପ୍ରକୃତି ସୌନ୍ଦର୍ଯ୍ୟର ଅନ୍ତରେ ଅନ୍ତରେ ନିଚ୍ଛନ୍ଦ ଗତିରେ ଚାଲିଛି । ଅତଏବ କ୍ରମଶଃ କବି ଜୀବନ୍ତ ସଙ୍ଗୀତଧାରା ଜୀବନରେ ତୋଳି ବାସ୍ତବ ସ୍ୱରୂପ ଦେଇଛନ୍ତି । କବିସୂର୍ଯ୍ୟ ଏହାକୁ ମୁକ୍ତ ଓ ଆବଦ୍ଧ କେତେଟି ଛନ୍ଦ ମାତ୍ରାରେ ପ୍ରକାଶ ନକରି ମାନବର ପ୍ରତିକ୍ଷେତ୍ରରେ ବିଭିନ୍ନ ଛନ୍ଦର ଅନନ୍ତ ଭାବର ସୃଜନ ମନ୍ତ୍ର ଗଢ଼ିଛନ୍ତି । ଏଣୁ ରାଧାକୃଷ୍ଣଙ୍କୁ ପ୍ରକୃତିର ସାଧାରଣ ପ୍ରକୃତି ପୁରୁଷ ରୂପରେ ଆବଦ୍ଧ ନ ରଖି ଶୃଙ୍ଗାର ରସର ମାଦକତା ଢ଼ାଳିଛନ୍ତି ଯଥା—ରାଗ-ସାବେରୀ, ତାଳ ତ୍ରିପୁଟା ।

'କି ହେଲରେ, କହିବ ନୁହଇ ଭାରତୀରେ'
ଇତ୍ୟାଦି ।

ଆଧୁନିକ ପ୍ରତ୍ୟେକର ଆବଶ୍ୟକତା

ଓଡ଼ିଶାରେ ଘନ ଘନ ନାନା ବାଧାବନ୍ଧ ଣ ଓଡ଼ିଶୀ ସଙ୍ଗୀତ ପ୍ରତି ରହିଥିଲେ ମଧ୍ୟ ତାହା କ୍ରମଶଃ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ସୁନ୍ଦରରୁ ସୁନ୍ଦରତର ହୋଇ ଉଠୁଛି ଅତଏବ ଏହା ନିତ୍ୟ ନୂତନ ସୌନ୍ଦର୍ଯ୍ୟ ଚିରଦିନ ବଞ୍ଚାଇ ରଖିଛି ଓ ରଖିବ ।

କବିବର ରାଧାନାଥଙ୍କ ସମସାମୟିକ ବା ତତ୍ ପୂର୍ବବର୍ତ୍ତୀ ଗୋଷ୍ଠୀବଦ୍ଧ କବିଗଣ ପ୍ରାଚୀନ ଧରଣରେ ସାହିତ୍ୟ ରମଣୀଙ୍କର ନୂପୁରଧ୍ୱନି ସେବିଛନ୍ତି, ରାଜା ସୋମନାଥ, ବନମାଳୀଦାସ, ପଦ୍ମନାଭ ଦେବ, ହୃଦାନନ୍ଦ ପ୍ରଭୃତି କବିମାନେ ଛନ୍ଦ ରାଗ ମଧ୍ୟରେ ତାଳର ମାତ୍ରା ପ୍ରକାଶ କରି ଧ୍ୱନିର ମାହାତ୍ମ୍ୟ ଜନ ସମାଜରେ ପରଶିଛନ୍ତି ।

ଶଙ୍କରାଭରଣ ତାଳଝୁଲା :—

ନବନାଗର କହ୍ନା ମୁରଲୀ ବଜାଏ,
ଶୁଣିଲା ଚିତ୍ତକୁ ପଶି ଚାହିଁବାଏ । ପଦ ।

ଶଙ୍କରାଭରଣ ରାଗରେ ତାଳଝୁଲା ପ୍ରବେଶ କରାଇ । ଇତ୍ୟାଦି ।

ସଙ୍ଗୀତର ମୋହନରୂପ ଦେଇ ପାରେ କେବଳ କବି ନିଜର ଐଶିକ ବଳରେ ।

ଆଧୁନିକ ଗାୟକ ସଙ୍ଗୀତର ମଞ୍ଜୁସ୍ୱନ ରଚନା କରି ମାନବକୁ ଆନନ୍ଦ ଦେଇଛନ୍ତି । ଏହି ସଙ୍ଗୀତ ପ୍ରାଚୀନ ସଙ୍ଗୀତପରି କେବଳ ଶୃଙ୍ଗାର ଓ ସ୍ତୁତିରେ



Digitized by srujanika@gmail.com

ଅବଶ୍ୟ ରହିନାହିଁ । ବରଂ ହାସ୍ୟ, କରୁଣ ପ୍ରଭୃତି ସକଳ ରସରେ ପ୍ରସାର ଲଭିଛି । ପ୍ରାଚୀନ କବିମାନେ ନିଜ କବିତାରେ ଜାତି ଓ ଦେଶର ବୈଶିଷ୍ଟ୍ୟ ଅକ୍ଷୁଣ୍ଣ ଭାବରେ ରଖିବାପରି ଆଜିକାଲି ସଙ୍ଗୀତରେ ଦେଖାଯାଉନାହିଁ । ବରଂ ଅନେକ ସ୍ଥଳରେ ନୂତନ ପ୍ରବେଶକରି ଦେଶ ଓ ଜାତିର ମୋହନଷ୍ଟ କରିଅଛି ତେଣୁ ଜାତିରେ ବୈଶିଷ୍ଟ୍ୟ ବିଶେଷ ଦେଖାଯାଉ ନାହିଁ ବରଂ ନୈରାଶ୍ୟର ଚିହ୍ନ ଦେଖାଦେଉଛି । (କ୍ରମଶଃ)

# ପ୍ରବାସୀ

( କୁମାର ନିତ୍ୟାନନ୍ଦ ମହାପାତ୍ର )

ଆଜି ତ ଶରତ ଜୋଛନା କୋଳରେ ରଜନୀ ବଧୂ
ଅଭିସାର ପଥେ ଢାଳଇ ଅଳକା ପୀରତି ମଧୁ ।
ଆଜି ତ ବିରୂପା ତଟିନୀର ତୀରେ ମୁଁ ପରବାସୀ
ଶିରେଫୁଲର ତୀରୁ ନେଉଥିବ ମୋ ପ୍ରିୟା ଆସି ।
ଆଜିତ ଚୁମଇ ସୁଲୁ ସୁଲୁ ବାଆ ଶେଫାଳୀ ଶିରେ
ମୋ' ପ୍ରିୟା ପ୍ରଶାନ୍ତ ଭାଙ୍ଗୁଥିବ ସେତ ସେ ନଦୀ ତୀରେ ।
ମୁଁ ଆଜି ଦୂରେ···
ଆଜି ଶରତର ଜୋଛନା କୋଳରେ
ପ୍ରିୟା ସତେ କିବା ମୋ'ପାଇଁ ଝୁରେ !
ବାତୁଳ ଯଦି ଗୋ ହବ ଫଡ଼ ଫଡ଼ ରସାଳ ତଳେ
ହମ୍ବା କୁମାରୀ ଛନ୍ଦିବ କର କାହାର ଗଳେ ?
ଚକୋର ଯଦି ଗୋ ଡାକିବ ଆକୁଳେ ତଟିନୀ ପାରେ
ଭୟେ ଥରି ମୁଖ ଲୁଚାଇବ ରାଣୀ କା'ଛାତି ପରେ ?
ସ୍ୱଚ୍ଛକାଚ ପରେ ଛାଇ ଦେଖି ଯେବେ ଚମକେ ରାଣୀ
କିଏ ଆଜି ତାରେ ଫୁଲ ପରି ନେବ କୋଳକୁ ଟାଣି ।
ମୁଁ ଆଜି ଦୂରେ
ଆଜି ଶରତର ସୁଲୁ ସୁଲୁ ବାଆ
ଗୀତ ଗାଇଯାଏ କରୁଣ ସୁରେ ।
କେଶରାଶି ତାର ପଡ଼ିଥିବ ଲୋଟି ଅଳସଭରେ
ଶରତ-ବାଦଲ ତାର ପ୍ରୀତି ମାଗି ନିରବେ ମରେ ।
ଗଂଗଶିଉଳୀ ଶରମ ଅବଶେ ପଡ଼ିବ ଝଡ଼ି
ମୂର୍ଚ୍ଛିତ ଫୁଲ ପଡ଼ିଥିବ ଖସି କବରୀ ଛାଡ଼ି ।
କେ ଆଜି ତାହାର ସାଜିଦବ କେଶ ସିନେହ କରି
ଖୋସିଦବ କିଏ କବରୀରେ ଫୁଲ ପଡ଼ିଲେ ଝରି
ମୁଁ ଆଜି ଦୂରେ
ଶଇଲ ସେ···ସହେ ମଥାଘୋଡ଼ି ସବୁ
ପ୍ରିୟ ମୁହିଁ ତାର ଏ କାରାଗାରେ !
ଅର୍ଦ୍ଧ ନିଶୀଥେ କୋମଳ ତଳପ ସଜନୀ ତେଜି
ଚାହିଁଥିବ ବସି ବାତାୟନ ଧାରେ ମୋ' ପଥ ଆଜି !
ମୋ'ଲାଗି କି ଶିହରଣ ଜାଗେନାହିଁ ତା' ତନୁ ତଟେ
ଚାହେଁ କି ମୋ' ପଥ ନିଶି ଶେଷେ ଯେବେ
ସୁନ୍ଦର ଫାଟେ ।
ଗଂଗଶିଉଳୀ ଗନ୍ଧେ ରୂପସୀ ଆକୁଳ ମନ
ଖୋଜୁ ନ ଥିବକି ଶାରଦ ନିଶାନ୍ତେ ମୋ ପରଶନ
ମୁଁ ଆଜି ଦୂରେ
ସେ ଚାହେଁ ମୋ ପଥ···ପ୍ରାଚ୍ୟ ଗଗନୁ
ରବି ଯାଏ ପୁଣି ପ୍ରାଚ୍ୟ ତୀରେ !
ଆଗୋ ସୁନ୍ଦରି···ଅଧୀର ହୁଅନା ମିଳନ ଆଶେ
ନ ଭୁଲଇ ତମ ପ୍ରିୟ···ଫେରିଯିବ ତମରି ପାଶେ
ତମରି କୋମଳ ପଦର ପରଶେ ତଟିନୀ ଟାଳି
ଜୀବନ୍ତ ହୋଇ ଉଠିବ ଗୋ ରାଣି ଅଳସ ଗୁଲି !
ଗନ୍ଧେ ତମର ଉଠିବ ଗୋ ଫୁଟି ଚୁମନ ଦାଗ
ସମୀର ଅର୍ଘରେ ଗାଇବ···ସଜନୀ ଜାଗ ଗୋ ଜାଗ
ମୁଁ ଆଜି ଦୂରେ
ନାଲ ତପନର ଉଦୟ ଆଶାରେ
ନିର୍ଭୀକ···ଘନ ତମିଲେ ଘୂରେ !



Digitized by srujanika@gmail.com

# ମିଳନ ସମାଧି

(ଶ୍ରୀ କଣ୍ଡୁରି ଚରଣ ଦାସ)

ଠିକ୍ ଏହିପରି ରାତିଟିଏ ଅବିକଳ ଏହିପରି ନେଳ ଫର ଫର ଆକାଶରେ ପୂନିଅ ଜହ୍ନ ହସି ହସି ଖେଳି ବୁଲୁଥିଲା । ପାଖାପାଖି ହୋଇ ବସିଥିଲେ ମଲ୍ଲୀ ଆଉ ରତନା । ସେ କଥା ଆଜି ମଲ୍ଲୀର ମନେ ପଡ଼ି ତା ଅନ୍ତରରେ ଏକ ପ୍ରଳୟଙ୍କରୀ ଝଡ଼ ସୃଷ୍ଟି ହୋଇଛି । ଆଖି ଲୁହରେ ଭରି ଯାଉଛି ।

ଦି'ଜଣ ଯାକ ବସିଥାଆନ୍ତି ନୀରବରେ—ଧୋବ ଆକାଶକୁ ଚାହିଁ । କାହାରି ମୁହଁରେ ପଦେ ହେଲେ କଥା ନ ଥାଏ । ଠିକ୍ ସେତିକିବେଳେ କଅଁବୁଦା ମୂଳରୁ ଭେଉଣ୍ଡ'ଟା ଦି'ଡାକ ମାରିଦେଲା । ମଲ୍ଲୀ ରତନା ପାଖକୁ ଘୁଞ୍ଚିଗଲା । ରତନାର ହୋସ ହେଲା—ସେ ମଲ୍ଲୀ ମୁହଁକୁ ଚାହିଁ ଦେଖିଲା ପ୍ରାଣର ପ୍ରତିମା ତା'ର କାନ୍ଦୁଛି ।

ସେ ଆଉ ଥୟ ହୋଇ ବସି ପାରିଲା ନାହିଁ । ତା' ପିନ୍ଧା କାନରେ ମଲ୍ଲୀର ଜଳଭରା ଆଖି ଦୁଇଟିକୁ ପୋଛି ଦେଉଁ ଦେଉଁ କହିଲା—"ଛି ମଲ୍ଲୀ, ତୁ ଗୋଟାଏ ଛୁଆଙ୍କ ଭଳି କାନ୍ଦୁଚୁ କ'ଣମ ? ଏଇଥିଣା ତ ଆମ ଘରେ ମୋଟେ ଚାଳିଶି ଗଉଣି ଧାନ ଅଛି, ତୁ ସେଇଆକୁ ଖାଉଥା ମୁଁ ଯାଇଁ ଏଇ ଅଳପ ଦିନ ଭିତରେ ତୋ ପାଖକୁ ଟଙ୍କା ପଠାଇବି । ଏଇ ଆମରି ରାଇଜୁଟାକୁ ଖିନା ଖାଇବାକୁ ମିଳୁନାହିଁ—ସବୁଆଡ଼େ କ'ଣ ଏଇଆ ହୋଇଥିବ ! ଛି ମଲ୍ଲୀ, ତୁ କାନ୍ଦନା, ବସି ଖାଇଲେ ନଈବାଲି ସରେ । ମୁଁ ଯଦି ଏଇଠି ବସି ରହିବି ତେବେ ମାସ ଦି'ଟାରେ ସେତିକ ଧାନ ଖାଇ ସଫା କରିଦେବା । ତେଣିକି ? ତେଣିକି କିଏ ଆମକୁ ଖାଇବାକୁ ଦେବ ?"

ମଲ୍ଲୀ ପାଟିରୁ ପଦୁଟିଏ ହେଲେ କଥା ବାହାରୁ ନ ଥାଏ, ସେ କେବଳ କାଇଁ କାଇଁ ହୋଇଁ କାନ୍ଦୁଥାଏ । ଶେଷରେ ରତନା ତାକୁ ନିଜ କୋଳ ଉପରେ ଶୁଆଇ ପକାଇ ତା' ନୁଖୁରା ବାଳ କେରାକରେ ଆଙ୍ଗୁଠି ଚଳାଉ ଚଳାଉ କହିଲା—"ଯାଲୋ ମୋର, ତୁ ମୋଟେ ମୋ କଥା ମାନୁନୁ—ମୁଁ ଫେରେ ରାଜିକରି ଘରୁ ଚାଲିଯିବି ଯେ ଆଉ ଘରକୁ ଫେରିବି ନାହିଁ ।

ଏଇଠି ମଲ୍ଲୀର ହୋସ ହେଲା । ତା' ଆଖିରୁ ଝରଝର ହୋଇ ତତଲା ଲୁହ ବହିପଡ଼ି ତା' ଲୁଗା ତିନ୍ତେଇ ଦେଲା । ସତେ କ'ଣ ସେ ଆଉ ରାଜିକରି ଚାଲି ଯାଇଛନ୍ତି । ନା-ନା ସେତ ସେମିତିକା ଲୋକ ନୁହନ୍ତି—ତେବେ···ତେବେ ଦି'ବର୍ଷ ହୋଇ ଗଲେ—ଏଯାଏ ଲେଉଟୁନାହାନ୍ତି କାହିଁକି ?

ଠିକ୍ ସେତିକିବେଳେ କିଏ ଜଣେ ଦାଣ୍ଡିଆଡ଼ୁ ହସି ହସି ଆସି ମଲ୍ଲୀ ପାଖରେ ବସିପଡ଼ିଲା । ମଲ୍ଲୀ ଧଡ଼୍‌କିନା ଉଠିପଡ଼ି ସେଠଉଁ ଦି'ପାହାଣ୍ଡ ବାଟ ଆଗେଇ ଗଲା । ସେ ଲୋକଟି କହିଲା—"ଆଲୋ ମଲ୍ଲୀ, ସତେ କ'ଣ ଆଉ ରତନା ଆସିବ ଯେ—ତାକୁ ତୁ ଫେରି ପାଇବୁ ।"

ମଲ୍ଲୀ ସେଠାରେ ସେ ଲୋକଟିକୁ ଦେଖି ଚିଡ଼ି ଯାଇଥିଲା । ପେଡ଼ା ଘା'ରେ ଚୂନ ଦେଲାଲି ପରି ତା ବ୍ୟବହାର ତାକୁ ଅତ୍ୟନ୍ତ ଚିଡ଼େଇଦେଲା । ଦଣ୍ଡକପାଇଁ ତା' ଆଖି ଦୁଇଟି ରାଗରେ ଜଳିଉଠିଲା, ମନର ରାଗ ମନରେ ମାରି ସେ ସାଧାରଣ ସ୍ୱରରେ କହିଲା—"ଦେଖ ରାଜୁବାବୁ ! ତୁମେ ହେଲ ଜମିଦାରଙ୍କ ପୁଅ । ସରଗକୁ ନିଶାଣ ନାହିଁ କି ବଡ଼ଲୋକଙ୍କୁ ଡରିଭ ନାହିଁ । ତୁମ ମାନ, ଇଜ୍ଜତ ଆମମାନଙ୍କଠୁଁ ଢେର ବେଶୀ । ମୋତେ ଆଉ ଚିଡ଼ାଅନା, ତୁମ ମାନ ଘେନି ତୁମେ ଚାଲିଯାଅ—ମୁଁ ମୋ କର୍ମକୁ ଆଦରି ପଡ଼ିଥାଏଁ । ତା' ନହେଲେ ତୁମେ ରୋଜ ରୋଜ ଆସି ମୋ ସଙ୍ଗରେ ଏପରି କୁଟେଇ ହେଇଁ ଲାଗିଲେ ତମ ମାନ ଇଜ୍ଜତ ସବୁ ପଦାରେ ପକାଇ ଦେବ ।"

ରାଜୁବାବୁ ମଲ୍ଲୀ ମୁହଁରୁ ଏପରି କଥା ଶୁଣିବେ ବୋଲି ଭାବି ନ ଥିଲେ । ସେପାଇଁ ସେ ରାଗରେ



Digitized by srujanika@gmail.com

ଜଳି ଉଠିଲେ । ଚଢ଼ା ଗଳାରେ କହିଲେ—"କ'ଣ କହିଲୁ ଅଲୋ ମଲ୍ଲୀ, ତୋର ପେଟରେ ଏତେ ନିହମତ ହେଲା କେବେଠୁଁ ଲୋ ! ମୋ କଥାରେ ତୁ ପେଟରେ ନଅଠ ଜବାବ ଦେଉଛୁ ? ଲୋଭ ଘଇତା ବୁଦ୍ଧିରେ ପଡ଼ିଲୁଣି କଲେ ?

ମଲ୍ଲୀ ବି ରାଜୁବାବୁଙ୍କଠୁଁ ଏପରି କଥା ଶୁଣିବାକୁ ପ୍ରସ୍ତୁତ ନଥିଲା । ସେ ଆଗପଛ ନ ଭାବିର କହି ପକାଇଲା, 'ସେ ଭଜ ଭଜଣା ଘଇତା କରିବା କଥା ତମ ବଡ଼ଲୋକମାନଙ୍କ ଘରେ ସାଜେ; ଆମ ଗରିବ ଗୁରୁବାଙ୍କ ଘରେ ସେସବୁ ଚଳେନା ।

ରାଜୁବାବୁ ଏଥର ରାଗରେ ଲାଲ ପଡ଼ିଗଲେ । ବସିଥିବା ଯାଗାରୁ ଉଠିପଡ଼ି କହିଲେ, "କଣ କହିଲୁ ଅଲୋ ମଲ୍ଲୀ, ଏବେ ସତୀ ସାବିତ୍ରୀ କେବଠୁଁ ସାଜିଲୁଣି ଲୋ ! ଆଜି ଦେଖୁଛୁ କମିତି ଲଖେଇ ବିତା ସତୀ ପଣିଆ ।" ଏହା କହି ସେ ମଲ୍ଲୀକୁ ଧରି ପକାଇବା ପାଇଁ ଆଗକୁ ମାଡ଼ିଗଲେ । ମଲ୍ଲୀ ନିଜକୁ ବଞ୍ଚାଇବାର କୌଣସି ଉପାୟ ନ ଦେଖି ହା ଭଗବାନ କହି ତା ନୂଆଗିଆ ଘର ପାଖକୁ ଦଉଡ଼ି ଗୁଲି ଯାଉଥିଲା । ରାଜୁବାବୁ ତା ପଛେ ପଛେ ଗୋଡ଼ଉଥିଲେ । ସେ ଯିମିତି ଘରର କଣ ମୁଣ୍ଡରେ ହୋଇଛନ୍ତି ସିମିତି କାହାର ଗୋଟାଏ ଶକ୍ତ ଠେଙ୍ଗା ପାହାର ବସିଲା ରାଜୁବାବୁଙ୍କ ମୁଣ୍ଡରେ । ତାଙ୍କ ମୁଣ୍ଡ ବୁଲେଇଦେଲା । ତକା ଭଉଁରି ଖେଳିଲା ପରି ସେ କଣ୍ଠୁଁ ହୋଇଁ ତଳେ ପଡ଼ିଗଲେ । କିଏ ଜଣେ କର କର ହୋଇଁ ହସି ଉଠିଲା ।

ମଲ୍ଲୀ ପଛକୁ ଚାହିଁ ଦେଖିଲା ରାଜୁବାବୁ ତଳେ ପଡ଼ିଯାଇଛନ୍ତି । ଆଉ କିଏ ଜଣେ ଖଣ୍ଡେ ହାତରେ ଗୋଟାଏ ମୋଟିଆ ଠେଙ୍ଗାଧରି ଛିଡ଼ା ହୋଇଛି । ତା ରକ୍ତ ପାଣି ଫାଟିଗଲା । ସେ ଆଉ ଅଗକୁ ପାଦେ ବଢ଼ାଇ ପାରିଲା ନାହିଁ । ଗଛ ମୂଳରେ ତେର ଭଉଁଲା ପରି ତା ଗୋଡ଼ ଆଉ ଭୂଇଁରୁ ଉଠିଲା ନାହିଁ । ସେ କାଠ କଣ୍ଡେଇଟି ପରି ନିସ୍ତେଜ ହୋଇଁ ଠିଆହୋଇ ରହିଲା ।

ଛାଇଟିଭଳି ସେ ମୂର୍ତ୍ତିଟି ଅସ୍ତ ଅସ୍ତେ ମଲ୍ଲୀ ଆଡ଼କୁ ମାଡ଼ି ଆସିଲା । ମଲ୍ଲୀ ଜହ୍ନ ଆଲୁଅରେ ଦେଖିଲା ତା ମୁହଁରେ କେରାଏ ଦାଢ଼ି, ମୁଣ୍ଡବାଳ ଗୁଡ଼ାକ ଫର ଫର ହୋଇଁ ଉଡ଼ୁଛି । ପିନ୍ଧିଛି ସାତ ଛିଣ୍ଡା ଲୁଗା ଖଣ୍ଡେ । ମଲ୍ଲୀର ସେ ଲୋକଟିକୁ ଚିହ୍ନିବାର ଯୁ ନଥିଲା । ଲୋକଟି ଆଉ ଟିକିଏ ଆଗକୁ ବଢ଼ି ଆସିଲା । ମଲ୍ଲୀକୁ ଥରେ ଭଲ ଭାବରେ ତଳପାଦଠୁଁ ତାଳୁଯାଏ ଅନାଇ ଗଲା । ତା'ପରେ ଲମ୍ବା ପିଠଣା ଭଳି ହାଣ ହାଣ ହାତ ଦିଟାକୁ ଦି'ଆଡ଼କୁ ମେଲିକରି ମଲ୍ଲୀ ପାଖକୁ ଦଉଡ଼ ଯାଉଁ ଯାଉଁ କହିଲା "କିଏ ମଲ୍ଲୀ, ମତେ ଚିହ୍ନି ପାରୁନୁ ଆଲୋ ! !

ମଲ୍ଲୀ କାନରେ ତା' ବହୁତ ଦିନର ଚିହ୍ନା ସ୍ୱର ବାଜି ଯିବାରୁ ସେ କଲମଦ୍ଧ ବିଗୁର ନକରି ରତନା ପାଖକୁ ଦଉଡ଼ି ଗଲା । ରତନା ମଲ୍ଲୀକୁ ଦୁଇହାତରେ ଟାଣିନେଇ ଛାତି ଉପରେ ଯାକି ଧରିଲା । ମଲ୍ଲୀର ସେତେବେଳେ କଥା କହିବାର ବଳ ନଥିଲା । ସେ କେବଳ ତା'ର ବହୁତ ଦିନର ସାଇତା ତତଲା ଲୁହ ଟୋପା ଟୋପା ଗଡ଼େଇ ରତନା ଛାତିକୁ ଭିଜେଇ ଦେଲା । ରତନା ମଲ୍ଲୀକୁ ସେହିପରି ଜାକିଧରି ସେଇଠାରେ ଭୂଇଁ ଉପରେ ବସି ପଡ଼ିଲା ।

ଦୁଇ ଜଣେ ଟି ମୁହୂର୍ତ୍ତ ନୀରବରେ କଟିଗଲା ।

ତା'ପରେ ରତନା ଆରମ୍ଭ କଲା, କୁହିଲୁ ମଲ୍ଲୀ ଆଜିର ଏ ଦୁନିଆ ଗୁଷି ମୂଲିଆ ପାଇଁ ନୁହେଁ । ଏ ଦୁନିଆରେ ବଡ଼ ଲୋକର ଷୋଳଅଣା ଅଧିକାର । ମଲ୍ଲୀ ଏମିତି ଆଖି ଲୁହରେ ରତନାର ବକ୍ଷସ୍ଥଳ ଭିଜେଇବାରେ ଲାଗିଥିଲା । ରତନାର କେଇପଦ କଥାଶୁଣି ସେ ଟିକିଏ ସିଧାହୋଇଁ ବସିଲା ।

ରତନା ପୁଣି ଆରମ୍ଭ କଲା ମୁଁ ତ ସେଦିନ ତୋ ଠାରୁ ବିଦା ହୋଇଁ ଗୁଲିଗଲି । ଭାବିଥିଲି ସିନା-ଆଉ ଆଉ ଯାଗାରେ ଖାଇବାକୁ ମିଳୁଥିବ ବୋଲି, ନାଁଲୋ ନାଁ କେଉଁଠି ହେଲେ ଖାଇବାକୁ ପାଇଲି



Digitized by srujanika@gmail.com

ନାହିଁ । ଶେଷରେ ଆଉ କେତେଜଣ ମୋ'ଭଳି ଲୋକଙ୍କ ସଙ୍ଗରେ ଦାଦନ ଗଲି କଟକ ସହରକୁ । ଶୁଣିଥିଲି ସେଇଠି ଆମ ଓଡ଼ିଶା ମୁଲକଟା ଯାକର ଭୋକ ଶୋଷର ବିଚାର ହୁଏ । ଗୁଣୀ, ମୂଲିଆର ହାକିମଭି କଥା ବୁଝା ହୁଏ । ଆମର ଆଶା ଥିଲା ସେଇଠାକୁ ଗଲେ ନିଶ୍ଚୟ ଆମମାନଙ୍କ କଥା ବିଚାର କରାଯିବ ।

କିନ୍ତୁ ଯାଣିଚୁ ମଲ୍ଲୀ ସେଠାରେ ସେ ସବୁଠୁ ବଦଳାଟିଏ ହୁଏ ଗରିବର ରଣ୍ଡି ଖେଳ; ସେଠୁଁ ପାଆନ୍ତି ଗୁଣୀ ମୂଲିଆ ଟୋଇଠା ମାଡ଼ । ସେଠାରେ ଖାଲି ଧୋବ ଫର ଫର ଲୁଗା କାମିଜର ରାଜୁତି । ସେଠାରେ ମଳା ମୁଣ୍ଡିଆ ମଇଳାଲିଆଙ୍କର ସ୍ଥାନ କାହିଁ ? ରତନା ଏତିକ ଏକ ନିଶ୍ୱାସରେ କହି ପକାଇ ଟିକିଏ ଦମ ନେଲା । ପୁଣି କହି ବସିଲା; ସେଉଠୁ କ'ଣ ହେଲା ଶୁଣିବୁ ? ମୁଁ ତ ଯାହିଁ ପହଞ୍ଚିଥିଲି, ପାଇଟି ଖୋଜି ଖୋଜି କେଉଁଠି ହେଲେ ପାଇଲି ନାହିଁ । ମୋର ଭଳିଆ କେତେ ତଷା ଯେ ସେଠାରେ ଯାହିଁ ନ ହେଲା ଅବସ୍ଥା ହୋଉଛନ୍ତି । ସେ କଥା ମନେ ପଡ଼ିଲେ ମୋତେ କାନ୍ଦ ମାଡ଼ୁଛି । ମୋର ମନେ ହେଉଛି ଏଇସବୁ ଚଷାଯାକ ଯଦି ଓଡ଼ିଶା ମୂଲକରୁ ମରି ହଜି ଯାଆନ୍ତି ତେବେ ବଡ଼ବଡ଼ିଆ ବାବୁଭାଇଆ ମାନଙ୍କର ଆଉ ଏ ଦେଶ ବାସରେ ଠାବ ରହିବତ ?

ମଲ୍ଲୀ ଏକ ମନ ଏକ ଧ୍ୟାନରେ ରତନାର ସବୁକଥା ଶୁଣୁଥିଲା ।

ରତନା ପୁଣି କହିଲା, ତା ପରେ କ'ଣ ଶୁଣୁଛୁ ! ମୁଁ କଟକ ଯିବାର ମୋଟେ ଦୁଇଦିନ ହୋଇଥାଏ । ଭୋକ ଉପାସରେ ଆଉ ଆଗକୁ ପାଦ ପକାଇବାର ପରାକ୍ରମ ନଥାଏ । କଣ ହେଲା ନା, ଗୋଟିଏ ମଟର ଗାଡ଼ି ଆସି ମୋର ଭଳିଆ ଜଣେ ହତଭାଗା ଉପରେ ମାଡ଼ିଗଲା । ସଙ୍ଗେ ସଙ୍ଗେ ସେଠାରେ ଲୋକ ଜମାହୋଇ ପଡିଲେ । ନାଲି ପଗିଡ଼ିଆ ଦାଗୁଣ୍ଟା ବି ଧାଇଁ ଆସିଲେ । ମୁଁ ସେଇଠି ଅନେଇଥାଏଁ ।

"କ'ଣ ହେଲାନା, ମଟରରେ ଯୋଉବାବୁ ବସିଥିଲେ, ସେ ନାଲି ପଗିଡ଼ିଆଟା ହାତରେ ପୋଡ଼ାଏ ନୋଟ ଗୁଞ୍ଜିଦେଲେ, ନାଲି ପଗିଡ଼ିଆଟ ତାଙ୍କୁ ଓଲଟି ସଲାମ କଲା । ବାବୁ ଗାଡ଼ି ଛୁଟେଇ ଦେଇ ଚାଲିଗଲେ । ସେ ଟଙ୍କା ପୋତକ ପକେଟରେ ଧୁଗାଇ ଗଳାର ନଳି ହଲକରେ ଟିକିଏ ହାତ ବୁଲେଇ ନେଇ ଛୁଟି ଆସି ମୋର ହାତଟାକୁ ଖପ୍‌କିନା ଧରି ପକାଇଲା । ମୁଁ ଘଟଣା କ'ଣ ବୁଝିବା ଆଗରୁ ମୋତେ ଗୋଟିଏ ମଟରରେ ବସାଇ ନେଇ ଥାନାରେ ହାଜର କରିଦେଲା ।

ମୁଁ କିଛି ବୁଝିପାରିଲି ନାହିଁ ।

ତା' ଆରଦିନ ଶୁଣିଲି ଯେ, "ମୁଁ ରାସ୍ତାରେ ଗୋଟିଏ କାଙ୍ଗାଳକୁ ମାରିଦେଇଥିବା ଅପରାଧରେ ଦୁଇବର୍ଷ ପାଇଁ ଜେଲରେ ରହିବାର ହୁକୁମ୍ ହୋଇଛି ।"

ମଲ୍ଲୀ ଏତେବେଳଯାଏ ରତନାର ସବୁକଥା ଚୁପ୍‌ଚାପ୍ ହୋଇ ବସି ଶୁଣୁଥିଲା । କିନ୍ତୁ ଏଇଠି ସେ ରତନା କଥାରେ ବାଧାଦେଇ କହିଲା— "ତମେ ପରା ଅପରାଧ କରି ନଥିଲ, ବିଚାର ତୁମକୁ ଦୋଷୀ କଲା କପରି ? ମୁଁ ତ ଶୁଣିଛି ବିଚାର କେବେହେଲେ ନିର୍ଦ୍ଦୋଷୀକୁ ଦଣ୍ଡ ଦିଏନା ।"

ରତନା ଟିକିଏ ସଜାଡ଼ି ହୋଇ ବସିଲା । ତା' ନାକରୁ ଗୋଟିଏ ଦୀର୍ଘ ନିଶ୍ୱାସ ବାହାରି ପଡ଼ିଲା । ସେ କହିଲା, "ସେ ଯୁଗ ଆଉ ନାହିଁଲୋ ମଲ୍ଲୀ—ସେ ଯୁଗ କେବଠୁଁ ବିଦାହୋଇ ଚାଲି-ଗଲାଣି । ଏଇଯିଣା ରାଜୁତି ହେଉଛି କେବଳ ବାବୁ ଭାଇଙ୍କର । ପଇସାର ଯୁଗ ଇଏ—ଖାଲି କଞ୍ଚା ପଇସାର ଯୁଗ………………

ରତନାର କଥା ଶେଷ ହେଲା ନାହିଁ । ପାଟିକଥା ପାଟିରେ ରହିଗଲା । କାହାର ଗୋଟିଏ ଶକ୍ତ ଠେଙ୍ଗା ଯାହାର ବସିଲା ରତନା ମୁଣ୍ଡ ଉପରେ । ସେ ପାହାର ବସିବା ପରେ ତା'ର ଆଉ ମୁହଁ ଫେରେଇ ପଛକୁ ଚାହିଁବାର ତାକତ ନଥିଲା । ରକ୍ତ ଧାର ଧାର ହୋଇ ବହି ଯିବାକୁ ଲାଗିଲା, ଟିକ୍ ନଈ ସୁଅପରି । ମଲ୍ଲୀ ଏପରି



Digitized by srujanika@gmail.com

ଅପ୍ରତ୍ୟାଶିତ ଆକ୍ରମଣ ପାଇଁ ମୋଟେ ପ୍ରସ୍ତୁତ ନଥିଲା । ସେ ପଛ ପଟକୁ ବୁଲି ଚାହିଁ ଦେଲା । ଦେଖିଲା ରାଜୁବାବୁ ଗୋଟାଏ ମୂଳିଆ ଠେଙ୍ଗାଧରି ଅଳ୍ପ ଦୂରରେ ଛିଡ଼ା ହୋଇ କରି କରି ହୋଇ ହସୁଚନ୍ତି । ମଲ୍ଲୀ ପାଟିରୁ ଅଜାଣତରେ ବାହାରି ପଡ଼ିଲା, "କିଏ, ରାଜୁବାବୁ ?" ........

ରାଜୁବାବୁ ଆହୁରି ଜୋର୍‌ରେ ହସି ଉଠିଲେ, ଠିକ୍ ଉନ୍ମାଦଙ୍କ ଭଳି । ହସି ହସି ହସ ବନ୍ଦ ହେବାରୁ କହିଲେ, "ଜାଣୁ ମଲ୍ଲୀ ! ଏ ହେଲା ପୁଞ୍ଜିପତିର ଯୁଗ..........ତାଙ୍କ କଥା, ବୋଲି ଅନୁସାରେ ଯିଏ ନ ଚାଲିବ, ତା'ର ହାଲ ହଇକତ ହେବ ଏଇଆ—ଯାହା ତୋ ଆଖି ଆଗରେ ଦେଖୁଛୁ ।"

ମଲ୍ଲୀ ଦେହର ରକ୍ତ ସେତେବେଳେକୁ ଟକଟକ ହୋଇ ଫୁଟୁଥିଲା । ଠିକ୍ ଭାତ ହାଣ୍ଡିରେ ଚାଉଳ ଫୁଟିଲା ପରି । ସେ ଆଉ ରାଜୁବାବୁଙ୍କ କଥା ବରଦାସ୍ତ କରି ପାରିଲା ନାହିଁ । ବସିଥିବା ଜାଗାରୁ ଧଡ଼ାସ୍ କିନା ଉଠିଯାଇଁ ରାଜୁବାବୁ ଧରିଥିବା ମୂଳିଆ ଠେଙ୍ଗାଟାକୁ ଖୁବ୍ ଜୋର୍‌ରେ ଭିଡ଼ି ଆଣିଲା । କିନ୍ତୁ ବୃଥା ଚେଷ୍ଟା । ରାଜୁବାବୁଙ୍କ କଠିଣ ହାତମୁଠାରୁ ତାହା ଖସିଲା ନାହିଁ । ଫଳରେ ଆଉ ଗୋଟିଏ ମୁଣ୍ଡଫଟା ପାହାର ବସିଲା ମଲ୍ଲୀ ମୁଣ୍ଡ ଉପରେ । ମଲ୍ଲୀ ତଳେ ପଡ଼ିଲା । ତା'ର ମୁଣ୍ଡର ରକ୍ତଧାର ବହିଯାଇଁ ମିଶିଲା ରତନାର ରକ୍ତଧାର ସଙ୍ଗରେ । ରାଜୁବାବୁ ହସି ଉଠିଲେ, ଜୋର୍‌ରେ........ଖୁବ୍ ଜୋରରେ । ଖଣ୍ଡେ କଳା ବଉଦ ନେଳୀ ଆକାରରେ ଭାସି ଆସି ଦଣ୍ଡକ ପାଇଁ ସେ ଯାଗାଟା ଅନ୍ଧକାର କରିଦେଲା । ସତେ ଯେପରି ସେ ଏ ସରଳ ତରଳ ଦୁଇଟି ପ୍ରାଣର "ମିଳନ ସମାଧି" ଦେଖିବାକୁ ନାରାଜ ।

# ପ୍ରେମର ଦାନ

( ଶ୍ରୀ ବଂଶୀଧର ସିଂହ ସାମନ୍ତ, ବି. ଏ. )

କଟକର ସାହେବଜାଦା ଗଳିରେ ମ୍ୟୁନିସି-ପାଲିଟି ଦୀପଗୁଡ଼ିକ ମିଞ୍ଜି ମିଞ୍ଜି ହୋଇ ଅନ୍ଧକାରର ଅସ୍ତିତ୍ୱକୁ ଜଣାଇ ଦେଉଛନ୍ତି ! ସନ୍ଧ୍ୟା ପ୍ରାୟ ସାଢ଼େ ସାତ ବାଜିବା ଉପରେ । ଏପରି ସମୟରେ ସମାଜ ହକରଙ୍କ ସୁପରିଚିତ ଉଚ୍ଚ କଣ୍ଠରେ ଡାକିଲା "ସମାଜ" "ସମାଜ", "ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଛାତ୍ରର କୃତିତ୍ୱ" ଏହା ଶୁଣି ସୁରେନ୍ଦ୍ର ଆନନ୍ଦରେ ଖଣ୍ଡେ ସମାଜ କିଣି ଦେଖିଲା ଯେ ସେ ବିଶ୍ୱ-ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଅନ୍ୟାନ୍ୟ ନାମଗୁଡ଼ିକ ପଢ଼ୁ ପଢ଼ୁ ଦେଖିଲା ତାର ବନ୍ଧୁ ଶ୍ରୀମତୀ ଶୈଳବାଳା ଦେବୀ ମଧ୍ୟ କୃତିତ୍ୱର ସହି ପାସ କରିଛନ୍ତି । ଏ ସମ୍ବାଦ ପଢ଼ିବା ମାତ୍ରକେ ତା'ର ମନରେ ବହୁବିଧ ନୂତନ ଭାବର ଉଦ୍ରେକ ସଙ୍ଗେ ସଙ୍ଗେ ସବେଦ ଶରୀର ରୋମାଞ୍ଚିତ ହୋଇ ଉଠିଲା ।

× × ×

ସୁରେନ୍ଦ୍ର ଓ ଶୈଳବାଳା ଯଥା ସମୟରେ କଲେଜରେ ଆଇ, ଏସ, ସି, କ୍ଲାସରେ ନାମ ଲେଖାଇ ପଢ଼ିବାକୁ ଆରମ୍ଭ କଲେ । ଶୁକ୍ଳପକ୍ଷର ଚନ୍ଦ୍ର କ୍ରମଶଃ ବୃଦ୍ଧିପ୍ରାପ୍ତ ହେଲା ପରି ସୁରେନ୍ଦ୍ର ଓ ଶୈଳବାଳା ମଧ୍ୟରେ ସ୍ନେହ ଓ ପ୍ରୀତି ଦିନକୁଦିନ ଗାଢ଼ତର ହେବାକୁ ଲାଗିଲା । ମାସ ପରେ ମାସ, ବର୍ଷ ପରେ ବର୍ଷ ଅତିବାହିତ ହେଲା । ଦୁଇବର୍ଷ ପରେ ଉଭୟେ ଆଇ, ଏସ, ସି, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ।

ଅନିତ୍ୟ ସଂସାରରେ ସୁଖ ପରେ ଦୁଃଖ, ପ୍ରଚଣ୍ଡ ରୌଦ୍ର ତାପ ପରେ ସୁଶୀତଳ ବାରିଧାରା, ମିଳନ ପରେ ବିଚ୍ଛେଦ ଲାଗି ରହିଛି । ତା' ନହେଲେ ଏ ସଂସାର ହର୍ଷ ବିଷାଦର ନିତ୍ୟ ଲୀଳା-ନିକେତନ ହୋଇ ନଥାନ୍ତା !



Digitized by srujanika@gmail.com

ଶୈଳବାଳାର ପିତା କନ୍ୟାର ଆଶାତୀତ କୃତିତ୍ୱ ଦେଖି ତାକୁ ପାଟଣା କଲେଜରେ ବି.ଏସ.ସି. ପଢାଇବାକୁ ସ୍ଥିର କଲେ । ତାଙ୍କର ଇଚ୍ଛା ଶୈଳବାଳାକୁ ଡାକ୍ତରୀ ପଢାଇବାକୁ ବିଳାତ ପଠାଇବେ । ମାତାଙ୍କର ଅନିଚ୍ଛା ସତ୍ତ୍ୱେ ଶୈଳବାଳା ନିଜର ବନ୍ଧୁମାନଙ୍କ ଠାରୁ ବିଦାୟ ନେଇ ପାଟଣା ପ୍ରୟାଣ କଲା ।

ସୁରେନ୍ଦ୍ର ଶୈଳବାଳାର ପାଟଣା ପ୍ରୟାଣ ଶୁଣି ନିଜର ପିତାଙ୍କୁ ପାଟଣାରେ ଅଧ୍ୟୟନ ନିମିତ୍ତ ଅନୁରୋଧ କଲା । କିନ୍ତୁ ତା'ର ଶତଚେଷ୍ଟା ଉପରରେ ବୀଜ-ବପନ ସଦୃଶ ନିଷ୍ଫଳ ହେଲା । ତା'ର ମସ୍ତିଷ୍କରେ ଶତ ବୃଶ୍ଚିକ-ଦଂଶନ ଅନୁଭବ କଲା ଏବଂ କଟକ କଲେଜରେ ବାଧ୍ୟହୋଇ ବି. ଏସ. ସି. କ୍ଲାସରେ ନାମ ଲେଖାଇଲା ।

ସୁରେନ୍ଦ୍ର କଲେଜରୁ ଫେରି ସମୀରଣ ସେବନ ନିମିତ୍ତ କାଠଯୋଡ଼ି କୂଳକୁ ପ୍ରତ୍ୟହ ଯାଏ । ସେଠାରେ ପଥରବେଞ୍ଚ ଉପରେ ବସି ବହୁତ ଭାବେ । ନଦୀର ଅପର ପାର୍ଶ୍ୱରେ ଥିବା ନୀଳ ପର୍ବତଗୁଡ଼ିକ ମୂକ ସାକ୍ଷୀରୂପେ ତା'ର ହୃଦୟର ଗଭୀର ବେଦନାକୁ ସହାନୁଭୂତି ଦେଖାଇ ନୀରବରେ ଦଣ୍ଡାୟମାନ ହୋଇ ରହିଥାନ୍ତି । ଅସ୍ତଗାମୀ ରବି ଗୋଲାପି ଆଭାରେ ପ୍ରତୀଚି ଗଗନର ବାଦଲମାଳାକୁ ବିଚିତ୍ର ରଙ୍ଗ ଦେଇ ଅସ୍ତାଚଳଗାମୀ ହୁଏ । ବାଳରବିର କନକ କିରଣରେ, ମୃଦୁ ମଳୟ ସ୍ପର୍ଶରେ, ପିକର କୁହୁତାନରେ, ସୁଦୂର ନୀଳ-ନଭଃଚନ୍ଦ୍ରିକାରେ ସୁରେନ୍ଦ୍ର ଯେପରି କାହାର ମଧୁମୟ ଛବି ଦେଖେ ଏବଂ ଯାମିନୀ ଶେଷରେ ଚକ୍ରବାକ ପରି କାହାର ମିଳନ ଆଶାରେ ଅପେକ୍ଷା କରି ବସିଥାଏ ଏବଂ ସେମାନଙ୍କୁ ପଚାରେ "କେବେ ବିଚ୍ଛେଦ ଯାମିନୀର ଅବସାନ ହେବ ?"

ଇତିମଧ୍ୟରେ ଦୁଇଟି ଗ୍ରୀଷ୍ମାବକାଶ ଅତୀତ ହୋଇଛି । ସୁରେନ୍ଦ୍ର ଅତୀତର ସ୍ମୃତିଗୁଡ଼ିକ ଚଳଚ୍ଚିତ୍ରର ଦୃଶ୍ୟ ସଦୃଶ ମାନସ ପଟରେ ଜାଗରିତ ହୋଇ ପୁନଃ ବିଲୀନ ହୋଇଯାଇଛି । ସୁରେନ୍ଦ୍ର ଯଥାସମୟରେ କଟକ କଲେଜରୁ ବି. ଏସ. ସି. ପରୀକ୍ଷାରେ ପାସ କରିବାର ଦୁଇମାସ ପରେ ପିତାଙ୍କର ଚେଷ୍ଟାରେ ରେଭେନ୍‌ସା କଲେଜରେ ଡିମୋନ୍-ଷ୍ଟ୍ରେଟର ରୂପେ ମାସିକ ଟ୧୨୫ଙ୍କାରେ ଚାକିରୀ ପାଇଲା । ଚାକିରୀ ପାଇ ତା'ର ମନରେ ଆନନ୍ଦର ଚିହ୍ନ ନ ଥାଏ । ଦିନକୁଦିନ ତା'ର ହୃଦୟର ଅତୃପ୍ତ ବାସନା ଜୀବନ୍ତ ରୂପ ଧରି ମନକୁ ଓ ହୃଦୟକୁ ବିଦଗ୍ଧ କଲା । ସୁରେନ୍ଦ୍ର ବିରହ ସନ୍ତପ୍ତ ହୃଦୟର ଉଦ୍‌ବେଗତା ସମ୍ଭାଳି ନ ପାରି, ଶୈଳବାଳା ନିକଟକୁ ଖଣ୍ଡିଏ ଚିଠି ଲେଖିଲା ।

ଶୈଳବାଳା ମଧ୍ୟ କୃତିତ୍ୱର ସହିତ ବି.ଏସ.ସି. ପାସ କରି ଏମ. ଏସ. ସି. କ୍ଲାସରେ ନାମ ଲେଖାଇଛି । ସୁଦୂର ଉଜ୍ଜ୍ୱଳ ଭବିଷ୍ୟତର କେତେ ମଧୁମୟ ଛବି ମନରେ ଅଙ୍କନ କରି ପାଟଣା କଲେଜ ଛାତ୍ରୀବାସର ଏକ କ୍ଷୁଦ୍ର ପ୍ରକୋଷ୍ଠରେ ବସିଛି, ଏପରି ସମୟରେ ପୋଷ୍ଟପିଅନ ଖଣ୍ଡେ ଚିଠି ଦେଇ ଚାଲିଗଲା । ଶୈଳବାଳା ଚିଠିର ଠିକଣା ଦେଖି ଟିକିଏ ଅପ୍ରତିଭ ହୋଇ ପଡ଼ିଲା । ପୁଣି କିସ ଭାବି ଚିଠିକୁ ଧୀରେ ଖୋଲିଲା ପଢ଼ିଲା :—

ବାଲୁବଜାର, କଟକ

ପ୍ରିୟତମେ, ୫।୭।୪୭

ମୋର ବି. ଏସ. ସି. ପାସ ସମ୍ବାଦ ଶୁଣିଥିବ । ଏମ. ଏସ. ସି. ପଢ଼ିବାକୁ ମୋର ଇଚ୍ଛା ଥିଲେ ମଧ୍ୟ ବାପାଙ୍କର ଅନିଚ୍ଛା ହେତୁ ସେଥିରୁ ବଞ୍ଚିତ ହୋଇଛି । ବର୍ତ୍ତମାନ କେମିଷ୍ଟ୍ରି ଲାବୋରେଟରୀରେ ଡିମୋନ୍‌ଷ୍ଟ୍ରେଟର କାର୍ଯ୍ୟ କେତେଦିନ ହେଲା କରୁଛି । କିନ୍ତୁ ମନରେ ଆନନ୍ଦ କିମ୍ବା ଶାନ୍ତି ନାହିଁ । ସିନେମା ହଲରେ, କାଠଯୋଡ଼ି କୂଳରେ, କଲେଜ ଲାବୋରେଟରୀରେ ତୁମର ମଧୁମୟ ଛବି ମୋର ମାନସପଟରେ ଚଳଚ୍ଚିତ୍ର ପରି ପ୍ରତୀୟମାନ ହେଉଛି । ମୁଁ ଯେ ତୁମକୁ ମୋର ଜୀବନର ସାଥୀରୂପେ ବରଣ କରି ନେଇଛି ତାହା ତୁମେ ଜାଣ । ମୁଁ ତୁମର କଥା ଭାବୁଛି ଏବଂ ଆଶା କରେ ମୋର ଆଶା ସଫଳ ହେବ । ତୁମର ପ୍ରେମ-ସୁଧା-ତୋଳା ପତ୍ରକୁ ଅପେକ୍ଷା କରି ରହିଲି । ଆଶା କରେ ଶୀଘ୍ର ପାଇବି ।

ତୁମର
ସ୍ନେହକାଙ୍କ୍ଷୀ
ସୁରେନ୍ଦ୍ର



Digitized by srujanika@gmail.com

ଶୈଳବାଳା ଚିଠିଖ ପଢି ନୀରବ ରହିବା ଅଭଦ୍ରାମି ହେବ ମନରେ ସ୍ଥିର କରି ଉତ୍ତର ଦେବାକୁ ସମ୍ମତ ହେଲା । ଅତୀତର ସମସ୍ତ ଘଟଣା ଗୁଡ଼ିକ ତାର ସ୍ମୃତି ପଥରେ ଜାଗ୍ରତ ହୋଇ କ୍ଷଣିକ ନିମିତ୍ତ ତାକୁ ବିବ୍ରତ କରି ପକାଇଲା । ଯଦାହେଉ ପ୍ରକୃତିସ୍ଥ ହୋଇ ଚିଠିର ଉତ୍ତରଟା ଶୀଘ୍ର ଲେଖି ଡାକରେ ଚିଠିଟା ପକାଇ ଦେଲା ।

ସୁରେନ୍ଦ୍ର ପ୍ରତ୍ୟହ ଡାକକୁ ଅପେକ୍ଷା କରି ବସିଥାଏ । ଯଥା ସମୟରେ ଚିଠିଟି ସୁରେନ୍ଦ୍ରର କରଗତ ହେଲା । ସେ ଆନନ୍ଦରେ ଆତ୍ମହରା ହୋଇ ଖୋଲି ପଢ଼ିଲା—

ପାଟଣା କଲେଜ ହଷ୍ଟେଲ
ରୁମ ନମ୍ବର ୫
ତା ୧୦।୨।୪୭

ସୁରେନ୍ ବାବୁ,

ପ୍ରଣାମ !

ଆପଣ ଜାଣନ୍ତି ମୁଁ ଏମ୍. ଏସ୍ ସି. ପାସ କରି କଲେଜ ପ୍ରୟାଣ କରିବି । ସୁଖମୟ ଦାମ୍ପତ୍ୟ-ଜୀବନ ଯାପନ ମନୁଷ୍ୟର ଏକମାତ୍ର କାମ୍ୟବସ୍ତୁ ନୁହେ । ତାହାବୋଲି ଯେ ମନୁଷ୍ୟ ଚିର କୌମାର ବ୍ରତ ଅବଲମ୍ବନ କରିବ ତାହା ମୋର ମଧ୍ୟ ଅଭିମତ ନୁହେ । ବିବାହିତ ଜୀବନ ନିମିତ୍ତ ବିପୁଳ ଅର୍ଥ ପ୍ରୟୋଜନ । ଭଲ ଚାକିରୀ କରି ଅର୍ଥ ସଞ୍ଚୟ କରନ୍ତୁ । ଇତି ।

ଆପଣଙ୍କର
ସହପାଠିନୀ
ଶୈଳ

ସୁରେନ୍ଦ୍ର ଚିଠିଟା ପୁଣିଥରେ ଭଲକରି ପଢ଼ିଲା ।

ମନରେ ଭାବିଲା, ବଡ଼ ଚାକିରୀ ଏବଂ ଭଲ ଚାକିରୀ କିପରି ପାଇବ ? ତାର ମସ୍ତିଷ୍କ ଘୂର୍ଣ୍ଣିତ ହେଲା । ବାସ୍ତବିକ୍ ଜୀବନ ସୁଖମୟ କରିବାକୁ ହେଲେ ପ୍ରଚୁର ଅର୍ଥ ଆବଶ୍ୟକ । କିପରି ଅର୍ଥସଞ୍ଚୟ ହେବ ? ଏପରି ଭାବି ଭାବି ବସିଛି, ଏପରି ସମୟରେ ଚାକର ଖଣ୍ଡେ ଖବର କାଗଜ ଦେଇଗଲା । ଅନ୍ୟମନସ୍କ ଭାବରେ କାଗଜ ଉପରେ ଆଖି ପକାଇ ପକାଇ ଦେଖିଲା, ଓଡ଼ିଶା ପଏନରଫୋର୍ସ (Orissa Poineer Force) ରେ ଉପଯୁକ୍ତ ଲୋକ ଦରକାର । ମାସିକ ବେତନଟା ଟ ୧୫୦ ଙ୍କାଠାରୁ ଟ ୨୫୦ ଙ୍କା ପର୍ଯ୍ୟନ୍ତ ଖୋରାକ ପୋଷାକ ଛଡ଼ା । ଭାବିଲା ଯଦି ସେ ନିର୍ବାଚିତ ହୁଏ, ନିଶ୍ଚୟ ପ୍ରଚୁର ଅର୍ଥ ଅର୍ଜନ କରିବ । କାଳବିଳମ୍ବ ନକରି ରିକ୍ରୁଟିଙ୍ଗ ଅଫିସର (Recriuting Officer)ଙ୍କ ନିକଟକୁ ଦରଖାସ୍ତ ଖଣ୍ଡିଏ ଲେଖିଲା ।

ସୁରେନ୍ଦ୍ରର ପିତା ବୃଦ୍ଧାବସ୍ଥାରେ ପୁତ୍ରର ଏତାଦୃଶ ଆଚରଣରେ ବିବ୍ରତ ହୋଇ ପଡ଼ିଲେ । ନିଜେ ରିକ୍ରୁଟିଂ ଅଫିସରଙ୍କ ବସାକୁ ଯାଇ ପୁତ୍ରର ଯେପରି ନିର୍ବାଚନ ନ ହୁଏ ସେପରି ଅନୁରୋଧ କରି ଆସିଲେ କାରଣ ସେ କଟକର ଜଣେ ପରିଚିତ ଭଦ୍ରଲୋକ ଏବଂ ଅଫିସରଙ୍କ ପୁରାତନ ବନ୍ଧୁ ।

ସୁରେନ୍ଦ୍ର ଯଥା ସମୟରେ ସୁସଜ୍ଜିତ ହୋଇ ଅମ୍ଳାନ ବଦନରେ ଇଣ୍ଟରଭ୍ୟୁ ପାଇଁ ବାହାରିଲା । ସ୍ଥାନରେ ପହଞ୍ଚି ଶତ ଶତ ଲୋକଙ୍କର ସମାବେଶ ଦେଖି ହର୍ଷ ବିଷାଦ ପରିବର୍ତ୍ତିରେ ଆନନ୍ଦ ତାର ହୃଦୟରେ ସଞ୍ଚାର ହେଲା । କେତେକ ସମୟପରେ ସୁରେନ୍ଦ୍ରକୁ ଡକରା ହେଲା ।

ଅଫିସର ପ୍ରଶ୍ନ କଲେ—ଆପଣଙ୍କର ନାମ ?

ସୁରେନ୍ଦ୍ର—ସୁରେନ୍ଦ୍ର ନାଥ ସିଂହ ।

ଅ:—କେଉଁଠାରେ ଚାକିରୀ କରୁଛନ୍ତି ?

ସୁ:—କଲେଜରେ ଡ଼ିମୋନଷ୍ଟ୍ରେଟର କାର୍ଯ୍ୟ କରେ ।

ଅ:—ପଏନର ଫୋର୍ସରେ ଯୋଗଦେବାର ଉଦ୍ଦେଶ୍ୟ କ'ଣ ?

ସୁ:—ଦେଶର ସେବା ଓ ଧନ ଅର୍ଜ୍ଜନ ।

ଅ:—ବିବାହିତ ?

ସୁ:—ନା ।

ଅ:—ଆପଣ ଏପରି ବିମର୍ଷ କାହିଁକି ଦେଖାଯାଉଛନ୍ତି ?

ସୁ:—ନାରୁହଁର ।

ଅ:—ଅଚ୍ଛା, ଧନ୍ୟବାଦ, ଆପଣ ଯାଆନ୍ତୁ ।



Digitized by srujanika@gmail.com

ସୁରେନ୍ଦ୍ର ହତାଶ ହୋଇ ଫେରିଲା । ସମସ୍ତ ଜଗତ ଅନ୍ଧକାରମୟ ଦିଶିଲା ଭଗ୍ନମନୋରଥ ହୋଇ ସେ ଗୃହାଭିମୁଖୀନ ହେଲା । ଫେରିଲାବେଳେ ମନରେ ସ୍ୱତଃ ପ୍ରଶ୍ନ ଜାଗରିତ ହେଉଥାଏ, "ତାର ଗୃହକର୍ତ୍ତା କପରି ପାଇବ ? ବଡ଼ଲୋକ କପରି ହେବ ?"

× × × ×

ରାତ୍ରି ଅର୍ଦ୍ଧ ପ୍ରାୟ । ଚତୁର୍ଦ୍ଦିଗରେ ନିଶାର ଗମ୍ଭୀର ଗର୍ଜ୍ଜନ । ସମୟ ସମୟରେ ଝୁଲିଝିଙ୍କିର ମନ୍ଦ ନିସ୍ତବ୍ଧତା ଭଙ୍ଗ କରି ଦେଉଥାଏ । ଏପରି ସମୟରେ ସୁରେନ୍ଦ୍ରର ହଠାତ୍ ନିଦ୍ରାଭଙ୍ଗ ହେଲା । ଦେଖିଲା ସମସ୍ତେ ନିଦ୍ରାର ଶାନ୍ତିମୟ କୋଳରେ ସୁପ୍ତ । ମନେ ମନେ ଭାବିଲା, "ମୁଁ ଆଉ ଜୀବନରେ ବଡ଼ଲୋକ ହୋଇ ପାରିବି ନାହିଁ । ମୁଁ ଯାହାକୁ ଅନ୍ତର ସହିତ ସ୍ନେହ ଶ୍ରଦ୍ଧା କରି ଜୀବନର ସାଥିରୂପେ ପାଇବାକୁ ଇଚ୍ଛା କରିଥିଲି, ତାହା ବର୍ତ୍ତମାନ ମୋ ପକ୍ଷରେ ଆକାଶ କୁସୁମ । ମୁଁ ଜୀବନରେ ସୁଖ-ଶାନ୍ତି ପାଇ ପାରିବି ନାହିଁ । ବରଂ ମରଣ ଶ୍ରେୟସ୍କର । ଏହା କହି ନିକଟସ୍ଥ ଆଲମାରିରୁ ଖଣ୍ଡିଏ କାଗଜ ଆଣି କଣ ଗୁଡ଼ାଏ ଲେଖିଲା ଏବଂ ଗୋଟିଏ ଶିଶି ବାହାର କଲା । ତାର ପରେ— × × ×

ପରଦିନ ସକାଳ ସାତେ ନଅଟା ସମୟ ପର୍ଯ୍ୟନ୍ତ ସୁରେନ୍ଦ୍ର ଶୋଇଥିବା ଘର ଦ୍ୱାର ବନ୍ଦ ହୋଇଥିବାର ଦେଖି ଚାକର ଯାଇ ବାବୁଙ୍କୁ ଡାକିଲା କୌଣସି ଉତ୍ତର ନ ପାଇ ସୁରେନ୍ଦ୍ର ପିତାଙ୍କୁ ସମ୍ବାଦ ଦେଲା । ପିତା ଆସି ଦେଖିଲେ ଦ୍ୱାରଟି ଭିତରୁ ବନ୍ଦ ଅଛି । ବହୁ ଚେଷ୍ଟା କରି ଦ୍ୱାରଟି ଖୋଲା ହେଲା । ଦେଖିଲେ ସୁରେନ୍ଦ୍ର, ପିତାମାତାଙ୍କର ଏକମାତ୍ର ପୁତ୍ର, ଅମର ଧାମର ଯାତ୍ରୀ ହୋଇ ସେମାନଙ୍କୁ ଶୋକସାଗରରେ ଭସାଇ ଦେଇ ଯାଇଛି । ନିକଟରେ ଖଣ୍ଡିଏ କାଗଜରେ ଲେଖା ଅଛି—"ଭଗ୍ନ ମନୋରଥ ହୋଇ ପ୍ରେମ-ନିମିତ୍ତ ଆତ୍ମବଳୀ ଅର୍ପଣ କଲି । ମୋର ମୃତ୍ୟୁ ନିମିତ୍ତ ଦାୟୀ କେବଳ ମୁଁ—ଅନ୍ୟ କେହି ନୁହେଁ ।" ପିତା ନିଜର ଭୁଲ ବୁଝିପାରି ବିଶେଷ ଅନୁତପ୍ତ ହେଲେ ।

× × × ×

ସେଦିନ ସନ୍ଧ୍ୟାରେ ସମାଚାରଦାତା ପୁଣି ସେହି ପରିଚିତ କଣ୍ଠରେ ଡାକ ଉଠିଲା "ପ୍ରେମର କରୁଣ କାହାଣୀ, ସୁରେନ୍ଦ୍ର ବାବୁଙ୍କର ଆତ୍ମହତ୍ୟା" । ଶୈଳବାଳା ଶୀଘ୍ର ଏ ସମ୍ବାଦ ଶୁଣି ପାରିଥିଲା । ତାର ମନରେ ବିଷାଦ ରେଖା ଗ୍ରୀଷ୍ମକାଳୀନ ବଜ୍ରଦପର କ୍ଷଣିକ ନିମିତ୍ତ ଦେଖାଦେଇ ଉଭେଇଗଲା । ଏପରି ସମୟରେ ଗ୍ରାମଫୋନ ରେକର୍ଡ଼ ଗାଇଲା—

"ମିଛ ମାୟା ସଂସାର, କେହି ନୁହେ କାହାର"

ଇତ୍ୟାଦି ।

—)(—

# ଉତ୍କଳମଣି ଗୋପବନ୍ଧୁ

( ଶ୍ରୀ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ )

ଗୋପବନ୍ଧୁ ବାବୁ ଉତ୍କଳ ପ୍ରଦେଶରେ କ୍ଷଣଜନ୍ମା ପୁରୁଷ ରୂପରେ ଜନ୍ମ ଗ୍ରହଣ କରିଥିଲେ । ସତେ ଯେପରି ଓଡ଼ିଆ ଜାତିକୁ ବିଶୃଙ୍ଖଳ ଅବସ୍ଥାରୁ ସଂଗଠିତ କରିବାକୁ ଏବଂ ପୂର୍ବ ଗୌରବରେ ତାଙ୍କୁ ଉଦ୍‌ବୁଦ୍ଧ କରିବାପାଇଁ ପ୍ରଭୁ ନୀଳାଚଳ ନାଥଙ୍କ କୃପାରୁ ସେ ଆବିର୍ଭୂତ ହୋଇଥିଲେ । ତାହା ନ ହେଲେ ବାଇଶବର୍ଷ ମଧ୍ୟରେ ଜାତିର ଏପରି ଉନ୍ନତି କରି ନ ଥାନ୍ତେ ବା ଜାତି ମଧ୍ୟରେ ଏପରି ଜାଗରଣ ସମ୍ଭବ ହୋଇ ନ ଥାନ୍ତା । ବିଚ୍ଛିନ୍ନ ଓଡ଼ିଆ ଯେଉଁମାନେ କି ବହୁଦିନରୁ ଅନ୍ୟାନ୍ୟ ପ୍ରଦେଶରେ ରହି ଭିନ୍ନ ଭିନ୍ନ ପ୍ରଦେଶ ଅଧିବାସୀମାନଙ୍କ ଭାଷା ପଢ଼ି ସ୍କୁଲ କଲେଜରେ ଅଭ୍ୟସ୍ତ ହୋଇ ଓଡ଼ିଆ ସତ୍ତା ଭୁଲିଯାଇ ଶୁଣ୍ଡା ଆଜି ଚେଇଁ ଉଠିବେ କାହିଁକି ? ଏଣେ ମନେ



Digitized by srujanika@gmail.com

ହୁଏ ଭଗବାନଙ୍କ ଅଖଣ୍ଡିତ ଅଂଶ ନେଇ ଓଡ଼ିଆ ଜାତିକୁ ରୂପରେଖ ଦେଇ ପ୍ରକୃତ ବୀର ଓଡ଼ିଆ ଜାତି କରି ଗଢ଼ିବାପାଇଁ ସେ ଧରାପୃଷ୍ଠକୁ ଆସିଥିଲେ । ଆଜିପର୍ଯ୍ୟନ୍ତ ସେହି ମହାପୁରୁଷଙ୍କ ଅବସ୍ଥିତି ଯଦି ଓଡ଼ିଆ ଜାତି ମଧ୍ୟରେ ରହିଥାନ୍ତା ତାହାହେଲେ ଆଜି ଓଡ଼ିଆମାନଙ୍କ ମଧ୍ୟରେ ଏତେଦୂର ମନୋମାଳିନ୍ୟ ଓ ବାଦାନୁବାଦ ଚାଲି ନ ଥାନ୍ତା ଏବଂ ତାଙ୍କର ଇଙ୍ଗିତରେ ସବୁ ଛାଡ଼ିଭାଇ ଯାଇ ଜାତିର ପ୍ରଦେଶ ଆଜି ସମୁନ୍ନତ ହୋଇଥାନ୍ତା । ସେ ପକ୍ଷରେ ପ୍ରତିବାଦୀ ହୋଇ ଅନ୍ୟ ପ୍ରଦେଶର ନେତାମାନେ ବାହାରିବାକୁ ସାହସୀ ହୋଇ ପାରନ୍ତେ ନାହିଁ । ସେ ଥିଲେ ସ୍ୱାର୍ଥଶୂନ୍ୟ ବ୍ୟକ୍ତି । ଯେଉଁମାନେ କି ନିଃସ୍ୱାର୍ଥ ଭାବରେ ଦେଶର ଓ ବିଦେଶର ସେବା କରିବାପାଇଁ ଦୁନିଆକୁ ଆସିଥାନ୍ତି, ସେମାନଙ୍କର ତ୍ୟାଗହିଁ ମହାମନ୍ତ୍ର ସେମାନଙ୍କର ଆଶା କେବେ ଅପୂର୍ଣ୍ଣ ହୋଇ ରହେନାହିଁ । ସେ ପ୍ରଥମେ ଦେଶର ତଥା ଜାତିର ଉନ୍ନତି ସଂକଳ୍ପ କର୍ମୀରୂପେ କରି ପରେ କଂଗ୍ରେସରେ ଭୁକ୍ତ ହୋଇ ବିପୁଳ ଉଦାରତା ଦେଖାଇ "ବସୁଧୈବ କୁଟୁମ୍ବକମ୍" ମନେ କରି କ୍ଷୁଦ୍ରରୁ ବୃହତ୍ ହୋଇ ପାରିଥିଲେ ଏବଂ ଯେପରି ଭଗୀରଥର ଗଙ୍ଗା ଆନୟନ ପରି ଓଡ଼ିଶାକୁ କଂଗ୍ରେସ ଭାବଧାରା ପହଞ୍ଚାଇ ଜାତିର ମୁକ୍ତିମାର୍ଗକୁ ପ୍ରଶସ୍ତ କରିଥିଲେ ତାହା କାହାରିକୁ ଅବିଦିତ ନାହିଁ । ଦେବାଂଶ ସମ୍ଭୂତ ଲୋକ କେବେ ଧରାପୃଷ୍ଠରେ ବେଶିଦିନ ସ୍ଥାୟୀ ହୋଇ ରହନ୍ତି ନାହିଁ । ଯେତିକି ସମୟ ବର୍ତ୍ତମାନ ରହନ୍ତି ସେତିକି ସମୟ ମଧ୍ୟରେ ଦେଶକୁ ଧନ୍ୟ କରିଥାନ୍ତି । ଯେଉଁଥିପାଇଁ ଦେଶ ଚିରକାଳ ପାଇଁ ସ୍ମରେହୁଏ । ସେ ଅଳ୍ପଦିନ ମଧ୍ୟରେ ଚାଲିଯିବା, ମାନେ ଆମକୁ ଦେଶ୍ ବୁଝା ପଡ଼ୁଛି, ସେ ଯେଉଁ ମନ୍ତ୍ର ଓଡ଼ିଆମାନଙ୍କ ମଧ୍ୟରେ ବିତରଣ କରିଛନ୍ତି ଜାତୀୟ ଜନକ ରୂପରେ ଯେଉଁ ଉପଦେଶାବଳି ଓ ଆଦର୍ଶ ଉପସ୍ଥାପିତ କରିଛନ୍ତି ତାଙ୍କ ଅନ୍ତେ ତାଙ୍କ ଜାତିଦ୍ୱାରା କେତେଦୂର କାର୍ଯ୍ୟକାରୀ

ହେଉଛି ଜାଣିବା ଆଶାରେ ଅଳ୍ପ ସମୟ ମଧ୍ୟରେ ନଶ୍ୱର ଦେହ ତ୍ୟାଗ କରିଛନ୍ତି ମାତ୍ର । କିନ୍ତୁ ତାଙ୍କ ଅବିନଶ୍ୱର ଆତ୍ମା ଅଲକ୍ଷରେ ଥାଇ ଜାତିର କାର୍ଯ୍ୟ ଧାରା ନିରୀକ୍ଷଣ କରୁଛି । ମୋ କ୍ଷୁଦ୍ର ବୁଦ୍ଧିରେ ମୁଁ ଏଇଆ କେବଳ ବୁଝୁଛି । ଉତ୍କଳମଣି ଗୋପବନ୍ଧୁ ଥିଲେ ଜାତିର ପଥପ୍ରଦର୍ଶକ ଏବଂ ବିଚ୍ଛିନ୍ନ ଓଡ଼ିଆ ମିଳନର ପକ୍ଷପାତୀ ଓ ଜାତିର ସେବକ । ସେଥିପାଇଁ ନିଜେ ସଙ୍ଗୀ ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ପଣ୍ଡିତ ନୀଳକଣ୍ଠ ଦାଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଦାଶ ପ୍ରଭୃତି ମହାଶୟମାନଙ୍କୁ ନେଇ ଏବଂ ପଣ୍ଡିତ ଅନନ୍ତ ମିଶ୍ର ମହାଶୟଙ୍କୁ ଜାତି ପ୍ରଚାରକ ରୂପେ ରଖି ଯେଉଁସବୁ ଅସାଧ୍ୟ ସାଧନ କାର୍ଯ୍ୟମାନ କରି ଯାଇଛନ୍ତି ଆଜିସୁଦ୍ଧା ତାହା ସ୍ମରଣ କଲେ ମନରେ ଗଭୀର ଆନନ୍ଦ ଜାତହୁଏ । କିନ୍ତୁ ତାଙ୍କ ଅନ୍ତେ ତାଙ୍କ ଆରବ୍ଧ କାର୍ଯ୍ୟରେ ଓଡ଼ିଆ ଜାତିର ଔଦାସିନ୍ୟ ଦେଖି ପ୍ରାଣରେ ଗଭୀର ଦୁଃଖ ଆସେ । ଭାଷା ସୂତ୍ରରେ ପ୍ରଦେଶ ମିଳନର ପକ୍ଷପାତି କଂଗ୍ରେସ ହୋଇ ଆଇନ ପାଶ କରିଥିଲେ ସୁଦ୍ଧା ସେଥିପାଇଁ ଯେଉଁ କମିଟି କଂଗ୍ରେସରେ ଗଠିତ ହୋଇଅଛି ତାହା ମଧ୍ୟରେ ଓଡ଼ିଶାର ଜଣେହେଲେ କେହି ମେମ୍ବର ନାହାନ୍ତି ଏହା ଅତ୍ୟନ୍ତ ଦୁଃଖର ବିଷୟ । ଓଡ଼ିଶାର ଯେଉଁମାନେ ବରାବର ଦେଶପ୍ରୀତି ଅନୁସରଣ କରି ନାମ ଅର୍ଜନ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟକ୍ତି ସେହି କମିଟିରେ ସ୍ଥାନ ପାଇଥିବାର ଦେଖି ପ୍ରାଣ ବଡ଼ ଶଙ୍କିତ ହେଉଅଛି । ଗଣ-ପରିଷଦ ମଧ୍ୟକୁ ଯେଉଁ ନବରତ୍ନ ନିର୍ବାଚିତ ହୋଇ ଯାଇଛନ୍ତି ତନ୍ମଧ୍ୟରେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ, ଏ, ବ୍ୟତୀତ ଓଡ଼ିଶାର ଭାଷା ସୂତ୍ରର କିଅ ଧରି କଥା କହିବାକୁ ଯଦି କେହିଲେ ଆଉ କେହି କହିବେ ବୋଲି ମନେ ହୁଏନାହିଁ । ଏହି ଗଣ ପରିଷଦର ସଭ୍ୟ ପଦ ପ୍ରାର୍ଥୀ ହୋଇ ନବୋତ୍କଳ ପ୍ରଦେଶ ନିର୍ମାତା ପାରଳାଖେମୁଣ୍ଡି ମହାରାଜା ସାହେବ ଯିବାକୁ ଇଚ୍ଛା କରୁଥିବା ବେଳେ ଓଡ଼ିଆ



Digitized by srujanika@gmail.com

ମାନେ ଯେଉଁ ଅକୃତଜ୍ଞତାର ପରିଚୟ ଦେଉଛନ୍ତି ଆଜି ତାହା ସ୍ମରଣ ହେଲେ ସୁଦ୍ଧା ମହାନ ଦୁଃଖ ହୁଏ । କୌଣସି ପ୍ରକାରେ ମହାରାଜା ସାହେବ ଗଣ ପରିଷଦକୁ ସଭ୍ୟରୂପେ ନିର୍ବାଚିତ ହୋଇ ଥିଲେ ଓଡ଼ିଆର ଯେ ଜଣେ ଠାଣୁଆ ମେମ୍ବର ଗଣ-ପରିଷଦରେ ରହିଥାନ୍ତେ ତାହା କହିବା ବାହୁଲ୍ୟ ମାତ୍ର । କିନ୍ତୁ ବର୍ତ୍ତମାନ ଓଡ଼ିଶାର ନେତୃସ୍ଥାନୀୟ ମାନେ ତାହା କରାଇ ଦେଲେ ନାହିଁ । ଏହା ଦ୍ୱାରା ଓଡ଼ିଆ ନିଜ ପଦରେ କୁଠାରଘାତ କରେ ସିନା ଏବଂ ଓଡ଼ିଆ ଜାତି ଯେ ଉପକାରୀଙ୍କ ଠାରେ କିରୂପ କୃତଜ୍ଞତା ପ୍ରକାଶ କରି ଜାଣନ୍ତି ପକ୍ଷାନ୍ତରେ ତାହାର ପରିଚୟ ମଧ୍ୟ ଦେବାରେ ତ୍ରୁଟି କରି ନାହାନ୍ତି । ହାୟ ! ଯେଉଁ ଜାତିକୁ ଆପଣ ଗଢ଼ି ଯାଇଛନ୍ତି ଆଜି ତାହାର ପରିଣାମ କି ହେବାକୁ ଯାଉଛି ତାହା ଦେଖୁଛନ୍ତି ତ ? ଆପଣନା ଓଡ଼ିଆର ଗୌରବୋଜ୍ଜ୍ୱଳ ଆଦର୍ଶ ଅନ୍ତରରୁ ଉଦ୍‌ଭାବନ କରି କହିଥିଲେ—

"ନିଜସ୍ୱାର୍ଥ ପାଇଁ ଜାତି ନୁହେ ହିନ୍ଦୁ,
ବିଶ୍ୱ ସ୍ୱାର୍ଥ ପାଇଁ ପ୍ରତି ରକ୍ତ ବିନ୍ଦୁ ।"

ଆପଣଙ୍କ ଏପରି ଉଦାର ମନୋଭାବ କୌଣସି ଓଡ଼ିଆ ଭିତରେ କାହାକୁହିଁ ତ ଦେଖା ଯାଉ ନାହିଁ । ତେଣୁ ଆଜି ବଡ଼ ଆଶାରେ ଆପଣଙ୍କର ପୁନରାବିର୍ଭାବ ଜାତି ସତୃଷ୍ଣ ନୟନରେ ଆଶା କରୁଛି । ସତେ କଅଣ ପ୍ରଭୁଙ୍କ ଆଶୀର୍ବାଦ ଏହି ଜାତି ଉପରେ ପଡ଼ି ଜାତିର ମନ ପରିବର୍ତ୍ତିତ ହେବ । ଆପଣଙ୍କ ଜାତି ପାଇଁ ସଦକ ଉପଦେଶ ଆଜିଯାଏ ମୋ ପ୍ରାଣରେ ଝଙ୍କୃତ ହେଉଛି । ଆଜିକି ବହୁଦିନ ହେ ଇଗଲା ବାରିପଦାରେ ଯେତେ-ବେଳେ ଆପଣେ ଶ୍ରେଷ୍ଠ ଉତ୍କଳର କର୍ମ କରୁଥିଲେ ସେତେବେଳେ ମୋର ପାଠ୍ୟାବସ୍ଥା ଥିଲା । ବାରିପଦା ରାଜକୀୟ ସଂସ୍କୃତ ଟୋଲରେ ମୁଁ ଅଧ୍ୟୟନ କରୁଥିଲି । ଉତ୍କଳମଣି ଆପଣ. ତତ୍ରତ୍ୟ ନେପ୍‌ଚାର ହେଷ୍ଟେଲ ନାମକ ଛାତ୍ରାବାସରେ ବିଦ୍ୟାର୍ଥୀମାନଙ୍କୁ ଉପଦେଶ ଛଳରେ ଛାତ୍ରମାନଙ୍କ କର୍ତ୍ତବ୍ୟ ବୁଝାଉଥିଲେ । ଏବଂ ଜାତିପାଇଁ ଦେଶପାଇଁ କର୍ତ୍ତବ୍ୟ କରିବା ଦିଗରେ ଅନୁପ୍ରାଣିତ କରୁଥିଲେ । ସେଦିନ ମୁଁ ଉପସ୍ଥିତ ଥାଇ ସମୂହ ଉପଦେଶ ଶୁଣି ପ୍ରାଣରେ ଆନନ୍ଦ ପାଇ ତତ୍ପର ଦିବସ ବସାକୁ ଯାଇ ପରିଚିତ ହୋଇ ଆତ୍ମଭକ୍ତି କରି କେତେକ ଉପଦେଶ ଲାଭକରି ଆପଣଙ୍କୁ ଗୁରୁରୂପେ ମନ କରି ଏକଲବ୍ୟ ଯେପରି ଜଙ୍ଗଲରେ ରହି ଦ୍ରୋଣା-ଚାର୍ଯ୍ୟଙ୍କୁ ଗୁରୁକରି ଅସ୍ତ୍ର ଶିକ୍ଷାମାନ ଆୟତ୍ତ କରିଥିଲେ ମୁଁ ସେପରି ଶିକ୍ଷାନ୍ତେ ବଙ୍ଗଭୁକ୍ତାଞ୍ଚଳ ନିଜ ବାସ ଭୂମି ମେଦିନୀପୁର ଜିଲାର ଚନ୍ଦ୍ରୀକୁ ଆସି ୧୯୦୯ ସାଲରେ ଶିକ୍ଷାଳୟ ଆରମ୍ଭ କରି ଏବଂ ଜାତୀୟ ଆନ୍ଦୋଳନରେ ନିଜ କର୍ତ୍ତବ୍ୟ କରି ଚାଲିଛି । ଦାଶ ଆପଣଙ୍କ ପ୍ରଥମ ପ୍ରଧାନ ଉପଦେଶ ଥିଲା ଜନ୍ମଭୂମି ସେବା ଓ ଜାତୀୟ କର୍ତ୍ତବ୍ୟ ଏବଂ ଜାତି ମଧ୍ୟରେ ଶିକ୍ଷା ବିସ୍ତାରପାଇଁ ଆତ୍ମନିୟୋଗ । ମୁଁ ସେହି ତିନୋଟି ବିଷୟରେ କର୍ତ୍ତବ୍ୟ କରିଚାଲିଛି । ପ୍ରଭୁବାବା ଚନ୍ଦ୍ରଶେଖର ଜୀଉଙ୍କ ଅପାର କରୁଣାରୁ ପ୍ରତ୍ୟେକ କାର୍ଯ୍ୟରେ ସାଫଲ୍ୟ ମଣ୍ଡିତ ହୋଇ ଚାଲିଛି । ଆଜି ଚନ୍ଦ୍ରୀ ପଲ୍ଲୀ ଗୋଟିଏ ଏ ଧାରରେ ଆଦର୍ଶ ପଲ୍ଲୀ ରୂପରେ ଗଣ୍ୟ ହେବାକୁ ବସିଛି । ଲଜ୍ଜାରେ ସ୍ୱନାମ ହେଲା ଭଳି ମେଦିନୀପୁର ଜିଲାର ଓଡ଼ିଆଙ୍କ ମଧ୍ୟରେ ଚେତନା ଆସି ଏହି ସେ ଦିନ ଗତ ଅପ୍ରେଲ ମାସରେ ଜାମିରପାଳ ଠାରେ ଉତ୍କଳ ସମ୍ମିଳନୀର ବିଶେଷ ଅଧିବେଶନଟିଏ ହୋଇ ପାରିଛି । ଏହା ମେଦିନୀପୁର ଓଡ଼ିଆଙ୍କ ପକ୍ଷରେ ଯେତିକି ମଙ୍ଗଳ କର ଓଡ଼ିଶାର ଓଡ଼ିଆଙ୍କ ପକ୍ଷରେ ସେତିକି ଆନନ୍ଦପ୍ରଦ ମଧ୍ୟ । ସବୁ ପ୍ରଦେଶର ବିଚ୍ଛିନ୍ନ ଓଡ଼ିଆଙ୍କ ଠାରୁ ବଙ୍ଗ ପ୍ରଦେଶର ମେଦିନୀପୁର ଓଡ଼ିଆ ଜାତି ଆନ୍ଦୋଳନରେ ବହୁ ପଶ୍ଚାତପଦ ଅଟନ୍ତି । ବଙ୍ଗାଳୀଙ୍କ ସଂସ୍ପର୍ଶରେ ବଙ୍ଗ ମୋହରେ ପଡ଼ି ଏଠା ଓଡ଼ିଆ ମାନେ ଜାତୀୟ ସତ୍ତା ପୂର୍ଣ୍ଣରୂପେ ହରାଇ ବସିଛନ୍ତି । କେମନ୍ତ ଜାତୀୟ ସଂସ୍କୃତ ପର୍ବ ପର୍ବାଣି ମାନ ଓ ଆଚାର ବ୍ୟବହାର ରହିଛି । ତାହା ଭାଗବତ ରୂପରୁ ଅକ୍ଷୁର୍ଣ୍ଣ ରହିଛି । ସେହି ସବୁ ଓଡ଼ିଆଙ୍କ ମଧ୍ୟରେ



Digitized by srujanika@gmail.com

ପୂର୍ଣ୍ଣ ଚେତନା ଆସିଗଲେ ଏଥାରୁ ବହିଃ ଓଡ଼ିଆ ସମାଜ ଓଡ଼ିଶା ସହିତ ମିଶିଯାଇ "ବୃହତ୍ ଉତ୍କଳ" ହୋଇ ପାରନ୍ତା, ହିତ ଗୌରବ ଯେ ଫେରି ଆସନ୍ତା, ଜାତି ଯେ ଧନ୍ୟ ହୁଅନ୍ତା ତହିଁରେ ସନ୍ଦେହ ନାହିଁ । କିନ୍ତୁ ତହିଁପାଇଁ ଓଡ଼ିଶାର ଭାଇମାନଙ୍କ ଠାରୁ କିଛି ଯତ୍ନ ଦେଖୁ ନାହିଁ । ଏହି ସମୟରେ ଓଡ଼ିଶାରେ ବିଷମ ଆତ୍ମ କଳହ ଦେଖା ଦେଇଛି । ସ୍ୱାର୍ଥ ନେଇ ନେତାମାନେ ବ୍ୟସ୍ତ । ଏହି ସମୟରେ ଉତ୍କଳ ମଣି ଆପଣଙ୍କ ଭଳିଆ ଜଣେ ନେତା ଜାତି ପୂର୍ଣ୍ଣରୂପେ ଆଶା କରୁଛି । ଆପଣ ମଧୁରେଣ ଗୋପବନ୍ଧୁ ରୂପରେ ଓଡ଼ିଆ ଜାତିର ଉନ୍ନତି କରି ଜାତିକୁ ରୂପରେଖ ଦେଇ ଗଢ଼ିବାପାଇଁ ଓଡ଼ିଶା ଭୂଇଁରେ ଜନ୍ମ ନେଇଥିଲେ, କିନ୍ତୁ ଜାତିର ଆଶା ନ ପୂରୁଣୁ ଆପଣ ଚାଲିଗଲେ ଆଜକୁ ଉଣେଇଶ ବର୍ଷ ହେଲା । ପ୍ରତିବର୍ଷ ତିଳତର୍ପଣ ଆପଣଙ୍କ ଉଦ୍ଦେଶରେ ଜାତି ଦେଇ ଚାଲିଛି, ସ୍ୱପ୍ନ ଦେଖୁଛି । ଜାତିର ସବୁରି ଅଲକ୍ଷରେ ରହି ଦେଖୁଛନ୍ତି ? ତଥାପି କି ଦୟା ପ୍ରକାଶ କରିବାକୁ ଏ ଜାତି ମଧ୍ୟରେ ଆଉଥରେ ଆତ୍ମ ପ୍ରକାଶ କରିବେ ନାହିଁ । ଅର୍ଘ୍ୟ ଦେଇ ଜଳ ପଡ଼ ନିର୍ବାପିତ ହେଲା ଭଳିଆ ଆପଣଙ୍କ ଆତ୍ମ ପ୍ରକାଶରେ ସବୁ ଯେ ଜଳିଯାଆନ୍ତା, ଜାତି ମଧ୍ୟରେ ଶାନ୍ତି ଆସି, ଜାତିଉଦ୍‌ବୃଦ୍ଧ ଓ ଧନ୍ୟ ହୁଅନ୍ତା । ଆପଣଙ୍କପରି ମହାପୁରୁଷଙ୍କର ଏହିତ ଆସିବାର ସମୟ । ସତେ କ'ଣ ବିଚ୍ଛିନ୍ନ ଓଡ଼ିଆ ଜାତି କର୍ମୀର ଆଶା ଫଳବତୀ ହେବ । ଆପଣ ଜାତିର କଷ୍ଟ ଦେଖି ରହି ପାରନ୍ତି ନାହିଁ, ଏହା ଯେ ଜାତିର ଲୋକେ ଭଲକରି ଜାଣନ୍ତି । ତେଣୁ ମୋର ଉଙ୍ଗା ଦବରୀ କାରୀସୁ କବିତାରେ ପ୍ରାର୍ଥନା :—

"ଗୋପବନ୍ଧୁ ଓଡ଼ିଶାର ଗୌରବ କେତନ
ଦୁଃଖୀରଙ୍କି ଓଡ଼ିଆଙ୍କ ଥିଲ ପ୍ରାଣଧନ ।
ଜାତିହିତ ବ୍ରତ ନେଇ ଜାତିକୁ ଗଢ଼ିଣ
ପୂର୍ଣ୍ଣ ଜାତି କରିବାକୁ ଥିଲ ଦୃଢ଼ ପଣ ।
ତେଣୁ କେତେ ନବକାର୍ଯ୍ୟେ ଶୁଭଦେଇଥିଲ
ଅନନ୍ଦରେ ମାତି କେତେ କର୍ମ କରୁଥିଲ ।
ସେ ଆଶା ପୂର୍ଣ୍ଣ ନୋହୁଣୁ ଗଲ ଚାଲି ବନ୍ଧୁ
ଉତ୍କଳ ମନେ ଝୁରୁଛି ତେଣୁ ଗୋପବନ୍ଧୁ ।
ଓଡ଼ିଶାର ପରିପୂର୍ଣ୍ଣାବୟବ ନ ଦେଖି
ଉତ୍କଳ ଉନ୍ନତି ସ୍ୱାଦ ଟିକେ ନ ପରଖି ।
ଅକସ୍ମାତେ ଜାତିପରେ ଅଶନୀର ପାତ
ପରିତବ ମୃତ୍ୟୁବାର୍ତ୍ତା ଘୋଷିଲା ଜଗତ ।
ବିଚ୍ଛିନ୍ନ ଓଡ଼ିଆ ତବ ମୁଖକୁ ଅନାଇ
ବସିଥିଲୁଁ ଭାଇ ସହ ମିଳିବାର ପାଇଁ ।
ତବ ବିୟୋଗ ବେଦନା ସେ ଆଶାରେ ପାଣି
ଦେଇ ଚାଲି ଯାଇଅଛି ଅହେ ଜାତିପୂଜ୍ୟ ।
ତବ ଅନ୍ତେ ନେତାମାନେ କେହିହେଲେ ବାରେ
ବିଚ୍ଛିନ୍ନ ଜାତି ମିଳନ ନ ଭାବନ୍ତି ଥରେ ।
କେବଳ ଗୋଦାବରୀଶ, ଲକ୍ଷ୍ମୀନାରାୟଣ
ଆଉ ନବବାବୁ, ଭାବୁଛନ୍ତି ନିଶିଦିନ ।
ଉତ୍କଳ ବାହିନୀ ଦଳ ତବ ଆଦର୍ଶରେ
ଜାଗ୍ରତ ହୋଇ ବାହାର ସୈନିକ ବେଶରେ ।
ଯୁବଶକ୍ତିକୁ ଉଦ୍‌ବୁଦ୍ଧ କରି ଚାଲିଛନ୍ତି
ସକଳ ଓଡ଼ିଆ ପ୍ରାଣେ ଶକ୍ତି ଢାଳୁଛନ୍ତି ।
ତେଣୁ ଏହି ଦଳପରେ ତବ ଆଶୀର୍ବାଦ
ପଡ଼ି କରି ଶକ୍ତିଶାଳୀ କରୁ ହେ ନିର୍ବାଦ ।
ଏହି ପୁଣ୍ୟ ପବିତ୍ର ମାସରେ ଗୁରୁତ୍ତମ
ଚାଲି ଯାଇଅଛ ପ୍ରଭୁ ଜାଣୁ ଆମ୍ଭେମାନେ ।
ଗୋଟି ଗୋଟି କରି ଆଜି ଉଣେଇଶ ବର୍ଷ
ବିତିବାକୁ ଗଲାଣିହେ ପ୍ରଭୁ ଦୟା କରି ।
ତଥାପି ଉତ୍କଳୀ ଆଶା ପୂର୍ଣ୍ଣ ହେଉନାହିଁ
ସତେ କହେ ଆଉ ଉଦେ ଦେଖାଦେବ ନାହିଁ
ନହେଉ ହେ ଦେବ ତୁମ୍ଭେ ସ୍ୱର୍ଗଧାମେ ଥାଇ
ଆଶୀର୍ବାଦ କରୁଥାଅ ଓଡ଼ିଆଙ୍କୁ ଚାହିଁ ।
ବିଚ୍ଛିନ୍ନ ଓଡ଼ିଆ          କର୍ମୀର ପ୍ରଣାମ
ଆଜି ଶ୍ରାଦ୍ଧ ବାସରରେ
ଗ୍ରହଣ କରଣ          ଅମୋଘ ଆଶୀଷ
ଦେଥାଅ ନିରନ୍ତରେ ।
ଯେ ଆଶୀଷ ବଳେ          ମୋ କର୍ମ ପାଦପେ
ଫଳିଅଛି ଫୁଲଫଳ
ଗୋଟି ଗୋଟି କରି          ସାର୍ଥକ କରହେ
ନିବେଦିଲେ ପାଣ୍ଡୁ ବୋଲ ।"



Digitized by srujanika@gmail.com

# ପାଣି ଫୋଟକା

( ଶ୍ରୀ ରାଜକିଶୋର ପଟ୍ଟନାୟକ, ବି. ଏସ୍‌ସି., ବି. ଏଲ୍. )

ଶିଶୁ ବୟସରେ ଯେଉଁ ଦିନ ସୁନ୍ଦରଲାଲ ହସ୍‌ପିଟାଲରେ ଆଖି ବୁଜିଲା ସେଦିନ ତାହାର ଅସଂଖ୍ୟ ଆତ୍ମୀୟ ଓ ବନ୍ଧୁ ପରିଜନ ଭିତରେ କେହି ଜଣେ ହେଲେ ନଥିଲେ କେବଳ ତାହାକୁ ବାନ୍ଧ ନେବା ପାଇଁ ଥାଇଁ ଆସୁଥିବା କେଇଟି ଦାଳପୁରୁଷଙ୍କୁ ଛାଡ଼ି। କିନ୍ତୁ ତାହାର ମଲା ଦେହ ଯେତେବେଳେ ମଶାଣିରେ ମଣିଷ ମେଳା ବସିଥିଲା। ସେଥିରେ ବନ୍ଧୁମାନଙ୍କର ଆତ୍ମା ଯେପରି ହୋଇଥିଲା କି ତାହାର ଆତ୍ମା ସେପରି ହୋଇଥିଲା ଆଜଯାଏ ପ୍ରଶ୍ନାତ୍ମକ ହୋଇ ରହି ଯାଇଛି।

କିଷ୍ଟୁନ୍ ଦକ୍ଷିଣର ଗୋଟିଏ ସମ୍ଭ୍ରାନ୍ତ ପ୍ରତିପତ୍ତି-ଶାଳୀ ପରିବାରର ତୃତୀୟ ପିଲା। ତାହାର ବାପା ଦେଢ଼ ହଜାର ଟଙ୍କା ମାସକୁ ପାଆନ୍ତି କୌଣସି ବଡ଼ ଚାକିରିରେ। ତାହାର ଦୁଇଟି ଭାଇ ବମ୍ବେଇ ସହରରେ ବଡ଼ ବ୍ୟବସାୟ କରନ୍ତି। କିଷ୍ଟୁନ୍ ପଢ଼ିବା ପାଇଁ ଆସିଥିଲା ଦୂରକୁ।

ମେଧା କିନ୍ତୁ ପରୀକ୍ଷାରେ ପାସ୍ କରେ ନାହିଁ। ଏହି କାରଣଟି ତାହାକୁ ଘରୁ ଟିକିଏ ଦୂରକୁ କରି ଦେଇଥିଲା। ଘରେ ସ୍ନେହ, ପ୍ରେମ ଥାଏ, ବାହାରେ ଧକ୍କା ଖାଇ ଫେରିଗଲେ ମଣିଷ ଆଶ୍ରୟ ଓ ଶାନ୍ତି ଖୋଜେ ଘରେ। କିନ୍ତୁ ଯେତେବେଳେ ସେଠି ଅନାଦର ଓ ଅନାଦର ମିଳେ ମଣିଷ ସେହି ଘରକୁ ଘୃଣା କରିବା ଅତି ସଙ୍ଗତ।

କିଷ୍ଟୁନ୍ ତାହାର ବାପା ତାର ବନ୍ଧୁ କାହାରିକୁ ଘୃଣା କରି ନଥିଲା। ବରଂ ଆଘାତ ପାଇ ପାଇ ସେ ସେମାନଙ୍କୁ ଆହୁରି ଅଧିକ ଭଲ ପାଇଥିଲା। ସେମାନଙ୍କ ଠାରୁ ଅଧିକରୁ ଅଧିକ ଭଲ ପାଇବା ଦାବୀ କରୁଥିଲା। ଦାବୀ କଲେ ପୂରା ଦାବୀ ରହେ ନାହିଁ। ତେଣୁ ସେ ଯେତିକି ଘରକୁ ଭଲ ପାଉଥିଲା ସେତିକି ଘର ତାହାଠାରୁ ଘୁଞ୍ଚି ଯାଉଥିଲା।

ପରୀକ୍ଷା ଫଳ ବାହାରିଲା। ଲଗାଏତ ତିନିବର୍ଷ ଫେଲ ହେଲା। ବାପା ଘୃଣା କଲେ ଯେ ତାଙ୍କର ପୌରୁଷରେ କାଳି ଲାଗିଲା। ତାଙ୍କ ପୁଅର ଏତିକି ବୁଦ୍ଧିର ଅଭାବ ତାଙ୍କୁ ବାଧା ହେଲା। ସେ କିଷ୍ଟୁନ୍ ଉପରେ ବିରକ୍ତ ହେଲେ ଆଉ ତାହା ପ୍ରତି ଅତି ଉପେକ୍ଷା ବ୍ୟବହାର କଲେ।

ସେମାନେ ମଧ୍ୟ ସମସ୍ତ ଉଚ୍ଚ ଶିକ୍ଷିତ ଆଉ ମେଧାବୀ। ସେମାନେ କିଷ୍ଟୁନ୍‌କୁ ଦୟା କରି ସେମିତି ବାହାରେ ରହିଯାନ୍ତି। ଘରର ଯେଉଁ ଆନନ୍ଦ କୋଳାହଳ ତାହାର ସ୍ନେହ ବନ୍ଧନ ଭିତରେ କିଷ୍ଟୁନ୍ ଅଲଗା ରହିଯାଏ।

ତେଣୁ କିଷ୍ଟୁନ୍‌ର ବିକ୍ଷୋଭ ବଢ଼େ। ତାହାପ୍ରତି ସ୍ନେହ କମେ। ଆଉ ତାହାକୁ ଦିଆ ହେଉଥିବା ପଇଁ ଟଙ୍କା କମ୍ ହୋଇ ଆସେ। କିଷ୍ଟୁନ୍ ଠାରୁ ଘରର ଅପେକ୍ଷା ଘରେ ରହେ ନାହିଁ। ବରଂ ତାହା ପାଖକୁ ଉପଦେଶ ଆସେ ଚିଠି ନ ଲେଖି ସେହି ସମୟ ପଢ଼ାରେ ଲଗାଇ ପାସ୍ କରିବାକୁ।

କିଷ୍ଟୁନ୍ ଆସି କଲେଜ ବୋର୍ଡ଼ିଂରେ ରୁହେ। ବନ୍ଧୁ ହୁଅନ୍ତି ତାହାର ପରି ଯେଉଁମାନଙ୍କର ଭାଗ୍ୟ ଓଲଟି ପଡ଼ିଛି ସେହିମାନେ। ସେ ଅନ୍ୟମାନଙ୍କ ଠାରୁ ଅନୁକମ୍ପା ପାଏ। ତାହାର ଅଭିଜାତ୍ୟ ପାଇଁ କେଇ ଜଣ ବନ୍ଧୁ ତାହାର ଶେଷଯାଏ ବି ରହିଯାନ୍ତି।

କିଷ୍ଟୁନ୍ ତାହାର ଜୀବନକୁ ଭଲ ପାଏ। ସେ ସବୁବେଳେ ହସେ। ଗାଡ଼ି ରିକ୍‌ସାବାଲାଙ୍କୁ ପଇସା ଦାନରେ ଖୋଲା ହାତ କରେ। ଭିକାରୀମାନଙ୍କ ପ୍ରତି ଟିକିଏ ସ୍ଥାନ ରଖେ ହୃଦୟ ଭିତରେ। ରୋଗୀର ସେବା କରେ। ଦୁଃଖୀ ପ୍ରତି ସହାନୁଭୂତି ଦେଖାଏ।

ତଥାପି ଏହି ପୂର୍ଣ୍ଣତାକୁ ତାଙ୍କ ରଖେ ଗୋଟିଏ ଦୁଃଖ—ସେଇଟା ଏହି ମରଣଶୀଳ ସଂସାରର ନଶ୍ୱର ଲାଭ କ୍ଷତି।

କିଷ୍ଟୁନ୍ ଏମିତି ଏମିତି ତାହାର ପଢ଼ା ତିଆର କରୁଥିଲା ତୃତୀୟ ବର୍ଷର ପରୀକ୍ଷା ପାଇଁ। ପରୀକ୍ଷା ଥିଲା ମାସେ—

ଦିନେ ସକାଳେ ତାହାର ଜ୍ୱର ଆରମ୍ଭ ହୋଇ



Digitized by srujanika@gmail.com

ଆଖି ଲାଲ୍ ପଡ଼ି ଆସିଲା । ସେ ଆଶଙ୍କା କରି ବସିଲା । ଏଥର ମଧ୍ୟ ହେବ ନାହିଁ ଆଉ ଘରକୁ ଫେରିବା କଷ୍ଟ ହେବ । ବାପା କଣ କହିବେ ?

ସେ ଗାଲ୍ ଉପରକୁ ଚାହେଁ । ଆଉ ବିଚଳିତ ହୋଇପଡ଼େ ।

ତାହାର ଦେହ ହାତ ଛନ୍ଦା ଅଥୟ ହେଲା । ସେ ବହି ପାଖରେ ରଖି ସେତିକରୁ ଆଶ୍ୱାସ ନେଉଥିଲା । ମରଣ ତାହାର ଯେମିତି ଦିନେ ଦିନେ ହୋଇ ଆଗେଇ ଆସୁଛି, ପରୀକ୍ଷାର ଦିନ ମଧ୍ୟ ସେମିତି ଆଗେଇ ଆସୁଛି ।

ସେ ଗାଲ୍ କହୁଥିଲା ସେହି ଏକା କଥା ପରୀକ୍ଷା ଆଉ ଜର । ଯେମିତି ଦୁଷ୍ଟ ଭାଗ୍ୟ ତାହା ପାଇ ଦୁର୍ଯୋଗକୁ ଏକାଠି କରି ତାହାକୁ ପରଖୁଥିଲା—

ଗୃହିଦିନର ଭିତରେ ସେ ଦେଖିଲା ତାହାର ଦେହପାଙ୍କ ଅଙ୍ଗ ପରି ଡିମିରିରେ ଭରି ଯାଇଛି । ଆଉ ଡାକ୍ତରଙ୍କ ଉପଦେଶରେ ଏହି ବସନ୍ତର ଚିକିତ୍ସା ପାଇଁ ସେ ପଠାଗଲା ସେହି ସୁନ୍ଦରଲାଲ ହାସ୍ପିଟାଲର ଗୋଟିଏ ଖଟିଆକୁ ।

ସେହି ଦିନ୍ କିଷ୍ଟନ୍ ଜାଣିଲା ସେ ପରୀକ୍ଷା ମଧ୍ୟ ତାହାପାଇଁ ନୁହେଁ । ବସନ୍ତ ଠାରୁ ସମସ୍ତ ଦୂରରେ ରହିବେ । ତାହାର ବନ୍ଧୁମାନେ ଶଙ୍କା କରି ପାଖକୁ ଭିଡ଼ିଲେ ନାହିଁ । ତାହାକୁ ଯେଉଁମାନେ ଅମୃତ ଦୁଧ ଫଳ ଖୁଆଇ ଦେଇ ଏହି ଅଧ ଘଣ୍ଟାକ ଆଗରୁ ପରିଚର୍ଯ୍ୟା କରୁଥିଲେ, ରୋଗର ନାଁ ଶୁଣି ଛପି ରହିଲେ ।

କିଷ୍ଟନ୍ ତାହାର ଏହି ରୋଗର ଖବର ପାଇବା ପରେ ବୋର୍ଡିଂରେ ମାତ୍ର ଦେଢ଼ ଘଣ୍ଟା ଥିଲା । ସେଠି କେତେ ପ୍ରଫେସର ଆଉ ଚାକରଙ୍କର ଗୋଟିଏ ଗ୍ଲେଟ ସଭା ହୋଇ ତାହାକୁ ଅନ୍ୟମାନଙ୍କ ଠାରୁ ଦୂରରେ ରଖିବା ପାଇଁ ଯେତେବେଳେ ମସୁଧା ହେଉଥିଲା, ସେତେବେଳେ କିଷ୍ଟନ୍‌ର ଆଖି ଶୁଖି ନାହିଁ ।

ପାଖ ପଡ଼ିଶାମାନେ ପ୍ରମାଦ ଗଣିଛନ୍ତି । କିଷ୍ଟନ୍ କାହିଁକି ସେଠ ରହିଲା ସେଥିପାଇଁ ତାହାକୁ ଅଭିଶାପ ଦେଉଛନ୍ତି । ବନ୍ଧୁମାନେ ତାହାର ଅନ୍ତରଙ୍ଗମାନେ ମଧ୍ୟ କିଷ୍ଟନ୍ ସାଙ୍ଗରେ ସେତେ ଅଧିକ ବନ୍ଧୁତା କରିଥିଲେ ବୋଲି ସେଦିନ ନିଜ ନିଜକୁ ଧିକ୍କାର କରିଛନ୍ତି !

କିଷ୍ଟନ୍‌କୁ ସୁନ୍ଦରଲାଲ ହାସ୍ପିଟାଲର ବସନ୍ତ ରୋଗୀଙ୍କ ରହିବା ୱାର୍ଡର ଗୋଟିଏ କୋଠରୀକୁ ନିଆଗଲା ।

ହାସ୍ପିଟାଲର ସେହି ବ୍ଲକ୍ ଭିଆର ସରିନାହିଁ । କିଷ୍ଟନ୍‌ର କୋଠରୀ ଛ'ହାତ ଚଉଡ଼ା ଆଉ ଆଠ ହାତ ଲମ୍ବା । ଖୋଲା ପଡ଼ିଆ ଭିତରେ—ତାହାର ଦୁଇ ପାଖେ ଖରାପଡ଼େ । ଲାଲ୍ ଝଡ଼ ପରି ପଶେ । ତଳୁ ବାମ୍ଫ ଉଠେ ।

କିଷ୍ଟନ୍ ସେଠି ରହିଲା । ଅନ୍ୟ ସବୁ ହାସ୍-ପିଟାଲପରି ସଫାମଳ ୱାସର ଜନିଜପଦ, ଅତି ନିକୁଛିଆ । ଜଣେ କମ୍ପାଉଣ୍ଡର ସକାଳେ ସଞ୍ଜେ ଅଧ ଅଧ ଘଣ୍ଟା ଡ୍ୟୁଟି କରେ ଆଉ କହେ ଯେ ରୋଗୀ ଗାଲ ପଡ଼ିରହିବା ଦରକାର । ସେବା କଣ ଅଛି କରିବାକୁ ?......ଜଣେ ଡାକ୍ତର ଅଛନ୍ତି । ଦାନ୍ତ ଦେଖାଇ ପଦେ ଅଧେ ପଚାରି ଚାଲିଯାନ୍ତି ।

ଜଣେ ଦୁଇଜଣ ବନ୍ଧୁ ଅଛନ୍ତି, ଦୁଆର ସେ ପାଖରୁ ଦେହକୁ ଦେଙ୍କେଇ ଚାହାନ୍ତି ଆଉ କିଷ୍ଟନ୍‌କୁ ପଦେ ଅଧେ କଥା ଧରାକୁ ପଚାରିଦେଇ ଚାଲିଯାନ୍ତି ।

ବୋର୍ଡ଼ିଂରେ ସେମାନେ ହୁଅନ୍ତି ବୀର, ସେମାନଙ୍କୁ ଉପ ଦେଶ ଦିଅନ୍ତୁ ଏ ରୋଗର ଭଲମନ୍ଦ ବିଷୟରେ । ସେମାନେ ଯାଇ କିଷ୍ଟନ୍‌ର ବାପା ମାଙ୍କୁ ଟେଲିଗ୍ରାମ କରିବା, ତାହା ପାଇଁ କିଛି ଫଳ ଓ ଦୁଧର ବରାଦ ଜରିବା କାମ କରି ସେ ବିଷୟରେ ଚର୍ଚ୍ଚା କରନ୍ତି ଅନେକ ସମୟ ।

କିଷ୍ଟନ୍ ବ୍ୟାକୁଳ ଭାବରେ ଖୋଜେ । କେହି ନାହାନ୍ତି । ଦେହର କଷ୍ଟର ସୀମା ନାହିଁ, ମନର ଅଶାନ୍ତିର ଶେଷ ନାହିଁ । କେହି ଜଣେ ହେଲେ ଆସନ୍ତା !

ଖବର ପାଇ ତାହାର ଦୁଇଜଣ ସାଙ୍ଗ ଆସନ୍ତି କେବଳ ସେମାନେ ମଧ୍ୟ ତାହାର ଘର ସମ୍ପର୍କୀ । ଜଣକର ଫେଲ ହେବାର ଦ୍ୱିତୀୟ ବର୍ଷ ଆଉ ଜଣକର ତୃତୀୟ ବର୍ଷ ଚାଲିଛି ।



Digitized by srujanika@gmail.com

କିନ୍ତୁ ସେମାନେ ଯଦି କିଷ୍ଟନ୍‌କୁ ଆଖି ବୁଜି ଥିବାର ଦେଖନ୍ତି ଚୁପ୍ କରି ଖସିଯାନ୍ତି । ଆଚ୍ଛା ଆମ ଡାକ୍ତରବାବୁ କହିଛନ୍ତି ରୋଗୀର ବିଶ୍ରାମ ଦରକାର ।

କିଷ୍ଟନ ପାଇଁ ଭଲ ମନ୍ଦ ବୁଝିବାକୁ ସେହି ଓ୍ୱାର୍ଡ଼ର ହାଉ଼ ରହେ ।

କିଷ୍ଟନ୍ ସେଥିକି ମଧ୍ୟ ଉଦାସୀନ ହୋଇ ପଡ଼େ ।

ତାହାର ଦେହ ମୁହଁ ଫୁଲି ଯାଇଛି ବଡ଼ ଭୀଷଣ ସେ ଦିଶୁଛି । ତାହାକୁ ଦେଖିଲେ ଚିହ୍ନି ହେଉନାହିଁ । ସେ କିଛି ଖାଇ ପାରୁ ନାହିଁ । ପ୍ରାୟ ଅଚେତ ରହୁଛି ।

ତାହାର ଅନ୍ୟ ବନ୍ଧୁମାନେ ତଥାପି ଉଦାସୀନ ରହନ୍ତି । କିଷ୍ଟନ୍ ଯେ ଭଲ ପିଲା ଆଉ ଭଲ ଘରର ଏସ ବିଷୟରେ ବହୁତ ଆଲୋଚନା କରନ୍ତି । ସହାନୁଭୂତିରେ ତାହାର ଆରୋଗ୍ୟ ପାଇଁ ଇଚ୍ଛା ମଧ୍ୟ କରନ୍ତି ।

ଆଉ ବୋଧହୁଏ ଭାବନ୍ତି କିଷ୍ଟନ୍ ଭଲ ହୋଇ ଆସିଲେ ଯାଇଁ ଦେଖା କରି ଆସିବେ । ହେଲେ ଗୋଟିଏ ମୋଟିଏ ରୋଗ କିଛି ହୋଇଥାନ୍ତା !

ବନ୍ଧୁମାନେ ସେମାନଙ୍କର ବନ୍ଧୁତାର ଆନ୍ତରିକତା ପ୍ରମାଣ କରି ସେହି ବୋର୍ଡ଼ିଂରେ ରହନ୍ତି । ଟିକା ଦେଇଥିଲେ ଟିକା ଚିହ୍ନ ଦେଖାନ୍ତି, ଆଉ ରୋଗ ମାଡ଼ିବ କି ନାହିଁ, ଭାବିବା ପାଇଁ ।

ଆଉ ଅପଣା ଅପଣା କାମରେ ଲାଗିଯାନ୍ତି ।

ମେସର ଗୋଟିଏ ପୁରୁଣା ଚାକର । ସେହି କିଷ୍ଟନ ବାବୁଙ୍କୁ ଭଲ ପାଉଥିଲା । ସେ ଦିନେ ହଠାତ୍ ସେହି ଖବର ପାଇଲା ଅନ୍ୟଠାରେ—

ସେ ଆସିଲା । ଘରୁ ତାର ଆସିଲା ଯେ କିଷ୍ଟନ ବାପାଙ୍କର ଦେହ ଟିକିଏ ଖରାପ ଅଛି । ସେ ଦୁଇ ତିନି ଦିନ ପରେ ଯାଇ ପାରନ୍ତି । … ତା'ର ଜଣେ ତାର କଲେ ଯେ ତାଙ୍କର ଆସିବା ଦରକାର ଥାଏ ବୋଲି ଜାଣିଲେ ଆସିବେ ।

କିନ୍ତୁ ବିଛଣା ପାଖରେ ଆସିଥିଲା । ଗତି—ମେସ୍ ଚାକର ।

ନିଜର ଲୋକ ପରି ସେହି ସେବା କରେ, ବିଛଣା ପାଖରେ ବସି ରହେ । ରୋଗକୁ ଡରେ ନାହିଁ । ନିମ୍ନ ପଦରେ ଦିନ ଯାକ ଝାଡ଼େ । ବସି ରହିଥାଏ ସେହି ରୋଗୀର ନିଶ୍ୱାସ ତଳେ ଦିନରାତି ଚବିଶ ଘଣ୍ଟା ।

ସେଥିପାଇଁ ସେହି ଚାକର ସମସ୍ତଙ୍କର ସ୍ନେହ ଓ ଆଦର ପାଏ । ତାହାର ସଦ୍‌ଗୁଣ ବିଷୟରେ ଚର୍ଚ୍ଚାହୁଏ । ତାହାର ପାଖକୁ ଖବର ପାଇଁ ବହୁତ ଲୋକ ଆସି କିଷ୍ଟନ୍‌ର କୋଠରି ବାହାରେ ଗତିଠାରୁ ଦୁଇ ହାତ ଦୂରରେ ରହି ରୋଗର ଖବର ବୁଝନ୍ତି । ଆଉ ଗତିକୁ କହିଯାନ୍ତି ବାବୁଙ୍କୁ କହିଦେବା ପାଇଁ ଯେ, ଅମୁକ ଅମୁକ ବାବୁ ଆସିଥିଲେ ।

ଗତିର ସେବାରେ କିଷ୍ଟନ୍‌ର ଦଶଦିନ ହୋଇଗଲା । ଘରୁ ଶହେ ଟଙ୍କା ତାର ଡାକରେ ପଠାହୋଇଥିଲା । ଖବର ଜାଣିବା ପାଇଁ ତାର ଆସିଥିଲା, କିନ୍ତୁ ତାହାର ବାପା କି ଭାଇ କେହି ଆସି ନଥିଲେ ।

କିଷ୍ଟନ୍ କହୁଥାଏ, ବାପାଙ୍କ ପାଖକୁ ଲେଖିଛ ? ହଁ, ଚଞ୍ଚଳ ଆସିବା ପାଇଁ କହ । … ମୁଁ କାଲେ ଆଉ ଦେଖି ପାରିବି ନାହିଁ । … ଗତି, ଗତି ! ବାପା କଣ ଆସିବେ ନାହିଁ ? ମୁଁ ମରିଗଲେ ବି କ'ଣ ବାପା ଆସିବେ ନାହିଁ ?

ଗତି ପ୍ରବୋଧ ଦିଏ । ଗତି ଆଶ୍ୱାସ ଦିଏ । ସେହି ସେବା କରେ । ବାପା, ଭାଇ ଆଉ ନିଜର ବନ୍ଧୁ ବାନ୍ଧବ କେହି ପାଖ ପଶନ୍ତି ନାହିଁ । ବନ୍ଧୁମାନେ ଖାଲି ଡାକ୍ତର ଓ କମ୍ପାଉଣ୍ଡରଙ୍କୁ ଉପଦେଶ ଦେଇଯାନ୍ତି ।

ବାପା ପଠାଇଥିଲେ ଶହେ ଟଙ୍କା—ତାଙ୍କର ମାସୁଆଣି ପନ୍ଦର ଶହ ଟଙ୍କାର ପଣେ ।

କିଷ୍ଟନ୍ ତାହାର ବାପାକୁ ଖୋଜେ ଅନବରତ । ବନ୍ଧୁମାନଙ୍କ କଥା ଗତିଠାରୁ ଶୁଣିଲେ କହେ, "ଗତି, ସେହି ସାଙ୍ଗ ବାବୁମାନଙ୍କୁ କହିଦେବୁ,



Digitized by srujanika@gmail.com

ମୋର ମନ୍ଦ ପରେ ମତେ ଦେଖିବାକୁ ଆସିବେ··· କ'ଣ ମୁଁ ବଞ୍ଚିବ ନାହିଁ ?"

ଗଉ କାନ୍ଦ ପକାଏ—କହେ ହଁ ବାବୁ, ଶୀଘ୍ର ଦେହ ଭଲ ହୋଇ ଆସିଲାଣି । ଆଉ ଆଠ ପନ୍ଦର ଦିନ ।

କ୍ରିଷ୍ଟିନ୍‌ର ଆଖି ଉପରେ ଲୁହ ଶୁଖେ ନାହିଁ । ସେ କହେ 'ଗଉ, ଜାଣୁ ନାହୁଁ ସେଥି-ପାଇଁ କହୁଛୁ । ମୁଁ ତିନିବରଷ ଫେଲ ହେଲିଣି । ଆଉ ଏତେ ବସନ୍ତ ପରେ ଦେହ କ'ଣ ରହିବ ଜାଣେ ନାହିଁ । ଆଖିକୁ ଭଲ ଦିଶୁ ନାହିଁ । ପୋଡୁଛୁ ସବୁବେଳେ । ଯଦି ବଞ୍ଚେ ··· ଇସ୍ କି ନିଦାରୁଣ ଦର୍ଶନ·····ନା—ନା— ମୁଁ ମରିଗଲେ ଛୁଟି ଯିବ । କାଲି ଥରେ ବାପାଙ୍କୁ ଦେଖିଥାନ୍ତି ।

ତାହାର ଭାଇ ଆସି ପହଞ୍ଚିଲେ ସକାଳେ । ଟେଲିଗ୍ରାମ ଆସିଥିଲା ।

କ୍ରିଷ୍ଟିନ୍ ଖବର ପାଇ କହିଲା, 'ବାପା ତା'ହେଲେ ଆସିଲେ ନାହିଁ, ଭାଇକୁ ପଠାଇଲେ ! ହଉ, ବାପା କଣ ଲେଖିଲେ ?'···କହେ, ତାହାର ଆଖି ଆଉ ଶୁଖେ ନାହିଁ ।

ଗଉ କାଲି ଶୁଣି ରହେ । କେହି କ୍ରିଷ୍ଟିନ୍ କଥା ବୁଝିପାରନ୍ତି ନାହିଁ ।

କ'ଣ ପାଇଁ କ୍ରିଷ୍ଟିନ ଖୋଜୁଥିଲା କିଏ ଜାଣେ ?

ରାତିରେ ଭଲ ଶୋଇଲା ନାହିଁ । କାଲି ଘାଣ୍ଟି କରେ । ଗଉ, ଗଉ ! ମୋ' ପାଖରେ ବସ । ···ମୁଁ ମରିଯିବ । ତୋର ଉପକାର ଅଶୁଝା ରହିଲା । କେହି ଆସିଲେ ନାହିଁ ? ଏତେ ମୋର ନିଜର ଲୋକ—କେହି ଆସିଲେ ନାହିଁ ? ତୁ ନ ଆସିଥିଲେ, ଏତେକ ଦିନ ବି ରହି ନ ଥାନ୍ତି । ଆଗରୁ ଯଦି ଜାଣିଥାନ୍ତି ତୁ ମୋର ଏତେ ସେବା କରିବୁ, ତାହାହେଲେ— ଏଁ— ଗଉ— ତୁ କୁଆଡ଼େ ଗଲୁ ? ଡାକ୍ତରଙ୍କୁ ଡାକ ।

ଡାକ୍ତର ପାଇଁ ବାହାରିଲେ ସେ ଚିତ୍କାରରେ ଉଠେ, ଗଉ—ଗଉ, ଏ କିଏ ଆ । ଧର ଏମାନଙ୍କୁ । ମତେ ବାନ୍ଧି ନେବା ପାଇଁ ଆସୁଛନ୍ତି । ଦେଖୁନୁ ··

ଗଉ କହେ 'ବାବୁ, କାହିଁ କିଏ ? ମୁଁ ଏଠି ଅଛି, କେହି ନାହାନ୍ତି ତ ।' କ୍ରିଷ୍ଟିନ୍ କହେ 'ହଁ, ଚାଲିଗଲେ । ହେଇ ଆଉପାଖେ ଲୁଚିଗଲେ । ତୁ, ଗଲେ ଏମାନେ ଆସିବେ । ମତେ ନେଇ-ଯିବେ । ତୁ ଯା-ଆ-ନା—'

ଗଉ ସ୍ତବ୍ଧଯାଇ ବସି ରହିଲା । ଏହା ସବୁ ପ୍ରଳାପ ହୋଇପାରେ ନଇଲେ ମରଣ ଅନ୍ଧାରର ଆଉପାରିର ଖବର ହୋଇପାରେ । ଗଉ ବସି ରହି ବିଚଳିତ ହେଉଥିଲା । କେହି ଆଉ ନାହିଁ— ଡାକ୍ତରଙ୍କୁ ଡକାଇବାର ଉପାୟ ନାହିଁ ।

ସେ ବସି ରହି ଯାଏ, ସବୁ କଥା ଶୁଣେ କ୍ରିଷ୍ଟିନକୁ ବୁଝାଏ, ଅଭୟ ଦିଏ ଆଉ ଭାବେ ଅନେକ କଥା ତେଣୁ ।

କାବୁଟି କେତେ ଖୋଜୁଛି ତାହାର ବାପାକୁ । ବାପା ଖବର ପାଇ ସୁଦ୍ଧା ଆସିଲେ ନାହିଁ । ସେ ନିଜେ ଆସିଲା ଗୃହକୁ ମାଗି କରି ।

କିନ୍ତୁ ଗଉ ଜାଣୁ ନ ଥିଲା ଯେ ମଣିଷ ପାଠ ପଢ଼ିଲେ କି ପ୍ରକାର ସଭ୍ୟତା ସମ୍ଭାଏ । ପାଠ ଯେ ମଣିଷ ଭିତରୁ ମନୁଷ୍ୟତା ଓ ପ୍ରାଣୀତ୍ୱ ଜଣା କରି ଦେଇ ଶୁଖା କାଠ କରିଦିଏ, ଏତିକ ବୁଝିପାରୁ ନଥିଲା ।

ଭୋର ହୋଇ ଆସିଲା—

ଗଉ ବୁଝାଇଲା ବାବୁକୁ ଯେ ଡାକ୍ତରଙ୍କୁ ଖବର ନ ଦେଲେ ଭଲ ହେବ ନାହିଁ । ରାତିଯାକ ବାବୁ ଶୋଇ ନାହିଁ···ଦେହ ଖରାପ ହେବ ।

କ୍ରିଷ୍ଟିନ ରାଜି ନଥିଲା; ତଥାପି ଗଉ ଆସିଲା ପଦାକୁ । ଆସିଲେ ସେ ଚିତ୍କାର କରେ । ଗଉ ଫେରିଯାଏ ଭିତରକୁ ।

ଏମିତି ଯେତେବେଳେ ଚିତ୍କାରର ଗଉ ଆନଗଇ ଗଲା ସେ ନ ଶୁଣି ଆସିଲା ଡାକ୍ତର ପାଇଁ ।

ପନ୍ଦର ମିନିଟ ପରେ ଡାକ୍ତର ଜଣେ ଅନ୍ୟ ଓ୍ୱାର୍ଡରୁ ନେଇ ଫେରିଲାବେଳେ ଫେରେ ସେ ଆଉ ବାବୁକୁ ଜୀବନରେ ଦେଖିବାକୁ ପାଇ ନାହିଁ ।



Digitized by srujanika@gmail.com

ଆଖି ମୁଦିଛନ୍ତି, ପାଟି ମେଲାଅଛନ୍ତି, ବାବୁ ଚାଲି ଯାଇଛନ୍ତି ଚିରଦିନ ପାଇଁ ।

ଏଣେ କିସ୍ତନର ଖବର ଆସି ବୋର୍ଡ଼ିଂରେ ବସିଛି । କିସ୍ତନର ବନ୍ଧୁମାନେ ସଜ ହେଉଛନ୍ତି ଆସିବା ପାଇଁ ତାହାର ଖବର ସାଙ୍ଗରେ । ରୋଗୀ ପାଖକୁ ଯିବା ଆଗରୁ ଚା' ଖାଇ ଯିବେ ବୋଲି ଜମା କରି ଚା ତିଆରି ଚାଲିଛି ।

ଘଣ୍ଟ ଅମି ଘାଞ୍ଜିଲା କାନ୍ଦ କାନ୍ଦ ।

ଏଁ—କିସ୍ତନ ନାହିଁ ଚାଲିଗଲା !

ହଠାତ୍ କେତେ ଜଣଙ୍କର ଆଖିରୁ ଲୁହ ଗଡ଼ି ଆସିଲା କିସ୍ତନ୍ ପାଇଁ । ଆଉ କିସ୍ତନ୍‌ର ପ୍ରଳାପ ଏବଂ ବାପାଙ୍କୁ ଦେଖିବା ପାଇଁ ଏତେ ଉଦ୍‌ବେଗ ସମସ୍ତଙ୍କୁ ଅତି ଅଧିକ ମୂହ୍ୟମାନ କରିଥିଲା ।

ତାଙ୍କ ଭିତରୁ କେହି କିସ୍ତନ୍ ଯନ୍ତ୍ରଣା ଛୁଇଁ ନଥିଲେ ହୃଦୟରେ ।

କିସ୍ତନ୍‌ର ମଡ଼ା ଦେଖିବାକୁ ସମସ୍ତେ ଆସିଲେ ତାହାର ମଲା ମୁହଁ ଦେଖି ଜାଣିବାକୁ ସେ କଣ ଚାହୁଁଥିଲା କହିବା ପାଇଁ !

ତାହାର ଶବ ସତ୍କାର ପାଇଁ ଆୟୋଜନ କରାଗଲା । ମେସରୁ କେଇଜଣ ଖାଟର ଚାରିକୋଣ ଠିକ୍ କରି ତାଙ୍କର କାନ୍ଧରେ ସେ ବୋହି ନେଇଗଲେ । ଆଉ ଅନ୍ୟମାନେ ପଛରେ ଚାଲିଲେ—

ମଶାଣିରେ ତାହାକୁ ଥୋଇ ଆସିଲେ ଫେରିଥାନ୍ତି ଅତି କ୍ଲାନ୍ତ ହୋଇ । ଯେଉଁମାନେ ନ ଯାଇଥିଲେ ସେମାନଙ୍କୁ ଠାପରା କରୁଥାନ୍ତି ଯେ ସେମାନେ ଅମଣିଷ । ଆଉ ଯେତକ ମଶାଣି ଦୁଆର ଦେଖିଥିଲେ ତାଙ୍କର ଭିତରେ ଗପସପ ଚାଲେ ମଲା ମଣିଷର ଭୂତକୁ ନେଇ ଡ଼ର ସେହି ବିଷୟରେ ।

ଖିଆ ପିଆ ହେଲା । ଜୀବନ କେତେ ଶ୍ରେଷ୍ଠ ସେ ବିଷୟରେ ଗଳ୍ପ ହେଲା । କିନ୍ତୁ ପ୍ରତ୍ୟେକଙ୍କର ଅହମିକା ଆଉ ବ୍ୟକ୍ତିଗତ ଆନନ୍ଦ ଓ ଆଶା କମିଲା ନାହିଁ ।

ବର୍ଷା ହୋଇଗଲେ ପାଣି ଫୋଟକାର କ୍ରମ ଗଢ଼ା ଚାଲେ । ଯେଉଁ ବର୍ଷା ଝର ପାଣି ଫୋଟକା ସୃଷ୍ଟି କରେ, ସେହି ବିନ୍ଦୁ ପୁଣି ତାହାକୁ ଭାଙ୍ଗି ଦିଏ । କିନ୍ତୁ ଗୋଟିଏ ଗୋଟିଏ ଫୋଟକା ଭାଙ୍ଗି ଯାଉଥିଲେ ବି ଅନ୍ୟମାନେ ଭାସି ଯାଆନ୍ତି ଗର୍ବରେ ନିଜର ଭଙ୍ଗୁର ଦେହ ଉପରେ ଆଲୁଅର ଇନ୍ଦ୍ରଧନୁ ଖେଳାଇ ।

ସେ ଦିନ ହଷ୍ଟେଲରେ ସେମିତି ଗୋଟିଏ ପାଣି ଫୋଟକାର ପଟୁଆର ଗଢ଼ା ଯାଉଥିଲା ନିୟତିର ଆଖିତଳେ ।

ଯାହା ଥିଲେ ଧନୀ, ଦରିଦ୍ର, ଅହଙ୍କାରୀ-ନିରହଂକାର, ପଣ୍ଡିତ ମୂର୍ଖ ସମସ୍ତେ ସମାନ—

# ସମ୍ପାଦକୀୟ

ଇତିମଧ୍ୟରେ ବିଶ୍ୱସ୍ତ ସୂତ୍ରରୁ ଆମେ ପାରଳାଖେମୁଣ୍ଡି ଆନ୍ଧ୍ର ଲିଗ୍‌ର ଗୋଟାଏ ଲେଖା ପାଇଛୁ । ଲିଗ୍‌ର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଡାକ୍ତର ପି. ବୈକୁଣ୍ଠମ୍ (ସଭାପତି) ଏ ସତ୍ୟନାରାୟଣ ମୂର୍ତ୍ତି ବି. ଏ. ବି. ଏଲ୍, ଏ ହୃଷୀକେଶବ ବି. ଏ. ବି. ଏଲ. (ସମ୍ପାଦକ ଦ୍ୱୟ), କେ. ମୁଖଲିଙ୍ଗମ୍, ନାଲମ୍ ଶ୍ରୀ ରାମୁଲୁ ବି. ଏ. ପ୍ରମୁଖ ଅଛନ୍ତି । ଲେଖାଟିରେ ଶ୍ରୀ ଟି. ନରସିଂହ ରାଓଙ୍କ ସଭାପତିତ୍ୱରେ ଲିଗର ୩୧।୭।୪୭ର ସାଧାରଣ ବୈଠକରେ ଗୃହୀତ ହୋଇଥିବା ନିମ୍ନଲିଖିତ ପ୍ରସ୍ତାବଟି ବୋବିଲି ରାଜାସାହେବଙ୍କ ନିକଟକୁ ପଠାଯାଇଛି—

"ଏହି ସମ୍ମିଳନୀ ଗୋଟିଏ ନିଖିଳ ଭାରତ ବାଉଣ୍ଡାରି କମିଶନ ନିଯୁକ୍ତ କରିଥିବାରୁ ଔପନିବେଶିକ ସର୍କାରଙ୍କୁ ଧନ୍ୟବାଦ ଦେଇ ଭାଷା ମୂଳରେ ପ୍ରଦେଶ ଗଢ଼ିବାପାଇଁ ସେହି କମିଶନଙ୍କୁ ଅଧିକାର ଦେବା ନିମନ୍ତେ ଜୋର କରୁଛନ୍ତି; ଅତିଶୀଘ୍ର ବିଭିନ୍ନ ପ୍ରଦେଶରୁ ଜାତି ଓ ସଂସ୍କୃତି ଓ ଭାଷାରେ ଅଧିକ ତେଲୁଗୁ ଥିବା ଅଞ୍ଚଳଗୁଡ଼ିକୁ ନେଇ ଭାଷାଗତ ଆନ୍ଧ୍ର ପ୍ରଦେଶ ସେହି କମିଶନ ଗଢ଼ିବେ; ମାନ୍ଦ୍ରାଜ ଓ ଓଡ଼ିଶା ପ୍ରଦେଶ ମଧ୍ୟରେ ଥିବା ସୀମା ବିଷୟକ କଳହ ଗୁଡ଼ିକ ତଦନ୍ତ କରି ସେହି ଦୁଇ ପ୍ରଦେଶର ସୀମା ଭିତରୁ ବହୁକାଳ ଆକାଂକ୍ଷିତ ଆନ୍ଧ୍ର ପ୍ରଦେଶ ଛେଦନ କରିବେ ।"

ଏ ପ୍ରସ୍ତାବ ଉପରେ ସମଗ୍ର ପାରଳା ଏଷ୍ଟେଟ ଆନ୍ଧ୍ର ପ୍ରଦେଶରେ ମିଶା ଯିବାପାଇଁ ଦାବୀ କରି ଓଡ଼ିଶାର ଦକ୍ଷିଣ ସୀମା ସମ୍ବନ୍ଧେ ଗୋଟିଏ ଟିପ୍ପଣୀ ଦିଆଯାଇଛି । ଅନ୍ୟାନ୍ୟ ବିଷୟ ସଙ୍ଗେ ଉହିଁରେ ଲେଖା ଅଛି :—

"ପାରଳାର କୌଣସି ଅଞ୍ଚଳ ଓଡ଼ିଶାରେ ମିଶାଇବା ପାଇଁ ଆଦୌ କୌଣସି ଯଥାର୍ଥତା ନାହିଁ । ପାରଳାର ପ୍ରତ୍ୟେକ ଜାଗାରେ ଓଡ଼ିଆ ଅପେକ୍ଷା ତେଲୁଗୁ ବହୁ ଅଧିକ ସଂଖ୍ୟକ ଅଛନ୍ତି, ଏ କଥା ପରିଷ୍କାର ଭାବରେ ପ୍ରମାଣିତ ହୋଇଛି । ପାରଳା ତାଲୁକାରେ ଏପରି ଦଶବର୍ଗ ମାଇଲ୍ ଜାଗା ମଧ୍ୟ କେଉଁଠାରେ ନାହିଁ ଯେଉଁଠାରେ ଓଡ଼ିଆ ଅଧିକ ସଂଖ୍ୟକ ଅଛନ୍ତି । ପାରଳା ତାଲୁକାର ସମଗ୍ର ଜନସଂଖ୍ୟା ୨୯୩୩୧୯; ସେଥିମଧ୍ୟରୁ ଜାତି ହିସାବରେ ଆନ୍ଧ୍ର ସଂଖ୍ୟା ୧୫୭୮୯, ଭାଷା ହିସାବରେ ୧୯୩୪୭୫, ଜାତି ହିସାବରେ ଓଡ଼ିଆ ସଂଖ୍ୟା ୭୭୫୨୨, ଭାଷା ହିସାବରେ ଓଡ଼ିଆ ସଂଖ୍ୟା ୭୦୩୨୦, ଏଥିମଧ୍ୟରୁ ଓଡ଼ିଶାରେ ମିଶିଥିବା ଅଞ୍ଚଳର ଜାତି ହିସାବରେ ଆନ୍ଧ୍ର ସଂଖ୍ୟା ୭୦୮୭୭ ଭାଷା ହିସାବରେ ଆନ୍ଧ୍ର ସଂଖ୍ୟା ୭୨୩୭୭, ଜାତି ହିସାବରେ ଓଡ଼ିଆ ସଂଖ୍ୟା ୩୭୨୨୭, ଭାଷା ହିସାବରେ ଓଡ଼ିଆ ସଂଖ୍ୟା ୩୫୨୨୭, ଜାତି ହିସାବରେ ଶବର ସଂଖ୍ୟା ୯୧୪୫, ଭାଷା ହିସାବରେ ଶବର ସଂଖ୍ୟା ୮୭୪୫ ଇତ୍ୟାଦି । ବହୁସଂଖ୍ୟକ ଅବର୍ତ୍ତିନ ତେଲୁଗୁ ଅଞ୍ଚଳ ଓଡ଼ିଶାରେ ଅନ୍ୟାୟ ଭାବରେ ମିଶାଇଦେବା ଦ୍ୱାରା ମାରାତ୍ମକ ଫଳ ଉପୁଜୁଛି; ଲକ୍ଷାଧିକ ଆନ୍ଧ୍ରଙ୍କର ସାମାଜିକ, ଆର୍ଥିକ ରାଜନୈତିକ ସୁସ୍ଥତା ଉପରେ ଘୋର ସଙ୍କଟ ପଡ଼ୁଛି । ଆନ୍ଧ୍ର ଦେଶକୁ ଏପରି ଭାବରେ ବ୍ୟବଚ୍ଛେଦ କରାଯାଇଛି । ମୌଳିକ ଆନ୍ଧ୍ର ଅଞ୍ଚଳକୁ ମାତୃଦେଶରୁ ନିଷ୍ଠୁର ଭାବେ କଟାଯାଇଛି । ଏହାର ଫଳ ଭୀଷଣ ହେବ । ଆନ୍ଧ୍ର ସଂଖ୍ୟାଲଘୁ ସମସ୍ୟା ସୃଷ୍ଟି ହୋଇଛି । ଏକଥା କହିବା ଅନାବଶ୍ୟକ, ସଂଖ୍ୟାଲଘୁ ଭାବରେ ଦୁର୍ଦ୍ଦଶାପନ୍ନ ଆନ୍ଧ୍ରମାନେ ଓଡ଼ିଶାରେ ହାଡ଼ିଙ୍କ ଭଳି ଆଚରିତ ହେଉଛନ୍ତି । ସେମାନଙ୍କୁ ପୃଷ୍ଠଭୂମିକୁ ଠେଲି ଦିଆଯାଉଛି । ସ୍କୁଲମାନଙ୍କରେ ତେଲୁଗୁ ଶିକ୍ଷା ମାଧ୍ୟମ ଉଠାଇ ଦିଆଯାଇଛି; ନିର୍ବାଚନ (optional) ବିଷୟ ଭାବରେ ମଧ୍ୟ ତେଲୁଗୁ ଉଠାଇ ଦିଆଯାଇଛି । ସର୍ଭିସରେ, ରାଜନୀତିରେ, ବାଣିଜ୍ୟ-ବ୍ୟବସାୟ ଆଦିର ସବୁ କ୍ଷେତ୍ରରେ ସେହି ନିର୍ଲଜ୍ଜ ପକ୍ଷପାତ ଚାଲିଛି ।



Digitized by srujanika@gmail.com

କାହାଣୀହିଁ ଦେଖାଯାଉଛି । ଓଡ଼ିଶାରେ ଲୋକ-ସର୍କାର ପ୍ରତିଷ୍ଠିତ ହୋଇଥିଲେ ସୁଦ୍ଧା ଓଡ଼ିଶା ବ୍ୟବସ୍ଥାପକ ସଭା ଜଣେହେଲେ ଆନ୍ଧ୍ରଙ୍କୁ ଶାସନ ବିଧାୟକ ସଭାକୁ ପଠାଇଲେ ନାହିଁ । ସଂଖ୍ୟାଲଘୁ ଆନ୍ଧ୍ର ଲୁଅଙ୍କୁ ଓଡ଼ିଶା ସର୍କାର ସାବତମା ଦୃଷ୍ଟିରେ ଦେଖୁଛନ୍ତି । ସର୍କାରୀ ବିବୃତିର ବିପରୀତେ ସେମାନଙ୍କର ମାନମହତ୍ତ୍ୱ ହରଣ କରାଯାଉଛି । ଏଣୁ ପାରଳା ଆନ୍ଧ୍ରମାନେ ବିନୀତ ଅଥଚ ଦୃଢ଼ ଭାବରେ ଜୋର ଦେଉଛନ୍ତି ଯେ ଶାସନ ବିଧାୟକ ସଭାର ପୁରୋଧା ତୁରନ୍ତ ବାଉଣ୍ଡେରୀ କମିଶନଙ୍କୁ ଓଡ଼ିଶା ଆନ୍ଧ୍ରଙ୍କର କଥା ବିଚାର କରିବାକୁ କହନ୍ତୁ ଓ ପାରଳାକୁ ଆନ୍ଧ୍ର ପ୍ରଦେଶରେ ଅନ୍ତର୍ଭୁକ୍ତ କରିବାପାଇଁ ତୁରନ୍ତ ବ୍ୟବସ୍ଥା କରନ୍ତୁ ।"

ଏ ପ୍ରସ୍ତାବ ଟିପଣୀ ସାଙ୍ଗକୁ ଯେଉଁ ପତ୍ର ଦିଆଯାଇଛି ତହିଁରେ ଲେଖା ଅଛି :—"ପଆଣ ଆନ୍ଧ୍ର ପ୍ରଦେଶର ମୁଖ୍ୟ ପ୍ରବର୍ତ୍ତକ । ଆନ୍ଧ୍ର ନେତାମାନେ ପାରଳା ପ୍ରତି ଅବହେଳା ଦେଖାଇଛନ୍ତି । ଆନ୍ଧ୍ର ଆନ୍ଦୋଳନର ସ୍ତମ୍ଭ ସ୍ୱରୂପ ଆପଣଙ୍କୁ ମୋର ନିବେଦନ, ଆପଣ ଏ ବିଷୟରେ ଉଚ୍ଚ ପାହ୍ୟାର କର୍ତ୍ତୃପକ୍ଷଙ୍କୁ ହଲାଇ ଦିଅନ୍ତୁ, ଯେପରି ପୂର୍ବ ସର୍କାରଙ୍କର ଅକ୍ଷମଣୀୟ ଭ୍ରମ ଶୀଘ୍ର ସଂଶୋଧନ ହୋଇପାରିବ । ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି, ସେ ମୋର ଏ ନିବେଦନରେ ଏପରି ଶକ୍ତି ଦିଅନ୍ତୁ, ଯାହା ଆପଣଙ୍କର ହୃଦୟକୁ ତରଳ କରିପାରିବ ।"

ଆନ୍ଧ୍ର ପ୍ରଚାରର ଏ ଆଉ ଏକ ନମୁନା ପାଠକ ଦେଖିଲେ । ଓଡ଼ିଆ ଏଥିରୁ ଯାହା ବୁଝିବାର ବୁଝନ୍ତୁ, ଯାହା କରିବାର କରୁ ।

ଓଡ଼ିଶାରେ ଆନ୍ଧ୍ର ସଂଖ୍ୟାଲଘୁଙ୍କ ପ୍ରତି ହେବା ଅନ୍ୟାୟ କଥା ତ ଶୁଣି ଶୁଣି ବଧିର ହୋଇଗଲିଣି । ଗତ ସଂଖ୍ୟାରେ ସେ ବିଷୟରେ କିଛିଟା ଆଲୋଚନା କରିଥିଲୁ । ଯେତେ ଘାଣ୍ଟିଲେ ସାର ସେତିକି । ତେବେ ଏଠାରେ ଗୋଟାଏ କଥା କହୁଛୁ । ପ୍ରାୟ ଦେଢ଼କୋଟି ଓଡ଼ିଆଙ୍କ ପ୍ରତିନିଧି ରୂପେ ନ'ଜଣ ଓଡ଼ିଆ ଶାସନ-ବିଧାୟକ ସଭାକୁ ବଛାଗଲେ । ତା ଭିତରେ ଦୁଇଲକ୍ଷ ଆନ୍ଧ୍ର ସଂଖ୍ୟାଲଘୁଙ୍କ ପ୍ରତିନିଧି ରୂପେ ଅର୍ଥାତ୍ ଶତକରା ପ୍ରାୟ ୧.୨୫ ଆନ୍ଧ୍ରଙ୍କ ପାଁରେ ଗୋଟାଏ ସ୍ଥାନ ରହିଲା ନାହିଁ । ବାସ୍ତବିକ୍ କି ଘୋର ଅନ୍ୟାୟ ! ଧନ୍ୟରେ ପ୍ରଚାର !

ବାକି ପାରଳା କଥା । ଇଚ୍ଛାପୁର ତାଲୁକାର ଓଡ଼ିଆ ସଂଖ୍ୟା O' Donnel Committee Report ଅନୁଯାୟୀ ଆନ୍ଧ୍ର ସଂଖ୍ୟା ଅପେକ୍ଷା ବହୁତ ଅଧିକ ଥିଲା । ତଥାପି ସେ ତାଲୁକାକୁ ଏକାଠି ଓଡ଼ିଶାରେ ନ ମିଶାଇ ତାକୁ ଟିକି ଟିକି କରି କାଟି ତହିଁରୁ ସୁରଙ୍ଗୀ, ଶିରଡ଼ା, ଚିକିଟି ଜମିଦାରୀ ଗୁଡ଼ାକୁ ଓଡ଼ିଶାରେ ମିଶାଗଲା; ବାକୀ ଅଞ୍ଚଳ ଅନେକ ସଂଖ୍ୟକ ଓଡ଼ିଆ ଥିଲେ ମଧ୍ୟ ତାକୁ ମାନ୍ଦ୍ରାଜରେ ରଖାଗଲା । ଏପରି କରିବା ଦ୍ୱାରା ଚିକିଟି ଜମିଦାରୀର ପୁଣି ଗୋଟାଏ ପ୍ରଧାନ ଅଞ୍ଚଳ (ତାଳତାମରା ମୁଠା) ମାନ୍ଦ୍ରାଜରେ ରଖାଗଲା । ଏପରି କରିବା ଦ୍ୱାରା ଏଠାର ସୀମାରେଖା କିପରି ଅପ୍ରାକୃତ, ଶାସନ-ଗତ-ସୁବିଧା-ଜନକ ହୋଇଛି, ତାହା ଅନୁଭବୀ ଜାଣୁଛନ୍ତି । ଅଥଚ ପାରଳାର ଓଡ଼ିଆ ଅଞ୍ଚଳ ଓଡ଼ିଶାରେ ମିଶିବାରେ ଏ ଗାତ୍ରଦାହ କାହିଁକି ? ପୁଣି ଜନସଂଖ୍ୟା କଥା । ଉପରେ ଦିଆ ଯାଇଥିବା ସଂଖ୍ୟାସବୁ ୧୯୩୧ ଗଣନାର ବୋଲି କୁହାଯାଇଛି । ୧୯୪୧ର ଗଣନା ହିସାବରେ ସେସବୁ ଠିକ୍ କି ? ପୁଣି ଯେ କୌଣସି ଗଣନା ହେଉ, ଆମେ ପୂର୍ବରୁ କହିଅଛୁ, ଏ ଗଣନା ଉପରେ ଆମର ଆସ୍ଥା ନାହିଁ । ଅନେକ ଓଡ଼ିଆଙ୍କୁ ଏ ଗଣନାମାନଙ୍କରେ ଓଡ଼ିଆ-ଇତର ପ୍ରଭାବରେ ଓଡ଼ିଆ-ଇତର ବୋଲି ଧରାଯାଇଛି । ସେ ଯାହାହେଉ ଉପରେ ଦିଆଯାଇଥିବା ସଂଖ୍ୟାମାନଙ୍କ ଉପରେ ପାଠକ ଟିକିଏ ଦୃଷ୍ଟି ପକାନ୍ତୁ । ତହିଁରେ ଦେଖନ୍ତୁ, ଜାତି ଓ ଭାଷାଗତ ସଂଖ୍ୟା ଭିନ୍ନତା ଦେଖାଇବା ବେଳେ କିପରି ଚଳାକ ଖେଳାଯାଇଛି । ଜାତିଠାରୁ ଭାଷା ହିସାବରେ ଆନ୍ଧ୍ରଙ୍କ ସଂଖ୍ୟା ବଢ଼ିଯାଇଛି, ଓଡ଼ିଆ ଓ ଶବର ସଂଖ୍ୟା କମିଯାଇଛି । ତେବେ କଅଣ ବୁଝିବାକୁ ହେବ ଓଡ଼ିଆ ଓ ଶବରମାନେହିଁ



Digitized by srujanika@gmail.com

ନାଜ ନିଜ ଭାଷା ପାଖେଣର ତେଲୁଗୁ ଭାଷାକୁ ଜୀବନ-ସଂଗ୍ରାମ କରି ଦେଉଛନ୍ତି; ଆଜି ଅନ୍ଧ୍ରମାନେ ଓଡ଼ିଆ ଭାଷାର ନାମ-ଗନ୍ଧ ଏ ଅଞ୍ଚଳରେ ଜାଣନ୍ତି ନାହିଁ ? ଆଜି ଗୋଟିଏ କଥା । ପରଲାକୁ ଲାଗି ଯେଉଁ କନ୍ଧମାଳ ଅଛି, ତାହାର କଥା ବି ଅନ୍ଧ୍ରମାନେ ପାଶୋରି ଦେଉଛନ୍ତି ? O'Donnel Committee Report ଅନୁଯାୟୀ ସେହି ପାରଲା ଅନ୍ତର୍ଗତ ମାଳର ଅନ୍ଧ୍ରସଂଖ୍ୟା ୧୨୭୬, ଓଡ଼ିଆ ସଂଖ୍ୟା ୧୫୬୨୦, ଶବର ସଂଖ୍ୟା ୫୨୭୫୪ ଏଥିରୁ ଦେଖନ୍ତୁ, ଓଡ଼ିଆ ସଂଖ୍ୟା ଅନ୍ଧ୍ର ସଂଖ୍ୟାର କେତେ ଗୁଣ ? ପୁଣି ଯେଉଁ ଅତ୍ୟଧିକ ସଂଖ୍ୟକ ଶବର ଏଠାରେ ଅଛନ୍ତି, ସେମାନେ ସଂସ୍କୃତି, କୌଳିକ ଆଗ୍ରହ ବ୍ୟବହାର, ସାଧାରଣ ଜୀବନ ଦୃଷ୍ଟିରେ କାହା ସଙ୍ଗେ ରହିବା ବାଞ୍ଛନୀୟ— ଓଡ଼ିଆ ନା ଅନ୍ଧ୍ର ସଂଖ୍ୟା ? ଐତିହାସିକ ଗବେଷଣାରେ ପଣ୍ଡିତ ଶ୍ରୀଯୁକ୍ତ ଗିଡ଼ୁଗୁ ପାନ୍ତୁଲୁ ପରା ତାଙ୍କ ପୁସ୍ତକରେ ଲେଖିଛନ୍ତି, ଓଡ଼ିଆ ଭାଷାର ମୌଳିକ ସତ୍ତା ଶାବରୀ ? କେବଳ ଭାଷା ସୂତ୍ରରେ ପ୍ରଦେଶ ଗଠନ ହେଲେ ତାଙ୍କର ଯୁକ୍ତି ଏଠାରେ କେଉଁ ଦଗରେ ଯିବ ? ବୋଧହୁଏ ପାନ୍ତୁଲୁ ଏଠାରେ କହିବେ—"ସେ ଯୁକ୍ତି ଥିଲା ଓଡ଼ିଆ ଭାଷାକୁ, ଓଡ଼ିଆ ଜାତିକୁ ବଦନାମ କରିବାକୁ ବାହି ଥିଲି, ମୁଁ ଜାଣିଥିଲି କି ତାହା ଦିନେ ଭାଷା ସୂତ୍ରରେ ପ୍ରଦେଶ ଗଠନ ହେଲେ ମୋ ଭାଇଙ୍କ ଉପରେ ପଡ଼ିଯିବ ?" ପୁଣି ଏଠାରେ ଯୁକ୍ତି ହୋଇପାରେ ପାରଲା କଥା ତ ପଡ଼ୁଛି, ମାଳ କଥା କାହିଁକି ? ହଁ, ନୁହେଁ କଅଣ? ମାନ୍ଦ୍ରାଜରେ ରଖିବା ବେଳକୁ ସାନ୍ନିଧ୍ୟ (Contiguity) ଆଗେ, ଓଡ଼ିଶାକୁ ଗଲାବେଳକୁ ସେ କଥା କପରି ଖଟିବ ?

ପୁଣି ଶାସନ-ବିଧାୟକ ସଭାକୁ ବୋବିଲି ରାଜା ସାହେବଙ୍କୁ ପଠାଇବାର କି ମତଲବ୍ ରହିଛି ପାଠକ ବୁଝି ପାରୁଛନ୍ତି ତ ? ସେ ମହାଶୟ, ଏଠାରେ ଏତକ ଆପତ୍ତିର କଥା ପାରଳାର ଗଜପତି ମହାରାଜା ଇତିମଧ୍ୟରେ ଓଡ଼ିଆ ଜାତି ପକ୍ଷରୁ ଶାସନ-ବିଧାୟକ ସଭାକୁ ନିର୍ବାଚିତ ହୋଇଛନ୍ତି । ଏ ନିର୍ବାଚନର ଆବଶ୍ୟକତା ସମ୍ବନ୍ଧେ ଆମେ ପୂର୍ବରୁ କହି ଆସୁଛୁ । ଓଡ଼ିଶା ପ୍ରଦେଶର ପ୍ରାନ୍ତଗତ ଆଣିମାରେ ପୁଣି ବର୍ତ୍ତମାନ ଆଲୋଚିତ ବିଷୟ ତାଙ୍କର ନିଜକଥା ହୋଇଥିବା ଯୋଗୁଁ ସେ ବିଷୟରେ ସତର୍କ ଦୃଷ୍ଟି ଦେବାରେ ମହାରାଜାସାହେବ ନିଶ୍ଚୟ ବ୍ରତୀ ଓ ଯଶସ୍ୱୀ ହେବେ ଏହା ଆମର ଏକାନ୍ତ ଆଶା । ଏ ସମ୍ବନ୍ଧେ ସେ ଓଡ଼ିଆ ଜାତିର ପୂର୍ଣ୍ଣ ସହଯୋଗ ଏ ଘଡ଼ିସନ୍ଧି ବେଳେ ପାଇବେ । ଏହା ମଧ୍ୟ ଆମର ଏକାନ୍ତ କାମ୍ୟ । ମାନ୍ଦ୍ରାଜ ଓଡ଼ିଆ ସଭା ଏ ସମ୍ବନ୍ଧେ ତାଙ୍କୁ ଅଭିନନ୍ଦନ ଓ ପୂର୍ଣ୍ଣ ସହଯୋଗ ଜଣାଇଛନ୍ତି ।

× × ×

ସମ୍ବାଦ ବାହାରିଛି, କେନ୍ଦ୍ର ଭାରତ ସରକାର ବଙ୍ଗ ପ୍ରଦେଶ ସକାଶେ ୨୦୦୦ ଟନ ଗୁଡ଼ଲ ପଠାଇବାପାଇଁ ଓଡ଼ିଶା ସର୍କାରଙ୍କୁ ହୁକୁମ ଦେଇଛନ୍ତି । ତାହାଙ୍କ ସାଙ୍ଗକୁ ମାନ୍ୟବର ଗୁଦ୍ଲାଲ ତ୍ରିବେଦୀ ମାନ୍ୟବର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ ପୂର୍ବ ପଞ୍ଜାବ ପାଇଁ ୧୦,୦୦୦ ଟନ ଗୁଡ଼ଲ ଯୋଗାଇବାପାଇଁ ଗୋଟାଏ S. O. S. ପଠାଇଛନ୍ତି । ଭଲକଥା । ଲକ୍ଷ୍ମୀମନ୍ତ, ଭାଗ୍ୟବନ୍ତ, ପରିପୂର୍ଣ୍ଣ, ବଳକା ଓଡ଼ିଶା ପ୍ରଦେଶ ସମସ୍ତଙ୍କୁ ଆହାର ଯୋଗାଉ; ଦୁର୍ଭିକ୍ଷରୁ ରକ୍ଷା କରୁ; ପୁଣ୍ୟ ସଞ୍ଚୟ କରୁ । ମାଗିବା ଠାରୁ ହୀନ ନାହିଁ, ଦେବା ଠାରୁ ପୁଣ୍ୟ ନାହିଁ । ବଳକା ଥିଲେ, ନିଜ ଦେଶ ବାସୀ କାହିଁକି; ସମଗ୍ର ମାନବ ଜାତିର ପେଟ ପୂରାଇବା ଠାରୁ ବଳି ଧର୍ମକାର୍ଯ୍ୟ, ନୈତିକକାର୍ଯ୍ୟ, ସାମାଜିକ-ମାନବିକ କାର୍ଯ୍ୟ ଅଉ କଅଣ ଅଛି ? କିନ୍ତୁ ଏ ସମ୍ପର୍କରେ କେତୋଟି ନିର୍ଦ୍ଦୋଷ ଶଙ୍କା ଓ ସନ୍ଦେହ ଆମ ମନରେ ଉଦୟ ହୁଏ । ଓଡ଼ିଶା ବାସ୍ତବିକ୍ କି ସର୍ବଦା ବଳକା ପ୍ରଦେଶ ? ସର୍କାରୀ ଲେଖାର ଆଦ୍ୟ ଅନ୍ତ ନାହିଁ । ଓଡ଼ିଶାର ବଳକା ଧନ ଗୁଡ଼ଲ କେଉଁଠାରେ ଗଚ୍ଛିତ ଅଛି ? ଆମେ ଦେଖୁଛୁ, ପୁର-ପଲ୍ଲୀରେ, ଗାଁ ଗହଳରେ



Digitized by srujanika@gmail.com

ଲକ୍ଷ ଲକ୍ଷ ଲୋକ ଏବେ ମଧ୍ୟ ପେଟପୂରାଇ ଖାଇବାକୁ ପାଉନାହାନ୍ତି । ୧୯୪୭ରେ ବଙ୍ଗଦେଶ ଅପେକ୍ଷା ଅନୁପାତରେ ଆମ ଦେଶରେ ଓଡ଼ିଶା ଲୋକ ମରି ନ ଥିଲେ କିନ୍ତୁ କଥା ହେଉଛି, କଲିକତାର ବିଖ୍ୟାତ ଇଂରେଜୀ ପତ୍ରିକାଗୁଡ଼ିକ ସେଠାକାର ଦୁର୍ଦ୍ଦଶା କଥା କଙ୍କାଳ-ରୂପର ଛବି ସହ ବଡ଼ ବଡ଼ ଅକ୍ଷରରେ ପ୍ରକାଶ କରି ଜଗତର ଦୃଷ୍ଟି ବଙ୍ଗବାସୀଙ୍କ ପ୍ରତି ଯେପରି ଆକର୍ଷଣ କରିଥିଲେ, କିମ୍ବା ଓଡ଼ିଆଙ୍କ ପାଇଁ ତାହା କରିବାକୁ ସେପରି କିଛି ନ ଥିଲା, ଏବେ ମଧ୍ୟ ନାହିଁ । ଆମର ଭୟ ଓଡ଼ିଶାକୁ ଏପରି ବଳକା-ଛାପ (Surplus Patent Mark) ଦେବାରେ କିଛି ଗୋଟାଏ ଅଭିସନ୍ଧି ଅଛି; ଯେପରି ତାହା ଦୁର୍ଭିକ୍ଷ ଗାଣ ପରି ସବୁବେଳେ ଦୁହିଁହେବ । ପୁଣି ଆଉ ଗୋଟିଏ କଥା । ଆଜିକାଲି ଜଗତର ଅର୍ଥନୈତିକ ସଂସ୍ଥା ସାଙ୍ଗରେ ରାଜନୈତିକ ସଂସ୍ଥା ନିବିଡ଼ ଭାବରେ ଜଡ଼ିତ । ଦକ୍ଷିଣ ଆଫ୍ରିକାର ଭାରତୀୟମାନଙ୍କୁ ଦୁର୍ବ୍ୟବହାର କରାଯାଉଛି ବୋଲି ଭାରତ ସରକାର ସେହି ଦେଶପ୍ରତି ବାଣିଜ୍ୟ-ବ୍ୟବସାୟରେ ଅସହଯୋଗ ଅବଲମ୍ବନ କରିଛନ୍ତି । U. N. O. ଏହି ମତ କୌଣସି କୌଣସି ଦେଶ ପ୍ରତି ଅବଜ୍ଞା ଦୃଷ୍ଟିରେ ଅବଲମ୍ବନ କରିବାର ଶୁଣାଯାଏ । ପ୍ରଦେଶ ଗଠନରେ, ବିଚ୍ଛିନ୍ନ ଅଞ୍ଚଳ ସମ୍ପର୍କରେ ରାଜନୈତିକ ଅର୍ଥନୈତିକ ସଂସ୍ଥାରେ ବଙ୍ଗ ଓଡ଼ିଶା ମଧ୍ୟରେ ଯେଉଁ ସମୁଚିତ ଆଦାନ-ପ୍ରଦାନ ହେବା କଥା ତହିଁରେ ପରି ଅଭାବ ରହିଯାଇଛି ? ସେ ଅଭାବଗୁଡ଼ିକ ଏହି ସୂତ୍ରରେ ନ୍ୟାୟ-ସତ୍ୟ ମୂଳକ ଭାବରେ ପୂରଣ କରିବାର ଚେଷ୍ଟା କରା ଯାଉନାହିଁ କାହିଁକି ? ତଥାକଥିତ ଉଦାରଚେତାମାନେ ଯେପରି ଆମର ଏ କଥାରେ ସଂକୀର୍ଣ୍ଣତା ଦେଖିବେ ନାହିଁ । ସଚ୍ଚୋଟ ଭାବରେ ବାସ୍ତବ କ୍ଷେତ୍ରରେ ଆଧୁନିକ ପରିସ୍ଥିତିରେ କୂଟନୈତିକ ବାୟୁମଣ୍ଡଳରେ ଆମେ ଏ କଥା କହୁଛୁ । "ବାଜୁଥିଲୁ କୁଥିଲୁ, ମୋ ଧନ ଖାଇ ମୋତେ [illegible]ଥିଲୁ"—କେତେଦିନ ଚାଲିଥିବ ?

× ×

ଇତିମଧ୍ୟରେ ପୂର୍ବବଙ୍ଗରେ ପ୍ରାଦେଶିକ ସର୍କାରୀ ଭାଷାରୂପେ ବଙ୍ଗାଳୀ ଘୋଷିତ ହୋଇଛି । ସେହି ଅନୁରୂପେ ଦୈନିକ ଜୀବନ ଓ ବାସ୍ତବ ଶାସନ ତନ୍ତ୍ରର ବ୍ୟବହାର ଉପଯୋଗୀ କରିବାରେ ବଙ୍ଗାଳୀ ଭାଷାକୁ ସରଳ, ସମୃଦ୍ଧ, ବହୁମୁଖୀ ( Multipurpose project ) କରିବାପାଇଁ ଉଦ୍ୟମ ହେଉଛି । କଲିକତା ବିଶ୍ୱବିଦ୍ୟାଳୟ ଏ ଦିଗରେ ପୂର୍ବରୁ ବଙ୍ଗାଳୀ ଭାଷାରେ ବୈଜ୍ଞାନିକ ଓ ଟେକ୍‌ନିକାଲ ପଦ ପ୍ରୟୋଗର ଆବଶ୍ୟକୀୟ ସଂକଳନ କରି କାର୍ଯ୍ୟ ଆରମ୍ଭ କରିଛନ୍ତି । ବଙ୍ଗକୁ ଏବେ ଆସାମ ଅନୁକରଣ କରି ଆସାମର ସର୍କାରୀ ଭାଷା ଆସାମୀୟ ବୋଲି ଘୋଷଣା କରିଛି । ସ୍ୱାଧୀନ ଭାରତରେ ମାତୃଭାଷାର ଅଭିବୃଦ୍ଧି ଦୃଷ୍ଟିରୁ ବୈଦେଶିକ ଶାସନର ଲୋପ ସାଧନ ଦୃଷ୍ଟିରୁ ଏହା ଯୁକ୍ତିସଙ୍ଗତ ଓ ପ୍ରୟୋଜନୀୟ । ଓଡ଼ିଶା ସର୍କାର ଏ ଦିଗରେ କଣ କରୁଛନ୍ତି ? ଭାରତର ସବୁ ପ୍ରଦେଶ ଅପେକ୍ଷା ଭାଷା ସୂତ୍ରରେ ପ୍ରଦେଶ ଗଠନ ବିଷୟରେ ଓଡ଼ିଶା ପରି ଅଧିକ ଏକତା-ନିବଦ୍ଧ (Homogeneous) ? ତେବେ, ବଙ୍ଗ ଓ ଆସାମରେ ଯାହା ସମ୍ଭବ ହେଲା, ତାହା ଓଡ଼ିଶାରେ ନ ହେଉଛି କାହିଁକି ? କିନ୍ତୁ ଏକଥା ହେବ କଅଣ, ଓଲଟା ବ୍ରହ୍ମପୁରରେତ ଏ ପ୍ରଦେଶରେ ଜିଲ୍ଲା ଜିଲ୍ଲା ତମାମ ଓଡ଼ିଆ-ଇତର ଭାଷାକୁ କଚେରୀ ଭାଷା କରାଯାଉଛି । ପୁଣି, ଆଉ ଗୋଟିଏ କଥା । ଆଧୁନିକ ସମୃଦ୍ଧ ବଙ୍ଗାଳୀ ଭାଷାକୁ ଏ ଦୃଷ୍ଟିରୁ ଉପଯୋଗୀ କରିବା ଉଦ୍ୟମର ଆବଶ୍ୟକତା ଥିଲେ, ଓଡ଼ିଆ ଭାଷାକୁ ସେପରି କରିବାର ଅନେକ ଗୁଣ ଆବଶ୍ୟକତା ଅଛି । କିନ୍ତୁ ଏ ଦିଗରେ ଉତ୍କଳ ବିଶ୍ୱବିଦ୍ୟାଳୟ କଅଣ କରୁଛନ୍ତି ? ଦୁଃଖର ସହିତ କହିବାକୁ ହେଉଛି, ଏ ଉତ୍କଳର ଏ ନବୀନ ଅନୁଷ୍ଠାନ ବହୁ ଆଶା-ଆକାଂକ୍ଷା ପୁଷ୍ଟ ହୋଇ ସ୍ଥାପିତ ହୋଇଥିଲା । ଓଡ଼ିଆ ସାହିତ୍ୟ, ସଂସ୍କୃତି ଜାତୀୟ ସଭ୍ୟତା ପରିପୁଷ୍ଟିରେ ତାହା ଯେପରି ଏକ ଶକ୍ତିମାନ୍ କେନ୍ଦ୍ର ବୋଲି [illegible] । କିନ୍ତୁ ତାହାତ



Digitized by srujanika@gmail.com

ଏ ପର୍ଯ୍ୟନ୍ତ ହେବାର ଦେଖା ଯାଉନାହିଁ । ଗତାନୁଗତିକ ଭାବରେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ନକଲ୍ ( Replica ) ହେବା ଛଡ଼ା, ଗୋଟାଏ ପରୀକ୍ଷକ ଅନୁଷ୍ଠାନ ( Examining Body ) ହେବା ଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟର ଆଉ କୌଣସି ଆଦର୍ଶମୂଳକ,ଜାତୀୟ-ସୌଖ୍ୟସମ୍ପାଦକ, ମୌଳିକ ଗବେଷଣା ନିବନ୍ଧନ ସଂସ୍ଥା ଦେଖାଯାଉ ନାହିଁ । ଏ କି ହେବନି ଏ ସଂସ୍ଥା ଠିକ୍, ଏହାହିଁ ଆମର ବିନୀତ ନିବେଦନ ।

ଏ ସମ୍ପର୍କରେ ଆଉ ଗୋଟିଏ କଥା ମନେ ହୁଏ । ଇତିମଧ୍ୟରେ ବିଖ୍ୟାତ ବଙ୍ଗାଳୀ ଔପନ୍ୟାସିକ ଶ୍ରୀଯୁକ୍ତ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ବାର୍ଷିକୀ ପାଳନ ସମ୍ପର୍କରେ ପ୍ରିନ୍‌ସିପାଲ୍ କେ. ଡ଼. ଘୋଷଙ୍କ ଅଧ୍ୟକ୍ଷତାରେ ବାଲିଗଞ୍ଜ ଶରତ ସମିତିର ଆନୁକୂଲ୍ୟରେ ନିଖିଳ-ଭାରତ-ରେଡ଼ିଓ ପକ୍ଷରୁ ଗୋଟାଏ ସୁନ୍ଦର କାର୍ଯ୍ୟକ୍ରମ ( A. I. R. Programme ) ର ବ୍ୟବସ୍ଥା ହୋଇଥିଲା । ଏହାର ତୁଳନା କରିପାର ଆମେ ପଗୃରୁ, ଏଭଳି ଉଦ୍ୟମ ଓଡ଼ିଶାରେ କାହିଁ ? ଓଡ଼ିଆ ସାହିତ୍ୟରେ କି ପ୍ରାଚୀନ ବା ନବୀନ ଲବ୍‌ଧ ପ୍ରତିଷ୍ଠ କବି, ଲେଖକ, ଔପନ୍ୟାସିକ, କଳାକାର ନାହାନ୍ତି ? ସେମାନଙ୍କର ଜୀବନୀ ବା କୃତିତ୍ୱର ବୈଶିଷ୍ଟ୍ୟ ଜାଣିବା ପାଇଁ, ସେମାନଙ୍କ ଶିକ୍ଷାର ତାତ୍ପର୍ଯ୍ୟ ଜାଣିବା ପାଇଁ ତଥା ଓଡ଼ିଆ ସାହିତ୍ୟ ଇତ୍ୟାଦିର ସମ୍ୟକ୍ ବିକାଶପାଇଁ କି ବ୍ୟାପକ ଗଣ-ଆନ୍ଦୋଳନ ଓ ବ୍ୟବସ୍ଥା ଏ ଦେଶରେ ହୋଇଛି ? ଏହିତ ଆମର ଜାତୀୟ ଜୀବନର ଦୁର୍ବଳତା ! ପ୍ରତିଭା ପୂଜା କରିବାର, ଉଜ୍ଜ୍ୱଳ ସ୍ମୃତି ତର୍ପଣ କରିବାର, ପୁଣି ତଦ୍ଦ୍ୱାରା ନିଜେ ପ୍ରତିଭାବାନ୍ ଓ ଉଜ୍ଜ୍ୱଳ ହେବାର ଆମେ ଆଦୌ ଶିଖିନାହୁଁ । ଏ ଦିଗରେ ମଧ୍ୟ ଆମର ମନେ ହୁଏ 'ମୁଖ୍ୟ ନିଖିଳ ସାଂସ୍କୃତିକ ଅନୁଷ୍ଠାନ ଭାବରେ ଜାତି ପ୍ରତି, ଦେଶ ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟର ଅଶେଷ କର୍ତ୍ତବ୍ୟ ଅଛି ।

× × × ×

ଖବର ବାହାରିଛି, କଲିକତାର ଜଣେ ଭୂତପୂର୍ବ ଡେପୁଟି ମେୟର ଶ୍ରୀଯୁକ୍ତ ନରେଶନାଥ ମୁଖର୍ଜୀ ଶାନ୍ତିନିକେତନକୁ ମାସିକ ୫୦ ଟଙ୍କାର ଗୋଟାଏ ବୃତ୍ତି ନେତାଜୀ ସୁଭାଷଙ୍କ ନାମରେ ଖଞ୍ଜିଛନ୍ତି । ଓଡ଼ିଶାର ଉନ୍ନତି ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ପାଇଁ ସ୍ୱର୍ଗତ ଓଡ଼ିଆ ବୀରଙ୍କ ପୁଣ୍ୟସ୍ମୃତିର ଆବାହନରେ ଏଭଳି ଉପକାର-ଜନକ ବୃତ୍ତି ଖଞ୍ଜିବା ପାଇଁ କି ସମର୍ଥ ଲୋକ ନାହାନ୍ତି ?

× × × ×

ପତ୍ରିକାରେ ଦେଖିଥିଲି କେତେଦିନ ତଳେ ଲବ୍‌ଧପ୍ରତିଷ୍ଠ ସାମ୍ୟବାଦୀ ନେତା ଶ୍ରୀଯୁକ୍ତ ରାମ-ମନୋହର ଲୋହିଆ ଗୋଟାଏ ଭାଷଣରେ କହିଥିଲେ "ପ୍ରଦେଶ କେବଳ ଭାଷାଗତ ହେବା ଉଚିତ ନୁହେଁ; ତାହାହେଲେ ଅଳ୍ପଦିନ ମଧ୍ୟରେ ଭାରତୀୟ ଜାତୀୟତା ବୋଲି ଆଉ କିଛି ରହିବ ନାହିଁ । ଭାରତ କୋଡ଼ିଏ ଜାତୀୟତାରେ ବିଭକ୍ତ ହେବ ଭାଷା ସାଙ୍ଗକୁ ଭୌଗଳିକ ସାନ୍ନିଧ୍ୟ, ଅର୍ଥନୈତିକ ପ୍ରୟୋଜନ, ଶାସନିକ ସୁବିଧା, ସାଂସ୍କୃତିକ ଘନିଷ୍ଠତା ମଧ୍ୟ ପ୍ରଦେଶର ସୀମା ନିର୍ଣ୍ଣୟରେ ବିଗୃର କରିବାକୁ ହେବ ।"

ଏକଥା ଅନେକ ଦୂର ସତ୍ୟ । କେବଳ କଥିତ ଭାଷା ଅନୁଯାୟୀ ଜନଗଣନାର ହିସାବ ଉପରେ ବେଶୀ ଯୋର ଦେଲେ ଚଳିବ ନାହିଁ । ଅବଶ୍ୟ ସେ ହିସାବରୁ ଗୋଟାଏ ମୋଟାମୋଟି ଧାରଣା କରିହେବ । କିନ୍ତୁ ସେଥିସଙ୍ଗେ ନିଷ୍ପତ୍ତିରେ ଅନ୍ୟାନ୍ୟ ବିଷୟ ବିଗୃର୍ଯ୍ୟ । ଠିକ୍ ଏହି ମତରୁ ପୁଣି ବ୍ୟକ୍ତିଗତ ଅଭିଜ୍ଞତାରୁ ଆମେ କହୁ, ଓଡ଼ିଶାର ବର୍ତ୍ତମାନ ଦକ୍ଷିଣ ସୀମାରେଖା ଠିକ୍‌ଭାବେ ନିର୍ଣ୍ଣୀତ ହୋଇନାହିଁ । ତାହାର ଦକ୍ଷିଣକୁ କେତେକ ଅଞ୍ଚଳ ମାନ୍ଦ୍ରାଜରେ ରହିଛି, ଯାହା ଓଡ଼ିଶାରେ ରହିବା ଉଚିତ । ଶାସନତନ୍ତ୍ର ସୁବିଧା ଦିଗରେ ସେ ଅଞ୍ଚଳଗୁଡ଼ିକ ବ୍ରହ୍ମପୁର ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ବ୍ରହ୍ମପୁର [illegible] ଗୁ[illegible] ନାହିଁ । ଏବେ ସେ ଅଞ୍ଚଳ [illegible]



Digitized by srujanika@gmail.com

ସୁଦୂର ବିଶାଖପାଟଣା ବା ଶ୍ରୀକାକୋଳକୁ ଯିବାରେ ଘୋର ଅସୁବିଧା ଭୋଗ କରୁଛନ୍ତି । ବାଣିଜ୍ୟ ବ୍ୟବସାୟରେ ମଧ୍ୟ ସେହିକଥା । ବ୍ରହ୍ମପୁର ଅଞ୍ଚଳ ସଙ୍ଗେ ବାଣିଜ୍ୟ ବ୍ୟବସାୟ ନ ଚଳିଲେ ଏ ଅଞ୍ଚଳର ଲୋକେ ଖାଦ୍ୟ ସାମଗ୍ରୀ-ଠାରୁ ଆରମ୍ଭ କରି ଖଲିରୁ ଖଡ଼ିକା ପର୍ଯ୍ୟନ୍ତ କିଛି ପାଇବେ ନାହିଁ । ସାମାଜିକ ସେବା ଓ ଜୀବନ ଯାପନରେ ମଧ୍ୟ ଏ ଅଞ୍ଚଳରେ ଓଡ଼ିଆଙ୍କର ପରିଶ୍ରମ ଓ ଦେୟ ଅପରିହାର୍ଯ୍ୟ । ସେମାନଙ୍କ ଜାତିସଂଖ୍ୟା ଅଧିକ । ପୂର୍ବ ସଂଖ୍ୟାରେ ସୂଚିତ ପଣ୍ଡିତ ବାଣୀକଣ୍ଠଙ୍କର ଶର୍ମାଙ୍କର ସଂକଳିତ ଗ୍ରନ୍ଥରେ ଏ ସବୁ ବିଷୟରେ ବହୁ ତଥ୍ୟ ନିହିତ ଅଛି । ପୁଣି ଆଉ ଗୋଟିଏ କଥା । କେବଳ ଜନସଂଖ୍ୟା ହିସାବ ଦେଖିଲେ ଗୋଟାଏ ଗାଁରେ ଆନ୍ଧ୍ର ଅଧିକ ଥିଲେ, ଆଉ ଗୋଟିଏ ଗାଁରେ ଓଡ଼ିଆ ଅଧିକ ଥିବେ । ସେହିପରି ଫିର୍କା, ତାଲୁକା, ଡ଼ିଭିଜନ, ବା ଜିଲା ହିସାବରେ ମଧ୍ୟ ତାରତମ୍ୟ ଦେଖାଯିବ । ତେବେ ସେପରି ଅବସ୍ଥାରେ କଅଣ କରାଯିବ ? ମିଶଣର ନ୍ୟୂନତମ ଭୂଖଣ୍ଡ ( Unit of Amalgamation ) କଅଣ ରଖାଯିବ ? ପୁଣି ତାହା ସାଙ୍ଗକୁ ପ୍ରାକୃତିକ ସହଜ ସୀମା (Natural Boundary) ପ୍ରୟୋଜନ ରହିଛି । ଏ ସବୁ ଦୃଷ୍ଟିରେ ଦକ୍ଷିଣ ବର୍ଦ୍ଧିତାଞ୍ଚଳ ବିଚାର କରାଯିବାର ତୁରନ୍ତ ଆବଶ୍ୟକତା ଆମେ ଦୃଢ଼ ଭାବରେ ବ୍ୟକ୍ତ କରୁଛୁ ।

× × × ×

ଭାରତର ଭାଷା ସମସ୍ୟା ସମ୍ବନ୍ଧେ ଇଂଲଣ୍ଡର ବିଖ୍ୟାତ ପତ୍ରିକା Moncherter gaurdian ରେ ଗୋଟାଏ ଲେଖା ପ୍ରକାଶ ପାଇଥିଲା । ତାହାର ସାର ହେଉଛି, "ଏ ଦେଶରେ ସଂସ୍କୃତିକ ଘନିଷ୍ଠତା ବହୁ ପ୍ରାଦେଶିକ ଭାଷା ଉପରେ ବେଶୀ ଜୋର ଦେଉଥିଲେ, ଜାତୀୟ ଶକ୍ତି ( National Officiency ) ଗୋଟାଏ ଭାଷା ଆବଶ୍ୟକ କରେ । ଏହି ବୈପରିତ୍ୟରୁ ନାନା ସଂଘର୍ଷ ଜାତ ହୁଏ ।" କିନ୍ତୁ ଆମର ମତ ଠିକ୍ ବୁଝିଲେ ଏ ସଂଘର୍ଷର ଅବକାଶ ଏ ଦେଶରେ ରହିବାର କାରଣ ନାହିଁ । ବୈଦେଶିକ ଶାସନ ଯାଇଛି, ଭାରତ ସ୍ୱାଧୀନ ହୋଇଛି, ଭାରତର ଏକ ଜାତୀୟ ଭାଷା ସରଳ, ମାର୍ଜିତ ହିନ୍ଦି ହେଲେ ତାହାର ଆପତ୍ତି ରହିବାର କାରଣ ନାହିଁ । ଭାରତୀୟ ସଂସ୍କୃତି ଯେପରି ସବୁ ପ୍ରାଦେଶିକ ସଂସ୍କୃତି ଗୁଡ଼ିକୁ ପୂର୍ଣ୍ଣ ଓ ସମନ୍ୱିତ କରି ପାରିବାର ପରିସର ଅଛି, ସେହିପରି ହିନ୍ଦି ପ୍ରାଦେଶିକ ଭାଷା ଗୁଡ଼ିକୁ କରି ପାରିବ । ପୁଣି ଏ ଦିଗରେ ଭାରତର ପ୍ରାଚୀନ ଗୌରବମୟ ସଂସ୍କୃତିର ପୁନରୁଦ୍ଧାର ଓ ସୁଯୋଗ-ଯୋଗୀ ବିସ୍ତାର କରି ଜାଣିଲେ ସମନ୍ୱୟର ପନ୍ଥା ପରସ୍ପରର ମାର୍ଗରେ ଅତୁଳ ସହଜ, ସୁଗମ, ଓ ସୁବୋଧ ହୋଇ ପାରିବ । ହିନ୍ଦି ଭାଷାକୁ ଜାତୀୟ ଭାଷାରେ ପରିଣତ କରିବାରେ ଆମେ ଯେତେଦୂର ଭିତର ଦେଖୁଛୁ ଟଙ୍ଗଲୀ ପ୍ରାଦେଶିକ ପ୍ରତିଦ୍ୱନ୍ଦିତାହିଁ ତହିଁରେ ବାଧା ଆଣୁଛି । ବଙ୍ଗାଳିକୁ ଜାତୀୟ ଭାଷା କରିବାର ଗୋଟାଏ ପ୍ରଚ୍ଛନ୍ନ ଉଦ୍ୟମର ଆଭାସ ସମୟ ସମୟରେ ମିଳେ । ଏ ଉଦ୍ୟମ ଏ ଦିଗରେ ହିତକର ନୁହେଁ । ଆଉ ଗୋଟିଏ କଥା, ପାକିସ୍ଥାନ ଗଠନ ପରେ 'ହିନ୍ଦୁସ୍ଥାନୀ' 'ରୋମାନ୍ ସ୍କ୍ରିପ୍ଟ' ଇତ୍ୟାଦି ଅବାନ୍ତର କଥା ଗୁଡ଼ିଏ ପୂରାଇ ଏ ସମସ୍ୟାକୁ ଜଟିଳ କରିବାର ପ୍ରୟୋଜନ ନାହିଁ । ଦେବନାଗରୀ ଲିପିରେ ଲିଖିତ ସରଳ ମାର୍ଜିତ ପରିଶୁଦ୍ଧ ଆଧୁନିକ ରୁଚିସଙ୍ଗତ ହିନ୍ଦି ଭାଷା ବର୍ତ୍ତମାନକୁ ଏ ସମସ୍ୟା ସମାଧାନ କରି-ପାରେ ବୋଲି ଆମର ବିଶ୍ୱାସ । ସଙ୍ଗେ ସଙ୍ଗେ ପ୍ରାଦେଶିକ ଭାଷାଗୁଡ଼ିକ ପ୍ରାଦେଶିକ ଲୋକ ଓ ଶାସନଗତ ଭାଷା ହୋଇ ଅଭିବୃଦ୍ଧି ହେବାରେ ଆପତ୍ତି ନାହିଁ ।

+ + + +

ଗଞ୍ଜାମ ଓ କୋରାପୁଟ ଜିଲାରେ ତେଲୁଗୁ କଚେରୀ ଭାଷା କରିବା ବିରୁଦ୍ଧରେ ଯେଉଁ ପ୍ରବଳ ଜନମତ ପ୍ରକାଶ ପାଇଛି, ତାକୁ ଦବାଇବାକୁ ଓଡ଼ିଶା ସରକାର ଇତି ମଧ୍ୟରେ ଚେଷ୍ଟା କରି କୃତକାର୍ଯ୍ୟ ହୋଇପାରି ନାହାନ୍ତି । ଏ ସମ୍ବନ୍ଧେ ଓଡ଼ିଶା ସରକାର ଇସ୍ତାହାର ଦେଇଛନ୍ତି, ସେ ଏଥିଦ୍ୱାରା କିଛି ନୂଆ କଥା କହିନାହାନ୍ତି । ପୂର୍ବସ୍ଥିତି (States



Digitized by srujanika@gmail.com

୧୫୦ ) ରକ୍ଷା କରିଛନ୍ତି; ୧୮୯୦ ସାଲରୁ ଯେଉଁସବୁ ଆଇନ-କାନୁନ ଥିଲା ତାହାକୁ ଶୃଙ୍ଖଳାବଦ୍ଧ କରିଛନ୍ତି (consolidation of Regulations) କିନ୍ତୁ ଏ ପୂର୍ବ ସ୍ଥିତିର ଅର୍ଥ କଅଣ ? ୧୮୯୦ ସାଲର କଥା ଏବେ ପୁନରୁଦ୍ଧାର କରିବାର ଅର୍ଥ କଅଣ ? ୧୯୩୫ ସାଲ ପରେ, ଓଡ଼ିଶା ପ୍ରଦେଶ ଗଠନ ପରେ ତାକୁ ସେମାନଙ୍କ ଠେଲି ପୁନଃ ପ୍ରଚଳନ କରିବାର ଆବଶ୍ୟକତା କେଉଁଠାରେ ? ପ୍ରଦେଶ ଗଠନ ପୂର୍ବରେ ମାନ୍ଦ୍ରାଜ ଓଡ଼ିଆଙ୍କ ପାଇଁ ସଂଖ୍ୟାଲଘୁ ଭାବରେ ତାଙ୍କର ନ୍ୟାଯ୍ୟ ଦାବୀ ପୂରଣ ସକାଶେ ଅନେକ ଗୁଡ଼ିଏ ଆଇନ କାନୁନ ଥିଲା । କିନ୍ତୁ ପ୍ରଦେଶ ଗଠନ ପରେ ବର୍ତ୍ତମାନ ମାନ୍ଦ୍ରାଜୀ ଓଡ଼ିଆଙ୍କ ପାଇଁ ତହିଁରୁ କିଛୁ ରହିନାହିଁ, ଏକଥା ଓଡ଼ିଶା ସରକାର ବୁଝୁଛନ୍ତି କି ? ଗୋଟିଏ ପକ୍ଷ ହକଦାବୀ ଉଠାଇ ଦିଆ ଯାଉଥିବ; ଆଉପକ୍ଷ ଟେକି ଠେଲି ଦରକାର ନଥିଲେ ମଧ୍ୟ ମନଧରା ପାଇଁ ତା ଭିତରେ ନିଯୁମ ପ୍ରୟୋଗ ହେଉଥିବ—ଏ କିପରି କଥା ଆମେ ବୁଝିପାରୁ ନାହୁଁ ।

+ + + +

ଇତିମଧ୍ୟରେ ମାନ୍ଦ୍ରାଜ ନଗରରେ ଆନ୍ଧ୍ର ପ୍ରାଦେଶିକ କଂଗ୍ରେସର ଗୋଟିଏ ବିଶିଷ୍ଟ ବୈଠକରେ ଅଧ୍ୟାପକ ରଙ୍ଗା, ଶ୍ରୀଯୁକ୍ତ ପ୍ରକାଶମ୍ ପ୍ରମୁଖଙ୍କ ନେତୃତ୍ୱରେ ସମଗ୍ର କୋରାପୁଟ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାର ଅଧେ ପାଇଁ ଯେଉଁ ଦୃଢ଼ ଦାବୀ କରାଯାଇଛି, ପାଠକେ ତାହା ଜାଣିଥିବେ । ଦେଖାଯାଉ, ଓଡ଼ିଶାରୁ ଏତିକି ଜାଗା ନ ଛାଡ଼ିବାର ମାନ୍ୟବର ମହତାବ ଓ ତାଙ୍କର ପଞ୍ଚଶିଷ୍ୟ ବର୍ଗ ଏ ଦିଗରେ କଅଣ କରୁଛନ୍ତି । ତେବେଣି ତାମିଲମାନେ ଦାବୀ କରୁଛନ୍ତି, ଉତ୍ତରରେ ଚିକାକୋଳଠାରୁ ଦକ୍ଷିଣରେ କୁମାରୀକା ପର୍ଯ୍ୟନ୍ତ । ତାଙ୍କ ସଙ୍ଗେ କର୍ଣ୍ଣାଟକ, ମଲୟାଲୀଙ୍କ ଦାବୀ ଯଥାକ୍ରମେ ହୋଇଛି । ବିଶେଷରେ ମାନ୍ଦ୍ରାଜ ନଗର ଉପରେ ଆନ୍ଧ୍ର ଓ ତାମିଲ ଦାବୀ ସେ ନଗରକୁ କିପରି ଯୁଦ୍ଧପରର ଡାନଜିଗ୍ ( Danzig ) କରିବାର ଆଶଙ୍କା ଅଛି, ତାହା ସ୍ପଷ୍ଟ ଦିଶୁଛି । ଦେଖାଯାଉ ଏ ଉଦ୍ଭଟ ଦାବୀ ଉଠିବାର ପୃଷ୍ଠପଟରେ ମାନ୍ଦ୍ରାଜ ସରକାରର ଗତି କୁଆଡ଼େ, ପୁଣି ତା ଭିତରେ ସଂଖ୍ୟାଲଘୁ ଓଡ଼ିଆଙ୍କ ଗତି ଆଉ କୁଆଡ଼େ ।

+ × + +

ଆଶ୍ୱାସନାର କଥା—ଇତିମଧ୍ୟରେ ଓଡ଼ିଶାର ମାନ୍ୟବର [illegible] ବିଚ୍ଛିନ୍ନ ଅଞ୍ଚଳ ସମ୍ବନ୍ଧ ପ୍ରସଙ୍ଗ ଅଧେ ଆଶ୍ୱାସନା ବାଣୀ ଶୁଣାଇଛନ୍ତି । ଓଡ଼ିଶା ବ୍ୟବସ୍ଥାପକ ସଭା କେତେକ ଜଣଙ୍କୁ ନେଇ ବିଚ୍ଛିନ୍ନ ଅଞ୍ଚଳ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଗୋଟିଏ କମିଟି ଗଢ଼ିଛି । ସେହି କମିଟି ପକ୍ଷରୁ ମାନନୀୟ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଦକ୍ଷିଣ ବିଚ୍ଛିନ୍ନ ଅଞ୍ଚଳ ଥରେ ବୁଲି ଯାଇଛନ୍ତି । ଆଶାକରୁ ଏ ଆଶାଜନକ କାର୍ଯ୍ୟକ୍ରମ ପରିଣତ ଆଡ଼କୁ ଗତି କରିବ, କେବଳ କାଗଜ ଯୋଜନା ବା କଥା ଲହଡ଼ିରେ ଶୂନ୍ୟ ହୋଇଯିବ ନାହିଁ ।

+ + + +

ଇତିମଧ୍ୟରେ କୋରାପୁଟ ଇତ୍ୟାଦି ଅଞ୍ଚଳରେ ଆନ୍ଧ୍ର ସରକାରୀ କର୍ମଚାରୀମାନେ ମଧ୍ୟ ଓଡ଼ିଶା ବିରୁଦ୍ଧରେ ଯେଉଁ ମିଥ୍ୟା ପ୍ରଚାର କରୁଛନ୍ତି, ସେ ସମ୍ବନ୍ଧେ ମାନ୍ୟବର ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଯେଉଁ ସତର୍କ ବାଣୀ ଶୁଣାଇଛନ୍ତି, ତାହା ନିତାନ୍ତ ଆବଶ୍ୟକ ଓ ସମୟୋପଯୋଗୀ ହୋଇଛି । କିନ୍ତୁ ତାଙ୍କର ଏ ବାଣୀରେ ଓଡ଼ିଶାବାସୀ ଓ ସରକାର ଏଣିକି ଆନ୍ଧ୍ର ପତ୍ର ପତ୍ରିକାରେ ଥରେ ନିଯୁମିତ ଭାବରେ ଆଖି ବୁଲାଉଥାନ୍ତୁ । ଦେଖିବେ, ତହିଁରେ ଓଡ଼ିଆ ଜାତି ବିରୁଦ୍ଧରେ କି କଦର୍ଯ୍ୟ, ଈର୍ଷାମୂଳକ ପ୍ରଚାର ଚାଲିଛି ।

× × ×

କଲିକତା ପତ୍ର ପତ୍ରିକା ମାନଙ୍କରେ ବର୍ତ୍ତମାନ ଗୋଟିଏ ପ୍ରଚାର ଚାଲିଛି । ତାର ସାର ହେଉଛି ବଙ୍ଗାଳୀମାନେ ନିର୍ଦ୍ଦୋଷ. ସତ୍ୟସନ୍ଧ, ଧର୍ମଭୀରୁ, ନ୍ୟାୟପର ଅବତାର । ଓଡ଼ିଶାରେ ସେମାନଙ୍କୁ ମାଡ଼ ଦିଆ ଯାଉଛି. ବିହାରରେ ତାଙ୍କୁ ମାଡ଼ ଦିଆ ଯାଉଛି, ଆସାମରେ ତାଙ୍କୁ ମାଡ଼ ଦିଆ ଯାଉଛି । କି ଘୋର ଅନ୍ୟାୟ! ଏ ସମ୍ପର୍କରେ ନବ ବଙ୍ଗ ସମିତି ( New Pengal Association ) ର ଗୋଟିଏ ଆଲୋଚନାରେ କୁହାଯାଇଛି—ଲକ୍ଷ ଲକ୍ଷ ଓଡ଼ିଆ ବଙ୍ଗରେ ପୋଷି ହେଉଛନ୍ତି,



Digitized by srujanika@gmail.com

ବଙ୍ଗାଳୀମାନେ ପୁରୀ, ଭୁବନେଶ୍ୱର ଇତ୍ୟାଦ ତୀର୍ଥ ସ୍ଥାନକୁ ଯିବାରେ ତାଙ୍କର ଅର୍ଣ୍ଣି ପୂରିଯାଉଛି, ଓଡ଼ିଆମାନେ ଏବେ ଏପରି ମୂର୍ଖ କାମ କଲେ, ସାବଧାନ, ସେମାନେ ସେ ଲାଭ ପାଇବେ ନାହିଁ। ନବ ବଙ୍ଗ ସମିତିର ଏ ସତର୍କବାଣୀ ପାଇଁ ଆମେ ଧନ୍ୟବାଦ ଦେଉଛୁ। କିନ୍ତୁ କହି ରଖୁଛୁ, ପ୍ରଚ୍ଛନ୍ନ ଶୋଷଣ ମୂଳକ, ଭଣ୍ଡ ନୈତିକ ଉପଦେଶ ଶୁଣିମାର ଯୁଗ ଆଜି ନାହିଁ। ମେଦିନୀପୁରରେ ଓଡ଼ିଆ ସତ୍ତ୍ୱ ଲୋପ କରିବାର ଉଦ୍ୟମ ଆମ ମନରେ ଅଛି। ଓଡ଼ିଆ ପୁଅ ବୀରେନ୍ଦ୍ର ସାମଲ 'ବୀରେନ ସାସମଲ' ପାଲଟି ଏ ଜାତିପ୍ରତି ଯାହା କରିଛନ୍ତି, ତାହା ହୃଦୟରେ ଗାର ହୋଇ ରହିଛି। କୋମ୍ପାନୀ ଅମଳରେ ଅନ୍ଧାରୀ ମୂଳକ ଓଡ଼ିଶାର ଜମିଦାରୀ ଗୁଡ଼ିକ କଲିକତାରେ ନିଲାମ ବନ୍ଦୀ ସଂକ୍ରାନ୍ତରେ ଧରାଯାଇ କପରି ଚିରକାଳ ଓଡ଼ିଆ ଇତରଙ୍କ ହାତକୁ ଯାଇଛି, ତାହା ମନରେ ଅଛି। ଓଡ଼ିଆ ଭାଷା ବଙ୍ଗାଳୀ ଭାଷାର ଗୋଟିଏ ରୂପାନ୍ତର। ତାହାର ସ୍ୱତନ୍ତ୍ରତା ନାହିଁ ବୋଲି କହି ତାକୁ ମାରି ଦେବାର ଉଦ୍ୟମ ମନରେ ଅଛି। ଶାସନ ତନ୍ତ୍ରରେ ଏ ପର୍ଯ୍ୟନ୍ତ ଓଡ଼ିଶା କପରି ବଙ୍ଗର ଛାଇ ହୋଇଥିଲା ଓ ଏବେ ମଧ୍ୟ ଗୃହକିଣା, ସୂକ୍ଷ୍ମ ସାମାଜିକତା ରାଜନୈତିକ ଗ୍ରସ୍ତାବାଜୀ, ଭଦ୍ରଲୋକୀ, ପ୍ରଚ୍ଛନ୍ନ ପ୍ରଭାବ ଇତ୍ୟାଦ ସୂତ୍ରରେ ବଙ୍ଗାଳୀ ଆଧିପତ୍ୟ ଏ ଦେଶରେ ରହିଛି ଯାହାକି କିଏ ଆଖିଥାଇ ଦେଖୁନାହିଁ? ମନେ କରିବାର ନୁହେଁ, ଆମେ ଏଠାରେ ସଂକୀର୍ଣ୍ଣ ମନୋବୃତ୍ତିର ପରିଚୟ ଦେଉଛୁ। ଯେ କେହି ଓଡ଼ିଶାରେ ରହନ୍ତୁ, କିନ୍ତୁ ଓଡ଼ିଶାର ହୋଇ ରହନ୍ତୁ। ଓଡ଼ିଆ ଜାତିର ଭାଗ୍ୟରେ ନିଜକୁ ମିଶାଇ ଦିଅନ୍ତୁ। ଓଡ଼ିଆର, ହସରେ, କାନ୍ଦରେ ନିଜକୁ ହସାନ୍ତୁ, କନ୍ଦାନ୍ତୁ। ନ ହେଲେ ପାଣ୍ଡବର ଖାଇ କୁରୁବଳର ଚିନ୍ତା କରିବା ଯୁଗ ଆଉ ଅଛି କି? ହେଉ, ନବ ବଙ୍ଗ ସମିତି, ଆଉ ଏଠାକୁ ତୀର୍ଥ ଯାତ୍ରୀ ପଠାନ୍ତୁ ନାହିଁ, 'ଉଡ଼େ-ଭେଡ଼ା'ଙ୍କୁ ଆଉ କଲିକତାରେ ରାନ୍ଧୁଣିଆ, କୁଲି କାମରେ ଖଟାନ୍ତୁ ନାହିଁ। ମାତ୍ର ଓଡ଼ିଆ ଜମିଦାରୀଗୁଡ଼ିକୁ ଛାଡ଼ିଦିଅନ୍ତୁ, ଏଠା ସର୍ଭିସରୁ ଉଠିଯାଆନ୍ତୁ, ନ୍ୟସ୍ତ ସ୍ୱାର୍ଥ ଛାଡ଼ିଦିଅନ୍ତୁ। ଏହା କରିବେ କି? ଶେଷରେ ଆଉଥରେ କହୁଛୁ, ଆଜି 'ଛାଡ଼' ସମସ୍ତଙ୍କ ପାଇଁ 'ଛାଡ଼' ଉଚ୍ଚ-ନୀଚ। ବୁଦ୍ଧିମାନ ନିର୍ବୁଦ୍ଧିଆର କାଳ୍ପନିକ ଭେଦ ଆଜି ରହିବାର ନୁହେଁ; ସରଳ ସ୍ନେହର ହୃଦ ବନ୍ଧନହିଁ ଆଜି ଶାଶ୍ୱତ ହେବ, ଶୋଷଣ ଯେ କୌଣସି କୌଶଳରେ ହେଉଥିଲେ ମଧ୍ୟ ଲିଭିଯିବ।

× × ×

ନିଖିଳ-ଭାରତ ଲେଖକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଭାରତ ପି. ଇ. ଏନ୍. କେନ୍ଦ୍ରର ପରିଚାଳନାରେ ବେନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଏମାସ ଶେଷ ଠାରୁ ପାଞ୍ଚଦିନ ଚାଲିବ। ସମ୍ମିଳନୀର ଉଦ୍ଦେଶ୍ୟ ଏ ଦେଶର ବିଭିନ୍ନ ଭାଷାଗତ କୃଷ୍ଟି ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା। ସମ୍ମିଳନୀର ଆଲୋଚନା ପାଇଁ ରଖାଯିବା ବିଷୟମାନଙ୍କ ମଧ୍ୟରେ ଅଛି, "ଜୀବନର ମୌଳିକ ମୂଲ୍ୟ ସମ୍ବନ୍ଧରେ ପ୍ରାଚୀନ ଓ ଆଧୁନିକ ଲେଖକଙ୍କର ଦୃଷ୍ଟି", "ଭାରତର କୃଷ୍ଟିଗତ ଏକତା", "ସ୍ୱାଧୀନ ଭାରତରେ ଇଂରେଜୀ ଭାଷାର ସ୍ଥାନ", "ମୁକ୍ତ ଭାରତରେ ଲେଖକଙ୍କର ଅଧିକାର ଓ ଦାୟିତ୍ୱ","ସାହିତ୍ୟର ସମାଲୋଚନା" "ରଚନାତ୍ମକ ଲେଖା ଓ ମନର ସାମ୍ପ୍ରଦାୟିକତାର ସଙ୍କଟ" ଇତ୍ୟାଦ। ସମ୍ମିଳନୀ ସମସ୍ତଙ୍କର ସହଯୋଗ ଚାହିଁଛନ୍ତି। ଆଶାକରୁ, ଓଡ଼ିଶା [illegible] ସାହିତ୍ୟ-କଳା ଅନୁଷ୍ଠାନମାନଙ୍କରୁ [illegible] ପୂର୍ଣ୍ଣ ମାତ୍ରାରେ ମିଳିବ; ଓଡ଼ିଆ [illegible] ଉପଯୁକ୍ତ ପ୍ରତିନିଧି ସମ୍ମିଳନୀରେ [illegible]



Digitized by srujanika@gmail.com

## ଗ୍ରନ୍ଥାଲୋଚନା

# ସତୀ ପାର୍ବତୀ

ଲେଖକ:—ରାଜା ଜଗନ୍ନାଥ ଦେବ ବର୍ମ୍ମା ।
ମୁଦ୍ରାକର:—ଆଇ. ଏଲ୍. ପି. ପ୍ରେସ. ।

ମଧୁଲିପ୍ସୁ

ତରୁଣ ରାଜ କବିଙ୍କର ସୁଲଳିତ ବର୍ଣ୍ଣନା ଗୁଣରୁ ଏହି କାବ୍ୟଟି ମଧୁର ଓ ରୁଚି ସମ୍ପନ୍ନ ହୋଇ ଉଠିଛି । କାବ୍ୟଟିରୁ ଜଣାଯାଏ ପାର୍ବତୀ ଧରାକୋଟ ରାଜବଂଶର ରାଜକନ୍ୟା ପୁଣି ଚିକିଟି ସ୍ୱନାମ ଧନ୍ୟ ନରପତି ପଦ୍ମନାଭ ଦେବଙ୍କର ଚତୁର୍ଥୀ ରାଣୀ ଥିଲେ । ସେ ନିଜ ସପତ୍ନୀମାନଙ୍କର କୂଟଦୃଷ୍ଟି ଚକ୍ଷୁର ଅନ୍ତରାଳରେ ରହି ମଧ୍ୟ କିପରି ନିଜର ସତୀତ୍ୱର ପରାକାଷ୍ଠା ଜଗତ ଆଗରେ ଦେଖାଇ ଯାଇଛନ୍ତି— ଏହାହିଁ ହେଉଛି କାବ୍ୟ ବର୍ଣ୍ଣନାର ବିଷୟ ବସ୍ତୁ ।

ନବ ବିବାହିତା ପାର୍ବତୀ ନବ ବଧୂ ବେଶରେ ଯେତେବେଳେ ଚିକିଟି ଅନ୍ତଃପୁରରେ ପଦାର୍ପଣ କଲେ ପ୍ରଥମେ ସେ ବଡ଼ ସପତ୍ନୀ ତିନିଜଣଙ୍କ ଚରଣ ବନ୍ଦନା କରିବାକୁ ଯାଇ 'ଜନମ ଅଦର୍ ରହ' ବୋଲି ଆଶୀର୍ବଚନ ଶୁଣିଥିଲେ । ସେହି ଦିନୁ ତାଙ୍କର ମାନସାକାଶରେ ସନ୍ଦେହ, ବିଷାଦ ଓ ବିପଦରେ ସମ୍ମେଳିତ ଉଦ୍ଦବର ଦେହରେ ପ୍ରଳୟର ବିଦ୍ୟୁତ୍ ଚମକି ଉଠିଥିଲା । ଏହା ବର୍ଣ୍ଣନା କରିବାକୁ ଯାଇ କବି ଗାଇଛନ୍ତି—

"ମନେ କଲେ ନିଜ ମସ୍ତକେ ବିପଦ
ଖସିଲା କିବା ଜଳଦେ
ସୃଷ୍ଟିଇ ପ୍ରଳୟ ହୋଇ ଯିବ କିବା
ଏହି କ୍ଷଣି ଏକ ପଦେ"

ବାସ୍ତବିକ୍ ସତୀ ନାରୀର ହୃଦୟ ପତି-ବିରହ ଆଶଙ୍କା ସ୍ପର୍ଶରେ ମ୍ରିୟମାଣ ହୋଇଯାଏ । ଏପରି ଚତୁର୍ଥ ବିଧାନର ପରେ ଯେତେବେଳେ ତିନି ସପତ୍ନୀଙ୍କର କପଟ ବଳରେ ପାର୍ବତୀଙ୍କର ପାପଗର୍ଭ ବାର୍ତ୍ତା ପ୍ରଚାର ହେଲା ସେତେବେଳେ ସତୀଙ୍କର ଭାଗ୍ୟରେ ପତିମୁଖ ଦର୍ଶନ ସ୍ୱପ୍ନରେ ପରିଣତ ହେଲା । ସେହିଦିନୁ ସେ ପତିଙ୍କର ପାଦ ପଦ୍ମରେ ମତି ରଖି ଆଜୀବନ ଭଗବଦାରାଧନାରେ ଜୀବନ ଯାପନ କରିଥିଲେ ।

ତାମରେ ଉତ୍ତରାର୍ଦ୍ଧରେ ବର୍ଣ୍ଣିତ ଅଛି—

ଗୁଳିଗଲା କେତେ ବର୍ଷର ଏମନ୍ତ
ନଗଲା ପାର୍ବତୀ ଦୁଃଖ
ନିୟମାନୁଷ୍ଠାନ ତେଜି ନ ଲୋଡ଼ିଲେ
ଆଉ ସେ ସଂସାର ସୁଖ ।

ପ୍ରଥମ ପଦଟି ପଢ଼ି ପଢ଼ି ମନେ ହୁଏ—ଯେତେ-ବେଳେ ସେବା ପୂଜାରେ ପାର୍ବତୀଙ୍କର କେତେ ବର୍ଷ କଟିଗଲା—ତାଙ୍କର ପାପ ଗର୍ଭର ସତ୍ୟ କଥା ବା ନିର୍ଦ୍ଦୋଷିତା ଜଗତ ଜନେ ନ ଜାଣିଲେ କିପରି ? ମାତ୍ର ଦ୍ୱିତୀୟ ପଦରୁ ଜଣାଯାଏ ତେଣିକି "ପାର୍ବତୀ" ନିଜେହିଁ ସଂସାର-ସୁଖ ଆଶା କରୁ ନଥିଲେ ତେଣୁ ଭଗବଦାରାଧନାହିଁ ଶ୍ରେଷ୍ଠ ଭାବିଥିଲେ । ଏପରି ବର୍ଣ୍ଣନା ଅପ୍ରାସଙ୍ଗିକ ନ ହେଲେ ମଧ୍ୟ ସତୀଙ୍କୁ ପତି ପାଦୋଦକ ସେବାରେ ବା ପତି ସେବାରେ ଦିନ କଟାଇବା ଚିତ୍ର ଅଙ୍କନ କରି ଥିଲେ ନିୟମାନୁଷ୍ଠ ସତୀତ୍ୱର ପୂତ ପରାକାଷ୍ଠା ଅଧିକ ପ୍ରତିପାଦନ ହେବା ସଙ୍ଗେ ସଙ୍ଗେ କଳ୍ପନା ଜୀବି କବି ବର୍ଣ୍ଣନା ଅଧିକ ହୃଦୟ ଗ୍ରାହୀ ହୋଇପାରନ୍ତା କାରଣ ସଧବା ହିନ୍ଦୁ ନାରୀର ପତିହିଁ ଶ୍ରେଷ୍ଠ ଦେବତା । ତା'ପରେ ପାରଳା ଖେମଣ୍ଡି ଠାରେ ରାଜା ପଦ୍ମନାଭ ଦେବଙ୍କର ଯେତେବେଳେ ଆକସ୍ମିକ ମୃତ୍ୟୁ ଘଟିଲା—ସତୀ ପାର୍ବତୀ ପତି ସହଗମନ ଲାଳସାରେ [illegible] ନିଜେ ଘୋଡ଼ା ଯାନରେ ପାରଳା ଖେମଣ୍ଡି [illegible]ଥିଲେ । ସେତେବେଳେ ବଡ଼ ରାଣୀ ମାନଙ୍କଠାରୁ [illegible] ମାଗି ସତୀ କହିଥିଲେ:—

[illegible] ଚତୁର୍ଥୀ ସଖି ସୁଦଶା
[illegible] ଭୋଗିଲି ପତି
[illegible] ଭୋଗିବି ସେ ପୁରେ
[illegible] ବିବାଦ ମତି ।

[illegible] ସୂକ୍ଷ୍ମ ଦର୍ଶନ ତତ୍ତ୍ୱର ମୃଦୁ ସ୍ପର୍ଶ [illegible] ହୋଇଛି ।



Digitized by srujanika@gmail.com

ତରୁଣ ଯୁବ କବି ଏହିପରି ମାତୃମୂର୍ତ୍ତି କାବ୍ୟ କବିତା ରଚନା କରି ଏହି ଅଧଃପତିତ ସମାଜର ପୁନରୁଦ୍ଧାର ପ୍ରୟାସୀ ହେବେ ବୋଲି ଆଶା । ଅନ୍ୟାନ୍ୟ କବିଙ୍କର ଲେଖନୀ ମଧ୍ୟ ଏପରି ଐତିହାସିକ ତତ୍ତ୍ୱ ସଂଗ୍ରହ ଓ ସମାଜ ଗଠନରେ ଅନୁପ୍ରାଣିତ ହେବା ଭଲ । ବିବେକାନନ୍ଦଙ୍କର ଉକ୍ତି "Man making is my mission" ହିଁ (ମନୁଷ୍ୟ ଗଠନ ହିଁ ମୋର ଧର୍ମ) କବି କୁଳର ଆଦର୍ଶ ହେବା ମଙ୍ଗଳ ଜନକ ।

୨. "Orissa (The Cultural Oasis of India)"

ରଚୟିତା କୁମାର ବିଦ୍ୟାଧର ସିଂହଦେବ B. A., B. L., M. R. A. S.

ବରେଣ୍ୟ ଲେଖକ ମହାଶୟ ଓଡ଼ିଶାର ଜଣେ ନାମ୍‌ଜାଦା ଐତିହାସିକ । ସେ ପ୍ରାଚୀନ ଓଡ଼ିଶାର ଜୀବନ୍ତ ଗୌରବ ଓ ଆଧୁନିକ ବିକଳାଙ୍ଗ ଓଡ଼ିଶାର କରୁଣ କାହାଣୀର ଚିତ୍ର ସମ୍ୟକଭାବେ ଅଙ୍କନ କରି ଅଛନ୍ତି; ଏବଂ କିପରି ଓଡ଼ିଶା ତାର ପୂର୍ବ ଗୌରବର ପୁନରୁଦ୍ଧାର କରି ପାରିବ, ତହିଁର ସୂଚନା ବି ଦେଇଛନ୍ତି ।

"If Orissa is taken out of India, The Cultural greatness of India's Past would disappear."

Dr. K. P. Jaeyaswal

"Gad Konark Temple been accessible to Europeons as the Taj of Agra, the title of 'One of the wonders would have been given to it and not to Taj.

Prof, Cohuk.

ଲେଖକଙ୍କ ଉପରୋକ୍ତ ଉକ୍ତି ମାନଙ୍କର ଯଥାର୍ଥ ପ୍ରତିପାଦକ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତୀୟ ଜୀବନ ଯେ ଏକ ଶକ୍ତ ଭିତ୍ତି ଉପରେ ପ୍ରତିଷ୍ଠିତ ତାହା ଦର୍ଶାଇଛନ୍ତି, ପୁଣି, ବର୍ତ୍ତମାନ ଓଡ଼ିଶାର ବିକଳାଙ୍ଗ ଅବସ୍ଥା କିପରି ଭାରତର ସମୃଦ୍ଧ କୃଷ୍ଟି ଓ ସଭ୍ୟତା ଦୃଷ୍ଟିରୁ ବିଶେଷ କ୍ଷତି ଜନକ; ସୁତରାଂ ସମସ୍ତ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକୁ ଓଡ଼ିଶା ପ୍ରଦେଶ ସହ ଏକାଧାରରେ ସଂଯୋଗ କରିବାର ଏକାନ୍ତ ଆବଶ୍ୟକତା—ଏହି ବିଷୟ ପ୍ରମାଣ କରିବାକୁ ଯାଇ ସେ ଯେଉଁ ଯୁକ୍ତି କରିଛନ୍ତି ତାହା ଅକାଟ୍ୟ ମନେହୁଏ । ବିଶେଷତଃ ଭାରତ ଇତିହାସର ଏକ ଚିର ସ୍ମରଣୀୟ ସଙ୍କଟରେ ଏହି ବହିର ଅଭ୍ୟୁଦୟ ସମୟୋଚିତ ହୋଇଛି ।

୩ । "ବଡ଼ମ୍ବା ପ୍ରକୃତି" ଲେଖକ ଶ୍ରୀ ଶଶୀଭୂଷଣ ରାୟ, ମୂଲ୍ୟ ଗୁଟିଏ ଅଣା ।

ଉତ୍କଳର ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ଶ୍ରୀମାନ ଶଶୀବାବୁଙ୍କ ବର୍ଣ୍ଣନା ଶୈଳୀରେ ବଡ଼ମ୍ବା ପ୍ରକୃତିର ଶୋଭାକୁ ଚମତ୍କାର ଭାବେ ପରିସ୍ଫୁଟ କରିଛନ୍ତି । ବହିର କଲେବର କ୍ଷୁଦ୍ର ହେଲେହେଁ ଏଥିରେ ପାଠକର ଉପଭୋଗ୍ୟ ସୁଷମା ସମ୍ଭାର ଯଥେଷ୍ଟ ରହିଛି ।

୪ । "ଶତାବ୍ଦୀ" ସମ୍ପାଦକ—ଶ୍ରୀ ଶଶୀଭୂଷଣ ପଟ୍ଟନାୟକ, ମାସିକ ପତ୍ରିକା—ବାର୍ଷିକ ମୂଲ୍ୟ ଟ ୨ ଙ୍କା ।

ଏ ମଧ୍ୟରେ ଆମେ 'ଶତାବ୍ଦୀର' ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ପାଠ କରି ପ୍ରୀତ ହୋଇଛୁ । ରଚନା ଗୁଡ଼ିକ ସମୟୋପଯୋଗୀ ଓ ଅନେକାଂଶ ଉଚ୍ଚ କୋଟୀର, ଏହି ବିପ୍ଳବାତ୍ମକ ଯୁଗରେ ଯୁବକବି ମହାଶୟଙ୍କ ସମ୍ପାଦନାରେ 'ଶତାବ୍ଦୀ'ର ଶୁଭ ଅଭ୍ୟୁଦୟ ହୋଇଛି ବୋଲି-ବାକୁ ହେବ । 'ଶତାବ୍ଦୀ' ଦୀର୍ଘ ଜୀବନ ଲାଭ କରି ଉତ୍କଳର ପୁରପଲ୍ଲୀରେ ମୁଖରିତ ହେଉ, ଏହାହିଁ ଆମର 'ଶତାବ୍ଦୀ'କୁ ସ୍ୱାଗତ ବାଣୀ ।



Digitized by srujanika@gmail.com

# ନିୟମାବଳୀ

୧. 'ବୀଣା' ପ୍ରତ୍ୟେକ ଓଡ଼ିଆ ଶୁଦ୍ଧ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ । ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପନ୍ଦର ତାରିଖରେ ପଠାଉ ଥିବେ ।

୨. ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖିଥିବା ଉଚିତ । ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ ।

୩. ଲେଖକ ଡାକଟିକଟ ଯୋଗାଇ ଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ।

ସମ୍ପାଦକ, 'ବୀଣା'
ଟିକଲି, (ବିଶାଖାପାଟଣା ଜିଲ୍ଲା)

---

# ବିଜ୍ଞାପନ

୧. 'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୲, ଏହା ଅଗ୍ରୀମ ଦେୟ । ଗ୍ରାହକଙ୍କ ଇଚ୍ଛାନୁମତେ ଭି. ପି. ରେ ମଧ୍ୟ ପଠାଯିବ ।

୨. ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦।୵

୩. 'ବୀଣା' ସମ୍ପର୍କରେ ଯେ କୌଣସି କଥା ପତ୍ରଦ୍ୱାରା ଜାଣିବାକୁ ହେଲେ ଗ୍ରାହକମାନେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ ।

୪. କିଛି କାଳ ପାଇଁ ଗ୍ରାହକ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ ।

୫. ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ର ଆଦାନ ପ୍ରଦାନ ରଖିବେ ।

୬. କୌଣସି କାରଣ ବଶତଃ 'ବୀଣା' ପାଇବାର ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ ।

୭. ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ ।

ପରିଚାଳକ, 'ବୀଣା'
ଟିକଲି (ବିଶାଖାପାଟଣା ଜିଲ୍ଲା)

---

ମୁଦ୍ରାକର :—ଶ୍ରୀ ନରସିଂହ ମିଶ୍ର,
'ଭାସ୍ୱ ପ୍ରେସ' ବାଖରାବାଦ, କଟକ

ପ୍ରକାଶକ ଓ ସମ୍ପାଦକ:—ଶ୍ରୀ ମଧୁସୂଦନ ଦେବ,
ବି. ଏ.

Digitized by srujanika@gmail.com

# ବିଜ୍ଞପ୍ତି

'ବୀଣା' ପାଇଁ ଏଜେଣ୍ଟ ଦରକାର । ଯେଉଁ ଏଜେଣ୍ଟମାନେ ଅନ୍ୟୁନ ପଞ୍ଚାବନ ନୂତନ ଗ୍ରାହକ ସଂଗ୍ରହ କରିବେ ସେମାନଙ୍କୁ ଶତକରା ପଚିଶ ଟଙ୍କା କମିସନ ଦିଆଯିବ । ଅଧିକ ସଂଖ୍ୟକ ଗ୍ରାହକ ସଂଗ୍ରାହକମାନଙ୍କ ପକ୍ଷେ ଶତକରା ତିରିଶ ମଧ୍ୟ ଦିଆଯିବ । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାରେ ଲେଖନ୍ତୁ ।

ପରିଚାଳକ, 'ବୀଣା'
ଟିକଲି (ବିଶାଖାପାଟଣା ଜିଲ୍ଲା)

---

ଗଳ୍ପ ଶିଳ୍ପୀ ଶ୍ରୀ ନରସିଂହ ଦେଓଙ୍କ

## ବଞ୍ଚିବା କିଣ ମରିବା

**ନୂତନ ଗଳ୍ପଗୁଚ୍ଛ**

ପ୍ରେମର ନୀଳ-ଲହରୀ—ଅଶ୍ରୁର ଉତ୍ସ-ଝରଣା ।
ପଢ଼ିବା ଆରମ୍ଭ କଲେ ଏକା ନିଃଶ୍ୱାସରେ ଶେଷ ନକଲେ
ରକ୍ଷା ହେବ ନାହିଁ ।
ଅପେକ୍ଷା କରନ୍ତୁ—ଶୀଘ୍ର ପ୍ରକାଶ ପାଉଛି ।

**ପ୍ରକାଶ ପାଇଛି**

**ରାଜା ଜଗନ୍ନାଥ ଦେବ ବର୍ମା**
ଡି. ଏସ୍. ସି., ଏଫ୍. ଆର୍. ଏ. ଏସ୍. (ଲଣ୍ଡନ) ଙ୍କ

## ସତୀ ପାର୍ବତୀ

ଐତିହାସିକ ଖଣ୍ଡ କାବ୍ୟ । ପ୍ରାଣଭରା ପ୍ରଣୟର କମନୀୟ ଚିତ୍ର ।
ମନସ୍ତତ୍ତ୍ୱର ସୂକ୍ଷ୍ମ ବିଶ୍ଳେଷଣ ।



Digitized by srujanika@gmail.com



ପ୍ରଥମ ବର୍ଷ

ସପ୍ତମ ସଂଖ୍ୟା

## ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା

ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ, ବି. ଏ.

Digitized by srujanika@gmail.com

# ସୂଚୀ


| ନଂ ନ: | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧ | ମୁକ୍ତି ପୂଜା (କବିତା) | ଶ୍ରୀ ମଧୁସୂଦନ ଦେବ, ବି. ଏ. | ୨୪୭ |
| ୨ | ଦୁର୍ଗା ପୂଜା (ପ୍ରବନ୍ଧ) | ଶ୍ରୀ ରତ୍ନାକର ପତି, ଏମ୍. ଏ. | ୨୦୭ |
| ୩ | ସ୍ୱାମୀ ସ୍ୱମାନନ୍ଦ (କବିତା) | ଶ୍ରୀ କୁଞ୍ଜବିହାରୀ ଦାଶ, ଏମ୍. ଏ. | ୨୫୨ |
| ୪ | ରକ୍ତ କଳଙ୍କ (ଗଳ୍ପ) | ଅଧ୍ୟାପକ ଶ୍ରୀ ବ୍ରଜକିଶୋର ରାୟ, ଏମ୍. ଏ. | ୨୫୩ |
| ୫ | ସାହିତ୍ୟରେ ମଧୁସୂଦନଙ୍କ ସ୍ଥାନର ମୂଲ୍ୟ (ଆଲୋଚନା | ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାସ, ଏମ୍. ଏ. | ୨୫୭ |
| ୬ | ଉପାୟନ (ଗଳ୍ପ) | ଅଧ୍ୟାପକ ଶ୍ରୀ ସିଦ୍ଧେଶ୍ୱର ହୋତା, | ୨୬୦ |
| ୭ | ଜୀବନର ଅର୍ଦ୍ଧପଥେ (କବିତା) | ଶ୍ରୀ ନବକିଶୋର ଦାସ, ବି. ଏ., ବି. ଏଲ୍. | ୨୬୩ |
| ୮ | ନାଗ ପୂଜା (ପ୍ରବନ୍ଧ) | ପଣ୍ଡିତ ଶ୍ରୀ ଗୋପୀନାଥ ବିଦ୍ୟାଭୂଷଣ | ୨୬୪ |
| ୯ | ନିତ୍ୟ ଦର୍ଶନ (ପ୍ରବନ୍ଧ) | ଶ୍ରୀ ଶଶିଭୂଷଣ ରାୟ | ୨୬୫ |
| ୧୦ | ଶେଷ ନମସ୍କାର (କବିତା) | ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା | ୨୭୦ |
| ୧୧ | ଭାରତର ଜାତୀୟ ସମସ୍ୟା (ପ୍ରବନ୍ଧ) | ଶ୍ରୀ ସଦାନନ୍ଦ ରଥ, ବି. ଏ. ( ଅନର୍ସ ) | ୨୭୦ |
| ୧୨ | ଅପର୍ଣ୍ଣ ପ୍ରାସାଦ (ଗଳ୍ପ) | ଶ୍ରୀ ନାରାୟଣ ମାସମଲ, ବି. ଏଲ. | ୨୭୫ |
| ୧୩ | ବହୁନ୍ଲାଞ୍ଚଳରେ ଓଡ଼ିଆ ଭାଷା (କବିତା) | ଶ୍ରୀ ସୂର୍ଯ୍ୟଂଶୁଶେଖର ରାୟ | ୨୭୮ |
| ୧୪ | ଗାନ୍ଧି ଯୁଗର ଶିକ୍ଷା (ପ୍ରବନ୍ଧ) | ଡକ୍ଟର ଶ୍ରୀ ରାଧାଚରଣ ପଣ୍ଡା, ଏମ୍. ଏସ୍. ସି. | ୨୭୯ |
| ୧୫ | ଗାନ୍ଧାରୀ ଏକାଦଶୀ (ପ୍ରବନ୍ଧ) | ମହାରାଜ ଶ୍ରୀ ବିକ୍ରମଦେବ ବର୍ମା | ୨୮୨ |
| ୧୬ | ହେର୍ ପଞ୍ଚମୀ (ପ୍ରବନ୍ଧ) | " " | ୨୮୨ |
| ୧୭ | ଜଳେ ରକ୍ଷାଦାନଂ (ପ୍ରବନ୍ଧ) | " " | ୨୮୩ |
| ୧୮ | କ୍ଳିନ୍ନ ମହାନ (କବିତା) | ଶ୍ରୀ ଜଗନ୍ନାଥ ଦେବ ବର୍ମା, ଉ. ଏସ୍. ସି. | ୨୮୪ |
| ୧୯ | ସେଇ ଓଡ଼ିଆ ଲୋକ (ଗଳ୍ପ) | ଶ୍ରୀ ଚକ୍ରଧର ମହାପାତ୍ର | ୨୮୫ |
| ୨୦ | ନ୍ୟାୟଦର୍ଶନର ଉପଯୋଗୀତ (ପ୍ରବନ୍ଧ) | ଅଧ୍ୟାପକ ଶ୍ରୀ ରଘୁନାଥ ରଥ | ୨୮୮ |
| ୨୧ | ମାଙ୍କ ଡାକର (କବିତା) | ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ବି. ଏ. ( ଅନର୍ସ ) | ୨୯୦ |
| ୨୨ | ଯାହା ହେବାର ଥିଲା (ଗଳ୍ପ) | ଶ୍ରୀ ଲକ୍ଷ୍ମୀଧର ମହାନ୍ତି | ୨୯୧ |
| ୨୩ | ସମ୍ପାଦକୀୟ ... | ... | ୨୯୪ |
| ୨୪ | ଲୁପ୍ତରେ ପରିଚୟ ... | ... | ୩୦୪ |

# ଆଶୟ

'ବୀଣା' ବାହାର ନିଜ ବୀଣାଜଣା ବାଣୀ ପ୍ରକାଶି ମୋ ମାନସ ରଞ୍ଜନ କରଅନ୍ତୁ । ତାହାର କେତୋଟି ଭଲ ଏବଂ ଉଇଣୀ ଅସଂସ୍କୃତ ବଚନ ଏବଂ ଅର୍ଥଦର୍ଶ କଥନଯୁକ୍ତ ହୋଇ ଉତ୍କଳ ସରସ୍ୱତୀକି ଗୋଦବା କରୁ ଅଛନ୍ତି । ଭରସା ହୁଏ 'ବୀଣା' ତାହାଙ୍କ ପର କୋହ୍ନୁ ଉତ୍କଳ-ବାଣୀକି ଅଲଙ୍କୃତା କରିବ । ଇତି ।

ଶ୍ରୀ ବିକ୍ରମଦେବ ବର୍ମା,
ମହାରାଜା, ଜୟପୁର

Digitized by srujanika@gmail.com




ଓଁ ଯସ୍ତେ ସ୍ତନଃ ସୁନ୍ନୟୋ ଯୋ ମୟୋଭୂ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ ।

ଆଶ୍ୱିନ ୧୩୪୫

ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତୀ ତମିହ ଧାତବେ କଃ ॥

# ମୁକ୍ତି ପୂଜା

( ଶ୍ରୀ ମଧୁସୂଦନ ଦେବ ବି. ଏ., ଏମ୍. ଆର୍., ଏ. ଏସ୍. )

ଅସୀମ ଆହ୍ୱାନ ତଳେ
ସସୀମ ଶତ ଅଭିଳାଷ
ନିଶାର ଅନ୍ତର ତାରେ
ବୀଣାର ମଧୁର ବିଳାସ ।

ଶିଶିର ଶରଦ ଜ୍ୟୋତ୍ସ୍ନା
ପ୍ରାଣରେ ନବ ସ୍ୱପନ ମାନ
ଶ୍ୟାମାର ଚରଣ ତଳେ
ପୂଜାର ଶେଷ ଅବଧାନ ।

# ଦୁର୍ଗା ପୂଜା

( ଅଧ୍ୟାପକ ଶ୍ରୀ ରତ୍ନାକର ପତି, ଏମ୍. ଏ. )

ଅନେକ ସମୟରେ ମାନବ ଐହିକ ଜୀବନରେ ନାନା ଦୁଃଖ ଦୁର୍ବିପାକରେ ପଡ଼ିଥାଏ । ଏଗୁଡ଼ିକୁ ହିନ୍ଦୁ ଶାସ୍ତ୍ର ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏହି ତିନି ଶ୍ରେଣୀରେ ବିଭକ୍ତ କରି ତ୍ରିତାପ ନାମରେ ନାମିତ କରିଅଛନ୍ତି । ଏହି ତାପତ୍ରୟର ପ୍ରଭାବରୁ ମୁକ୍ତି ଲାଭ କରି ପରମ ସୁଖଶାନ୍ତି ଉପଭୋଗ କରିବା ନିମିତ୍ତ ମାନବ ବ୍ୟାକୁଳ । କି କି ଉପାୟରେ ସେ ତ୍ରିତାପର କବଳରୁ ମୁକ୍ତ ହେବ, ତାହାର ଅନୁସନ୍ଧାନରେ ସେ ଲାଗିପଡ଼େ । ହିନ୍ଦୁ ଶାସ୍ତ୍ରକାରଗଣଙ୍କ ମତରେ ଐଶୀଶକ୍ତିର ଆରାଧନା ଏଥିନିମିତ୍ତ ଏକ ବିଶିଷ୍ଟ ପନ୍ଥା । ଗୂଢ଼ଭାବରେ ବିଚାର କଲେ ଜଣାଯାଏ, ହିନ୍ଦୁ ଶକ୍ତିର ଉପାସକ । ଏହି ଶକ୍ତି କେତେବେଳେ ଦେଶକାଳାତୀତ ଅନନ୍ତ ଅଖଣ୍ଡ ସଚ୍ଚିଦାନନ୍ଦ ନାମରେ କେତେବେଳେ ମାୟୋପହିତ ବ୍ରହ୍ମ ବା ଈଶ୍ୱର ନାମରେ, କେତେବେଳେ ବ୍ରହ୍ମା, ବିଷ୍ଣୁ, ମହେଶ, ଅଗ୍ନି, ବାୟୁ, ସୂର୍ଯ୍ୟ, ଇନ୍ଦ୍ର, ବରୁଣ, ଗଣେଶ ପ୍ରଭୃତି ଦେବରୂପରେ, କେତେବେଳେ ପୁଣି ଲକ୍ଷ୍ମୀ, ସରସ୍ୱତୀ, ଭଗବତୀ, ଚଣ୍ଡୀ, କାଳିକା, ମହାକାଳୀ, ଦୁର୍ଗା, ପାର୍ବତୀ ପ୍ରଭୃତି ଦେବୀ ରୂପରେ ହିନ୍ଦୁର ଆରାଧନାର ବସ୍ତୁ ହୋଇଅଛି । ଅବଶ୍ୟ ହିନ୍ଦୁ ଧର୍ମରେ ଗୋଟିଏ

Digitized by srujanika@gmail.com

ହୋଇଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ, ଦେବ୍ୟୁପନିଷଦ୍ ଓ ବହ୍ୱୃଚୋପନିଷଦର ନିମ୍ନଲିଖିତ ଶ୍ଳୋକ ଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯାଉ—

'ସାବ୍ରବୀତ୍ ଅହଂ ବ୍ରହ୍ମସ୍ୱରୂପିଣୀ । ମତ୍ତଃ ପ୍ରକୃତି ପୁରୁଷାତ୍ମକଂ ଜଗତ୍ ଶୂନ୍ୟାଶୂନ୍ୟଂ ଚ'—

(ଦେବ୍ୟୁପନିଷଦ୍)

'ଦେବୀହ୍ୟେକାଗ୍ର ଆସୀତ୍ । ସୈବ ଜଗଦଣ୍ଡମସୃଜତ୍ । ......ସୈଷା ପରାଶକ୍ତିଃ ।' (ବହ୍ୱୃଚୋପନିଷଦ୍)

ବର୍ତ୍ତମାନ ପ୍ରଶ୍ନ ଉଠିପାରେ—ଦୁର୍ଗା ଯଦି ସ୍ୱୟଂ ପରବ୍ରହ୍ମ, ଓ ତେଣୁ ନିର୍ଗୁଣ ଓ ନିରାକାର, ହିନ୍ଦୁଧର୍ମରେ ତାଙ୍କର ସାକାର—ଆରାଧନା ସମ୍ଭବ ହେଲା କିପରି ? ନିରାକାର ନିର୍ଗୁଣ ପରବ୍ରହ୍ମ କିପରି ଚତୁର୍ଭୁଜା, ଦଶଭୁଜା, ସହସ୍ରଭୁଜା ଦେବୀ ପ୍ରତିମାର ଆକାର ଧାରଣ କରି ଲୋକଙ୍କରେ ପୂଜା ପାଇପାରନ୍ତି ? ସର୍ବାନ୍ତର୍ଯାମିନୀ 'ଅଖିଳାତ୍ମିକା' ଶକ୍ତି କିପରି ଦେଶକାଳ ପାତ୍ରାବଚ୍ଛିନ୍ନ ସାନ୍ତ ରୂପରେ ପୃଥିବୀରେ ଆବିର୍ଭୂତ ହୋଇପାରନ୍ତି ? ବିଗ୍ରହ ବା ମୂର୍ତ୍ତି ଧାରଣ କରିବା ଦ୍ୱାରା ଅନନ୍ତ ଆଦ୍ୟାଶକ୍ତି ସିଂହବାହିନୀ ଦୁର୍ଗା ପ୍ରତିମାରେ ପର୍ଯ୍ୟବସିତ ହୋଇପଡ଼ିଲେ କିପରି ? ଏହିସବୁ ପ୍ରଶ୍ନର ଉତ୍ତର ହିନ୍ଦୁଶାସ୍ତ୍ରରୁ ସଂଗ୍ରହ କରାଯାଇପାରେ । ଦୁର୍ଗାସପ୍ତଶତୀରେ (୧) ଦେବୀ ସ୍ୱୟଂ ନିରାକାର ହେଲେହେଁ ସାକାରତ୍ୱ ଗ୍ରହଣ କରି ପୃଥିବୀରେ ଆବିର୍ଭୂତ ହୋଇ ପାରନ୍ତି ବୋଲି କଥିତଅଛି । ଯେପରି ଭଗବଦ୍‌ଗୀତାରେ ଲିଖିତ ଅଛି ଯେ ଭଗବାନ ସ୍ୱୟଂ ଦୁଷ୍କୃତମାନଙ୍କର ବିନାଶ, ସାଧୁମାନଙ୍କର ପରିତ୍ରାଣ ଓ ଧର୍ମସଂସ୍ଥାପନ ନିମିତ୍ତ ମୂର୍ତ୍ତି ଧାରଣ କରି ପୃଥିବୀରେ ଆବିର୍ଭୂତ ହୁଅନ୍ତି, ସେହିପରି ଏହି ବ୍ରହ୍ମମୟୀ ଆଦ୍ୟାଶକ୍ତି ଦୁର୍ଗା ଦେବତାମାନଙ୍କୁ ଅସୁରମାନଙ୍କର ଦୌରାତ୍ମ୍ୟରୁ ରକ୍ଷାକରିବା ନିମିତ୍ତ ଓ ଉପାସକମାନଙ୍କର ଦୁଃଖ ଦୁର୍ଗତି ଦୂର କରିବା ପାଇଁ ସଗୁଣ ବିଗ୍ରହ ଧାରଣ ପୂର୍ବକ ଜଗତରେ ଅବତୀର୍ଣ୍ଣ ହୁଅନ୍ତି । ଚଣ୍ଡୀଗ୍ରନ୍ଥରେ ମଧୁକୈଟଭ ମହିଷାସୁର, ଶୁମ୍ଭ, ନିଶୁମ୍ଭ, ଓ ଧୂମ୍ରଲୋଚନ ପ୍ରଭୃତି ମହାସୁରମାନଙ୍କର ବିନାଶ ଉଦ୍ଦେଶ୍ୟରେ ଏହି ମହାମାୟା ଦେବୀ କିପରି ସମସ୍ତ ଶକ୍ତିର ଶକ୍ତିମତୀ ହୋଇ ଜଗତରେ ଆବିର୍ଭୂତ ହୋଇଥିଲେ, ତାହାର ବର୍ଣ୍ଣନା ନିମ୍ନଲିଖିତ ଶ୍ଳୋକ ଗୁଡ଼ିକରେ ଦେଖିବାକୁ ମିଳେ । ମେଧା ଋଷି ମହାମାୟାଙ୍କର ସ୍ୱରୂପ ସମ୍ବନ୍ଧରେ ରାଜା ସୁରଥଙ୍କୁ କହୁଅଛନ୍ତି—

'ନିତ୍ୟୈବ ସା ଜଗନ୍ମୂର୍ତ୍ତିସ୍ତୟା ସର୍ବମିଦଂ ତତଂ ।
ତଥାପି ତତ୍ସମୁତ୍ପତ୍ତିର୍ବହୁଧା ଶ୍ରୂୟତାଂ ମମ ॥
ଦେବାନାଂ କାର୍ଯ୍ୟସିଦ୍ଧ୍ୟର୍ଥ ଆବିର୍ଭବତି ସା ଯଦା ।
ଉତ୍ପନ୍ନେତି ତଦାଲୋକେ ସାନିତ୍ୟାପ୍ୟଭିଧୀୟତେ ॥

ତାମଲ ମତରେ ମହାମାୟାଙ୍କର ନିର୍ଗୁଣ ଓ ସଗୁଣ ଦୁଇଟି ବିଭାବ ଅଛି । ନିରୁତ୍ତର ତନ୍ତ୍ରରେ ମଧ୍ୟ ମହାମାୟାଙ୍କର ଏହି ଦୁଇଟି ବିଭାବର ଉଲ୍ଲେଖ ଅଛି । ସୁତରାଂ ଏହି ଆଦ୍ୟାଶକ୍ତି ନିର୍ଗୁଣ ହେଲେହେଁ ସଗୁଣ—ନିରାକାର ହେଲେହେଁ ସାକାର । ଜଗତ୍ ପ୍ରପଞ୍ଚର ରକ୍ଷା ନିମିତ୍ତ ଏହି ନିର୍ଗୁଣା ଶକ୍ତି ଗୁଣାନ୍ୱିତା ହୋଇ ଅବତୀର୍ଣ୍ଣ ହୁଅନ୍ତି ହିନ୍ଦୁମତରେ ଉପାସନା ଦ୍ୱିବିଧ—ସାକାର ଓ ନିରାକାର । ଅଜ୍ଞାନ-ବିଜଡ଼ିତ ସାଧାରଣ ମାନବ ଇନ୍ଦ୍ରିୟାତୀତ ବିରାଟ ଆଦ୍ୟାଶକ୍ତିର ସୂକ୍ଷ୍ମ ସତ୍ତା ଉପଲବ୍ଧି କରିବାକୁ ଅକ୍ଷମ । ତେଣୁ ଏହି ଶକ୍ତିରେ ଗୁଣକର୍ମଭେଦରେ ରୂପରେଖାର ଆରୋପ କରି ସକଳ ଦୁଃଖ ଦୁର୍ଦ୍ଦଶା ଦୂର କରିବା ନିମିତ୍ତ ହିନ୍ଦୁ ତାହାର ସମ୍ମୁଖରେ ପୂଜାସମ୍ଭାର ବାଢ଼ି ବସେ । ଏହାହିଁ ସାକାରୋପାସନା । ମାତ୍ର ଯେଉଁମାନେ ଜ୍ଞାନ ଓ ସାଧନାର ବଳରେ ଅତୀନ୍ଦ୍ରିୟ ଭୂମା ଏହି ଆଦ୍ୟାଶକ୍ତିର ସତ୍ତା ଓ ପ୍ରକାଶ ଉପଲବ୍ଧି କରି ପାରିଅଛନ୍ତି, ସେମାନଙ୍କ ପକ୍ଷରେ ଏହି ଶକ୍ତିର ଦେଶକାଳ ପାତ୍ରାବଚ୍ଛିନ୍ନ ମୃଣ୍ମୟ ବା ଅନ୍ୟ କୌଣସି ଦ୍ରବ୍ୟରେ ନିର୍ମିତ ମୂର୍ତ୍ତି ବା ପ୍ରତିମାର ଆବଶ୍ୟକତା ନାହିଁ । କେବଳ ଧ୍ୟାନ ଧାରଣାରେହିଁ ଏହି ଶକ୍ତିର ପୂଜା ସମ୍ଭବ ହୋଇପାରେ । ସେଇଥିପାଇଁ ହିନ୍ଦୁଧର୍ମରେ 'ପରାପୂଜା'ର ସ୍ଥାନ ମଧ୍ୟ ରହିଅଛି । ଏହି ପ୍ରକାରର ପୂଜାହିଁ ନିରାକାରୋପାସନା । ଏହି କାରଣରୁ ଦୁର୍ଗାଦେବୀଙ୍କର ସାକାରୋପାସନା ହିନ୍ଦୁସାଧାରଣଙ୍କ

(୧) ଚଣ୍ଡୀର ଅନ୍ୟନାମ ।



Digitized by srujanika@gmail.com

ମଧ୍ୟରେ ପ୍ରଚଳିତ ରହିଅଛି । ହିନ୍ଦୁର ଏହି ପ୍ରକାର ଆରାଧନା ପ୍ରତି ଲକ୍ଷ୍ୟ ରଖି ଅନେକେ ଭାବିପାରନ୍ତି, ହିନ୍ଦୁଧର୍ମ ବହୁଦେବବାଦମୂଳକ ତଥା ପୌତ୍ତଳିକତା-ଦୋଷରେ ଦୂଷିତ । ମାତ୍ର ହିନ୍ଦୁର ସ୍ୱମତରେ ଏହି ସାକାରପୂଜା ବହୁ ଦେବବାଦ ବା ପୌତ୍ତଳିକତା ଉପରେ ପ୍ରତିଷ୍ଠିତ ନୁହେ । ଆଗରୁ କୁହାଯାଇଅଛି ଯେ, ହିନ୍ଦୁ-ପୂଜିତ ବିଭିନ୍ନ ଦେବଦେବୀ କେବଳ ଏକ ନିର୍ଗୁଣ ଅନନ୍ତ ଆଦ୍ୟ-ଶକ୍ତିର ବିଭିନ୍ନ ସଗୁଣ ସାନ୍ତ ପ୍ରକାଶ ମାତ୍ର । ଏବଂ ଗୁଣକର୍ମ ଭେଦରେ ଭିନ୍ନ ଭିନ୍ନ ନାମରେ କୀର୍ତ୍ତିତ-ଏକ ମୂଳ ଶକ୍ତିର ବିଭିନ୍ନ ବିଭାବ ମାତ୍ର । ଯେପରି ଏକ ପର୍ବତ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ବିଭିନ୍ନ ଭାବରେ ପ୍ରତୀୟମାନ ହୁଏ, ସେହିପରି ବିଶ୍ୱର ବିଭିନ୍ନ ବିଭାଗରେ ପ୍ରକାଶିତ ଏହି ଆଦ୍ୟ-ଶକ୍ତି ଲୋକର ଧାରଣା ଓ କଳ୍ପନାର ବିକାଶର ପରିମାଣଭେଦରେ ବିଭିନ୍ନଭାବରେ ପରିଦୃଷ୍ଟ ହୁଏ । ସେଥିପାଇଁ ବେଦରେ ଉକ୍ତ ଅଛି—

'ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି'

ସୁତରାଂ ଦେବଦେବୀଙ୍କୁ ପୂଜା କଲାବେଳେ ହିନ୍ଦୁ ସେହି ଅଦ୍ୱିତୀୟ ବ୍ରହ୍ମସ୍ୱରୂପା ଆଦ୍ୟାଶକ୍ତିର ବିଭିନ୍ନ ବିଭାବକୁହିଁ ପୂଜା କରିଥାଏ । ବହୁଦେବ—ବାଦରେ ପ୍ରତ୍ୟେକ ଦେବତା ଅନ୍ୟାନ୍ୟମାନଙ୍କଠାରୁ ସ୍ୱତନ୍ତ୍ର । ସୁତରାଂ ବିଭିନ୍ନ ଦେବଦେବୀଙ୍କ ମଧ୍ୟରେ କୌଣସି ଐକ୍ୟ ନଥାଏ । ମାତ୍ର ହିନ୍ଦୁ ଅନେକରେ ଏକର ପୂଜାକରେ—ଅନେକଙ୍କୁ ଏକର ବିଭିନ୍ନ ବିଭାବ ବୋଲି ବିଶ୍ୱାସ କରେ । ବହୁଦେବବାଦରେ କେବଳ ଅନେକରହିଁ ପୂଜା ହୋଇଥାଏ—ଏହି ଅନେକର କୌଣସି ଏକତ୍ୱ ନଥାଏ । ତେଣୁ ହିନ୍ଦୁ ତାହାର ଧର୍ମକୁ ବହୁ ଦେବବାଦ-ଦୋଷରେ ଦୂଷିତ ବୋଲି ମନେକରେ ନାହିଁ । ଏହାହିଁ ହିନ୍ଦୁର ଋଗ୍‌ବେଦୋକ୍ତ ବିଶ୍ୱ ଦେବବାଦ । ଜଣେ ବିଶିଷ୍ଟ ବେଦଜ୍ଞଙ୍କ ମତରେ ହିନ୍ଦୁର ଦେବତା ଅସଂଖ୍ୟ, ଅଥଚ ମିଳିତ । ଋଗ୍‌ବେଦ ପ୍ରଧାନତଃ ଏହି ଦେବତାମାନଙ୍କର ସମବେତ ମହତୀ ଐଶୀ ଶକ୍ତିକୁହିଁ ପୂଜାକରେ । କାରଣ ଋଗ୍‌ବେଦୀୟ ଋଷିମାନଙ୍କର ବିବେଚନାରେ ପ୍ରକୃତରେ ଦେବତାମାନଙ୍କର ସଂଖ୍ୟା କରାଯାଇ ନ ପାରିଲେ ସୁଦ୍ଧା, ଯେଉଁସବୁ ଦେବତାଙ୍କର ନାମ ଶୁଣାଯାଏ, ସେମାନେ ଈଶ୍ୱରର ତାରତମ୍ୟ ବା ବୈଶିଷ୍ଟ୍ୟ ବିଶେଷତଃ ଏହି ଐଶୀ ଶକ୍ତିର ବିଭିନ୍ନ ନାମରେ ଉକ୍ତ ବିଭାବ ମାତ୍ର । ଏହି ମିଳିତ ଦେବଶକ୍ତିର ନାମାନ୍ତର ବ୍ରହ୍ମ, ଏବଂ ସମସ୍ତ ବେଦ ଏହି ବ୍ରହ୍ମର ମହିମା ପ୍ରକାଶ କରେ । ସେଥିପାଇଁ ବେଦ ପ୍ରକାଶିକାମତରେ ଋଗ୍‌ବେଦର ନାମ ବିଶ୍ୱ ଦେବବାଦ, ଅର୍ଥାତ୍ ଅସଂଖ୍ୟ ଦେବତାର ସମବେତ ଐଶୀଶକ୍ତିର ନାମ ବିଶ୍ୱଦେବ ବା ବ୍ରହ୍ମ, ଏବଂ ଅଗ୍ନି, ବିଷ୍ଣୁ ପ୍ରଭୃତି ଉପାସ୍ୟଦେବତା ଏହି ମହାଶକ୍ତିର ନାମାନ୍ତର ମାତ୍ର ।

ସେହିପରି ହିନ୍ଦୁ ତାହାର ଧର୍ମକୁ ପୌତ୍ତଳିକତା ଦୁଷ୍ଟ ବୋଲି ମନେ କରେ ନାହିଁ । ହିନ୍ଦୁ ଧର୍ମ ବେଦରେ ମୂଳ ଶକ୍ତିର ଯେଉଁ ଯେଉଁ ବିଭାବ ସେ ଉପଲବ୍ଧି କରିଥାଏ, ତାହାକୁ ଜନସାଧାରଣଙ୍କର ଉପଲବ୍ଧି ନିମିତ୍ତ ବାସ୍ତବ ରୂପ ଦେବାକୁ ଚେଷ୍ଟା-କରେ, ଏବଂ ଏହାରି ଫଳରେ ପ୍ରତିମାପୂଜାର ଉତ୍ପତ୍ତି ଘଟିଅଛି । ହିନ୍ଦୁ ପ୍ରକୃତରେ ପ୍ରତିମାଟିକୁ ଦେବତା ବୋଲି ଗ୍ରହଣ କରେ ନାହିଁ । ପ୍ରତିରେ ସେହି ନିତ୍ୟା ନିର୍ଗୁଣା ଆଦ୍ୟାଶକ୍ତିକୁ ଆରୋପ କରି ପୂଜା ବନ୍ଦନା କରିବସେ—ପ୍ରତିମାଟିରେ ଆରୋପିତ ଶକ୍ତିରହିଁ ପୂଜା କରେ । ସୁତରାଂ ପ୍ରତିମାପୂଜା ହିନ୍ଦୁଧର୍ମର ବିକାଶରେ ଗୋଟିଏ ସୋପାନ ମାତ୍ର । ମାନସିକ ବିକାଶର ବୃଦ୍ଧି ସଙ୍ଗେ ସଙ୍ଗେ ହିନ୍ଦୁ ଏହି ସୋପାନକୁ ଅତିକ୍ରମ କରି କ୍ରମେ ଉନ୍ନତତର ସୋପାନକୁ ଗତିକରେ । କେବଳ ଯାହା ତାହା କରି ପ୍ରତିମାଟିଏ ଗଢ଼ି ଦେଲେ ହିନ୍ଦୁ ତାହାର ଆରାଧନା କରେ ନାହିଁ । ଜୀବନ୍ୟାସମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିବାରୁ ପ୍ରତିମାଟି ତାହାର ପୂଜାର ଏକ ମାଧ୍ୟମ (medium) ରୂପରେ କାର୍ଯ୍ୟକରେ । ଧର୍ମମାନଙ୍କ ପ୍ରତୀକବାଦ (ବା Symbolism) ଉପରେ ପ୍ରତିଷ୍ଠିତ । ଭାଷାର ସାହାଯ୍ୟରେ ହେଉ ଅଥବା କୌଣସି ବସ୍ତୁନିର୍ମିତ ପ୍ରତିମା ବା ମୂର୍ତ୍ତିର ସାହାଯ୍ୟରେ ହେଉ, ଯେ କୌଣସି ଭାବରେ କୌଣସି ଏକ ପ୍ରତୀକ ବା ଚିହ୍ନର ସାହାଯ୍ୟ ନ



Digitized by srujanika@gmail.com

ନେଇ ଅର୍ଥଗତ ମାନ-ଧାରଣା । ଓ ପୂଜା-ପ୍ରାର୍ଥନା ଅସମ୍ଭବ । ଜଣେ ବଙ୍ଗୀୟ ବେଦାନ୍ତୀଙ୍କ ମତରେ, ଭାରତରେ ପ୍ରତୀକ ନିର୍ବିଶେଷତ୍ୱର ମଧ୍ୟ ଦେଇ ଏବଂ ବହୁଗତ ପ୍ରତୀକ ଧର୍ମନିରପେକ୍ଷତାର ମଧ୍ୟ ଦେଇ ଭକ୍ତ ବା ଉପାସକଙ୍କୁ ଆକର୍ଷିତ କରେ । ମୂର୍ତ୍ତିଙ୍କୁ ସାଧନା କରୁଥିଲେ ଆତ୍ମସମର୍ପଣ ଉଚ୍ଚ ଭାବ ବାନ୍ଧି ରଖନ୍ତି, ତାହା ଆଲୋଚନା ନିଷ୍ଫଳ ନିରାକାର ପରଂଶକ୍ତିର ସୂକ୍ଷ୍ମ ଧର୍ମବିଜ୍ଞାନ ପଦାର୍ଥ ଧାରଣା ହୋଇପାରେ ନାହିଁ । କିନ୍ତୁ ଏହି ଭାଷା— ପ୍ରତୀକକୁ ପ୍ରୟୋଗ କରିବାରେ ସେହି ଅନନ୍ତ କରି ନାହାନ୍ତି । ତେବେ ପ୍ରତିମା ବା ମୂର୍ତ୍ତିପୂଜାର ପ୍ରତୀକର ଦୋଷ ଥିବାରେ ଅନନ୍ତ କାହିଁକି ? ସେଥିପାଇଁ ସ୍ୱାମୀ ବେଦାନ୍ତିତ୍ କହିଅଛନ୍ତି—

To my mind idolatry apart from its attendant corruptions is a religious algebra—

'ମୋ ମତରେ ଦୋଷବମୁକ୍ତ ପୌତ୍ତଳିକତା ଧର୍ମରାଜ୍ୟରେ ବୀଜଗଣିତ ପରି କାର୍ଯ୍ୟକରେ ।' ଅର୍ଥାତ୍ ବୀଜଗଣିତ ଯେପରି ବର୍ଣ୍ଣ ବା ଅନ୍ୟ କୌଣସି ଚିହ୍ନ ସଙ୍କେତ ସାହାଯ୍ୟରେ ଅସୀମ ସଂଖ୍ୟାର ଦ୍ୟୋତକ ହୋଇଥାଏ, ସେହିପରି ଏହି ପ୍ରତିମା ବା ମୂର୍ତ୍ତି ଅନନ୍ତ ଶକ୍ତିର ଧାରଣା ନିମିତ୍ତ ଏକ ସଙ୍କେତ ବା ଦ୍ୟୋତକ ରୂପରେ କାର୍ଯ୍ୟକରେ । ସୁତରାଂ ମାନବର ମାନସିକ ବିକାଶରେ ଏପରି ଏକ ଅବସ୍ଥା ଅଛି, ଯେଉଁଥିରେ କି ଏହି ଦୋଷହୀନ ପ୍ରତିମାପୂଜାର ଆବଶ୍ୟକତା ଓ ଉପାଦେୟତା ରହିଅଛି । ହିନ୍ଦୁ ଧର୍ମର ଏହି ସୋପାନର ଉପାଦେୟତା ଅଛି ବୋଲି ଅଦ୍ୱୈତ-ବାଦୀ ଶଙ୍କରଙ୍କ ମଧ୍ୟ ଏହାକୁ ଏକାବେଳକେ ଏଡ଼ି ପାରିନାହାନ୍ତି । ତେଣୁ ହିନ୍ଦୁ ତାହାର ଧର୍ମକୁ ପୌତ୍ତଳିକତା ଦୁଷ୍ଟ ବୋଲି ମନେକରେ ନାହିଁ । ଏ ସମ୍ପର୍କରେ ମ୍ୟାକ୍ସମୂଲର ସାହେବଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତ୍ ରାମକୃଷ୍ଣ ପରମହଂସଙ୍କର ନିମ୍ନଲିଖିତ ଉକ୍ତିଟି ଉଲ୍ଲେଖଯୋଗ୍ୟ ମନେ କରୁ—

"You were refering to the worship of a clay image. Even that has its use. It is God who has provided for so many forms of worship. He has, made all this to suit different grades of aspirants. The mother prepares different kinds of food for her children, according to their power of assimilation."(Life of Sri Rama krishna, Page 387 ).

# ରାୟ ରାମାନନ୍ଦ

( ଶ୍ରୀ କୃଷ୍ଣବିହାରୀ ଦାଶ ଏମ୍. ଏ. )

ଶିଖିରିତ ଦୁନ୍ଦୁଭିକେ ଅମ୍ବରେ ଅବିରତ ଭରେ
ମଣିକ ମଞ୍ଜୀର ଝଲେ ଝଲେ ରମ୍ଭାଙ୍କ
ଲୋହିତ କିରଣ ଚମକେ ଛୁଟର କୁହେଳି ଟେକିଲ
ଉଷାର ପଣତ ଖେଳେ ହିଳେ ମନ ଆଜ ।
କୂଜନେ ଗୁଞ୍ଜନେ ଭରା ପ୍ରଭାତର ବସୁନ୍ଧରା
ଶାନ୍ତ ସ୍ନିଗ୍ଧ ଚାନ୍ଦ୍ରସିକ୍ତ ଅବନୀ ଆକାଶ
ମନ ଭାବେ ନେଉଛନ୍ତି ସ୍ୱର୍ଗୀୟ ସ୍ୱପ୍ନିଲ ଶତେ
ଭୁବନ ଦିଗ୍‌ବଳୟରେ ଉଦ୍‌ଦୀପ୍ତ ପ୍ରକାଶ
ଫୁଲର କୁହେଳି ଜାଗେ ଶାନ୍ତ ସୁଧା ନିଦ୍ରା ଭାଙ୍ଗେ
କଞ୍ଜ କୁଞ୍ଜ ମଞ୍ଜୁରାଗ ଝଙ୍କା ମାଡ଼ିଆସେ

ଗର୍ଜିକି ଆସେ ସାଗର ଅବା ଘୋର ବନ୍ୟାଜଳ
ପ୍ରଳୟଙ୍କରୀ ଶଙ୍କର ଉଲ୍ଲଙ୍ଘିତ ନାଃଶ୍ୱ ସେ ?
ତୁରଙ୍ଗ ତରଙ୍ଗ ସମ ଫେନ ଅଶ୍ୱାରୋହୀ ଗଣ
ଝମ୍ପନ୍ତି ଘନ ଘନ ବଜାଇ ପଗଳ
ଝଲି ବାଲ ରବି କର ମଞ୍ଜୁ ସଞ୍ଜୁ ଝଲମଲ
ଉଦ୍‌ଗାରେ ରକ୍ତ ଅନଳ ମହାତେଜସ୍କର ।
ଝନନ ଝନନ ସ୍ୱନ କୃପାଣର ମନୋରମ
କୃପାହୀନ ଯା କରମ ମରମେ ବାଜଇ
ସିଂହମୁଖୁଁ ଶୌର୍ଯ୍ୟଝରେ ଶୁଙ୍ଗ ଯେସନେ ଗଡ କରେ
ଜୟନେ ବିକୁଳ କଲ ଦାକ୍ଷିଣାତ୍ୟଜୟୀ ।



Digitized by srujanika@gmail.com

ଖଣ୍ଡାଇତ ବୀରଗଣ　　ଖେଳ ଯେ ମଣନ୍ତି ରଣ
ମାରିବା ମରିବା ପଣ ଥିବା ଯାହାଙ୍କର
ନିଖିଳ ଭାରତ ଯାʼର　　କୃପାଣେ କଲେ ଉଦ୍ଧାର
ମୁସଲମାନ ମାନଙ୍କାର ଚରଣ କିଙ୍କର
ଅସ୍ତ୍ର ଶକ୍ତି ବସ୍ତ୍ର ଯାʼର　　ମନ୍ତ୍ର ଦୁର୍ବଳ ରକ୍ଷାର
ସ୍ୱାଧୀନତା ଅଟେ ଯାର ସକଳ ସମ୍ପଦ
'ଜୟ ଜଗନ୍ନାଥ ଜୟ'　　ନାଦେ ବଳିଷ୍ଠ ହୃଦୟ
ବଦାରି ଭରନ୍ତି ଭୟ ଦୁର୍ଦ୍ଦିନ ବିପଦ ।
ସ୍ୱାଧୀନତା ଦୀପ ଜଳିଲା　　ଉତ୍କଳ ହୃଦ ଫଳକରେ
ଉଜ୍ଜଳୀ ଏକତା ବଳେ ବିପୁଳ ବିଜୟୀ
ଗଜପତି ଧ୍ୱଜା ଲକ୍ଷି　　ସମରେ ସନ୍ତ୍ରାନ୍ତ ଭାଙ୍ଗି
ନଇଁବାର ଅନୁରାଗୀ ନ ସହନ୍ତି ସହି ।
ସେହି ଖଣ୍ଡାଇତ ଗଣ　　ଦକ୍ଷିଣେ ପୋଛି ଲୋଚନ
କରନ୍ତି ଦୃପ୍ତ ଗମନ ତୂରୀ ଭେରୀ ବାଇ
ଆଗେ ରାୟ ରାମାନନ୍ଦ　　ଗୋଦାବରୀ ହୃଦଚନ୍ଦ୍ର
ମତ୍ତସିଂହ ଗତି ଛନ୍ଦ ବୀରଗୀତି ଗାଇ
ଝଟକେ ଶ୍ରୀମୁଖ ଜ୍ୟୋତି　　ଝରି ଝରି ପଡ଼େ ମୋତି
ସଦା ପ୍ରଫୁଲ୍ଲିତ ମତି ତରୁଣ ସେ ତନୁ
ନାନାରତ୍ନେ ବିଭୂଷିତ　　ରଙ୍ଗି କରେ ଝଲସିତ
ଖସାଇ କି ଝଲସିତ ଶତ ଇନ୍ଦ୍ରଧନୁ !
ତାହାଙ୍କ ସେ ମନ୍ତ୍ରୀବର　　ଭିତରେ ଭକ୍ତି ପ୍ରବଳ
ଜ୍ଞାନ ତେଜ ଅନ୍ତରର ଜଣାଇ ଭୂଷଣେ
ରାଜନୀତି କୂଟମତି　　ତାହାରେ ଜନ୍ମାଏ ଭୀତି
ଶାନ୍ତ ସରଳତା ପ୍ରୀତି ବିରାଜଇ ମନେ

ତାହାଙ୍କର ବୀରତ୍ୱ ଖ୍ୟାତି　　ଅସ୍ତ୍ର ଶସ୍ତ୍ରେ ହିଂସ୍ର ଜାତି
ଅନ୍ତରେ ଅହିଂସା ଭୀତି କରେ ବଂଶୀ ସ୍ୱନ
ଭିତରେ ମହା ସନ୍ନ୍ୟାସୀ　　ବାହାରେ ସଂସାରବାସୀ
କୃଷ୍ଣ ନାମାମୃତରେ ଭାସି ବହଇ ଜୀବନ ।
ମିଳେ ଗୋଦାବରୀ ତୀରେ ଦେଖିଲେ ଲୋହିତମତେ
ଦୋଳଇ ମୃଦୁ ସମୀରେ ଚନ୍ଦ୍ରାତପ ରାଶି
ଉଦୟ କିରଣ ଦ୍ୟୁତି　　ଝରେ, ଆନ ତୀରେ ରହି
ତରଳ କନକ ଛବି ନବୀନ ସନ୍ନ୍ୟାସୀ ।
ଯୋଗମଗ୍ନ ଚଇତନ୍ୟ　　ନାହିଁ ତିଳେ ଚଇତନ୍ୟ
ହରିନାମ ଗାଇ ଧନ୍ୟ କରନ୍ତି ଭୂତଳ
ମହାଜ୍ଞାନୀ ରାମାନନ୍ଦ　　ଛୁଟିଗଲା ମୋହବନ୍ଧ
ମିଳିଲେ ବେନି ଆନନ୍ଦ ଝରେ ଅଶ୍ରୁଜଳ ।
ଶସ୍ତ୍ର ତେଜି ଶାସ୍ତ୍ର ଭଜି　　ଗଲେ ରାମାନନ୍ଦ ମଜି
ବୀରପଣ ରନୁ ହଜିଗଲା ଭକ୍ତିଜଳେ
ଫିଙ୍ଗି ତୂରୀ ଭେରୀ ଆଦି　　ସୈନିକେ ମୃଦଙ୍ଗ ନାଦି
ତିଳକେ ଅଙ୍ଗ ଆଚ୍ଛାଦି ଗଲେ ରସାତଳେ
ହରିନାମ ସଂକୀର୍ତ୍ତନେ　　ମରିଗଲା ହିଂସା ମନେ
ବଢ଼ିଲେ ଅରି କେତନେ ସରିଲା ସମ୍ପଦ
ଭାଙ୍ଗିଲା ଏକତା ବଳ　　ହୀନ ହୋଇଗଲା ଜାତି
ଜାଳି ଶୋକ ଦାବାନଳ ଘୋଟିଲା ବିପଦ
ବୀର ଗଜପତି ଜାତି　　ବର୍ମ୍ମ ତେଜି ଧର୍ମ୍ମେ ମାତି
ହରାଇଲେ ବୀର ଖ୍ୟାତି ସ୍ୱାଧୀନତା ସୂର୍ଯ୍ୟ
ଏହି ଗୋଦାବରୀ କୂଳେ　　ଗଲେ ବୁଡ଼ି ଅସ୍ତାଚଳେ
ଅନ୍ଧାର ଉଲ୍ଲୁକ ସ୍ୱରେ ବଜାଇଲା ତୂରୀ

# ରତ୍ନ ବିଳାପ

( ଶ୍ରୀ ରାଜକିଶୋର ରାୟ )

ଶାନ୍ତ ଏକ ସକାଳ ।

ମୋର ଗୃହପାଖେ ବିକ୍ଷିପ୍ତ ଜନତା କର୍ମମଗ୍ନ ଜାଗ୍ରତରେ ଚୈତନ୍ୟ ଲାଭ କରିଅଛି । ବସି ବସି ମୁଁ ଚନ୍ଦ୍ରଖଣ୍ଡେ ଦେଖୁଥିଲି । ପଢ଼ିବାରେ ସ୍ପୃହା ନ ଥିଲା । ଉଦାସୀନ ଓ ଅଳସ ଭାବରେ ମୁଁ ବହିଟିର ପୃଷ୍ଠା କେତୋଟି ଓଲଟେଇ ଯାଉଥିଲି ।

ବହି ଦୋକାନ । ନବ ନିର୍ମିତ ସୌଧ ତଳେ ଅସଂଖ୍ୟ ପୁସ୍ତକର ଏକ ପ୍ରସିଦ୍ଧ ବିପଣୀ । ମଧୁର ହେଉ ବା ତିକ୍ତ ହେଉ, ହ୍ରସ୍ୱ ହେଉ ବା ଦୀର୍ଘ ହେଉ, ମୁଦ୍ରାଙ୍କିତ ବହୁ ଅକ୍ଷର ଭିତରେ ନବ ନାଗର ନୂତନ କାହାଣୀ ଗ୍ରଥିତ ହୋଇଛି ।

ଧ୍ୟାନମଗ୍ନ ଥିଲି । ହାତରେ 'ପୁରୁଣୀ ଘର'



Digitized by srujanika@gmail.com

ବହୁ ସ୍ଥିର ରହିଥିଲା । ହଠାତ୍ ଆଖି ପଡ଼ିଗଲା ତାର ଭ୍ରୂଯୁଗଳ ଉପରେ; ଅନାଦ୍ୟ କୃଷ୍ଣରେଖା ଭଳିଆ ଦୁଇଟି କଙ୍କପତ୍ର ଚନ୍ଦ୍ରାଙ୍କିତ ପ୍ରଫୁଲ୍ଲ ମୁହଁ ଉପରେ ବଳସି ଯାଉଥିଲା । ତାକୁ ଦେଖି ଏତେବେଳଯାଏ ଯେଉଁ ଅମଡ଼ା ପଥ ମାଡ଼ି ଚାଲିଥିଲି, ଯହିଁରେ ସୁରଭି ନ ଥିଲା କି ସଂଭାର ନ ଥିଲା, ସେ ପଥରୁ ମୁଁ ଫେରି ଆସିଲି ।

ତାର ସଜନୀ ସହିତ ସେ ବହି ଦୋକାନ ଉପରକୁ ଉଠିଆସିଲା । ହାତରେ ଚୋଟେ ବହି; ବହି ଚୋଟକ ଉପରେ ରହିଥିଲା ସାବୁନ ଡବା । ଭିତରେ ସାବୁନ ନ ଥିଲା; ଥିଲା ଦୁଇଟା ପାନଖିଲି, ଟିକିଏ କରଦା ଓ ଗୁଆ । ଖଣ୍ଡେ ଫ୍ଲେଟ କାଗଜ ଉପରେ ନିଜ ଦସ୍ତଖତରେ ଦୋକାନୀକୁ ମଗାଯାଇ ଥିବା ଗୁଡ଼ାଏଗୋଟା ରସଗୋଲାପାଇଁ ଲିଖିତ ରସିଦ । ମୁଣ୍ଡକଣ୍ଟା ଗୋଟାଏ । ତାର କୁଣ୍ଡେଇ ହୋଇଥିବା ଫୁଲପାଇଁ ନୀଳ ହଳଦୀ ମିଶା କଣ୍ଟି ମାଠେ ।

ତାର ଗୋଟିଏ ହାତଟି ପଣତ ସଜାଡ଼ିବାକୁ ସ୍ୱାଧୀନତା ପାଇଛି, ସେହି ହାତରେ ସେ ଧରିଛି ଟେଙ୍କିଆ ଗୁଡ଼ିଏଟି ନୋଟ୍ ।

ମତେ ସେ ଦେଖି ପାରିଥିଲା । ଦୋକାନ ପିଣ୍ଡା ଉପରକୁ ଉଠିବା ଆଗରୁ ଯେଉଁ ପ୍ରମୁହଁଟି ଖରିଦଦାରମାନଙ୍କୁ କଚ୍ଛୁଷଣ ପାଇଁ ଆଡ଼ୁଆଳରେ ରଖିଦିଏ, ସେଇଟି ସେ ମତେ ଦେଖିବାର ସ୍ନେହାନୁଭୂତିକୁ ସହି ନ ପାରି ଜାଇ କାମୁଡ଼ି ଦେଇଛି । ତାର ବାହୁ ଉପରେ ସଜନୀର ଚମ୍ପୁଟା କଷ୍ଟକୁ ସେ ହୁଏତ ଧ୍ୟାନ ଦେଇନାହିଁ ।

ଯୋଡାଶୟ୍ୟରେ ମୋର ଜୀବନ-ପୋତ ଆଶ୍ରୟ ପାଇବା ଦିନଠାରୁ ମୁଁ ଖୋଜି ବୁଲୁଛି ମୋର ଅତୀତ ଜୀବନର ସାଥୀମାନଙ୍କୁ । ମୋର ମଥା ସ୍ପର୍ଶ କରି ଯେଉଁମାନେ ଅଞ୍ଚଳ ପ୍ରାନ୍ତରେ ମୋର କ୍ଲାନ୍ତ ସ୍ୱେଦକୁ ଦୂର କରି ଦେଉଥିଲେ, ସେମାନଙ୍କର ଅଭିପ୍ରାୟ କଅଣ ଥିଲା, ମୁଁ ଜାଣି ନ ଥିଲି । ଜାଣିବାକୁ ବି ମୁଁ ପ୍ରୟାସ କରି ନ ଥିଲି । ସେମାନେ ଆସନ୍ତି ଯାଆନ୍ତି । ଛନ୍ଦୋବଦ୍ଧ ଦୁଇପଦ କଥା କହୁ ଫେରିପଡ଼ନ୍ତି ।

ସେ.ତର ସମ୍ବାଦ ବା କେଉଁ ଯୋଡାଶଯ୍ୟାରେ ତାହା ଗୋଟିଏପାଇଁ ବିଶ୍ରାନ୍ତ ଲାଭ କରି ପ୍ରଭାତୀ ମୁକୁଳା ପବନରେ ପୁଣି ଦୂର ଚକ୍ରବାଳ ଆଡ଼େ ଭାସି ଚାଲିଯିବ, ତାହା ସେମାନେ ମତେ ବୁଝାଇ ପାରନ୍ତି ନାହିଁ ।

କିନ୍ତୁ ବୁଝାଉଥିଲା ଜଣେ ବନ୍ଧୁ ଭିତରେ ସେହି ଜଣକ ଆଜି ମତେ ବହି ଦୋକାନରେ ବସିଥିବାର ଦେଖି ନିଜ ଜାଇ ଉପରେ ଦାନ୍ତ ବସେଇ ଦେଇଛି ବସ୍ତୁସ୍ୱୟରେ ।

ଦିନ ଥିଲା ନଳିନୀ ମତେ ଡୁହାଇ ଡୁହାଇ ପଦ୍ମିନୀ ବରକ୍ତ କରୁଥିଲା—

'ଆପଣ କଅଣ ବାହା ହେବେନି ?'

ତାର ବୟସ ହୋଇଥିଲା । ଲଜ୍ଜା ପଟଳ ଭେଦିଥି ଅଧରରୁ ନଳିନୀର ଏ ସମ୍ମୋହ ଭାଷା ସତେ ସେତେବେଳେ ପ୍ରଲମ୍ବିତ କରୁଥିଲା । ଥରେ ଥରେ ସେ ଅଦମ୍ୟ ଉତ୍କଣ୍ଠାରେ କହିପକାଏ ।

'—ଗୋଟାଏ କିଛି ଶୀଘ୍ର ଠିକ୍ କରି ପକାନ୍ତୁ । ନାନା ଲୋକେ ନାନା କଥା କହୁଛନ୍ତି ସେହି ଆମ ମାସୀମାଙ୍କୁ ବାହା ହୋଇ ପଡ଼ନ୍ତୁ ନା ? ଏ କଥା କିଏ ନ ଜାଣେ ଯେ !'

ସେ ଏତିକି କହି ନୀରବ ହେବେ । କିଛି ବେଆଡ଼ା କଥା କହି ଦେଲା କି ଭାବି ମୁହଁକୁ ସେ ତଳକୁ କରିଦିଏ । କିନ୍ତୁ ମୋର ରୂପପାୟୀ ଦୃଷ୍ଟି ତାର ଗଣ୍ଡର ତଳବିନ୍ଦୁ ଉପରେ ଯେଉଁଟି ଜବାପୁଷ୍ପର ସମ୍ଭାର ଅପୂର୍ବ ଅରୁଣିମାରେ ଉଜ୍ଜ୍ୱଳି ଯାଏ ସେହି ଦୃଷ୍ଟି ସ୍ଥିର ହୋଇ ରହେ ।

କେବଳ ମୁଁ ରହସ୍ୟମୟ ନ ଥିଲି କି ଆଜି ନୁହେଁ । ନଳିନୀର ମାସୀମାକୁ ବିବାହ ନ କରି ମୁଁ ଏ ବଞ୍ଚନା କରିଛି—ଏହାହିଁ ତାର ମୋ ପ୍ରତି ଘୋରତର ଅଭିଯୋଗ । ତାରିଭଳି ଯେତେଟି କୁମାରୀ କଅଁଳ ମନ ଓ କଞ୍ଚା ବୟସ ନେଇ ସଂସାରକୁ କେବଳ ମାତ୍ର ମୃଣାଳ-ଗ୍ରୀବା ଉପରେ ନୃତ୍ୟରତ ନିଜ ମଳ କମଳ କଳି ଭଳି ଦେଖନ୍ତି, ସେମାନଙ୍କ ଠାରୁ ଏ ଅଭିଯୋଗ ମୁଁ ବରଣୀୟ ବୋଲି ଭାବିନିଏ । ଏମିତି ଭାବିବନେଦାରେ କାମ୍ୟ



Digitized by srujanika@gmail.com

ସଙ୍ଗୀତସ୍ରୁ ସଙ୍ଗ୍ରାମ ନାହିଁ । ବିପୁଳାୟତନ ବିଶ୍ବରେ କୋଟି କୋଟି ବଞ୍ଚିତ ବଞ୍ଚିତାର ମର୍ମନ୍ତୁଦ ଗାଥା ଅରକ୍ଷଣୀୟ ଭାବରେ ବିକ୍ଷିପ୍ତ ହୋଇ ପଡ଼ି ରହିଛି । ସେସବୁର ସମ୍ବାଦକିଏ ବା ରଖେ ?

'—ନମସ୍କାର'

ନଳିନୀର ଅଭିବାଦନରେ ମୋର ତନ୍ଦ୍ରା ଭାଙ୍ଗିଗଲା । ମୁଁ ସଙ୍ଗେ ସଙ୍ଗେ ପ୍ରତି ଅଭିବାଦନ ଜଣେଇ କହିଲି,

'—ଭଲ ଅଛ ?'

'—ଆଜ୍ଞା ହଁ । ଆପଣ ଭୋକ ?

ନଳିନୀର ଇଙ୍ଗିତ ଅତି ସୁସ୍ପଷ୍ଟ । ତଥାପି ସେମାନଙ୍କ କଷ୍ଟ ବୁଝି ପାରୁନାହିଁ ଏହି ଭାବଟି ପଚାରିଲି—

'—କାହିଁକି ? ଅଭିପ୍ରାୟ ?'

'—ବାଃରେ ବଡ଼ ଆଶା ରଖିଥିଲି ଗୋଟେ ଏ କଷ୍ଟ ବରାଦ...'

'ବାଧା ଦେଇ କହିଲି—

'ନଳିନୀ, ଅନ୍ତରରେ ଯଦି ଆମୋଦ ଉପଭୋଗ କରୁଛ ମୋର ଘଟ ପରିବର୍ତ୍ତନରେ, ତେବେ ବାହାରର ଭୋକଂକୁ ଏତେବଡ଼ ଦେଖନା ।'

ହଠାତ୍ ଦେଖିଲି ସେହି ସୁନ୍ଦର ମୁହଁଟି ଉପରେ କଳାବଉଦର ବର୍ଷଣ ଅଭିଯାନ । ସେ ଯେପରି କ୍ଷଣକରେ ସବୁ ଝରିପଡ଼ିବ ।

ଅଶ୍ରୁସିକ୍ତ କଣ୍ଠରେ ନଳିନୀ କହିଲା—

'ତାଙ୍କୁ ବଡ଼ ଦୁଃଖ ଦେଲେ । ସକଳ ଜନମସ୍ତରର ସେ ରହିଗଲେ ଦରିଦ୍ର । ଆହା, କେତେ ଆଶା, କେତେ କଳ୍ପନା ଏପରି ଚୂନା ହୋଇଗଲା ।

ବୁଝିଲି, ଜଣଙ୍କର ମର୍ମବାଣୀକୁ ଏବେ ମୂର୍ତ୍ତିରେ ନଳିନୀ ଭାଷାନ୍ତର କରି ପ୍ରକାଶ କରୁଛି । ତାର ମାଉସୀମାଙ୍କୁ ସେ ସ୍ୱର୍ଗର ଦେବୀ ଭାବରେ ପୂଜା କରେ । ମତେ ସ୍ୱର୍ଗର ଦେବତା ରୂପରେ ଅଧିଷ୍ଠିତ କରିବାକୁ ବସିବା ବେଳେ ମୋର ଯେ ନିଷ୍ପାତନଙ୍କୁ ସ୍ଖଳନ ହେଲା; ଏ କଥା ସେ କିପରି ସହିବ ବା !

କହିଲି—

'—ନଳିନୀ; ଅଦୃଷ୍ଟ । ସବୁ ଅଦୃଷ୍ଟ । ତୁମେ ତ ଜାଣ ମୋ ଜୀବନର ଚରମ ସୀମାରେ ଯେଉଁବେଳେ ଦୁଇଟି ପ୍ରାଣ ସମ୍ପୂର୍ଣ୍ଣ ରହିଥିଲା, ସେତେବେଳେ ଏ ବାପର ତୁମର ମାଉସୀଙ୍କୁ ଧରି ରଖିବାକୁ ମୋର ସେ ଫର୍ଯ୍ୟନ୍ତ ହେଲେ ମତେ ଲକ୍ଷ୍ୟ କରି ଦେଇଥାନ୍ତି, ଆଉ ତାଙ୍କୁ ମୁକ୍ତ ହେବାପରେ ସେ ସ୍ୱର୍ଗୀୟତ ସେ ବ୍ରହ୍ମାଣ୍ଡ ମୁକ୍ତି ସଙ୍ଗୀତବରରେ ପାଣିରେ ହୋଇଛି । ସେନେଇ ଏ ଯେପରି ସବୁ ବିଧାତା ।'

ନୀରବ କଣ୍ଠରେ ନୁଦ୍ ତୁଟ୍ ଜାଣି ଦାବି ହେଲେ ବି ନଳିନୀ ସୁନ୍ଦରି ଚିତ୍ତ ମନଲା ବନ୍ଧୁ ମଧୁରଙ୍କୁ ଆମନ୍ତ୍ରଣ କଲା । ସେ ଏହାର ଇଙ୍ଗିତ ପାଇ ବେଳକ ମାଇ କହିଲା—

'—ହେଏ ଚୈତନ ବାଙ୍କ ଏ ବହିଟା ଦିଅନ୍ତୁ । ଏଇଟି ଏହି ଆଲମାରୀରେ ରହିଛି । କେତେ ଦାମ୍ ?'

ତାର ବହିକଣା ଶେଷ ହୋଇଥିଲା । ସଜନୀଙ୍କୁ ସଙ୍ଗରେ ଧରି ସେ ନେଇ ତାଙ୍କର ସ୍ୱଚ୍ଛନ୍ଦ ପଦକ୍ଷେପରେ ଗତି କରି ଆସିଥିଲା; ସେହି ପଥରେ ସେ ଫେରି ଚାଲିଗଲା । ଗଲାବେଳେ ଏତିକମାତ୍ର କହିଗଲା—

'ମନ୍ଦିରେ ମନ୍ଦିରେ ତାଙ୍କର ଖବର ନେଉଥିବେ । ହଁ, କେବେ ଆମ କଲେଜକୁ ଆସିବେ ? ଥରକୁଥର ଶୁଣାଏ, ଆପଣ ଆସିବେ ଅଥଚ ଆସୁନାହାନ୍ତି ।'

କହି ନ ଥିଲି; ନଳିନୀ ମୋର ଗ୍ରନ୍ଥବୀ ଗୃହବର୍ଷ ପୂର୍ବେ ତାକୁ 'ସନ୍ଧ୍ୟା'ରୁ ଉତ୍ତରଳାପ ପଠେଇଥିଲି । ତାକୁ ଗୃହବର୍ଷ ପରେ ଆଜରେ ଏପରି ଅବସ୍ଥାରେ ଯଦି ଦେଖା ମନେ ମୋର ସୁନ୍ଦ-ପ୍ରଖର ମନ ଉଦ୍‌ଭାଷ ସ୍ପର୍ଶ କଲା ।

କାହିଁ କେଉଁ ନାଥଝଣୀ ତଟରେ ଅଶ୍ରୁନମ୍ର ଗଣ୍ଡ ଉପରେ ବରଭାର ରକ୍ଷି ଆସନ୍ନ ସନ୍ଧ୍ୟାର



Digitized by srujanika@gmail.com

କରୁଣତାର ଘନାନ୍ଧମାନ ବ୍ୟଥାକୁ ବକ୍ଷରେ ଚପି ଧର ମୋର ରଚିତ ଯେ ବୁଭୁକ୍ଷା ବିଳ ପରେ ବ୍ୟାକୁଳ ହୋଇଥିବ, ତାହା ଆଜି ମନେ ହୁ ଅମ୍ଭାକୁ ଦଗ୍ଧ କରୁଛି ।

**ଅଦୃଷ୍ଟ !**

ନଳିନୀର ହୃଦୟ ନମସ୍କାରକୁ ଗ୍ରହଣ କ ବାଆଇଁ ମୁଁ ଯେତେବେଳେ ପ୍ରସ୍ତୁତ ନଥିଲି । ଅଶ୍ରୁ ଚକଳ ହୃଦୟକୁ ବୁହାଇ ଦେଉଥିବେଳେ ମୁଁ ରାଜପଥକୁ ଗୋଡ଼ ବଢ଼େଇ ଦେଲି, ସେତେବେଳେ ଦେଖିଲି ଗାଡ଼ି ଭିତରେ ବସି ନଳିନୀ ଅଶ୍ରୁଧାରାକୁ ଲୁଚାଇବାକୁ ବସିଛି ।

ସେହି ରାଜପଥର ଅସଂଖ୍ୟ ପଦକ୍ଷେପରେ ମୋର ପଦକ୍ଷେପ ମିଶିଗଲା । ଭିକ୍ଷୁକର ପଥଚଲା ରାଜରାଜେଶ୍ୱରୀର ରାଜପ୍ରସାଦ ସଙ୍ଗେ ମିଶିବ କି ?

ଆଜି ସେହିକଥା ଭାବିବାପାଇଁ ମତେ ଶିଖାଇଛି ମୋର ଅଦୃଷ୍ଟ ।

# ସାହିତ୍ୟରେ ସତ୍ୟ ଓ ସୁନ୍ଦରର ପୂଜା

( ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାସ ଏମ୍. ଏ. )

ବିଶ୍ୱକବି ରବୀନ୍ଦ୍ରନାଥ ସାହିତ୍ୟ ସୃଷ୍ଟିକୁ 'ଲୀଳା' ରୂପେ ବର୍ଣ୍ଣନା କରିଛନ୍ତି । ବିବର୍ତ୍ତନ-ବାଦୀମାନେ କହନ୍ତି ମନୁଷ୍ୟ ଜୀବନ ସଂଗ୍ରାମପୂର୍ଣ୍ଣ । ହଣ ହଣି, ମରାମରି ଓ କଟା କଟି ଭିତର ଦେଇ ମାନବ-ଜୀବନ ଗତି କରୁଅଛି । କିନ୍ତୁ କବୀନ୍ଦ୍ର ରବୀନ୍ଦ୍ରଙ୍କ ମତରେ ମନୁଷ୍ୟ ଇଚ୍ଛାପୂର୍ବକ ଏହି ସଂଗ୍ରାମକୁ ବରଣ କରି ନେଇଛି କାରଣ ବଞ୍ଚି ରହିବାର ଏକ 'ଅହେତୁକ' ଇଚ୍ଛା ପ୍ରତ୍ୟେକ ମନୁଷ୍ୟର ଅଛି । ଏହି ଅହେତୁକ ଇଚ୍ଛାହିଁ ଆମ୍ଭମାନଙ୍କ ଜୀବନର ଚରମ କଥା । ବଞ୍ଚିରହିବାର ଏହି ବଳବତୀ ଇଚ୍ଛା ଓ ଏହି ଇଚ୍ଛାର ପୂରଣ ନିମନ୍ତେ ନିରନ୍ତର ମନୁଷ୍ୟ ଜୀବନରେ ଯେଉଁ ସଂଗ୍ରାମ-ସ୍ରୋତ ପ୍ରବାହିତ ହୋଇଅଛି ତାହାକୁହିଁ ବିଶ୍ୱକବି 'ଲୀଳା' ଆଖ୍ୟା ଦେଇ ଅଛନ୍ତି । ସଂସାରରେ ତିଷ୍ଠି ରହିବାର ଏହି ଇଚ୍ଛା ମନୁଷ୍ୟର ସକଳ ପ୍ରକାର ନୈରାଶ୍ୟ ଓ ଦୁଃଖବୋଧକୁ ଅତିକ୍ରମ କରିଛି । ସ୍ୱାଭାବିକତଃ ଏହି ଲୀଳା ଆନନ୍ଦ ମୟୀ । ଏହି ଲୀଳା ହିଁ ଆନନ୍ଦର ଚେତନ ନିତ୍ୟଦାୟୀ । ସେଥିପାଇଁ ସାହିତ୍ୟରେ ଏହି ଆନନ୍ଦମୟୀ 'ଲୀଳା' ନାନା ଭାବରେ ଆତ୍ମପ୍ରକାଶ କରିଛି । ଏହି କାରଣରୁ ରବୀନ୍ଦ୍ରନାଥ ସାହିତ୍ୟ ସୃଷ୍ଟିକୁ ବୋଧହୁଏ 'ଲୀଳା' ବୋଲି କହିଅଛନ୍ତି ।

ମନୁଷ୍ୟ ଜୀବନର ଏହି ଲୀଳା ମଧ୍ୟରେ ଅପୂର୍ବ ସୌନ୍ଦର୍ଯ୍ୟ ନିହିତ ଅଛି । କାରଣ ଯାହା ଚିନ୍ମୟ ତାହା ଆନନ୍ଦମୟ । ଏହି ଲୀଳା ମାନବମନର ସକଳ ପ୍ରକାର ଦୁଃଖ ବୋଧକୁ ଅତିକ୍ରମ କରି ତାର ଜୀବନକୁ ଆନନ୍ଦମୟ କରେ ବୋଲି ଏହି 'ଲୀଳା' ସୌନ୍ଦର୍ଯ୍ୟମୟୀ । ଯାହା ସୁନ୍ଦର ତାହାହିଁ ଆନନ୍ଦପ୍ରଦ ଏବଂ ଯାହା ଆନନ୍ଦପ୍ରଦ ତାହା ସୁନ୍ଦର । ସାହିତ୍ୟର ଚରମ ସାର୍ଥକତା ଆନନ୍ଦୋପଲବ୍ଧିରେ । ଯେଉଁ ଅମୃତରସ ପ୍ରକାଶ-ମାନ ତାହାହିଁ ଆନନ୍ଦସ୍ୱରୂପ—'ଆନନ୍ଦସ୍ୱରୂପମମୃତଂ ଯଦ୍ ବିଭାତି ।' ତେଣୁ କେହି କେହି ମନେ କରନ୍ତି ସାହିତ୍ୟ ସୌନ୍ଦର୍ଯ୍ୟର ସୃଷ୍ଟି । ଜୀବନରେ ଯାହା ସୁନ୍ଦର, ତାହାର ପ୍ରାଞ୍ଜଳ ଓ ଜୀବନ୍ତ ଚିତ୍ର ସାହିତ୍ୟରେ ଦେଇ ଯଦି ପାଠକର ମନ ଆନନ୍ଦ ରସରେ ସଞ୍ଜୀବିତ କରାଯାଇପାରେ, ତେବେ ସାହିତ୍ୟ-ସୃଷ୍ଟି ସାର୍ଥକତା ଲାଭ କଲା । ମାନବ ସ୍ୱଭାବ ଲୀଳାମୟ । ତେଣୁ ତାହାର ପ୍ରକାଶ ଆନନ୍ଦ ସ୍ୱରୂପ । ସୌନ୍ଦର୍ଯ୍ୟ ସୃଷ୍ଟି ଏହି ଆନନ୍ଦସ୍ୱରୂପର ଅଭିବ୍ୟକ୍ତିର ଉପଲକ୍ଷ୍ୟ ମାତ୍ର । ଏହି ଅର୍ଥରେ ଶାସ୍ତ୍ରକାର ଲେଖିଅଛନ୍ତି 'ଆନନ୍ଦ ସ୍ୱରୂପମମୃତଂ ଯଦ୍ ବିଭାତି ।' ଇଂରେଜରେ ଯେଉଁ ପ୍ରଚଳନ ଅଛି 'Truth is beauty, Beauty is Truth' ଏହାର ଅର୍ଥ ମଧ୍ୟ ତାହା ।



Digitized by srujanika@gmail.com

ସୌନ୍ଦର୍ଯ୍ୟ ସୃଷ୍ଟି ଓ ଆନନ୍ଦରୂପକ ଅମୃତ-ରସ ବିତରଣ ଯଦି ସାହିତ୍ୟର ଚରମ ଉଦ୍ଦେଶ୍ୟ ହୁଏ, ତେବେ ଦୁଃଖାନ୍ତକ କମ୍ବା ବିୟୋଗାନ୍ତକ ( Tragedy ) କିପରି ଆନନ୍ଦର କାରଣ ହୋଇପାରେ ? ଏହି ଦୁଃଖ ଏବଂ ନୈରାଶ୍ୟ ଦାୟୀ ସାହିତ୍ୟ ଯଦି ଆନନ୍ଦର ସଞ୍ଚାର ନକଲା ତେବେ ସେସବୁ ଲେଖା ହେଲା କାହିଁକି ? କବି ସୁନ୍ଦରର ଉପାସକ । ମନୁଷ୍ୟ ଜୀବନରେ ଯେଉଁ ଲୀଳା ସେ ତାର ଲେଖନୀ ବଳରେ ଅଭିବ୍ୟକ୍ତ କରିବାକୁ ଗଲେ ତାହା ଯଦି ଆନନ୍ଦୋପଲବ୍ଧି ପ୍ରଦାନ ନ କଲା ତେବେ ସେହି ସବୁ କାବ୍ୟ କବିତାର ସାର୍ଥକତା କେଉଁଠାରେ ? ଏହିସବୁ ଜଟିଳ ପ୍ରଶ୍ନ ଉତ୍ତରରେ ସାହିତ୍ୟର ବ୍ୟାପକତା ଉପଲବ୍ଧି କରିବାକୁ ହେବ । ଏହିସବୁ ସମସ୍ୟାର ଯଥାଯଥ ଆଲୋଚନା ତଳେ ପ୍ରତୀୟମାନ ହୁଏ ସାହିତ୍ୟ ଆମ୍ଭମାନଙ୍କର ପ୍ରାତ୍ୟହିକ ପ୍ରୟୋଜନ ଜଗତର ବାହାରେ ଅବସ୍ଥିତ । ତେଣୁ ଏହା ଆମ୍ଭମାନଙ୍କ ସ୍ୱାର୍ଥକୁ ଆଘାତ କରିପାରେ ନାହିଁ । ଏହି "ଦୁଃଖବୋଧ" ବିୟୋଗାନ୍ତକ କାବ୍ୟ କମ୍ବା ନାଟକରେ ଆନନ୍ଦୋପଲବ୍ଧିର ବାଧା ଅପସାରିତ କରିଦିଏ । ଏଠାରେ ଦୁଃଖ ଆମ୍ଭମାନଙ୍କର ସଂସାର ଉପରେ ହସ୍ତକ୍ଷେପ କରେନାହିଁ । ଏହି ଦୁଃଖ ଆମ୍ଭମାନଙ୍କ ଶରୀରକୁ ଆଘାତ କରେ ନାହିଁ । ଏଠାରେ ମଧ୍ୟ କେହି କେହି ପ୍ରଶ୍ନ କରିପାରନ୍ତି ସାହିତ୍ୟ ଯଦି ସତ୍ୟରୂପେ ଆମ୍ଭମାନଙ୍କ ଚକ୍ଷୁ-ସମ୍ମୁଖରେ ପ୍ରତିଭାତ ହୁଏ ତାହାହେଲେ କାବ୍ୟ ବର୍ଣ୍ଣିତ ଶୋକ ଓ ଦୁଃଖ ଆମ୍ଭମାନଙ୍କର ନିଜର ଦୁଃଖ ଓ ଶୋକ ବୋଲି ପ୍ରତୀତ ନହେବ କାହିଁକି ? ତାହାର ଉପଲବ୍ଧି ପୀଡ଼ାଦାୟକ ନହେବ କାହିଁକି ? ଏହାର ଉତ୍ତରରେ ଏତିକମାତ୍ର କୁହା-ଯାଇପାରେ ଯେ କବିକୁ "ଦୁଃଖ ବୋଧର" ସୃଷ୍ଟିକୁ ଏପରି ପରିସ୍ଫୁଟ ଓ ପ୍ରାଞ୍ଜଳ କରିବାକୁ ହେବ ଯେ ଦୁଃଖର ଶବ ଜୀବନ୍ତ ବୋଲି ମନେ ହେଲେ ବି, ଖୁବ୍ ନିକଟକୁ ଆସିଲେ ବି ତାହା ଯେପରି ପାଠକ ପ୍ରାଣରେ ଗଭୀର ଦ୍ୟୋତନା ସୃଷ୍ଟି କରି ନପାରେ । ରବୀନ୍ଦ୍ରନାଥଙ୍କ ମତରେ ଏହି ପ୍ରକାର ସାହିତ୍ୟରେ ଦୁଃଖବୋଧର କାରଣ ଥିଲେହେଁ ସେହି ଆତ୍ମୋପଲବ୍ଧିର ସଞ୍ଚାର ହୁଏ, ତାହା ପାଠକ ମନରେ ଆନନ୍ଦ ସୃଷ୍ଟି କରେ । ଦୁଃଖମଧ୍ୟରେ ଆମ୍ଭେମାନେ ନିଜ ନିଜକୁ ଯେପରି ଭାବରେ ଚିହ୍ନିପାରୁ ସୁଖ ଓ ଆନନ୍ଦ ମଧ୍ୟରେ ସେପରି ଚିହ୍ନି ପାରୁନାହିଁ । ବାସ୍ତବ ଜୀବନରେ ବି ଦେଖାଯାଏ ଅନେକ ଦୁଃସାହସୀ ମନୁଷ୍ୟ ଦୁର୍ଗମ ପଥରେ ଯାତ୍ରା କରେ । ବିପଦକୁ ଇଚ୍ଛା ପୂର୍ବକ ଆହ୍ୱାନ କରେ । ଏହାର ମୂଳରେ ଥିଲା ତାର ଆତ୍ମୋପଲବ୍ଧିର ଅପୂର୍ବ ପ୍ରେରଣା । ଦୁଃଖରେ ଅନୁଭୂତ ସହଜ ଆତ୍ମବୋଧର ଉପଲବ୍ଧିଠାରୁ ପ୍ରବଳତର । ଦୁଃଖର ଏହି ସେହି ନିବିଡ଼ ଇଚ୍ଛାକୃତ ଅନୁଭୂତି ଏହି ବାସ୍ତବ ଜୀବନରେ ସମ୍ଭବ ନୁହେଁ । ମନୁଷ୍ୟ ଜାଣିଶୁଣି କେବେ ଦୁଃଖପଥର ଯାତ୍ରୀ ହୁଏ ନାହିଁ । ଏଠାରେ ସ୍ୱାର୍ଥ ପଦେ ଅନିଷ୍ଟର ଆଶଙ୍କା ଆସି ତାହାର ଦୁଃଖୋପଲବ୍ଧିକୁ ବାଧା ଦିଏ । ତେଣୁ ଆତ୍ମୋପଲବ୍ଧି ପୂର୍ଣ୍ଣତା ପାଏନାହିଁ । ଦୁଃଖର ସ୍ୱରୂପ ନ ଚିହ୍ନିଲେ ମନୁଷ୍ୟ ପରିପୂର୍ଣ୍ଣତା ଦିଗରେ ଅଗ୍ରସର ହେବ କିପରି ? ଏହିଠାରେ ବିୟୋଗାନ୍ତକ ସାହିତ୍ୟ (Tragedy) ଆମ୍ଭ-ମାନଙ୍କର ପ୍ରାତ୍ୟହିକ ସଂସାରର କୌଣସି ପ୍ରକାର ଅନିଷ୍ଟ ସାଧନ ନକରି ଦୁଃଖକୁ ପୂର୍ଣ୍ଣ ଭାବରେ ଉପଲବ୍ଧି କରିବାକୁ ଆମ୍ଭମାନଙ୍କୁ ସାହାଯ୍ୟ କରେ । ସାହିତ୍ୟରେ ଦୁଃଖର ବେଦନା ଜଡ଼ିତ ଜୀବନଚିତ୍ର ମଧ୍ୟରେ ଆମ୍ଭେମାନେ ନିଜକୁ ଭଲକରି ଚିହ୍ନିପାରୁ, ଅଥଚ ସ୍ୱାର୍ଥହାନିର କୌଣସି ସମ୍ଭାବନା ନାହିଁ । ଏଠାରେ ଆତ୍ମୋପଲବ୍ଧି ଅଛି ଅଥଚ ଆତ୍ମଘାତର ଭୟ ନାହିଁ । ଦୁଃଖକୁ କେବଳ ଦୁଃଖ ହିସାବରେ ଦେଖିଲେ ଆମ୍ଭମାନଙ୍କର ଉପଲବ୍ଧି ଅସମ୍ପୂର୍ଣ୍ଣ ହୁଏ କିନ୍ତୁ ତାହାର ପଛରେ ଆନନ୍ଦ ଅଛି ବୋଲି ଏହା ସହନୀୟ ଓ ଉପଭୋଗ୍ୟ ହୁଏ । ଏହିଠାରେ ହିଁ ବିୟୋଗାନ୍ତକ ସାହିତ୍ୟର ମହିମା ।

ତେବେ ବିୟୋଗାନ୍ତକ ସାହିତ୍ୟର ମହିମା ବିଚାର କଲେ ଜଣାଯାଏ ସାହିତ୍ୟ କେବଳ ଆନନ୍ଦ ଦିଏ ନାହିଁ, ସୌନ୍ଦର୍ଯ୍ୟ ସୃଷ୍ଟି କରେନାହିଁ



Digitized by srujanika@gmail.com

ଏହି ଆନନ୍ଦ ଓ ସୌନ୍ଦର୍ଯ୍ୟ ସଙ୍ଗେ ଆତ୍ମାର ପୂର୍ଣ୍ଣ ଉପଲବ୍ଧି ନିମନ୍ତେ ବରିଷ୍ଠ ସତ୍ୟର ଦ୍ୱାର ମଧ ଉଦ୍‌ଘାଟନ କରେ ଏବଂ "ମାନବର ସର୍ବପ୍ରକାର ପ୍ରାତ୍ୟହିକ ପ୍ରୟୋଜନକୁ ଅତିକ୍ରମ କରି ବାହାରକୁ ଧାବିତ ହୁଏ ।" କବି-ପ୍ରତିଭାକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । କୌଣସି କୌଣସି କବି ଧରଣୀର ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟ ଦ୍ୱାରା ମୁଗ୍ଧ ହୁଅନ୍ତି । ଯାହା କ୍ଷଣିକ ଯାହା ଏକାନ୍ତ ଭାବେ ପାର୍ଥିବ ତାହାର ରୂପ ଓ ରସ ସେମାନେ ଗ୍ରହଣ କରି ସାହିତ୍ୟ ସୃଷ୍ଟି କରନ୍ତି । ଏହି ଶ୍ରେଣୀର କବି ଉପେନ୍ଦ୍ର ଭଞ୍ଜ, ରାଧାନାଥ, ସେକ୍‌ସପିଅର ଓ କୀଟ୍‌ସ । ଆଉ ଗୋଟିଏ ଶ୍ରେଣୀର କବି ଅଛନ୍ତି ଯେଉଁମାନେ ଇନ୍ଦ୍ରିୟଗ୍ରାହ୍ୟ ରୂପର ହାଟରେ କେବଳ ଆକୃଷ୍ଟ ହୁଅନ୍ତି ନାହିଁ, ଇନ୍ଦ୍ରିୟକୁ ଅତିକ୍ରମ କରି ସେମାନେ ପ୍ରବେଶ କରନ୍ତି ଇନ୍ଦ୍ରିୟାତୀତ ଚରମ ସତ୍ୟର ରାଜ୍ୟରେ । ସେମାନଙ୍କୁ 'ମରମୀ' ଅଥବା ମିଷ୍ଟିକ (Mystic) କବି କହନ୍ତି । ବିଶ୍ୱକବି ରବୀନ୍ଦ୍ରନାଥ ଓ କବିବର ମଧୁସୂଦନ ଏହି ଶ୍ରେଣୀର ଅନ୍ତର୍ଗତ । ରବୀନ୍ଦ୍ରନାଥଙ୍କର ଯେ କୌଣସି ଶ୍ରେଷ୍ଠ କବିତା ଆଲୋଚନା କଲେ ଜଣାଯାଏ ତାହାର ମୂଳରେ ଅଛି ଏହି ଦୁଇ ପ୍ରକାରର ଅନୁଭୂତି । କବି କେବଳ ଯେ ମାନବ ମନର ନିଗୂଢ଼ ରହସ୍ୟ ଉଦ୍‌ଘାଟନ କରିଅଛନ୍ତି ତାହା ନୁହେଁ, ମାନବ ମନର କୌଣସି ବିଶେଷ ଅନୁଭୂତିର ଯେ ସେ କେବଳ ପୂର୍ଣ୍ଣ ଭାବରେ ଉପଲବ୍ଧି କରିଅଛନ୍ତି ତାହା ନୁହେଁ ଏହା ସଙ୍ଗେ ସଙ୍ଗେ ସେ ଭଲଭାବରେ ଉପଲବ୍ଧି କରିଥିଲେ ପ୍ରତ୍ୟେକ ଅନୁଭୂତିର ଅନ୍ତରାଳରେ ରହିଅଛି ଅନନ୍ତ ଓ ଅସୀମ ସତ୍ୟ । ରବୀନ୍ଦ୍ରନାଥଙ୍କର କବି ପ୍ରତିଭା ବୈଶିଷ୍ଟ୍ୟ ସୌନ୍ଦର୍ଯ୍ୟ ସମ୍ପର୍କରେ ତାଙ୍କର ସ୍ୱତନ୍ତ୍ର ଓ ବ୍ୟାପକ ପରିକଳ୍ପନାରେ ଆମ୍ଭେମାନେ ଦେଖିବାକୁ ପାଉ, କବି ସୁନ୍ଦରର ଉପାସକ । ତେଣୁ ଖଣ୍ଡ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିବା ତାଙ୍କ ପକ୍ଷରେ ସ୍ୱାଭାବିକ । ରାଧାନାଥ, ମଧୁସୂଦନ ଓ ଗଙ୍ଗାଧର ସମସ୍ତେ ଏହି ଖଣ୍ଡ ସୌନ୍ଦର୍ଯ୍ୟର ନୈସର୍ଗିକ ମାଧୁର୍ଯ୍ୟ ବର୍ଣ୍ଣନା କରିଅଛନ୍ତି । ଇଂରେଜ କବି କୀଟ୍‌ସଙ୍କ ପରି ରବୀନ୍ଦ୍ରନାଥଙ୍କ ମତରେ ଯେ କୌଣସି ବିଶିଷ୍ଟ ସୌନ୍ଦର୍ଯ୍ୟର ଚରମ ସାର୍ଥକତା ହେଉଛି ତାହା ଅଜ୍ଞାତରେ ଆମ୍ଭମାନଙ୍କୁ ଅନନ୍ତର ସନ୍ଧାନ କହିଦିଏ ଏବଂ ସୁନ୍ଦର ଓ ସତ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସୁନ୍ଦରରୁ ଯଦି ଶରତର ସତ୍ୟର ଉଜ୍ଜ୍ୱଳ ରଶ୍ମି-ରେଖା ବିଚ୍ଛୁରିତ ନ ହେଲା ତେବେ ସେ ସୁନ୍ଦରର ମହିମା ଓ ମହତ୍ତ୍ୱ କେଉଁଠି? ଯେଉଁ ମୂଳ ଉତ୍ସରୁ ଖଣ୍ଡ-ସୌନ୍ଦର୍ଯ୍ୟର କଣ ବିକୀର୍ଣ୍ଣ ହେଉଅଛି, ତାହା ଯଦି କାବ୍ୟର ପ୍ରାଣକେନ୍ଦ୍ର ନ ହୋଇ ପାରିଲା ତେବେ ସେହି କାବ୍ୟ ସୌନ୍ଦର୍ଯ୍ୟର ପାରିପାଟ୍ୟ ଦ୍ୱାରା କ୍ଷଣିକ ତୃପ୍ତି ବିଧାନ କରିପାରେ କିନ୍ତୁ ସେଥିରେ କୌଣସି ସତ୍ୟ ନ ଥିବାରୁ ତାହା ମନୁଷ୍ୟକୁ ପୂର୍ଣ୍ଣତା ଲାଭ କରିବା ଉଦ୍ୟମରେ କୌଣସି ପ୍ରକାର ସାହାଯ୍ୟ କରି ନ ପାରେ । ପାର୍ଥିବ ପଦାର୍ଥର ଅନ୍ତରାଳରେ ଏକ ଅଦୃଶ୍ୟ ଶକ୍ତିର ମହିମା ଲୁକ୍‌କାୟିତ ଅଛି. ଏହାର ମହିମା ପ୍ରଚାର କରିବା ସୌନ୍ଦର୍ଯ୍ୟ ବର୍ଣ୍ଣନାର ଅନ୍ୟତମ ଉଦ୍ଦେଶ୍ୟ । ଅନୁଭୂତିର ପରିପୂର୍ଣ୍ଣତା ନ ଥିଲେ ସୁନ୍ଦର ସଙ୍ଗେ ସତ୍ୟର ଏହି ମହା ମିଳନର ଛବି ସୁସ୍ପଷ୍ଟରୂପେ ଅଙ୍କନ କରିବା କବି ପକ୍ଷରେ ଅସମ୍ଭବ । ରୋମାଣ୍ଟିକ୍ କବି ହିସାବରେ ରବୀନ୍ଦ୍ରନାଥ ସୁନ୍ଦରର ଉପାସକ । କିନ୍ତୁ କେବଳ ସୌନ୍ଦର୍ଯ୍ୟର ରୂପ ବର୍ଣ୍ଣନାରେ ତାଙ୍କର ସୃଜନୀ ପ୍ରତିଭା ସୀମାବଦ୍ଧ ନୁହେ । ସୁନ୍ଦର ସହିତ ବରିଷ୍ଠ ସତ୍ୟର ଯେଉଁ ମହା ସମ୍ମେଳନ ତାଙ୍କର କାବ୍ୟରେ ଦେଖାଯାଏ, ତାହା ତାଙ୍କୁ ଆଜି ବିଶ୍ୱକବି ଆଖ୍ୟା ପ୍ରଦାନ କରିଅଛି । ତାହାଙ୍କର କାବ୍ୟ କବିତାରେ ବିଶ୍ୱ ସୁନ୍ଦର ହୋଇ ଦେଖା ଦେଇଛି । କବି ତାଙ୍କର 'ଜୀବନ-ଦେବତା'ଙ୍କୁ ବିଶ୍ୱର ଏହି ରୂପଳୀଳା ଓ ରୂପପୂର୍ଣ୍ଣ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖିପାଇଅଛନ୍ତି । ଧରଣୀର ପ୍ରତି ଧୂଳିକଣରେ ସେ ଜୀବନଙ୍କ ଅସ୍ତିତ୍ୱ ଉପଲବ୍ଧି କରିପାରିଅଛନ୍ତି । ସୁନ୍ଦର ମଧ୍ୟରୁ ସେ ମହା ସତ୍ୟର



Digitized by srujanika@gmail.com

ସମ୍ମାନ ପାଇଅଛନ୍ତି । ତେଣୁ ସେ ତାଙ୍କର '...ବନ ଦେବତା'ଙ୍କର ସାନ୍ନିଧ୍ୟ ଲାଭ କରିବା ନିମନ୍ତେ ବୈରାଗ୍ୟ ଅବଲମ୍ବନ କରିବାକୁ କଦାପି ପ୍ରୟାସୀ ହୋଇନାହାନ୍ତି । ସେ ପୃଥିବୀର ଅସଂଖ୍ୟ ସୌନ୍ଦର୍ଯ୍ୟର ବନ୍ଧନ ମଧ୍ୟରେ ବନ୍ଦୀ ହୋଇ ରହିବାକୁ ଚାହାନ୍ତି । ସୁନ୍ଦର ସହିତ ସତ୍ୟର ମିଳନ ରବୀନ୍ଦ୍ରଙ୍କ କାବ୍ୟରେ ଏପରି ପ୍ରାଣବନ୍ତ ଓ ସରସ ହୋଇ ପାରିଛି ଯେ ତାଙ୍କର କାବ୍ୟ କଳ୍ପନା ବସ୍ତୁତାନ୍ତ୍ରିକତାକୁ ପରିବର୍ଜନ କରି କଳ୍ପଲୋକର ସାମଗ୍ରୀ ହେଲେ ସୁଦ୍ଧା ଏବଂ ତାହା ପ୍ରତ୍ୟହିକ ସଂସ୍ପର୍ଶର ଅତୀତ ହେଲେମଧ୍ୟ, ତାହା ସାର୍ବଜନୀନ ଓ ସର୍ବଜନ ବୋଧ ହୋଇପାରିଛି । କାରଣ ଏହି ପାର୍ଥିବ ସୌନ୍ଦର୍ଯ୍ୟରୁ ଏହି ଧରଣୀର ଧୂଳିରୁ ତାଙ୍କର ସତ୍ୟର ଉଦ୍ଭବ । ସେ କବି, ଦାର୍ଶନିକ ନୁହନ୍ତି । ମନୁଷ୍ୟର ଦୁଃଖ, ନୈରାଶ୍ୟ ଓ ତାର ଅନ୍ତରର କ୍ଲୀବତା ଓ ଦୀନତା ତାଙ୍କର କବି ଚିତ୍ତକୁ ଦ୍ରବୀଭୂତ କରିଅଛି ଏବଂ ବିଶ୍ୱବାସୀ ମାନବ-ଜାତିର କେବଳ କ୍ଷଣିକ ଆନନ୍ଦପାଇଁ ନୁହେଁ, ସେମାନଙ୍କର ଆତ୍ମାର କଲ୍ୟାଣ ନିମନ୍ତେ ସେ ଏହି ପୃଥିବୀର ସକଳ ସୌନ୍ଦର୍ଯ୍ୟର ଆଦି-ଉତ୍ସ ବିଶ୍ୱ ସ୍ରଷ୍ଟାଙ୍କ ବିଷୟରେ ନାନା କବିତା ରଚନା କରିଅଛନ୍ତି । ଚିର ଯୌବନ ଓ ସୌନ୍ଦର୍ଯ୍ୟର ପ୍ରତୀକ ଉର୍ବଶୀକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଅଛନ୍ତି "ଡାନ ହାତେ ସୁଧାପାତ୍ର ବିଷ ଭାଣ୍ଡ ଲୟେ ବାମ କରେ" । ସୌନ୍ଦର୍ଯ୍ୟ ବିଶ୍ୱର ଶ୍ରେଷ୍ଠ ସୁଧା, ପୁଣି ସଂଯମହୀନ ସୌନ୍ଦର୍ଯ୍ୟ ବିଷର ଆକର ଏହାହିଁ ବିଶ୍ୱକବିଙ୍କର ସୌନ୍ଦର୍ଯ୍ୟର ପରିକଳ୍ପନା ଏବଂ ସୁନ୍ଦର ସହିତ ସତ୍ୟର ମହାମିଳନ ଏଠାରେ କିପରି ସମାଧିତ ହୋଇଅଛି—ଏହା ତାହାର ଉଜ୍ଜ୍ୱଳ ନିଦର୍ଶନ । 'ଶକୁନ୍ତଳା ନାଟକ ଓ କୁମାର ସମ୍ଭବ' କାବ୍ୟରେ ମହାକବି କାଳି ଦାସ ଦୁଷ୍ମନ୍ତଙ୍କ ସହିତ ଶକୁନ୍ତଳା ଏବଂ ମହାଦେବଙ୍କ ସହିତ ପାର୍ବତୀଙ୍କ ବିବାହରେ ଶାରୀରିକ ସୌନ୍ଦର୍ଯ୍ୟର ରୂପ, ରସ, ଓ ଗନ୍ଧକୁ ପ୍ରଥମେ ଅଭିବ୍ୟକ୍ତ କରି ପରେ ତାହାର ଅସାରତା ଓ କ୍ଷଣିକତାରୁ ଶାଶ୍ୱତ ସ୍ୱର୍ଗୀୟ ପ୍ରେମର ମହାସତ୍ୟ ଉଦ୍‌ଘାଟନ କରିଅଛନ୍ତି । ଏହିପରି ଯୁଗେ ଯୁଗେ ସାହିତ୍ୟରେ ସୁନ୍ଦର ସହିତ ସତ୍ୟର ମଧୁର ମିଳନ ହୋଇ ଆସିଅଛି । ଆଜି ତଥାକଥିତ 'ଗଣ-ସାହିତ୍ୟରେ' ଯୁକ୍ତ ସର୍ବହରା, ଶୋଷିତ, ଦଳିତ ଓ ନିର୍ଯ୍ୟାତିତର ଯେଉଁ କରୁଣ କାହାଣୀ ଆତ୍ମ ପ୍ରକାଶ କରୁଛି, ବିଧାତାଙ୍କର ଅନୁଗ୍ରହ ହେଲେ ସେ ଦୁର୍ଦ୍ଦିନର ଅବସାନ ହୋଇପାରେ । ଲୋକେ ଶାନ୍ତି ସୁଖରେ ରହି ପାରନ୍ତି । ତେଣୁ ସର୍ବହରାର ବେଦନାର ସୌନ୍ଦର୍ଯ୍ୟ ମଧ୍ୟରୁ ଯେଉଁ ସତ୍ୟ ଆଜି ପ୍ରକଟିତ ହେଉଅଛି ତାହା ଚିରନ୍ତନ ନୁହେଁ କ୍ଷଣସ୍ଥାୟୀ 'ମନୁଷ୍ୟ ସହିତ ବିଶ୍ୱ ସ୍ରଷ୍ଟାଙ୍କର ଯେଉଁ ଅଚ୍ଛେଦ୍ୟ ସମ୍ପର୍କ ତାହାହିଁ ଏ ଜଗତରେ ଏକମାତ୍ର ଚିରନ୍ତନ ସତ୍ୟ । ମନୁଷ୍ୟ ହୃଦୟର ଯେତେ ପରିବର୍ତ୍ତନ ହେଲେ ସୁଦ୍ଧା ବିଶ୍ୱ ନିୟନ୍ତାଙ୍କୁ ସେ ତାର ହୃଦୟ ସିଂହାସନରୁ ସହଜରେ ଦୂର କରିପାରିବ ନାହିଁ । ତେଣୁ ଭକ୍ତକବି ମଧୁସୂଦନ ସୁନ୍ଦର ସଙ୍ଗେ ସତ୍ୟର ମହାମିଳନ ଘଟାଇବାକୁ ଯାଇ "ଏ ସୃଷ୍ଟି ଅମୃତ ମୟ ହେ" କବିତାରେ ଲେଖିଅଛନ୍ତି—

ଏ ସକଳ ମଧ୍ୟେ ନିବସନ୍ତି ଯିଏ
ଶାଶ୍ୱତ ଅମୃତମୟ ହେ
ତାଙ୍କରୁ ଅମୃତ କରନ୍ତି ବାହାର
ଅନନ୍ତ ଅମୃତାଳୟ ହେ ।



Digitized by srujanika@gmail.com

# ଉପାୟନ

( ଶ୍ରୀ [illegible] ଉପାଧ୍ୟାୟ )

[illegible] ଶିବଙ୍କ [illegible] ଉପାସିତ କରିବ [illegible] । ଏକ [illegible] ଅସଂଖ୍ୟ [illegible] ଗୀତା ସମକ୍ଷ ଭୁଆସୁକୁ [illegible] ଦେବତା । [illegible] ପ୍ରଭାତ [illegible] ଫିଙ୍କେଇ [illegible] ସ୍ୱରରେ ପ୍ରଥମ ପ୍ରଭାତ ଭ୍ରମର ମଧୁଋତୁ [illegible] ନାହିଁ, ଆକାଂକ୍ଷାର [illegible] ଅନ୍ତର [illegible] କରୁନାହିଁ କିନ୍ତୁ ସେମାନଙ୍କ ସାଙ୍ଗ ଆତ୍ମୋତ୍ସର୍ଗ [illegible] ଅଗମ [illegible] ଅନୁଷ୍ଠାନ

[illegible] ସାଧନ [illegible] ବେଳା [illegible] ମନ୍ଦିର [illegible] ଧୂପ, [illegible] ନାନା ପ୍ରକାର [illegible] ଯଉଳି ଜୀବନ [illegible] ଛନ୍ଦରେ, ଅନନ୍ତ ସଙ୍ଗୀତ [illegible] ଜଗତକୁ [illegible] । [illegible] ଅପ୍ରତ୍ୟକ୍ଷ [illegible] ଅନ୍ତରକୁ [illegible] ଦେଉଛି । [illegible]

ଅନନ୍ତ [illegible] ଏଇ ଶିବଙ୍କ ଭବ ଭକ୍ତ [illegible] ମୂର୍ତ୍ତି [illegible] କରିଣ [illegible] ଏହା [illegible] । ସଫଳ [illegible] ମହାପ୍ରଭୁଙ୍କୁ [illegible] ଭୁଲିଯିବ [illegible] ଆଉଛ, ପୂଜା, [illegible] ମନ [illegible] ଯାହା ନୁହେଁ, ମନର [illegible] ଅମଳ [illegible] ମାନବ ସମାଜର [illegible] କରିଛନ୍ତି । [illegible] ଅନ୍ତରରେ [illegible] ମଧ୍ୟ ସେ ତ୍ୟାଗୀ, ସାଧକ, ତପସ୍ୱୀ—ତାଙ୍କ [illegible] ସାତ୍ତ୍ୱିକ [illegible] ଜଗତର [illegible] ଆସିଛନ୍ତି ।

[illegible] ମା [illegible] । [illegible] ଶଙ୍କା [illegible] ସୃଜନ [illegible] ଅନନ୍ତ [illegible] ଅନୁଭୂତି [illegible] ସେମାନଙ୍କର [illegible] । ସେ ସବୁ ବ୍ୟର୍ଥ, [illegible] ଜାଲଗଣ୍ଠିର [illegible] ପ୍ରକୃତ ସମସ୍ୟା [illegible] ଦେଖିବା [illegible] । ଇଚ୍ଛା, ଜ୍ଞାନ, କିମ୍ବା ଆଦ [illegible] ଅଭୋଗ୍ୟ [illegible] ନିଜର ଅସ୍ପଷ୍ଟରୂପେ [illegible] ଏଇ ଭାବ [illegible] ଅମର [illegible] ଇସାରା ।

ସେ [illegible] ଶିବ [illegible] ଯାଏ । ଅଭିଷେକ ପୂଜାବେଳେ ଘଣ୍ଟା, ମାଦଳ, ଶଙ୍ଖ [illegible] ବଜାଏ । ଫୁଲମାଳି [illegible] ମହାପ୍ରଭୁଙ୍କୁ ଦିଏ ଦେବ [illegible] ବହୁତ [illegible] । [illegible] ଓ ଅନ୍ୟ ଦେବଗଣ [illegible] ଏଇ ସରଳ ଧାରଣା [illegible] ନାନା [illegible] କରନ୍ତି [illegible] ।

[illegible] ମହାପ୍ରଭୁଙ୍କ [illegible] ଅନୁରାଗ [illegible] ଜୀବନ [illegible] ଅନୁଭବ କରନ୍ତି କିନ୍ତୁ [illegible] । [illegible] ଶିକ୍ଷା [illegible] ଜନ୍ମ ଆଦ [illegible] କଥା [illegible] ଦୋଦେ [illegible] କିନ୍ତୁ [illegible] ଇଚ୍ଛା [illegible] ।

[illegible] ଗତ [illegible] ଏ [illegible] କିନ୍ତୁ ସେମାନେ ସେ [illegible] । [illegible]



Digitized by srujanika@gmail.com

ଅର୍ପିତ ଜଗତଙ୍କୁ ସେମାନଙ୍କ ଚିତ୍ତ ଲୋଭିନ୍ତି ସମ୍ମୁଖରେ। ଆଶା, ଅର୍ଥ, ଶିଶୁ ଓ ଉପଭୋଗ ଆଦି ଜୀବନର ଲକ୍ଷ୍ୟ। ନାରୀ ପୁରୁଷ ଅଭିଳାଷୀ— ଉଚ୍ଛଳ ଯୌବନର ମଦମତ୍ତତା, ଧନଗର୍ବ ସାର୍ଥକ ନର୍ତ୍ତକୀ ଜାତି ନିଷ୍ଠା ମଣାଇ ଶିଳ୍ପ ରଖି ଦରାଣ ଦେଖି ନାରୀ ଶୋଷଣର କୁଞ୍ଜରେ ପ୍ରାଣ୍ତରେ ଆଦିମ ଅଧିକାର ତୃପ୍ତିର ଗର୍ଜନ, ସୁନ୍ଦରୀ ନାରୀ ମାନଙ୍କ ଲୋଭ ପୂର୍ଣ୍ଣ ଦେହ ବା ଶିଳ୍ପ ନାରୀ ଦଲେ ଅକାଳରେ କାର୍ଯ୍ୟ ଦେଇ ଦେ।

ଏହି ବୈଷୟିକ ମାନଙ୍କର ମନ୍ଦ ବାଣୀ! ଯେଉଁଠାରେ ଆନନ୍ଦ ନାହିଁ, ଶାନ୍ତି ନାହିଁ, ମଞ୍ଜୁଳି ନାହିଁ, ତୃପ୍ତି ନାହିଁ—ଅଛି କେବଳ ରୂପର ତୃଷ୍ଣା, ସମ୍ଭୋଗ, ଧନ ଭଙ୍ଗର ବିଳାସ, ମନର ଶୃଙ୍ଖଳ ଗତି। ଏ ଜୀବନର ତାତ୍ପର୍ଯ୍ୟ, କ୍ଷଣ ପ୍ରଣୟର ପ୍ରଣୟ, ଶ୍ୱାସ ପ୍ରଶ୍ୱାସରେ କଳନା ବେଦନା। ଜଗତର ପ୍ରଳୟରେ ଏ ବିନାଶ ନାହିଁ ବୁଝି ଏହି ଜଗତକୁ ଚନ୍ଦନ ପାଇଁ ଶଙ୍କା ଦିଏ। ଯେଉଁ ଶକ୍ତି ଶିବରେ ମିଳନ୍ତି ହେଲେ ତାହା କାମ୍ୟକାମୀ ହୋଇଯାଏ। ତାଙ୍କ ଅଭାବରେ ପ୍ରେତ, ତାହାକୁ ଜନସାଧାରଣର ପ୍ରଳୟରେ କଳନା। ଅଣୁ ପରମାଣୁର ଶିବ ମିଳନ୍ତି, ଏଇଠି ସମ୍ଭବ ହୋଇଛି। ତେଣୁ ଶ୍ରୁତି ଚାହେଁ "ଅର୍ଥଂ ପରମନ୍ତ୍ର ବ୍ରହ୍ମ ଅନ୍ତର୍ନିହିତ ପରମ ରୂପହିଁ ଦ୍ୟୋତନ, ପ୍ରେରଣ, ଚେତନ, ଚରଣ ଆଦି ଶକ୍ତି ତାଙ୍କ ଲୀଳାର ରହସ୍ୟ ପ୍ରତୀତ

ରାମବାବୁଙ୍କ ଅନ୍ତରରେ ଗଭୀର ଦୁଃଖବୋଧ ଜାଗିଉଠିଛି। ମନରେ ପଡ଼ିଗଲା କିଏ କ୍ଷୀଣତା, ଯେଉଁଠି ଏ ଦାଳି ଚକ୍କି, ଧୂସର ମୁଖମଣ୍ଡଳ। ଦୁଃଖ ଦେଖି ଜୀବନ, ବାର୍ଦ୍ଧକ୍ୟ ଛୁଇଁ ମଧ୍ୟ ସେ ଲାଗିଛି ବୁଢ଼ା ବୟସରେ ଯାଇଥିଲେ ଗୀତାଠିକି। ତା ପରେ ସୁନ୍ଦର ହୋଇଥିଲେ ସାନ ଗାଁରେ ମିଳିତ। ତିଳ [illegible] ତାର ପୁଣି ଏ ଅପ୍ରତ୍ୟାଶିତ ଦଶା। ତାର ଯାହା ଜଗତିଏ ଚଞ୍ଚଳ ଯୁବକ ହାତରେ ଛନ୍ଦ ଦେଇ ଯେମିତିଥାନ୍ତେ ଜୀବନର ପିପାସା, ଯାହାର ଲତାର ପଲ୍ଲବ ଯେଉଁ ପ୍ରେମର ଅକଳଙ୍କ ଛନ୍ଦ

ପୁଣି ଆସନ୍ତେ କନ୍ଦୁ ଉଛ୍ୱାସ ସମ୍ଭବ ହୋଇପାରେ, ଆଶା ଲୋଭ ଦ୍ୱାରା ଜୀବନ। ଏହି ଆଶାରେ ଆଶାତ୍ମୀ ଦୁଃଖ ଚେଷ୍ଟା ମିଶା କଣ୍ଠସ୍ୱରରେ କହିଥିଲେ ଯେ ଗୀତାକୁ ଅପବିତ୍ର ଭାବି ତ କଳନା ଲୁହ। କୁଞ୍ଚିତ ଘନ କେଶ କଳାପରେ ଅଶ୍ରୁମୀ ଭାଗ୍ୟ ଲଗାଇ ଗଭୀର ଦ୍ୱିତୀୟ ଯାମରେ ଗୃହ ଛାଡ଼ି ଅନ୍ଧ ଖୋଇଥିଲେ ଅର୍ଦ୍ଧ ମୂର୍ଚ୍ଛିତ ବାୟୁରେ ନୀରବ ମୌନ ଓ ସ୍ତବ୍ଧ ହୋଇ ରହିଗଲେ। ତାଙ୍କ ସନ୍ଧ-ଧର୍ମିଣୀ ଲଳିତା ବିଷାଦଗ୍ରସ୍ତା, ଦେହରେ ମୂର୍ଚ୍ଛନା ଜାବ ନାହିଁ। ବେଦନା ବ୍ୟାକୁଳ ଅଙ୍ଗ ଲତାକୁ ହଲାଇ ହଲାଇ ନାନା ଅଭିଯୋଗ କରୁଛନ୍ତି ମହାଶକ୍ତିଙ୍କ ନିକଟରେ ଶକ୍ତିର ଅସୀମ କଳ୍ପନାରେ କ୍ଷୁବ୍ଧ ହୋଇ। ଗ୍ରାମପଣ୍ଡିତ ଗାଁର ସାଧୁପଣ୍ଡାଙ୍କ ପୁଅ କମଳ ସଙ୍ଗେ ବିବାହ ସମ୍ବନ୍ଧୀୟ ସବୁକଥା ତୁଟିଥିଲା କନ୍ୟା ଗୀତାର ଅକଳଙ୍କ ଅବସ୍ଥା ଯୋଗୁ ତାହାଙ୍କ ଲାଗି ଲଳିତା। ତାଙ୍କ ଅଶାନ୍ତି ଗୀତା ତାର ସାଧାରଣ ଜ୍ଞାନ ଜାଣେନା, ସେଥିପାଇଁ ସୌନ୍ଦର୍ଯ୍ୟ ପରିବ ଦେଖାଇବାକୁ ଶକ୍ତି ରହି ନାହିଁ। ସେ ସଙ୍ଗୀତ ବୁଦ୍ଧିହୀନା, ଲଳିତାର ଆଗପରି ଗୃହ ଛାଡ଼ିବା ନାହିଁ କାମ୍ୟ ସାଧନରେ ଆନନ୍ଦ ନାହିଁ, ମୃଣ୍ମୟୀ ହୋଇଗଲେ ସେପରି ଖାଲି ମାଟି ମାଟି। ନାନା ଝଡ ତୋଫାନରେ ନିଜକୁ ରଖି, ଅଜ୍ଞ ସାଧୁମାନେ ସମାଧି ଦୁଃଖର ବିଗ୍ରହ ତୋଳି। ଧୂପ ଦୀପ ଦାନ ଅର୍ଘ୍ୟ ଦାନରେ "ସହସ୍ର ଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍" ମନ୍ତ୍ର ଉଚ୍ଚାରିତ ହୋଇ ଦୀପ୍ତ ଶିଖା ଜାଳିଲେ ତ ଚଳ ଛୁଟିଗଲା। ପିଣ୍ଡଙ୍କ ଲଳିତାକୁ ଶୁଭ ପ୍ରଜ୍ଞାନ ଗୃହ ଶିଖା, ଅବ୍ୟକ୍ତ ଲୀଳା।

ଅଷ୍ଟମୀରେ ମହାପ୍ରାଙ୍ଗଣ ଅନ୍ତରେ ପୂଜା ରହେ। ସର୍ବଜଗତର ସୃଷ୍ଟି ମୂଳରେ ଶକ୍ତି ମନ୍ତ୍ର କଣ୍ଠା ଅନେକ ଗୀତା ଓ ମହାପାପକୁ ଉଦ୍ଧାର କରନ୍ତି। [illegible] ରୂପଧର ଦୁଃଖଭାରାକ୍ରାନ୍ତ ରାମବାବୁ ମନରେ ଅପରାଧବ୍ୟାର ମୋହ ତୁଟି ଯାଇଛି। ମଳିନା ଲଳିତା ଅଳକ୍ଷିତରେ ରାମବାବୁଙ୍କୁ ଅନୁରୋଧ କରନ୍ତି, 'ଶକ୍ତି ଉପାସକ। ମନର ବାସନା ସମସ୍ତଙ୍କର ସେ ପୂରଣ କରୁଛନ୍ତି। ତେବେ ଆମେ ଜାହିଁକି —'



Digitized by srujanika@gmail.com

କ୍ଷଣିକ ଉତ୍ତେଜନାରେ ଶବ ପ୍ରେରଣାର ବିଭଳତା ମଧ୍ୟରେ ଏକାଗ୍ରବ ଦେଖୁଛନ୍ତି ରାମବାବୁ ଓ ତାଙ୍କ ସହଧର୍ମିଣୀ । କୁଣ୍ଡଳୀନୀ ଶକ୍ତିର ବିରହରେ ଶିବ ଶବ, ଆନନ୍ଦମୟୀ ଶକ୍ତିର ଅଭାବରେ ଧନ ମନ ଯୌବନ ସାଧ ସାଧନ ବିଦ୍ୟାର ଅପାର ହେତୁ ମୃତ, ଉଙ୍ଗର । ଇଷ୍ଟ ଦେବର ପୂଜା ଅଙ୍ଗ ସମାପ୍ତି ଲଭିବ ଗୀତାର ଉଦ୍ଦେଶ୍ୟ ନଦ ସମ୍ପନ୍ନ ହୁଏ । ତେଣୁ ଆସିବ ଭୁକ୍ତି ଓ ମୁକ୍ତି ।

କ୍ଷମା କରିବେ ମହାପ୍ରାଣ ଆପଣେ । ତତ୍ତ୍ୱହୀନ, ଜ୍ଞାନଶୂନ୍ୟ, ମନ୍ତ୍ରହୀନ ହୋଇ ସାମାନ୍ୟ ଅନୁରୋଧ କରିଛି ଗୀତା ପକ୍ଷରୁ ଆପଣଙ୍କୁ । ଏଣୁ ଆପଣଙ୍କ ସ୍ୱୀକୃତ ଯେ ଲୋଡ଼ା ।

"ଶବ ସେବକଠାରୁ ସ୍ୱୀକୃତ ନେବାଟା ଅସ୍ୱାଭାବିକ ହେଉନାହିଁ" ରାମବାବୁ ?

ସୃଷ୍ଟିର ଅଜେୟ ଶକ୍ତିରେ ଅସ୍ୱାଭାବିକ କିଛିନାହିଁ । ପ୍ରଭୁଦାସ ପ୍ରଥଷ୍ଠା କେବଳ ବାହାର ଦେଖାଣିଆ ମାତ୍ର । ଅନ୍ତରର ଜୀବଶକ୍ତି ତାହା ବୋଧହୁଏ କହେନା । ମୁଁ ବା କଣ ଅଧିକ ଜାଣେ ମହାପ୍ରାଣ ଆପଣେ, ବିଶେଷତଃ ଆପଣଙ୍କୁ କହିବା ପାଇଁ । ତେବେ ପୂଜା ସମୟରେ ଆପଣ କିଛି ଅଭାବ ବୋଧ କରନ୍ତି କି ?

କାରଣ, ଶକ୍ତିର ଅଭାବରେ ଶିବ ଯେପରି ଶବ, ତାଙ୍କର ପୂଜା ମଧ୍ୟ ଧ୍ୱଜ୍, ଅସୃକ୍, ମେଦ ପ୍ରଭୃତି ପଞ୍ଚ ଶକ୍ତିର ଦୃଷ୍ଟିକୋଣ ନଥିବା ହେତୁ ତାନ୍ତ୍ରିକ ଦୃଷ୍ଟିରୁ ଅସ୍ପୃଶ୍ୟ, ଛୁଇଁ ଓ ତଳ୍ପ ।

ଏହାର ପ୍ରତୀକାର ମୁଁ ହୃଦୟରେ ସ୍ୱପ୍ନ-ଦର୍ଶନରେ ଅନୁଭବ କରେ । ଏଣୁ ଆପଣଙ୍କର ଆପତ୍ତି ନହେଲେ କାର୍ଯ୍ୟରେ ପରିଣତ କରିବି ମାତ୍ର । କିନ୍ତୁ ଆପଣ ଟିକେ ବିବ୍ରତ ।

ଏସବୁ ସଙ୍କୀର୍ଣ୍ଣ କଳ୍ପନା ମାତ୍ର । ଆଦ୍ୟ ଶକ୍ତି ଯେ ସର୍ବଦା ସର୍ବର ମୂଳପିଣ୍ଡ ।

ତେବେ ଏପରି କର୍ମରେ ଆପତ୍ତି ବା କାହିଁକି ?

ଗୀତା ସମ୍ବନ୍ଧରେ ବିଶେଷ ବର୍ଣ୍ଣନାର ପ୍ରୟୋଜନ ନାହିଁ । ବିଶେଷତଃ ଆପଣଙ୍କ ନିକଟରେ ଯାହାର ଅନ୍ତର, ମନ; କାର୍ଯ୍ୟ; ସବୁ ତାର ହୃଦସାଗରକୁ ଉଦ୍ବୁଦ୍ଧ କରୁଛି, ତାପାଖରେ ଏସବୁ ପୁନରୁକ୍ତି କରିବା ଶୋଭନୀୟ ନୁହେଁ । ବିଷୟ ଭ୍ରମରେ ପଡ଼ି ଆପଣଙ୍କ ପ୍ରତି ଭ୍ରମଧାରଣା ରଖି ବହୁତ କର୍କଶ ଭାଷାରେ ଗାଳି ଦେଇଛି, ପରୋକ୍ଷରେ ପ୍ରତ୍ୟକ୍ଷରେ ଆପଣଙ୍କୁ ଅପମାନ ଦେଇଛି । ଜନସମାଜରେ ମଧ୍ୟ ଏହି ପ୍ରକୃତ ଶକ୍ତି ପ୍ରତି ନାନା କୁତ୍ସା ରଟନା କରିଛି । ଜାଣିଛି ଏହା ମୋର ନିର୍ବୋଧତା, ମୂଢ଼ତା; ବୁଝିଛି ଏହା ମୋର ଭ୍ରାନ୍ତ ଧାରଣା । ଏହାର ପ୍ରାୟଶ୍ଚିତ ପାଇଁ ଗୀତାକୁ ଆପଣଙ୍କର କରକମଳରେ ଦେବା ପାଇଁ ଆସିଛି । କଣ କହୁଛନ୍ତି ଆପଣ ?

ଆଷାଢ଼ର ନବ ମେଘମାଳା ଶ୍ୟାମରୂପ ଲଭେ ଯେପରି ମୟୂରର ନର୍ତ୍ତନ ଲଭେ, ସେପରି ଜଡ଼ ପ୍ରାଣରେ ଜୀବନ ପାଇବ ଗୀତା ସଙ୍ଗ ଲଭି । ଏଥିରେ ପ୍ରଶ୍ନର କି ଆବଶ୍ୟକତା ?

ଦିବ୍ୟଶକ୍ତିର ସ୍ଫୁରଣ ମଧ୍ୟରେ ଗୀତା ଅଙ୍କ ଉପାୟନ । ହିମାଦ୍ରି କନ୍ୟା ପାର୍ବତୀ ପରି ଗୀତା ନିଜ ଚରଣ ତଳେ କାମ, କ୍ରୋଧ ପ୍ରଭୃତି ଦଳି ଦେଇ ଅନ୍ତରର ଶତ ବାସନା ଦୀପ ଜାଳି ରଚିଛି ପୂଜା । ରାମବାବୁ, ଲଳିତା, ମହାପାତ୍ରେ ସ୍ୱର୍ଗ ମର୍ତ୍ତ୍ୟ କଳ୍ପନାରେ ନ ରହି ଉଚ୍ଚାରଣ କରୁଛନ୍ତି ମନ୍ତ୍ରଧ୍ୱନିରେ ଅଷ୍ଟମୀ ପୂଜାର ଶୁଦ୍ଧ ମନ୍ତ୍ର ଯାହା ଜଗତରେ ରଚିଛି ଉପାସନସୂଚୀ ।

# ଜୀବନର ଅର୍ଦ୍ଧ ପଥେ

ଶ୍ରୀ ନବକିଶୋର ଦାସ, (ଅଡ଼ଭୋକେଟ)

ଉତପ୍ତ ଧରଣୀର ଶୁଷ୍କ-ପ୍ରାଣୁ ଉଠେ ଆର୍ତ୍ତି-ଧ୍ୱନି
ପକ୍ଷୀର କୂଜନେ,
ଜୀବନର ଅର୍ଦ୍ଧପଥେ ଝଙ୍କା ତରୁତଳେ ବସି ଭାଳେ
ଗୋପନେ ବିଜନେ ।
ସୁଖ-ଦୁଃଖ, ବିରହ-ମିଳନ, ବାଧା-ବିଘ୍ନ
ନାନା ଦ୍ୱନ୍ଦ୍ୱ, କ୍ଷୀଣ ନଦୀ ଧାର ଭଳି
ବହି ଯାଏ ପଥ ପାଶେ ମୋର, ମୁହିଁ ଭୋଳ
ରୂପ ଦେଖେ ଏକ ସ୍ୱପ୍ନ-ଛଳି ।
ସେହି ସ୍ୱପ୍ନ ଭାବୁକର କଳ୍ପ-କୁଞ୍ଜେ
ଲୁକ୍କାୟିତ ପୁଷ୍ପ ସମ—
ଗନ୍ଧ ଯାର ଭରେ ଗ୍ରାମବାସୀ
ପ୍ରାଣ-ମନ, ମୁଗ୍‌ଧ ମମ
ପରିତୃପ୍ତ ପ୍ରାଣ-ତନ୍ତ୍ରୀ, କି ରହସ୍ୟ ରଚିଅଛି
ଜୀବନ—ଅମ୍ବର
ମାଟି-ମର୍ତ୍ତ୍ୟ ଅପରୂପ ବର୍ଣ୍ଣାସମ
ପୁଲକ ବିତର ।
ଢାଳିଅଛି ସ୍ୱର୍ଗୀୟ ଯେ ସୁଧା,
ନିତ୍ୟ ନବ ହୋଇଅଛି ଅଗ୍ରୁଣାର ଶ୍ୟାମ ପଥେ
ଶୁଷ୍କ, ରୁକ୍ଷ ରିକ୍ତ ଏ ବସୁଧା ।
ଯୁଗେ ଯୁଗେ ବୃଥା, ଜଣା-ଶୁଣା ମଧ୍ୟେ
ଅଜଣା ରହିଲା କିଛି,
ଡାକିଲା ସେ ଅସୀମର ବନ୍ଧା-ହୀନ-ପଥେ,
ପ୍ରତି କ୍ଷଣେ ତାର ପରିଚୟ ଯେବେ ମୁଗ୍‌ଧା ବଧୂ
ନୟନ କେମନ୍ତେ
ଗୃହୁଁ ରହେ ଗବାକ୍ଷେ ତା ପ୍ରିୟ ପଥ ଅନୁସର
ହେ ଜୀବନ ! ପ୍ରିୟତମା···ମୋର ପ୍ରାଣ ସହଚରୀ
ଗ୍ରାମର ଗୋଧୂଳି ତଳେ
କ୍ରୀଡ଼ାରତ ଶିଶୁଗଣ, ଧୂଳିର ପ୍ରତିମା ।
ଗଢି, ଭାଙ୍ଗେ କ୍ଷଣେ କ୍ଷଣେ—
ସ୍ୱପ୍ନେ ରଚି ଗୃହ, କାର୍ଯ୍ୟ, କଳ୍ପନା-ସୁଷମା ।
ନିଜ କ୍ରୀଡ଼ା ଦେଖି ନିଜେ
ଜ୍ୱଳିଅଛି ଗ୍ରୀଷ୍ମ କୋପାନଳ
ଉତପ୍ତ ଧୂସର ଧୂଳି
ଲଭିଅଛି ଶିଶୁର କୋମଳ
ପଦ-ସ୍ପର୍ଶେ ସୁକୋମଳ, ସୁଶୀତଳ ବାଣୀ
ହେ ଜୀବନ ! ପ୍ରିୟ ମୋର
କହୁଅଛ ସେଥି କୋମଳ କାହାଣୀ !
ମଳିନ ଶ୍ୟାମଳ ଶୋଭା, ନୈସର୍ଗ ନାନା ରୂପ
କ୍ଳାନ୍ତ ତୃଷାତୁର ଗୋପକୁଳ
ବହୁଅଛି-ଗ୍ରାମ ଉପକଣ୍ଠେ ସ୍ମୃତି-ଫୁଲ୍ଲା ସାଥିମୋର
ଝଙ୍କାଳିଆ ଝାଉଁଳା ବକୁଳ
ଯାର ଛାୟାତଳେ ଗ୍ରାମ-ଗାଭୀ ନିଦ୍ରାଗତ,
ବାଛୁରୀ ତା ଛୁଇଁଥାଇ ବନ୍ଧନ
ଧାଇଁ ଆସି ପିଏ ଦୁଗ୍ଧ, ଚମକନ୍ତି ଗାଭୀମାତା
ଲଭି କିବା ସୁଖର ସ୍ପନ୍ଦନ !
ଆହା, ଅର୍ଦ୍ଧମାତ୍ର ଯହିଁ ମାଟି
ଦେଖି ତୃଣ ଅବର୍ଜନା
ତହୁଁ କ୍ଷୁଧା ଭୁଲି ଶ୍ୱାନଗଣ ସୁପ୍ତ ସୁଖେ,
ମଧୁ ଶଯ୍ୟା ହୋଇଲା ରଚନା ।
ଯାହା ମୋର ଲାଗି ଶ୍ରେୟ,
ଜୟ-ଗାଥା ତାର ଗାଇଲି ମୁଁ ଆଜ,
ହେ ଜୀବନ ! କ୍ଷଣେ କ୍ଷଣେ
ତୁମ ଜୟ-ଯାତ୍ରା-ପଥେ ହୁଏ ଧ୍ୟାନ-ମଗ୍ନ ।
ଅପର ସୀମ ଏ ମଧୁ, ସ୍ୱାଦ ଢାଳେ
ବଚନ ବିଭୂତି ତୁମ,
ଅର୍ଦ୍ଧ-ପଥେ ପୂର୍ଣ୍ଣ-ମନୋରଥେ, ଉଭା ମୁହିଁ
ବର ଅଛି ମଧୁର ବନ୍ଧନ ।
ପକ୍ୱ-କେଶ ଭୂଷଣ ଯା ଶିରେ—
ବୃଦ୍ଧଗଣ ଗ୍ରାମ-ମିଳନ-ମଣ୍ଡପେ
ବହୁ ସୁଖ-ଦୁଃଖ ଅଭାବ ବା ଅସୁବିଧା
କଥା-ସ୍ରୋତେ ନେଉଛୁ ଭବିଷ୍ୟକାଳରେ
ନିଜ ଯୁବା-ପୁତ୍ର-ଗର୍ବେ; ଅବା କନ୍ୟା ବିବାହ ଜଞ୍ଜାଳେ



Digitized by srujanika@gmail.com

ଗମ୍ଭୀର ହୁଏ କା ମୁଖ, ଅନେ ଗୃହଁ କେହୁ
କହେ କିଛି ପୁଣ ମନେ ମନେ ଭଲେ—।
ସବେ ଯେବେ ଚିନ୍ତା-ଗ୍ରସ୍ତ,
ଘୋଟିଅଛି ଗୁରୁ ଏକଛାୟା;
ହେ ଜୀବନ ! ଏକ ତୋର ଚିତ୍ର,
ଲଗାଇଛୁ ମହା ମଧୁମାୟା !
ଅପସରେ ଝଞ୍ଜା ଉଠେ ଝଡ଼ପଡ଼େ
ଅଗଣିତ ଶୁଷ୍କ ପତ୍ର
ତମା ଅନ୍ତର ଅନ୍ତରାଳେ ସ୍ୱପ୍ନରଚି,
ପ୍ରେମାର୍ପିତ ହୁଏ ଗାନ
ହେ ଧରଣୀ ! ଯାହା ଝଡ଼େ, ଭାଙ୍ଗେ, ମରେ
ତାହା ସ୍ଥାନେ ଆସିବ ନୂତନ !
ଅନାଗତ ଆଗମନୀ ଗାଏ କଣ୍ଠ,
ନାହିଁ ଶୂନ୍ୟ ଚିର ଶ୍ୟାମଳ ଜୀବନ
ରଚିଅଛି ଅବନୀ ଅନ୍ତରେ ଅଭିନବ ଅଭିସାର ତାର;
ହେ ଜୀବନ ! ଅର୍ଦ୍ଧ-ପଥେ ରଖିଗଲ ଏବନ୍ଦନା—
ଘେନ ନମସ୍କାର ;

# ମାତୃ ପୂଜା

( ପଣ୍ଡିତ ଶ୍ରୀ ଗୋପବନ୍ଧୁ ବିଦ୍ୟାଭୂଷଣ )

ଶିଖରେ ଶିଖରରୁ ନୀଳାଞ୍ଜନ ପ୍ରଭ ପଟଳ ପ୍ରଧ୍ୱସିତ ନବୋତ୍କଣ୍ଠ ଘନଘଟା ଘୋର ଘର୍ଘର ସ୍ୱର ଧୈବତ ଶ୍ରୁତି ସହ ବର୍ଷର୍ତ୍ତୁକଳୀନ ସିନବଲ ନର୍ତ୍ତିଥିବାର ଗୃହେ ଗୃହେ ବିଭୀଷିକାମୟ ପୈଶାଚିକ ନାଟକର ଯବନିକା ପାତ କରେ ଯାମ୍ୟ ଦିଗଙ୍ଗନା ଚନ୍ଦନ ବିନ୍ଦୁଛଟା ରାଜମାନ କୁମ୍ଭ ସମ୍ଭବ ନକ୍ଷତ୍ର ମଣ୍ଡଳ ନିର୍ମଳ ଗଗନ ପ୍ରାନ୍ତରାଳ ପ୍ରଦ୍ୟୋତ ମାନ ହେଲା ତଡ଼ାଗ ପୁଷ୍କରିଣୀ ସରୋବର ପ୍ରଭୃତି ଜଳାଶୟ ନିକୁରମ୍ବ କହ୍ଲାର କୈରବେନ୍ଦୀବର ପୁଣ୍ଡରୀକ କୋକନଦ ମାଳାରେ ସୁସଜ୍ଜିତ ହୋଇ ଉନ୍ମାଦ ଚଞ୍ଚଳ ଚଞ୍ଚରୀକ କୁଳର ଅବ୍ୟସ୍ତ ମଧୁର ଅସ୍ଫୁଟ ଝଙ୍କାରରେ ମୃଦୁ ମଧୁର ରମଣୀ କମ୍ବୁକଣ୍ଠ ଧ୍ୱନିର ଭ୍ରମ ଉତ୍ପାଦନ କଲା କାଶ ହାସିନୀ ମରାଳ ମାଳିନୀ କଞ୍ଜଲୋଚନୀ ନକ୍ଷତ୍ରପୁଞ୍ଜ ରଞ୍ଜନୀ ସସ୍ୟାବଳୀ ଶ୍ୟାମଳ ଦୁକୂଳ ପରିଧାୟିନୀ ଶାରଦ ସୁନ୍ଦରୀ— ସହଚରୀ ସହଗୃହିଣୀ ପ୍ରକୃତି ପଟ୍ଟରାଣୀଙ୍କର ବିଶ୍ୱ ବିମୋହନ ମଧୁର ନାଟ୍ୟକଳା ମାଧୁରୀରେ ଦିଗ ଦିଗନ୍ତରାଳ ପରମାହ୍ଲାଦିତ ହେଲା । ଏହି ଜନ ମନୋନନ୍ଦକାରୀ ସମୟରେ ଦିବାକର କଳାକର ବୈଶ୍ୱାନର ନୟନୀ ଜଗଦାନନ୍ଦ ଦାୟିନୀ ହର ହୃଦୟ ହାରିଣୀ ଜଗନ୍ମାତା ସଙ୍କଟ ତାରିଣୀଙ୍କର ନିଦ୍ରାଭଙ୍ଗ ହେଲା । ସେହି ସଙ୍ଗେ ସଙ୍ଗେ ଆନନ୍ଦ ବିହ୍ୱଳ ଚିତ୍ତରେ ଆନନ୍ଦମୟୀଙ୍କ ଆନନ୍ଦୋତ୍ସବପାଇଁ କଳକଣ୍ଠୀଙ୍କ କଳ କଣ୍ଠରୁ ମୃଦୁ ମନ୍ଦସ୍ୱରରେ ହୁଲହୁଲି ରୂପ ଆନନ୍ଦ ଧ୍ୱନି ଉଚ୍ଛୁଳି ଉଠିଲା । ଲକ୍ଷ ଲକ୍ଷ ବାଳକ ବାଳିକାଙ୍କ ଉନ୍ମୁକ୍ତ କଣ୍ଠରୁ ସେହି ଭୁଜଙ୍ଗମାଭରଣ ସମ୍ଭାର ଧାରିଣୀ କୌତୁହଳମୟୀ ଅନାଦି ଆଦିଶକ୍ତି ମହା ମହା ଯୋଗିନୀଙ୍କର ପରମ ପବିତ୍ର ନାମରେ ଜୟ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା ନିସର୍ଗ ନିର୍ମଳ ଗଗନ ମଣ୍ଡଳ ପରିପୂର୍ଣ୍ଣ କଲା । ସେହି ସଙ୍ଗରେ ଉଚ୍ଛୃଙ୍ଖଳ ଶକ୍ତି ମାଧୁରୀ ସମ୍ଭୂତ ମୂର୍ଚ୍ଛନା ଓ ଉଦ୍ଧତ ତର୍ଜନ କରାଳ କରବାଳ ଯଷ୍ଟି ମୁଦ୍ଗର ପ୍ରଭୃତି ଶସ୍ତ୍ରାସ୍ତ୍ରର ଅଭିନୟ ଏବଂ ଜଗଝମ୍ପ ବୀରବାଜା କୋଳାହଳ ସହ ସାଧାରଣ ଦର୍ଶକ ନର ନାରୀଙ୍କ ଚିତ୍ତରେ ଏକ ଅଲୌକିକ ଉତ୍ତେଜନା ରସର ପ୍ରବାହ ଖେଳାଇ ଦେଲା । ସୁତରାଂ କରାଳକାଳ-ମହିଷାସୁରର ଦମ୍ଭପୂର୍ଣ୍ଣ ହୃଦୟ ଆପେ ଆପେ ଥରହର ହେବାକୁ ଲାଗିଲା । ଦୁର୍ଭିକ୍ଷ-ଦୈତ୍ୟର ପ୍ରବଳ ପ୍ରତାପ କ୍ରମେ କ୍ରମେ କମିବାକୁ ବସିଲା । ରୋଗରାଶି-ଦୁର୍ଦ୍ଦାନବ ବୀରବର କୁଳ ବ୍ୟାକୁଳ ଚିତ୍ତରେ ଦୂରରୁ ଦୂରକୁ ପଳାୟନ କରିବାକୁ ଇତସ୍ତତ ଧାବମାନ ହେଲେ ।



Digitized by srujanika@gmail.com

ସାଧାରଣ ସନ୍ତ୍ରାସ ସମ୍ଭୂତର ପୈଶାଚିକ ନୃତ୍ୟରଙ୍ଗ ଭଙ୍ଗ ହେବାରୁ ମାନବମାନଙ୍କର ଚିତ୍ତ-ଅଙ୍କରେ ଆତଙ୍କ ଆଉ ଅଙ୍କିତ ହେବାକୁ ସ୍ଥାନ ପାଇ ପାରିଲା ନାହିଁ । ସ୍ଥାନେ ସ୍ଥାନେ ସଭା ସମିତିମାନଙ୍କରେ ଜଗଜ୍ଜନନୀ ସର୍ବମଙ୍ଗଳାଙ୍କର ମଙ୍ଗଳ ଗାନ ଦିଗାନ୍ତରାଳରେ ବିମୂର୍ଚ୍ଛିତ ହେଲା । ଶକୁନ୍ତ କୂଳର କଳରବ ଅରଣ୍ୟାନୀର ବିଜନରାଳାନ୍ତରାଳକୁ ଶାନ୍ତ ସୁଧା ସେଚନ କରି ରଚନା କୌଶଳରେ ବିଶ୍ୱାସଯୋଗ୍ୟ ରୂପେ ଶର୍ଜିତ ହେଲା । କଣ୍ଠଲୟାଙ୍କୁର ସଙ୍କୀର୍ଣ୍ଣ ଉଦ୍ୟାନ ବନମାଳା ମଧ୍ୟରେ ଶଶକ ହରଣାଦିକୁଳ ନିଜ ନିଜ ପ୍ରଣୟିନୀ ପ୍ରଣୟରେ ପରମ ପ୍ରୀତି ଲାଭ କଲେ । ଆଉ ଦୁର୍ଦ୍ଦିନ-ଦୁର୍ଦ୍ଦାନ୍ତ ଦାନବର ଉଦ୍ୟମ ସଫଳ ହେଉନାହିଁ । ବିଶ୍ୱ-ମଙ୍ଗଳା ମହାମାୟାଙ୍କର ପ୍ରଭାବରେ ପ୍ରଭାବିତ ହୋଇ ଭକ୍ତ ଭକ୍ତ ଚିତ୍ତରେ ମୁକ୍ତିକାମନାକର ନର-ନାରୀଗଣ ସେହି ଭକ୍ତମୁକ୍ତି ଦାୟିନୀଙ୍କ ସୁକ୍ତ ମହିମା ଗାନରେ ତତ୍ପର ହେଲେ । ବିବିଧ ଶକ୍ତି ସମୁନ୍ନତି କାମନାରେ ସେହି ଜାଗରିତା ଜଗନ୍ମାତାଙ୍କ ପୂଜାର୍ଥେ ଉପଚାର ଉପହାରର ଆୟୋଜନରେ ମର୍ତ୍ତ୍ୟଗଣ ବ୍ୟଗ୍ର ହେଲେ । ଜଗଦ୍ଧାତ୍ରୀଙ୍କ ଅପାର କରୁଣାରୁ ଧରିତ୍ରୀ ମଣ୍ଡଳ—ଭଣ୍ଡାର ଶସ୍ୟରାଶିରେ ପରିପୂର୍ଣ୍ଣ ଦେଖି ଜନ ସାଧାରଣ ବିଶ୍ୱର ସ୍ତରେ ସ୍ତରେ ଅନ୍ନପୂର୍ଣ୍ଣା ମହିମା ବୈଚିତ୍ର୍ୟ ଅନୁମାନ କଲେ । ଆଉ ଆଧ୍ୟାତ୍ମିକ ଆଧିଦୈବିକ ଆଧିଭୌତିକାତ୍ମିକ ତାପତ୍ରୟ ସାଧାରଣ ହୃଦୟ ଗତ ପାପରାଶିର ସହ ସୂର୍ଯ୍ୟୋଦୟେ ନୈଶାନ୍ଧ ତମସର ନ୍ୟାୟ ପଳାୟନ କରି କୌଣସିଠାରେ ଆଶ୍ରୟ ପାଇପାରିଲା ନାହିଁ । ସୃଷ୍ଟିସ୍ଥିତି ସଂହାର କାରିଣୀ ହରିହର ବିରଞ୍ଚି ଜନନୀ ଅଶେଷ ବ୍ରହ୍ମାଣ୍ଡର ସଙ୍କଟ ଧ୍ୱଂସିନୀ ସଦ୍ୟୋ ବିଖଣ୍ଡିତ ନରମୁଣ୍ଡମାଳିନୀ ଅବସ୍ଥାଭେଦକାଳିନ ରମା ବାଣୀ ଦୁର୍ଗା ରୂପିଣୀ ନିରର୍ଥକ ନିସର୍ଗ ଦୁର୍ଗତି ବର୍ଗ ବିଦ୍ରାବିଣୀ ଜଗଜ୍ଜନନୀ ଅଶେଷୋପଚାରରେ ବିବିଧାର୍ଷାନରେ ଅନେକ ରୂପରେ ବହୁପ୍ରକାରରୁ ଧ୍ୟାନରେ ଅସଂଖ୍ୟ ଧାରଣାରେ ପରିପୂଜିତ ହୋଇ ଅଖିଳ ନର ନାରୀଙ୍କର ଅନ୍ତରଙ୍ଗାନ୍ତରାଳର ଅଭିଳାଷ ପରିପୂରଣ କରନ୍ତୁ ।

ସେହି ବିଶ୍ୱଧାତ୍ରୀ କାଳରାତ୍ରୀ ତ୍ରିପୁରାରିପୁରୀ ନିର୍ଗୁଣାନୁରୂପ ନିରୂପମ ରୂପ ସମ୍ପଦରେ ସମଲଙ୍କୃତା ହୋଇ ଦୃଶ୍ୟମାନ ବିଶ୍ୱର ଅଶେଷୋପକାର କରନ୍ତୁ । ବର୍ତ୍ତମାନ ସୁଦ୍ଧା ଆମ୍ଭମାନଙ୍କର ଅଶେଷ ପାପତାପ ନିହୁରିତ କରି ଜଗଦମ୍ବା ସୁଖ ଶାନ୍ତି ବିଧାନ କରନ୍ତୁ ।

# ନବ୍ୟ ବିଜ୍ଞାନ

( ଶ୍ରୀ ଶଶିଭୂଷଣ ରାୟ )

ପଞ୍ଚଶ ମାଇଲ ଦୂରକୁ ସଂବାଦ ପ୍ରେରଣ କରିବାକୁ ହେଲେ ଦୁଇ ହଜାର ବର୍ଷ ପୂର୍ବେ ଅଲେକ ଜାଣ୍ଡାରଙ୍କୁ ( Alexzander the great ) ଯେଉଁ ବ୍ୟବସ୍ଥା କରିବାକୁ ହୋଇଥିଲା ବିଶାଶଏ ବର୍ଷ ପୂର୍ବେ ନେପୋଲିୟନ (Napoleon) ତଦପେକ୍ଷା ସହଜ ଓ ଦ୍ରୁତଗାମୀ ଉପାୟ ଖୋଜି ପାଇ ନାହାନ୍ତି । ଇଂଲଣ୍ଡର ରାଣୀ ଏଲିଜାବେଥଙ୍କ (Elizabath) ସଭାରେ ବିଶ୍ୱକବି ସେକ୍ସପିଅର ଯେଉଁ ଗ୍ଲୋବ ଥିଏଟରରେ ମେକ୍‌ବେଥ୍ ନାଟକ (Macbeth) ପାଠ କରିଥିଲେ ମହାକବି କାଳିଦାସଙ୍କ ସମୟରେ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜ ସଭାରେ



Digitized by srujanika@gmail.com

ପ୍ରଦୀପ ତଦପେକ୍ଷା ମ୍ଳାନ ଥିଲା ବୋଲି କୌଣସି ପ୍ରମାଣ ନାହିଁ । ବିଜୟ ସିଂହ ଲଙ୍କା ଜୟ କରିବାକୁ ଯେଉଁ ଜାହାଜରେ ଚଢ଼ି ଥିଲେ, ସେହି ଜାତୀୟ ଜାହାଜରେ ଚଢ଼ି ପୋର୍ତ୍ତୁଗାଲର ( Vasco-da-gama ) ଉତ୍ତମାଶା ଅନ୍ତରୀପ ( Cape of good Hope) ବୁଲି ଭାରତ ବର୍ଷକୁ ଆସିଥିଲେ ।

ବିଜ୍ଞାନ କହିଲେ ଯେବେ ବିଶିଷ୍ଟ ଜ୍ଞାନ ବୁଝାଏ ତାହାହେଲେ ଏହି ଭୂମଣ୍ଡଳରେ ମାନବର ଆବିର୍ଭାବ ସଙ୍ଗେ ସଙ୍ଗେ ତାହାର ଉତ୍ପତ୍ତି । ଦୁଇଖଣ୍ଡ କାଠ ଘଷି ଘଷି ଯେଉଁ ବ୍ୟକ୍ତି ନିଆଁ ବାହାର କରିଥିଲା, ବିଖ୍ୟାତ ବୈଜ୍ଞାନିକ Newton କିମ୍ବା Galilio ଅପେକ୍ଷା ତାହାର କୃତିତ୍ୱ କମ ନୁହେ । କିନ୍ତୁ ଜନ୍ମ ଠାରୁ ବିଜ୍ଞାନ ଯେ ଚାଲି ଚାଲିରେ ଧୀରେ ଧୀରେ କରି ଚାଲିବାକୁ ଆରମ୍ଭ କରିଥିଲା । ତାହାର ଦ୍ରୁତ ଚଳନ ସକାଶେ ଅନେକ ଯୁଗ ଚାଲିଗଲା । ପରେ ଦେଖା ଗଲା ସେ ହଠାତ୍ ଏକାବେଳକେ ଊର୍ଦ୍ଧ୍ୱଶ୍ୱାସରେ ଧାଇଁବାକୁ ଆରମ୍ଭ କଲାଣି ।

ପଚାଶ ବର୍ଷ ପୂର୍ବେ ଏହି ଧରା ପୃଷ୍ଠରୁ ଅପସୃତ କୌଣସି ଲୋକକୁ ଆଜି ଯେବେ କୌଣସି ପ୍ରକାରରେ ଏହି ପୃଥିବୀକୁ ଅଣାଯାଏ ସେ କେବେହେଁ ଏଠାରେ ବାସ କରିଅଛି ବୋଲି ଚିହ୍ନି ପାରିବ ନାହିଁ । ବିଜ୍ଞାନ ବଳରେ ମାନବ ଆଜି ମାଟି ଛାଡ଼ି ପବନରେ ତାହାର ସାମ୍ରାଜ୍ୟ ବିସ୍ତାର କରିଅଛି । ଜଳ ନିଜର ଆଧିପତ୍ୟ ସ୍ଥାପନ କରିଅଛି । ଏକ ସ୍ଥାନରେ ଛିଡ଼ା ହୋଇ ତାର ଏବଂ ବିନା ତାରରେ ସମସ୍ତ ପୃଥିବୀକୁ ନିଜ ଆୟତ୍ତ ମଧ୍ୟକୁ ଆଣିଅଛି ଏବଂ ତାହାର ଅବାସ ସ୍ଥଳକୁ ବେଗ ଜର ମହାମାରୀ ପ୍ରଭୃତି ଦୂରୀକରଣ ସକାଶେ ବଦ୍ଧ ପରିକର ହୋଇଅଛି । ସୀସା ଏବଂ ସୁନା ମୂଳରେ ଯେ ଏକହିଁ ଅଣୁ ଅଛି ଆଜି ତାହା ପ୍ରମାଣିତ ହୋଇଅଛି । ମନୁଷ୍ୟ, ବୃକ୍ଷ ଓ ପ୍ରସ୍ତର ବିଜ୍ଞାନରେ ଯେ ଏକହିଁ ବିଷୟର ଅଧୀନ ଏହା ଭାରତବର୍ଷର ସୁପ୍ରସିଦ୍ଧ ବୈଜ୍ଞାନିକ ୰ଜଗଦୀଶ ଚନ୍ଦ୍ର ତାହା ଦେଖାଇ ଅଛନ୍ତି । ଏମିଲ ଫିସର (Emil fisher) ମତ ଯେବେ ଭ୍ରାନ୍ତ ନହୁଏ ତେବେ ଅଚିରରେ ପାଇଣ୍ଟ ବୋତଲରେ ଦୀର୍ଘାୟୁ ହେବାର ଔଷଧ ବଜାରରେ ଦେଖା ଦେବ ।

ବାଲ୍ୟ କାଳରେ ଭାନୁମତୀ ଖେଳ ଅଧିକାଂଶ ଲୋକ ଦେଖିଥିବେ । ଏହା ଐନ୍ଦ୍ରଜାଲିକଙ୍କର ଖେଳ । ଗୋଟିଏ ମାଟି ହାଣ୍ଡିରେ ଗୋଟିଏ ଆମ୍ବ ଟାକୁଆ ପୋତା ହୁଏ, ଦେଖୁ ଦେଖୁ ଟାକୁଆରୁ ଗଛ ହୁଏ । ସମସ୍ତଙ୍କର ଦୃଷ୍ଟି ଉପରେ ସେହି ଗଛ ବଢ଼ୁଥାଏ, ସେଥିରେ ଫଳ ମଧ୍ୟ ହୁଏ ଦର୍ଶକ ଚକ୍ଷୁ ସମକ୍ଷରେ ସବୁ ଦେଖିଥାଏ ପଚାଶ ବର୍ଷ ମଧ୍ୟରେ ବିଜ୍ଞାନ ଐନ୍ଦ୍ରଜାଲିକର ଗଛ ଭଳି ବଢ଼ି ଉଠିଅଛି ।

ଆଜି ମାନବ ଆକାଶରେ ଜଳ ମଧ୍ୟରେ ଇଚ୍ଛାନୁସାରେ ସନ୍ତରଣ କରୁଅଛି ଧରାପୃଷ୍ଠରେ ଅବାଧରେ ବିଚରଣ କରୁଅଛି । ମୁହୂର୍ତ୍ତି ମଧ୍ୟରେ ପୃଥିବୀର ଅପର ପ୍ରାନ୍ତର ସମ୍ବାଦ ସଂଗ୍ରହ କରୁଅଛି, ନିଜର ସାହିର ଖବର ସଂଗ୍ରହ କରିବା ମନୁଷ୍ୟର ଏକ ସମୟରେ ଦୁଃସାଧ୍ୟ ଥିଲା, ଆଜି ସେ ପ୍ରତ୍ୟହ ପ୍ରାତଃକାଳରେ ସମସ୍ତ ପୃଥିବୀର ଖବର ନେଉଅଛି ।

ଆମେରିକାର ଅଦ୍ଭୁତ କର୍ମା ବୈଜ୍ଞାନିକ ଏଡ଼ିସନ୍ ପୃଥିବୀର ସକଳ ସ୍ଥାନର ସଜୀବ ଘଟନା ତାହାଙ୍କ ତୃତୀୟ ଚକ୍ଷୁରେ ଦୃଷ୍ଟି ସମ୍ମୁଖରେ ଧରି ରଖିଲେ, ରନକେନ ତାହାଙ୍କ ତୃତୀୟ ନେତ୍ର ଖୋଲି ଦେଲେ, ଭାରତ ବର୍ଷର ୰ ଜଗଦୀଶ ଚନ୍ଦ୍ର ଏହି ବୈଚିତ୍ର୍ୟମୟୀ ପୃଥିବୀର ଅନ୍ତର୍ନିହିତ ବିରାଟ ଐକ୍ୟର ସନ୍ଧାନ ଦେଲେ ।

ପାସ୍ତୁରଙ୍କର ପ୍ରଦର୍ଶିତ ପଥରେ ଚାଲି ଲିଷ୍ଟର ଅସ୍ତ୍ର ଚିକିତ୍ସା ନିରାପଦ କଲେ । ରସ ମେଲେରିଆ ଉଚ୍ଛେଦର ଉପାୟ ନିରୂପଣ କଲେ । ମେଚନିକଫ୍ ଜରାର କାରଣ ଆବିଷ୍କାର କଲେ ।



Digitized by srujanika@gmail.com

କେଲଭିନ୍ ପ୍ରୀ ଫଣ ଆଟଲାଣ୍ଟିକ ମହାସମୁଦ୍ର ମଧ୍ୟଦେଇ ବୈଦ୍ୟୁତିକ ତାର ଘେନିଗଲେ । ନୋବେଲ ଶୈଳ ପର୍ବତ ପ୍ରଭୃତି ଧୂଳିସାତ୍ କରିବାର ଉପାୟ କଲେ । ଇଞ୍ଜିନିୟର ବର୍ଗ ମାଟି କାଟି ନଦୀରେ ପରିଣତ କଲେ । ପୁଣି ନଦୀ ପୋତି ତାହାକୁ ସମତଳ ଭୂମି କରି ପକାଇଲେ । ଆଜି ମାନବ ହଜାର ହଜାର ମାଇଲ ଦୂରରୁ ସହଜ ଗଳାରେ କଥାବାର୍ତ୍ତା କରୁଅଛି ।

ସେହି ବୁଦ୍ଧି ସଙ୍ଗେ ସଙ୍ଗେ ଆହାର୍ଯ୍ୟ ଦ୍ରବ୍ୟର ଉପାଦାନ ଉଦ୍ଭାବିତ ହେଉଅଛି । କୃତ୍ରିମ ପ୍ରଣାଳୀରେ ପରୀକ୍ଷାଗାରରେ ସୁମିଷ୍ଟ ସୁଖାଦ୍ୟ ଆହାର୍ଯ୍ୟ ପ୍ରସ୍ତୁତ ହେଉଅଛି । ଏତେଦିନ ଧରିତ୍ରୀ କେବଳ ମନୁଷ୍ୟର ଆହରଣ କ୍ଷେତ୍ର ଥିଲା । ଆଜି ପବନ ମଧ୍ୟ ଧରା ପଡ଼ିଗଲାଣି । ଡାରଉଇନ୍‌ଙ୍କର ଅଭିବ୍ୟକ୍ତି ବାଦ ଉତ୍ତାରୁ ଆହୁରି ଅନେକ ତତ୍ତ୍ୱ ପ୍ରଚାରିତ ହେଲା ଭବିଷ୍ୟତରେ ଗୋଟିଏ ସୂକ୍ଷ୍ମ ସଜୀବ ବଂଶ ଧାରା ଗଠନରେ ବର୍ତ୍ତମାନ ମାନବ ଯେ ଏକ ବେଳକେ କ୍ଷମତା ହୀନ ନୁହେ—ଲୋକେ ବର୍ତ୍ତମାନ ବୁଝିଲେଣି ।

ଜ୍ଞାନ ସାର୍ବଜନୀନ—ଏହାର କୌଣସି ପ୍ରାଦେଶିକତା ନାହିଁ । ଏକଥା ସତ୍ୟ ହେଲେହେଁ ବିଶ୍ୱ ମାନବର ଜ୍ଞାନର ପରିଧିକୁ ବିସ୍ତୃତ କରିବାକୁ ଭାରତବର୍ଷ ଯାହା ଦେଇଅଛି ତାହାର ତୁଳନା ନାହିଁ । ଭାରତ ବର୍ଷର ଜଗଦୀଶ ଚନ୍ଦ୍ରଙ୍କର ବୈଜ୍ଞାନିକ ଆବିଷ୍କାରରେ ଏହା ସୁସ୍ପଷ୍ଟୀକୃତ । ତାହାର ଶକ୍ତି କେବଳ ଜଡ଼ ଭାବରେ କପଟ କାର୍ଯ୍ୟକରେ ଏହା ଦେଖି ଭାରତ ବର୍ଷୀୟ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ନିଶ୍ଚିନ୍ତ ରହିଲେ ନାହିଁ । ଜୀବ ଉପରେ ତାହାର କ୍ରିୟା ଲକ୍ଷ କଲେ ଏବଂ ଉଭୟଙ୍କ ମଧ୍ୟରେ ଯେଉଁ ଐକ୍ୟ ଏବଂ ସାମ୍ୟ ପ୍ରତିଷ୍ଠିତ କଲେ ତହିଁରେ ମାନବର ଚିର ଦିନର ରୂପ ସିଦ୍ଧ ଜୀବନର ସଂଜ୍ଞା ପରିବର୍ତ୍ତିତ ହୋଇଗଲା ।

ଜୀବ ଦେହର ଅନେକ ବୈଚିତ୍ର୍ୟ ଅନେକ ସ୍ଥଳ ଗତି ତଥା ପଦାର୍ଥ ବିଜ୍ଞାନ କିମ୍ବା ରସାୟନିକ ବିଜ୍ଞାନର ସାଧାରଣ ନିୟମ ଦ୍ୱାରା ମୀମାଂସିତ ନ ହେବାର ଦେଖି ବୈଜ୍ଞାନିକମାନେ ଜୀବନୀ ଶକ୍ତି ବୋଲି ପ୍ରାଣୀର ଅଭ୍ୟନ୍ତରସ୍ଥ ଗୋଟିଏ ବିଶେଷ ଶକ୍ତିର ଅସ୍ତିତ୍ୱ କଳ୍ପନା କରିଥିଲେ । ଜୀବ ଦେହର କାର୍ଯ୍ୟ ସମ୍ବନ୍ଧରେ ଯାହା କିଛି ଅବୋଧ ଗମ୍ୟ ସେମାନଙ୍କର ଏହି କଳ୍ପନା ଜୀବନୀ ଶକ୍ତି ଦ୍ୱାରା ମୀମାଂସା କରିବାର ଚେଷ୍ଟା କରିଥିଲେ । ମାତ୍ର ଜଗଦୀଶ ଚନ୍ଦ୍ର ଦେଖିଲେ ଏହା କେବଳ ଶୁଣିବା କଥା ମାତ୍ର; ଜୀବର ସକଳ କାର୍ଯ୍ୟ କଳାପର ସବୁବେଳେ ଏହାଦ୍ୱାରା ମିଳେ ନାହିଁ । ଏହା ତ୍ୟାଗ ଅସଲ ଭିତରର କଥା ଅନ୍ଧକାରରେ ରହିଯାଏ । ଏହି ବିଶ୍ୱରେ ଶକ୍ତି ମଧ୍ୟରେ ଯେ ଏତେ ବଡ଼ ଗୋଟିଏ ବିଷମ ତାରତମ୍ୟ ଅଛି । ଯେଉଁ ଶକ୍ତି ଭୀଷଣ ଝଞ୍ଜାରୂପେ ମହୀରୁହ ଉତ୍ପାଟିତ କରି ଅଟ୍ଟାଳିକା ଧୂଳିସାତ୍ କରି ବିଜୟୀ ସେନାପରି ଜଳ ନଗର ପ୍ରଚଣ୍ଡତା ହରଣୀ ପଲ୍ଲୀରେ ରହିଯାଏ, ତାହା ଗୋଟିଏ ଅନ୍ଧ ଶକ୍ତି, ଆଉ ଯାହା ବଳରୁ ଅନ୍ଧକାର ଘରେ ପ୍ରୋଥିତ ଲତାର ଗୋଟିଏ ଉର୍ଦ୍ଧ ଉନ୍ମୁକ୍ତ ବାତାୟନର ଆଲୁଅ ଓ ପବନ ଆଡ଼କୁ ପ୍ରସାରିତ ହୋଇ ବର୍ଦ୍ଧିତ ହୁଏ ତହିଁରେ ଗୋଟିଏ ଜାଗ୍ରତ ଶକ୍ତି; ବର୍ତ୍ତମାନ ବିଶ୍ୱେଶ୍ୱରଙ୍କ ରାଜ୍ୟରେ ଶକ୍ତିର ଏହି ବିଭିନ୍ନତା ସ୍ୱୀକାର କରିବାକୁ ବୈଜ୍ଞାନିକଙ୍କ ମନ ମାନିଲା ନାହିଁ । ନାନା ଦିଗରୁ ନାନା ପରୀକ୍ଷା ଦ୍ୱାରା ସେ ଦେଖାଇଲେ ପଦାର୍ଥ ବିଜ୍ଞାନ ଅନୁମୋଦିତ ଜଡ଼ ଉପରେ ଶକ୍ତିର କ୍ରିୟା ଜୀବ ମଧ୍ୟରେ ମଧ୍ୟ କାର୍ଯ୍ୟ କରିଥାଏ । ଯେଉଁ ଭେଦ ବିଜ୍ଞାନର ବିଭିନ୍ନ ଶାଖାକୁ ଏତେଦିନ ବିଯୁକ୍ତ କରିଥିଲା, ଜାତି ଭେଦ ପ୍ରଧାନ ଭାରତ ବର୍ଷର ବୈଜ୍ଞାନିକ ସେହି ଭେଦ ବିମୋଚନ କରି ସକଳ ବିଜ୍ଞାନକୁ ଏକ କରି ଦେଲେ ।

କୁଲି ଯେତେବେଳେ ଆସାମର ଚା ବଗିଚାକୁ ଯାଏ ସେତେବେଳେ ସେ ସ୍ୱପ୍ନ ଦେଖୁଥାଏ । କିନ୍ତୁ ଯେତେବେଳେ ଚା ବଗିଚାର ଅଭିଜ୍ଞତା ଓ ଆସାମର କାଳଜ୍ୱର ଦେଖେ ସେ ସେଠାରେ ସେତେବେଳେ ପ୍ରଥମ ଥର ନିଜର



Digitized by srujanika@gmail.com

ରୁଦ୍ର ରସ ଠିକ ମର୍ମାନ୍ତିକ କରୁଣ ରସରେ ପରିଣତ ହୁଏ । ଆଭ୍ୟନ୍ତରିକ ଅବସ୍ଥା ବାହାରର ଜବାବ ଦ୍ୱାରା ଧରା ପଡ଼େ—ଏହି ହେତୁରୁ ଜୀବ ବାହାରର ଉତ୍ତେଜନାରେ କପଟ ଜବାବ ଦିଏ ଦେଖି ଭିତରର ଖବର ଜଣାଯାଏ । କିନ୍ତୁ ଏଠାରେ ଟିକିଏ ବ୍ୟତିକ୍ରମ ଅଛି । କୌଣସି ଜନ୍ତୁକୁ ଆଘାତ କଲେ ସେ ଚିତ୍କାର କରି ହାତ ଗୋଡ଼ ଛାଟି ଜବାବ ଦିଏ, ଜନ୍ତୁଟି ଯେବେ ବାକ୍‌ଶକ୍ତି ହୀନ ହୁଏ ତେବେ କେବଳ ହାତଗୋଡ଼ ଛାଟି ଦେବ କିନ୍ତୁ ଏହି ମୂକ ଜନ୍ତୁକୁ ଯେବେ ଗୋଡ଼ହାତ ବାନ୍ଧି ମରାଯାଏ, ସେ କୌଣସି ଜବାବ ଦେବାକୁ କ୍ଷମ ହୁଏ ନାହିଁ । କିନ୍ତୁ ତାହାର ବେଦନାର ଅନୁଭୂତି ସମଭାବରେ ପ୍ରବଳ ଥାଏ । ଲଜକୁଳିଲଠା ଛୁଇଁ ଦେଲେ ତାହାର ଡାଳ ପଡ଼ିଯିବ; କିନ୍ତୁ ଆମ୍ବ, ଜାମୁ, ପଣସ ଗଛ ହାତ ଗୋଡ଼ ଆବଦ୍ଧ ଏହି ହେତୁରୁ ସେ ବୃକ୍ଷକ ପ୍ରତ୍ୟକ୍ଷ ଜବାବ ଦେଇ ପାରନ୍ତିନାହିଁ । ସେ ପରୀକ୍ଷା ଦ୍ୱାରା ଦେଖାଇଲେ ଯେ ଏହି ବନ୍ଧନ ଖୋଲି ଦେଲେ ଗଛ ମାନେହିଁ ଲଜ୍ଜାବତୀ ଲତା ଭଳି ଲଜ୍ଜାଶୀଳ । ଯେଉଁ ସମସ୍ତ ଯନ୍ତ୍ରର ନିର୍ମାଣ ଚାତୁର୍ଯ୍ୟ ଦେଖି ପାଶ୍ଚାତ୍ୟ ଦେଶର ସୁଦକ୍ଷ କାରିଗର ବର୍ଗ ଚମତ୍କୃତ ହୋଇ ଯାଇ ଅଛନ୍ତି, ନିଜର ତତ୍ତ୍ୱାବଧାନରେ ନିର୍ମିତ ସେହି ସମସ୍ତ ସୂକ୍ଷ୍ମ ଯନ୍ତ୍ର ଦ୍ୱାରା ବହୁ ଜବାବର ଲିପି ଗ୍ରହଣ କରି ସେ ଦେଖାଇଲେ ଯେ ବାହାରେ ଆଘାତ ଜନ୍ତୁର ସ୍ନାୟୁ ଅଥବା ପେଶୀ ଉପରେ ଯେଉଁଭଳି କାର୍ଯ୍ୟ କରେ, ଅବିକଳ ସେହି ଭାବରେ ଉଦ୍ଭିଦକୁ ଉତ୍ତେଜିତ କରିଥାଏ । ଆଘାତ ଉପରୁ ଆଘାତରେ ଉଦ୍ଭିଦ କିପରି କ୍ଳାନ୍ତ ହୋଇପଡ଼େ, କ୍ଲୋରଫରମ ପ୍ରୟୋଗରେ କିଭଳି ନିର୍ଜୀବ ହୋଇଯାଏ; ପୁଣି ବରଫ ପାଣି ଦେଇ ବାନ୍ଧିଲେ କିପରି ପୂର୍ବର ସଜୀବତା ଆସେ, କ୍ଲୋରଫରମର ମାତ୍ରାଧିକ୍ୟରେ କିଭଳି ଚିରକାଲ ସକାଶେ ଅସାଡ଼ତା ରହିଯାଏ ପ୍ରଭୃତି ସମ୍ବନ୍ଧରେ ନାନା ଚିତ୍ର ଗ୍ରହଣ କରି ତାହାଙ୍କର ଏହି ଗବେଷଣାର ଫଳ ପ୍ରକାଶ ନିମନ୍ତେ ସେ ବିଲାତର ବିଜ୍ଞାନ ସମ୍ବନ୍ଧୀୟ ଶ୍ରେଷ୍ଠ ପତ୍ରିକାର ସମ୍ପାଦକ ନିକଟକୁ ଗଲେ । ବିଲାତର ବୈଜ୍ଞାନିକ ଜଗତରେ ମହା ଆନ୍ଦୋଳନ ଉପସ୍ଥିତ ହେଲା । ପରୀକ୍ଷା ସମ୍ବନ୍ଧରେ କୌଣସି କୌଣସି ବୈଜ୍ଞାନିକ ସନ୍ଦେହ କରିବାରୁ ସେ ଏଭଳି ସବୁ ଯନ୍ତ୍ର ନିର୍ମାଣ କଲେ ଯେ ଯହିଁରେ ଆଘାତ ପ୍ରଦାନ, ଜବାବ ଗ୍ରହଣ ପ୍ରଭୃତି କାହାରି ସାହାଯ୍ୟ ବ୍ୟତୀତ ଆପଣା ମନକୁ ହେଲା । ସେତେବେଳେ ବୈଜ୍ଞାନିକମାନେ ନିଃସଂଶୟରେ ତାହାଙ୍କ ମତ ଗ୍ରହଣ କଲେ । ଏହି ସମସ୍ତ ଯନ୍ତ୍ରଦ୍ୱାରା ଜନ୍ତୁ ଓ ଉଦ୍ଭିଦର ଜବାବରେ ଏକତା ସେ ଦେଖାଇ ଦେଲେ । ଆଭ୍ୟନ୍ତରୀଣ ଯେଉଁ କ୍ରିୟା ଫଳରୁ ଜନ୍ତୁ ଜବାବ ଦେଇଥାଏ, ଉଦ୍ଭିଦର ଜବାବ ଅବିକଳ ସେହି କାରଣରୁ ହୋଇଥାଏ । ଏହା ପ୍ରମାଣିତ ହେଲା । ଏହି ଆଭ୍ୟନ୍ତରୀଣ କ୍ରିୟା ମୂଳରେ ଯେ ଜୀବନୀ ଶକ୍ତି ବୋଲି କୌଣସି ଅଜ୍ଞେୟ ଶକ୍ତିନାହିଁ । ବାହାରର ଶକ୍ତି ଭିତରେ ଅଣୁର ବିକୃତି ଘଟାଇ ଯେଉଁ ପରିବର୍ତ୍ତନ ଘଟାଇଦିଏ ତାହାହିଁ ଯେ ଜବାବରୂପେ ଦେଖାଦିଏ, ବହୁ ପରୀକ୍ଷା ଏହା ପ୍ରମାଣ କରିଦେଲା ଉଦ୍ଭିଦର ଯେଉଁ ସମସ୍ତ ବିଷୟର ଜଟିଳ ପ୍ରଶ୍ନ ସମୂହର କୌଣସି ସଦୁତ୍ତର ନ ଦେଇ ନ ପାରି ପୂର୍ବ ବୈଜ୍ଞାନିକମାନେ ନିରସ୍ତ ହୋଇଥିଲେ । ଭାରତ ବର୍ଷର ବୈଜ୍ଞାନିକ ଶ୍ରୀ ଜଗଦୀଶ ଚନ୍ଦ୍ର ଗୋଟିଏ ସହଜ ନିୟମ ଦ୍ୱାରା ସମସ୍ତ ମୀମାଂସା କରିଦେଲେ ।

ଉଦ୍ଭିଦର ଜବାବ ବ୍ୟତୀତ ଉଦ୍ଭିଦ ସମ୍ବନ୍ଧରେ ଅନ୍ୟାନ୍ୟ ଅନୁସନ୍ଧାନ କରିବା ସକାଶେ ସେ ଅନେକ ସୂକ୍ଷ୍ମ ଯନ୍ତ୍ର ନିର୍ମାଣ କଲେ, କେଉଁ ରସାୟନିକ ଦ୍ରବ୍ୟ ବୃକ୍ଷର ବୃଦ୍ଧିର ସହାୟତା କରିଥାଏ, ଏହା ଦେଖିବାପାଇଁ ଯେଉଁ ଯନ୍ତ୍ର ଉଦ୍ଭାବିତ ହେଲା ତାହା ବୃକ୍ଷର ବୃଦ୍ଧିକୁ ସହସ୍ରଗୁଣ କରି ଚକ୍ଷୁକୁ ଦର୍ଶିଗଲା; ତନ୍ମଧ୍ୟରେ ଉତ୍ତେଜନା କପରି ବେଗରେ ଚାଳିତ ହୁଏ ତାହା ଦେଖିବାର ଯନ୍ତ୍ର ଏକ ସେକଣ୍ଡର ସହସ୍ରାଂଶ ସମୟରେ ସଠିକ ଭାବରେ ଲିପିବଦ୍ଧ କରିଦେଲା ।

ଉଦ୍ଭିଦ ବିଜ୍ଞାନର ନୂତନ ନୂତନ ପୁସ୍ତକରେ ଜଗଦୀଶ ଚନ୍ଦ୍ରଙ୍କର ଆବିଷ୍କାର ସ୍ଥାନ ଲାଭ କଲା । ଆମେରିକା ବିଶ୍ୱବିଦ୍ୟାଳୟର



Digitized by srujanika@gmail.com

କର୍ତ୍ତୃପକ୍ଷ ଗଣ କୃଷିଶିକ୍ଷା ଦେବା ସଙ୍କାଶେ ତାହାଙ୍କର ଉଦ୍ଭାବିତ ଯନ୍ତ୍ର ବ୍ୟବହାରରେ ସଚେଷ୍ଟ ହେଲେ । ଇଂଲଣ୍ଡର ଶିକ୍ଷା ସମ୍ବନ୍ଧୀୟ ସର୍ବପ୍ରଧାନ ସଭା ଜଗଦୀଶ ଚନ୍ଦ୍ରଙ୍କର ଅବିଷ୍କାର ଶିକ୍ଷାଶାସ୍ତ୍ରର ନବ ନବ ପଥ ଉନ୍ମୁକ୍ତ କରିଅଛି ବୋଲି ତାହାଙ୍କୁ ସେମାନଙ୍କର ସଭାରେ ବକ୍ତୃତା ଦେବା ସଙ୍କଶେ ଆମନ୍ତ୍ରଣ କରିଥିଲେ । ଭାରତ ବର୍ଷର ବୈଜ୍ଞାନିକ ସେହି ସତ୍ୟର ସନ୍ଧାନରେ ଧାଇଁଲେ—ଯାହା କୌଣସି ବିଶେଷ ବିଜ୍ଞାନର କୌଣସି ବିଶେଷ ଅଂଶର ନୁହେ—ସେହି ବିରାଟ ସତ୍ୟ ଯାହା ଉପରେ ସମସ୍ତ ବିଜ୍ଞାନ ପ୍ରତିଷ୍ଠିତ ।

ଏହି ହେତୁରୁ ଜୀବ ଯାଉ ଜଡ଼ ଉପରେ ମଧ ବାହାରର ଆଘାତ ଉତ୍ତେଜନାର କ୍ରିୟା ସେ ଲକ୍ଷ୍ୟ କଲେ । ପ୍ରତ୍ୟକ୍ଷ ଶିହରଣ ବ୍ୟତୀତ ଅନ୍ୟ ଉପାୟରେ ଶିହରଣ ଗ୍ରହଣ କରିବାର ଏକ ପ୍ରଣାଳୀ ଅଛି, ଆହତ ସ୍ଥାନରୁ ବିଦ୍ୟୁତ୍ ପ୍ରବାହ ଚତୁର୍ଦ୍ଦିଗରେ ସଞ୍ଚାଳିତ ହୁଏ । ଏବଂ ତାହାର ବଳ ଦ୍ୱାରା ଶିହରଣର ମାତ୍ରା ନିରୂପିତ ହୁଏ । ଇଂଲଣ୍ଡର ରୟାଲସୋସାଇଟି କର୍ତ୍ତୃକ ନିମନ୍ତ୍ରିତ ହୋଇ ପାଶ୍ଚାତ୍ୟ ବୈଜ୍ଞାନିକ ମଣ୍ଡଳୀଙ୍କ ସମକ୍ଷରେ ଜଡ଼ ଓ ଜୀବର ଶିହରଣର ଏକତା ସମ୍ବନ୍ଧରେ ତାହାଙ୍କ ବକ୍ତୃତାରେ ଉପସଂହାରରେ ସେ କହିଥିଲେ—

ଯେତେବେଳେ ଜଡ଼ ଓ ଜୀବନିକମାନଙ୍କର ପ୍ରସ୍ତୁତ ଲିପି ସାକ୍ଷ୍ୟର ଏହି ଏକତା ମୋର ମୋହୋର ଚକ୍ଷୁ ସମକ୍ଷରେ ଉପସ୍ଥିତ ହେଲା ସେତେବେଳେ ଦେଖିଲି ଆଲୋକରେ ଭାସମାନ କ୍ଷୁଦ୍ର ଧୂଳିକଣା ଏହି ଭୂମଣ୍ଡଳର ଅଗଣିତ ପ୍ରାଣୀ ଏବଂ ଉପରେ ଦୀପ୍ତିମାନ୍ ସୂର୍ଯ୍ୟ ମଧରେ ଗୋଟିଏ ବିଶାଳ ସାମ୍ୟ ରହିଅଛି ସେତେବେଳେ ମୋହୋର ପୂର୍ବପୁରୁଷ ଗଣ ତିନି ସହସ୍ର ବର୍ଷ ପୂର୍ବେ ଭାଗୀରଥୀତୀରରେ ଯେଉଁ ସତ୍ୟ ଘୋଷଣା କରିଥିଲେ, ସେହି ସତ୍ୟର କାୟୃଦଂଶ ମୋହୋର ହୃଦୟଙ୍ଗମ ହେଲା ।

ଏହି ବୈଚିତ୍ର୍ୟମୟ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡରେ ଯେଉଁମାନେ କେବଳ ଏକକୁହିଁ ଦେଖନ୍ତି ସେମାନଙ୍କହିଁ କେବଳ ସତ୍ୟକୁ ପାଆନ୍ତି ଆଉ କେହି ନୁହେଁ କେହି ନୁହେଁ ।”

ଲେଖକ ଏଠାରେ ଗୋଟିଏ କଥା କହି ଏ ପ୍ରବନ୍ଧର ଉପସଂହାର କରିବାକୁ ସାହସୀ ହେବ ।

ବିଜ୍ଞାନ ବଳରେ ବଳୀୟାନ ହୋଇ ମାନବ ଏହି ପୃଥିବୀକୁ ସୁନ୍ଦର ରମଣୀୟ କରି ଗଢ଼ୁଅଛି । ଏବଂ ଏହି କଳ୍ପିତ ନନ୍ଦନ କାନନରେ ତାହାର ଭବିଷ୍ୟତ ବଂଶଧରମାନେ ବାଧ୍ୟ ଜଗ ବିମୁକ୍ତ ହୋଇ ବିନା ପରିଶ୍ରମରେ ସୌନ୍ଦର୍ଯ୍ୟ ଓ ଆନନ୍ଦ ମଧରେ ବର୍ଦ୍ଧିତ ହେବେ । କିନ୍ତୁ ଇତିହାସ କହେ ଜୟର ମଧ ଦେଇ ଅନେକ ଜାତିର ପତନ ହୋଇଅଛି । ମାନବ ଯେବେ ସଫଳତାର ମୋହକୁ ଅତିକ୍ରମ କରି ନ ପାରି ବିଳାସୀ ଏବଂ ପରିଶ୍ରମ କାତର ଏବଂ ନବ ନବ ଉଦ୍ଭାବନାରେ ପରାଙ୍ମୁଖ ହୋଇଯାଏ ତାହାର ପତନ ଅବଶ୍ୟମ୍ଭାବୀ ମାତ୍ର ଏ ଯୁଗରେ ନବ ଉଦ୍ଭାବନା ପ୍ରସୂତ ଆଣବିକ ବୋମାରେ ମାନବର ସର୍ବନାଶ ଓ ପତନ ଅବଶ୍ୟମ୍ଭାବୀ କିନ୍ତୁ ପ୍ରକୃତି ସହିତ ସଂଗ୍ରାମରେ ଜୟୀ ହୋଇ ମଧ ଯେବେ ମାନବ ଆତ୍ମଜୟ କରିପାରେ—ବାହାରର ଐଶ୍ୱର୍ଯ୍ୟ, ସମ୍ପଦ ମଧରେ ସୁଦ୍ଧା ଯେବେ ଅନ୍ତରର ଦୀନତା ଓ ଆତ୍ମତ୍ୟାଗ ଅକ୍ଷୁର୍ଣ୍ଣ ରଖି ତାହାର ଉପନିଷଦ—ବେଦାନ୍ତର ବାଣୀ ବିସ୍ମୃତ ନ ହୁଏ—ତାହାର ବୁଦ୍ଧ, ତାହାର ନାନକ, ତାହାର ଯୀଶୁ, ତାହାର ମହମ୍ମଦଙ୍କର ପ୍ରଦର୍ଶିତ ପଥରୁ ଭ୍ରଷ୍ଟ ନହୁଏ, ତେବେ ଏହି ମନୁଷ୍ୟ ଜାତି ବ୍ରହ୍ମାଣ୍ଡରୁ ଲୁପ୍ତ ହେବ ନାହିଁ ।

ପରିଶେଷରେ ମହାତ୍ମା କବୀରଙ୍କର ଦୁଇ ଧାଡ଼ିରେ ଏହି ପ୍ରବନ୍ଧ ଶେଷ କରୁଅଛି—

“ଏମନ ରସନା ସାଫ୍ କରେ ଧରେ ଗରିବଦେଶ୍
ଶୀତଲ ବୋଲତେ ଚଲେ ସବହିଁ ତୁମାର ଦେଶ ।”

(ମନ ଓ ଜିହ୍ୱା ସଂଯତ ଓ ପରିଷ୍କାର ରଖି, ଗରିବ ଦେଶରେ ମିଠା କଥା କହିଲେ ସମସ୍ତ ଦେଶର ଆଦରଣୀୟ ହେବ ।)



Digitized by srujanika@gmail.com

# ମୋର ନମସ୍କାର

ଲେଖକ—ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

ବନ୍ଦେ ଏ ତୁମ ଦେହରୁ ଦେଇ ଗଢ଼ିଲ ଦେହମୋର
ଜୀବନଦେଲ, ଶକତି ଦେଲ, ଦେଲ ହେ ବୁଦ୍ଧିବଳ
ଦେଖିବାପାଇଁ ଦେଖାଇଦେଲ ଛବିଳ ଏ ସଂସାର
ଏଥର ତୁମ ଚରଣେ ପ୍ରଭୁ ଜୀବନ-ପାରାବାର ।
ମୋର ନମସ୍କାର ।

ଆନନ୍ଦେ ଏ ଜୀବନ ତରୀ ମେଲିକରି ଯେବେ ଆଜି
ତଥାପି ତରୀ ନିର୍ଭୁନ ତାଗ୍ରି ପାରିଲି ନାହିଁ ଦେଖି !
ବଳସ୍ବୀ ହାତେ ବନ୍ଦୀ ଜଡ କରୁଚଢ଼ ଲୌହ ବେଢ଼ି
ଶିରଜନର ଛଟପଟାଣି, ଦୁର୍ବଳର ରଡ଼ି;
ଶୁଣେ ନା କାନ କା'ର,
ବଢ଼ୁଚି ଅତ୍ୟାଚାର ।
ମାଉ ନାହିଁ କାନ୍ତି ନାହିଁ
ନାହିଁ ଶାନ୍ତି ଧରା
ଅସୁର ହୀନ ଦୁନଅ ଗୋଟା
କଳୁଷ ପଙ୍କେ ଭରା
ଲାଞ୍ଛିତର, ବଞ୍ଚିତର ନାହିଁ ତ ଏଥି ଦାବୀ
ଲାଗୁଏ ଆମ୍ଭ ସର୍ବହରା
ଲୋଭକ ଜଳେ ଭୁବି,
କ୍ଷମତା ବ୍ୟାଘ୍ରଙ୍କର
ଏ ଅନ୍ୟାୟ ଅପାର ।

ଧର୍ମପଥେ ବହାଇ ନାଡ ରକତ ସ୍ରୋତଧାର
ଧାର୍ମିକର ମନ୍ତ୍ରେ ଛୁଟେଢ଼ ଶାଣିତ ତଲବାର ।
ବିଦ୍ବେଷର ବହ୍ନି ଜଳେ ସବୁରି ବୁକୁତଳେ
ଜଣକୁ ଜଣେ ଜିଣିବାପାଇଁ ମତ୍ତ ବାହୁବଳେ ।
ତୁମକୁ ପ୍ରଭୁ ନିରତ ଭଜ ଘୁରିବି ଏ ଭୁବନେ
କହିବ ତୁମ ନାମର କଥା କ୍ରୂର, ମୂଢ କାନେ ।
ଊର୍ମି ଯେସନ ମିଳାଏ ଉଠି ଗଭୀର ସିନ୍ଧୁ ଜଳେ
ତେସନେ ମତେ ମିଳାଇନିଅ ତୁମରି ଅନ୍ତସ୍ତଳେ
ସରିଲେ ନାମ ମୋର
ଜୀବନ-ପାରାବାର ।

# ଭାରତର ଖାଦ୍ୟ ସମସ୍ୟା

ଲେଖକ—ଶ୍ରୀ ସଦାନନ୍ଦ ର[illegible] ବି.ଏ. (ଅନର୍ସ)

ଅଧୁନା ଭାରତର ରାଜନୈତିକ, ଅର୍ଥନୈତିକ ଇତ୍ୟାଦି ବହୁମୁଖୀ ସମସ୍ୟାମାନଙ୍କ ମଧ୍ୟରେ ଖାଦ୍ୟ ସମସ୍ୟା ଭୟଙ୍କର ଆକାର ଧାରଣ କରିଅଛି । ସମଗ୍ର ପୃଥିବୀରେ ଅଭାବ ହେବା ଖାଦ୍ୟର ପରିମାଣ ୧୮ ମିଲିଅନ୍ ଟନ ମଧ୍ୟରୁ କେବଳ ଭାରତର ଅଭାବ ହେବା ଖାଦ୍ୟର ପରିମାଣ ୮.୫ ମିଲିଅନ୍ ଟନ୍ । ଅର୍ଥାତ୍ ସାରା ପୃଥିବୀରେ ଅଭାବ ହେବା ଖାଦ୍ୟର ଶତକରା ପଚାଶ । ଏଥିରୁ ଭାରତ ଖାଦ୍ୟାଭାବ ସମସ୍ୟାର ଗୁରୁତ୍ବ ବେଶ୍ ଜଣା ପଡୁଛି ।

ଭାରତ ଦୁଇଟି ଉପନିବେଶରେ ବିଭକ୍ତ ହେବା ହେତୁ ଏହି ଖାଦ୍ୟାଭାବ ସମସ୍ୟା ଅଧିକ ଜଟିଳ ହୋଇ ପଡୁଛି । କାରଣ ଏହା ଭାରତ ଓ ପାକିସ୍ଥାନରେ ଭିନ୍ନ ଭିନ୍ନ ଆକାର ଧାରଣ କରିଛି । ଭାରତ ୟୁନିୟନରେ ଉତ୍ପନ୍ନହେବା ମୋଟ ଚାଉଳର ପରିମାଣ ୧୭,୨୯୯,୦୦୦ ଟନ ଏବଂ ଗହମର ପରିମାଣ ୪,୧୯୯,୭୪୦ ଟନ । ଏହାର ତୁଳନାରେ ପାକିସ୍ଥାନରେ ଉତ୍ପନ୍ନ ହେବା ଚାଉଳ ଓ ଗହମର ପରିମାଣ ହେଉଛି ଯଥାକ୍ରମେ ୫,୩୭୭,୬୦୦ ଟନ ଏବଂ ୨,୮୮୫,୨୬୦ ଟନ ।



Digitized by srujanika@gmail.com

ଏହି ଖାଦ୍ୟାଭାବ ସମସ୍ୟା କ୍ରମେ କ୍ରମେ ଦେଶର ଗୋଟିଏ ଚରନ୍ତନ ରୋଗରେ ପରିଣତ ହେବାକୁ ଯାଉଛି । ଏହି ଅବସ୍ଥାକୁ ସୁଧାରିବା ସମ୍ବନ୍ଧେ ଗତ କେତେ ବର୍ଷ ଧରି ସରକାର ଯେଉଁ ସବୁ ପନ୍ଥା ଅବଲମ୍ବନ କରି ଆସିଛନ୍ତି; ତାହା ଦେଶଭିତରୁ ଖାଦ୍ୟ ସଂଗ୍ରହ କରିବା, ବିଦେଶରୁ ଖାଦ୍ୟ ଆମଦାନୀ କରିବା; ଏବଂ ଉକ୍ତ ସଂଗୃହୀତ ଖାଦ୍ୟ ଦେଶ ମଧ୍ୟରେ ଯଥାଯଥ ଭାବେ ବଣ୍ଟନ କରିବା ଦିଗରେହିଁ ବିଶେଷଭାବେ କାର୍ଯ୍ୟକାରୀ କରାଯାଇଛି; କିନ୍ତୁ ଦେଶର ଉତ୍ପନ୍ନ ଖାଦ୍ୟର ମୋଟ ପରିମାଣ ବୃଦ୍ଧି କରିବା ଦିଗରେ ସେହିପରି ଉଦ୍ୟମ କରାଯାଇ ପାରିନାହିଁ । ଏହା ଦେଶ ପକ୍ଷେ ହିତକର ନୁହେଁ । କାରଣ ଭାରତ ବିଦେଶରୁ ଆମଦାନୀ ହେଉଥିବା ଖାଦ୍ୟ ଉପରେ କେତେକାଳ ନିର୍ଭର କରିପାରେ ? ପୁନଶ୍ଚ, ଅତି ଚଡ଼ାଦରରେ ବିଶେଷ ପରିମାଣରେ ଖାଦ୍ୟ ଶସ୍ୟ ବିଦେଶରୁ କ୍ରୟ କରି ଆମଦାନୀ କରିବାଦ୍ୱାରା ଭାରତର ଅର୍ଥନୈତିକ ପରିସ୍ଥିତି ଭାରାକ୍ରାନ୍ତ ହୋଇପଡ଼ିବା ସ୍ୱାଭାବିକ ! ଏଠାରେ ବକ୍ତବ୍ୟ ଏହି ଯେ ଭାରତ ବିଦେଶରୁ ଖାଦ୍ୟ କ୍ରୟ କରିବା ସମ୍ବନ୍ଧେ ଏକଶତ କୋଟି ଟଙ୍କା ଖର୍ଚ୍ଚ କରୁଛି । ଡାକ୍ତର ରାଜେନ୍ଦ୍ର ପ୍ରସାଦ ଏ ସମ୍ବନ୍ଧେ କହିଛନ୍ତି ଯେ, ଉପରୋକ୍ତ ବିଦେଶାଗତ ଖାଦ୍ୟଶସ୍ୟର ମୂଲ୍ୟ ଭାରତର ଆଭ୍ୟନ୍ତରୀଣ ଖାଦ୍ୟଶସ୍ୟର ମୂଲ୍ୟ ସଙ୍ଗେ ଏକସ୍ତରରେ ରଖିବା ପାଇଁ ଭାରତକୁ ପ୍ରାୟ ୨୦।୨୫ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ୁଛି । ଏକ ଦିଗରେ ଭାରତର ଆନ୍ତର୍ଜାତିକ ବାଣିଜ୍ୟ ସହ ସମ୍ପର୍କକୁ ଧ୍ୱଂସମୁଖରୁ ରକ୍ଷା କରିବା ଏବଂ ଅନ୍ୟ ଦିଗରେ ଖାଦ୍ୟ ଶସ୍ୟ କ୍ରୟକରିବାରେ ଏତେ ବହୁଳ ପରିମାଣରେ ଅର୍ଥ ବ୍ୟୟ କରିବା—ଏହା ଭାରତ ପରି ଗୋଟିଏ ଦରିଦ୍ର ଦେଶ ପକ୍ଷେ ଅସମ୍ଭବ । ସୁତରାଂ ଭାରତର ବର୍ତ୍ତମାନ ଗୋଟିଏ ଅତି ପ୍ରଧାନ ସମସ୍ୟା ହେଉଛି ଦେଶରେ ଉତ୍ପନ୍ନ ଖାଦ୍ୟର ପରିମାଣ ଚିରସ୍ଥାୟୀ ଭାବେ ବୃଦ୍ଧି କରିବା ଏବଂ ଏହି ସୂତ୍ରରେ ଦେଶର ଅର୍ଥନୈତିକ ପରିସ୍ଥିତିକୁ ସବଳ ଓ ସୁଦୃଢ଼ କରିବା ।

ଖାଦ୍ୟ କ୍ରୟରେ ବ୍ୟୟିତ ଅର୍ଥର ଏତାଦୃଶ ସ୍ଥୂଳ ପରିମାଣକୁ ବାଦ୍ ଦେଲେ ମଧ୍ୟ ଭାରତ ଯେଉଁ ମୂଲ୍ୟରେ ତାହା କ୍ରୟ କରୁଛି ତାହା ଅତ୍ୟନ୍ତ ଅଧିକ । ଉଦାହରଣ ସ୍ୱରୂପ ଅଷ୍ଟ୍ରେଲିଆ ୧୯୪୫ରେ ୨ ବୁଷେଲ ଗହମର ଦାମ ୪୪ ସିଲିଂ ରଖିଥିବା ସ୍ଥଳେ ବର୍ତ୍ତମାନ ୮୮ ସିଲିଂକୁ ଚଢ଼ାଇ ଦେଇଛି । ସେହିପରି କାନାଡ଼ା ଇଂଲଣ୍ଡକୁ ଯେଉଁ ଦରରେ ଗହମ ବିକ୍ରୀ କରୁଛି, ଭାରତକୁ ସେହି ଦରରୁ ଶତକଡ଼ା୭୫ ଅଧିକ ଦରରେ ବିକ୍ରୀ କରୁଛି ।

ମୋଟା ମୋଟିରେ କହିବାକୁ ଗଲେ, ଭାରତର ଏହି ଖାଦ୍ୟାଭାବ ପୂରଣ କରିବାପାଇଁ ତିନିଗୋଟି ପ୍ରଧାନ ପନ୍ଥା ଅଛି । ପ୍ରଥମତଃ, ବର୍ତ୍ତମାନ ଯେଉଁ ସବୁ ଭୂମି କୃଷୋପଯୋଗୀ ହୋଇମଧ୍ୟ ପଡ଼ିଆ ରହିଛି, ସେଗୁଡ଼ିକୁ ଯଥାସମ୍ଭବ ଶସ୍ୟ କ୍ଷେତ୍ରରେ ପରିଣତ କରିବା । ଦ୍ୱିତୀୟତଃ, ଏକର ପିଛା ଉତ୍ପନ୍ନହେବା ଶସ୍ୟର ପରିମାଣ ବୃଦ୍ଧିକରିବା ଓ ଉତ୍ତମ ଫସଲ ଆଦାୟ କରିବା, ପରିଶେଷରେ, ଶରୀର ରକ୍ଷା ଓ ବୃଦ୍ଧି ଦୃଷ୍ଟିରୁ ସମନ୍ୱିତ ହେବା ଖାଦ୍ୟର ବହୁଳ ବ୍ୟବହାର ପ୍ରଚଳିତ କରିବା, (ଏଭଳି ଉପାଦେୟ ଖାଦ୍ୟ ଯଥା—ଫଳ ପାଚିଲା, ପନିପରିବା, ଘିଅ, କ୍ଷୀର, ମାଛ, ମାଂସ ଓ ଅଣ୍ଡା । )

ବ୍ରିଟିଶ ଭାରତର ମୋଟ କ୍ଷେତ୍ରଫଳର ଶତକଡ଼ା ୧୮ ଅର୍ଥାତ୍ ପ୍ରାୟ ୯୪ ମିଲିଅନ୍ ଏକର ଜମି କୃଷୋପଯୋଗୀ ହୋଇଥିବା ସତ୍ତ୍ୱେ ବର୍ତ୍ତମାନ ପଡ଼ିଆ ରହିଛି । ଏ ଗୁଡ଼ିକୁ ଶସ୍ୟ କ୍ଷେତ୍ରରେ ପରିଣତ କରିବାକୁ ହେଲେ ଅବଶ୍ୟ ଜଳସେଚନ ବ୍ୟବସ୍ଥା, ଜଳ ନିଷ୍କାସନ ପ୍ରଣାଳୀ, ଜମିର ଉର୍ବର ଶକ୍ତିର କ୍ରମିକ ଅପଚୟର ପ୍ରତିରୋଧ ଇତ୍ୟାଦି ଭଳି ଅଜସ୍ର ଅର୍ଥବ୍ୟୟ ସାପେକ୍ଷ ଯୋଜନା ଦରକାର । ତଥାପି ସରକାର ଯଦି ଦେଶର ସମୂହ ଧନ ଉନ୍ନତି-କାରୀ ଏସବୁ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ତତ୍ପରତା ପ୍ରକାଶ କରନ୍ତି, ତାହେଲେ ଏହି ପଡ଼ିଆ ଗୁଡ଼ିକରୁ ଅନେକରେ କୃଷି ହୋଇ ପାରନ୍ତା । ଏବଂ ଖାଦ୍ୟାଭାବର ଭାର ଅନେକ ପରିମାଣରେ ଲାଘବ ହୋଇ ପାରନ୍ତା ।



Digitized by srujanika@gmail.com

ଦ୍ୱିତୀୟତଃ ଏକାଧିକ ଫସଲ ଉତ୍ପନ୍ନ ହେଉଥିବା ଜମିର କ୍ଷେତ୍ରଫଳ ସମଗ୍ର ଶସ୍ୟ-କ୍ଷେତ୍ରର ଶତକଡ଼ା ୨୦ ମାତ୍ର । କୃଷି ପ୍ରଣାଳୀର ଉନ୍ନତି ସାଧନ କଲେ ଏକ କ୍ଷେତ୍ରରେ ଦୁଇ ବା ତିନୋଟି ଫସଲ ଅମଳ କରାଯାଇ ପାରେ, ଫଳରେ ଉତ୍ପନ୍ନ ଖାଦ୍ୟ ଦ୍ରବ୍ୟର ପରିମାଣ ବୃଦ୍ଧି ହୋଇପାରେ । ଉତ୍ପନ୍ନ ଶସ୍ୟର ପରିମାଣ ବୃଦ୍ଧି କରିବା ଓ ଉଚ୍ଚକୋଟିର ଫସଲ ଅମଳ କରିବା ପାଇଁ ବାଧ୍ୟତା ମୂଳକ ରବିଫସଲ ଉତ୍ପନ୍ନ ଅତ୍ୟାବଶ୍ୟକ ।

ଖାଦ୍ୟ ସମସ୍ୟାର ଆଉ ଗୋଟିଏ ପ୍ରଧାନ ଅଙ୍ଗ ହେଉଛି ମିଶ୍ରିତ ଖାଦ୍ୟ ( Balanced Diet ) । ଖାଦ୍ୟ ସମସ୍ୟା କେବଳ ପରିମାଣ ଦୃଷ୍ଟିରୁ ବିଚାର କଲେ ଯଥେଷ୍ଟ ନୁହେଁ । ବର୍ତ୍ତମାନ ମିଳୁଥିବା ଖାଦ୍ୟ କେଉଁ ପଦାର୍ଥର ସମିଶ୍ରଣ ଏବଂ ଶରୀର ରକ୍ଷା ଓ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ଉପାଦାନ ଆମ ଖାଦ୍ୟରେ କେତେ ପରିମାଣରେ ଅଛି, ତାହା ମଧ୍ୟ ଏ ସ୍ଥଳେ ବିଚାର୍ଯ୍ୟ, ଏ ଦିଗରୁ ଆଲୋଚନା କଲେ ଧାନ, ଗହମରେ ଖାଦ୍ୟଶସ୍ୟ ଅଭାବର ପରିମାଣ କମିଯିବ, କିନ୍ତୁ ତାହାଁ ସଙ୍ଗେ ସଙ୍ଗେ ଅଧିକ ପରିମାଣରେ ଶର୍କରା, ଫଳ ପାଚିଲା, ପନିପରିବା, ଘିଅ, ତେଲ ସମ୍ବନ୍ଧୀୟ ଖାଦ୍ୟ, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଆବଶ୍ୟକ ହେବ । ଏହି ଶେଷୋକ୍ତ ପଦାର୍ଥ ଗୁଡ଼ିକରେ ଥିବା ଶରୀରରକ୍ଷାକାରୀ ଉପାଦାନ ଗୁଡିକ ଧାନ, ଗହମ ଭଳି ଖାଦ୍ୟଶସ୍ୟ ଅଭାବ ଜନିତ ତ୍ରୁଟି ପୂରଣ କରିବାରେ ସମର୍ଥ ହେବ ।

ସ୍ଥୂଳତଃ ଜଣେ ଭାରତୀୟ ଯୁବକ Adault ପକ୍ଷେ ଦରକାର ହେବା ଖାଦ୍ୟର ପରିମାଣ ୨୬୦୦ କେଲୋରି * ବୋଲି କଳନା କରାଯାଇଛି । ଅତଏବ ଆମର ଦୈନିକ ମିଶ୍ରିତ ଖାଦ୍ୟରେ ନିମ୍ନଲିଖିତ ଦ୍ରବ୍ୟ ଗୁଡ଼ିକ ଉଲ୍ଲିଖିତ ପରିମାଣରେ ରହିବା ଆବଶ୍ୟକ ।

ଶସ୍ୟ (ଚାଉଳ; ଗହମ ଇତ୍ୟାଦି) ଆଉନ୍ସ
Ce rls.........୧୬
ମଞ୍ଜିଜାତୀୟ ଶସ୍ୟ (Pulses).........୩
ଶର୍କରା (Sugar) ... ...୨
ପନିପରିବା (Vegitables).........୬
ଫଳ ପାଚିଲା (fruits)... ... ...୨
ତେଲ ସମ୍ବନ୍ଧୀୟ ଖାଦ୍ୟ Fats & Oils)୧·୫
କ୍ଷୀର (Whole Milk) ...୮
ନତୁବା
ମାଛ, ମାଂସ କିମ୍ବା ଅଣ୍ଡା ...୨·୫
ଏକ ଆଉନ୍ସ =

ସମୟୋଚିତ କଳନାର ଅଭାବ ହେତୁ ଉପରୋକ୍ତ ବିଭିନ୍ନ ଖାଦ୍ୟଦ୍ରବ୍ୟ ମଧ୍ୟରୁ ଭାରତରେ ପ୍ରତ୍ୟେକଟିର ଅଭାବର ପରିମାଣ ପୃଥକ ପୃଥକ ଭାବେ ନିର୍ଣ୍ଣୟ କରାଯିବା କଷ୍ଟ ସାଧ୍ୟ । ପୁନଶ୍ଚ ଭାରତ ଦ୍ୱିଖଣ୍ଡିତ ହେବା ପରେ ଏ ସମ୍ବନ୍ଧେ ସମଗ୍ର ଭାରତର ଅଭାବ ଏକାଧାରେ ନିର୍ଣ୍ଣୟ କରିବା ଅନୁଚିତ ଓ ଅନାବଶ୍ୟକ । ତଥାପି ପ୍ରବୀଣ ଗବେଷକମାନେ କହୁଛନ୍ତି ଯେ ଭାରତୀୟ ଖାଦ୍ୟରେ ଫଳ ପାଚିଲା, ତେଲ, ଘିଅ, କ୍ଷୀର, ପନିପରିବା, ଶର୍କରା; ମାଛ, ମାଂସ ଓ ଅଣ୍ଡାର ଅଭାବ ଅତ୍ୟଧିକ । ଆହୁରି ମଧ୍ୟ କଳନା କରାଯାଇଛି ଯେ ପନିପରିବାର ମୋଟ ଆବଶ୍ୟକୀୟ ପରିମାଣରେ ଅଭାବ ଶତକଡ଼ା ୬୯·୯, ତେଲ ସମ୍ବନ୍ଧୀୟ ଖାଦ୍ୟରେ ଶତକଡ଼ା ୭୦·୮, କ୍ଷୀରରେ ୬୨·୩, ଶର୍କରାରେ ୧୦·୦, ମାଛ ଓ ଅଣ୍ଡାରେ ଶତକଡ଼ା ୭୫ ରୁ ଅଧିକ ।

ଭାରତରେ ଏହି ମିଶ୍ରିତ ଖାଦ୍ୟର ଅଭାବହିଁ ଭାରତୀୟଙ୍କ ଅତ୍ୟଳ୍ପ ଜୀବନାଶାର ମୁଖ୍ୟ କାରଣ । ଭାରତରେ ହାରାହାରି ଆୟୁ ପୁରୁଷ ପକ୍ଷେ ୨୬·୯୧ ବର୍ଷ ଏବଂ ସ୍ତ୍ରୀ ପକ୍ଷେ ୨୬·୫୬ ବର୍ଷ ମାତ୍ର । ଏହାର ତୁଳନାରେ ଇଂଲଣ୍ଡରେ ହାରାହାରି ମାନବ ଜୀବନକାଳ ପୁରୁଷପକ୍ଷେ ୫୫·୬୨ ବର୍ଷ ଏବଂ ସ୍ତ୍ରୀ ପକ୍ଷେ ୫୯·୫୨ ବର୍ଷ । ଜର୍ମାନି, ନରୱେ, ହଲାଣ୍ଡ ଓ ସ୍ୱିଜରଲେଣ୍ଡରେ ହାରାହାରି ଆୟୁଷ ୫୫ ବର୍ଷରୁ କମ୍ ନୁହେଁ । ଏଥିରୁ ସ୍ପଷ୍ଟ

* ଖାଦ୍ୟରେ ଥିବା ଶରୀର ରକ୍ଷା ପାଇଁ ଆବଶ୍ୟକୀୟ ଉପାଦାନର ପରିମାପକ ।



Digitized by srujanika@gmail.com

ତାଲିକାଗୁଡ଼ିକ ଦେଖାଉଛି ଯେ ଭାରତୀୟମାନେ ଉପଯୁକ୍ତ ମିଶ୍ରିତ ଖାଦ୍ୟ ଅଭାବରୁ ଅନ୍ୟାନ୍ୟ ଦେଶ ତୁଳନାରେ ଅତ୍ୟଳ୍ପକାଳ ବଞ୍ଚୁଅଛନ୍ତି ।

ସୁତରାଂ ସରକାର ବିଭିନ୍ନ ରକମର ଫଳ ଫଳମଞ୍ଜି ଓ ଶ୍ରେଷ୍ଠବୃକ୍ଷ ବଣ୍ଟନ କରି ଫଳଗଛକୁ ଉତ୍ସାହ ଦେବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ଭାରତର ଉତ୍ପନ୍ନ ଫଳରୁ ସମୂହ ପରିମାଣ ବୃଦ୍ଧି କରିବା ଯେତେ ଆବଶ୍ୟକ, ବିଭିନ୍ନ ରକମର ଫଳଗଛ ପ୍ରସ୍ତୁତ କରିବାର ଆବଶ୍ୟକତା ସେତେ ନୁହେଁ । ଅତଏବ ଅଳ୍ପକାଳ ମଧ୍ୟରେ ବହୁତଫଳ ଫଳିବା ବୃକ୍ଷ ନିରୂପଣ କରିବାହିଁ ଭାରତ ସରକାରଙ୍କ କୃଷି ବିଭାଗର ପ୍ରଧାନ ଲକ୍ଷ୍ୟ ହେବା ବାଞ୍ଛନୀୟ । ଦେଶର ଖାଦ୍ୟାଭାବ ପୂରଣ କରିବା ଦିଗେ ଫଳଗଛର ପ୍ରସାର ଏକ ବିଶିଷ୍ଟ ଏବଂ ସହଜ ପନ୍ଥା ଅଟେ ।

ଆମର ଦୈନିକ ଖାଦ୍ୟରେ ଫଳ ପାଇଁ ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିବା ଏକାନ୍ତ ଆବଶ୍ୟକ । ଏଥିପାଇଁ ଫଳ ଗଛର ପ୍ରଣାଳୀ ଉନ୍ନତ ଧରଣର ହେବା ସଙ୍ଗେ ସଙ୍ଗେ ଅଧିକର ଅଧିକ ଜମି ଫଳ ଗଛ ନିମନ୍ତେ ବିନିଯୋଗ କରିବା ଦରକାର । କଦଳୀ, ଅମୃତଭଣ୍ଡା, ସପୁରି, ଭଳି ଅଳ୍ପ ସମୟରେ ଫଳ ବହନ କରିବା ବୃକ୍ଷ ଗୁଡ଼ିକୁ ରୋପଣ ଓ ବର୍ଦ୍ଧନ କରିବା ବିଶେଷ ଅଭ୍ୟାସ ସାଧନୁହେଁ । କିନ୍ତୁ ଫଳ ଆଦାୟର ପରିମାଣ ବୃକ୍ଷର ଫଳ-ଉତ୍ପାଦିକା ଶକ୍ତି ଓ ବୃକ୍ଷ ପାଳନରେ ସିଦ୍ଧହସ୍ତତା ଉପରେ ନିର୍ଭର କରେ । ଖାଦ୍ୟ ସହ ଫଳ ବ୍ୟବହାର ପ୍ରସାର କରିବା ନିମନ୍ତେ ଫଳ-ସଂରକ୍ଷଣ ଶିଳ୍ପର (canning Industry) ଉନ୍ନତି ହେବା ଦରକାର, କାରଣ ତଦ୍ଦ୍ୱାରା ବର୍ତ୍ତମାନ୍ ନଷ୍ଟ ହୋଇଯାଉ ଥିବା ଏକ ଋତୁର ଫଳ ଗୁଡ଼ିକ ବର୍ଷର ଅନ୍ୟ ଏକ ଋତୁରେ ବ୍ୟବହାର କରାଯାଇ ପାରିବ । ଉଦାହରଣ ସ୍ୱରୂପ ଅମ୍ବ, କମଳା ଇତ୍ୟାଦି ଫଳ ବର୍ଷର କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଫଳେ, ଉକ୍ତ ସମସ୍ତ ଅତିବାହିତ ହେବା ସଙ୍ଗେ ସଙ୍ଗେ ଅବ୍ୟବହୃତ ଫଳ ଗୁଡ଼ିକ ଅନେକ ପରିମାଣରେ ନଷ୍ଟ ହୋଇଯାଏ । ଯଦି ବରଫରେ ଫଳକୁ ସଂରକ୍ଷଣ ( Cold Storage ) ଉପାୟର ସୁବ୍ୟବସ୍ଥା କରାଯାଏ, ତାହା ହେଲେ ଏହି ଫଳ ଗୁଡ଼ିକର ସଦ୍‌ବ୍ୟବହାର ହୋଇପାରନ୍ତା ଏବଂ ବର୍ଷର ଯେଉଁ ସମୟରେ ଉକ୍ତ ଫଳ ମିଳିବାର ସମ୍ଭାବନା ନାହିଁ, ସେହି ସମୟରେ ମଧ୍ୟ ସେ ଗୁଡ଼ିକୁ ବ୍ୟବହାର କରାଯାଇ ପାରନ୍ତା ।

ଭାରତବର୍ଷ ଗୋଟିଏ କୃଷିପ୍ରଧାନ ଦେଶରେ କ୍ଷୀର, ଲହୁଣି, ଘିଅ ଇତ୍ୟାଦି ଗୋଜାତ ଜିନିଷର ଉପଯୋଗିତା ନିତାନ୍ତ ବେଶି । କେନାଡ଼ା, ଡେନମାର୍କ ଗ୍ରେଟ ବ୍ରିଟେନ୍ ଓ ନ୍ୟୁଜିଲେଣ୍ଡରେ ଜଣେ ମନୁଷ୍ୟର ବ୍ୟବହାର ନିମନ୍ତେ ପଡ଼ୁଥିବା କ୍ଷୀରର ହାରାହାରି ପରିମାଣ ୪୦ ଆଉନ୍‌ସରୁ ଉର୍ଦ୍ଧ୍ୱ ହେବା ସ୍ଥଳେ ଭାରତରେ କେବଳ ୭.୨ ଆଉନ୍‌ସ । ଗୋରୁ ଗାଈଙ୍କର କ୍ଷୀର ଉତ୍ପାଦିକା ଶକ୍ତିର ହ୍ରାସ ଏବଂ ଜନସଂଖ୍ୟାର ବୃଦ୍ଧି ଏହି ହାରାହାରି ପରିମାଣକୁ ନିକଟ ଭବିଷ୍ୟତରେ ଅଧିକ କମାଇ ଦେବାର ସମ୍ଭାବନା ସୁତରାଂ ସରକାର ଆଦର୍ଶ ଗୋଶାଳା ମାନ ସ୍ଥାନେ ସ୍ଥାନେ ସ୍ଥାପନ କରି, ତହିଁରେ ଉପଯୁକ୍ତ ଷଣ୍ଢ ପୋଷଣ କରିବେ ଏବଂ ସେ ଗୁଡ଼ିକୁ ଗୋପାଳକ ମାନଙ୍କୁ ବଂଶ-ଜନନ (Breeding) ସକାଶେ ଯୋଗାଇବା ଉଚିତ । ପୁଣି ଗୋପାଳନ ବିଜ୍ଞାନର ସାହାଯ୍ୟରେ ପୁରପଲ୍ଲୀରେ ଉନ୍ନତ ଧରଣର ଗୋପାଳନ କରିବା ବିଶେଷ ଦରକାର । ପୃଥିବୀରେ ସକଳ ଦେଶରେ ମିଶି ଯେତେ ଗୋରୁଗାଈ ଅଛନ୍ତି, ତହିଁରୁ ଏକ ତୃତୀୟାଂଶ କେବଳ ଭାରତରେ ଅଛନ୍ତି । କିନ୍ତୁ ଦୁର୍ଭାଗ୍ୟ ବଶତଃ, ଭାରତର ଗୋରୁଗାଈ ଅନ୍ୟାନ୍ୟ ଦେଶ ତୁଳନାରେ ସେତେ ଉନ୍ନତ ଧରଣର ନୁହେଁ । ୧୯୦୫ ସାଲରେ ଗୋରୁ ଗା[illegible] ମୋଟ ସଂଖ୍ୟା ଥିଲା ୯୦ ମିଲିଅନ୍ । କିନ୍ତୁ ଏହା [illegible] କ୍ରମେ ବୃଦ୍ଧିପାଇ ୧୯୩୫ ସାଲରେ ହେଲା ୧[illegible] ମିଲିଅନ୍ । ବର୍ତ୍ତମାନ ଭାରତର ଅନ୍ୟ ଏକ ପ୍ରଧାନ ସମସ୍ୟା ହେଉଛି ଗୋରୁ ଗାଈଙ୍କୁ ଖାଦ୍ୟ ଯୋଗାଇବା ସମସ୍ତ ଗୋରୁ ଗାଈଙ୍କ ଆବଶ୍ୟକ ହେବା ଗୋଖାଦ୍ୟ (fodder)ର ଦୁଇ-ତୃତୀୟାଂଶ କେବଳ ବର୍ତ୍ତମାନ ଭାରତରେ ଉତ୍ପନ୍ନ ହେଉଛି । ଜନସଂଖ୍ୟା ବୃଦ୍ଧିର ଭାର ଜମିଉପରେ ଏତେ ବେଶୀଭାବେ ପଡ଼ୁଛି ଯେ,



Digitized by srujanika@gmail.com

ଖୋଗାଦ୍ୟ ଉତ୍ପନ୍ନ କରିବା ଗୋଟିଏ ଅତ୍ୟନ୍ତ ଜଟିଳ ସମସ୍ୟା ହୋଇ ପଡ଼ିଛି । ଡାକ୍ତର Burns ଗବେଷଣା କରି କହିଛନ୍ତି ଯେ, ଯଦି ବର୍ତ୍ତମାନ ଭାରତରେ ଗୋରୁଗାଈମାନଙ୍କୁ ଉପଯୁକ୍ତ ଭାବେ ପାଳନ, ଯଥେଷ୍ଟ ସୁଖାଦ୍ୟ ପ୍ରଦାନ, ସେମାନଙ୍କର ରୋଗ ନିବାରଣ ଇତ୍ୟାଦି ଯଥାଯଥ ଭାବେ କରାଯାଏ ତାହେଲେ ମୋଟ ଉତ୍ପନ୍ନ କ୍ଷୀରର ପରିମାଣ ଶତକଡ଼ା ୭୫ ବଢ଼ିଯିବ । ଏ ଦିଗରେ ଯଦି ସରକାରଙ୍କ ସୁଦୃଷ୍ଟି ପଡ଼େ, ତା ହେଲେ ଭାରତରେ ମିଶ୍ରିତ ଖାଦ୍ୟ ସମସ୍ୟା ଅନେକ ପରିମାଣରେ ସରଳ ହୋଇଯିବ ।

ପନିପରିବା ଚାଷ ମଧ୍ୟ ବିସ୍ତୃତ ଭାବେ ଉନ୍ନତ କରିବାକୁ ହେବ । ବର୍ତ୍ତମାନ ପଡ଼ିଆ ରହିଥିବା ଜମି ଗୁଡ଼ିକରେ ଉପଯୁକ୍ତ ରସାୟନିକ ସାର ପ୍ରୟୋଗ କରି ବୈଜ୍ଞାନିକ ଉପାୟରେ ଚାଷ କରିବା ନିତାନ୍ତ ଦରକାର । ଯେ କୌଣସି ଗୃହର ଚତୁଃପାର୍ଶ୍ୱରେ ଅତି ସହଜରେ ପନିପରିବା ଚାଷ କରାଯାଇ ପାରେ ଏ ସ୍ଥଳେ ମଧ୍ୟ ଉପଯୁକ୍ତ ମଞ୍ଜି ନିର୍ବାଚନ, ଉନ୍ନତ ଧରଣର ସାର ପ୍ରୟୋଗ ଓ ଜଳ ସେଚନ ପ୍ରଣାଳୀ ଇତ୍ୟାଦି ପନ୍ଥା ଅବଲମ୍ବନ ଦ୍ୱାରା ପନିପରିବା ଚାଷକୁ ବିଶେଷ ଲାଭଜନକ କରାଯାଇ ପାରିବ ।

ଉପରୋକ୍ତ ତିନିଗୋଟି ପନ୍ଥା ବ୍ୟତୀତ ଖାଦ୍ୟାଭାବ ପୂରଣ କରିବା ନିମନ୍ତେ ଆଉ କେତୋଟି ଉପାୟ ନିମ୍ନରେ ପ୍ରଦତ୍ତ ହେଲା । କୂପ ଖନନ ଏବଂ ପୁଷ୍କରିଣୀ ଓ କେନାଲ ନିର୍ମାଣ ଦ୍ୱାରା ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ହେବା ଦରକାର । ସରକାର ଭଲଧରଣର ସାର ବହୁଳ ପରିମାଣରେ ବିଦେଶରୁ ଆମଦାନୀ କରି ତାହା ସମବାୟ ସୂତ୍ରରେ ଲୋକଙ୍କ ମଧ୍ୟରେ ବଣ୍ଟନ କରି ଜମିରେ ପ୍ରୟୋଗ କଲେ ଜମିର ଉତ୍ପାଦିକା ଶକ୍ତି ବିଶେଷଭାବେ ବୃଦ୍ଧିଲାଭ କରିବ । ଭାରତୀୟ ସାର ମଧ୍ୟ ସେଥି ସଙ୍ଗେ ସଙ୍ଗେ ବ୍ୟବହାର କରିବା ଏକାନ୍ତ ବାଞ୍ଛନୀୟ, ଏବଂ ବର୍ତ୍ତମାନ ଜାଳେଣିରୂପେ ଯେଉଁ ମୂଲ୍ୟବାନ ଗୋମୟ ସାର ପୁଳାକୀରେ ବ୍ୟବହାର କରାଯାଉଛି ତାହା ଅବିଳମ୍ବେ ବନ୍ଦକରି ତାକୁ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ । ବର୍ତ୍ତମାନ ଉପଯୁକ୍ତ ଗୋଦାମ ଅଭାବରେ ଅନେକ ଶସ୍ୟ ବୃଥା ନଷ୍ଟ ହୋଇ ଯାଉଛି । ସରକାର ସୁଦୃଢ଼ ଗୋଦାମ ଗୁଡ଼ିଏ ସ୍ଥାନେ ସ୍ଥାନେ ନିର୍ମାଣ କରି ସେ ଗୁଡ଼ିକୁ ସାଧାରଣଙ୍କ ବ୍ୟବହାର ପାଇଁ ଉପଯୋଗ କରିବା ନିମନ୍ତେ ସୁବ୍ୟବସ୍ଥା କଲେ ଏହି ବିସ୍ତୃତ କ୍ଷତି କମି ଯାଆନ୍ତା ।

ପ୍ରତ୍ୟେକ ପଲ୍ଲୀରେ ସମବାୟ ଦୋକାନ ଗୁଡ଼ିଏ ଖୋଲି ଶସ୍ତାଦରରେ ଭଲ ଧରଣର ମଞ୍ଜି ବିକ୍ରୀ କଲେ, ବୀଜ-ନିର୍ବାଚନ ଦୋଷରୁ ଯେଉଁ ଫସଲ ହାନି ହେଉଛି, ତାହା କମିଯିବ । ଧାନ ଓ ଗହମ ଚାଷ କରାଯାଉଥିବା ମୋଟ ଜମି ଯଥାକ୍ରମେ ୮୩.୪୩ ମିଲିଅନ ଏକର ଏବଂ ୩୩.୬୧ ମିଲିଅନ ଏକର । ଏଥିରୁ ଉନ୍ନତ ଧରଣର ବୀଜ ରୋପଣ ହେବା ଜମିର କ୍ଷେତ୍ରଫଳ ଧାନପକ୍ଷେ ୩.୫ ମିଲିଅନ ଏକର ଏବଂ ଗହମ ପକ୍ଷେ ୬.୯୭ ମିଲିଅନ ଏକର ମାତ୍ର । ଯଦି ଏକର ପିଚ୍ଛା ଉତ୍ପନ୍ନ ଶସ୍ୟର ପରିମାଣ ଉପଯୁକ୍ତ ବୀଜ ନିର୍ବାଚନ ଦ୍ୱାରା ବୃଦ୍ଧି କରାଯାଏ, ତାହେଲେ ଉତ୍ପନ୍ନ ଖାଦ୍ୟଶସ୍ୟର ମୋଟ ପରିମାଣ ଅତିରିକ୍ତ ବୃଦ୍ଧି ପାଇବ । ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ଏକର ପିଛା ଉତ୍ପନ୍ନ ଶସ୍ୟର ପରିମାଣ ନିତାନ୍ତ କମ । ଉଦାହରଣ ସ୍ୱରୂପ, ଆମେରିକାରେ ଏକ ଏକର ଜମିରେ ଉତ୍ପନ୍ନ ହେବା ଧାନର ପରିମାଣ ୧.୦୧ ଟନ, ଯାପାନରେ ୧.୬୧ ଟନ୍ କିନ୍ତୁ ଭାରତରେ ମାତ୍ର ୦.୩୫ ଟନ ସେହିପରି ଆମେରିକାରେ ଏକ ଏକର ଜମିରେ ୦.୩୭ ଟନ୍ ଗହମ, କାନାଡ଼ାରେ ୦.୫୨ ଟନ ଏବଂ ଅଷ୍ଟ୍ରେଲିଆରେ ୦.୪୭ ଟନ୍ ଉତ୍ପନ୍ନ ହେଉଥିବା ସ୍ଥଳେ ଭାରତରେ ୦.୩୨ ଟନ ମାତ୍ର ।

ଭାରତରେ ମୂଷିକମାନଙ୍କ ଦୌରାତ୍ମ୍ୟ କମ ନୁହେଁ । ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ ଗୋଟିଏ ମୂଷିକ ବାର୍ଷିକ ୭ ପାଉଣ୍ଡ ଶସ୍ୟ ଭକ୍ଷଣ କରେ । ଭାରତରେ ସମଗ୍ର ମୂଷିକ ସଂଖ୍ୟା ପ୍ରାୟ ୮୦୦-୧୦୦୦ ମିଲିଅନ ବୋଲି କଳନା କରାଯାଇଥିବା ଯୋଗୁଁ, ମୂଷିକମାନଙ୍କ ଦ୍ୱାରା ଅପହୃତ ଶସ୍ୟର ପରିମାଣ ବାର୍ଷିକ ଦୁଇ ମିଲିଅନ ଟନ ଅଟେ । ମୂଷିକମାନଙ୍କ ବିଲୋପ ସାଧନ ପାଇଁ ଗୋଟିଏ ସୁବିସ୍ତୃତ ଯୋଜନା କରାଗଲେ ଏ ବିସ୍ତୃତ କ୍ଷତିକୁ ଅନେକ ପରିମାଣରେ



Digitized by srujanika@gmail.com

ବାରଣ କରାଯାଇ ପାରେ । ପ୍ରତ୍ୟକ୍ଷ ଅନୁଭୂତିରୁ ଜଣାଯାଇଛି ଯେ ଖାଦ୍ୟଶସ୍ୟ ପରିବେଷଣରେ କ୍ଷେତରୁ ବାହାର କରାଯିବା ପୂର୍ବରୁ ମଲାମଚ୍ଛା ସମୟରେ ଅନେକ ନଷ୍ଟ ହୋଇଯାଏ । ଏହାର କାରଣ କ୍ଷେତରୁ ବନ୍ୟଜନ୍ତୁଙ୍କ ଉତ୍ପାତ ଏବଂ ପ୍ରଚଳିତ ମଲାମଚ୍ଛା ପ୍ରଣାଳୀରେ ତ୍ରୁଟି, ଏ ସବୁକୁ ମଧ୍ୟ କୌଶଳକ୍ରମେ ଯଥାସାଧ୍ୟ ବନ୍ଦ କରିବାକୁ ହେବ । ମୂଲ୍ୟବାନ ଅଥଚ ଉନ୍ନତ ଧରଣର କୃଷିବିଷୟକ ଯନ୍ତ୍ରପାତି ଗୁଡ଼ିଏ କ୍ରୟ କରି ସେଗୁଡ଼ିକ ଗ୍ରାମ ପଞ୍ଚାୟତ ଦଶଆରେ ସମବାୟ ସୂତ୍ରରେ ବ୍ୟବହାର କଲେ ବିଶେଷ ଉପକାର ହେବ ।

ପ୍ରତି ଏକର ପଡିଆ ଭୂମିର ସଙ୍ଗେ ସଙ୍ଗେ ବାଧ୍ୟତାମୂଳକ ଭାବେ ଚାଷ;ବାଧ୍ୟତାମୂଳକ ଉପଯୁକ୍ତ ରବିଫସଲ ଅଦାୟ, କୃଷିର ଉନ୍ନତି ପାଇଁ ଗ୍ରାମ ପଞ୍ଚାୟତର ଅଧିକାର, ଏବଂ କୃଷି ବିଷୟକ ଜ୍ଞାନ ସୁବିସ୍ତୃତ ଭାବେ କୃଷକମାନଙ୍କ ମଧ୍ୟରେ ସୁବିସ୍ତୃତ ଭାବେ ପ୍ରଚାର—ଏ ସକଳ ବିଷୟ ଗୁଡ଼ିକ ଯଥାଶୀଘ୍ର ଆଇନଦ୍ୱାରା ପ୍ରଚଳନ କରାଇବା ଅବଶ୍ୟକ ।

ଉପରୋକ୍ତ ଆଲୋଚନାରୁ ଜଣା ଯାଉଛି ଯେ ଭାରତର ଖାଦ୍ୟାଭାବ ରୂପକ ଚିରନ୍ତନ ବ୍ୟାଧିକୁ ନିବାରଣ କରିବାକୁ ହେଲେ ବହୁମୁଖୀ ପନ୍ଥା ଅବଲମ୍ବନ କରିବାକୁ ପଡିବ । ନାନା ଦିଗରୁ ଏକ ସମୟରେ କର୍ମ ଆରମ୍ଭ କଲେ, ଅଳ୍ପ ସମୟ ଭିତରେ ଖାଦ୍ୟାଭାବ ଭାରତରୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇ ପାରିବ । ଏ ଦିଗରେ ସରକାରଙ୍କ ଉଦ୍ୟମ କର୍ମକୁଶଳତା ଓ ସହାନୁଭୂତି ସର୍ବପ୍ରଧାନ ହେଲେ ମଧ୍ୟ, ଦେଶବାସୀ ସାଧାରଣ ସରକାରଙ୍କୁ ତାଙ୍କର ସକଳ ଉଦ୍ୟମରେ ପୂର୍ଣ୍ଣ ପ୍ରାଣ ସହଯୋଗ କଲେ ଯୋଜନାଟି ସଫଳକାମ ହୋଇ ମୂଳ ଲକ୍ଷ୍ୟ ସାଧନ ହେବା ଅବଶ୍ୟମ୍ଭାବୀ ।

# ଅପୂର୍ଣ୍ଣ ପ୍ରାସାଦ

ଶ୍ରୀ ନାରାୟଣ ଶାସମଲ ବି, ଏଲ୍,

ସନ୍ତୋଷପୁର ଗାଁର ପୂର୍ବମୁଣ୍ଡ କଅଁବୋରେଇ ଅତିକ୍ରମ କରି, ସାହି ଭିତରେ ପ୍ରବେଶ କଲେ, ଯେକୌଣସି ଆଗନ୍ତୁକର ଦୃଷ୍ଟି ପଥାରୂଢ଼ ହେବ ଗୋଟିଏ ପ୍ରାଚୀନ ଅର୍ଦ୍ଧନିର୍ମିତ ଭଗ୍ନପ୍ରାସାଦ । ପୃଥିବୀ ପୃଷ୍ଠରେ କେତେ ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ୍ ହୋଇସାରିଛି, କେତେ କେତେ ସାମ୍ରାଜ୍ୟ ଧ୍ୱଂସ ହେବାର ଇତିହାସ ଅଛି, କିନ୍ତୁ ସନ୍ତୋଷପୁରର ଏହି ପୁରାତନ ପ୍ରସାଦଟିର ଇତିହାସ ନାହିଁ ତାହା କିଏ କହିପାରିବ ।

ସାହିର ଗୋଟିଏ ଗୋହିରୀ ରାସ୍ତା ଦେହରେ ଅଧିକାଂଶ ସ୍ଥାନ ଅଧିକାର କରି ଅସମ୍ପୂର୍ଣ୍ଣ ପ୍ରାସାଦଟି ଭଗ୍ନାବସ୍ଥାରେ କେତେକାଳ ଠାରୁ ସେହିପରି ପଡ଼ିଅଛି, ତାର ହିସାବ ରଖିବାକୁ ଗାଁ ଭିତରେ କେହିନାହିଁ । ସନ୍ତୋଷପୁରର ଶତାଧିକ ମାନବ ଦସତି ଭିତରେ ସେହି ଅଟ୍ଟାଳିକାଟି ମର ଆଉ ପକାଘର ନ ଥିଲା, ଅଥଚ ତାର ଇତିହାସ ଆଉ ବାକି ସାଧାରଣ ଗୃହ ବା କୁଟିରର ଇତିହାସ ଠାରୁ ମଧ୍ୟ ସମ୍ପୂର୍ଣ୍ଣ ଅଲଗା ।

ସେହି ଅସମ୍ପୂର୍ଣ୍ଣ ବହୁତଳ ବିଶିଷ୍ଟ ପ୍ରାସାଦଟିର ମୂଳଭିତ୍ତି ଠାରୁ ଶେଷ ପର୍ଯ୍ୟନ୍ତ ଖୁବ୍ ମଜଭୁତ ଇଟା ପଥର ଓ ଚୂନଗୁଣ୍ଡରେ ତିଆରି । ମନ୍ଦିର ଗାତ୍ରରେ ଶତାଧିକ ଶିଳ୍ପୀ ବିଜ୍ଞାଣୀର ବହୁଯତ୍ନ ଖୋଦିତ କାରୁକଳା ଓ ସ୍ଥାପତ୍ୟ ପରିସ୍ଫୁଟ । ସୁଦୃଢ ପ୍ରସ୍ତର ଦେହରେ କେଉଁଠାରେ ଗଜଲକ୍ଷ୍ମୀ, କେଉଁଠାରେ ନୃତ୍ୟବିଭୋର ଗୌରାଙ୍ଗ ଓ ଅନନ୍ୟ ରାସଲୀଳାର କମନୀୟ ଛବି ନିପୁଣ ଦକ୍ଷତାର ସହ ଖୋଦିତ । ସୁପ୍ରଶସ୍ତ ପ୍ରାଙ୍ଗଣର ଚାରିଗୋଟି ସ୍ତମ୍ଭକୁ ଧରି ଚାରିଗୋଟି ଊର୍ଦ୍ଧ୍ୱମୁଖୀ ଅପ୍ସରାର ଲୋଭନୀୟ ରୂପ ସ୍ଥାପିତ,



Digitized by srujanika@gmail.com

ସତେ ଯେମିତି ସେମାନେ ସେହି ଆନନ୍ଦ ଭବନ ସହିତ ସ୍ୱର୍ଗପୁରୀ ତୁଳନା କରୁଛନ୍ତି ।

ଇତିମଧ୍ୟରେ ପ୍ରାସାଦଟିର ଅଧିକାଂଶ ଅଙ୍ଗ ଭାଙ୍ଗିଗଲାଣି । ଉତ୍ତାଳ ବାଲିପଥର ଶ୍ୱାସରୁଦ୍ଧ ଦୂରି ମାଟିରେ ମିଶି ନ ଯାଇ ତାର ଶେଷ କଙ୍କାଳ କଳେବରର ଧରି ଆକାଶକୁ ମୁଣ୍ଡ ଟେକି ରହିଛି କେଉଁ ଅତୀତ କାଳରୁ ତାର ସାନ ବଡ଼ ଉଚ୍ଚ ଓ ନୀଚ ଘଟଣା ବଳୀର ମୂକ ସାକ୍ଷୀ ରୂପେ । ଅଟ୍ଟାଳିକାର ମସୃଣ ଦେହ କେତେଯୁଗର ଝଡ଼ ବର୍ଷା ଖାଇ ଠାଏଁ ଠାଏଁ ଫୁଲି ଉଠିଛି, ଆଉ କେତେ ସ୍ଥାନରୁ ଚୂନ ଖସିଗଲାଣି ତାର ହିସାବ କେହି ରଖିବାକୁ ନାହିଁ । ପ୍ରାସାଦଟିର ଦ୍ୱିତୀୟ କକ୍ଷରୁ ଇଟାସବୁ ଖସିପଡ଼ିଲାଣି । ଆଉ କେତୋଟା ପତନୋନ୍ମୁଖ ଅବସ୍ଥାରେ ରହି ଦର୍ଶକ ମନରେ ଭୀତି ଉତ୍ପାଦନ କରୁଅଛି । କେବେ କେବେ ଦୁଇ ଗୁଡ଼ିଏ ଚମ ଚଟେଇ ଘର ଭିତରୁ ବାହାରିପଡ଼ି ଆଉ ଗୋଟାଏ ନୂଆଁ ସ୍ଥାନପାଇଁ ଦରଦି ହୋଇ ବୁଲୁଥାନ୍ତି । ଆଉ କେତୋଟା ଦେଉଳିଆ ପାର ନାନା ସ୍ଥାନର କୁଟା ଲଟିରେ ଘର କରି ଛୁଆ ପାଳିବାରେ ବ୍ୟସ୍ତ ।

ଏତେ ବଡ଼ ସମାରୋହ ସମ୍ପନ୍ନ ପ୍ରକାଟି କି କାରଣରୁ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା— ଗୃହ କର୍ତ୍ତାଙ୍କ କଳ୍ପନା ସୌଧ କାହିଁକି ଆକାଶ କୁସୁମରେ ପରିଣତ ହୋଇଥିଲା, ତାହା ଇତିହାସ କେବଳ ଶହେବର୍ଷ ତଳର କଥା ।

ଯେଉଁ ସମୟର ବିଷୟ କୁହାଯାଉଛି, ସେତେବେଳେ ଦେଶରେ ଗତାଗତର ସୁବିଧା ଆଜିକାଲି ପରି ନ ଥିଲା । ନିବିଡ଼ ଅରଣ୍ୟ ସଂକୁଳ ସୁଦୂର ଦେଶ ବିଦେଶକୁ ବାଣିଜ୍ୟ ପାଇଁ ନାନା ପଣ୍ୟ ଦ୍ରବ୍ୟର ରପ୍ତାନୀ ସୁଦ୍ଧ ଓ ସବଳ ଲୋକମାନଙ୍କ ପିଠିରେ ବୁହା ହୋଇ ହେଉଥିଲା । ସତ୍ୟେନ୍ଦ୍ରପୁରର ମହାଜନ ଛେଲି ଦିଦେଇ ସାହୁ ଏହିପରି ଶତାଧିକ ଖାଉଣିଆ ଲୋକମାନଙ୍କର ନାନା ଦିଗରୁ ମାଲ୍ ନେଇଅଣି ବିଶେଷ ଲାଭମାନ ହୋଇଥିଲେ । ଭାଗ୍ୟକୁ ତାଙ୍କର ଓଡ଼ିଶାର ନିଅଙ୍କ ଦୁର୍ଭିକ୍ଷ ପଡ଼ିଥିବା ମାତ୍ରେ ଲକ୍ଷ ଲକ୍ଷ ଟଙ୍କାର ମାଣ୍ଡିଆ ଚୂନାର ଅବଶ୍ୟକ ପଡ଼ିଲା । ଗୋଟିଏ ଗୋଟିଏ ଟଙ୍କା ଭିତରେ ଏକ ଚତୁର୍ଥାଂଶ ଟଙ୍କଣ ମାଣ୍ଡିଆ ଭିଡ଼ିକରି ଚଳାଇ କରିବା ମହାନ ଓ ଲାଭଜନକ କଳ୍ପନା ଟିକ୍କିନା ସାହୁଙ୍କ ବୁଦ୍ଧିଜୀବୀ ମସ୍ତିଷ୍କରେ ପ୍ରବେଶ କଲା । କ୍ଷୁଧା ପ୍ରପୀଡ଼ିତ ଅସଂଖ୍ୟ ଗରିବ ପ୍ରାଣୀ ଉଦର ପୂର୍ଣ୍ଣ କରିବାପାଇଁ ସାହୁଙ୍କ ଚୂନା ସାଗ୍ରହରେ ନେଇଗଲେ । କିନ୍ତୁ ପରିବା ଦେଖିବା ସାହୁଙ୍କର ଏ ଭିତରି କଳ୍ପନା କେହି ଜଣେ ହେଲେ ବୁଝି ପାରିଲେ ନାହିଁ । କଥାରେ ଅଛି, ବୁଡ଼ିକରି ଯେଉଁମାନେ ପାଣି ପିଇ ଦେଇଥିଲେ, ମହାଦେବଙ୍କ ଗୋସେଇଁ ମଧ୍ୟ ଜାଣି ପାରିବେ ନାହିଁ ।

ବାଣିଜ୍ୟେ ବସତି ଲକ୍ଷ୍ମୀ ବୋଲି ପ୍ରବାଦ ଅଛି । ଧନ କେତୋଟା ଭିତରେ ସାହୁ ଅଚ୍ଛାକରି ଟେକି ଗଲେ । କିଏ କହିଲା ସାହୁଘର ଉଦାଅ ଜଳୁଛି, ସୁନା କୁକୁଡ଼ା ଉଡ଼ୁଛି । ଆଉ କିଏ କିଏ ମଧ୍ୟ କହିଲେ ସାହୁ ବୁଢ଼ାଟା ମାଟି ଧରିଲେ ମଧ୍ୟ ସୁନା ହେଉଛି । ସେହି ଅନ୍ୟାୟୋପାର୍ଜିତ ବିପୁଳ ବିତ୍ତରେ ସାହୁଙ୍କର ସୌଧ କଳ୍ପନା ଜାଗ୍ରତ ହୋଇ ଉଠିଲା । ଆଉ ସେଥିରେହିଁ ପ୍ରାସାଦର ପ୍ରଥମ ଭିତ୍ତି ସଂସ୍ଥାପନ ।

ଦିନେ ନାହିଁ, ମାସେ ନାହିଁ, ବର୍ଷ ବର୍ଷ ଧରି ଚାଲିଲା ପ୍ରାସାଦର କାମ । ଶତାଧିକ ବନ୍ଧାଣି, ମଜୁରିଆଙ୍କର ଅକ୍ଳାନ୍ତ ପରିଶ୍ରମରେ ପଥର ଫୁଟେଇ ପଥର ଦେହରେ ପ୍ରାସାଦ କ୍ରମେ କ୍ରମେ ଆକାଶକୁ ମୁଣ୍ଡ ଟେକି ଉଠିଲା । ମନ୍ଦିରର କଳେବର ପାଇଁ, ସନ୍ନିକଟ ଟିଲାମାଳାର ବିଶାଳ ବକ୍ଷ ଶୂନ୍ୟ ହେଲା ଓ ଅସଂଖ୍ୟ ତରୁରାଜି ସହଜପାଇଁ ଭୂପତିତ ହେଲା । ଅବିରାମ କାମର ଗତି କ୍ଷୀପ୍ର ଭାବରେ ଚାଲିଛି— ନିଶ୍ୱାସ ମାରିବା ପାଇଁ କ୍ଷଣେ ସୁଦ୍ଧା ଅବସର ନାହିଁ । କେଜାଣି କୌଣସି ମତେ ଆଗାମୀ ଆଷାଢ଼ର ଶୁକ୍ଳ ଗୁଣ୍ଡିଚା ଦିନ ସାହୁ ପରିବାରଙ୍କର ସୌଧ ପ୍ରବେଶ ହେବ ।

ସାହୁଙ୍କର ମଧ୍ୟାହ୍ନ ନିଦ୍ରା ଭାଙ୍ଗିନାହିଁ, ହଠାତ୍ ଦାଳଳ ଲୋକ ଖବର ଦେଲେ, ପଦ୍ମପୋଖରୀ ହୁଡ଼ା ଉପର କଦମ୍ବ ଗଛ ଉପରେ ମାଙ୍କଡ଼ ଚଢ଼ି



Digitized by srujanika@gmail.com

ଯାଉଛନ୍ତି, ନାନା ଭୟ ପ୍ରଦର୍ଶନ ସତ୍ତ୍ୱେ ଓହ୍ଲୁନାହାନ୍ତି । କ'ଣ କରାଯିବ ?

ବୈଶାଖର ରୁଦ୍ର ତାପରୁ କିଛି ସମୟ ଅବ୍ୟାହତ ପାଇ କାଠ କାଟିଲାମାନେ ବସାକୁ ଫେରିଥିବା ସମୟରେ ଦେଖିଲେ ବିଶାଳ ବୃକ୍ଷ ଉପରେ ଅସଂଖ୍ୟ ମର୍କଟ ଚଢ଼ି ଯାଇଥିଲେ । ଗଛ ହଣାଳିଙ୍କ ଶତ ଚେଷ୍ଟା ସତ୍ତ୍ୱେ ଅବାଧ ମାଙ୍କଡ଼ଗୁଡ଼ିକ ତଳକୁ ଓହ୍ଲାଇ ନ ଥିଲେ । ସେଥିଲା ସକାଶେ କଣ କାମ ବନ୍ଦ ରହିବ !

ଅଗ୍ନି ଜଳି ଜଳି ଗୃହକର୍ତ୍ତା ଆଦେଶ ଦେଲେ, ଅତିଶୀଘ୍ର ଗଛଟିକୁ ସମୂଳେ ଉଚ୍ଛେଦନ କରିଯାଉ, ମାଙ୍କଡ଼ ମରନ୍ତୁ ।

ଉଃ ! ସାମାନ୍ୟ କେତୋଟି ମୂହୁର୍ତ୍ତର ସ୍ୱାର୍ଥପାଇଁ ଏତେଗୁଡ଼ିଏ ପ୍ରାଣୀ ନଷ୍ଟ ହେବେ ! ନିରୀହ, ନିରପରାଧୀ ଶତାଧିକ ବାନରଗୁଡ଼ିକର ପ୍ରାଣପାଇଁ ଗୃହ ସ୍ୱାମୀଙ୍କର କ'ଣ କିଛି ମମତା ନାହିଁ ? କାହିଁକି ରହିବ ? ବିପୁଳ ଧନାଭିମାନରେ ସେ ଯେ ଇହ ଓ ପରଲୋକପାଇଁ ଚିର ସ୍ୱାର୍ଥାନ୍ଧ । ଦିନେ ଯେଉଁ ବାନର ଦୂତ ପାପଦଗ୍ଧ ସ୍ୱର୍ଣ୍ଣପୁରୀ ଲଙ୍କାର ଧ୍ୱଂସର ସୂଚନା ଦେଇଥିଲା, ସେହି ମର୍କଟବଂଶ ଆଜି ଗୃହସ୍ୱାମୀଙ୍କର ଅସୀମ ପାପର ପ୍ରାୟଶ୍ଚିତ୍ତ କରିବ, ତାହା ତାଙ୍କର କାହିଁକି ଖିଆଲ ରହିବ !

ଅତିଶୀଘ୍ର ଗୃହ କର୍ତ୍ତାଙ୍କର ଆଦେଶ ପ୍ରତିପାଳିତ ହେଲା । ବଜ୍ର ନିର୍ଘୋଷ ନାଦରେ ବିଶାଳ ମହୀରୁହ ଭୂପତିତ ହେବା ସଙ୍ଗେ ସଙ୍ଗେ କ୍ରୀଡ଼ାରତ ସମସ୍ତ ବାନର ଦମ୍ପତି ଅକାଳ ମୃତ୍ୟୁ ମୁଖରେ ପତିତ ହେଲେ । ଗୋଟିଏ ବାନର ଶିଶୁ ସୁଦ୍ଧା ନିସ୍ତାର ପାଇପାରିଲାନାହିଁ । ଗୃହ ସ୍ୱାମୀଙ୍କର ଗଭୀର ଆନନ୍ଦ !

ମନୁଷ୍ୟର ଦିନ ସମାନ ଯାଏନାହିଁ । ଉତ୍ଥାନ ପତନ, ନିନ୍ଦା ପ୍ରଶଂସା ଓ ସୁଖ ଦୁଃଖର ବନ୍ଧୁର ପଥ ଦେଇ ମାନବର ଅନନ୍ତ ଯାତ୍ରା ଶେଷ ହୁଏ । ନିଜ କୃତ ପାପ ପୁଣ୍ୟର ପ୍ରଭାବରେ ତାର ଇହ ଓ ପରଲୋକର କର୍ମପନ୍ଥା ନିୟନ୍ତ୍ରିତ ହୋଇଥାଏ ।

ହଠାତ୍ ଦିନେ ସନ୍ଧ୍ୟାବେଳେ ଗୃହକର୍ତ୍ତାଙ୍କ ନିବାସ ଗୃହ କୋଲାହଳମୟ ହୋଇ ଉଠିଲା । କୁଟୁମ୍ବର ଆବାଳ ବୃଦ୍ଧ ବନିତା ସମସ୍ତଙ୍କ କଣ୍ଠରୁ ଗୋଟିଏ ମର୍ମନ୍ତୁଦ ଚିତ୍କାର ଧ୍ୱନି ଆକାଶ ପାତାଳ ଫଟାଇ ଗ୍ରାମର ଶାନ୍ତ ସନ୍ଧ୍ୟାକୁ ମୁଖରିତ କଲା । ଗ୍ରାମବାସୀ ସମସ୍ତେ ଉଦ୍‌ବିଗ୍ନ ହେଲେ । କଥା କଣ ?

ଗାଁ ପଶୁପାଳକ ନାଟୁଆର ପୋଢ଼ ପିଠି ଉପରେ ବସି ଯାହା ଦେଖିଥିଲା; ତାହା କହିବା ମାତ୍ରେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଦେବଳ ରଥ ରଥ ସମୟରେ କପଟ ଦୁଇଟା କ୍ରୀଡ଼ାରତ ଜର୍ଜ୍ଜି ଭକ୍ଷକ ଗାଁ ମୁଣ୍ଡ ଦେଇ ଯିବା ସମୟରେ ନୂଆଁ କଂସାରି ଘର କୁକୁର ବଳିଆ ସେମାନଙ୍କୁ ଧୂପି ଧାଇଁଥିଲା । ଅତି କ୍ରୋଧାନ୍ୱିତ ହିଂସ୍ରଜନ୍ତୁ ଦ୍ୱୟ କୁକୁର ପ୍ରତିଆକ୍ରମଣ କରି ଧାଇଁ ଆସିବାରୁ, କୁକୁରଟି ପ୍ରାଣ ବିକଳରେ ସାହୁଘର ବାଡ଼ିକୁ ଧାଇଁଆସି ନଡ଼ାଗଦା ତଳେ ଛପିଗଲା । ହିଂସ୍ରଜନ୍ତୁ ଗୁଡ଼ିକ କୁକୁରଟିକୁ ଦେଖି ନ ପାରି ଘର ଭିତରେ ପଶିଯାଇ ଯାହାକୁ ଦେଖିଲେ ମୁଠେ ମୁଠେ ଖୋଳିନେଲେ । ଜଣେ ଦୁଇଜଣ ଓରାକୁ ଧରି ଓହଳିବାକୁ ଚେଷ୍ଟା କରିଥିଲେ ସୁଦ୍ଧା, ହିଂସ୍ରଜନ୍ତୁ ଦ୍ୱୟ ଫୋକ୍ ଫାକ୍ ହେଇଁ ଗୋଡ଼ ପାହୁଲାକୁ ଖୋବାଇ ହୋଇଗଲେ । କେହିହେଲେ ଜଣେ ସେମାନଙ୍କର ଆକ୍ରମଣରୁ ରକ୍ଷା ପାଇ ପାରିଲେ ନାହିଁ । ପରିଶେଷରେ ସାହୁଘର ବଡ଼ ହଳିଆ ବଡ଼ ସାହାସରେ କୁରାଢି ଧରି ପହଞ୍ଚିଲା ବେଳକୁ ହିଂସ୍ରଜନ୍ତୁ ଗୁଡ଼ିକ ବାଡ଼ିବାଟ ଦେଇ ପଳାଇଗଲେଣି । ବତୀ ଲଗେଇ ଦେଖିଲାବେଳକୁ ପରିବାର ସମସ୍ତଙ୍କର ଦେହରେ ପ୍ରବଳ ଦନ୍ତକ୍ଷତର ରକ୍ତାକ୍ତ ଚିହ୍ନ ରହିଅଛି । କି ଦୁର୍ଭାଗ୍ୟ !

ପ୍ରାସାଦ କାମ ବନ୍ଦ ହେଇ ଚିକିତ୍ସାଗାରର ଶାନ୍ତମତ ଚିକିତ୍ସା ଲାଗିଲା । କିନ୍ତୁ କୌଣସି ଔଷଧ ଗୁଣ କଲାନାହିଁ । ଆଷାଢ଼ର ଘନକୃଷ୍ଣ ମେଘମାଳା ହେଲେତବେଳେ ଆକାଶରେ ଦେଖାଗଲା,



Digitized by srujanika@gmail.com

ସେତେବେଳେ ଗୃହକର୍ତ୍ତାଙ୍କ ପରିବାରର ସମସ୍ତେ ଦିନେ ଦୁଇଦିନ ଛାଡ଼ି ଅକାଳ ମୃତ୍ୟୁ ମୁଖରେ ପତିତ ହେଲେ । ବଂଶରେ ପାଣି ମନ୍ଦାଏ ଦେବାପାଇଁ କେହିହେଲେ ଜଣେସୁଦ୍ଧା ରହିଲା ନାହିଁ ।

ସେହିଦିନ ଠାରୁ ଅସଂପୂର୍ଣ୍ଣ ଅଟ୍ଟାଳିକାଟି ଅବହେଳିତ ଭାବରେ ସେହିପରି ଠିଆହୋଇ ରହିଛି, ତା'ର ଦାୟିତ୍ୱ ନେବାକୁ କେହି ନାହିଁ । ଆଜିସୁଦ୍ଧା ସେହି ଜାଗା ଖଣ୍ଡିକରେ ପାଦ ପକେଇବାକୁ ଲୋକେ ଡରନ୍ତି । କିଏ କିଏ ଗୃହକର୍ତ୍ତାଙ୍କର ଅତୃପ୍ତ ପ୍ରେତାତ୍ମାର ବିକଟ କୁହାଟ ନିଶାର୍ଦ୍ଧରେ ଶୁଣାଯିବା କହନ୍ତି । ଆଜି ଗତ ଜନଗଣନାରେ ଏହି ଅପୂର୍ଣ୍ଣ ପକାଟିର ଲୋକସଂଖ୍ୟା ଶୂନ ବୋଲି ଗଣନା ହୋଇଯାଇଛି ।

# ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷା

ଶ୍ରୀ ସୁଧାଂଶୁ ଶେଖର ରାୟ

ଉପେକ୍ଷିତ ଅନାଦୃତ ସଙ୍କୁଚିତ ଏ ଓଡ଼ିଆ ଭାଷା
ମୂକର ହୃଦୟ ବାଣୀ ନିସ୍ୱଣର ଅନ୍ତରର ଆଶା ।
ହୁଏତ ବିକୃତ ତାହା,
ବ୍ୟାକରଣେ ନାହିଁ ତାର ସ୍ଥାନ,
ସାହିତ୍ୟେ ସେ ଜାତିଚ୍ୟୁତ,
କବିତାର ମାଧୁର୍ଯ୍ୟ ସ୍ପନ୍ଦନ,
ବର୍ଣ୍ଣନା ବିଭବ ନାନାରସେ
ଛନ୍ଦେ ବିଚିତ୍ର ଶୈଳୀରେ
ଶବଦର ସା ୀଲ ସୁବିନ୍ୟାସ, ଫୁଟେନା ତହିଁରେ
ମଣିଷର ପ୍ରାଣସାଥେ ତଥାପି ତାହାର ପରିଚୟ
ସୁନିବିଡ଼ ।
ସ୍ନେହ ସ୍ନେହ ତା ପୀୟୂଷ ସରିତ ଅକ୍ଷୟ
ନିତି ପ୍ରବାହିତ ନିତି ଉତ୍ସାରିତ ବିମଳ ପୁଲକେ,
ଜୀବନର ଦୁଃଖେ ସୁଖେ
କାନ୍ତ ହାସ୍ୟେ କରୁଣ ଶୋକେ
ଝଲାୟିତ ନିତ ତାହା,
ଅର୍ଦ୍ଧରାତେ ପ୍ରିୟା କାନେ କାନେ
ଯେ ମିନତି ଜାଗେ ସାରା
ହୃଦୟର ବେଦନା ସ୍ଫୁରଣେ,
ସନ୍ତାନକୁ ଚୁମ୍ବି ମାତା ସୁଚିକ୍କଣ ନୟନ-ପଦ୍ମରେ
ଗର୍ଭ ଅନ୍ତରୁ ଯେଉଁ ବାଣୀ ମଧୁ ଢାଳିଦିଏ ଧୀରେ
ଶ୍ରମକ୍ଳାନ୍ତ କୃଷକଟି ଗୋଧୂଳୀରେ କରେ ଯେ ବନ୍ଦନା;
ତୁଳସୀର ମୂଳେ ବଧୂ ମନେ ମନେ
କରେ ଯେ କାମନା,
କ୍ରୀଡ଼ା କଉତୁକେ ଜାଗେ ଶିଶୁବକ୍ଷେ
ଯେ ପୁଲକ ଦ୍ୟୁତି —
ଯେଉଁ ଦୃପ୍ତ ଉନ୍ମାଦନା; ମଧୁମୟ ଶତ ସୁଖ ସ୍ମୃତି
ତରୁଣର ସ୍ୱପନେ ଯେ ଇନ୍ଦ୍ରଧନୁ ରଚଇ ବିଜନେ;
ଯେ ଅଶ୍ରୁ-ଲହରୀ ଖେଳେ
ଦୁଃଖ ମୂକ ବିରହିଣୀ ମନେ;
ତାହାର ସରସ ଛବି ପ୍ରାଣମୟ ସୁନ୍ଦର ଉଚ୍ଛ୍ୱାସ
ଏହି ଭାଷା ।
ଫଲ୍‌ଗୁ ପରି ବାଧାଭେଦେ ସେ କୁଣ୍ଠିତ ପ୍ରକାଶ—
ସଙ୍କୁଚିତ, ସଭା ଦରବାରେ ତାର ନାହିଁ ଅଧିକାର ।
ପଥେ ପଥେ ଶୁଭେନାହିଁ
ଦୃପ୍ତ ତାର ଉଦ୍ଧତ ଝଙ୍କାର ।
ଭିତରେ ସେ ଗୃହ ମଧ୍ୟେ
ବନ୍ଧୁ ପ୍ରିୟ ଆତ୍ମୀୟଙ୍କ ମେଳେ
ଆନନ୍ଦ ପରଶି ନିତି ଜୀବନକୁ ପୁଷ୍ଟ କରି ତୋଳେ ।
ଲଜ୍ଜା-ନମ୍ର ବଧୂପରି ଆଖି ଆଢୁଆଳେ ରହି ନିତି
ବିତରଇ ସ୍ନେହ ଶ୍ରଦ୍ଧା ବିତରଇ ସୁକୋମଳ ପ୍ରୀତି ।



Digitized by srujanika@gmail.com

ପ୍ରାଣ ସାଥେ ପ୍ରାଣ ହୋଇ,
ହୋଇ ସେ ରେ ଧମନୀ ସ୍ପନ୍ଦନ
ଅନ୍ତରାଳେ ରହି ସଦା କୁସୁମିତ କରଇ ଜୀବନ । '

ତାହାରେ ନାହିଁ ତା ଶଙ୍କା
ନାହିଁ ଦାବୀ ସମ୍ମାନ ଗୌରବ
ଅନ୍ତରେ ସେ ବିଚ୍ଛୁରଇ ଶିର ସଦା ବସନ୍ତ ସୌରଭ

# ଗାନ୍ଧି ଯୁଗର ମଣିଷ

ଡ଼ାକ୍ତର ଶ୍ରୀ ରାଧାଚରଣ ପଣ୍ଡା

ଇଂରାଜମାନେ ଭାରତ ଛାଡ଼ିଲେ—ଭାରତ ସ୍ୱାଧୀନ ହେଲା । ଏଣିକି ଭାରତବାସୀ ନିଜର ସରକାର ନିଜେ ଚଳାଇବେ । ନିଜଗୋଡ଼ରେ ନିଜେ ଠିଆହେବେ । ନିଜର ସମସ୍ତ ହାନିଲାଭ କଥା ନିଜେ ବୁଝିବେ । ଆଉ ବିଲାତବାସୀଙ୍କ ବାହୁଚ୍ଛାୟାତଳେ ବଞ୍ଚିବେ ନାହିଁ କି ସେଦେଶରୁ କୌଣସି ବୁଦ୍ଧି ବିଦ୍ୟା ବା କଳା କୌଶଳ ଶିଖିବେ ନାହିଁ । ସବୁକାମ ନିଜ ଦେଶରେ କରିବେ—ନିଜର ଯେତିକି ଚୂନା ସେତିକି ପିଠା କରିବେ, ତାକୁ ଖାଇ ଖୁସିରେ ଦିନ କାଟିବେ । ସେ "ସମୟ ଆସି ପହଞ୍ଚିଲାଣି ।

ଏ ଦୁନିଆରେ ବହୁତ ଉନ୍ନତି ଓ ଅବନତି ଘଟିଛି । ବହୁତ ପ୍ରଚାରକ-ଧର୍ମଗୁରୁ ବହୁ ପ୍ରକାର ନୀତି ପ୍ରଚାର କରି ଯାଇଛନ୍ତି,- କିନ୍ତୁ ଆମର ଏଇ ଯୁଗରେ-ଏଇ ଯେ ଭାରତ ସ୍ୱାଧୀନତା ଲାଭ କରିବା ସମୟରେ ଆମମାନଙ୍କର ଏକମାତ୍ର ପଥପ୍ରଦର୍ଶକ ବା ନୀତି ବିଶାରଦ ହୋଇଛନ୍ତି ସେଇ ବିଶ୍ୱମାନବ ମହାତ୍ମା ମୋହନଦାସ କରମଚାନ୍ଦ ଗାନ୍ଧି, ଯାହାଙ୍କର ଗତ ୨୭ ବର୍ଷର ଅକ୍ଳାନ୍ତ ଉଦ୍ୟମରୁ ଆଜି ଭାରତ ତାର ସ୍ୱାଧୀନତା ଲାଭ କରିଛି—ଇଂରାଜମାନେ ଏ ଦେଶ ଛାଡ଼ି ଯାଇଛନ୍ତି !

ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ଯେ କେବଳ ଗାନ୍ଧିଜୀଙ୍କ ଯୋଗୁଁ ଆଜି ବିନା ଯୁଦ୍ଧରେ-ବିନା ରକ୍ତପାତରେ-ଆମେମାନେ ଆମର ସ୍ୱାଧୀନତା ଲାଭ କରିଛୁଁ । ଏଥିପାଇଁ ବ୍ୟକ୍ତିଗତ ଭାବରେ ଆମେ କଣ କରିଛୁ କି ନାହିଁ-ସେ ଦିଗରେ ଆମର ଯୋଗ୍ୟତା ଅଛି କି ନାହିଁ, ସେ ପ୍ରଶ୍ନ ଏଠାରେ ଉଠାଇବା ଦରକାର ନାହିଁ । କେବଳ ଆମ୍ଭ ସନ୍ତୁଷ୍ଟ ହେବାକୁ ହେବ ଯେ ଆମେମାନେ ଏଇ ଗାନ୍ଧି ଯୁଗରେ ସ୍ୱାଧୀନ ହୋଇଛୁ । ଏଥିପାଇଁ ଆମମାନଙ୍କୁ ଏଇ ଗାନ୍ଧିଯୁଗର ମଣିଷ ବୋଲି କହିବାକୁ ହେବ ।

'ମଲା ଘୋଡ଼ାର ଠାଙ୍କ ମାପି ଲାଭ ଉଠାଯାଏ ନାହିଁ' ବୋଲି ସମସ୍ତେ କହନ୍ତି । ଇଂରାଜମାନେ ଭାରତ ଛାଡ଼ିବା ଦ୍ୱାରା ଆମର ଲାଭ କରିଛନ୍ତି କି କ୍ଷତି କରିଛନ୍ତି ସେ କଥା ଭାବିବା ଦରକାର ନାହିଁ । ଗତ ଦୁଇଶତ ବର୍ଷ ହେଲା ସେମାନେ ଏ ଦେଶରେ ରାଜୁତି କରି ଆମର ସବୁପ୍ରକାର ଉନ୍ନତିକି ଦବାଇ ରଖିଥିଲେ ଏ କଥା ସ୍ପଷ୍ଟ କହିବାକୁ ହେବ । ସ୍ୱାଧୀନତା ଲୋପ କରିବା ସଙ୍ଗେ ସଙ୍ଗେ ଆମ ଦେଶବାସୀଙ୍କ ବୁଦ୍ଧି, ବିଦ୍ୟା ଓ ମନୋଭାବକୁ ମଧ୍ୟ ଏକପ୍ରକାର ନିସ୍ତେଜ କରି-ପକାଇଥିଲେ ଏହା ମଧ୍ୟ କହିବାକୁ ହେବ । ଯେ ହେଉ, ଏଥର ସେମାନେ ଯିବାଦ୍ୱାରା ଆମର ସବୁଦିଗର ଦ୍ୱାର ଖୋଲି ପଡ଼ିଛି । ଏଣିକି ଆମେ-ମାନେ ଆମର ସମସ୍ତ ଅଭାବ ଦୂର କରିନେବାକୁ ହେବ । ସମସ୍ତ ଦିଗର ଉନ୍ନତି କରିବାକୁ ହେବ-ଏଥିପାଇଁକି ଆମେମାନେ ପ୍ରସ୍ତୁତ ଅଛୁଁ ?

'ଗାନ୍ଧିଯୁଗର ମଣିଷ' ହେବାପାଇଁ ପ୍ରଥମେ



Digitized by srujanika@gmail.com

ଆମମାନଙ୍କୁ 'ଗାନ୍ଧୀନୀତି' କଣ ଜାଣିବାକୁ ହେବ । ଗାନ୍ଧୀନୀତିର ପ୍ରଥମଧାରା ହେଉଛି— 'ସ୍ୱଦେଶୀ' ଅର୍ଥାତ୍ ସ୍ୱାଧୀନ ମନୋଭାବ-ନିଜର ଦେଶ, ନିଜର କାମ ନିଜ କର୍ତ୍ତବ୍ୟ ନିଜେ କରିବାକୁ ହେବ— ପରଙ୍କ ଉପରେ ନିର୍ଭର କରିବାକୁ ହେବନାହିଁ । ଏହି ମନୋଭାବ ନେଇ ଯଦି ଆମର ସମସ୍ତ କାମ ଆରମ୍ଭ କରିବା ତା'ହେଲେ ସବୁ ସୁବିଧା ହୋଇଯିବ । କୌଣସି ଅଭାବ ଅସୁବିଧା ବା ଅଧଭବ ଦେଖାଯିବନାହିଁ ।

କେବଳ ଏହି ସ୍ୱଦେଶୀ ମନୋଭାବର ଅଭାବରୁ ଆଜି ଭାରତବାସୀ ଏତେ ପଛରେ ପଡ଼ିଛନ୍ତି ଏବଂ ଆମର ଏତେ ପ୍ରକାର ଅଭାବ ଅସୁବିଧା ଭୋଗ କରିବାକୁ ହେଉଛି ସିନା ?

ଇଂରାଜୀମାନଙ୍କଠାରୁ ଯଦି ଆମେ କିଛି ଶିଖିବାର ଥିଲା ତା' ହେଉଛି ସେମାନଙ୍କର 'ସ୍ୱଦେଶ ପ୍ରୀତି' । ଦୀର୍ଘ ଦୁଇଶହ ବର୍ଷକାଳ ଆମଦେଶରେ ନିରଙ୍କୁଶ ରାଜୁତି କରିସୁଦ୍ଧା ଇଂରାଜୀମାନେ ଆମ ଦେଶର ଖାଦ୍ୟ ଖାଇ ନ ଥିଲେ କି ଆମଦେଶର ପୋଷାକ ପିନ୍ଧି ନଥିଲେ । କିନ୍ତୁ ଆମେ କଲୁ କଣ ? କେବଳ 'ଅନୁକରଣ' କରି ସାହେବଙ୍କ ପରି ଲୁଗା ପିନ୍ଧିଲୁ,- ବେଶହେଲୁ ମଦ, ମାଂସ ଓ ମଖନ ପ୍ରଭୃତି ଅଖାଦ୍ୟ ଖାଇଲୁ. ନିଜତ୍ୱ ହରାଇଲୁ ! ତଦ୍ୱାରା ଆମର ଜାତୀୟତା ରହିଲା ନାହିଁ, ବରଂ ଦେଶର ପ୍ରଚୁର ସମ୍ପତ୍ତି ବିଦେଶୀ ଜିନିଷ କିଣିବାରେ ନଷ୍ଟ ହେଲା, ଏଇତ ବିଦେଶୀ ସଭ୍ୟତା ଶିକ୍ଷାର ପ୍ରତିଫଳ ?

ସ୍ୱଦେଶୀ ହେବାପାଇଁ ଆମକୁ ଅତି ସରଳ ହେବାକୁ ହେବ । ଏଥିପାଇଁ ଗାନ୍ଧିଜୀ ଆମଦେଶର ନୂଆ ଭାରତୀୟ ଲୀଡର ଓ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ କେବଳ ନିଜର ନିରାଡ଼ମ୍ବର ଓ ସରଳ ଜୀବନ ଯାପନ ଦ୍ୱାରା ଲୋକମାନଙ୍କୁ ବୁଝାଇବାକୁ ହେବ ଯେ ଏ ଦେଶ ଆମର ଏବଂ ଆମେମାନେ କେବଳ ସରଳତାରେ ଓ ନିର୍ଭୟରେ ଏ ଦେଶରେ ଜୀବନ ଯାପନ କରିପାରିବା !

କେବଳ ବିଦେଶୀ ପ୍ରଭାବରେ ପଡ଼ି ଆମ ଦେଶବାସୀ ନିଶା ସେବନ ଅଭ୍ୟାସ କରିଥିଲେ ସବୁ ସାହେବ ମଦ ଖାନ୍ତି ନାହିଁ, ଯେଉଁମାନେ ଖାନ୍ତି ସେମାନେ ଅତି ଅଳ୍ପ ପରିମାଣ ଖାନ୍ତି ଏବଂ ସେଇ ଅନୁପାତରେ ପରିଶ୍ରମ କରନ୍ତି. କିନ୍ତୁ ଆମର ଯେଉଁମାନେ ମଦ ଖାନ୍ତି ସେମାନେ ମାତାଲ ହୁଅନ୍ତି-ନିତାନ୍ତ ଅଳସୁଆ ହୁଅନ୍ତି । ଅଫିମ, ଗଞ୍ଜା ଓ କୋକେନ୍ ପ୍ରଭୃତି ନିଶାଦ୍ରବ୍ୟ କେବଳ ଧନୀ ଓ ବିଳାସୀମାନେ ପ୍ରଚୁର ବ୍ୟବହାର କରନ୍ତି । ଯେଉଁ କେତେକ ଗରିବ ଏ ଗୁଡ଼ିକୁ ଖାନ୍ତି ସେମାନେ ନିତାନ୍ତ ଅଳସୁଆ ହୁଅନ୍ତି ଏବଂ ଚୌର୍ଯ୍ୟବୃତ୍ତି କରି ଦେଶର [illegible] ନଷ୍ଟ କରନ୍ତି । ଏସବୁ ଦୂର କରିବା ଦିଗରେ ପ୍ରତ୍ୟେକ ଗାନ୍ଧି-ମନସ୍କ ଯତ୍ନ କରିବାକୁ ହେବ ।

ଆମ ଆଖି ଆଗରେ ଦେଖିଛେ-ଆୟର୍ଲାଣ୍ଡ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ସେଠା ଜନନାୟକ ଡିଭେଲେରାଙ୍କ ଇଙ୍ଗିତରେ ଆଇରିସ୍ ବାସୀ ଇଂଲଣ୍ଡର ସମସ୍ତ ସମ୍ପର୍କ ତୁଟାଇଥିଲେ—ଏପରିକି ଇଂରାଜୀ ଭାଷାକୁ ମଧ୍ୟ ଛାଡ଼ିଥିଲେ ଏବଂ ନିଜର ପିଲାଙ୍କୁ ଇଂରାଜୀ ନାମ ସୁଦ୍ଧା ଦେବା ମନାକରି ଯାଇଥିଲା । ଆମେ ଭାରତବାସୀ କଣ ସେସବୁ ଅନୁକରଣ କରିପାରିବନି ? ନିକଟରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶ ପ୍ରକାଶ ପାଇଛି ଯେ ଇଂରାଜୀ ଭାଷା ଆଜି ଗୋଟିଏ ଦିନକ ପାଇଁ ସୁଦ୍ଧା ଆମେ ବ୍ୟବହାର କରିବା ଅନୁଚିତ ହେବ !

ଯେଉଁ ଇଂରାଜୀ ମାନଙ୍କୁ ଏକାବେଳେ ଏ ଦେଶରୁ ବାହାର କରି ପାରିଛେ ସେମାନଙ୍କର ଭାଷାକୁ ତ୍ୟାଗ କରିବା କି କଷ୍ଟ ସାଧ୍ୟ ହେବ ? ପ୍ରତି ପ୍ରଦେଶରେ କେବଳ ପ୍ରାଦେଶିକ ଭାଷାର ସଦ୍‌ବ୍ୟବହାର ହେବ ଏବଂ କେନ୍ଦ୍ର ଓ ପ୍ରାଦେଶିକ ଭାଷା ବିନିମୟ ପାଇଁ ହିନ୍ଦୁସ୍ତାନୀ ଭାଷା ଚଳିବ । ଜାତୀୟ ମମତା ବିସ୍ତାର ପାଇଁ ପ୍ରତ୍ୟେକ ବ୍ୟକ୍ତି ଏହା କଣ କରିପାରିବେ ନାହିଁ ? ଇଂରାଜୀ ପଢ଼ିଲେ ଇଂଲିସ ସରକାରଙ୍କର ଚାକିରିଆ ହେବା ଆଶାଥିଲା କିନ୍ତୁ ସେଇ ସରକାର ଯେତେବେଳେ ଲ



Digitized by srujanika@gmail.com

ଛୁଟିଗଲେ ଅଜ ତାଙ୍କର ଭାଷା ପଢ଼ିବା ଦରକାର କଣ ?

'ଜନସେବା' ହେଉଛି ଗାନ୍ଧୀବାଦର ଗୋଟିଏ ପ୍ରଧାନ ଅଂଶ । ଏଥିପାଇଁ ଅସୀମ ସହାନୁଭୂତି ଶକ୍ତି ଦରକାର । 'ବାବୁ' ଆସନରେ ବସି କେଇହେଲେ 'ସେବା' କରିପାରନ୍ତି ନାହିଁ । ସେବକ ଓ ବାବୁ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଥାଏ—ଏ ବୁଦ୍ଧି ମଧ୍ୟ ଆମେମାନେ ଇଂରାଜୀ ଶାସନବେଳେ ଶିକ୍ଷା କରିଥିଲୁଁ । ତାକୁ ଏକ୍ଷଣି ଛାଡ଼ିବାକୁ ହେବ । ଅସ୍ପୃଶ୍ୟ-ବ୍ରାହ୍ମଣ ଧନୀ-ଦରିଦ୍ର ଓ ଶିକ୍ଷିତ ଅଶିକ୍ଷିତ ମଧ୍ୟରେ ଯେଉଁସବୁ ପ୍ରଭେଦ ଦେଖାଯାଏ ସେସବୁ ଛାଡ଼ିଲେ ଯାଇ ଆମେ ଜନ-ସେବକ ହୋଇ ପାରିବୁଁ । କେବଳ ଜନସେବା ଦ୍ୱାରାହିଁ ଲୋକପ୍ରିୟ ହୋଇ ପାରିବୁଁ । ଏ ଦିଗରେ କି ଶିକ୍ଷିତ କି ଅଶିକ୍ଷିତ ସମସ୍ତଙ୍କର ବିଶେଷ କର୍ତ୍ତବ୍ୟ ରହିଛି ।

କୁଟି ଖାଇବା ଓ କାଟି ପିନ୍ଧିବା ଆମ ଦେଶର ଚିରନ୍ତନ ପ୍ରଥା ଥିଲା । ଇଂରାଜୀମାନେ ବେପାରୀ ଭାବରେ ଭାରତକୁ ଆସିଥିଲେ କେବଳ ଏଠାର ସବୁ ଲୁଟି ନେବାପାଇଁ ! ସେ କଥା ଇତିହାସରୁ ଜାଣିହୁଏ । ଇଂରାଜ ରାଜୁତିରେ ଯେଉଁ କଳ ଶୃଙ୍ଖଳ ଆମ ଦେଶରେ ବ୍ୟବହାର କରିବା ଅଭ୍ୟାସ ହେଲା ତାର ଫଳରେ ଯେ 'ବେକାରବେକାର' ରୋଗ ସୃଷ୍ଟି ହୋଇଛି ସନ୍ଦେହ ନାହିଁ । ବିଳାତ କଳଲୁଗା ଆଣି ଆମ ବଜାରରେ ଶସ୍ତାରେ ବିକି କରିବାରୁ ଏ ଦେଶରୁ ହାତକଟା ଓ ହାତବୁଣା ଚଳନ୍ତି ଲୁଗାସବୁ ଲୋପ ହୋଇଥିଲା । କେତେ ଲୋକ ଯେ ଅକର୍ମା ହୋଇଥିଲେ ତା'ର ହିସାବ କିଏ ରଖିଛି ?

ଇଂରେଜମାନେ ସଭ୍ୟ ହେବା ବହୁ ଆଗରୁ ଭାରତବାସୀ ସମସ୍ତପ୍ରକାର ହସ୍ତଶିଳ୍ପ ଓ ସୂକ୍ଷ୍ମ କାର୍ଯ୍ୟରେ ନିପୁଣ ଥିବାର ମହେଞ୍ଜୋଦାରୋ ଓ ନାଳନ୍ଦା ଆଦିର ଭୂଗର୍ଭରୁ ଆବିଷ୍କୃତ ପଦାର୍ଥ ଗୁଡ଼ିକରୁ ସ୍ପଷ୍ଟ ଜଣାଯାଇଛି । କେବଳ ଇଂରାଜୀ ରାଜୁତିରେ ଆମ ଦେଶବାସୀ ସେସବୁ ଶିଳ୍ପ ଛଡ଼ିବାକୁ ପାଶୋରି ଦେଇ କେବଳ ପାଶ୍ଚାତ୍ୟ ମୋହରେ ପଡ଼ି ଯାଇଥିଲେ । ଏଣିକି ସେସବୁର ପୁନରୁଦ୍ଧାର କରିବା ଭାର କେବଳ ଗାନ୍ଧି-ମନାଷଙ୍କ ଉପରେ ପଡ଼ିଛି ।

ଅସଲ କଥା-ଭାରତର ଆର୍ଥିକ ଓ ସାମାଜିକ ଉନ୍ନତିର ମୂଳପିଣ୍ଡ ହେଉଛି ପଲ୍ଲୀର ଉନ୍ନତି । ମୁଷ୍ଟିମେୟ ସହରରେ ରହି ଗରିବ ପଲ୍ଲୀବାସୀଙ୍କ ଝାଳବୁହା ଜିନିଷ ଉପରେ ବସି ଖାଇ କରି କେବଳ ବିଳାସ ଭୋଗରେ ଜୀବନ ନ କଟାଇ ପ୍ରତ୍ୟେକ ଶିକ୍ଷିତ ଯୁବକ ଯୁବତୀ ପଲ୍ଲୀର କୌଣସି ଗୋଟିଏ ସ୍ଥାନରେ ସ୍ଥାୟୀ ବାସ କରିବା ସଙ୍ଗେ ସଙ୍ଗେ ଗାନ୍ଧି ନୀତିର ପ୍ରତ୍ୟେକ ଦଫା ଅନୁସାରେ କାର୍ଯ୍ୟ କଲେ ସିନା ଏ ଜାତି ଉଠିବ ? ଯେଉଁ ଜାତି ଦୁଇଶହ ବର୍ଷର ଇଂରାଜୀ ରାଜୁତିରେ କେବଳ ଭୋଗ ବିଳାସ-ଅକର୍ମା-ଅପବ୍ୟୟ ଓ ଅସଦ୍ ବ୍ୟବହାରରେ ଜୀବନ କଟାଇଛି ସେ ଜାତିକୁ ସଜୀବ—ସଚେଷ୍ଟ ଓ ସହାନୁଭୂତି କରିବାପାଇଁ କେତେ ଯେ ଉଦ୍ୟମ କରିବାକୁ ହେବ ସେ କଥା ପ୍ରତ୍ୟେକ ବ୍ୟକ୍ତି ସ୍ଥିର କରିବାକୁ ହେବ । ତା' ନ ହେଲେ ଏ ଜାତିର ମୁକ୍ତି କେଉଁଠାରେ ?

'ସତ୍ୟ ଓ ଅହିଂସା' ଗାନ୍ଧି ନୀତିର ମଉଡ଼ମଣି ବୋଲି କୁହା ଯାଇପାରେ । ସତ କହି ଦାତା ହରିଶ୍ଚନ୍ଦ୍ର ନିଜର ସର୍ବସ୍ୱ ହରାଇ ପୃଥିବୀରେ ଅମର ହୋଇଥିଲେ ଏବଂ କେବଳ ଅହିଂସା ନୀତି ଯୋଗୁଁ ଆଜି ଭାରତ ତାର ସ୍ୱାଧୀନତା ପାଇଛି । ଏ ଦିଓଟି ଉଦାହରଣରୁ ଆମେମାନେ ବହୁତ ଶିଖିବାକୁ ହେବ । ତା' ହେଲେ ଆମର ଭବିଷ୍ୟତ ଜୀବନ ଉଜ୍ଜ୍ୱଳ ହୋଇଉଠିବ ସନ୍ଦେହ ନାହିଁ !

ଗାନ୍ଧିଜୀଙ୍କ ସଙ୍କଳ୍ପିତ "ଗ୍ରାମରାଜ୍ୟ" ସ୍ଥାପନା ଦିଗରେ ଆମେମାନେ କେତେଦୂର ଆଗେଇଛୁ ସେ କଥା ପ୍ରତ୍ୟେକ ଗାନ୍ଧି ମନାଷ ଆତ୍ମପରୀକ୍ଷା କରି ଦେଖିବାକୁ ହେବ । କେବଳ ଗତାନୁଗତିକ ରୀତିରେ ଚର୍ବିତ ଚର୍ବଣ କରି ପଲ୍ଲୀର ନିରକ୍ଷର ଅନୁନ୍ନତ ରୋଗବ୍ୟାଧିଗ୍ରସ୍ତ-ସଂସ୍କାର- ଜର୍ଜରିତ ପ୍ରଜା ତ ମଣ୍ଡଳୀଙ୍କ ଆଖିରେ ଧୂଳି ଦେଇ ଆଗକୁ ଯାଇ



Digitized by srujanika@gmail.com

ସ୍ୱଳତାର ଅର୍ଥ 'ସ୍ୱରାଜ୍ୟ' କିମ୍ବା 'ସ୍ୱାଧୀନତା' ନୁହେ ।

ଦିନ ଥିଲା—ଯେତେବେଳେ କର୍ତ୍ତବ୍ୟ ବାହାନାରେ ଆମ ଦେଶର 'ସରକାରୀ' କର୍ମଚାରୀମାନେ କେବଳ ଏପରି ଗତାନୁଗତ ପନ୍ଥାରେ କାର୍ଯ୍ୟ କରି ଆସୁଥିଲେ । କିନ୍ତୁ ଏଣିକି ସେ ଦୃଷ୍ଟିକୋଣ ଛାଡ଼ିବାକୁ ହେବ । ଏ ଦେଶ ଆମର, ଏ ସରକାର ଆମର, ଏ କାର୍ଯ୍ୟ ମଧ୍ୟ ଆମର । ଏହାକୁ ହୃଦ୍ ପୂର୍ବକ କଲେ ଆମ ଦେଶର ମଙ୍ଗଳ ହେବ-ଆମର କର୍ତ୍ତବ୍ୟ ପୂରଣ ହେବ ଏବଂ ଏ ଜାତିର ମଙ୍ଗଳ ହେବ—ଏ ମନୋଭାବରେ କାର୍ଯ୍ୟ ନ କଲେ ଏ ଦେଶର କିମ୍ବା ଜାତିର ମଙ୍ଗଳ ହେବା ସମ୍ଭବ ନୁହେ । ଏଥିପାଇଁ ପ୍ରତ୍ୟେକ ଗାନ୍ଧି-ମନୀଷ ନିଜର କର୍ତ୍ତବ୍ୟ ସ୍ଥିର କରିବାକୁ ହେବ ଏବଂ ବିନା ଲାଭ ବା ପ୍ରସଂଶାକୁ ଅପେକ୍ଷା ନ କରି ନିଜର କର୍ତ୍ତବ୍ୟ କରିବାକୁ ଅଣ୍ଟା ଭିଡ଼ିବେ । ଏ ଦିଗରେ ଆମ ଦେଶର ଯୁଅଝିଅ କେତେଦୂର ଉଦ୍ୟମ କରୁଛନ୍ତି ?

ବାଲୁଗାଁ
୨୭।୯।୪୭

# ଗାନ୍ଧାରୀ ଏକାଦଶୀ

( ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମା )

ଯେଉଁ ଏକାଦଶୀ ଷଷ୍ଠୀ ହୁଏ, ତାହା ଗାନ୍ଧାରୀ ଏକାଦଶୀ ବୋଲି ଓଡ଼ିଆ ଦେଶ ପଞ୍ଜିକାରେ ଦେଖାଯାଏ । ମଧ୍ୟ କୁହାଯାଏ ଯେ, ଗାନ୍ଧାରୀ ସେପରି ଏକାଦଶୀ ବ୍ରତ ପାଳିଥିବା ହେତୁରୁ ତାହାର ପୁତ୍ରମାନେ ବିନାଶିତ ହେଲେ । ଏ ବିଷୟ ମହାଭାରତରେ ଦେଖା ଯାଏନାହିଁ । ତଥାପି ଓଡ଼ିଆ ସନ୍ତାନ ଯୁକ୍ତା ବନିତାମାନେ ସେପରି ଏକାଦଶୀ କି ତ୍ୟାଗ କରି ତତ୍ପରଦିନକୁ ପାଳନ କରନ୍ତି । ତାଙ୍କ ପତିମାନେ ସେ ଏକାଦଶୀରେ ଉପବାସ କରନ୍ତି; ପତ୍ନୀମାନେ ସେଦିନ ଭୁଞ୍ଜି, ତତ୍ପରଦିନ ଉପବାସ କରନ୍ତି । ପତ୍ନୀ ସହଧର୍ମିଣୀ ହୋଇଥିବା ବିଧେୟ । ଅତଏବ ଏ ଆଚରଣ ନିତାନ୍ତ ଗର୍ହିତ ।

ମନ୍ଦୋଦରୀର ଏବଂ ଦ୍ରୌପଦୀର ସବୁ ପୁଅମାନେ ବଧିତ ହେଲେ । ସେ ଦୁହେଁ ଷଷ୍ଠୀ ଏକାଦଶୀ ପାଳନ କରିଥିଲେ ବୋଲି କିଏ ହେଲେ କହୁନାହିଁ । ଗାନ୍ଧାରୀ ମାତ୍ର ତାହା କଲାପରି ବିଶ୍ୱସନୀୟ ପ୍ରମାଣ ନାହିଁ ।

ଷଷ୍ଠୀ ଏକାଦଶୀ ପାଳନ କଲେ ସନ୍ତାନ ନଷ୍ଟ ହୁଏ ବୋଲିବା ପିଠିରେ ପିଠିଲେ ଦାନ୍ତ ଝଡ଼ଇ ବୋଲିବା ମାତ୍ର ।

ଏ ମିଥ୍ୟା ପ୍ରବାଦ କାହାଦ୍ୱାରା ସୃଷ୍ଟ ତାହା କିପରି ଏ ଦେଶରେ ପ୍ରଚଳିତ ଏବଂ ଆଚରିତ; ସେ ସମାଲୋଚନା ଅଗମ୍ୟ ଗୋଚର ହୋଇଛି ।

# ହେରାପଞ୍ଚମୀ

( ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା )

ଉତ୍କଳ ଦେଶୀୟ ପଞ୍ଜିକାମାନଙ୍କରେ ଆଷାଢ଼ ଶୁକ୍ଳ ଷଷ୍ଠୀରେ "ହେରାପଞ୍ଚମୀ" କିମ୍ବା "ହେରାଯାତ୍ରା" କିମ୍ବା "ହେରାପଞ୍ଚମୀ ଯାତ୍ରା" ଦେଖାଯାଏ । କେତୋଟି ଓଡ଼ିଆ ଅଭିଧାନରେ ମଧ୍ୟ "ହେରାପଞ୍ଚମୀ" ପରିଲକ୍ଷିତ । ଏହା ଦୁଃଖର ବିଷୟ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ନିଜାଳୟରୁ ବାହାରି ଆଡ଼ପ ମଣ୍ଡପକୁ ଗମନ୍ତି । ତତ୍ପଞ୍ଚମଦିନ ଫଳତଃ ଷଷ୍ଠୀଦିନ ମହାଲକ୍ଷ୍ମୀ ପତି ଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି । ଅତଏବ ଷଷ୍ଠୀ ତିଥି ହେଲେହେଁ



Digitized by srujanika@gmail.com

"ପଞ୍ଚମୀ" କମ୍ବା "ପଞ୍ଚମୀ ଯାନ." କଥିତ ହେବା ସମୀଚୀନ । "ହେର" କଅଣ ? ତାହା ଏହିଠାରେ ବିମର୍ଶନୀୟ । "ହେର"ର ଅର୍ଥ ଦେଖିବା । ଅତଏବ ତାହା ଦେଖିବା ଅର୍ଥରେ ବ୍ୟବହୃତ ବୋଲି ସମର୍ଥିତ ହୋଇପାରେ । କିନ୍ତୁ ସେ ସମର୍ଥନ ସମଗ୍ରାର୍ଥବୋଧକ କମ୍ବା ପୁଷ୍ଟିକର ନୁହେ । ଅତଏବ "ହେର" ଅପଶବ୍ଦରେ ବ୍ୟବହୃତ ବୋଲି ନିଷ୍ଟୟ କରିବା ସମୀଚୀନ । "ହେର" ଦେଶୀ ପଦ । "ଯାନା" ସଂସ୍କୃତ ପଦ । ଅତଏବ ସେ ଦୁଇପଦ ସମସିତ ହୋଇ ସେ ଯାନାକୁ ସୃଷ୍ଟି କଲା ବ୍ୟକ୍ତି ଦ୍ୱାରା ସୃଷ୍ଟ ଏବଂ ପଣ୍ଡିତାଦୃତ ବୋଲିବା ସତ୍ୟ ଦୂର ଅଟେ । ଯାନାସୃଷ୍ଟ ବ୍ୟକ୍ତିଦ୍ୱାରା ଯଦି ସେ ସମାସ ସୃଷ୍ଟ ହୋଇଥାନ୍ତା, ତାହା ଅପ୍ରଚୁର ହେବା "ହେର" ପଦଯୁକ୍ତ ନୋହି ସୁପ୍ରଚୁର "ଦେଖା" ପଦଯୁକ୍ତ ହୋଇ ଦେଖା ପଞ୍ଚମୀ ହୋଇଥାନ୍ତା ।

ମଦୀୟାଶୟ ଏହି ଯେ, ସେ ଯାନା ସୃଷ୍ଟ ବ୍ୟକ୍ତି "ହୀରାପଞ୍ଚମୀ" ବୋଲି ସେ ତିଥିର ନାମକରଣ କରିଥିବେ । (ହୀରା ପିପୀଲିକା ଲକ୍ଷ୍ମୀରିତି ବିଶ୍ୱଃ) ବୋଲିଥିବାରୁ ତାହା ସମ୍ଭବପର । ଏଠାରେ ମଧ୍ୟ ପ୍ରଶ୍ନ କରି ଯାଇପାରେ ଯେ, ତାହା ସତ୍ୟ ହୋଇଥିଲେ ଅପ୍ରଚୁର ହୀରା ପଦର ପ୍ରତ୍ୟାମ୍ନ ସ୍ଥଳେ ଲକ୍ଷ୍ମୀପଦ କମ୍ବା ରମାପଦ ଯୁକ୍ତ ହୋଇ "ଲକ୍ଷ୍ମୀପଞ୍ଚମୀ" କମ୍ବା "ରମାପଞ୍ଚମୀ" ନାମଦେୟ ହୋଇ ନ ଥାନ୍ତା କି ? ହୀରା ଶବ୍ଦର ଅର୍ଥ ଲକ୍ଷ୍ମୀ ଏବଂ ହୀରକ ହୋଇଥିବାରୁ ଏବଂ ସେ ପଞ୍ଚମୀ ଅନ୍ୟାନ୍ୟ ପଞ୍ଚମୀମାନଙ୍କ ଠାରୁ ଶ୍ରେଷ୍ଠତରା ବୋଲି ବ୍ୟକ୍ତ କରିଣୋଦ୍ଦେଶରୁ ଏବଂ ଶ୍ରେଷ୍ଠାର୍ଥରେ ହୀରା ଶବ୍ଦ ପ୍ରଯୁଜ୍ୟ ହୋଇ "ନାରୀହୀରା" ପ୍ରଭୃତି ପ୍ରୟୋଗ ସାଧାରଣ ହୋଇଥିବାରୁ ଉଭୟାର୍ଥ ସାଧକ ହୀରା ଶବ୍ଦ ଦତ୍ତ ହୋଇ ତାହା "ହୀରାପଞ୍ଚମୀ" କରି ଯାଇଥିଲା । ମାତ୍ର ପରେ ହୀରା ଶବ୍ଦ ତଦର୍ଥକୁ ନ ବୁଝିବା ଲୋକଙ୍କ ଦ୍ୱାରା ତାହା "ହେରାପଞ୍ଚମୀ" ରେ ପରିଣତ ହେଲା ।

ଅଜ୍ଞଜନ ବ୍ୟବହାର ବଶୁଁ କେବଳ ନାମମାନ ନୁହେ, ପଦାର୍ଥ ମଧ୍ୟ ପରିବର୍ତ୍ତିତ ହୁଏ । ନାମ ପରିବର୍ତ୍ତନୋଦାହରଣ—ଭାଦ୍ରପଦ କୃଷ୍ଣ ପଞ୍ଚମୀ "ରକ୍ଷା ପଞ୍ଚମୀ" ତାହା ରେଖା ପଞ୍ଚମୀ ହୋଇଅଛି । ପଦାର୍ଥ ପରିବର୍ତ୍ତନୋଦାହରଣ— ପୁରୀର ଶୁଷ୍କାନ୍ନ ପ୍ରସାଦ "ନିର୍ମାଲ୍ୟ" ହୋଇଅଛି । ମାଳ୍ୟ ବୋଲନ୍ତେ ପୁଷ୍ପମାଳା । ନିର୍ମାଲ୍ୟ ବୋଲନ୍ତେ ତ୍ୟକ୍ତମାଳା । ଅର୍ଥାତ୍ ବର୍ଜିତ ପତ୍ର ପୁଷ୍ପମାଳା ମାତ୍ର ଆନ ନୁହେ । ଇତି ।

# ଜଳେରାକାଦାନଂ

( ମହାରାଜା ଶ୍ରୀ ବିକ୍ରମଦେବ ବର୍ମା )

ଉତ୍କଳଦେଶୀୟ ପଞ୍ଜିକାର ମାସନ୍ତ୍ରୈମା ତିଥିରେ "ଅଗ୍ନ୍ୟୁ-ଉତ୍ସବ" ଏବଂ "ଜଳେ ରାକାଦାନଂ" ବୋଲି କଥିତ । ବୈଶାଖ, ଆଷାଢ଼ ଏବଂ କାର୍ତ୍ତିକ ପୂର୍ଣ୍ଣିମା ତିଥିମାନଙ୍କରେ "ଅଗ୍ନ୍ୟୁତ୍ସବ କଥିତ ନୋହି "ଜଳେ ରାକାଦାନଂ" ବୋଲି ମାତ୍ର କଥିତ । ଅଗ୍ନ୍ୟୁ-ଉତ୍ସବ ତତ୍ତ୍ୱ ସମ୍ବନ୍ଧେ ମଦୀୟାଶୟ "ଉତ୍କଳ"ର ଦଶମ ବର୍ଷ ୨୦ ଓ ୨୧ ସଂଖ୍ୟାରେ ପ୍ରକାଶିତ । ଜଳେ ରାକାଦାନତତ୍ତ୍ୱ ସମ୍ବନ୍ଧେ ମଦୀୟାଶୟ ଏହି—

ଯେପରି ଅମାବାସ୍ୟା ଦ୍ୱିବିଧା, ସେପରି ପୂର୍ଣ୍ଣିମା ମଧ୍ୟ ଦ୍ୱିବିଧା । ଚନ୍ଦ୍ରକଳା ଶେଷ ଥିବା ଅମାବାସ୍ୟା "ସିନୀବାଲୀ" ବୋଲି ଏବଂ ଚନ୍ଦ୍ରକଳା ନିଃଶେଷ ହେବା ଅମାବାସ୍ୟା । "କୁହୁ" ବୋଲି କଥିତା । (ସାଦୃଷ୍ଟେନ୍ଦୁଃସିନୀବାଲୀ ସାନଷ୍ଟେନ୍ଦୁଃ କଲାକୁହୁଃ)

ଷୋଡଶ କଳାପୂର୍ଣ୍ଣ ନୋହି ବା ପୂର୍ଣ୍ଣିମା "ଅନୁମତି" ବୋଲି ଏବଂ ଷୋଡଶ କଳାପୂର୍ଣ୍ଣ ହେବା ପୂର୍ଣ୍ଣିମା "ରାକା" ବୋଲି କଥିତା । . . . ]



Digitized by srujanika@gmail.com

(କଳାହୀନେ  ସାନୁମତିଃ  ପୂର୍ଣ୍ଣେରାକା ନିଶାକରେ ।)

ପ୍ରତ୍ୟେକ ରାକାପୂର୍ଣ୍ଣିମାରେ ମାତ୍ର ବ୍ୟକ୍ତି ଜଳେ ସ୍ଥିତ ହୋଇ ଦାନକରଣ ବିଧି ସ୍ମୃତି କଥିତ। କିନ୍ତୁ ମାଘ, ବୈଶାଖ, ଆଷାଢ଼ ଏବଂ କାର୍ତ୍ତିକ ପୂର୍ଣ୍ଣିମାମାନ ଅନୁମତ ହେଉ କିମ୍ବା ରାକା ହେଉ ସେ ପୂର୍ଣ୍ଣିମାମାନଙ୍କରେ ବ୍ୟକ୍ତି ଜଳେ ସ୍ଥିତ ହୋଇ ଦାନ କରିବାକୁ ହେବ । ଅନ୍ୟ ଅନୁମତ ପୂର୍ଣ୍ଣିମାରେ ଦାନକରଣ ଅନାବଶ୍ୟକ । ଅତଏବ ପଞ୍ଜିକାର ଉକ୍ତ ପୂର୍ଣ୍ଣିମା ଚତୁଷ୍ଟୟରେ "ଜଳେରାକାଦାନଂ" ଦେଖାଯାଏ । ରାକାୟାଂ ଜଳସ୍ଥିତ୍ୟାଦାନଂ = ରାକା-ଦାନଂ । ଇତି ।

# ଶିଳ୍ପୀର ସମ୍ମାନ

( ଶ୍ରୀ ଜଗନ୍ନାଥ ଦେବ ବର୍ମା, ଓ. ଏସ୍. ସି., )

( ୧ )

ମଧୁ ବାସରେ ମଳୟ ଚହଟାଇ
ମନ୍ଦ ମରୁତ ବହଇ ଗୀତ ଗାଇ ।
ଜୋଛନା ଧୀରେ ନାଚଇ ଲସୋଲ୍ଲାସେ
ପଲ୍ଲବିତ ଶ୍ୟାମଳ ଘାସେ ଘାସେ ।
ପ୍ରକୃତି-ରାଣୀ କନକ ତୁଳି ଧରି
ଧରଣୀ ବୁକେ ଆଙ୍କି ଦିଏ ଛବି ।
ରସାଳକୁଞ୍ଜେ କୋକିଳ ଢାଳେ ଗୀତ;
ନବ ପୁଷ୍ପିତା ମାଧବୀ ଗୃହେଁ ପ୍ରୀତ ।
ଅଳି ସଙ୍କୁଳ ଲଳିତ ଗୁଞ୍ଜରଣ—
କୁସୁମ କାନେ ପ୍ରଣୟ ସମ୍ଭାଷଣ ।
ବଞ୍ଜୁଳ ସ୍ୱର ମଞ୍ଜୁଳ ଝଙ୍କୃତ
ବାସନ୍ତୀ କନ୍ୟା ଶ୍ରବଣେ ଦୋଳାୟିତ ।
କୁସୁମ-ଗୁଚ୍ଛ-ଗଭା;
ଶିଳ୍ପୀ ତୁମ ସମ୍ପଦ ଏ ଶୋଭା ।

( ୨ )

ନିଦାଘ ତପ୍ତ ଧୂସର ସ୍ନିଗ୍ଧ ସଞ୍ଜେ
ଲୋହିତ ରବି ଅସ୍ତ ରାଗେ ରଞ୍ଜେ ।
ବଲ୍ଲୀ କୋଳେ ମଲ୍ଲୀ ଫୁଲ ହସେ;
ନୀଳ ନଭସେ ଇନ୍ଦୁବାଳା ରସେ ।
କମ୍ର କନକ କଞ୍ଜ-କଳି-କୁଚେ
ଘର୍ମ-ବିନ୍ଦୁ ମୁକ୍ତାହାର ରଚେ ।
ଲଲାଟେ ପଟେ ସିନ୍ଦୂର ଅଙ୍କନ,
ଅଧର ତଳେ ଅମ୍ଳାନ ଚୁମ୍ବନ,
କାଞ୍ଚନ କୁଚ ଚର୍ଚ୍ଚିତ ଚନ୍ଦନ
ଶିଳ୍ପୀ ହେ ତୁମ ଲଭଟେ ଯେଣୁ ପଣ ।
ଗରମ ବାସ ରୂପସୀ କରି ଦୂର
ତୁମକୁ ଦେଲାକି ମୋଦେ ଉପହାର ?
ମୁକ୍ତା କବା ସ୍ୱରେ
ଶିଳ୍ପୀର ସ୍ୱର ସ୍ୱେତ ରସ ନିର୍ଝରେ ।

( ୩ )

ନବ ଯଉବନା ବରଷା ମଦାଳସା;
ଆସବ ଗନ୍ଧେ ମହକ ଯାଏ ରସା ।
ମଲ୍ଲୀ ମାଳତୀ ଗୁନ୍ଥା କବରୀ ଓର,
ଶମ୍ପା ଛଟେ ସ୍ଫୁରିତ ଓଠଧାର ।
ସାଧବ ବଧୂ ଅୟନ ଧାରେ ଧାରେ
ଅଳତା ଗାର ଚରଣେ ଦିଏ ଧୀରେ ।
ଝରଣା ସ୍ୱରେ ଶଇଳ ଦେହେ ଦେହେ
ମଲ୍ଲାର ରାଗେ ନାଚଣ କି ସେନେହେ ।
ଆକାଶେ ଚଳେ ନବୀନ ଘନ ରଥ
ଚପଳା ଦେଖେ ଦଣ୍ଡେ ଅଭିସାର ପଥ ।
ଘନ ଜଘନ ପୁଳକ ସଇକତ
ସରିତ ସ୍ରୋତେ ଆଳାପ ସୁସଙ୍ଗୀତ ।
ଧରି ସେ ମଧୁଲୟ
ଶିଳ୍ପୀ ତୁମେ ଗାଉଛ ରୂପ ଜୟ ।

( ୪ )

ଶରତ ଶ୍ୟାମା ଉଠିଲା ବେଶ ସାଜ
ଦର ବିକଚ ବଟୁଲୀ ଓଠ ମାଜ ।



Digitized by srujanika@gmail.com

ଗଣ୍ଡ ଫଳକେ ଝଳିଲ ନବ କାନ୍ତି;
ନୀଳ ନୟନେ ଉତ୍ପଳର ଭ୍ରାନ୍ତି ।
ଝଙ୍କିଲ ନବ ଇଷିତ ଭାଷ ହାସ—
ଶ୍ୟାମଳ ଘାସ ଉର୍ମିଳ ଝିନ ବାସ ।
ସାରସ କୁଳ ସରସ କଳ ସ୍ୱରେ
ସଙ୍କେତ ଦେଲେ ସରସୀ ଧାରେ ଧାରେ ।
ନୀଳ ନୀରଦ ଓଢଣା ଅଢୁଆଳୁ
ଇନ୍ଦୁ ବଦନ ଦିଶଇ କେଡ଼େ ଚାରୁ ।
ଧନ୍ୟ କୁସୁମେ ନମ୍ର କୁନ୍ତଳୀ ଗଭା
ନବ ଯୁବତୀ ଅସିଛି ହୋଇ ଶୋଭା ।
ଅଧର ତଳେ ତା'ର
ଶିଳ୍ପୀ ତୁମେ ଅଣ ହେ ସ୍ମିତ-ହାର ।

( ୫ )

ଶିଳ୍ପୀ ଦେଖେ ବିଶ୍ୱ ଶୋଭାମୟ;
ଦୁଃଖ ନାହିଁ, ନାହିଁ ମରଣ ଭୟ ।
ପାଷାଣ ପାଦେ ଫୁଟାଏ କୋକନଦ;
ବକ୍ଷ ଉପରେ ସ୍ଥୂଳ ରସନଦ;
ଅଧର ତଳେ ପୀୟୂଷ ହାସ ରେଖା;
ନୟନ କୋଣେ ଲୋଳ ଅପାଙ୍ଗ ଶିଖା;
ଘନ କୁଟିଳ କୁନ୍ତଳ ବୀଚି ଶୋଭା,
କେତକୀ ତନୁ ସୁଷମା ମନ ଲୋଭା
ପାଅଛ ସନ୍ମାନ;
(ଶିଳ୍ପୀ) ବନ୍ଧୁ କିପାଁ କରହେ ଅଭିମାନ ?

# ସେଇ ଓଡ଼ିଆ ଜଣକ

( ଶ୍ରୀ ଚକ୍ରଧର ମହାପାତ୍ର )

ମିଥ୍ୟା ଅପବାଦରେ ଦୂଷିତ ହୋଇ କଟକରୁ ଟିକଟ କଟିଲି ଟିକଲି । ଗାଡ଼ି କୌଣସି ଅଜଣା ଆଶଙ୍କାରେ ଥରୁଥାଏ । ସମୟ କଟାଇବ କିପରି ? ଭାବିଲି ଗୋଟାଏ ଛୋଟ ଗଳ୍ପ ଲେଖିବି । ଉପାଦାନ ? ଟିକିଲି ସହରର ଏପାରୁ ସେପାର ଘୁରି ବୁଲିଲି । ଏତେ ଉପାଦାନ ଆଖି ଉପରେ ଅଜାଡ଼ି ହୋଇ ପଡ଼ିଗଲା, କେଉଁଟିକୁ ଲେଖିବି, କେଉଁଟିକୁ ଛାଡ଼ିବି ଠିକ କରି ନ ପାରି ଭାବିଲି ଏ ବର୍ଷି ନାଆଁଲ ଛାଡ଼ି ଆଗେ ଯିବା ଉତ୍କଳର ଦକ୍ଷିଣାଞ୍ଚଳକୁ । ପାରଳାରେ ପହଞ୍ଚିଲି । କୋଡ଼ିଏ ବର୍ଷ ତଳର ଲୋକନାଥ ଭାଇ ଓ ତାର ସ୍ତ୍ରୀ ବୃନ୍ଦାବତୀ ଗଳ୍ପର ଉପାଦାନ ହୋଇଗଲେ । କିନ୍ତୁ ହଠାତ୍ ଦେଖିଲି ଆଉ ଜଣକୁ—ଶାନ୍ତ, ଦାନ୍ତ, କ୍ଳାନ୍ତ ମୋପରି ସେ । ଉନ୍ନତ ନାସା, କୃଷ୍ଣବର୍ଣ୍ଣ ନୁହନ୍ତି କିନ୍ତୁ କୃଷ୍ଣ—ସାବନା । ତଳକୁ ମୁହଁ ପୋତି ଯିବା ଆସିବା କରନ୍ତି, ଭାବିଲି—ଏଇ ହେବେ ମୋ ଗଳ୍ପର ଉପାଦାନ । ଆଉ ସବୁ ଥାଉ ପଛକୁ । ହଁ—ସେ ଘରର ବୈଠକଖାନାରେ ନୀରବରେ ବସି କଣ ଭାବୁଥାନ୍ତି । ୪ ପୁଅ ୩ ଝିଅ । ଦୁଇଝିଅ ଯୁବତୀ, ସୁଶ୍ରୀ, ସୁନ୍ଦରୀ, ଗୁଣବତୀ । ଆନ୍ଧ୍ର ବେଶଭୂଷାରେ ନୟନର ଆହ୍ଲାଦକ ଥାନ୍ତି ପାହାନ୍ତାରୁ ରାତ୍ର ଶେଷଯାଏ । ସେଇ ଉନ୍ନତ ନାସା, ପଦ୍ମ ପଲାଶ ନେତ୍ର । ଥରେ ଆଖି ଢାଳିଦେଇ ଫେରାଇ ନଥାନ୍ତି ଓଡ଼ିଆ ବାଳକ ପରି । ପୁରୁଷ ପିଲା ଶ୍ରୀରଙ୍ଗ ଶାନ୍ତମୂର୍ତ୍ତି । ଓଡ଼ିଆ ଗୀତ ଶୁଣିବାରୁ, ଆସି ପାଖରେ ବସିଗଲା । ପଚାରିଲି—ନାମ ? ଶ୍ରୀରଙ୍ଗ । ଓଡ଼ିଆ ଜାଣ ? ନାହିଁ ? କାହିଁକି ?—ଖାଲି ଚାହିଁ ରହିଲା ।

ସେହି ବୟସ୍କ ଜଣକ ଧୀରେ ଧୀରେ ପାଦ ଚଳାଇ ବାହାର ଅଗଣାରେ ବୁଲୁଥାନ୍ତି । ସେ ମୋତେ ଅନାଉଥାନ୍ତି ବହୁତ ଥର । କଣ ଭରସା କରୁଥାନ୍ତି, କିନ୍ତୁ ପୁଣି ନିଜର ପ୍ରଶ୍ନକୁ ଲୁଚାଇ ଦଅନ୍ତି ଅବା । ମୁଁ ମନସ୍ତତ୍ତ୍ୱ ଦିଗରୁ ଏ ଘଟଣା ଜାଣି ମଧ୍ୟ ଭରସିପାରୁ ନ ଥାଏ । କାରଣ ଚଉଦିଗରେ ତେଲଙ୍ଗ ପ୍ରଭାବ ଯୋଗୁଁ ମୁଁ ନୀରବରେ ଚର୍ଚ୍ଚା କରୁଥାଏ ସ୍ଥାନ ଓ ଅବସ୍ଥା ?

ସେଇବାଟେ ଝିଅ ଦୁଇଟି—ସେଇ ମୁଣ୍ଡରେ ବେଣୀ ପକାଇଥିବା-ଫୁଲ ଖୋସିଥିବା ଝିଅ ଦୁଇଟି ଧୀର ଜଳସ୍ରୋତ ପରି ବା ଗଙ୍ଗା ଯମୁନା ପରି ଚାଲିଗଲେ । ମୋତେ କେତେଥର ଅନାଇଁ-ଥିଲେ । ମୁଁ ବନ୍ଧୁଙ୍କ ଆରାମ ଚେୟାରରେ ପଢ଼ ପଢ଼ୁଥିଲି ବହୁଳାଞ୍ଚଳର ପତ୍ରିକା 'ବୀଣା' । ମଧୁସୂଦନ ଦେବ ସମ୍ପାଦକଙ୍କ ମର୍ମସ୍ପର୍ଶୀ ସମ୍ପାଦକୀୟ—"ଇଚ୍ଛାପୁରମ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ଉତ୍ତର ସୀମା ଟାଣିବାପାଇଁ, କୋରାପୁଟକୁ ଓଡ଼ିଶାରୁ କାଟି ଦେବାପାଇଁ, ବାଲେଶ୍ୱର ଏପରି କି କଟକ ଭୁବନେଶ୍ୱର ପୁରୀରେ ବଙ୍ଗାଳୀଙ୍କ ସଂଖ୍ୟା ଓ କୋଠା ବଢ଼ାଇବାପାଇଁ ଏପରି କି ଓଡ଼ିଶା ପ୍ରଦେଶ ଭାଙ୍ଗି ଦେବାପାଇଁ ଯେଉଁ ଦୁରଭିସନ୍ଧି ବଡ଼ବଡ଼ିଆ ମହଲରେ ଏବେ ଚାଲିଛି, ତାହା କାହାକୁ ଅଜଣା ? ସାମ୍ବାଦିକ ମହଲର କଥା ନ କହିବା ଭଲ । କଟକରେ ଆନ୍ଧ୍ର ସମ୍ମିଳନୀର ପ୍ରସ୍ତାବ ଓଡ଼ିଶା ଗଭର୍ଣ୍ଣରଙ୍କ ସଙ୍ଗେ କୌଣସି ଆନ୍ଧ୍ରଙ୍କ ଆଲୋଚନା । ବ୍ରହ୍ମପୁରରୁ ବିଶାଳ ଆନ୍ଧ୍ରବାଣୀର ଉଦ୍‌ଗୀରଣ—"ଇତ୍ୟାଦି—ପଢ଼ିଲେ ଆମ୍ଭ ପୁରୁଷ ଉଡ଼ିଯିବା ଚଢ଼େଇ ହୋଇ । ବୀଣାର ସେ ଅଂଶମାନ ପତ୍ରିକାମାନେ ବଡ଼ ବଡ଼ ଅକ୍ଷରରେ ଲେଖି ପ୍ରଚାର କରିବା ପରିବର୍ତ୍ତେ 'ବୀଣା'ର ନାମ ମଧ୍ୟ ୭ ସଂଖ୍ୟା ପ୍ରକାଶ ଭିତରେ ଜଣାଶୁଣା ହୋଇ ପାରିନାହିଁ । ଛାଡ଼ ।

ସେହି ବୟସ୍କ ବ୍ୟକ୍ତିଙ୍କୁ ମୁଁ ଅନାଇଁଥିଲି ସେ ମୋତେ ଅନାଇଁଥିଲେ କେତେଥର ମାତ୍ର ।

ଗାଡ଼ି ବୋଧହୁଏ ଏତିକିରେ ଛାଡ଼ିଗଲା ଭାବିଲି । ପାହାନ୍ତାରୁ ପାରଳା ଷ୍ଟେସନରେ ପହଞ୍ଚିଲି ଚଉଦିଗ ତେଲୁଗୁ କଥାରେ ଉଚ୍ଛୁଳିତ । ବାଟରେ ଯିବାବେଳେ ଦେଖିଲି ଜାତୀୟ ଚରିତ୍ର-ଠିକ ରାଜରାସ୍ତା ଉପରେ ଝିଅମାନେ ନିର୍ବିକାରରେ ଝାଡ଼ା ଫେରୁଛନ୍ତି । ଅଧିକ କଣ ? ଷ୍ଟେସନର ଚଉଦିଗ ବୁଲି ଦେଖିଲି କେଉଁଠି ଓଡ଼ିଆ ଶବ୍ଦଟିଏ ନାହିଁ । ଫଟକାଗାଡ଼ିରୁ ଗୋରାତେରା ଝିଅଟିଏ ଓହ୍ଲାଇଲେ । ଯୁବତୀ । ଗୋଟିଏ ନାକରେ ଫୁଲଟିଏ । ବ୍ଲାଉସଟିଏ ଲଗାଇଛନ୍ତି । ଖଦୀ ଶାଢ଼ୀ ଖଣ୍ଡିଏ ନୂଆ ପିନ୍ଧିଛନ୍ତି । ମୁଣ୍ଡରେ ଲୁଗା ଅଛି । କାନରେ ଦର୍ଶନୀୟ ଫୁଲ ଦୁଇଟି । ପାଦରେ ପାଉଞ୍ଜି ହାତରେ ମୁଦି ବେକରେ ଦର୍ଶନୀୟ ଓ ମୂଲ୍ୟବାନ ହାରଟିଏ । ମୁଣ୍ଡରେ ସିନ୍ଦୂର ମୁଣ୍ଡାଟା ଗାଢ଼ ଟିକିଏ ମୋଟା । ଛନଛନ ଆଖି । ସାଥିରେ ସୁନ୍ଦର ଯୁବକ ଭାଇଟିଏ ଫିଟ୍‌ଫାଟ୍ ବେଶ । ପୁଣି କହେଇ ହେବେ ସମ୍ଭବ—ବେଶଭୂଷା ଆଧୁନିକ ରୁଚିର କିନ୍ତୁ ମୁଣ୍ଡରେ ପେଣ୍ଡାବାଳ । ୱେଟିଙ୍ଗରୁମ୍ ପାଇଁ ଯୁବକ ଚେଷ୍ଟା କରି ବିଫଳ ହେବାରୁ ସେହି ଲଜ୍ଜାଶୀଳା ଯୁବତୀଟି ବସିଲେ ମେଲା ଅଗଣାରେ । ଯୁବତୀ ଅନ୍ଧାର ଭିତରୁ ବୋଧହୁଏ ପ୍ରଥମ କରି ଆସିଛନ୍ତି । ଆନ୍ଧ୍ର ସମ୍ପର୍କ ନେଇ ବେଶ ପରିପାଟୀ ପରିଚ୍ଛନ୍ନ ଅଛି ମାତ୍ର । କିନ୍ତୁ ଆଉ ସବୁରେ ସଙ୍କୁଚିତ ଅଛନ୍ତି ।

ଯୁବକଟିଙ୍କୁ ପଚାରିଲି ୱେଟିଂରୁମ୍ କାହିଁକି ସେ ଫିଟାଇ ଦେଲେନାହିଁ ? ସେ ତାଙ୍କର ମହତ୍ତ୍ୱ ନଷ୍ଟ ହେବା ଭୟରେ ବା କଣପାଇଁ ମୋତେ କୌଣସି ଉତ୍ତର ନ ଦେଇ ଚାଲିଗଲେ । ମୁଁ ଷ୍ଟେସନ ମାଷ୍ଟରଙ୍କୁ ଯାଇ ପଚାରିଲି ମହାଶୟ ! ୱେଟିଂ ରୁମ୍‌ର ବ୍ୟବହାର ପାଇଁ କି ନିୟମ ଏଠାରେ ଅଛି ? ସେ ବିନୀତ ଭଦ୍ରଲୋକ କହିଲେ ମୁଣ୍ଡା ଠାଣିରେ-ଆପଣଙ୍କୁ ବାଧା ଦେଇନାହିଁ ତ ? ମୁଁ କହିଲି—ତାଲା ଯେ ବନ୍ଦ ଅଛି ? ସେ କହିଲେ—'ଫିଟାଇ ଦେଉଛି, ଆପଣ ବ୍ୟବହାର କରିପାରନ୍ତି ।' ତୁରନ୍ତ ଫିଟିଗଲା—ମୁଁ ସେଇମାନଙ୍କୁ ନେଇ ସେଠାରେ ବସାଇଦେଲି । ଯୁବତୀଟି କେବଳ ଦୀର୍ଘ ନିଃଶ୍ୱାସ ପକାଇଲେ ଓ ତାଙ୍କ କହେଇ ହେବେ ସମ୍ଭବ ସେ ମୋତେ ବୁଲିବୁଲି ଚାହିଁଲେ । ଏ ସମୟରେ ତାଙ୍କ ଭାଇ ମଧ୍ୟ ଆସିଲେ । ଚୁଡ଼ା ଚକଟି ଖାଉଥାନ୍ତି । କୌଣସି କଥାଭାଷା କାହାଠାରୁ ଶୁଣିଲି ନାହିଁ । କିଏ ଘର ଫିଟାଇବାର ଯତ୍ନ କଲା, ବା କାହିଁକି କଲା କିଛିନାହିଁ, ସବୁ ନୀରବତାରେ ଲୁଚିଗଲା । ମୁଁ କଣ କେଉଁଠୁ ଧନ୍ୟବାଦପାଇଁ ଯତ୍ନ କରୁଥିଲି ଯେ ଭାବିବି ?



Digitized by srujanika@gmail.com

ସେ କଥା ପଛରେ ପଡ଼ିଗଲା । କିନ୍ତୁ ଚାହିଁ ଦେଖିଲି ବାହାରେ ଗଛମୂଳେ ଅଧା ଛାଇ ଅଧା ଖରାରେ ୧୨ବର୍ଷର ଶ୍ରୀରଙ୍ଗ ତାର ଗୋଟିଏ ଯୁବତୀ ଭଉଣୀକୁ ଧରି ଏକା ଖୁବ୍ ବଡ ଗଣ୍ଠିରି ଧରି ବସିଛି ! ଗାଡ଼ି ଆସିବ କି ନାହିଁ ଜଣାନାହିଁ । ସେମାନେ ବ୍ୟସ୍ତ ଅଛନ୍ତି । ସେମାନେ ମୋତେ ଦେଖି ହସିଲେ । ମୁଁ ତାଙ୍କୁ ଆଣି ପୂର୍ବୋକ୍ତ ଓ୍ୟେଟିଙ୍ଗ ରୁମରେ ବସାଇ ଦେବାବେଳେ ପୂର୍ବ ବର୍ଣ୍ଣିତ ସଭ୍ୟ ଯୁବକଟି ମୋତେ ପଚାରିଲେ ଷ୍ଟେସନମାଷ୍ଟରଙ୍କ ଅନୁମତି ଆଣିଛନ୍ତି ତ ? ମୁଁ କହିଲି—କାହିଁକି ? ସେ ମୋତେ ଉଗ୍ର ନେତ୍ରରେ ଚାହିଁ ଚାଲିଗଲେ । ତାଙ୍କ କକେଇ କେବଳ ବୁଲ୍‌ବୁଲ୍ ଚାହିଁ ରହିଲେ । ଅଛି ହାସ ନାଁ ଅଛି ଚିନ୍ତା ? ମଣିଷ—ଏଇ ମଣିଷ ତ ?

ଶ୍ରୀରଙ୍ଗ ତାର ଭଉଣୀ ସହିତ ସେଠାରେ କିଛି ସମୟ ରହି ମୋତେ କହିଲା—ଆପଣ କେଉଁଠିକୁ ଯିବେ ? ମୁଁ କହିଲି ଯିବି ଟିକିଲି । ସେ କହିଲା ଆମର ଉପକାର କରିଛନ୍ତି । ମୁଁ କହିଲି କିଛି କରିନାହିଁ ତ ? ସେ ଓଡ଼ିଆ ଜାଣେନାହିଁ ପଦେ ପଦେ ଯାହା ଜାଣିଥିଲା କଷ୍ଟରେ ଜଣାଇ ଚାଲିଗଲା ।

ବସି ଏ ଦୁଃଖର ଚିନ୍ତା କରୁଛି—ସେ ବେଞ୍ଚରୁ ଅନ୍ୟାନ୍ୟ ଯାତ୍ରୀ ଚାଲିଗଲେଣି—ଏ ମଧ୍ୟରେ କେତେବେଳ ଗଲାଣି—ଶ୍ରୀରଙ୍ଗର ପିତା ମୋର ପୂର୍ବ ବର୍ଣ୍ଣିତ ବ୍ୟକ୍ତି ବିଶ୍ୱନାଥ ଅପାଗ୍ରଓ ପଟ୍ଟନାୟକ ଆଖିରୁ ଲୁହ ଗଡ଼ାଇ ବହୁ କଷ୍ଟରେ କହୁଥାନ୍ତି—ଏହି ମର୍ମରେ—

ବାବୁ ! ଆପଣ ମୋର ବଡ଼ ଉପକାର କରିଛନ୍ତି । ମୁଁ ଆପଣଙ୍କୁ କେତେଦିନ ଧରି ଦେଖିଛି । ଭାବୁଥାଏ ପଦେ କଥା ହେବ । କିନ୍ତୁ ମନକଥା ମନରେ ରହେ । ମୁଁ ଜଣେ ଓଡ଼ିଆ । ମୋର ଘର କଳିଙ୍ଗ ପଟ୍ଟଣା । ମୋର ବନ୍ଧୁ ପାର୍ବତୀପୁରରେ ବିଜୟନଗର ଅଂଚଳରେ । ଆମ୍ଭେମାନେ ଓଡ଼ିଆ କରଣ । ନିଜର ଭାଷାକୁ ବଞ୍ଚାଇବାକୁ ଆମ୍ଭେମାନେ ନିରନ୍ତର ଯତ୍ନ କରି ଏବେ ଯାଇ ବିଫଳ ହେଲୁଁ । ମାନ୍ଦ୍ରାଜ ସରକାର ସ୍କୁଲ କଲେଜ ସବୁରୁ ଓଡ଼ିଆକୁ ଲୋପ କରିଦେଲେ । ମୋର ପିଲାମାନେ ଆଦୌ ଓଡ଼ିଆ ଜାଣନ୍ତି ନାହିଁ । ସ୍ତ୍ରୀ ଓଡ଼ିଆ ଜାଣନ୍ତି ନାହିଁ କାରଣ ମୁଁ ଓଡ଼ିଆ ଜାଣିବା ସ୍ତ୍ରୀଲୋକ ମଧ୍ୟ ପାଇଲି ନାହିଁ ଆମ ସମାଜରେ । ପିଲାମାନେ ଓଡ଼ିଆ ଜାଣିବା ଲାଭ କଣ ? ତେଲୁଗୁ ନହେଲେ ପଦେ ଚାଲିବାର ସୁବିଧା ନାହିଁ । ମୋପରି ହଜାର ହଜାର ଓଡ଼ିଆ ତେଲୁଗୁ ପାଲଟିଗଲେ । ମୁଁ ପଟ୍ଟନାୟକ ପଦବୀଟିକୁ ଖାଲି ଯାକି ଧରିଛି ! ମୋର ମାତୃଭାଷା ଏହିପରି ମୋଠାରୁ ମୃତ୍ୟୁ ପାଇଲା । ବିଶାଳ ସମ୍ପତ୍ତି ଥିଲେ ବା ସୁବିଧା ଥିଲେ ଉତ୍କଳକୁ ଚାଲି ଯାଇଥାନ୍ତି । କେଉଁଠିକୁ ଯିବି । ଶୁଣୁଛି ପାରଳା ଓ ଜୟପୁର ଆନ୍ଧ୍ର ପ୍ରଦେଶରେ ମିଶିବା ନିଶ୍ଚିତ । ସୀମା ବ୍ରହ୍ମପୁର ଯାଏ ବୋଧହୁଏ ଯିବ । ଆପଣ ତ ଦେଖିଛନ୍ତି ପାରଳାର ସବୁଆଡ଼େ ତେଲୁଗୁ କଥାଭାଷା । ଓଡ଼ିଆଙ୍କର ଘରେ ଘରେ ତେଲୁଗୁ ଲୋକ । ସେଥିପାଇଁ ଏଠାରେ କୌଣସି ଉଦ୍ୟମ ନାହିଁ । ନିୟମ କରି ଓଡ଼ିଆ କହିବା ବା କଟକ ପୁରୀ ଅଞ୍ଚଳକୁ ଓଡ଼ିଆ ବହୁ ପରିମାଣରେ ରଖି ସରକାର ଏଠାର ଓଡ଼ିଆ ଭାଷାକୁ ବଞ୍ଚାଇବାରେ ମଧ୍ୟ ଯୋଗାଡ଼ରେ ପଡ଼ୁଅ ।

ଆପଣ ଅଲକ୍ଷରେ ଯେ ଶ୍ରଦ୍ଧା ଦେଇଥିଲେ ପୁନର୍ବାର ମୋ ପିଲାଙ୍କୁ ଯେ ଜାତିଗତ ସ୍ନେହ ପାଇଁ ଶ୍ରଦ୍ଧା ଦେଲେ ମୁଁ ଅତ୍ୟନ୍ତ କୃତଜ୍ଞ ।”

କ୍ଷେତ୍ରର ତନ୍ଦ୍ରା ଅପସାରିତ ହେଲା । ମନ ବିଦ୍ରୋହୀ ହୋଇ ଉଠିଲା—ଓଡ଼ିଶା ସରକାର ! ହୀରାକୁଦ ବନ୍ଧ କରି ଯେ ଜାତିକୁ ରକ୍ଷା କରିବ ଭାବିଛ ସେ ପରିକଳ୍ପନାକୁ ଭାଙ୍ଗି ଏଇଠି ଟଙ୍କା ଖର୍ଚ୍ଚ କର । ଜାତି, ଜାତୀୟତା ରକ୍ଷା କରି ପାରିଲେ ବନ୍ଧ, ଶସ୍ୟ ଆପେ ଆପେ ହୋଇଯିବ । ଘରେ ଘରେ ଗ୍ରାମେ ଗ୍ରାମେ ଯେ ପତନ ଆସିଛି—ଓଡ଼ିଆ ଭାଷା ଯେ ନିତପ୍ରତି ଲାଞ୍ଛିତ, ପୀଡ଼ିତ ଅବସ୍ଥାରେ ଅଛି ତାପାଇଁ ଉପାୟ କର । ହେଉଓ



Digitized by srujanika@gmail.com

ସ୍ଥାପନ ଉଦ୍ଦେଶ୍ୟରେ କରି ଏ ଅଞ୍ଚଳର ବହୁଳ ସ୍ଥାନରେ ଓଡ଼ିଆ ବାଣୀ ପ୍ରଚାର କରି କି ଦିନ କି ଗଲା ! ଟଙ୍କା ରୋଜଗାର ନ ହୋଇ ଛଡ଼ି ହୋଇ ମଧ୍ୟ ଭୂଷ ପ୍ରଥମେ ବସ୍ତୁଯାଉ । ରଙ୍ଗେଇଲଣ୍ଡାକୁ ରାଜଧାନୀ କର । ଓଡ଼ିଆ ମାଧ୍ୟମ ଅନ୍ଧ୍ର ପ୍ରଦେଶ ପରି ସମଗ୍ର ଉତ୍କଳରେ ଜାରି ରଖ । ତେବେ ଜାତି ବଞ୍ଚିବ । ନଚେତ "ସେଇ ଓଡ଼ିଆ ଛାତ୍ରକ' ପରି ଜାତି ଅଳ୍ପ ଦିନରେ ମରିଯିବ ।

# ନ୍ୟାୟଦର୍ଶନର ଉପଯୋଗିତା

( ଅଧ୍ୟାପକ ରଘୁନାଥ ରଥ ତର୍କତୀର୍ଥ ନ୍ୟାୟାଚାର୍ଯ୍ୟ )

ଦିନେ ଆମର ଭାରତ ଭୂମି ଆର୍ଯ୍ୟଋଷି ମାନଙ୍କର ମନୀଷାଲୋକରେ ଆଲୋକିତ ହୋଇ ଜଗତକୁ ମାନବୀୟ ଶ୍ରେଷ୍ଠ କର୍ତ୍ତବ୍ୟର ଉପଦେଶ ଦେଉଥିଲା । କିନ୍ତୁ ଦୁର୍ଭାଗ୍ୟରୁ କାଳକ୍ରମେ ଭାରତ ତଥା ଉତ୍କଳ ପରାଧୀନ ହୋଇ ସେ ନିଜର କର୍ତ୍ତବ୍ୟ ନିରୂପଣ ତଥା ପାଳନରେ ଅସମର୍ଥ ହୋଇ ପଡ଼ିଲା । ସୁଖର କଥା ବର୍ତ୍ତମାନ ଆମଦେଶ ପରାଧୀନତାର ଲୌହ ଶୃଙ୍ଖଳରୁ ମୁକ୍ତ ହେଲା, କିନ୍ତୁ ଏତିକିରେ ଆମର ସନ୍ତୋଷ ହେବା ଉଚିତ ନୁହେଁ । ଆମେ ଆମର ସେହି ଆଦର୍ଶ ଏବଂ କର୍ତ୍ତବ୍ୟ କଣ ଏ ବିଷୟରେ ସର୍ବତୋମୁଖୀ— ଅନୁସନ୍ଧାନରେ ତତ୍ପର ହେବା ଉଚିତ, ନଚେତ୍ ଆମର ଉନ୍ନତି ତ, ଅଗ୍ରଗତି ହୋଇ ପାରିବ ନାହିଁ ।

ମାନବ ଜାତିର ଉନ୍ନତି ନିମନ୍ତେ ଶସ୍ତ୍ର ତଥା ଶାସ୍ତ୍ର ଦୁଇଟିର ଶିକ୍ଷାଦାନ ଅତ୍ୟାବଶ୍ୟକ, କିନ୍ତୁ ଉପରୋକ୍ତ ଉଭୟ ବିଦ୍ୟାର ପୂର୍ଣ୍ଣ ବିକାଶ ନିମନ୍ତେ ଶାରୀରିକ ଓ ମାନସିକ ବଳ ଲୋଡ଼ା, ଅତଏବ ଶାରୀରିକ ତଥା ମାନସିକ ବଳର ଯଥାର୍ଥ ସମ୍ପ୍ରସାରଣ ନିମନ୍ତେ ଆମ ଦେଶରେ ଯଥାକ୍ରମେ ବ୍ୟାୟାମ ଏବଂ ସତ୍‌ଶାସ୍ତ୍ରର ଅଧ୍ୟୟନ ନିତାନ୍ତ ଆବଶ୍ୟକ । ଗଣିତ, ବିଜ୍ଞାନ, ଚିକିତ୍ସା, ଦର୍ଶନ, ଏ ଗୁଡ଼ିକହିଁ ଏହି ସତ୍‌ଶାସ୍ତ୍ର ମାନଙ୍କରେ ପ୍ରଧାନ ସ୍ଥାନ ପାଇବା ଉଚିତ । ଦୁଃଖର କଥା ଯେ, ବର୍ତ୍ତମାନ ଦର୍ଶନ ଶାସ୍ତ୍ରକୁ ଏକାବେଳକେ ଉପେକ୍ଷା କରା ଯାଉଛି ଫଳରେ ଦେଶର ଯୁବକ ଯୁବତୀ ମାନଙ୍କୁ ସ୍ୱାଧୀନ ଚିନ୍ତାର ବିକାଶୋପଯୋଗୀ ଶୈଳୀରୁ ବଞ୍ଚିତ କରି ଦିଆ ଯାଉଅଛି ।

ଭାରତରେ ଦର୍ଶନ ଶାସ୍ତ୍ରଗୁଡ଼ିକ ଯେପରି ଆଧ୍ୟାତ୍ମିକ ଜ୍ଞାନରେ ଉଦ୍ଭାସିତ ହୋଇ ଅଲୌକିକ ଅସ୍ତିତ୍ୱ ଆଡ଼କୁ ଗତି କରନ୍ତି ସେପରି ଅତି ସାବଧାନତାର ସହ ଜାଗତିକ ପଦାର୍ଥ ସମୂହର ଯଥାର୍ଥ ଗବେଷଣା କରି ମାନବୀୟ ଅନୁସନ୍ଧିତ୍ସା ପ୍ରବୃତ୍ତିକୁ ସଠିକ୍ ପଦ୍ଧତିରେ ଗୁମ୍ଫିତ କରାଇବା ପାଇଁ ବିଶେଷ ଯତ୍ନ କରି ଅଛନ୍ତି । ସୁତରାଂ ଦର୍ଶନଶାସ୍ତ୍ର ଗୁଡ଼ିକ ଯଥାର୍ଥ ଅନୁଶୀଳନରେହିଁ ଭାରତୀୟ ପ୍ରତିଭାର ଉପଯୁକ୍ତ ବିକାଶ ଓ ସଦ୍‌ବ୍ୟବହାର ସମ୍ଭବ । ଦର୍ଶନ ଶାସ୍ତ୍ରର କଠିନତା ଦୃଷ୍ଟିରୁ ଆଜି କାଲି ସଂସ୍କୃତ ଛାତ୍ରମାନେ ସୁଦ୍ଧା, ଦର୍ଶନଶାସ୍ତ୍ର ପାଠରୁ ବିରତ ହେଉଛନ୍ତି । ବୁଦ୍ଧିମାନ୍ ଛାତ୍ରମାନେ ମଧ୍ୟ, ମାମୁଲି ସାହିତ୍ୟ ଚର୍ଚ୍ଚା ଛଡ଼ା ଅଧିକ କିଛି କରୁନାହାନ୍ତି । ସାହିତ୍ୟର ଯଥାର୍ଥ ଅନୁଶୀଳନ ନିମନ୍ତେ ଅପରିହାର୍ଯ୍ୟ ଯେଉଁ ଦାର୍ଶନିକ ଜ୍ଞାନର ଆବଶ୍ୟକତା ଅଛି ତାକୁ ଲାଭ କରିବା ନିମନ୍ତେ କେହିହେଲେ ସଚେଷ୍ଟ ନୁହନ୍ତି । ଅବଶ୍ୟ ଏଥିସକାଶେ ସେମାନେ କେବଳ ଦୋଷୀ ନୁହନ୍ତି



Digitized by srujanika@gmail.com

କିନ୍ତୁ ଆମର ଶିକ୍ଷା ପଦ୍ଧତି ମଧ୍ୟ ସେଥିପାଇଁ ବିଶେଷ ଦାୟୀ ।

ବି. ଏ. କ୍ଲାସରେ ଯେଉଁ ଓଡ଼ିଆ ଭାଗବତ ପଢାଯାଏ ତନ୍ମଧ୍ୟରେ ଥିବା ଦାର୍ଶନିକ ଭାବଗୁଡ଼ିକ ଶିକ୍ଷକମାନେ ବୁଝିପାରନ୍ତି ନାହିଁ ଅଥଚ ଅଧିକାଂଶ ଅଧ୍ୟାପକ ମଧ୍ୟ ଏଗୁଡ଼ିକୁ ବିଶ୍ଳେଷଣ କରି ବୁଝାଇବାକୁ ଅପାରଗ ଅଟନ୍ତି । ଫଳରେ ଛାତ୍ରମାନେ ଅନେକ ଜ୍ଞାତବ୍ୟ ବିଷୟରୁ ବଞ୍ଚିତ ହେଉଅଛନ୍ତି । ସଂସ୍କୃତ ଛାତ୍ରମାନେ ମଧ୍ୟ ଯେ କୌଣସି ପ୍ରକାର ସାହିତ୍ୟାଗ୍ରନ୍ଥିଟିଏ ପଢିକରି ଜୀବିକା ନିର୍ବାହ ନିମନ୍ତେ ବ୍ୟାକୁଳ ହୋଇ ପଡୁଅଛନ୍ତି । ଏପରି ଅବସ୍ଥାରେ ଦର୍ଶନଶାସ୍ତ୍ରର ଚର୍ଚ୍ଚା କରୁଛି କିଏ ? ଏଠାରେ ଆଉଗୋଟିଏ କଥା କହିବା ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ ଯେ କେବଳ ତଥା କଥିତ ଅବାସ୍ତବାତ୍ମକ ସାହିତ୍ୟଚର୍ଚ୍ଚା, ସ୍ୱଭାବତଃ ପ୍ରବୃତ୍ତି ମାର୍ଗରେ ଧାବମାନ ବାଳକ ବାଳିକାଙ୍କୁ ଇନ୍ଧନଯୋଗାଇ ସେମାନଙ୍କର ଅପରିପକ୍ୱ ମାନସିକ ଶୃଙ୍ଖଳ୍ୟ ସୃଷ୍ଟିକରି ବହୁତର କ୍ଷତି କରୁଛି । ସୁତରାଂ ବାତ୍ସଲ୍ୟ, ବୀର, ଓ କରୁଣ, ରସାଶ୍ରିତ ସତ୍‌ସାହିତ୍ୟ କେବଳ ଛାତ୍ରମାନଙ୍କ ପାଇଁ ଆମର ସିଲେବସରେ ସ୍ଥାନ ପାଇବା ଦରକାର, ଅତଏବ ସ୍ୱାଭାବିକ ପ୍ରବୃତ୍ତି ଗୁଡ଼ିକୁ ନିୟନ୍ତ୍ରିତ କରି ପ୍ରକୃତ ମାର୍ଗରେ ଚଳାଇବା ନିମନ୍ତେ ଏବଂ ସେମାନଙ୍କ ଚିନ୍ତାଧାରାକୁ ଉଚ୍ଚ ଆଦର୍ଶରେ ପ୍ରଭାବିତ କରିବା ନିମନ୍ତେ ସେମାନଙ୍କୁ ଆବଶ୍ୟକୀୟ ଉପଯୋଗୀ ଦର୍ଶନ ବିଷୟ ପଢାଇବା ସମୁଚିତ ଅଟେ ।

ଦର୍ଶନ ଗୁଡ଼ିକ ନୀରସ ବୋଲି ଅନେକଙ୍କର ଧାରଣା କିନ୍ତୁ ଏହା ଠିକ ନୁହେ, ଯେହେତୁ ଏଥିରେ ଏକ ଅଦ୍ଭୁତ ରସ ଅଛି ତାହା ଏହାର ପାଠକମାନେ ଉପଲବ୍ଧି କରନ୍ତି । ଆମର ପୂର୍ବ ଋଷିମାନଙ୍କ ଦ୍ୱାରା ଭାରତରେ ପ୍ରଚଳିତ ମୀମାଂସା ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ, ନ୍ୟାୟ, ବୈଶେଷିକ ବୈଦିକ ଏହି ପ୍ରସିଦ୍ଧ ଛଅଟି ଦର୍ଶନ ମଧ୍ୟରୁ ନ୍ୟାୟ ଅନ୍ୟତମ ଅଟେ । ବିଷୟବସ୍ତୁର ଯଥାର୍ଥ୍ୟ ନିରୂପଣ ଦିଗରେ ଏହାର ଅଭ୍ରାନ୍ତ ପ୍ରମାଣ ତଥା ଉପଯୁକ୍ତ ତର୍କର ଅବତାରଣା ଶୈଳୀ ଅତ୍ୟନ୍ତ ଗବେଷଣା ପୂର୍ଣ୍ଣ ହୋଇଥିବାରୁ ଏହାର ମହତ୍ତ୍ୱ ବିଜ୍ଞ ସମାଜରେ ବଢିଯାଇଛି ଏବଂ ଏଥିସକାଶେ ଏହି ଦର୍ଶନ ବିଶେଷ ଲୋକ ପ୍ରିୟ ଅଟେ । ନ୍ୟାୟ ଶବ୍ଦର ଅର୍ଥ ହେଉଛି ଯେ ପ୍ରମାଣ ଦ୍ୱାରା ଅର୍ଥ (ବିଷୟବସ୍ତୁ)ର ବିଗ୍ଢାର କରିବା ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ ବାତ୍ସ୍ୟାୟନ ନ୍ୟାୟଭାଷ୍ୟ, ଆନ୍ୱୀକ୍ଷିକୀ ଏହାର ନାମାନ୍ତର ଅଟେ । ଅନ୍ୱୀକ୍ଷା ଅର୍ଥାତ୍ ପ୍ରତ୍ୟକ୍ଷ ତଥା ଶବ୍ଦ ଦ୍ୱାରା ଜ୍ଞାତ ବିଷୟର ଅନୁପଶ୍ଚାତ୍ ଈକ୍ଷଣ (ଜ୍ଞାନ) ପର୍ଯ୍ୟାଲୋଚନ ଅନ୍ୱୀକ୍ଷା ଦ୍ୱାରା ଏହି ଶାସ୍ତ୍ର ପ୍ରବର୍ତ୍ତୀ ଥିବାରୁ ଏହାର ନାମ ଆନ୍ୱୀକ୍ଷିକୀ । ବେଦମାନଙ୍କର ଅର୍ଥ ବିଗ୍ଢାରରେ ଅତି ଦକ୍ଷତା ଦେଖାଇଥିବାରୁ ଏହାକୁ ପଦାର୍ଥ ବିଦ୍ୟା ମଧ୍ୟ କହନ୍ତି ।

ଅନୁମାନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ହେତୁର (କାରଣର) ଅତ୍ୟାବଶ୍ୟକତାହେତୁ ସେ ସମସ୍ତର ବିସ୍ତୃତ ବିଗ୍ଢାର ଏଥିରେ କରାଯାଇଥିବାରୁ ଏହାର ନାମ ହେତୁ ବିଦ୍ୟା ଅଟେ । ତତ୍ତ୍ୱ ଜାଣିବା ନିମନ୍ତେ ବିଶେଷ ଉପଯୋଗୀ ହୋଇଥିବାରୁ ଏହି ଶାସ୍ତ୍ରବାଦ ବିଦ୍ୟା ନାମରେ ବିଖ୍ୟାତ । ସଂଶୟ ନିବାରଣପାଇଁ ଯୁକ୍ତିଯୁକ୍ତ ତର୍କର ଆଶ୍ରୟ ନେଇଥିବାରୁ ଏହାର ନାମ ତର୍କଶାସ୍ତ୍ର ଅଟେ । ଏବଂ ପ୍ରମାଣ ନିର୍ଦ୍ଧାରଣରେ ଉପଯୁକ୍ତ ବିଗ୍ଢାର କରିଥିବାରୁ ଏହାର ନାମ ପ୍ରମାଣ ମୀମାଂସା । କି ଧର୍ମ କି ଲୌକିକ ସମସ୍ତ ବିଷୟରେ ଏହାର ଉପଯୋଗୀତା ବିଶେଷ ଥିବାରୁ ନ୍ୟାୟ ଭାଷ୍ୟରେ ବାତ୍ସ୍ୟାୟନ ମହର୍ଷି ନ୍ୟାୟ, ସମସ୍ତବିଦ୍ୟାର ପ୍ରକାଶକ, ସକଳ କର୍ମର ପ୍ରବର୍ତ୍ତକ; ତଥା ସମସ୍ତ ଧର୍ମର ଆଶ୍ରୟ ବୋଲି କହିଅଛନ୍ତି, ଅତଏବ ଏହାର ଜ୍ଞାନାର୍ଜ୍ଜନରେ ନିତାନ୍ତ ପ୍ରୟୋଜନ ଅଟେ ।

କ୍ରମଶଃ



Digitized by srujanika@gmail.com

# ମାଘ କାକର

( ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ବି. ଏ. ଅନର୍ସ )

ହଳଦାର ମିଆଁ ଘର ଅଗଣାରେ
ତୁହାଇ କୁକୁଟ ଡାକିଲା
ବର୍ଷ ଗଡ଼ିଆର ପରବନ୍ଧ ଚୂଲେ
ଅଳପ ସିନ୍ଦୂର ଫାଟିଲା
ଗାଁଆର ସେପାର ସୋଲ ପୋଖରୀରେ
ଫୁଲା ଫୁଲା ହୋଇ କଇଁଫୁଲ କେତେ
ଢଳିଟିଲେକ ଏବେ ବ୍ୟଥାରେ ।
କୁମ୍ଭୀବଣ ପଟେ ବଇଜ ପକ୍ଷୀର
କୋଳାହଳ ଏବେ ଭରଇ
ଚଅଡ଼ୀ ଘରର ନଡ଼ିଆ ବାହୁଙ୍ଗା
ଅକାଶରେ ରହୁ ଥରଇ
କନକ ସୂରୁଯ ଦେବତା ଉଠଇ
ସାଉଘର ଡିଣ୍ଡା ପଥର ପାହାଚୁଁ
ମୁହଁ ଧୂଆ ପାଣି ଝରଇ ।
ତେଲିଘର ପୁଅ ପଥର ପାହାଚୁ
ଦାନ୍ତ କାଠି ଭାଙ୍ଗି ସହଳ
କହେ ବାଡ଼ି ଦିଅ ତୋରାଣୀ ପଖାଳ
ଥାଉଁ ଥାଉଁ ବେଳ କଅଁଳ
ଯିବ ମାଡ଼ ବାଟ ଗ୍ରହକୋଣପର
ଖଡ଼ର କାକର ଜକ ଜକ କରେ
ଘାସ ମଢା କର ଶୀତଳ ।
ଚର ଚର କର କଏ ସେ ଘରଣୀ
ଓଳାଇ ନିଅଇ ଦୁଆର
ମଖମଲି ଫୁଲେ ପ୍ରଜାପତି ବସି
ପରାଗ କରଇ ବାହାର
ନୂଆମା ପଶୁରେ ଯିବ କି ଗାଧୋଇ
ଅଣିଆ ପୁଞ୍ଜାଏ ଭେଣ୍ଡ ଗଡ଼ରରୁ
ଚେଣବାଲ ଯାଏ ଛଡ଼ାଇ ।
ଭଇଁସାଗୀ ଘାଟି ପାର ହୋଇବେଣି
ଗାଁଆର ଯେତେକ ଟୋକଏ

କାଠ ଅଣିଯାଇ କଟୁରି ପକାଇ
କଏ କେତେ କଥା ଘଟାଏ
ଘରଣୀ ପିଠାଇ ଦିଏ ଗାଈ ଗୋରୁ
ନାଦ ମିଶା କଲ ଗୀତ ଗାଇ ଗାଇ
ଝରର ବଢ଼େ ଖୋଲ ଦହରୁ
ଝାମ୍ପି ଗୋଠା ଧର ଖଡ଼ିଆ ନାହାକ
ବଲେ ଧାନ କାଟି ଯାଅଇ
ଗାଁଅ ଶେଷେ ଏଟବ ଦାଅ ହାଡ଼ୁଡର
ଚହୁଅର ଅଛା ମାନଇ
ସଙ୍ଗୀ ନାଲ କୁଲେ ଦାନ୍ତ ଘଷେ ବନା
ଅଜ କଣେ କଏ ଧୂଆଁ ପଡରବେ
କଲା ବଡ଼ କରେ ରଚନା
ଦଣ୍ଡପାଣି ଘର ଚୂଲ ଷଣ୍ଢ ଖାଇ
ଖଡରୁ ପଡ଼ଉଛି ଭାଜି
ବାଉ ପାହାନ୍ତାରୁ ଅଜା ପୁଅ ଗଜା
ଧାଆଇଁ ପଦର ନ ବୁଜ
ଗୁଡ଼ଅଣୀ ଘରେ ହାଣ୍ଡି ଚଢ ଚଢ଼
ମା' କହେ ବେଗେ ପୁଅ ପାଇଁ ମୋର
ଭାଡ଼ ଭାତ ଏବେ ସଜାଡ଼ ।
ଶୀତଦିନେ ଯେବେ ଗାଁଅର ଚୂଲରେ
ପହଁର ଯାଅଇ କୁହୁଡ଼
ଅକାଶରୁ କଏ କଣା ମାଟିଅରେ
କାକର ଦିଅଇ ଅଜାଡ଼ି
ସ ମୁଚା ପୋଖରୀ ବୁଲୁଭର ଧୂଆ
ଦୁଅରେ ଦୁଅରେ ଅଧଖାଡ ବେଳୁ
ଲଗିଥାଇ ଜହ୍ନେଇ ପୁଅଁ
ବଲ ଧାନ ଲକ୍ଷ୍ମୀ ହୁରୁ ଗଣ୍ଡି ଭଡ଼ି
ଶିଶିର ଚୋପାକ ଓହଳେ
ସୁରୁଯ କିରଣ ହାତ ମାର ତାରେ
ଖସାଇ ଦିଅଇ ଭୂତଳେ



Digitized by srujanika@gmail.com

ଧବଳ ଘାସରେ ଅଭିସାରିକା·ଙ୍କ !
ହଠାତେ ଗଳାର ମୁକୁତା ମାଳିକା
ଦେଖନ୍ତି ଛିଣ୍ଡାଇ ଛନକା ।
ଚଉଦିଗେ ଖାଲି ଭରମ ପାଇଁକି
ଚଞ୍ଚଳ ତାର ଶୁଭ୍ର ଚିହ୍ନ
ଧାନୋଇ ପାହାଡ଼ ଉହାଡେ ଲୁଚଇ
ସପତମୀର ସେ ଜହ୍ନ
କାହିଁ ଅବା ସତେ ନାହିଁ ଫୁରୁସତ
ସଜନା ଗଛରେ କୁମ୍ଭାଟୁଆ ଡୁରି
ଦେଖାଉଛନ୍ତି କସରତ ।
ଝାଙ୍ଗୁଲ୍ ଝାଙ୍ଗୁଲ୍ ଗଛ ପାହୁ ପାହୁ
ଭାଗବତ ଘର ଦୁଆରେ
ଠଗର ତାହାର ଓଠ ବଙ୍କାଏ
ଖାଗୁଆ କଅଁଳ ପୁଅରେ
ଦଳ ଦଳ ହୋଇ କ୍ଷେତରେ ମୂଲିଆ
ମଶାଣି ପଦାରୁ ଲିଭି ନାହିଁ ନିଆଁ
ହେବ ସିନା କଏ ଗୁଣିଆ !

ମଶାଣି ଦଣ୍ଡାରେ ଗୁଛୁ ନାହାନ୍ତର
ଯାଉଁ ଯାଉଁ କାଠ ଶଗଡ଼
ଓହ୍ଲାଇବାପାଇଁ ଶଗଡ଼ରେ ବସି
ସାନପୁଅ କରେ ଅବାଡ଼ ।
କେଉଟୁଣୀ ଧରି ଶୁଖୁଆ ସମ୍ଭାର
ବଢ଼ି ଅନ୍ଧାରରୁ ହୋଇଲାଣି ପାରି ·
ବାଉଁଶ ନଦୀର ସେପାରି ।
ଗୁହୁଁ ଗୁହୁଁ ଏବେ ସବୁଜ ଗୁଲରେ
ରୁଇଁ ଖୋଲିଯାଏ ଅଚଳ
ଗୁହାଳ ପିଣ୍ଡିବ ବେତ ବାଡ଼ ଧରି
ଅବଧାନଙ୍କର ଚମକ
କାଏ ଧାଇଁ ଥାଇ ପତର ଗୋଠାଇ
ବେଳ ଦୁଇଘଡ଼ି କୁମ୍ଭାଟୁଆ ଡାକେ
ବାଉଁଶର କୁମ୍ଭୀ ପଠାଇ ।
ମୋ ମାଟି ଗାଆଁରେ ଗୋଟିଏ ପାହାନ୍ତା,
ଭୋଗିବାକୁ ପରା ଯୁଗେ ଯୁଗେ ଏହି
ପ୍ରକୃତର ବଡ଼ ଅହ୍ଲାଦ ।

# —ଯାହା ହେବାର ଥିଲା—

( ଶ୍ରୀ ଲକ୍ଷ୍ମୀଧର ମହାନ୍ତି )

ଏ ପୁଣି କଣ ହେଲା ।

ଟିକିଏ ପୂର୍ବରୁ ମୁଁ ଯାହାକୁ ଠିକ୍ ବୋଲି ଭାବୁଥିଲି, ସେ ଏତେଶୀଘ୍ର ଭୁଲ ହୋଇଗଲା କିମିତି ? ତେବେ ସତେ କଣ ମତେ ଲେଖନୀ ଛାଡିବାକୁ ପଡିବ ? ତରୁଣ ମନଟା ମୋର ବିଦ୍ରୋହ କରି ଉଠିଲା ।

ବାହାରକୁ ଆସିଲି—

ଅଗିଣାର କୃଷ୍ଣଗର୍ଜିର ଆକାଶ ତଳେ, ପାଖି ତଳଟିଏ ଏକୁଟିଆ ହୋଇ ଗୁହୁଁଛି ମୋର ଆଡ଼େ । ସେ ବି ଆଜି ମୋରି ଭଳି ଏକା । କାମିନୀ ତାର କୃଷ୍ଣ-କବରୀ ଉପରେ, ସଳ ମଲ୍ଲୀଟିଏ ଖୋସି ଦେଇଛି ନା କଣ ?

ତେବେ ଅଳକାକୁ ମୁଁ କଣ ବାରଣ କରିଦେବି ? କିମିତି ବାରଣ କରିବି ? ଯେ ମୋତେ ସବୁ ଦେଇଛି, ମୋତେ ଅନ୍ତର ଭରି ଭଲପାଇ, ଯାହାର ତରଳ ନୟନ ଧାର ଧାର ଅଶ୍ରୁ ଢାଳିଛି, ତାକୁ ମୁଁ ବାରଣ କରି ଦେବି କପରି ? ଜାଣୁ ଜାଣୁ ଗୋଟିଏ ଗୋଲାପୀ କୋରକକୁ ଗୋଡରେ ଦଳିଦେବି କପରି ?

ଚିତ୍ତ ମୋର ଉଦବେଳିତ ହୋଇ ଉଠିଲା । ସେହି ନିରନ୍ଧ୍ର ତାରକାଟିର ଶେଷ ରଶ୍ମିକଣା ଟିକକ ଲିଭି ଆସିଲା ପରି, ମୋର କ୍ଷୀଣ ଆଶା ଟିକକ ବି ଲିଭି ଆସୁଛି ।

ଚିଠି ଲେଖିଥିଲି—



Digitized by srujanika@gmail.com

ଅଲକା !

ତୁମର ଶଠି ପାଇଛୁ, କଣ କରିବ ଅଲକା ! ତୁମର ଶଠରେ ମୁଁ ଏକମତ ହୋଇ ପାରୁନି, ମାନୁଛି, ତୁମେ ମତେ ସବୁ ଦେଇଚ, ଅଥଚ ମୋଠାରୁ କିଛି ଗ୍ରହଣ କରିନ । ମାନୁଛି ମୋଲି ପାଇ ସବୁବେଳେ ତୁମର ନରମ ଆଖି ଦୁଇଟି ଅଶ୍ରୁସିକ୍ତ । ତଥାପି ଅଲକା ମୋତେ ବିବାହ କରିବାକୁ ମୁଁ ଆଜ ବାରଣ କରୁଛି । ପ୍ରାଣଦେବ ବାବୁଙ୍କଠାରୁ ଶୁଣିଛି, ଶିଳ୍ପୀ ପକ୍ଷରେ, ବିବାହ ଗୋଟାଏ ଅତି ବଡ଼ ଭୁଲ ଏବଂ ବିଡ଼ମ୍ବନା । ଶିଳ୍ପୀ ସବୁବେଳେ, ବାସ୍ତବ ଦୁନିଆଠାରୁ ମଧୁରତର ଓ ସୁନ୍ଦରତର ଦୁନିଆର କଳ୍ପନା କରି ଯାଇଥାଏ, ତେଣୁ ବିବାହ ଓ ସଂସାର କରିବା ଦ୍ୱାରା କଳ୍ପନାର ସେଇ utopia କୁ ହଠାତ୍ ବସ୍ତୁ ଜଗତକୁ ନାମିପଡ଼ି, ତାର ପ୍ରତିଭାର ଅପମୃତ୍ୟୁ କରେ । ସେଥିପାଇଁ ଜଗତରେ, ଅନ୍ୟ ଜୀବନର ଘାତ ପ୍ରତିଘାତକୁ ରୂପ ଦେଇ ଚାଲିଥିଲେ ହେଁ, ସେ ନିଜେ ସେଇ ସଂଘାତର ଦୂରରେ ରହିବାକୁ ଚେଷ୍ଟାକରେ । ଏକଥା ଶୁଣି ମୁଁ ବି ଆଜ ଗଭୀର ଚିନ୍ତା କରୁଛି ଅଲକା ! ଯଦି ତୁମକୁ ସବୁ ପ୍ରକାରେ, ପୂର୍ଣ୍ଣ ଭାବରେ ଲାଭକରି ଓ ଦାରିଦ୍ର୍ୟ ଅନାହାର ଭିତରକୁ ଟାଣିଆଣି, ମତେ ଯଦି ସଂସାର ସହିତ ଯୁଦ୍ଧ କରିବାକୁ ପଡ଼େ, ଓ ତଦ୍ୱାରା, ଯଦି କଳା ଓ ପ୍ରତିଭାର ଅକାଳ ମୃତ୍ୟୁ ଘଟେ ତେବେ ? ତେବେ କଣ ହେବ ଅଲକା ? ତୁମକୁ ଦୂରରେ ରଖି ମୁଁ ଯେଉଁ ସ୍ୱର୍ଗର କଳ୍ପନା କରି ଚାଲିଛି, ମୋର କଳାରେ ଯେଉଁ, ସୂକ୍ଷ୍ମ ଓ କମନୀୟ ରୂପ ଦେଇ ପାରୁଛି, ତୁମକୁ ସ୍ତ୍ରୀ ରୂପେ ପାଇ ଯଦି ସେ ସ୍ୱର୍ଗକୁ ମୁଁ ହରାଏ ।

ନା ନା, ଅଲକା ! ମତେ କ୍ଷମାକର । ମୁଁ ସହି ପାରିବି ନାହିଁ । ବିବାହ ପରେ, ଏହିପରି କେତେ ପ୍ରତିଭା ମୁଁ ନଷ୍ଟ ହୋଇ ଯିବାର ଦେଖୁଛି । ମୋର ଅନୁରୋଧ ଅଲକା, ମତେ ବିବାହ କର, ମୋର କଳ୍ପନାର ମୁକ୍ତ ଚାଲନାରେ ଅଜ, ବାଧା ଦିଅନା ।—

ହିଁ ଅଲକା, ତୁମକୁ ବିବାହ ନ କଲେ ବି ତୁମେ ଚିରଦିନ ମୋର । ମୋର କଳାର ସୃଷ୍ଟିରେ ତୁମେ ଲକ୍ଷ ନାରୀଙ୍କର ରୂପନେଇ ଅନନ୍ତ ମୋର କଳ୍ପନାର ରଙ୍ଗମଞ୍ଚରେ ପ୍ରକଟିତ ହେବ ।

ତୁମେ ଧନୀର ଦୁଲାଲୀ—ତୁମେ ରୂପସୀ । ତୁମକୁ ଜୀବନ ସଙ୍ଗିନୀ ରୂପେ ପାଇବାକୁ ଲକ୍ଷ ଯୁବକ ଆଜ ଚାହିଁ ରହିଛନ୍ତି । ମତେ କ୍ଷମା ଓ ବିଦାୟ ଦିଅ ଅଲକା ! ଇତି

ଉତ୍ତର ପାଇଥିଲି, ଅଲକାଠାରୁ, ଯାହା କି ମୁଁ ଆଗରୁ ପାଇନଥିଲି । ବଡ଼ ନରମ ଭାଷାରେ, ସେ ମୋ ପାଖକୁ ଲେଖିଥିଲା ଗୋଟିଏ ପଦ ।

ପ୍ରିୟ !

ନାରୀକୁ ମାତୃପଦରେ ଅଭିଷିକ୍ତା କରିବାକୁ ଯାଇ, ପୁରୁଷର ପୁରୁଷତ୍ୱ ଯଦି ନଷ୍ଟ ହୋଇଯାଏ—କବିର କବିତ୍ୱ ଯଦି ମୃତ୍ୟୁଲାଭ କରେ, ତେବେ ମୁଁ ସେ ମାତୃତ୍ୱକୁ ପଦଦଳିତ କରିବି । ମୋତେ ଗ୍ରହଣ କର । ଇତି ।

ସେ ଦିନ ବୁଝିଲି ଅଲକା କେଡ଼େ ମହାନ୍ ।

\+ \+ \+ \+

“ତା ହେଲେ, ତୁମେ ଏ ଶପଥ ରଖିପାରିବ ଅଲକା ? “ହଁ, ରଖିପାରିବି, ନିଶ୍ଚୟ ରଖି ପାରିବି” । ଆଖି କୋଣରୁ ତା’ର ଯେପରି ଦୁଇଟି ଉଜ୍ଜ୍ୱଳରଶ୍ମି ଫୁଟି ଉଠୁଥିଲା ।

“ନା ଅଲକା, ତୁମେ ପାରିବନାହିଁ, ଭାବ ଭଲକରି ଭାବ । ଦୀର୍ଘ ଜୀବନ ଆଗରେ ପଡ଼ିଛି । ମା ହେବାରେ ନାରୀର ଯେଉଁ ଗର୍ବ, ସେ ଗର୍ବ କଣ ତୁମର ନାହିଁ ଅଲକା ? ନିଜକୁ ସେଇ ଭବିଷ୍ୟତକୁ ନେଇଯାଇ ମତେ ଉତ୍ତର ଦିଅ ।”

ଅଲକା ମତେ ଉତ୍ତର ଦେଇଥିଲା । ଖାଲି ଉତ୍ତର ଦେଇ ନ ଥିଲା ତ, ଦୁହେଁ ଲେଖି ଦେଇଥିଲୁ ମୋର ସେଇ ଡାଇରି ଖାତାର, ଗୋଟାଏ ପାଳରେ ।

ଅଲକା ମତେ ପାଇଛି । ମୁଁ ବି ପାଇଛି ଅଲକାକୁ ।

ପହିଲି ଆଷାଢ଼ର ଗୋଟିଏ ନିର୍ଜ୍ଜନ ସନ୍ଧ୍ୟା । ପାଖ ଟେବଲ ଉପରେ ଥିବା ଲ୍ୟାମ୍ପର ଶିଖା ଅଲ୍ପଅଟାକୁ ଟେକି ଦେଇ ମୁଁ କଲମ ଧରିଲି । ଘରଟି ବେଶ ଆଲୋକିତ ହୋଇ ଉଠିଲା । ଲାବଣ୍ୟ



Digitized by srujanika@gmail.com

ବଙ୍ଗୀର ଶରତ୍‌ଙ୍କ ନାୟିକାର କଥା ମନେ ପଡ଼ିଲା । ଏଇ ବର୍ଷା ସନ୍ଧିରେ ସେମିତି ଗୋଟିଏ ଶରତ୍‌ଙ୍କ ରୂପସୀର ମନସ୍ତତ୍ତ୍ୱକୁ ରୂପ ଦେଉଛି ମୋର ଲେଖନୀ । ହଠାତ୍ ଅଳକା ବିଛଣା ଉପରୁ ଚମକି ଉଠିଲା ।

ଡାକିଲି—"ଅଳକା" !

ସେ ନୀରବ, ଆଉ ଥରେ ଡାକିଲି— "ଅଳକା ! ଅଳକା ! କଥା କହୁନା କାହିଁକି ?"

ବଡ଼ କ୍ଷୀଣ ଗଳାରେ ସେ ଉତ୍ତର ଦେଲା— ଉଁ—। କଣ୍ଠ ଯେପରି ତାର ରୁଦ୍ଧ ହୋଇ ଆସୁଥିଲା । ପାଖକୁ ଯାଇ ଦେଖିଲି ଆଖିରୁ ତାର ଅବିରାମ ଗଣ୍ଡରେ ଛୁଟିଛି ଦୁଇଧାର ଲୁହ ।

ଏ କଣ ଅଳକା ? ତୁମେ କାନ୍ଦୁଛ ? କଣ ହୋଇଛି ତୁମର ? ?"

ସେ ବରଂ ବେଶି କାନ୍ଦିଲା ।

ନୀରବ ରହିଲି—

ଲୁହ ବନ୍ଦ କରି ଅଳକା ମୋଆଡ଼େ ଚାହିଁଲା । ତାର ଆଖିର ଏ ଚାହାଣୀରେ, କି ମାଦକତା ପୂରି ରହିଥିଲା କେଜାଣି ? ସେ ଯେପରି କଣ କହିବାକୁ ଅପେକ୍ଷା କରୁଥିଲା ।

ପଚାରିଲି, "ଅଳକା ! କଣ କହିବ, କହୁନ, ଅଳକାର ଆଖିରେ ଲୁହ ଦେଖିଲେ, ମୋର କାହିଁକି ମନେ ହୁଏ, ସେ ଦୁର୍ବଳ ହୋଇ ପଡ଼ୁଛି ।

"ଆଉ, କେତେଦିନ ଏମିତି ଭାବରେ କଟିଯିବ ?" ବଡ଼ ବ୍ୟସ୍ତ ହୃଦୟରେ ସେ ପ୍ରଶ୍ନକଲା ସେ ଯେପରି ଆହୁରି କଣ କହିବାକୁ ଚାହୁଁଥିଲା । ମାତ୍ର କହି ପାରିଲା ନାହିଁ ମୋର ହାତଟାକୁ ଟାଣି ନେଇ, ସେ ତାର କମ୍ପିତ ବୁକୁଉପରେ ରଖି, ନୀରବରେ ଶୋଇ ରହିଲା ।

ଅଳକାର ସେଇ ଲତାୟିତ ତନୁ ଆଉ, ଘୁମନ୍ତ ଆଖିର ମାଦକତା, ମୋତେ କାହିଁକି ସେଦିନ ପାଗଳ କରି ଦେଇଥିଲା, ମୁଁ ବଡ଼ ଦୁର୍ବଳ ହୋଇ ପଡ଼ିଲି । ଅତୀତର କଠୋର ଶପଥ, ମୋ ଆଗରେ ଯେପରି ଝାପସା ଦେଖାଗଲା ମନ ମୋର ଯୁକ୍ତିକଲା "ନିର୍ବୋଧ କେବଳ ବର୍ତ୍ତମାନକୁ ଭୁଲେ ।"

ବାହାରେ ଆଷାଢର ଘନବର୍ଷଣ ।

ଅଳକାର ବାହୁଲତାଟି, ସେତେବେଳେ ମୋର କଣ୍ଠଦେଶରେ ବେଢି ରହିଥିଲା । ଆଷାଢର ସେଇ, ଝଡ଼ ଅସରାର ମର୍ମରରେ ଯେଉଁ ମାଦକତା ପୂରି ରହିଥିଲା, ତାରି ଭିତରେ, ଅଳକା ଓ ମୁଁ ନିଜକୁ ହଜାଇ ଦେଲୁ ।

ଝରକା ଖୋଲି ଚାହିଁଲି ବର୍ଷା ଅପସରି ଯାଇଛି, ପ୍ରଭାତ ସମୀରରେ ଛୋଟ ବଗିଚାଟି ମୋର ନାଚି ଉଠୁଛି ।

× × × ×

ଆଜି ଭାବୁଛି, ଏ ପୁଣି କଣ ହେଲା ? ଗୋଟାଏ ମୁହୂର୍ତ୍ତରେ ଏତେବଡ଼ ସଂଯମଟା, ପାଣି ଫାଟିଗଲା କିପରି ? ମୋର ଲେଖନୀଟା ଏମିତି ଶିଥିଳ ହୋଇ ପଡ଼ୁଛି କାହିଁକି ? ମୋର ମନଟା ଏତେ ଦୁର୍ବଳ ହୋଇଗଲା କାହିଁକି ?

× × × ×

ଦୁଆରର ଧରଦାଟି ଧୀରେ ଅପସରି ଗଲା । ଅଳକା ଘରଭିତରକୁ ଆସି ପଚାରିଲା—"ଗୋଟିଏ କଥା ପଚାରିବି କହିବ ?"

ମୁଁ କଣ ଭାବୁଥିଲି, ମୋର ହାତ ଦୁଇଟି ଧରି ସେ ପଚାରିଲା "ଏଇ କେତେମାସ ହେଲା ତୁମେ କଣ ଗୁଡ଼ାଏ ଭାବୁଛ କହତ ? ତୁମର ସେ ରୂପ, ସେ ଚେହେରା କାହିଁ" ?

ମୁଁ ନୀରବ ରହିଲି । ଆଖି ଦୁଇଟା ମୋର ଓଦାହୋଇ ଆସିଲା । ଅଳକାକୁ ପାଖରେ ବସାଇ ପଚାରିଲି ନାଁ—ଅଳକା—କିଛିନାହିଁ । ରୂପ ? ଚେହେରା ? ଆଉ ଏ ଦେହ ? ସେତ ଫୁଟିଲା ଫୁଲ । ଆଜି ଅଛି କାଲି ମଉଳି ଯିବ । ତୁମେ ସୁନ୍ଦର ହୁଅ ଅଳକା । ନଶ୍ୱର ଦେହରେ ଲୋଡ଼ା; ତୁମେ ତା ପାଇ ସଂସାରେ ଆଉ କେତେଦିନ ପରେ ଯେଉଁ କଅଁଳ [illegible] ତୁମେ ଦେଖିବାକୁ ପାଇବ ତାରି ଦର୍ପଣଟି ହବେ ତୁମ [illegible]



Digitized by srujanika@gmail.com

ଉପଭୋଗ କରିଯାଅ । ସେଇତ ଜୀବନର ସର୍ବସ୍ୱ ।"

"ଆଉ ତୁମେ ?" ଟିକିଏ ଶଙ୍କିତ ଗଳାରେ ସେ ପଚାରିଲା, "ହଁ, ମୁଁ ଦୁଃଖୀ । ସେଇ ଦୁଃଖରେ ମୁଁ ଆନନ୍ଦ ପାଇବି ଅଲକା । ସେଇ ମୋର ସୁଖ ।" ମାତ୍ର ଅଲକା, ସେ ଦିନର, ଗୋଟିଏ କଥା ମୋର ମନେ ପଡ଼ୁଛି । ଆଜି ଭାବୁଚି ମୁଁ କଣ କଲି । କାଲି, ସେ ଚମଡ଼ା ସୁଟକେଶଟା ଖୋଲି ଖୋଲି, ସେ ଡ଼ାଏରି ବହିଟା ମୋର ଆଖିରେ ପଡ଼ିଲା—ଯେଉଁଥିରେ ଆମେ ଦୁହେଁ ଶପଥ କରି ଲେଖିଥିଲେଁ ପରସ୍ପର ନିକଟରେ ରହି ମଧ୍ୟ, ଆମେ ନିଜ ନିଜକୁ ଦୂରେଇ ରଖିବା ସେଇ ଖାତାଟାକୁ ଖୋଲିବାକୁ ମୋର ହାତଗଲା ନାହିଁ । ହାତଟା ମୋର ଥରି ଉଠିଲା କାହିଁକି ଅଲକା ।!

ଅଲକା ସେ ଚମଡ଼ା ସୁଟକେଶଟା ଖୋଲି, ସେ ଡାଏରିଟା କାଢ଼ିଲା । ମୋ ହାତକୁ ବଢ଼ାଇ ଦେଇ ସେ କହିଲା "ନିଜକୁ ଏତେ ଦୁର୍ବଳ କଲେ ଏ ଜଗତରେ କିପରି ଚଳିପାରିବ କୁହତ ! ଜଗତରେ ରହିବାକୁ ହେଲେ, ଅନ୍ୟମାନଙ୍କ ସହିତ ପାଦମିଳାଇ, ଚାଲିବାକୁ ପଡ଼ିବ ।

ମୋର ଶିଥିଳିତ ରକ୍ତ ଟିକିଏ ଗରମ ହୋଇ ଉଠିଲା, ଅଲକାର ନେତୃତ୍ୱରେ ।

ଦୀର୍ଘ ନିଶ୍ୱାସଟିଏ ପକାଇ, ମୁଁ ସେ ଡ଼ାଏରିଟା ଖୋଲିଲି । ହାତଦୁଇଟା ମୋର ଥରି ଉଠୁଥିଲା । ପନ୍ନପରେ ପନ୍ନ ଓଲଟାଇଲି ।

ଏ କଣ ହେଲା ! ! !—-ଏ ଡାଏରିର ସେ ପନ୍ନଟା ଚିରିନେଲା କିଏ ? କପାଳରେ ମୋର ବିନ୍ଦୁ ବିନ୍ଦୁ ଝାଳ ।

ପାଟିରୁ ମୋର ଆପେ ଆପେ ବାହାରି ପଡ଼ିଲା "ଏ କଣ କଲ ଅଲକା ?" ଦୃଷ୍ଟି ଫେରାଇ ଚାହିଁଲି ।

ସେ ସେତେବେଳକୁ, ସେ ଘରୁ ଚାଲି ଯାଇଛି ।



Digitized by srujanika@gmail.com

# ସମ୍ପାଦକୀୟ

ପୁଣ୍ୟ ପୂଜାକାଳ ଆସିଛି । ଆଶ୍ୱିନର ଶାରଦୀୟ ପୂଜା ସମ୍ମୁଖରେ ହିନ୍ଦୁ ତଥା ଭାରତୀୟ ଏପରି ବର୍ଷକୁ ବର୍ଷ ନିଜକୁ ଶକ୍ତିମାନ୍, ପବିତ୍ର, ମହାନ୍ କରିବାର ବିଧି ପରମ୍ପରା କ୍ରମେ ଆଦି କାଳରୁ ପଡିଆସିଛି । ଶରତର ନୀଳ ପ୍ରଶାନ୍ତ ମେଘମୁକ୍ତ ଆକାଶ, ନିର୍ମଳ ଚନ୍ଦ୍ର କିରଣ, ଗଭୀର ସ୍ୱଚ୍ଛ ନୀର ତଟିନୀ, କାଶହାସ, ଶ୍ୟାମଳ କେଦାର, ଶୁଭ୍ର ପ୍ରକୃତି, ପରିପୂର୍ଣ୍ଣ ସୌନ୍ଦର୍ଯ୍ୟର ଉତ୍ସଙ୍ଗରେ ହିନ୍ଦୁ ତଥା ଭାରତୀୟ ଆଜି ଦଶଭୁଜା ସିଂହବାହିନୀ ଦୁର୍ଗାଙ୍କ ଉପାସନା କରି ନିଜକୁ କୃତାର୍ଥ ମନେ କରୁଛନ୍ତି । ଚତୁର୍ବର୍ଗ ଫଳ ଦାତ୍ରୀ ମହାମାୟାର କମ୍ରୁତ୍ କରୁଣା କଟାକ୍ଷ ପାତରେ ଜୀବନର ସକଳ ଦୁଃଖ, ଶୋକ, ପାପ, ତାପ ପଛକୁ ପକାଇ ଦେଇ ଅମୃତର ଯାତ୍ରୀ ହେବାରେ ଦୃଢ଼ ସଂକଳ୍ପ କରିବାର ଆଜି ମାହେନ୍ଦ୍ର ମୁହୂର୍ତ୍ତ । ମହାମେଧା, ମହାସ୍ମୃତି, ମହାବିଦ୍ୟାର କୃପା-କନକ-କିରଣରେ ଆଜି ସବୁ ଅବସାଦ-ଅନ୍ଧକାର ଦୂର ହୋଇଯିବାର ଅନୁକୂଳ ସମୟ । ଯେଉଁ ଦେବୀ ସର୍ବଭୂତରେ ଶକ୍ତି, ଶାନ୍ତି, ପ୍ରୀତି, ଲକ୍ଷ୍ମୀ, ପୁଷ୍ଟି ତୁଷ୍ଟି, କାନ୍ତି ଆଦି ରୂପରେ ସଂସ୍ଥିତା, ସେହି ଦେବୀଙ୍କ ଚରଣ-ପଦ୍ମରେ ପ୍ରଣତି ଅର୍ପଣ କରି ଆଜି ଆମେ ଶକ୍ତ, ଶାନ୍ତ, ପ୍ରୀତ, ଲକ୍ଷ୍ମୀମନ୍ତ, ପୁଷ୍ଟ, ତୁଷ୍ଟ, କାନ୍ତ ହେବାର ଅପୂର୍ବ ସୁଯୋଗ ।

ଆକାଂକ୍ଷା ଓ ଆଦର୍ଶ ଏପରି; ତଥାପି ବାସ୍ତବ ପରିସ୍ଥିତି ଆଜି କି ଭୟଙ୍କର ଉପଦ୍ରବମୟ ! ନିରାଶାର ଘନ କୁହେଳିକା ଆଜି ଚତୁର୍ଦ୍ଦିଗ ଘେରି ରହିଛି । ବାଟ ଦିଶୁନାହିଁ । ଭୀତତ୍ରସ୍ତ, ଅଶାନ୍ତ, ସଙ୍କଟାପନ୍ନ ମାନବ ଆଜି ଉଦ୍‌ବେଗରେ, ଆକୁଳରେ ପଚାରୁଛି ପଥ କାହିଁ ? ତୃତୀୟ ମହାସମର ଆହ୍ୱାନ-ଜନିତ ଡାକ ଶୁଭିଲାଣି । ଧରି ପୃଥିବୀ ଦେଶ-ଦେଶ, ଜାତି-ଜାତି, ଗୋଷ୍ଠୀ-ଗୋଷ୍ଠୀ ଭିତରେ ମାଡ଼ଗୋଳରେ କମ୍ପୁଛି । ନରଠକ ରାହାପିଆ ଅନେକ ତଥା ଶୁଣାଯାଉଛି । କିନ୍ତୁ ମନୁଷ୍ୟ ଆଜି ମନେ କରୁଛି, ସେ ଯେପରି କୌଣସି ଏକ ଦୁର୍ଗ୍ଗ ଅସହନୀୟ ଦୁର୍ଯୋଗର ଖରସ୍ରୋତରେ ବିନଷ୍ଟି ଆଡ଼କୁ ଅସହାୟ ଭାବରେ ଭାସିଯାଉଛି । ଏ ଦୁର୍ଯୋଗର ଛାୟା ପୁଣି ଆମର ମାତୃଭୂମିର ଘନୀଭୂତ ହେବାର ଦେଖାଯାଉଛି । ବୈଦେଶିକ ଶାସନ ଅପସୃତ ହୋଇଛି ସତ; ଆମେ ସ୍ୱାଧୀନ ହୋଇଛୁ ସତ; ତଥାପି ସେ ସ୍ୱାଧୀନତା ଯେ କ୍ଷଣିକ ହୋଇପାରେ, ଏ ଆଶଙ୍କା ସମସ୍ତଙ୍କ ମନକୁ ଛୁଇଁଲାଣି । ଘୋର ଭୀଷଣ ବିପଦର ସମ୍ମୁଖୀନ, ଆମର ତିନିମାସର ସ୍ୱାଧୀନତା-ଅପଗଣ୍ଡ-ଶିଶୁ ବାଳି ରକ୍ଷାକୁ ଉଠିପାରିବ ନାହିଁ—ଏ ଦାରୁଣ ଭାବନାରେ ଆମେ ଆଜି ବ[illegible] ପାକିସ୍ଥାନ ଗଠନର ଅବ୍ୟବହିତ ପରେ, ଭାରତ ବିଭକ୍ତିର ପରେ ପରେ, ସାମ୍ପ୍ରଦାୟିକ ସଂଘର୍ଷ ଉଣା ହୋଇଯିବା ଦୂରରେ ଥାଉ, ବରଂ ସେ ସଂଘର୍ଷର କରାଳ ଅଗ୍ନି ଉର୍ଦ୍ଧ୍ୱଶିଖ ହେବାର ଦେଖି କାହାର ମନ ଅଥୟ ନ ହେବ ? ପଞ୍ଜାବ, କାଶ୍ମୀର, ଜୁନାଗଡ଼ ଇତ୍ୟାଦିର ପ୍ରତିକୂଳ ସଂଘଟନ ଦେଖି କାହାର ହୃଦୟ କ୍ଷୋଭରେ ଭାରାକ୍ରାନ୍ତ ନ ହେବ ? ଲକ୍ଷ ଲକ୍ଷ ଲୋକ ଆଜି ପିଲା ଛୁଆଙ୍କୁ ଧରି ପିତୃପିତାଙ୍କ ଘରବାଡ଼ି, ଧନ ଦୌଲତ ଛାଡ଼ି ଦାଣ୍ଡର ଭିକାରୀ ହୋଇ ଶହ ଶହ କୋଶ ବାଟ ଅତିକ୍ରମ କରି ପଳାଇଯିବା ମାର୍ଗରେ ପୁଣି ସେମାନଙ୍କୁ ନିଷ୍ଠୁର ଭାବରେ ହତ୍ୟା, ବଳାତ୍କାର, ବସନ କାଢ଼ିବାର କରୁଣ କାହାଣୀ ଶୁଣି ରକ୍ତମାଂସ ଶରୀର ଧରି କିଏ ସମ୍ଭାଳି ପାରିବ ? ପୁଣି ସମ୍ଭାଳି ନ ପାରି କରିବାର ବାଟ କଅଣ ?

ଏହା ଭିତରେ ଆମ ନିଜ ଓଡ଼ିଶାର ଦୁର୍ଭାଗ୍ୟ ଊଣା ନୁହେଁ । ଏ ପ୍ରଦେଶ ବୈଦେଶିକ ଶାସନ ଅମଳରେ ହାତ ପେଞ୍ଚ ମାଟି ହୋଇ କପରି ଦରିଦ୍ରତମ ହୋଇପଡ଼ିଛି, ତାହା ତ



Digitized by srujanika@gmail.com

ଜଣାଶୁଣା କଥା । ପୁଣି ତହିଁରେ ଆଜିର ଏ ଦୁର୍ଦ୍ଦିନ, ଦୁର୍ଭିକ୍ଷ, ଅନାହାର, ଅଜ୍ଞାନ, ଅସ୍ୱାସ୍ଥ୍ୟ ଦୁର୍ବଳତା । ତା' ଉପରେ ପୁଣି ଭେଦ, ବାଦ, ବିସମ୍ବାଦ, ମାତ ମନେ ବୃତ୍ତି, ପରାଜୟ ଭାବ ।

ଭଗବତୀଙ୍କର ଅନୁକମ୍ପା ଛଡ଼ା କି ଚତୁର୍ବର୍ଗର ଏ ନୈରାଶ୍ୟଜନକ ଦୁରବସ୍ଥାରୁ ନିସ୍ତାର ଅଛି ? ସେଥିପାଇଁ ଆଜି ବିଶ୍ୱ-ମୂର୍ତ୍ତିକ, ବିଶ୍ୱ-ଧାରିଣୀ, ବିଶ୍ୱ-ବନ୍ଦ୍ୟା, ବିଶ୍ୱ-ଜନନୀର ପଦ-ସରୋଜରେ ଦଣ୍ଡ ପ୍ରଣାମ କରି ଆମେ ପ୍ରାର୍ଥନା କରୁଛୁ—ଦୁଷ୍ଟ ସଂହାରିଣୀ ! ଆଜି ପୁଣି ତୋର ନିର୍ଭୟ ଘଣ୍ଟାସ୍ୱନ ଶୁଭୁ, ଅଭୟ ତ୍ରିଶୂଳ ଖଡ୍ଗ, ଧନୁ ଶର ଚଞ୍ଚଳ ହେଉ, ବିଂଶ-ଶତାବ୍ଦୀର ଶୁମ୍ଭ, ନିଶୁମ୍ଭ ବିରେଚନ, ମହିଷାସୁର ନିହତ ହୁଅନ୍ତୁ, କଲ୍ୟାଣୀ ! ପୃଥିବୀରେ ଶାନ୍ତି, ସ୍ନେହ, ସୌଭାଗ୍ୟ ସ୍ଥାପିତ ହେଉ, ଭାରତ ସୁଭଗ, ଅଖଣ୍ଡ, ଉନ୍ନତ ହେଉ, ଓଡ଼ିଶା ଧନମନ୍ତ, କର୍ମମନ୍ତ, ଶକ୍ତିମନ୍ତ ହେଉ । ଆନନ୍ଦମୟୀ ! ଜଗତ ବିକାଶ ମାର୍ଗରେ ସତ୍-ଚିତ୍-ଆନନ୍ଦର ଜ୍ୟୋତିର୍ମୟ ପଥ ଅନୁସରଣ କରୁ, ବେଦ ମନ୍ତ୍ରର ଭାଷାରେ ସମୀର, ଋତୁ, ସିନ୍ଧୁ, ଗାବ—ନିଖିଳ ପ୍ରକୃତି ମଧୁମୟ ହେଉ ।

ଆଜିର ଏ ପ୍ରାର୍ଥନା ଦିବସରେ 'ବୀଣା' ତାହାର ପାଠକ, ଗ୍ରାହକ, ସମାନୁଭବୀ ସର୍ବ-ସାଧାରଣଙ୍କ ଅଭିବାଦନ ଜଣାଇ ସମସ୍ତଙ୍କ ସଙ୍ଗେ ନିଜର ଶ୍ରେୟ କାମନା କରୁଛି । × × ×

ପୂଜା ଅବକାଶରେ ବଙ୍ଗୀୟ ସଂସ୍କୃତ ସମ୍ମେଳନ ପକ୍ଷରୁ କଲିକତାରେ ଲେଖକ ଓ କଳାକାରଙ୍କ ପୂଜା-ଅନୁଷ୍ଠାନ ସାମ୍ପାଦିତ ହୋଇ-ଥିଲା । ସେହି ସମ୍ପର୍କରେ ସାମାଜିକ ମିଳନ; ପରସ୍ପର ଭାବ ବିନିମୟ, ଜାତିମାନର ସାମ୍ପ୍ରଦାୟିକ ବିଦ୍ୱେଷ ଦୂର କରିବାପାଇଁ ପ୍ରଗ୍ରାମ ଓ ନାନାବିଧ ଉତ୍ସବର ବ୍ୟବସ୍ଥା ହୋଇଥିଲା । ଏକଥା ପତ୍ରିକାରେ ପଢ଼ିଲାବେଳେ ଆମର ମନେହୁଏ, ଓଡ଼ିଶାରେ ସଂସ୍କୃତ ଶିକ୍ଷାର ପ୍ରସାର, ପ୍ରତିପତ୍ତି, ପାଣ୍ଡିତ୍ୟ, ପୂର୍ବ ପ୍ରତିଷ୍ଠା ଅନୁପାତରେ ପଣ୍ଡିତ ସଂଖ୍ୟା ବଙ୍ଗ ଅପେକ୍ଷା କୌଣସି ଗୁଣରେ ଊଣା ନୁହେଁ, ବରଂ ଅଧିକ । ଏଠାରେ ମଧ୍ୟ ପଣ୍ଡିତ ସମ୍ମେଳନ ଇତ୍ୟାଦ ଅଛି । କିନ୍ତୁ ସେ ପକ୍ଷରୁ ଏଭଳି ଉଦ୍ୟମ ତ ସାଧାରଣରେ ଦେଖାଯାଏ ନାହିଁ । କଥା ହେଉଛି, ଆମର ପଣ୍ଡିତ ବର୍ଗ ଅଦ୍ଧୁର ଆମର ଆଧୁନିକ ବାସ୍ତବ ଜାତୀୟ ଜୀବନ ତଥା ସମସ୍ୟା ଗୁଡ଼ିକରେ ସନ୍ତୋଷ ଜନକ ଭାବରେ ଭାଗ ନେଇ ନାହାନ୍ତି । ସେମାନେ ପରମ୍ପରାକୁ ସର୍ବସ୍ୱ କରିଛନ୍ତି ! ପରମ୍ପରା ରକ୍ଷା କରିବାକୁ ହେବ । ଆମ ପଣ୍ଡିତବର୍ଗଙ୍କ ଜ୍ଞାନ-ଗରିମା ଆମର ନମସ୍ୟ । ତଥାପି ବିଂଶ ଶତାବ୍ଦୀର ଜଟିଳ ଗଣତନ୍ତ୍ର ମୂଳକ ଲୋକ-ପଦ୍ଧତିର ଦୈନନ୍ଦିନ-କର୍ମ-ପ୍ରବାହରେ ନିଜକୁ ନ ମିଳାଇ, ସେ ପ୍ରବାହକୁ ଆଦର୍ଶ ଆଡ଼କୁ ପରିଚାଳିତ ନକରି, ଅଲଗା ରହି କେବଳ ଭର୍ତ୍ସନା କଲେ ସମନ୍ୱୟର ପନ୍ଥା ମିଳିବ କିପରି ? ପୁଣି ଏ ସମନ୍ୱୟ କ୍ଷେତ୍ରରେ ପଣ୍ଡିତ ବର୍ଗଙ୍କ ଛଡ଼ା ଆଉ କିଏ ଅଧିକ ସମର୍ଥ ହେବେ ?

ଆଉ ଗୋଟିଏ କଥା । ଉପରୋକ୍ତ ବିଜ୍ଞପ୍ତିରୁ ଦେଖୁଛୁ ବଙ୍ଗଦେଶରେ ପଣ୍ଡିତ ବର୍ଗ ଅନ୍ୟାନ୍ୟ ସବୁ ଲେଖକ ଓ କଳାକାରଙ୍କ ସହିତ କିପରି ଯୋଗ ସୂତ୍ର ସ୍ଥାପନ କରିଛନ୍ତି । କିନ୍ତୁ ଓଡ଼ିଶାରେ ସେପରି ଦେଖିବାକୁ ମିଳେନାହିଁ । ଭାଷା-ଲେଖକ ଓ କଳାକାର 'ସଂସ୍କୃତଆ'କୁ କଣେଇ ଗୁହାନ୍ତି ଓ ପଣ୍ଡିତବର୍ଗ ପ୍ରଥମଙ୍କଠାରେ କିଛି ସାର ଦେଖନ୍ତି ନାହିଁ । ଏହା ବାଞ୍ଛନୀୟ ନୁହେ । ଓଡ଼ିଆ ଭାଷାର ଆଦି-ଜନନୀ ସଂସ୍କୃତ । ମା'ଆର ଲାଳନ—ପାଳନ ଅଭାବରେ ସନ୍ତାନ ସୁସ୍ଥ ପୁଷ୍ଟାଙ୍ଗ ହୋଇପାରେ ନାହିଁ । ଅନ୍ୟପକ୍ଷରେ ସନ୍ତାନର କୃତିତ୍ୱରେହିଁ ମାତୃତ୍ୱ ଗୌରବ ପ୍ରତିପାଦିତ ହୋଇପାରେ । ଏ ଯୁଗରେ ଲୌକିକ ଭାଷାକୁ ସମୃଦ୍ଧ କରନ୍ତ ନକଲେ, ସଂସ୍କୃତ କ୍ଷୁଦ୍ର ସୀମାରେ ଆବଦ୍ଧ ରହି କ୍ରମେ ତାହାର ଅସ୍ତିତ୍ୱ ହରାଇବ ନାହିଁକି ? ଆମର ଆଶା, ଏ ଉଭୟର ଉପଯୁକ୍ତ ହାର୍ଦ୍ଦିକ ମିଳନ ହେବ । ଆଉ ଗୋଟିଏ କଥା । ବଙ୍ଗର ଲେଖକ ତଥା କଳାକାର ସାମ୍ପ୍ରଦାୟିକ ସଂଘର୍ଷ ଦୂର କରିବାରେ ତତ୍ପର । ଅର୍ଥାତ୍ ଦେଶର ତଥା ଜାତିର



Digitized by srujanika@gmail.com

ସଦ୍ୟ ସମସ୍ୟା ସମାଧାନରେ ତତ୍ପର । ଓଡ଼ିଶାରେ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକ ସମସ୍ୟା ନଥିଲେ, ଅନ୍ୟ ବହୁ ସମସ୍ୟାତ ଅଛି । ଆମର ଲେଖକ ତଥା କଳାକାରମାନେ ଏ ଦିଗରେ କିଛି ବିଶେଷ ଉଦ୍ୟମ କରିବାର ତ ଅନୁଭୂତ ହୁଏ ନାହିଁ । ଆମର ଲେଖକ ତଥା କଳାକାରମାନଙ୍କ ଭିତରେ ଆଜିକାଲି ଦୁଇଟି ଗତି ଆମେ ଦେଖୁଛୁ । ତାହିଁରୁ କେତେକ ସେହି ଆକାଶ, ନଦୀ, ଚନ୍ଦ୍ର, ମଳୟ, ପ୍ରଣୟିନୀ, ସଂଯୋଗର ପୁରୁଣା ସ୍ତୁତି ନୂଆ ଛନ୍ଦରେ ଗାଇବାରେ ବିଭୋର; ଅନ୍ୟ କେତେ ପ୍ରଗତି, ଉତ୍କଟପନ୍ଥୀ, ବୈପ୍ଲବିକ ନାମରେ ଗୋଟିଏ ସ୍ୱପ୍ନିଲ ସାମ୍ୟବାଦର ରୁଦ୍ରତାଣ୍ଡବ; ଅଗ୍ନି-ଉଦ୍‌ଗୀରଣରେ ଅସମ୍ଭାଳ । କିନ୍ତୁ ଉଭୟରେ ପ୍ରାଚୀନ-ଆଧୁନିକର ସଂଯୋଗ ସ୍ଥାପନ, ସୌମ୍ୟତା ସମନ୍ୱିତ ଧୀର ରଚନାତ୍ମକ ଆଦର୍ଶବାଦର ଅଭାବ ପରିଲକ୍ଷିତ ହୁଏ । ଆମର ଆଶା, ସେ ଆଦର୍ଶରେ କ୍ରମେ ଆମର ସାହିତ୍ୟିକ ମଣ୍ଡଳୀ ଅନୁପ୍ରାଣିତ ହୋଇ ଜାତୀୟ ସାହିତ୍ୟ ସଙ୍ଗେ ଜାତୀୟ ଜୀବନକୁ ଜାଗ୍ରତ, ସ୍ୱଚ୍ଛ, ବିକାଶୋନ୍ମୁଖ କରିବେ ।

× × × ×

ରବୀନ୍ଦ୍ର ସାହିତ୍ୟ ସମ୍ମିଳନୀ ପକ୍ଷରୁ କଲିକତାରେ ନାନାବିଧ ପ୍ରତିଯୋଗିତା ହୋଇ ଇତି ମଧ୍ୟରେ ପୁରସ୍କାର ବିତରଣ କରାଯାଇଥିଲା । ନିଖିଳଭାରତ ରବୀନ୍ଦ୍ର ସ୍ମୃତିରକ୍ଷା ଅନୁଷ୍ଠାନ ପକ୍ଷରୁ 'ରବୀନ୍ଦ୍ର ଭାରତୀ'କୁ ବଙ୍ଗ ସରକାର ସ୍ୱର୍ଗତଃ କବିବରଙ୍କ ଜୋରାସାଙ୍କୋ ଘର ଅର୍ପଣ କରି ଦେଇଛନ୍ତି । ତାହିଁରେ ଉପରୋକ୍ତ ଅନୁଷ୍ଠାନ ସଂସ୍କୃତି-କେନ୍ଦ୍ର, ପ୍ରଦର୍ଶନୀ, ଯାଦୁଘର, ରଙ୍ଗମଞ୍ଚ, କଳା-କେନ୍ଦ୍ର ଇତ୍ୟାଦି ସ୍ଥାପନ କରିବାର ଉଦ୍ୟମ କରୁଛନ୍ତି । ବିଖ୍ୟାତ ଔପନ୍ୟାସିକ ବଙ୍କିମ ଚନ୍ଦ୍ରଙ୍କ ସ୍ମୃତିରକ୍ଷା ଉପଲକ୍ଷରେ ତାଙ୍କର ଜନ୍ମସ୍ଥାନ ପଲ୍ଲୀରେ ଉଦ୍ୟମ କରାଯାଉଛି । ଆସାମରେ ବଙ୍ଗଭାଷା ଓ ସଂସ୍କୃତି ରକ୍ଷା କରିବା ପାଇଁ ଶ୍ରୀଯୁକ୍ତ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ବିରାଟ ସଭା ଅନୁଷ୍ଠିତ ହୋଇ କର୍ମପନ୍ଥା ସ୍ଥିର କରାଯାଇଛି । 'ବଙ୍ଗଭାରତୀ' ନାମରେ ଗୋଟିଏ ଆନ୍ତଃପ୍ରାଦେଶିକ ସାଂସ୍କୃତିକ ଅନୁଷ୍ଠାନ କଲିକତା ବିଶ୍ୱବିଦ୍ୟାଳୟର ଖ୍ୟାତନାମା ଅଧ୍ୟାପକ ଡାକ୍ତର କାଳିଦାସ ନାଗ ତାହାଁର ସଭାପତି । କେତେଦିନ ତଳେ 'ଭାରତୀ ତାମିଲ ସଂଘ' ପକ୍ଷରୁ ଶ୍ରୀଯୁକ୍ତ [illegible]. ଏସ୍. କୃଷ୍ଣନ୍. ସ୍ୱର୍ଗତଃ ତାମିଲ କବି ଶୁବ୍ରମନ୍ୟ ଭାରତୀଙ୍କ ଜୀବନୀ ଓ କବିତା ସମ୍ବନ୍ଧେ କଲିକତାରେ ଆନ୍ଧ୍ର ଏସୋସିଏସନ ପ୍ରେମିସେସ୍ (Premises)ରେ ଭାଷଣ ଦେଇଥିଲେ । ସେହି ସଭାରେ ଅଧ୍ୟାପକ ନାଗ ଭାରତୀ ଜଣେ ବିଶ୍ୱବାଦୀ (Universalist) ବୋଲି କହି ତାଙ୍କୁ ବିବେକାନନ୍ଦ, ରାମକୃଷ୍ଣ, ରବୀନ୍ଦ୍ର, ନିବେଦିତାଙ୍କ ସଙ୍ଗେ ତୁଳନା କରିଥିଲେ । ପୁଣି ସେ ଆନ୍ତଃପ୍ରଦେଶୀୟ ସଂସ୍କୃତି ଓ କଳାର ପରସ୍ପର ବିନିମୟମୂଳକ ଶିକ୍ଷା ଓ ପ୍ରସାରର ଆବଶ୍ୟକତା ଅନୁଭବ କରି ସେ ସମ୍ବନ୍ଧେ ଗୋଟିଏ ମାସିକ ପତ୍ରର ପ୍ରକାଶ ଲୋଡ଼ା ବୋଲି କହିଥିଲେ । Indian finance ପତ୍ରିକାର ସମ୍ପାଦକ ସି. ଏସ. ରଙ୍ଗସ୍ୱାମୀ କବିଙ୍କର ଅନୁପମ ଜାତୀୟ ଭାବର ବିଶ୍ଳେଷଣ କରି ସାଧାରଣ ନର-ନାରୀର ହୃଦୟ ତାଙ୍କର ଗୀତ-ସ୍ୱରରେ କିପରି ଝଂକୃତ ହୋଇଛି, ସେ କଥା ବୁଝାଇଥିଲେ । ଇତି ମଧ୍ୟରେ ପୁଣି ଶ୍ରୀଯୁକ୍ତ ରାଜଗୋପାଳାଚାରୀଙ୍କ ଉଦ୍ୟମରେ ବିଶ୍ୱ-ଭାରତୀ (ଶାନ୍ତି-ନିକେତନ)ରେ ଦକ୍ଷିଣ ଭାରତ ସଂସ୍କୃତି ତଥା ତାମିଲ ସାହିତ୍ୟ ଓ ସଂସ୍କୃତିର ଚର୍ଚ୍ଚାପାଇଁ ଆୟୋଜନ କରାଯାଇଛି ।

ଏ କଥା ଗୁଡ଼ିକ ଅବଗତ ହୋଇ ଆମେ ଭାବୁଛୁ—ଓଡ଼ିଆ କବି ତଥା ସାହିତ୍ୟିକଙ୍କ ସ୍ମୃତି-ରକ୍ଷା ତଥା ପ୍ରତିଭା ପୂଜାପାଇଁ ତଥା ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଚର୍ଚ୍ଚା ଓ ପ୍ରଗତି ଲାଗି ଆମ ଦେଶରେ ସରକାର ତଥା ଲୋକ ସାଧାରଣଙ୍କ ଏ ଭଳି ଉଦ୍ୟମ ମାନ କାହିଁ ? ଅନୁଷ୍ଠାନ କାହିଁ ? ଆଗ୍ରହ ଓ କର୍ମପନ୍ଥା କାହିଁ ? ଓଡ଼ିଶା ସାହିତ୍ୟ ଓ ସଂସ୍କୃତିର ବଙ୍ଗ ବା ତାମିଲ ସାହିତ୍ୟ ଓ ସଂସ୍କୃତିଠାରୁ କି କିଛି ସାର ବା ବୈଶିଷ୍ଟ୍ୟ ବା ମୂଲ୍ୟ ନାହିଁ ? ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟ, କୃଷ୍ଣସିଂହ, ରାଧାନାଥ, ମଧୁସୂଦନ, ଫକୀର ମୋହନ,



Digitized by srujanika@gmail.com

ଗଙ୍ଗାଧର—ସାହିତ୍ୟ କ୍ଷେତ୍ରରେ ଏମାନଙ୍କର ଅବଦାନ ବା ମୂଲ୍ୟସ୍ଥାନ ? ବିଶ୍ୱ-ସାହିତ୍ୟ-କୋଠରିରେ ଏମାନଙ୍କର କି ସ୍ଥାନ ନାହିଁ ? ଆମର ବିଶ୍ୱାସ—ନିଶ୍ଚୟ ଥିବ ସ୍ଥାନ ଅଛି । ଆମଭଳି ଅଯୋଗ୍ୟ ଦାୟାଦଙ୍କର ଅସାମର୍ଥ୍ୟ, ଅପାରଗତା, ଅଜ୍ଞତା, ଆଳସ୍ୟ, ହୀନ ମନୋବୃତ୍ତି ଯୋଗୁଁ ସେ ସ୍ଥାନ ଲୋକ ଚକ୍ଷୁର ଅନ୍ତରାଳରେ ରହିଛି । ପୁଣି ଏ ଦିଗରେ ଆମର ବିଜ୍ଞ ଅଧ୍ୟାପକମାନେ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ କଅଣ କରୁଛନ୍ତି ? ଓଡ଼ିଶାରେ ସ୍ୱର୍ଗତ ଓଡ଼ିଆ ସାହିତ୍ୟିକଙ୍କ ନାମରେ କେତୋଟି ଅନୁଷ୍ଠାନ ନ ଥାଇ ନାହିଁ—ଯେପରି ସମ୍ବଲପୁରର ଗଙ୍ଗାଧର ସାହିତ୍ୟ ପରିଷଦ, ଆଠଗଡ଼ର କୃଷ୍ଣସିଂହ ସାହିତ୍ୟସଂଘ, ଘୁମୁସରର ଉପେନ୍ଦ୍ର ସାହିତ୍ୟ ପୀଠ, ଇତ୍ୟାଦି । କିନ୍ତୁ ସେ ଗୁଡ଼ିକର କାର୍ଯ୍ୟକ୍ରମ ଆଦୌ ଯଥେଷ୍ଟ ହୋଇନାହିଁ । ବିଶେଷତଃ ଯେଉଁ ନାମରେ ଅନୁଷ୍ଠାନ ଗଢ଼ା ଯାଉଛି, ତାହାର ସାର୍ଥକତା ରକ୍ଷା ଦିଗରେ ଜଣେ ଜଣେ କବି ବା ଲେଖକଙ୍କ ଜୀବନୀ ଓ ଲେଖାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଆଧୁନିକ ସମାଲୋଚନାର ଯୁଗୋପଯୋଗୀ ରୀତିରେ ଗଭୀର ଶିକ୍ଷା (Intensive study) କରାଯାଉ ନାହିଁ ! ପୁଣି ଆମ ପକ୍ଷରେ ସ୍ମୃତି ରକ୍ଷାର ଅର୍ଥ ହୋଇଛି, ବର୍ଷରେ ଦିନେ ଜଗତରେ ଅଧେ ସଭା କରି କିଛି କହିଦିଆ । ତାହା ମଧ୍ୟ ସମସ୍ତଙ୍କ ପାଇଁ ଠିକ୍ ଭାବରେ ହେଉନାହିଁ । ସ୍ମୃତିରକ୍ଷା ବ୍ୟକ୍ତିଗତ, ସାମୟିକ ନ ହୋଇ ଧାରାବାହିକ ଅନୁଷ୍ଠାନଗତ କୃଷ୍ଟି ଓ ଗଠନମୂଳକ ହେଲେ ଜାତୀୟ ଉଦ୍‌ବୋଧନ ଓ ବିକାଶପରମ୍ପରାରେ ସହାୟକ ହୁଏ, ଏକଥା ଆମେ ଯେପରି ଭୁଲି ନ ଯାଉ । ଓଡ଼ିଆ ଭାଷା ଓ ସାହିତ୍ୟର ନିଜ ପ୍ରଦେଶରେ ଏ ଅବସ୍ଥା; ଅନ୍ୟ ପ୍ରଦେଶରେ ତାର ପ୍ରତିଷ୍ଠା ଆଶା କରିବା ବା କାହିଁକି ? ତଥାପି ପରରେ ପ୍ରତିଷ୍ଠା ନ ହେଲେ ଆତ୍ମ ଘରରେ ହେବା କଷ୍ଟକର ହୋଇପଡ଼େ । ଶୁଣିଛି—ମନ୍ୟ ଭାରତୀ ପରି କାବ ଓଡ଼ିଆ ସାହିତ୍ୟରେ ଅଛନ୍ତି କି ନାହିଁ କହି ପାରିଲୁ ନାହିଁ । ତଥାପି ତାଙ୍କ ବିଶ୍ୱବାଦର ବା ଲୋକ—ହୃଦୟ—ଝଙ୍କୃତ ଗୀତର ଓଡ଼ିଆ ସାହିତ୍ୟରେ ଅଭାବ ନାହିଁ, ଏକଥା କହି ପାରିବୁ । ଅଭାବ—ଆମର ପ୍ରକାଶ, ସାହସ । ବାସ୍ତବିକ୍ ଆନ୍ତର୍ ପ୍ରାଦେଶିକ ସଂସ୍କୃତି ଓ କଳାଚର୍ଚ୍ଚା ପାଇଁ ମାସିକ ପତ୍ର ଲୋଡ଼ା । ଏ ଉଦ୍ଦେଶ୍ୟରେ ମାନ୍ଦ୍ରାଜର ବିଖ୍ୟାତ ମାସିକ-ପତ୍ର 'ତ୍ରିବେଣୀ' ସ୍ଥାପିତ ହୋଇଥିଲା । ତହିଁରେ କେତେ ବର୍ଷ ପୂର୍ବେ ଆମେ ଶ୍ରୀଯୁକ୍ତ କପିଳେଶ୍ୱର ଦାସଙ୍କର ଓଡ଼ିଆ ଭାଷା ସାହିତ୍ୟ ସମ୍ବନ୍ଧେ କେତୋଟି ଲେଖା ଦେଖିଥିଲୁ । ଏଭଳି ପତ୍ରିକାର ପ୍ରସାର ଲୋଡ଼ା । ପୁଣି ସେଥିରେ ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ବନ୍ଧେ ବହୁଳ ଲେଖା ପ୍ରକାଶ କରିବା ଦିଗରେ ଆମର ସାହିତ୍ୟିକବର୍ଗ ମନ ଦିଅନ୍ତୁ । ଶାନ୍ତି-ନିକେତନରେ ଓଡ଼ିଆ ଭାଷା ଓ ସାହିତ୍ୟର ଚର୍ଚ୍ଚା ପାଇଁ ସ୍ଥାନ ଅଛି କି ନାହିଁ, ଜଣାନାହିଁ । ଥିଲେ ମଧ୍ୟ ତାହା ଆଶିକ ଦିଶିବା ଭଳି ନୁହେଁ । ପୂର୍ବରୁ କହିଛୁ, ସବୁ ଆନ୍ତର୍ ପ୍ରାଦେଶିକ, ଆନ୍ତର୍ ଜାତୀୟ ଅନୁଷ୍ଠାନ ମାନଙ୍କରେ ବଳିଷ୍ଠ ସମର୍ଥ ଓଡ଼ିଆ ପ୍ରତିନିଧି ରକ୍ଷା କରିବା ଆମର ବର୍ତ୍ତମାନ କ୍ଷେତ୍ରରେ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ।

× × × ×

ଓଡ଼ିଶାର ମାନ୍ୟବର ଲାଟଙ୍କ ସଭାପତିତ୍ୱରେ ବଙ୍ଗୀୟ ସାହିତ୍ୟ ପରିଷଦ ପକ୍ଷରୁ ପୁରୀଠାରେ କଲିକତା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ନୀହାର ରଞ୍ଜନ ରାୟ ଉତ୍କଳର ସଂସ୍କୃତି ଓ କଳା ତଥା ଜଗନ୍ନାଥ ମନ୍ଦିରର ପ୍ରତ୍ନତତ୍ତ୍ୱ ସମ୍ବନ୍ଧେ ଭାଷଣ ଦେଇଥିଲେ । ପରେ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ବୀରେନ୍ ମିତ୍ର ଉତ୍କଳୀୟ ସ୍ଥାପତ୍ୟ ଓ କାରୁକାର୍ଯ୍ୟ ସମ୍ବନ୍ଧେ ଭାଷଣ ଦେଇଥିଲେ । ଆମେ ପଚାରୁ ଅନ୍ୟ ପ୍ରଦେଶ ମାନଙ୍କରେ ସେ ପ୍ରଦେଶ ମାନଙ୍କର ଲାଟ ତଥା ସର୍ବଶ୍ରେଷ୍ଠ ନେତୃବର୍ଗଙ୍କ ସାହାଯ୍ୟ ସହାନୁଭୂତି ପ୍ରାପ୍ତ ଏଭଳି କେତୋଟି ଓଡ଼ିଆ ସାହିତ୍ୟ ଅନୁଷ୍ଠାନ ଅଛି ? ସେ ଅନୁଷ୍ଠାନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର କେତେଜଣ ଅଧ୍ୟାପକ ସେହି ସେହି ପ୍ରଦେଶର ସାହିତ୍ୟ, ସ୍ଥାପତ୍ୟ, କଳା, ପ୍ରତ୍ନତତ୍ତ୍ୱରେ ଇତ୍ୟାଦି



Digitized by srujanika@gmail.com

ଗବେଷଣା ମୂଳକ ଭାଷଣ ଦେଉଛନ୍ତି ? ଷୋଳର କଥା, ବିଶାଳ ବୃହତ୍ତର ଉତ୍କଳର ସ୍ୱପ୍ନ ଆମେ ଦେଖିଲେ ଦେଖିଦେଶି ବଳବଳେଇ ଉଠୁ— କିନ୍ତୁ ସେ ସ୍ୱପ୍ନର ରୂପ ପରିକଳ୍ପନା, କର୍ମଛନ୍ଦ, ବାସ୍ତବରୂପ ପ୍ରତି ଆମେ କେତେଦୂର ଅଗ୍ରଣୀ; ତାହା କହିହେବ ନାହିଁ ।

× × × ×

ଅଭିଜ୍ଞ ମହଲରୁ ପ୍ରକାଶ ପାଇଛି—ଭାରତ ସରକାର ଗୋଟିଏ ସ୍ୱତନ୍ତ୍ର ଅନ୍ଧ୍ର ପ୍ରଦେଶ ଗଠନ ପାଇଁ ତାଙ୍କର ସମ୍ମତି ଦେବାର ସ୍ଥିର କରିଛନ୍ତି ପୁଣି ନିକଟରେ ଏ ସମ୍ବନ୍ଧେ ସରକାରୀ ବିଜ୍ଞପ୍ତି ବାହାରିବ । ଏ ସମ୍ବାଦ ବାହାରୁ ତାହାରୁ କଲିକତାର ଖ୍ୟାତନାମା ପତ୍ରିକା "ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ" ସମ୍ପାଦକୀୟ ଲେଖିଛନ୍ତି—'ଏଥିରୁ ପରିଷ୍କାର ଜଣାଯାଉଛି ଭାଷାସୂତ୍ରରେ ପ୍ରଦେଶ ପୁନର୍ଗଠନର ଏହା ପ୍ରଥମ ସୋପାନ । କଂଗ୍ରେସ ଏ ନୀତି ସମର୍ଥନ କରୁଛି । ଭାରତର ଅନେକ ପ୍ରଦେଶର ସୀମା ବ୍ରିଟିଶ ଶାସନରେ କେବଳ କେତେକ ଐତିହାସିକ ଘଟଣା ଯୋଗେ ନିର୍ଣ୍ଣୀତ ହୋଇଛି—ଯୁକ୍ତିଯୁକ୍ତ କାରଣ ଯୋଗେ ନୁହେ । ଏ କଥା ନାହିଁ କରିବାର ବାଟ ନାହିଁ । ଭାଷା ସୂତ୍ରରେ ପ୍ରଦେଶ ଗଠନ ଏପରି ଗୋଟିଏ ଏକତା ଓ ସମତା ଆଣିବ, ଯାହା ଶାସନ-ସଂସ୍ଥା ଦିଗରୁ ବହୁତ ସୁବିଧାଜନକ ହେବ । ଏ ସମ୍ପର୍କରେ ପଡ଼ୋଶୀ ପ୍ରଦେଶ ମାନଙ୍କର ବଙ୍ଗାଳି ଭାଷୀ ଅଞ୍ଚଳ ଗୁଡ଼ିକ ବଙ୍ଗ ପ୍ରଦେଶରେ ମିଶାଇବାର ପ୍ରଶ୍ନ ସ୍ୱାଭାବିକ ଭାବରେ ଉଠୁଛି...।' "ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ" ପତ୍ରିକା ଖାଲି ବଙ୍ଗର ନୁହେ, ଭାରତର କଂଗ୍ରେସର ବୋଲି ପରିଚିତ । ତଥାପି ସାଧାରଣ ନୀତି ଆଲୋଚନା କରୁ କରୁ ସେ ବଙ୍ଗ କଥା ପେଟରେ ରଖି ପାରିଲେ ନାହିଁ । Blood is thicker than water ବଙ୍ଗାଳି-ଭାଷୀ ଅଞ୍ଚଳ ଗୁଡ଼ିକ ବଙ୍ଗ ପ୍ରଦେଶରେ ମିଶାଇବାର ପ୍ରଶ୍ନ ଉଠୁଛି—ଓଡ଼ିଶାର ପଡ଼ୋଶୀ ପ୍ରଦେଶ ମାନଙ୍କର ଓଡ଼ିଆଭାଷୀ ଅଞ୍ଚଳ ଗୁଡ଼ିକ ଓଡ଼ିଶାରେ ମିଶାଇବାର ପ୍ରଶ୍ନ କି ଉଠୁନାହିଁ ? ଉଠୁଛି କିନ୍ତୁ କିଏ କହିବାକୁ ନାହିଁ—ପରିଚିତ୍ର କରିବାକୁ ନାହିଁ, କଳାକୌଶଳ ଖଞ୍ଜିବାକୁ ନାହିଁ, ଶାସନ ଭଳି ମୋହ ଦେବାକୁ ନାହିଁ, ବଙ୍ଗଳାର କରିବାକୁ ନାହିଁ—ସେଥିପାଇଁ ଉଠୁନଥାଇ ପାରେ । ପୁଣି, ବଙ୍ଗ ପ୍ରଦେଶର ଗୋଟିଏ ପଡ଼ୋଶୀ ପ୍ରଦେଶ ଓଡ଼ିଶା; ଓଡ଼ିଶାର କେଉଁ ଅଞ୍ଚଳ ବଙ୍ଗାଳଭାଷୀ ? ଭାଷାସୂତ୍ରରେ ପ୍ରଦେଶ ଗଠନ ଏକ ପ୍ରକାର ଏକତା ଓ ସମତା ଆଣିପାରେ । ତାହା ସଙ୍ଗେ ମଧ୍ୟ ଆଣିପାରେ ଭାଷାଗତ ସଂଖ୍ୟା ଲଘିଷ୍ଠ ସମସ୍ୟା ପ୍ରାଦେଶିକ ସୀମାନ୍ତିତ ଅଞ୍ଚଳପାଇଁ ପରସ୍ପର ପ୍ରଦେଶର ବାଦ ବିବାଦ, କଳହ; ସଂଘର୍ଷ, ମନୋମାଳିନ୍ୟ ଇତ୍ୟାଦି । କଥାଟାକୁ ରଙ୍ଗେଇ ଦେଖିଲେ ଲାଭ କଅଣ ? କେଶ, କଦଳୀ ଖାଇବୁ କି ? ହଁ । ପଇସା ? ବଣ କଦଳୀ ବୋଲି ଜାଣିଥିଲି ନା । ବର୍ପିଠ ଖୋଇବ ଯିଏ, ବାଡ଼ିକି ହଗେଇ ନେବ ସିଏ । ଭାଷା ସୂତ୍ରରେ ପ୍ରଦେଶ ସବୁ ପୁନର୍ଗଠିତ ହେଉ । ତହିଁ ସଙ୍ଗେ ଉପରୋକ୍ତ ସଂଘର୍ଷ ସମାଧାନର ସନ୍ତୋଷ ଜନକ ସମାଧାନ କେନ୍ଦ୍ର ସରକାର ତଥା ନେତୃବର୍ଗ ନକଲେ, ଏହାର ଘୋର ଅଶାନ୍ତି ବଢ଼ାଇବାରେ ଏହା ଆଉ ଗୋଟିଏ କାରଣ ହେବ । ପାରିବାର ସଂଖ୍ୟା ଲଘିଷ୍ଠ ସବୁ ସୁବିଧା ମାରିନେଇ ଘୋର ଅନ୍ୟାୟ ହେବାର ଉଦ୍ଦିମ ବଜାଇବେ—ଯଥା ଓଡ଼ିଶାରେ ଆନ୍ଧ୍ର, ବଙ୍ଗାଳି । ଅପାରିବାର ମୁଣ୍ଡରେ ହାତ ଦେଇ ବସିବେ—ଯଥା ମାନ୍ଦ୍ରାଜୀ, ସିଂହଭୂମ, ମେଦିନୀପୁର ଓଡ଼ିଆ । ନ୍ୟାୟ କି ମିଳିବ ?

× × × ×

ଗତ ସଂଖ୍ୟାରେ ଆମେ ହିନ୍ଦି ଭାରତର ରାଷ୍ଟ୍ରଭାଷା (Lingua Franca) ହେବାରେ ପ୍ରଚ୍ଛନ୍ନ ବଙ୍ଗାଳୀ ପ୍ରତିଦ୍ୱନ୍ଦିତା ସମ୍ବନ୍ଧେ ସୂଚନା ଦେଇଥିଲୁ । ଇତି ମଧ୍ୟରେ ତାହା ସ୍ପଷ୍ଟ ହୋଇଛି । ନିଖିଳ ଭାରତ ବଙ୍ଗଭାଷା ପ୍ରଚାର ସମିତି ପକ୍ଷରୁ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡାକ୍ତର ଶ୍ରୀ କୁମାର ବେନାର୍ଜି ଭାରତ ସରକାରଙ୍କୁ



Digitized by srujanika@gmail.com

ଜଣାଇଛନ୍ତି—ରାଷ୍ଟ୍ରଭାଷା ହେବାପାଇଁ ବଙ୍ଗାଳୀ ଭାଷାର ଦାବୀ ଅଛି । ଏ ଭାଷା ଦ୍ୱାରାହିଁ ଜାତୀୟ ସ୍ୱାଧୀନତାର ଆକାଂକ୍ଷା ଜାଗ୍ରତ କରାଯାଇଥିଲା । ବଙ୍କିମ ଚନ୍ଦ୍ର ଓ ରବୀନ୍ଦ୍ର ନାଥ ଅତୁଳନୀୟ । ଆନ୍ତର୍ଜାତିକ ସଭା-ସମିତିରେ ଭାରତର ଜାତୀୟ ମନ ଉନ୍ମୋଚନ ଗୌରବ ଓ ଉଦ୍ଦୀପକ ଭାବରେ ବଙ୍ଗାଳୀ ଭାଷାରେହିଁ କରାଯାଇପାରେ । ହିନ୍ଦି ଭାଷାକୁ କୃତ୍ରିମ ପ୍ରାଧାନ୍ୟ ଦେଇ ଉପରକୁ ଉଠାଇବା ପୁଣି ଅନ୍ୟ ଭାଷାଭାଷୀ ମାନଙ୍କୁ ହିନ୍ଦି ଭାଷା ପ୍ରତି ସମ୍ମାନ ଦେଖାଇବାକୁ ବାଧ୍ୟ କରିବା ଅନୁଚିତ । ବଙ୍ଗାଳୀ ରାଷ୍ଟ୍ରଭାଷା ନ ହେଲେ ଏ ଦେଶରେ ବୁଦ୍ଧି ବିକାଶରେ ଘୋର ଅନ୍ତରାୟ ଘଟିବ, ଚାରିତ୍ରିତାର ଘୋର ଅପଚୟ ଘଟିବ । ଗୋଟିଏ ଭାଷାରେ ରାଜନୈତିକ ବକ୍ତୃତା ଦେଲେ ସେ ବକ୍ତୃତା ସବୁ ମର୍ଯ୍ୟାଦା ଓ ସ୍ପନ୍ଦନ ଶକ୍ତି ହରାଇବ—ଇତ୍ୟାଦି । ଆସାମର 'ସିଲଙ୍ଗ ସାହିତ୍ୟ ଚକ୍ର' ଏ ସ୍ୱରରେ ସ୍ୱର ମିଳାଇଛନ୍ତି ।

ବଙ୍ଗାଳୀ ସୂକ୍ଷ୍ମ ପ୍ରଚାରର ଏ ଆଉ ଏକ ନମୁନା । ବଙ୍କିମଚନ୍ଦ୍ର ଓ ରବୀନ୍ଦ୍ରନାଥଙ୍କ ପ୍ରତିଭା ଆମେ ପୂଜା କରୁଛୁ । କିନ୍ତୁ ତାହା ସହିତ ବଙ୍ଗାଳୀ ଭାଷାର ରାଷ୍ଟ୍ରଭାଷା ହେବାର ସମ୍ବନ୍ଧ କିଛି ଦେଖିପାରୁନାହିଁ । ବଙ୍ଗାଳୀ ଭାଷା ଆଧୁନିକ ଯୁଗର ଉନ୍ନତି ଲାଭ କରିଥାଇ ପାରେ । କିନ୍ତୁ ତାହା ବୋଲି ସେ ଭାଷା ରାଷ୍ଟ୍ରଭାଷା ନ ହେଲେ ଆମର ବୁଦ୍ଧି ବୃତ୍ତି କିପରି ନିକୃଷ୍ଟ ହେବ ବା ଆମେ ବାଗ୍ମୀ ହୋଇ ପାରିବୁ ନାହିଁ ବା ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ଗୌରବ ପଡ଼ିବ ନାହିଁ—ଏ ଯୁକ୍ତିର ଯୁକ୍ତତା ଆମେ ବୁଝିପାରୁ ନାହିଁ । ଏଭଳି ବଙ୍ଗାଳୀ ପ୍ରଚାରକଙ୍କ ମନେ ରଖିବା ଉଚିତ, ପୃଥିବୀରେ କୌଣସି ଭାଷା ସ୍ୱତଃ ବଡ଼ ବା ସାନ ନୁହେଁ, ଉଚ୍ଚ ବା ନୀଚ ନୁହେଁ । ଭାଷା ଭାବ ପ୍ରକାଶର ନିମିତ୍ତ ମାତ୍ର । ସେ ଭାବ ଯେତେ ଉନ୍ନତ, ସେ ପ୍ରକାଶ ଭଙ୍ଗୀ ଯେତେ ସୁନ୍ଦର ଓ ମଧୁର, ଭାଷା ସେତିକି ଉନ୍ନତ, ସୁନ୍ଦର ଓ ମଧୁର ହୁଏ । ଯେ କୌଣସି ଭାଷା ଏପରି ହୋଇପାରେ—ଯଦି ସେହି ଭାଷାର କବି ଓ ଲେଖକ ତାକୁ ସେପରି କରିବାର ସମର୍ଥ ହୁଅନ୍ତି । ଆଜି ଯେଉଁ ଭାଷା ଅନୁନ୍ନତ ବୋଲି ଧରାଯାଏ, କାଲି ସେହି ଭାଷାରେ କବି ଓ ଦ୍ରଷ୍ଟା ଜନ୍ମଗ୍ରହଣ କରି ସେହି ଭାଷାକୁ ଉନ୍ନତ କରି ପାରନ୍ତି । ପୁଣି ରାଷ୍ଟ୍ରଭାଷା ହେବା ପାଇଁ ଭାଷାର ଆଧୁନିକ ଉନ୍ନତି ଯେତେ ଲୋଡ଼ା, ଭାଷାର ପରମ୍ପରା, ପ୍ରାଚୀନତା, ବହୁଲୋକ ବୋଧ, ବିଶାଳପ୍ରଚାର, ଔଚିତ୍ୟ, ଶାସନ-ପ୍ରଚଳନ ଅଧିକତର ଲୋଡ଼ା । ହିନ୍ଦିଠାରୁ ବଙ୍ଗାଳୀ କି ଏସବୁ ବିଷୟରେ ଅଧିକ ? ତେବେ ହିନ୍ଦିର ପ୍ରାଧାନ୍ୟ କିପରି କୃତ୍ରିମ ହେଲା ଆଉ ବଙ୍ଗାଳୀ ପ୍ରାଧାନ୍ୟ କିପରି ନୈସର୍ଗିକ ହେବ ? ରାଷ୍ଟ୍ରଭାଷା ଏକରୁ ଅଧିକ ହେଲେ ଅସୁବିଧା ବଢ଼ିବ । ତେବେ ଏ ବଙ୍ଗାଳୀ ପ୍ରଚାର ଦ୍ୱାରା ବିଷୟକୁ ଜଟିଳ କରାଯିବ କାହିଁକି ? ଏଠାରେ ବାଧ୍ୟତା କଥା ଉଠିଲା କେଉଁଠି ? ହିନ୍ଦି ବାଧ୍ୟତା ବାଧିଲେ ବଙ୍ଗାଳୀ ବାଧ୍ୟତା କି ଅଧିକ ବାଧିବ ନାହିଁ ? ପୁଣି ବଙ୍ଗାଳୀ ପ୍ରଚାରକଙ୍କ ମନେ ରଖିବା ଉଚିତ, ପ୍ରତ୍ୟେକ ପ୍ରଦେଶ ଭିତରେ ପ୍ରାଦେଶିକ ଭାଷାର ରହିବ—ସେପରି ବଙ୍ଗରେ ବଙ୍ଗାଳୀ ରହିବ । ଏପରିସ୍ଥଳେ ଅନ୍ୟ ପ୍ରଦେଶ ମାନଙ୍କରେ ରାଜନୈତିକ ବକ୍ତୃତା ବଙ୍ଗାଳୀରେ ହେବାପାଇଁ କାରଣ ରହିଲା କେଉଁଠି? ନିଖିଳ ଭାରତ ବଙ୍ଗଭାଷା ପ୍ରଚାର ସମିତି ମନେ ରଖିବେ ।

ଯା'ର ବର ତାକୁ ଶ୍ରୀକୃଷ୍ଣ ବର,
ଯା'ର ଘର ତାକୁ ବିପୁଳ ପୁର ।

ଏ ସମ୍ପର୍କରେ ଆମର ଗୋଟିଏ କଥା ମନେ ପଡ଼େ । ସଂସ୍କୃତ ଭାଷା ସବୁ ଭାରତୀୟ ଭାଷାର ଜନନୀ ପୁଣି ଓଡ଼ିଆ ଭାଷା ସଂସ୍କୃତର ଯେପରି ସ୍ନେହର ଦୁଲାଳୀ, ବୋଧହୁଏ ଅନ୍ୟ କୌଣସି ଭାଷା ସେପରି ନୁହେଁ । ବୈଜ୍ଞାନିକ ରୀତିରେ ଉଚ୍ଚାରଣ, ଧ୍ୱନି, ବିଭକ୍ତି, ପ୍ରୟୋଗ ଇତ୍ୟାଦିରେ ବୋଧହୁଏ ଓଡ଼ିଆ ସଂସ୍କୃତକୁ ଯେତେ ଠିକ ଭାବରେ ଅବଲମ୍ବନ ଓ ଅନୁକରଣ କରିଛି, ହିନ୍ଦି ବା ବଙ୍ଗାଳୀ ମଧ୍ୟ ତାହା କରିନାହିଁ । ତାହାଛଡ଼ା



Digitized by srujanika@gmail.com

ଲିପିହିସାବରେ ମଧ୍ୟ ଦେବନାଗରୀର ଓଡ଼ିଆ କୁଟିଳ ବୃତ୍ତାକାର ଅକ୍ଷର—ଲିପି ଯେତେ ତତ୍ସମ ଆଉ ଅନ୍ୟ କୌଣସି ଲିପି ନୁହେଁ । ଓଡ଼ିଆ ପ୍ରାଚୀନ ଭାଷା ଓ ଏହାର ପ୍ରାଚୀନ ସାହିତ୍ୟର ବିଭବ ସର୍ବସମ୍ମତ । ତେବେ ଭାରତର ରାଷ୍ଟ୍ରଭାଷା ଓଡ଼ିଆ ହେବନାହିଁ କାହିଁକି ? ବର୍ତ୍ତମାନ କ୍ଷେତ୍ରରେ ସେପରି ଦାବୀ କରିବାର ଅବକାଶ ଓ ଆସ୍ପର୍ଦ୍ଧା ଆମର ନାହିଁ । ତଥାପି ଯୁକ୍ତି ଛଳରେ ଆମକୁ ଏହା କହିବା ପାଇଁ ମନା କିଏ କରିବ ?

× × × ×

ନିକଟରେ କାଶୀଠାରେ ଯୁ. ପି. ର ଶିକ୍ଷାମନ୍ତ୍ରୀ ବାବୁ ସମ୍ପୂର୍ଣ୍ଣାନନ୍ଦଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ସାହିତ୍ୟ ସମ୍ମେଳନର ସପ୍ତମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ତହିଁରେ ସେ କହିଥିଲେ—'ଦୈନନ୍ଦିନ ଜୀବନରେ ବ୍ୟବହୃତ ଭାଷାର କେତେକ ଅଭାବ ଅଛି । ବିଜ୍ଞାନର ଗବେଷଣା ପାଇଁ, ଉଚ୍ଚ ଶିକ୍ଷା ପାଇଁ, ଆନ୍ତର୍ଜାତିକ ବାଣିଜ୍ୟ ପାଇଁ ଆବଶ୍ୟକୀୟ ପଦ ଓ ପ୍ରୟୋଗର ଅଭାବ ତହିଁରେ ଦେଖାଯାଏ । ସଂସ୍କୃତ ଭାଷା ବଙ୍ଗାଳୀ, ଗୁଜରାଟି, ମରହଟି, ତାମିଲ, ତେଲୁଗୁ, ମଲୟାଲମର ଆହରଣ—ଭଣ୍ଡାର—' ଇତ୍ୟାଦି । ଏଠାରେ ଓଡ଼ିଆ ଭାଷାର ନାଁ ଗନ୍ଧ କାହିଁ ? ସଂସ୍କୃତ ଗ୍ରନ୍ଥାଦିରୁ ଓଡ଼ିଆ ଭାଷା ଯେପରି ଆହରଣ ସୂତ୍ରରେ ନିଜକୁ ମଣ୍ଡନ ଓ ବର୍ଦ୍ଧନ କରିଛି, ଅନ୍ୟ କୌଣସି ଭାଷା କି ସେପରି କରିଛି ? ତଥାପି ତାର ନାଁ କାହିଁକି କିଏ ପକାଇବ ? ସବୁଥିରେ ତ ଅନାମିଆ—

+ + + +

ଗୌହାଟି ବିଶ୍ୱବିଦ୍ୟାଳୟ ପୋଷ୍ଟ—ଗ୍ରାଜୁଏଟ୍ ବିଭାଗରେ ଆସାମୀୟ ସଂସ୍କୃତିର ଶିକ୍ଷାପାଇଁ ପାଠ୍ୟ ବିଷୟ ଇତ୍ୟାଦିର ବ୍ୟବସ୍ଥା କରିବା ଗୋଟିଏ ପ୍ରଧାନ ବିଷୟ । ଏ ଶିକ୍ଷାରେ ସାଧାରଣ ଭାରତୀୟ ସଂସ୍କୃତିର ରୂପରେଖ ଶିକ୍ଷା ସଙ୍ଗେ ଆସାମର ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଐତିହ୍ୟ, ସମାଜ ଓ ଧର୍ମର ପରମ୍ପରା ଲୋକ—ସାହିତ୍ୟ ଓ ଆସାମ ଲୋକଙ୍କ ବିଷୟ ଜାଣିବାପାଇଁ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣ ଇତ୍ୟାଦିର ବିଶଦ ଚର୍ଚ୍ଚା ରହିବ । ଆସାମର ବିଶ୍ୱବିଦ୍ୟାଳୟ ଫିଟୁ ନ ଫିଟୁଣୁ ଏକଥା ସମ୍ଭବ ହେଲା ! ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଅନେକ ବର୍ଷ ଗଡ଼ିଗଲାଣି । ଏକଥା କାହାର ମନକୁ ଆସୁନାହିଁ? ଓଡ଼ିଆ ଜାତିର ଇତିହାସ, ପରମ୍ପରା, ସାହିତ୍ୟ, ସଂସ୍କୃତି, କଳା କି ଆମ ଦେଶର ଭାବ—ଭାଗ୍ୟ ସଂଗଠନ ତରୁଣଙ୍କର ପ୍ରଥମ ଅଧିତବ୍ୟ ବିଷୟ ନୁହେଁ ? ନିଜ କଥା ନ ଜାଣିଲେ ଶୂନ୍ୟ ପାଠିଆ ଗୀତରେ ଲାଭ କଅଣ ? ତହିଁରେ ମୌଳିକତା ବା ମେରୁଦଣ୍ଡ ରହିବ କିପରି ? ଓଡ଼ିଆ ସାହିତ୍ୟ ଇତ୍ୟାଦିରେ ଆସାମୀୟ ସାହିତ୍ୟରେ ଥିଲା ପରି କି କିଛି ବୈଶିଷ୍ଟ୍ୟ ନାହିଁ? ଏ ବ୍ୟବସ୍ଥା ନ କଲେ ସ୍ୱତନ୍ତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥ ବା ପ୍ରୟୋଜନ କଅଣ? ଆଶା କରୁ କର୍ତ୍ତୃପକ୍ଷ ତଥା ଆମର ବିଦୁଷୀ ମଣ୍ଡଳ ଏ ଦିଗରେ ଯଥାଶୀଘ୍ର ଅବହିତ ହେବେ ।

× × ×

ଶାସନ ସଂକ୍ରାନ୍ତରେ ବ୍ୟବହୃତ ଇଂରେଜୀ ପଦମାନଙ୍କର ବଙ୍ଗାଳୀ ପ୍ରତି ଶବ୍ଦର ତାଲିକା ପ୍ରକାଶ କରିବା ପାଇଁ ପଶ୍ଚିମ ବଙ୍ଗ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଏଥିପାଇଁ ବଙ୍ଗଳୀ ପରିଭାଷା କମିଟି ଗଢ଼ାଯାଇଛି । ତହିଁରେ ବିଖ୍ୟାତ୍ ଶିକ୍ଷାବିତ୍, ଅଧ୍ୟାପକ; ସାହିତ୍ୟିକ, ସରକାରଙ୍କର ପ୍ରକାଶ ଓ ଅନୁବାଦ ବିଭାଗର ଅଧ୍ୟକ୍ଷମାନେ ଅଛନ୍ତି । ଛମାସ ମଧ୍ୟରେ ଏମାନେ ଆବଶ୍ୟକୀୟ ସଂଗ୍ରହ ଓ ପ୍ରକାଶ କରି ସର୍ବ ସାଧାରଣଙ୍କ ପରାମର୍ଶ ଲୋଡ଼ିବେ । ଏଣେ ଏ ସମ୍ପର୍କରେ ବଙ୍ଗ ଦେଶର ବୈଜ୍ଞାନିକ ଓ ବିଜ୍ଞାନ ବିଷୟକ ଲେଖକମାନେ ଅଧ୍ୟାପକ ଏସ୍. ଏନ୍. ବୋଷଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟର ବିଜ୍ଞାନ କଲେଜରେ ସଭା କରି କଲେଜ ଶିକ୍ଷାର ସବୁ ବିଭାଗରେ ବଙ୍ଗାଳୀ ମାଧ୍ୟମ ରହିବା ପ୍ରସ୍ତାବକୁ ସ୍ୱାଗତ କରି ଲୋକ ସାଧାରଣଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାର ପ୍ରସାର, ବୈଜ୍ଞାନିକ ଅଭିମୁଖ୍ୟର ଅଭିବୃଦ୍ଧି ବିଜ୍ଞାନ ପରିଷଦର ପ୍ରତିଷ୍ଠା, ସେ ପରିଷଦ୍ ପକ୍ଷରୁ ବୈଜ୍ଞାନିକ ପଦ, ପ୍ରୟୋଗ, ଭାଷା ଇତ୍ୟାଦିର ସଂକଳନ କରି ତାହାକୁ ବଙ୍ଗାଳୀ ଭାଷାରେ ମାସିକ



Digitized by srujanika@gmail.com

ପତ୍ର, ପୁସ୍ତକ; ପୁସ୍ତିକା ଆକାରରେ ପ୍ରକାଶ ଓ ପ୍ରଚୁର ଇତ୍ୟାଦି ବିଷୟରେ ଆଲୋଚନା କରି କର୍ମପନ୍ଥା ଠିକ୍ କରିଥିଲେ ।

ସରକାରୀ ବିଜ୍ଞାପନ ପ୍ରାଦେଶିକ ଭାଷାକୁ ସରକାରୀ କରିବା ବିଷୟରେ ବାହାରୁ ଯାହାରୁ ବଙ୍ଗାଳୀଙ୍କର ଏ ଶ୍ରଦ୍ଧା, ଉଦ୍ୟମ, ଅଧ୍ୟବସାୟ ଇତ୍ୟାଦି ଦେଖିଲେ ମନେ ହୁଏ ବଙ୍ଗାଳୀଭାଷା ତଥା ଜାତି କାହିଁକି ଉନ୍ନତ ନ ହେବ ? ଓଡ଼ିଶାର ଚିତ୍ର କିନ୍ତୁ କି ଭିନ୍ନ ! ଏଠାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବ ବୋଲି ଗୋଟାଏ ପତ୍ରିକା-ସମ୍ବାଦ ଛଡ଼ା ସରକାରୀ ବିଜ୍ଞାପନ ବା ଅନ୍ୟ କିଛି ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ପୁଣି ଓଡ଼ିଆ ସରକାରୀ ଭାଷା ହେଲେ ତାକୁ ଉପଯୁକ୍ତ କରିବାର ସ୍ୱନଶବ୍ଦ ଶୁଭୁନାହିଁ । ପୁଣି ଓଡ଼ିଶାର ସ୍ୱତନ୍ତ୍ର ବିଜ୍ଞାନ କଲେଜ କାହିଁ ? ତାହାର ପରିସର କାହିଁ ? ବିଜ୍ଞାନ ଶିକ୍ଷା ପ୍ରସାର କଥା ବା କିଏ କହିବ ? ଆଜି କେତେ ଦିନ ଆସିଲା ଯେ ତମିରେ ସେ ତମିରେ ରହି ଜାତୀୟ ଗଠନର ମୂଳଦୁଆ ଉପରେ ଦୃଷ୍ଟି ନ ଦେଇ ଶୃଙ୍ଖଳ ରାଜନୈତିକ ପଡ଼ିଆରେ ବାଡ଼ିଆ ବାଡେଇ ହେଉଥିବା ?

× + +

ସମ୍ବାଦ ବାହାରିଥିଲା, ସୋନପୁରରୁ ବଙ୍ଗକୁ ୨୦୦୦ ଟନ୍ ଧାନ ନିଆଯିବ । ପୁଣି ଏକ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାର ବଙ୍ଗକୁ ୧୩୦୦୦ ଟନ୍ ଗହମ ପଠାଇଛନ୍ତି—ଅଷ୍ଟ୍ରେଲିଆରୁ ୮୦୦୦, ଆମେରିକାରୁ ୪୯୮୧, ଅନ୍ୟତ୍ର ବିଦେଶରୁ ୮୫୦୦ ଆସିବାର ବ୍ୟବସ୍ଥା ହୋଇଛି । ସିଆମରୁ ୭୦୦୦ ଟନ୍ ଆସିଛି । ୫୦୦୦ ଟନ୍ ବୋହେଇ ବମ୍ବେକୁ ଯାଉଥିବା ଗୋଟାଏ ଜାହାଜକୁ କେନ୍ଦ୍ର ସରକାର କଲିକତାକୁ ପଠାଇଛନ୍ତି । ବଙ୍ଗର ଏ ସାହାଯ୍ୟ ପାଇବାରେ ଆମେ ଆନନ୍ଦ ପ୍ରକାଶ କରୁଛୁ । କିନ୍ତୁ ବିଚାରୁଛୁ, ଓଡ଼ିଶାର କି ପରିସ୍ଥିତି ଏ ସମ୍ପର୍କରେ ବିଚାର୍ଯ୍ୟ ନୁହେଁ ? ଆମର ଅଭାବ କଥା ଦୂରେ ଥାଉ, ଓଲଟା ବୁଝାମଣାରେ ଏ ପ୍ରଦେଶକୁ ବଳକା ଆଖ୍ୟା ଦେଇ ଓଡ଼ିଆର ଜାତିର ଜୀବନ-ନାଡ଼ିକାକୁ ଖାଦ୍ୟ-ଚପ୍ରାଣୀ ସୂତ୍ରରେ ଦୁର୍ବଳ କରି ଦିଆ ଯାଉଛି । ଅଚ୍ଛା, ବଙ୍ଗ ବା ମାନ୍ଦ୍ରାଜର ଜମିଠୁ ଓଡ଼ିଶା ତୁଳନାରେ କିଛି କମ ବା ଅନୁର୍ବର ନୁହେଁ । ତେବେ ସେ ଗୁଡ଼ିକ ନିଅଣ୍ଟିଆ କାହିଁକି ? ଓଡ଼ିଶା ବଳକା କିପରି ? ଅସଲ କଥା, ସେ ପ୍ରଦେଶ ଗୁଡ଼ିକ ସବୁ ଜମିରେ ଖାଦ୍ୟ ଶସ୍ୟ ( Food crops ) ପକାନ୍ତି ନାହିଁ, ବ୍ୟବସାୟ ମୂଳକ ଶସ୍ୟ (Commercial Crops) ପକାଇ ତାହା ବିକି ଧନ ସଞ୍ଚୟ କରନ୍ତି, ସେ ଧନକୁ ମୂଳଧନ କରି କଳ-କାରଖାନା, ନାନାବିଧ ଶିଳ୍ପ-ବ୍ୟବସାୟ-ବାଣିଜ୍ୟ ଚଳାଇ ନିଜ ପ୍ରଦେଶ ତଥା ଜାତିକୁ ସମୃଦ୍ଧ କରନ୍ତି, ଉଦାହରଣ ସ୍ୱରୂପ ବଙ୍ଗର ଶତକଡ଼ା ୭୫ ଭାଗ ଟେକ୍ସ ଆଦାୟ ହୁଏ । ବେଶ୍ କଥା—ଧନରତ୍ନ ଭର୍ତ୍ତି କରିବେ, ନିଅଣ୍ଟିଆ ଦେଖାଇ ହେବେ । ଓଡ଼ିଶା ଆକାଶକୁ ଚାହିଁ ଖାଲି ଧାନ ଗଛ ପକାଉଥିବ; ତାହା ମଧ୍ୟ କିଛି ବୈଜ୍ଞାନିକ ଉନ୍ନତ-ଉତ୍ପାଦନ ସୂତ୍ରରେ ନୁହେଁ, ସେହି ପୁରୁଣା କାଳିଆ ଧରଣରେ; ଶିଳ୍ପ-ବ୍ୟବସାୟ-ବାଣିଜ୍ୟରେ ଭାରତ କୋଠୀରେ ତା' ନାମ ପଡ଼ିବ ନାହିଁ । ବଳକା ପ୍ରଦେଶ ବୋଲାଇବ—ତାର କଞ୍ଚାମାଲ ଖାଦ୍ୟ ଦେଶରୁ ଚାଲି ହୋଇଯିବ । ଏଣେ ନିଅଣ୍ଟିଆ ପ୍ରଦେଶରେ Standard of living ଓଡ଼ିଆର Standard of living ଠାରୁ ବହୁ ଅଂଶରେ ଅଧିକ ଥିବ । ଅଚ୍ଛା, ଅର୍ଥନୀତି, ଚଳିକି, ବଳକା-ନିଅଣ୍ଟର ବୁଝାମଣା ! ହଁ, ଓଡ଼ିଶାର ତ ଭାଗ୍ୟ ସେତିକି, କର୍ମଫଳ ସେତିକି !


+ + +

ମାନ୍ଦ୍ରାଜ ପ୍ରଦେଶରେ 'ରହି ଯାଇଥିବା ଓଡ଼ିଆ ବିଚ୍ଛିନ୍ନ ଅଞ୍ଚଳ ସବୁବେଳେ ନିଅଣ୍ଟିଆ । ବର୍ତ୍ତମାନର ଅନ୍ତର୍ ପ୍ରାଦେଶିକ କଣ୍ଟ୍ରୋଲ-ଚଳଣି ପୂର୍ବରୁ ଏ ଅଞ୍ଚଳକୁ ବ୍ରହ୍ମପୁର ତାଲୁକାରୁ ଚାଉଳ ନ ଆସିଲେ ଲୋକେ ଚଳୁ ନଥିଲେ । ଏବେ ମଧ୍ୟ ଦିନେ ଚଳି ପାରିବେ ନାହିଁ । ଖାଦ୍ୟ ଖାଦ୍ୟ ଉପବାସରେ ମରିଯିବେ । ସେଥିପାଇଁ ଏବେ ଚୋର ବଜାର ଚାଲିଛି । ଏ ଅଞ୍ଚଳର ଜମିରେ ଜଳ-ସେଚନ



Digitized by srujanika@gmail.com

ପ୍ରଣାଳୀର ବ୍ୟବସ୍ଥା ( Irrigation Project & Canal system) ଆଦୌ ନାହିଁ । ମହାନଦୀ ପ୍ରଣାଳୀ (Mahanadi Project)ର ଗଞ୍ଜାମ ଶାଖା ଦ୍ୱାରା ବାର ଲକ୍ଷ ଜମିରେ ଜଳସେଚନର ବ୍ୟବସ୍ଥା ହୋଇ ପାରିବାର ଜଣା ଯାଇଛି । ଏଣୁ ଏଥିଦ୍ୱାରା ଗଞ୍ଜାମର ଆଠ ଲକ୍ଷ ଏକର ଜମିକୁ ମିଶାଇ ବଳିଚ୍ଛିନ୍ନାଞ୍ଚଳର ଚାରିଲକ୍ଷ ଏକର ଜମିରେ ଜଳ ମାଡ଼ିପାରେ । ଏ ସୁବିଧା କମ୍ ନୁହେ । ପୁଣି କନ୍ଧମାଳର ପାର୍ବତ୍ୟ ଅଞ୍ଚଳରୁ କାଠ, ବାଉଁଶ, ନଇ ନ ଆସିଲେ ଏ ଅଞ୍ଚଳରେ ଖଣ୍ଡେ ଘର ଛାଆଁର ବା ଛପର ହୋଇ ପାରିବ ନାହିଁ; ଓଡ଼ିଆ ବ୍ରାହ୍ମଣ ନଥିଲେ, ତେଲୁଗୁଙ୍କର ଘରେ କୌଣସି ପୂଜା ଅର୍ଚ୍ଚା ବା ବ୍ରତ ବିବାହ କର୍ମ ହୋଇ ପାରିବ ନାହିଁ; ଧୋବା, ଭଣ୍ଡାରି, କୁମ୍ଭାର, ତେଲି ନ ଥିଲେ ତେଲୁଗୁ ଲୋକ ଘର ହୋଇ ପାରିବ ନାହିଁ, ଧୋବ ଧାଉଳିଆ ହୋଇ ପାରିବ ନାହିଁ, ଚୁଲିରେ ହାଣ୍ଡି ବସିବ ନାହିଁ । ମହୁରି-ଚିକିଟି-ସୁରଙ୍ଗୀ ବଣରୁ ଜାଳକାଠ ନ ଆସିଲେ ଚୁଲିରେ ନିଆଁ ଲାଗିବ ନାହିଁ । ପାଠକ ଏଥିରୁ ବୁଝିପାରିବେ ଏ ଅଞ୍ଚଳ କିପରି ଓଡ଼ିଆ ମାଲ ଯେବା ଉପରେ ନିର୍ଭର କରୁଛି । ଏ କଥା ଠିକ୍ ଭାବରେ ଏ ଅଞ୍ଚଳର କି ଓଡ଼ିଆ କି ଆନ୍ଧ୍ର ସମସ୍ତେ ବୁଝିଲେ ଓଡ଼ିଶାରେ ମିଶିବାପାଇଁ ସ୍ଥିର ହେବେ । ଲୋକ ସାଧାରଣ ଓଡ଼ିଆ-ଆନ୍ଧ୍ର ତଥା ଆମର ଯେ କୌଣସି କୃତ୍ରିମ ବିଦ୍ୱେଷ ବୁଝନ୍ତି ନାହିଁ । ପେଟ ପାଟଣାହିଁ ସେମାନଙ୍କର ସର୍ବସ୍ୱ । ବିଦ୍ୱେଷ କେବଳ ଚାକିରିଆ ମାନଙ୍କର । ଏସବୁ କଥା ଏ ଅଞ୍ଚଳରେ ତେଲୁଗୁ ଭାଷାରେ ଆନ୍ଧ୍ର ସାଧାରଣଙ୍କୁ ବୁଝାଇବାର ଉଦ୍ୟମ ଶୀଘ୍ର ହେଉ । ଏଥିପ୍ରତି ଆମେ ଏଠା ଓଡ଼ିଆ ସମାଜ ଓ ବିଚ୍ଛିନ୍ନାଞ୍ଚଳ କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।





Digitized by srujanika@gmail.com

# ପୁସ୍ତକ ପରିଚୟ

## ୧ । କଳାପୂର୍ଣ୍ଣୋଦୟ—

ମହାକାବ୍ୟ 'କଳା ପୂର୍ଣ୍ଣୋଦୟ' କବିବର ପିଙ୍ଗଳ ସୂର କବିଙ୍କ ଦ୍ୱାରା ତେଲୁଗୁ ଭାଷାରେ ଲିଖିତ । ଉକ୍ତ ମହାକାବ୍ୟର ବର୍ଣ୍ଣିତ ବିଷୟ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ କଥାବସ୍ତୁ ଚମତ୍କାର । ରାଜ କବି ଶ୍ରୀ ବିକ୍ରମ ଦେବ ବର୍ମା ଉକ୍ତ କାବ୍ୟର କଥା ବସ୍ତୁକୁ ଅବଲମ୍ବନ କରି ଓଡ଼ିଆ ଭାଷାରେ ଗଦ୍ୟାକାରରେ 'କଳାପୂର୍ଣ୍ଣୋଦୟ' (ନକଲା) ରଚନା କରିଅଛନ୍ତି । କବିବର ମହୋଦୟଙ୍କର ଭାବ ଓ ଭାଷାର ଉତ୍କର୍ଷତା ଓ ପାଣ୍ଡିତ୍ୟର ପ୍ରତିଭା ଉତ୍କଳରେ ସୁବିଦିତ । ସୁତରାଂ ଏଠାରେ ତାହାଁର ପୁନରାବୃତ୍ତି ଅନାବଶ୍ୟକ । ଏହି ଉପାଦେୟ ଗ୍ରନ୍ଥଟି ଉପହାର ପାଇ ଆମେ ଅଶେଷ ଧନ୍ୟବାଦ ଅର୍ପଣ କରୁଛୁ ।

## ୨ । କବିତା ପ୍ରସୂନ—

ଲେଖକ ଶ୍ରୀ ନାରାୟଣ ପଣ୍ଡା । ମୂଲ୍ୟ ଦୁଇ ଅଣା । ଦଶ ଗୋଟି କ୍ଷୁଦ୍ର କବିତାର ସମାବେଶ । କବିଙ୍କ ଲେଖନୀ ପରିପକ୍ୱ ହେବାର ସୂଚନା ମିଳେ । ବର୍ଣ୍ଣନା ଗୁଡ଼ିକ ସ୍ଥାନେ ସ୍ଥାନେ ଅତି ସୁନ୍ଦର ହୋଇ ପାରିଛି ।

## ୩ । ସମାସ ସୁମ ଗୁଚ୍ଛ—

ଲେଖକ—ଜୟପୁରାଧୀଶ୍ୱର ସାହିତ୍ୟ ସମ୍ରାଟ ଶ୍ରୀ ବିକ୍ରମ ଦେବ ବର୍ମା D. Litt.

ଜଟିଳ ସମାସ ସୂତ୍ର ଗୁଡ଼ିକ ସୁକୁମାର ମତି ଛାତ୍ର ଛାତ୍ରୀଙ୍କର ବୋଧଗମ୍ୟ ହେବା ଭଳି ଭାଷାରେ ଲେଖା ଯାଇଛି । ଏହିଭଳି ଗ୍ରନ୍ଥ ବହୁଳ ରଚନା ଦ୍ୱାରା ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଅତ୍ୟନ୍ତ ଉପକାରୀ, ସୁତରାଂ ଅତ୍ୟନ୍ତ ଆବଶ୍ୟକ । ଭବିଷ୍ୟତରେ ଏପରି ଅନେକ ଉପଯୋଗୀ ବହି ପ୍ରଣୟନ କରି ସାହିତ୍ୟ ସମ୍ରାଟ ମହୋଦୟ ଏହି ଦେଶକୁ ଦାନ କରନ୍ତୁ । ଏହାହିଁ ଆମର ବିନୀତ ଅନୁରୋଧ ।

## ୪ । ଚିର ଜୁହାର—

ଲେଖକ—ଶ୍ରୀ ବାଳକୃଷ୍ଣ ପଟ୍ଟନାୟକ ।

ବିଶ୍ୱଶାନ୍ତି ଓ ଜୟନ୍ତୀ ବିଷୟକ ଏହି କ୍ଷୁଦ୍ର କାବ୍ୟଟିର ରଚନା ସମୟୋପଯୋଗୀ ହୋଇଛି । ପାଠ କରି ତୃପ୍ତ ହେଲୁ । ବର୍ତ୍ତମାନ ଏହି ଧରଣ ବହିର ବହୁଳ ପ୍ରଚାର ଆବଶ୍ୟକ ।

## ୫ । ବିଭୂତି—

ଲେଖକ—ଶ୍ରୀ ନରସିଂହ ବେହେରା । ମୂଲ୍ୟ ଦଶଅଣା

ନାନା ବିଷୟ ମୂଳକ ଅନେକ ଗୁଡ଼ିଏ ପଦ୍ୟର ସମଷ୍ଟି । ରଚନା କୌଶଳରେ ଲେଖକ ଯଥେଷ୍ଟ ଦକ୍ଷତା ଦେଖାଇଛନ୍ତି । ବହିଟି ଲେଖକଙ୍କର ପ୍ରଥମ ଉଦ୍ୟମ ହେଲେହେଁ ଅନେକାଂଶରେ ସୁପାଠ୍ୟ ହୋଇ ପାରିଛି । ଲେଖକଙ୍କଠାରୁ ଆହୁରି ଏପରି ମାଧୁର୍ଯ୍ୟ ପୂର୍ଣ୍ଣ ବହି ଉପହାର ପାଇବାର ଆଶା ରହିଛି ।

## ୬ । ବୋହୂଙ୍କ ସୁଖ ଦୁଃଖ ଗୀତିକା—

ପ୍ରଥମ ଖଣ୍ଡ ଉତ୍କଳ ଗାଉଁଲି ଗୀତ—ମୂଲ୍ୟ ଦୁଇଟଙ୍କା ।

ପ୍ରକାଶକ—ଶ୍ରୀ ଚକ୍ରଧର ମହାପାତ୍ର

ପ୍ରଚ୍ଛଦ ପଟର ଛବିଟି ଅତି ସୁନ୍ଦର ଓ ମନୋଗ୍ରାହ୍ୟ ହୋଇଛି । ଭିତରେ ପୃଥକ ପୃଥକ ଗୀତ ମଧ୍ୟରେ ଭାବାନୁସରଣ କରି ମନୋହର ଛବି ଗୁଡ଼ିକ ଅତି ଚମତ୍କାର ଭାବେ ଅଙ୍କା ହୋଇଛି । ଗୀତଗୁଡ଼ିକ ଓଡ଼ିଶାର ସରଳ ଗ୍ରାମ୍ୟ ଜୀବନର ଅବିକଳ କଳରବ । ନିଶ୍ଚୟ ପ୍ରକାଶକ ମହୋଦୟ ଏ ବିଷୟରେ ବହୁତ ପ୍ରୟାସ ନେଇ ଦେଶର ଗୋଟାଏ ଅଭାବ ଦୂର କରିଛନ୍ତି । ଏହି ବହିଟି ବିଶ୍ୱକବି ରବୀନ୍ଦ୍ରନାଥ, ସାର ସୁଧାକିଷ୍ଟାନ, ସରୋଜିନୀ ନାଇଡୁ ପ୍ରଭୃତି ଲବ୍ଧପ୍ରତିଷ୍ଠ କବି ଓ ସାହିତ୍ୟିକ ବର୍ଗଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ସାର ସୁଧାକିଷ୍ଟାନ ଲେଖିଛନ୍ତି—ମୁଁ ଓଡ଼ିଆ ଓ ତାର ସଂସ୍କୃତିକୁ ଅଧିକ ମର୍ଯ୍ୟାଦା ଦେଇଥାଏ । ଏଠାରେ ଆମର ମନ୍ତବ୍ୟ ଅନାବଶ୍ୟକ ।

ଏଥିର ଦ୍ୱିତୀୟ ଖଣ୍ଡ 'କିଶୋରୀଙ୍କ ମେଳ ଗୀତିକା' ଓ ତୃତୀୟ ଖଣ୍ଡ 'ଗାଁ ପିଲାଙ୍କ ମେଳ ଗୀତିକା' ଆଶାକରୁ ଶ୍ରୀମାନ୍ ମହାଶୟ ଏହି ପ୍ରକାଶୋନ୍ମୁଖୀ ବହିଗୁଡ଼ିକ ଶୀଘ୍ର ପ୍ରକାଶ କରି ଏହି ଦେଶକୁ ଦାନ ଦେବେ । ଏହାହିଁ ଆମର ସ୍ୱାଗତ ।



Digitized by srujanika@gmail.com

# ନିୟମାବଳୀ

୧. 'ବୀଣା' ପ୍ରତ୍ୟେକ ଓଡ଼ିଆ ଚାନ୍ଦ୍ରମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ। ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପନ୍ଦର ତାରିଖରେ ପଠାଉ ଥିବେ।

୨. ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖାଥିବା ଉଚିତ। ରଚନାର ଶେଷ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ।

୩. ଲେଖକ ଡାକଟିକଟ ଯୋଗାଇ ଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ।

ସମ୍ପାଦକ, 'ବୀଣା'
ଟିକିଲି, (ବିଶାଖପାଟଣା ଜିଲ୍ଲା)

---

# ବିଜ୍ଞାପନ

୧. 'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୴, ଏହା ଅଗ୍ରୀମ ଦେୟ। ଗ୍ରାହକଙ୍କ ଇଚ୍ଛାନୁମତେ ଭି. ପି. ରେ ମଧ୍ୟ ପଠାଯିବ।

୨. ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦୷

୩. 'ବୀଣା' ସମ୍ପର୍କରେ ଯେ କୌଣସି କଥା ପତ୍ରଦ୍ୱାରା ଜାଣିବାକୁ ହେଲେ ଗ୍ରାହକମାନେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ।

୪. ଅଳ୍ପ କାଳ ପାଇଁ ଗ୍ରାହକ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ।

୫. ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ର ଆଦାନ ପ୍ରଦାନ କରିବେ।

୬. କୌଣସି କାରଣ ବଶତଃ 'ବୀଣା' ପାଇବାର ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ।

୭. ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ।

ପରିଚାଳକ, 'ବୀଣା'
ଟିକିଲି (ବିଶାଖପାଟଣା ଜିଲ୍ଲା)

---

## ବିଜ୍ଞାପନର ନିୟମାବଳୀ

| | |
|---|---|
| ଏକ ମାସ ନିମନ୍ତେ ପୃଷ୍ଠାର ପ୍ରତି ସ୍ତମ୍ଭର ଏକ ଧାଡ଼ିକୁ | ...ଟ ୦୪ |
| " " ପୂର୍ଣ୍ଣ ଏକ ପୃଷ୍ଠାକୁ ... | ...ଟ ୩୦୯ |
| ସେହି ବିଜ୍ଞାପନଟି ଛ ମାସ ଯାଏ ରଖିଲେ ପ୍ରତି ମାସକୁ ପ୍ରତି ଧାଡ଼ିକୁ | ...ଟ ୦।୶ |
| " " " " ପୂର୍ଣ୍ଣ ଏକ ପୃଷ୍ଠାକୁ ... | ...ଟ ୨୫୯ |

ପରିଚାଳକ 'ବୀଣା'
ଟିକିଲି (ବିଶାଖପାଟଣା ଜିଲ୍ଲା)

Digitized by srujanika@gmail.com

# ବିଜ୍ଞପ୍ତି

'ବୀଣା' ପାଇଁ ଏଜେଣ୍ଟ ଦରକାର । ଯେଉଁ ଏଜେଣ୍ଟମାନେ ଅନ୍ୟୂନ ପଞ୍ଚାବନ ନୂତନ ଗ୍ରାହକ ସଂଗ୍ରହ କରିବେ ସେମାନଙ୍କୁ ଶତକଡ଼ା ପଚିଶ ଟଙ୍କା କମିସନ ଦିଆଯିବ । ଅଧିକ ସଂଖ୍ୟକ ଗ୍ରାହକ ସଂଗ୍ରାହକମାନଙ୍କ ପକ୍ଷେ ଶତକଡ଼ା ତିରିଶ ମଧ୍ୟ ଦିଆଯିବ । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାରେ ଲେଖନ୍ତୁ ।

ପରିଚାଳକ, 'ବୀଣା'
କଟକ (ବଣାଗପାଟଣା ରୋଡ଼)

ପ୍ରିଣ୍ଟର:—ଶ୍ରୀ ନରସିଂହ ମିଶ୍ର,
'ଆର ପ୍ରେସ' ଚାଗପବାଦ, କଟକ

ପ୍ରକାଶକ ଓ ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ,
ବି. ଏ.

Digitized by srujanika@gmail.com



ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା

ବର୍ଷ ଦଶମ ସଂଖ୍ୟା

ସମ୍ପାଦକ—**ଶ୍ରୀ ମଧୁସୂଦନ ଦେବ**, ବି. ଏ.

Digitized by srujanika@gmail.com

# ସୂଚୀ


| କ୍ର: ନ: | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଅଭିଶପ୍ତ ଜଙ୍ଗଲ (ପ୍ରବନ୍ଧ) | ଶ୍ରୀ ଚକ୍ରଧର ମହାପାତ୍ର | ୩୬୯ |
| ୨. | ଧନଞ୍ଜର ସ୍ୱଭ (ଗଳ୍ପ) | ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ. | ୩୭୨ |
| ୩. | ମୁହୂର୍ତ୍ତି (କବିତା) | ଶ୍ରୀ ଶ୍ରୀବତ୍ସ ନାୟକ | ୩୭୪ |
| ୪. | ପେନିସିଲିନ୍ (ବୈଜ୍ଞାନିକ) | ଶ୍ରୀ ଗୋକୁଳାନନ୍ଦ ମହାପାତ୍ର, ବି. ଏସ୍. ସି. (ଅନର୍ସ) | ୩୭୫ |
| ୫. | ତୁଳପଲ ମୋହ କିବା ପ୍ରେମ (ଗଳ୍ପ) | ଶ୍ରୀ ପ୍ରହ୍ଲାଦ ମହାନ୍ତି | ୩୮୪ |
| ୬. | ନିସ୍ପତ୍ତି (କବିତା) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୩୮୭ |
| ୭. | ଚରମ ଦାନ (ଗଳ୍ପ) | ଶ୍ରୀ ବାମନଚରଣ ମିଶ୍ର, ବି. ଏ. ବି. ଟି. | ୩୮୮ |
| ୮. | ମହାରାଜା ପ୍ରତାପରୁଦ୍ର ଦେବ (ଐତିହାସିକ) | ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ | ୩୯୫ |
| ୯. | ପ୍ରକୃତି ସନ୍ତାନ (କବିତା) | ଶ୍ରୀ ମୁରଲୀପ୍ରସାଦ ମିଶ୍ର | ୩୯୭ |
| ୧୦. | ଆମ ସମାଜର ନାରୀ (ଗଳ୍ପ) | ଶ୍ରୀ ବେଣୀମାଧବ ପତି; ଯୁ. ଡ. ପି. | ୩୯୮ |
| ୧୧. | ଶେଷ ଗାଥା (କବିତା) | ଶ୍ରୀ ମହାଦେବ ମହାପାତ୍ର | ୪୦୦ |
| ୧୨. | ଖୋଲଚିଠି (ଗଳ୍ପିକ) | 'ବନମଲ୍ଲୀ' | ୪୦୧ |
| ୧୩. | ସମ୍ପାଦକୀୟ | | ୪୦୫ |
| ୧୪. | ପୁସ୍ତକ ପରିଚୟ | | ୪୧୪ |


Digitized by srujanika@gmail.com

# ତର୍ପଣ

ମହାମାନବ ମହାତ୍ମାଜୀ ଆଜି ନାହାନ୍ତି । ଯୁଗଜନ୍ମା, ଯୋଗଜନ୍ମା; ମହାନୁଭବ, ମହାପୁରୁଷ ମର୍ତ୍ତ୍ୟଧାମରୁ ଚାଲି ଯାଇଛନ୍ତି । ଅର୍ଦ୍ଧ-ଲଙ୍ଗଳା-ଫକୀର, ସବୁର ମହତ ତପସ୍ୱୀ ସ୍ୱର୍ଗ ଧାମରେ ପ୍ରବେଶ କରିଛନ୍ତି । ଭାରତ ସ୍ୱାଧୀନତାର ଅଗ୍ରଦୂତ, ସ୍ୱାଧୀନ-ଭାରତ-ରାଷ୍ଟ୍ରର ଜନକ ତଥା ସଂସ୍ଥାପକ ମୁହୂର୍ତ୍ତିକରେ ନର-କଳେବର ତ୍ୟାଗ କରିଛନ୍ତି ! ସତ୍ୟ-ଅହିଂସାର ଅବତାର, ଭାରତ ଧର୍ମ ତଥା ଭାରତ ଶକ୍ତିର ମର୍ମମନ୍ତ୍ର ବର୍ବର ହିଂସାର ପ୍ରଚଣ୍ଡ ଆଘାତରେ ଢଳି ପଡ଼ିଛନ୍ତି ! ହିମାଚଳ ଠାରୁ କୁମାରିକା ପର୍ଯ୍ୟନ୍ତ ଆଜି ସ୍ତବ୍ଧ, ଚକିତ, ସ୍ତମ୍ଭୀଭୂତ, ମ୍ରିୟମାଣ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଆଜି ତ୍ରସ୍ତ, ବିଷାଦ ଗ୍ରସ୍ତ । 'ବାଣୀ' ଆଜି ସେ ମହିମୋଜ୍ଜ୍ୱଳ ଅକଳନୀୟ ବିଶ୍ୱ-ଛନ୍ଦୋବନ୍ଦ୍ୟ ସ୍ମୃତିର ତର୍ପଣ କରି ଶାନ୍ତି, ସଦ୍‌ଗତି କାମନା କରୁଛି ।

ପଥ କାହିଁ ? ଗତି କୁଆଡ଼େ ? ଏକମାତ୍ର କର୍ଣ୍ଣଧାର ବିହୁନରେ ଭାରତ ଜାତୀୟତା ପୋତର ଗତି କୁଆଡ଼େ ? ସାମ୍ପ୍ରଦାୟିକ ତଥା ଅନ୍ୟାନ୍ୟ ସଂଘର୍ଷର ଉତ୍ତାଳ ତରଙ୍ଗ ଉପରେ ଉତ୍କ୍ଷିପ୍ତ ସେ ପୋତର ଗତି କୁଆଡ଼େ ? ଅଶାନ୍ତି—ବିପ୍ଳବ—ବିଭକ୍ତି ସଙ୍କୁଳ ରୋଗଗ୍ରସ୍ତ ଭାରତକୁ ଔଷଧ ଦେବା ପାଇଁ ଆଜି ଧନ୍ୱନ୍ତରୀ କାହାନ୍ତି ? ବିଧାତାର ମଙ୍ଗଳମୟ ଇଚ୍ଛା ପୂର୍ଣ୍ଣ ହେଉ ।

ଓଁ ଶାନ୍ତିଃ—ଶାନ୍ତିଃ—ଶାନ୍ତିଃ !!!


Digitized by srujanika@gmail.com

# ଅନୁରୋଧ

ଯେଉଁ ଗ୍ରାହକ ଗ୍ରାହିକାମାନେ 'ବୀଣା'ର ବାର୍ଷିକ ଦେୟ ଟ ୫୲ ଦେଇ ନାହାନ୍ତି ସେମାନେ ଦୟାପୂର୍ବକ ଏକାଦଶ ସଂଖ୍ୟା ପାଇବା ପୂର୍ବରୁ ଉକ୍ତ ଦେୟଟି ପଠାଇ ଦେବେ ବୋଲି ଅନୁରୋଧ କରୁ। ନଚେତ୍ ଏକାଦଶ ସଂଖ୍ୟା ଭି: ପି: ଯୋଗେ ପଠାଯିବ। ଆଶାକରୁ ସହୃଦୟ ଗ୍ରାହକମାନେ ଭି: ପି: କୁ ଫେରସ୍ତ ଦେଇ 'ବୀଣା'କୁ କ୍ଷତିଗ୍ରସ୍ତ କରିବେ ନାହିଁ।

ଶ୍ରୀ ଭବାନୀଶଙ୍କର ଦେଓ
ପରିଚାଳକ, 'ବୀଣା'

Digitized by srujanika@gmail.com



ପ୍ରଥମ ବର୍ଷ | ଦଶମ ସଙ୍ଖ୍ୟା

ଯସ୍ତେ ସ୍ତନଃ ଶୁଶଯୋ ଯୋମଯୋଭୁ
ର୍ଯା ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ ।

ପୌଷ ୧୩୫୪

ଯେନ ବିଶ୍ବା ପୁଷ୍ୟସି ବାର୍ଯାଣି
ସରସ୍ଵତୀ ତମିହ ଧାତବେ କଃ ॥

# ଅଭିଶପ୍ତ ଉତ୍କଳ

ଶ୍ରୀ ଚକ୍ରଧର ମହାପାତ୍ର

ଜାତିର ଅବହେଳାର ଅଂଶରେ ବସି ଏ ରଚନା ଲିପିବଦ୍ଧ କଲାବେଳେ, ସ୍ୱର୍ଗତା କୁନ୍ତଳାକୁମାରୀ ଆଖିକୁ ଦେଖାଯାନ୍ତି । ମୁଁ ୧୯୨୮ରେ ବ୍ରହ୍ମପୁର ମଧୁସ୍ମୃତି ସମ୍ମେଳନୀକୁ ତାଙ୍କ ସହିତ ଆସିଥିଲି । ସେଠାରୁ ଆମ୍ଭେମାନେ ଜୟମଙ୍ଗଳ ରଥଙ୍କ ସମ୍ବନ୍ଧରେ କାର୍ଯ୍ୟ ଦେଖିବାକୁ 'ଦୁର୍ଗୋଳା' ବୋଲି ଯାଇଥିଲୁଁ । ସଭାପତି ହୋଇଥିଲେ ସ୍ୱର୍ଗତ ଶଶୀଭୂଷଣ ରଥ । କୁନ୍ତଳାକୁମାରୀ ଦୀର୍ଘ ଦୁଇଘଣ୍ଟା ବକ୍ତୃତା କଲେ । ଅହ୍ୱାନ ଆସିଲା ମୋ'ଠି । ତରୁଣ ଯୁବକଟିଏ । ସ୍କୁଲ କଲେଜ ପାଠ ପଢ଼ି ନାହିଁ । ଦେଶର ବହୁ ସମ୍ଭ୍ରାନ୍ତ ଯୁବକ ଉପସ୍ଥିତ ଅଛନ୍ତି । କଣ କହିବି—କଣ ନ କହିବି ଭାବି ଚିନ୍ତିତ ହେଲି । କହିଲି 'ବନ୍ଧୁଗଣ ! ଏ ଦୁର୍ଗୋଳା ଅବହେଳାର ଯାହାଙ୍କ ଲାଗି ଏଠି ବକ୍ତା ହେବାର ସୁଯୋଗ ପାଉଛୁ ତାଙ୍କରି କଥାରୁ ଦପଦ କହେଁ ।

ଏଇ କୁନ୍ତଳାକୁମାରୀ ଯୌବନର ଉଚ୍ଛ୍ୱଳ ମନ୍ଦାକିନୀ ସ୍ରୋତରେ ବଡ଼ ବଡ଼ ଲୋକଙ୍କ ସଂସର୍ଗରେ ଆସି, ବଡ଼ ଘରର ଝିଅ ବୋହୂଙ୍କ ସଙ୍ଗିନୀ ହୋଇ ଏମନ୍ତ କି ବଡ଼ ବଡ଼ ସହର ବଡ଼ ବଡ଼ କୋଠା-ବାଡ଼ି ଦେଖି ମୁଗ୍ଧ ହୋଇ କବିତା ଲେଖିଲେ ଜନ୍ମଭୂମି ଉତ୍କଳ ଲାଗି—"ହୋଇଛି ଜାତି ମୁକ୍ତାମାଳିନୀ, କାନ୍ତ କମଳା ଜଳ ବିମଳା ଶସ୍ୟଶାଳିନୀ"—ଇତ୍ୟାଦି । ସେ ତାଙ୍କ ଆଖିରେ ନୀଳ ଚଷମା ପିନ୍ଧି ଦେଖିଥିଲେ, ତାଙ୍କର ଉତ୍କଳ ମାତାକୁ ସୁନ୍ଦରୀ, ଗୁଣବତୀ, ବୁଦ୍ଧିମତୀ, ଧନବତୀ ପୁତ୍ରବତୀ, କେବଳ ବସ୍ତ୍ର ସଫା ନୁହେଁ । ଏ କବିତା ୧୯୨୦ ବେଳେ ରଚିତ ହୋଇଥିଲା । କିନ୍ତୁ ୧୯୨୮ରେ ଆସି ପହଞ୍ଚିଲା ଏଇ ତରୁଣ କବିଟି । ସେ କାହିଁକି ଆସିଥିଲା, ତା କିଏ, କହିବାର ଲାଭ ନାହିଁ । ସେ ଆସିଥିଲା । କୁନ୍ତଳା

ତାକୁ ମାଆ ଭାବରେ ସ୍ନେହ ଦେଇଥିଲେ । ସେ କୁନ୍ତଳାଙ୍କ ସହିତ କେତେବର୍ଷ ପରେ ପ୍ରଥମେ ଗଲା ହରିଦାସପୁର ଜମିଦାରଙ୍କ ଘରକୁ । ଶକସ୍ତ୍ରୀ ସମ୍ପର୍କରେ ସେ ଯାଉଥିବାରୁ, କୁର୍ମ୍ମା ପଲଭର ଗନ୍ଧରେ, ଇନ୍ଦ୍ରଭବନ ତୁଲ୍ୟ ଗୃହ ସାଜସଜ୍ଜାରେ, ବିଳାସର ଚରମ ପରିତୋଷରେ ତରୁଣ ଯୋଗ ନ ହେଇ କୁନ୍ତଳାଙ୍କୁ ଟାଣି ନେଲା ଏକ ପୀଡ଼ିତ ପଲ୍ଲିକୁ ! ନାରୀ କାନ୍ଦି ଉଠିଲା ! ନାରୀର ବୁକୁର କୋହ ଫୁଟି ଉଠିଲା ମୁରଲୀର ଧ୍ୱନିରେ । ସେ ଯେ ଏଥିପୂର୍ବରୁ ଏକାନ୍ତ ବିଳାସ ମଧ୍ୟରେ ଏ ପ୍ରକାର ସେବା ଭୁଲିଥିଲା । ତା ନୁହେଁ—କିନ୍ତୁ ସେ ସେବିକା ଥିଲା ବିଳାସ ମଧ୍ୟରେ । ପ୍ରକୃତରେ ସେ ମାଟିକୁ ଫେରି ଆସି ନ ଥିଲା । ମାଟିକୁ ଫେରିଆସି କରୁଣ କଣ୍ଠରେ ଗାଇ ଉଠିଲା—

କି ହେଲି ବୋଲିବି ମାଗୋ,
କୋଟି କଙ୍କାଳ ମାଳିନୀ ।
ଦଳିତା ଲାଞ୍ଛିତା ଭ୍ରଷ୍ଟା ଜଗତର କଙ୍କାଳିନୀ ॥

ଏଇ ହେଲା ତାର ଉତ୍କଳ ଜନନୀ । ସେ ପ୍ରକୃତରେ ଜଗତର କଙ୍କାଳିନୀ । ସେ ରଘୁ ଦିଗ୍‌ବିଜୟରେ ନିଜର ଦମ୍ଭ ଜାତୀୟତା ଭୁଲି ନ ଥିଲା । ସେ ମହାଭାରତ ଯୁଦ୍ଧରେ ସୃଷ୍ଟିକ୍ଷୟକର, ଲୋମହର୍ଷଣ ଯୁଦ୍ଧ କରିଥିଲା । ତେଣୁ ତାର ଉପାଧି ଥିବା ଅଳଙ୍କାର ଶାସ୍ତ୍ରରେ କଳିଙ୍ଗା ସାହସିକା । ବୁଦ୍ଧ ଦନ୍ତପାଇଁ ସେ ଅତ୍ୟାଚାର ଭୋଗି ଭୋଗି ରାଜଜେମା ହେମମାଳାକୁ ମଧ୍ୟ ହରାଇଥିଲା ସିଂହଳରେ । ଅଶୋକ ତାକୁ ଜୟ କରିବାକୁ ଆସି କି ଯନ୍ତ୍ରଣା ଦେଇ ନ ଥିଲେ । ସେଇ ପୁଣି ପ୍ରସ୍ତର ଲିପିରେ ତାକୁ 'ଅବଦାତ' ପଦବୀ ଦାନ କରି ଧର୍ମାଶୋକ କହାଇଥିଲେ ।

ଇତିହାସର ପ୍ରତି ପୃଷ୍ଠାରେ ସେ ଯୁଦ୍ଧ କରି ସେ ନିଜକୁ ଲୋପ କଲା । ତାକୁ ଲୋପ କରିବାଲାଗି ଜଗତର ସେ ପାରରୁ ଆସି ଇଂରେଜ ଜାତି ତାକୁ ଗଡ଼ ଗଡ଼ କରି ହାଣି ଅଲଗା କରିଦେଲେ । ସେ କଙ୍କାଳିନୀ ନୁହେଁତ ଆଉ କିଏ ?

ଜରେ ଜରଜର ତନୁ, ଶିରା ସରିଛି ବଦନୁ
ସାହସ ହଜିଛି ମନୁ, ପେଟ ଭୋକେ ପାଗଳିନୀ ॥

ଇତ୍ୟାଦି । ସେ ଅତୀତର ଯୌବନ ପ୍ରଥମ ପାଦର ସ୍ମୃତି ମନେ ପକାଇ ଲାଭ ନାହିଁ । ଉତ୍କଳର ସାଧାରଣ କ୍ଷେତ୍ରରୁ ଲେଖକଟି କେଉଁ ଅନ୍ଧାରରେ ଲୁଚିଯାଇ ଆଜ ଅପରିଚିତ—ଅବହେଳିତ ହୋଇ ରହିଛି । ପ୍ରଥମ ଦର୍ଶନରେ ପୁଚ୍ଛାଣି କାଢ଼ିଲେ ମୁଣ୍ଡରେ ପାହାର ବସିପାରେ । କାରଣ ସେ ଅତୀତ ଉତ୍କଳ ଆଜ ନାହିଁ—ଆଜର ଉତ୍କଳ ମନେ ମନେ ଜଣେ ଜଣେ । କବି ଲେଖିଥିଲେ 'ମନେ ମନେ ତୁମ୍ଭେ ନ ହୁଅ ଜଣେ । ତୁମସରିଛନ୍ତି ସଂସାରେ ସଣେ ॥' କିନ୍ତୁ ଆଜ ସ୍ୱାଧୀନତା ପାଇ ସ୍ୱାଧୀନ ରାସ୍ତାରେ ଚାଲି ଚାଲି ବାଟୋଇ ଭୟରେ କାତର ହୁଏ, କପରି କାହାକୁ ତାର ଗନ୍ତବ୍ୟ ସ୍ଥାନର ପନ୍ଥା ପଚାରିବ ବୋଲି । କଟକର ଜଣେ ଶିକ୍ଷିତ ବହି ଦୋକାନୀ ଲେଖକର ୪ଥର ପ୍ରଶ୍ନରେ ମୁଣ୍ଡ ହଲାଇ ଥିଲେ । ଗୋଟିଏ ଜଳଖିଆ ଦୋକାନରେ ଶିକ୍ଷିତ ଯୁବକଙ୍କର ଉପସ୍ଥିତରେ ଏ ବିଚରା ସେଠାକୁ ଯିବାକୁ ଭରସା କରି ପାରି ନ ଥିଲା । ରେଳରେ ଜଣେ ଡାକ୍ତର ଓଡ଼ିଆ ଭଦ୍ରଲୋକ ଦକ୍ଷିଣାଞ୍ଚଳ ଗାଡ଼ିରେ ଓଡ଼ିଆରେ କହିବାକୁ ଲଜ୍ଜା ମନେ କରିଥିଲେ ।

ଏଗୁଡ଼ାକ ଅନୁଭବର କଥା । ଇଂରେଜମାନେ ଯାଇଛନ୍ତି । କିନ୍ତୁ ଆଉ ଏକ କପଟତାର ଭୂତ ଆସି ପଡ଼ିଛି । ସେ ଏ ଜାତିକୁ ଖୁବ୍ ଶୀଘ୍ର ଲୋପ କରିବ । ଜଗନ୍ନାଥଙ୍କ ପତିତ ପାବନ ବାନା ପତିତଙ୍କୁ ଯେପରି ଭାବରେ ଡାକେ ଜାତିର ଶିକ୍ଷିତ ଓ ସାଧାରଣ ବ୍ୟକ୍ତିମାନେ କେଉଁସବୁ ପାପ କରିଛନ୍ତି ତାଙ୍କୁ ପାବନ କରୁଛି । ଆମର ଏଇ ସ୍ୱାଧୀନତା ଚିରନ୍ତନ ପରାଧୀନ । ପୀଡିତ, ମୂର୍ଚ୍ଛିତ ମାନଙ୍କପାଇଁ କିଛି କରିବ ନାହିଁ—କରିବ, ସେହି ମୁଲ୍ଲାମାଳିନୀ ସମ୍ପ୍ରଦାୟର ଉନ୍ନତି । ଅବହେଳିତ ଅବସ୍ଥାରେ ରହିଥିବା ଧୀବର ବ୍ରହ୍ମା ଶିବଙ୍କ ଅପ୍ରାପ୍ୟ ପଦ ଯୁଗଳ ଧୋଇ ବିଶ୍ୱରେ ପତିତ ପାବନ ନାମ ଆଜ ସାର୍ଥକ କରିବ ନାହିଁ ।

ହେ ଉତ୍କଳ ! ଏବେ ବି ବେଳ ଅଛି । ତୁମର ଜୀବନର ସ୍ପନ୍ଦନ ଯେଉଁଠି ଲୁଚିରହିଛି ସେ ଅଂଶକୁ ଆସିଦେଖ ତୁମର ସନାତନ ସଂସ୍କୃତି ତୁମର ଜନନୀର ମଧୁର ରୂପଶ୍ରୀ କପରି ମଳିନ ଅବସ୍ଥାକୁ ଯାଉଛି ?



Digitized by srujanika@gmail.com

ଭୁବନେଶ୍ୱର ରାଜଧାନୀ ନ କରି ସେହି ପଇସାର ସ୍ଥାନ ଉଣ୍ଟେଇଲଣ୍ଡାକୁ ରାଜଧାନୀ କର । ଗୋପାଳପୁର ବ୍ରହ୍ମପୁର ଉଣ୍ଟେଇଲଣ୍ଡା ମିଶି ସମୁଦ୍ର କୂଳରେ ଏକ ବଡ଼ିଆ ସହର ହେବ । ଅନ୍ଧ୍ର ସଭ୍ୟତା ଓ ସଂସ୍କୃତିର ତାହା ବାହାରେ ରହିବ । ଉତ୍କଳର ସଭ୍ୟତାରେ ଯେଉଁ ସ୍ୱାଧୀନ ବିକାଶ ସେଇଠି ସମ୍ଭବ ହେବ କ୍ଷୁଦ୍ର ନୀଚ ଇର୍ଷା ବା ଆମଘର ପାଖ ବା ଆମ ଭିତରେ ଆମ ପୁଅ-ଙ୍କହି ମାଆ ଦେବରେ ଛୁଟି ଦଉନାହିଁ । ଗାଁ ଗାଁ ଘର-ଘର ବୁଲି ଦେଖିଲି ଅନ୍ଧ୍ର ସଭ୍ୟତା-ଭାଷା, ଏପରି ଭାବରେ ଗ୍ରାମ ନଗରରେ ପୂର୍ଣ୍ଣତା ଲଭି କଲାଣି, ଯଦି ସ୍ୱୟଂ ଶଙ୍ଖଚକ୍ରଧାରୀ ବାସୁଦେବଙ୍କର ଅନୁଗ୍ରହ ଦୈବ ଭାବରେ ଏ ଦେଶକୁ ନ ଆସେ ତେବେ ଆମେ ଅଳ୍ପଦିନେ ବୁଡ଼ିଯିବୁଁ । ସ୍ୱାଧୀନ ସରକାରଙ୍କ ବନ୍ଧୁ-ପ୍ରେମରେ ଯେଉଁ ଭଗ୍ନୀଭାଷା ପ୍ରୀତି ଆଇନ ଅଦାଲତ ସ୍କୁଲ କଲେଜକୁ ଆକ୍ରମଣ କରିଛି, ସେଥିରେ ଏକାନ୍ତ ଉଚ୍ଛିନ୍ନ ହେବାକୁ ଆଉ ଅଧିକ ଦିନ ଲାଗିବ ନାହିଁ । ପଥେ ଘାଟେ ସ୍ୱରୂପି ତେଲଙ୍ଗୀ ପାରଲାର ପଲ୍ଲୀକୁ ଯାଇ ଦେଖିଲି ସେଠି ମଧ୍ୟ ଓଡ଼ିଆ ବ୍ରାହ୍ମଣ ତେଲଙ୍ଗି କହନ୍ତି । ତାଙ୍କୁ ବାଧା ଦେବାକୁ ମଧ୍ୟ କେହି ନାହିଁ । ବିଚ୍ଛିନ୍ନାଞ୍ଚଳରେ ଟିକଲି ରାଜା ଲକ୍ଷ୍ମୀନାରାୟଣ, ରାଜା ଜଗନ୍ନାଥଓ ରାଜା ମଧୁସୂଦନମାନେ କାନ୍ଦୁଛନ୍ତି । ଟିକଲି ସାଇ ସାଇ ବୁଲି ଦେଖିଲି । ଋଷି, କଣ୍ୱର । ବ୍ରାହ୍ମଣ ସହସ୍ର ସହସ୍ର ବର୍ଷ୍ୟାରେ ଓଡ଼ିଆମାନେ ରହିଛନ୍ତି । ଗୋଟିଏ ଋଷି ଯୁବତୀ ମୋତେ ମୋର ଗୀତଶୁଣି ଗଲାକାନ୍ଦିଲି । କହିଲେ ବାବୁ ! ତୁମଗୀତ ଶୁଣି ସନ୍ତୋଷ ଲାଗୁଛି । କତାପରେ ସେଇ କଥା ଅଛି । ଏବେ ଆମର ଏସବୁ ପଢ଼ିବାର ଟିକିଏ ଟିକିଏ ସୁବିଧା ଅଛି । ହେଲେ କିଏ ପଢ଼ୁଛି କିଏ ପଢ଼ୁନାହିଁ । ପୁଣି କହିଲେ—ଗାନ୍ଧୀ ମହାତ୍ମା ବୁଝିଆ ଛୁତ ଉଠଗଲା କହିଲେ । ଆପଣ ଆମ ସାଇକୁ ଯିବେ ନାଁ ?

ମୁଁ ସାକ୍ଷାତରେ ଏପାଖରୁ ଉଠିଲେ ଗାଉ-ଥିଲି 'ଚରିତ ଚତୁଷ୍ପାଠୀ ଗୃହୁଁଲ ନାଶିନାଶେ' ସେମାନେ ସହସ୍ର ବର୍ଷ ଧରି ମୂଳ ଲାଗିବାକୁ କ୍ଷେତକୁ ଯାଉଥିଲେ । କଥାଭାଷା ହେଲା ।

ମୁଁ ତାଙ୍କ ସାଇକୁ ଯାଇନାହିଁ । କେଉଁ ଭରସାରେ ବା ଯିବି । ମୁଁ ଏକ ଅବହେଳିତ, ଯାଇ ବା କଣ କରିବି ? ଯେଉଁ ଯୋଜନା ପରିକଳ୍ପନା ଗଢ଼ାହେବ, ସେଥିରେ ମୋତେ ସହଯୋଗ ଦେବ କିଏ ? ଧନ ଆବଶ୍ୟକ ହେବ । ନଚେତ୍ ମୋପରି କେତେ ଜଣ ଏଇଠି ଜୀବନକୁ ଶେଷ କରି ଦଅନ୍ତେ, ଭାଗବତ, ଛାନ୍ଦ ଗୀତ କବିତା ଗାଇ । ମନୁଷ୍ୟର ସଭ୍ୟତା ସମ୍ପନ୍ନ ସେହ୍ବା ତୁର୍କୀ, ଆୟର୍ଲଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, ଦୃଷ୍ଟାନ୍ତରେ ଲୋକ ଉପଯୋଗୀ ଭାବରେ କରି ଦେଖାଇ ଦିଆଯାନ୍ତା—ଓ ବିଚ୍ଛିନ୍ନ ଅଞ୍ଚଳରେ ମନୁଷ୍ୟ କଣ କରିପାରେ ? କିନ୍ତୁ ସେ ଯେ ଆକାଶ କୁସୁମ ?

କେହି କହି ପାରନ୍ତି ମନଥିଲେ ଧନ ମିଳିବ ନାହିଁ ? ଏହା କଥାର କଥା । ସେ ଅବସ୍ଥାରେ ଏଦେଶ ନାହିଁ । ଉତ୍କଳ—ଇର୍ଷା ସର୍ବସ୍ୱ ଉତ୍କଳ ଚେଇଁ ଶୋଇବା ଅବସ୍ଥାରେ ଅଛି । ତେଣୁ ତାର ସେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରୟୋଜନ ହେବ । ସେଥିପାଇଁ ଉପକରଣ ଲୋଡ଼ା । ପ୍ରଗୃହରକର ସ୍ୱାସ୍ଥ୍ୟ, ଖାଦ୍ୟ, ଜୀବନ ସାହାଯ୍ୟ ପାଇଁ ଧନ ଆବଶ୍ୟକ । ସ୍କୁଲ ଗଢ଼ାହେବ । ପରିକଳ୍ପନା କରି କାର୍ଯ୍ୟର ଧାର ଠିକ ନିୟମାନୁମୋଦିତ ଭାବରେ ଗଢ଼ କରିବ ।

ସେଥିପାଇଁ ଜାତୀୟ ଜୀବନ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ଓ ସଂଯମୀ ଏଥିପାଇଁ ଲୋଡ଼ା ହେବେ । ଋଗପକ୍ଷୀଙ୍କୁ ଦଦ୍ରେ ସହିତ ନିଜର ଦେହକୁ ମିଶାଇ ଦେଇ ମୁକ୍ତି ପାଇଲେ । ଏସବୁ ତ୍ୟାଗ ଏସବୁ ସାଧନା ବୁଦ୍ଧ, ଶଙ୍କରଙ୍କ ସାଧନା । ତାଙ୍କ ସମସ୍ତ ଜଗତ ହୋଇପାରିବ ନାହିଁ ।

ଜାତିର ମେରୁଦଣ୍ଡ, ଜାତିର ଭାଗ୍ୟଧର, ଜାତିର ଧଞ୍ଜି ମହାନୁଭବ, ଜାତୀୟ ସରକାର ମୁଁ ସମସ୍ତଙ୍କୁ ମୋର ଏହି ପ୍ରଥମ ପ୍ରବନ୍ଧରେ ନିବେଦନ କରୁଛି ।

'ଆପଣ ଯେବେ ବିଚ୍ଛିନ୍ନାଞ୍ଚଳ ଓ ଦକ୍ଷିଣାଞ୍ଚଳକୁ ଯଦି ଉନ୍ନତି କରି ଦେଖିବାକୁ ଚାହାନ୍ତି, ତେବେ ସଭା କରି ଦେଇ ଖବର କାଗଜର ପୃଷ୍ଠା ପୂରଣ କରିଦେଲେ ତାହା ସମ୍ଭବ ହେବନି ନାହିଁ ।



Digitized by srujanika@gmail.com

ଆପଣମାନେ ତପସିଲ ପ୍ରସ୍ତାବମାନ ତୁରନ୍ତ ଗ୍ରହଣ କରନ୍ତୁ ।

୧—ରାଜଧାନୀ କଟକରେ ଲୟ୍ଣ୍ଡା କରନ୍ତୁ ।

୨—ଉତ୍କଳରେ ଏକମାତ୍ର ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ ରଖନ୍ତୁ ।

୩—ବିଚ୍ଛିନ୍ନାଞ୍ଚଳରେ ଗୋଟିଏ ବିଶ୍ୱବିଦ୍ୟାଳୟ ଓ କେତେକ ସ୍କୁଲ୍ ଗଢ଼ାଯାଉ ଏବଂ ବିଚ୍ଛିନ୍ନାଞ୍ଚଳର ଶିକ୍ଷିତମାନଙ୍କୁ ଅଧିକ ଗୃହକେନ୍ଦ୍ରିକ ସୁଯୋଗଦିଆଯାଉ ।

୪—ଦକ୍ଷିଣାଞ୍ଚଳରେ ଭଲ ଭଲ ପ୍ରଚାରକ ନିଯୁକ୍ତ ହୁଅନ୍ତୁ । ସେମାନଙ୍କୁ ଧନ ଦେଇ ସାହାଯ୍ୟ କରାଯାଉ ।

୫—ହୀରାକୁଦ ଯୋଜନା ଖାରଜ କରାଯାଉ । ୫ ବର୍ଷ ଯୋଜନାରେ ସମଗ୍ର ଉତ୍କଳକୁ ପ୍ରଥମେ ସଭ୍ୟ ଓ ଶିକ୍ଷିତ କରାଯାଉ । ପରେ ଆପେ ଆପେ ହୀରାକୁଦ ପରି ଶତ ଶତ ବନ୍ଧ ହୋଇ ପାରିବ ।

# ଦିନକର ରାତି

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ.

ସେ ଦିନର ଜହ୍ନରାତି—ଭାରି ଭଲ । ଆକାଶରେ ମେଘ ନାହିଁ । ଅତି ଶୁଭ୍ର, ଅତି ଉଜ୍ଜ୍ୱଳ—ଯେପରି ମାୟା ପୁରୀର ପୂର୍ଣ୍ଣ ଦର୍ଶକ ।

କଳିଙ୍ଗକୁମାରୀ ଆଜି ବିକ୍ରମ ଏକାନ୍ତ, ଏକାକୀ; ସଂଖ୍ୟାର ଭାବାବସ୍ଥା । ସଂସାରର ଅଭିଜ୍ଞତା ଭିତର ଦେଇ ଯାଇଛନ୍ତି । ଏବେ ସେବଳକାଳ ସରି ଆସୁଛି । ଯୁଗ ଯୁଗର କେତେ କଥା ମନେ ପଡ଼ୁଛି । ମାନବ ଇତିହାସରେ ଗୋଟିଏ ଗୋଟିଏ ଦିନର ଘଟନା ପ୍ରତ୍ୟେକ ମାନବର ଜୀବନରେ କି ଲେଖାପାତ କରିଥାଏ । ସମୟ ସମୟରେ ଏହା ବ୍ୟଥାବ୍ୟଥିତ; ସମୟ ସମୟରେ ଏହା ଗୁରୁ ସୁନ୍ଦର, ମନୋହର, ମୁଗ୍ଧ ମନୋହର ।

ସେହି ବାଲି ଦ୍ୱୀପର ପ୍ରଥମ ଦର୍ଶନର କଥା ଆଜି ବହୁ ଯୁଗପରେ ମନେ ପଡ଼ୁଛି । ଅତୀତର ଛାୟା ବର୍ତ୍ତମାନ ଉପରେ ଆସି ପଡ଼ୁଛି । ପୁଣି ସେହି ଛାୟା ଭବିଷ୍ୟତକୁ ସ୍ପର୍ଶ କରୁଛି ଏବଂ ଭବିଷ୍ୟତ୍ ଗର୍ଭକୁ ବିସ୍ତୃତ ହୋଇଛି ।

କଳିଙ୍ଗକୁମାରୀ—ଭଣ ଦେଖୁଛ, ବୀରବାହୁ ।

ବୀରବାହୁ—ଦେଖୁଛି, ଭବିଷ୍ୟତରେ ଏହି କଳିଙ୍ଗ ଜାତି ତଥା ଉତ୍କଳୀୟମାନେ ଏହି ମହାଦେଶୀ ନେଇ ଗୋଟିମା ନାମ ଦେଇଯିବ—ସବୁ ଅନିଶ୍ଚିତ ପରିଚିତ ।

କଳିଙ୍ଗକୁମାରୀ—କାହିଁକି ? ଏହି ଅବସ୍ଥାରୁ ଦେଶକୁ ପୁନର୍ବାର ଉଦ୍ଧାର କରିବାପାଇଁ କିଣ କେହି ବାହାରିବେ ନାହିଁ ?

ବୀରବାହୁ—ହଁ ବାହାରିବେ । କିନ୍ତୁ ସେତେ ଉଜ୍ଜ୍ୱଳ ହେବ କି ?

କଳିଙ୍ଗକୁମାରୀ—ନା, ନା, ମୁଁ ଦେଖୁଛି କାଳିଦାସ ମରିଯାଇ ଉପେନ୍ଦ୍ର ଭଞ୍ଜ ଜନ୍ମଗ୍ରହଣ କରିବେ କଳିଙ୍ଗରେ । ସେ ମହାକବି ଥିବେ । ଭାରତର ସବୁ ଗୌରବ ମରିଯିବ—କିନ୍ତୁ ଜଗନ୍ନାଥ ଧର୍ମ ଭାରତକୁ ନୂତନ ଜ୍ଞାନ, ଓ ନୂତନ ଶିକ୍ଷା ଦେବ । ତାର ସନ୍ତାନସନ୍ତତି ଦେଶକୁ ପୁନର୍ବାର ଗଢ଼ିବାରେ ଲାଗିବେ । ସେଥିପାଇଁ ଅନେକ ଦୁଃଖ ବରଣ କରିବେ, କିନ୍ତୁ ପରିଶେଷରେ ସେମାନେ ଜୟୀ ହେବେ । ଏହି ଉତ୍କଳର ସନ୍ତାନ ବାଲି, ଯବଦ୍ୱୀପର ଲୋକମାନଙ୍କୁ ମହା ବିପଦରୁ ଉଦ୍ଧାର କରିବ । ତଦ୍ୱାରା ଭାରତବର୍ଷର ଗୌରବ ବଢ଼ିବ ।

ବୀରବାହୁ—କଳିଙ୍ଗକୁମାରୀ ! ତୁମେ ଯାହା ଆଜି ଏହି ମାୟାପୁରୀରେ ଦେଖୁଅଛ, ମୁଁ ମଧ୍ୟ ସେହିପରି ଦେଖୁଅଛି । ଆସ ଆଜି ତୁମେ ଆଉ ମୁଁ ଏହି ଜଳରେ ବୁଡ଼ିଯିବା !, ତଦ୍ୱାରା ଦେଶର ଉନ୍ନତି କରିବା ।

ଏହି ସମୟରେ କିଏ ଆସି ପହଞ୍ଚିଲା ।



Digitized by srujanika@gmail.com

ହୁଉଛି ଛାୟା ଛାୟା ଜଣାଯାଉଥିଲା । କିନ୍ତୁ ପରେ ଦେଖାଗଲା ଯେ ମହାକାଳଙ୍କ ଗୁରୁ ଗ୍ରାମ ଆସୁଛନ୍ତି ଏବଂ ତାଙ୍କ ପଛେ ପଛେ ଅନ୍ୟ କେତେଗୁଡ଼ିଏ ଛାୟା ଛାୟା ଆକୃତି ଦେଖାଗଲା । ଜଣଙ୍କର ନାମ କବିସୂର୍ଯ୍ୟ, ଆଉ ଜଣଙ୍କର ନାମ ଜଗନ୍ନାଥ ଦାଶ, ସେହି ଛାୟା ମଧ୍ୟରୁ ଗୋଟିଏ ନାରୀ ମୂର୍ତ୍ତି ମଧ୍ୟ ଥିଲା । ସେ ହେଉଛନ୍ତି ନାରୀ କବି ମାଧବୀ ।

ଏହା ପରେ ପରେ ଅନ୍ୟ କେତେଗୁଡ଼ିଏ ଛାୟା ଦେଖାଗଲା । ସେମାନେ ହେଉଛନ୍ତି ଖାରବେଳର ପରବର୍ତ୍ତୀ ବହୁ ଯୁଗ ପରର ମହାବୀର ରାଜା—ପୁରୁଷୋତ୍ତମ, ପ୍ରତାପରୁଦ୍ର, କପିଳେନ୍ଦ୍ର । ଏମାନେ ସବୁ ସୂର୍ଯ୍ୟବଂଶୀୟ । ସୂର୍ଯ୍ୟପରି ପ୍ରତାପଶାଳୀ, ତେଜସ୍ୱୀ, ସୁନ୍ଦର ।

ଜହ୍ନ ରାତିରେ ଆଲୋକରେ ବସି ସେଦିନ ବୀରବାହୁ ଆଉ କଳିଙ୍ଗକୁମାରୀ ଏହି ଅଭୁଲା ଉପଲବ୍ଧି ଲାଭ କଲେ । ସାଗରର ଉର୍ମି ଜ୍ୟୋତ୍ସ୍ନା ପୂର୍ଣ୍ଣ ହୋଇ ଅଦ୍ଭୁତ ଚଞ୍ଚଳ ନୃତ୍ୟଭଙ୍ଗୀ ଦ୍ୱାରା ପୁଣି କୂଳରେ ବିଚୂର୍ଣ୍ଣିତ ହୋଇ ଯାଉଥିଲା ପୁଣି ଗୋଟାଇ ହୋଇ ବାରଂବାର ଉତ୍ଥିତ ହେଉଥିଲା । ସେହି ମହାଦୃଶ୍ୟ ଅଦ୍ୟାପି ଚାଲିଛି । କାଳ ତାର ସାକ୍ଷୀ ।

ସେ ଦିନ ରାତିରେ ବସି କଳିଙ୍ଗ କୁମାରୀ ଆଉ ବୀରବାହୁ ଆପଣା ଆପଣାର ଜୀବନର ଅତୀତ କାହାଣୀ ଅନେକ କୁହାକୁହି ହୋଇଥିଲେ ଏବଂ ଅତୀତ ଜୀବନର ଭୁଲ ଭ୍ରାନ୍ତି ସବୁ ଆଲୋଚନା କରି ପରସ୍ପର କନ୍ଦାକନ୍ଦି ହୋଇ ମହା ଆଶ୍ୱାସନା ଲାଭ କରିଥିଲେ ।

ରାତି ଅନେକ ହୋଇଗଲାଣି ସେମାନେ ଉଠି ଯାଇ ଆପଣା ଶୟନ କକ୍ଷକୁ ଚାଲିଗଲେ ।

ପ୍ରହରୀ ପ୍ରହରୀ ସବୁ ସ୍ତବ୍ଧଭାବରେ ନମସ୍କାର କରିଥିଲେ—ଆପଣା ଆପଣା ସ୍ଥାନରେ ଛିଡ଼ା ହୋଇ ।

ସେ ସମୟର ଉତ୍କଳ, ସେ ସମୟର ଜୟଶ୍ରୀ ପୁଣି ଫେରି ଆସିବ ।

କଳିଙ୍ଗ କୁମାରୀ ବସି ବସି ଭାବୁ ଓଡ଼ିଆ ଜାତିର ବିଭବ କେତେ । ଓଡ଼ିଶାର ପୁଣ୍ୟଭୂମି ବକ୍ଷ-ଉପରେ ଯୋଗତୀର୍ଥର ଏ ଆୟୋଜନ ହୋଇଛି । ସେ ସାଧନା, ସେ ସ୍ମୃତି କଳିଙ୍ଗକୁମାରୀ ଭବିଷ୍ୟତକୁ ଫେରି ଦେଖୁଛି । କଳିଙ୍ଗ, ଓଡ଼ିଆ, ଅତି ପବିତ୍ର ଦେଶ । ଏଠାରେ କେତେ ଜ୍ଞାନ, କେତେ ଧର୍ମର କେତେ ଚର୍ଚ୍ଚା । ଯୋଗସିଦ୍ଧ କଳିଙ୍ଗ ଭୂମି । ବିଷ୍ଣୁଙ୍କର ଅନନ୍ତ ଶୟନ ଏହିଠାରେ । ଓଡ଼ିଆ ଜାତି ଶିବର ଆରାଧନା କରି ଶିବଙ୍କ ପରି ଜିତେନ୍ଦ୍ରିୟ, ଅହଂକାର ଶୂନ୍ୟ ଓ ଧ୍ୟାନ ନିରତ ହୋଇ କୋଣାର୍କ ଭୁବନେଶ୍ୱର ପ୍ରଭୃତି ବିଶାଳ ମନ୍ଦିର ତିଆରି କରିବେ ।

ଏହି ଉତ୍କଳରେ ମହା ପ୍ରେମିକ ଚୈତନ୍ୟ ଦେବ ୧୮ ବର୍ଷ କାଳ କଟାଇବେ ଏବଂ ପ୍ରେମରେ ସମସ୍ତଙ୍କୁ ସିକ୍ତ କରିବେ ।

ଉତ୍କଳର ଜଗନ୍ନାଥ ପୃଥିବୀର ଆଦର୍ଶ ହୋଇ ବହୁକାଳ—କାଳ କାଳ ରହିବ । ଏହି ସବୁ ଦୃଶ୍ୟ କଳିଙ୍ଗ କୁମାରୀ ଦେଖୁଛି ।

କିନ୍ତୁ ହଠାତ୍ ଏକି ଦୃଶ୍ୟ ?

କାହିଁକି କଳିଙ୍ଗ କୁମାରୀ ବିଷଣ୍ଣା ?

ତା ପରର ପରେ ଏ ଭଳି ସମୟ ଆସିବ, ଯେତେବେଳେ ଓଡ଼ିଆମାନଙ୍କୁ କେହି ପଚାରିବେ ନାହିଁ, ଅବଜ୍ଞା କରିବେ, ପୃଥିବୀର ଦୂର ପ୍ରାନ୍ତର ଲୋକେ ଦୁର୍ଦ୍ଦଶ ଥିବେ ଏବଂ ମନୁଷ୍ୟଙ୍କୁ ଅବଜ୍ଞା କରିବେ । ସେତେବେଳେ ଓଡ଼ିଶାର ଯୋଗ, ଓଡ଼ିଶାର ଶାନ୍ତି, କ୍ଷମା—ସେ ସବୁ ତାଙ୍କୁ ରକ୍ଷା କରିପାରିବ ନାହିଁ ।

ପୁଣି ଆଲୋକ ଦେଖାଗଲା । କଳିଙ୍ଗ କୁମାରୀ ହସି ଉଠିଲେ—କିନ୍ତୁ ଏହା ପରେ ପରେ ପୁଣି ସବୁ ଦୁର୍ଦ୍ଦଶ ଜାତି ଧ୍ୱସ୍ତ ହେବେ । ଓଡ଼ିଆ ଜାତି ପୁଣି ଜାଗି ଉଠିବ । ପୁଣି ତାର ଉପକୂଳରୁ ସାଗରକୁ ନାନା ବୋଇତ, ଡଙ୍ଗା, ବଡ଼ ବଡ଼ ଜାହାଜ ଭାସିଯିବ ନାନା ସମ୍ଭାର ପୂର୍ଣ୍ଣ ହୋଇ—ଓଡ଼ିଆ ଦେଶଦେଶାନ୍ତର ଅନ୍ନ ବିତରଣ କରିବ—ଜନ ସେବା କରିବ—ଜୀବ ସେବା କରିବ—ଏହାହିଁ ମାନବର ମହତ୍ ଧର୍ମ । ଏହାହିଁ ଓଡ଼ିଆ ଚିରକାଳ



Digitized by srujanika@gmail.com

ପାଳନ କରୁଛି—ତାର ଦୈନ୍ୟ ମଧ୍ୟରେ ମଧ୍ୟ ପାଳନ କରିଚି—ପୁଣି ତାର ସୌଖ୍ୟ ମଧ୍ୟରେ ସେ ପାଳନ କରିବ ।

ଉତ୍କଳ ମହାନ୍ ଦେଶ । ଏ ଦେଶକୁ ବାରବାର ନମସ୍କାର କର ।

କଳିଙ୍ଗକୁମାରୀ ପରେ ନିଦ୍ରାବିଭୂତା ହେଲେ ।

# ମୁହୂର୍ତ୍ତ

ଶ୍ରୀ ଶ୍ରୀବତ୍ସ ନାୟକ

ଅଗୋ ସଖି ! ଆଜ କବିତା ଲେଖିବି ତବ ନାମେ
ଦେଖ ଲୋ ବର୍ଷା ଝର ଝର ପଡ଼େ ଏଇ ଯାମେ···
ନୀରବ ନିଥର ନିଦ୍ରିତ ଏଇ
ନିଶିଥ ଲାଗେ ନା ଉଜ୍ଜ୍ୱଳ
ଅଗୋ ଏ ସଜନି ! ବର୍ଷା କି ଆଣେ
ତମ ଆଖି ପାଇଁ କଜ୍ଜ୍ୱଳ ?
ଏଇ ଠିକେ ହେଲା ଗଲା ସଖୀ ତବ
କାମ ସାରି ଘରେ ଚଞ୍ଚଳ
ଏ ଶୀତ ପବନେ ଗୁଡ଼ିଥିବ ପଥେ
ଉଡ଼ୁଥିବ ତନୁ ଅଞ୍ଚଳ
ଅନ୍ତରେ ତା'ର ଜାଗୁଥିବ ଶତ
ପୀରତି ଆଶାର ଝଙ୍କାର
ଅଗୋ···ଭାବୁଥିବ ସିଏ ଆମ କଥା···
ଅଗୋ···ଭାବୁଥିବ ତା'ର ସଜ୍ଜନା-ଶେଯରେ
ଲାଗିଥିବ କିବା ପରମାଦ !
ଦୁଷ୍ଟ ! ତମେ କି ନାହିଁ ଜାଣ
ଏସନ ବର୍ଷା !···ବାର-ବାଣ !!
ଏସନ ରାତି···ଫୁଲଶେଯ ଧାରେ
ତନୁ ଲୋଡ଼େ କିବା ପରଶନ
ବେଲ୍ଟି ବେଲ ଗଢ଼େ ମୁହୂର୍ତ୍ତି ! ଆଜ···
ଆସ ଆସ ସଖି ଅଛୁ ରାଣୀ !···
ଫୁଲ ବଗିଚାରୁ ଗୋଲାପ କୁସୁମ
ତୋଳିଥିଲେଁ ଏଇ ସନ୍ଧ୍ୟାରେ···
କୁଣ୍ଡାଏରେ ରାଣି ଖୋସିଦେବି ଆସ
ମହକ ଉଠିବ ଅନ୍ଧାରେ !
ଅଗୋ···ଘନଘଟେ ମୋର ଧ୍ରୁବ ତାରା
ଉଜଳାଅ ମୋର ଗୃହ ଦ୍ୱାର

ହେଉ···ପ୍ରତି ପଦ ପାତେ ପବନ ପୁର···
ପ୍ରତି ନିଃଶ୍ୱାସେ ସମୀରଣ···
ଆଜ···ଶ୍ରାବଣେ ଫୁଟୁ ଗୋ ଶତଦଳ···
ଆଜ···ଘରତଳ ହେଉ ମଧୁବଣ !!!

ପୁଲକେ ଫଗୁଣ ନବ ବସନ୍ତେ
ଅମ୍ବରର ଧୂଳି ମାରି ମାରି
ଅଗୋ···ପୁରାତନ ସେଇ କୁଞ୍ଜରେ ମୋରେ
ବୃଷଭାନୁ ଲେମା ପେଟକାରୀ !!
ଶରତ ସଞ୍ଜ ସମୀରଣେ
ଭସ୍ମ ଭାଦରର ବରଷଣେ
କିଏ···ନାଚି ନାଚି ଗାଏ ଅଭିନନ୍ଦନ
ତବ ଯଉବନ ମହିମାର···
ଅଗୋ···ଦେଲଥାଉଁ ତାଲ ଚୁମ୍ବନ···ସାଥି···
କୃପାକର ମୋରେ କୃପାକର !!

ବିଶାଳ ବିଶ୍ୱ ବୁଦ୍‌ବୁଦ ବତ
ଉଭେଇ ଯାଉଚି ନିତ ନିତ···
ଅଗୋ···କିବା ଲାଭ ବୃଥା ଦର୍ଶନେ···
ବୃଥା ତର୍କେ କଟାଇ ଗତ ଘାତ ?
ଯା' କିଛି ସବୁଜ···ସୁନ୍ଦର
ତା'ରେ···ତୋଳି ଧର ବେଲୁଁ ତୋଳି ଧର
ବୈଶାଖୀ ବାଆ ଚୁମିବାର ଆଗୁଁ
ଚୁମ୍ବନ ତାରେ ଦଅ ସାଥି !
ବିଶାଳ ବିଶ୍ୱ ବୁଦ୍‌ବୁଦ ବତ
ଉଭେଇ ଯାଉଛି ନିତ ନିତ !!

ଘରକାଲ ନାହିଁ ଥାଏ କିଛି
ମରଣର ପାରେ ଦେଖା ଅଛି !···



Digitized by srujanika@gmail.com

ଧ୍ରୁବ ତେଜ ଯା'ର ଅଧ୍ରୁବେ ମତ୍ତ···
ନଷ୍ଟ ତାହାର ଦୁଇ କୂଳ···
ସୁନ୍ଦର ଏଇ ଧରଣୀରେ ସହି···
ଫୁଲ ତୋଳ ଖାଲି ଫୁଲ ତୋଳ !
\+ \+ \+ \+

ତେଣୁ କହେ ଶୁଣ ! ଜାଗ ଜାଗ
ସବୁ ଭୁଲି ମାଗ ଅନୁରାଗ···
ଫୁଲୁଁ ଫୁଲେ ଉଡ଼ ମଧୁକର ସମ
ଯେତେ ପାର ମଧୁ ଶୋଷି ନିଅ···
ଘୋର ଘର୍ଘରେ ଘୂରେ ଚଞ୍ଚଳ-କାଳଚକ୍ର ··
ରସ ଦିଅ···ଖାଲି ରସ ପିଅ !!!

# ପେନସିଲିନ୍ Penicillin

ଶ୍ରୀ ଗୋକୁଳାନନ୍ଦ ମହାପାତ୍ର ବି.ଏସ୍‌ସି (ଅନର୍ସ)

ପେନସିଲିନ୍ ସର୍ବ ପ୍ରଥମେ ୧୯୨୯ ଖ୍ରୀଷ୍ଟାବ୍ଦରେ ଇଂରେଜ ବୈଜ୍ଞାନିକ ଆଲେକ୍‌ଜାଣ୍ଡର ଫ୍ଲେମିଙ୍ଗଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ଏହାକୁ ପେନିସିଲିଅମ୍ ନୋଟେଟମ୍ ( enicillium notatum) ନାମକ ଏକ ଜୀବାଣୁର ବିପାକୀୟ ପଦାର୍ଥ (metabolic product) ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଜାତୀୟ ଜୀବାଣୁକୁ ଯଦି ଶରୀର ବୃଦ୍ଧି କାରକ କୌଣସି ଦ୍ରବଣରେ ଛଡ଼ାଯାଏ, ତେବେ ଜୀବାଣୁର ଶରୀରବୃଦ୍ଧି ସଙ୍ଗେ ସଙ୍ଗେ ସେହି ଦ୍ରବଣରେ ପେନସିଲିନ୍ ନାମକ ଏକ ଜୀବାଣୁ ନାଶକ ପଦାର୍ଥ ପ୍ରସ୍ତୁତ ହୁଏ ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଉପରୋକ୍ତ ଜୀବାଣୁର ଶରୀର ବୃଦ୍ଧି ସଙ୍ଗେ ପେନସିଲିନ୍‌ର ପ୍ରସ୍ତୁତ ଘନିଷ୍ଠ ଭାବରେ ସଂଶ୍ଲିଷ୍ଟ । ଏହାପରେ ପାଠକ ପାଠିକା-ମାନେ ମନେ ରଖିବା ଉଚିତ ଯେ ପେନସିଲିନ୍ ଗୋଟିଏ ରାସାୟନିକ ପଦାର୍ଥ, କୌଣସି ଜୀବାଣୁ ଜାତୀୟ ନୁହେଁ । ଅନେକଙ୍କର ଭ୍ରମ ଧାରଣା ଅଛି ଯେ ପେନସିଲିନ୍ ଜୀବନୀଶକ୍ତିଯୁକ୍ତ ଓ କେଣି ଉତ୍ତାପରେ ଏହି ଜୀବନୀ ଶକ୍ତି ନଷ୍ଟ ହୋଇଯାଉ ଥିବାରୁ ପେନସିଲିନ୍ ନଷ୍ଟ ହୋଇଯାଏ, ଫଳତଃ ଏହାର ଉପକାରିତା ଉପଲବ୍ଧି କରି ହୁଏ ନାହିଁ । ବହୁ ଗବେଷଣା ପରେ ସ୍ଥିର ହୋଇଅଛି ଯେ ଏହି ଧାରଣା ପ୍ରକୃତରେ ସତ୍ୟ ନୁହେଁ । ପେନସିଲିନ୍ ଜୀବନୀ ଶକ୍ତି ରହିତ ଓ ସାଧାରଣ ଔଷଧ ଭଳି ଗୋଟିଏ ରସାୟନିକ ଔଷଧ । ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ ଦୈବକ୍ରମେ ଏହାର ରୋଗଜୀବାଣୁ ବା ବେକ୍‌ଟିରିଆ ନାଶକ ପ୍ରକୃତିକୁ ପର୍ଯ୍ୟବେକ୍ଷଣ କରି ଏହାକୁ ଆବିଷ୍କାର କରିଥିଲେ । ସେ ଯେତେବେଳେ ଲଣ୍ଡନସ୍ଥ ପ୍ରସିଦ୍ଧ ସେଣ୍ଟମେରୀ ଡ଼ାକ୍ତର ଖାନାର ଟିକାବିଭାଗରେ ହେମୋ-ଫାଇଲସ୍ ଇନ୍‌ଫ୍ଲୁଏନ୍‌ଜା (Hemo philis Influenza) ଜୀବାଣୁର ପ୍ରତିଷେଧକ ପାଇଁ ଗବେଷଣା କରୁଥିଲେ, ସେ ଲକ୍ଷ୍ୟ କରିଥିଲେ ଯେ ଅଗର ପାତ୍ର (Agar Plate) ଉପରେ ଜନ୍ମିଥିବା ଛତୁର ଚତୁର୍ଦ୍ଦିଗରେ ଥିବା ସ୍ଥାନଗୁଡ଼ିକ ପୂର୍ବା-ପେକ୍ଷା ଅଧିକ ପରିଷ୍କୃତ ହୋଇ ଯାଇଅଛି । ଏଥି ପୂର୍ବରୁ ସେହି ଅଗର ପାତ୍ରଟି ଷ୍ଟେଫାଇଲୋ କକ୍‌ସି ନାମକ (Staphylococei) ଏକ ମାରାତ୍ମକ ରୋଗ ଜୀବାଣୁ ଦ୍ୱାରା ଆଚ୍ଛାଦିତ ଥିଲା । କିନ୍ତୁ ଏହି ଜୀବାଣୁ ଆଚ୍ଛାଦିତ ସ୍ଥାନଗୁଡ଼ିକ କପରି ଭାବରେ ପରିଷ୍କୃତ ହୋଇଅଛି ଓ ସେହି ସ୍ଥାନମାନଙ୍କରେ ଜୀବାଣୁର କୌଣସି ଚିହ୍ନବର୍ଣ୍ଣ ନାହିଁ, ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ଅନେକ ଭାବନା ପରେ ସ୍ଥିର କଲେ ଯେ ଅଗରପାତ୍ର ଉପରେ ଜନ୍ମିଥିବା ଛତୁ ଏପରି ଏକ ପଦାର୍ଥ ସୃଷ୍ଟି କରୁଅଛି, ଯାହାକି ଅଗରପାତ୍ରରେ ଥିବା ଷ୍ଟେଫାଇଲୋକକ୍ [illegible] ରୋଗ ଜୀବାଣୁର ଶରୀର ବୃଦ୍ଧିକୁ ବନ୍ଦ କରିବା ସଙ୍ଗେ ସଙ୍ଗେ ଏହାକୁ ବିନାଶ କରୁଅଛି [illegible]-

ପାକ ଉପରେ ଘଟୁଥିବା ଏହି ଦୃଶ୍ୟଟି ହୁଏତ ଅନ୍ୟ କାହାର ନଜରରେ ପଡ଼ି ନଥାନ୍ତା । କିନ୍ତୁ ଫ୍ଲେମିଙ୍ଗ୍‌ଙ୍କର ଦିବ୍ୟଦୃଷ୍ଟି ଓ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଶକ୍ତିଥିବାରୁ, ସେ ଏହାକୁ ଏଡ଼ିଦେଇ ଯାଇ ପାରିଲେ ନାହିଁ । ସେ ଏହି ଛତୁକୁ ଅଗରପାତ୍ରରୁ ଅଲଗା କରି ଅନ୍ୟ ଏକ ଜଳଯୁକ୍ତ ପାତ୍ରରେ ବଢ଼ାଇଥିଲେ । ଛତୁର ଶରୀର ବୃଦ୍ଧି ସଙ୍ଗେ ସଙ୍ଗେ ଜଳରେ ଯେଉଁ ଏକ ପଦାର୍ଥ ସୃଷ୍ଟି ହେଲା, ସେ ତାହାର ପ୍ରକୃତିକୁ ପରୀକ୍ଷା କଲେ । ତାଙ୍କର ଏହି ଅଭିକ୍ରିୟା ଫଳରେ ଅପୂର୍ବ ଶକ୍ତିବାନ, ସର୍ବଜନ ପ୍ରଶଂସିତ, ଦେବଦୁର୍ଲ୍ଲଭ, ଅମୃତରୂପୀ ପେନିସିଲିନ୍‌ର ଆବିଷ୍କାର ହେଲା । ଏହି ପଦାର୍ଥଟି ପେନିସିଲିୟମ୍ ନୋଟେଟମ୍ ନାମକ ଜୀବାଣୁ ଦ୍ୱାରା ପ୍ରସ୍ତୁତ ହୁଏ ବୋଲି, ଏହାର ନାମ ପେନିସିଲିନ୍ ରଖାଗଲା । ଫ୍ଲେମିଙ୍ଗ ପରୀକ୍ଷା କରିଦେଖିଲେ ଯେ ତାଙ୍କର ଏହି ନବାବିଷ୍କୃତ ପଦାର୍ଥଟି ନିମୋନିୟା, ଗନୋରିଆ ପ୍ରଭୃତି ରୋଗର ଜୀବାଣୁକୁ ସମୂଳେ ବିନାଶ କରୁଅଛି । କିନ୍ତୁ ଟାଇଫଏଡ୍ ଇନ୍‌ଫ୍ଲୁଏନ୍‌ଜା, କଲେରା, ଯକ୍ଷ୍ମା, ରାଜଯକ୍ଷ୍ମା ପ୍ରଭୃତି ରୋଗ ବିରୁଦ୍ଧରେ କୌଣସି କାର୍ଯ୍ୟ କରି ପାରୁନାହିଁ । ଫ୍ଲେମିଙ୍ଗ୍ ଏ ଦିଗରେ ଅଧିକ ଅଗ୍ରସର ହେଲେ ନାହିଁ, ଏତିକିରେ ସେ ତାଙ୍କର ଗବେଷଣା ସ୍ଥଗିତ ରଖିଲେ । ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ ଏ ଦିଗରେ କୌଣସି ଗବେଷଣା ବା ଚେଷ୍ଟା ଦେଖା ଗଲା ନାହିଁ ।

ତତ୍ପରେ ୧୯୩୨ ମସିହାରେ ଇଂଲଣ୍ଡର ବୈଜ୍ଞାନିକ ଥମ୍ (Thom) ଫ୍ଲେମିଙ୍ଗଙ୍କର ସେହି ଛତୁକୁ ପୁନର୍ବାର ପରୀକ୍ଷା କଲେ ଓ ଏହି ଛତୁର ପ୍ରକୃତରେ ପେନିସିଲିୟମ୍, ନୋଟେଟମ୍, ସେ ଏହା ପ୍ରକାଶ କରିଥିଲେ । ଏହାର ପ୍ରାୟ ଛଅବର୍ଷ ପରେ ଅର୍ଥାତ ୧୯୩୮ ମସିହାରେ ଇଂଲଣ୍ଡର ଗୋଟିଏ ଦଳ ସେମାନଙ୍କର ଅକ୍ସଫୋର୍ଡ଼ ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ବୈଜ୍ଞାନିକ ଏଇର୍ ହାୱାର୍ଡ-ଫ୍ଲୋରେଙ୍କ ଅଧିନାୟକତ୍ୱରେ ଏ ଦିଗରେ ସୁମୂଳ ଭାବରେ ଗବେଷଣା ଚଳାଇଲେ । ଏହି ଶକ୍ତିଶାଳୀ ପଦାର୍ଥଟିକୁ କିପରି ଭାବରେ ଅଲଗା କରାଯିବ କିପରି ଭାବରେ ଶୋଧନ କରାଯିବ ଓ କିପରିଭାବରେ ଏହାର ରସାୟନିକ ପ୍ରକୃତି ଉପକାରିତା ଇତ୍ୟାଦି ନିର୍ଣ୍ଣୟ କରାଯିବ, ସେଥି-ପାଇଁ ସେମାନେ ସେମାନଙ୍କର ମନଃପ୍ରାଣ ଦେଇ ଲାଗି ପଡ଼ିଲେ । ଏହାପରେ କିଛିଦିନ ବିତିଗଲା ଉତ୍ତାରୁ ଅକ୍ସଫୋର୍ଡ଼ର ଏହି ଦଳ ସେମାନଙ୍କର ଗଭୀର ଗବେଷଣା ଓ ପ୍ରଗାଢ଼ ଅଧ୍ୟବସାୟ ଫଳରେ ଏ ବିଷୟରେ କେତେଗୁଡ଼ିଏ ପ୍ରବନ୍ଧ ପ୍ରକାଶ କଲେ । ସେଥିରେ ସେମାନେ ସ୍ଥିର କରିଥିଲେ ଯେ ଗୋଟିଏ ଦ୍ରବଣରେ କେତେ ପରିମାଣରେ ଏହି ପଦାର୍ଥଟିକୁ ମିଶାଇଲେ, ଦ୍ରବଣଟି ରୋଗ ଜୀବାଣୁ ନାଶ କରିବାରେ କୃତକାର୍ଯ୍ୟ ହେବ । ଏତଦ୍‌ବ୍ୟତୀତ ସେମାନେ ଦର୍ଶାଇଥିଲେ ଯେ ଏହି ପଦାର୍ଥଟି କେବଳ ଦ୍ରବଣରେ ଯେ ଶକ୍ତିଶାଳୀ, ତାହା ନୁହେଁ । ଏହା ଶୁଷ୍କାବସ୍ଥାରେ ମଧ୍ୟ ଶରୀରସ୍ଥ ଷ୍ଟେଫାଇଲୋକକ୍‌ସି ଓ ଷ୍ଟ୍ରେପ୍ଟୋକକ୍‌ସି (Streplo-cocie) ନାମକ ରୋଗ ଜୀବାଣୁକୁ ସମୂଳେ ବିନାଶ କରେ ।

୧୯୪୧ ଖ୍ରୀଷ୍ଟାବ୍ଦରେ ଏହି ଅଭିନବ ପଦାର୍ଥର ସର୍ବ ପ୍ରଥମ ରାସାୟନିକ ଉପକାରିତା ସମ୍ବନ୍ଧରେ ଏକ ପ୍ରବନ୍ଧ ଅକ୍ସଫୋର୍ଡ଼ର ସେହି ଦଳଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ଅକ୍ସଫୋର୍ଡ଼ର ଜଣେ ପୋଲିସ୍ କନ୍‌ଷ୍ଟେବଲ ସର୍ବ ପ୍ରଥମେ ଏହି ପଦାର୍ଥ ଦ୍ୱାରା ଚିକିତ୍ସିତ ହୋଇଥିଲା । ସେହି କନ୍‌ଷ୍ଟେବଲଟି ଷ୍ଟେଫାଇଲୋକକସ ସେଲିଲିଟିଜ୍ (Staphylococeus Cellilies) ନାମକ ଏକ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଥିଲା । ଏହା ଫଳରେ ତାର ମୁହଁ ଓ ମୁଣ୍ଡ-ସାକ ଘା ହୋଇଯାଇଥିଲା ଓ ସେହି ହେତୁରୁ ସମସ୍ତ ମୁଣ୍ଡଟି ପଚିଯାଇଥିଲା । ରୋଗୀକୁ ଯେତେବେଳେ ଡାକ୍ତରଖାନାକୁ ଅଣାଗଲା, ସେତେବେଳେ ସେ ଚେତନା ରହିତ ଓ 'ମୃତ' ଶେଷ ସମୟ ଉପସ୍ଥିତ ହୋଇଅଛି ବୋଲି ସମସ୍ତେ ରୋଗୀଟିର ଆଶା ତ୍ୟାଗ କରିଥିଲେ । ଜୀବନର ଶେଷ ପ୍ରାନ୍ତରେ ଉପସ୍ଥିତ ଏହି ରୋଗୀଟି ଉପରେ [illegible]ବଲେ .



Digitized by srujanika@gmail.com

ନବାବିଷ୍କୃତ ଔଷଧଟିର ପରୀକ୍ଷା କରାଗଲା, ଯେତେବେଳେ କେହି ବିଶ୍ୱାସ କରି ନ ଥିଲେ ଯେ ରୋଗୀଟିର ଚେତନା ଫେରିଆସି ପାରେ । ଅତି ଆଶ୍ଚର୍ଯ୍ୟର ବିଷୟ ଏହି ନୂଆ ପଦାର୍ଥଟିର ପ୍ରୟୋଗ ଫଳରେ ରୋଗୀର ଚେତନା ଫେରି ଆସିଲା ଓ ତା'ର ଶରୀର ଭଲ ଆଡ଼କୁ ଗତି କରିବାକୁ ଲାଗିଲା । ତା ମୁଣ୍ଡ ଓ ମୁହଁର ଘା ଗୁଡ଼ିକ ଧିରେ ଧିରେ ଶୁଖି ଯିବାକୁ ବସିଲା । କିନ୍ତୁ ଦୁର୍ଭାଗ୍ୟ ବଶତଃ ପାଙ୍ଗ୍ରଦନରୁ ଅଧିକ ବ୍ୟବହାର ପାଇଁ ଉକ୍ତ ଡ଼ାକ୍ତରଖାନାରେ ଏହି ଔଷଧଟି ନ ଥିଲା । ଫଳରେ ପାଙ୍ଗଦନ ପରେ ଏହି ପଦାର୍ଥର ଅଭାବ ଯୋଗୁଁ ରୋଗୀଟି ଇହଧାମ ତ୍ୟାଗ କରି—ଚାଲିଗଲା । ଏହି ଖବର ଯେତେବେଳେ ଦେଶର ଚାରିଆଡ଼େ ଖେଳିଗଲା, ବୈଜ୍ଞାନିକମାନେ ଏହି ପଦାର୍ଥ ପ୍ରତି ଅତ୍ୟାଧିକ ଆକୃଷ୍ଟ ହେଲେ ଓ ଔଷଧଟିର ଭବିଷ୍ୟତ୍ ସମ୍ବନ୍ଧରେ ନାନା ପ୍ରକାର ପ୍ରବନ୍ଧ ପ୍ରକାଶ ପାଇଲା । ଔଷଧକୁ କିପରି ସହଜ ପ୍ରଣାଳୀରେ ଅଧିକ ପରିମାଣରେ ପ୍ରସ୍ତୁତ କରିହେବ ସେଥିପାଇଁ ରସାୟନ ବିତ୍‌ମାନେ ଲାଗି ପଡ଼ିଲେ । ଏହିପରି ଭାବରେ ଦେଶର ଚତୁର୍ଦ୍ଦିଗରେ ପେନିସିଲିନ୍‌ର ଆବିଷ୍କାର ଯୋଗୁଁ ଏକ ଅଭିନବ ଚାଞ୍ଚଲ୍ୟର ସୃଷ୍ଟି ହେଲା ।

ଏହି ସମୟରେ ଇଂଲଣ୍ଡ ଦ୍ୱିତୀୟ ମହାସମରର ଗୃପଚରେ ବ୍ୟସ୍ତ ହୋଇ ପଡ଼ିବାରୁ ଇଂରେଜ ସରକାର ବୈଜ୍ଞାନିକମାନଙ୍କୁ ଏ ଦିଗରେ ଗବେଷଣା କରିବା ପାଇଁ ଆର୍ଥିକ ସାହାଯ୍ୟ ଦେଇ-ପାରୁ ନ ଥିଲା । ତେଣୁ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଶେଷ କିଛି ସାହାଯ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେଇ ପାରୁ ନଥିଲା । କିନ୍ତୁ ଏହି ସମୟରେ ଆମେରିକାର ପ୍ରସିଦ୍ଧ ରକ୍‌ଫେଲର ଅନୁଷ୍ଠାନର କର୍ମ କର୍ତ୍ତାମାନେ ଏହି ନବାବିଷ୍କୃତ ଔଷଧର ଉଜ୍ଜ୍ୱଳମୟ ଭବିଷ୍ୟତକୁ ଲକ୍ଷ୍ୟ କଲେ । ଔଷଧର ଉତ୍ତରୋତ୍ତର ଉନ୍ନତି ଦିଗରେ ଯଦି ଗବେଷଣା କରାଯାଏ, ତେବେ ଏହା ବହୁରୋଗ ବିରୁଦ୍ଧରେ ଯୁଦ୍ଧ କରିପାରିବ ବୋଲି ଧାରଣା ରକ୍‌ଫେଲର ଅନୁଷ୍ଠାନର କର୍ମ କର୍ତ୍ତାମାନଙ୍କ ମନରେ ଦୃଢ଼ଭାବରେ ଜାତ ହୋଇଥିଲା । ସେମାନେ ଡାକ୍ତର ଫ୍ଲୋରେ ଓ ତାଙ୍କ ଛାତ୍ର ଓ ସହକର୍ମୀମାନଙ୍କୁ ଆମେରିକାକୁ ଯିବାପାଇଁ ନିମନ୍ତ୍ରଣ କରିଥିଲେ । ଏହି ନିମନ୍ତ୍ରଣ ପାଇଁ ଫ୍ଲୋରେ ଓ ତାଙ୍କ ଛାତ୍ରମାନେ ଆମେରିକାର ଇଲିନ୍ୟୁଆ ରାଜ୍ୟସ୍ଥ ପିଓରିଆ ସହରର ନର୍ଦ୍ଦର୍ଣ୍ଣ ରିଜିଓନ୍ୟାଲ୍ ଗବେଷଣା ଅନୁଷ୍ଠାନ ପରିଦର୍ଶନ କରିଥିଲେ । ଏଥି ପୂର୍ବରୁ ସେହି ଅନୁଷ୍ଠାନରେ ଡାକ୍ତର ରବର୍ଟ-ଜି-ନେଗ୍‌ହିଲ ତାଙ୍କ ଛାତ୍ରମାନଙ୍କ ସହିତ ଏହି ପେନିସିଲିନ୍ ସମ୍ପର୍କରେ ତଥ୍ୟମୂଳ ଗବେଷଣା ଚଳାଇଥିଲେ । ଡାକ୍ତର ନେଗ୍‌ହିଲ୍‌ଙ୍କ ଛାତ୍ରମାନେ ସେହି ଛତୁରୁ ରସାୟନିକ ପଦାର୍ଥଟିକୁ କିପରି ଅଲଗା ଓ ନିଷ୍କାସନ କରାଯିବ, ସେ ବିଷୟରେ ନୂତନ ନୂତନ ପଦ୍ଧତି ଆବିଷ୍କାର କରିଥିଲେ । ପରେ ଇଉରୋପରୁ ନବ-ଗତ ଦଳଟି ନେଗ୍‌ହିଲ୍‌ଙ୍କ ଦଳ ସହିତ ମିଶି ତଥ୍ୟମୂଳକ-ଭାବରେ ଗବେଷଣା ଚଳାଇଲେ । ଗବେଷଣାର ଉଜ୍ଜ୍ୱଳ ଭବିଷ୍ୟତକୁ ଲକ୍ଷ୍ୟ କରି ଆମେରିକା ସରକାର ଗବେଷଣାର ସୁବିଧା ପାଇଁ ଗବେଷଣାଗାରମାନ ତିଆରି କରି ଦେଲେ ଓ ପ୍ରତିବର୍ଷ ଅର୍ଥ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆମେରିକା ସରକାରଙ୍କ ଏହି ମହନୀୟ ଦାନ, ରକ୍‌ଫେଲର ଅନୁଷ୍ଠାନର ନିସ୍ୱାର୍ଥ ପର ଓ ଅଦମ୍ୟ ଚେଷ୍ଟା ଓ ରସାୟନବିତ୍ ଫ୍ଲୋରେ ଓ ନେଗ୍‌ହିଲ ପ୍ରଭୃତିଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ପେନିସିଲିନ୍ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ ପ୍ରସ୍ତୁତ ହୋଇ ପାରିଅଛି । ଗତ ଯୁଦ୍ଧ ସମୟରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଯଥେଷ୍ଟ ପରିମାଣରେ ମିଳୁ ନଥିଲା । କାରଣ ଯୁଦ୍ଧକ୍ଷେତ୍ରକୁ ଯୋଗାଇ ସର୍ବ ସାଧାରଣଙ୍କୁ ଯୋଗାଇ ପାରିବା ଭଳି ପେନିସିଲିନ କାରଖାନା ସେତେବେଳେ ନଥିଲା । ଗତ ୧୯୪୨ ମସିହାରେ ମହାତ୍ମା ଗାନ୍ଧିଙ୍କ ସହଧର୍ମିଣୀ ଶ୍ରୀମତୀ କସ୍ତୁରବା ଗାନ୍ଧିଙ୍କ ମୃତ୍ୟୁ ପୂର୍ବରୁ ଏହା ତାଙ୍କ ଶରୀର ଉପରେ ଭାରତରେ ସର୍ବ ପ୍ରଥମ ପ୍ରୟୋଗ କରାଯାଇଥିଲା । ଏପରିକି

Digitized by srujanika@gmail.com

ଏ... ଓ୍ପିନ୍ୟ ଛାତ୍ରଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସି ଅଛି, କିନ୍ତୁ ଛାତ୍ରୀ ବାହାରକୁ ଆସି ପାରୁ ନଥିଲା ।

ପେନସିଲିନ୍ କିପରି ପ୍ରସ୍ତୁତ କରାଯାଏ, ସେ ବିଷୟରେ କିଛି ଆଲୋଚନା କରିବା ଦରକାର । ପ୍ରଥମତଃ ପେନସିଲିୟମ୍ ନୋଟେଟମ୍ ନାମକ ଜୀବାଣୁକୁ ସାଧାରଣ ଉତ୍ତାପରେ ଜାପେକ୍ ଡକ୍ସ (Czapeck Dox) ଦ୍ରବଣରେ ବାରଦିନଠାରୁ ଚଉଦ ଦିନ ପର୍ଯ୍ୟନ୍ତ ବଢ଼ିବାକୁ ଦିଆଯାଏ । ଏହି ଦ୍ରବଣରେ ପେନସିଲିୟମ୍ ନୋଟେଟମ୍ ରେଣୁକୁ ଯୋଗ କରାଯାଏ । ଜାପେକ୍ ଡକ୍ସ ଦ୍ରବଣଟି ନିମ୍ନଲିଖିତ ପଦାର୍ଥର ସମିଶ୍ରଣରେ ପ୍ରସ୍ତୁତ ହୁଏ ।

| | |
|---|---|
| ସୋଡ଼ିୟମ୍ ନାଇଟ୍ରେଟ୍ | ୩.୫ ଗ୍ରାମ୍ । |
| ପୋଟାସିୟମ୍ ହାଇଡ୍ରୋଜେନ୍ ଫସ୍‌ଫେଟ୍ | .୫ ଗ୍ରାମ୍ । |
| ମେଗ୍ ସଲ୍‌ଫ | .୫ ଗ୍ରାମ୍ । |
| ଗ୍ଲୁକୋଜ ନାମକ ଶର୍କରା ଜାତୀୟ ପଦାର୍ଥ | ୪୦ ଗ୍ରାମ୍ । |
| ବିଶୋଧିତ ଜଳ | ୧୦୦୦ ଗ୍ରାମ୍ । |

ପ୍ରଥମତଃ ଏହି ପାଞ୍ଚଗୋଟି ପଦାର୍ଥ ମିଶାଇ ଗୋଟିଏ କାଚପାତ୍ରରେ ଦ୍ରବଣ ପ୍ରସ୍ତୁତ କରାଯାଏ । ତତ୍ପରେ ଏହି ଦ୍ରବଣକୁ ନିର୍ଜୀବିତ (Sterilised) କରାଯାଏ । ଫଳରେ ଦ୍ରବଣରେ ଯଦି ଅନ୍ୟ କୌଣସି ଜୀବାଣୁ ଥାଏ, ତେବେ ସେ ଗୁଡ଼ିକ ନଷ୍ଟ ହୋଇଯାନ୍ତି । ବାହାରର ଜୀବାଣୁ ଗୁଡିକୁ ନଷ୍ଟ ନ କଲେ, ସେ ଗୁଡ଼ିକ ସଦ୍ୟ ପ୍ରସ୍ତୁତ ପେନସିଲିନ୍‌କୁ ନଷ୍ଟ କରି ପକାନ୍ତି । ଫଳରେ ଆଶାନୁରୂପ ପରିମାଣରେ ପେନସିଲିନ୍ ପ୍ରାପ୍ତ ହୁଏ ନାହିଁ । ତେଣୁ ପରିମାଣ ବୃଦ୍ଧିକୁ ଦ୍ରବଣକୁ ନିର୍ଜୀବିତ କରିବା ଦରକାର । ଏତଦ୍ ବ୍ୟତୀତ ଦ୍ରବଣକୁ ୨୪ ଡିଗ୍ରି ସେଣ୍ଟିଗ୍ରେଡ୍ ଉତ୍ତାପରେ ରଖିବାକୁ ହେବ । ଏହି ଉତ୍ତାପରେ ଦ୍ରବଣରେ ଯୋଗ କରାଯାଇଥିବା ରେଣୁଗୁଡ଼ିକ ବୃଦ୍ଧିପ୍ରାପ୍ତ ହେବାକୁ ଲାଗନ୍ତି । ରେଣୁ ଗୁଡ଼ିକ ବଢ଼ି ଛତୁର ଆକାର ଧାରଣ କରନ୍ତି । ଫଳରେ ଦ୍ରବଣର ଉପରିଭାଗଟି ଛତାକ ଦେହ (Mcelium) ଦ୍ୱାରା ଆଚ୍ଛାଦିତ ହୁଏ । ଏହି ଛତାକ ଦେହର ନିମ୍ନଭାଗରେ ଅର୍ଥାତ୍ ଦ୍ରବଣ ମଧ୍ୟରେ ପେନସିଲିନ୍ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଦ୍ରବଣ ସହିତ ଦ୍ରବୀଭୂତ ହୋଇଯାଏ । ଛତୁଗୁଡ଼ିକ (molds) ଯେତେ ବୃଦ୍ଧି ହେବାକୁ ଲାଗନ୍ତି, ପେନସିଲିନ୍ ସେତେ ଅଧିକ ପରିମାଣରେ ପ୍ରସ୍ତୁତ ହୁଏ । ପ୍ରଥମତଃ ଦ୍ରବଣଟି ରଙ୍ଗବିହୀନ ଥାଏ । କିନ୍ତୁ ପେନସିଲିନ୍‌ର ପ୍ରସ୍ତୁତ ସଙ୍ଗେ ସଙ୍ଗେ ଏହା ପୀତ ବର୍ଣ୍ଣ ଧାରଣ କରେ । ତା ଛଡ଼ା ଦ୍ରବଣର ଅମ୍ଳିକ ପ୍ରକୃତି (acidic properties) କୁ ପରୀକ୍ଷା କଲେ ଦେଖାଯାଏ ଯେ ଏହାର ଉକ୍ତ ପ୍ରକୃତିଟି ଅତ୍ୟଧିକ ପରିମାଣରେ ବୃଦ୍ଧି ପ୍ରାପ୍ତ ହୋଇଅଛି । ପେନସିଲିନ୍‌ର ପ୍ରକୃତି ଅମ୍ଳିକ ଥିବାରୁ ଦ୍ରବଣଟି ଅମ୍ଳିକ ପ୍ରକୃତି ଧାରଣ କରେ । ଦ୍ରବଣ ମଧ୍ୟରେ ପେନସିଲିନ୍ ପ୍ରସ୍ତୁତ ହେବାର ଏହା ଏକ ଜ୍ୱଳନ୍ତ ପ୍ରମାଣ । ଏହିପରିଭାବରେ ଛତୁଗୁଡ଼ିକୁ ୧୨।୧୪ ଦିନ ପର୍ଯ୍ୟନ୍ତ ବୃଦ୍ଧି ହେବାକୁ ଦିଆଯାଏ । ନିର୍ଦ୍ଧାରିତ ଦିବସ ଅତିକ୍ରମ କରିଗଲେ, ଛତୁସହ ସେହି ଦ୍ରବଣକୁ ପରିସ୍ରୁତ (Filtered) କରାଯାଏ । ପରିସ୍ରବଣ ସମୟରେ ଯଥେଷ୍ଟ ସାବଧାନ ହେବାକୁ ପଡ଼େ । ଭିନ୍ନ ଭିନ୍ନ ଦେଶରେ ପରିସ୍ରବଣ ନିମିତ୍ତ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବିତ ହୋଇଅଛି । ସବୁ ପଦ୍ଧତିଠାରୁ ସିଜ୍ (Seitz) ପରିସ୍ରବଣ ଉତ୍କୃଷ୍ଟ । ଏହାର ଉତ୍କୃଷ୍ଟତା ହେତୁ ଅନେକ ଦେଶରେ ଏହା ଆଜିକାଲି ବ୍ୟବହୃତ ହେଉଅଛି । ତତ୍ପରେ ଏହି ପୀତବର୍ଣ୍ଣ ଦ୍ରବଣଟିକୁ ନେଇ ବିଶୋଧନ କରାଯାଏ । ପ୍ରଥମତଃ ଏହି ପୀତବର୍ଣ୍ଣ ଦ୍ରବଣଟିକୁ ଏମୋନିୟମ୍ ସଲ୍‌ଫେଟ୍ ନାମକ ଏକ ରାସାୟନିକ ଲବଣ ଦ୍ୱାରା ସମ୍ପୃକ୍ତ କରାଯାଏ । ଏହା ଫଳରେ ଛତୁ ଦେହରୁ ଦ୍ରବଣକୁ ଆସିଥିବା ନାନାଜାତୀୟ ପଦାର୍ଥ ଗୁଡ଼ିକ ଅଧଃକ୍ଷିପ୍ତ (Prcipitated) ହୋଇଯାଏ । ତତ୍ପରେ ଏହାକୁ ପୁନର୍ବାର ପରିସ୍ରବଣ କରାଯାଏ । ଏହି ପରିସ୍ରୁତ ଦ୍ରବଣ ସହିତ ବର୍ତ୍ତମାନ କ୍ଲୋରୋଫର୍ମ ମିଶାଯାଏ । ଏହି ଜୈବ ଦ୍ରାବକଟି ଉପରୋକ୍ତ ଦ୍ରବଣରୁ ପେନସିଲିନ୍‌କୁ ବାହାର



Digitized by srujanika@gmail.com

କରି ଆଣେ ଓ ନିଜେ ଦ୍ରବୀଭୂତ କରି ରଖେ। ଏହା ପରେ ଫସ୍‌ଫେଟ୍‌ବଫର୍ (Phosphate Buffer) ନାମକ ଏକ ଅଜୈବ ଦ୍ରବଣ ସାହାଯ୍ୟରେ ଏହାକୁ ଅଲଗା କରାଯାଏ, କାରଣ ପେନିସିଲିନ୍‌ର ଅମ୍ଳିକ ପ୍ରକୃତ ଥିବାରୁ ଏହା ଉପରୋକ୍ତ ଯାତୀୟ ଅଜୈବ ଦ୍ରାବକ ଦ୍ୱାରା ଅତି ସହଜରେ ଅଲଗା ହୋଇଯାଏ । କ୍ଲୋରୋଫର୍ମ ଦ୍ରବଣରୁ ପେନିସିଲିନ୍ ପେଟ୍ରୋଲିୟମ୍ ଇଥର ନାମକ ଏକ ଜୈବ ଦ୍ରାବକ ଦ୍ୱାରା ମଧ୍ୟ ଅଲଗା କରାଯାଏ । ଫସ୍‌ଫେଟ୍ ବଫର୍‌ରୁ ମଧ୍ୟ ପେନିସିଲିନ୍ ଅତି ସହଜରେ ପେଟ୍ରୋଲିୟମ ଇଥର ମଧ୍ୟକୁ ଆନୀତ ହୁଏ । ଶେଷରେ ପେଟ୍ରୋଲିୟମ୍ ମଧ୍ୟକୁ ଅନ୍ୟାନ୍ୟ ଦ୍ରବଣରୁ ଆନୀତ ଅମ୍ଳିକ ପେନିସିଲିନ୍‌କୁ ଏମୋନିୟା ନାମକ ଏକ ଅଜୈବ କ୍ଷାର (alkali) ସାହାଯ୍ୟରେ ଅଧଃକ୍ଷିପ୍ତ କରାଯାଏ । ଏହିଠାରେ ପାଠକପାଠିକାମାନେ ମନେ ରଖିବା ଉଚିତ ଯେ ଅମ୍ଳିକ ପେନିସିଲିନ୍ ସାଧାରଣ ଉତ୍ତାପରେ ବଡ଼ ଅସ୍ଥାୟୀ, କିନ୍ତୁ ସମୟ ଏହିପରି ଭାବରେ ରଖିଲେ ଏହା ନଷ୍ଟ ହୋଇଯାଏ । ତେଣୁ ପେନିସିଲିନ୍‌କୁ ଅଲଗା କରିବା ସମୟରେ ବାହାରର ଉତ୍ତାପ ପ୍ରତି ଦୃଷ୍ଟି ଦେବା ଉଚିତ । ବାହାରର ଉତ୍ତାପ ଯେପରି ଦଶଡ଼ିଗ୍ରି ସେଣ୍ଟିଗ୍ରେଡ଼ରୁ ଅଧିକ ନ ହୁଏ, ସେ କଥା ଭୁଲିଯିବା ଉଚିତ ନୁହେଁ । ବରଫ ମଧ୍ୟରେ ବା ରେଫ୍ରିଜେରେଟର ମଧ୍ୟରେ କାର୍ଯ୍ୟ କରିବା ଅଧିକ ନିରାପଦ । ଅମ୍ଳିକ ପେନିସିଲିନ୍ ପରି ଲବଣୀୟ ପେନିସିଲିନ ଅସ୍ଥାୟୀ ନୁହେଁ । ତେଣୁ ପେନିସିଲିନ୍‌କୁ ସ୍ଥାୟୀ କରିବାପାଇଁ ଏମୋନିୟା ସହିତ ଯୋଗକରି ପେନିସିଲିନ୍ ଲବଣ ପ୍ରସ୍ତୁତ କରାଯାଏ । ଏମୋନିୟା ବ୍ୟତୀତ ସୋଡ଼ିୟମ୍ ଲବଣ ମଧ୍ୟ ପ୍ରସ୍ତୁତ କରାଯାଇ ପାରେ । ପେନିସିଲିନ୍‌ର ଏହି ସୋଡ଼ିୟମ୍ ଲବଣ ବଜାରରେ 'ପେନିସିଲିନ୍' ନାମରେ ବିକ୍ରୟ ହୁଏ । ପେନିସିଲିନ ଅମ୍ଳ ବା କ୍ଷାର ଦ୍ୱାରା ନଷ୍ଟ ହୋଇଯାଏ । ତେଣୁ ସେପାୟନବର୍ଣ୍ଣ (Heilborn) ଏହାକୁ ଶୋଧନ କରିବା ସମୟରେ ଫସ୍‌ଫେଟ୍‌ବଫର ବ୍ୟବହାର ନ କରି ସିଲିକାଜେଲ୍ ନାମକ ଏକ କୋଲଏଡ଼୍ ବ୍ୟବହାର କରିଥିଲେ । ଏହାଦ୍ୱାରା ସେ ଉତ୍କୃଷ୍ଟ ଶକ୍ତିଶାଳୀ ପେନିସିଲିନ୍ ପାଇଥିଲେ । ପେନିସିଲିନ୍‌ର ରାସାୟନିକ ପ୍ରକୃତିକୁ ପରୀକ୍ଷା କଲେ ଦେଖାଯାଏ ଯେ ଏହା ଇଥର, କୋହଲ (alcohol), ଏସିଟୋନ୍ ଇଥାଇଲ୍ ଏସିଟେଟ୍ ପ୍ରଭୃତି ଜୈବ ଦ୍ରାବକରେ ସହଜରେ ଦ୍ରବଣୀୟ । ଉପରେ କୁହାଯାଇଅଛି ଯେ ପେନିସିଲିନ୍‌ର ପ୍ରକୃତ ଅମ୍ଳିକ, ତେଣୁ ଏହାର ଅମ୍ଳିକ ପ୍ରକୃତିକୁ ନଷ୍ଟ ନ କଲେ ଏହା ଅଧିକ କ୍ଷଣ ସ୍ଥାୟୀ ହୋଇପାରେ ନାହିଁ । ମୋଟ ଉପରେ ପେନିସିଲିନ୍ କିପରି ପ୍ରସ୍ତୁତ ହୁଏ ଓ ଶୋଧନ କରାଯାଏ, ପାଠକପାଠିକାମାନେ ତାହା ବେଶ୍ ଭାବରେ ହୃଦୟଙ୍ଗମ କରି ପାରୁଥିବେ ।

ପେନିସିଲିନ୍‌କୁ ଯଦି ଆଠଡିଗ୍ରି ଉତ୍ତାପରେ ବର୍ଷେ ପର୍ଯ୍ୟନ୍ତ ରଖାଯାଏ, ତେବେ ଏହାର ଉପକାରିତା ଓ ଜୀବାଣୁ ନାଶକ ଶକ୍ତି ନଷ୍ଟ ହୁଏନାହିଁ। ପଚିଶଡ଼ିଗ୍ରିଠାରୁ ସଇଁତିରିଶ୍ ଡ଼ିଗ୍ରି ମଧ୍ୟରେ ଏହାର ଶକ୍ତି କେତେକ ପରିମାଣରେ ନଷ୍ଟ ହୁଏ । ପେନିସିଲିନ୍‌ର ଲବଣ କେଲାମିଡ (Clystcline) ସୋଡ଼ିୟମ୍ ପେନିସିଲେଟ୍ ପଚିଶଡିଗ୍ରି ଉତ୍ତାପରେ ଏକମାସ ପର୍ଯ୍ୟନ୍ତ ଅଥବା ଏକଶହ ଡ଼ିଗ୍ରି ଉତ୍ତାପରେ ଦୁଇଘଣ୍ଟା ପର୍ଯ୍ୟନ୍ତ ରଖିଲେ ମଧ୍ୟ ଏହାର ପ୍ରଭାବ ବିଶେଷ ପରିମାଣରେ ନଷ୍ଟ ହୁଏନାହିଁ । ଏଥିରୁ ସ୍ପଷ୍ଟରୂପେ ଅନୁମିତ ହୁଏ ଯେ ଆମ ଦେଶର ଡାକ୍ତରମାନେ ଓ ସାଧାରଣ ଲୋକେ ପେନିସିଲିନ୍‌କୁ ଯେତେ ଅସ୍ଥାୟୀ ବୋଲି ବର୍ଣ୍ଣନା କରନ୍ତି, ତାହା ସେତେ ଅସ୍ଥାୟୀ ନୁହେଁ । ପେନିସିଲିନ୍‌ର ସୋଡ଼ିୟମ୍ ଲବଣପରି ମେଗ୍ନେସିୟମ୍, ପଟାସିୟମ୍, ଷ୍ଟ୍ରନସିୟମ୍, କେଲ୍‌ସିୟମ୍, ପ୍ରଭୃତି ଲବଣ ଗୁଡ଼ିକ ସ୍ଥାୟୀ । ଏହି ପେନିସିଲିନ୍‌ର ଏହି ଲବଣ ଗୁଡ଼ିକୁ ଅନ୍ଧାର ଓ ଶୁଷ୍କ ସ୍ଥାନରେ ରଖିଲେ ଏହାର ପ୍ରଭାବ ବର୍ଷେ ପର୍ଯ୍ୟନ୍ତ ରହେ । ଇନ୍‌ଜେକ୍‌ସନ୍‌ପାଇଁ ପେନିସିଲିନ ଲବଣକୁ ଜଳରେ ଦ୍ରବୀଭୂତ କରିବା ସମୟରେ ବାହାରର ଉତ୍ତାପକୁ କମାଇବା ଦରକାର, ତେଣୁ ବରଫ ମଧ୍ୟରେ ଦ୍ରବଣକୁ ପ୍ରସ୍ତୁତ କରି ରଖିବା ଉଚିତ ଓ ସଙ୍ଗେ ସଙ୍ଗେ ପ୍ରସ୍ତୁତ ଦ୍ରବଣକୁ ଇନ୍‌ଜେକ୍‌ସନ୍ ଦେଇଦେବାହିଁ ଶ୍ରେୟସ୍କର । ଅନେକଙ୍କର ଭୁଲ୍




Digitized by srujanika@gmail.com

ଧାରଣା ଅଛି ଯେ ପେନିସିଲିନ୍‌ର ଅସ୍ଥାୟିତ୍ୱର ଏକମାତ୍ର କାରଣ ହେଉଛି, ଅଧିକ ଉତ୍ତାପରେ ଏହାର ଜୀବନୀଶକ୍ତି ନଷ୍ଟ ହୁଏ । ଏହି ଧାରଣା ସମ୍ପୂର୍ଣ୍ଣ ଅମୂଳକ । ବେଶୀ ଉତ୍ତାପରେ ପେନିସିଲିନ୍‌କୁ ରଖିଲେ ଏହାର ଅଣୁ ବିନ୍ୟାସ ସଙ୍କେତ (Moleular Structure) ବଦଳି ଯାଏ ଓ କେତେକ ସମୟରେ ଏହା ଭାଙ୍ଗିଯାଏ । ଫଳରେ ପେନିସିଲିନ୍ ଅନ୍ୟ ପଦାର୍ଥରେ ପରିଣତ ହୁଏ । ଏପରି ଅବସ୍ଥାରେ ପେନିସିଲିନ୍‌ର ଉପରୋକ୍ତ ପ୍ରକୃତ ଗୁଣକ ଆସିବ କୁଆଡୁ ? ତେଣୁ ଏହା ବିନଷ୍ଟ ହୁଏ ବୋଲି ସାଧାରଣତଃ କହନ୍ତି ।

ପେନିସିଲିନ୍ ଅନେକ ପ୍ରକାର ଯଥା:— ପେନିସିଲିନ୍-ଜି, ପେନିସିଲିନ୍-ଏକ୍ସ, ପେନିସିଲିନ୍ ଏଫ୍, ପେନିସିଲିନ୍ କ, ପ୍ରଭୃତି । ଆଜିକାଲି ବଜାରରେ ଯେଉଁ ପେନିସିଲିନ୍ ଗୁଡ଼ିକ ମିଳୁଅଛି ସେ ଗୁଡ଼ିକ ପେନିସିଲିନ୍ ଜି । ଅନ୍ୟାନ୍ୟ ପେନିସିଲିନ୍ ଗୁଡ଼ିକ ବର୍ତ୍ତମାନ ପରୀକ୍ଷାଧୀନ ।


ପେନିସିଲିନ୍‌ର ଆବିଷ୍କାର ପରେ ବୈଜ୍ଞାନିକମାନେ ଏହାର ସଂଯୁକ୍ତ ସଙ୍କେତ ବା ବିନ୍ୟାସ ସଙ୍କେତ ସ୍ଥିର କରିବାକୁ ଲାଗି ପଡ଼ିଲେ । ୧୯୪୩ ମସିହାରେ ସାର ରବିନ୍‌ସନ୍ ଓ ଅଧ୍ୟାପକ ଚେନ୍ *, ପେନିସିଲିନ୍‌କୁ ଆମ୍ଳିକ ଅର୍ଦ୍ଧ ବିଶ୍ଳେଷଣ କରିଥିଲେ । ସେହି ବର୍ଷ ଅଧ୍ୟାପକ ଉର୍ଗିନ୍ ଓ ଏସ୍ ସ୍ମିଥ୍ ପେନିସିଲିନ୍‌ର ଅର୍ଦ୍ଧ ବିଶ୍ଳେଷଣରୁ ପେନିସିଲିକ୍ ଏସିଡ୍ ନାମକ ଏକ ଜୈବାମ୍ଳ ଅଲଗା କରିଥିଲେ । ୧୯୪୫ ସାଲରେ ନାନାବିଧ ଗମ୍ଭୀର ଗବେଷଣା ଫଳରେ ପେନିସିଲିନ୍‌ର ସଂଯୁକ୍ତ ସଙ୍କେତ ପ୍ରତିପାଦିତ ହେଲା । ନିମ୍ନଲିଖିତ ସଙ୍କେତରୁ ପାଠକପାଠିକାମାନେ ପେନିସିଲିନ୍ ଭିତରେ ଥିବା ପରମାଣୁ ବିନ୍ୟାସକୁ ବେଶ୍‌ଭାବେ ହୃଦୟଙ୍ଗମ କରିପାରିବେ । + ଦୁଇଦଳ ରସାୟନବିତ୍‌ଙ୍କ ମତ ଅନୁସାରେ ପେନିସିଲିନ୍‌ର ଦୁଇଗୋଟି ବିନ୍ୟାସ ସଙ୍କେତ ନିମ୍ନରେ ଦିଆଗଲା ।

ପ୍ରଥମ ବିନ୍ୟାସ ସଙ୍କେତ




C—ଅଙ୍ଗାର ପରମାଣୁ ।
H—ହାଇଡ୍ରୋଜେନ୍ ନାମକ ଗ୍ୟାସର ପରମାଣୁ ।
O—ଅମ୍ଳଯାନ ପରମାଣୁ ।
N—ଯବକ୍ଷାରଯାନ ପରମାଣୁ ।
S—ଗନ୍ଧକ ପରମାଣୁ ।

ଦ୍ୱିତୀୟ ବିନ୍ୟାସ ସଙ୍କେତ




ତେଣୁ ପାଠକପାଠିକାମାନେ ବୁଝି ପାରିବେ ଯେ ପେନିସିଲିନ୍‌ର ଅଣୁଟି ଉପରୋକ୍ତ ପରମାଣୁ ଦ୍ୱାରା ଗଠିତ । ପେନିସିଲିନ୍‌ର ବିନ୍ୟାସ ସଙ୍କେତ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ବୈଜ୍ଞାନିକମାନେ ଏହାକୁ ସାଂଶ୍ଳେଷିକ ଉପାୟରେ ପ୍ରସ୍ତୁତ କରିବାପାଇଁ ଲାଗି ପଡ଼ିଲେ । ସେମାନଙ୍କର ପ୍ରଗାଢ଼ ଅଧ୍ୟବସାୟ ଫଳରେ ପେନିସିଲିନ୍ ସାଂଶ୍ଳେଷିକ ଭାବରେ ପ୍ରସ୍ତୁତ ହୋଇ ପାରିଅଛି । ପେନିସିଲିନ୍ ସାଂଶ୍ଳେଷିକ ଭାବରେ ପ୍ରସ୍ତୁତ ହୋଇ ପାରିଅଛି, ଏହା ପ୍ରମାଣିତ କରିବାକୁ ଆଧୁନିକ ପାରମାଣବିକ ପଦାର୍ଥ ବିଦ୍ୟା (Atreic Physics) ର ଯଥେଷ୍ଟ ସାହାଯ୍ୟ ନେବାକୁ ପଡ଼ିଛି । × ସର୍ବ ପ୍ରଥମେ ଯେଉଁ ଉପାୟରେ ପେନିସିଲିନ୍ ସଂଶ୍ଳେଷଣ କରାଗଲା, ସେହି ପଦ୍ଧତିଟି ବିଶେଷ ଉପକାରୀ ହୋଇ ପାରିଲା ନାହିଁ । ତେଣୁ ପଦ୍ଧତିଟିର ସାମାନ୍ୟ ପରିବର୍ତ୍ତନ କରି ନିଉୟର୍କସ୍ଥ କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଭିନ୍‌ସେଣ୍ଟ-ଡୁ-ଭିଗିନାଅଡ୍



* Chain and Robinson—etal—1943 + Science—1946—November.
× Science News—4th Vol Page 71—1947

(Vincent-du-Vigneaud) ସାଂଶ୍ଳେଷିକ ଉପାୟରେ ପ୍ରସ୍ତୁତ କରିବାପାଇଁ ଲାଗି ପଡ଼ିଥିଲେ । କିନ୍ତୁ ପରିମାଣ ଦୃଷ୍ଟିରୁ ଏହା ଉତ୍ସାହଦାୟକ ନୁହେଁ । ତେଣୁ ସଂଶ୍ଳେଷଣ ଦୃଷ୍ଟିରୁ ଦେଖିଲେ, ପେନିସିଲିନ୍ ଅନ୍ୟାନ୍ୟ ଔଷଧ ଭଳି ରସାୟନିକ କାରଖାନାରେ (Chemical Works) ପ୍ରସ୍ତୁତ ହୋଇ ବଜାରରେ ବିକି ହେବାକୁ ଅନେକ ଦିନ ଦରକାର । କିନ୍ତୁ ଏପରିଦିନ ଆସିବ ଯେଉଁଦିନ କି ପେନିସିଲିନର ଉତ୍ପାଦପାଇଁ ହଜାର ହଜାର ମହଣ ଜଳ ଧରୁଥିବା ଭାଣ୍ଡର ପ୍ରୟୋଜନ ହେବ ନାହିଁ, ଦିନ ଦିନ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ । ସାମାନ୍ୟ ଗୋଟିଏ ଦଶଇଞ୍ଚ ଲମ୍ବ ବିଶିଷ୍ଟ ଟେଷ୍ଟଟିଉବ୍ ଓ କେତେକ ବିକାରକ (Reagents) ସାହାଯ୍ୟରେ କିମିଷକ ମଧ୍ୟରେ କଲସୁଗର ବିଶଲ୍ୟ କରଣୀ ତୁଲ୍ୟ ଏହି ପେନିସିଲିନ୍ ପ୍ରସ୍ତୁତ ହୋଇ ପାରିବ । ଅଧ୍ୟାପକ ଭିନ୍‌ସେଣ୍ଟ ଦର୍ଶାଇଥିଲେ ଯେ ଭିନ୍ନ ପ୍ରକାର ପଦ୍ଧତି ଅନୁସାରେ ଭିନ୍ନ ପ୍ରକାରର ପେନିସିଲିନ୍ ପ୍ରସ୍ତୁତ ହୋଇପାରେ । ସେ ବିଶ୍ୱାସ କରନ୍ତି ଯେ ଯଦି ସଂଶ୍ଳେଷଣ ଦିଗରେ ଅଧିକ ଗବେଷଣା କରାଯାଏ, ତେବେ ନୂଆ ନୂଆ ପେନିସିଲିନ୍ ବାହାରିବ, ଏଥିରେ ସନ୍ଦେହ ନାହିଁ । ମୋ ଅତୁଟ ବିଶ୍ୱାସ କରନ୍ତି ଯେ ସାଂଶ୍ଳେଷିକ ଭାବରେ ଯେଉଁ ନୂତନ ନୂତନ ପେନିସିଲିନ୍ ପ୍ରସ୍ତୁତ ହେବ, ସେ ଗୁଡ଼ିକ ବର୍ତ୍ତମାନ ବ୍ୟବହୃତ ପେନିସିଲିନ୍‌ଠାରୁ ଅଧିକ ଶକ୍ତିଶାଳୀ ହୋଇପାରେ । ସହସ୍ର ସହସ୍ର ବୈଜ୍ଞାନିକମାନଙ୍କର ଗବେଷଣା ଫଳରେ ଯେଉଁସବୁ ପେନିସିଲିନ୍ ଆବିଷ୍କୃତ ହେବ, ସେ ଗୁଡ଼ିକୁ ନାମକରଣ କରିବାକୁ ଯାଇ ହୁଏତ ଇଂରେଜି ଶବ୍ଦମାଳା ଶେଷ ହୋଇ ଯାଇପାରେ । ଆଜିକାଲି ଗନ୍ଧକଯୁକ୍ତ ଔଷଧ ( Sulrur drugs ) ବଜାରରେ ଯେପରି ଭରି ରହିଛି, ସେପରି ଦିନେ ହଜାର ହଜାର ପ୍ରକାରର ପେନିସିଲିନ୍ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଔଷଧ ଦୋକାନରେ ଭରିଯିବ, ଏଥିରେ ସନ୍ଦେହ ନାହିଁ । ଭବିଷ୍ୟତରେ ଏପରି ଏକ ପେନିସିଲିନ୍ ସାଂଶ୍ଳେଷିକ ଭାବରେ ପ୍ରସ୍ତୁତ ହୋଇପାରେ, ଯା'ର ପ୍ରକୃତ ବ୍ୟବହୃତ ପେନିସିଲିନ୍‌ଠାରୁ ଶତେଗୁଣ ଅଧିକ ହୋଇପାରେ ଓ ହଜାର ହଜାର ରୋଗ ବିରୁଦ୍ଧରେ ବ୍ୟବହୃତ ହୋଇ ପାରିବ । ଏପରି ଏକ ପେନିସିଲିନର ପ୍ରସ୍ତୁତ ଫଳରେ ଚିକିତ୍ସା ଜଗତରେ ଏକ ବିପ୍ଳବ ସୃଷ୍ଟି ହେବ, ଆମ୍ଭମାନଙ୍କୁ ଆଉ ମେହ, ପ୍ରମେହ, ଯକ୍ଷ୍ମା, ସନ୍ନିପାତ, କେନ୍‌ସର, ଟାଇଫଏଡ୍ ପ୍ରଭୃତି ସାଂଘାତିକ ରୋଗକୁ ସେତେ ଭୟ କରିବାକୁ ପଡ଼ିବ ନାହିଁ । ସେହିଦିନ ବିଜ୍ଞାନର ବିଜୟ ଦୁନ୍ଦୁଭି ବାଜି ଉଠିବ । ରୋଗ ବିରୁଦ୍ଧରେ ଆମ୍ଭେମାନେ ଜୟୀ ହୋଇ ପାରିବୁ ।

ବର୍ତ୍ତମାନ ସୁଦ୍ଧା ଯେତେ ଔଷଧ ଆବିଷ୍କୃତ ହୋଇଅଛି, ସେମାନଙ୍କଠାରୁ ପେନିସିଲିନ ଅଧିକ ଶକ୍ତିଶାଳୀ । ନିମ୍ନଲିଖିତ ଉଦାହରଣରୁ ପାଠକ-ପାଠିକାମାନେ ଏହାର ଶକ୍ତି ସମ୍ବନ୍ଧରେ ଧାରଣା କରିପାରିବେ । ଗୋଟିଏ ଦଳ ରସାୟନବିତ୍ ଦାବୀ କରନ୍ତି ଯେ ସେମାନଙ୍କଦ୍ୱାରା ପ୍ରସ୍ତୁତ ଏକଭାଗ ପେନିସିଲିନ୍ ସହିତ ତିନିକୋଟି ଭାଗ ଜଳ ମିଶାଇ ଲଘୁକରଣରେ ଯେଉଁ ଦ୍ରବଣ ପ୍ରସ୍ତୁତ ହୁଏ, ସେହି ଦ୍ରବଣର ଗୋଟିଏ ଭାଗ, ୨୦ ଟା ୩୦ ଲକ୍ଷ ହେମୋଲାଇଟିକ ଷ୍ଟ୍ରେପ୍‌ଟୋକୋକସ୍ ନାମକ ସାଂଘାତିକ ଜୀବାଣୁକୁ ବିନାଶ କରିବାକୁ ସମର୍ଥ ହୁଏ ।+ ଅନ୍ୟ ଦଳଟି ଦାବୀ କରନ୍ତି ଯେ ସେମାନଙ୍କ ପ୍ରସ୍ତୁତ ଏକଭାଗ ପେନିସିଲିନ ସଙ୍ଗେ ୩୨୦ ଲକ୍ଷ ଭାଗ ଜଳ ମିଶାଇ ଲଘୁକରଣରେ ଉପରୋକ୍ତ ଫଳ ମିଳେ । ✱ଏହି ଦ୍ରବଣ ଷ୍ଟେଫାଇଲୋ କକ୍‌ସି, ଷ୍ଟ୍ରେପ୍ଟୋ-କକ୍‌ସି, ଗନୋକକ୍‌ସି, ମେନିଙ୍ଗୋ କକ୍‌ସି, ନିଉମୋ କକ୍‌ସି ପ୍ରଭୃତି ରୋଗ ଜୀବାଣୁମାନଙ୍କର ଶରୀର ବୃଦ୍ଧିକୁ ବନ୍ଦ କରିଦିଏ ଓ ପରେ ସେ ଗୁଡ଼ିକୁ ବିନାଶ କରେ । ପେନିସିଲିନ୍‌ର ଶକ୍ତିଶାଳୀତା ଗନ୍ଧକଯୁକ୍ତ ଔଷଧ (Sulphur Drugs) ଠାରୁ ଯଥେଷ୍ଟ ଅଧିକ । ଶରୀର ଉପରେ ଗନ୍ଧକଯୁକ୍ତ ଔଷଧର ଯେତେ ବିଷାକାରକ (Toxic) ଶକ୍ତି ଅଛି ପେନିସିଲିନର ସେତେ ନାହିଁ । ତେଣୁ ଏହା ଅଧିକ ଉପଯୋଗୀ



+ Meyer and Schwenk etal—1942.

✱ Chain and Abraham—1942.

Digitized by srujanika@gmail.com

ବ୍ୟବହୃତ ହେଲେ କୌଣସି କ୍ଷତି ହୁଏ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ମନେହୁଏ ଯେ ଭବିଷ୍ୟତରେ ଗନ୍ଧକଯୁକ୍ତ ଔଷଧର ବ୍ୟବହାର ଉଠିଯିବ; ବର୍ତ୍ତମାନ ବର୍ତ୍ତିରେ ସମସ୍ତେ ପେନିସିଲିନ୍‌କୁ ବ୍ୟବହାର କରନ୍ତି ।

ପେନିସିଲିନ୍ ଧଳା ପାଉଡର ଭାବରେ ବିକ୍ରୟ ହୁଏ । ଏହି ଧଳା ଚୂର୍ଣ୍ଣ ପେନିସିଲିନ୍‌ର ସୋଡିଏମ୍ ଲବଣ । କେତେ ଗ୍ରାମ୍ ପାଉଡର୍‌ରେ କେତେ ଇଉନିଟ୍‌ସ୍ ପେନିସିଲିନ୍ ଥାଏ । ତାହା ଔଷଧ ଫାଇଲ୍ ଉପରେ ଲେଖା ହୋଇଥାଏ । ସଂଶ୍ଳେଷିକ ଭିଟାମିନ୍‌ପରି ପେନିସିଲିନ ଆନ୍ତର୍ଜାତିକ ଇଉନିଟ୍‌ସ (International units) ଦ୍ୱାରା ମପାଯାଏ । ପେନି-ସିଲିନ୍‌କୁ ସାଧାରଣତଃ ମାଂସ ପେଶୀର ଭିତରେ ବା ଧମନୀ ଭିତରେ ସିରି ପ୍ରୟୋଗ ଦ୍ୱାରା ପ୍ରବେଶ କରାଯାଏ । ଏଥିପୂର୍ବରୁ ପେନିସିଲିନ୍ ଚୂର୍ଣ୍ଣକୁ ନିର୍ଜୀବିତ ଜଳଦ୍ୱାରା ଦ୍ରବୀଭୂତ କରିବାକୁ ହୁଏ । ଗୋଟିଏ ଗ୍ରାମ୍ ନିର୍ଜୀବିତ ନ କଲେ ଲକ୍ଷେ ଆନ୍ତର୍ଜାତିକ ଇଉନିଟ୍‌ସ୍ ବ୍ୟବହାର କରାଯାଇପାରେ । ଜଳକୁ ପ୍ରଥମତଃ ନିର୍ଜୀବିତ କରିବା ଦରକାର, ନଚେତ୍ ଜଳ ଭିତରେ ଥିବା ଅନିଷ୍ଟକାରୀ ଜୀବାଣୁ ଗୁଡ଼ିକ ଦ୍ରବୀଭୂତ ପେନିସିଲିନ୍‌କୁ ନଷ୍ଟ କରିପକାନ୍ତି । ଯେଉଁ ଚିକିତ୍ସକମାନେ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସେମାନେ ଅନେକ ସମୟରେ ଭଲ ଫଳ ପାଆନ୍ତି ନାହିଁ । ପେନିସିଲିନ୍ ଅତିଶୀଘ୍ର ଶରୀର ଦ୍ୱାରା ବିଶୋଷିତ ହୁଏ ଓ ଅତି ଶୀଘ୍ର ପରିସ୍ରା ଦେଇ ବାହାରିଯାଏ । ତେଣୁ ପେନିସିଲିନ୍ ଦ୍ୱାରା ଚିକିତ୍ସିତ ରୋଗୀ ଆଶାଜନକ ଅବସ୍ଥାକୁ ଫେରି ନ ଆସିବା ପର୍ଯ୍ୟନ୍ତ ପ୍ରତି ତିନି ଘଣ୍ଟାରେ ଥରେ ଲେଖାଏଁ କରି ଦିନକୁ ଆଠଥର ଇନ୍‌ଜେକ୍‌ସନ୍ ଦେବା ଦରକାର । ପ୍ରତି ଥରକେ ୧୫ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ଆନ୍ତର୍ଜାତିକ ଇଉନିଟ୍‌ସ୍ ଶରୀର ମଧ୍ୟରେ ପ୍ରବେଶ କରାଇବା ଉଚିତ । ସମୟେ ସମୟେ ସୁବିଧା ଅନୁଯାୟୀ ପ୍ରତ୍ୟେକ ପାନର ପରିମାଣକୁ କମାଇ ଦେଇ, ବା ବଢ଼ାଇ ଦେଇ ସମୟ ବ୍ୟବଧାନକୁ ଯଥାକ୍ରମେ ବଢ଼ାଇ କିମ୍ବା କମାଇ ଦିଆଯାଇ ପାରେ । ପେନିସିଲିନ୍ ବ୍ୟବହାର ଦିଗରେ ଗୋଟିଏ ସୁବିଧା ଅଛି ଯେ ଏହା ଗନ୍ଧକଯୁକ୍ତ ଔଷଧର ବ୍ୟବହାର ସମୟରେ ବ୍ୟବହୃତ ହୋଇପାରେ । ଅନେକ ସ୍ଥାନରେ ପେନିସିଲିନ୍‌କୁ ଇନ୍‌ଜେକସନ୍ ଦେବା ଫଳରେ ମୁଣ୍ଡବିନ୍ଧା, ବାନ୍ତି ପ୍ରଭୃତି ନାନାପ୍ରକାର ଚିହ୍ନ ଦେଖାଯାଏ । କିନ୍ତୁ ଏହିସବୁ ଚିହ୍ନ ଗୁଡ଼ିକ ଅତିଶୀଘ୍ର ଅପସାରିତ ହୁଏ । ଯଦି ଅପସାରିତ ନ ହୁଏ, ତେବେ ଚିକିତ୍ସକମାନେ ଏଡ୍ରିନେଲିନ୍‌ର ଇନ୍‌ଜେକ୍‌ସନ୍‌ର ସାହାଯ୍ୟ ନେଇଥାନ୍ତି ।

ପେନିସିଲିନ୍ କିପରି ରସାୟନବିତ୍‌ମାନଙ୍କର ଗବେଷଣାଗାରରେ ପ୍ରସ୍ତୁତ କରାଯାଏ, ସେ ବିଷୟରେ ଉପରେ ଯଥେଷ୍ଟ ବର୍ଣ୍ଣିତ ହୋଇଅଛି । କିନ୍ତୁ ଏହି ଉପାୟରେ ପ୍ରସ୍ତୁତ କରି ମାନବ ସମାଜକୁ ଯୋଗାଇବା ଅସମ୍ଭବ । ରସାୟନିକ କାରଖାନାରେ କିପରିଭାବରେ ପେନିସିଲିନ୍ ପ୍ରସ୍ତୁତ କରାଯାଏ, ସେ ବିଷୟରେ ପାଠକପାଠିକାମାନଙ୍କୁ ସାମାନ୍ୟ ଆଭାଷ ଦେବା ଦରକାର । ରସାୟନିକ କାରଖାନାମାନଙ୍କରେ ଛୋଟ ଛୋଟ କାଚ ପାତ୍ର ପଦ୍ଧତିରେ ଖୁବ୍ ବଡ଼ ବଡ଼ ଲୌହନିର୍ମିତ ଭାଣ୍ଡସବୁ ବ୍ୟବହୃତ ହୁଏ । ଗୋଟିଏ ଗୋଟିଏ ଭାଣ୍ଡ, ଏତେ ବଡ଼ ବୃହତ୍ ଯେ ସେଥିରେ ଲକ୍ଷେ, ଦେଢ଼ଲକ୍ଷ ମହଣ ଲେଖାଏଁ ଜଳ ଧରିପାରିବ । ଏହି ଲୌହ ଭାଣ୍ଡରେ ଉପରୋକ୍ତ ଜାତୀୟ ତରଳ ଦ୍ରବଣ ଭର୍ତ୍ତିକରି ସେଥିରେ ଛତୁ ଗୁଡ଼ିକୁ ବଢ଼ିବାକୁ ଦିଆଯାଏ ·ଏହା ଫଳରେ ଉକ୍ତ ପାତ୍ରମାନଙ୍କରେ ବିରାଟ ପରିମାଣରେ ପେନିସିଲିନ୍ ପ୍ରସ୍ତୁତ ହୁଏ । ଉପରୋକ୍ତ ପଦ୍ଧତି ଅନୁସାରେ ଏହି ପାତ୍ରମାନଙ୍କରୁ ପେନିସିଲିନ୍ ଅଲଗା କରାହୁଏ ଓ ବିଶୋଧନ କରାଯାଏ । ତତ୍ପରେ ସୋଡିୟମ୍ ଲବଣ ହୋଇ ଧଳା ଚୂର୍ଣ୍ଣରୂପରେ ବଜାରକୁ ଆସେ । ପେନିସିଲିନ୍ ପ୍ରସ୍ତୁତ କରିବାପାଇଁ ଲିଭରପୁଲ ନିକଟରେ ଗୋଟିଏ ରସାୟନିକ କାରଖାନା ଅଛି । ସେଠାରେ ପ୍ରତି ସପ୍ତାହରେ ଦୁଇ ହଜାର କୋଟି ଆନ୍ତର୍ଜାତିକ ଇଉନିଟ୍‌ସ୍ ପେନିସିଲିନ୍ ପ୍ରସ୍ତୁତ ହୁଏ । ଏତଦ୍‌ବ୍ୟତୀତ ଇଂଲଣ୍ଡର ଉରହାମ୍ ନିକଟସ୍ଥ ବରନାର୍ଡ କାସଲଠାରେ ଆଉ ଗୋଟିଏ ବଡ଼



Digitized by srujanika@gmail.com

ପେନିସିଲିନ୍ କାରଖାନା ଅଛି । ଏଡ଼ଇନ୍‌ବର୍ଗର ପ୍ରଧାନ ରସାୟନବିତ୍ ଡାକ୍ତର ଏ. ଏଇଚ୍ କେମ୍ପ ବେଲ୍ ଏଠାରେ କାର୍ଯ୍ୟ କରନ୍ତି । ଏହି କାରଖାନାରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ସେ ନିଜେ ଉପଯୁକ୍ତ ଭାବରେ ଶିକ୍ଷା ଦେଇ ଗ୍ରହଣ କରନ୍ତି । ସେ ଅନ୍ୟମାନଙ୍କଭଳି ଉପଯୁକ୍ତ ଶିକ୍ଷାପ୍ରାପ୍ତ ଲୋକ ଖୋଜନ୍ତି ନାହିଁ । ଡାକ୍ତର ଏ. ଏଇଚ୍ କେମ୍ପବେଲଙ୍କର ଏହି ଗୁଣଟି ଅତି ପ୍ରଶଂସନୀୟ । ଏତଦ୍‌ବ୍ୟତୀତ ତାଙ୍କର କଷ୍ଟ ସହିଷ୍ଣୁତା ବିଷୟ ଶୁଣିଲେ ତାଙ୍କଠାରେ ମସ୍ତକ ନତ ହୁଏ । ବର୍ଷ ବର୍ଷଧରି ସେ କାରଖାନା ଭିତର ଛଡ଼ା ବାହାରକୁ ଯାଇନାହାନ୍ତି । ଏହିପରି ନିଷ୍ଠାପର ବୈଜ୍ଞାନିକମାନଙ୍କ ଦ୍ୱାରା ବାସ୍ତବିକ ବିଜ୍ଞାନର ଉନ୍ନତି ହୁଏ । ଉପରୋକ୍ତ ଦୁଇଟି କାରଖାନା ବ୍ୟତୀତ ଇଂଲଣ୍ଡରେ ଆହୁରି ଅନେକ ଛୋଟ ବଡ଼ କାରଖାନା ଅଛି । ସେଥିମଧ୍ୟରେ ମିଡ୍‌ଲସେକ୍‌ସସ୍ଥ ଗ୍ରିନ୍‌ଫୋର୍ଡର ପ୍ରସିଦ୍ଧ ଗ୍ଲାକ୍ସୋ କୋମ୍ପାନୀ ଉଲ୍ଲେଖ ଯୋଗ୍ୟ ।

ନିଜ ଦେଶରେ ପେନିସିଲିନ୍ ପ୍ରସ୍ତୁତପାଇଁ ଇଂଲଣ୍ଡ ସରକାର ଗତ କେତେବର୍ଷ ଭିତରେ ତିରିଶ୍ ଲକ୍ଷ ପାଉଣ୍ଡ ଖରଚ କରିଛନ୍ତି । ଏହି ଟଙ୍କା ବେଶି କିଛି ଅଧିକ ବୋଲି ମନେ ହୁଏ ନାହିଁ । କାରଣ ଏହା ଗତ ମହାସମରର ଦୈନିକ ଖର୍ଚ୍ଚର ଏକ-ପଞ୍ଚମାଂଶ । ଏହି କାରଖାନା ଗୁଡ଼ିକ ପେନିସିଲିନ୍‌କୁ ବିଭିନ୍ନ ଆକାରରେ ବଜାରକୁ ପଠାନ୍ତି । ସେମାନେ ଧଳା ଚୂର୍ଣ୍ଣ ଭାବରେ, ପେନିସିଲିନ୍ ମଲମ୍ ଭାବରେ ଓ ପେନିସିଲିନ୍ ଲଜେନ୍‌ସ (ଏକପ୍ରକାର ମିଠାଇ) ଭାବରେ ବଜାରକୁ ପଠାନ୍ତି । ଆମ ଦେଶରେ ବୋମ୍ବାଇସ୍ଥ ହପକିନ୍‌ସ ଅନୁଷ୍ଠାନ ଓ ବାଙ୍ଗାଲୋର୍‌ରେ ଏହା ପ୍ରସ୍ତୁତ ହେଉଅଛି । ଏତଦ୍‌ବ୍ୟତୀତ ଆମ ଦେଶର ଅନେକ ବିଶ୍ୱବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନ ଓ ନବାବ ଗବେଷଣାଗାରମାନ ଏ ଦିଗରେ ତୁମୁଳ ଗବେଷଣା ଚଳାଇଛନ୍ତି ।

ପେନିସିଲିନର ଉପକାରିତା ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଗଲେ, ଏହି ପ୍ରବନ୍ଧପରି ଆଉ ଗୋଟିଏ ପ୍ରବନ୍ଧ ହେବ । ଏହା ଆଜିକାଲି ଏତେ ରୋଗରେ ବ୍ୟବହୃତ ହେଉଅଛି, ଯେ ତାହାର ଏକ ବିସ୍ତୃତ ତାଲିକା ଦେବା ବଡ଼ କଷ୍ଟ । ଏହି ଔଷଧର ପ୍ରୟୋଗରେ ସୁକଠିନ ଗନେରିଆ ରୋଗ ୨୪ ଘଣ୍ଟା ମଧ୍ୟରେ ଭଲ ହୁଏ । ନିମୋନିଆ ଦିଗରେ ପେନିସିଲିନ୍‌ର କ୍ଷମତା କମ୍ ନୁହେଁ । ଏତଦ୍‌ବ୍ୟତୀତ ପେନିସିଲିନ୍ ଆହୁରି ଅନେକ ରୋଗରେ ବ୍ୟବହୃତ ହୁଏ । ପେନିସିଲିନ୍‌ର ଏହିସବୁ କାର୍ଯ୍ୟକୁ ଉପଲବ୍ଧି କରି ଏହାକୁ 'କଳିଯୁଗର ବିଶଲ୍ୟକରଣୀ' କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମନେହୁଏ । ବିଶଲ୍ୟ-କରଣୀ ତ୍ରେତାଯୁଗରେ ଯେପରି ଅସାଧ୍ୟସାଧନ କରିପାରୁଥିଲା, କଳିଯୁଗରେ ପେନିସିଲିନ୍ ସେହିପରି ଅସାଧ୍ୟ ସାଧନ କରୁଅଛି । ପଠାଘା, ସିଫିଲିସ୍, ମେହ, ପ୍ରମେହ ଆଦି ରୋଗର ଯନ୍ତ୍ରଣାକୁ ଆମର ଆଉ ଭୟ ନାହିଁ, କେବଳ ପେନିସିଲିନର ଆବିଷ୍କାର ଯୋଗୁ। କିନ୍ତୁ ଦୁଃଖର ବିଷୟ ପେନିସିଲିନ୍‌ର ବ୍ୟବହାରରେ ବସନ୍ତ, କଲେରା, ଇନ୍‌ଫ୍ଲୁଏନ୍‌ଜା, ଯକ୍ଷ୍ମା, ଟାଇଫଏଡ୍ ପ୍ରଭୃତି ରୋଗ ଭଲ ହୋଇ ପାରୁନାହିଁ । ଆଶା କରାଯାଏ, ଭବିଷ୍ୟତରେ ନୂତନ ନୂତନ ପେନିସିଲିନ୍‌ର ଆବିଷ୍କାରରେ ଆମ୍ଭେମାନେ ଏହି ରୋଗବିରୁଦ୍ଧରେ ଠିଆ ହେବାକୁ ସମର୍ଥ ହେବୁଁ । ଆମ୍ଭେମାନେ ବର୍ତ୍ତମାନ ପେନିସିଲିନ୍ ଯୁଗର ପ୍ରଥମ ପାଦରେ ପହଞ୍ଚିଛୁଁ । ତେଣୁ ଆମେ ଏପରି ଅବସ୍ଥାରେ ପେନିସିଲିନ୍‌ଠାରୁ ବେଶିକିଛି ଆଶା କରିବା ଅନ୍ୟାୟ । ପେନିସିଲିନ୍ ଆବିଷ୍କୃତ ହୋଇ ମହାମାନବ ସମାଜର ଯେଉଁ ହିତ ସାଧନ କରୁଅଛି, ତାହା ଭବିଷ୍ୟତର ଇତିହାସ ବିଚାର କରିବ ।



Digitized by srujanika@gmail.com

# ରୂପଜ ମୋହ କିବା ପ୍ରେମ ?

ଶ୍ରୀ ପ୍ରହ୍ଲାଦ ମହାନ୍ତି

"ମୀନ ନୟନା କ୍ଷୀଣ ହେବଣି ମୋ ଧନା" । ପିଲାଦିନରୁ ଅତି ଆଦରର ପ୍ରିୟ ଗୀତଟି ମୋର । ଭାଷାରେ ତ ସେହି ପୂର୍ବର ସମାନ ଭାବ, ରେକର୍ଡରେ ବି ସମାନ ସୁର ବିନ୍ୟାସ ଅଛି । ଆଜି ଆଉ ସେ ଦିନର ପ୍ରଭେଦ ମଧ୍ୟରେ ବର୍ଷ ଆଠ ଦଶଟାର ବ୍ୟବଧାନ ଯାହା କିଛି । ବାପା ସେଦିନ ମୋ ତୁଣ୍ଡରୁ ଗୀତଟା ସାମନା ସାମନି ଶୁଣି କାନ ମୋଡ଼ି ଦେଇଥିଲେ, ଆଜି ଶୁଣିଲେ ନ ଶୁଣିଲା ପରି ବାଟ ଭାଙ୍ଗି ଚାଲିଯାନ୍ତି ! କିନ୍ତୁ ଗୀତ ମୋର ସରେ ନା ।

ହୃଦୟ ଭିତରେ କିପରି ଏକ ଅଜଣା ବ୍ୟଥା ଅନୁଭବ କରେ । ଅଗଣିତ ଉନିଦ୍ର ରଜନୀ ବିତେ । ତୂଳୀତଳ୍ପ ପାଷାଣ ସମ କର୍କଶ ଓ କଠୋର ବୋଧହୁଏ । ମୋ ପାଇଁ ଜ୍ୟୋସ୍ନା ହୁଏ ଜ୍ୟେଷ୍ଠର ଝାଞ୍ଜିମୟ ରୌଦ୍ର, ମଳୟ ହୁଏ ମରୁର ନିଆଁ ମିଶା 'ଲୁ', ବୁଝି ଅବୁଝା ରହେ ଏ ଅବସାଦ କିଆଁ ? ହୃଦୟର ଶୂନ୍ୟତା କାହା ପାଇଁ ଅବା ? କଳ୍ପନା ପ୍ରେୟସୀର ଆଲିଙ୍ଗନ ଉଦ୍ଦେଶ୍ୟରେ କର ବିସ୍ତାର କରେ । ହସ୍ତ ସଞ୍ଚାଳନ ଉଥରର ଶୂନ୍ୟ ବକ୍ଷରେ ଯେତିକି ଆନ୍ଦୋଳନ ସୃଜନ କରୁଥିବ ମାତ୍ର । ଅସଂଖ୍ୟ କବିଶେଖର ନବମନ୍ଥନର ସୁକୁମାରୀ, ସ୍ନିଗ୍ଧ ଛବି ନାଚେ ଚକ୍ଷୁତାରା ମୋର ଝଲସିତ କରି, କଳ୍ପନାର ସେହି ବାସ୍ତବରୁ ଶତ ଗୁଣ ବଳି ମାଦକତା ଆଣେ ।

କୌଣସି ମୀନନୟନା ମୋ ଧନା କ୍ଷୀଣ ହୁଏନା ସତ, କିନ୍ତୁ ଅନ୍ତର ଭିତରେ ମହମ ବତୀ ପରି ଧିକି ଧିକି ହୋଇ ଜଳେ ଅଜଣା କେତେ ମୀନନୟନା, ଗଜଗମନା, ପିକବଚନାଙ୍କ ପାଇଁ । ଏମାନଙ୍କ ମଧ୍ୟରୁ କେହି ହୁଏତ ଭୁଲରେ ମୋ ପ୍ରତି ଦୃଷ୍ଟି ପାତ ନ କରନ୍ତୁ ପଛେ ମୋର ପିଆସୀ ଆଖି ଖାଲି ରୂପସୁଷମାକୁ ପିଇ ପିଇ କରି ତୃପ୍ତି ନେଉଛି । ମନଆକାଶରେ ବିବିଧ କୁସମର ଇନ୍ଦ୍ର-ଧନୁ ଦେଖା ଦେଇ ଲୁଚିଯାଏ, ସୌନ୍ଦର୍ଯ୍ୟ ଉପଲବ୍ଧି କଣ ଅଭଦ୍ରତା ? ରୂପର ଉପାସନା କଣ ପାପ ? ମନେ ଅଛି, ଯେଉଁଦିନ ଚନ୍ଦ୍ରଭାଗା ପଛେ ସୂର୍ଯ୍ୟ ଦେବ ପରି ଧାଉଁଥିଲି କେଉଁ ଏକ ଅଚିହ୍ନା ବାଳିକା ସଙ୍ଗେ । ଯେତେବେଳେ "ସୁନ୍ଦରେ ତୃପ୍ତିର ଅବସାଦ ନାହିଁ" ସ୍ମରଣ କରି ଥରେ ନୁହେଁ ବାରବାର କବିଙ୍କର ପ୍ରଶସ୍ତି ଗାନ କରିଛି । ହଠାତ୍ ଚେତନା ଆସିଲା ଯେତେବେଳେ ଶୁଣିଲି ସେ ତା'ର ବଡ଼ ଭଉଣୀକୁ ଡାକି କହୁଛି, "ଅପା ଏଲୋକଟା କିଆଁ ବଣୁଆ ଜୀବ ଭଳି ଗିଳିଦେଲା ଆଖିରେ ମୋତେ ଅନାଇ ରହିଛି ?" ଉଃ ! କେତେଗୁଡ଼ାଏ ବାଟ ନ ଜାଣି ଚାଲି ଆସିଲି, ସିଂହ ଦରଜାରୁ କେତେ ଦୂର । କ୍ଳାନ୍ତ ଦେହ, ଭ୍ରାନ୍ତ ମନ ନେଇ ଫେରିଲି । ସହପାଠୀ ସତ୍ୟବାଦୀ ରହସ୍ୟ ସୃଷ୍ଟି ମାନସରେ ଶାନ୍ତନିବେଦନ ଭଂଗୀରେ ଶଦ୍ଦକାର କରୁଥିଲା ଅଥଚ ନବୀନ ଛନ୍ଦରେ, "କିଓ, ଅନ୍ଧାର ଘର, କୁଅଭିତର, କୋଉଠି ଖସି, ଅଲଣ୍ଡୁ ଗାଦା, ଜାଣିକି ମଣ୍ଡି କୁଅତେ ?"

ଲଜ୍ଜିତ ହେଲି, କେତେ ଧର ବି ଉଦ୍ରେକ ହେଲା, ନିଜକୁ ନିଜେ ଘନ ଘନ ପ୍ରଶ୍ନ କଲି, କାଳିଆ ବୋଲି କଣ ମୁଁ ଅସୁନ୍ଦର ? ପ୍ରେମ କରିବାର ଅଧିକାର କଣ ମୋ'ଠି ନାହିଁ ? କୃଷ୍ଣଙ୍କର ଘନବର୍ଣ୍ଣ ତନୁ ଲାବଣ୍ୟ ତ ଲକ୍ଷ ଗୋପୀଙ୍କୁ ପାଗଳୀ କରିଥିଲା । ମୋର କୃଷ୍ଣରୂପ କଣ ଯେ କାହାରିକୁ ପ୍ରଣୟର ହାଣ୍ଡିଆ ପିଆଇ ଦେଇ ପାରିବ ନାହିଁ ? ଆତ୍ମାଭିମାନର ଜାଗ୍ରତ ଆସିଲା । ହସ୍ତ ପଦରେ ଶୈଥିଲ୍ୟ ଦେଖାଦେଲା । ନେତ୍ର ବନ୍ଦ କରି ଖଟ ଉପରେ ପଡ଼ି ରହିଲି । ଶୁଣିଲି ଭୁଇଁରେ ଜାଅନ୍ତା ମାଛ ପରି ଛଟପଟ ହୋଇ ଘଡ଼ିକ ବାଦେ ଉଠିଲି । ସ୍ୱମୁଖଶ୍ରୀ ଅବଲୋକନ କରିବାର ତୀବ୍ର ବାସନା ଚାପି ନ ପାରି ଆଖି ସାମନାରେ ଦର୍ପଣ ଉଭା ହେଲା । ମୁକୁରରେ



Digitized by srujanika@gmail.com

ପ୍ରତିବିମ୍ବିତ ବଦନ ଛବି ଦେଖି ଆତ୍ମପ୍ରସାଦ ନ ଜାଗିଲେ ମଧ୍ୟ ସମ୍ପୂର୍ଣ୍ଣ ହତାଶ ହେଉ ନଥିଲେ।

ଲଙ୍ଗଳ ମୂଳ ଉଲଗ୍ନ ଭାବରେ ଝୁଲିଥିବା ଟୋପି ମାଟିଆ ରଙ୍ଗର ଘୋର କପୋଳ ଓ ଚିବୁକ ଉପର ଏକ ରକମ ହ, ଡିମ୍ବ ଉର୍ଦ୍ଧ ଗ୍ରୀଷ ହୋଇଥିଲା। ବନ୍ଧୁଗଣ ଗଛ ସଙ୍ଗେ ସଙ୍ଗୀତ ବସିବାଠାରୁ ଆରମ୍ଭ କରି Dr. K. F. michael ଙ୍କର Pimplom ବ୍ୟବହାର କଲେଣି କିନ୍ତୁ ଯାହା କଲେ ବି ତାଙ୍କ ସ୍ଫୁରିତ ଦାଗ ବଦନ ମଣ୍ଡଳରୁ ଲିଭୁନି। ଅନ୍ତରଙ୍ଗ ସୁହୃଦ କିନା, ଏତେ ଶୀଘ୍ର ଭୁଲିବାଟା ତାଙ୍କ ପକ୍ଷେ ସମ୍ଭବ ନାହିଁ। ଚେହେରାକୁ ବାଗେଇବା ପାଇଁ ସେ କମ୍ ଚେଷ୍ଟା କରିନି। ଚେରକ୍ ସୋନା ସାବୁନ, ଭାସଲିନ୍ କ୍ରିମ ମାଖି, ଶାନ୍ତିପୁରୀ ଧୋତି ଉପରେ ମଲ୍ ମଲ୍ ପଞ୍ଜାବୀ, କାନ୍ଥରେ ରୁମାଲରେ ହ, ଗୁଣ ବୁନ୍ଦା ଅତରଟା ଦେଲ-ବାହାର ଛିଞ୍ଚିଲେ ମଧ୍ୟ କେହି ପଣତ ଉହାଡ଼ରୁ ନେତ୍ର ଗ୍ରହଣି ଦ୍ୱାରେ ପେଷିଲେ ନାହିଁ। କାଳେ ଟିକିଏ ସୁନ୍ଦର ଦିଶିଯିବ ବୋଲି ଭଲ ଆଖି ଡାକ୍ତରଙ୍କ ଖରଚ କରି ଚଷମା ପିନ୍ଧିଲେ ପୁଣି ସୁନା ଫ୍ରେମ୍। ଶେଷରେ ହିଁ "କୁଟୀରେ ବସି ଏକା ବସନ୍ତଗୀତ ନିତି ଗାଇବା" ହେଲା ଶ୍ରେୟ। ହାୟ୍ Oliver Goldsmith ସମଦଶା ପନ୍ନ ତମେ ଆଉ ମୁଁ।

ଅନ୍ତରସାଗରରେ ନୈରାଶ୍ୟର ଦଂଶନରେ ଗୁମରି ଉଠେ। ମରମ ବୀଣାରେ ଝଂକୃତ ହୁଏ ଭୈରବୀ ରାଗିଣୀ। ତାହା ବିରହୀ ଯକ୍ଷର ମେଘକୁ ଦୂତ କରି "ତନ୍ୱୀଶ୍ୟାମା ଶିଖରିଦଶନା ପକ୍ୱ ବିମ୍ବାଧରୋଷ୍ଠୀ" ପ୍ରିୟା ନିକଟକୁ ବାର୍ତ୍ତା ପଠାଇବା ନ ହେଲେ ବି ତାଠାରୁ କରୁଣ, ଶିର ନ ଥାଇ ଶିରପୀଡ଼ା ହେବ ବା କିପରି ? କିନ୍ତୁ ମୋ ପାଖରେ ତା'ର ସତ୍ୟତା ଅଛି ନହେଲେ ଯେଣୁ ପ୍ରିୟା ନ ଥାଇ ବି ମୁଁ ବିରହୀ, ଦଗ୍ଧ ଓ କ୍ଷୁବ୍ଧ। ହୁଇ, ଗୁରୁ ଜାଗାରୁ ବିବାହ ପ୍ରସ୍ତାବ ଆସିଥିଲା, ମୁଁ କିନ୍ତୁ ... ... ପ୍ରତ୍ୟାଖ୍ୟାନ କରିଥିଲି ଜୀବନରେ ଏକ ଉଚ୍ଚ ଆଦର୍ଶ ଅନୁବର୍ତ୍ତୀ ହୋଇ। ପ୍ରେମ ବିବାହ (Lovemarriage) କରିବା ଥିଲା ମୋର ଲକ୍ଷ୍ୟ। ... ସମାଜ ଆଗରେ ... ...

ଧୂଳିଦେବାର ଯେତିକି ଇଚ୍ଛା ଥିଲା, ତାଠାରୁ ଅଧିକ ବନ୍ଧୁ ମହଲରେ ନିଜକୁ ପ୍ରେମିକ ବୋଲି ପରିଚୟ ଦେବାର ପ୍ରୟାସ। କଳ୍ପନା ସାଗର ମନ୍ଥିତ ହେଲା ଦ୍ୱାର ଦେଶରେ ଜାଲିଜା ସ୍କୁଲ୍ ମୋଟର ହର୍ଣ୍ଣ ଶୁଣି। ହୃଦୟ ବାଡ଼ିଧିଲେ ଯେଉଁ ମନ୍ଥନ ଆରମ୍ଭ ହେଲା ତହିଁରୁ ସୁଧା ନୁହେଁ ହଳାହଳର ହେଲା ଜନ୍ମ, ଯାର ଆସ୍ୱାଦନ ମୋତେ ତିଳ ତିଳ କରି ଜାଳି ଦେଉଛି। ଜଲନାର ଶୀର୍ଣ୍ଣ ଫାଙ୍କ ଦେଇ ଲୋଲୁପ ଦୃଷ୍ଟି ନିକ୍ଷେପ କଲି। କେତେ କଣେଇଁର ହସ-ହସ ମୁଖ ମାଲତୀର ଗନ୍ଧ ପରି ଲଳିତ ଓ ମୃଦୁ। ମୋ ସାନ ଭଉଣୀ ସୁମତୀକୁ ନେଇ ମୋଟର ବିଜୁଳି ବେଗରେ ଛୁଟିଲା।

ଲ୍ୟାମ୍ପର ସବୁଜ ଆଲୋକ କୋଠରୀ ସାରା ଛାଇ ଦେଇଥିଲା। ସୁମତୀକୁ ଖଣ୍ଡେ ଅଙ୍କ କଷିବାକୁ ଦେଇ ନିକୃଷ୍ଟ ଚିତ୍ତରେ ମାନସିଂହଙ୍କର ପୂଜାରିଣୀ ପଢ଼ୁଥିଲି——ସମାନ୍ୟ ନାରୀ ପାଇଁ କେବଳ ହୃଅର ଆକୁଳତା। ସୁମତୀ ବୋଧହୁଏ ଦେଖି ମୋର ... ଗତ ପଢ଼ାରୁ କ୍ଷାନ୍ତ ହେବା ମାନସରେ ଆରମ୍ଭ କଲା, "ଭାଇ ତମ ରୁମାଲରେ ଫୁଲ କିଏ ପକାଇଛି।" ରୁମାଲଟା ଏପାଖ ସେପାଖ ଓଲଟା ଓଲଟି କରି ଦେଖୁ ଦେଖୁ ନଜର ପଡ଼ିଲା ତଳେ ଲେଖାଥିବା A.D. ଉପରେ। କୌତୁହଳ ପ୍ରକାଶ କରି ପ୍ରଶ୍ନ କଲି, "A.D ର ଅର୍ଥ କଣ ସୁମ ?" ହସି ହସି ସେ ଉତ୍ତର କଲା, "ଅନିମା ଦାସ, ମୋ ସାଥୀ ଜଣେ ସ୍କୁଲ କରୁଛି।" ଆକାଶ କୁସୁମ ହସ୍ତଗତ ହେଲା ପରି ଉତ୍ଫୁଲ୍ଲ ହେଲି। ରାତ ପହିଲା ... ... ମଧୁପର ... ଅଳସ ... ... ଜ୍ଞାପନ କରୁଥିଲା। ଶିଳ୍ପୀ କଳାଶ୍ରେଷ୍ଠ କର୍ଣ୍ଣିମ ଦେହରେ ... ପ୍ରକୃତ କରି ... ... ଭୁଙ୍ଗଳ ରତ୍ନ ସ୍ପର୍ଶରେ କମଳିନୀର ପ୍ରାଣ ... ... ଯେଉଁ ... ... ମନେ ହେଲା ... ଏତେ ସୁନ୍ଦର, ସେ ... ... ହେଇ ନାହିଁ ?

... ... ... ... ଉପସ୍ଥିତ ... ! ... ... ... ... ... ...



Digitized by srujanika@gmail.com

ମଗ୍ନ, କିନ୍ତୁ ମୁଁ ଘନ ଘନ ନାଉଁ ଦେଖୁଥିଲି ରୁମାଲରେ ଅଙ୍କା ଫୁଲଟିକୁ ଯାହା ସବୁବେଳେ ଦରବିକଶିତ କୁସୁମ ପରି ଦିଶୁଥିଲା। ମୁଁ ଚିଠିଲେଖା କାଗଜ ଖଣ୍ଡେ ବାହାର କରି ଅନିମା ପାଖକୁ ଲେଖି ବସିଲି। କଣ ବୋଲି ସମ୍ବୋଧନ କରିବି ନେଇ କ୍ଷଣକାଳ ମନ ସଂଶୟାନ୍ଦୋଳିତ ହେଲା। "ସ୍ନେହର ଅନିମା," ପ୍ରଥମରୁ ଏ ଭଳି ଅନ୍ତରଙ୍ଗତା ସ୍ପୃହଣୀୟ ହୋଇ ନପାରେ। "ନନ୍ଦନର ପାରିଜାତ ମୋର," ଏଥିରେ କମ୍ ହାର୍ଦ୍ଦିକତା ନ ଥିଲେ ସୁଦ୍ଧା କବିତ୍ୱ ଫୁଟିଗଲା ଅତିରିକ୍ତ। "Dear Anima" ହିଁ, ଠିକ ଏଥିର, ଗୋଟିଏ ଶବ୍ଦ ବାପାଙ୍କଠାରୁ ଆରମ୍ଭ କରି ସ୍ତ୍ରୀ ପର୍ଯ୍ୟନ୍ତ ସବୁ ସ୍ଥଳରେ ପ୍ରଯୁଜ୍ୟ।

"ଅପରିଚିତ ହସ୍ତଲେଖା ବିଚଳିତ କରିପାରେ। ତେଣୁ କ୍ଷମା ପ୍ରିୟ ହେବ, ଆଶା। ତୁମ ସହିତ ଘନିଷ୍ଠ ହେବାର ସୌଭାଗ୍ୟ ନ ପାଇଥିଲେ ହେଁ ଶୁଣିଛି ଏଥୀଠାରୁ ତୁମ ଗୁଣ କୀର୍ତ୍ତନ ଓ ଯଶ ବର୍ଣ୍ଣନା ଶୁଣି। ବର୍ତ୍ତମାନ ସେହି ପ୍ରମାଣର ସାନ୍ନିଧ୍ୟ ଲାଭ କରିଛି। ଈଶ୍ୱରଙ୍କ କୃପାରୁ ଭବିଷ୍ୟତ ତୁମର ନିଶ୍ଚୟ ଉଜ୍ଜ୍ୱଳମୟ ହେବ। ନମସ୍କାର।"

ଲେଖା ଶେଷ ପରେ ଖାମ୍ ବନ୍ଦ କଲି। ହୃଦନ୍ତ୍ରାଳ ସ୍ପନ୍ଦିତ କରିବା ମାନସୀର ବୁକୁ ଉପରେ ରୁମାଲ ଖଣ୍ଡି ଥାପି ନଦ୍ରା ଗଲି।

ପରଦିନ ସୁମତୀ ଚିଠି ନେଇ ସ୍କୁଲକୁ ବାହାରିଗଲା। ମାନସ-ନିର୍ଝରିଣୀ ମୋର ସଙ୍ଗୀତର ତାନ ଚେଳି ବହୁଥିଲା ଅବିରାମ ଭାବେ। କେବେ କେବେ ଭାବନା-ତରଙ୍ଗ ଉଜାଣି ଗଲି-ଥିଲା ମନ୍ଦିର ଗର୍ଭରେ। ଅନିମା ଚିଠି ପଢ଼ି ଘୂରୁଥିବ କଳ୍ପନା ଅମରାବତୀରେ। ସ୍ୱପ୍ନ ନିଷ୍ଣ ଚିତ୍ତରେ ତା ହୃଦୟରେ ଦେଖି ଅଥିର ପୀଡ଼ିତର ଜନ୍ମନା ଉଦ୍ରେକ। ଯୁବକର ଯୁବତୀ ନିକଟକୁ ପତ୍ର—ମୂକ୍ତ ନ ଥିଲେ ମଧ୍ୟ ସୁପ୍ତ ଏ ମର୍ମ ହୃଦ ଜଳୁଛି ଆବେଗ, ପ୍ରଣୟର ମଧୁର ମାଦନା। ଅପରିଚିତ ଯୁବକର ଚିଠାଉ ହୃଦୟକୁ କରିବା କିଛି ନୁହେଁ। ଅଣ, ନାନାଶାଖ କାଳେ ଖେଳ ମନମଧ ଭଳିନା ପ୍ରାନ୍ତରେ ଗଲିଥିଲା। ସନ୍ଦେହ-ବାଦଲ ପୁଣି କ୍ଷଣକରେ ଉଡ଼ିଭଇ ଯାଏ।

ଅନିମାର ନବାଭୂତ ତାରୁଣ୍ୟ କଣ ରୋମାନ୍ସ ଗ୍ରହେନା ? ମୋ ମନଗଗନରେ ବିଜୁଳି ଖେଳାଇ ବାଜି ଉଠିଲା ବାଳିକା ସ୍କୁଲର ମୋଟର ଶବ୍ଦ। ଉଦ୍‌ବେଗ ଓ ଆଶଙ୍କାର ସହିତ ସୁମତୀର ଫେରନ୍ତା ବାଟକୁ ଗୁହିଁ ରହିଲି।

ସୁମତୀ ପତ୍ର ଖଣ୍ଡେ ହାତକୁ ମୋର ବଢ଼ାଇ ଦେଇ ଗଲିଗଲା। ପ୍ରତୀୟମାନ ହେଉଥିଲା ସତେ ଯେପରି ତା ଅଧର କୋଣରୁ ବାହାରି ଉଠୁଛି ସ୍ନେହ ହାସର ଶୁକ୍ଲିମା। ଚିଠି ପଢ଼ିଲି। ମୋର ମରମୀ ଅର୍ଘ୍ୟ ଗ୍ରହଣ କରିଥିଲା ଅନିମା। ଯେତିକି ପଢ଼ିଲି ପଢ଼ିବାର ବାସନା ସେତିକି ଅଧିକ ହୋଇ ଉଠିଲା। Keatsଙ୍କର "A thing of beauty is a joy for ever" ର ସାର୍ଥକତା ଉପଲବ୍ଧି କଲି। କି ସୁନ୍ଦର ଭାବପୂର୍ଣ୍ଣ ଭାଷା ! Edward Fitzgerald's "The Rubaiyat of Omar Khayyam"କିମ୍ବା ରବୀନ୍ଦ୍ରଙ୍କର "ଉର୍ବଶୀ", ଯେ କୌଣସି କବିତାଠାରୁ ମାଦକତାର ପ୍ରଚୁର୍ଯ୍ୟ ଥିଲା ତାର ସେହି କେଇ ଧାଡ଼ିପୂର୍ଣ୍ଣ ଲେଖାରେ। କାଗଜ ଖଣ୍ଡିକୁ ଘନ ଘନ ଚୁମ୍ବନ କଲି, ତଥାପି ତୃପ୍ତିର ଅବସାଦ ଆସିଲା ନାହିଁ।

କେତେ ସପ୍ତାହ ପରେ ଆଦାନ ପ୍ରଦାନ ପରେ ସୁମତୀ ଦିନେ ସ୍କୁଲରୁ ଫେରି କହିଲା, "ଭାଇ, ଅନିମା କାଲି ଆମ ଘରକୁ ଆସିବ ବୋଲି କହିଛି।" କଣ୍ଠ କୁହରରେ ଅମୃତ ଧାର ବର୍ଷଣ କଲା ତାର ପ୍ରାଣମନ୍ତାଣିଆ ସମ୍ବାଦ।

ଡ୍ରଇଂ ରୁମ୍‌କୁ ନାନା ପ୍ରକାର ଫଟୋ ଓ ଚିତ୍ରରେ ସଜାଇଲି। ଟେବୁଲ ଉପରେ ରଙ୍ଗିନ୍ ନୂଆ ଟେବୁଲ କ୍ଲଥ୍। ପୁଣି ଦୁଇଟି ଶାଖର ଫୁଲଦାନି ଅନିର୍ବଚନୀୟ ମାଧୁର୍ଯ୍ୟ ପ୍ରକାଶ କରୁଥିଲା ଉଆଁଳ ବିକଶିତ ପତ୍ର, ମଳ୍ଳିଗୋଲାପର ସମାବେଶରେ। ସହସା କେତେଗୋଟି ଅନିମାର ଆବିର୍ଭାବରେ ଉଜ୍ଜ୍ୱଳ ଉଠିଲା। ମୁଖରେ ଆଧୁନିକା ହାସ, ଅଗସ୍ତି କାଢ଼ି ଧରି ବଙ୍କା। ସୁମତୀ ଆମ [illegible] ମଧ୍ୟରେ ମାମୁଲି-ଗତ ପରିଚୟର ସୂଚନା ଦେଲା। ପ୍ରତି ନମସ୍କାର କରି ଦେଖିଲି ଅନିମାର କଟିପାଳି ଅବଜ୍ଞା ଭାବରେ କୁଞ୍ଚିତ ହୋଇ ଆସିଛି। ତା ମନରେ ଆନନ୍ଦ



Digitized by srujanika@gmail.com

ଜଣାଇବା ପାଇଁ ଅନେକ କଷ୍ଟ ଚେଷ୍ଟା କଲି । ସବୁ କଥା ପଣ୍ଡ ହେଲା ଅଇଁଠାଣିଆ ବାଇଗଣ ଫିଙ୍ଗିଲା ଭଳି । ସୁମତୀ ବିବ୍ରତ ହୋଇ ଜିଜ୍ଞାସା କଲା, "ଦେହ କଣ ଭଲ ଲାଗୁ ନାହିଁ, ଅନୁ ? ଏକଣ ମନ ତୋର ମରିଗଲା ଯେ !"

"ନା, ହଠାତ୍ ମୁଣ୍ଡଟା ଘୁରାଇଲା କଅଁ ? ଘରକୁ ଯାଉଛି ସୁମ" ବିଦାୟ ଜଣାଇ ଅନିମା ଚାଲିଗଲା, ସୁମତୀ ମଧ । ଛାତି ଫାଟାଇ ନିର୍ଗତ ହେଲା ଉତପ୍ତ ଦୀର୍ଘଶ୍ୱାସ ।

ସେହି ଦିନଠାରୁ ଅନିମା ଆଉ ଚିଠି ଲେଖେ ନା । କୃଷ୍ଣଙ୍କର ମଥୁରାଗମନ ପରେ ବିରହିଣୀ ଗୋପୀମାନଙ୍କ ପରି ସଂସାର ବିରାଗୀ ହେଲି ମୁଁ ତା'ର ପ୍ରତ୍ୟାଖ୍ୟାନରେ ।

\+ \+ \+ \+

ମୁଁ ଓ ମୋର କେତେ ଜଣ ସହାଧ୍ୟାୟୀ କଲେଜ କମନ୍ ରୁମ୍‌ରେ ବସି ଥାଉଁ । ସତ୍ୟବାଦୀ ଗୋଟାଏ ବଡ଼ ଅଭିଜ୍ଞ ପ୍ରେମିକ ପରି ପ୍ରେମର ସଂଜ୍ଞା, ରୂପ, ପ୍ରକୃତି ଆଦି ସମ୍ବନ୍ଧରେ ଦୀର୍ଘ ଭାଷଣ ଦେଉଥାଏ । ଆଉ ସମସ୍ତେ ମୁରୁକି ମୁରୁକି ହସୁଥାନ୍ତି, ମଝିରେ ମଝିରେ ଜଣ ଜଣଙ୍କର ଆଖି ମୋ ପ୍ରତି ବୁଲି ଆସୁଥାଏ; ଅବଶ୍ୟ ଉପହାସବ୍ୟଞ୍ଜକ ଗୃହାଣି ସେ । କାର୍ତ୍ତିକ ସ୍ୱ ଅନୁଭୂତିର ସୂକ୍ଷ୍ମ ଟିପ୍ପଣୀ ଦେଇ ଦେଇ ରସିକତ୍ୱ ଦର୍ଶାଇବା ଛଳରେ ହେଉ ଅଥବା ଈଷତ୍ ଘର୍ମଯୁକ୍ତ ଆନନରୁ ସ୍ୱେଦ ପୋଛିବା ଅଭିପ୍ରାୟରେ ହେଉ ରେଶମୀ ରୁମାଲ ବାହାର କରି ଚିବୁକ ଓ କପୋଳ ଉପରେ ଛାପ ଦେଲା ଚଳଚିତ୍ରର ଜନୈକ ଖ୍ୟାତନାମା ଅଭିନେତା ଭଙ୍ଗୀରେ । ବିଜଳି ପଦ୍ମିନୀ ପରେ ମଧୁପର ସେହି ସମାନ ଚିତ୍ର ଅଙ୍କିତ, ତଳେ ସେହି ଏକା ହାତର ଲେଖା A.D. ବୁଝିବାକୁ କଷ୍ଟ ହେଲା ନାହିଁ ପୁଣି ଦପ୍ କରି ଜଳି ଉଠିଲା । ଭାବିଲି, "ଓଃ ! ମୁଁ କାଳିଆ ବୋଲି ଅନିମା ମୋତେ ପରିତ୍ୟାଗ କରିଛି । କାର୍ତ୍ତିକ ଶ୍ୟାମଳ, ସୁଢ଼ଳ, ସୁଠାମ ।" ଭୂଅଁଷିଆ ଭୂଆ ପରି ମନ ଈର୍ଷାରେ ହାଇଁପାଇଁ କଲା । କବିଙ୍କର ଉକ୍ତି ପ୍ରତି ଅବିଶ୍ୱାସ ହେଲା । ସତେ କି "Beauty is not always the thing that attracts love." ତାହାହେଲେ ରୂପ ମୋହ କଣ ପ୍ରେମ ?

ମାନସ ରାଜ୍ୟରେ ମୋର ବିପ୍ଳବ ସୃଷ୍ଟି କରି କଲେଜ ଘଣ୍ଟି କରି ବାଜି ଉଠିଲା ।

---

# ନଷ୍ଟପତ୍ର

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

କାହୁଁ ବା ଝୁଟିବ ସୁକୁମାର ପ୍ରେମ କାହୁଁ ବା ଝୁଟିବ କେଉଁ ଲାଗି
ଚପଳ ଚକ୍ଷେ ଛନ ଛନ ମନେ କେତେ ଆଶା ମୋର ଉଠେ ଜାଗି
ପ୍ରେମେ ନୂଆ ଯଉବନେ ପଥିକା ଗୋ
ପ୍ରେତ ସୁନା ମଧୁବନ ବଥିକା ଗୋ
ଥରି ଥରି ଉଠେ ଥରେ ଥରେ ସଖି ଅଙ୍ଗ ଲତା ଛାଇ ପ୍ରୀତି ମାଗି
କାହୁଁ ବା ଝୁଟିବ ସୁକୁମାର ପ୍ରେମ କାହୁଁ ବା ଝୁଟିବ କେଉଁ ଲାଗି !

ପ୍ରେମ କାଙ୍କ୍ଷୀ କାନ କାନ ଗାଣି ଭ୍ରମର ନୂପୁର ଝୁମୁରଣା
ପ୍ରେମ କୁନ୍ତଳ ଗନ୍ଧ ପବନେ ମନ୍ଥ ଉଠେ ତେଉଁ ମଧୁରଣା
ମାନସ ମନୋପତିର ମରଣାରେ
କେତେ ନ ଭୁଲିଲି ରୂପସୀ ଥରେ ତା'ରେ···
ଅଜାଣେ କେତେ ସଜୀବ ପଥନ ଭୁଲି ପ୍ରେମ ମନ୍ଥ ଅନୁରାଗୀ
କାହୁଁ ବା ଝୁଟିବ ସୁକୁମାର ପ୍ରେମ କାହୁଁ ବା ଝୁଟିବ କେଉଁ ଲାଗି !



Digitized by srujanika@gmail.com

ଭଲପାଏ ମତେ ପଲ୍ଲୀ-କୋଣର ବକୁଳ ବନର ପଲ୍ଲୀଟିଏ
ପଛେ ପଛେ ମୋ'ର ଫଗୁଣ ନିଶୀଥେ ଅଷାଢ଼ୀ ଗୀତର ସଙ୍ଗୀଟିଏ
ସେ ଗୋ ରକତ ଦେଇଛ ଗୀତ ଶର
ମୁଁ ଗୋ ତା'ଲାଗି ଲେଖନୀ ଅଛି ଧରି
ଆଜି ତା'ପୀରତି ପ୍ରତିଦାନେ···ମୁଁ ଗୋ ଭୁଲିଛି ତାହାରେ···କାହାଲାଗି?
କାହୁଁ ବା ଲୁଟିବ ସୁକୁମାର ତମେ କାହିଁ ବା ଲୁଟିବ କେଉଁ ଲଗି !

ଗୃହ ଥିଲି ମୁଁ···ଅତୀତର ସେ ଗୋ ନଷ୍ଟ ସପନ ମନେ ଆସେ
ପୀରତି ସାଗରେ ଲକ୍ଷ ଲହରୀ ଆକାଶ ଚୁମିଲି ମଧୁ ଆଶେ
ମୁଁ ଗୋ କରିଛି ତାହାରେ ଅପମାନ
କରି ପୀରତି ସାଗରେ ବିଷ ଦାନ
ଗୃହକ ପକ୍ଷୀ ମୁଁ ଚାଲିଛି ଆକାଶେ ଉଡ଼ି ଲୁଟିଲି ଆଜି ମଧୁ ମାଗି
କାହୁଁ ବା ଲୁଟିବ ସୁକୁମାର ତମେ କାହିଁ ବା ଲୁଟିବ କେଉଁ ଲଗି !

ତମେ ଗୋ ରୂପସୀ-ସୁନୀଳ ସୁକେଶୀ କର ଅଭିସାର ଗୋପନରେ
କେଉଁ ମାୟାପୁରୀ ପ୍ରଣୟୀ ପରଶ ପାଇଛ କୁମାର ସପନରେ
ଆଜି ଗୋ ପୀରତି ପିଆଲା ହାତେ ଧରି
କେଉଁ ବୈଶାଖୀ ଆଶା ମନେ ଭରି
ଓଜି ତମସାରେ ଜୋଛନା କୋଳରେ ଶତ ଅଭିସାରେ ଅଛ ଜାଗି
କାହୁଁ ବା ଲୁଟିବ ସୁକୁମାର ତମେ କାହିଁ ବା ଲୁଟିବ କେଉଁ ଲଗି !

ତମେ ଯାଅ ତମ ପଥେ ପଥେ ଆଜି ଗୋ ଫେରୁଛି ମୁଁ ମୋ'ର ଅତୀତରେ
ପ୍ରଣୟୀ ତମର ବର ନେବେ ଆଗେ···ପ୍ରଣୟିନୀ ନୀଳ ପଣତରେ—
ମୁଁ ଗୋ ବନ୍ଧା ରହିବି ଶରଧନ
ଆଉ ନ ଫେରୁ ଏମନ ଦୁର୍ଦ୍ଦିନ
ପ୍ରଣୟୀଠାରେ ନେବ ମଧୁ ମାଗି···ନେବି ପ୍ରଣୟିନୀ ପାଦେ କ୍ଷମା ମାଗି
କାହୁଁ ବା ଲୁଟିବ ସୁକୁମାର ତମେ କାହିଁ ବା ଲୁଟିବ କେଉଁ ଲଗି !

# ଚରିତ୍ରହୀନ

ଶ୍ରୀ ବାମନ ଚରଣ ମିଶ୍ର, ବି. ଏ. ବି. ଇଡ.

ନନ୍ଦନ ପିତାମାତା ଓ ବଡ଼ ଭାଇ ଭଉଣୀଙ୍କ କୋଳରେ ବଢ଼ିଲା ପ୍ରେମ ଦେଢ଼ିଲା ପରି । ପିଲାଦିନୁ [illegible] ବୁଦ୍ଧି [illegible] ପିଲ୍ଲୁ [illegible] ଏକାନ୍ତ [illegible] ପଞ୍ଚଜାଗା [illegible] ଲଗି [illegible] ପଣ୍ଡ [illegible] ହିମ୍ଳଙ୍କ । [illegible] ଅର୍ଦ୍ଧ [illegible] ଅଭାବ, [illegible] ପ୍ରକୃତି । ଫଳ ହୋଇଲା ବିଷମୟ, ତାର ବସନ୍ତମୟ ଜୀବନରେ ବହିଲା ରୁଦ୍ର ଗ୍ରୀଷ୍ମର ଝଞ୍ଜାବାୟୁ [illegible] ତେଜେ ଧରାଇ ବର୍ଷ ତେଉଁ ନ ତେଉଁଣୁ [illegible] ଶିକ୍ଷା କଲା [illegible] ଯୌବନର କ୍ରୀଡ଼ା । ଏ [illegible] ଅଟକାଇବାକୁ ସାମର୍ଥ୍ୟ କାହାର ? ଯେଉଁ [illegible] ଅର୍ଦ୍ଧନଗ୍ନ [illegible] ଉଠାଇବା ସହଜ ସାଧ



Digitized by srujanika@gmail.com

ମାସ ଯେ ସାଗର ମଧ୍ୟରେ ମଗ୍ନ ତାର ଅବସ୍ଥା ଯାହା ମଦନର ଅବସ୍ଥା ହେଲା ତଦନୁରୂପ ।

ଗାଁର ସହଚରୀ ବୃନ୍ଦଙ୍କ ସହ ମଦନ ଖେଳେ ଖେଳ । ସେ ଖେଳ, ଖେଳ ନୁହେଁ । ଏହା ପତଙ୍ଗର ଅଗ୍ନିରେ ଝାସ ଦେବା ଖେଳ ସହ ସମାନ । କ୍ରମେ କ୍ରମେ ମଦନର ସୁନାମ କଳଙ୍କିତ ହେବାକୁ ଲାଗିଲା । ତାର ସେ ସୁନ୍ଦର ରୂପ, ସେ କୋମଳ କଥା ସ୍ଥାନ ଦେଲା ଧୀରୁତା, ଭଣ୍ଡତା ଓ ଶଠତାକୁ । ପିତା, ମାତା ପ୍ରଭୃତି ମର୍ମନ୍ତୁଦ ଯନ୍ତ୍ରଣା ପାଇଲେ ତାର ଏ ପତନ ଦେଖି, କିନ୍ତୁ ଉପଯୁକ୍ତ ନିୟନ୍ତ୍ରଣ କରିପାରିଲେ ନାହିଁ କେହି । ମଦନର ଦୁର୍ନାମ ଘରେ ବାହାରେ ରଟିଲା । ତାର ସେ ଭଲ ପଢ଼ା ଆଉ ରହିଲା ନାହିଁ, ତାର ଗତି ଊର୍ଦ୍ଧ୍ୱମୁଖୀ ଅଗ୍ନିପରି ନ ହୋଇ ଅଧୋଗତି କରୁଥିବା ଜଳ ପରି ହେଲା ।

କାଳ କାହାକୁ ଅପେକ୍ଷା କରେ ନାହିଁ । ସେ କାହାର ସୁଖର ନୁହେଁ କି ଦୁଃଖର ନୁହେଁ । ସାଙ୍ଗର ଖାତିର ନୁହେଁ କି ଖାତିରର ସାଙ୍ଗ ନୁହେଁ । ଗୁହ୍ଲୁଁ ଗୁହ୍ଲୁଁ ମଦନ ମାଟ୍ରିକ ପାଶକରି କଲେଜରେ ଅଧ୍ୟୟନ କଲା । ସେହି ସମୟରେ ତାର ବନ୍ଧୁ ସଦାଶିବ ସହ ହେଲା ତାର ମିଳନ, ସଦାଶିବ ବଡ଼ ସରଳ ଓ ଫଳତଃ ତା ଆଡ଼କୁ ମଦନ ଆକୃଷ୍ଟ ହେଲା । ଦୁଇବନ୍ଧୁ ସ୍ଥିର କଲେ ଯେ ସେମାନେ ବନ୍ଧୁ ହେବେ । ମହାଦେବଙ୍କ ସମ୍ମୁଖରେ ନିୟମ ହେଲା ବିବାହ ନିମିତ୍ତ । ସଦାଶିବ ଭଉଣୀ ଛବିଳାତିଆ ସହ ମଦନର ବିବାହ, କିନ୍ତୁ ନିୟତିର ଗତି ବିଚିତ୍ର ନିକମର । ଦିନେ ହଠାତ୍ ମଦନର ବିବାହ ପ୍ରସଙ୍ଗରେ ତାର ଭାଇର ଏକ ପୁରାତନ ବନ୍ଧୁ ଉପସ୍ଥିତ ହେଲେ । ବିବାହ ନିର୍ବନ୍ଧ ହୋଇଗଲା ।

ତା ପରେ ମଦନର ଘଟିଲା ମାତୃ ବିୟୋଗ, ମଦନ ହୋଇପଡ଼ିଲା ଆତ୍ମହରା । ସେ ମଜିଲା ପଡ଼ିଲା ତାଇ ଏ ମାତୃ ବିୟୋଗରେ । ଆଉ ସେ ଦୁର୍ଦ୍ଦାନ୍ତ ଭାବ ତାର ରହିଲା ନାହିଁ । ସେ କଣ୍ଟକପୂର୍ଣ୍ଣ ବାଟ ମନ ଏକକାଳିକେ ଗ୍ଳାନିଦେଲା ତା ନୁହେ । ତାର

ଗତି ନିଃସଙ୍ଗ ନ ହୋଇ ହେଲା ସଙ୍କୋଚ । ସେ ଯେଉଁ ପ୍ରତିଜ୍ଞା କରିଥିଲା ସେ ଉପକାରୀକୁ ବିବାହ କରିବ ନାହିଁ ସେଥିରୁ ସେ ହେଲା କ୍ଷାନ୍ତ ।

ମଦନର ବିବାହ ହେଲା ସୁଦୂର ଗଡ଼ଜାତରେ । ସେ ଯେଉଁ ପରି ସାଇଜର ଶଙ୍ଖ ଦେଖୁଥିଲା ପିଲାଦିନେ ଯେ ସେ ଅଲୌକିକ ସୁନ୍ଦରୀ ଏକ ସୁଶ୍ରୀ ସମ୍ପନ୍ନା ଗରିବ କନ୍ୟାକୁ ବିବାହ କରିବ ସେ ଭାବନାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ । ନିୟତିର କୁଟିଳ ଗତି ଅନୁସାରେ ଫଳ ଫଳିଲା ଅନ୍ୟ ପ୍ରକାରେ । ସେ ବିବାହ କଲା ଏକ ମଧ୍ୟବିତ୍ତ ଉଚ୍ଚ ପରିବାରରେ । ବିବାହ କାର୍ଯ୍ୟ ସୁଗୃହ୍ୟରୂପେ ସମ୍ପନ୍ନ ହେଲା । କିନ୍ତୁ କନ୍ୟାମାତାଙ୍କ ମନରେ ଆନନ୍ଦର ରେଖାଏ ମଧ୍ୟ ଦେଖାଗଲା ନାହିଁ । ଆଉ ଜଣେ ଏ ବିବାହରେ ଦୁଃଖୀ ହେଲା ସେ ସ୍ୱୟଂ ମଦନ, ତାର କାରଣ ଦୁଇଟି; ଏକତ ତାର ଜନ୍ମଦାତ୍ରୀଙ୍କର ମୃତ୍ୟୁ ଦ୍ୱିତୀୟ ସେ ଉଚ୍ଚବଂଶ କନ୍ୟା ବିବାହ ନିମିତ୍ତ ଅପ୍ରସ୍ତୁତ । ବରଯାତ୍ରୀ ବାହୁଡ଼ିଲେ ମାତ୍ର ମଦନ ପଡ଼ି ରହିଲା ଶ୍ୱଶୁରାଳୟରେ । ସେଠାରେ ତାର ଭଗ୍ନ ହୃଦୟରେ ଦେଖିଲା ଦୁଃଖର ନଗ୍ନରୂପ, କଣ ଘର ବସି ଦେଖେ ଦୂର ଦୂରନ୍ତ ପାହାଡ଼ ଯେପରି ଉଙ୍କି ମାରୁଛି । ଦେଖେ ସତେ ଯେପରି ମେଘ ତା ଦୁଃଖରେ ବୁକୁ ଫଟାଇ ଝରାଇ ଦେଉଛି ଲୋତକ ସ୍ରୋତ ବର୍ଷାକାଳରେ । ଏପରି ଭାବୁ ଭାବୁ ମଦନ କାନ୍ଦ ପକାଏ ।

ସେଠାରୁ ଫେରି ଘରେ ଉପସ୍ଥିତ ହେଲା ମଦନ, ଘରେ ଦେଖିଲା ପିତାଙ୍କ ଅବସ୍ଥା ଭଲ ନୁହେଁ, ରୁଷି ପ୍ରଥମ ପିତା ପୀତାମ୍ବର ସ୍ତ୍ରୀଙ୍କ ବିୟୋଗରେ ଦେହ ତ୍ୟାଗ କରିଥିଲେ, ଏହା ଦେଖି ମଦନ ପାଇଲା ଏକ ବଡ଼ ଶିକ୍ଷା, ଏକ ଧକ୍କା । ବଡ଼ ପ୍ରତିଜ୍ଞା କଲା ଆଉ ସେପରି ଜୀବନ ହରାଇ ନ ବସେ । ଦିନ ଗଡ଼ିଗଲା, ପୀତାମ୍ବରଙ୍କର ମୃତ୍ୟୁ ହେଲା, ମଦନ ପାଶକଲା ଆଇ. ଏ । ସେ ବି. ଏ. ପଢ଼ିଲା । ବି.ଏ. ସମାପ୍ତିକୁ ପାଇଲା ଶ୍ୱଶୁର ଓ ଭାଇଙ୍କଠାରୁ ସାହାଯ୍ୟ । ସେ ସମୟରେ ସେ ଉଚ୍ଚଶିକ୍ଷା



Digitized by srujanika@gmail.com

ପିତାଙ୍କ ଉତ୍ତେଜନାରେ ସେ ଏକ ମୁଖ୍ୟ ସ୍ଥାନ ଗ୍ରହଣ କଲା । ଏକ ପ୍ରୋସେସନରେ ଯୋଗଦେଇ ପାଇଲା ଶାସ୍ତି । ଫଳତଃ ବର୍ଷଟିଏ ଫେଲ୍ ହୋଇ ଭାଇମାନଙ୍କ ମନରେ ଦେଲା ଯନ୍ତ୍ରଣା ।

ସେ ଯାହା ହେଉ ବି. ଏ., ପଢ଼ିଲା ବେଳେ ମଦନର ହେଲା ଦୁର୍ଭାଗ୍ୟର ଘର । ତହିଁରେ ହୋମ ହେଲା, ମଦନ ଭାବିଲା ଏ ଅଗ୍ନିରେ ତାର ପରସ୍ପରି ପ୍ରଜ୍ୱଳିତ ହେଉଅଛି । ସେ ଅଗ୍ନି ତାର ଲେଲିହାନ ଜିହ୍ୱାରେ ସେ ଦେହର ପରସ୍ପରି କ୍ରମଶଃ କୁଠାର ଘାତ କରୁଅଛି । ମଧ୍ୟଶ୍ରେଣୀର ଘରର ହେଲା କିନ୍ତୁ ନୈମିତ୍ତିକ ପ୍ରଥା ଅନୁସାରେ ନିର୍ବାହ ବୋଲି ଭାବ ଧାରଣ କଲା, ମଦନ କୁମ କୁମ ବୋଲି ତାର ସ୍ତ୍ରୀକୁ ନିଜେ ଡାକଲେ ବି ଉତ୍ତର ମିଳିଲା ନାହିଁ, ଧନ୍ୟରେ ବିବାହ, ଧନ୍ୟରେ ବନ୍ଧନ । ଦୁଇଟି ପରସ୍ପରଙ୍କ ଅଜଣା ଜୀବଙ୍କୁ ବାନ୍ଧି ରଖି ଏକ ଯନ୍ତ୍ରଣା ଦିଏ ସମାଜ, ଏହାକୁ ଗଣ୍ଠି ସମାଜ ବନ୍ଧନ ।

ବୈବାହିକ ଜୀବନ ଯେପରି କଠିନାଏ କେତେ ଉନ୍ନିଦ୍ର ରଜନୀରେ ସେପରି କେତେକ ରଜନୀ କଟିଗଲା ମଦନ ଓ କୁମ ଦୁଇ ନବ ଦମ୍ପତିଙ୍କର । ମଝିରେ ମଝିରେ ସାମୟିକ କଳହ ଓ ବିଚ୍ଛେଦ ହୁଏ, ଏହା ଅବଶ୍ୟମ୍ଭାବୀ । ବିଚ୍ଛେଦ ସିନା ମିଳନକୁ ସୁନ୍ଦର କରେ । ବହୁ ଗଳ୍ପ ହୁଏ ତାର ମୂଳ କି ଅଗ କିଛି ନ ଥାଏ, ମୂଳରେ ଶେଷ ଓ ଶେଷରେ ମୂଳର ପରିଣତି ଥାଏ । ଏପରି ବଡ଼ ସୁଖରେ କଟିଗଲା ବହୁତ ଗୁଡ଼ିଏ ଦିନ ।

କିନ୍ତୁ ମଦନର ଜୀବନରେ ସୁଖ ସବୁକାଳେ ସମ୍ଭବ ନାହିଁ । ସେ ବି. ଏ. ପରୀକ୍ଷାରେ ଦୁଇଥର ଫେଲ ହେଲା । ଭାଇ ଦୁଇଟି ଓ ବଡ଼ ଭଉଣୀଟିକୁ ହରାଇ ବସିଲା । ଏହା ମଧ୍ୟରେ ତାର ଦାମ୍ପତ୍ୟ ପ୍ରେମ ମଧ୍ୟରେ ପଶିଲା ଏକ ପୋକ । ସେ ମଧ୍ୟରେ ଦଂଶନ କଲା । ମଦନ ବହୁତ ଚିନ୍ତା ପଡ଼ିଲା ମଦନ ତାହାରି କାରଣରୁ ମନ ଦୁଃଖରେ ଫେରିଲା ଘରକୁ । ଘରେ କୁମ ଶୋଇପଡ଼ି କାନ୍ଦିଲା । ଏଇ ସମୟରେ ମଦନ ଆସି କୁମ ଦେହରେ ହାତ ମାରିଦେଲା, କୁମ ଜାଣିପାରିଲା ନାହିଁ । କୁମ ଉଠିଲା ବେଳେ ଉଠିଲା ମଦନ ପଚାରିଲା, "ଆଚ୍ଛା କୁମ ମୁଁ ତମକୁ ହାତ ମାରିଲି ଯେ ତମେ ଜାଣି ପାରିଲ ନାହିଁ । ଅନ୍ୟ ଯଦି କେହି ତମ ଦେହରେ ହାତ ମାରିଥାନ୍ତା···" ଏତିକିରେ ସେ ଅଟକି ଗଲା । ବାଘୁଣୀପରି କୁମ ଆକ୍ରମଣ କରି କହିଲା ଏପରି ସାହସ କାହାର ହେବ ? ଆମେ ତମମାନଙ୍କପରି ହୋଇଛୁ କି ? ମଦନ ପଚାରିଲା, "କଣ ଆମମାନଙ୍କ ପରି ?" କୁମ କହିଲା ଯେ ନର ଜାତିକୁ ବିଶ୍ୱାସ ନାହିଁ । ସେମାନେ ଭ୍ରମର, ଫୁଲରୁ ଫୁଲକୁ ବୁଲନ୍ତି । ଯେଉଁ ପୁଷ୍ପଟି ବେଶି ସୁନ୍ଦର ଓ ସୌରଭମୟ ସେଠାକୁ ସେମାନେ ଉଡ଼ିଯାନ୍ତି । ବଡ଼ ରୁକ୍ଷ ଏ କଥାଟିକି କୁମର; ଏପରି ତାଠାରୁ ମଦନ କେବେ ହେଲେ ଶୁଣି ନଥିଲା ଏ ହେଲା ପ୍ରଥମ । ମଦନର ନର ଜଗତ ଉପରେ ଆକ୍ରମଣ, ସେ ହୋଇପାରେ ଲମ୍ପଟ ମାତ୍ର ତାର ଜାତିରେ ତ ପୁଣି ସନ୍ଥ ଚରିତ୍ର ସାଧୁ ପୁରୁଷ ଶଙ୍କରଙ୍କର ଆବିର୍ଭାବ । ତାର ନୟନ ଯୁଗଳ ଆରକ୍ତ ହୋଇଗଲା, କ୍ରୋଧରେ ତାର ହୃଦୟ ପୂର୍ଣ୍ଣ ହୋଇଗଲା । ସେ କହିଲା, "କୁମ, ନାରୀ ଗୁଡ଼ାକ ପଦ୍ମପୁଷ୍ପପରି । ସେମାନଙ୍କର ସୂର୍ଯ୍ୟ ଓ ଭ୍ରମର ଦୁଇଟି ପ୍ରକାରର ପ୍ରଣୟ ପ୍ରାର୍ଥୀ ଥାନ୍ତି । ସେମାନେ ପଦ୍ମପରି ଭ୍ରମରକୁ ସ୍ୱର୍ଣ୍ଣ ଆସନରେ ରଖି ସମୟେ ସମୟେ ହୃଦୟ ମଧ୍ୟରେ ଆବଦ୍ଧ କରି ମୃତ୍ୟୁ ମୁଖରେ ପକାଇ ଦିଅନ୍ତି ।" ଆଚ୍ଛା କହିଲ "କୁମ ପଦ୍ମଫୁଲ ସୂର୍ଯ୍ୟକୁ ଦେଖି ହସି ଉଠେ ପୁଣି କାହିଁକି ଭ୍ରମରକୁ ଆଲିଙ୍ଗନ ପ୍ରଦାନରେ ସାହାଯ୍ୟ କରେ ? ଭ୍ରମର ସାନ୍ଧ୍ୟ କାଳରେ ତା ମଧ୍ୟରେ ଥାଏ ଓ ସୂର୍ଯ୍ୟ ବୁଡ଼ି ଯିବା ସଙ୍ଗେ ସଙ୍ଗେ ପଦ୍ମ ପୁଷ୍ପ ମୁଦ୍ରିତ ହୁଏ ଭ୍ରମରକୁ କାରାବାସ କରି । ଫଳ କଣ ହୁଏ ଜାଣ କୁମ ? ଭ୍ରମର ମରେ କାମାନ୍ଧ ହୋଇ ପଦ୍ମପୁଷ୍ପର କୁହୁକରେ । ମୋ ରାତିରେ ଏତିକିରେ କଥା ସରିଲା ନାହିଁ । କୁମ ପଚାରିଲା ମଦନର ଚରିତ୍ରର କଥା । ମଦନ ତାର ପୁରାତନ ଇତିହାସ



Digitized by srujanika@gmail.com

ସମସ୍ତ କହିଗଲା ନିସ୍କପଟ ହୃଦୟରେ । ଏହିଠାରେହିଁ ମଦନର ପ୍ରେମ ସଂସାରର ହେଲା ପତନ ।

ସେହି ଦିନୁ ମଦନ ଓ କ୍ଷମ ଅସ୍ତେ ଅସ୍ତେ ପରସ୍ପରଠାରୁ ଦୂରେଇଗଲେ ପରସ୍ପରର ଅଜ୍ଞାତରେ ମାତ୍ର ନିଶ୍ଚିତ ଭାବରେ । ଏହି ସମୟରେ ମଦନର ପଡ଼ୋଶୀ ଘରର ଭାଉଜ ବୋହୂ କାଦମ୍ବିନୀ ପଡ଼ିଲେ ମଦନର ସମ୍ମୁଖରେ । ସେ ବାଲ୍ୟ ବିଧବା, ଗୋଟିଏ ଗୃହଲକ୍ଷ୍ମୀରେ ଗଠନ ତାଙ୍କର । ସେ ମଦନକୁ ଭାରି ଭଲ ପାନ୍ତି, କାହିଁକି ତାହା ପରମେଶ୍ୱରଙ୍କୁହିଁ ଜଣା ।

କ୍ଷମ ଘରୁ ତା ନନା ଆସିଲେ ସାନ ଭାଇଟିକୁ ଧରି ତାକୁ ନେବାକୁ । କ୍ଷମ ଗଲା ବାପଘର, ମଦନ ଶୁଣିଲା ସେ ଗର୍ଭ ଧାରଣୀ । କିନ୍ତୁ କେଉଁଠି ? ବାପ ଘରେ ନା ଶାଶୁ ଘରେ ? ଏ ଚିନ୍ତା ତାକୁ ସଇତାନ କରି ଉଠାଇ ଦେଲା, ସେ ସନ୍ଦେହ କଲା କ୍ଷମକୁ ଓ ଘୃଣା କଲା ତାର ଆଚରଣକୁ । ଅସ୍ତେ ଅସ୍ତେ କ୍ଷମପ୍ରତି ଯେଉଁ ବନ୍ଧନ ଥିଲା ସେ ବନ୍ଧନ ଛୁଟିବାକୁ ଲାଗିଲା । ମଦନର ବିରସ ଅବସ୍ଥା ଦେଖି ତାର ପଡ଼ୋଶି ଭାଉଜ ବୋହୂ କାଦମ୍ବିନୀ ପଚାରିଲେ ତାର କାରଣ । ମଦନ କହିଲା, "ଭାଉଜ, ବନ ପୋଡ଼ିଲେ ଦୁନିଆ ଜାଣେ ମାତ୍ର ମନ ପୋଡ଼ିଲେ କିଏ ଜାଣେ ?" ସେଦିନ ଭାଉଜ ବୋହୂଙ୍କ ଦରଦପୂର୍ଣ୍ଣ ସ୍ନେହ ଓ ମିଠା କଥାରେ ମଦନ ଭୋଳ ହୋଇଗଲା । ଦିନ ଚାକି ଭାଉଜ ବୋହୂ କଥା ଭାବିବାକୁ ଲାଗିଲା, ଭାଉଜ ବୋହୂଟି କେଡ଼େ ସୁନ୍ଦର ଲୋକ, ତାଙ୍କପରି ଛୋଟିକରେ ଗୋଟିଏ ମିଳିବା କଷ୍ଟ । ଏଡ଼େ ସୁନ୍ଦର ଲୋକଙ୍କୁ ଭଗବାନ ଏତେ ଯନ୍ତ୍ରଣା ଦେବା ଅନ୍ୟାୟ । ଏହିପରି ନାନା ଚିନ୍ତା କରି ରାତିଯାକ ଉନିଦ ରଜନୀ ଧୂଆଁର ପାହାନ୍ତା ବେହରକୁ କିଏ ମଦନକୁ ନିଦ ହେଉଛି । ମଦନ ତାହାଙ୍କର ସ୍ୱପ୍ନ ଦେଖୁଛି । ତାର ପତ୍ନୀ କ୍ଷମର ଗୋଟିଏ ସନ୍ତାନ ହୋଇଛି । ସେ ତା ବାପଘରୁ ଆଉ ତା ଘରକୁ ଆସିବାକୁ ଇଚ୍ଛା କରୁନାହିଁ ମଦନ ଏହାର ଶୁଦ୍ଧ ହୋଇ ତା ନୂଆ ବୋହୂଙ୍କୁ ଯେଉଁ ପଳାଇଛନ୍ତି ସୁଦୂର ଆସାମ ଚା ବଗିଚାକୁ, ଏ ସ୍ୱପ୍ନ ଦେଖି ମଦନ ଚିତ୍କାର କରି ଉଠିଲା ।

ସେ ଦିନ ଦଶଟା ବେଳେ ମଦନ ପାଇଲା ତାର ପ୍ରିୟତମ ବନ୍ଧୁ ଇନ୍ଦ୍ରଠାରୁ ଗୋଟିଏ ଚିଠି—

ତା —।—।

ଭାଇ ମଦନ,

ଟ୍ରେନିଂ ଆସି ବଡ଼ କଷ୍ଟ ପାଉଛି, ପୁଣି କେବେ ଏ କଷ୍ଟରୁ ମୁକୁଳିବି ତାହା ଭଗବାନଙ୍କୁ ଜଣା । ଭାଇ ମୋର ! ତୁ କଣ ପାଗଳ ହେଲୁ କିରେ ? ତୁ ଆଉ ପଢ଼ିବୁ ନାହିଁ ବୋଲି ମୋ ନିକଟ ଲେଖିଛୁ ! ତୁ କଣ ବୁଢ଼ା ହୋଇଗଲୁ କିରେ ? ମତେ ଏଥି ଟ୍ରେନିଂ ଆସିବାକୁ ଏତେ ବୁଝାଇଲୁ । ଦେଖ ଭାଇ ବି. ଏ. ପରୀକ୍ଷାଟା ଯଦି ତୁ ଦେବାକୁ ନ ଯାଉ ତେବେ ମୁଁ ତୋର କିଏ ନୁହେଁ । ତୋର ଦେବୋପମ ଭାଇ 'କୃଷ୍ଣ ଭାଇନା', ତୋତେ ଗୋଟିଏ ଗ୍ରାଜୁଏଟ୍ ଦେଖିବାକୁ ଚାହୁଁଛନ୍ତି । ଭାଇ ମୋର, ମୋ ରାଣ ତୁ ଯେପରି ଏ ହତଭାଗା ଦୂର ବିଦେଶୀ ଭାଇର ଅନୁରୋଧ ରଖୁ । ଇତି ।

ତୋର

ଇନ୍ଦ୍ର,

ଏ ଚିଠି ମଦନ ପଢ଼ିଲା ଥରେ ଦୁଇଥର, ଇନ୍ଦ୍ରଟି ତାର ପ୍ରକୃତ ବନ୍ଧୁ, ତାକୁ କେବେ ହେଲେ ମଦନ ତାର ପଥଭ୍ରଷ୍ଟ କଥା କହିନାହିଁ କାରଣ ଇନ୍ଦ୍ର ଚରିତ୍ରବାନ ନିର୍ମଳ ଚେତା । ସେ କାହିଁକି ମନ କଷ୍ଟ କରିବ । ବଡ଼ ଉତ୍ସାହ ସହ ମଦନ ଅଧ୍ୟୟନ କଲା ଓ ବି. ଏ. ପରୀକ୍ଷା ଦେଲା । ବିଭୁ କୃପାରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା, ଘରକୁ ଆସିଲା ଘରେ ବନ୍ଧୁ ଇନ୍ଦ୍ରଙ୍କୁ ସ୍ନେହ ପୂର୍ଣ୍ଣ ଅଭିଭାଷଣ ପଠାଇଲା, ସେତେବେଳେ ସୁଦ୍ଧା କ୍ଷମ ବାପଘରେ । ଝିଅଟିକୁ ମଦନର ଦୁଇ ବର୍ଷ । ମଦନ ମନ ହେଉଥାଏ ଝିଅଟିକୁ ଦେଖିବାକୁ ମାତ୍ର ଅଭିମାନରେ ସେ ଯାଏ ନାହିଁ ଦେଖିବାକୁ ।

ଏହିପରି ମଦନ କଟିଗଲା. ... ମଦନ ଉପୁଜିଥିବା ଦୁଃଖରେ ଦାଢ଼ି ଗଡ଼ଆଁକୁ ଯାଇଛି



Digitized by srujanika@gmail.com

ବନଷି କାଢ଼ି ଧରି ମାଛ/ମାରିବାକୁ, ହୃଦୟରେ ଏକ ଭାବନା ଧରି ଯେ ଏ ଯନ୍ତ୍ରଣାଦାୟକ କାଳଟକ କଟିଇବାକୁ, ଗଉଡ଼ିଆ କୂଳରେ ବସିଛୁ ଏହି ସମୟରେ ଦେଖିଲା ତା ନୂଆ ବୋହୂ ଆସିଛୁ ଗାଡ଼ିଆ କୂଳକୁ, ସେ ଦିନ ରୁଦ୍ରମୟୀ, ଚିର ରୁକ୍ଷା ବ୍ରହ୍ମଚାରିଣୀ ନୂଆ ବୋହୂଠାରୁ ପ୍ରଥମ କରି ହସ ଦେଖିଲା ମଦନ । ସେ ହାସ୍ୟରେ ଯେପରି ମାଦକତା ପୂରି ମାତ୍ରାରେ ଭରି ରହିଛୁ । ମଦନ ବୋକାଙ୍କପରି ନୂଆ ବୋହୂ ମୁହଁକୁ ଚାହିଁ ରହିଲା, ନୂଆ ବୋହୂ ହସିଦେଇ ବିଦ୍ୟୁତପରି ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ସେଦିନ ମଦନର ହୃଦୟ ଆନ୍ଦୋଳିତ ହେଲା, ସେ ଭାବିଲା ତାର ନୂଆ ବୋହୂ ତାକୁ ହୃଦୟ ଭରି ଭଲପାଏ । ସେ ଦିନଟି କଟିଗଲା, [illegible] ରାତିଟି ଏକ କାଳରାତ୍ରୀ, ସେ ଦିନ ଶିବରାତ୍ରୀ । [illegible]ଆ ବୋହୂ ଘରୁ ତା ବୃଦ୍ଧା ଶାଶୁ ଓ ଏକମାତ୍ର [illegible] ପୁଅ ଯାଇଥାନ୍ତି ଲୋକନାଥଙ୍କଠାକୁ । ବଡ଼ ବୋହୂ ତା ପିଲାଙ୍କୁ ନେଇ ଯାଇଥାଏ ବାପଘରକୁ । ଏ ସମୟ[illegible] ମଦନର ପାଳି ପଡ଼ିଲା ନୂଆ ବୋହୂ ଘରେ ଜଗୁଆଳି ହେବାକୁ । ରାତିଟିଯାକ ମଦନକୁ ନିଦ ହେଲା ନାହିଁ, ସେ ଭାବୁଥାଏ ସେ ଶିକ୍ଷିତ, ସେ [illegible]ମାନ [illegible] କପରି ଉପର୍କ ହେବ ? ସେ ହେତେ ଅସଂଯତ ହୋଇଲେ ମଧ୍ୟ ଏପରି କ୍ଷେତ୍ରରେ ତା ଅସଂଯତଭାବ ଏଠାରେ ଅଶୋଭନୀୟ । ମ[illegible] ନୂଆ ବୋହୂର ଉଦ୍ଦାମ ହାସ୍ୟ ତାକୁ ଏ [illegible]ନୁମୋଦିତ ପୁରୁଷ ବ୍ୟକ୍ତିକୁ କ୍ଷଣ[illegible] କୁ[illegible]ଘାତ କଲା । ସେ ଅସ୍ତ୍ର ଅ[illegible] [illegible] ମିଳିତ[illegible] ପ୍ରବେଶ କରି ନୂଆ ବୋହୂଙ୍କୁ [illegible] ଛିଲା, [illegible]ରେ ବାଳପୁ[illegible]କ କଲା ଆଲିଙ୍ଗନ ନୂଆ ବୋହୂଙ୍କୁ ।

[illegible] ଦୁହେଁ ଦୁହିଁଙ୍କ ଆଡ଼କୁ [illegible] [illegible] ମିଳି [illegible] । [illegible] [illegible] ନୂଆ ବୋହୂ [illegible] [illegible] ହେଲେ ମଦନର [illegible] [illegible] ନାହିଁ [illegible] ତାରି

ସ୍ନେହ ଓ ପ୍ରେମ, ନୂଆ ବୋହୂ ହେଲେ କଳଙ୍କିନୀ, ସମାଜରେ ପତିତା । ସେହି ମଦନ ଓରଫ ମଦନବାବୁ ବି, ଏ. ବସିଲେ ସମାଜ ପତି ଆସନରେ । ଦଣ୍ଡ ବିଧାନ ହେଲା ନୂଆ ବୋହୂଙ୍କୁ ନ ଛାଡ଼ିଲେ ତାଙ୍କ ଘରକୁ ବାସନ୍ଦ କରାହେବ ଏହା ହେଲା ସମାଜ ପତିଙ୍କର ନିର୍ଦ୍ଦେଶ ।

ଶେଷକୁ ନୂଆ ବୋହୂଙ୍କୁ ନେଇ ଅନାଥାଶ୍ରମରେ ରଖାଗଲା । ସେଠାରେ ସେ ଜାତ କଲେ ଏକ କନ୍ୟା, କନ୍ୟାର ରୂପ ଠିକ୍ ମଦନପରି । ଯେ ସେ ପିଲାଟି, ଉକ୍ତ କନ୍ୟାଟିକୁ ଦେଖିଲା ସେ ମଦନକୁ ଛି ଛି କଲା । ମଦନ ଆଉ ଘରେ ରହିପାରିଲା ନାହିଁ । ଦିନେ ପଳାଇଲା ଆସାମ । ସେଠାରେ ଚାକେରୀ କଲା, କୁଲିମାନଙ୍କୁ ସୁମର କଲା ଏବଂ ସେମାନଙ୍କୁ ଟଙ୍କା ବାଣ୍ଟିଲା ।

ଏହିପରିଭାବେ ମଦନର ଦିନଟକ କଟିଯାଏ, ସେ ସାମୟିକ ଅନ୍ୟ ହାତରେ ଗାଁକୁ ଟଙ୍କା ପଠାଏ । ଭାଇମାନଙ୍କୁ ନିଜର ଭଲ ଥିବାର ଜଣାଏ । କହେ ସେ ମୃତ ବୋଲି ତାର ଭାଇମାନେ ଯେପରି ଜାଣନ୍ତି, ମଦନର ଦିନ ଗୁଡ଼ାଏ ଏହିପରି ଭାବରେ କଟିଯାଏ । ଆସାମର ଚା ବଗିଚାରେ ଓଡ଼ିଆ କୁଲି ସଂଖ୍ୟା ବେଶୀ । ସେଠାରେ ଦଶ ବର୍ଷ ହେଲା ଚାକେରୀ କରି ମଦନ ପ୍ରାୟ ବହୁତ କୁଲିଙ୍କୁ ରଖିପାରେ ଣି । ତାର କନ୍ୟା 'କୁସୁମିକାକୁ' ସେ ଅନାଥାଶ୍ରମରୁ ଆଣି ରଖି ପାଠ ପଢ଼ାଉଅଛି । ପିଲାଟିଦିନୁ 'କୁସୁମିକା' ବଙ୍ଗଳାରେ ରହି ସେ ଭାଷା ଓ ଗୁଲଚଲନରେ ଏପରି ନିପୁଣତା ଅଛି ଯେ, ଯେ କୌଣସି ବ୍ୟକ୍ତି ତାକୁ ବଙ୍ଗବାସୀ ବୋଲି କହିବେ । ମାତ୍ର ବଙ୍ଗାଳୀଙ୍କ ଉପଦ୍ରବର ଗୋ ଗବର ପତା ତାଠାରେ ନାହିଁ; ଅଛି ଓ ଆ ଘର ସହିଷ୍ଣୁତା ଓ ଉଦାରତା ପୂର୍ଣ୍ଣମାତ୍ରାରେ !

ଦିନେ କୁସୁମିକା, ବିଦ୍ୟାଳୟରୁ ଫେରିଲା-ବେଳେ ଚିଠିଟିଏ ପଡ଼ି ଦେଇଟିଏ ନାଗରାରୁ ଆଣି ମଦନକୁ ଦେଲା, ମଦନ ଏକ ନିଶ୍ୱାସରେ ପତ୍ରଟି ପଢ଼ିଗଲା । ପତ୍ରଟିରେ ଲେଖାଅଛି—



Digitized by srujanika@gmail.com

ପ୍ରିୟ,

କଣବୋଲି ସମ୍ବୋଧନ କରିବି ଠିକ୍ କରି-ପାରୁନାହିଁ, ତମେ ଶାସ୍ତ୍ରତଃ ଅନ୍ୟ ଜଣଙ୍କର ତେଣୁ ମୋର ତମଠାରେ କିଛି ଅଧିକାର ନାହିଁ । ମୁଁ ଓ ତୁମେ ଆମ ଯୌବନର କ୍ଷଣିକ ଉନ୍ମାଦନାରେ ପଡ଼ି ଯେଉଁ କାମ କଲେ ସେଥିପାଇଁ କିଏ ଦାୟୀ ! ତାହା ହୁଏତ ଆଜପର୍ଯ୍ୟନ୍ତ ମିମାଂସିତ ହୋଇ ପାରିନାହିଁ । ଏହାର ମିମାଂସା ହେଲାବେଳକୁ ହୁଏତ ମୁଁ ପ୍ରେତପୁରରେ ଥିବି । ମୁଁ ଏ ଦୀର୍ଘ ଦଶ ଏଗାର ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିଥିଲି କୁସୁମିକାଟିକୁ ମଣିଷ କରିବାର ଦେଖିବାକୁ । ତମେ ଯେତେବେଳେ ସମାଜପତି ଆସନରେ ବସି ନିଜର ଜନ୍ମକୁ ଘୋଡ଼ାଇ ଦେଇ ମୋତେ ନିର୍ବାସନ ଦଣ୍ଡରେ ଭାଗି ହେଲ ସେତେବେଳେ ତମଠାରେ ମୋର ମନ ଜଳୁ ହୋଇ ଉଠିଥିଲା ଓ ତମକୁ ଶତ ମନେ ମନେ କଲି । ମାତ୍ର ତୁମର ଘର ଛାଡ଼, ଆସାମରେ ରହିବାର ଶୁଣି ମୁଁ ଆସାମ ଆସି ଗୋଟିଏ ବାବୁଘରର ପୂଜାରଣୀ ହୋଇ ରହିଲି ! ଏତେ କାଳ ରହି ଦେଖିଲି ତମେ ଟଳି ଓ ଅଚଳ ମହାମେରୁ, ତୁମର ହୃଦୟ ଏତେ ଦୃଢ଼ ଓ ଏତେ ଗମ୍ଭୀର ଓ ଉଦାର ଜାଣି ନ ଥିଲି, ଭାଇମାନଙ୍କୁ ଟଙ୍କା ଦେଇ ଋଣମୁକ୍ତ ହେବାକୁ ଚାହୁଁଛ ତମେ, ପାପ ଗର୍ଭ କନ୍ୟାକୁ ଆଣି ମଣିଷ କରି ଶାସ୍ତ୍ରଗତ ପୁତ୍ର ପ୍ରତି ଏ ଆଚରଣ ତମର କେତେଦୂର ସଙ୍ଗତ ତାହା ବିବେଚନା କରିବା ଶକ୍ତି ବାହାରେ ମୋର, ଏ କୁସୁମିଟାଟି ମୋର ପ୍ରକୃତ କୁସୁମଟିଏ । ତମର ଏ ମହାନୁଭବ ଦେଖି କିଏ ତୁମକୁ କଳଙ୍କମୟ ପୁରୁଷ ବୋଲି କହିବ ? ଏହା ସହ୍ୟ କରିବାପାଇଁ ମୁଁ ଅନିଚ୍ଛୁକା, ଆଜ ଏ ଶରୀର ରଖିବା ଅନାବଶ୍ୟକ । ମୋ ଲାଗି ଆଜ ତୁମର ଏ ଦଶା । ଶେଷକୁ ପ୍ରାର୍ଥନା ତରେ ନିଜ ଦେବତା ଫେରିଯାଅ ତମର ଘରକୁ । ସିଦ୍ଧୁଲୀ ଭାଇମାନଙ୍କ ମନରେ କଷ୍ଟ ନ ଦେଇ ତମର ଆଦର୍ଶ ସ୍ତ୍ରୀଙ୍କ କୋଳକୁ ପୁଣି ଫେରିଯାଅ, ଏ ପ୍ରେତ ବ୍ୟକ୍ତିର ଏ ଶେଷ ଭିକ୍ଷା ଦେବପର ଅପୂର୍ଣ୍ଣ ନ ରହେ । ଇତି ।

ତମର
କଳଙ୍କିନୀ
ନୂଆ ବୋହୂ

ଉକ୍ତ ପତ୍ର ପାଇ ମଦନ ମନରେ ବଡ଼ ଦୁଃଖ ଆସିଲା, ସେ ବହୁତ ଅନୁସନ୍ଧାନ କଲା ନୂଆ ବୋହୂକୁ । ବହୁ ଆଶାରେ ଯେ ତାକୁ ପାଇବେ ସେ ନୂତନ ସୌଧ ଗଢ଼ି ତୋଳନ୍ତା । ମାତ୍ର "ବିଧିର ବିଧାନ କେ କରେ ଆନ" ତା ପରଦିନ ଉତ୍ତୀର୍ଣ୍ଣ ଦିନ ସେ ସମ୍ବାଦ ପତ୍ରିକାରୁ ବଡ଼ ବଡ଼ ଅକ୍ଷରରେ ପଢ଼ିଲା, ଅପୂର୍ବ ଆତ୍ମହତ୍ୟା, ଆତ୍ମହତ୍ୟା ଲାଗି କିଏ ଜଣା ଯାଉନାହିଁ, ସେ ଶ୍ରୀମତୀ କୁସୁମିକା ଦେବୀ C/o ମଦନମୋହନ, ଦାଶ ବି. ଏ. ଙ୍କ ନିକଟରେ ଏକଶତ ଟଙ୍କା ମୃତ୍ୟୁ ଶଯ୍ୟା ନିକଟରେ ରଖିଦେଇ ଯାଇ ଅଛନ୍ତି ।

ମଦନକୁ ବୁଝିବାକୁ ଆଉ ବାକି ରହିଲା ନାହିଁ । ସେ ସେ ସ୍ଥାନରେ ଉପସ୍ଥିତ ହୋଇ ନିଜେ ମୃତ ବ୍ୟକ୍ତିର ମୁଖରେ ମୁଖାଗ୍ନି ଦେଇ ଶବ ସତ୍କାର କଲା । ଏହିଠାରେ ମଦନ ନୂଆ ବୋହୂର ପଟ୍ଟ ପତନ ହେଲା ।

ଇଆ ଭିତରେ କୁସୁମୀକାଟି ବଡ଼ଟିଏ ହୋଇ ଗଲାଣି, ସେ ଏମ୍, ବି. ବି, ଏସ୍ ପଢ଼ୁଚି କଲି-କତା ବିଶ୍ୱବିଦ୍ୟାଳୟରେ, ମଦନ ମୋହନ ଆଉ ଟଙ୍କା ଘରକୁ ପଠାଇପାରୁ ନାହିଁ । ସମୟେ ସମୟେ ଗାଁର ତା ବନ୍ଧୁ ଇନ୍ଦ୍ରଠାରୁ କିଛି କିଛି ଟଙ୍କା ପାଏ । ଇନ୍ଦ୍ର ମଧ୍ୟ ଥରେ ଦୁଇ ଥର ମଦନ ନିକଟ ଆସି କୁସୁମିକାକୁ ଆଶୀର୍ବାଦ ଦେଇ ଯାଏ । କିନ୍ତୁ ଘଟନେ ହେଲେ ଦୁଇବନ୍ଧୁ ଘର ବିଷୟରେ କିଛି କଥା ହୁଅନ୍ତି ନାହିଁ ।

ମେଡିକାଲ କଲେଜରେ କୁସୁମିକା ଓ ଚନ୍ଦ୍ର ନାରାୟଣ ଉଭୟେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରନ୍ତି । କିଏ କେଉଁ ଥର ପ୍ରଥମ ହୁଏ ଠିକ୍ ସ୍ଥିର ନଥାଏ । ତେଣୁ ଉଭୟେ ଉଭୟଙ୍କ ପ୍ରତି ଈର୍ଷା ପରାୟଣ । ଶେଷ ବର୍ଷ କୁସୁମିକା ପ୍ରଥମ ସ୍ଥାନ



Digitized by srujanika@gmail.com

ଅଧିକାର କଲା, ଏଥିରେ ରୁଦ୍ର ନାରାୟଣ କାଳେ କ୍ଷୁବ୍ଧ ହେବ ଏଥିପାଇଁ କୁସୁମିକା ତା ସଙ୍ଗେ ସ୍ୱାମୀ ବନ୍ଧୁ ହିସାବରେ ଆବଦ୍ଧ ହେଲା ଓ ତାକୁ ରୁଦ୍ର ଭାଇ ବୋଲି କହି ତାଙ୍କ ଘରକୁ ନିମନ୍ତ୍ରଣ କଲା । ରୁଦ୍ର ନାରାୟଣ ଉପଯୁକ୍ତ ଦିବସ ଧାର୍ଯ୍ୟ କଲା ।

ଆଜି ମଦନର ମନ ବଡ଼ ଆନନ୍ଦ । କିନ୍ତୁ ଏ ଆନନ୍ଦରେ ବିଷାଦର ମାତ୍ରା ଅଧିକ । ଆଜି ନୂଆ ବୋହୂ ଥିଲେ ହୁଏତ କୁସୁମୀକାର ଆନନ୍ଦ ଦେଖୁଥାନ୍ତେ । ଗର୍ବରେ ତାଙ୍କ ଛାତି ଫାଟି ପଡୁଥାନ୍ତା, ସେ କେତେ, ଆନନ୍ଦ ହେଉ ନଥାନ୍ତେ । ଏହିପରି ଭାବୁ ଭାବୁ ସେ ଅନ୍ୟମନସ୍କ ହୋଇ ବସି ପଡ଼ିଲେ । ତାଙ୍କର ଭାବନା ମଝିରେ ବାଧା ଦେଲା କୁସୁମିକା, ସେ ଏକ ସୁଶ୍ରୀ ସମ୍ପନ୍ନ ଯୁବକ ସହିତ ସେଠାରେ ଉପସ୍ଥିତ । ମଦନ ଆଶ୍ଚର୍ଯ୍ୟ ହୋଇ ରୁଦ୍ର ନାରାୟଣଙ୍କୁ ଗୁହିଁ ରହିଲା । ଏ କିଏ ? ଏତ ଠିକ ମଦନ [illegible]କୁମର ଛାଞ୍ଚରେ ଗଢ଼ା । ଏହା କି ସମ୍ଭବ ପାରେ ? ମଦନର ବଡ଼ ଅଲସୁଆ ଅଲସୁଆ ଲାଗିଲା, ସେ ପଚାରିଲା, "ବାପ ରୁଦ୍ର ତୁମର ପିତାଙ୍କ ନାମ କଣ ? ତମ ଘର କେଉଁଠି ?" ଉତ୍ତର "ମୋର ବାପା ନିରୁଦ୍ଦେଶ ଓ କୁସୁମୀକାର ମା ନିରୁଦ୍ଦେଶ୍ୟ" ତେଣୁ ଆମେ ଦୁହେଁ ଆପଣଙ୍କୁ ପିତା ଓ ମାତାଙ୍କୁ ମାତା ଆସନରେ ବସାଇ ଭାଇ ଭଉଣୀ ହୋଇ ଅଛୁଁ । ଏହା ଶୁଣି ବା ମାତ୍ରେ ମଦନର ନୟନରୁ ଅଶ୍ରୁ ଗଳି ପଡ଼ିଲା । ଏତେ କଷ୍ଟ ଓ ଏତେ ଯନ୍ତ୍ରଣା ମଦନ ସହ୍ୟ କରି କରି ତାର ହୃଦୟ ଭାଙ୍ଗି ପଡ଼ିଥିଲା । ଆଜି ସେ ସମ୍ଭାଳି ପାରିଲେ ନାହିଁ । ସେହି ମୁହୂର୍ତ୍ତରୁ ସେ ହେଲା ନିର୍ବାକ ଓ ନିସ୍ପନ୍ଦ ।

ବାଡିରେ ଭାଇ ଭଉଣୀ ଦିଓଟି ଖାଇପିଇ [illegible] । ମଦନ ସେମାନଙ୍କୁ ଦେଖିଲା ଓ [illegible] ମୃତ୍ୟୁରେ ଧୂନ ଦାନ କଲା ଓ ଶ[illegible] [illegible] [illegible] [illegible] [illegible] ଚିଠି [illegible] । [illegible] ଏ [illegible] ସ୍ତ୍ରୀ କୁମ ନିକଟକୁ ଓ ନ୍ୟଟି ପିତୃ ସମ [illegible] [illegible]ଭାଇଙ୍କ ନିକଟ ।

କୁମ,

ଯେତେ ଦିନ ପର୍ଯ୍ୟନ୍ତ ନିଜକୁ ଲୁଚାଇ ରଖିଥିଲି ରୁଦ୍ର ନିକଟରୁ ସେତେଦିନ ପର୍ଯ୍ୟନ୍ତ ଏଠାରେ ରହିଥିଲି । ଆଉ ଏଠାରେ ରହି ହେବନି ନାହିଁ । କୁସୁମିକା ବର୍ତ୍ତମାନ ସ୍ୱାବଲମ୍ବିଶାଳିନୀ ହୋଇପାରିବ । ମୋର ଦେବତୋପମ ଶ୍ୱଶୁର ଓ ଜ୍ୟେଷ୍ଠ ଭ୍ରାତାମାନଙ୍କ ଅନୁକମ୍ପାରୁ ରୁଦ୍ର ନାରାୟଣ ମଧ୍ୟ ଉଚ୍ଚ ଶିକ୍ଷିତ । ଏପରି ସ୍ଥଳେ ମୁଁ ଯେ ରହିପାରିଲି ନାହିଁ ଏ ସୁଖ ଦେଖିବାକୁ ସେଥିପାଇଁ କ୍ଷୋଭ କରିବାର ହକଦାର ମୁଁ ନୁହେଁ, କ୍ଷମ ପୋଡ଼ିଗଲା ତଅଣରେ ସୁଆଦ ନ ଥାଏ । ଯେଉଁ ସ୍ନେହ ତମ ଓ ମୋ ଭିତରେ ଥିଲା ତାହା ଯେ ଆଜି ପର୍ଯ୍ୟନ୍ତ ଅତୁଟ ରହିଛି ତାର ନିଦର୍ଶନ କୁସୁମିକା ଓ ରୁଦ୍ରଙ୍କ ଭାଇ ଭଉଣୀ ମିଳନରୁ ସ୍ପଷ୍ଟ ପ୍ରତୀତ ହେଉଛି । କିନ୍ତୁ ମୁଁ ଅପଦାର୍ଥ । ବିଭୁ ନିକଟରେ ଏତିକି ପ୍ରାର୍ଥନା ମୋ ପରି ସ୍ୱାମୀ ଯେପରି ତୁମେ ପାଇ ଅନ୍ୟ ଜୀବନରେ ଜଳି ପୋଡ଼ି ନମର । ନୂଆବୋହୂ ଆରପୁରରେ ଅପେକ୍ଷା କରିଥିବେ ମୁଁ ଯାଉଛି । ଇତି ।

ତୁମରି
'ଚରିତ୍ର ହୀନ'
ସ୍ୱାମୀ

ପୂଜ୍ୟ ପାଦ,

କୁସୁମୀକା ସମାଜର ନିର୍ଦ୍ଦେଶ ଅନୁସାରେ ପତିତର କନ୍ୟା ତେଣୁ ସେ ଅବିବାହିତା ହୋଇ ଜନ ସେବାରେ ଯେ ମନ ବଳାଇଛି ସେଥିରେ ଯେପରି ବାଧା ନ ପାଏ ଏବଂ ଆପ[illegible]ମାନଙ୍କୁ ସେ ସମୟେ ସମୟେ ଯେଉଁ ଅର୍ଥ ସହା[illegible] ଦେବ ତାହା ଯେପରି ଉପେକ୍ଷିତ କରି [illegible] ଦେବା ସଙ୍ଗେ ସଙ୍ଗେ ମୋର ଆତ୍ମାକୁ [illegible] ନ [illegible], ସେହିଁ ଆପଣଙ୍କର ଉପଯୁକ୍ତ ମଦନ ଇତି ।

ଆପ[illegible]
ସେ[illegible]
କ[illegible]



Digitized by srujanika@gmail.com

# ଆନ୍ଧ୍ର ରାଜା ପ୍ରତାପରୁଦ୍ର ଦେବ

ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ

ଅଶେଷ ପ୍ରଶସ୍ତି ମଣ୍ଡିତ, ଅତୁଳ କୀର୍ତ୍ତିରାଶି ବିଶୋଭିତ, ଅସମାନ ପରାକ୍ରାନ୍ତ, ଅତ୍ୟଦ୍‌ଭୁତ ଗୁଣଗଣ ମହିତ, ଅମିତ ପ୍ରତାପ ପ୍ରଦ୍ୟୋତିତ, ଅନୁପମ ସକଳ ବିଦ୍ୟାବନ୍ତ ଆନ୍ଧ୍ର ଦେଶାଧିପତି ବୀର ପ୍ରତାପରୁଦ୍ର ଦେବ ଜଣେ ମହା ମହନୀୟ ଥିଲେ । ଚିରସ୍ମରଣୀୟ ସେହି ପ୍ରତାପରୁଦ୍ର ଦେବଙ୍କ ଗୁଣାବଳି କେବଳ ନିଜ ପ୍ରଜାଙ୍କୁ କାହିଁକି ତତ୍କାଳୀନ ଭାରତବାସିଙ୍କୁ ମଧ୍ୟ ବିମୁଗ୍ଧ କରିଥିଲା, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ମାନବର ଯେଉଁ ଯେଉଁ ଅଂଶ ନେଇଁ ଲୋକେ ତାହାର ପ୍ରଶସ୍ତି ପୁଞ୍ଜ ମୁଖରେ ପ୍ରକାଶ କରିବାକୁ କୁଣ୍ଠିତ ନୁହନ୍ତି ସେହି ସେହି ଅଂଶରେ ଆମ୍ଭର ଲକ୍ଷ୍ୟ ପ୍ରତାପରୁଦ୍ର ଲୋକରେ ଯେଉଁ ସୁଖ୍ୟାତି ଅର୍ଜ୍ଜନ କରି ଅଛନ୍ତି, ତାହା ଭାବିଲେ ଭାବୁକ ହୃଦୟ ମାନେ ଚମତ୍କୃତ ନହୋଇ ରହି ନପାରେ । କାରଣ ସେହି ବୀର ପ୍ରତାପରୁଦ୍ର କେଉଁ ବିଶୁଦ୍ଧ ବଂଶରେ ଜନ୍ମଗ୍ରହଣ କରିଥିଲେ ସେ ସମ୍ବନ୍ଧେ "ପ୍ରତାପରୁଦ୍ରୀୟ" ନାମକ ଅଲଙ୍କାର ଗ୍ରନ୍ଥରେ କବିବର ବିଦ୍ୟାନାଥ ଲେଖି ଅଛନ୍ତି ଯେ:—"ଅତ୍ୟର୍କେନ୍ଦୁ କୁଳ ପ୍ରଶସ୍ତି ମସ୍ମାଜଦ୍ୱଂଶଂ କାକତୀୟାନ୍ୱୟଂ" ଏଥିରୁ ଜଣାଯାଏ ଯେ ତାଙ୍କର ବଂଶ ସୂର୍ଯ୍ୟ ଓ ଚନ୍ଦ୍ର ବଂଶ ଠାରୁ ବିଶୁଦ୍ଧ ଥିଲା । ତେବେ ସେ କେଉଁ ବଂଶରେ ଜନ୍ମ ଗ୍ରହଣ କରିଥିଲେ ? ଏ ପ୍ରଶ୍ନର ଉତ୍ତରରେ ଅନେକେ ନାନା ପ୍ରକାର ବିଗ୍ଭର କରି ଯାଇ ଅଛନ୍ତି । କେହି କେହି କହନ୍ତି ପ୍ରତାପରୁଦ୍ରଙ୍କର ପୁରାଣ ପ୍ରସିଦ୍ଧ ସୂର୍ଯ୍ୟ ବଂଶ ଓ ଚନ୍ଦ୍ରବଂଶ ଠାରୁ ପୃଥକ୍ ବଂଶ ଥିଲା । ଆଉ କେହି କହେ ଯେ ସେ ଚନ୍ଦ୍ରବଂଶରେ ଜନ୍ମ ଗ୍ରହଣ କରିଥିଲେ । କେହି କେହି ବା ପ୍ରକାଶ କରିଅଛନ୍ତି ଯେ ସେ ସୂର୍ଯ୍ୟବଂଶରେ ଉଦ୍ଭୂତ ହୋଇଥିଲେ । ଏପରି ସ୍ଥଳେ ତାଙ୍କର ବଂଶ ଯେ ପୁରାଣ ପ୍ରସିଦ୍ଧ ବଂଶର କୌଣସି ଗୋଟିଏ ଶାଖାର ଅନ୍ତର୍ଭୁକ୍ତ ହୋଇଥିବ, ଏଥିରେ ସନ୍ଦେହ ନାହିଁ ସତ୍ୟ । କିନ୍ତୁ କହିବାକୁ ହେବ ଯେ ସେ ଯେଉଁ କାକତୀୟ ବଂଶରେ ସମ୍ଭୂତ ହୋଇଥିଲେ ତାହା ସୂର୍ଯ୍ୟ ଓ ଚନ୍ଦ୍ର ବଂଶ ଠାରୁ ବିଶୁଦ୍ଧ ଥିଲା । ବିଦ୍ୟାନାଥଙ୍କର ଉକ୍ତି ଏସମ୍ବନ୍ଧେ ପ୍ରମାଣ ।

ଏହି ବଂଶଧରମାନେ ନିଜର ଅସାଧାରଣ ପରାକ୍ରମ ଦ୍ୱାରା ରାଜ୍ୟ ସ୍ଥାପନ କରିଥିଲେ । ଆଉ ନାମତଃ କ୍ଷତ୍ରିୟ ଥିଲେ ସୁଦ୍ଧା ଆର୍ଯ୍ୟକ୍ଷତ୍ରିୟମାନଙ୍କ ପରି ନିତ୍ୟ ଭାବେ ଯଜ୍ଞୋପବୀତ ଧାରଣ କରୁ ନ ଥିଲେ । ବିଶେଷତଃ ନିଜ ନିଜ ଶାସନ ମାନଙ୍କରେ ନିଜକୁ ବିଷ୍ଣୁପାଦୋଦ୍ଭବ ଓ ଚତୁର୍ଥ ବର୍ଣ୍ଣ ଶୂଦ୍ର ବୋଲି ଉଲ୍ଲେଖ କରିଥିବାର ଦେଖାଯାଏ । ଏମାନେ ବିଷ୍ଣୁଭକ୍ତ, ଚତୁର୍ଥାନ୍ୱୟ ସମ୍ଭୂତ କମ୍ପନ ଟି ଗ୍ରାମ ମାନଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ । କାରଣ ଏ ବଂଶର ମହାଦେବ ରାଜାଙ୍କ କନ୍ୟାଗଣ ଦେବଙ୍କ ଭଗିନୀ ମେଲାମ୍ବିକା ଦେବୀ ଚତୁର୍ଥ ବଂଶୋଦ୍ଭବ ନତବାଡ଼ୀର ଅଧୀଶ୍ୱର ବୁଦ୍ଧରାଜଙ୍କ ପୁତ୍ର ଶ୍ରୀମନ୍ମହାମଣ୍ଡଳେଶ୍ୱର ରୁଦ୍ରଦେବ ରାଜାଙ୍କୁ ବିବାହ କରିଥିଲେ ।*

ଏହି ପବିତ୍ର ବଂଶରେ ଶକାବ୍ଦ ୧୨୧୮ ଖ୍ରୀ : ୧୨୯୬ ରେ ବୀର ପ୍ରତାପରୁଦ୍ର ଦେବ ରାଜତ୍ୱ ଲାଭ କରିଥିଲେ । ଏହାଙ୍କ କୀର୍ତ୍ତିକଳାପ ଦାକ୍ଷିଣାତ୍ୟ ଐତିହାସିକ ମାନେ ନିଜର ଇତିହାସରେ ଲେଖି ଯାଇ ଅଛନ୍ତି । ଏ ଆନ୍ଧ୍ର ଦେଶର ଅଧିପତି ଥିଲେ । ଏହାଙ୍କ ରାଜଧାନୀ ଏକଶିଳା ଥିଲା ବିଦ୍ୟାନାଥଙ୍କ ଲେଖାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ । ଏହାଙ୍କ ସମଗ୍ର ରାଜତ୍ୱ ସମୟ ୩୦ ବର୍ଷ ଏ ସୁଦୀର୍ଘ ସମୟ ରାଜତ୍ୱ କରି ଅନେକ ସୁଖ୍ୟାତି ଅର୍ଜନ କରି ପାରିଥିଲେ । ଏବଂ ନାନାରୂପ ସୁବର୍ଣ୍ଣ ମୁଦ୍ରା ବ୍ୟବହାର କରୁଥିଲେ ।



* The annual report on Epigraphy for 1905, No. 204; "Epigraphica Indica" Vol. VI P. 159, Line 8.

Digitized by srujanika@gmail.com

"ମନ୍ଥାନାଚଳମୂଳ ମେଚକଶିଳା
ସଂଘଟ୍ଟନ ଶ୍ୟାମିତା—
ଘୋରଂ ଯଚ୍ଚନ୍ଦ୍ରବିମ୍ବଂତେ ସ୍ଫୁରିତତର
ସାରଙ୍ଗ ମାଦୟନ୍ତେ ।
ମନ୍ୟେ ନିର୍ବିହ ବୀରରୁଦ୍ର ନୃପତେଃ
କୀର୍ତ୍ତିଶ୍ରିୟା ନିର୍ଜିତ—
ସ୍ତନ୍ଦ୍ରାଙ୍କ ବିରହ ମିନ୍ଦୁରରସାବିଭିନ୍ନ
ସମୁତ୍କ୍ଷିପ୍ତମୂର୍ତ୍ତେ ।"
(ପ୍ରଃ ରୁଃ କାବ୍ୟ ପ୍ରକରଣ ଶ୍ଳୋ-୧୦,)

(ଅର୍ଥ) ମନ୍ଦର ପର୍ବତର ମୂଳସ୍ଥ କୃଷ୍ଣ ଶିଳା ଖଣ୍ଡର ଆଘାତ ହେତୁରୁ ଚନ୍ଦ୍ରବିମ୍ବରେ ଯେଉଁ କଳଙ୍କ ଦୃଶ୍ୟହୁଏ ତାହାକୁ କେହି କେହି ମୃଗ ଚିହ୍ନ ବୋଲି କହନ୍ତି । କିନ୍ତୁ ମୁଁ ଭାବନା କରେ ବୀରରୁଦ୍ର ରାଜାଙ୍କର କୀର୍ତ୍ତି ସୁଷମାଦ୍ୱାରା ପରାଜିତ ହେବାରୁ ନିଜେ ଚନ୍ଦ୍ର ନିଜ ବକ୍ଷଃସ୍ଥଳରେ ତାହାଙ୍କ ପାଦମୁଦ୍ରା ଧାରଣ କରି ପ୍ରକାଶିତ ହୋଇ ଅଛନ୍ତି ।

ଏହାଙ୍କର ଯେତେ ଗୁଡ଼ିଏ ଉପାଧିଥିଲା ତନ୍ମଧ୍ୟରେ "ଚଳମୂର୍ତ୍ତି ଗଣ୍ଡ" ଉପାଧି ମଧ୍ୟ ଦେଖାଯାଏ । ଏଥିର ଅର୍ଥ ଚିନ୍ତା କଲେ ବୋଧହୁଏ; ଗଣ୍ଡ—ଅଚଳ ପଥର, ଅମରସିଂହ କହନ୍ତିଯେ— 'ଗଣ୍ଡ ଶୈଳାସ୍ତୁ ଚ୍ୟୁତାଃ ସ୍ଥୂଳୋପଲା ଗିରେଃ ।' ଅର୍ଥାତ୍ ପର୍ବତରୁ ବିଚ୍ୟୁତ ସ୍ଥୂଳ ପଥରକୁ ଗଣ୍ଡ ଶୈଳ କହନ୍ତି । ରାଜାଙ୍କର ଉପାଧିରେ ଯଦି କେବଳ 'ଗଣ୍ଡ' ଉପାଧି ଥାନ୍ତା ତେବେ ଗଣ୍ଡ ଶୈଳ ସଦୃଶ ମହା ପରାକ୍ରମଶାଳୀ ବୋଲି ବୁଝା ଯାନ୍ତା ସତ୍ୟ, କିନ୍ତୁ ଗଣ୍ଡଶୈଳ ସଦା ଅଚଳ ରହେ । ସୁତରାଂ ସୌସାଦୃଶ୍ୟ ଠିକ୍ ହୋଇ ପାରିବ ନାହିଁ ମନେ କରି ଚଳମୂର୍ତ୍ତି ବିଶେଷଣ ଦିଆ ଯାଇଅଛି । ଅର୍ଥାତ୍ ଗଣ୍ଡଶୈଳ ଅଚଳ ମୂର୍ତ୍ତି ହେତୁରୁ ଅକର୍ମଣ୍ୟ ହୁଏ । ରାଜା ଚଳମୂର୍ତ୍ତି ହେତୁରୁ ବିଜୟୀ ଅଟନ୍ତି । ଏଅର୍ଥ ବୋଧହୁଏ. ଏ ଉପାଧି ସମ୍ବନ୍ଧେ ପ୍ରମାଣ—

"ଖଡ୍ଗାଘାତ ନିକୃତ୍ତଶତ୍ରୁ ବଶିରେ
ନିଷ୍ଠ୍ୟୂତରକ୍ତଚ୍ଛଟା,
ଜାଲୈରୁଦ୍ଭଟ ଶସ୍ତ୍ରଘଟ୍ଟନ ଭବଭ୍ରସ୍ତୁର
ସ୍ଫୁଲିଙ୍ଗୋତ୍କରୈଃ ।
ସ୍ତ୍ୟାନା ସୃକ୍ ପିଶିତାସ୍ଥି ଖଣ୍ଡ ବିକଟ ସ୍ଥୂଳୋ
ଲ୍ଲସତ୍କୀଳାଙ୍ଗାରକୈ,
ରୁଚ୍ଚଣ୍ଡ ଶ୍ଚଳମୂର୍ତ୍ତିଗଣ୍ଡ ନୃପତେଃ କ୍ରୋଧାଗ୍ନି
ରଦ୍ବୋଧନେ ।"
(ପ୍ରତାପରୁଦ୍ରୀୟ କାବ୍ୟ ପ୍ରକରଣ ଶ୍ଳୋ ୨୦)

(ଅର୍ଥ) ଖଡ୍ଗାଘାତରେ ଖଣ୍ଡିତ ଶତ୍ରୁ ଶିରରୁ ନିର୍ଗଳିତ ରକ୍ତ ପ୍ରବାହ ଦ୍ୱାରା, ଯୋଦ୍ଧାମାନଙ୍କ ଶସ୍ତ୍ରମୁଖଙ୍କର ପରସ୍ପର ପ୍ରତିଘାତରୁ ଜାତ ଅଗ୍ନିକଣା ଦ୍ୱାରା ଏବଂ ଉଦ୍ଗତ ରକ୍ତ, ମାଂସ ଓ ଅସ୍ଥିଖଣ୍ଡ ରୂପ ଭୟଙ୍କର ପ୍ରଜ୍ୱଳିତ ଅଗ୍ନିଖଣ୍ଡ ଦ୍ୱାରା ଯୁଦ୍ଧସ୍ଥଳରେ ସେହି ଚଳମୂର୍ତ୍ତି ଗଣ୍ଡଙ୍କର କ୍ରୋଧାଗ୍ନି ଜ୍ୱଳି ଉଠିଲା ।

ଏହାଙ୍କର ଅଳ୍ପ ପୂର୍ବବର୍ତ୍ତୀ ଗଙ୍ଗବଂଶୀୟ କଳିଙ୍ଗେଶ୍ୱର ଅନନ୍ତ ବର୍ମରାଜ ରାଜଦେବଙ୍କ ମହାସେନାପତି ରାଘ ରାଜବୀର ବରବଢ଼ିଆଲି ବଣପତିଙ୍କର ମଧ୍ୟ ଏହି 'ଚଳମୂର୍ତ୍ତିଗଣ୍ଡ' ଉପାଧି ଥିବାକଥା "ଦ୍ରାକ୍ଷାରାମ" ଲିପିରୁ ପ୍ରତିପନ୍ନ ହୁଏ । ❋

ରାଜା ପ୍ରତାପରୁଦ୍ର ନିଜର ଅସୀମ ଶୌର୍ଯ୍ୟ ବିକ୍ରମ ବାହୁବଳରେ ଅଙ୍ଗ, ଚୋଳ, କାଶୀର, ସ୍ତୂଣ, ଲମ୍ପାକ, ବଙ୍ଗ, ନେପାଳ, ସିନ୍ଧୁ, କାମ୍ବୋଜ, ସେବଣ, ଗୌଡ଼, କୋଙ୍କଣ, ଲାଟ, ସିଂହଳ, କର୍ଣ୍ଣାଟ, ମାଳବ, ଭୋଜ, କେରଳ, ପାଣ୍ଡ୍ୟ, ଘୂର୍ଜ୍ଜର, ପାଞ୍ଚାଳ, କାକଟ, କାମ୍ପିଲ୍ଲ, ଓ କଳିଙ୍ଗ, ରାଜ୍ୟମାନ ଜୟ କରିଥିବା କଥା ବିଦ୍ୟାନାଥଙ୍କ ଲେଖାରୁ ଜଣାଯାଏ । ✿

ଏ ରାଜାଙ୍କ ରାଜ୍ୟବିସ୍ତାର ବିଷୟ ନେଇ ଆନମୁକୋଣ୍ଡା ଶାସନର ଗୋଟିଏ ଶ୍ଳୋକ ନିମ୍ନରେ ଉଦ୍ଧୃତ ହେଲା ।



❋'ପ୍ରତାପରୁଦ୍ରୀୟ' ନାଟକ ପ୍ରକରଣ—ଶ୍ଳୋ, ୧୬, ୧୭, ୧୮ ଦ୍ରଷ୍ଟବ୍ୟ ।
✿"ଅର୍ଘାଶୀଲ ଶିଳାଲିପି," 'ଭକ୍ତ ପ୍ରଦୀପ'—ଭାଗ ୯, ସଂଖ୍ୟା ୧ ।

Digitized by srujanika@gmail.com

"ରାଜ୍ୟଂ ପ୍ରାଚ୍ୟାଂ ଲବଣ ଜଳଧେ
ସ୍ତୀର ପର୍ଯ୍ୟନ୍ତ ମସ୍ୟ
ଶ୍ରୀଶୈଳାନ୍ତଂ ପ୍ରଚରତ୍ତ ସଦା
ଦକ୍ଷିଣସ୍ୟାଂ ସମଗ୍ରଂ ।
ପ୍ରାତୀଚ୍ୟନ୍ତା କଟକ ନିକଟ ସ୍ଥାୟିନୀ ରାଜ୍ୟ ଲକ୍ଷ୍ମୀଃ,
କୌବେର୍ଯାଶା ତଟବଲସିତା
ମାଲ୍ୟବନ୍ତଂ ପ୍ରପେଦେ ।"

ପ୍ରତାପରୁଦ୍ର ଦେବଙ୍କ ରାଜ୍ୟ ପୂର୍ବରେ ସମୁଦ୍ର, ଦକ୍ଷିଣରେ ଶ୍ରୀଶୈଳ ପର୍ଯ୍ୟନ୍ତ, ପଶ୍ଚିମକୁ କଟକ (ଗୃହ୍ଣକ୍ୟ ରାଜଧାନୀ କଲ୍ୟାଣପୁରୀ କଟକ) ପର୍ଯ୍ୟନ୍ତ, ଉତ୍ତରକୁ ମାଲ୍ୟବନ୍ତ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ହୋଇଥିଲା ।

ଏ ରାଜା ଶକାବ୍ଦ ୧୨୪୮ (ଖ୍ରୀଃ ୧୩୨୬) ପର୍ଯ୍ୟନ୍ତ ଆନ୍ଧ୍ର ରାଜ୍ୟରେ ନିଜର ଅନୁପମ ପ୍ରଭୁତା ବଳରେ ସୌରାଜ୍ୟ ସଂସ୍ଥାପନ କରି ପରେ ଇହଲୀଳା ସମ୍ବରଣ କରିଥିବାର ପ୍ରମାଣ ଉପଲବ୍ଧ ହୁଏ । ରାଜା ପଣ୍ଡିତ ଏବଂ ପଣ୍ଡିତପ୍ରିୟ ଥିବାରୁ ଏହାଙ୍କ ସଂସ୍ଥାନରେ ଅନେକ କବି ଓ ପଣ୍ଡିତ ସୁଖରେ ବାସ କରୁଥିଲେ । ଅତଏବ ଏ ରାଜା ଯେ ଚିରସ୍ମରଣୀୟ ଏଥିରେ ଆଉ କୌଣସି ସନ୍ଦେହ ନାହିଁ ।

# ପ୍ରକୃତ ସନ୍ଧାନ

ଶ୍ରୀ ମୁରାରି ପ୍ରସାଦ ମିଶ୍ର

ଜୀବନର କେଉଁ ଯବନିକା ଅନ୍ତରାଳେ
ରହିଅଛୁ ଜାଗି ମାୟାମୟୀ ଏକ ନାରୀ
ସନ୍ଧାନ ତାର ନ ପାଇଲି ଯୁଗେ କାଳେ,—
ଝରେ ମୋ ନୟନୁ ନିଯୁତ ଅଶ୍ରୁ ବାରି । ୧ ।
ଇଙ୍ଗିତ ତାର ଜାଗେ କେବେ ନୀଳାକାଶେ,
ସଙ୍ଗୀତ ଜାଗେ ପବନର ସାଥ ତାରେ,
ଅଙ୍ଗ ସୁରଭି ଭାସେ 'ନଳିନୀ'ର ବାସେ,
ସ୍ନିଗ୍ଧ ଲାବଣ୍ୟ ଝରେ ଜୋଛନାର ଧାରେ ।୨।

ଋତୁର ଛନ୍ଦେ ନନ୍ଦିତ ନବବେଶେ,
ଜାଗେ ସୁନ୍ଦରୀ; କିଏ ସେ ମୋହିନୀ ରମା—
ମେଘ ପୁଞ୍ଜୀତ କୁଞ୍ଚିତ କଳା କେଶେ
ପ୍ରାନ୍ତର-ଶ୍ୟାମ-ଅଞ୍ଚଳା ଅନୁପମା । ୩ ।
ସୂକ୍ଷ୍ମାବରଣେ ଗୁଣ୍ଠିତା ମାୟାବିନୀ,
ଜୀବନ ଗୁଡ଼ିଇଛୁ ନିବିଡ଼ ଇନ୍ଦ୍ରଜାଲେ,—
ଅନ୍ତର ଖୋଲି କହେ ତାରେ ଅଛୁ ଚିହ୍ନି,—
'ସନ୍ଧାନ' ତାର ନ ପାଇଲି ଯୁଗେ କାଳେ ।୪।



Digitized by srujanika@gmail.com

# ଆମ ସମାଜର ନାରୀ

ଶ୍ରୀ ବେଣୀମାଧବ ପାଢ଼ୀ

ପନ୍ଦର ବରଷର କୁଳବୋହୂ ରାଣୀ, ଏବେ ସ୍ୱାମୀସୁଖ କ'ଣ ଜାଣିନାହିଁ—ସ୍ୱାମୀ ମୁହଁରୁ ପଦେ ସରସ କଥା ଶୁଣି ନାହିଁ। କେଉଁଠି କାମ କରି ଯାଇଛି—ପଥପ୍ରାନ୍ତର ସବୁ ସହିଛି। ତା'ପାଇଁ କାହା ଆଖିରୁ ପାଣି ଟୋପାଏ ଝରି ନାହିଁ—କାହା ମୁହଁରୁ ଫୁଲାଏ ପବନ ବି ଖରଚ ହୋଇ ନାହିଁ। ତଥାପି ରାଣୀ ସେଥିଲାଗି କପାଳ ଛଡ଼ା କାହାକୁ ଦୋଷ ଦେଇ ନାହିଁ। ଗୋରା ତକ ତକ କଅଁଳିଆ ଦେହଟିକୁ ଇସ୍ପାତ କରି ନେଇଛି—ଚାଲିଛି।

ଗୋଧୂଳି ବେଳ, ରାଣୀ ସବୁଦିନ ପରି ସବୁଜ କାଞ୍ଚଲି ଉପରେ ଧଳା ନନ୍‌ଫାଇନ୍ [illegible]ଲ ଶାଢ଼ିଟି କୁଞ୍ଚକରି ପିନ୍ଧି ବାଡ଼ି କୂଅ ମୂଳରେ ପହଞ୍ଚିଲା ବେଳକୁ ଠିକଏ ଡେରି ହୋଇଯାଇଥିଲା। ତରତର ହୋଇ ସେବତୀ ଫୁଲିଆ ବେଣୀଟିକୁ ତଳେଇ ଚାଲ୍‌ଟିଏ ପକାଉ ପକାଉ କେଉଁଠୁ ଗୋଟିଏ ସୁର ଲହରୀ ଭାସି ଆସିଲା, 'କହିବି କାନେ କାନେ ଗୋରୀ କହିବି କାନେ କାନେ'। ଅପରିଚିତ ଗଳାରେ ଚମକି ସେ ବକୁଳପରି ଆଖି ଯୋଡ଼ା ଥରେ ବୁଲେଇ ଆଣିଲା ବାଡ଼ିପଟ ଦୋତାଲା ଉପରେ। କଳା କଳା ଦରହସିତ ଆଖି ଦୁଇଟିରୁ କ'ଣ ବୁଝିଲା କେଜାଣି ଭୀତତ୍ରସ୍ତ ହରିଣୀ ପରି ପଳାଇ ଆସିଲା ଘର ଭିତରକୁ। ଦୁଆର ପକେଇ ଦେଲା ଭିତର ପଟୁଁ, ଶବଦଟା କିନ୍ତୁ ସେ ଦିନଠୁ ହୋଇଥିଲା ଆଗରୁଁ ଠିକଏ ଭାରି।

ମଦନ ବାବୁ, ତରୁଣ ନ ହେଲେ ବି ପ୍ରୌଢ଼ ନୁହନ୍ତି। ଚେହେରାଟା ମନ୍ଦ ନୁହେଁ, ଯୌବନର ଷୋଡ଼ଶ ଜୟନ୍ତୀରେ ପାଦ ଦେଇ ସାରିଲେ ସୁଦ୍ଧା ଜୟନ୍ତୀ ସଂଖ୍ୟା 'କମ୍' କରିବା ଚେଷ୍ଟାରୁ ଟିକେବି ପଛେଇ ନାହାନ୍ତି। ଘର ଅଭାବରୁ ଏ ଠିଆ ରହିଛନ୍ତି ସତ କିନ୍ତୁ ବରଷ ଭିତରେ ଥରେ ଅଧେ ଘରକୁ ଗଲେ ପରିବାର ସଂଖ୍ୟା ଯେ ଆଗରୁଁ ଅନ୍ତତ ଗୋଟିଏ ଅଧିକା ନ ଦେଖନ୍ତି ତା ନୁହେଁ। ସେ ସବୁ ଗୋପନୀୟ କଥା, କାହାକୁ ସେ କହନାହାନ୍ତି ଅବଶ୍ୟ। ଶୁଣାଶୁଣିରୁ କିନ୍ତୁ ତାଙ୍କ ନିଜକୁ ମିଶାଇ ଛ। ତଥାପି ମଦନ ବାବୁଙ୍କର ପାଶବିକ ଲାଲସାର ସ୍ରୋତ କେଉଁଦିନ କ୍ଷୀଣ ହୋଇଥିବା କଥା କାହାକୁ ଜଣାନାହିଁ। ହେବା କଥା, ଶିକ୍ଷିତ—ବୟସ ଅଛି, କି ଗୋଟାଏ ଇନ୍‌ସପେକ୍ଟର ହୋଇ ଚାରିପଇସା ରୋଜଗାର କରୁଛନ୍ତି—କ'ଣ ହେଲା ?

କିନ୍ତୁ ରାଣୀ, ଗରିବ ଘରର ଭଦ୍ରମହିଳା ସେ। ଅଙ୍ଗ ପ୍ରତ୍ୟଙ୍ଗରୁ କିଶୋରୀମାର ଲାବଣ୍ୟ ଉଛୁଳି ପଡ଼ୁଛି—ଆଖି ଦୁଇଟିରୁ ଦରଫୁଟା ହସ ଯେପରି ଉତ୍ତୁରି ଉଠୁଛି ତାରୁଣ୍ୟ-ସହଜ ଅଗ୍ନି-କଣାର ତାପରେ। ସେ ଆଖିରେ ବୟସ୍କାର ଗାମ୍ଭୀର୍ଯ୍ୟ ନାହିଁ କି ଶୈଶବର ଚପଳତା ନାହିଁ। ଯେଉଁଦିନ ସେ ବୁଝିଲା ସ୍ୱାମୀ ତା'ର କେଉଁ ସୁଦୂର ପଞ୍ଜାବରେ ଜଣେ କାଶ୍ମୀରୀ ଯୁବତୀ ସହିତ କି ଗୋଟାଏ କମ୍ପାନୀରେ ଚାକିରି କରୁଛନ୍ତି—ଆଉ ତାକୁ ଫେରି ନେବେ ନାହିଁ ସେହିଦିନୁ ସେ ଭୋଜ ସିଂହାସନର ପିତୁଳି ବନି ଯାଇଛି। ଚଉଁରିମୂଳ ଆଉ ମହାଭାରତ ଛଡ଼ା ସେ କେଉଁଠିକି କେବେ ଯିବା କେହି ଦେଖିନାହାଁନ୍ତି, ପରଦୁଆର ତ ପରକଥା।

ଦିନ ସମାନ ଯାଏ ନାହିଁ, ରାଣୀ ବୁଝିପାରିଛି ସମାଜ ଆଉ ସଂସାର ପୁରୁଷଙ୍କ ସକାଶେଇ। ନାରୀ ସମାଜର କେହି ନୁହେଁ। ସେ ଆସିଛି ପୁରୁଷର ଖେଳନା ହୋଇ—ସେହିପରି ଚାଲିଯିବ। କେଉଁ କଥାରେ ତାର ସ୍ୱାତନ୍ତ୍ର୍ୟ ନାହିଁ—କେଉଁ ବିଷୟରେ ତା'ର ଅଧିକାର ନାହିଁ। ଥରେ ଥରେ ଉତ୍ତେଜନା ଆସେ—ଆତ୍ମହତ୍ୟା କଥା ଭାବେ; କିନ୍ତୁ ଚମକି ପଡ଼େ—ଲଜ୍ଜା ଆସେ, ନାରୀ ସେ—ମନୁଷ୍ୟ ସେ।

+ + + +



Digitized by srujanika@gmail.com

ଉଦୁଉଦିଆ ଖରା, ମଦନ ବାବୁ ମଧ୍ୟାହ୍ନଭୋଜିଆ ପରେ ଟିକିପହଡ଼ ଭାଙ୍ଗି ମୁହଁ ଧୋଇବାକୁ ଆସିଛନ୍ତି ବାରିପଟକୁ, ରାଣୀ ଠିଆ । ଘନ ଘନ କୁଞ୍ଚୁକୁଞ୍ଚା ଫିଙ୍ଗି ସାବୁନ୍‌ରେ ମୁହଁଟିକୁ ମାଜି ନେଉଥିଲେ ବସି ବସି । ରାଣୀ ମୁହୂର୍ତ୍ତିକେ ତା'ର ସ୍ୱାଭାବିକ ଦୃଷ୍ଟିଭଙ୍ଗି ସହିତ ଚଳ ଚଳ ଡୋଳା ଦୁଇଟିରେ ମଦନ ବାବୁଙ୍କୁ ଚାହିଁ ପଶି ଆସିଲା ଘର ଭିତରକୁ । ମଦନ ବାବୁ ଜାଣନ୍ତି ନାହିଁ ସେ କଥା—ତେଣୁ ତୃପ୍ତି ହସଟିଏ ହସି ଚାହିଁଦେଲା ବେଳକୁ ଖିଲି ଦୁଆର ବନ୍ଦ ହେବା ଶବ୍ଦ 'ଖଡ଼' ।

ଏମିତି ପରସ୍ପର ଦେଖା ଚାହାଁରେ କେତେ ସନ୍ଧ୍ୟା-ସକାଳ ଯାଇଛି । ମଦନ ବାବୁ କେତେ ଭଙ୍ଗୀ—କେତେ ଚେଷ୍ଟା—କେତେ କୌଶଳ କରିଛନ୍ତି । ସବୁ ନିଷ୍ଫଳ—ସବୁ ବୃଥା । ତା ବୋଲି ସେ ଏକବାର ନିରାଶ ହୋଇ ପଡ଼ିଛନ୍ତି ତା ନୁହେଁ, ଥରେ ଅଧେ ମଦନ ବାବୁଙ୍କୁ ଦେଖିବା ସତ୍ତ୍ୱେ ବି ରାଣୀ ଆଗପରି ଘରେ ନ ପଶି କିଛି ସମୟ ଦୁଆରକୁ ଆଉଜି ଠିଆ ହେବାର ସେ ଦେଖିଛନ୍ତି—ଯଦିଚ ରାଣୀ ଅନ୍ୟ ଆଡ଼େ ଚାହିଁଥାଏ ।

ଶାଶୁ ଶ୍ୱଶୁରଙ୍କ ବୋହୂ ରାଣୀ, କେତେ ବୋଲଣା—କେତେ ଗଞ୍ଜଣା—କେତେ ଯାତନା ପ୍ରତିଦିନ ସହୁଛି—ସହି ଆସୁଛି । କିନ୍ତୁ ସେଦିନ କାହିଁକି ତାକୁ ବଡ଼ ବେଶୀ ବାଧିଲା—ଯେଉଁଦିନ ଶାଶୁ ତାର ଆଗପଛ ନ ଜାଣି କହିଦେଲେ, 'ଘଇତା ଛାଡ଼ ଅଣ୍ଟୁକୋଡ଼ୀ' । କିଏ ? ରାଣୀ !! ହଁ, ସେ ଅଣ୍ଟୁକୋଡ଼ୀ, କାହିଁକି ଅଣ୍ଟୁକୋଡ଼ୀ ହୋଇଛି ? କାହିଁକି ଘଇତା ଛାଡ଼ିଛି ? ସେ କଥା କାହିଁ କେହିତ ଥରେ ସୁଦ୍ଧା ଭାବିଲେ ନାହିଁ କି ବୁଝିଲେ ନାହିଁ । କିନ୍ତୁ କହିଗଲେ ଯାହା ତା ମନକୁ ।

ସେ ଦିନର ପଦୁଟି କିନ୍ତୁ ଚୁମ୍ବକପରି ଲାଗିଛି ମନରେ ତା'ର । ସେ ଦିନଠୁଁ ମାତୃତ୍ୱ ବାସନା ହୃଦୟରେ ତା'ର କୁହୁଳି ଉଠିଛି । ଆତ୍ମୀୟ ସ୍ୱଜନଙ୍କ ପ୍ରତି ତାଚ୍ଛଲ୍ୟ ଆସି ଯାଇଛି । ସେ ମହାଭାରତର ପାରତ୍ରିକ ସୁଖକୁ ବିସର୍ଜନ ଦେଇଛି—ଜନନୀ ହେବା ଲାଲସାକୁ ଖୋଜି ଆଣିଛି ।

କିଛିଦିନ ଗଲା, ଆଉ ମଦନଙ୍କୁ ଦେଖି ରାଣୀ ଦୁଆର କିଳିଲା ନାହିଁ—କି ନିଷ୍ପନ୍ଦ ରହିଲା ନାହିଁ । ମଦନ ହେଲା ତା'ର ନିର୍ଜନର ସଙ୍ଗୀ—ନିଭୃତର ସାଥୀ ।

\+ \+ \+ \+

ଦେଢ଼ମାସ ପରେ, ହଠାତ୍ ଅଧରାତିରେ ଦିନେ ରାଣୀ ଘରେ ଅପ୍ରତ୍ୟାଶିତ ଭାବେ କୋଳାହଳ ଶୁଭିଲା, 'ଚୋର ପଶିଛି' ସାହି ପଡ଼ିଶା ସଭିଏ ଆସିଲେ ଠେଙ୍ଗା-ବାଡ଼ି-ବନ୍ଧୁକ ଧରି । ବହୁ କଷ୍ଟରେ ଚୋର ଧରା ପଡ଼ିଲା ରାଣୀର ଶୋଇ[illegible] ଘର ଭିତରେ, ପୁଲିସ୍ ହେଲା, ମକଦ୍ଦମା ଶୁ[illegible] ହେଲା—ମଦନ ମୋହନ ମହାପାତ୍ରଙ୍କୁ [illegible] ସଶ୍ରମ ଜେଲ୍ । ସେତେବେଳକୁ ରାଣୀ ଦ[illegible] ପାଞ୍ଚମାସର ଶିଶୁଟିଏ ।

× × × ×

ବଡ଼ଦାଣ୍ଡ । ଦୁଇଧାଡ଼ିରେ ଭରପୂର ହୋଇ ବସିଛି ପସରା । ରଥ ଟଣା ହେବାକୁ ଡେରି ନାହିଁ । ବାବୁ ଜଣେ, ଆଗେ ଆଗେ ଚାଲିଛନ୍ତି । ନୂଆ ଫେସନର ପୃଥୁଳା ଯୁବତୀଟିଏ, ବୋଧହୁଏ ବାବୁଆଣୀ । ଦୁଇଝିଅଙ୍କ ଦୁଇହାତ [illegible]ର ଗେହ୍ଲାରେ ଚାଲିଛନ୍ତି ବାବୁ । ଆଗରୁ ଜଣେ ଭିଖାରୁଣୀ ଆସି ହାତ ପସାରିଲା—ବାବୁ ପଇସାଟିଏ, 'ହେଃ ଗଳାଗୁଡ଼ା' କହି ବାବୁ ଠେଲି ହୋଇ ଚାଲିଯିବା ପରେ ତାଁ ପାଖରୁ ଜଣେ ରିକ୍‌ସାବାଲା କରୁଣ କଣ୍ଠରେ ଚିତ୍କାର କରି ଉଠିଲା 'କିଏ ! ରାଣୀ' ।

ରାଣୀ ସେତେବେଳକୁ କାଖରେ ଶିଶୁଟିକୁ ଜାକିଧରି ଏକ ଦୃଷ୍ଟିରେ ଚାହିଁ ରହିଥିଲା ବାବୁଙ୍କ ପଛପଟକୁ । ବାବୁ କିନ୍ତୁ ଟିକିଏ ଦୂରକୁ ଆଗେଇ ଯାଇଥିଲେ ସେତେବେଳେ......



Digitized by srujanika@gmail.com

# ଶୋକ ଗାଥା *

ଶ୍ରୀ ମହାଦେବ ମହାପାତ୍ର

କହିଁ ଭାରତ-ଧରଣୀ ହରାଇ ହର୍ଷ-ତରଣୀ
ଭାସେ ଆଜ ହାହାକାରେ ଶୋକ-ସଲିଳେ,
ଦଶେ ଭାରତ ଗଗନ କହିଁ ତିମିର-ଅଚ୍ଛନ୍ନ
ଅସ୍ତ କି ଭାସ୍କର ଅସ୍ତାଚଳ ଅଞ୍ଚଳେ !
ହଜିଛି କି କେଉଁ ସମ୍ପଦ ?
ଦଗ୍ଧୀଭୂତ ତେବେ କହିଁ ଭାରତ ହୃଦ । ୧ ।
ନିଷ୍ଠୁର ମୃତ୍ୟୁର ଘାତେ କିବା କାଳ ଭୀମ ସ୍ରୋତେ
ହଜିଗଲା କେଉଁ ଶାନ୍ତ ଅହିଂସା ମୂର୍ତ୍ତି ।
କାନ୍ଦଇ ଭାରତ-ବାସୀ ଆଜ ସେ ମହିମା ରାଶି
ଯୁଗଜନ୍ମା ଶାନ୍ତ ମୂର୍ତ୍ତି ମହାତ୍ମା ପ୍ରଭୃତି ।
ଆଜ ସସାଗରା ଧରଣୀ,
ଦକ୍ଷେ ଭୀମ ଶୋକାନଳ ଉଠେ ପ୍ରଧୂମି । ୨ ।
× × × ×
ବାପୁ ! ଦରିଦ୍ର-ବନ୍ଧୁ ହିଂସା ହୀନ ଶାନ୍ତ-ସିନ୍ଧୁ
ଦେଖିଥାନ୍ତ ପରା ଶାନ୍ତ ଭାରତ ଦେଶେ,
ଏହା ଶାନ୍ତିପାଇଁ ପରା ଯାପିଲ ଜୀବନ ସାରା
ଶତ ନିର୍ଯ୍ୟାତନା ସହସ୍ର ଉପବାସେ ।
କି ଦୋଷେ ଭାରତ-ବାସୀର,
ଛାଡ଼ ଚାଲିଗଲ କରି ଦିଗ ଅନ୍ଧାର । ୩ ।
ଲୋଡ଼ିଥିଲ ପରା ବାପୁ ଶାନ୍ତିରେ ସମୟ ଯାପୁ
ଶୋଣିତ ପ୍ଲାବିତ ତବ ଭାରତ ଦେଶ,
ଯାଚିବ ବା ଆଉ କାହିଁ ଶାନ୍ତ-ପ୍ରତିମା ହରାଇ
ଧଇଲଣି କାନ୍ତହତ କାନ୍ତାର ବେଶ ।
ଶାନ୍ତ ଆଉ ଏ ଦେଶେ କାହିଁ,
ତୋ ସଙ୍ଗେ ହଜିଲା ଯୁଗ ଯୁଗର ପାଇଁ । ୪ ।
ଦେଖିଥାନ୍ତ ପରା ଥରେ ତବ ଦେଶ ଭାରତରେ
ଭାଇ ଭାଇ ବୋଲି ସର୍ବେ ଯାଆନ୍ତେ ମିଶି,
ଜାତି ଧର୍ମ, ମତ ଭେଦ, ନ ଥିବା କେବେ ପ୍ରଭେଦ
ବୁଝାଉଥିଲ ପ୍ରାର୍ଥନା ସଭାରେ ବସି ।
ଘୋଟିଲା କି ସତେ ପ୍ରଳୟ,
ଦେହ ଛାଡ଼ିଦେଲ ପ୍ରଭୁ ହୋଇ ନିର୍ଦ୍ଦୟ । ୫ ।

ଦୁଃଖୀ ରଙ୍କିପାଇଁ ପରା ବହିଲ ଜୀବନ ସାରା
ଆରାଧନା କରି ସଦା ବିଭୁ ପାଦରେ,
ଦେଖନ୍ତ ପରା ବାପୁଜୀ ଉତ୍ସର୍ଗି ଜୀବନ ସାଜି
ନ ଥାନ୍ତା ଜୀବନେ କେ' ଭାରତ ଦେଶରେ ।
ନ ପାରିଲ କିଛି ତ ଦେଖି,
କେତେ ହେଲା ଚାଲିଗଲ ସବୁ ଅପୂର୍ଣ୍ଣ ରଖି । ୬ ।
ମଣି ହରା ଫଣୀ ପରି ଜହର ଲାଲ ତୋହରି
ବସି କାନ୍ଦେ ପରା ତବ ପଦ-ଯୁଗଳେ,
ପାର୍ଥ ପକ୍ଷେ କୃଷ୍ଣ ସମ କରି ପରା ଯୁଗ ଧର୍ମ
କହୁଥିଲ ତାରେ ସଦା ଧରଣ କୋଳେ ।
କାନ୍ଦଇ ସେ ପଥ ନ ପାଇ,
କିଏ ସେ ଦେଖାଇ ଦେବ ତୋ' ସମ ହୋଇ ॥
ଅଛବ ଜାତି ଗୌରବ- ପାଇଁ ପରାଣେ ବାନ୍ଧବ
ମନ ପ୍ରାଣ ସଦା ଦେଉଥିଲ ହେ ତାଳ,
ତୋ ଭଙ୍ଗି କୁଟୀର ଦ୍ୱାରେ କାନ୍ଦେ ଅଛବ ଆତୁରେ
ଖୋଜି ତୋ ମହାମହିମ ପାଦୁକା-ଧୂଳି ।
କିଏ ଆଉ ତାରେ ଦେଖିବ,
କିପରି ମୁରୁଛି ଦେଲ ଏ ସବୁ ଦେବ । ୮ ।
ପୃଥିବୀର ଘରେ ଘରେ ପାଷାଣ, ଗଛ, ପତ୍ରରେ
ତବ ଦେହ ତ୍ୟାଗ ଆଜ ଭେଦି ଯାଇଛି,
କି ହିନ୍ଦୁ ମୁସଲମାନ ଖ୍ରୀଷ୍ଟ, ବୌଦ୍ଧ, ଶିଖ, ଜୈନ
ଆବାଳ ବୃଦ୍ଧ ବନିତା କାନ୍ଦ ଉଠୁଛି ।
ତୁମେ ପରା ଶାନ୍ତ-ସରଣୀ,
ଅଶାନ୍ତ-ସାଗରେ ଫିଙ୍ଗିଦେଲ ଧରଣୀ !! ୯ ।
ହେ ବାପୁ ! ଯୁଗ ରତନ ଭାରତ ଦେଶ-ମଣ୍ଡନ
ମାୟା ମୋହ ପୂର୍ଣ୍ଣ ମୋର ମାନବ ଜନ୍ମ,
ତବ ବିହୁନେ ଏ ବିଶ୍ୱ ସାଜିଛି ଆଜି ଯୋ ବେଶ
କିପରି ବର୍ଣ୍ଣିବି ସବୁ ? ନାହିଁ ତ କ୍ଷମ ।
ଏ ଦୀନର ହୃଦ-କମଳ,
ବିକଶୁ ପ୍ରଭୁ ପାଇ ତୋ ପଦ୍ମ-ସମ୍ବଳ ।

* ଯୁଗଜନ୍ମା, ଯୁଗାବତାର, ମହାମାନବ ମହାମହିମ ମହାତ୍ମା ଗାନ୍ଧିଜୀଙ୍କର ଦେହତ୍ୟାଗ ବିୟୋଗରେ ବିଶାଖପାଟଣା ଉତ୍କଳ ସମାଜର (ଓଡ଼ିଆମାନଙ୍କ) ଶୋକ ସଭାରେ ପଠିତ ।



Digitized by srujanika@gmail.com

# ଖୋଲାଚିଠି

"ବନ-ମାଳତୀ"

ପ୍ରିୟ ନଳିନୀ,

ତୋର ଚିଠି ପାଇଛି । କିନ୍ତୁ ସମୟର ଏକାନ୍ତ ଅଭାବ ଯୋଗୁଁ ଉତ୍ତର ଦେଇ ପାରି ନାହିଁ । କ୍ଷମା କରିବୁ । ସାହିତ୍ୟ ତଥା ଜୀବନର ଅନୁଭୂତିକୁ ଏକୀଭୂତ କରି ଦେଶ ଓ ଦଶର କଥା ତୁ ଯେଉଁ ଦୀର୍ଘ ଚିଠିରେ ଲେଖିଛୁ ତାହା ମୁଁ ବାରମ୍ବାର ପଢ଼ି କୃତାର୍ଥ ହୋଇଛି ।

ମାତୃଭୂମି ପ୍ରତି ବାସ୍ତବିକ୍ ତୋର କି ଅଭିମାନ ! ଆମ ସାହିତ୍ୟର ଭାଷା, ଭାବ, ଲାଳିତ୍ୟ କଣ ଅମାର୍ଜିତ, ଅପରିଷ୍କୃତ ଯେ ଆମେ ନିଜକୁ ହରାଇବୁ ? ଆମର ଜୟଦେବ, ଭଞ୍ଜ, ସାମନ୍ତ ସିଂହାର, ଦୀନକୃଷ୍ଣ ପ୍ରଭୃତି କବି କୁଳର ଅମୂଲ୍ୟ ସରସ ସାହିତ୍ୟ-ସମ୍ପଦ କେଉଁ ଦେଶରେ ଅଛି ? ସେ ଗୁଡ଼ିକ ପଢ଼ି ସାହିତ୍ୟର ତଥା କବିଙ୍କର କାର୍ଯ୍ୟକଳାପ ଆଲୋଚନା କର । ତୋର, ମୋ ଦେଶର, ମୋ ଜାତିର ଗରିମା କେତେଦୂର ତାହା ଜଗତ, ଦେଶ ତଥା ଜଗତ ଜାଣୁ । ସାହିତ୍ୟିକ ମହଲରେ ତୋର ନାଁ ବି ବଢ଼ିଯିବ । କିନ୍ତୁ ଗୋଟିଏ କଥା । ଆଜି କାଲି ଆଲୋଚନା ସହିତ ସାଧାରଣ ପାଠକ-ପାଠିକାମାନଙ୍କର ମନତ ଖାପ ଖାଉନାହିଁ । ସେମାନେ ଚାହାଁନ୍ତି ଉପନ୍ୟାସ ଆଉ ଗଳ୍ପ । ଭିତରେ ଥାଉ ଫମ୍ପା କିନ୍ତୁ ଖାଇବେ କମଳା । ନଡ଼ିଆକୁ ଭାଙ୍ଗି ତା'ର ସ୍ୱାଦୁ ଗ୍ରହଣର ପ୍ରୟାସ କରୁଛି କିଏ ? ଯଦି ବାସ୍ତବିକ୍ ଆମ ଦେଶରେ ଆଲୋଚନା ପ୍ରତି ପାଠକଙ୍କର ଆଗ୍ରହ ଜନ୍ମିଥାଏ, ତେବେ ଆନନ୍ଦର କଥା । ଭାରତୀୟ ସାହିତ୍ୟ ଅବନତି ଦିଗକୁ ଗତି କରୁନାହିଁ ! ଉନ୍ନତି ମସ୍ତକରେ ସଦ୍‌ଦର୍ଶିନୀ ଦିଗରେ ଡିଆଁ ମାରୁଛି । ସେ ଯାହା ହେଉ, ମୋର ବିଶ୍ୱାସ, ଲୋକରାଷ୍ଟ୍ର, ଲୋକଆଦର୍ଶ, ଲୋକଦର୍ଶନ, ଲୋକବିଜ୍ଞାନ ସହିତ ଧୀରେ ଧୀରେ ଏବେ ଗଢ଼ି ଉଠୁଛି ଲୋକସାହିତ୍ୟ । ଉଚ୍ଚ ଶିକ୍ଷିତ ଲୋକେ ଏଣିକି ଆଲୋଚନାରେ ଆଲୋଡ଼ିତ ହେବେ ବୋଲି ମୋର ଅଭିପ୍ରାୟ ।

କେତେ ଦିନ ତଳେ ଜଣେ ଆର୍ମିଅଫିସରଙ୍କ ସହିତ ଗୁରୁଗମ୍ଭୀର କାଳ ରାଜନୀତି ବିଷୟରେ ଆଲୋଚନା ହୋଇଥିଲା । ତାଙ୍କର ଯୁକ୍ତି ଉତ୍ତେଜନା ବୁଝିବାପାଇଁ ମୁଁ ପ୍ରତ୍ୟେକ କଥାରେ ମତାମତ ଅବଧାରଣା କରୁଥାଏ । ଶେଷରେ କିନ୍ତୁ ଏକମତ ହେଉଥାଉ । ତୁ ଦେଇଥିବା ଚିଠି ପଢ଼ି ସେ ଉତ୍ତେଜିତ ହେଲେ । ତୁ ଲେଖିଛୁ 'ଦୋଷ ଥିଲେ କ୍ଷମା ଦେବୁ' ! କ୍ଷମା କାହିଁକି ? ସବୁ ତ ସତ କଥା । ଦେଶର ପରିସ୍ଥିତି ବାସ୍ତବିକ୍ ନିଜେ ପ୍ରପୀଡ଼ିତ, ବୁଭୁକ୍ଷୁ ହୋଇ ପଡ଼ିଛି । ଆମେ ଶୃଙ୍ଖଳିତ ରାଜନୀତି ପଛଆଡ଼େ ମୂଣ୍ଡ ପିଟିପିଟି ମରୁଁ ସ୍ୱାର୍ଥପାଇଁ । କେତେକ ବନ୍ଦୀଙ୍କୁ ଛାଡ଼ି ଦେବାକୁ ଦାବୀ ସମସ୍ତେ ସମୟ ଦେଖି ନିଜର 'ହାମୁବଡ଼ା' ସକାଶେ ଦାକ୍ଷୀ ବା ବିପ୍ଳବ ଧରିଛନ୍ତି । କିନ୍ତୁ ଦେଶ ମନେ ରଖିବ, ସେମାନେ 'ତାଳ ଭିତରେ ମୂଷା' ।

ନଳିନୀ, ବାସ୍ତବିକ୍ ମୋର ସରସ ମାନସିକତା ଆଉ ପୂର୍ବପରି ନାହିଁ । ନିଃସହାୟ ହୋଇ ଏକାକୀ ବିଜନ ବେଳାରେ ବିଚରଣ କରିବାକୁହିଁ ମୋ ପକ୍ଷରେ ଘଟିଛି । ଅର୍ଦ୍ଧ ଶତାବ୍ଦୀର ଭୂମିକା ଆନ୍ଦୋଳନର ଅବଦାନ କ'ଣ ଦ୍ୱିଖଣ୍ଡିତ ଭାରତ ? କେହି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ବିଦେଶୀମାନଙ୍କ ହାତରୁ ଆମେ ମୁକ୍ତି ପାଇଛୁ ସତ, ଆମେ ସ୍ୱାଧୀନ ବୋଲାଉଛୁ ସତ, କିନ୍ତୁ ସେ ସ୍ୱାଧୀନତା ଯେପରି ଆପାତତଃ ନ ହୁଏ ସେଥିପ୍ରତି ଆମର ଲକ୍ଷ୍ୟ ଅଛି ? ପୃଥିବୀବ୍ୟାପୀ ଦ୍ୱିତୀୟ ମହାସମର ଶେଷ ହେଉ ହେଉ, ଦେଶରେ ଶାନ୍ତି ପ୍ରତିଷ୍ଠା ହେଉ ନ ହେଉ, ପୁଣି ଦେଶ ଦେଶ ମଧ୍ୟରେ ଅଶାନ୍ତି ପୁରି ପୁରି ଆସୁଛି, ଗୋଷ୍ଠୀ—ଗୋଷ୍ଠୀ ଭିତରେ ମନୋମାଳିନ୍ୟ ଜମି ଜମି ଯାଉଛି.



Digitized by srujanika@gmail.com

ଭାଇ-ଭାଇ ମଧ୍ୟରେ ଯୁଦ୍ଧ-ଦୁର୍ଗର ଦ୍ୱାର ଫିଟି ଫିଟି ଯାଉଛି । ତୃତୀୟ ମହାସମରର ଦୁନ୍ଦୁଭି ବାଜି ଉଠିଲାଣି । ହିନ୍ଦୁ-ମୁସଲମାନ ଭିତରେ ଯେଉଁ ସାଂଘାତିକ ବୈର-ବହ୍ନି ଜଳି ଉଠିଛି, ସେ ବହ୍ନି କେବେ ନିର୍ବାପିତ ହେବ, କିଏ କହିବ ? ସ୍ରଷ୍ଟା ଜାଣନ୍ତି । ସ୍ରଷ୍ଟା କରନ୍ତୁ, ପ୍ରଥମରେ ଆମର ଉତ୍କଳ ପୂର୍ଣ୍ଣାଙ୍ଗ ହେଉ । ବିଶାଳ ଉତ୍କଳ ଗଠିତ ହେଉ । ଉତ୍କଳ-ଜନନୀର ମଣି-ମଣ୍ଡିତ ମଙ୍ଗଳ-ମୁକୁଟ ହେଉ ଗିରୀନ୍ଦ୍ର ମହେନ୍ଦ୍ର । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆଜି ସମସ୍ତ ଗଡ଼ଜାତ ଉତ୍କଳରେ ମିଶିଛି । ରାଜନୈତିକ ଉତ୍କଳର ପ୍ରସାରିତ କୋଡ଼ରେ ଆଜି ଉତ୍କଳ-ସନ୍ତାନ ସ୍ଥାନ ପାଇଛି । କିନ୍ତୁ ନଳିନୀ, ଆଜି ଛୋଟ ବିଚ୍ଛିନ୍ନ ଭାଇ-ଭଉଣୀ ଆମେ ମୁହଁ ଶୁଖାଇ ବସିଛୁ । ଆମ [ଉ]ତ୍କଳର ଥୋକେ କହୁଛନ୍ତି, ଏତିକିରେ ବିଶାଳ [ଉତ୍କ]ଳ ଶେଷ । ଏତିକିରେ ସେମାନେ ସନ୍ତୁଷ୍ଟ । [illegible] ଗୋଡ଼ ଉପରେ ଗୋଡ଼ ପକାଇ ସୁଖରେ [illegible]ଳ ଅତିବାହିତ କରିବେ । ଉତ୍କଳର ଉତ୍ତରାଞ୍ଚଳରେ ମେଦିନୀପୁର, ସିଂହଭୂମ୍, ଫୁଲଝର ଏବଂ ଦକ୍ଷିଣାଞ୍ଚଳର ମଞ୍ଜୁଷା, ଟିକିଲି, ଜଳନ୍ତର, ବୁଡ଼ାର-ସିଂହ ଇତ୍ୟାଦିର ଗତି କ'ଣ ହେବ ? ଆମେ-ମାନେ ଯେ କାଳ କାଳପାଇଁ ଦେଶ, ଜାତି, ଭାଇ, ବନ୍ଧୁ ସମସ୍ତଙ୍କୁ ହରାଇ ଗ୍ଭଲିଯିବୁ ଅନ୍ୟର କୋଳି ହୋଇ, ସେ ହାନି-ଲାଭ, ମାନ ମର୍ଯ୍ୟାଦା, ଦୁଃଖ-ସୁଖ କ'ଣ ତୁମର ନୁହେ ? ପ୍ରକୃତରେ ଆମ ସହିତ ତୁମେ ଭୁକ୍ତ-ଭୋଗୀ ହେବାପାଇଁ କୁଣ୍ଠିତ ହୁଅ କାହିଁକି ? ଏ ଦୁଃଖ ଜଣାଇବାପାଇଁ ପରା ବିଚ୍ଛିନ୍ନାଞ୍ଚଳ ଟିକିଲିରୁ 'ବୀଣା' ବାହାରୁଛି । କିନ୍ତୁ ବର୍ତ୍ତମାନ ସେ 'ବୀଣା' ନୁହେଁ; ସେ ବିରହିଣୀ । ତା'ର ତନ୍ତ୍ରୀ ଛିଡ଼ି ପଡ଼ିଛି । ତା'ର କଣ୍ଠରୁ ଛିନ୍ନ କରୁଣ ସ୍ୱର ଫୁଟି ଉଠୁଛି । ସେଇ ବିରହିଣୀ ଆଜି ଉତ୍କଳକୁ ଡାକି ଡାକି କହୁଛି, 'ମୋତେ ପ୍ରାଣ ଦାନ କର; ଏହି ଛିଡ଼ି ପଡ଼ିଥିବା ତନ୍ତ୍ରୀଟିକୁ ଯୋଡ଼ି ଦିଅ; ତେବେ ଯାଇ ମୁଁ ହେବି 'ବୀଣା', ନଚେତ୍ କେବଳ ବିରହିଣୀ ।' କିନ୍ତୁ ଶୁଣୁଛି କିଏ ? ଶୁଣିଲେ ବୁଝୁଛି କିଏ ? ନଳିନୀ, ବୋଧହୁଏ ତୁ 'ବୀଣା'ର ସମ୍ପାଦକୀୟ ସ୍ତମ୍ଭ ପଢ଼ୁଥିବୁ । କି ମର୍ମସ୍ପର୍ଶୀ ସମ୍ପାଦକୀୟ ସେ ! ଗତ ସଂଖ୍ୟାର ଦଶ ପୃଷ୍ଠା ଦୀର୍ଘ ସେ ଯେଉଁ ହୃଦୟ-ବିଦାରକ ସମ୍ପାଦକୀୟ, ସେଥିରେ ନିଶ୍ଚୟ ଶତ୍ରୁର ନିଷ୍ଠୁର ହୃଦୟ ତରଳି ଯିବ । କିନ୍ତୁ ତୁମ୍ଭମାନଙ୍କ ହୃଦୟ କ'ଣ ତରଳୁଛି ? ଏହି ଶୁଣୁ । ପାଖରେ ବସି ଶ୍ରୀଯୁକ୍ତ ନରସିଂହ ଦେଓ 'ବୀଣା'ର ସମ୍ପାଦକୀୟ ପଢ଼ୁଛନ୍ତି, 'ଆନ୍ଧ୍ର ପ୍ରଦେଶ ଗଠନ ସମ୍ପର୍କରେ ତାହାର ଉତ୍ତର ସୀମା ନିର୍ଦ୍ଦେଶ କରିବାରେ ଓଡ଼ିଶାର ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ କଥା ନିଶ୍ଚୟ ଉଠିବ । ଏଣୁ ଏ ପ୍ରଶ୍ନ ଆମର ସଦ୍ୟ ହୋଇଗଲା । ଠିକ୍ ଏତିକି ବେଳେ ଏଥିରେ ଅବହେଳା ଦେଖାଇଲେ ସର୍ବନାଶ ଘଟିବ ।' ଦେଖିଲୁ, କେଉଁଭଳି ଆମର ଜୀବନ-ତରୀ ଟଳମଳ ହୋଇ କିପରି ଝଡ଼-ଝଞ୍ଜା ଆମ ଜାତୀୟ ଜୀବନ ପକ୍ଷରେ ଆସି ପହଞ୍ଚିଲାଣି । ଏଥିରେ ମଧ୍ୟ ଯଦି ଆମେ ନିଃଶ୍ଚେଷ୍ଟ ହେଉ,ତେବେ ଭେଳା ବୁଡ଼ିଯିବ ସିନା !

ନଳିନୀ, ଗୁଡ଼ାଏ କଥା ଲେଖିଗଲିଣି । ଆଜି ଗୋଟାଏ ଘଟଣା ଶୁଣିଲେ ତୁ ଅବାକ୍ ନ ହୋଇ ରହି ପାରିବୁ ନାହିଁ । ଗୃଦିନ ତଳେ ମୁଁ ଫେରୁଥାଏ କଟକରୁ । ଡାକ ଗାଡ଼ି କଟକ ଛାଡ଼ିଲା । ଡବାଟାରେ ଯାତ୍ରୀମାନେ ଜମିଥାନ୍ତି । ମୁଁ ବିଜୁଳି ଆଲୁଅ ତଳେ ବସି 'ବୀଣା' ପଢ଼ୁଥାଏ । ହଠାତ୍ ଜଣେ ଭଦ୍ରବ୍ୟକ୍ତି ମୋର ପଛରେ ଆଘାତ ଦେଇ ପ୍ରଶ୍ନ କଲେ, 'ବହିଟା କ'ଣ ?' 'ବୀଣା' ସେ ଈଷତ୍ ବିଦ୍ରୂପ କଣ୍ଠରେ କହିଲେ, 'ଓଃ, ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା !' 'ହଁ,' ଉତ୍ତର ଗମ୍ଭୀର ମୁଖରେ ଅଧଘଣ୍ଟା କାଳ ପତ୍ର-ପତ୍ରିକାମାନଙ୍କପାଇଁ କ'ଣ କ'ଣ ଦରକାର, ପତ୍ର-ପତ୍ରିକାମାନ ସହସା ଉଦୟ ହୋଇ କିପରି ଅସ୍ତ ହେଉଛନ୍ତି, ଯେଉଁଥିରେ ସମ୍ପାଦକମାନଙ୍କ ସ୍ୱାର୍ଥ କିପରି ଅନ୍ତର୍ନିହିତ ରହୁଛି, ଇତ୍ୟାଦି ବିଷୟରେ ବକ୍ତୃତା-ସ୍ରୋତ ଫିଟାଇଲେ । କିନ୍ତୁ ଯେତେବେଳେ 'ବୀଣା' ଉପରେ, 'ବୀଣା' ସମ୍ପାଦକଙ୍କ ଉପରେ ନିନ୍ଦା-ବାଣ ଚୋଖାଗଲା' ମୁଁ ସମ୍ଭାଳି ପାରିଲି ନାହିଁ । ସତତ, 'ବୀଣା'



Digitized by srujanika@gmail.com

ସଂପାଦକଙ୍କର କ'ଣ କ୍ଷତି ହେଉଥିଲା ଯେ ସେ ଅଯଥା ଧନ ବ୍ୟୟ, ମନ ବ୍ୟୟ କରି ଦେଶ ତଥା ଜାତି ପ୍ରତି ଅଭିମାନ ଦେଖାଇଛନ୍ତି ? ଆମ ଦେଶରେ ଉଚ୍ଚ ପାହିଆ ଲୋକ ତଳ ପାହିଆ ଲୋକଙ୍କୁ ଉଠାଇବା ପରିବର୍ତ୍ତେ ରସାତଳକୁ ଠେଲି ଦେବାରେ ସେ ବଡ଼ ଲୋକ ବୋଲି ଅନୁଭବ କରନ୍ତି, ଏହାହିଁ ଆମ ଜାତୀୟ ଜୀବନର ଦୁର୍ବଳତା । ତାଙ୍କର ସମ୍ଭାଷଣରେ ମୁଁ ପରିଚୟ ପାଇଛି ସେ ଭଦ୍ରଲୋକ ଉଚ୍ଚ ଶିକ୍ଷିତ, ତଥାପି ତାଙ୍କର ଶିକ୍ଷାର ସାର୍ଥକତା ରହିଲା କେଉଁଠାରେ ? ନିନ୍ଦା କରିବାରେ ? ଗୋଟାଏ ପତ୍ରିକା ବାହାର କରିବାର ଗୁରୁ ଦାୟିତ୍ୱ ଭୁକ୍ତଭୋଗୀ ବ୍ୟତୀତ ଅନ୍ୟ କେହି ଜାଣିବା ଅସମ୍ଭବ ।

ହଁ, ଗୋଟାଏ ଶୁଭ ସମ୍ବାଦ । ଇତି ମଧ୍ୟରେ ଜାଣି ପାରିଥିବୁ, କଟକରେ 'ଓଡ଼ିଆ ବେତାର କେନ୍ଦ୍ର' ବସୁଛି । ଆଉ ଆମେ କଲିକତା ବା ମାନ୍ଦ୍ରାଜ ଦଉଡ଼ି ଅବହେଳିତ ହେବୁ ନାହିଁ । ଏଥର ଓଡ଼ିଶାର ସଙ୍ଗୀତ-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ, ଶାସନ-ଶୃଙ୍ଖଳା ପ୍ରଭୃତି ଖବର ଆମ ଶିଳ୍ପୀଙ୍କ ଦ୍ୱାରା ଆମ ବେତାର କେନ୍ଦ୍ରରୁ ଦେଇ-ପାରିବୁ । ଓଡ଼ିଶାର ଗୋଟାଏ ଅଭାବ ପୂରିବ । ଏପରି ଭାବରେ ଦିନକୁ ଦିନ ମାସକୁ ମାସ କେତେକ ବିଷୟରେ ଓଡ଼ିଶା ଯେ ଅଗ୍ରଗତି ହୋଇ ଚାଲୁଛି, ଏହା କହିବା ଅନାବଶ୍ୟକ । ଓଡ଼ିଶାର ମର୍ଯ୍ୟାଦା ଗର୍ବଯୁକ୍ତ ହୋଇ ଆସୁଛି । କେବଳ ରହିଛି ବିଚ୍ଛିନ୍ନାଞ୍ଚଳ । ତେଣୁ ପ୍ରାକୃତିକ ଉତ୍କଳୀୟ-ମାନଙ୍କୁ ଆମେ ବିନୀତ ଅନୁରୋଧ କରୁଛୁ, ସେମାନେ ଏ ସବୁ ପରିତ୍ୟକ୍ତ ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶାଇ ବିଶାଳ ଉତ୍କଳ ଅଧିଷ୍ଠିତ କରନ୍ତୁ ।

ବେତାର କେନ୍ଦ୍ର କଥା କହୁଥିଲି । ଏ ସମ୍ପର୍କରେ ଆମର ଓଡ଼ିଆ ଭାଇମାନେ ଏଥର ଆମ ଉପରେ ଟିକିଏ ଶୁଭଗ ଦୃଷ୍ଟି ଦେବେ ବୋଲି ଆଶା । ଏଠାରେ ଏ ବିଷୟରେ ଆମ ମନରେ ଗୋଟାଏ ପ୍ରଶ୍ନ ଉଠେ । କେଉଁ ପ୍ରକାର ସଙ୍ଗୀତ-ଶିଳ୍ପୀଗଣଙ୍କୁ ଓଡ଼ିଆ ବେତାର ଅନୁମୋଦନ କରିବ ? ବୋଧହୁଏ ଓଡ଼ିଶାର ସଙ୍ଗୀତ କର୍ଣ୍ଣାଟ ମେଳର ଅନ୍ତର୍ଭୁକ୍ତ । କିନ୍ତୁ ବର୍ତ୍ତମାନ ଯେଉଁ ଓଡ଼ିଶୀ ସଙ୍ଗୀତ ଶୁଣାଯାଉଛି, ସେଥିରେ କର୍ଣ୍ଣାଟ ସଙ୍ଗୀତର କେବଳ ଛାୟା ସ୍ଥାନେ ସ୍ଥାନେ ଅନୁସୃତ ଭାବେ ଥାଏ ! ନୈସର୍ଗିକ କର୍ଣ୍ଣାଟ ସଙ୍ଗୀତର ଜନ୍ୟ, ମୂର୍ଚ୍ଛନା, ସ୍ଫୁରିତ, କଂପିତ, ଦଣ୍ଡବଧ ଗମକ, ଅନୁସ୍ୱର, ଗ୍ରାମ୍ୟ, ନିକ୍ୱଣ, କ୍ୱଣିତ ନାଦ ପ୍ରଭୃତି ନିୟମଗୁଡ଼ିକ ଓଡ଼ିଶୀ ସଙ୍ଗୀତରେ ମିଳେ ନାହିଁ । ଗୀତ, ଛାନ୍ଦ, ଚଉପଦୀ ପ୍ରଭୃତି ଗୁଡ଼ିକ ଜନ୍ୟ ତଥା ମୂର୍ଚ୍ଛନାକୁ ଋଣ କରି ମଧ୍ୟ ଗାଇବାର ଶୁଣା ଯାଉ ନାହିଁ । ଗୀତ ଗୁଡ଼ିକ light music ରେ ବଦଳି ଯିବା ସଙ୍ଗେ ସଙ୍ଗେ ଓଡ଼ିଶୀ ସଙ୍ଗୀତର ମହତ୍ତ୍ୱ-ଶୈଳୀ ପଥଭ୍ରଷ୍ଟ ହେବାର ଦେଖାଯାଉଛି । ଓଡ଼ିଶାର ଉତ୍ତରାଞ୍ଚଳ କଟକ, ବାଲେଶ୍ୱର, ସମ୍ବଲପୁରରେ ଓଡ଼ିଶୀ ସଙ୍ଗୀତ ହିନ୍ଦୀ, ବ[illegible] ଗୀତରେ ଲେଉଟିଲାଣି । ସେଠାରେ ଖିଆଲ ଦ୍ରୁପଦ୍, ଠୁଙ୍ଗ୍ରି ଇତ୍ୟାଦି ପ୍ରଚଳିତ । ଓଡ଼ିଶାର ଦକ୍ଷିଣାଞ୍ଚଳ ଗଞ୍ଜାମ ତଥା ବ୍ରହ୍ମପୁରକୁ ବାଜୁଛି କର୍ଣ୍ଣାଟ ସଙ୍ଗୀତର ପବନ । କାଳକ୍ରମେ ଓଡ଼ିଶାର ସଙ୍ଗୀତର ଅଧଃପତନ ଘଟିବ । କେବଳ ଓଡ଼ିଶୀ ସଙ୍ଗୀତ ବୋଲି ରହିବ ନାହିଁ । ଯାହାର ତୁଣ୍ଡରୁ ଯେମିତି ବାହାରିବ, ସେ ହେବ କେଦାର ଗାର । ଓଡ଼ିଆରେ ଯେଉଁ 'ରେକାର୍ଡଗୁଡ଼ାକ ଶହ ଶହ ବାହାରୁଛି, ସେଥିରେ କ'ଣ ସଙ୍ଗୀତର ନିୟମାଦି ଅଛି ? କ୍ରମେ ଦିନ ଆସିବ ଲୋକେ ଗାଇବେ ଗଣ ସଙ୍ଗୀତ । ଯେତେଦୂର ସାଧ୍ୟ ତୁ ଗଣକୁ ମାର୍ଜ୍ଜିତ, ପରିବର୍ଦ୍ଧିତ, ଜ୍ଞାନମନ୍ତ୍ର, ଶିକ୍ଷିତ କରିବାକୁ ସବଳ ଉଦ୍ୟମ କରିବାକୁ ହେବ । ଶିକ୍ଷିତ ହୋଇ ଅଶିକ୍ଷିତମାନଙ୍କୁ ସଦ୍‌ମାର୍ଗ ଦେଖାଅ । କବିସୂର୍ଯ୍ୟଙ୍କର ଛାନ୍ଦ, ଚଉପଦୀରେ ଯେଉଁ ଅମୂଲ୍ୟ ସାହିତ୍ୟ-ସଙ୍ଗୀତ-ସମ୍ଭାର ଅଛି, ତାହା ଅନ୍ୟ କୌଣସି ସାହିତ୍ୟରେ ଥିବ କି ନାହିଁ ସନ୍ଦେହ । ନିଜସ୍ୱର ସଦ୍‌ବ୍ୟବହାର ସଙ୍ଗେ ଆମେ ସବୁଠାରୁ ଯାହା ଶିଖିବା ଉଚିତ, ତାହା ଶିଖିବା ।



Digitized by srujanika@gmail.com

ନଳିନି, ବିଚ୍ଛିନ୍ନାଞ୍ଚଳରେ ରହି କ୍ରମେ ଆମର ମାତୃଭାଷା ଭୁଲି ଯିବାକୁ ପଡ଼ୁଛି । ଏଠା ସ୍କୁଲମାନଙ୍କରେ ଶିକ୍ଷକମାନେ ତେଲୁଗୁ ଭାଷାରେ ପାଠ ପଢ଼ାନ୍ତି । କୋର୍ଟ ଗୁଡ଼ିକରେ ତେଲୁଗୁ ଭାଷା ପ୍ରଚଳିତ ହେଉଛି । ଘରୁ ବାହାରିଲେ ତେଲୁଗୁର ଆଧିପତ୍ୟ, ତେଲୁଗୁର ମହିମା । କେତେ ଭାଇ-ଭଉଣୀ ଆମର ସଭା, ସମିତିର ନିମନ୍ତ୍ରଣ ପାଇ ସୁଦ୍ଧା ତାହା ରକ୍ଷା କରନ୍ତି ନାହିଁ । ଘରେ ବସି କହନ୍ତି, 'ତେଲୁଗୁମାନଙ୍କ ହାତରେ ଆମର ଜୀବନ ନାଡ଼ିକା; ତେଲୁଗୁମାନଙ୍କ ସହିତ ଆମର ବନ୍ଧୁତା ଯଦି ତୁଟିଯାଇ ଦେଉ, ତେବେ ସର୍ବନାଶ । ଦେଖ ନଳିନି, ସ୍ୱାର୍ଥ କ'ଣ ନ କରେ । ମୋର ଗୋଟାଏ ବିଷୟ ମନେ ପଡ଼େ । ଆଜି ବଙ୍ଗ ଦେଶବାସୀମାନଙ୍କୁ ଆମେ ଧନ୍ୟବାଦ ଦେଉଛୁ । ... ଭାରତ ସ୍ୱାଧୀନତା ପାଇଛି ଅନେକ ଦୂର ... ଦେଶବାସୀମାନଙ୍କ ସ୍ୱାର୍ଥ ତ୍ୟାଗ ଯୋଗୁଁ । ...ଶୀମାନଙ୍କ ଠାରୁ ଛିଦ୍ର (Loop hole) ...ଇବାପାଇଁ ସେମାନେ ମନ, ମହତ୍ତ୍ୱ, ଶେଷରେ ଏତେ କି ପ୍ରାଣକୁ ମଧ୍ୟ ଜଳାଞ୍ଜଳି ଦେଇଥିଲେ । ସେମାନଙ୍କ ସ୍ୱାର୍ଥ ତ୍ୟାଗ ଆମଠାରେ କାହିଁ ? ଆମେ ନିଶ୍ଚୟ ସେମାନଙ୍କଠାରୁ ଅନେକ ବିଷୟ ଶିଖିବାର ରହି ଯାଇଛି । ଆମେ ଆପଣା ସୁଖେ ସୁଖୀ । ଆମ ବିଚ୍ଛିନ୍ନାଞ୍ଚଳରେ ତ ଓଡ଼ିଆ ଭାଷା ଲୋପ ହେବାକୁ ବସିଲାଣି । ଆଉ ସାହିତ୍ୟ ପ୍ରତି ବା କାହାର ଖିଆଲ ରହିବ ? 'ବୀଣା' ପଢ଼ିବାପାଇଁ ସେମାନଙ୍କର ଶ୍ରଦ୍ଧା ବା କେଉଁଠାରୁ ଆସିବ ? 'ବୀଣା'ରେ ଲେଖା ଦେବାପାଇଁ ସେମାନଙ୍କର ଲେଖନୀ ବା କପରି ଗୃହୀତ ହେବ ? ବିଚ୍ଛିନ୍ନାଞ୍ଚଳ ଉପରେ ଉତ୍କଳର ଯେଉଁ କଟାକ୍ଷପାତ, ତହିଁରେ ପ୍ରଚ୍ଛନ୍ନ ଭାବରେ ରହିଯାଉଛି ତୀକ୍ଷ୍ଣ କ୍ରୂରତା । ତେବେ 'ବୀଣା'ର ପ୍ରଗତି କପରି ହେବ ?

ସୀମା ନିର୍ଦ୍ଧେଶକ କମିଶନ ବସିଲାଣି । ଏଥର ଆମର ଜୀବନ-ମରଣ ସମସ୍ୟା । ଏ ଥରେ ତ ହତ୍ୟା, ନଚେତ୍ ସଞ୍ଜୀବନୀ-ଦାନ । ଏହି ଘଡ଼ି-ସନ୍ଧିରେ ରୋଗ ପ୍ରବଳ ହୋଇ ଉଠିଛି । ଏ ରୋଗର ଧନ୍ୱନ୍ତରି କାହାନ୍ତି ? ପୁଣି ଧନ୍ୱନ୍ତରି ଯଦି କାଳ-ସର୍ପ ତକ୍ଷକଠାରୁ ଲାଞ୍ଚ ନ ଖାଇ ପରୀକ୍ଷିତଙ୍କୁ ଜୀବନ ଦାନ ଦେବେ, ତେବେ ଉତ୍କଳର ଅମର ଇତିହାସ ପୃଷ୍ଠାରେ ତାଙ୍କର ନାମ ସ୍ୱର୍ଣ୍ଣାଙ୍କିତ ହେବ । ଦେଶ, ଜାତି ତାଙ୍କର ଚରଣ ତଳେ ନତ-ମସ୍ତକ ହେବ । ଉତ୍କଳର କୋଟି କଣ୍ଠରୁ 'ଜୟ ଜଗନ୍ନାଥ ଜୟ' 'ଜୟ ଉତ୍କଳର ଜୟ' 'ଜୟ ଧନ୍ୱନ୍ତରି ଜୟ' ଶବ୍ଦ ଉଚ୍ଛୁଳି ଉଠିବ । କିନ୍ତୁ ସେଭଳି ଧନ୍ୱନ୍ତରି କାହାନ୍ତି ? ନଳିନି, ଲେଖୁ ଲେଖୁ ଭାବନାର ଉଦ୍ଦୀପନାରେ ଗୁଡ଼ାଏ ଲେଖିଗଲିଣି । ଏ ସବୁ ଅଭିଭୂତ ହୃଦୟର କ୍ଷୀଣ ପ୍ରକାଶ ମାତ୍ର । ଆମ ଜୀବନରେ ଖାଲି ଅପମାନର ବୋଝ ବୋହିବାକୁ । ଅଧିକ କଅଣ ଲେଖିବି ?

ସ୍ନେହ ଗ୍ରହଣ କରିବୁ । ଆଶା କରେ ତୋ'ର ସବୁ କୁଶଳ ଥିବ । ଇତି ।

ତୋ'ର
ସୌଜନ୍ୟ-ସ୍ନିଗ୍ଧା
ବନ-ମାଳତୀ

Digitized by srujanika@gmail.com

# ତର୍ପଣ

ଶ୍ରୀ ନିମାଇଁଚରଣ ପଟ୍ଟନାୟକ

ସ୍ୱର୍ଗୀୟ ବାପୁଜୀ !
ବହୁଦୂରୁ ଆଜ—
ଘେନ ନମସ୍କାର,
ଦୀନ ସେବକାରର !
ମୁକ୍ତ କଣ୍ଠେ ଗାଏ ସାରା ପୃଥ୍ୱୀ
ତମର ପ୍ରଶସ୍ତି ଜୟ ଆଜ ।
ଶତ ବରଷର ଅଜ୍ଞାନ ଅମା ଠାଲି;
ଛଳ ଛଳ କରି ଲୁହଲହୁ ତବ ଢାଳି—
ପର ଉପକାରେ;
ଯା କି କେବେଁ ଏ ଜାତି ପାଶୋରେ ?
ଦେଶ ବକ୍ଷୁ ପୋଛିନେଲ ଏ ଯେ କାଳି
ଯୁଗ ଯୁଗ ଏ ଅନ୍ଧାର ଠାଲି
ବନ୍ଧୁର ଝଡ଼ଝଞ୍ଜା ଆଗେ
ଜାଳିଲ ଯେ ଏ ମୁକ୍ତି ଦିପାଳି
ମୁକ୍ତିର ଦ୍ୱାର ପଥେ
ତମରି ଶିଖା ନିଆଁ ଜାଳି
ଦୁର୍ଗମ କୁରପଥ କରିଗଲ ସୁଗମ ।
ବିଶ୍ୱ ଇତିହାସ ଗ୍ରନ୍ଥେ—
କରିଲ ଯେ ଏ ନୂଆ ବିପ୍ଳବ ଅହିଂସା ମନ୍ତ୍ରେ,
ଏ ଯେ ଏକ ନୂଆ ଅଧ୍ୟା ଗଲ ଖୋଲି,
ବିଶ୍ୱ କି ତା ପାରିବ ପାଶୋରି ?

\+ + +

ଲକ୍ଷହୃଦ୍ର ମନ୍‌ ମୋର ଏକାଠିଆ ତୁମେ,
ନାହିଁ ଜଳାଶୟ କିବା ଜଳସୁଅ, ;
ଅସେନାହିଁ କିଛି ମନ, ପାଖେ ନାହିଁ ପାତ୍ରୀ
ଅହେ ବିଶ୍ୱବନ୍ଦ୍ୟ, ମହାଧାମ ଯାତ୍ରୀ !
ଅନ୍ତର ତଳୁ ଆଜ ଉଠିଣ ଯେ ଢେଉ,—
ବହୁଅଶ୍ରୁ ଅବଶ୍ରାନ୍ତ ଲୁହ,
ଭାକୁଇ ନେଇ ଏଇ ଅଞ୍ଜୁଳି ମୋର ଭର-
ତମର ସେଇ ପୁଣ୍ୟ ଆତ୍ମାର
ଉଦ୍ଦେଶ୍ୟରେ ଆଜ ମୁଁ ଟେକି ଦେଲି
ସାଦରେ ତମେ ନିଅ…!!!

Digitized by srujanika@gmail.com

# ସମ୍ପାଦକୀୟ

ଭାରତ-ରାଷ୍ଟ୍ରର ଉପ-ପ୍ରଧାନମନ୍ତ୍ରୀ ମାନ୍ୟବର ପଟେଲଙ୍କ ଗତ କଟକ ଆଗମନ ବେଳେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ପକ୍ଷରୁ ଗୋଟାଏ ଡେପୁଟେସନ କଟକ ଠାରେ ତାହାଙ୍କୁ ସାକ୍ଷାତ କରି ନିଜର ଗୁହାରି ଜଣାଇବା ପାଇଁ ବନ୍ଦୋବସ୍ତ କରିବା ନିମନ୍ତେ ମାନ୍ଦ୍ରାଜ ଓଡ଼ିଆ ସଭା ପକ୍ଷରୁ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମାନ୍ୟବର ମହତାବଙ୍କୁ ଫେରନ୍ତା-ତାର (Reply paid wire) ଯୋଗେ ଅନୁରୋଧ କରାଗଲା। ପ୍ରଧାନ ମନ୍ତ୍ରୀ ତାର ଯୋଗେ ଉତ୍ତର ଦେଲେ, ସେ ପଟେଲଙ୍କ ସଙ୍ଗେ ଏ ବିଷୟରେ କଥାବାର୍ତ୍ତା କରି ଜଣାଇବେ। ପଟେଲ ଆସିଲେ, ଗଲେ, ମହତାବଙ୍କ ଠାରୁ ଆଉ କୌଣସି ତାର ବା ପତ୍ର ଆସିଲା ନାହିଁ। ସବୁ ବନ୍ଦୋବସ୍ତ କରି, ଚାହିଁ ଚାହିଁ ମାନ୍ଦ୍ରାଜ ଓଡ଼ିଆ ସଭାର କର୍ମକର୍ତ୍ତାଙ୍କର ଆଖିପାଣି ଆଖିରେ ମଲା। ତାଙ୍କ ଗୁହାରି କେହି ଶୁଣିଲେ ନାହିଁ। ଶୁଣାଇବାକୁ ଟିକିଏ ବନ୍ଦୋବସ୍ତ ମଧ୍ୟ କରିଦେଲେ ନାହିଁ। ମହତାବ ଏ ବିଷୟରେ ପଟେଲଙ୍କୁ କହିଲେ କି ନାହିଁ ଜଣାଗଲା ନାହିଁ। ବୋଧହୁଏ ଭାବିଥିବେ ଏ ଛୋଟିଆ କଥା କାହିଁକି ପକାଇବି? ଅବା କହିଥିବେ, କିନ୍ତୁ ପଟେଲ ଭାବିଥିବେ, ଏ ଛୋଟିଆ କଥା କାହିଁକି ଶୁଣିବି? ଗପରେ ଅଛି, ପିଲାଙ୍କ ଢେଲା ଖାଇ ବେଙ୍ଗ ଥରେ କହିଥିଲା— ବାବୁ, ତମକୁ ଯାହା ଖେଳ, ଆମକୁ ତାହା ମରଣ। ଏ ଛୋଟିଆ କଥା ଓଡ଼ିଆ ଜାତିର ଜୀବନ-ମରଣ-ସମସ୍ୟା, ବିଚ୍ଛିନ୍ନାଞ୍ଚଳ ଓଡ଼ିଆର ଶେଷ-ଭାଗ୍ୟ-ପରୀକ୍ଷା, ଏ କଥା ବା ବଡ଼ ବଡ଼ିଏ କାହିଁକି ମନରେ ରଖିବେ?

ସେ ଯାହା ହେଉ ଡେପୁଟେସନ୍ ଯେଉଁ ସ୍ମାରକ-ପତ୍ର ଦେବା ପାଇଁ ପ୍ରସ୍ତୁତ କରିଥିଲେ, ତାହା ଆମର ହସ୍ତଗତ ହୋଇଛି। ତାହାର ସାରାଂଶ ତଳେ ଦେଉଛୁ:—

"ବିନୀତ ଓ ଶୃଙ୍ଖଳାବଦ୍ଧ ଭାବରେ ମାନ୍ଦ୍ରାଜ ଓଡ଼ିଆ ସଭା ସହାନୁଭୂତିପୂର୍ଣ୍ଣ ଆଲୋଚନା ଓ ନ୍ୟାୟସଙ୍ଗତ କାର୍ଯ୍ୟକାରିତା ପାଇଁ ଏହି ନିବେଦନ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି।

ମାନ୍ଦ୍ରାଜ ପ୍ରଦେଶ ଓଡ଼ିଶାରୁ ଆଠ ଦଶ ଲକ୍ଷ ଓଡ଼ିଆ ନାଗରିକ ଓ ଅନ୍ୟାୟ ଭାବରେ ପରିତ୍ୟକ୍ତ ହୋଇ ମାନ୍ଦ୍ରାଜ ପ୍ରଦେଶରେ ରହିଛନ୍ତି। ସେତେବେଳେ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା, ଉଦ୍ୟାନଖଣ୍ଡ, ବୁଢ଼ାସିଂହ, ମଞ୍ଜୁଷା, ଇଚ୍ଛାପୁର, ଜଲନ୍ତର, ସୋମପେଣ୍ଟ, ଟିକଲି ଇତ୍ୟାଦି ଓଡ଼ିଆ ଅଞ୍ଚଳ ତଥା ତାଲୁକା ଓଡ଼ିଶାରୁ ବ୍ୟବଚ୍ଛେଦ କରାଗଲା। ଏଗୁଡ଼ିକ ବର୍ତ୍ତମାନ ମାନ୍ଦ୍ରାଜ ପ୍ରଦେଶର ଉତ୍ତର ସୀମାଦେଶରେ ଅବସ୍ଥିତ। ଏଗୁଡ଼ିକ ଓଡ଼ିଶାରେ ଅନ୍ତର୍ଭୁକ୍ତ ହେବା ପାଇଁ ବହୁ ମୁଖ୍ୟ କାରଣ ଥିଲେ ସୁଦ୍ଧା, ସେ ସବୁ ସେତେବେଳେ ବିଚାର କରାଗଲା ନାହିଁ। ଜନସଂଖ୍ୟାରେ ଏ ଅଞ୍ଚଳ ଗୁଡ଼ିକ ମୁଖ୍ୟତଃ ଓଡ଼ିଆ। କିନ୍ତୁ କେବଳ ଏହି ଭାଷାଗତ ସମସ୍ୟା ଏଠାରେ ଏକମାତ୍ର ବିଚାର୍ଯ୍ୟ ନୁହେଁ, ଭୌଗଳିକ ରୂପ-ବିସ୍ତୃତି, ଅର୍ଥନୈତିକ ବ୍ୟବସ୍ଥା, ଶାସନଗତ ସୁବିଧା, କୃଷ୍ଟିଗତ ସମ୍ପର୍କ ଇତ୍ୟାଦି ନାନାବିଧ କାରଣରୁ ଏ ଅଞ୍ଚଳ ଗୁଡ଼ିକ ଓଡ଼ିଶାକୁ ଫେରାଇ ନିଆଯିବା ପାଇଁ ଦାବୀ ଅଛି, କଂଗ୍ରେସ ମଧ୍ୟ ଭାରତର ଭାଷାଗତ ସଂସ୍ଥାରୁ ପ୍ରଦେଶ ମାନଙ୍କର ପୁନର୍ବିଭକ୍ତ ବିଷୟରେ ଏ କାରଣ ଗୁଡ଼ିକ ବିଚାର କରାଯିବ ବୋଲି ସ୍ପଷ୍ଟ ଭାବରେ ମତ ଦେଇଛି। ଏ ଅଞ୍ଚଳ ଗୁଡ଼ିକ ଅବିଚ୍ଛେଦ୍ୟ ଭାବରେ ପୁରୁଣା ଗଞ୍ଜାମ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା। ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରୁ ସେ ଗୁଡ଼ିକର ବ୍ୟବଚ୍ଛେଦ ଅଯୌକ୍ତିକ, ଅନ୍ୟାୟ, ଅସୁବିଧା-ଜନକ ହୋଇଛି। ଏ ଅସୁବିଧା ଏଠାର କି ଓଡ଼ିଆ କି ଆନ୍ଧ୍ର ସମସ୍ତେ ଭୋଗୁଛନ୍ତି। ମାନ୍ଦ୍ରାଜ ଓ ଓଡ଼ିଶାର ବର୍ତ୍ତମାନ ସୀମା ଅତି ଅସ୍ୱାଭାବିକ ହୋଇଛି। ଏ ସୀମା—ମାର୍ଗରେ ବର୍ତ୍ତମାନ ପଥିକ ଯିବାବେଳେ ଦୁଇ ଗୋଡ଼ର ପାଦ ମଧ୍ୟ ମଧ୍ୟରେ 'ଓଡ଼ିଶା ଅଞ୍ଚଳ' ଓ 'ମାନ୍ଦ୍ରାଜ ଅଞ୍ଚଳ' ବୋଲି ଘନ ଘନ ପରିବର୍ତ୍ତିତ ଲେଖା ଦେଖି ଅବାକ ହୁଏ। ଏହାହିଁ ଏ ସୀମା-କୃତ୍ରିମତାର ସ୍ପଷ୍ଟ ନିଦର୍ଶନ।



Digitized by srujanika@gmail.com

"ଅର୍ଥନୀତି ଦିଗରୁ ବିଚାର କଲେ, ଏ ଅଞ୍ଚଳ ଗୁଡ଼ିକ ସକଳ ପ୍ରକାର ଖାଦ୍ୟ ଦ୍ରବ୍ୟ, କଞ୍ଚାମାଲ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଗୃହ-ଉପକରଣ ପଦାର୍ଥ ପାଇଁ ଓଡ଼ିଶା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରନ୍ତି । ଏ କଥାର ସତ୍ୟତା ଏଠା ଆନ୍ଧ୍ର ମାନଙ୍କ ଠାରୁ ପରୀକ୍ଷା କରାଯାଇ ପାରେ । ସେମାନେ ମୁକ୍ତ କଣ୍ଠରେ ଏହା ସ୍ୱୀକାର କରୁଛନ୍ତି । ବାଣିଜ୍ୟ-ବ୍ୟବସାୟ ସୂତ୍ରରେ ବ୍ରହ୍ମପୁର, ଘୁମୁସର ଓ ତନ୍ନିକଟବର୍ତ୍ତୀ ମାଳ ଅଞ୍ଚଳ ସହିତ ଏ ଅଞ୍ଚଳ ଗୁଡ଼ିକ ଅବିଚ୍ଛେଦ୍ୟ ଭାବରେ ଗ୍ରଥିତ । ସ୍ଥାନୀୟ ଆନ୍ଧ୍ର ବଣିକ ତଥା ବ୍ୟବସାୟୀ ମାନେ ଏ କଥା ନିଃସନ୍ଦେହରେ କହୁଛନ୍ତି । ଶାସନଗତ ପରିଚାଳନା ଦିଗରୁ ବୁଝିଲେ, ଏ ଅଞ୍ଚଳର ଲୋକେ ସେମାନଙ୍କର ଦୈନିକ କୋର୍ଟ-କଚେରି କାମ ଚଳାଇବା ପାଇଁ ସୁଦୂର ଚିକାକୋଲ ବିଶାଖାପାଟଣା ଆଦିଙ୍କୁ ଦଉଡ଼ ଦଉଡ଼ କିପରି ଖର୍ଚ୍ଚାନ୍ତ, ଅସୁବିଧା ଭୋଗୀ କ୍ଲାନ୍ତ ହୋଇ ପଡୁଛନ୍ତି, ତାହାର ପ୍ରମାଣ ଏଠାର ଆନ୍ଧ୍ରମାନେ ଦେବେ । ଏ ଅଞ୍ଚଳର ଚାଷୀ କୃଷକର ଅବସ୍ଥା ଭଲ କରିବାକୁ ଗଲେ, କୃଷିର ଉନ୍ନତି ବିଧାନ କରିବାକୁ ଗଲେ, ଓଡ଼ିଶା ବାହାରେ ଏ ଗୁଡ଼ିକୁ ରଖିଲେ ତାହା ଅସମ୍ଭବ ହୋଇ ପଡ଼ିବ, ଯେହେତୁ ଜଳସେଚନ ବ୍ୟବସ୍ଥାରେ ଓଡ଼ିଶାହିଁ ଏ ଗୁଡ଼ିକର ଆଶ୍ରୟ । ସଂକ୍ଷେପରେ ଦିଆଯିବା ଏ କେତୋଟି ସୂଚନା ସ୍ପଷ୍ଟ ବୁଝାଇ ପାରିବ ଯେ ଆମର ଦାବୀ କୌଣସି ଈର୍ଷା ବା ଦ୍ୱେଷ ବା ଅମୂଳକ କଳ୍ପନା ଉପରେ ପ୍ରତିଷ୍ଠିତ ନୁହେ । ଆମର ଦାବୀ ପ୍ରତିଷ୍ଠିତ ହୋଇଛି ପ୍ରଜାଙ୍କର ଦୈନନ୍ଦିନ ଜୀବନର କଠୋର ଆବଶ୍ୟକତା ଦୃଷ୍ଟିରେ, ସର୍ବବିଧ ମଙ୍ଗଳ ସାଧନର ବିଶାଳତର ପରିସର ଉପରେ । ସୀମା ନିର୍ଦ୍ଦେଶକ କମିସନର ଆୟୋଜନ କଥା ଆମେ ଶୁଣୁଛୁ । ନ୍ୟାୟପର ଓ ନିଷ୍ପକ୍ଷପାତ ବିଚାର ନିମନ୍ତେ ସେହି କମିସନ ଆଗରେ ଆମେ ଆମର ଦାବୀ ପୂର୍ଣ୍ଣ ବିବରଣୀ ସହିତ ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ ଅଛୁଁ ।

ଏହା କରିବା ନିମନ୍ତେ, ଆମର ଦୁଃଖର ତୁରନ୍ତ ଅପନୋଦନ ନିମନ୍ତେ ଆମକୁ ସକଳ ପ୍ରକାର ସୁବିଧା ଓ ସୁଯୋଗ ଦେବାପାଇଁ ଆମର ନିବେଦନ । ଭ୍ରାତୃତ୍ୱ ଓ ସ୍ନେହପୂର୍ଣ୍ଣ ସମ୍ବେଦନ ଗ୍ରହଣ କରିବେ ।" ଇତ୍ୟାଦି ।

ପାଠକ ବୁଝିବେ, ଏଥିରେ କି ଆଯୁକ୍ତି ବା ଛଳନା ଅଛି ବା ଏ ଦାବୀ କେତେଦୂର ସଙ୍ଗତ । ଏତକ ଜଣାଇବାପାଇଁ ମାନ୍ଦ୍ରାଜ ଓଡ଼ିଆଙ୍କୁ ଟିକିଏ ଅବକାଶ ସୁଦ୍ଧା ମିଳିଲା ନାହିଁ—କି କ୍ଷୋଭର ବିଷୟ ! ସ୍ମାରକ ପତ୍ରର ନକଲ ପଠେଇ ତଥା ଅନ୍ୟାନ୍ୟ ନେତୃବର୍ଗଙ୍କୁ ପୋଷ୍ଟ ଦ୍ୱାରା ପଠାଯାଇଛି । ଦେଖାଯାଉ, ବ୍ୟକ୍ତିଗତ ଓ ମୌଖିକ ଭାବରେ ଯାହା ନୋହିଲା, ଡାକଦ୍ୱାରା ତାହା କେତେଦୂର ହେଉଛି ।

\+ \+ \+ \+

ବଙ୍ଗର ପ୍ରବର୍ତ୍ତିକ-ସଂଘ ସମ୍ମିଳନୀରେ ମାନ୍ୟବର ରାଜଗୋପାଳାଚାରୀ, ଶ୍ୟାମାପ୍ରସାଦ ମୁଖର୍ଜି ପ୍ରମୁଖ ନେତୃବର୍ଗ ସ୍ୱାଧୀନତା, ଧର୍ମ, ସଂସ୍କୃତି, ଭାରତର ବିଭକ୍ତି ଇତ୍ୟାଦି ବିଷୟରେ ବଡ଼ ବଡ଼ କଥା କହିବା ଉତ୍ତାରୁ ସଭାର ଖୋଦ୍ ସଭାପତି ଶ୍ରୀଯୁକ୍ତ ମତିଲାଲ ରାୟ କହିଥିଲେ—"ଅନ୍ୟ ପ୍ରଦେଶର ବଙ୍ଗ ଭାଷୀ ଅଞ୍ଚଳ ଗୁଡ଼ିକ ପଶ୍ଚିମ-ବଙ୍ଗରେ ମିଶାଇବାପାଇଁ ଦୃଢ଼ ଦାବୀ କରିବାକୁ ହେବ ।" ଇଂରେଜୀରେ ପ୍ରବାଦ ଅଛି— **The Cat is out of the bag.** ଏମାନଙ୍କ ଏତେ ବଡ଼ ବଡ଼ କଥା ! ଏପରିହିଁ ଆମର ଆଜିକାଲିର ଅସଂଖ୍ୟ ରାଜନୈତିକ ବ୍ୟକ୍ତି ଓ ଅନୁଷ୍ଠାନର ସ୍ୱରୂପ ଧରାପଡ଼େ । ଭିତରେ ଉଦ୍ଦେଶ ଭିନ୍ନ—ଉପରେ ମନୋହର ପରିପାଟୀ ! ତଥାପି ସତ୍ୟହିଁ ସତ୍ୟ । ଦିନେ ସତ୍ୟ ସକଳ ପ୍ରକାର ଆବରଣ ଓ ପ୍ରହେଳିକା ଭେଦ କରି ତାହାର ଉଜ୍ଜ୍ୱଳ କିରଣ ଢାଳିଦେବ !

× × ×

ଇତି ମଧ୍ୟରେ ଦକ୍ଷିଣ-ଭାରତର ସଂସ୍କୃତ ପଣ୍ଡିତ ପରିଷଦ ସଂଗଠିତ ହୋଇଛି । ଏହି



Digitized by srujanika@gmail.com

ସମ୍ମିଳନୀରେ ଶ୍ରୀଯୁକ୍ତ ସି. କୁହନ୍ ରାଜା ପ୍ରାରମ୍ଭିକ ଭାଷଣ ଦେଇଥିଲେ ଓ ଶ୍ରୀଯୁକ୍ତ କେ. ବାଲସୁବ୍ରହ୍ମନ୍ୟମ୍ ଅୟ୍ୟାର ପୁରୋଧା ହୋଇଥିଲେ । ପ୍ରାରମ୍ଭିକ ଭାଷଣଟି ସଂସ୍କୃତ ଶ୍ଳୋକରେ ରଚିତ ଓ ଆବୃତ ହୋଇ ସମସ୍ତଙ୍କୁ ମନ୍ତ୍ର-ମୁଗ୍ଧ କରିଥିଲା । ତାହାର ବିଷୟ ଥିଲା—'ସଂସ୍କୃତ ମୃତ ଭାଷା ନୁହେ । ସେପରି ଭାରତ ଭାବିଲେ, ଭାରତର କୃଷ୍ଟିଗତ ମୃତ୍ୟୁ ଘଟିଅଛି ବୋଲି କହିବାକୁ ହେବ । ସଂସ୍କୃତ ନିଖିଳ-ଭାରତ-ଭାଷା । ଯେତେବେଳେ ସେପରି ହୋଇଥିଲା, ସେତେବେଳେ ଏ ଦେଶ ସୁଖୀ ଥିଲା । ଏବେ ମଧ୍ୟ ବୁଝି କରି ଜାଣିଲେ, ସଂସ୍କୃତ ଆଧୁନିକ ଜଗତର ବିପଥ ଜନତାକୁ ମାର୍ଗ ଦେଖାଇବ, ଉନ୍ନତତର ସାମାଜିକ ସଂସ୍ଥା ଗଠନ କରିବାରେ ସାହାଯ୍ୟ କରିବ । ସଂସ୍କୃତ ଅନ୍ୟାନ୍ୟ ପ୍ରାଦେଶିକ ଭାଷାମାନଙ୍କର ପ୍ରତିଦ୍ୱନ୍ଦୀ ହୋଇ ନ ପାରେ । ପଣ୍ଡିତ ବର୍ଗ ସଂଗଠନରେ ମନ ଦିଅନ୍ତୁ; ବଶିଷ୍ଟ-ଆଦର୍ଶ ଅନୁସରଣ କରି ଶକ୍ତି ସଞ୍ଚୟ କରନ୍ତୁ । ଏ ଯୁଗରେ ଗୁହାରେ କରି ବସିଲେ ପ୍ରୟୋଜନ ନାହିଁ । ଦେବତା ଓ ସାଧୁଙ୍କ ଛଡ଼ା ପ୍ରାର୍ଥନା ଆଉ କିଏ ଶୁଣୁଛି ?' ସଭାପତି ଭାଷଣର ବିଷୟ ଥିଲା—'ସଂସ୍କୃତ ସବୁ ଭାଷାର ଜନନୀ । ପ୍ରାଦେଶିକ ଭାଷା ରୂପକ ମା'କୁ ସ୍ନେହ କରିବାକୁ ଯାଇ କି ସେଇଁ ମା'କୁ ଅନାଦର ଅଶ୍ରଦ୍ଧା ଦେଖାଇବା ? ସଂସ୍କୃତ-ଭାଷା-କୋଷର ଧନରତ୍ନ ବିସ୍ତବିକ୍ ଶତ୍ରୁଠାରୁ ମଧ୍ୟ ପ୍ରଶଂସା ଲଭିବାର ଯୋଗ୍ୟ ।' ଶ୍ରୀଯୁକ୍ତ କେ. ଏସ୍. ରାମସ୍ୱାମୀ ଶାସ୍ତ୍ରୀ କହିଥିଲେ—'ସଂସ୍କୃତର ପ୍ରାଦେଶିକ ଭାଷାମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ବୋଧ କରିପାରିଲେ ଏ ଉଭୟ ମଧ୍ୟରେ ପ୍ରତିଯୋଗିତା କଦାପି ଉଠିବ ନାହିଁ ।'

ଏ 'ଅସଂସ୍କୃତିଆ' ଯୁଗରେ ପାଶ୍ଚାତ୍ୟ ଧରଣର ବୁଦ୍ଧିଜୀବୀମାନେ ମଧ୍ୟ ସଂସ୍କୃତର ଠିକ୍ ମହତ୍ତ୍ୱ ଓ ତତ୍ପର୍ଯ୍ୟ ବୁଝିଛନ୍ତି, ଆନନ୍ଦର କଥା । ପୂର୍ବରୁ କହି ଆସିଛୁ, ସଂସ୍କୃତର ଶ୍ରୀ ସାଧନରେ ଏ ଦେଶର ଶ୍ରୀ ହସି ଉଠିବେ । ଦକ୍ଷିଣ ଭାରତର ପରି ଓଡ଼ିଶାର ସଂସ୍କୃତ ପଣ୍ଡିତମଣ୍ଡଳୀ ସଂଗଠନରେ ମନ ବଳାନ୍ତୁ ।

× × ×

ଇଂରେଜୀ ସମ୍ବତ୍ସର ଶେଷ ଆଡ଼କୁ ପୁଣି ନୂତନ ସମ୍ବତ୍ସର ଆରମ୍ଭରେ ବିଭିନ୍ନ ବିଭାଗରେ ଅନେକ ଗୁଡ଼ାଏ ନିଖିଳ-ଭାରତ ସମ୍ମିଳନୀ ଆମ ଦେଶରେ ଅନୁଷ୍ଠିତ ହେବାର ଅଗ୍ରହ କେତେକାଳ ହେଲା ପଡ଼ି ଆସିଛି । ଏ ବର୍ଷ ମଧ୍ୟ ସେହିପରି ହୋଇଛି । ଇତିହାସ କଂଗ୍ରେସର ୨୬ଶ ଅଧିବେଶନ ବମ୍ବେଠାରେ ଆଲିଗଡ଼ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ମହମଦ୍ ହାବିବ୍‌ଙ୍କ ସଭାପତିତ୍ୱରେ ହୋଇଥିଲା । ହାବିବ୍ ବକ୍ତ୍ର ଭାରତର ପୁନର୍ମିଳନ ମନ୍ତ୍ର ଉଚ୍ଚାରଣ କରିଥିଲେ । ବମ୍ବେର ପ୍ରଧାନମନ୍ତ୍ରୀ ଖେର୍ ପକ୍ଷପାତ ଆଲୋଚନା ପରିହାର କରିବାକୁ କହିଥିଲେ । ମଧ୍ୟପ୍ରଦେଶ ଲାଟ ମାନ୍ୟବର ପକ୍ୱାସା ଶ୍ରୀଯୁକ୍ତ ଚଗଲା ପ୍ରମୁଖ ନେତୃବର୍ଗ ଭାଷଣ ଦେଇଥିଲେ । ରାଜନୈତିକ ବିଜ୍ଞାନ ସମ୍ମିଳନୀର ଦଶମ-ଅଧିବେଶନ ତ୍ରିଭାଣ୍ଡ୍ରାମ୍‌ଠାରେ ଅନୁଷ୍ଠିତ ହୋଇଥିଲା । ଟ୍ରାଭାଙ୍କୋର ବିଶ୍ୱବିଦ୍ୟାଳୟର ଭାଇସ୍-ଚାନ୍‌ସେଲର ପ୍ରାରମ୍ଭିକ ଭାଷଣ ଦେଇଥିଲେ । ବମ୍ବେଠାରେ ମେଡିକଲ୍ ସମ୍ମିଳନୀର ୨୪ଶ ଅଧିବେଶନ ବସିଥିଲା । ବମ୍ବେର ଲାଟ ମହାସଲରେ ଡାକ୍ତରଙ୍କ ଆବଶ୍ୟକତା ଦେଖାଇ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଏ ସମ୍ପର୍କରେ ବିରାଟ ପ୍ରଦର୍ଶନୀ ବମ୍ବେର ମେୟର୍ ଉଦ୍‌ଘାଟନ କରିଥିଲେ । 'ବଙ୍ଗୀୟ ପ୍ରାଦେଶିକ କ୍ରୀଡ଼ା-ଓ-ଶକ୍ତି ସଙ୍ଘ' ପକ୍ଷରୁ ଶାରୀରିକ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । 'ଲୋକ-ଶିକ୍ଷା' ପରିଷଦ୍ ପକ୍ଷରୁ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇ କୁଟିର-ଶିଳ୍ପ-ପ୍ରଦର୍ଶନୀର ଆୟୋଜନ ହୋଇଥିଲା । ପୁସ୍ତକଗତ ଶିକ୍ଷାର ସୀମିତତା ଓ ସାଧାରଣ ପ୍ରାକୃତିକ ଶିକ୍ଷାର ପ୍ରାଧାନ୍ୟତା ସମ୍ବନ୍ଧେ ଆଲୋଚନା ହୋଇଥିଲା । କଲିକତାଠାରେ ଭାରତୀୟ ଅର୍ଥନୈତିକ ସମ୍ମିଳନୀ ଡକ୍ଟର ନୋଲ-ନାଥନ୍‌ଙ୍କ ସଭାପତିତ୍ୱରେ ହୋଇଥିଲା । ନାରୀ ସମ୍ମିଳନୀ ମାନ୍ଦ୍ରାଜଠାରେ ଶ୍ରୀମତୀ ଅନସୂୟା



Digitized by srujanika@gmail.com

ବାଞ୍ଚି କେଲଙ୍କ ପୌରୋହିତ୍ୟରେ ହୋଇଥିଲା । ଶ୍ରୀ ନାରିକେତନଠାରେ କୃଷିମୂଳକ ଅର୍ଥନୈତିକ ସମ୍ମିଳନୀ ବମ୍ବେର ଅର୍ଥ-ମନ୍ତ୍ରୀ ଶ୍ରୀଯୁକ୍ତ ଭି. ଏଲ୍. ମେହେଟାଙ୍କ ସଭାପତିତ୍ୱରେ ହୋଇଥିଲା । ସମବାୟ—କୃଷି ସମ୍ବନ୍ଧେ ଆଲୋଚନା ହୋଇଥିଲା ।

ଏ ସବୁ ସମ୍ମିଳନୀର ବିବରଣୀ ପତ୍ର-ପତ୍ରିକାରେ ପଢ଼ିବା ବେଳେ ଆମେ ଲକ୍ଷ କରୁଛୁ—ଜଣେ ଓଡ଼ିଆ ତ କୌଣସିଠିରେ ବିଶିଷ୍ଟ ଭାବରେ ଯୋଗ ଦେବା ବା ଭାଷଣ ଦେବା ବା କର୍ମକର୍ତ୍ତା ହେବା ଦେଖିଲୁ ନାହୁଁ । ମାମୁଲି ଧରଣରେ କେଉଁ କେଉଁଠିରେ କେତେଜଣ ପ୍ରତିନିଧି ବସିଥିବେ । କହିବା ଅନାବଶ୍ୟକ ମୋଟ ଉପରେ ଏହି ନିଖିଳ-ଭାରତ ସମ୍ମିଳନୀ ଗୁଡ଼ିକହିଁ ଆମ ଦେଶର ଆଧୁନିକ ...ତା-ପ୍ରଗତିର ପ୍ରତୀକ । ତହିଁରେ ଅନ୍ୟ ପ୍ରଦେଶୀ ...ସ୍ତ ଅଗ୍ରସର ହେଉଥିବେ, ଓଡ଼ିଆଙ୍କର ଗାର ... ନ ଥିବ, ତେବେ ଭାରତ-କୋଠୀରେ ...ଶାର ଯଥୋଚିତ ସ୍ଥାନ ସଂରକ୍ଷିତ ହେବ କିପରି ? ଏ ଅଭାବ ଆମେ କହି ଆସିଛୁ, ଏବେ ମଧ୍ୟ କହୁଛୁ ।

+ + +

ବମ୍ବେଠାରେ ଅନୁଷ୍ଠିତ ହୋଇଥିବା ପ୍ରବାସୀ ବଙ୍ଗ ସାହିତ୍ୟ ସମ୍ମେଳନ ପ୍ରତି ପୂର୍ବରୁ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ତହିଁରେ କୁହାଯାଇଥିଲା, 'ବଙ୍ଗ ସାହିତ୍ୟର ପ୍ରଚାରରେ ସଂକୀର୍ଣ୍ଣ ପ୍ରାଦେଶିକତା ବାଧା ଦେଉଛି ।' "Hindustan Standard', ପତ୍ରିକା ଏହା ଉପରେ ଟିପ୍ପଣୀ ଲେଖିଥିଲା—'ଅଭିମୁଖ୍ୟରେ ବଙ୍ଗ ସାହିତ୍ୟ ଉଦାର । ଅନ୍ୟ କୌଣସିଠାରେ କିଛି ସୁନ୍ଦର ଓ ଉତ୍ତମ ଦେଖିଲେ, ତାହାକୁ ଗ୍ରହଣ କରିବାପାଇଁ ତାହା କେବେ ବିମନ ଦେଖାଇ ନାହିଁ । ଏବେ ତାହାର ଅଭିବୃଦ୍ଧିକୁ ସଂକୀର୍ଣ୍ଣ ପ୍ରାଦେଶିକ ଗର୍ବ ଓ ରାଜନୈତିକ ଲୋଭ ସଙ୍କୁଚିତ ଓ ବାଧାଗ୍ରସ୍ତ କରିବାକୁ ଗଲେ, କେବଳ ବଙ୍ଗଳ ନୁହେ, ସମଗ୍ର ଦେଶର ଘୋର ଦୁର୍ଦ୍ଦଶା ଘଟିବ । ବଙ୍ଗ ସାହିତ୍ୟର ଉନ୍ନତି କରିବାର ପ୍ରଭାବ ଅଛି । ବାହୁ ପ୍ରସାରି କରି ତାହାକୁ ଗ୍ରହଣ କରିବାର ଯୋଗ୍ୟତା ତାହାଠାରେ ଅଛି । ସେପରି ଗ୍ରହଣ କଲେହିଁ ଆମ ଦେଶର ଭିନ୍ନ ପ୍ରଦେଶର ଉପକାର ହେବ । ସବୁ ପ୍ରଦେଶ ବଙ୍ଗ ସାହିତ୍ୟକୁ ତାହାର ଗତିଶୀଳ ଆଦର୍ଶପାଇଁ ଆଦର କରିବା ଉଚିତ । ବଙ୍ଗ, ସାହିତ୍ୟ ସ୍ଥାନ ଦାବୀ କରୁଛି, ଦୟା ଉପରେ ନିର୍ଭର କରୁନାହିଁ ।

ଅଛି କଥା । [illegible]ରାଜନୈତିକ ଲୋଭ ଓ ପ୍ରାଦେଶିକ ଗର୍ବ କିପରି ଗୋଟାଏ ସାହିତ୍ୟର ଅନ୍ତର୍ନିହିତ ସତ୍ୟ ତଥା ସୌନ୍ଦର୍ଯ୍ୟ ବିକାଶର ବାଧା ଘଟାଇ ପାରେ, ବୁଝାଯାଉ ନାହିଁ । ପୁଣି ସେ ସତ୍ୟ ଓ ସୌନ୍ଦର୍ଯ୍ୟ ବାସ୍ତବିକ୍ ଥିଲେ, ତାହା ଆପେ ଆପେ ଫୁଟି ଉଠିବ । ଏଠାରେ 'ଦାବୀ' ବା 'ଦୟା'ର କଥା ଉଠିଲା କିପରି ? ପୁଣି କେଉଁ କେଉଁ ପ୍ରାଦେଶିକ ସଂକୀର୍ଣ୍ଣତା ବଙ୍ଗ ସାହିତ୍ୟ ପ୍ରଚାରରେ ବାଧା ଦେଉଛି ? ସେପରି ଦେବାରେ ବା କାରଣ କଅଣ ? ବଙ୍ଗ ସାହିତ୍ୟ ଏତେ ସମସ୍ତଙ୍କର ବିଷ-ବୈଷ୍ଟ ହୋଇଛି ଯେ ତାକୁ ଖର୍ବ କରିବାକୁ ସବୁ ପ୍ରଦେଶ ଧାଉଁଛନ୍ତି, ଆଉ ବଙ୍ଗ ଅନ୍ୟ ପ୍ରାଦେଶିକ ସାହିତ୍ୟ ଗୁଡ଼ିକୁ ଅର୍ଚ୍ଚନା କରୁଛି ? ଅନୁକରଣ-ମୋହରୁ ହେଉ, 'ଫେସନ୍'ରୁ ହେଉ, ଜ୍ଞାନ-ପିପାସାରୁ ହେଉ, ବ୍ୟକ୍ତିତ୍ୱ ଅଭାବରୁ ହେଉ, ଓଡ଼ିଶାରେ ବିଶେଷତଃ ଉତ୍ତର ଓଡ଼ିଶାରେ ବଙ୍ଗ ସାହିତ୍ୟର ଆଧିପତ୍ୟ କଥା ସମସ୍ତେ ଜାଣନ୍ତି । ପ୍ରତିଦାନରେ ବଙ୍ଗରେ ଓଡ଼ିଆ ସାହିତ୍ୟର ପ୍ରସାର ଓ ପ୍ରଚାର ଦିଗରେ କି କି ସୁବିଧା କରାଯାଇଛି ? ଘରେ ଘରେ ସ୍ତ୍ରୀ ପୁରୁଷ ସମେତ କେତେ ଜଣ ବଙ୍ଗାଳୀ ଓଡ଼ିଆ ପୁସ୍ତକ ପଢନ୍ତି ? ନିଜର ଉଣ୍ଡିମ ବଜାଇଲେ, ଗୁଣ ଥିଲେ ମଧ୍ୟ ଅହଙ୍କାର ଦୋଷରେ ତାହା ଦୋଷ ବୋଲି ଧରାଯିବା ସ୍ୱାଭାବିକ । କେଉଁ ସାହିତ୍ୟ ଅନୁଦାର ଓ ସ୍ଥାଣୁ ଓ ଅନୁନ୍ନତ ବୋଲି ବଙ୍ଗାଳି କହନ୍ତି ? ଯାହାର ଉପକାର କଥା, ସୁଦଶା—ଦୁର୍ଦ୍ଦଶା କଥା ସେ ଜାଣେ; ଏ ଏକ-ପାଖିଆ ପ୍ରଚାରରେ ଲାଭ କଅଣ ? ବରଂ ଏପରି କରିବାଦ୍ୱାରା ଆଧିକାରର ପ୍ରଚ୍ଛନ୍ନ ଆକାଙ୍କ୍ଷା ଧରା ପଡ଼ିବ ସିନା !



Digitized by srujanika@gmail.com

× × × ×

ଗୋଟିଏ ବିରାଟ ନିଖିଳ-ଭାରତ-ପ୍ରଦର୍ଶନୀ କଲିକତାର 'ଇଡ଼େନ୍' ଉଦ୍ୟାନରେ ଅନୁଷ୍ଠିତ ହେବାର ଆୟୋଜନ ହେଉଛି। ପଣ୍ଡିତ ନେହେରୁ ଏହା ଉଦ୍‌ଘାଟନ କରିବେ। ସ୍ୱାଧୀନ ଭାରତର ଏ ଦିଗରେ ଏହା ପ୍ରଥମ ଉଦ୍ୟମ। ଅର୍ଥନୀତି, ସଂସ୍କୃତି, କୃଷି, ବ୍ୟବସାୟ, ଶିକ୍ଷା, ସମାଜ, ବାଣିଜ୍ୟ, ବିଜ୍ଞାନ, ଶିଳ୍ପ, ବ୍ୟାୟାମ ଇତ୍ୟାଦି ବିଭିନ୍ନ ବିଭାଗରେ ବର୍ତ୍ତମାନ ଭାରତର ଛବି ସଙ୍ଗେ ଭବିଷ୍ୟତ ଉନ୍ନତିର ସୂଚନା ଦେବା ପ୍ରଦର୍ଶନୀର ଉଦ୍ଦେଶ୍ୟ। ଏବେଣ କେନ୍ଦ୍ର ଶିକ୍ଷା-ବିଭାଗର ସମ୍ପାଦକ ଡକ୍‌ଟର ଶାନ୍ତି ସ୍ୱରୂପ ଭାଟନଗର କହିଛନ୍ତି—ଭାରତ ସରକାର କଳା ନିମନ୍ତେ ଗୋଟିଏ ଜାତୀୟ ଅନୁଷ୍ଠାନ (National Trust for Art) ଗଢ଼ିବାର ବିଚାର କରୁଛନ୍ତି। ଏହି ଅନୁଷ୍ଠାନରେ ଯଥାକ୍ରମେ କଳା, ସଙ୍ଗୀତ ଓ ସାହିତ୍ୟପାଇଁ ତିନୋଟି ପରିଷଦ ରହିବ। ପୁଣି ମୌଲାନା ଆଜାଦ୍ କହିଛନ୍ତି—ଗୋଟିଏ ଭାରତୀୟ ଜାତୀୟ ଯାଦୁଘର ସଙ୍ଗେ ପୁସ୍ତକାଗାର (National Museum and Library) ନୂଆ ଦିଲ୍ଲୀରେ ସ୍ଥାପିତ ହେବାର ଉଦ୍ୟମ କରାଯାଉଛି। ନିକଟରେ ପୁଣି କଲିକତା ଯାଦୁଘରେ ଲଳିତ-କଳା-ପରିଷଦ୍ (Academy of fine Arts) ପକ୍ଷରୁ ଗୋଟିଏ ସୁନ୍ଦର ପ୍ରଦର୍ଶନୀ ଖୋଲା ଯାଇଥିଲା। ଭାରତର ବିଭିନ୍ନ ସ୍ଥାନରୁ ତୈଳ-ଚିତ୍ର, ଆର୍ଦ୍ର-ବର୍ଣ୍ଣ-ଚିତ୍ର (Water Colouns), ମୂର୍ତ୍ତି-ଗଠନ (Sculpture), ମୃତ୍ତିକା-ଗଠନ (Clay Models) ଇତ୍ୟାଦି ଏକ ସହସ୍ର ବସ୍ତୁ ସଂଗୃହୀତ ହୋଇଥିଲା। ଉଦ୍‌ଘାଟକ ମାନ୍ୟବର ରାଜଗୋପାଳାଚାରି କହିଥିଲେ—କଳାରେ ବଙ୍ଗ ଭାରତର ଆଦର୍ଶ ହୋଇ ଆସିଛି, ଆସୁଛି। ଏହି ପରିଷଦ୍ ୧୯୩୩ ରେ ମହାରାଜା ପ୍ରଦ୍ୟୋତକୁମାର ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସରସ କଳା-ପତ୍ରିକା-ପ୍ରକାଶ, ନିଖିଳ-ଭାରତ-କଳା-ପ୍ରଦର୍ଶନୀ ସଂଗଠନ, ଲଳିତ-କଳାର ଜାତୀୟ ମଞ୍ଚ National Gallery), ଉଚ୍ଚ ଦରର କଳା-ଶିକ୍ଷା-ପରିଷଦ୍ (Academy forPost Graduate Studies in Art) ଇତ୍ୟାଦି ବିଭାଗ ପରିଷଦ୍‌ର ଅନ୍ତର୍ଭୁକ୍ତ।

ଓଡ଼ିଆ ଜାତିର ପ୍ରାଣତନ୍ତ୍ର ଓ ଅବଦାନ ଏ ସବୁ ଅନୁଷ୍ଠାନମାନଙ୍କରେ ରହୁଛି କି? ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ଆମର ସବୁ କଳା ଓ ସଂସ୍କୃତି ଅନୁଷ୍ଠାନ ଗୁଡ଼ିକର ଏ ଦିଗରେ ଜାଗରୂକ ଦୃଷ୍ଟି ଅଛି କି? ଆମେ ବାରମ୍ବାର ଏ କଥା କହି ଆସୁଛୁଁ। ବିଚ୍ଛିନ୍ନ ହେବାର ମଧ୍ୟ କଳା ବା ସଂସ୍କୃତିର ଦେଉଁଠାରେ ଟିକିଏ ସମ୍ବାଦ ପାଉ, ତାହା ପାଠକଙ୍କୁ ଜଣାଇବାର ଲୋଭ ସମ୍ବରଣ କରିପାରୁ ନାହିଁ—ଯେ ହେତୁ ଆମେ କଳା ଓ ସଂସ୍କୃତିର ବାଣୀ ଉପାସକ। ଆଧୁନିକ ପରିସ୍ଥିତିରେ ରାଜନୀତିର ଚର୍ଚ୍ଚା ଅପରିହାର୍ଯ୍ୟ। ତାହା ଆମେ କରୁଛୁଁ। ତଥାପି ମନେ ରଖୁଛୁଁ ତାହା ନିମିତ୍ତ ମାତ୍ର। ତାହା ଜୀବନର ଚିରନ୍ତନ (Eternal Verities of lefi) ର ସ୍ଥାନ କେବେହେଁ ପୂର୍ଣ୍ଣ କରିପାରିବ ନାହିଁ। ବର୍ତ୍ତମାନ ଅଶାନ୍ତ, ଦ୍ୱନ୍ଦ୍ୱମୟ ଜୀବନରେ କଳା ଓ ସଂସ୍କୃତିର ଚର୍ଚ୍ଚା ହେଲେହିଁ ଜୀବନ ପୂର୍ଣ୍ଣ ହେବ। ଆଜି ଗୋଟାଏ କଥା କଳାରେ ବଙ୍ଗର ନେତୃତ୍ୱ ଦେଖିଲୁ। ଉତ୍କଳର କଳା-ସମ୍ଭାର ଲୁଚିଗଲା? କ୍ଷୋଭର ବିଷୟ! ପୁଣି ଏ ଜୀବନ-ସଂଗ୍ରାମ ଯୁଗରେ ଆମର କବି, କଳାକାର, ସଂସ୍କୃତି ଶିଳ୍ପୀମାନଙ୍କ ଦୁରବସ୍ଥା କିଏ ଶୁଣେ କଥା। ପୂର୍ବକାଳରେ ରାଜ-ଦରବାରରେ, ଜମିଦାର-ଧନବନ୍ତ-ମଣ୍ଡଳୀରେ ଏମାନଙ୍କର ଆଦର ଥିଲା। ସେ ପୃଷ୍ଠପୋଷକତା ହଠାତ୍ ଧନରୁ ଅବନତ ଘଟିଲା। ଏବେ ସ୍ୱାଧୀନ ଭାରତର ରାଜଶକ୍ତି ପୁଣି ସେ ପୃଷ୍ଠପୋଷକତା ଯଥାଯଥ ଭାବରେ ଦେବାର ଏକାନ୍ତ ଆଶା।

\+ \+ \+

ନିଖିଳ ଭାରତ ଅନ୍ଧ-ଆଲୋକ-ମନ୍ଦିର (All India Light house for tha blind) ର ସମ୍ପାଦକ ଇତି ମଧ୍ୟରେ ଗୋଟିଏ ବିବୃତି ଦେଇଥିଲେ—୧୯୩୧ ଜନ ଗଣନା ଅନୁସାରେ ଭାରତରେ ଅନ୍ଧ ସଂଖ୍ୟା ୬ ଲକ୍ଷରୁ ଅଧିକ। ତହିଁରୁ ସାତେ ପାଞ୍ଚ ଲକ୍ଷ ବୟଃ ପ୍ରାପ୍ତ (Adults), ବାକୀ ପିଲା। ସେ ମଧ୍ୟରୁ ବଙ୍ଗ



Digitized by srujanika@gmail.com

ପ୍ରଦେଶର ଅନ୍ଧ ସଂଖ୍ୟା ୩୮,୦୦୦ ରୁ ୩୩,୦୦୦ ବୟଃପ୍ରାପ୍ତ, ବାକୀ ପିଲା । ଆସାମ୍, ଓଡ଼ିଶା, ଉତ୍ତର-ପଶ୍ଚିମ-ସୀମାନ୍ତ ପ୍ରଦେଶମାନଙ୍କରେ ଅନ୍ଧ-ବିଦ୍ୟାଳୟ (School for the blind) ନାହିଁ, ବାକୀ ସବୁ ପ୍ରଦେଶରେ ଅଛି । ପୁଣି ସମ୍ବାଦ ବାହାରିଥିଲା, ବଧିର ଓ ମୂକ (Deaf and Mute) ଙ୍କ ଶିକ୍ଷାପାଇଁ ଯୁକ୍ତପ୍ରଦେଶ ସରକାର ଗୋଟିଏ ଯୋଜନା କରିଛନ୍ତି । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ଚତୁର୍ବେଦୀଙ୍କୁ ଏ ସମ୍ବନ୍ଧେ ତାଲିମ୍ ହେବାପାଇଁ ବିଲାତକୁ ପଠାଯାଉଛି । ଲକ୍ଷ୍ନୌରେ ଏ ସମ୍ପର୍କରେ ଶିକ୍ଷକମାନେ ତାଲିମ୍ ହେବାପାଇଁ ଗୋଟିଏ ଟ୍ରେନିଂ କଲେଜ ଖୋଲାଯାଇଛି । କଲିକତାର ମୂକ-ବଧିର-ବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ଶୈଳେନ୍ଦ୍ରନାଥ ବେନର୍ଜି ଏ ଦିଗରେ ସାହାଯ୍ୟ କରୁଛନ୍ତି ।

ଏହା ଶୁଣିମା ବେଳେ ପ୍ରଶ୍ନ ଉଠେ—ଓଡ଼ିଶାର ବୟଃପ୍ରାପ୍ତ ତଥା ପିଲା ଅନ୍ଧ, ମୂକ ଓ ବଧିରଙ୍କ ସଂଖ୍ୟା କେତେ ? ଏ ଦୁସ୍ଥ, ପ୍ରାକୃତିକ ଦୁର୍ଭାଗାଙ୍କ ଶିକ୍ଷା ତଥା ଜୀବନ-ଯାତ୍ରା ନିର୍ବାହ ସକାଶେ ସରକାର ତଥା ଜନସାଧାରଣ କ'ଣ କରୁଛନ୍ତି ? ଓଡ଼ିଶାରେ ଅନ୍ଧ-ବିଦ୍ୟାଳୟ କାହିଁକି ନାହିଁ ? କଥାରେ ଆମେ 'ସମାଜ ସେବା' (Social Service) ବଡ଼ ଶୁଣୁଛୁ । କିନ୍ତୁ ଦୁଃଖର କଥା ଏ ବଡ଼ ରାଜନୈତିକ ଲୋକମାନଙ୍କର ଜୀବିତରେ ମାତ୍ର ପରିଣତ ହେଉଛି । ସମାଜରେ, ଯେଉଁଠାରେ ପ୍ରକୃତ କଷ୍ଟ, ଅଭାବ, ଯାତନା ଅଛି, ସେହି ସେହିଠାରେ ଗଲାପରି ନୀରବ ତ୍ୟାଗପୂତ ମାନବୀୟ ସେବା କରିବାର ତପସ୍ୟାଠାରୁ ବାସ୍ତବିକ୍ ଆମେ ଆଜିର ବହୁ ଦୂରରେ । ବିଧାତା କରନ୍ତୁ—ଆମର ତରୁଣବର୍ଗ ଏ ତପସ୍ୟାରେ ବ୍ରତୀ ହୁଅନ୍ତୁ ।

× × × ×

ଇତି ମଧ୍ୟରେ ଆସାମ—ଭ୍ରମଣରେ ଗୌହାଟିଠାରେ ଖ୍ୟାତ ସାମ୍ୟବାଦୀ-ନେତା ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ ଗୋଟିଏ ଭାଷଣରେ କହିଥିଲେ—'ଆସାମରେ ଯେଉଁମାନେ ବାହାରୁ ଆସି ନିବାସ କରୁଛନ୍ତି, ମାରୁଆଡ଼ି, ବଙ୍ଗାଳି, ବିହାରୀ ବା ଯେ କେହି ହୁଅନ୍ତୁ ସେମାନେ ଆସାମୀୟଙ୍କ ସହିତ ନିଜକୁ ଏକ କରନ୍ତୁ; ଆସାମକୁ ମାତୃ ପ୍ରଦେଶ କରି ସେ ପ୍ରଦେଶର ସର୍ବବିଧ ଉନ୍ନତି ସାଧନ କରିବାରେ ତତ୍ପର ହୁଅନ୍ତୁ । ସେ ପ୍ରଦେଶର ନିଃସନ୍ଦେହ ନାଗରିକ ହୁଅନ୍ତୁ । ଭିନ୍ନତାର ଧ୍ୱନି Slogans of Seperatism) ଉଠାନ୍ତୁ ନାହିଁ । ନ ହେଲେ ଆସାମର ମାଲ-ମସଲା ପ୍ରଭୃତି ଥିଲେ ମଧ୍ୟ ସେ ପ୍ରଦେଶ ଧନମନ୍ତ ହେବ ନାହିଁ ।' ପୁଣି ଆଜିଠାରେ ଆସାମ୍ ଜାତୀୟ ମହାସଭାର ସମ୍ପାଦକ ଶ୍ରୀଯୁକ୍ତ ଏ. କେ. ରାୟ ଚୌଧୁରୀ କହିଥିଲେ—'ଯେଉଁ ବଙ୍ଗାଳୀମାନେ ଆସାମ୍‌କୁ ଆସିଛନ୍ତି ପୁଣି ଆସାମ୍‌କୁ ନିଜର ମାତୃଭୂମି ବୋଲି ମନେ କରୁନାହାନ୍ତି, ସେମାନେ ଏ ପ୍ରଦେଶରେ ନିଜ ଭାଷାର ଆଧିପତ୍ୟ ଦାବୀ କରିପାରିବେ ନାହିଁ । କାରଣ ସେପରି କରିବାର ଅର୍ଥ ଭାଷାଗତ ସାମ୍ରାଜ୍ୟବାଦ (Linguistic Imperalism) ର ପ୍ରସାରଣ କରିବା ମାତ୍ର । ଗୋଟାଏ ପ୍ରଦେଶକୁ ଅନ୍ୟ ପ୍ରଦେଶ ଉପରେ ନିଜର ପକ୍ଷ ବିସ୍ତାର କରିବାକୁ କହିବା ଗୋଟିଏ ନିତାନ୍ତ ହାସ୍ୟାସ୍ପଦ ଦାବୀ । ଏ ଭାଷାଗତ ସାମ୍ରାଜ୍ୟବାଦ କ୍ରମେ ଅର୍ଥନୈତିକ ଓ ରାଜନୈତିକ ଶୋଷଣର ବାଟ ଫିଟାଇବ । ଉନ୍ନତିମୂଳକ ମାନବୀୟ ଶକ୍ତି ଏପରି କଦାପି କରାଇ ଦେବ ନାହିଁ ।'

ଓଡ଼ିଶାର ଆନ୍ଧ୍ର, ବଙ୍ଗାଳି, ମାରୁଆଡ଼ି ତଥା ଅନ୍ୟାନ୍ୟ ସଂଖ୍ୟାଲଘୁମାନେ ଏ ଉକ୍ତି ଗୁଡ଼ିକର ତାତ୍ପର୍ଯ୍ୟ ଗ୍ରହଣ କରିବେ କି ? ତେଲ ଭିତରେ ମୂଷା ପରି ଓଡ଼ିଶାର ରଙ୍ଗ ଦେଖିବାପାଇଁ ଉଦ୍‌ଗ୍ରୀବ ନ ହେବେ କି ? ଓଡ଼ିଶାର ମାଲ-ମସଲା ନିଜସ୍ୱ କରିବାର ଲୋଭ ଓ ଅସଦୁପାୟ ପରିହାର କରି ପ୍ରଦେଶର ମଙ୍ଗଳ ସାଧନରେ ବ୍ରତୀ ହେବେ କି ? ଶୋଷଣ ଓ ସାମ୍ରାଜ୍ୟବାଦ ମତ ଛାଡ଼ିବେ କି ? ନ ହେଲେ ତାଙ୍କ କାର୍ଯ୍ୟର ଫଳ ସେମାନେ ଭୁଞ୍ଜିବେ ସିନା !



Digitized by srujanika@gmail.com

× × × ×

ଇତି ମଧ୍ୟରେ ଆସାମ୍‌ରେ ରବୀନ୍ଦ୍ରଙ୍କର 'ଜନଗଣମନ—' ଜାତୀୟ ସଙ୍ଗୀତ ପ୍ରତି କୌଣସି ସଭାରେ ପ୍ରାଦେଶିକ ସଂକୀର୍ଣ୍ଣତା ଯୋଗୁଁ ଅବମାନନା କରାଯାଇଥିଲା ବୋଲି ବଙ୍ଗଳା ପତ୍ରପତ୍ରିକା ଗର୍ଜି ଉଠିଥିଲେ । ଏହାର ଉତ୍ତରରେ ଆସାମର ଜଣେ ରାଣୀ ଲେଖିଛନ୍ତି—"ମୁଁ ସେ ସଭାରେ ଥିଲି । ରବୀନ୍ଦ୍ରଙ୍କ ସଙ୍ଗୀତ ପ୍ରତି କିଛି ଅବମାନନା କରାଯାଇନାହିଁ । ସେ ସଙ୍ଗୀତ ସଙ୍ଗେ ଆସାମର ଜାତୀୟ ସଙ୍ଗୀତ ଆବୃତ୍ତି କରିବାକୁ ଗଲାବେଳେ ନ୍ୟସ୍ତ ସ୍ୱାର୍ଥର ଲୋକେ ଗୋଳମାଳ କରିଥିଲେ ।" ଧନ୍ୟ ବଙ୍ଗାଳୀ ପ୍ରଚାର ! ନିଜ ପ୍ରଦେଶର ଜାତୀୟ ସଙ୍ଗୀତକୁ ଅନ୍ୟ ପ୍ରଦେଶର ଜାତୀୟ ସଙ୍ଗୀତପାଇଁ ଉପେକ୍ଷା କରାଯିବ ? ସାମ୍ରାଜ୍ୟବାଦର ସ୍ୱରୂପ ଆଉ କେଉଁଠାରେ ?

× × × ×

କେତେଦିନ ତଳେ ପାରଳା କଲେଜରେ ନିମନ୍ତ୍ରିତ ହୋଇ ଶ୍ରୀଯୁକ୍ତ କପିଳେଶ୍ୱର ଦାସ ଏମ୍. ଏ., ବି. ଇ ଡି., ଇତିହାସର ଅର୍ଥନୈତିକ ଅନୁଶୀଳନ' (Economic Interpretation of History) ବିଷୟରେ ଇଂରେଜୀରେ ଦୁଇ ଘଣ୍ଟା ବ୍ୟାପୀ ଗୋଟିଏ ଚିନ୍ତାପୂର୍ଣ୍ଣ ଓ ସୁନ୍ଦର ଭାଷଣ ଦେଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ । କଲେଜର ପ୍ରିନ୍‌ସିପାଲ ପୃଷ୍ଠପୋଷକ ହୋଇଥିଲେ । ସବୁ ଅଧ୍ୟାପକ ମାନେ ଉପସ୍ଥିତ ଥିଲେ । ସଭା ପୂର୍ବରୁ ଜଳଯୋଗର ବ୍ୟବସ୍ଥା ହୋଇଥିଲା । ବକ୍ତା ଇତିହାସ ଶିକ୍ଷାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ସାଧାରଣ ମୂଲ୍ୟ ବୁଝାଇଦେବା ପରେ ପ୍ରାଚୀନ ଓ ଆଧୁନିକ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଇତିହାସ ଓ ଲେଖକଙ୍କର ଧାରା ଓ ମତ ବ୍ୟାଖ୍ୟାନ ପୂର୍ବରୁ ଅର୍ଥନୀତିର ବିଭିନ୍ନ ବିଭାଗ ଆଲୋଡ଼ନ କରି ଆଲୋଚିତ ବିଷୟର ତାତ୍ପର୍ଯ୍ୟ ବୁଝାଇଥିଲେ ।

× × × ×

ଏ ସମ୍ପର୍କରେ ପାରଳା କଲେଜର ଭବିଷ୍ୟତ ସମ୍ବନ୍ଧରେ ମନରେ ବିଚାର ଆସେ । ବଦାନ୍ୟବର ପାରଳାର ମହାରାଜା ଏ କଲେଜଟି ପ୍ରତିଷ୍ଠିତ କରି ଆଜି ପର୍ଯ୍ୟନ୍ତ ସୁନ୍ଦର ଭାବରେ ଚଳାଇ ଆସିଥିଲେ । ଦକ୍ଷିଣ ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳର ଶିକ୍ଷାର୍ଥୀମାନେ ଏ କଲେଜରୁ କି ଉପକାର ପାଇଛନ୍ତି ଓ ପାଉଛନ୍ତି ତାହା ସେମାନେ ଜାଣନ୍ତି । ଏବେ ଘଟଣା ବଶତଃ ଓଡ଼ିଶା ସରକାର ମହାରାଜାଙ୍କଠାରୁ ସାମୟିକ ଭାବରେ ଏ କଲେଜର ପରିଚାଳନା ଭାର ଗ୍ରହଣ କରିଛନ୍ତି । କିନ୍ତୁ ହସ୍ତାନ୍ତର ହୋଇ ନାହିଁ ବା ପରିଚାଳନା ତଥା ଆୟବ୍ୟୟ; ଶିକ୍ଷକ—ଅଧ୍ୟାପକମାନଙ୍କ ଦରମାପତ୍ର ଇତ୍ୟାଦି ବିଷୟରେ କିଛି ସ୍ଥାୟୀ ବନ୍ଦୋବସ୍ତ ହୋଇନାହିଁ । ଏ ଅନିର୍ଦ୍ଦିଷ୍ଟ ଅବସ୍ଥା ବାଞ୍ଛନୀୟ ନୁହେ । ପାରଳା କଲେଜ ସୁନ୍ଦର ଶିକ୍ଷା ଅନୁଷ୍ଠାନ । ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ଗୁରୁଚରଣ ମହାନ୍ତି ତଥା ଶ୍ରୀ ଉଦୟଚନ୍ଦ୍ର ମିଶ୍ର, ଶ୍ରୀ କାହ୍ନୁଚରଣ ମିଶ୍ର, ଶ୍ରୀ ସେନାପତି, ଶ୍ରୀ ଭି. ନରସିଂହମ୍, ଶ୍ରୀ ହରେକୃଷ୍ଣ ପଟ୍ଟନାୟକ, ଶ୍ରୀ ରା... ଶ୍ରୀ ଜଗଦାନନ୍ଦ ରାଓ ପ୍ରମୁଖ ଅଧ୍ୟାପକ ... ଯୋଗ୍ୟତା ଉଚ୍ଚ ଧରଣର । କଲେଜରେ ରସାୟନ—ବିଜ୍ଞାନ, କୃଷି, ଇତିହାସ, ଅର୍ଥନୀତି, ଇଂରେଜୀ, ଓଡ଼ିଆ ଇତ୍ୟାଦି ବିଭିନ୍ନ ବିଷୟରେ ଉଚ୍ଚତର ଶିକ୍ଷା ଦିଆଯାଏ । କଲେଜର ବିଜ୍ଞାନାଗାର, ପାଠାଗାର, ଛାତ୍ରାବାସ ଇତ୍ୟାଦିର ସୁନ୍ଦର ବ୍ୟବସ୍ଥା ଅଛି । ଏ ସବୁ ଦୃଷ୍ଟିରେ ଆମର ଆଶା, ଶୀଘ୍ର ଏ କଲେଜକୁ ଓଡ଼ିଶା ସରକାର ପୁରାପୁରି ଗ୍ରହଣ କରି ସୁପରିଚାଳନାର ସ୍ଥାୟୀ ବନ୍ଦୋବସ୍ତ କରିବେ ।

× × × ×

ଇତି ମଧ୍ୟରେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ଇଚ୍ଛାପୁରଠାରେ ଜାତୀୟ ଶିଶୁ ଓ ସ୍ୱାସ୍ଥ୍ୟ ସପ୍ତାହ ପାଳନ ଉତ୍ସବରେ ଶ୍ରୀଯୁକ୍ତ କପିଳେଶ୍ୱର ଦାସ ପୃଷ୍ଠପୋଷକ ହୋଇଥିଲେ । ହରିଜନମାନଙ୍କର ଅଭ୍ୟୁନ୍ନତି ପ୍ରତି ଲକ୍ଷ କରି ସେ କହିଥିଲେ— 'ଆଜିର ସନ୍ଧି, ଆପଣା ମହତ୍ତ୍ୱ ଆପେ ରକ୍ଷି; ସରକାର ତଥା ଉଚ୍ଚବର୍ଣ୍ଣ ସେମାନଙ୍କ ପ୍ରତି ସକଳ ପ୍ରକାର ସହାନୁଭୂତି ଦେଖାଇବା ଉଚିତ; ତଥାପି ନିଜେ ସେମାନେ ସୁସ୍ଥ, ବଳିଷ୍ଠ, ସଂଯତ, ଶିକ୍ଷିତ,



Digitized by srujanika@gmail.com

ଦାୟିତ୍ୱପୂର୍ଣ୍ଣ ନାଗରିକ ହେବାରେ ପ୍ରବୃତ୍ତ କରିବା ଆବଶ୍ୟକ ।' ପୁଣି ସେହି ଇଣ୍ଡସ୍ତ୍ରିରେ ନେତାଜୀ-ସମ୍ବାଦ-ପାଳନ ଉତ୍ସବ ମଧ୍ୟ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ପର୍କୀୟ ସାଧାରଣ ସଭାରେ ପୌରହିତ୍ୟ କରି ଶ୍ରୀଯୁକ୍ତ କପିଳେଶ୍ୱର ଦାସ କହିଥିଲେ—'ନେତାଜୀ ସୁଭାଷଙ୍କ ତ୍ୟାଗ, ବୀରତ୍ୱ, ଦେଶପ୍ରେମବୋଧ, ସାହସ, ବିଚକ୍ଷଣତା, ସଂଘ-ଗଠନ ଶକ୍ତି ଅନୁପମ । ସେ ବଞ୍ଚି ଥାଆନ୍ତୁ ବା ନ ଥାନ୍ତୁ, ତାଙ୍କର ବ୍ୟକ୍ତିତ୍ୱ ଏ ଦେଶ ଲୋକ ତଥା ରାଷ୍ଟ୍ର-ପ୍ରାଣରେ ଚିରଦିନ ବଞ୍ଚି ରହିବ । ସେ ବରିଷ୍ଠ ବ୍ୟକ୍ତିତ୍ୱ ସ୍ମୃତିକୁ ଆମେ ଯେପରି ପୌତ୍ତଳିକତା (Idol-Worship) ରେ ପରିଣତ ନ କରୁ । ବହୁବିଧ ...ଷମୂଳକ ସମସ୍ୟା ଆଜି ଆମର ଦୈନନ୍ଦିନ ...ନରେ ମଧ୍ୟ ଦେଖାଯାଇଛି । ସେ ସମସ୍ୟା ...ନରେ କୃତୀ ହେବାରେହିଁ ଆମର ...ଜୀ-ସ୍ମୃତି-ତର୍ପଣ ସାର୍ଥକ ହେବ ।

× × × ×

ବିହାର ହିନ୍ଦି ସାହିତ୍ୟ ସମ୍ମେଳନରେ ମାନ୍ୟବର ରାଜେନ୍ଦ୍ର ପ୍ରସାଦ କହିଥିଲେ—'ଏହି ସମ୍ମେଳନରେ ଆଳସ୍ୟ ଓ ଅବହେଳା ଯୋଗୁଁ ଧଳଭୂମ୍ ଓ ସିଂହଭୂମକୁ ବଙ୍ଗାଳି ଦାବୀ କରୁଛନ୍ତି ତାହା ହିନ୍ଦି-ଭାଷୀ ନୁହେ ବୋଲି ।' "Hindusthan Standard" ପତ୍ରିକା ଏହା ଉପରେ ଟିପ୍ପଣୀ ଲେଖିଥିଲେ—'ତେବେ ଏଥିଦ୍ୱାରା ରାଜେନ୍ଦ୍ରପ୍ରସାଦ ସ୍ୱୀକାର କରୁଛନ୍ତି ଯେ ଏ ଗୁଡ଼ିକ ହିନ୍ଦିଭାଷୀ ନୁହେ ଏଣୁ ବଙ୍ଗର ଏ ଅଞ୍ଚଳ ଗୁଡ଼ିକ ଉପରେ ଦାବୀ ନ୍ୟାୟସଙ୍ଗତ । ବିହାରରେ ରଖିବାପାଇଁ କୃତ୍ରିମ ଭାବରେ ହିନ୍ଦି ଭାଷା ଏ ଅଞ୍ଚଳ ଗୁଡ଼ିକରେ ଭର୍ତ୍ତି କରିବା ଠିକ୍ କି ? ବିହାରର ସଙ୍କୀର୍ଣ୍ଣ ପ୍ରାଦେଶିକ ସ୍ୱାର୍ଥରକ୍ଷା କରିବାପାଇଁ ହିନ୍ଦି ଭାଷାର ଏପରି ଅପବ୍ୟବହାର କ୍ଷୋଭର ବିଷୟ । ଏହି ସଙ୍କୀର୍ଣ୍ଣ ପ୍ରାଦେଶିକତା ଭାରତୀୟ ଏକତାବୋଧର ଘୋର ଅନ୍ତରାୟ ।'

ରାଜେନ୍ଦ୍ର ପ୍ରସାଦଙ୍କ ଉକ୍ତି ସଙ୍ଗେ ଏ ଟିପ୍ପଣୀ ଦେଖି ଖାପ ଖାଉଛି "ଚୂଡ଼ାକୁ ଗୁଡ଼ ସାକ୍ଷୀ ।" 'ହିନ୍ଦି ଭାଷୀ ନ ହେଲେ ଆଜି ଜଣେ ନେଇଯିବ, ଏଣୁ ହିନ୍ଦି ଧୁରାଇ ଦିଅ'—ଏ ଯୁକ୍ତି ଯେପରି ହାସ୍ୟାସ୍ପଦ, 'ହିନ୍ଦି ଭାଷୀ ନୁହେ, ଏଣୁ ତାହା ବଙ୍ଗଳା ଅଞ୍ଚଳ', ଏ ଯୁକ୍ତି ତତୋଧିକ ହାସ୍ୟାସ୍ପଦ ! ରାଜେନ୍ଦ୍ର ପ୍ରସାଦ କି ଜାଣନ୍ତି ନାହିଁ ଯେ ଏ ଅଞ୍ଚଳ ବଙ୍ଗାଳିମାନେ ଏବେ ଦାବୀ କରୁଛନ୍ତି ତାହା ନୁହେ, ଏ ଅଞ୍ଚଳ ଗୁଡ଼ିକ ଓଡ଼ିଆ ଅଞ୍ଚଳ; ଓଡ଼ିଆ ଜାତି ଏ ଗୁଡିକୁ ବହୁକାଳରୁ ଦାବୀ କରି ଆସୁଛି ? ବଙ୍ଗର ନ୍ୟାୟସଙ୍ଗତ, ଓଡ଼ିଶାର ନୁହେ ? କୃତ୍ରିମ ଭାବରେ ହିନ୍ଦି ଭାଷା ଧୁରାଇବା ଠିକ୍ ନ ହେଲେ, ସେପରି ଭାବରେ ବଙ୍ଗାଳି ଭାଷା ଧୁରାଇବା ଠିକ୍ ହେବ କି ? ହିନ୍ଦି ଭାଷାର ଅପବ୍ୟବହାର କ୍ଷୋଭ-ଜନକ ହେଲେ, ବଙ୍ଗାଳି ଭାଷାର ଅପବ୍ୟବହାର କ୍ଷୋଭଜନକ ହେବ ନାହିଁ କି ? ବିହାରର ସଙ୍କୀର୍ଣ୍ଣ ପ୍ରାଦେଶିକତା ଭାରତୀୟ ଏକତାରେ ବାଧା ଦେଲେ ବଙ୍ଗୀୟ ପ୍ରାଦେଶିକତା କି ବାଧା ଦେବ ନାହିଁ ?

ଏ ସମ୍ପର୍କରେ 'ଖରସୁଆଁ ଓ ସରେଇକଲା' ତ ଦେଶରେ ହୁଲସ୍ଥୁଲ ପକାଇ ଦେଲାଣି । ନିରୀହ ଆଦିବାସୀଙ୍କୁ ମତାଇ ନିସ୍ତାରଣରେ ଓଡିଆ ରାଜ୍ୟ ଓଡିଶା ରେ ମିଶିବାର ନ୍ୟାୟ ସଙ୍ଗତ ସମାଧାନରେ ଶ୍ରୀଯୁକ୍ତ ଜୟପାଳ ସିଂହଙ୍କୁ ହାତକରି ବିହାରର କଂଗ୍ରେସ-ଧ୍ୱଜାଧାରୀ ନେତୃବର୍ଗ ଯେଉଁ ହତ୍ୟାକାଣ୍ଡ ଓ ଅଶୋଭନୀୟ ସଂଘର୍ଷର ସୂତ୍ରପାତ କରିଛନ୍ତି, ତାହାର ବିଷମୟ ଫଳ ସେମାନେହିଁ ଭୋଗ କରିବେ । ଏଣେ ବିହାର-ଓଡିଶା ରାଷ୍ଟ୍ର ଦୁଇ ବିବାଦ କଳହର ସୁବିଧା ନେଇ ପ୍ରବାଦକ ମାଙ୍କଡ଼ ବଙ୍ଗ ଏ ଅଞ୍ଚଳଗୁଡ଼ିକୁ ଅମୂଳକ ଐତିହାସିକ ଉପାଦାନ ଓ ମିଥ୍ୟା ବଙ୍ଗଭାଷୀ ଜନ ସଂଖ୍ୟାର ଛଳନରେ ଯେପରି ଝାମ୍ପି ନେବାକୁ ବସିଛି, ତାହା କମ ଆସ୍ପର୍ଦ୍ଧା, ପ୍ରବଞ୍ଚନାର ବିଷୟ ନୁହେ । ସେ ଯାହା ହେଉ ଓଡିଆ ଜାତିର ଏ ସମ୍ବନ୍ଧେ କର୍ତ୍ତବ୍ୟ ସଦ୍ୟ, ଗୁରୁତର, ବିଷମ । ଧନ, ମନ, ଏକତା, ଗବେଷଣା, ନିଷ୍ଠାପର କର୍ମ, ଯୁକ୍ତି,



Digitized by srujanika@gmail.com

ଲେଖାଲେଖି, ଉପାଦାନ ଛିଡ-ସଂଗ୍ରହ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ Tribrunal ତଥା ଶାସକ ଓ ନେତୃବର୍ଗଙ୍କ ସମ୍ମୁଖରେ ସେ ଗୁଡ଼ିକର ସମୁଚିତ ଉପସ୍ଥାପନ ଇତ୍ୟାଦି ଜରୁର ଲୋଡ଼ା । ଏପରି ଘଡ଼-ସନ୍ଧି ବେଳେ କି ଓଡ଼ିଆ ଜାତି ନିଶ୍ଚେଷ୍ଟ ରହିବ ?

× × × ×

ନିଖିଳ ଭାରତ ଲେଖକ ସମ୍ମିଳନୀର ପ୍ରଥମ ଅଧିବେଶନ ଗତ ୧୯୪୫ ଅକ୍ଟୋବର ୨୦-୨୨ ମଧ୍ୟରେ ଜୟପୁରଠାରେ P. E. N. କର୍ତ୍ତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ତହିଁରେ ପ୍ରଥମ ଅବଦାନ ସ୍ୱରୂପ 'The Indian Literatures of today' ଶୀର୍ଷକ ପୁସ୍ତକରେ ନିଖିଳ ଭାରତର ବିଭିନ୍ନ ଭାଷାମୂଳକ ସାହିତ୍ୟ-ସମ୍ପଦର ପରିଚୟ ଦେଇ ବିଭିନ୍ନ ପ୍ରଦେଶର ବରେଣ୍ୟ ଲେଖକଙ୍କ ଲେଖନୀ ନିଃସୃତ ଖଣ୍ଡିଏ ଖଣ୍ଡିଏ ପ୍ରବନ୍ଧ ପ୍ରକାଶ ପାଇଛି । ସେଥିରେ ପ୍ରାଚୀନ ଓ ଅର୍ବାଚୀନ ଓଡ଼ିଆ ସାହିତ୍ୟର ତତ୍ତ୍ୱ ଗବେଷଣା କରି ଶ୍ରୀଯୁକ୍ତ କାଳିନ୍ଦି ଚରଣ ପାଣିଗ୍ରାହୀ ଖଣ୍ଡିଏ ପ୍ରବନ୍ଧ ଦେଇଛନ୍ତି । ପ୍ରବନ୍ଧଟି ମୂଲ୍ୟବାନ୍ ଓ ଚିନ୍ତାଶୀଳ ହୋଇଛି । ଜଗତ ସମ୍ମୁଖରେ ଓଡ଼ିଆ ସାହିତ୍ୟର ସୌନ୍ଦର୍ଯ୍ୟ-ଭଣ୍ଡାର ଉନ୍ମୁକ୍ତ କରିବାକୁ ଲେଖକ ଉପକ୍ରମ କରିଛନ୍ତି । ଓଡ଼ିଆ ସାହିତ୍ୟର ସମ୍ମାନ ତଥା ମହତ୍ତ୍ୱକୁ ଲକ୍ଷ୍ୟ କରି ପ୍ରବନ୍ଧ ଲେଖା ଯାଇଛି । ଲେଖକ ପ୍ରବନ୍ଧର ପ୍ରଥମ ଭାଗରେ ଅଭାବ ପ୍ରଦର୍ଶାଇ ଲେଖିଛନ୍ତି—

'To describe fully the growth of Oriya Literature during the past fifty years requires more lite and Shace than there is at my disposal. The growth is so vaied and vast that it would be very difficult to present faithfully all its aspects in a short Compass.'

ଅର୍ଥାତ୍ "ଗତ ପଚାଶ ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ବିସ୍ତୃତ ଭାବରେ ବର୍ଣ୍ଣନା କରିବାକୁ ଗଲେ ବହୁଳ ସ୍ଥାନ ଓ ସମୟ ଆବଶ୍ୟକ, ତାହା ମୋହର ଅଭାବ । ଏହି ଅଭିବୃଦ୍ଧି ଏତେ ବହୁମୁଖୀ ଓ ବ୍ୟାପକ ଯେ ତାହାର ବିଭିନ୍ନ ବିଭାବ ସଂକ୍ଷେପରେ ନିଖୁଣ ଭାବରେ ଉପାଦନ କରିବା ଅତି କଷ୍ଟକର ।"

ଲେଖକ ପ୍ରବନ୍ଧ ଆରମ୍ଭରୁ ଉକ୍ତ ବୃଦ୍ଧି ବୃତ୍ତର ସୂଚନା ଦେଇଛନ୍ତି । କିନ୍ତୁ ତହିଁ ଭିତରେ ଭକ୍ତକବି ଗୋପାଳକୃଷ୍ଣ, ରାଜା ମଧୁସୂଦନ ଦେବ, ରାଜା କୃଷ୍ଣସିଂହ ଦେବ, ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମ ଦେବ ବର୍ମା, 'ଭାଷାତତ୍ତ୍ୱ' ରଚୟିତା ନନ୍ଦ, କବି ଶେଖର ଗୋପବନ୍ଧୁ, କପିଳେଶ୍ୱର ଦାସ, ରାଜା ଲକ୍ଷ୍ମୀନାରାୟଣ ହରି ଚନ୍ଦନ ଜଗଦେବ ପ୍ରଭୃତି ଅନେକ ଦକ୍ଷିଣ-ଓଡ଼ିଶା ତଥା ବର୍ତ୍ତମାନର ଦକ୍ଷିଣ ବିଚ୍ଛିନ୍ନ ଅଞ୍ଚଳର ଅତୀତ ଓ ବର୍ତ୍ତମାନର ପଣ୍ଡିତ କବି ତଥା ଲେଖକଙ୍କ ନାମ ଓ ପରିଚୟ ଦେଇନାହାନ୍ତି ।" ଏହା ଗୋଟାଏ ଗୁରୁତର ଅଭାବ । ବିଚ୍ଛିନ୍ନାଞ୍ଚଳର ମୁଖପତ୍ର ରୂପେ 'ବାଣୀ' ଏ ଅଭାବ ତୀବ୍ର ଭାବରେ ଅନୁଭବ କରୁଛି । ଆଶାକରୁ, ଲେଖକ ଶୀଘ୍ର ଏ ଅଭାବ ପୂରଣ କରିବାରେ ଯତ୍ନବାନ ହେବେ । 'ବାଣୀ'ର ପାଠକ-ଲେଖକ ଉପରୋକ୍ତ ପଣ୍ଡିତ ବା କବି ବା ଲେଖକଙ୍କ ଜୀବନୀ ଓ ତାଙ୍କ ଲେଖାର ସମାଲୋଚନା ପଠାଇଲେ ତାହା ଆମେ ପ୍ରକାଶ କରିବାରେ ସୁଖୀ ହୁଅନ୍ତୁ ।



Digitized by srujanika@gmail.com

## ଜୀବନ ଚମ୍ପୂ :—

ରଚକ—ଶ୍ରୀ ଲାଲମୋହନ ପଟ୍ଟନାଏକ
ପ୍ରକାଶକ—ଷ୍ଟୁଡେଣ୍ଟସ୍ ଷ୍ଟୋର
ମୂଲ୍ୟ ଆଠ ଅଣା ।

ଲେଖକ କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ' ଚମ୍ପୂର ଶୈଳୀ ଅବଲମ୍ବନରେ ଏହି ବହିଟି ପ୍ରଣିଧାନ କରିଛନ୍ତି । କବିସୂର୍ଯ୍ୟ ରାଧାକୃଷ୍ଣଙ୍କ ଲୀଳାକୁ ଅନୁସରଣ କରି କିଶୋର ଚମ୍ପୂ ରଚନା କରିଥିବାରୁ ସେ କେବଳ ଆଦି ରସାପ୍ଲୁତ । କିନ୍ତୁ ଜୀବନ ଚମ୍ପୂ ଲେଖକ ଐଶ୍ୱରିକ ଚିନ୍ତାନୁଶୀଳ ହୋଇ ଲେଖିଥିବା ଯୋଗୁଁ ତାହା ଆଦିରସ ବର୍ଜିତ ଭକ୍ତିରସାଙ୍କିତ । ଏହି ଚମ୍ପୂ ଗୁଡ଼ିକରେ ଭୂଷଣିତ ଭାଷା, ରମଣୀୟ ଭାବ ସଙ୍ଗେ ସଙ୍ଗେ [illegible] ଓଡ଼ିଆର ଚଟୁଳ ପଟୁତା ପର୍ଯ୍ୟବେସିତ ଥିବା ଯୋଗୁଁ ତାହା ନିଶ୍ଚୟ ଗାନୋପଯୋଗୀ [illegible] । ଏଥିରେ କେବଳ ଈଶ୍ୱର ସମ୍ପର୍କ ଥିବା ଯୋଗୁଁ ଏହା ଆବାଳ-ବୃଦ୍ଧ-ବନିତା ଏକ କଣ୍ଠରେ ଗାନ କରିପାରିବେ । ବୋଧହୁଏ ଏହି ଗଣ-ସାହିତ୍ୟ ଯୁଗରେ ଏହି ପ୍ରାକ୍‌କାଳୀନୋଦ୍ଭୂତ ଜୀବନ ଚମ୍ପୂର କନକ କିରଣ ସମାଜ ମଧ୍ୟରେ ଜାଳି ଦେବ ଜାଗରଣ ଦୀପ । ଲେଖକ ଉତ୍କଳ ବାଣୀ ମନ୍ଦିର ତଳେ ନୂତନ ପୂଜା ସମ୍ଭାର ଦେବାପାଇଁ ଯେଉଁ ପ୍ରୟାସୀ ହୋଇଛନ୍ତି ସେଥିପାଇଁ ଆମେ ଅଶେଷ ଧନ୍ୟବାଦ ଦେଉଛୁ ।

## ବିଦ୍ରୋହୀ ଦିବାକର :—

ଲେଖକ—ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର
ପ୍ରକାଶକ—ସାରସ୍ୱତ ଭଣ୍ଡାର, କଟକ
ମୂଲ୍ୟ ଚାରି ଅଣା ।

ଉଣପୁରର ଦିବାକର ଓ ରଘୁ ମହାନ୍ତି ଯେଉଁ ବିପ୍ଳବ ବହ୍ନି ପିଣ୍ଡୁଳା ଫିଙ୍ଗି ଦେଇ ଚାଲି ଯାଇଛନ୍ତି ସେହି ପିଣ୍ଡୁଳାଲୋକ ତଳେ ବସି ଆଜି ଏହି ବହିଟି ଲେଖକ ରଚନା କରିଛନ୍ତି । ପୁସ୍ତିକାଟିରେ କେବଳ ନ ଗୋଟି ଛୋଟିଆ କବିତା ସ୍ଥାନ ପାଇଛନ୍ତି । ତରୁଣ ଲେଖକଙ୍କର ଭାଷା ମାର୍ଜିତ, ସ୍ପଷ୍ଟ, ସୁନ୍ଦର ଓ ଭାବ ଗମ୍ଭୀର ଓ ଉତ୍ତେଜକ ହୋଇପାରିଛି । ଲେଖାର ସ୍ଥାନେ ସ୍ଥାନେ ଲେଖନୀର ପରିପକ୍ୱ ଚାଳନତା ଦେଖିପାରି ଆମେ ଅଶେଷ ଆନନ୍ଦ ଅନୁଭବ କରୁ । ଆଶାହୁଏ ତରୁଣ କବି ଦିନେ ସ୍ୱନାମ ଧନ୍ୟ ହେବେ ।

## ଆରତୀ :—

ମୂଲ୍ୟ ଚାରିଅଣା
ଲେଖକ—ଶ୍ରୀ ମୁରାରି ବେହେରା
ପ୍ରକାଶକ—ସାରସ୍ୱତ ଭଣ୍ଡାର, କଟକ

ସାତ ଗୋଟି ସୁଲଳିତ ମାଧୁର୍ଯ୍ୟପୂର୍ଣ୍ଣ କବିତାର ସମଷ୍ଟି । ତରୁଣ କବି ଲେଖନୀ ଚାଳନରେ ଯଥେଷ୍ଟ ଦକ୍ଷତା ଦେଖାଇବାପାଇଁ ଯେଉଁ ପ୍ରୟାସ ନେଇଛନ୍ତି ସେଥିପାଇଁ ପ୍ରଶଂସାର୍ହ । ଆଶାହୁଏ ଲେଖକ ଏ ଦିଗରେ ଅଧିକ ଅଗ୍ରଗାମୀ ହୋଇ ଦେଶକୁ କେତେ ପ୍ରଶସ୍ତ ବହିମାନ ଉପହାର ଦେବେ । ଲେଖକଙ୍କୁ ଆମେ ସ୍ୱାଗତ ବାଣୀ ଜଣାଉ ।

## ପ୍ରଣତି :—

ଲେଖକ—ଶ୍ରୀ ବଂଶୀଧର ପଟ୍ଟନାୟକ
ପ୍ରକାଶକ—ସାଧନା ପାଠାଗାର, ବ୍ରହ୍ମପୁର
ମୂଲ୍ୟ ଚାରିଅଣା

କବି ଜୀବନର ସୁଖ-ଦୁଃଖ, ବିରହ-ମିଳନ ଆଶା-ନିରାଶା ପଥରେ ପଥିକ ହୋଇ ଏହି ବହି ଖଣ୍ଡିକ ଲେଖିଛନ୍ତି । ଭାବ ଯେମିତି ସରସ, ପୁଷ୍ଟ ଓ ମନୋଗ୍ରାହ୍ୟ, ଭାଷା ବି ସେମିତି ସରଳ, ଲଳିତ ଓ ଗାମ୍ଭୀର୍ଯ୍ୟ ହୋଇ ପାରିଛି । ତରୁଣ କବିଙ୍କର ଦୃଷ୍ଟି ଟିକିଏ ପଦାଡ଼ମ୍ବର ପ୍ରତି ଥିବା ଯୋଗୁଁ ଭାବରେ ଅଭାବ ଘଟିଛି । ଲେଖକଙ୍କର ଏହି ପ୍ରଣତି ପ୍ରଥମ ଅବଦାନ ହେଲେହେଁ ପାଠକର ମନ ଶିହରି ଉଠେ । ଲେଖକ ଉତ୍କଳ ବାଣୀ ପୀଠ ତଳେ ପୂଜା ସମ୍ଭାର ବାଢ଼ି ଖ୍ୟାତି ଅର୍ଜନ କରନ୍ତୁ ।



Digitized by srujanika@gmail.com

# ନିୟମାବଳୀ

'ବୀଣା' ପ୍ରତ୍ୟେକ ଓଡ଼ିଆ ଶୁଦ୍ଧ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ। ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପହିଲା ତାରିଖରେ ପଠାଇ ଥିବେ।

ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖିଥିବା ଉଚିତ। ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ।

ଲେଖକ ଡାକଟିକଟ ଯୋଗାଇ ଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ।

ସମ୍ପାଦକ, 'ବୀଣା'
ଟିକିଲି, (ବିଶାଖାପାଟଣା ଜିଲ୍ଲା)

# ବିଜ୍ଞାପନ

'ବୀଣା'ର ବାର୍ଷିକ ମୂଲ୍ୟ ସଡ଼ାକ ଟ ୫୲, ଏହା ଅଗ୍ରୀମ ଦେୟ। ଗ୍ରାହକଙ୍କ ଇଚ୍ଛାନୁମତେ ଭି. ପି. ରେ ମଧ୍ୟ ପଠାଯିବ।

ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦୲୶

'ବୀଣା' ସମ୍ପର୍କରେ ଯେ କୌଣସି କଥା ପତ୍ରଦ୍ୱାରା ଜାଣିବାକୁ ହେଲେ ଗ୍ରାହକମାନେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ।

କିଛି କାଳ ପାଇଁ ଗ୍ରାହକ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ।

ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ର ଆଦାନ ପ୍ରଦାନ ରଖିବେ।

କୌଣସି କାରଣ ବଶତଃ 'ବୀଣା' ପାଇବାର ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ।

ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ।

ଶ୍ରୀ ଭବାନୀ ପ୍ରସାଦ ଦେଓ
ପରିଚାଳକ, 'ବୀଣା'
ଟିକିଲି (ବିଶାଖାପାଟଣା ଜିଲ୍ଲା)

## ବିଜ୍ଞାପନର ନିୟମାବଳୀ

| | |
|---|---|
| ଏକ ମାସ ନିମନ୍ତେ ପୃଷ୍ଠାର ପ୍ରତି ସ୍ତମ୍ଭର ଏକ ଧାଡ଼ିକୁ | ...ଟ ୦୲ |
| ″ ″ ପୂର୍ଣ୍ଣ ଏକ ପୃଷ୍ଠାକୁ ... | ...ଟ ୩୦୯ |
| ସେହି ବିଜ୍ଞାପନଟି ଛ ମାସ ଯାଏ ରଖିଲେ ପ୍ରତି ମାସକୁ ପ୍ରତି ଧାଡ଼ିକୁ | ...ଟ ୦୲୶ |
| ″ ″ ″ ″ ପୂର୍ଣ୍ଣ ଏକ ପୃଷ୍ଠାକୁ .. | ...ଟ ୧୫୯ |

ଶ୍ରୀ ଭବାନୀ ପ୍ରସାଦ ଦେଓ
ପରିଚାଳକ, 'ବୀଣା'
ଟିକିଲି (ବିଶାଖାପାଟଣା ଜିଲ୍ଲା)

Digitized by srujanika@gmail.com

*Regd. No. M. 5003*

|କ ବାର୍ଷିକ ଦେୟ ଟ ୬।

ପ୍ରତି ଖଣ୍ଡ ଟ ୦।୵

## ବିଜ୍ଞପ୍ତି

'ବୀଣା' ପାଇଁ ଏଜେଣ୍ଟ ଦରକାର । ଯେଉଁ ଏଜେଣ୍ଟମାନେ ଅନ୍ୟୁନ ପଞ୍ଚାବନ ନୂତନ ଗ୍ରାହକ ସଂଗ୍ରହ କରିବେ ସେମାନଙ୍କୁ ଶତକରା ପଚିଶ ଟଙ୍କା କମିସନ ଦିଆଯିବ । ଅଧିକ ସଂଖ୍ୟକ ଗ୍ରାହକ ସଂଗ୍ରାହକମାନଙ୍କ ପକ୍ଷେ ଶତକରା ତିରିଶ ମଧ୍ୟ ଦିଆଯିବ । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାରେ ଲେଖନ୍ତୁ ।

ଶ୍ରୀ ଭବାନୀ ପ୍ରସାଦ ଦେବ
ପରିଚାଳକ, 'ବୀଣା'
ଦିଗଲ (ବିଶାଖାପାଟଣା ଜିଲ୍ଲା)

ମୁଦ୍ରାକର :—ଶ୍ରୀ ନରସିଂହ ମିଶ୍ର,
'ତାରା ପ୍ରେସ' ବାଖରାବାଦ, କଟକ

ପ୍ରକାଶକ ଓ ସମ୍ପାଦକ:—ଶ୍ରୀ ମଧୁସୂଦନ ଦେବ,
ବି. ଏ.

Digitized by srujanika@gmail.com



ପ୍ରଥମ ଭାଗ

ଦ୍ୱାଦଶ ସଂଖ୍ୟା

## ବଚ୍ଛିନାଞ୍ଚଳର ଏକାମତ୍ର ମାସିକ ପତ୍ରିକା

ସମ୍ପାଦକ—ଶ୍ରୀ ମଧୁସୂଦନ ଦେବ, ବ. ଏ.

Digitized by srujanika@gmail.com

# ସୂଚୀ


| କ୍ର: ନଂ: | ବିଷୟ | | ଲେଖକ | ପୃଷ୍ଠା |
|---|---|---|---|---|
| ୧. | ଉତ୍ତର | ( କବିତା ) | ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାସ, ଏମ୍. ଏ. | ୪୬୯ |
| ୨. | ଲୋକ ଶାସନ ଓ ସାହିତ୍ୟ | ( ପ୍ରବନ୍ଧ ) | ଶ୍ରୀ ନବକିଶୋର ଦାସ ବି. ଏ. ବି. ଏଲ୍. | ୪୭୧ |
| ୩. | ଭଣ୍ଡାବାଡ଼ | ( ଗଳ୍ପ ) | ଶ୍ରୀ ରାଜକିଶୋର ପଟ୍ଟନାୟକ ବି.ଏସ୍.ସି.ବି.ଏଲ୍. | ୪୭୨ |
| ୪. | ଶ୍ରଦ୍ଧାଞ୍ଜଳି | ( କବିତା ) | ଶ୍ରୀ କପିଳେଶ୍ୱର ଶ୍ରେଷ୍ଠସିଂହ, ଏମ୍. ଏ. | ୪୭୯ |
| ୫. | ମହାମାନବ ମହାତ୍ମାଜୀ | ( ପ୍ରବନ୍ଧ ) | ଅଧ୍ୟାପକ ଶ୍ରୀ ସିଦ୍ଧେଶ୍ୱର ହୋତା, ଏମ୍. ଏ. | ୪୮୧ |
| ୬. | ବନଫୁଲ ଚକ୍ରଧୂଳି | ( ଗଳ୍ପ ) | ଶ୍ରୀମତୀ ପ୍ରେମଲତା ଦାସ. | ୪୮୩ |
| ୭. | ହୃଦେ ବାହୁଳାଷ ଭସ୍ମ | ( କବିତା ) | ଶ୍ରୀ ଗୋପାଳ କାନୁନଗୋ ବି. ଏ. | ୪୮୬ |
| ୮. | ଉତ୍ତରକାଣ୍ଡ ରାମାୟଣ ନୁହେଁ ଏବଂ ବାଲ୍ମୀକି ରଚିତ ନୁହେଁ. | ( ସମାଲୋଚନା ) | ଶ୍ରୀ ଜଳନ୍ଧର ଦେବ. | ୪୮୭ |
| ୯. | ଗାନ୍ଧୀବାଦର ଗୋଟିଏ ପୃଷ୍ଠା | ( ପ୍ରବନ୍ଧ ) | ଶ୍ରୀ ସଦାନନ୍ଦ ରଥ, ବିଏ. ( ଅନର୍ସ ) | ୪୯୧ |
| ୧୦. | ଗାନ୍ଧୀହତ୍ୟାରେ ଉତ୍ଥିତ ପ୍ରଶ୍ନ, ୧. | ( ପ୍ରବନ୍ଧ ) | ଶ୍ରୀ ଲବ୍ଧଚନ୍ଦ୍ର ବିଦ୍ୟାଳଙ୍କାର. | ୪୯୫ |
| ୧୧. | ଭଲା ମେଣ୍ଢା | ( କବିତା ) | ଶ୍ରୀ ବେଣୁଧର ରାଉତ, ବି. ଏ. ( ଅନର୍ସ ) | ୪୯୭ |
| ୧୨. | ଏଥିପ୍ରତି ନଜର ଦିଅ | ( ଗାଳ୍ପିକ ) | ଶ୍ରୀ ଚକ୍ରଧର ମହାପାତ୍ର. | ୪୯୮ |
| ୧୩. | ଭାରତବର୍ଷର ଓଡ଼ିଶା | ( ପ୍ରବନ୍ଧ ) | ଡାକ୍ତର ସର୍ବଚରଣ ପଣ୍ଡା ଏଲ୍. ଏମ୍. ପି. | ୫୦୦ |
| ୧୪. | ଜୟଦେବ | ( କବିତା ) | ଶ୍ରୀ ନୀଳକଣ୍ଠ ରଥ, ବି. ଏ. | ୫୦୪ |
| ୧୫. | ଶ୍ରୀ ହର୍ଷ | ( ଜୀବନୀ ) | ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ | ୫୦୫ |
| ୧୬. | ଶେଷ ଶିଖା ଜଳେ | ( ଗଳ୍ପ ) | ଶ୍ରୀ ରାମଚନ୍ଦ୍ର ରଥ | ୫୧୦ |
| ୧୭. | ବହୁ ଭାଷ | ( କବିତା ) | ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ବି. ଏ. ( ଅନର୍ସ ) | ୫୧୨ |
| ୧୮. | ମେଘଦୂତ ଅପୂର୍ବ ବର୍ଣ୍ଣନ | ( ସମାଲୋଚନା ) | ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ | ୫୧୩ |
| ୧୯. | ନ୍ୟାୟ ଦର୍ଶନର ଉପଯୋଗିତା | ( ପ୍ରବନ୍ଧ ) | ଅଧ୍ୟାପକ ଶ୍ରୀ ରଘୁନାଥ ରଥ | ୫୧୪ |
| ୨୦ | ସମ୍ପାଦକୀୟ | | | ୫୧୬ |


Digitized by srujanika@gmail.com



୧୨ ସଂଖ୍ୟା | ବୀଣା | ପ୍ରଥମ ଭାଗ

ଓଁ ଯସ୍ତେ ସ୍ତନଃ ଶଶୟୋ ଯୋମୟୋଭୂ
ର୍ଯୋ ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ ।

ଫାଲ୍‌ଗୁନ ୧୩୪୫

ଯେନ ବିଶ୍ୱା ପୁଷ୍ୟସି ବାର୍ଯାଣି
ସରସ୍ୱତି ତମିହ ଧାତବେ କଃ ॥

# ଦଧୀଚି

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶ, ଏମ୍. ଏ.

କୁହୁ କେକାବଳ କାକଳି ଚହଲେ ଉଛୁଳେ କାନନ ବୀଥିକା
ପତର୍ଣ୍ଣେ ପର୍ଣ୍ଣେ ସ୍ୱର୍ଣ୍ଣ ବର୍ଣ୍ଣେ ଅରୁଣ କିରଣ ଦୀପିକା
ଭ୍ରମର ଭ୍ରମିଛି କୁସୁମେ କୁସୁମେ
ହୋମାନଳ ଧୂମ ବିମଳିନ ଦ୍ରୁମେ
ପ୍ରକୃତି ଶୋଭା ଲିପିକା
କିରଣ ଅରୁଣା ଦଧୀଚି କରୁଣା ଦୟା କୁଳୁ କୁଳୁ ଗୀତିକା ।
ଆଲୋକିତ କରି ପ୍ରଭାତ ଆଲୋକ ମୁକୁଟ ରତନ କିରଣେ
ତପୋବନେ ଅବତରିଲେ ଇନ୍ଦ୍ର ବେଦନା ମଥିତ ନୟନେ
କେସନେ କହିବେ ନ ପାରିଲେ କଳି
"ଦେବତାଙ୍କ ଲାଗି ଦିଅ ଦେହ ବଳି"
ଦାରୁଣ ତରୁଣ ଜୀବନେ—
ଚୂର୍ଣ୍ଣ କରେ କେ ପୂର୍ଣ୍ଣଚନ୍ଦ୍ର ପାରିଜାତ ଦଳେ ଚରଣେ ?
ଋଷି କର ସମ ଗଭୀର ଅଙ୍ଗ ସାଧନାର ତେଜେ ଝଲସେ
ବିଶ୍ୱର ଯେତେ ସୁଷମା ଯେସନେ ଶ୍ରୀମୁଖ ମୟୂଖେ ବିକଶେ
ଶଙ୍କର ଏ ଯେ ମହା ହିମାଚଳ
ଭକ୍ତର ଅତି ଅତଳ ସାଗର
ତ୍ୟାଗର ମହିମା ବିଲସେ
ଲୋମକୂପୁଁ ଝରେ ଉଦୟ କିରଣ ହୃଦୟର ଚିର ହରଷେ ।

Digitized by srujanika@gmail.com

ଅମର ପୁରର ଗୌରବ କାହିଁ ନର ସୌରଭ ଦଳନେ ?
ସ୍ୱାର୍ଥ ଶରଣ ମାଗିବ ମରଣ ମହା ମାନବର ଚରଣେ !
ସ୍ୱର୍ଣ୍ଣ ସୁରଗ ଧ୍ୱଂସୁ ଅସୁର
ବରଦ ନାହିଁ ମୁଁ କର୍ମ ପ୍ରସୂର
ମରତ ଗହନ କାନନେ
ବରଦ ନାହିଁ ମୁଁ ପାତାଳ ପତନ ଦେବର ଦେବତା ଆସନେ ;
କେ ମାଗେ ଶରଣ ଅନ୍ନ ବସନ ଧନ ଲାଗି କେହୁ ଭିକାରୀ
ମାଗଇ ଜୀବନ ଶତ୍ରୁ ଅଧମ ସତ୍ୟ ଶିବର ଶିକାରୀ
ହୀନ ନୋହୁଁ ହୃଦ ମୃତ୍ୟୁ କାତର
ଦୀନ ନୋହୁ ମନ ସ୍ୱାର୍ଥ ବକଳ
ପ୍ରାଣ ନୋହୁ ସାନ କାହାର
ଶଶୀ ହସି ଉଠୁ ଉଦାର ଅମର ମୃତ୍ୟୁତମରୁ ବାହାର ।
ଦଧୀଚିର ଯୋଗନିଦ୍ରା ଭାଙ୍ଗିଲା ଦେବଙ୍କ ବର ଆଦରେ
ବୋଇଲେ ବୁଝିଲି କି ଲହରୀ ଉଠେ ଦେବତା ମାନସ ସାଗରେ
ସାର୍ଥ ଜୀବନ ରକ୍ତେ ମୋହର
ସିକ୍ତ ହୋଇଲେ ଏକ ତୃଣ ଦଳ
ମାଟିର ପ୍ରଦୀପ ତେଜରେ
ଅଲୋକର ପଥ ସ୍ୱର୍ଗ କି ଅପବର୍ଗ ଲୋଟେ ନା ପଦରେ !
ମେଘ କାମଧେନୁ କ୍ଷୀର ବରଷଣେ ଉର୍ବର କରେ ଧରଣୀ
ଯୁଗର ଶସ୍ୟ ମଣିଷ ହାସ୍ୟ ବିଧାତା କୃଷକ କରଣୀ
ପ୍ରତିଦାନ କିସ ଦଏ ନର ଛାର ?
ତା'ଲେ କାହାରେ ଧନ୍ୟ ତାହାର
ଜୀର୍ଣ୍ଣ ଜର୍ଜରି ତରଣୀ,
ଧନ୍ୟ ଜୀବନ କଣ୍ଟକ ହୀନ କରେ ଯେ ଦେବତା ସରଣୀ ।
ଝଳେ ଝଳେ ବର୍ଣ୍ଣ ଦେଇ ସ୍ୱଜୀବନ ଜଳିଯାଏ ଯେଉଁ ବଳିତା
ଝରେ ଯେ ଝରଣା ମରୁଭୂମି ତୀରେ ଜଳ ଧାର ଧାର ଢାଳି ତା
ହସେ ଯେ ବଉଦ ବରଷି ବରଷି
ଢାଳି ଅମୃତ ଅସ୍ତ ଯେ ଶଶୀ
ସେ ଯେ ଜୀବନର କବିତା
ଈଶ୍ୱର ଚିତ୍ତେ ବିଶ୍ୱର ହିତେ ଧନ୍ୟ ଜୀବନ ବଳି ତା ।
ସନ୍ଧ୍ୟା ଚହଲେ ଆକାଶ ଚହଲେ ଅଶ୍ରୁ ଆକୁଳ କାନନ
ନିଭେ ହୋମାନଳ ତେଜ ଝଲଝଲ ଅଚଳ ନଦୀର ଜୀବନ
ମଉଳି ଗଲା ଯେ ଧଉଳି ଆନନ
ପତିତ କୁସୁମେ ଦିବସ ବେଦନ
ହରିଣ ଚକିତ ନୟନ
ଶିଷ୍ୟ କୁମାରେ ଭେଟିଲେ ମୁନୀଶ ମହାଭାବେ ମନ ମଗନ ।



Digitized by srujanika@gmail.com

"ଜୀବନ ନୁହଇ ମୋହର ମୋହର ବର୍ଷେ ଲକ୍ଷେ ଯାହା ଜଗତ
ପର ଉପକାରେ ବଳି ଦେଲେ ତାରେ ମୂଲ୍ୟ ବଢ଼ଇ ନିରତ
ଜୀବନେ ଅର୍ଥ ତଲେ ନାହିଁ ଯା'ର
ବଞ୍ଚ ମରଣେ ସେତୁ ଜୀବନ ତାହାର
ପର ସେବା ବ୍ରତ ବରତ
ତପବଳେ ବନ୍ଧୁ ଅଦେଶ ଅସିଛି ନ ହୁଅ ବସ୍ତ୍ର ଅରତ ।"
ଜଳିଲା ଅଗୁରୁ ଗୁଗ୍‌ଗୁଳ ଧୂପ ଚନ୍ଦନ ବାସନା
ମୁନି ଯୋଗାସନେ ହରି ନାମ ଧ୍ୟାନେ ହସି [illegible] ନିଖିଳ ବାସନା
ମୁଦ୍ରିତ ଅକ୍ଷି ସ୍ନିଗ୍ଧ କମଳ
ଲଲାଟେ ବିକଶେ ଜ୍ୟୋତି ଶତଦଳ
ଦଧୀଚି ସମାଧି ସାଧନା
ଲକ୍ଷେ ଡଉତ ଅଙ୍ଗେ ଜଉତ ମହା ଅଦ୍‌ଭୁତ କଳନା ।
ପରମବ୍ରହ୍ମ ମୂରତ ମୂର୍ତ୍ତି ମୁନି ଧ୍ୟାନ ପଥେ ଉଦୟ
ବ୍ରହ୍ମ ରନ୍ଧ୍ର ଫୁଟି ବ୍ରହ୍ମର ଜ୍ୟୋତି ସେ ମିଳନେ ଅଥୟ
ଦୀପ୍ତ ଅଯୁତ ଉଜ୍ଜ୍ୱଳ ଜ୍ୟୋତି
ମଧ୍ୟେ ମିଶିଲା ମୁନି ଦେହ ମୋତି
ସ୍ୱର୍ଗ ଘୋଷିଲା ବିଜୟ
ଦୂତଗଣେ ପଥେ କୁସୁମ ଅସାରେ ଗଦ୍‌ଗଦ ଦିଗବଳୟ ।

# ଲୋକଶାସନ ଓ ସାହିତ୍ୟ

ଶ୍ରୀ ନବକିଶୋର ଦାସ

## ଶାସନ ଓ ସାହିତ୍ୟ—

ଶାସନ ପଦ୍ଧତି ସହିତ ସାହିତ୍ୟର କିଛି ସମ୍ପର୍କ ଅଛି କି ? ଯେତେବେଳେ ଦେଶରେ 'ରାଜତନ୍ତ୍ର' ପ୍ରତିଷ୍ଠିତ ଥିଲା, ସେତେବେଳେ ସେହି ଶାସନ ପଦ୍ଧତିର ଗୁପ ଓ ଛାପ ସାହିତ୍ୟ ଉପରେ ଅବଶ୍ୟ ପଡ଼ିଥିଲା । ସାହିତ୍ୟ ଉପରେ ଶାସନ ତନ୍ତ୍ରର ଏହିପରି ପ୍ରଭାବ ବା ଛାପ ପଡ଼ିବାକୁ ବାଧ୍ୟ । କାରଣ ସମସାମୟିକ ରାଜନୀତି, ସମାଜ ଏପରିକି ଅର୍ଥନୀତି ମଧ୍ୟ ସାହିତ୍ୟକୁ ପ୍ରଭାବିତ କରିବା ଅସ୍ୱାଭାବିକ ନୁହେଁ । ଏପରି ଅବସ୍ଥାରେ ବର୍ତ୍ତମାନ ଉତ୍କଳ ତଥା ଭାରତରେ 'ରାଜତନ୍ତ୍ର' ପରିବର୍ତ୍ତିରେ ଲୋକଶାସନ ବା ଗଣତନ୍ତ୍ର ଶାସନ ପଦ୍ଧତି ଚାଲିବେଲେ ସାହିତ୍ୟ ସହିତ ଏହାର ସମ୍ବନ୍ଧ ବିଚାର୍ଯ୍ୟ ।

## ଲୋକ ଶାସନ—

ଲୋକଶାସନ ବା ଗଣତନ୍ତ୍ର ଭାରତରେ ପୂରା ନୂଆ ନୁହେଁ । ଭାରତୀୟ ଯୁକ୍ତରାଷ୍ଟ୍ରରେ ଏହା ଯେପରି ବର୍ତ୍ତମାନ ବ୍ୟାପକ ଭାବରେ ପ୍ରୟୋଗ କରାଯାଇ ଅଛି; ଏହାର ଏପରି ବ୍ୟାପକ ପ୍ରୟୋଗ ଆଗରୁ ଭାରତ ଭୂଖଣ୍ଡରେ ଘଟିବା ସୌଭାଗ୍ୟ ଘଟି ନ ଥିଲା । କେବଳ ଭାରତ ନୁହେଁ, ଆଧୁନିକ ପୃଥିବୀର ଅଧିକାଂଶ ସଭ୍ୟ ଦେଶରେ ଏହି ପ୍ରକାର ଶାସନ ପଦ୍ଧତି ପ୍ରଚଳିତ ।



Digitized by srujanika@gmail.com

ଲୋକ ଶାସନ (Democracy)ର ସବୁଠାରୁ ବଡ଼ ମୂଳ ଭିତ୍ତି ହେଉଛି ସମାଜରେ ପ୍ରତ୍ୟେକ ଲୋକର ବ୍ୟକ୍ତିତ୍ୱ ପ୍ରତି ସମାନ ସମ୍ମାନ ପ୍ରଦାନ । ଏଥିପାଇଁ ପ୍ରତ୍ୟେକ ସାବାଳକ ବ୍ୟକ୍ତିର ମତର ମୂଲ୍ୟ ଅଛି । ରାଷ୍ଟ୍ର ଏହା ସ୍ୱୀକାର କରେ । ତେଣୁ ରାଷ୍ଟ୍ରରେ ପ୍ରତ୍ୟେକ ସାବାଳକ ବ୍ୟକ୍ତିର ମତ ଯେପରି ଲୋକ-ଶାସନ ଚାଳିତ ହୁଏ । ଲୋକମତରେ ଚାଳିତ ଶାସନହିଁ ଲୋକଶାସନ ବା ଗଣତନ୍ତ୍ର । ଏହି ଲୋକମତକୁ ନିୟନ୍ତ୍ରଣ କରିବାକୁ ନାନା ପ୍ରକାର ପଦ୍ଧତି ଅନୁସୃତ ହୋଇ ଆସୁଅଛି । ଭୋଟ ପ୍ରଥା ବା ମତ ସଂଗ୍ରହ ତନ୍ମଧ୍ୟରୁ ଗୋଟିଏ । ରାଷ୍ଟ୍ରର ସାର୍ବଭୌମ କ୍ଷମତା ଲୋକଙ୍କଠାରେ ନିହିତ । ଲୋକ-ପ୍ରତିନିଧି ଏହି ସାର୍ବଭୌମ କ୍ଷମତା ଲୋକଙ୍କଠାରୁ ଆଣି ଶାସନ କଳ ବହୁ ମତରେ ଚଳାନ୍ତି, ଲୋକଙ୍କ ମଙ୍ଗଳପାଇଁ । ଏହିଠାରେହିଁ ଏହା 'ରାଜତନ୍ତ୍ର' ଓ ଏକଛତ୍ର ଶାସନ (Dictatorship) ଠାରୁ ପୃଥକ । ଏହାହିଁ ଲୋକଶାସନର ବିଶେଷତ୍ୱ । ଲୋକଙ୍କପାଇଁ, ଲୋକଙ୍କ ଦ୍ୱାରା ଲୋକଙ୍କର ଶାସନହିଁ "ଲୋକଶାସନ" ବା ଗଣତନ୍ତ୍ର । ଲୋକେହିଁ ରାଷ୍ଟ୍ରର ପ୍ରକୃତ ପ୍ରଭୁ ବା ମାଲିକ । ସେମାନଙ୍କ ପ୍ରତିନିଧି ବୋଲାଉଥିବା ସଭ୍ୟମାନେ ସେହି ଲୋକମାନଙ୍କ ଇଚ୍ଛାରେହିଁ ଲୋକ ଶାସନ ଚଳାନ୍ତି । ଲୋକମତର ପ୍ରତିନିଧିତ୍ୱ କରନ୍ତି ନିର୍ବାଚିତ ସଭ୍ୟମାନେ । ଏମାନଙ୍କ ମାଧ୍ୟମରେ ଲୋକମତ ଶାସନରେ ପ୍ରତିଫଳିତ ହୁଏ ।

ତେଣୁ ଏହି ଶାସନ ପଦ୍ଧତିରେ ମାନବର ବ୍ୟକ୍ତିତ୍ୱ ପ୍ରତି ସମ୍ମାନ ଏବଂ ବ୍ୟକ୍ତିର ମହତ୍ତ୍ୱ ପ୍ରତି ଯଥେଷ୍ଟ ମର୍ଯ୍ୟାଦା ସମାଜରେ ରହିବା ସ୍ୱାଭାବିକ । ଧନ, ବଂଶ କିମ୍ବା ଏପରିକି ବିଦ୍ୟା କ୍ଷମତାର ଚିହ୍ନ ନ ନେଇ ମଣିଷକୁ ମଣିଷ ଭାବରେ ଯଥେଷ୍ଟ ଆତ୍ମ-ସମ୍ମାନ ଏହି ଶାସନ ପଦ୍ଧତିରେ ଦିଆଯାଇଥାଏ । ରାଷ୍ଟ୍ରରେ ଧନୀ, ମୂର୍ଖ କିମ୍ବା ବିଦ୍ୱାନର ଅଲଗା ଦୃଷ୍ଟିରେ ସ୍ୱତନ୍ତ୍ରତା ନାହିଁ । ରାଷ୍ଟ୍ର ସବୁ ଲୋକଙ୍କର । ଜାତି, ବର୍ଣ୍ଣ, ଧର୍ମ ଧନ କିମ୍ବା ବଂଶ ବା କୁଳ ନିର୍ବିଶେଷରେ ରାଷ୍ଟ୍ର ଲୋକଙ୍କର । ରାଷ୍ଟ୍ରର ଲୋକେ ରାଷ୍ଟ୍ରର ମାଲିକ । ଲୋକପ୍ରତିନିଧି ଏହି ଲୋକମତ ରୂପର ପ୍ରକୃତ ଏକ ଏକ ମତ-ନିର୍ଦ୍ଧାରକ ଯନ୍ତ୍ର ମାତ୍ର ! ଯେଉଁ ପ୍ରତିନିଧିଙ୍କ ପଛରେ ଲୋକମତ ନାହିଁ, ସେମାନେ ଶାସନ ଛାଡ଼ିଦେବା ଦରକାର । ପୁଣି ଏହି ଶାସନ ଚଳାଇବାକୁ "ଦଳ" ବା ମତବାଦ, ନୀତି ଯେପରି ସ୍ୱତନ୍ତ୍ର ରାଷ୍ଟ୍ରୀୟ ଦଳ ଗଠିତ ହେବା ସ୍ୱାଭାବିକ ଏବଂ ଏହି ବିଭିନ୍ନ ଦଳର ଛକାପଞ୍ଝା କୌଶଳରେ ଶାସନ କଳ ସୁରୁଖୁରୁରେ ଚାଲିବା ସଙ୍ଗେ ସଙ୍ଗେ ନିର୍ମଳ ରହେ । ଦଳେ ଶାସନ କଳ ଚଳାଇଲାବେଳେ, ଅନ୍ୟ ଦଳ ଶାସନକୁ ଜଗି ସମାଲୋଚନା କରନ୍ତି । ଶାସନରେ ବସିଥିବା ଦଳ ସବୁବେଳେ ବିରୁଦ୍ଧ ପକ୍ଷର ମତକୁ ଖାତିର ଦେଖାନ୍ତି ଏବଂ ସେମାନଙ୍କ ସମାଲୋଚନା ପ୍ରତି ଦୃଷ୍ଟି ରଖିଥାନ୍ତି । ଏହିପରି ଏକ ସୂକ୍ଷ୍ମ କୌଶଳରେ ଲୋକଶାସନ ଚାଲେ । ଲୋକମାନଙ୍କର ଅନାଦି ସତର୍କତାହିଁ ଏହି ଶାସନ ପଦ୍ଧତିକୁ ସଚଳ, ସବଳ ଏବଂ ସତେଜ କରି ରଖେ । ତେଣୁ ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଚେତନା ସର୍ବଦା ଜାଗ୍ରତ ହୋଇ ରହେ ।

## ଲୋକଶାସନ ଓ ଗୀତି କବିତା—

ଏହିପରି ଶାସନ ପଦ୍ଧତି ସହିତ ସାହିତ୍ୟର କି ସଂପର୍କ ତାହା ଆମ୍ଭମାନଙ୍କର ବିଚାର୍ଯ୍ୟ । ସାହିତ୍ୟ ସମାଜକୁ ଛାଡ଼ି ରହି ନ ପାରେ । ସାହିତ୍ୟରେ ବ୍ୟକ୍ତିର ଏହି ମର୍ଯ୍ୟାଦା ଏବଂ ମହତ୍ତ୍ୱ ସ୍ଥାପିତ ହୋଇ-ଅଛି ଗୀତି-କବିତାରେ । କବିର ବ୍ୟକ୍ତିଗତ ମତ ପ୍ରତି ସମ୍ମାନ ପ୍ରଦର୍ଶନ ଗୀତି-କବିତାର (Lynies) ମୂଳ କଥା । ମାତ୍ର ଆମ୍ଭେମାନେ ପ୍ରାଚୀନ ସାହିତ୍ୟରେ ଏହି ଗୀତି-ଗୁଣ ସେତେ ଦେଖିବାକୁ ପାଉ ନଥିଲୁ । ପୁରାଣ, କାବ୍ୟ, ମହାକାବ୍ୟ ସବୁଠି ବ୍ୟକ୍ତି ନୁହେଁ ରାଜପୁରୁଷ କିମ୍ବା ଏକ ବିଶିଷ୍ଟ ସ୍ୱତନ୍ତ୍ର ନାୟକ-ନାୟିକାମାନଙ୍କ ପ୍ରେମ-ବିରହ । ଯୁଦ୍ଧ, ଶାନ୍ତିର ବିଜୟ କାହାଣୀ କବି ଲିପିବଦ୍ଧ କରୁଥିଲେ । ସମାଜରେ ଏହି ରାଜପୁରୁଷ ସ୍ୱତନ୍ତ୍ର ନାୟକ ହେଉଥିଲେ । ସେହିମାନେ କେବଳ ସାହିତ୍ୟରେ ନାୟକତ୍ୱ ଲାଭ କରୁଥିଲେ । ସମାଜରେ ଅନ୍ୟମାନେ ମୂକ କିମ୍ବା ମୂର୍ଖ ! ସେମାନେ କେବଳ ଦର୍ଶକ କିମ୍ବା ଶ୍ରୋତା । ସେମାନେ ବୀରମାନଙ୍କ କାହାଣୀ ଶୁଣିବେ, ବୀର-



Digitized by srujanika@gmail.com

ମାନଙ୍କ ଚରିତ୍ର ଓ ଚରିତ୍ର ଆଲୋଚନା କରିବେ । ସାହିତ୍ୟରେ ଲୋକ ସାଧାରଣଙ୍କର ସ୍ଥାନ ନଥିଲା, ସେମାନେ କେବଳ ବୀରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ, ସେମାନେ ବୀରମାନଙ୍କ ଦ୍ୱାରା ଚାଳିତ, ସେମାନେ ଶାସକ ନୁହନ୍ତି । ସାହିତ୍ୟ ସେମାନଙ୍କ ଜୀବନ-ଚିତ୍ର ନେବାକୁ ଅଭିପ୍ରେତ ନଥିଲା । ଅବଶ୍ୟ ଏହି ମୁଖ୍ୟ ନୀତି କେବଳ ଭାରତୀୟ ନୁହେଁ ସମଗ୍ର ପୃଥିବୀର ସାହିତ୍ୟ-ଆଦର୍ଶକୁ ପ୍ରଭାବିତ କରିଥିଲା । ପରେ ଅବସ୍ଥା ବଦଳିଲା । ସାଧାରଣ ଲୋକେ ସାହିତ୍ୟରେ ସ୍ଥାନ ପାଇଲେ ମଧ୍ୟ, ମୁଖ୍ୟ ନାୟକ ସେମାନେ ନ ଥିଲେ । ରାଜପୁରୁଷ, ରାଜପୁତ୍ର, ରାଜଜେମା, ରାଣୀ ଏମାନେହିଁ ସାହିତ୍ୟର ଶ୍ରେଷ୍ଠ ନାୟକ-ନାୟିକା, ସେମାନଙ୍କ ଜୀବନକୁ କେନ୍ଦ୍ର କରି ସାହିତ୍ୟର ସୃଷ୍ଟି ହେଉଥିଲା । କବିମାନେ ମଧ୍ୟ ରାଜା, ରାଜବଂଶ ଦ୍ୱାରା ସମ୍ମାନିତ, ଲାଳିତପାଳିତ ହେଉଥିଲେ । କାଳିଦାସଙ୍କ "ଦିଲୀପ" କିମ୍ବା ଉପେନ୍ଦ୍ରଙ୍କ "ଶ୍ରୀରାମ" ସାଧାରଣ ସ୍ତରର ବ୍ୟକ୍ତି ନୁହନ୍ତି । ରାଧାନାଥ ମଧ୍ୟ ଏହି ଆଦର୍ଶ ଛାଡି ନାହାନ୍ତି । କିନ୍ତୁ ସାହିତ୍ୟରେ ଏହି ଆଦର୍ଶର ଏକ ପରିବର୍ତ୍ତନ ଆସିଲା, ଆସିବାକୁ ବାଧ୍ୟ । ଲୋକଶିକ୍ଷା ପ୍ରସାର ସଙ୍ଗେ ସଙ୍ଗେ ବିଜ୍ଞାନ ଓ ବ୍ୟବସାୟର ଅଭିବୃଦ୍ଧି ସହିତ ଏହାର ଘନିଷ୍ଠ ସମ୍ପର୍କ । ଶାସନ କ୍ଷମତା ମଧ୍ୟ ସେହିପରି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଦଳ ବା ଗୋଷ୍ଠୀ ହାତରୁ ଯାଇ ବର୍ତ୍ତମାନ ସମାଜରେ ଲୋକମାନଙ୍କ ହାତରେ ପହଞ୍ଚିଛି । ତେଣୁ ସାହିତ୍ୟରେ ଆମ୍ଭେମାନେ ଗୀତି-କବିତାର ଆବିର୍ଭାବ ଦେଖିବାକୁ ପାଇଲୁଁ । ରାଷ୍ଟ୍ରରେ ଯେପରି ବ୍ୟକ୍ତି ତା'ର ସ୍ୱାତନ୍ତ୍ର୍ୟ, ମର୍ଯ୍ୟାଦା ସମ୍ମାନ ବଜାଏ ରଖିଲା, ସାହିତ୍ୟରେ ସେହିପରି ବ୍ୟକ୍ତିର ବ୍ୟକ୍ତିଗତ ଭାବ, ମତାମତ ଲୋକଙ୍କ ଆଦର ବଢ଼ିଲା ଏବଂ ଲୋକେ ଗୀତି କବିତାର ଆଦର କଲେ । ଇଂରେଜ କବି ସେଲି, କିଟସ୍ କିମ୍ବା ଓ୍ୱାର୍ଡ଼ସ୍ୱାର୍ଥ ପ୍ରତ୍ୟେକ ସେମାନେ ସେମାନଙ୍କ ସ୍ୱସ୍ୱ ମନୋଭାବ ସେମାନଙ୍କ ଗୀତି-କବିତାରେ ଲିପିବଦ୍ଧ କରି ଯାଇଅଛନ୍ତି । ଓଡ଼ିଆରେ ମଧ୍ୟ ନନ୍ଦକିଶୋରଙ୍କ ଚିନ୍ତାଧାରା, ମଧୁସୂଦନଙ୍କ ଚିନ୍ତାଧାରାଠାରୁ ଭିନ୍ନ । କୁନ୍ତଳାକୁମାରୀଙ୍କ କବିତାର ଗତି, ବୈକୁଣ୍ଠନାଥଙ୍କ କବିତାରୁ ଭିନ୍ନ । ତଥାପି ଆମ୍ଭେମାନେ ସାହିତ୍ୟରେ ସମସ୍ତଙ୍କୁ ସ୍ୱୀକାର କରୁଅଛୁଁ । ହୁଏତ ଆମ୍ଭେମାନେ କୌଣସି କବିଙ୍କ କବିତାର ଭାବ ପ୍ରତି ସପକ୍ଷ କିମ୍ବା ବିପକ୍ଷ ମତ ପୋଷଣ କରିପାରୁଁ, ତଥାପି ଆମ୍ଭେମାନେ ତାହାକୁ ଶୁଣିବାକୁ ବାଧ୍ୟ ଏବଂ ତାହାଙ୍କୁ ତାହାଙ୍କ କବିତା ଗାଇବାକୁ ସ୍ୱାଧୀନତା ମଧ୍ୟ ସମାଜ ଦେଇଅଛି । ସମାଜରେ ଏହି ଯେଉଁ ନୂଆ ଦୃଷ୍ଟି କୋଣ ସାହିତ୍ୟରେ ପ୍ରକାଶ ପାଇଲା, ଏହା ରାଷ୍ଟ୍ର ଉପରେ ବିପୁଳ ପ୍ରଭାବ ପକାଇବାକୁ ବାଧ୍ୟ । ପ୍ରଭାବ ମଧ୍ୟ ପକାଇ ଅଛି । ତେଣୁ ଆଧୁନିକ ଇଉରୋପରେ ଗୀତି କବିତାର ଗତି ସଙ୍ଗେ ସଙ୍ଗେ ଲୋକଶାସନ ବା ଗଣତନ୍ତ୍ରମୂଳକ ଶାସନ ପଦ୍ଧତି କ୍ରମେ ପ୍ରସାର ଲାଭ କରିଅଛି । ଏବଂ ବର୍ତ୍ତମାନ ଆମ୍ଭମାନଙ୍କ ସମାଜରେ ଏହି ଧାରଣା କବିତାର ପ୍ରସାର ସଙ୍ଗେ ସଙ୍ଗେ ଗଣତନ୍ତ୍ରର ପ୍ରସାର ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ମଣିଷ ବ୍ୟକ୍ତିତ୍ୱର ଯେ ଏକ ସ୍ୱତନ୍ତ୍ର ସମ୍ମାନ ଏବଂ ମର୍ଯ୍ୟାଦା ଅଛି, ତାହାର ପ୍ରଥମ ପ୍ରମାଣ ଆମ୍ଭମାନଙ୍କୁ ଦେଇଛି ସାହିତ୍ୟରେ ଗୀତି-କବିତା ଓ ସେହି ଧରଣ କବିତାର କବିଗଣ । ମତ ପାର୍ଥକ୍ୟ ରହିବା ସ୍ୱାଭାବିକ, ମତ ପାର୍ଥକ୍ୟ ସତ୍ତ୍ୱେ ମଣିଷର ମତ ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ପ୍ରତ୍ୟେକ ବ୍ୟକ୍ତିର ମତକୁ ଶୁଣିବାପାଇଁ ଯେଉଁ ସୁବିଧା ସାହିତ୍ୟରେ ଆମ୍ଭେମାନେ ପାଇଲୁଁ, ତାହାର ଏକ କାର୍ଯ୍ୟକାରୀ ପ୍ରୟୋଗ ଆମ୍ଭେମାନେ ରାଷ୍ଟ୍ରୀୟ ଜଗତରେ ଦେଖୁଁ—ଲୋକଶାସନରେ ।

## ଗଳ୍ପ, ଉପନ୍ୟାସ ଓ ଲୋକଶାସନ—

କେବଳ ଗୀତି କବିତା ନୁହେଁ; ଗଳ୍ପ, ଉପନ୍ୟାସ ସହିତ ଏହି ଲୋକଶାସନର ମଧ୍ୟ ଏକ ଗଭୀର ସମ୍ପର୍କ ଅଛି । ଆଧୁନିକ କଥା-ସାହିତ୍ୟ ମଧ୍ୟ ଅନ୍ୟ ଭାବରେ ପାଠକ-ପାଠିକାମାନଙ୍କ ଆଗରେ ଆମ ସମାଜର ଏକ ବ୍ୟାପକ ଚିତ୍ର ଦେଇଥାଏ । 'ରାଜତନ୍ତ୍ର'ରେ ରାଜା କିମ୍ବା ତାହାଙ୍କ ପରିବାରର ରାଜ ନର-ନାରୀମାନେ କେବଳ ନାୟକ, ନାୟିକା ହେବା ଯୋଗ୍ୟ । ରାଜତନ୍ତ୍ର ଥିଲାବେଳେ ସାହିତ୍ୟରେ



Digitized by srujanika@gmail.com

ସେମାନେହିଁ ନାୟକ, ନାୟିକା ହେଉଥିଲେ । ମାତ୍ର ବର୍ତ୍ତମାନ ଲୋକଶାସନର ପ୍ରଭାବ ମଧ୍ୟ ସାହିତ୍ୟିକଙ୍କୁ ପ୍ରଭାବିତ କରିଛି କିମ୍ବା ପ୍ରକାରାନ୍ତରରେ ସାହିତ୍ୟିକ ରାଷ୍ଟ୍ରୀୟ ମତବାଦକୁ ପ୍ରଚାରିତ କରିଅଛି । ଆଧୁନିକ ଗଳ୍ପ, ଉପନ୍ୟାସରେ ସମାଜର ବିଭିନ୍ନ ସ୍ତରରେ ଥିବା ଅଗଣିତ ନରନାରୀଙ୍କ ଜୀବନ ଚିତ୍ର ଆମ୍ଭେମାନେ ପାଉଁ, ଏହା ଆମକୁ ସମଗ୍ର ମଣିଷ ସମାଜ ସହିତ ପରିଚିତ କରାଏ । ଏକ କ୍ଷୁଦ୍ର ପରିସରରେ ଆମ୍ଭେମାନେ ସମାଜର କେବଳ କେତେକ ବିଶିଷ୍ଟ ନର, ନାରୀଙ୍କୁ ଦେଖୁ ନାହିଁ । ଏହି ବ୍ୟାପକ ଜୀବନ ଛବି ଯେଣ ଗଳ୍ପ, ଉପନ୍ୟାସ ମଣିଷ ମନରେ ଅନ୍ୟ ଭାବରେ ଏକ ବିପୁଳ ସାମାଜିକ ଚେତନା ଆଣିଦିଏ । ଆମ୍ଭମାନଙ୍କର ସହାନୁଭୂତି ଏବଂ ଶ୍ରଦ୍ଧା କେବଳ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ନାୟକ, ନାୟିକା ନୁହନ୍ତି ସମସ୍ତ ମାନବ ସମାଜ ଉପରେ ପଡ଼େ । ଏହି ଗଳ୍ପ, ଉପନ୍ୟାସ ମଧ୍ୟ ସମାଜରେ ଥିବା ବହୁ ନର, ନାରୀଙ୍କ ସାମାଜିକ ଅବସ୍ଥା ପ୍ରତି ସମାଜର ଦାୟିତ୍ୱ ଏବଂ ଚେତନାକୁ ଜାଗ୍ରତ କରିଅଛି । ଏପରି କି ଆଧୁନିକ ବହୁ ଗଳ୍ପ, ଉପନ୍ୟାସ ରାଷ୍ଟ୍ରୀୟ ନୀତିକୁ ପ୍ରଭାବିତ କରିଛି ଏବଂ ବହୁ ନିର୍ଯ୍ୟାତିତ ନର, ନାରୀଙ୍କ ଲାଗି ଆଇନ ପ୍ରଣୟନ କରିବାକୁ ବ୍ୟବସ୍ଥାପକମାନଙ୍କୁ ବାଧ୍ୟ କରାଇଛି ।

ଆଧୁନିକ କଥା ସାହିତ୍ୟର ଗତି ଓ ଧାରାକୁ ଲକ୍ଷ୍ୟ କଲେ ସହଜରେ ପ୍ରତିପାଦିତ ହେବ ଯେ ସାହିତ୍ୟରେ ଗଣତନ୍ତ୍ର ପ୍ରଥମେ ଏହି ଗଳ୍ପ, ଉପନ୍ୟାସରୁ ଆରମ୍ଭ କରିଥିଲା । ସମାଜର ବହୁ ନର, ନାରୀ ପ୍ରଥମେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସାହିତ୍ୟରେ ଗଣତନ୍ତ୍ର ରାଷ୍ଟ୍ର ସ୍ଥାପନ କରିଥିଲେ । ଆଧୁନିକ ଓଡ଼ିଆ ସାହିତ୍ୟ ମଧ୍ୟ ଏହି ଗଣତାନ୍ତ୍ରିକ ଆଦର୍ଶରେ ପରିଚାଳିତ ।

## ଶାସନ ଏବଂ ସମାଲୋଚନା—

'ଏଥେନ୍ସ' ଶାସନର ଏହି ଦୁଇ ପ୍ରଧାନ ମୌଳିକ ନୀତି ବ୍ୟତୀତ ଆଉ ଗୋଟିଏ ନୀତି ପ୍ରତି ଆମକୁ ବିଶେଷ ଦୃଷ୍ଟି ଦେବାକୁ ହେବ । ଗଣତନ୍ତ୍ର ବା ଲୋକଶାସନରେ "ସମାଲୋଚନା" ରାଷ୍ଟ୍ର ପରିଚାଳନାର ଏକ ଅପରିହାର୍ଯ୍ୟ ଅଙ୍ଗ । କାରଣ ପୀଠ, ପତ୍ରିକା, ଦଳ ସମସ୍ତେ ଏହାର ସାହାଯ୍ୟ ଯେଣ ସରକାରଙ୍କ କାର୍ଯ୍ୟର ପ୍ରଶଂସା କିମ୍ବା ନିନ୍ଦା କରନ୍ତି । ଏହି ସମାଲୋଚନା ଜରିଆରେହିଁ ଲୋକମତ ପ୍ରକାଶିତ ହୁଏ । ଅବଶ୍ୟ ସମାଲୋଚନା ଓ ଗାଳି ଗୁଲଜ ମଧ୍ୟରେ ପାର୍ଥକ୍ୟ ଅଛି । ଯେଉଁ ସାହିତ୍ୟରେ ସମାଲୋଚନା ଯେତେ ଉନ୍ନତ ଓ ଯେଉଁ ଦେଶ ଓ ଜାତିର ସମାଲୋଚନା ସାହିତ୍ୟ ଯେତେ ବିକାଶିତ, ସେ ଦେଶରେ ଗଣତନ୍ତ୍ର ଶାସନ ସେତେ ବେଶୀ ସାଫଲ୍ୟ ଲାଭ କରିବ । କାରଣ ଅନନ୍ତ ସତର୍କତାହିଁ ସ୍ୱାଧୀନତାର ମୂଲ୍ୟ । ଲୋକେ ସେମାନଙ୍କ ଦାବୀ ଓ ଦାୟିତ୍ୱ ପ୍ରତି ସଚେତ ନ ରହିଲେ, ଯେଉଁ ପ୍ରତିନିଧିମାନେ ସେମାନଙ୍କଠାରୁ ଭୋଟ ନେଇ ରାଷ୍ଟ୍ର ଚଳାଇବେ, ସେମାନେ ନିଶ୍ଚିନ୍ତ ହୋଇଯିବେ, ଏବଂ ସେମାନଙ୍କର କର୍ତ୍ତବ୍ୟ ଜ୍ଞାନ ରହିବ ନାହିଁ । ସେଥିପାଇଁ ମଣିଷ ମନରେ ଏହି ସତର୍କତା ଜାଗ୍ରତ କରିବାକୁ ସବୁଠାରୁ ଫଳପ୍ରଦ ଓ କାର୍ଯ୍ୟକାରୀ ଶକ୍ତି ହେଉଛି ସମାଲୋଚନା ସାହିତ୍ୟର ।

ବର୍ତ୍ତମାନ ଭାରତୀୟ ସାହିତ୍ୟର ଏହି ସମାଲୋଚନା ସାହିତ୍ୟ ବିଶେଷ ବିକଶିତ ହୋଇ ନାହିଁ, ତେଣୁ ଭାରତରେ ଗଣତନ୍ତ୍ର ଶାସନ ମଧ୍ୟ ପୋଖତ ହୋଇ ପାରିନାହିଁ ।

## ସାହିତ୍ୟର ସଙ୍ଗଠନ—

ସାହିତ୍ୟ ସହିତ ଗଣତନ୍ତ୍ରର ଏ ସମ୍ପର୍କ ବିଚାରକଲେ ଆଜ ଏକ ପ୍ରଶ୍ନ ସ୍ୱତଃ ମନରେ ଉଦିତ ହୁଏ । 'ରାଜତନ୍ତ୍ର'ରେ ରାଜା, ରାଣୀ ସାହିତ୍ୟର ବଡ଼ ପୃଷ୍ଠପୋଷକ ଥିଲେ । ସେମାନଙ୍କ ଆଶ୍ରାରେ କବି, ସାହିତ୍ୟିକ କଳା-ସୃଷ୍ଟି କରୁଥିଲେ । ଗଣତନ୍ତ୍ରରେ ଏ ସୁଯୋଗ ଆଜ ନାହିଁ । ହୁଏତ ଜଣେ ରାଷ୍ଟ୍ରର ମନ୍ତ୍ରୀ ବା ଭାରତୀୟ ସଂଯୁକ୍ତ ରାଷ୍ଟ୍ରର ମନ୍ତ୍ରୀମାନେ ଯେଉଁ ବେତନ ପାଆନ୍ତି, ତାହା ସେମାନଙ୍କ ସ୍ୱସ୍ୱ ଖର୍ଚ୍ଚ ତୁଲାଇବାକୁ ନିଅଣ୍ଟ ପଡ଼ିପାରେ । କବି, ସାହିତ୍ୟିକଙ୍କ ମଧ୍ୟରେ ବ୍ୟକ୍ତି-ଚୈତନ୍ୟ ଏବଂ ଆତ୍ମସମ୍ମାନ ଏତେ ଫୁଟି ଉଠିଛି ଯେ ସେମାନେ କୌଣସି ବ୍ୟକ୍ତି ବିଶେଷଙ୍କ ପୃଷ୍ଠପୋଷକତା



Digitized by srujanika@gmail.com

ଉପରେ ନିର୍ଭର କରିବାକୁ ଲଜ୍ଜାବୋଧ ମନେ କରୁ ଅଛନ୍ତି । ଏପରି ସ୍ଥଳରେ ସାହିତ୍ୟର ସଂଗଠନ ଦରକାର; ଯେପରି ଦେଶରେ ଅନ୍ୟାନ୍ୟ ବ୍ୟବସାୟର ସଂଗଠନ ହୋଇଅଛି । କେବଳ ସେତିକି ସାହିତ୍ୟର ସୃଷ୍ଟି ଓ ପ୍ରଚାରପାଇଁ ମଧ୍ୟ ରାଷ୍ଟ୍ରର ମଧ୍ୟ ଏକ ଗୁରୁ ଦାୟିତ୍ୱ ଅଛି; ଯଦି ରାଷ୍ଟ୍ର ଅନୁଭବ କରୁଥାଏ ଯେ ସଂସ୍କୃତିର ଗଠନପାଇଁ, ରାଷ୍ଟ୍ରର ଏକ ଦାୟିତ୍ୱ ଅଛି । ଲୋକଙ୍କ ମୌଳିକ ଅଭାବ ଅର୍ଥାତ୍ ପେଟକୁ ଦାନା, ପିଠିକୁ କନା ଏବଂ ପ୍ରାଥମିକ ଶିକ୍ଷା ପ୍ରଥମେ ରାଷ୍ଟ୍ରର ସମସ୍ତ ଲୋକଙ୍କୁ ସହଜରେ ଓ ସୁବିଧାରେ ଯୋଗାଇବା ପ୍ରଥମ କର୍ତ୍ତବ୍ୟ । ମାତ୍ର ଏତିକିରେ ରାଷ୍ଟ୍ରର କର୍ତ୍ତବ୍ୟ ଶେଷ ହେଉ ନାହିଁ । ରାଷ୍ଟ୍ରକୁ ଉନ୍ନତ ମାନବିକତା ପ୍ରତି ଦୃଷ୍ଟି ଦେବାକୁ ହେବ । ଜୀବନ ଯାପନ ନୁହେଁ ଜୀବନ ବିକାଶରେ ହିଁ ସଭ୍ୟତା ଓ ସଂସ୍କୃତି । କିନ୍ତୁ ଏଥିପ୍ରତି ରାଷ୍ଟ୍ରର ଯେପରି କର୍ତ୍ତବ୍ୟ ଅଛି, ରାଷ୍ଟ୍ରର ଲୋକମାନଙ୍କର ମଧ୍ୟ ସେହିପରି ଗୁରୁଦାୟିତ୍ୱ ଅଛି । ସାହିତ୍ୟ-ସ୍ରଷ୍ଟା ଓ ସାହିତ୍ୟର ଗ୍ରାହକ-ଗ୍ରାହିକା ଉଭୟଙ୍କ ସ୍ୱାର୍ଥ ପରସ୍ପର ସଂପୃକ୍ତ । ଉଭୟ ଉଭୟଙ୍କ ସାହାଯ୍ୟରେ ଅଗ୍ରସର ହୁଅନ୍ତି । ପାଠକ-ପାଠିକା-ମାନଙ୍କ ଆଗ୍ରହ, ଅନୁରାଗ ନଥିଲେ, ସେମାନେ ସାହିତ୍ୟ-ସାହିତ୍ୟିକଙ୍କୁ ବଞ୍ଚାଇ ନ ରଖିଲେ, ସାହିତ୍ୟିକ ତାହାର ଶ୍ରେଷ୍ଠ ସମୟ ଓ ଶକ୍ତି ସାହିତ୍ୟ ପାଇଁ ଦେବ କିପରି ? କାରଣ ଆଦର୍ଶ ଗଣତନ୍ତ୍ର ସମାଜରେ ପରମୁଖାପେକ୍ଷୀ ନର, ନାରୀ ରହିବା ଅନ୍ୟାୟ । ପ୍ରତ୍ୟେକ ତାହାଙ୍କ ସାମାଜିକ କର୍ମ ପାଇଁ ସମାଜଠାରୁ ମୂଲ୍ୟ ପାଇବା ଉଚିତ । ସମାଜର ଶୃଙ୍ଖଳା ଏହି ମୂଲ୍ୟ ପ୍ରାପ୍ତିରେ । ତାହା ନ ହେଲେ କବି, ଲେଖକ, ସମାଲୋଚକ ପୃଷ୍ଠପୋଷକ ଶୂନ୍ୟ ହୋଇ, ଜୀବନ ନିର୍ବାହ ପାଇଁ ପେଟରେ ଓଦାକନା ଦେଇ ସାହିତ୍ୟ ସାଧନା କରିବାକୁ ଅବସର ପାଇବେ କି ? କାରଣ ଗଣତନ୍ତ୍ର ସମାଜରେ ଜୀବନ ସଂଗ୍ରାମ ଯେପରି ତୀବ୍ର, ବ୍ୟକ୍ତିର ଦାୟିତ୍ୱ ସେପରି ଗୁରୁ । ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ଆତ୍ମ-ମର୍ଯ୍ୟାଦା ଆମକୁ ଏପରି ପରିସ୍ଥିତିରେ ପକାଇବାକୁ ବାଧ୍ୟ । ଏପରି ଏକ ଜୀବନ୍ତ ଓ ସତେଜ ସମାଜରେ ସାହିତ୍ୟିକର ଦାୟିତ୍ୱ ଯେତିକି ବେଶି, ସମାଜ, ସାହିତ୍ୟ ଓ ସାହିତ୍ୟିକର ରକ୍ଷଣାବେକ୍ଷଣ ପାଇଁ ସେତିକି ବେଶି ଦାୟୀ ।

## ଗଣତନ୍ତ୍ର ଓ ସାହିତ୍ୟ ସୃଷ୍ଟି

ଏହି ସମସ୍ତ ଆଲୋଚନା ମଧ୍ୟରେ ଆଉ ଏକ ପ୍ରଶ୍ନ ସ୍ୱତଃ ମନରେ ଜାଗ୍ରତ ହୁଏ । ଗଣତନ୍ତ୍ର ସମାଜ କଳା, ସାହିତ୍ୟ ସୃଷ୍ଟି ପାଇଁ ସୁବିଧା ଜନକ କି ନା ? କିମ୍ବା ଅନ୍ୟ କଥାରେ କହିଲେ ଗଣତନ୍ତ୍ର ଶାସନର କଳା, ସାହିତ୍ୟ ସହିତ କି ସମ୍ପର୍କ ?

ଆଦର୍ଶ ଲୋକଶାସନ ପାଇଁ ରାଷ୍ଟ୍ରର ଲୋକମାନେ ଶିକ୍ଷିତ ହେବା ଉଚିତ । ଅର୍ଥାତ୍ ଶିକ୍ଷା ବ୍ୟାପକ ହେବାକୁ ବାଧ୍ୟ । ତାହା ନ ହେଲେ ମୂର୍ଖ ଲୋକେ ସେମାନଙ୍କ ରାଷ୍ଟ୍ରୀୟ କ୍ଷମତା ଓ ଦାୟିତ୍ୱ ବା କେତେଦୂର ବୁଝିବେ ବା ସେମାନଙ୍କ ରାଷ୍ଟ୍ରୀୟ କର୍ତ୍ତବ୍ୟ କିପରି ବିଚକ୍ଷଣତା ସହିତ ପାଳନ କରିବେ ? ବ୍ୟାପକ ଲୋକଶିକ୍ଷା ହେଲେ, ସାହିତ୍ୟର ବିକାଶ ହେବାକୁ ବାଧ୍ୟ । ମଣିଷ ମୂର୍ଖତା ଭଳି ଅଭିଶାପ ମୁକ୍ତ ଲାଭ କଲେ, ମଣିଷର କଳା, ସାହିତ୍ୟ, ସଂସ୍କୃତି ପ୍ରତି ଆଦର ବଢ଼ିବାକୁ ବାଧ୍ୟ । ସେତେବେଳେ କଳା, ସାହିତ୍ୟ ଏତେ 'ପୃଷ୍ଠ-ପୋଷକତା' ପାଇଁ ବ୍ୟାକୁଳ ହେବନାହିଁ; କିମ୍ବା କବି ସାହିତ୍ୟିକ ବାରଦ୍ୱାର ଶୁଣ୍ଢି ପିନ୍ଧା ହେବେନାହିଁ । ଏଥିରୁ ଅବଶ୍ୟ ବୁଝାଯାଇ ପାରିବ ନାହିଁ ଯେ ଅନ୍ୟ 'ତନ୍ତ୍ର' ବା ଶାସନପ୍ରଣାଳୀ ଅଧୀନରେ ସାହିତ୍ୟ ବିକାଶ ଲାଭ କରିନାହିଁ । ଅନ୍ୟ ଶାସନ ପଦ୍ଧତି ଅପେକ୍ଷା ଏହି ଶାସନ ପଦ୍ଧତିରେ ହୁଏତ କଳା, ସାହିତ୍ୟ ବିକାଶ ଲାଭ କରିବାକୁ ବେଶି ସୁବିଧା, ସୁଯୋଗ ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ । ବରଂ କଳା, ସାହିତ୍ୟ ବ୍ୟାପକ ପରିସରରେ ଚର୍ଚ୍ଚା ହେବାକୁ ସୁଯୋଗ ଏହି ଶାସନପଦ୍ଧତି ହିଁ ଦେଇ ପାରିବ । କାରଣ ଗଣତନ୍ତ୍ରରେ ସାଧାରଣ ଲୋକେ ଆଉ କୌଣସି ପ୍ରକାର ବନ୍ଧନରେ ବନ୍ଦୀ ହେବାକୁ ବାଧ୍ୟ ନୁହନ୍ତି । ଏବଂ ଗଣତନ୍ତ୍ର ସମାଜର ସ୍ୱାଧୀନତା ଓ ସମାନତା କଳା, ସାହିତ୍ୟ ବିକାଶ ପାଇଁ ଉର୍ବର ଭୂମି ଯୋଗାଇବାକୁ ସମ୍ଭବପର । ଏ ସମ୍ପର୍କରେ କେହି କେହି ରାଷ୍ଟ୍ରୀୟ ଭାବୁକ ଗଣତନ୍ତ୍ର ଶାସନରୁ ବହୁ ଆଶା ପୋଷଣ କରନ୍ତି ।



Digitized by srujanika@gmail.com

"ସମାଜରେ କେବଳ ସାଧାରଣ ଲୋକଙ୍କର ବୈଷୟିକ ଉନ୍ନତି ହେଲେ ଚଳିବ ନାହିଁ । ସମାଜର ଭଲ ବଜ୍ଞାନ [illegible] ସବୁଠି ସର୍ବାଙ୍ଗ ସୁନ୍ଦର ମନୁଷ୍ୟ ସୃଷ୍ଟି କରିବା ଲୋକଶାସନର ଲକ୍ଷ୍ୟ ହେବା ଉଚିତ । ତାହା ନ ହେଲେ ଲୋକଶାସନ ଫଳପ୍ରଦ ନୁହେଁ ବୋଲି ବୁଝିବାକୁ ହେବ । କେବଳ ଲୋକଙ୍କ ଦାନା, କନା ନୁହେଁ; ଗଦ୍ୟମୟ ବାସ୍ତବ-ଜୀବନ ସ୍ତରରୁ ମନୁଷ୍ୟକୁ ଊର୍ଦ୍ଧ୍ୱକୁ ନେବାପାଇଁ ଲୋକଶାସନର କିଛି ଦାୟିତ୍ୱ ଅଛି । ତାହା ନ ହେଲେ, ଏହା ବିଫଳ ହୋଇଛି ବୋଲି ଅନୁମାନ କରିବାକୁ ହେବ । ଲୋକଶାସନ ଏହା କରିଛି କି ? ଏହା କରୁଛି କି ? କିମ୍ବା ଏହା କରିବାକୁ ଚେଷ୍ଟା କରୁଅଛି କି ?"

ୟୁରୋପୀୟ ଲୋକଶାସନକୁ ଲକ୍ଷ୍ୟ କରି ଜେମ୍ସ ରସେଲ ଲୋଏଲ ଏହି ଯେଉଁ ମନ୍ତବ୍ୟ ଦେଇଥିଲେ ଏଥିରୁ ମଧ୍ୟ ଉତ୍କଳ ରାଷ୍ଟ୍ର କିମ୍ବା ଭାରତୀୟ ଯୁକ୍ତରାଷ୍ଟ୍ରର ଶାସନନାୟକମାନଙ୍କର କିଛି ଶିଖିବାକୁ ଅଛି । ସେମାନଙ୍କର ଏହି ଆଦର୍ଶ ପ୍ରତି ଲକ୍ଷ୍ୟ ଦେବା ଉଚିତ । ବର୍ତ୍ତମାନ ଉତ୍କଳ ଓ ଭାରତରେ ଲୋକଶାସନର ମୂଳ ପତ୍ତନ ମାତ୍ର ପଡୁଅଛି । ଭବିଷ୍ୟତରେ ଏହାର ଗଢ଼ କିପରି ହେଉଛି ବା ହେବ ଏବଂ ତହିଁରେ ସାହିତ୍ୟର ଧାରା କେଉଁ ଦିଗରେ ପ୍ରବାହିତ ହେବ, ତାହାର ମୂଲ୍ୟ ନିରୂପଣ କରିବା ଭାର ଭବିଷ୍ୟତ ଉପରେ । ମୋପାଇଁ 'ବର୍ତ୍ତମାନ'ରେ ଏହି ଗୋଟିଏ 'ପାଦ'ହିଁ ଯଥେଷ୍ଟ ।

# କଣ୍ଟାବାଡ

ଶ୍ରୀ ରାଜକିଶୋର ପଟ୍ଟନାୟକ

(୧)

ଯୁବକ ହରିହର ତାହାର ଜୀବନର ମୂଳଦୁଆ ଉପରେ ବର୍ଷପରେ ବର୍ଷ ଜମେଇ ଚାଲିଲା ବେଳେ ଦିନେ ଶୁଣିଲା ତାହାର ଧୂଳିଘରର ସାଥି ନିରୁପମା ତାହାର ଗୋଟିଏ ସହପାଠୀକୁ ବିଭା ହେବାକୁ ଚାଲିଲା । ସ୍ୱପ୍ନ ଓ କଳ୍ପନା ତାହାର ମିଛ ହେଲା ପ୍ରଥମ ଦେଖାର ଚଉଦବର୍ଷ ପରେ ।

ସେତେବେଳେ ହରିହର ପିଲା । ଘର ଆଗ ନି[illegible]ଳି ଉପରେ ଖେଳ ହୁଏ । ନିରୁପମା ଆସେ ତାହାର ଭାଇଭଉଣୀମାନଙ୍କ ସାଙ୍ଗରେ । ଦିଗନ୍ତ ବିସ୍ତାରି ନଈ ବାଲି ମଝିରେ ଖେଳନ୍ତି । ନିରୁପମା ଅନେକ ଛୋଟ ଛୋଟ କଥା କହେ ଉପରେ ଥାଏ ଖୋଲା ଆକାଶ ।

ଦିନ ପରେ ଦିନ । ସଞ୍ଜ ହୋଇ ଆସେ । ପଶ୍ଚିମ ଆକାଶରେ ରଙ୍ଗୀନ୍ ସୂର୍ଯ୍ୟ ବୁଡ଼ିଯାନ୍ତି । ମୁଣ୍ଡ ଉପରେ ଗୋଟି ଗୋଟି ହୋଇ ତାରା ଜଳି ଉଠନ୍ତି । କେବେ କେବେ ପୂର୍ବ ଆକାଶରେ ରୁପେଲି ଚାନ୍ଦ ଉଇଁ ଆସେ ।

ଦୁଇହାତ ଅଢେଇ ହାତ ଉଚ ପିଲାଗୁଡ଼ିଏ । ଛୋଟ ଛୋଟ ପାହୁଲ ପକାଇ ଆସନ୍ତି ଓ ଖେଳନ୍ତି । ଦେହରେ ଥାଏ ଛୋଟ ଛୋଟ ଫ୍ରକ୍ ଓ ଜାମା । କେତେ ଛୋଟ ଛୋଟ କଥା କହନ୍ତି । ବାପା କ'ଣ କହିଲେ—ମଷ୍ଟ୍ର କ'ଣ ପଢ଼ାଇଲେ—ତାଙ୍କର କୁକୁର କ'ଣ କଲା ? ଇତ୍ୟାଦି ଇତ୍ୟାଦି ଅସୁମାର କଥା ।

ଏହି କେତୋଟି ଅର୍ଥହୀନ ଘଟଣାର ମୂଳଦୁଆ ଉପରେ ଅନେକ ବର୍ଷ ପରେ ହରିହରର କଳ୍ପନା ପ୍ରେୟସୀ ଗଢ଼ି ଉଠିଥିଲା ସେହି ଇଙ୍ଗିତ ହୀନ କେତୋଟି ଦରଭୁଲା କଥାକୁ ମୂଳ କରି ।

ତାହାପରେ ପରିବର୍ତ୍ତନ ଆସିଥିଲା । ହରିହର ବଢ଼ୁଥିବା ମନ ଓ ଦେହ ନେଇ ଇସ୍କୁଲ କଲେଜ ଆଡ଼େ ଚାଲିଲା । ନିରୁପମା ଓ ତାହାର ଭାଇଭଉଣୀ



Digitized by srujanika@gmail.com

ସେମାନଙ୍କର ବାଟରେ ଆଗେଇ ଗଲେ । ଆଉ ଖେଳ ହୁଏ ନାହିଁ କି କଥା ହୁଏ ନାହିଁ ।

ଘର ଆଗର ଜାଅନ୍ତା ଦୁରେଣ୍ଡାବାଡ଼ ଯେମିତି ଛୋଟ କାଠି ଖଣ୍ଡକରୁ ବଢ଼ି ଚାଲେ ପୁରା ଶାଳଆ ବାଡ଼ ହୋଇ ଠିକ୍ ସେମିତି ହରିହର ଓ ନିରୁପମା ମଧ୍ୟରେ ଘଟଣାର ବାଡ଼ ଆସି ଠିଆ ହୋଇଗଲା । ତଥାପି ବାଡ଼ ଭିତରୁ ଏପାଖୁ ସେ ପାଖକୁ ଚାହିଁ ହୁଏ ।

(୨)

ନିରୁପମା ସ୍କୁଲରେ ପଢ଼େ । ଏଡ଼ା ବହି ସାଙ୍ଗରେ ଆଉର ଅନେକ ଏଣୁତେଣୁ ବହି ପଢ଼େ । ତାହାର ଦେହକୁ ଛୋଟ ଫ୍ରକ୍ ହେଉ ନାହିଁ । ଲମ୍ବା ସାଢ଼ୀ ଦରକାର ହେଲାଣି । ତାହାର ଦେହ ଫୁଲ ଫୁଟିଲାଣି ଯୌବନର କାଉଁରୀ ପରଶରେ । ତାହାର ମନରେ କେତେ ବଡ଼ ବଡ଼ କଳ୍ପନା ମଣିଷ ନେଇ ଓ ଜୀବନ ନେଇ ।

ହରିହର ସେମିତି କଲେଜରେ ପଢ଼ିଲାଣି । ସେ ଆଉ ପିଲାଦିନ ଖେଳ ଖେଳୁନାହିଁ । ସେ ଭାବୁକ ଓ ଲେଖକ ହେଲାଣି । ତାହାର ଶାଗୁଆ ଭାବନା ଓ ରଙ୍ଗୀନ୍ କଳ୍ପନାକୁ ସେ ଗଳ୍ପ ଓ ଉପନ୍ୟାସ କରେ ।

ନିରୁପମା ମଧ୍ୟ ପଢ଼େ ସେ ସବୁ । ପିଲାଦିନର ଖେଳ ସାଥିର ଲେଖା ଗୁଡ଼ିକୁ ନେଇ ତାହାର ତରୁଣୀ ସାଥିମାନଙ୍କୁ ସେ ପଢ଼ାଏ ଓ ଶୁଣାଏ । ହରିହରର କଞ୍ଚା ଓ ଅଧାପାଚିଲା ଲେଖା-ଗୁଡ଼ିକର ନିରୁପମା ଗୋଟିଏ ଭକ୍ତ ।

ହରିହର କଥା ପ୍ରସଙ୍ଗରେ ତାହାର ବନ୍ଧୁ ଘରୁ ଶୁଣିଲା ଯେ ତାହାର ଲେଖାଗୁଡ଼ିକୁ ସଂସାର ହତାଦର କଲାବେଳେ ନିରୁପମା ଆଦର କରୁଛି । ସେ ମନେ ମନେ କେତେ କଳ୍ପନାର ଜାଲ ବୁଣେ ତାହାର ନିରୁପମା ବିଷୟରେ ।

ହରିହର ଶୋଇ ଶୋଇ ସ୍ୱପ୍ନ ଦେଖେ ନିରୁପମା ଆସିଛି ତାହାର ଘରକୁ । ଦୁହେଁ ମିଶି ଅନେକ ଲେଖୁଛନ୍ତି ଓ ପଢୁଛନ୍ତି । ଚାରିଆଡ଼େ ତାଙ୍କର ପ୍ରଶଂସା ବୁଣି ହୋଇ ପଡ଼ୁଛି । ହଠାତ୍ ଯେମିତି ସେ ବାସ୍ତବ ପୃଥିବୀକୁ ଚାଲିଆସି ଭାବେ 'ସତେ କଣ ଏହିସବୁ ତାହାପରି ଗରିବ ପକ୍ଷରେ ସମ୍ଭବ ?'

(୩)

ଗୋଟିଏ ତରୁଣୀର ଏତିକ ଆଲୋଚନାରୁ ହରିହର ପ୍ରେମ ପାଗଳ ହୋଇ ପଡ଼ିଲା । ପଢ଼ାପଢ଼ି ଅଳ୍ପ କରୁଥିଲା, ସେତିକ ଆଉରି ଧିମେଇ ଆସିଲା । ତାହାର କାମ ହେଲା ନିରୁପମାର ବାପା ଭାଇ ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନମାନଙ୍କୁ ଭକ୍ତି ଦେଖାଇବା ଓ ଖୋସାମଦ କରିବା ।

ଅବରକାଶି ହରିହରର ଏହି ଅଯାଚିତ ଭକ୍ତି ଓ ସ୍ନେହ ସେମାନଙ୍କୁ ବିରକ୍ତ କରେ । ସେମାନେ ଦୟା ଦେଖାଇ ଥରେ ଅଧେ ହରିହରର ପଢ଼ା କଥା ବୁଝନ୍ତି ଓ ଉପଦେଶ ଦିଅନ୍ତି । ହରିହର କିନ୍ତୁ ଭାରି ଆନନ୍ଦ ପାଏ କାରଣ ସେମାନେ ହରିହରର ତତ୍ତ୍ୱ ନେଲେଣି । ବୋଧହୁଏ ନିରୁପମା ଆସିବ ତାହା ପାଖକୁ ।

ଆଉ ବାକି ରହିଲା ନିରୁପମା । ତାହାକୁ ଯାଇ ହରିହର କହିବ ଯେ ସେ ତାହାକୁ କେତେ ଭଲପାଏ । ଦେଖା ସାକ୍ଷାତର ସୁବିଧା ନ ଥିବାରୁ ହରିହର ଧାଏଁ ନିରୁପମାର ସ୍କୁଲ ଗାଡ଼ି ପଛେ ପଛେ ।

କଲେଜ ଛାଡ଼ି ସେ ବାଳିକା ସ୍କୁଲ ଯିବା ରାସ୍ତାରେ ଠିଆ ହୋଇଥାଏ । ରାସ୍ତା କଡ଼ରୁ ମଟର ଧୂଳି ଭିତରେ କେବଳ ନିରୁପମାର ଫାଲେ ମୁହଁ କି ବେକର ପଛଆଡ଼ଟି ଦିଶେ । ଆଉ ଦିନେ ଦିନେ ନିରୁପମା ଗାଡ଼ିର ସେପାଖେ ନ ବସି ଓଲଟା ପାଖେ ବସିଥାଏ । ହରିହର ଏଇ ଏତିକ ବଦଳରେ ତାହାର କଲେଜର ପଢ଼ା ନଷ୍ଟ କରେ ।

କିନ୍ତୁ ଘରକୁ ଆସି ଶିକାରରୁ ଯାହା ମିଳିଲା ସେତିକ ଏକାଠି କରି ବୁଣେ ତାହାର କଳ୍ପନା । ବେଳେ ବେଳେ ଏହି କଳ୍ପନା ଓ ଖିଆଲ ମିଶି ଧୂଆଁଳିଆ ହୋଇଯାଏ ହରିହର ମନ ଭିତରେ । ସେ ଆଚ୍ଛନ୍ନ ହୋଇ ଶୋଇପଡ଼େ ।



Digitized by srujanika@gmail.com

(୪)

ନିରୁପମାର ବିବାହ ପ୍ରସ୍ତାବ ଅନ୍ୟ ଆଡ଼େ ଗଡ଼ିଲାଣି । ହରହରର ଖାଲି ଚନ୍ଦ୍ର ଠାକୁରଙ୍କଠାରେ ଅଶ୍ରୁ ଭରା ଜଣାଣ ଯେ ସବୁ ଭାଙ୍ଗି ଯାଉ । ଶେଷକୁ ତାହାର ଭାଗ ପଡ଼ିଯିବ । ଏଣେ କଲେଜରେ ସେ ବି. ଏ. ପରୀକ୍ଷାକୁ ତିନଥର ଦେଇ ସାରିଲାଣି ।

ନିରୁପମାର ସ୍ୱପ୍ନ ଭାଙ୍ଗିବା ପାଇଁ ବୋଧହୁଏ ତାହାର ବିଭାଘର ଠିକଣା ହୋଇ ପାରିଲା ନାହିଁ । ଏଣେ ହତାଶ ପ୍ରେମିକ ହରହର ଏଇଟା ସେଇଟା ଉପଲକ୍ଷ ଦେଇ ବହୁତ ମାଇପି କାହାଣୀ ଲେଖେ— ହେଲା ଏବେ ସେହି ଲେଖାଗୁଡ଼ିକ ଅତି ବାଜେ ।

ନିରୁପମା ବୁଝେ ନିଜର ଦୁଃଖ । ସେଥିପାଇଁ ସେ ହରହରର ଏ କାତର କାହାଣୀ ବି ବୁଝି ପାରିଲା । ତାହାର ସହାନୁଭୂତି ଧୀରେ ଧୀରେ ହରହର ପ୍ରତି ପ୍ରେମର ବନ୍ଧନକୁ ଦୃଢ଼ କଲା ।

ନିରୁପମା ତାହାର ସାଥିମାନଙ୍କୁ କହେ ଯେ ତାହାର ଇଚ୍ଛା ହରହରକୁ ବିଭା ହେବାପାଇଁ । ଆଉ ଏମିତି ଜାଗାରେ କହିଦିଏ ଯେଉଁଠୁ ହରହର ଖବର ଠିକ୍ ପାଇବ ଓ ପାଏ ମଧ୍ୟ ।

ନିରୁପମାର ସାଙ୍ଗ ସାଥିମାନେ ତାହାକୁ ଥଟ୍ଟା କରି କହନ୍ତି 'ଆଉ ପଢ଼ାପଢ଼ିରେ କାହିଁ ସମୟ ନଷ୍ଟ କରୁଛ ? ଯା ସେଠି ତାଙ୍କ ଘରେ ଯାଇ ବସିଲେ ଅନେକ ଗଳ୍ପ କବିତା ତିଆରି କରିପାରିବୁ ।'

ଏଣେ ହରହରର ଛାତି ଭିତରେ ଝଡ଼ ଉଠିଲେ ସମୁଦ୍ରପରି ଏପାଖ ସେପାଖ ହୁଏ ।

ଅପଦାର୍ଥ ହରହର ଦୂରରେ ରହିଲା । ନିରୁପମା ମଧ୍ୟ ବୁଝିଗଲା ଯେ ମନଠାରୁ ସାଂସାରିକ ଅର୍ଥ ବଡ଼ କଥା । ସେ ବି ଧୀରେ ପଛ ଆସିଲା । ସେ ଲଜ୍ଜିତା ହେଲା ଯେ ହରହର କଥା ଭାବି ପଦାରେ ସେହି କଥା କହି କହି ସେ ତାହାର ଭବିଷ୍ୟତ ଆଗରେ କଣ୍ଟା ଛାଟୁଛି ।

ତେଣୁ ସ୍ତ୍ରୀ ସୁଲଭ ବ୍ୟବହାରିକ ଜ୍ଞାନ ଦେଖାଇ ସେ ହରହର ବିଷୟରେ ପ୍ରକାଶ୍ୟ ସମାଲୋଚନା ଆରମ୍ଭ କରିଦେଲା । କାରଣ ହରହର ଅଯୋଗ୍ୟ ।

(୫)

ହରହର ଶୁଣେ ଏହି ଦ୍ୱିତୀୟ ଅଧ୍ୟାୟ କିନ୍ତୁ ବୁଝି ନ ପାରି ଅଧିକରୁ ଅଧିକ ଭାବେ । ତାହାର ଆଖି ଆଗରେ ସତେ ଯେପରି ନିରୁପମା ସ୍ପଷ୍ଟ ହୋଇ ଆସେ । ବହୁତ ଦୂର ଚାଲିଅଛି; ପଛକୁ ଚାହିଁଲେ ଯେମିତି ଦୂର ଦିଗ୍‌ବଳୟର ଅତି ପରିଚିତ ଘରବାରି ଗଛ ପତ୍ର ସ୍ପଷ୍ଟ ହୋଇ ଦିଶନ୍ତି ।

ଏହି ପ୍ରକାରରେ ହରହର ନିରୁପମା ବିଷୟରେ ଉଦାସୀନ ହେବା ଆରମ୍ଭ କଲାବେଳକୁ ଦିନେ ଶୁଣିଲା ନିରୁପମାର ବିଭାଘର ତାହାର ଜଣେ ସହପାଠୀ ସହିତ ସ୍ଥିର ହୋଇଗଲା ।

ହରହର ଖାଲି ଥରକର ଦେଖାପାଇଁ ବ୍ୟସ୍ତ ହୋଇ ପଡ଼ିଲା । ଅନେକ ଦିନ ହେଲାଣି ସେ ନିରୁପମାକୁ ଦେଖିନାହିଁ । ବୋଧହୁଏ ସ୍କୁଲ ଛାଡ଼ିବା ପରେ ସେ ପଦାକୁ ବାହାରୁ ନାହିଁ ।

ଶେଷକୁ ତାହାର ଇଚ୍ଛା ପୂରଣ ହେଲା । କାର୍ତ୍ତିକ ପୂର୍ଣ୍ଣିମା ଜହ୍ନର ଆଲୁଅ ତଳେ ବସିଥିବା ମହାନଦୀ ବାଲିଯାତ୍ରାର ପହିଲିଆର ମେଳା ଭିତରେ ଦେଖା ହେଲା । ଆସନ୍ନ ବିଭାଘରର ଆନନ୍ଦରେ ନିରୁପମାର ଯୌବନ ପୁଣି ଥରେ ଚହଟି ଉଠିଛି । ନିରୁପମା ତାହାର ସାଙ୍ଗମାନଙ୍କ ମେଳରେ ବୁଲିଥିଲା—ହରହର ଆଖି ଆଗରେ ।

ହରହର ହତାଶ ହେଲା । ସେ ଯେଉଁ ଦୁଃଖର କଳାମେଘ ନିରୁପମାର ମୁହଁରେ ଖୋଜୁଥିଲା ନ ପାଇ ଭାବିଲା ସ୍ତ୍ରୀ ଲୋକହିଁ ସବୁ ଅନର୍ଥର ମୂଳ । ହରହରର ଏତେ ଦୁଃଖ ଯେମିତି ଅସାର ହୋଇଛି ।

ସେହି କ୍ଷତ ନେଇ ହରହର ଲୁଚି ରହିଲା ପ୍ରାୟ ତିନି ମାସ ନିରୁପମାର ବିଭାଘର ଯାଏ । ସେହି ଘଟଣାଟି ଘଟିଗଲେ ସେ ମୁକ୍ତି ପାଇବ ।

(୬)

ସତକୁ ସତ ମୁକ୍ତିର ଦିନ ଆସିଲା । ହରହର ମନେ କରିଥିଲା ସେ ନିମନ୍ତ୍ରଣ ପାଇବ ଆଉ



Digitized by srujanika@gmail.com

(୪)

ନିରୁପମାର ବିବାହ ପ୍ରସ୍ତାବ ଅନ୍ୟ ଆଡ଼େ ଘୁଞ୍ଚିଲାଣି । ହରିହରର ଖାଲି ବିମଳା ଠାକୁରଙ୍କ-ଠାରେ ଅଶ୍ରୁଭରା ଜଣାଣ ଯେ ସବୁ ଭାଙ୍ଗିଯାଉ । ଶେଷକୁ ତାହାର ଭାଗ ପଡ଼ିଯିବ । ଏଣେ କଲେଜରେ ସେ ବି. ଏ. ପରୀକ୍ଷାକୁ ତିନିଥର ଦେଇ ସାରିଲାଣି ।

ନିରୁପମାର ସ୍ୱପ୍ନ ଭାଙ୍ଗିବା ପାଇଁ ବୋଧହୁଏ ତାହାର ବିଭାଘର ଠିକଣା ହୋଇ ପାରିଲା ନାହିଁ । ଏଣେ ହତାଶ ପ୍ରେମିକ ହରିହର ଏଇଠା ସେଇଠା ଉପଲକ୍ଷ ଦେଇ ବହୁତ ମାଇପି କାନ୍ଦଣା ଲେଖେ— ହେଲା ଏବେ ସେହି ଲେଖାଗୁଡ଼ିକ ଅତି ବାଜେ ।

ନିରୁପମା ବୁଝେ ନିଜର ଦୁଃଖ । ସେଥିପାଇଁ ସେ ହରିହରର ଏ କାତର କାନ୍ଦଣା ବି ବୁଝି ପାରିଲା । ତାହାର ସହାନୁଭୂତି ଧୀରେ ଧୀରେ ହରିହର ପ୍ରତି ପ୍ରେମର ବନ୍ଧନକୁ ଦୃଢ଼ କଲା ।

ନିରୁପମା ତାହାର ସାଥିମାନଙ୍କୁ କହେ ଯେ ତାହାର ଇଚ୍ଛା ହରିହରକୁ ବିଭା ହେବାପାଇଁ । ଆଜି ଏମିତି ଜାଗାରେ କହିଦିଏ ଯେଉଁଠୁ ହରିହର ଖବର ଠିକ୍ ପାଇବ ଓ ପାଏ ମଧ୍ୟ ।

ନିରୁପମାର ସାଙ୍ଗ ସାଥିମାନେ ତାହାକୁ ଥଟ୍ଟା କରି କହନ୍ତି 'ଆଜି ପଢ଼ାପଢ଼ିରେ କାହିଁ ସମୟ ନଷ୍ଟ କରୁଛ ? ଯା ସେଠି ତାଙ୍କ ଘରେ ଯାଇ ବସିଲେ ଅନେକ ଗଳ୍ପ କବିତା ତିଆରି କରିପାରିବୁ ।'

ଏଣେ ହରିହରର ଛାତି ଭିତରେ ଝଡ଼ ଭିତରେ ସମୁଦ୍ରପରି ଏପାଖ ସେପାଖ ହୁଏ ।

ଅପଦାର୍ଥ ହରିହର ଦୂରରେ ରହିଲା । ନିରୁପମା ମଧ୍ୟ ବୁଝିଗଲା ଯେ ମନଠାରୁ ସାଂସାରିକ ଅର୍ଥ ବଡ଼ କଥା । ସେ ବି ଥିର ମତ ଆସିଲା । ସେ ଲଜ୍ଜିତା ହେଲା ଯେ ହରିହର କଥା ଭାବି ପଦାରେ ସେହି କଥା କହି କହି ସେ ତାହାର ଭବିଷ୍ୟତ ଆଗରେ କଣ୍ଟା ଛାଟିଛି ।

ତେଣୁ ସ୍ତ୍ରୀ ସୁଲଭ ବ୍ୟାବହାରିକ ଜ୍ଞାନ ଦେଖାଇ ସେ ହରିହର ବିଷୟରେ ପ୍ରକାଶ୍ୟ ସମାଲୋଚନା ଆରମ୍ଭ କରିଦେଲା । କାରଣ ହରିହର ଅଯୋଗ୍ୟ ।

(୫)

ହରିହର ଶୁଣେ ଏହି ଦ୍ୱିତୀୟ ଅଧ୍ୟାୟ କିନ୍ତୁ ବୁଝି ନ ପାରି ଅଧିକରୁ ଅଧିକ ଭାବେ । ତାହାର ଆଖି ଆଗରେ ସତେ ଯେପରି ନିରୁପମା ଛୋଟ ହୋଇ ଆସେ । ବହୁତ ଦୂର ଚାଲିଅଛି; ପଛକୁ ଚାହିଁଲେ ଯେମିତି ଦୂର ଦିଗ୍‌ବଳୟର ଅତି ପରିଚିତ ଘରବାରି ଗଛ ପତ୍ର ଛୋଟ ହୋଇ ଦିଶନ୍ତି ।

ଏହି ପ୍ରକାରରେ ହରିହର ନିରୁପମା ବିଷୟରେ ଉଦାସୀନ ହେବା ଆରମ୍ଭ କଲାବେଳକୁ ଦିନେ ଶୁଣିଲା ନିରୁପମାର ବିଭାଘର ତାହାର ଜଣେ ସହପାଠୀ ସହିତ ସ୍ଥିର ହୋଇଗଲା ।

ହରିହର ଖାଲି ଥରକର ଦେଖାପାଇଁ ବ୍ୟସ୍ତ ହୋଇ ପଡ଼ିଲା । ଅନେକ ଦିନ ହେଲାଣି ସେ ନିରୁପମାକୁ ଦେଖିନାହିଁ । ବୋଧହୁଏ ସ୍କୁଲ ଛାଡ଼ିବା ପରେ ସେ ପଦାକୁ ବାହାରୁ ନାହିଁ ।

ଶେଷକୁ ତାହାର ଇଚ୍ଛା ପୂରଣ ହେଲା କାର୍ତ୍ତିକ ପୂର୍ଣ୍ଣିମା ଜହ୍ନର ଆଲୁଅ ତଳେ ବସିଥିବା ମହାନଦୀ ବାଲିଯାତ୍ରାର ପଞ୍ଚୁଆର ମେଳା ଭିତରେ ଦେଖା ହେଲା । ଆସନ୍ନ ବିଭାଘରର ଆନନ୍ଦରେ ନିରୁପମାର ଯୌବନ ପୁଣି ଥରେ ଚହଟି ଉଠିଛି । ନିରୁପମା ତାହାର ସାଙ୍ଗମାନଙ୍କ ମେଳରେ ଚାଲିଥିଲା—ହରିହର ଆଖି ଆଗରେ ।

ହରିହର ହତାଶ ହେଲା । ସେ ଯେଉଁ ଦୁଃଖର କଳାମେଘ ନିରୁପମାର ମୁହଁରେ ଖୋଜୁଥିଲା ନ ପାଇ ଭାବିଲା ସ୍ତ୍ରୀ ଲୋକହିଁ ସବୁ ଅନର୍ଥର ମୂଳ । ହରିହରର ଏତିକି ଦୁଃଖ ଯେମିତି ଅସାର ହୋଇଛି ।

ସେହି କ୍ଷତ ନେଇ ହରିହର ଲୁଚି ରହିଲା ପ୍ରାୟ ତିନି ମାସ ନିରୁପମାର ବିଭାଘର ଯାଏ । ସେହି ଘଟଣାଟି ଘଟିଗଲେ ସେ ମୁକ୍ତି ପାଇବ ।

(୬)

ସତକୁ ସତ ମୁକ୍ତିର ଦିନ ଆସିଲା । ହରିହର ମନେ କରିଥିଲା ସେ ନିମନ୍ତ୍ରଣ ପାଇବ ଆଜି



Digitized by srujanika@gmail.com

ଦେଖଣାହାରୀ ହିସାବରେ ନିଜ ଆଖିରେ ଦେଖି ଆସିବ ତାହାର କଳ୍ପନାର ରାଣୀ କେମିତି ତାହାକୁ ଖାଦେଇ ଦେଇ ଗ୍ଭଲିଗଲା ।

ହତଭାଗା ସେଥିରେ ମଧ୍ୟ ନିରାଶ ହେଲା । ତାହାର ବାସ୍ତଘର ଧନ ସେ ବଡ଼ ଅଧୈର୍ଯ୍ୟ ହୋଇ କଟେଇଲା । ରାତିରେ ଶୋଇ ପାରିଲା ନାହିଁ ।

ରାତି ଅଧରେ ସେ ଧୀରେ ଧୀରେ ଗ୍ଭଲିଲା ନିରୁପମାର ଘରଆଡ଼େ । ଦୂରରୁ ବାଜା ଗୁଡ଼ିକ କଠୋର ହୋଇ ଶୁଭୁଥିଲା ପାଖରେ ଆଜିର ସେ ଗୁଡ଼ିକ ଭୟଙ୍କର ଲାଗିଲା । ଦୁଆର ଆଗରେ ଗାଢ଼ ମଟର ଥୁଆ ହୋଇଥିଲା ସତେ ଯେମିତି ହରିହରର ସ୍ୱଚ୍ଛନ୍ଦ ଦୃଷ୍ଟି ଓ ଗତିକୁ ପ୍ରତିରୋଧ କରିବାପାଇଁ ।

ଦୁଆର ପାଖ ଆଲୁଅ ଗୃହଆଡ଼େ ଅସଂଖ୍ୟ ଶୀତଦିନଆ ପୋକ ଉଡ଼ି ବୁଲୁଥିଲେ ମଣ୍ଡଳୀ କରି ହରିହରକୁ ସତେ ବନ୍ଦ କରିବାପାଇଁ ।

ଭିତରୁ ବେଳେ ବେଳେ ମନ୍ତ୍ର ଶୁଭି ଯାଉଥାଏ । ନିରୁପମା ଗୋଟିଏ ପରେ ଗୋଟିଏ ସଂସ୍କାର ଶେଷ କରି ତାହାର ସ୍ୱାମୀ ସହିତ ବାନ୍ଧି ହୋଇ ହୋଇ ଯାଉଥିଲା ।

(୭)

ହରିହର ଫେରିଲା ତାହାର ସେହି ଅସାର କଳ୍ପନା ଓ ଦୁଃସ୍ୱପ୍ନ କଥା ଭାବି ଭାବି । ନିରୁପମା କେମିତି ତାହାକୁ ଭଲ ପାଇ ତାହାର ସ୍ମୃତିକୁ ନିଜର ସ୍ତ୍ରୀ ଜନୋଚିତ କର୍ତ୍ତବ୍ୟ ଅନୁରୋଧରେ ପୁଣି ବିସ୍ମୃତିକୁ ଠେଲି ଦେଇଛି । ଆଜି ଏତେକ କରିବାପାଇଁ ସେହି ସ୍ମୃତିକୁ ଗୋଇଠା ମାରି ମାରି ତାହାର ପ୍ରତି ନିଜର ଘୃଣା ଜନ୍ମେଇଛି ।

ତାହାର ମନେ ହେଲା ସେହି ଚଉଦ ବର୍ଷ ଘଟଣା ଚକ୍ରରେ ଯାହା ଘଟିଗଲା ସେତିକ ଦୁଇଟି ପରିଚିତଙ୍କର ଅମ୍ଳିଯୁତା ଓ ପରସ୍ପର ପ୍ରତି ପ୍ରେମ ଆକର୍ଷଣ ଭିତରେ ଗୋଟିଏ ବାଡ଼ପରି ବଢ଼ି ଉଠି ଦୁହିଁଙ୍କୁ ଯେମିତି ଅଲଗା କରି ରଖି ଦେଇଛି ।

ସେ ଥରକୁଥର ମନକୁ ପଗ୍ଭରି ହେଲା ସାଧାରଣ ମଣିଷର ମାମୁଲି ବୈଚିତ୍ର୍ୟହୀନ ଜୀବନରେ ବି ନିୟତି ଏମିତି ଖଣ୍ଡାବାଡ଼ ଟିଆ କରେଇ କ'ଣ ଲାଭ ପାଏ ? ଯେଉଁମାନଙ୍କର ଜୀବନରେ କିଛି ନାହିଁ ସେହିମାନଙ୍କୁ ପେଷିଲେ କ'ଣ ମଜା ହୁଏ ପାରେ ?

# ଶ୍ରଦ୍ଧାଞ୍ଜଳି

ଶ୍ରୀ କପିଳେଶ୍ୱର ଶ୍ରେଷ୍ଠବସୁ

ହେ ପୁଣ୍ୟାତ୍ମା, ପୁଣ୍ୟଶ୍ଳୋକ, ପୁରୁଷ ଉତ୍ତମ,
ସତ୍ୟ, ଶାନ୍ତ, ଅହିଂସାର ମୂର୍ତ୍ତିମାନ ଦେବ,
ପରମ କରୁଣାମୟ, ଧର୍ମ ଯୁଧିଷ୍ଠିର
ଏ ଯୁଗର ସର୍ବଶ୍ରେଷ୍ଠ ଆଦର୍ଶ ପୁରୁଷ,
ନିଷ୍କଳଙ୍କ ସଚ୍ଚରିତ୍ର, ଶୁଦ୍ଧ ସତ୍ୟମୟ
ଯୁଗଧର୍ମ ପ୍ରବର୍ତ୍ତକ, ଧାର୍ମିକ ପ୍ରବର,
ଦେବଗଣ ସୁଦୁର୍ଲ୍ଲଭ ସଦ୍‌ଗୁଣ ମଣ୍ଡିତ,
ଶାନ୍ତିପ୍ରିୟ ସତ୍ୟବ୍ରତ, ଧର୍ମ ସଂସ୍କାରକ,
ଅକ୍ରୋଧ ପରମାନନ୍ଦ, ଧ୍ୟାନ ଅକିଞ୍ଚନ,
ଈଶ୍ୱର ଶରଣାଗତ, କର୍ମନିଷ୍ଠ ଭକ୍ତ,
ସର୍ବଦା ପ୍ରସନ୍ନ ଚିତ୍ତ ପ୍ରଶାନ୍ତ ମୂରତି,
ଆତ୍ମ ଅଭିମାନ ଶୂନ୍ୟ, ପରମ ଉଦାର
ନିର୍ମମ, ନିରହଂକାର, ନିର୍ଭୀକ, ନିଷ୍ଫଳ
ସତ୍ୟ ଧର୍ମ ସଂରକ୍ଷଣେ ମେରୁଗିରି ସମ,
ଅଟଳ ଅଚଳ, ଦୃଢ଼, ବଜ୍ର ପରିକର
ଧୀରସ୍ଥିର, ସତ୍ୟ, ଶିବ, ସରଳ ସୁନ୍ଦର
ସ୍ୱାର୍ଥହୀନ, ସମଦର୍ଶୀ, ସମଭାବ ଯୁକ୍ତ
ଗାମ୍ଭୀର୍ଯ୍ୟେ ସିନ୍ଧୁରେ ତୁଳେ ପାରିବାର ସମ,



Digitized by srujanika@gmail.com

ବିନୟରେ ତୃଣଠାରୁ ଅଧିକ ସୁନୀଚ,
ତରୁରୁ ଅଧିକ ପୁଣି ସହିଷ୍ଣୁତା ଗୁଣେ,
ଅଜର ସନ୍ୟାସୀ ତୁମ୍ଭେ ସର୍ବଶ୍ରେଷ୍ଠ ତ୍ୟାଗୀ,
ଅପୂର୍ବ ଅତୁଳନୀୟ ତବ ଏ ଆଦର୍ଶ ।
ସାଧିଲ ଅଶେଷ ହିତ ବିଶ୍ୱ ଜଗତର
ସତ୍ୟ ଶାନ୍ତି ଅହିଂସାର ପଥ ଅନୁସରି,
ତୁମ୍ଭର ଅପୂର୍ବ ପୁଣ୍ୟ ସଦ୍ଭାବ ସୁକୃତ,
ସତ୍ୟ ଶାନ୍ତି ଅହିଂସାର ପୁଣ୍ୟ ତେଜୋରାଶି
କରିଅଛି ଉଦ୍ଭାସିତ ବିଶ୍ୱ ଜଗତକୁ,
ଆଜି ତୁମ୍ଭେ ବିଶ୍ୱଜନ ମାନସ ପ୍ରତିମା,
ହୃଦୟର ପ୍ରିୟତମ ଆରାଧ୍ୟ ଦେବତା
ଭାବୁକର ଧ୍ୟାନସିନ୍ଧୁ ରତ୍ନ ଚିନ୍ତାମଣି
ବିପ୍ରଲମ୍ଭର ସାନ୍ତ୍ୱନା ଅମୃତ ବାରିଧି,
ଦୀନ ଦୁଃଖୀ ପତିତର ଉଦ୍ଧାରକ ତୁମ୍ଭେ,
ସୁଜନୀତି ଧର୍ମନୀତି ପଥ ପ୍ରଦର୍ଶକ,
ଭାରତର ସ୍ୱାଧୀନତା ସୌଧ ନିର୍ମାଣକ,
ଭାରତ ମାତାର ପ୍ରିୟ ଯୋଗ୍ୟତମ ସୁତ ।
ତବ ସତ୍ୟ ସୂର୍ଯ୍ୟ ଦେବ ହେବାରୁ ଉଦିତ
ପାଷାଣ୍ଡ ଉଲ୍ଲୁକଗଣ ଭୀତ ତ୍ରସ୍ତ ହୋଇ
ମିଥ୍ୟାଗୁରୁ ଛଳ ଧର୍ମ ଅଜ୍ଞାନ ତିମିର
ପାପର ଗୁହ୍ୟତମ ଗହ୍ୱର ମଧ୍ୟରେ
ପଶିଲେଣି ଯାଇଁ ଏବେ ଆତ୍ମ ସଂଗୋପନ ।

ଅହିଂସା ଅମୃତ ବାରି ବରଷିଲ ଯେଣୁ
ସମ୍ପ୍ରଦାୟ ହିଂସାବାଦ ଘୋର ଦାବାନଳ
ଭସ୍ମ କରୁଥିଲା ଜାଳି ବିଶ୍ୱ ସଂସାରକୁ
ରହିଁ ରହିଁ ନିର୍ବାପିତ ହେଲା ସ୍ଥାନେ ସ୍ଥାନେ
ତୁମ୍ଭଙ୍କୁ କୋଳରେ ଧରି ଭାରତ ଜନନୀ
ଧନ୍ୟା ହୋଇଅଛୁ ତେଣୁ ଧରାଧାମେ ଆଜି ।
ଧନ୍ୟା ଆଜି ବସୁନ୍ଧରା ସାଗର ମେଖଳା
ତବ ପୁଣ୍ୟ ଆବିର୍ଭାବେ ତିରୋଭାବେ ତଥା ।
ଆବାଳ ବୃଦ୍ଧ ବନିତା ଏ ବିଶ୍ୱ ଜଗତ
ତୁମ୍ଭର ବିରହ ଶୋକେ ମର୍ମାହତ ଆଜି
ତୁମ୍ଭର ବିରହ ଦୁଃଖ ଅସହ୍ୟ ବେଦନା
ନ ସହି ପାରି ତେଜିଲେ ଜୀବନ ସହସା
କେତେ ଭକ୍ତ ଅନୁରକ୍ତ ସ୍ୱଦେଶ ପ୍ରେମିକ

ତବ ପୁଣ୍ୟ ତିରୋଧାନ ଦାରୁଣ ବାରତା
ବ୍ୟାପିଗଲା ମୁହୂର୍ତ୍ତକେ ବିଦ୍ୟୁତ ଗତିରେ
ପୃଥିବୀର ରଙ୍ଗମଞ୍ଚେ ପଡ଼ିଗଲା କ୍ଷଣେ
ବିଷାଦର ଯବନିକା ହାହାକାର ମଧ୍ୟେ
ନୈରାଶ୍ୟର ଅନ୍ଧକାର ଘୋଟିଗଲା ବିଶ୍ୱେ,
ଅର୍ଣ୍ଣବ ଗର୍ଜନ ଜିଣି କ୍ରନ୍ଦନର ରୋଳ
ଶୁଭିଲା ରୋଦନେ ଜଳସ୍ଥଳ ଆକାଶରେ
କାନ୍ଦିଲେ ସାଗର ବନ ହିମାଳୟ ଗିରି
ଯମୁନା ନର୍ମଦା ସିନ୍ଧୁ ଗଙ୍ଗା ଗୋଦାବରୀ
ଶେଣାପୃଲା ବ୍ରହ୍ମପୁତ୍ର ସର୍ବେ ନଦନଦୀ
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସହିତେ ।

ଦେବତୁମ୍ଭେ ଅଲୌକିକ ଶକ୍ତି ବିଧାୟକ,
ଅସାଧ୍ୟ ସାଧନକାରୀ ବିଚକ୍ଷଣ କର୍ମୀ,
ସମରାଜ୍ୟ ସଂସ୍ଥାପନେ କରାଇ ମାନସ
ବିଶ୍ୱଶାନ୍ତି ଯଜ୍ଞକର୍ମ କଲ ଅନୁଷ୍ଠାନ
ସେହି ପୁଣ୍ୟ ଯଜ୍ଞାନଳେ ଦେଇ ପ୍ରାଣବଳି
ଉଦ୍‌ଯାପନ କଲ ସେହି ଶାନ୍ତି ଯଜ୍ଞ କର୍ମ;
ସ୍ୱଜାତିରେ ଅପ୍ରକଟ ହେଲ ତୁମ୍ଭେ ଆଜି,
ନିମିତ୍ତ ମାନବ ହେଲା ତିରୋଭାବେ ତବ
ନାଥୁରାମ ବିନାୟକ ଉଦ୍‌ଭ୍ରାନ୍ତ ଯୁବକ,
ରେ ପାପିଷ୍ଠ ଆତତାୟୀ ଦୁଷ୍ଟ ନାଥୁରାମ,
ବଜ୍ରରୁ କଠିନ ହେଲା ହୃଦୟ କି ତୋର !

ଚଳିଲା କପରି ତୋର ହସ୍ତ ବଧିବାକୁ
ସତ୍ୟ ଶାନ୍ତି ଅବତାର ଧର୍ମ ପୁରୁଷଙ୍କୁ ?
ଅଟନ୍ତି ଯେ ଅହିଂସାର ମୂର୍ତ୍ତିମାନ ଦେବ
ବିଶ୍ୱ ଜନବନ୍ଦ୍ୟ ପୁଣି ବିଶ୍ୱ ଲୋକପ୍ରିୟ ।
ତୋରଲାଗି ଆଜି ଏହି ପୁଣ୍ୟ ହିନ୍ଦୁ ଜାତି
ଜଗତରେ କଳଙ୍କିତ ହେଲା ଚିରକାଳ,
ଧୌତହେବ ନାହିଁ ଏହି କଳଙ୍କ କାଳିମା
ଯେତେ ଦିନଯାଏ ଥିବେ ଚନ୍ଦ୍ର ଦିବାକର,
ଇତିହାସ ନିନ୍ଦାବାଦ ଘୋଷୁଥିବ ସଦା ।
ଅଛି ବୋଲି ପ୍ରାୟଶ୍ଚିତ୍ତ ଏ ଘୋର ପାପର
କେଉଁ ବେଦଧର୍ମ ଶାସ୍ତ୍ରେ ହେଉନାହିଁ ମନେ
ଅନୁତାପାନଳେ ଦଗ୍ଧ ନ ହୋଇ ତୋ ପ୍ରାଣ
ରହୁଛି କପରି ଏହା ଭାବିଲେ ବିସ୍ମୟ



Digitized by srujanika@gmail.com

ହୋଇଅଛୁ ଜାତ ଆଜ ସମସ୍ତଙ୍କ ମନେ ।
ହେ ମହାତ୍ମା ନିର୍ବିକାର ଜ୍ଞାନ ତତ୍ତ୍ୱ ବେତ୍ତା
ତବ ହତ୍ୟା ନୁହେ ଏହା ଇଚ୍ଛା ମୃତ୍ୟୁ ମାତ୍ର
ସହିଲ ହେ ପ୍ରଭୁ ଏହୁ ମୃତ୍ୟୁ ହସି ହସି
ଅନ୍ତିମେ ରାମନାମ ଶ୍ରୀମୁଖେ ଉଚ୍ଚାରି
ନରରୂପେ ଦେବ ତୁମ୍ଭେ ସର୍ବଦା ଅମର
ଛାର ନର ମାରିବାକୁ ହେବ କି ସମର୍ଥ
ତୁମ୍ଭର ଅମର ତନୁ ଚିନ୍ମୟ ଶାଶ୍ୱତ ?
ଅଭିନୟ କଲ ମାତ୍ର ମରଣର ଲୀଳା
ନିୟତିର ପୂର୍ବପର କଳ୍ପିତ ବିଧାନେ
ଅନୁସରି ନରଧର୍ମ ଚିରନ୍ତନ ରୀତି ।
ଦ୍ୱାପର ଯୁଗାବତାର ଯେସନ୍ତେ କୃଷ୍ଣଚନ୍ଦ୍ର
ଭୂଭାର ହରଣ ଲୀଳା ଅଭିନୟକାରୀ ।
ଯଦୁବଂଶ ଅତ୍ୟାଚାର ମର୍ମାହତ ଦୁଃଖେ
ଅସହ୍ୟ ହେବାରୁ ବିସର୍ଜିଲେ ନିଜ ପ୍ରାଣ
ମୃତ୍ୟୁର ନିମିତ୍ତ ମାତ୍ର ହେଲା ଜରା ବ୍ୟାଧ,
ସେସନ୍ତେ ଭାରତର ହିଂସାତ୍ମକ ଗୃହ ଯୁଦ୍ଧ
ଭୀଷଣ ରକ୍ତାକ୍ତ ଘୋର ବିଭୀଷିକାମୟ
ନାରୀ ହତ୍ୟା, ଶିଶୁ ହତ୍ୟା, ଭ୍ରାତୃହତ୍ୟା ଆଦି
ପୈଶାଚିକ ବର୍ବରତା ବିଭତ୍ସ ବିକୃତ,
ଏ ଅସଭ୍ୟ ଦୁର୍ଘଟଣା ହୋଇଅଛି ଏବେ
ନିତ୍ୟ ନୈମିତ୍ତିକ କାର୍ଯ୍ୟ ଏ ପୁଣ୍ୟ ଭାରତେ ।

ଅହିଂସା ଗୀତର ଏହି ପୁଣ୍ୟ ପରିଣାମ ?
ଏହିକି ଜୀବନ ବ୍ୟାପୀ ସାଧନାର ଫଳ ?
ହେ ଦେବ ଅଜାତଶତ୍ରୁ ଧର୍ମ ନିରଞ୍ଜନ,
କିପରି ସହିବ ଏହା ତବ ଧର୍ମପ୍ରାଣ ?
ଜାଣିଲେ ଆପଣ ଯହୁଁ ଭେଦଭେଦ ସୃଜନ
ସ୍ୱଧର୍ମ ପଥାନୁବର୍ତ୍ତୀ ଅଭିନୟକାରୀ
ମର୍କଟ ବୈଷମ୍ୟ ରଙ୍ଗଧାରୀ, ଧର୍ମଧ୍ୱଜୀ,
ଛଦ୍ମବେଶୀ, ଦେଶପ୍ରୀତି ଛଳନା ସଙ୍କୁଳ,
କଣ୍ଟକିତ ପରିପୂର୍ଣ୍ଣ, କୁଟିଳ ହୃଦୟ,
ସ୍ୱାର୍ଥପର, ପରଅର୍ଥ ଲୁଣ୍ଠନରେ ପଟୁ,
ହୋଇଛନ୍ତି ଅତ୍ୟାଚାରୀ ବିସଙ୍ଗ ବୈଷ୍ଣବ ।
ଏ ସମସ୍ତ ଦୁଷ୍କୃତର ପ୍ରାୟଶ୍ଚିତ୍ତ ଲାଗି
ସ୍ୱୟଂ ଆଚରିଲ ତୁମ୍ଭେ ଅନଶନ ବ୍ରତ
ଅଭିନୟ କରି ପୁଣ୍ୟ ତପୋଭବ ଲୀଳା
ଚାଲିଗଲ ଶାନ୍ତିଧାମେ ଅଶାନ୍ତ ରାଜ୍ୟରୁ ।
ଧୋଇଦେଲ ଧର୍ମତତ୍ତ୍ୱ ଅମୃତ ବରଷି
ଅସ୍ପୃଶ୍ୟତା ହିନ୍ଦୁ ଧର୍ମ କଳଙ୍କ କାଳିମା ।
ଯାହା ଥିଲା ଅସମ୍ଭବ ପ୍ରକଟ ସମୟେ
ସମ୍ଭବିଲା ତାହା ଆଜି ଅପ୍ରକଟେ ତବ ।
ତବାଦର୍ଶ ଧର୍ମାଲୋକ ଚିରଦିନପାଇଁ
କରୁଥିବ ବିଶ୍ୱମୁଖ ଉଜ୍ଜ୍ୱଳ, ପବିତ୍ର
ଉଦ୍ଭାସିତ, ଜ୍ୟୋତିର୍ମୟ ଶୁଦ୍ଧ ସୁନିର୍ମଳ ।

# ମହାମାନବ ମହାତ୍ମାଜୀ

ଅଧ୍ୟାପକ—ଶ୍ରୀ ସିଦ୍ଧେଶ୍ୱର ହୋତା, ଏମ୍. ଏ.

କର୍ପୂର ଉଡ଼ିଯାଇଛି କନା ପଡ଼ି ରହିଛି । କାଳ ଭାରତ ତଥା ବିଶ୍ୱବାସୀଙ୍କୁ ଦରିଦ୍ର କରିଛି ଅସମୟରେ ମହାତ୍ମାଜୀଙ୍କୁ ଛଡ଼ାଇ ନେଇ । ଅମର ଆତ୍ମାର ଏ ଶୋଚନୀୟ ପରିଣତି ଆମକୁ କରିଛି ଆଜି ଅନୁତପ୍ତ, ଯାହା ସମସ୍ତମୟ ଭାରତ ବୁକୁରେ ଏ ଗୁରୁ ଧକ୍କା ଦେଇଛି । ଆମେ ଅଯୋଗ୍ୟ ସନ୍ତାନ । ନୋହିଲେ ସତ୍ୟ ଓ ଅହିଂସାର ଝଣ୍ଡା ଉଡ଼ାଇ ଯେ ବିଶ୍ୱ ବୁକୁରେ ନବୀନ ଚିନ୍ତାରେ ସୃଷ୍ଟି ଥିଲେ ବିପ୍ଳବ, ଶାସନତନ୍ତ୍ରରେ ଫୁଟାଇଥିଲେ ଦରିଦ୍ର ହରିଜନର ଅନ୍ତର ବ୍ୟଥା ଗଢ଼ିଥିଲେ ବିପନ୍ନ ଜୀବନରେ ମାନବିକତାର ଆଦର୍ଶ, ସେଇ ବାପୁଜୀଙ୍କର ଗଣରାଷ୍ଟ୍ର ପରିକଳ୍ପନାରେ ହୋଇଥାନ୍ତୁ ଆମପରି କୋଟି କୋଟି ହୀନଜୀବ ଗଳଗ୍ରହ ।

ଯାହା ହେବାର ହେଇଯାଇଛି । ଅମର



Digitized by srujanika@gmail.com

ସେପରି କିଛି ଧନରତ୍ନ ନାହିଁ, ଯାହା ଦେଇ କ୍ଷମା ଭିକ୍ଷା କରିପାରିବୁ । ଆମେ ଏର ଦୋଷୀ । ଏ ଧଣାହରେ ଲକ୍ଷ ଲକ୍ଷ କୋଟି କୋଟି ନର-ନାରୀଙ୍କୁ ଚେତାଇ ଦେଇଛି ତାଙ୍କର ବିଶ୍ୱବାଣୀ । ତାର ପ୍ରକୃତ ପୂଜାହିଁ ଆମର ଶିରଶିରରେ ଲୋଡ଼ା ।

ଆଜୀବନ ମଣିଷ ଜୀବନର ସେବାହିଁ ତାଙ୍କର ମୂଳମନ୍ତ୍ର । ଏଥିପାଇଁ କାରା ବରିଛନ୍ତି, ନାନା ନିର୍ଯ୍ୟାତନା ସହିଛନ୍ତି । କିନ୍ତୁ ଅମର ଆତ୍ମାର ଅମର ବାଣୀ ଏର ସତ୍ୟ ସନ୍ଧାନରେ ବିପ୍ଳବୀ ହୋଇ ଦୃପ୍ତ ନାରାୟଣ ଜାତିକୁ ଶିକ୍ଷା ଦେଇଛି ମାନବିକତା ବିଶ୍ୱ ବୁକୁରେ ପରଶିବାପାଇଁ । ଏ ମାନବିକତାର ମହତ୍ତ୍ୱ ଅନ୍ୟ କୌଣସି ଜାତିର କୃଷ୍ଟିରେ ନାହିଁ ।

ରାଜନୈତିକ ନେତା ଧର୍ମ ବିପ୍ଳବୀ ଜଗଦ୍‌ଗୁରୁ ଆଜି ଜଗତରୁ ଯାଇଛନ୍ତି । ସତ, କିନ୍ତୁ ଚରଖାର ଅମୀୟ ରୂପ କର୍ତ୍ତବ୍ୟର ପ୍ରେରଣା ଜ୍ୱଳନ୍ତ ଓ ଜୀବନ୍ତ ଭାବରେ ମଣିଷକୁ ଶିଖାଉଛି । ଧର୍ମରେ ରାଜନୀତି ହୋଇଛି ସାହିତ୍ୟରେ ସୌନ୍ଦର୍ଯ୍ୟପରି । ରାଜନୀତିଟା କ୍ଷଣିକ, ଧର୍ମର ଦ୍ୟୋତନା ଦେଉଛି ଦଧୀଚି ପରି ତାର ପ୍ରୀତିର ମଧୁରୂପ । ଏଥିରେ ଶିଖିବାକୁ ଯଥେଷ୍ଟ ଅଛି ଯାହାକି ମହାତ୍ମାଜୀ କହିଛନ୍ତି—

"If I seem to take part in politics it is only because politics to-day encircle us like the coils of a snake from which one can not get out no matter how one tries. I wish to wrestle with the snake. I am trying to induce religion into politics".

ଏଣୁ ପ୍ରାଚୀନ ଭାରତୀୟ ସଂସ୍କୃତିର ଆଧ୍ୟାତ୍ମ୍ୟ ରୂପ ଓ ଜୀବନ୍ତ ହୋଇଛି । ଏ ଆଦର୍ଶ ଗାଁ ଗହଳିକୁ ଦେଇଛି ନବପ୍ରେରଣା, ଏର ଉନ୍ମାଦନା । ନଈ ଗଙ୍ଗାପରି ସାମ୍ୟ ବ୍ରତର ଏକାସନ ପ୍ରୀତି ମଣିଷ ବୁଝି ବୁଝା ବୁଝିନା । କଳ କାରଖାନାର ଉତ୍ତାପ ଆଗରେ କୁଟୀର ଶିଳ୍ପ ଜୀବନ୍ତ ଓ ମହୀୟାନ ହୋଇ ଉଠିଛି । ବିଶ୍ୱ କଲ୍ୟାଣର ମହା ଆକାଂକ୍ଷା ତାଙ୍କୁ ଶିଖାଇଛି "to look beyond his own speeis and realize his identity wilti all that luis".

କଳ୍ପନାତୀତ ଅହିଂସା ସଂଗ୍ରାମରେ ହିଂସା ହାର ମାନିଛି । କୋଟି କୋଟି ଜୀବନରେ ଆତ୍ମ-ବିଶ୍ୱାସର ବଳ ଫୁଟି ଉଠିଛି । ଯେଣୁ ଧକ୍କା ଉପରେ ଧକ୍କା ବନ୍ଧୁକଠାରୁ ନୁହେଁ ପିସ୍ତଲଠାରୁ । ଧୈର୍ଯ୍ୟ ଚ୍ୟୁତି ଘଟିନି । ଅହିଂସାର ଅଶୋକ ଝଣ୍ଡା ହିଂସାକୁ ଗୋଡ଼ାଇ ଖାଇଛି । ସତ୍ୟର ଅକଳନ୍ତ ଶକ୍ତି, ସାର୍ବଜନୀନ ପ୍ରେମ ବିଶ୍ୱବୁକୁରେ ଫଳିପିଛି । ମର୍ତ୍ତ୍ୟରେ ସ୍ୱର୍ଗର କଳ୍ପନା ଚିତ୍ରକୁ ବାସ୍ତବରୂପ ଦେବାରେ ଠିକନଖି କରି ସାହାଯ୍ୟ ଦେଇଛି ରାଜନୀତିରେ ଧର୍ମର ଜୀବନ୍ତ ଝଣ୍ଡା । ଦରିଦ୍ରର ହା ଅନ୍ନ ଚିତ୍କାରରେ 'ରଘୁକୁଳ ରାଘବ ରାଜା ରାମ'ର ଅମର ଧ୍ୱନି ଜଗତକୁ ଦେଇଛି ବିଶ୍ୱ ମାନବଙ୍କ ଭାଷାରେ "Politics bereft of retigion are a death trap because they kill the soul".

କବି ସତ୍ୟରେ ସୌନ୍ଦର୍ଯ୍ୟ ଗୃହିଲାପରି ମହାତ୍ମାଜୀ ସତ୍ୟରେ ଈଶ୍ୱରଙ୍କୁ ପାଇଛନ୍ତି । ଧର୍ମଜ୍ଞ, ଦାର୍ଶନିକ ସେ । ବାଇବେଲ, କୋରାନ ଗୀତା ମୁଖରେ ଗୀତ । ଗାନ୍ଧିଙ୍କ The Allah of Islam is the samas the god of the christians and the 1 Svara ythe Hindus……" ଏ ଉଦାର ମୀତ ରୂପ ପାଇଛି ନୂଆଖାଲି, ବିହାରର ହିନ୍ଦୁ ମୁସଲମାନର ଏକୀ-କରଣରେ । ଏଥିପାଇଁ ବିଶୁଦ୍ଧ ମନ, ନିର୍ମଳ ଚରିତ୍ର ଲୋଡ଼ା, ଏ ସବୁ ନ ହେଲେ ମଣିଷ ଦେବ ହୁଏନା । ବିଶ୍ୱବନ୍ଧୁ ମହାତ୍ମାଜୀ ଆଜୀବନ ସମାନ ଆଖିରେ ପାର୍ଶୀ, ଖ୍ରୀଷ୍ଟିୟାନ, ହିନ୍ଦୁ ମୁସଲମାନଙ୍କୁ ଦେଖି ମାନବିକତାର ବିଶ୍ୱରୂପ ପରଶିଛନ୍ତି । ଏ ବିଶ୍ୱ କଳ୍ପନା ହିଁ ଗଣ ଶାସନର ମଧୁରୂପ । ଗଣତନ୍ତ୍ର ଅର୍ଥନୈତିକ ରାଜନୈତିକ ପରିକଳ୍ପନା ନୁହେଁ ସାମାଜିକ ପରିକଳ୍ପନାରେ ଆରମ୍ଭ ଓ ଏହାର ବିଭୂତି ଅନ୍ତରେ । ଯାହାକି ଯୁଗ ଯୁଗ ନେଇ ବିଶ୍ୱପକ୍ଷରେ ଏର ଆଦର୍ଶ ।

ପ୍ରାଚୀନ ଶିକ୍ଷା, ସଂସ୍କୃତି ସଭ୍ୟତାରେ ମହାମାନବ ବିପ୍ଳବୀ । ବିନା ବିପ୍ଳବରେ ଆତ୍ମଶୁଦ୍ଧି ହୁଏନା, ବିଶ୍ୱଶୁଦ୍ଧି ହୋଇ ପାରେ । ନା ବିଶ୍ୱଶୁଦ୍ଧି



Digitized by srujanika@gmail.com

ହୋଇଛ ମହାତ୍ମାଜୀଙ୍କ ବପ୍ଳବରେ । ଏଣୁ ସେ ଚିର ଅମର । ଅମରତ୍ୱର ପ୍ରତିପତ୍ତି ଧର୍ମ, ଜାତି, ଦେଶ ନିର୍ବିଶେଷରେ । ଯାହାର ବିଶ୍ୱ ମୁକ୍ତ କଣ୍ଠରେ ମାନିଛ ମହାତ୍ମାଜୀଙ୍କ ଭାଷାରେ **"I am a reformer through and through. But my zeal never leads me to the rejection anyof the casential things of Hinduism".**

ଭୀଷ୍ମପରି ଅଟଳ ପଣ ପୂର୍ଣ୍ଣ କରିବାରେ, କମାଣ ଗର୍ଜନ ଆଗରେ ଅହିଂସାର ଅମୋଘ ରୂପ କଳାଉଠିଛି । ମହାବୀରଙ୍କର ଅହିଂସା ମାତ୍ର ମାତ୍ରରେ ଥିଲା କିନ୍ତୁ ମହାତ୍ମାଜୀ ସତ୍ୟାଗ୍ରହରେ କର୍ତ୍ତବ୍ୟର ପରିପୂର୍ଣ୍ଣ ସମାପ୍ତି କରିଚନ୍ତି । ତେଣୁ ଆଜୀବନ **Non-Voiolence is the highest duty** ସେବାକରି ଅମର ପ୍ରୟାଣ ସମୟରେ "ମୁଁ ଆଜୀବନ ସତ୍ୟ ଓ ଅହିଂସା ସେବା କରି ଆସିଛି" ବୋଲି ଦେଇ ବିଶ୍ୱବାସୀଙ୍କୁ କର୍ତ୍ତବ୍ୟର ପରିକଳ୍ପନା. ଦେଇଚନ୍ତି । ତେଣୁ ତାଙ୍କ ନିକଟରେ ଈଶ୍ୱର ବାସ୍ତବ, ସତ୍ୟ ଅମର, ଚରିତ୍ର ମହୋଦଧି, ଧୈର୍ଯ୍ୟ ଦିବ୍ୟଶକ୍ତି । ଏହା ମୃତ୍ୟୁର କିଛି ସମୟ ପୂର୍ବରୁ କଂଗ୍ରେସ ପ୍ରତି ଗଣରାଷ୍ଟ୍ର କଳ୍ପନାର ପୂର୍ଣ୍ଣରୂପ ଦେଇଚନ୍ତି ଅକ୍ଳାନ୍ତ ପରିଶ୍ରମ କରି । ଏଣୁ ବିଶ୍ୱ ଚିରଦିନପାଇଁ ମାନିବାକୁ ବାଧ୍ୟ ଯେ ଭୀଷ୍ମପରି ହିଂସା କାଣ୍ଡରେ ମହାତ୍ମାଜୀ ଶରଶାୟୀ ନିଜ ଇଚ୍ଛା ବଳରେ ।

ଅଭିଶପ୍ତ ହୋଇ ଏପରି ଅମର ମହାତ୍ମାଙ୍କୁ ଅବମାନନା କରିବୁ । ଏଥିପାଇଁ ଚିର ଦୁଃଖ, ନିର୍ଯ୍ୟାତନା, ସହିବାକୁ ପଡ଼ିବ । ଏ ଶ୍ରାଦ୍ଧ ଦିବସ କେବଳ ମୃତ୍ୟୁଲୋକର । ଯାହାର ଇଙ୍ଗିତରେ ବିଶ୍ୱ ଚାଳିତ, ଯାହାର ରଶ୍ମି କଣାରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଚିରଦିନ ଉଦ୍ଭାସିତ, ସେପରି ଆତ୍ମାର ମରଣ ହୋଇ ପାରେ ନା । ଏଣୁ ଅବ୍ୟୟ, ଅନନ୍ତ । ଶାଶ୍ୱତ ବୀଣାର ଝଙ୍କାର ଲଭି ଆଜି ମୃତ୍ୟୁ ଯୁଗ ଯୁଗ ଭରି ପାପ ଧୋଉଛି । ଏ ପାପ ବିରାଟ ବିଗ୍ରହ ଧରି ଭାରତ ତଥା ବିଶ୍ୱ ବୁକୁରେ ଦେଖା ଦେଇଛି । ମହାତ୍ମାଜୀଙ୍କ ମହମୀୟ ଉପଦେଶ ଜଗତ ଆଗରେ ବିଶ୍ୱରୂପ । ଏହାର ଦର୍ଶନ ଆମପରି ହୀନ ମାନବର ପକ୍ଷରେ ଅସମ୍ଭବ କିନ୍ତୁ ଏ ହୀନମାନବ ପ୍ରାଣ ଦେଇ ଚେଷ୍ଟା କରିବ, "ଅସତୋ ମା ଜ୍ୟୋତିର୍ଗମୟ" ନ୍ୟାୟରେ ଚିର ସତ୍ୟର ଆଲୋକ ଲଭି ଚିର ମୁକ୍ତି ସନ୍ଧାନରେ ବ୍ରତୀ ହେବାପାଇଁ ।

# ବନପୁର ଚଉଧୁରୀ

ଶ୍ରୀମତୀ ପ୍ରେମଲତା ଦାଶ

"ଅଲ୍ଲ—ମ-ଣି-ମା—"

ରାତି ଦୁପହରରେ ଡାକ ଦେଲା ବାଉର ବଳିଆ । କେହି ଶୁଣିଲେ ନାହିଁ । ଆଗରେ ବିରାଟ କଂସା କବାଟ ଦୁଇଟା ପରସ୍ପରକୁ ଗାଢ଼ ଆଲିଙ୍ଗନ କରିଛନ୍ତି । ପିମ୍ପୁଡ଼ିଟିଏ ବି ଗଳି ଯିବାର ବାଟ ନାହିଁ ।

କ୍ଳାନ୍ତ ଶ୍ରାନ୍ତ ବାଉରି ବାପୁଡ଼ା ଆଉଥରେ ଗଳା ଫଟାଇ ଡାକଦେଲା—"ମଣିମା·····"

ନିର୍ଜ୍ଜନ ଗାଁ ଦାଣ୍ଡ କମ୍ପିଗଲା ସେ ଡାକରେ । କିନ୍ତୁ ଉପର ଭିତରୁ ଉତ୍ତର ଆସିଲା ନାହିଁ । ଭିତ ବୋଝଟାକୁ ଓହ୍ଲେଇ ପକେଇ ବଳିଆ ବସିଲା ଅପରାଧୀପରି ବିରାଟ କବାଟକୁ ଅଉଜି ।

ବଳିଆ ବସିଥିଲା । ମନଟା ତାର ଅଟକି ଯାଇଥିଲା ସୁଧୀର ସେଇ ପ୍ରାଣପଣ ଡାକ ପାଖରେ । ପୁଅ ପୁନିଅର ସଂସାରରୁ ବିଦାୟ ନେବାର ଆଜି ନିର୍ଦ୍ଦିଷ୍ଟ ଦିନ । ତେବେ ବି ତାକୁ ଘଣ୍ଟେଦେଇ ଦିନୁ ଡୋଙ୍ଗ କାଢ଼ି ସେ ଆସିଛି । ସୁଧୀର ଆଖିଲୁହ ତାକୁ ଅଟକାଇ ରଖି ପାରିଲା ନାହିଁ । ବାଧରଖି ପାରିଲା ନାହିଁ ଦୁନିଅର ଅନ୍ତିମ ଦିନର ପ୍ରାଣ ଉପ୍ରେ ଦେଇ



Digitized by srujanika@gmail.com

ଝଡ଼ଳ ଚିତ୍କାର । ବାଉରି କୂଳେ ଜନ୍ମ ହୋଇ ନିଜର ଦୁଃଖ ସୁଖ କଣ ? ଗୋଟି ଗୋଟି ହୋଇ ପାଞ୍ଚୋଟି ପିଲା ସଧୀ ହରାଇଲାଣି । ଏଇ ତାର ଦୁର୍ଭାଗ୍ୟ ସନ୍ତାନ । କେତେ ଦିଅଁ ପୂଜା କେତେ ବ୍ରତ ପାଳି ସଧୀ ପୁନିଅର ଆୟୁଷ ମାଗିଥିଲା । ସବୁ ଦିଅଁ ଦୂର ପଥର ପାଲଟି ଗଲେ । କାହିଁ କେହିତ ଶୁଣିଲେ ନାହିଁ । ଦଶ ବରଷର ପୁଅ ତାର ଆଜି ଚାଲିଯିବାକୁ ବାଟ ଖୋଜୁଛି । ପିଣ୍ଡ ମୁଠେ ଦେବାକୁ କୁଳରେ କେହି ରହିବେ ନାହିଁ । ବଳିଆର ଆଖି ଫାଟିଲା ଲୁହ ଧାର ଗଡ଼ି ଆସିଲା । ପଥର ପରି ସେ ବସି ରହିଥିଲା ।

କଟି କଟି ଅନ୍ଧାର ଖାଇଁ ଗୃଧ ଉଠିଲେ । ଝାମ୍ପୁସା ଗୃଧଣୀ ପଡ଼ିଲା ଆସି ସେଇ କବାଟ ଉପରେ । ଚକ୍ ଚକ୍ ଦିଶିଲା ତାର ବିଶାଳ ଅଙ୍ଗ । କାଳଚିଆ ବିଲର ଗୁହପଟେ ପବନ ଆଉ ଗଛର ଲାଗିଥିଲା ଝଗଡ଼ା । ଦୂର ବିଲଆଡୁ ଅଣ୍ଡିରା ବିଲୁଆଟାଏ ଚିତ୍କାର କରି ଉଠିଲା । ବଳିଆର ଛାତି ଅନ୍ତରଟା ଟିକେ ଶୀତେଇ ଗଲା । ଆଖି ଆଗେ ତାର ନାଚି ଯାଉଥିଲା ପୁନିଆର ମୁହଁଟା ଅପଝିଆଣୀ ଟିକିଟାକୁ କେତେ ଯତ୍ନରେ ଦୁହେଁ ଦଶ ବରଷର କରିଥିଲେ । ତଳେ ଉପରେ ତାର ପାଞ୍ଚଟା ପିଲା ଯାଇଛନ୍ତି । କିଏ ଏକୁଡ଼ି-ଖାଲୁ କିଏ ବା ଦଶ୍ଚୁରି ମାସର ହୋଇ । କିନ୍ତୁ ଆଜି ଦଶବରଷର ପିଲାଟା ଛୋଟି କାଟିଦେଇ ଯାଉଛି । ଯାହାକୁ ଦୁହେଁ କେତେ ଆଶା କରିଥିଲେ । ବଳିଆ ଭାବିଲା—ବୋହଟାକୁ ସେଇଟି ଫିଙ୍ଗିଦେଇ ଧାଇଁଯିବ । ନିଲଡ଼ା ହେଲେ ବୁକୁ ରକ୍ତ ଦେଇ ପୁଅକୁ ତାର ବଞ୍ଚେଇବ । ଝଡ଼ଳରେ ବଳିଆ ଚିତ୍କାର କରି ଉଠିଲା ଅନ୍ଧାରରେ ତେବେ ମଧ୍ୟ କେହି ଶୁଣିଲେ ନାହିଁ ।

ଗୃଧ ମୁଣ୍ଡ ଉପରେ । ଗୃଧଣୀ କ୍ରମେ ସ୍ପଷ୍ଟ ହୋଇ ଉଠିଛି । ସେଇ ଚନ୍ଦ୍ର କିରଣରେ ପରିସ୍ଫୁଟ ଦିଶୁଛି ଜମିଦାରଙ୍କର ପଥର କୋଠା ଘର । ଯାହା ଭିତରେ ଗରିବର ଭାଗ୍ୟ ହସେ, କାନ୍ଦେ । ଯାହା ଆଗରେ ପାଲିଙ୍କିରୁ ବର ଓହ୍ଲେଇ ଯାଏ । ବାଟୋଇ ଛତା ଟାଣି ଯାଇ ପାରେ ନାହିଁ ।

ହେଇ ସେଦିନ ପରି ମନେ ପଡ଼ୁଛି । ଭୋଇ ଗାଁର ଅଜଣା ବାଟୋଇ ବଇଶାଖି ଖରାରେ ଛତା ଟାଣି ଯାଉଥିଲା ବୋଲି ଛତା ଛଡ଼ାଇ ରଖିଲେ ଗାଁ ବାଲାଏ, ଚଉଧୁରୀଙ୍କ ହୁକୁମରେ । ଖାଲି ସେତିକି ନୁହେଁ ବଚରା ବାଟୋଇଟି ମାଡ଼ ଖାଇ ଜାନମୁଣ୍ଡା ଅଉଁସି ଅଉଁସି ଗଲା ।

ଆଉ ଗୀତଗାଇ ମଧୁଆ ବାଉରି ସେଦିନ ଜମିଦାରଙ୍କ ଆଗରେ ଚାଲିଗଲା ବୋଲି କଣ୍ଠା ଗୁଣ୍ଟରେ ପିଠି ଫାଟି ଯାଇଥିଲା ।

ଆଉ ଆଉ କେତେ କଥା ......

ସେଇ ପ୍ରତାପୀ ଚଉଧୁରୀଙ୍କ ଭିତରେ ଗରିବର ଆଜି ଦୁନିଆଁ ପରି ଧନରେ ଭେଟି ନେଇ ନ ଆସନ୍ତା କିପରି ? ତାହା ହେଲେକି ତାର ଛପର ଚାଲିପାଏ ରହି ଥାଆନ୍ତା ?

କବାଟ ଦୈର୍ଘ୍ୟର ଉପରେ ଘଡ଼ ଘଡ଼ ହୋଇ ହଠାତ୍ କବାଟ ଦୁଇଟା ଖୋଲିଗଲା । କଳା ପାହୁଙ୍ଗ ନୂପୁରର ରୁଣୁ ଝୁଣୁ ନାଦରେ ଭିତର ପଟ କମ୍ପିତ ହୋଇ ଉଠିଲା । ବଳିଆର ଚକିତ ଦୃଷ୍ଟି ପଡ଼ିଲା ସେଆଡ଼େ ।

ଅନ୍ତଃପୁର ବାସିନୀ ଚଉଧୁରୀଙ୍କ ସ୍ତ୍ରୀ ଆଉ ଦାସୀ ଖୋଇଲି ଗହଣରେ ଗ୍ରାମଦେବତୀଙ୍କ ଦର୍ଶନରେ ବାହାରିଛନ୍ତି । ତହିଁ ମଧ୍ୟରୁ କିଏ ଜଣେ କର୍କଶ ଗଳାରେ କହିଲା—"କି-ଏ-ରେ ?"

ଭୟ ଜଡ଼ିତ କଣ୍ଠରେ ବଳିଆ ଉତ୍ତର ଦେଲା "ଗରିବ ପ୍ରଜା ମଣିମା—" ଆରେ ଏତେ ରାତିରେ ଏଠାଠାରେ ବସିଛୁ କିଆଁ ?

"ଭେଟି ନେଇ ଆଇଚି ମଣିମା ! ପୁଅ ବାଟ୍‌କି ପଡ଼ିଛି । ବଇଦ ଦୁଆରୁ ଫେରୁ ଫେରୁ ଉଛୁର ହୋଇଗଲା ।"

କଅଁଳ କଣ୍ଠ ସ୍ୱର କିଏ ଜଣେ କହିଲା—"କଅଣ ହୋଇଛି ତୁମ ପୁଅର ?"

"ଜର ହେଉଥିଲା ମଣିମା ! ଦଦିନ ହେଲା ସନ୍ନିପାତକୁ ଧରି ନେଇଚି । ଆଜି ହେଙ୍କା ଉଠୁଥିଲା ।"

"ହେଙ୍କା ଉଠୁଥିଲା ?" ଗୁଡ଼ରେ ଚନ୍ଦ୍ରକା ଭରାଇ କିଏ ସେ କଥାଟାକୁ ଦୋହରାଇ ନେଲା ।

"ହଁ ଦଶବରଷର ପୁଅ ହଜୁର ! ତଳେ ଉପରେ ଆଉର ପାଞ୍ଚୋଟା ଯାଇଛନ୍ତି । ଏ ବି ଯିବ..."



Digitized by srujanika@gmail.com

ବଳିଆର ଆଖିରୁ ଲୁହ ଗଡି ଆସୁଥିଲା ।

"ତେବେ ତୁମେ ଏତେ ସନ୍ଧରେ ଆସିଲ କାହିଁକି ? ଭେଟି କ'ଣ ନ ଆଣିଥିଲେ—"

"ହଜୁରଙ୍କ ଊଦ୍ଧ ଉପରେ ଘରକର ଭେଟି ନ ଆଣନ୍ତି କିମିତି ? ପୁଣି ସୁନିଆ ପର୍ବ ଦିନରେ—"

ଆଉ କିଛି କେହି କହିଲେ ନାହିଁ । ଆଉ ସେ ମଧୁଟଙ୍କ କଣ୍ଠ ଶୃଙ୍ଖଳ ନାହିଁ । ସେଇଠି ନୀରବ ରହିଲା । ତାଙ୍କ ଆଖିରୁ ଲୁହ କେଇବନ୍ଦୁ ଝରି ପଡ଼ିଲା । ପର ଦୁଃଖରେ ଯାହା ଆଖିରୁ ଆଜ ଲୁହ ଝରିଲା ସେ ଚଉଧୁରିଙ୍କର ସହଧର୍ମିଣୀ ରୁକ୍ମିଣୀ ଦେବୀ । ଘର ଭିତରେ ମଣିଷ ବୋଲି ଯଦି କିଏ ଥାଏ ତେବେ ଏକମାତ୍ର ସେଇ । ଭୃତ୍ୟ ଭୃତ୍ୟା, ଦୁଃଖୀ ଶୋଷୀଙ୍କ କଥା ତାଙ୍କ ବିନା ଅନ୍ୟ କିଏ ଏ ଘରେ ବୁଝନ୍ତି ନାହିଁ । ଚଢେଇର ପେଟ ବ୍ୟଥା ବୁଝିଲାବାଲା ସେ । କିନ୍ତୁ କୋଳରେ ତାଙ୍କର ବାଳକଟିଏ ନାହିଁ । ଏତେ ବଡ଼ ଜମିଦାର ଘରେ ଧନ ଦରବ ସବୁ ଥାଇ ମଧ୍ୟ କିଛି ନଥିଲାପରି ତାଙ୍କୁ ଲାଗେ । କେତେ ଦିଅଁ-ଦୁବ ସେ କରନ୍ତି । କେତେ ଓଷା ମାନସିକ କରନ୍ତି । ହେଲେ କେହି ତାଙ୍କ ବୁକୁ ବ୍ୟଥା ବୁଝନ୍ତି ନାହିଁ । ଆଜ ପ୍ରାଣ ତାଙ୍କର ବ୍ୟାକୁଳ ହୋଇ କାନ୍ଦି ଉଠିଲା, ବଚରା ବାଉରି ପାଇଁ । ଭେଟି ନେଇ ସେ ଧାଇଁ ଆସିଛି ଜମିଦାରଙ୍କ ଦୁଆରେ । ଘରେ ପୁଅ ମଲାଶେଯରେ ପଡ଼ିଛି ।

କାହାର କର୍କଶ ଗଳାରୁ ଝରି ଆସିଲା "ଆରେ ସନ୍ଧ ଅଧରେ ଏଠି କିଏଁ ଗହଳି ଲଗିଛି ?"

ଛନିଆ ପରି ରୁକ୍ମିଣୀ ଦେବୀ ଆଗକୁ ପାଦ ବଢାଇଲେ । ଦାସୀଙ୍କ ଭିତରୁ କିଏ ଜଣେ କହିଲା "ମଣିମା ଦର୍ଶନକୁ ବାହାରିଛନ୍ତି ।"

ଆଜନ୍ତେ କିଏ ଧିର ଅଥଚ ସଂକୋଚ ଗଳାରେ କହିଲା, "ମୁ ମଣିମା !"

"ତୁ କ—ଏ—ରେ ?"

"ନାଥପୁର ବଳିଆ ହଜୁର ! ଭେଟିନେଇ ଆସିଛି ।"

"ରାତିଅଧରେ ଭେଟିକଥା ମନେ ପଡ଼ିଲା ଶଳାର ? ସପନ ଦେଖି ଧାଇ ଆଇଲୁ କିରେ ? ଉଠା ଉଠା ଦୁଆରୁ ବୋଝ— । ଭଗାରୁ ଦଶ ଧରି ସନ୍ଧ ଅଧରେ ଧାଇଁ ଆସିଛୁ ଅନ୍ଧାରୁଆ କରି ଗୁଣ୍ଡିଦେଇ ଯିବ ବୋଲି ।"

"ନାହିଁ ମଣିମା ପୁଅ ବାଧକା ପଡିଛି । ବଇଦ ଦୁଆରୁ ଫେରୁ ଫେରୁ···  ···"

"କେତେ ଛନ୍ଦରମ କାଢ଼ିବୁ ଏଇନେ ଶଳା—" କହୁ କହୁ ଚଉଧୁରିଏ ଗୋଡରେ ବେତାଟାକୁ ଠେଲି ଦେଲେ । ଭଗାରୁ ଦଶ ଛୁଟିପଡ଼ିଲା ଓଲଟିଲେ ଦୁଲି ଦାଲ ହୋଇ । ସେଇ ସନ୍ଧ ଦଶ ବଳିଆର ବୁକୁରେ ବାଜିଲା ତାର ମୂଳର ଇତିହାସ ନେଇ ।

କେତେ ଅଗ୍ରହରେ ପୁନିଆ ସେ କଗାରୁ ଗଛଟା ଲଗାଇ ଥିଲା । ତାର ଫଳ ଦେଖି କି ଆନନ୍ଦ ହେଉଥିଲା । ସେ ଗଛର ଫଳ ଦେଖିଲେ ସିଧୀ ଧୈର୍ଯ୍ୟଧରି ପାରିବ ନାହିଁ ବୋଲି ବଳିଆ ଫଳଦଶ ତୋଳି ଆଣି ଗଛଟା ଉପାଡ଼ି ଦେଇ ଆସିଛି ।

ଚଉଧୁରୀଏ ପୁଣି ଚିତ୍କାର କରି ଉଠିଲେ— "ଆରେ ତମ ଛୋଟ ଲୋକଙ୍କର ମୁହଁ ସବୁ ଓପରକୁ ହେଲଣି; ନୁହେଁ ? ଏସାଲେ ଧାନକଟା ବେଠିକି କାହିଁକି ଆସିଲୁନି ବେ ?"

"ମଟିଆ ପୁଅଟା ସେଇଦିନ ମରିଗଲା ମଣିମା । ଗୁମାସ୍ତା ବାବୁ ଦେଖି ଆଇଚନ୍ତି —"

"ସମସ୍ତେ ତୋର ମରି ଯାଉଛନ୍ତି ନୁହେଁ ? ତୁ ଏକା ମରୁନୁ—"

"ମିଛ ନୁହେଁ ମଣିମା ! ଗୁମାସ୍ତା ବାବୁଙ୍କୁ ପଚାରନ୍ତୁ—"

ଶଳାର ଜବାବ କେତେ ? ଗମ ଚଉଧୁରୀ କଥାରେ ଉତ୍ତର ଦଉଚୁ ? ଡ଼ର ଭୟ ନାହିଁ ?

'ଉତ୍ତର ନୁହେଁ ମଣିମା ସତକଥା ।'

'ଆରେ ଗଫୁର'—ଚଉଧୁରିଏ ଚିତ୍କାର କରି ଉଠିଲେ ରାଗରେ । ବଳିଆର ଡ଼ାକ ଶୁଣି ନ ଶୁଣିଲା ପରି ଗାଲପାରି ଗଫୁର ମିଆ ଶୋଇଥିଲା ଧଡ଼ ପଡ଼ ହୋଇ ଉଠି ଆସିଲା ସାଆନ୍ତଙ୍କ ଡ଼ାକରେ । ହାତରେ ପାଞ୍ଚହାତ ଠେଙ୍ଗା । ସାକ୍ଷାତ ଯମ ।

"ବଜାତ ଶଳାକୁ—କଥା ଉପରେ କଥା କହୁଛି—ଜବାବ ଦଉଛି ।" ଗଫୁର ଉତ୍ତର କଲା-



Digitized by srujanika@gmail.com

ନାହିଁ । ଦୂଲ୍ ଦାଲ୍ କରି କୋଷ ପିଠିରେ ବସାଇଲା ତାର ସେ ଠେଙ୍ଗାକୁ । ନାଭି ଫାଟି ରକ୍ତ ଝରିଲା । ବଳିଆର ଚିତ୍କାରରେ ଗାଁ ସାରା ଛୁଣ୍ଣ ହେଲେ । ଛଟ-ପଟ ହୋଇ ବଳିଆର ପ୍ରାଣ ଛାଡ଼ିଗଲା । ସେତେବେଳେ ଚେତନା ପଶିଲା ଚଉଧୁରି ଦେହରେ ।

\+ + +

ଏତେ ବଡ଼ ପଥର ପକାଠା ଏବେ ପଥର କୁଢ଼ ପଡ଼ିଛି । ଆଉ ସେ କଂସା ଢବାଠ ନାହିଁ । ଖାଲି ଲୋକ ମୁହଁରୁ ଶୁଣାଯାଏ ଚଉଧୁରିଘର କଂସାଢବାଠ ପଡ଼ିଲା ବେଳେ ଦିକୋଶ ଶୁଭେ ବୋଲି । ଚଉଧୁରିଏ ଶୁଣି କେଶରେ କଳାପାଣି ଗଲେ; ଆଉ କିଏ କିମିତି ମରି ହଜି ଗଲେ । ପୁଅ ନାତି ତ ନଥିଲେ—

ଏବେ ସେ ଭଙ୍ଗା ଘରଟା ହରିପୁର ଗାଁ ମୁଣ୍ଡେ ଖାଁ ଖାଁ କରେ । ଦଳିଆ ବାଉରିର ପ୍ରେତ ବାଟୋଇର ପଛେ ପଛେ ଗୋଡ଼ାଏ । ଏକୁଟିଆ ସେ ବାଟରେ ଯିବାକୁ କେହି ସାହସ କରନ୍ତି ନାହିଁ ।

ବାଟର ବାଟୋଇ ଚାଲିଗଲା ବେଳେ ସେଇ ପଥର କୁଢ ଆଡ଼କୁ ଚାହିଁ କହେ ଏଇଟା ହରିପୁର ଚଉଧୁରୀ ଘର—

# ଦୂରେ ବାହି ନିଅ ତରୀ

ଶ୍ରୀ ଗୋପାଳ କାନନ୍ ଗୋ, ବି. ଏ.

ଯା ରହିଲ ରହୁ, ଦୂରେ ବାହି ନିଅ ତରୀ ।
ଶାନ୍ତ, ସ୍ନିଗ୍ଧ, ସୁନୀଳ ଆକାଶ ତଳେ
ଭାସିଯାଉ ମୋର ଏ ମନ ବାସନା,
ଶୃଙ୍ଖଳ ପରିହରି,
ଦୂରେ ବାହି ନିଅ ତରୀ ।୧।

ଜୋଚ୍ଛନା-ମଦିର-ମନ୍ଦ-ମଳୟ ବହେ,
ନୀରବତା ମେଳେ ପ୍ରଣୟ ଯେ କଥା କହେ,
ସୁରଭି କୁସୁମ ଫୁଟେ ଉପବନ
ତା ପୀରତି ଅନୁସରି,
ପୁଲକ ଉଠଇ ଥରି,
ଦୂରେ ବାହି ନିଅ ତରୀ ।୨।

ଶାନ୍ତ ତଟିନୀ ଦିଗନ୍ତେ ବହିଯାଏ,
ନିରବଧି ତାର ଗମ୍ଭୀର ଗୀତ ଗାଏ,
ଏ ତନୁ, ଏ ମନ, ସୁଷମା ସାଗରେ
ବିରାଟ ପରଶ ଲଭି,
କ୍ଷୁଦ୍ରତା ଯାଏ ମରି
ଦୂରେ ବାହି ନିଅ ତରୀ ।୩।

କାନ୍ତ ଏ ଶିଶୁ ସପନ ରଚଇ ମନେ
ତଳ ତଳ ଜଳ ଶୁଭ୍ର ଏ ଦରପଣେ,
ଦିଗବଧୂ ତାର ସସ୍ମିତ ମୁଖ
ନିରେଖଇ ଏକ ମନେ,
କଳପନା ନିଏ ହରି
ଦୂରେ ବାହି ନିଅ ତରୀ ।୪।

ରଜନୀ ରାଣୀ ତା ରଜତ ଓଢଣା ତଳେ,
ଅବୋଧ ଏ ଧରା ତୁଙ୍ଗ ଶିଖରୀ ଚୂଳେ,
ତନ୍ଦ୍ରା ଅଳସେ ଏ ଶୁଭ ଲଗନେ
ଅଶ୍ଳେଷେ ଘନ ଘନ,
ପ୍ରେୟସୀ ସମସରି
ଦୂରେ ବାହି ନିଅ ତରୀ ।୫।

ଜନପଦ ଶତ ତକ୍ତ ବାସନା ମେଳେ,
ମନ ଆନନ୍ଦେ ବନ୍ଧନ ତେଜି ହେଲେ,
ଆକାଶ ଅବନୀ ମିଶିଗଲେ ଯହିଁ
ଯିବାପାଇଁ ମନ ବଳେ
ଅମର ପୀରତି ବରି,
ଦୂରେ ବାହି ନିଅ ତରୀ ।୬।

ଜୀବନ କମଳ ନ ଫୁଟଇ ଭଲେ ଯହିଁ
ଆଲୋକ ପରଶ ମିଳଇ କି ଲଭେ ତହିଁ
ଶତ ହାହାକାର ତିକ୍ତ ଜୀବନ
ଖଣ୍ଡ ହୁଅଇ ନିତି
ନିରାଶା ଉଠଇ ଭରି
ଦୂରେ ବାହି ନିଅ ତରୀ ।୭।



Digitized by srujanika@gmail.com

# ଉତ୍ତରାକାଣ୍ଡ ରାମାୟଣ ନୁହେ ଏବଂ ବାଲ୍ମୀକୀ ରଚିତ ନୁହେ

(ଶ୍ରୀ ଜଳନ୍ଧର ଦେବ)

ସହକାରରେ ପ୍ରକାଶିତ ସାହିତ୍ୟର ଅଭିବ୍ୟକ୍ତି ଓ ଗତି ପ୍ରବନ୍ଧରେ ମୁଁ ଲେଖିଥିଲି ଯେ ଉତ୍ତରକାଣ୍ଡ ବାଲ୍ମିକୀ ରଚିତ ନୁହେ । ଏହା ପାଠକର ଶ୍ରୀ ବାଇକୋଳି ମହାପାତ୍ର ତାର ସାମାନ୍ୟ ପ୍ରତିବାଦ ସହିତ ମୋଠାରୁ ଏଥିର ବିବରଣ ଜାଣିବା ନିମନ୍ତେ ପ୍ରଶ୍ନ କରିଥିଲେ । ମୁଁ ଶ୍ରୀ ବାଇକୋଳି ମହାପାତ୍ରଙ୍କର ପ୍ରଶ୍ନରେ ସନ୍ତୋଷ ହୋଇ ଗୋଟିଏ ପ୍ରବନ୍ଧ ଲେଖିଲି ଏବଂ ପ୍ରକାଶ ନିମନ୍ତେ ସହକାର ଅଫିସକୁ ପଠାଇଲି । ସେତେବେଳେ ସହକାର ଉତ୍କଳ ପରିଷଦର ମୁଖପତ୍ର ହୋଇଥିଲେ । ଶ୍ରୀ ହ୍ଲାଦଚରଣ ପାଣିଗ୍ରାହୀ ଥିଲେ ସମ୍ପାଦକ । ସାହିତ୍ୟ ପରିଷଦର ଅନ୍ତର୍ଦ୍ଧାନ ସଙ୍ଗେ ସଙ୍ଗେ ସହକାରର ମଧ୍ୟ ଅଦର୍ଶନ ଘଟିଲା । ମୋର ପ୍ରବନ୍ଧର କଥା ପଚାରେ କିଏ ? ପୁଣି ସହକାର ବାହାରିବାରୁ ସମ୍ପାଦକଙ୍କଠାରୁ ଲେଖିଥିଲି ସେ ଜଣାଇଲେ ଯେ ପ୍ରବନ୍ଧ ମିଳିଲା ନାହିଁ । ଏଣୁ ପୁଣି ଗୋଟାଏ ଲେଖିବାର ବାସନା କଲି । ଯେ ହେତୁ ପ୍ରଶ୍ନର ଉତ୍ତର ଦେବା କର୍ତ୍ତବ୍ୟ ମାତ୍ର ସମୟ ଅନାଟନ ଯୋଗୁଁ ବିଳମ୍ବ ହେଲା ।

ମୋର ଦୃଢ଼ ବିଶ୍ୱାସ ଯେ ଉତ୍ତରକାଣ୍ଡ ବାଲ୍ମିକୀ ରଚିତ ନୁହେ । ଏହା ପରବର୍ତ୍ତୀ ପୌରାଣିକ ଦ୍ୱାରା ଲିଖିତ । ବିଶ୍ୱାସର କାରଣ ଓ ପ୍ରମାଣ ନିମ୍ନରୁ ସ୍ପଷ୍ଟ ଜଣା ପଡ଼ିବ ।

ମୁଁ ରାମଭକ୍ତ । ଅବାଲ୍ୟ କାଳରୁ ଏ ଭକ୍ତି ପିତୃଦତ୍ତ । ପିତା ରାମଭକ୍ତ ଥିଲେ ଏବଂ ଅତି ସୁନ୍ଦର ରୌପ୍ୟ ନିର୍ମିତ କୋଦଣ୍ଡ ରାମମୂର୍ତ୍ତି ପୂଜା କରୁଥିଲେ । ପିତା ପୂଜାରେ ବସିଲେ ମୁଁ ଯାଇ ନିକଟରେ ବସି ପୂଜା ଦେଖେ । ଭକ୍ତିରେ କି ଭୋଗ ଖାଇବା ଲାଳସାରେ ତାହା ଠିକ୍ ସ୍ମରଣ ନାହିଁ । ତେବେ ଧୀରେ ଧୀରେ ରାମଙ୍କ ଉପରେ ଭକ୍ତି ବଦ୍ଧମୂଳ ହେଲା । ପ୍ରଥମେ ରାମଲୀଳା ନାଟରୁ ମୋର ରାମାୟଣ ଜ୍ଞାନ । ବହୁ ଦିନଯାଏ ରାମଙ୍କର ପ୍ରଶଂସା, ଭିନ୍ନ ନିନ୍ଦାବାଦ ଆଦୌ କର୍ଣ୍ଣରେ ପଡ଼ି ନ ଥିଲା । ଅନୁମାନ ହୁଏ ଏଗାର ବାରବର୍ଷ ବୟସରେ କଟକରେ ମୁଦ୍ରିତ ଅଶ୍ୱମେଧ ଯଜ୍ଞ ନାମକ କ୍ଷୁଦ୍ର ପୁସ୍ତକ ପାଠକଲି । ରାମଙ୍କର ଦୁଇ ପୁତ୍ର କୁଶ ଲବ ରାମଙ୍କୁ ଯୁଦ୍ଧରେ ପରାସ୍ତ କରି ବ୍ୟତିବ୍ୟସ୍ତ କରିଥିଲେ । ଏହା ପାଠକରି ମନରେ ଲେଖକ ପ୍ରତି ଅବିଶ୍ୱାସ ଜନ୍ମିଲା । ରାମପରି ପରାକ୍ରମଶାଳୀ ବୀରଙ୍କୁ ଦୁଇଜଣ ବାଳକ ପରାସ୍ତ କରିବା ଅସମ୍ଭବ । କେବଳ ଅସମ୍ଭବ ଓ ମିଥ୍ୟା କଳ୍ପନା । ବାଲ୍ମିକୀ ମନରେ ବିତୃଷ୍ଣ ଜାତ ହେଲା । ପୁସ୍ତକକୁ ଫିଙ୍ଗି ଦେଲି । ତାଳପତ୍ର ପୋଥି ବାଲ୍ମିକୀ ରାମାୟଣ ପଢ଼ିଲି । ଅତି ଅସମ୍ଭବ କଳ୍ପନା—କିନ୍ତୁ ବାଲ୍ମିକୀ ନାମରେ ଭଣିତ । ବଙ୍ଗ ଭାଷାର କୃତ୍ତିବାସଙ୍କ ରଚିତ ରାମାୟଣ ପଢ଼ିଲି । କି ଅଦ୍ଭୁତ କଥା ! ଆମ ଓଡ଼ିଆ ରାମାୟଣ ମାନଙ୍କରେ ଯାହା ନାହିଁ କୃତ୍ତିବାସ ରାମାୟଣରେ ଦେଖିଲି ତାହା । ଅଥଚ ସମସ୍ତେ ବାଲ୍ମିକୀଙ୍କର ନାମ ଦେଇ ନିସ୍ତାର ପାଇବାର ବାସନା ରଖନ୍ତି । ମହୀରାବଣ ରାମ ଲକ୍ଷ୍ମଣଙ୍କୁ ପାତାଳକୁ ନେଇ ମସ୍ତକ ବପନ କରି ଦୁର୍ଗାଠାରେ ବଳି ଦେବାକୁ ଉଦ୍ୟତ । ଏ ଅତ୍ୟାଚାରର ବର୍ଣ୍ଣନା ଶୁଣିଲେ କାର ମନରେ ବିପ୍ଳବ ଜାତ ନ ହେବ । ଏମାନେ ପୁଣି ରାମଭକ୍ତ ! ବଙ୍ଗାଳୀ କବି ରାମଙ୍କର ଯଶ ପୌରୁଷର ଆଧିକ୍ୟ ଦେଖି ଆପଣା ଇଷ୍ଟଦେବୀ ଦୁର୍ଗାଙ୍କର ପଦାନତ କରିବାକୁ ଏ ରଚନା କଲେ ଭୁଲିଯିବ ସିନା । କବିମାନେ ଲେଖକମାନେ ନାନା ସମ୍ପ୍ରଦାୟର ପଥିକ ଥିବାରୁ ନିଜ ଆରାଧ୍ୟ ଦେବତାର ଶ୍ରେଷ୍ଠତ୍ୱ ଫଳାଇବାକୁ ଅନ୍ୟ ଦେବତାର ନିନ୍ଦାବାଦ କରନ୍ତି । ହିନ୍ଦୁ ଜାତି ଆଷଧାଙ୍ଗ ଭାରତବାସୀର ଧର୍ମଦ୍ୱେଷ ଘଟିଅଛି ଏହି ହେତୁରୁ ।



Digitized by srujanika@gmail.com

ବାଲ୍ମୀକିଙ୍କ ଦେବତାର ଅନୁଗ୍ରହ ଓ ସାହାଯ୍ୟ ବ୍ୟତୀତ ମନୁଷ୍ୟ ଦ୍ୱାରା କିଛି ହୋଇ ନ ପାରେ । ଏ ବିଶ୍ୱାସର ବଶବର୍ତ୍ତୀ ହୋଇ ଅନ୍ୟର ପ୍ରାଣସ୍ତ୍ୟ ମହତ୍ତ୍ୱ ପ୍ରତିଭା ହ୍ରାସ କରିବାକୁ ସତତ ଚେଷ୍ଟିତ । ବାଲ୍ମୀକି ପ୍ରତିଭାର ଲାଘବ ଚେଷ୍ଟା ଏଥିରେ ଜାଜ୍ୱଲ୍ୟମାନ ପ୍ରମାଣ । ନିଷ୍କଳଙ୍କ ରାମ ଚରିତରେ କଳଙ୍କ ଲଗାଇବା ଇଚ୍ଛାରେ ଏବଂ ବ୍ରାହ୍ମଣର ଶ୍ରେଷ୍ଠତ୍ୱ ଦେଖାଇବା ନିମନ୍ତେ ଉତ୍ତରକାଣ୍ଡର ରଚନା ।

ମୂଳ ବିଷୟର ଆଲୋଚନା କରାଯାଉ:— ବାଲ୍ମୀକି ପ୍ରଥମ କାବ୍ୟ ରଚକ ଏଣୁ କବି । ମାତ୍ର ତାଙ୍କ ମୁଖରୁ ପ୍ରଥମେ ବିନା ଚେଷ୍ଟାରେ ଅନୁଷ୍ଟୁପ-ଛନ୍ଦ ନିର୍ଗତ ହେବା ପ୍ରବାଦ ସମ୍ପୂର୍ଣ୍ଣ ମିଥ୍ୟା— ଯେହେତୁ ବାଲ୍ମୀକିଙ୍କ ଲେଖା ଆଗରୁ ଅନୁଷ୍ଟୁପ-ଛନ୍ଦ ବିଦ୍ୟାମାନ ଥିଲା ।

ରାମାୟଣ ଅର୍ଥ ରାମ+ଅୟନ ଅର୍ଥାତ୍ ରାମଙ୍କର ଗତି ବା ଗମନାଗମନ । ସୂର୍ଯ୍ୟଙ୍କର ଦକ୍ଷିଣାୟନ, ଉତ୍ତରାୟଣ ଗତିପରି ସୂର୍ଯ୍ୟ ବଂଶୀୟ ରାମଚନ୍ଦ୍ର ଦକ୍ଷିଣକୁ ଗମନ କଲେ ଏବଂ ଦକ୍ଷିଣରୁ ଉତ୍ତରକୁ ଫେରି ଆସିଲେ ଏବଂ ଏହି ଯିବା ଆସିବାରେ ଯାବତୀୟ ଘଟଣା ଘଟିଲା ତାହାର ପ୍ରାଞ୍ଜଳ ବର୍ଣ୍ଣନାର ନାମ ରାମାୟଣ ବିଶେଷତଃ ରାମକର୍ତ୍ତୃକ ରାବଣ ବଧ ବିଷୟକ କାବ୍ୟ । ରାମାୟଣ ନାମ ଏତେ ସ୍ପଷ୍ଟ ଯେ ଏଥିରେ ଅନ୍ୟ ପ୍ରସଙ୍ଗ ମିଶିବାର ଅବସର ନାହିଁ ଅଥଚ ପରଶ୍ରୀକାତର ବ୍ରାହ୍ମଣ କେତେଜଣ ବାଲ୍ମୀକି ପ୍ରତିଭା ଦେବଦତ୍ତ ଏବଂ ରାମ ବ୍ରାହ୍ମଣ ଉପଦେଶ ଗ୍ରହୀତ ଏ କଥା ପ୍ରକାଶ କରିବାକୁ ଯାଇ ରାମାୟଣ ପ୍ରଥମ ଚାରି ଅଧ୍ୟାୟ ଏବଂ ଉତ୍ତରକାଣ୍ଡକୁ ରାମାୟଣରେ ଯୋଗକରି ଅଛନ୍ତି । ଏବଂ ସମାଲୋଚନା ବିମୁଖ ହିନ୍ଦୁଗଣ ସେଥିରେ ବିଶ୍ୱାସ ସ୍ଥାପନ ନ କରିବାକୁ ଛାଡ଼ୁ ନାହାନ୍ତି । ଏହା ଛଡ଼ା ରାମାୟଣ ଭିତରେ ଏତେ ଅପ୍ରାସଙ୍ଗିକ ବିଷୟ ଓ ଶ୍ଳୋକ ଯୋଗ କରିଅଛନ୍ତି ଯେ ତାହା ସମାଲୋଚକ ପ୍ରତି ଧନ୍ଦା । ଭାରତ ପଣ୍ଡିତ ବହୁଳ ଦେଶ—ବିଦ୍ୱାନମାନଙ୍କ ଘରେ ଘରେ ତାଳପତ୍ର ପୋଥିରେ ଥିଲା । ବିଦ୍ୱାନମାନେ ଇଚ୍ଛାନୁସାରେ ଗୋଟିଏ ଯୋଡ଼ିଏ ଶ୍ଳୋକ ଯୋଗ କରିବାର ଲୋଭ ଛାଡ଼ି ନାହାନ୍ତି । ଏଣୁ ଏ ଦେଶର ସମସ୍ତ ଗ୍ରନ୍ଥ ମୂଳକବିର ରଚନାକୁ ବଳି ଅନେକ ଶ୍ଳୋକ ସ୍ୱଶରୀରରେ ଧାରଣ କରି ପାଠକମାନଙ୍କୁ ଭ୍ରାନ୍ତ କରୁଅଛନ୍ତି । କତକ ଯେ କି ରାମାୟଣ ପ୍ରଥମ ଓ ପ୍ରଧାନ ଟିକା କର୍ତ୍ତା ସେ ଉତ୍ତରକାଣ୍ଡକୁ ପ୍ରକ୍ଷିପ୍ତ ଜାଣି ଟିକା ଲେଖିଲେ ନାହିଁ ।

ଅନୁକ୍ରମଣିକା ବା ଭୂମିକା ଗ୍ରନ୍ଥ ଲେଖା ଶେଷ ହେଲେ ଲେଖା ଯାଇଥାଏ । ଗ୍ରନ୍ଥ କର୍ତ୍ତା ଲେଖନ୍ତି ବା ଅନ୍ୟ କେହି ଲେଖନ୍ତି । ରାମାୟଣର ପ୍ରଥମ ଚାରିସର୍ଗ ତାର ଅନୁକ୍ରମଣିକା । ଲେଖିଛି କିଏ ? ପରବର୍ତ୍ତୀ କୌଣସି ବ୍ୟକ୍ତିମାନେ ଲେଖି ଅଛନ୍ତି। ଅନୁମାନ ହୁଏ ଚାରିଜଣ ଏଥିର ଲେଖକ । ବାଲ୍ମୀକି ନିଜେ ଲେଖି ନାହାନ୍ତି କାରଣ ନିଜେ କେହି ନିଜକୁ ପ୍ରଶଂସା କରେ ନାହିଁ ନିଜକୁ ମହତ, ଜ୍ଞାନୀ, ପଣ୍ଡିତ ପ୍ରଭୃତି ଆଖ୍ୟା ଦିଏ ନାହିଁ ! ଯଥା:—ବାକ୍ୟ ବିଶାରଦ, ଧର୍ମାତ୍ମା, ମୁନି ପୁଙ୍ଗବ, ଇତ୍ୟାଦି ବିଶେଷଣ ଦ୍ୱାରା ନିଜକୁ ତୃତୀୟ ପୁରୁଷରେ ପ୍ରକାଶ କରିବା ସମ୍ଭବ ନୁହେଁ । ବାଲ୍ମୀକି ଭିନ୍ନ ଅନ୍ୟ ଦ୍ୱାରା ଲିଖିତ ଏହା ସ୍ପଷ୍ଟ ପ୍ରମାଣିତ ହେଉଅଛି ।

ପ୍ରଥମ ସର୍ଗଟି ରାମାୟଣର ଅନୁକ୍ରମଣିକା ବୋଲିଯାଇପାରେ କାରଣ ରାମାୟଣରେ ଆରମ୍ଭରୁ ରାବଣ ବଧାନ୍ତେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ଅଭିଷେକ ହୋଇ ସୁଖରେ ରାଜ୍ୟ ଶାସନ ଓ ପ୍ରଜା ପାଳନ କରିଥିବାର ଉଲ୍ଲେଖ ଅଛି, ଶତ ସଂଖ୍ୟକ ଅଶ୍ୱମେଧ ଯଜ୍ଞ କଲା ଉତ୍ତାରୁ ବ୍ରହ୍ମଲୋକକୁ ଗଲେ ବୋଲି ମଧ୍ୟ ଲେଖା ଅଛି । ମାତ୍ର ନାରଦଙ୍କୁ ଏଠାକୁ ଆଣିବାର କୌଣସି ସଙ୍ଗତ କାରଣ ନାହିଁ । ବାଲ୍ମୀକି ରାମ ଚରିତ୍ର ସମ୍ବନ୍ଧେ ଏତେ ଅଜ୍ଞ ଥିଲେ ଯେ ନାରଦ ମୁଖରୁ ରାମଚରିତ୍ର ଶୁଣି ରାମାୟଣ ରଚନା କଲେ । ଦେବସଭାର ବିଦୁଷକ ନାରଦ ସତ୍ୟ ତ୍ରେତା ଦ୍ୱାପର ଯୁଗରେ ବିଦ୍ୟମାନ ଥାଇ ଅବାଧ ଗମନାଗମନ କରନ୍ତି ଓ ଉପଦେଶ



Digitized by srujanika@gmail.com

ପରନ୍ତୁ ଏହି କାଳ୍ପନିକ କଥାରେ ଅନୁକ୍ରମଣିକା ଲେଖକ ନାରଦଙ୍କୁ ଠିଆକଲେ । ଏଠାରେ ଗୋଟିଏ ପ୍ରଶ୍ନ ସ୍ୱତଃ ମନରେ ଜାଗ୍ରତ ହୁଏ । ବାଲ୍ମିକୀ ରାମଙ୍କର ପୂର୍ବବର୍ତ୍ତୀ କବି କି ସମସାମୟିକ ନା ପରବର୍ତ୍ତୀ । ପୂର୍ବବର୍ତ୍ତୀ ଯେ ନୁହନ୍ତି ତାହା "କୋନ୍ୱସ୍ମିନ୍ ସାମ୍ପ୍ରତ ଲୋକେ ଗୁଣବାନ୍ କଶ୍ଚ ବୀର୍ଯ୍ୟବାନ୍ ।" ପ୍ରଶ୍ନ ଦ୍ୱାରା ନିରାକୃତ ହୋଇଅଛି । ସମସାମୟିକ କି ? ଏହା ମଧ୍ୟ ସମ୍ଭବ ନୁହେ ଯେହେତୁ ଆମମାନଙ୍କ ହସ୍ତଗତ ରାମାୟଣ ବିଶୁଦ୍ଧ ସଂସ୍କୃତ ଭାଷାରେ ଲିଖିତ (ଅବଶ୍ୟ ଆର୍ଷ ପ୍ରୟୋଗ ମଧ୍ୟ ସ୍ଥଳ ବିଶେଷରେ ଅଛି) । ରାମ ବୈଦେହ ଜନକଙ୍କ ଯାମାତା—ଏବଂ ସେତେବେଳେ ଉପନିଷଦ ଭାଷା ପ୍ରଚଳିତ ଥିଲା । ବାଲ୍ମିକୀ ସମସାମୟିକ କବି ହୋଇଥିଲେ ବୃହଦାରଣ୍ୟକ ଉପନିଷଦ୍ ଭାଷା ପରି ରାମାୟଣ ଭାଷା ହୋଇଥାନ୍ତା । ପୁଣି ବାଲ୍ମିକୀ କୌଣସି ରାଜସଭା ପ୍ରତ୍ୟକ୍ଷରେ ଉପସ୍ଥିତ ଥିବାର ବା ନିମନ୍ତ୍ରିତ ହୋଇଥିବାର ଜଣାଯାଏ ନାହିଁ । ଭରଦ୍ୱାଜଙ୍କର ଗୁରୁ କି ବାଲ୍ମିକୀ ? ଏହା ଦ୍ୱିତୀୟ ସର୍ଗରେ ଲେଖାଅଛି । ରାମଙ୍କର ସହିତ ଭରଦ୍ୱାଜଙ୍କର ଏତେ ଘନିଷ୍ଠତା ଅଥଚ ବାଲ୍ମିକୀ ରାମଙ୍କୁ ଚିହ୍ନନ୍ତି ନାହିଁ ବା ଜାଣନ୍ତି ନାହିଁ ? ଏହା ଅସମ୍ଭବ । ଦ୍ୱିତୀୟ ସର୍ଗ ଲେଖକର ମନଃ ପୂତ ହେଲା ନାହିଁ ନାରଦ କଥିତ ଅନୁକ୍ରମଣିକାରେ । ଏଣୁ ବ୍ରହ୍ମାଙ୍କୁ ଆଣିବା ଏବଂ କ୍ରୌଞ୍ଚବଧ ବୃତ୍ତାନ୍ତ ସନ୍ନିବେଶ କରିବାର ପ୍ରୟାସ । ମାତ୍ର ସୁଖର କଥା ଏହି ଯେ ବ୍ରହ୍ମା ନାରଦ କଥାକୁ ସମର୍ଥନ କରି ଗୋଟାଏ ଭଲ ସାର୍ଟିଫିକେଟ ଦେଲେ ।

ପୁଣି ବାଲ୍ମିକୀ ତୃତୀୟ ସର୍ଗରେ ଧ୍ୟାନ ଦ୍ୱାରା ରାମାୟଣ ବୃତ୍ତାନ୍ତ ଜାଣିଲେ । ନାରଦଠାରୁ ଶୁଣିଲା ଉତ୍ତାରୁ ଏବଂ ବ୍ରହ୍ମା ନାରଦ ବାକ୍ୟ ଅନୁସାରେ ରାମାୟଣ ଲେଖ ବୋଲି କହିଲା ଉତ୍ତାରୁ ଧ୍ୟାନର ଆବଶ୍ୟକ କଣ ? ତୃତୀୟ ଲେଖକର ମନଃପୂତ ନିମନ୍ତେ ଏ ସର୍ଗର ସୃଷ୍ଟି ଯହିଁର ଶେଷରେ ଲେଖା ହେଲା "ତଚ୍ଚକାରୋତ୍ତରେ କାବ୍ୟେ ବାଲ୍ମିକୀ ଭଗବାନୃଷିଃ" ।

ପୁଣି ରାମାୟଣ ରଚନାରେ ଏହା ଗାଇବା ନିମନ୍ତେ କୁଶ ଲବଙ୍କୁ ଭଗବାନ ବାଲ୍ମିକୀ ଦେଲେ । ଏହା ଦ୍ୱାରା ବାଲ୍ମିକୀ ଉତ୍ତରକାଣ୍ଡାର୍ଦ୍ଧ ରଚନା କରିଥିବାର ପ୍ରଶ୍ନର କଂସଗନ୍ଧ ଚତୁର୍ଥ ସର୍ଗରେ । ପାଠକମାନେ ଅନାୟାସରେ ବୁଝି ପାରିବେ ଯେ ଏତାଦୃଶ୍ୟ ରଚନା ବାଲ୍ମିକୀଙ୍କର ନୁହେ । ମାତ୍ର ଅପର ପୌରାଣିକମାନଙ୍କର ଯେଉଁମାନେ ଏହି ପ୍ରଥମ କାବ୍ୟକୁ ମଧ୍ୟ ପୁରାଣ ଶ୍ରେଣୀଭୁକ୍ତ କରିବାର ପ୍ରୟାସ କରିଥିଲେ ।

ପ୍ରଥମ ଚାରି ସର୍ଗ ପ୍ରକ୍ଷେପ । ରାମାୟଣ ଆରମ୍ଭ ପଞ୍ଚମ ସର୍ଗରୁ । ପ୍ରଥମ ଚାରି ସର୍ଗରେ କାବ୍ୟର ଲକ୍ଷଣ ନାହିଁ ପୁରାଣର ଲକ୍ଷଣ ବିଦ୍ୟମାନ ।

"ଆଶୀ ନମସ୍କ୍ରିୟାବସ୍ତୁ ନିର୍ଦ୍ଦେଶୋବାପି ତନ୍ମୁଖଂ ।" ଏହା କାବ୍ୟ ଆରମ୍ଭର ନିୟମ ।

କବି ବସ୍ତୁ ନିର୍ଦ୍ଦେଶ କଲେ ସୃଷ୍ଟିର ନାମ ପୂର୍ବକ ନାୟକଙ୍କର ଆର୍ଦ୍ଦ୍ର ପୁରୁଷଙ୍କର ନାମ ଓ ଯଶ ସହିତରେ ଏବଂ ଶେଷ କଲେ ରାବଣ ବଧ ଉତ୍ତାରୁ ଅଯୋଧ୍ୟାକୁ ରାମ ପ୍ରତ୍ୟାବର୍ତ୍ତନ କରି ଅଭିଷେକ, ପ୍ରଜାପାଳନ ଏବଂ ଶତ ଅଶ୍ୱମେଧ ଯଜ୍ଞ କରି ଅବଶେଷରେ ସ୍ୱଧାମକୁ ଗମନରେ । ଏତଦ୍ୱାରା ରାମାୟଣ ନାମ ସ୍ୱାର୍ଥ ହୋଇଅଛି । ରାମାୟଣରେ ଉତ୍ତରକାଣ୍ଡର ସ୍ଥାନ କାହିଁ ?

ନାରଦଙ୍କର ଉପଦେଶରେ ଏବଂ କଥିତାନୁସାରେ ଯେବେ ରାମାୟଣ ଲେଖା ହେଲା ତେବେ ନାରଦତ ଉତ୍ତରକାଣ୍ଡର ପ୍ରସଙ୍ଗ ଉଲ୍ଲେଖ କରି ନାହାନ୍ତି ଏବଂ ସୀତା ବନବାସର କଥା ଓ ଶମ୍ବୁକ ଶୂଦ୍ରର ବଧ ବୃତ୍ତାନ୍ତ ପ୍ରକାଶ କରିନାହାନ୍ତି ତେବେ ବାଲ୍ମୀକୀ ଉତ୍ତରକାଣ୍ଡର ସୃଷ୍ଟି କଲେ କି ମନରୁ ? ତେବେ ନାରଦ ଓ ବ୍ରହ୍ମାଙ୍କର ସତ୍ୟରକ୍ଷା ହେଲା କପରି ? ନାରଦ ବ୍ରହ୍ମାଙ୍କର ଉକ୍ତି ଏବଂ ବାଲ୍ମିକୀଙ୍କର ଧ୍ୟାନର ମିଳନ କେଉଁଠାରେ ? ବିଶୁଦ୍ଧ ରାମ ଚରିତରେ କଳଙ୍କ କାଳିମା ଲେପନ ପ୍ରୟାସରେ ପ୍ରଥମ ଚାରିସର୍ଗ ଏବଂ ଉତ୍ତରକାଣ୍ଡର ସୃଷ୍ଟି । ସାଧାରଣ ପାଠକ ପ୍ରତି ଏ ଜାଲ କାଟି ବାହାରିବା ସହଜ ନୁହେ । ପାଠକ, ପୌରାଣିକ, ପଣ୍ଡିତଙ୍କର



Digitized by srujanika@gmail.com

ରାମାୟଣ ପଢ଼ିବାହିଁ ସାର । ସେମାନେ ସମାଲୋଚକ ବୃହନ୍ତି ଏବଂ ସମାଲୋଚନା ଦ୍ୱାରା ସେମାନଙ୍କର ସ୍ୱାର୍ଥରେ ବାଧା ପଡ଼ିବା ସ୍ୱାଭାବିକ । ଯେଉଁମାନେ ରାମଭକ୍ତ ଏବଂ ବିଶୁଦ୍ଧ ରାମ ଚରିତ ଜାଣିବାକୁ ଇଚ୍ଛୁକ ସେମାନଙ୍କର ଉଚିତ ଯେ ରାମାୟଣ ମଧ୍ୟରେ ସନ୍ନିବେଶିତ ହୋଇଥିବା ଉପୋଦ୍‌ଘାତ ରୂପ ଅଧ୍ୟାୟ ଏବଂ ଉତ୍ତରକାଣ୍ଡକୁ ବର୍ଜନ କରନ୍ତୁ ।

ରାମାୟଣ ପାଠକଲେ ଜଣାଯାଏ ଯେପରି କ କବି କାଣ୍ଡ ଭାଗ କରି ନ ଥିଲେ । ଯେଉଁ ରୀତିରେ ଅନ୍ୟାନ୍ୟ କାବ୍ୟର ସର୍ଗ ଶେଷରେ ବା ଭାଗ ଶେଷରେ ଭଣିତା ଥାଏ ଏଠାରେ ତାହା ନାହିଁ । ବାଲ୍ମିକୀ କାଣ୍ଡ ଭାଗ କରି ନାହାନ୍ତି, କରିଥିଲେ ପ୍ରତ୍ୟେକ କାଣ୍ଡର ଶେଷରେ କାଣ୍ଡ ପାଠର ଫଳ ଶ୍ରୁତି ଲେଖାଥାନ୍ତା । କେବଳ ଲଙ୍କା-କାଣ୍ଡର ଶେଷରେ ବା ରାମାୟଣ ଚରିତ ସମାପ୍ତିରେ ପାଠ ଫଳ ଲେଖିଅଛନ୍ତି । ଉତ୍ତରକାଣ୍ଡ ସମାପ୍ତିରେ ଉତ୍ତରକାଣ୍ଡ ଶ୍ରବଣର ଫଳ ଲେଖାଅଛି । ଏଥିରୁ କ ଜଣା ଯାଉନାହିଁ ଯେ ଛଅ କାଣ୍ଡ କେବଳ ରାମାୟଣ ଉତ୍ତରକାଣ୍ଡ ନୁହେ । ପୂର୍ବେ ମୁଁ ରାମାୟଣ ସମାଲୋଚନା କରୁଥିଲେ ଏସିଆଟିକ ସୋସାଇଟିର ସୌଜନ୍ୟରୁ ବାଲି ଦ୍ୱିପରେ ବିଦ୍ୟମାନ ଥିବା ରାମାୟଣ ବୃତ୍ତାନ୍ତ ପାଇଥିଲି । ବାଲି ଦ୍ୱିପରେ ବିଦ୍ୟମାନ ଥିବା ରାମାୟଣ କବି ଭାଷାରେ ଲିଖିତ ତାର ନାମ ରାମାୟଣ କାଣ୍ଡ ବା କାଣ୍ଡ-ମାନ । ଛଅଗୋଟି କାଣ୍ଡରେ ବିଭକ୍ତ ନୁହେ କିମ୍ବା କାଣ୍ଡର ନାମକରଣ ହୋଇ ନାହିଁ । ସେ ଦେଶରେ ରାମାୟଣରେ ଉତ୍ତରକାଣ୍ଡ ନାହିଁ । ଏଣୁ ସେ ଦେଶବାସୀ ରାମଙ୍କର କଳଙ୍କ ବାର୍ତ୍ତା ଶୁଣି ଦଗ୍‌ଧିଭୂତ ହୁଅନ୍ତି ନାହିଁ । ଭାରତବାସୀ ରାମଙ୍କର କଳଙ୍କ କଥା ଶୁଣି ମଧ୍ୟ ଦଗ୍‌ଧିଭୂତ ହେବାର ତ ତେଣେ ଆଉ-ସୁଖାନୁଭବ କରନ୍ତି । କାଳିଦାସ ପ୍ରଭୃତି ମଧ୍ୟ ବୃତ୍ତାନ୍ତ ବଡ଼ ଉପାଦେୟ ମନେକଲେ । "ବଙ୍କାମା କୈବର୍ତ୍ତ ଧୋଇଲା । ବଢ଼େ ପତିପାବନ ନାମ ରହିଲା ।" ଅସ୍ପୃଶ୍ୟ କୈବର୍ତ୍ତ ରାମ ପଦ ଧୋଇବାକୁ ଅନୁମତି ଦେଲେ । ସୌରାସ୍ପଦ ବ୍ରାହ୍ମଣମାନଙ୍କର ସହ୍ୟ ହେବ କପରି ? ଗୁହକରର ସହିତ କୋଲାକୋଲି କଲେ ତା ପ୍ରଦତ୍ତ ଖାଦ୍ୟପଦାର୍ଥ ସନ୍ତୋଷରେ ଗ୍ରହଣ କଲେ । ଶବରୀର ପ୍ରଦତ୍ତ ଫଳ ଭକ୍ଷଣ କଲେ । ହନୁମାନ ସୁଗ୍ରୀବ ପ୍ରଭୃତିଙ୍କ ସହିତ ସଖ୍ୟ ସ୍ଥାପନ କଲେ । ଏ ଗୁରୁ ଦୁଷ୍କର୍ମ ସ୍ରୋତୀୟ ବ୍ରାହ୍ମଣେ ସମ୍ଭାଳି ପାରନ୍ତେ କପରି ? ଏଣୁ ଉତ୍ତରକାଣ୍ଡରେ ଶୂଦ୍ର ପ୍ରତି ଅତ୍ୟାଚାର ଏବଂ ସୀତା ବର୍ଜନ ରୂପ ଅସ୍ତ୍ରଦ୍ୱାରା ରାମଙ୍କର ମହତ୍ତ୍ୱ ନାଶ କରିବାର ଚେଷ୍ଟା କରିଅଛନ୍ତି । ଏବଂ ଉତ୍ତରକାଣ୍ଡ ଲେଖିଅଛନ୍ତି । ଏବଂ ଅନ୍ଧ ବିଶ୍ୱାସୀଠାରେ ସାଦରେ ତାହା ପାଠ କରୁଅଛନ୍ତି ।

ରାମଙ୍କର ମହତ୍ତ୍ୱ ଏବଂ ବାଲ୍ମିକୀଙ୍କର ବିଶୁଦ୍ଧ ଚରିତ ଶବରରେ ଦେଖି ଅନେକ କବିଙ୍କର ମନଃ ପୂତଃ ହେଲା ନାହିଁ । ଏଣୁ ଲଙ୍କାକାଣ୍ଡରେ ରାବଣ ବଧ ପୂର୍ବରୁ ବର୍ଣ୍ଣନାରେ କୁହମ ଲେଖା ଯୋଗ କରିବାର ଚେଷ୍ଟା କଲେ । ରାମ କେବଳ ନିଜ ଭାଇ ଲକ୍ଷ୍ମଣ ଭିନ୍ନ ମହା ବିପତ୍ତିରେ କାହାର ସାହାଯ୍ୟ ଲୋଡ଼ି ନାହାନ୍ତି କିମ୍ବା କେହି ସାହାଯ୍ୟ ଦେବାକୁ ଅଗ୍ରସର ହୋଇନାହାନ୍ତି । ରାବଣ ସହିତ ଶେଷ ଯୁଦ୍ଧରେ ଇନ୍ଦ୍ର ରଥ ଆସିଲା । ମାତଳି ରଥ ଚଲାଇଲା । ରାମଙ୍କୁ ଉପଦେଶଦେଲା ଇତ୍ୟାଦି । ଏତିକି ନୁହେଁ ହଠାତ୍ କେଉଁ ଉପାୟରେ କେଉଁଠାରୁ ଅଗସ୍ତି ଋଷି ଆସି ରାମଙ୍କୁ ରାବଣ ବଧ ଉପାୟ ବତାଇଲେ । ଅର୍ଥାତ୍ ସୂର୍ଯ୍ୟ କବଚ ପାଠ କଲେ ରାବଣ ବିନାଶ ଅବଶ୍ୟ ଘଟିବ ବୋଲି ରାମଙ୍କୁ କବଚ ପଢ଼ାଇଲେ । ଏହି ଅଗସ୍ତି ଋଷି ଉତ୍ତରାକାଣ୍ଡର ପ୍ରଧାନ ସୂତ୍ରଧାର । କି ଛଳନା ! ସେ ସମୟରେ ସୂର୍ଯ୍ୟ କବଚ ରଚନା ହୋଇଥିଲା କି ? ଏବଂ ସୂର୍ଯ୍ୟ କବଚ ଦୁଇପଦ ପଢ଼ି ରାମ ରାବଣଙ୍କୁ ଜୟ କଲେ କି ? ଏ ଅଂଶ ବାଲ୍ମିକୀର ଲେଖା ନୁହେ । ଅଗସ୍ତି ଉତ୍ତରାକାଣ୍ଡର ସୂତ୍ରଧାର ହେବା କଳ୍ପନାରେ ଯୁଦ୍ଧ ବେଳେ ରାମଙ୍କୁ ସୂର୍ଯ୍ୟ କବଚ ପଢ଼ାଇବାର ଅଦ୍‌ଭୁତ କଳ୍ପନା ।

ଅବଶେଷରେ ବକ୍ତବ୍ୟ ଏହି ଯେ



Digitized by srujanika@gmail.com

ବାଲ୍ମୀକିଙ୍କର ବିଶୁଦ୍ଧ ଓ ଉପଦେଶପୂର୍ଣ୍ଣ କବିତା ପାଠକରି ପରବର୍ତ୍ତୀ ଲୋକେ ଅସୂୟା ପରବଶ ହୋଇ କୃତ୍ରିମ କରିବାକୁ ଆରମ୍ଭ କଲେ । ଏବଂ ଯେଉଁମାନେ ସୀତାରାମଙ୍କର ଅବିନଶ୍ୱର ପ୍ରେମ ଭଙ୍ଗ କରିବା ପ୍ରଚାର କଲେ ସେହିମାନେ ପ୍ରକୃତ ନିଷାଦ । ସେ ସବୁ ଆଲୋଚନାର ଅବସର ଏଠାରେ ନାହିଁ । ପୂର୍ବେ ରାମାୟଣ ଆଲୋଚନାରେ ଏହା ଲେଖାଯାଇଅଛି । ମୋର ଦୃଢ଼ ବିଶ୍ୱାସ ଯେ ବିଶୁଦ୍ଧ ରାମଚରିତ ଯାହା ବାଲ୍ମୀକି ଲିଖିତ ତାହା ଅବିକଳ ଆମମାନଙ୍କଠାରେ ନାହିଁ । ଉତ୍ତରକାଣ୍ଡକୁ ରାମାୟଣ ଗ୍ରନ୍ଥରୁ ବିସର୍ଜନ ଦେବାକୁ ହେବ ଏବଂ ପ୍ରଥମ ସ୍ତର ଅଧ୍ୟାୟ ପ୍ରକ୍ଷେପ ବୋଲି ତ୍ୟାଗ କରିବାକୁ ହେବ ଏବଂ ସମାଲୋଚକ ଚକ୍ଷୁରେ ସଂସ୍କୃତ ରାମାୟଣ ପାଠକଲେ ବାଲ୍ମୀକିଙ୍କର ମହତ୍ତ୍ୱ ଏବଂ ସୀତାରାମଙ୍କର ପ୍ରେମ ଅନୁଭବ କରାଯିବ । ମୁଁ ଯେତିକି ରାମାୟଣର ସମାଲୋଚନା କରୁଛି ରାମଙ୍କଠାରେ ମୋର ଭକ୍ତି ଓ ପ୍ରେମ ବଢ଼ୁଛି । ଏଥିନିମନ୍ତେ ମୁଁ ସୁଖୀ । ରାମହିଁ ମହାପୁରୁଷ ।

ସୁରେନ୍ଦ୍ର ବାଞ୍ଛିତ ରାଜ୍ୟ-ଲକ୍ଷ୍ମୀ ତ୍ୟାଗକରି ।
ଧର୍ମିଷ୍ଠ ପିତୃ ବଚନେ ହେଲେ ବନଚାରି ॥
ଦୟିତାନୁରୋଧେ ମୃଗ ପଛେ ଯେ ଧାବନ୍ତି ।
ସେ ମହାପୁରୁଷ ପାଦପଦ୍ମେ ମୋ ପ୍ରଣତି ॥

# ଗାନ୍ଧିବାଦର ଗୋଟିଏ ପୃଷ୍ଠା

(ଶ୍ରୀ ସଦାନନ୍ଦ ରଥ ବି. ଏ.)

ମହାମାନବ ମହାତ୍ମା ଗାନ୍ଧିଙ୍କ ଦ୍ୱାରା ଅବଲମ୍ବିତ ଓ ପ୍ରଚାରିତ ବିଭିନ୍ନ ନୀତି ଗୁଡ଼ିକ ତାଙ୍କର କୌଣସି ସମୟରେ ଲିପିବଦ୍ଧ ଭାବେ ଏକ ତାଲିକା ଭୁକ୍ତ କରାଯାଇ ନାହିଁ । କିନ୍ତୁ ଜଗତ 'ଗାନ୍ଧିବାଦ' ଶବ୍ଦଟିକୁ ଅନେକ ଦିନରୁ ଶୁଣି ଆସିଛି ଏବଂ ସ୍ଥୂଳତଃ ଏହା ଉକ୍ତ ମହାପୁରୁଷଙ୍କର 'ଜୀବନୀ ଚରିତ' ଏବଂ କାର୍ଯ୍ୟାବଳୀକୁ ବୁଝାଏ ବୋଲି ଜାଣିଛି । 'ଗାନ୍ଧିବାଦ' ଶବ୍ଦଟି ସର୍ବପ୍ରଥମେ ମହାତ୍ମାଜୀଙ୍କ ଦ୍ୱାରାହିଁ ବ୍ୟବହୃତ ହୁଏ, କିନ୍ତୁ ପରେ ସେ ଉକ୍ତ ଶବ୍ଦଟିକୁ ସ୍ପଷ୍ଟ ରୂପେ ବୁଝାଇବାକୁ ଯାଇ କହିଛନ୍ତି 'ଗାନ୍ଧିବାଦ' ବୋଲି ଗୋଟିଏ ସ୍ୱତନ୍ତ୍ର ବିଷୟ ବା ନୂତନ ମତ ନାହିଁ । କାରଣ ମୋ ପରେ ଗୋଟିଏ ସ୍ୱତନ୍ତ୍ର ମତାବଲମ୍ବୀ ଶାଖା ସୃଷ୍ଟି କରି ଛାଡ଼ି ଯିବା ମୋର ଉଦ୍ଦେଶ୍ୟ ନୁହେଁ । ମୁଁ ଗୋଟିଏ ନୂତନ ଧର୍ମ ବା ଅଭିନବ ମତବାଦ ପ୍ରତିପାଦନ କରିଛି ବୋଲି ଦାବୀ କରୁନାହିଁ । ଯେଉଁ ସତ୍ୟଗୁଡ଼ିକ ନିତ୍ୟ ଓ ଚିରନ୍ତନ ସେଗୁଡ଼ିକ ମୁଁ ଆମର ଦୈନନ୍ଦିନ ଜୀବନ ଓ ସମସ୍ୟା ଗୁଡ଼ିକରେ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି ମାତ୍ର । ସତ୍ୟ ଓ ଅହିଂସା ଅତି ପ୍ରାଚୀନ, ମୁଁ ସେ ଗୁଡ଼ିକର ଶକ୍ତି ଓ ଗୁଣ ପରୀକ୍ଷା କରିବାକୁ ଯଥାସାଧ୍ୟ ଚେଷ୍ଟା କରିଛି । ଏପରି କରିବା ସମୟରେ ମୁଁ କେତେକ ଥର ଭୁଲ କରିଛି ଏବଂ ଉକ୍ତ ଭୁଲ କରିବାଦ୍ୱାରା କିଛି ନୂତନ ଶିକ୍ଷା ବି ଲାଭ କରି ପାରିଛି । ସୁତରାଂ ଆମର ସାଂସାରିକ ଜୀବନ ଓ ତାର ବହୁମୁଖି ସମସ୍ୟା ଗୁଡ଼ିକ ମୋ ନିକଟରେ ସତ୍ୟ ଓ ଅହିଂସାର ଗୁଣ ଓ ଶକ୍ତି ସମ୍ବନ୍ଧୀୟ ଅନେକ ଗୁଡ଼ିଏ ପରୀକ୍ଷା ମୂଳକ ଗବେଷଣାରେ ହିଁ ପରିଣତ ହୋଇଛି । × × × ମୁଁ ଯାହା କହୁଛି ସେଥିରେ ମୋର ସମସ୍ତ ଦାର୍ଶନିକ ନୀତି ନିହିତ ଅଛି । ତାକୁ ଗାନ୍ଧିବାଦ ଆଖ୍ୟା ଦେବେ ନାହିଁ କାରଣ ସେଗୁଡ଼ିକ କୌଣସି ଏକ ସ୍ୱତନ୍ତ୍ର 'ବାଦ' ନୁହେଁ । ତଥାପି ଉକ୍ତ ଗାନ୍ଧିବାଦ ଶବ୍ଦଟି କ୍ରମାଗତ ବ୍ୟବହୃତ ହୋଇ ଆସିଛି ଏବଂ ଅନେକ କାଳ ଧରି ବ୍ୟବହୃତ ହେବ ଏଥିରେ ସନ୍ଦେହ ନାହିଁ ।

'ଗାନ୍ଧିବାଦ'କୁ କେତେଗୁଡ଼ିଏ ମତ, ଆଇନ ବା ପ୍ରଥାର ସମଷ୍ଟି କହିଲେ ଭୁଲ୍ ହେବ । ଦର୍ଶନ ଶାସ୍ତ୍ର ଦୃଷ୍ଟିରୁ ମଧ୍ୟ ଏଥିରେ କିଛି ସମ୍ପୂର୍ଣ୍ଣ ନୂତନ



Digitized by srujanika@gmail.com

ତଥ୍ୟ ନାହିଁ । 'ଗାନ୍ଧିବାଦ' ଅନ୍ତର୍ଗତ ଅହିଂସା, ସତ୍ୟର ମୂଲ୍ୟ ଇତ୍ୟାଦି ନୀତି ସକଳ ବହୁ ଶତାବ୍ଦୀ ଧରି ମାନବ ଜାତିର ପରିଚିତ ହୋଇ ଆସିଛି । କିନ୍ତୁ ଗାନ୍ଧିବାଦର ବିଶେଷତ୍ୱ ଏହି ଯେ ଏହି ବାଦ ଗୋଟିଏ ପ୍ରାଚୀନ ଓ ସୁଶୃଙ୍ଖଳ ସାମାଜିକ ପରିପାଟୀକୁ ଆଧୁନିକ ସମୟର ଅବସ୍ଥାରେ ପୁନଃପ୍ରତିଷ୍ଠା କରିବାରେ ପ୍ରୟାସ କରିଛି । ଅନ୍ୟାନ୍ୟ 'ବାଦ' ଗୁଡ଼ିକର ଅଭ୍ୟୁଦୟ ଫଳରେ ମାନବ ଜାତି ପରସ୍ପରବିରୋଧୀ ବିଭିନ୍ନ ପକ୍ଷରେ ବିଭକ୍ତ ହୋଇ ଯିବା ବରାବର ଦେଖାଯାଏ । କିନ୍ତୁ ଗାନ୍ଧିବାଦର ଲକ୍ଷ ହେଉଛି—ସର୍ବବ୍ୟାପୀ ସାମ୍ୟମନ୍ତ୍ର । ଏଥିରେ ଦଳଗତ ବୈରଭାବର ସ୍ଥାନ ନାହିଁ ଏବଂ ଏହା ଯେ କୌଣସି ମତାବଲମ୍ବୀ ବ୍ୟକ୍ତିକୁ ପୂର୍ଣ୍ଣପ୍ରାଣରେ ସ୍ୱାଗତ ଜଣାଏ । ଭାରତକୁ କେନ୍ଦ୍ର କରି ଏହା ସମଗ୍ର ପୃଥିବୀରେ ନିଜର ଛାୟା ବିସ୍ତାର କରିଛି । ଏହି ମତାନୁସାରେ 'ଧର୍ମ' କହିଲେ କେତେଗୁଡ଼ିଏ ଚିରାଚରିତ କାର୍ଯ୍ୟକ୍ରମ ବା ଚିର ଅଭ୍ୟସ୍ତ ପନ୍ଥା ବୁଝାଯାଏ ନାହିଁ । ଯେଉଁ ପ୍ରବଳ ଶକ୍ତି ମାନବର ଦୈନନ୍ଦିନ କାର୍ଯ୍ୟକଳାପ, ଚିନ୍ତାଧାରା, ଏପରିକି ତାର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରକୃତ ପ୍ରଭାବ ବିସ୍ତାର କରି ତାକୁ ଗଠନ ଏବଂ ଚାଳନା କରେ ସେହି ଶକ୍ତିହିଁ ଯଥାର୍ଥରେ ଉକ୍ତ ମାନବର ଧର୍ମ । ଧର୍ମକୁ ଯଦି ଏପରି ବ୍ୟାଖ୍ୟା କରାଯାଏ ତାହାହେଲେ ରାଜନୀତି ଧର୍ମ ଠାରୁ ପୃଥକ ହୋଇ ରହିବା ଅର୍ଥ ରାଜନୀତି ନିଜର ଅସ୍ତିତ୍ୱ ହରାଇ ବସିବା । ଉଦାହରଣ ସ୍ୱରୂପ, ଖ୍ରୀଷ୍ଟଧର୍ମର ମୂଳମନ୍ତ୍ର ହେଉଛି 'ଶାନ୍ତିବାଦ' । ଏ ଜଗତରେ ପ୍ରତ୍ୟହ ଲକ୍ଷ ଲକ୍ଷ ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରା ଯାଉଛି । ଅଥଚ ଜଗତରେ ଖ୍ରୀଷ୍ଟଧର୍ମାବଲମ୍ବୀ ଜାତିସମୂହ ହିଁ ଶାନ୍ତିର ମହତ୍ତ୍ୱ ଏବଂ ଅସ୍ତିତ୍ୱ ବଜାୟ ରଖିବାରେ କୃତକାର୍ଯ୍ୟ ହୋଇ ପାରୁ ନାହାନ୍ତି । ଖ୍ରୀଷ୍ଟଧର୍ମ ବ୍ୟକ୍ତିଗତ ସୀମାରେ ଆବଦ୍ଧ ରହେ, ଏହା ରାଜନୀତିକୁ ନିୟନ୍ତ୍ରଣ କିମ୍ବା ପ୍ରଭାବିତ କରେନାହିଁ କିନ୍ତୁ ଗାନ୍ଧିବାଦ ରାଜନୀତିକୁ ପରିଚାଳନା କରେ । ଏହା ସାମାଜିକ ଜୀବନ ଯାପନ କରିବାର ଏକ ସୁଚିନ୍ତିତ ପନ୍ଥା, ଏବଂ ଏହାର ସର୍ବପ୍ରଧାନ ଅଂଶ ହେଉଛି ସଂହାର-ପ୍ରବୃତ୍ତି-ରହିତ ଅହିଂସା (Non-Violence).

ଗଣତନ୍ତ୍ର ପରି ଏହି ଅହିଂସା ବାଦ ମଧ୍ୟ ଗୋଟିଏ ବାସ୍ତବତା-ସମ୍ପର୍କ-ରହିତ, ନିର୍ଗୁଣ ଏବଂ ଅସ୍ପଷ୍ଟ ଧାରଣା ନୁହେଁ । ଏହା ଏକ ପ୍ରୟୋଗ-ସାଧ୍ୟ, ପରୀକ୍ଷା-ମୂଳକ ବିଜ୍ଞାନ ଏବଂ ଏହା ଅତି ପ୍ରାଚୀନ ସଭ୍ୟତାର ଏକ ଶ୍ରେଷ୍ଠ କଳା ଥିଲା । ମନୁଷ୍ୟର ପ୍ରକୃତ ସୁଲଭ ଧ୍ୱଂସକାରୀ ପଶୁପ୍ରବୃତ୍ତିକୁ ଦମନ କରିବା ଏହାର ଲକ୍ଷ୍ୟ । ଏହା ସବୁ ଯୁଗରେ ଆଚରିତ ହୋଇ ଢେର ଅଧିକ ସଫଳତା ଲାଭ କରିଛି । ଗଣତନ୍ତ୍ର ପରି ଏହା ମଧ୍ୟ ପୂର୍ଣ୍ଣତା ଲାଭ କରି ମନୁଷ୍ୟର ସର୍ବ ଶକ୍ତିମାନ ଧର୍ମ ହେବା ଅବସ୍ଥାରେ ପହଞ୍ଚିପାରି ନାହିଁ । କାରଣ ଏହାର ପ୍ରଗତି ପଥରେ ବାରମ୍ବାର ଅନ୍ତରାୟ ସୃଷ୍ଟି ହୋଇଛି । ମାନବ ଧ୍ୱଂସସାଧନରେ ଆତ୍ମପ୍ରସାଦ ଅନୁଭବ କରିବା, ଏପରିକି ଯୁଦ୍ଧକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରି ଏହି ଧ୍ୱଂସାତ୍ମକ ଲୋମହର୍ଷଣ-କାଣ୍ଡ-ସଂଯୁକ୍ତ ଶକ୍ତିର ବିକ୍ଷେପ ସାଧନ କ୍ରିୟାକୁ ଈଶ୍ୱରାଦିଷ୍ଟ ବୋଲି ବିବେଚନା କରିବାରେ ଲୋକେ ମାନ କୁଣ୍ଠିତ ହୋଇ ନାହିଁ । ସ୍ୱାର୍ଥାନ୍ଧ ମାନବ ଗୋଟିଏ ପଶୁ ପ୍ରବୃତ୍ତିକୁ ଈଶ୍ୱରାଦେଶର ପବିତ୍ର ଉଚ୍ଚ-ସ୍ଥାନକୁ ଉନ୍ନୀତ କରିଛି । ସବଳ ଦୁର୍ବଳଙ୍କୁ ପଦଦଳନ କରୁଛି ଏବଂ ପ୍ରତିହିଂସା ଐଶ୍ୱରିକ ସମର୍ଥନ ପାଇ ଆସିଛି । ଏହି ଶୋଚନୀୟ ପ୍ରଥାର ବିସ୍ତୃତ ପ୍ରୟୋଗ ଫଳରେ ଯେ ସକଳ ଅବସ୍ଥା ଉପୁଜିଛି ତାକୁ ଭିତ୍ତି କରି ହିଁ ଆଧୁନିକ ତଥାକଥିତ ସଭ୍ୟ ଜାତିପୁଞ୍ଜ ପ୍ରତିଷ୍ଠିତ ହୋଇଛି । ଫଳରେ ମାନବ ନିଜ ଜୀବନ ଧାରଣ କରିବା ମୌଳିକ ଅଧିକାର ଅନେକ ସ୍ଥାନରେ ହରାଇଛି । ମହାତ୍ମାଜୀ ମାନବ ଜାତିର ହସ୍ତରେ 'ଅହିଂସା ବାଦ' ରୂପେ ଏହି ପ୍ରବଳ ଅସ୍ତ୍ର ପ୍ରଦାନ କରି ଯାଇଛନ୍ତି ମୁଖ୍ୟତଃ ଏହି ନଷ୍ଟ ସ୍ୱାଧୀନତା ଓ ମୌଳିକ ଅଧିକାରର ପୁନରୁତ୍ଥାନ କରିବା ଉଦ୍ଦେଶ୍ୟରେ ।

ଅହିଂସା ବାଦର ଅପରିସୀମ ଶକ୍ତି ଯେ କେବଳ ଦୃଢ଼ ବିଶ୍ୱାସ ଉପରେ ପ୍ରତିଷ୍ଠିତ ତାହା ନୁହେଁ, ଏହା ଏକ ପ୍ରତ୍ୟକ୍ଷ ସତ୍ୟ, ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆଚରିତ ଓ ପ୍ରଚାରିତ । ଅହିଂସାବାଦର ସ୍ୱରୂପ ସେ ନିଜେ ପରିଷ୍କାର ରୂପେ କହି ଯାଇଛନ୍ତି— "ଅହିଂସାବାଦ କ୍ରିୟାଶୂନ୍ୟତା ବା ଉଦାସୀନତାଠାରୁ



Digitized by srujanika@gmail.com

ସଂପୂର୍ଣ୍ଣ ପୃଥକ୍ । ମୋ ମତରେ ଅହିଂସା ସମଗ୍ର ପୃଥିବୀର ଅତ୍ୟନ୍ତ ପରାକ୍ରମଶାଳୀ ଶକ୍ତି ଏବଂ ପ୍ରକୃତିର ସାର୍ବଭୌମ ନିୟମ ।" ସକଳ ପ୍ରକାର ହିଂସାମୂଳକ କର୍ମ କ୍ଷଣସ୍ଥାୟୀ । କାରଣ, ଯେଉଁ କର୍ମ ହିଂସା ବା କ୍ରୂରଭାବ ଦ୍ୱାରା ଅନୁପ୍ରାଣିତ ହୋଇଥାଏ ସେଗୁଡ଼ିକ ଅଳ୍ପେ ଅଳ୍ପେ କ୍ରମଶଃ କ୍ଷୟ ହୋଇ ପରିଶେଷରେ ବିଲୟ ହୁଅନ୍ତି । ପୃଥିବୀରେ ଅବିଶ୍ରାନ୍ତ ଭାବେ ଧ୍ୱଂସ-ସାଧନ-ତତ୍ପର, ଅନନ୍ତ, ନିରବଚ୍ଛିନ୍ନ ଧ୍ୱଂସାତ୍ମକ ପ୍ରକ୍ରିୟା କସ୍ମିନ୍ କାଳେ ଦେଖାଯାଇ ନାହିଁ । ସମଗ୍ର ମାନବ ଜାତିର ଇତିହାସରେ ଏପରି ଗୋଟିଏ ଦୃଷ୍ଟାନ୍ତ ନାହିଁ ଯହିଁରେ କି କୌଣସି ଏକ ଜାତି କିମ୍ବା ଏକ ଅନୁଷ୍ଠାନ ଧ୍ୱଂସସାଧନ କ୍ରିୟାଦ୍ୱାରା ଚିରକାଳ ନିଜର ଶକ୍ତି ଅବିଚ୍ଛିନ୍ନ ରଖିବାରେ ସମର୍ଥ ହୋଇପାରିଛି । ଏହାର ମୂଳ କାରଣ ହେଉଛି କ୍ରୂର-ଭାବାପନ୍ନ ଧ୍ୱଂସସାଧନ କ୍ରିୟା ଏପରି ଏକ ଶକ୍ତି ଯାହାକି ଅଳ୍ପେ ଅଳ୍ପେ କାଳକ୍ରମେ ନିଷ୍ପ୍ରଭ ହୋଇପଡ଼େ ଏବଂ ନିଜଠାରୁ ଅଧିକ ପରାକ୍ରମଶାଳୀ ଅନ୍ୟ ଏକ ଶକ୍ତି ଦ୍ୱାରା ନିଶ୍ଚିତ ରୂପେ ପରାଜିତ ହୁଏ ।

ଅପର ପକ୍ଷେ ଅହିଂସା ପ୍ରଣୋଦିତ କର୍ମର ଅସ୍ତିତ୍ୱ ଅନନ୍ତ କାଳ ରହେ । ଏହା ଅଳ୍ପେ ଅଳ୍ପେ କ୍ଷୟ ହୁଏ ନାହିଁ । ଏହା ହିଂସାତ୍ମକ ଶକ୍ତିର ସମ୍ମୁଖୀନ ହେବା ମାତ୍ରେ ତାର ବିଲୋପ ସାଧନ କରେ । ସମଗ୍ର ପୃଥିବୀର ସକଳ ଧ୍ୱଂସକାରୀ ଶକ୍ତି ଏକାଧାରେ ମିଳିତ ହୋଇ ମଧ୍ୟ ଏହାର କିଛି କ୍ଷତି ସାଧନ କରି ପାରିବେ ନାହିଁ । ଏହାର ଅନ୍ତର୍ନିହିତ ଶକ୍ତି ଅପରିସୀମ । ବ୍ୟକ୍ତିଗତ ଅଭ୍ୟାସ ଦ୍ୱାରା ଏହାର ଶକ୍ତି ଖୁବ୍ ତେଜୀୟାନ ହୋଇ ଉଠେ ସତ୍ୟ କିନ୍ତୁ ସମଗ୍ର ମାନବ ଜାତି ଯେଉଁଦିନ ଏହାକୁ ଆଚରଣ କରିବାରେ ସିଦ୍ଧହସ୍ତତା ଲାଭ କରିବ ସେହି ଦିନ ଏହାର ସମସ୍ତ ଚରମ ଶକ୍ତି ଉପଲବ୍‌ଧି କରାଯାଇ ପାରିବ । ଭାରତର ସ୍ୱାଧୀନତା ସଂଗ୍ରାମରେ ଯେ ଜୟଲାଭ ହେଲା ତାହା ସମ୍ପୂର୍ଣ୍ଣ ଅହିଂସା ମାର୍ଗରେ । ଅହିଂସା ଅସ୍ତ୍ରଦ୍ୱାରା ଭାରତ ମୁକ୍ତି ସଂଗ୍ରାମରେ ବିଜୟ ହାସଲ କରିବା ସଙ୍ଗେ ସଙ୍ଗେ ଅଦ୍ୟାବଧି ଲୁକ୍କାୟିତ ଥିବା ଗୋଟିଏ ଅତ୍ୟନ୍ତ ପରାକ୍ରମଶାଳୀ ଅଥଚ ହିଂସା-ଦ୍ୱେଷ-ଭାବ-ବର୍ଜିତ ଅସ୍ତ୍ରର ପ୍ରଭୂତ ଶକ୍ତି ଜଗତ ସପକ୍ଷରେ ପ୍ରମାଣ କରି ପାରିଥିଲା ।

ଗାନ୍ଧୀବାଦରେ ଅହିଂସା କହିଲେ କେବଳ ହିଂସାଶୂନ୍ୟ ବୁଝାଯାଏ ନାହିଁ । ଏହାର ସମ୍ପୂର୍ଣ୍ଣ ଅର୍ଥ ହେଉଛି ପ୍ରାଣଭରି ପ୍ରେମ କରିବା । ଯେ କୌଣସି ପ୍ରାଣୀ ପ୍ରତି କେବଳ ହିଂସା ନକରି କ୍ଷାନ୍ତ ନରହି ତାକୁ ପୂର୍ଣ୍ଣ ପ୍ରେମ ପାଶରେ ଆବଦ୍ଧ କରିବାହିଁ ଅହିଂସା । ଏହି ନିୟମ ବଳରେ ହିଁ ଅନ୍ୟାୟ ନ୍ୟାୟ ଦ୍ୱାରା ପରାଜିତ ହୋଇଥାଏ । ଏଠାରେ ଅତ୍ୟାଚାରୀ ପ୍ରତି ପ୍ରତିହିଂସା ମୂଳକ କ୍ରୂର ମନୋଭାବ, ପ୍ରତିଶୋଧାତ୍ମକ ବିପ୍ଳବ କିମ୍ବା ଈର୍ଷା ଇତ୍ୟାଦିର ସ୍ଥାନ ନାହିଁ ।

'ସତ୍ୟାଗ୍ରହ' ଶବ୍ଦଟି ମହାତ୍ମାଜୀଙ୍କ ଦ୍ୱାରା ସୃଷ୍ଟ । ଏହାର ମୂଳଅର୍ଥ ହେଉଛି ସତ୍ୟ ପ୍ରତି ଆଗ୍ରହ । ଅର୍ଥାତ ସତ୍ୟପ୍ରତି ଅନୁରାଗ ଏବଂ ପ୍ରଗାଢ଼ ଭକ୍ତି । ଅତଏବ ଏହାକୁ ସତ୍ୟ-ଶକ୍ତି ବୋଲିଯାଇ ପାରେ । ଯାହା ଚିରନ୍ତନ ନିତ୍ୟ ସତ୍ୟ ତାଉପରେ ଅଟଳ ବିଶ୍ୱାସ ରଖି ଅମ୍ଳାନ ବଦନରେ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହେବାହିଁ ଏହାର ସାରାଂଶ । ଯେ କୌଣସି ପ୍ରାଣୀର ଏପରି କି ନିଜର ପରମ ଶତ୍ରୁର ଅନିଷ୍ଟ ସାଧନ କରିବା ଏହାର ନୀତି ବିରୁଦ୍ଧ । ଏଠାରେ ଗୋଟିଏ କଥା ସ୍ପଷ୍ଟ ବୁଝିବାକୁ ହେବ । ସାଧାରଣତଃ ଯେ କୌଣସି ଏକ ବିବାଦ ବା ସଂଘର୍ଷରେ ଦୁର୍ବଳ ପକ୍ଷ ନିଜ ସ୍ୱାର୍ଥ ଦୃଷ୍ଟିରୁ ସବଳ ପକ୍ଷର କ୍ରୂର ଭାବେ ଅନିଷ୍ଟ ସାଧନ କରିବାକୁ ସାହସ କରିପାରେ ନାହିଁ । ସେ ନିଜ ପରାକ୍ରମର ନ୍ୟୂନତା ପରିଦର୍ଶନ କରି କୌଣସି ଉଗ୍ର କର୍ମ କରିବାରେ ସଚେଷ୍ଟ ହୁଏ ନାହିଁ । ସୁତରାଂ ଅନନ୍ୟୋପାୟ ହୋଇ ନିଷ୍କ୍ରିୟ ଏବଂ ନିଶ୍ଚେଷ୍ଟ ରହେ । ଏହିପରି ମନୋଭାବ କଦାପି ସତ୍ୟାଗ୍ରହ ନୁହେ । ସତ୍ୟାଗ୍ରହ ଏହାଠାରୁ ଢେର ଉଚ୍ଚରେ । କାରଣ ଉପରୋକ୍ତ ନରମ ମନୋଭାବ କେବଳ ଦୁର୍ବଳ ଓ ଭୀରୁମାନଙ୍କ ଦ୍ୱାରା ଆଚରିତ ଏବଂ ସେମାନେ ଏସ୍ଥଳେ ହିଂସା-ଦ୍ୱେଷ-ସମ୍ବଳିତ କ୍ରୂର କର୍ମରୁ କ୍ଷାନ୍ତ ରହିବାକୁ ବାଧ୍ୟ ହୋଇଥାନ୍ତି କେବଳ ନିରୁପାୟ ହୋଇ । କିନ୍ତୁ ସତ୍ୟାଗ୍ରହ



Digitized by srujanika@gmail.com

ସବଳର ଅସ୍ତ୍ର ଏବଂ ଏଥିରେ ହିଂସା କିମ୍ବା ଦ୍ୱେଷଭାବ ସ୍ଥାନ ପାଇବାର ଅବକାଶ ନାହିଁ । ଏହି ସତ୍ୟାଗ୍ରହ ଭାବ ସମ୍ପୂର୍ଣ୍ଣ ନୂତନ ନୁହେଁ । ଆମର ସାଧାରଣ ପାରିବାରିକ ଜୀବନରେ ଗୋଟିଏ ସାମାନ୍ୟ ନିୟମ ଉପରେ ଏହା ପ୍ରତିଷ୍ଠିତ । ସାଧାରଣତଃ ପାରିବାରିକ ବିବାଦ ଏବଂ ସାମାନ୍ୟ ମତାନ୍ତରଗୁଡ଼ିକ ସ୍ନେହ, ପ୍ରେମ, ଭକ୍ତି, ସହିଷ୍ଣୁତା ଇତ୍ୟାଦି ପବିତ୍ର ନିୟମ ଦ୍ୱାରା ତତ୍କ୍ଷଣାତ୍ ସମାଧାନ ହୋଇଯାଏ । ଏଥିରେ ଈର୍ଷା ବା ଦ୍ୱେଷର ସ୍ଥାନ ନାହିଁ ଯେହେତୁ କି ପରିବାରର ପ୍ରତ୍ୟେକ ବ୍ୟକ୍ତିର ସକଳ କର୍ମ ପରିବାରର ସମୂହ ମଙ୍ଗଳ ବିଧାନ ଦୃଷ୍ଟିରୁ ହିଁ ନିୟନ୍ତ୍ରିତ ହୋଇଥାଏ । ମହାତ୍ମାଜୀଙ୍କ ମତରେ ଏହି ସରଳ ପବିତ୍ର ପାରିବାରିକ ନିୟମ ଯଦି ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ମାନଙ୍କରେ ଆଚରଣ କରି ନଯାଏ ତାହେଲେ ଜଗତର ଜାତିପୁଞ୍ଜ ପ୍ରକୃତରେ ଏକ ହୋଇପାରିବେ ନାହିଁ କିମ୍ବା ପ୍ରତ୍ୟେକ ଜାତିର ସକଳ କର୍ମ ମାନବ ଜାତିର ସମୂହ ମଙ୍ଗଳ ସାଧନ କରିବାରେ ସଫଳ କାମ ହୋଇ ପାରିବ ନାହିଁ ।

ହିଂସା-ଦ୍ୱେଷ-ବର୍ଜିତ ପବିତ୍ର ମନୋଭାବ, ଅହିଂସା, ସତ୍ୟାଗ୍ରହ ଇତ୍ୟାଦି ଶବ୍ଦଗୁଡ଼ିକ ସାଧାରଣ ଲୋକ ପକ୍ଷେ ଆକାର-ବିକାର ଶୂନ୍ୟ, ନିର୍ଗୁଣ, ନିଗୂଢ଼ ଶବ୍ଦ ମାତ୍ର । କାରଣ ସେମାନେ ମନେ କରନ୍ତି ଯେ ଏଗୁଡ଼ିକ ସେମାନଙ୍କର ବ୍ୟକ୍ତିଗତ ସଂସାରରୁ ବହୁ ଦୂରରେ । ସମାଲୋଚକମାନେ (କେତେକ ପ୍ରକୃତ ସତ୍ୟ ସନ୍ଧାନେଚ୍ଛୁ ହୋଇ ଓ କେତେକ କେବଳ ଦୋଷ ସନ୍ଧାନେଚ୍ଛୁ ହୋଇ) ପଚାରନ୍ତି ଯେ ଯେଉଁ ଜଗତରେ ପାର୍ଥିବ ସମ୍ପଦର ପ୍ରାଚୁର୍ଯ୍ୟ ଏବଂ କ୍ରୂର-ଭାବାପନ୍ନ ଧ୍ୱଂସ-ସାଧନ-ପଟୁ ଶକ୍ତି ହିଁ ସର୍ବପ୍ରକାର ବିପଦର ଆଶ୍ରୟ ଓ ଉତ୍ତରୋତ୍ତର ଉନ୍ନତି ବିଧାନର ଏକମାତ୍ର ପନ୍ଥା ନୁହେଁ ବର୍ତ୍ତମାନ ସେହି ଜଗତରେ ପରସ୍ପର ସହଯୋଗ, ପବିତ୍ର ପ୍ରେମ ଓ ନିସ୍ୱାର୍ଥପର ତ୍ୟାଗ ଭଳି ସ୍ୱର୍ଗୀୟ ଭାବ ସମ୍ବଳିତ ଏତାଦୃଶ୍ୟ ଅହିଂସା ନୀତି ଅବଲମ୍ବନ ଓ ଆଚରଣ କରିବା ସମ୍ଭବପର କି ? ସେମାନେ କହନ୍ତି ଯେ ଅହିଂସା ବାଦ ଗୋଟିଏ ବ୍ୟକ୍ତିଗତ ସଦ୍‌ଗୁଣ ହିସାବରେ ଅବଶ୍ୟ ଉଚ୍ଚସ୍ଥାନ ଅଧିକାର କରିପାରେ କିନ୍ତୁ ଆଧୁନିକ ଜଗତର କୁତ୍ସିତ ବାୟୁମଣ୍ଡଳରେ ତାକୁ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମଧ୍ୟ ବ୍ୟବହାର କରି ବସିଲେ ବିଫଳ ପ୍ରୟାସ ହେବା ଅବଶ୍ୟମ୍ଭାବୀ । ମାନବ ଚରିତ୍ର ଅପରିବର୍ତ୍ତନୀୟ । ମାନବର ଅନ୍ତର୍ନିହିତ ସଂହାର ପ୍ରବୃତ୍ତିର ସମୂଳେ ବିଲୋପ ସାଧନ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର । ମନୁଷ୍ୟ ନିଜକୁ ଦେବ ଭାବାପନ୍ନ ବୋଲି ଗର୍ବ ଅନୁଭବ କରିପାରେ କିନ୍ତୁ ତା ଭିତରେ ଥିବା ପଶୁତ୍ୱ ଅଦ୍ୟାପି ଜୀବିତ ଅଛି, ଆଗାମି କେତେକ ହଜାର ବର୍ଷ ଧରି ଜୀବିତ ରହିପାରେ ମଧ୍ୟ । ସୁତରାଂ ମନୁଷ୍ୟ ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ରହିଛି ସେ ପର୍ଯ୍ୟନ୍ତ ତା ପକ୍ଷେ ପବିତ୍ର ଅହିଂସାବାଦ ଭଳି ଅତିମାନୁଷ ବ୍ୟାପାର ଅଭ୍ୟାସ କରିବା ଏକାବେଳକେ ଅସମ୍ଭବ ।

କିନ୍ତୁ ଠିକ୍‌ଏ ବିଶ୍ଳେଷଣ କରି ଦେଖିଲେ ଜଣାଯାଏ ଯେ ଏହି ସମାଲୋଚକମାନେ ପୂରାପୂରି ଭ୍ରମଶୂନ୍ୟ ନୁହନ୍ତି । ମାନବ ଚରିତ୍ର ନିତାନ୍ତ ଅପରିବର୍ତ୍ତନୀୟ ନୁହେ । ଅନେକ ସ୍ଥଳରେ ମନୁଷ୍ୟର ପ୍ରକୃତିଗତ ଚରିତ୍ରରେ ବିରାଟ ପରିବର୍ତ୍ତନ ହୋଇ ଥିବା ଦେଖିବାକୁ ମିଳେ । କିନ୍ତୁ ପ୍ରକୃତ ବିଷୟ ହେଉଛି, ମନୁଷ୍ୟ ତାର ପାରିପାର୍ଶ୍ୱିକ ଅବସ୍ଥା ଏବଂ ପରମ୍ପରାଗତ ପ୍ରଥା ଦ୍ୱାରା ଏତେଦୂର ଜଡ଼ିତ ହୋଇ ରହିଥାଏ ଯେ ସେ ସେଥିରୁ ଅବ୍ୟାହତି ପାଇ ନିଜକୁ ଭିନ୍ନ ମାର୍ଗରେ ପରିଚାଳନ କରିବା ପାଇଁ ଅତି କମ ସୁଯୋଗ ପାଇଥାଏ । ଯେଉଁ ଶିଶୁ ଏକ ଭୟାବହ ଯୁଦ୍ଧନାଦପୂର୍ଣ୍ଣ ସଂସାରରେ ଜନ୍ମଗ୍ରହଣ କରି ତରୁଣ ଅବସ୍ଥାରେ ପଦକ୍ଷେପ କଲାମାତ୍ରେ ଅନ୍ୟ ଏକ ଲୋମହର୍ଷଣ ଯୁଦ୍ଧର ବିକଟ ଧ୍ୱନି ଶ୍ରବଣ କରେ ସେହି ଶିଶୁକୁ ଅହିଂସାବାଦ ଅଭ୍ୟାସ କରିବା ସକାଶେ ଉପଯୁକ୍ତ ସୁଯୋଗ ମିଳିଛି ବୋଲି କହିବା ଅଳୀକ ମାତ୍ର । ଅଥଚ ମହାତ୍ମାଜୀଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଏହି ସମସାମୟିକ ମାନବ ଜାତିର ହୃଦୟ ପରିବର୍ତ୍ତନ । ବର୍ତ୍ତମାନ ଜଗତକୁ ଲକ୍ଷ୍ୟକରି ସେ ଯେତେବେଳେ ବଜ୍ରଗମ୍ଭୀର ସ୍ୱରରେ ବାରମ୍ବାର କହି ଆସିଛନ୍ତି—



Digitized by srujanika@gmail.com

"ଅହିଂସାବାଦ ବା ଧ୍ୱଂସ-ସାଧନ ପ୍ରବୃତ୍ତିର ବିଲୋପ ସାଧନ କେବଳ ପ୍ରଚାର କରାଯାଇ ନପାରେ—ଏହାକୁ ନିତ୍ୟମତ ଅଭ୍ୟାସ କରିବାକୁ ହେବ।" ସେତେବେଳେ ସେ ବିଶେଷ ନିରାଶ ହେବାର ଦେଖା ଯାଏ ନାହିଁ।

ହତୋତ୍ସାହ ହେବାର ଅନ୍ୟାନ୍ୟ କେତୋଟି କାରଣ ମଧ୍ୟ ବିଦ୍ୟମାନ୍। ଯେତେବେଳେ ସମଗ୍ର ପୃଥିବୀ ଅକୁଣ୍ଠିତ ଚିତ୍ତରେ ଧ୍ୱଂସ-ସାଧନ ଶକ୍ତିର ଦାସତ୍ୱ ସ୍ୱୀକାର କରୁଛି, ଯେତେବେଳେ ବିନାଶ ସାଧନ ଏବଂ କପଟାଚରଣ ଦ୍ୱାରା ହିଁ ମାନବର ସକଳ ଚେଷ୍ଟା ସାଫଲ୍ୟ ମଣ୍ଡିତ ହୋଇ ପାରୁଛି, ଯେତେବେଳେ ଶିକ୍ଷିତ ଓ ସଭ୍ୟଙ୍କର ଚିନ୍ତାଧାରା ଅହିଂସାଭାବ ଓ ଅପର ପ୍ରତି ହେୟ ଭାବ ଦ୍ୱାରା ଭାରାକ୍ରାନ୍ତ ହୋଇ ପଡ଼ୁଛି, ଠିକ ସେହି ସମୟରେ ଭାରତର ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ଜନ ସାଧାରଣଙ୍କ ପକ୍ଷେ ଏହି ପବିତ୍ର ପ୍ରେମ-ତ୍ୟାଗ-ମୂଳକ ଅହିଂସାବାଦ ଆକାଶ କୁସୁମ ସଦୃଶ କହିଲେ ସତ୍ୟର ବିଶେଷ ଅପଳାପ ହୋଇନାହିଁ ବୋଲି ଭାବିବା ସ୍ୱାଭାବିକ। ତଥାପି ଏହି ଜନସାଧାରଣଙ୍କ ଉପରେ ହିଁ ସକଳ ଆଶା ନିର୍ଭର କରେ ଯେହେତୁ ସେମାନଙ୍କର ଅନ୍ତଃକରଣ କୃତ୍ରିମ କପଟ ଶୂନ୍ୟ, ସୁତରାଂ ସରଳ। ଏବଂ ସେମାନେହିଁ ସରଳ ବିଶ୍ୱାସ ଉପରେ ବିଶେଷ ଆସ୍ଥା ରଖିବାରେ ସମର୍ଥ ହୁଅନ୍ତି।

ଏହି ଅହିଂସାବାଦ ପୂର୍ଣ୍ଣତା ଲାଭ କରିପାରି ନାହିଁ, ସୁତରାଂ ଏହା ପରିତ୍ୟଜ୍ୟ—ଏପରି କହିଲେ ଭୁଲ ହେବ। ଏହି ବିଂଶ ଶତାବ୍ଦୀରେ ମଧ୍ୟ ମନୁଷ୍ୟ ଯାହାକିଛି ପ୍ରକୃତରେ ମଙ୍ଗଳପ୍ରଦ, ନ୍ୟାୟସମ୍ମତ ଏବଂ ପବିତ୍ର, ତାକୁ ଅଭ୍ୟାସ କରି ପାରେ। ଏହି ଈର୍ଷା ଶୂନ୍ୟ ସରଳ ଅହିଂସାବାଦ ସହଜ ପ୍ରୟୋଗ ସାଧ୍ୟ ଏବଂ ସକଳସ୍ଥାନେ ସବୁ ସମୟରେ ବ୍ୟବହାର୍ଯ୍ୟ। ଏହା ଏକ ଐନ୍ଦ୍ରଜାଲିକ ପ୍ରକ୍ରିୟା ନୁହେଁ, ନିରାଟ ସତ୍ୟ। ଏହା ମାନବ ଜାତିର ଅମୋଘ ଅସ୍ତ୍ର ଏବଂ ଏହାର ଯଥାଯଥ ଅଭ୍ୟାସ ବଳରେ ଏପରି ଏକ ଯୁଗର ସୃଷ୍ଟି କରାଯାଇ ପାରିବ ଯେଉଁଥିରେ କି ମାନବ ଅବିଶ୍ରାନ୍ତ ଭାବେ ଉନ୍ନତ ପଥରେ ଅଗ୍ରସର ହେବାକୁ ସମର୍ଥ ହେବ। ଯଦି ମାନବ ଜାତିର ପ୍ରଗତି କେବଳ ପାର୍ଥିବ ସୀମା ମଧ୍ୟରେ ଆବଦ୍ଧ ନୁହେଁ ତାହେଲେ ପ୍ରଗତିର ଚରମ ସ୍ଥଳରେ ପହଞ୍ଚାଇ ଦେବା ପାଇଁ ଏହି ଅହିଂସାବାଦ ପ୍ରଥମ ସୋପାନ ଅଟେ। ବିଶେଷତଃ, ମାନବଜାତିର ଇତିହାସର ଏହି ଘଡ଼ି ସନ୍ଧି ସମୟରେ ଏହି ଅହିଂସାବାଦ ସର୍ବଶ୍ରେଷ୍ଠ ପନ୍ଥା କାହିଁକି, ଏହାହିଁ ମାନବ ଜାତିର ଏକ ମାତ୍ର ଆଶା—ଏହା ହୃଦୟଙ୍ଗମ କରିବାକୁ ବିଶେଷ ବୁଦ୍ଧିବୃତ୍ତିର ଆବଶ୍ୟକତା ନାହିଁ।

# ଗାନ୍ଧୀହତ୍ୟାରେ ଉପସ୍ଥିତ ପ୍ରଶ୍ନ [ ୧ ]

(ଶ୍ରୀ ଜୟଚନ୍ଦ୍ର ବିଦ୍ୟାଳଙ୍କାର)

ବାପୁଙ୍କ ହତ୍ୟାର ପ୍ରଥମ ଧକ୍କାରୁ ଉଠି ଭାରତ ଆଖି ଖୋଲିବା ମାତ୍ରେ ତାକୁ ଏକ ଷଡ଼ଯନ୍ତ୍ର ଦେଖାଗଲା, ଯାହା ତାର ଅନ୍ୟ କେତେକ ପ୍ରିୟ ନେତାଙ୍କ ଆଡ଼କୁ ଆଙ୍ଗୁଠି କରି ନିଜର ବିପଦାନ୍ତ ଦେଖାଉଥିଲା।

ହତ୍ୟାକାରୀ ପୁନାରୁ ଆସିଥିଲା, ସେ କେତେ ଗୁଡ଼ିଏ ଅନୁଷ୍ଠାନ ସହିତ ସଂପୃକ୍ତ ଥିଲା। କେତେ ଅନୁଷ୍ଠାନ ତାର ଆଦର୍ଶ ଜପ କରୁଥିଲେ। ସେହି ଅନୁଷ୍ଠାନ ଗୁଡ଼ିକର ସଭ୍ୟମାନେ ନିଜକୁ ଦେଶଭକ୍ତ ଓ ରାଷ୍ଟ୍ରସେବକ ବୋଲନ୍ତି। ତାଙ୍କ ମଧ୍ୟରେ ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଦେଶଭକ୍ତି ହୁଏତ କୌଣସି ସମୟରେ ଅସନ୍ଦିଗ୍ଧ ଥିଲା ଅଥବା ଆଜି ମଧ୍ୟ ଅଛି।

ଏଣେ ଦିଲ୍ଲୀରେ ବାପୁଜୀଙ୍କର ହତ୍ୟା ହୋଇଅଛି। ତେଣେ ଲେକସକ୍ସେସ୍‌ରେ ଦେଖାଦାଉଅଛି ଯେ, ସଂଯୁକ୍ତରାଷ୍ଟ୍ର ସଂଘର ସୁରକ୍ଷା



Digitized by srujanika@gmail.com

ସମିତିରେ ଭାରତକୁ ନ୍ୟାୟ ଶିକାର ହେବାକୁ ପଡ଼ୁଛି । ବ୍ରିଟେନ୍ ଆମେରିକା ଓ ପଶ୍ଚିମ ୟୁରୋପର ରାଷ୍ଟ୍ର ଗୁଡ଼ିକ ସତେ ଯେପରି ଭାରତର ଗୁଣ୍ଡାମାନଙ୍କୁ ପ୍ରୋତ୍ସାହିତ କରିବାରେ ବଦ୍ଧପରିକର; ଭାରତର ଆଭ୍ୟନ୍ତରୀଣ କଳହର ଶେଷ ନ କରାଇଦେବା ଯେପରି କି ତାଙ୍କର ଉଦ୍ଦେଶ୍ୟ ।

ଏ ସଂପୂର୍ଣ୍ଣ ଦୃଶ୍ୟ ଏପରି ଯେ, ପୌନେ ଦୁଇଶହ ବର୍ଷ ତଳର ପୁନାରେ ଘଟିଥିବା ଘଟନା ମନେ ପଡ଼ ଯାଉଛି । ସତେ ଯେପରି ଆଜି ନାରାୟଣ ରାଓ ପେଶବାଙ୍କ ହତ୍ୟାର ଇତିହାସର ପୁନରାବୃତ୍ତି କରିବାର ଚେଷ୍ଟା କରାଯାଇ ଅଛି । ପ୍ରଭେଦ ଏତିକି ଯେ, ନାରାୟଣ ରାଓ ଜଣେ ସାଧାରଣ ମନୁଷ୍ୟ ଥିଲା ଓ ବଂଶାନୁଗତ ଅଧିକାର ଫଳରେ ପେଶୱା ଗାଦି ପାଇଥିଲା । ମାତ୍ର ଗାନ୍ଧିଜୀ ଅସାଧାରଣ ମହାପୁରୁଷ ଥିଲେ, ଯାହାଙ୍କୁ ଭାରତ ତାଙ୍କ ସେବା ଯୋଗୁଁ ନିଜର ହୃଦୟ ସମ୍ରାଟ କରିଥିଲା । ସେଦିନ ଅପେକ୍ଷା ଆଜି ଭାରତର ରାଜନୈତିକ ଚେତନାରେ ମଧ୍ୟ ମହାଅନ୍ତର ବିଦ୍ୟମାନ ଏବଂ ସେହି ଚେତନାରେ ମହାତ୍ମାଜୀଙ୍କର ଖୁବ୍ ହାତ ଅଛି । ତଥାପି ୧୭୭୩ ଅଗଷ୍ଟ ତା ୩୦ ରିଖର ସେ ଆଘାତ ଏବଂ ୧୯୪୮ ଜାନୁୟାରି ୩୦ ତାରିଖର ଏ ଆଘାତ—ଦୁହିଁଙ୍କ ଲକ୍ଷ୍ୟ ଓ ପ୍ରଣାଳୀ ଏକ । ଭାରତ ହୃଦୟକୁ ଦଂଶନ କରି ତାକୁ ହଠାତ୍ ଭୂଲୁଣ୍ଠିତ କରି ଦେବା । ନାରାୟଣ ରାଓଙ୍କ ହତ୍ୟାକୁ ପ୍ରୋତ୍ସାହିତ କରିବା ବ୍ୟକ୍ତି ମଧ୍ୟ କେବେ ଦେଶର ଗୌରବ ବଢ଼ାଇ ପାରିଥିଲା ସେ ସେହି ରାଘୋବା ଦାଦା ଯେ କି ଅଟକ ପର୍ଯ୍ୟନ୍ତ ମହାରାଷ୍ଟ୍ର ପତାକାକୁ ପହଞ୍ଚାଇ ଥିଲା, ମାତ୍ର ଯେ ପରେ ନିଜ ମହତ୍ତ୍ୱାକାଂକ୍ଷା ଓ ଈର୍ଷାର ପ୍ରେରଣାରେ ସବୁ ଔଚିତ୍ୟ ଓ ମର୍ଯ୍ୟାଦା ଭୁଲି ଯାଇଥିଲା ତାର ଓ ତା' ସ୍ତ୍ରୀ ଆନନ୍ଦୀ ବାଈର ଇଂରେଜ ଦୂତ ମୋଷ୍ଟିନ୍ ସହିତ ବିଶେଷ ସଦ୍ଭାବ ଥିଲା । ମୋଷ୍ଟିନ୍ ତାର ଖାସ ପରାମର୍ଶଦାତା ଥିଲା । ଏବଂ ମୋଷ୍ଟିନ୍‌ଠାରୁ ପେଶବାଙ୍କ ହତ୍ୟା ସମ୍ବାଦ ପାଇବାମାତ୍ରେ ୱାରେନ୍ ହେଷ୍ଟିଂସ୍ ଏପରି ଦ୍ରୁତ ଗତିରେ କଲିକତାରୁ ବନାରସ ଦୌଡ଼ି ଆସିଲା ଏବଂ ମହାରାଷ୍ଟ୍ର ସାମ୍ରାଜ୍ୟ ବିରୁଦ୍ଧରେ ଜୁଟିଗଲା ଯେ ସତେ ଯେପରି କି ସେ ଶ୍ୱାସରୁଦ୍ଧ ହୋଇ ସେହି ହତ୍ୟାର ପ୍ରତୀକ୍ଷା କରୁଥିଲା । ରାଘୋବା ଇଂରେଜମାନଙ୍କ ଆଶ୍ରୟରେ ମରହଟ୍ଟା ସାମ୍ରାଜ୍ୟ ବିରୁଦ୍ଧରେ ସେନା ଆଣିଲା—ମାତ୍ର ନାନା-ଫଡ଼ନିସ ଓ ହରି ଫଡ଼କେ ପ୍ରଭୃତି ନେତାଙ୍କ ଯୋଗ୍ୟତାରୁ ଦେଶ ସେ ସଙ୍କଟରୁ ଉଦ୍ଧାର ପାଇପାରିଥିଲା ।

ରାଷ୍ଟ୍ରୀୟ (?) ସ୍ୱୟଂ ସେବକ ସଂଘର "ସରସଂଘ ଚାଳକ ପରମ ପୂଜ୍ୟ ଗୁରୁଜୀ" ମାଧବ ସଦାଶିବ ଗୋଲବଲକର ନିଜର ଭକ୍ତମାନଙ୍କୁ ବର୍ତ୍ତମାନ ରାଘୋବାଙ୍କ ଆଦର୍ଶର ସ୍ମରଣ କରାଇ-ଦେବା କଣ ଘୁଣାକ୍ଷରବତ୍ ଏକ ସଂଯୋଗ ମାତ୍ର ? ଏବେ ଦେଖାଯାଉଛି ଯେ, କେତେ ଲୋକ ରାଘୋବାଙ୍କ ପୂର୍ଣ୍ଣ ଚରିତ୍ର ଅନୁସରଣ କରିବାଲାଗି ଦୃଢ଼ ପ୍ରତିଜ୍ଞ ଥିଲେ । ଆମ୍ଭମାନଙ୍କର ପ୍ରଥମେ ଭାବିବା ଉଚିତ ଯେ, ଆଜି ମଧ୍ୟ ତାଙ୍କୁ ମୋଷ୍ଟିନ୍ ଅଥବା କୌଣସି ୱାରେନ୍ ହେଷ୍ଟିଂସ୍ ଉତ୍ତେଜିତ କରୁନାହାନ୍ତି ତ ? ଏସିଆର ସବୁ ଦେଶରେ ଆଜି ଯେ ଏକାପରି ରକ୍ତ ଛିଡ଼ା ହୋଇଛି, ସେ କଣ ଘୁଣାକ୍ଷର ନ୍ୟାୟ ? ଚୀନରେ ଗୃହଯୁଦ୍ଧ ରାକ୍ଷସ ଦଶଲକ୍ଷ ଚୀନାଙ୍କ ରକ୍ତପାନ କରି ସାରିଛି—ତଥାପି ଆଜି ତାର ତୃଷା ଯେମିତିକି ସେମିତି ଅଛି । ସେ ତାର ନିଜ ତୃଷା କି ସେ ଆମେରିକା ପୁଞ୍ଜି ଶାସନର ସେବାରେ ନିରତ; ଆମେରିକାର କଳ କାରଖାନାମାନଙ୍କୁ ଚକଣ ରଖିବାପାଇଁ ତାକୁ ରକ୍ତ ଟିକସ ପଠାଇବାକୁ ପଡ଼ୁଛି । ହିନ୍ଦୁ ଚୀନ ଓ ଭାରତୀୟ ଦ୍ୱୀପପୁଞ୍ଜରେ ଫରାସୀ ଓ ଡଚ, ଦୁହେଁ ପ୍ରଜାତନ୍ତ୍ର ବିରୁଦ୍ଧରେ ଗୋବରଗଣେଶମାନଙ୍କୁ ଠିଆ କରାଇବାର ଏକା ଖେଳ ଖେଳୁଛନ୍ତି । ପାଲେଷ୍ଟାଇନ୍‌ରେ ପ୍ରତ୍ୟହ ରକ୍ତସ୍ରୋତ ଛୁଟିଛି ! ଇରାନ ଓ ଆରବ୍ୟ ଦେଶମାନଙ୍କର ତୈଳକୂପ-ମାନଙ୍କରେ ଇଂରେଜ ଓ ଆମେରିକାବାଲାଙ୍କର ଦାନ୍ତ ଲାଗିଛି । ଏବଂ ଏ ସବୁ ଦେଶମାନଙ୍କରେ ପାକିସ୍ଥାନ ସାହାଯ୍ୟରେ ଇସ୍ଲାମୀ ରକ୍ଷଣଶୀଳତାକୁ



Digitized by srujanika@gmail.com

ପ୍ରୋତ୍ସାହିତ କରି ଗଢ଼ି ଉଠୁଥିବା ରାଷ୍ଟ୍ରୀୟତାକୁ ପଥଭ୍ରଷ୍ଟ କରିବାର ଚେଷ୍ଟା କରାଯାଉଅଛି । କାଲି ବର୍ମାରେ ଅଙ୍ଗସାନ୍‌ଙ୍କର ହତ୍ୟା ହେଲା ଏବଂ ଆଜି ଭାରତରେ ଗାନ୍ଧିଜୀଙ୍କ ହତ୍ୟା । ଏ ସମସ୍ତ କଣ ପରସ୍ପର ଅସମ୍ବନ୍ଧ ଆକସ୍ମିକ ଘଟନା ? ଇଂରେଜ ଶାସନ ରହିଥିବା ବେଳେ ଗାନ୍ଧିଜୀଙ୍କର ହତ୍ୟା ହେଲା ନାହିଁ । କାରଣ ଯେତେବେଳେ ହୋଇ-ଥିଲେ ତାର ଦାୟିତ୍ୱ ଇଂରେଜମାନଙ୍କ ଉପରକୁ ଆସିଥାନ୍ତା । ଆଜି ଯଦି ଭାରତରେ ଗୁଣ୍ଡାମାନଙ୍କୁ ଉତ୍ସାହିତ କରି ସେମାନେ ଏପରି ହତ୍ୟାକାଣ୍ଡମାନ କରାଇ ପାରନ୍ତି ତେବେ ଲାଭ ତାଙ୍କର ଏବଂ କଳଙ୍କ ଭାରତର ରାଷ୍ଟ୍ରୀୟ ଶାସନ ଉପରେ !

ବ୍ରିଟିଶ ଶ୍ରମିକଦଳର ସମାଜବାଦ ଓ ଆମେରିକାର ପ୍ରଜାତନ୍ତ୍ରବାଦ ଉପରେ ଆମର ଯେଉଁମାନେ ବହୁତ ଭରସା ରଖୁଛନ୍ତି, ସେମାନେ ଆଜି ନିଜ ଆଖି ଖୋଲନ୍ତୁ । ସେହି ଭରସା କରିବା ଫଳରେ ଆଜି ବିଶ୍ୱ ରାଜନୀତିରେ ଆମ୍ଭମାନଙ୍କ ସ୍ଥାନ କଣ ହୋଇଗଲାଣି ? ଇଂରେଜ ଆମେରିକା ଦଳ ଆମ୍ଭମାନଙ୍କୁ ବୋକା ବନାଉଛନ୍ତି ଏବଂ ରୁଷ ଓ ତାର ସାଥୀମାନେ ଆମ୍ଭମାନଙ୍କୁ ବୁଝି ପାରୁନାହାନ୍ତି । ବିଶ୍ୱ ରାଜନୀତିର "ଅନ୍ତର୍ରାଷ୍ଟ୍ରୀୟତା" କଥା ଆମେ ଘୋଷୁଛୁ, କିନ୍ତୁ ବିଶ୍ୱ ରାଜନୀତିରେ ସୁନା ପୁଅଭଳି ରହି ସବୁବେଳେ ସିଦ୍ଧାନ୍ତ ବଯ୍ୟାନ କଲେ କାମ ଚଳିବ ନାହିଁ । ବାପୁଜୀଙ୍କ ହତ୍ୟାରେ ଉପସ୍ଥିତ ଏହା ପ୍ରଥମ ପ୍ରଶ୍ନ ଏବଂ ମୁଁ ଏଥିପ୍ରତି ନିଜ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରୁଅଛି ।

# କଳାମେଣ୍ଢା

(ଶ୍ରୀ ବେଣୁଧର ରାଉତ ବି. ଏ.)

ପୃଥିବୀ ଛାତରେ ଲୋଟେ  
ଅମାବାସ୍ୟା-ନିବିଡ଼-ତମିସ୍ରା,  
ଶିରାବଣ ବର୍ଷଣ ମୁଖର ।  
ଅତନୁରେ ବସୋରାର ଗୋଲାପ ଉଦ୍ୟାନୁ  
ସୁରଭିତ ସିକ୍ତ ବାୟୁ ଧାଏଁ  
କଳସିତ-ମଳୟ ନଗରେ,

—ମାଲଞ୍ଚିଅ ପାରାବତୀ ଦେହେ ଦେହେ ଜାଗେ  
ଅନାଗତ ଅଶ୍ଳେଷର ଆକୁଳ ରୋମାଞ୍ଚ;  
ବାଜେ ତା'ର ମରମ ଗହନେ  
ଯୌବନର ଉଷ୍ମ ଡାକ—ଓମାର ଖାୟାମୀ;  
ଭସା ମେଘ ଛାୟା ଲେଖା ପରି  
ଭାସିଯାଏ ଆଖିଆଗେ କ୍ଷୀଣ ଏକ କ୍ଷଣିକ ବ୍ୟର୍ଥତା,  
ଓଠେ ଫୁଟେ ହସ ଆଉ ଚୁମ୍ବନ ଲାଳସା ।

ନବସାରୁ ଫୁଲଟିଏ ଯେମିତି  
ପାରାବତୀ ମୁକ୍ତ କରେ

ଫଗୋପିତ ସୁଢ଼ଙ୍ଗ ଦୁଆର;  
···କ୍ଳାନ୍ତ ଏକ ପ୍ରଦୀପର ଆଲୋକ ବିସ୍ତାରେ  
ଭାସିଉଠେ ଅନେଶତ  
କଳାମେଣ୍ଢା ଆଖିର ମ୍ଳାନିମା;  
ଟମ୍‌କକା ଆଉ  
ରାମଗିରି ଶିଖରର ଯକ୍ଷଅଶ୍ରୁ ମିଶି  
କରୁଅଛି କାତର, କରୁଣ,  
କମ୍ପିତ, ସଜଳ, ବ୍ୟଥିତ—  
ସକଳ ନୟନେ ।

ବାର ବାର ପୁଞ୍ଜୀଭୂତ ଦୀର୍ଘଶ୍ୱାସ ଭାରେ  
ଭୂମିନିମ୍ନେ ଭସ୍ମ ସେଇ ଅନ୍ଧକାରାଗାରେ  
ଅନେଶତ ନୟନ ଯୁଗଳେ  
ସଞ୍ଚାରଇ ଅବସନ୍ନ ନିରୁପାୟ ଦୃଷ୍ଟି  
—ମୁକ୍ତିକାମୀ ।



Digitized by srujanika@gmail.com

ଅନେଶତ ବନ୍ଦୀ—କଳାମେଣ୍ଢା-
ମଣିଷର ଅଭିଶପ୍ତ ବ୍ୟଙ୍ଗ ରୂପାନ୍ତର,—
* ନୀଳଚନ୍ଦ୍ର ପ୍ରଣୟର ଚକ୍ର ପଡ଼ିଶତ ।
ନୀଳଚନ୍ଦ୍ର ?
—ରାଜକନ୍ୟା ମଳୟ କୁମାରୀ,
ମଳୟ ଯା' ନିଶ୍ୱାସରେ ବହେ,
ଅଶ୍ରୁ ଯାର ସୃଜେ ମୋତିବିନ୍ଦୁ,
ହସେ ହସେ ଝଡ଼ଇ ମୁକୁତା,
ଚୁମ୍ବନରେ ଯା'ର
ପରିହାସ କରଇ ଲାବଣ୍ୟ,
—ସେଇ ନୀଳଚନ୍ଦ୍ର ।
ଆପଣାର କରିବାକୁ ତା'ରେ
ଅନେଶତ ରଜାପୁଅ-ଶ୍ରୀବନ୍ତ ବାମନ
ଆସି ଏତେ ଦୂରେ ଏଇ ମଳୟ ନଗରେ—
ଜଣେ ଜଣେ,
ମାଳିଙ୍କ ପାରିବତୀ ଫୁଲର କୁହୁକେ
କଳାମେଣ୍ଢା ।
ଜୀବନର ସୁଏ ସୁଏ ଉଜାଣିରେ—
ନିହାତ ଅଦୂରେ
ପ୍ରେମାକାଂକ୍ଷା ଟୋଳଇ ଜୁଆର,
ଏ ଯାଏ ବ ଯାଇନ ସେ ଫେରି ।

ଧୀରେ—
ପାରିବତୀ ଜୁଆଇଲା ଫୁଲ
ପ୍ରଦୀପର ଦୂରେ ଏକ କଳାମେଣ୍ଢା ଶିରେ;
—ନିମିଷକେ ଉଭା ହେଲା
ରୂପାଧାର ଅବନ୍ତୀକୁମାର,
ହୃଦୟରେ ସ୍ପନ୍ଦନ ଉଚ୍ଛ୍ୱାସ,
ସୁଶ୍ରୀମୁଖେ ଘୃଣାର ବିକୃତି ।

...ପାରିବତୀ ମରମରେ ଜାଗେ
ମଦନର ଅପମାନ, ନିଷ୍ଠୁର ଆଘାତ ।
...ରଜାପୁଅ ହେଲା କଳାମେଣ୍ଢା ।
ବାହାରର ଶିରିବଣ ଝଡ଼ର ନିଶ୍ୱାସ
ଭରିଉଠେ ମାଳିଙ୍କ ବୁକେ ।
ଥରେ ନୁହେଁ,
ସୁଦୂରିତ ଏଇ ପ୍ରତ୍ୟାଖ୍ୟାନ ।
...ସବୁରାତ ।

ଅନେଶତ ମଣିଷର ଦେହ
କଳା ମେଣ୍ଢା ଖାଲ ତଳେ ତଳେ
ଲୁଚିଯାଏ ସୂଚୀଭେଦ୍ୟ ଘନ ଅନ୍ଧକାରେ,
ମନଭାଷା ଭାସିଯାଏ କାରୁଣ୍ୟ ଅଶ୍ରୁର ପ୍ଲାବନେ
ଛାତିହାଡ଼ ଭାଙ୍ଗିପଡ଼େ ପଶୁତ୍ୱର ନିର୍ମମ ଆଘାତେ ।

# ଏଥିପ୍ରତି ନଜର ଆସୁ

ଶ୍ରୀ ଚନ୍ଦ୍ରଧର ମହାପାତ୍ର

ପାରଳା ଖେମୁଣ୍ଡି ଷ୍ଟେସନରେ ଗତ ୯ ତାରିଖର ଖଣ୍ଡିଏ ପ୍ରଜାତନ୍ତ୍ର ମିଳିଗଲା । ଅନ୍ୟାନ୍ୟ ସମ୍ବାଦ ଛାଡ଼ି ସଂପାଦକୀୟ ପଢ଼ାରେ ଲାଗିଗଲି । ଲେଖାଟି ବଡ଼ ଉପାଦେୟ ହୋଇଛି । ସ୍ଥିର ଭାବରେ ସଂଯମ ଦେଇ ସଂପାଦକ ମୂଳରୁ ଶେଷଯାଏ ତାଙ୍କର ଉଦାର ଅଭିମତ ଲୋକ ଶିକ୍ଷା ବା ଜନତା ଓ ନେତାମାନଙ୍କ ଶିକ୍ଷା ଲାଗି ରଚନା କରିଛନ୍ତି । ସେ ଶେଷରେ ଲେଖିଛନ୍ତି—

"ଉପରେ ଯେଉଁ କେତୋଟି କଥା ଲେଖା ଗଲା ତାହା ସୂଚନା ମାତ୍ର । ଦେଶ ଭିତରର ଅବସ୍ଥା ଯେଉଁମାନେ ଭଲକରି ପର୍ଯ୍ୟାଲୋଚନା କରୁଛନ୍ତି, ସେମାନେ ଜାଣନ୍ତି ସବୁଆଡ଼େ ସବୁ କ୍ଷେତ୍ରରେ ଲୋକଙ୍କ ଭିତରେ ବିରୋଧ ଓ କନ୍ଦଳ ଲଗାଇ ଦେବାକୁ ସବୁଆଡ଼ୁ ଚେଷ୍ଟା ଚାଲିଅଛି । ଏହାର ଫଳରେ ଲୋକମଙ୍ଗଳ କରିବା ପ୍ରତିଷ୍ଠିତ ରହିବା କଷ୍ଟକର ହେଉଛି । ଗଣତନ୍ତ୍ରକୁ ରକ୍ଷା



* Blue moonର ଅନୁବାଦ ।

Digitized by srujanika@gmail.com

କରିବାକୁ ହେଲେ ଏ ଦେଶର ମଙ୍ଗଳ କରିବାକୁ ହେଲେ ଗଣତନ୍ତ୍ର ଗଣ୍ଡି ମଧ୍ୟରେ ମତ ପ୍ରକାଶ ତଥା କାର୍ଯ୍ୟ କରିବାର ସ୍ୱାଧୀନତା ସୀମାବଦ୍ଧ ରଖିବାକୁ ହେବ । ନୀତିରେ ମତବିରୋଧ ଥିଲେ ସୁଦ୍ଧା କେତେକ ଗଠନମୂଳକ କାର୍ଯ୍ୟରେ ସମସ୍ତେ ଏକମତ ହେବାକୁ ହେବ । ତାହା ନ ହେଲେ ଉପାୟ ନାହିଁ । ବିଭିନ୍ନ ଦଳ ଓ ବ୍ୟକ୍ତିବିଶେଷ ଯଦି ନିଜର କାର୍ଯ୍ୟପନ୍ଥା ବଦଳାଇ ଆଜି ଯେପରି ବିଦ୍ରୋହର ମଞ୍ଜି ବୁଣିବାରେ ଲାଗିଛନ୍ତି ଓ ସେହିପରି କରନ୍ତି, ତେବେ ସେ ମଞ୍ଜିରୁ ଯେଉଁ ବିଷଫଳ ଫଳିବ ତାକୁ ନିଜେ ସେହିମାନଙ୍କୁହିଁ ଭୋଗ କରିବାକୁ ପଡ଼ିବ ।”

ଲେଖାଟି ମୂଳରୁ ଶେଷଯାଏ ଉପାଦେୟ । ଏହାର ଆକ୍ଷରିକ ସମାଲୋଚନା କରିବା ଏ ରଚନାର ଉଦ୍ଦେଶ୍ୟ ନୁହେଁ । ତେବେ ଗଣତନ୍ତ୍ର ଗଣ୍ଡି ମଧ୍ୟରେ ମତ ପ୍ରକାଶର ସ୍ୱାଧୀନତାକୁ ସୀମାବଦ୍ଧ ରଖିବାକୁ ଉପଦେଶ ଦିଆଯାଇଛି— ଏଥିରେ ଆପତ୍ତି ଆସୁଛି । ସ୍ୱାଧୀନତା କଦାପି ସୀମାବଦ୍ଧ ହୋଇ ନ ପାରେ । ସ୍ୱେଚ୍ଛାଚାରିତା ଅର୍ଥରେ ବୋଧହୁଏ ସେଠାରେ ସ୍ୱାଧୀନତା ପ୍ରୟୋଗ କରାଯାଇଅଛି । ସେ ଯାହାହେଉ ସଂପାଦକ ମହାଶୟ ଏ ଯେଉଁ ସତର୍କ ବାଣୀ ଦୁନିଆକୁ ଦାନ କରିଅଛନ୍ତି, ପ୍ରକୃତ ଉତ୍କଳର ଜନନାୟକମାନେ ଦାୟିତ୍ୱଶୀଳ ଭାବରେ ତା କଣ ଭାବୁଛନ୍ତି ? ଭାରତ ସ୍ୱାଧୀନ ହେବାର ମୋଟେ ୬୦ଟା ମାସ ହୋଇଛି ଜଗତରେ ଯେ ଭୀଷଣ ଅବସ୍ଥା ମନୁଷ୍ୟ ସମାଜରେ ସୃଷ୍ଟି କରି ଦିଆଯାଇଛି, ତାର ପରବର୍ତ୍ତୀ ପରିଣତି କିଏ ଚିନ୍ତା କରୁଛି ?

ମନୁଷ୍ୟ ପୋକ ମାଛୁପରି ଜୀବନ କଟାଇ ଚାଲିଛନ୍ତି । ମୁଁ ବିଚ୍ଛିନ୍ନ ଉତ୍କଳର ପୁରପଲ୍ଲୀ ଘୁରି ଦେଖୁଛି ଓଡ଼ିଆ ଜାତି ସବୁଠି ଦୁଃସ୍ଥ, ନୀଚ, ଅପରିଷ୍କାର, ଅସଂସ୍କୃତ, ଦୀନ, ଅନାଡ଼ମ୍ବର, ଅନୁଦାର, ସ୍ୱଜନୋନ୍ନତି ଅସହିଷ୍ଣୁ, ବଳବାନ ପଦଲେହକ ଅବସ୍ଥାରେ ରହିଛି । ତାଙ୍କର ଦାତା ନାହିଁ ଦେବ ନାହିଁ । ବ୍ରାହ୍ମଣ, କରଣ, ଚାଷି, କଣ୍ଡରା ଓଡ଼ିଆ, ଏମାନେ ଦଳିତ ମୂର୍ଚ୍ଛିତ, ପିଡ଼ିତ, ଅତ୍ୟାଚାରିତ । ତେଲଙ୍ଗା ଯୁବତୀ ଯୁବକ ଓ ବୃଦ୍ଧା, ବୃଦ୍ଧ ସଂଘବଦ୍ଧ ଭାବରେ ସୁସ୍ଥ ସୁଶ୍ରୀ ବଳିଷ୍ଠ ଦେହ ଘେନି ଯେତେବେଳେ ଗର୍ବିତ ପଦକ୍ଷେପରେ ଚାଲି ଯାଉଛନ୍ତି କଳିଙ୍ଗର ସେହି ଅତୀତର ଇତିହାସ ଉପରେ ଏକ କୃଷ୍ଣ ଦାଗ ଆପେ ଆପେ ଅଙ୍କି ହୋଇ ଯାଉଅଛି । ସେମାନେ ଫେସନଟାକୁ ଶୀଘ୍ର ଆୟତ୍ତ କରି ନେଉଛନ୍ତି । ରେଲରେ ଏକ ଆନ୍ଧ୍ର ଯୁବକ ପାରଳା କଲେଜରେ ପଢ଼ନ୍ତି ଭାରି ଗର୍ବି । କହିଲେ ପାରଳାରେ ଶତକଡ଼ା ୭୫ ଆନ୍ଧ୍ର, ନିଜ ଭଉଣୀକୁ ସାଥିରେ ନେଇ ଯାଉଛନ୍ତି । ଭଉଣୀ ନାକରୁ ଏବେ ଗୋଟିଏ ଫୁଲ ବାହାର କରିଛନ୍ତି । ନାକର ଫୋଡ଼ ଟିକିଏ ଉପରେ ଥିବାରୁ ରନ୍ଧ୍ର ଜଳ ଜଳ ଦେଖାଯାଉଛି । ଅଥଚ ତାଙ୍କର ଗର୍ବର ସୀମା ନାହିଁ । ଭାଇ ଭଉଣୀ ଯୋର କଲେ ପାରଳା ଓ ଜୟପୁର ଆନ୍ଧ୍ର ପ୍ରଦେଶକୁ ଯିବାର ଏକାବେଳେ ନିଶ୍ଚିତ । ବ୍ରହ୍ମପୁର ବିଷୟରେ ସାମାନ୍ୟ ସନ୍ଦେହ ଅଛି । ଇତ୍ୟାଦି ।

ପାରଳା କଲେଜର ଓଡ଼ିଆ ଯୁବକମାନଙ୍କୁ ମୁଁ ଉତ୍କଳର ସଂସ୍କୃତି ଓ ପଲ୍ଲୀ ଗୀତ ଘେନି ଏକ ମୌଖିକ ଭାଷଣ ଶୁଣାଇ ଥିଲି । ପିଲାମାନେ ମୋ ସମ୍ପର୍କରେ ଆସିଥିଲେ । ଯାହା ଦେଖିଲି ସେମାନେ ସ୍ଥିର, ଅଚଞ୍ଚଳ, କାତର ଓ ବିନୀତ । ଏହି ଭାବ ବୋଧହୁଏ ସମାଜରେ ଆଜି କାର୍ଯ୍ୟକାରୀ ହେଉ ନାହିଁ । ଧୃଷ୍ଟ, ନୀଚ, ତେଜସ୍ୱୀ, ମୁଖର, ବ୍ୟଙ୍ଗ, ହିଂସ୍ରକ-ସମାଜର ଆଦର୍ଶ ବୋଧହୁଏ—ଏକ୍ଷଣି ହେବାକୁ ଶିକ୍ଷା ଦିଆଯାଉଛି । ତା ହେଲେ ଏ ନିରିହ ବାଳକମାନେ ଏଠି ଉତ୍କଳର ସଂସ୍କୃତି ଭାଷା କି ଭାବରେ ରକ୍ଷା କରିବେ ? ଏ କଥା ସ୍ୱାଧୀନ ଭାବରେ ନ ଲେଖି ମୁଁ ରହି ପାରୁ ନାହିଁ ।

ଦକ୍ଷିଣାଞ୍ଚଳରେ ଓଡ଼ିଆ ଭାଷା ପ୍ରଚାର ପାଇଁ ତୀବ୍ର ଭାବରେ ଓଡ଼ିଶା ସରକାର ଉଦ୍ୟମ କରିବା ଆବଶ୍ୟକ । ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧା ଜନସମାଜରୁ କି ସୂତ୍ରରେ ଆସିବ ତାର ଯୋଜନା । ନ ହେଲେ ସେ ପିଢ଼ି ମିଳିବା ଅସମ୍ଭବ । ୧୯୨୮ ରେ ମୁଁ

ଦିଲ୍ଲୀରେ ଥିବାବେଳେ ମୋଦ୍ୱାରା ଏକ ଓଡ଼ିଆ ସ୍କୁଲ ୧୫।୨୦ ଜଣ ହିନ୍ଦୁ କଲେଜ ପିଲାଙ୍କୁ ନେଇ କୁନ୍ତଳା କୁମାରୀଙ୍କ ଘରେ ବସିଥିଲା । ମୁଁ ଥିଲେ ବୋଧହୁଏ ତାହା ଅନେକ ଦିନ ଚାଲିଥାନ୍ତା । ଯେଉଁମାନେ ଅବିଶ୍ୱାସ କରନ୍ତି, ସେମାନେ ଦିଲ୍ଲୀର ଆର୍ଯ୍ୟସଭା ସମ୍ପାଦକ ଓ ଦିଲ୍ଲୀରେ ଥିବା ଓଡ଼ିଆ ଓକିଲ ଜନନାୟକଙ୍କୁ ଚିଠି ଲେଖି ବୁଝନ୍ତୁ । ରାଧାନାଥଙ୍କ ନନ୍ଦିକା କାବ୍ୟ ବୈଦେହୀଶ ବିଳାସ ଗାନରୁ ହିନ୍ଦୁ କଲେଜ ପିଲା ଓଡ଼ିଆ ଶିଖିବାକୁ ବ୍ୟାକୁଳ ହୋଇଗଲେ ।

କେବଳ ଓଡ଼ିଆ ପ୍ରଚାର ନୁହେଁ—ତାହା ସଙ୍ଗେ ସଙ୍ଗେ ପଲ୍ଲୀର ସାଧାରଣ ସଂସ୍କାର ମଧ୍ୟ ଏ ଅଞ୍ଚଳରେ ନିତାନ୍ତ ଲୋଡ଼ା ଅଛି । ବିଚ୍ଛିନ୍ନା-ଞ୍ଚଳରେ କିଣ, ଦକ୍ଷିଣାଞ୍ଚଳରେ କିଣ ଓଡ଼ିଆ ବୋହୂମାନେ ଭଣ୍ଡିଦେଇ ଥରକୁଥର କବାଟ ଏତେଥର ଆଉଜାଉଛନ୍ତି ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି । ଟିକିଲି ଟାଉନ୍‌ରେ ଓଡ଼ିଆ ଭାଷା ଓ ସଂସ୍କୃତି କିପରି ଭାବରେ ଲୋପ ହେଉଛି ତାହା ପ୍ରତି ଗୃହ କୋଣକୁ ଯାଇ ଦେଖିଲେ କାନ୍ଦ ଲାଗୁଛି । ତଥାପି ଟିକିଲିର କଣ୍ଟ୍ରାମାନେ ସଂକୀର୍ତ୍ତନ କରୁଛନ୍ତି । ଘାସି ଝିଅମାନେ ଓଡ଼ିଆ ଗୀତ ଗାଉଛନ୍ତି । ଜଣେ ଓଡ଼ିଆ ପୁଅ ଭାଗବତ ଜଗନ୍ନାଥ ଦାସଙ୍କର ମଧ୍ୟ ଗାଉଥିଲେ । ଟିକିଲିର ବିଖ୍ୟାତ କବିରାଜ ସୂର୍ଯ୍ୟ-ନାରାୟଣ ଷଡ଼ଙ୍ଗୀଙ୍କର ବଧୂ ଓ ନାତୁଣୀମାନେ ଯେଉଁ କଥା କହୁଚନ୍ତି, ସେଥିରେ ତେଲଙ୍ଗି ଲବ୍ଜ ଅଧିକଭାବେ ରହିବାକୁ ଲାଗିଲାଣି ।

ଭାବୁଚି ଏଥିରେ କେହି ମତଭେଦ ଆଣିବେ ନାହିଁ । ଓଡ଼ିଶା ସରକାର ଏବେ ମଧ୍ୟ ତାଙ୍କର ରାଜଧାନୀ ସମସ୍ୟାକୁ ଦକ୍ଷିଣାଞ୍ଚଳକୁ ନେଇ ଆସିଲେ ଭଲ ହୁଅନ୍ତା । ଓଡ଼ିଆ ବେତାର ଖଣ୍ଡି ପ୍ରତି ଅଞ୍ଚଳରେ ଓଡ଼ିଆ ନାଚ ଗୀତ ଧ୍ୱନିରେ ସ୍ଥାନ ମୁଖରିତ କରିବା ଲୋଡ଼ା ହେଉଛି । ଟିକିଲିର ରେଡିଓକୁ ଯେ ସଙ୍ଗୀତ ଆସେ ତାହା କେବଳ ଦ୍ରାବିଡ଼ ଭାଷାରେ—ଏହା ସମସ୍ତେ ଜାଣିବା ଉଚିତ ।

ଉତ୍କଳର ମନ୍ତ୍ରୀମାନେ ମନ୍ତ୍ରୀ ଭାବରେ ନ ଆସି ଅପରିଚିତ ଭାବରେ ଦିନେ ଆସି ପାରିଲା ସହର ଓ ପାର୍ଶ୍ୱବର୍ତ୍ତୀ କେତୋଟି ପଲ୍ଲୀ ଦେଖିଯାନ୍ତୁ । ଜାଣିବେ ଓଡ଼ିଆ ସଂସ୍କୃତି କିପରି ନିର୍ବୋଧ ଭାବରେ ବଳି ପଡ଼ୁଛି ଆନ୍ଧ୍ର ସଭ୍ୟତାର କୁଟିଳ ଚକ୍ରାନ୍ତରେ ।

ଏ ମତବ୍ୟକ୍ତ କରିବାପାଇଁ—ଏ ସତ୍ୟ ପ୍ରଚାର କରିବାପାଇଁ ଓଡ଼ିଶା ସରକାର ହୁଅନ୍ତୁ ବା ପ୍ରଜାତନ୍ତ୍ର ହୁଅନ୍ତୁ କେହି ପୃଷ୍ଠଭଙ୍ଗ ଦେବା ବା ଅସନ୍ତୋଷ ହେବାର କାରଣ ନାହିଁ । କାରଣ ଦଳିତା ଲାଞ୍ଛିତା ଭିଡ଼ା ଜଗତର ଜଞ୍ଜାଳିନୀ, କଙ୍ଗାଳିନୀ ଉତ୍କଳ ଜନନୀ ପେଟ ଭୋକରେ ପାଗଳିନୀ ହୋଇ ପ୍ରତି ନିମିଷରେ ମରଣ ମଧ୍ୟରେ ଅଛି । ତାର ପିଲାମାନଙ୍କ ମଧ୍ୟରୁ ସାମାନ୍ୟ କେତୋଟି ସୁଖରେ ଥାଉ ବା ବେଶ ପୋଷାକରେ ଥାଉ ରାଜା ରାଜୋଡ଼ା ସ୍ୱାତନ୍ତ୍ର୍ୟରେ ରହି କଣ କରିବେ ? ଏଥିପ୍ରତି ଦେଶର ନଜର ଅଛୁ ?

# ବାର ବର୍ଷର ଓଡ଼ିଶା

ଡାକ୍ତର—ରାଧାଚରଣ ପଣ୍ଡା

ଅଜି ଏପ୍ରିଲ୍ ପହିଲା । ୧୯୪୮ ଖ୍ରୀଷ୍ଟାବ୍ଦ । ଠିକ୍ ବାରବର୍ଷ ତଳେ ୧୯୩୬ ଏପ୍ରିଲ୍ ପହିଲା ଦିନ ଆଜି ଏଇ "ଓଡ଼ିଶା ପ୍ରଦେଶ" ଗଢ଼ାଯାଇଥିଲା ! ଏଣୁ ଏଇ ପ୍ରଦେଶର ବୟସ ହେଲା ୧୨ ବର୍ଷ । ଦୀର୍ଘ ବାରବର୍ଷ । କିଛି କମ୍ ସମୟ ନୁହଁ ! ଏଇ ବାରବର୍ଷ ମଧ୍ୟରେ ଆମ ପ୍ରଦେଶ କେତେଦୂର,



Digitized by srujanika@gmail.com

କେଉଁ ଦିଗରେ, କିପରି ଭାବରେ ଆଗେଇଛି— ସେ କଥା ଆଜି ଏଠାରେ ଆଲୋଚନା କରିବା ।

× × × ×

ଆମ ଦେଶରେ କଥା ଅଛି—ବାରବର୍ଷରେ ଓଡ଼ିଶାର ଜଣେ ସ୍ୱାଧୀନ ରାଜା ଲାଙ୍ଗୁଲା ନରସିଂହ ଦେବ କୋଣାର୍କ ଭଳି ଦିବ୍ୟସୁନ୍ଦର-ସୂକ୍ଷ୍ମ-ସୁରୁଚିପୂର୍ଣ୍ଣ ଭାରତ ବିଖ୍ୟାତ ମନ୍ଦିର ନିର୍ମାଣ କରାଇଥିଲେ—ବାରବରଷର ଧରମା ସେଇ ଦେଉଳର ମୁଣ୍ଡି ମାରିଥିଲା । ବାରବରଷର ରଜାପୁଅ ଧ୍ରୁବ ଅଗନାଅଗନ ବଣରେ ଘୋର ତପସ୍ୟା କରି ସ୍ୱଦେହରେ 'ବିଷ୍ଣୁ'ଙ୍କୁ ଦେଖି ପାରିଥିଲେ । ଏପରିସ୍ଥଳେ ଆମ ଓଡ଼ିଶାରେ ଯେ ଗତ ବାରବର୍ଷ ମଧ୍ୟରେ ବହୁତ କାର୍ଯ୍ୟ ହୋଇଥିବ ଭାବିବା ଅଯୌକ୍ତିକ ନୁହେଁ !

× × × ×

ଦୀର୍ଘ ବାରବର୍ଷ ! କିଛି କମ୍ ସମୟ ନୁହେଁ । 'କଳି ଷଠା ଷାଠିଏ' ବୋଲି ପଣ୍ଡିତମାନେ କହନ୍ତି । ଏ କଳିଯୁଗରେ ମନୁଷ୍ୟର ପରମାୟୁ ଷାଠିଏ ବର୍ଷ ହେବାର କଥା—କିନ୍ତୁ ଭୂତ ଇଂରାଜୀ ରାଜତ୍ୱରେ ଭାରତବାସୀଙ୍କ ହାରାହାରି ପରମାୟୁ ୨୬ ବର୍ଷ ବୋଲି ଧରାଯାଇଥିଲା । ଏଣୁ ୧୨ ବର୍ଷ ମନୁଷ୍ୟ ପରମାୟୁର ପ୍ରାୟ ଅର୍ଦ୍ଧେକ ସମୟ ହେଉଥିବାରୁ ସେତିକି ସମୟରେ ନିଶ୍ଚେ ବିଶେଷ କିଛି ହେବାର କଥା—ଏହା ଆଶା କରିବା ଆମର—ସାଧାରଣ ମଳିମୁଣ୍ଡିଆଙ୍କର ହକ୍ ଦାବୀ—କହିଲେ ଅତ୍ୟୁକ୍ତି ହେବନାହିଁ ।

× × × ×

ବର୍ତ୍ତମାନ ଆମ ପ୍ରଦେଶର ନିମ୍ନ କେତେକ ବିଷୟ ଆଲୋଚନା କରିବା ।

(୧) **ରାଜଧାନୀ**—ବାରବର୍ଷ ମଧ୍ୟରେ ଓଡ଼ିଶା ପ୍ରଦେଶର ସ୍ଥାୟୀ ରାଜଧାନୀ ଗଢ଼ାଯାଇ ପାରିନାହିଁ ! ରାଜଧାନୀ ଗଢ଼ିବା ଭାର ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟବୃନ୍ଦଙ୍କ ଭୋଟ ଉପରେ ନିର୍ଭର କରିଥିଲା । ଆଗରୁ ଏକ ସରକାରୀ କମିଟି (ଯୋନ୍‌ସ କମିଟି) ବହୁ ଅନୁସନ୍ଧାନ କରି ବ୍ରହ୍ମପୁର-ଗୋପାଳପୁର ନିକଟବର୍ତ୍ତୀ ରଙ୍ଗେଇଲୁଣ୍ଡା ଠାରେ ରାଜଧାନୀ ନିର୍ମାଣ କରିବାପାଇଁ ପରାମର୍ଶ ଦେଇଥିଲେ ସତ—କିନ୍ତୁ ଆମର ପ୍ରବୀଣ ସଭ୍ୟବୃନ୍ଦ ସେଇ ବିଶେଷଜ୍ଞଙ୍କ ପରାମର୍ଶ ଏଡ଼ିଦେଇ ନିଜ ଭୋଟଦ୍ୱାରା କଟକ-ଚଉଦ୍ୱାରଠାରେ ରାଜଧାନୀ କରିବାପାଇଁ ସ୍ଥିର କଲେ । କି ଅଜ୍ଞାତରୁ ସେଇ ପ୍ରସ୍ତାବ ଆଗେଇଲା ନାହିଁ । ପରେ ପୂର୍ବ ପ୍ରସ୍ତାବକୁ ପ୍ରତ୍ୟାହାର କରି ପୁଣି ଭୁବନେଶ୍ୱରଠାରେ ରାଜଧାନୀ ହେବା ସ୍ଥିର ହେଲା—ଏଇ ନିକଟରେ ଏମାସ ତା ୧୩ତାରିଖ ଦିନ ରାଜଧାନୀର ଶୁଭ ଦେଉଳ ସ୍ଥିର ହୋଇଛି—ଦେଖାଯାଉ ୧୨ ବର୍ଷ ପରେ ୧୩ ବର୍ଷରେ ରାଜଧାନୀର ନିର୍ମାଣ କିପରି ଆଗୋଉଛି ।

(୨) **ରାଜନୀତି**—ଦାର୍ଶନିକ ପ୍ଲାଟୋ କହିଛନ୍ତି—"ଯଦି ବୁଦ୍ଧିଜୀବିମାନେ ନିଜ ଦେଶର ରାଜନୀତି ଓ ନାଗରିକ ଚର୍ଚ୍ଚାରେ ଯୋଗ ଦିଅନ୍ତି ନାହିଁ—ତେବେ କେବଳ ନିର୍ବୁଦ୍ଧିଆମାନଙ୍କ ଦ୍ୱାରା ସେମାନେ ଶାସିତ ହେବେ ।" ଆମ ଓଡ଼ିଶାର ଗତ ଯେ ଠିକ୍ ତାହାହିଁ ହୋଇଛି—କହିବାକୁ କେହି କୁଣ୍ଠିତ ହେବେ ନାହିଁ ।

(୩) **ଅର୍ଥନୀତି**—ଆର୍ଥିକ ଦୃଷ୍ଟିରେ ଆମେ ସାଧାରଣ ଜୀବ ଯେ ବିଶେଷ ଆଗେଇ ନାହୁଁ ଏ କଥା ସମସ୍ତେ ସ୍ୱୀକାର କରିବେ । ଦେଶ ସେବକ ମନ୍ତ୍ରୀଠାରୁ ମେହେନ୍ତର ଯାଏଁ ସବୁ ସେବକଙ୍କ ମାସିକ ଦରମା ଦିଗୁଣଠାରୁ ଅଢ଼ାଇଗୁଣ ବୃଦ୍ଧି ହୋଇଛି କିନ୍ତୁ ପଲ୍ଲୀର ମଳିମୁଣ୍ଡିଆ ଯେଉଁମିରେ ସେଉଁମିରେ ପଡ଼ିଛି । ତା' ଘର ଖଣ୍ଡିକ ଛପର ହୋଇ ପାରୁନାହିଁ—ତା ଦେହର ମଇଳା ଲୁଗା ଦିଖଣ୍ଡ ସଫା ହୋଇ ପାରୁନାହିଁ—ତା ପିଲାଛୁଆ ଖାଇବାକୁ ଭାତ, ପିନ୍ଧିବାକୁ କନା, ପଢ଼ିବାକୁ ପାଠ କିମ୍ବା ମୌଜ କରିବାକୁ ଫୁରସତ ପାଉନାହାନ୍ତି । ତେଲିଆ ମୁଣ୍ଡରେ ତେଲ ଢଳା ହେଉଛି ଅଥଚ ନୁଖୁରା ମୁଣ୍ଡରେ ବାଳ ଫୁର ଫୁର ଉଡ଼ୁଛି ମାତ୍ର !

(୪) **ଖାଦ୍ୟପେୟ ଅଭାବ**—ଯୁରୋପରେ କୁରୁକ୍ଷେତ୍ର ଯୁଦ୍ଧ ହେଲା—ଭାରତର ଅନ୍ୟ ପ୍ରଦେଶ



Digitized by srujanika@gmail.com

ଗୁଡ଼ିକରେ ବନ୍ୟା ମରୁଡ଼ି ଓ ଦୁର୍ଭିକ୍ଷ ପଡ଼ିଲା— ତଥାପି, ଓଡ଼ିଶାରେ ଧନଧାନ୍ୟ ଭରା ରହୁଛି— ଓଡ଼ିଶା ଗୋଟିଏ ବଳକା ପ୍ରଦେଶ ହେଲା । ପ୍ରତିବର୍ଷ ଲକ୍ଷ ଲକ୍ଷ ଭରଣ ଧାନ ଓଡ଼ିଶାରୁ ବଙ୍ଗ, ମାନ୍ଦ୍ରାଜ, କୋଚୀନ ଓ ସୁଦୂର ପଞ୍ଜାବ ପ୍ରଦେଶକୁ ରପ୍ତାନୀ ହେଲା । ନିଜ ପ୍ରଦେଶକୁ 'ବଳକା' କରି, ଅଧେ ପ୍ରଦେଶବାସୀଙ୍କ ପେଟପାଇଁ ଦାନା ଖୋଜି ଆମ ସରକାର ଆମ ଦେଶରେ ଧାନ କଣ୍ଟ୍ରୋଲ କଲେ— ଫଳରେ ଏ ଧାନ ପ୍ରଦେଶବାସୀ ଟଙ୍କାରେ ତିନି ଗଉଣୀ ବା ବାର ଅଡ଼ା ଧାନ ଓ ପାଞ୍ଚ ଅଡ଼ା ଚାଉଳ କଣିବାକୁ ପାଇଲେ—ଯେଉଁଠାରେ ପ୍ରଚୁର ଧାନ ପାଚେ—ସେ ଦେଶବାସୀ ଓଳିଏ ଖାଇ ଓଳିଏ ଭୋକେ ଉପାସେ ରହିଲେ ! ଏ ହେଲା—ଆମ ପ୍ରଜା ପ୍ରତିନିଧି ସରକାରଙ୍କ କରାମତି !

(୫) **'କଣ୍ଟ୍ରୋବାଡ଼'**—ଭୂତ ଇଂରାଜୀ ସରକାର ଅମଳରେ ଯୁଦ୍ଧ ହେଉଥିବାରୁ ଏଦେଶର ସବୁ ଖାଦ୍ୟପେୟ ଓ ଲୁଗାପଟା ପ୍ରଭୃତି ଜିନିଷ ଗୁଡ଼ିକ ଉପରେ ସରକାରଙ୍କ 'କଣ୍ଟ୍ରୋବାଡ଼' (କଣ୍ଟ୍ରୋଲ) ଦିଆଗଲା । ଯୁଦ୍ଧ ସରିଲା—ଇଂରାଜୀ ସରକାର ଗଲେ—ଦେଶରେ ପ୍ରଜା ସରକାର ଗଢ଼ା ହେଲା— ତଥାପି ଏହି 'କଣ୍ଟ୍ରୋବାଡ଼' ଗଲା ନାହିଁ ରହିଲା । ଏହାର ଫଳରେ ସରକାରୀ ବାହୁଛତ୍ରଛାୟାରେ ବଢ଼ୁଥିବା କଣ୍ଟ୍ରୋଲ କର୍ମଚାରୀମାନେ ନିଜ କ୍ଷମତାର ଅପବ୍ୟବହାର କଲେ—ପଞ୍ଚିର ନିରକ୍ଷର-ମଳ-ମୂର୍ଖିଆଙ୍କ ଆଖିରେ ଧୂଳି ପକାଇ ସର୍ବସ୍ୱ ନିଜ ପେଟରେ ପୁରାଇଲେ—'ବଡ଼ଲୋକ' ହେଲେ ! ଆଗେ ଯାହାର ଘର ଛପର ହେଉ ନ ଥିଲା ଏକ୍ଷଣି ସେମାନଙ୍କର ଟିଣ ଛପରଠାରୁ ସିମେଣ୍ଟ ଘର ଦେଖାଗଲାଣି ! ଅହା—ସରକାରୀ ଲଙ୍ଗୁଡ଼ ଧରି କେତେ ଯେ ବୈତରଣୀ ପାର ହୋଇ ପାରୁଛନ୍ତି !

(୬) **ଗୁଳିକରବାଳର**—ବହୁ କାଳରୁ ଓଡ଼ିଶାର ସାଧାରଣ ଲୋକେ ପାଠ ପଢ଼ି ନ ଥିଲେ ! ସ୍ୱାଧୀନ ରାଜାଙ୍କ ସମୟରେ ଯେତେ 'ପାଇକ', 'ଖଣ୍ଡାଏତ', 'ନାୟକ', 'ପଞ୍ଚନାୟକ', 'ସେନାପତି', ଓ 'ବାହିନୀପତି' ପ୍ରଭୃତି ଶ୍ରେଣୀର ଲୋକ ଥିଲେ ସେମାନେ ସମସ୍ତେ ନିରକ୍ଷର ଥିଲେ—କେବଳ ଯୁଦ୍ଧ କରିବାପାଇଁ ବାହୁବଳ ସଞ୍ଚୟ କରି ଛାତି ଫୁଲାଇ, ନିଶ ମୋଡ଼ୁଥିଲେ । ଓଡ଼ିଶାର ସ୍ୱାଧୀନତା ଲୋପପରେ—ଇଂରାଜୀ ରାଜୁତିରେ ଏ ଶ୍ରେଣୀ 'ଯୋଦ୍ଧା'ମାନେ ପଙ୍ଗୁ ହୋଇଯାଇଥିଲେ ! ସେମାନଙ୍କର ଖଣ୍ଡା, ତରବାରି ପ୍ରଭୃତି ଲଙ୍ଗଳ ଈଶରେ ପରିଣତ ହୋଇଗଲା— ଖଣ୍ଡାଗୃହ ଛାଡ଼ି ସମସ୍ତେ ଧାନଗୃହ କଲେ । ଏଣୁ ଓଡ଼ିଶାରେ ଇଂରାଜୀ ରାଜୁତି ହେଉ ହେଉ କେହି ଶିକ୍ଷିତ ନଥିବାରୁ ବଙ୍ଗାଳୀ, ବିହାରି, ମରହଟ୍ଟା ଓ ତେଲୁଗୁମାନେ ଆସି ଓଡ଼ିଶାରେ ଦରୁଆନଠାରୁ ଦାରୋଗା କାମ କଲେ ! ଦୀର୍ଘ ୧୫୦ ବର୍ଷ ଇଂରାଜୀ ରାଜୁତିରେ ଶତକରା ୧୦।୧୫ ଜଣ ମଧ୍ୟ ଉପଯୁକ୍ତ ଓଡ଼ିଆ କର୍ମୀ ବାହାରି ନ ଥିଲେ । ଏକ୍ଷଣି ସ୍ୱାଧୀନ ଓଡ଼ିଶାରେ ମଧ୍ୟ ଠିକ୍ ସେଇଦଶା— ସରକାରଙ୍କ ସବୁ କାମ କରିବାପାଇଁ ଯେତେ କର୍ମଚାରୀ ଦରକାର ସେତେ ଖାଣ୍ଟି ଓଡ଼ିଆ ପାଠୁଆ ନାହାନ୍ତି—ଫଳରେ ଶତକରା ୬୦।୭୦ ଜଣ କେବଳ ଅଣଓଡ଼ିଆ ଅଫିସରହିଁ ଏକ୍ଷଣି ଓଡ଼ିଶାରେ ରାଜୁତି କରନ୍ତି । ଲାଟଠାରୁ ଚପରାସୀ ଓ ଦରୁଆନ୍‌ଠାରୁ ଦାରୁଗା ପର୍ଯ୍ୟନ୍ତ କେବଳ ତେଲୁଗୁ ତାମିଲ, ବଙ୍ଗ, ବିହାରି, କାନାଡ଼, କୋଚିନି ପଞ୍ଜାବୀ, ମରହଟି ପ୍ରଭୃତି ପ୍ରଦେଶର ପାଠୁଆ, ଅପାଠୁଆ, ଦରପାଠୁଆ ପ୍ରଭୃତି ଏଠାରେ ଶହେଠାରୁ କୋଡ଼ି କୋଡ଼ି ଭରଣ ଶହଯାଏ ଦରମା ପାଇ କାମ କରନ୍ତି ! ଏକେତ ପାଠୁଆ ଅଭାବ, ଦୁଇରେ ବୁଦ୍ଧିଆ ଅଭାବ—ତିନିରେ ନିର୍ବୁଦ୍ଧିଆ ମଧ୍ୟ ଅଭାବ !

(୭) **ବନ୍ୟା ମରୁଡ଼ି ଦୁର୍ଭିକ୍ଷ**ପାଇଁ ଓଡ଼ିଶା ଚିର ପ୍ରସିଦ୍ଧ ଲାଭ କରିଅଛି । ପ୍ରତିବର୍ଷ କେବଳ ବନ୍ୟା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ଫସଲ ନଷ୍ଟ ହେଉଛି । ମରୁଡ଼ି ଦୁର୍ଭିକ୍ଷରେ ପଲ୍ଲିବାସୀଙ୍କର ଅଣ୍ଟା ଜୋର ଲମିଗଲାଣି । ତଥାପି ଆମ୍ଭ ସରକାର ଏ ସବୁ ଗୁଡ଼ିକର ବିଶେଷ ପ୍ରତିକାର କରୁ- ନାହାନ୍ତି—କେବଳ ତଗାବି ଋଣ ଦେବା, ମୁଠି



Digitized by srujanika@gmail.com

ଚାଉଳ ଓ ଚାନ୍ଦା ଛନ୍ଦ ଦେବାରେ ଯେତେ ତତ୍ପର ଦେଖାଇଛନ୍ତି ସ୍ଥାୟୀ ପ୍ରତିକାରପାଇଁ ସେପରି କିଛି କରିନାହାନ୍ତି—କମ୍ ଚିନ୍ତାର ବିଷୟ ନୁହେଁ।

(୮) **ରୋଗ ବ୍ୟାଧି**—ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଔଷଧ କିଣା ହେଉଛି—ଡାକ୍ତର-ଚପରାସୀ-ମେହେନ୍ତରମାନଙ୍କୁ ଦରମା ଦିଆଯାଉଛି—କିନ୍ତୁ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ବର୍ଷର ପ୍ରତି ମାସରେ ହଇଜା, ବସନ୍ତ-ମେଲେରିଆ-କୁଷ୍ଠ ଓ ଗୋଦର ପ୍ରଭୃତି ଉଆଁ ରୋଗଦ୍ୱାରା ଶହ ଶହ ଲୋକ ଜନ୍ଦା ପିମ୍ପୁଡ଼ିପରି ମରୁଛନ୍ତି। ଦାୟିତ୍ୱପୂର୍ଣ୍ଣ ସରକାର ଏ ଦିଗରେ ସଜୀବ ଥିବାର ଆଦୌ ଜଣାଯାଉ ନାହିଁ !

(୯) **ବିଭିନ୍ନ ଉନ୍ନତି**—ସଡ଼କ ତିଆରି ଓ କୂଅ ପୋଖରୀ ଖୋଳା ଦିଗରେ ମଧ୍ୟ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୁଏ। କିନ୍ତୁ ଏବେ ମଧ୍ୟ ପ୍ରଦେଶର କେତେକ ଜାଗାରେ ବିଶେଷତଃ ପଲ୍ଲୀ ଗୁଡ଼ିକୁ ଯାଆସ କରିବାପାଇଁ ସୁବିଧା ରାସ୍ତା ନାହିଁ, ଖରା ଦିନରେ ଟୋପାଏ ପାଣି ନ ମିଳି ପଲ୍ଲୀବାସୀ ଛଟପଟ ହୁଅନ୍ତି। ଅଧିକାଂଶ ଜିଲ୍ଲା ଓ ଲୋକାଲ ବୋର୍ଡ ସଡ଼କ ଗୁଡ଼ିକରେ ସୁବିଧାରେ ଚାଲି ହୁଏ ନାହିଁ ! ଏ ଦୃଶ୍ୟ ଦେଖି କିଏ କହିବ ଖର୍ଚ୍ଚ ହେଉଥିବା ଟଙ୍କାର ସଦ୍‌ବ୍ୟବହାର ହେଉଛି ?

(୧୦) **ଲାଞ୍ଚ ମିଛ**—ଓଡ଼ିଶାରେ ଅଧିକାଂଶ କର୍ମଚାରୀ ଲାଞ୍ଚ ଖାଆନ୍ତି ଓ ମିଛ କହିବାକୁ ଛାଡ଼ନ୍ତି ନାହିଁ। ତଳିଆ କର୍ମଚାରୀଙ୍କ ଦାଉ ଅତ୍ୟଧିକ ଦେଖାଯାଏ। ପଲ୍ଲୀର ଅଶିକ୍ଷିତମାନେ ଏମାନଙ୍କ ଦ୍ୱାରା ପୀଡ଼ିତ ଥିବାର ପ୍ରତ୍ୟେକ କୋର୍ଟ କଚେରୀରେ ଦେଖି ହେବ। ମୋଟା ଦରମା ପାଇ-ଛାଇତଳେ ବସି 'ଲୋକ ସେବକ' ବୋଲାଉଥିବା କର୍ମଚାରୀ-ମାନେ ଯେ ପ୍ରତ୍ୟେକ କାର୍ଯ୍ୟପାଇଁ 'ଉପରି' ପଇସା ପାଇବାକୁ ଆଶା ଓ ଦାବୀ କରନ୍ତି କମ୍ ଲଜ୍ଜାର କଥା ନୁହେଁ।

(୧୧) **"ନିମକ୍ ହାରାମ୍"**—ସ୍ୱାମୀର ଧନ ଖାଇ ବିପରୀତ କାର୍ଯ୍ୟ କରିବା ଲୋକମାନଙ୍କୁ 'ନିମକ୍ ହାରାମ୍' କହନ୍ତି। ଓଡ଼ିଶାର ସ୍ୱାଧୀନତା ଲୋପ ପରେ ଯେଉଁ ମୋଗଲ, ମରହଟ୍ଟା ଓ ଇଂରାଜୀମାନେ ଏ ଦେଶରେ ରାଜୁତି କଲେ ସେମାନଙ୍କ ସମୟରେ ଏପରି ନିମକ୍ ହାରାମ୍ ବହୁତ ଏଠାରେ ସୃଷ୍ଟି ହୋଇଥିଲେ। ଏବେ ମଧ୍ୟ ସେପରି କେତେକ ଏ ଦେଶରେ ଅଛନ୍ତି ! ଲୋକ-ପ୍ରତିନିଧି ସରକାରଙ୍କ ବାହୁ ଛାୟା ତଳେ ଚାକିରି କରି ଉଚ୍ଚ ପାହ୍ୟାରେ ରହି—ମୋଟା ଦରମା ଖାଇ—ନିଜର ପ୍ରିୟ ପ୍ରୀତିଙ୍କପାଇଁ ଏଠାରେ ସ୍ଥାୟୀ ଚାକିରି, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିର ସୁବିଧା କରିବା ଦିଗରେ ଏ ଶ୍ରେଣୀର କର୍ମଚାରୀ ବିଶେଷ ତତ୍ପର ଦେଖାଯାନ୍ତି ! ସରକାର ଏମାନଙ୍କର ଦୁଷ୍କ୍ରିୟା ସବୁ ଆଖିରେ ଦେଖିଦେଇ ସୁଦ୍ଧା, କାନରେ ଶୁଣି ସୁଦ୍ଧା ସେମାନଙ୍କ ବିରୁଦ୍ଧରେ ବିଶେଷ କିଛି କରିପାରୁ ନାହାନ୍ତି !

(୧୨) **ଗଡ଼ଜାତ ମିଶ୍ରଣ**—ଚଳିତ ବର୍ଷାରମ୍ଭରୁ ଓଡ଼ିଶାର ୨୫ଟି ଗଡ଼ଜାତ ଓଡ଼ିଶା ସଙ୍ଗେ ମିଶିଯିବା ଘଟଣା ଏ ଦେଶ ଇତିହାସରେ ଏକ ନୂତନ ଅଧ୍ୟାୟ ଫିଟାଇଛି। ଦିନେ ଯେଉଁ ଓଡ଼ିଶା 'ନବକୋଟି' ଲୋକ ନେଇ ଗର୍ବ କରୁଥିଲା—ଏକ ସମୟରେ ସ୍ୱାଧୀନ ଓଡ଼ିଶା ସମ୍ରାଟର ୧୮ଟି ପୁଅ ଯେଉଁ 'ଗଡ଼ଜାତ' ଗୁଡ଼ିକୁ ସୃଷ୍ଟି କରି 'ସାମନ୍ତ ରାଜା' ବୋଲାଉଥିଲେ ଏତେଦିନ ପରେ ସେମାନଙ୍କ ରାଜ୍ୟ ଗୁଡ଼ିକ ପୁଣି ଓଡ଼ିଶାର ଖାସ୍ ହୋଇଛି—ଭଲ କଥା—କିନ୍ତୁ ଏଇ ମିଶ୍ରଣ ଦ୍ୱାରା ଗଡ଼ଜାତର ସ୍ଥାୟୀ ଲୋକମାନେ ଯେ ବିଶେଷ ଭାବରେ ସନ୍ତୁଷ୍ଟ ନୁହନ୍ତି ଏ କଥା କେହି ଅସ୍ୱୀକାର କରିପାରିବେ ନାହିଁ। 'ଅନ୍ଧାର ମୂଲକ'ରେ ଆଲୋକ ପଡ଼ିଛି ସତ—ରାଜାମାନଙ୍କର ନିରଙ୍କୁଶ ରାଜୁତି ଲୋପ ପାଇଛି ସତ—କିନ୍ତୁ ସେଇ ଅନ୍ଧାର ମୂଲକକୁ ଆଲୋକିତ କରିବ ପାଇଁ ପୁଣି ସେଠାରେ ପ୍ରଚୁର କର୍ମୀ ଅଭାବ ଦେଖାଯାଏ—ଏଣୁ ସେ ସବୁ ଅଞ୍ଚଳ ଗୁଡ଼ିକୁ ଶାସନ କରିବାପାଇଁ ଖାସ୍ ଓଡ଼ିଶାରୁ ଲୋକ ନିଯୁକ୍ତ ହୋଇଛନ୍ତି—ଏଥିରେ ଗଡ଼ଜାତ-ବାସୀ ନିରାଶ ହେବାର କଥା। ମନ୍ତ୍ରିବର୍ଗଙ୍କୁ ଯାଇ



Digitized by srujanika@gmail.com

କାନ୍ତାରରେ ପଡ଼ିବା ଯାହା—ରଜା ରାଜୁଡ଼ ଛଡ଼ି ପୁଣି ଓଡ଼ିଶା ସରକାରଙ୍କ ଦ୍ୱାରା ଶାସିତ ହେବା ଠିକ୍ ତାହାହିଁ ବୋଲି ଅଧିକାଂଶ ଭାବନ୍ତି । ଏ ନିନ୍ଦାରୁ ମୁକ୍ତି ପାଇବାପାଇଁ ଆମ ସରକାର କଣ କରୁଛନ୍ତି ?

(୧୩) **ବିଚ୍ଛିନ୍ନ ଓଡ଼ିଶା**—ନିଜର ବୋଲି ପ୍ରଦେଶ ହେଲେ ସବୁ ବିଚ୍ଛିନ୍ନ ଅଂଶ ଗୁଡ଼ିକୁ ଏକତ୍ର କରିବାପାଇଁ କୁହାଯାଉଥିଲା । କିନ୍ତୁ ଦୀର୍ଘ ୧୨ ବର୍ଷ ମଧ୍ୟରେ ଏ ଦିଗରେ ଟିକେ ସୁଦ୍ଧା ଆଗେଇ ନାହୁଁ । ସରକାର ଏତେଦୂର ବିବ୍ରତ ଯେ ବିଚ୍ଛିନ୍ନ ଓଡ଼ିଶା କଥା କହିବାପାଇଁ ତାଙ୍କର ଜିଭ ଲେଉଟୁ ନାହିଁ—ପୁଣି ଯେଉଁ 'ଉତ୍କଳ ସମ୍ମିଳନୀ'ର କର୍ମକର୍ତ୍ତାମାନେ ଏ ଦିଗରେ ପାଟି କରନ୍ତି ସେମାନଙ୍କୁ ସରକାରୀ ବିଦ୍ରୋହୀ ବୋଲି କହିବାକୁ କୁଣ୍ଠିତ ନୁହନ୍ତି ! ଗଡ଼ଜାତ ମିଶ୍ରଣ ଦ୍ୱାରା ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକୁ ଚିରଦିନପାଇଁ ଛାଡ଼ିଦେବା ଯେ ଆମ ସରକାରଙ୍କ ଏକମାତ୍ର ଲକ୍ଷ୍ୟ-ନୀତି ଜଣା ଦିଶୁଛି !

“ଏପ୍ରିଲ ପହିଲା”କୁ ବିଲାତବାସୀ 'ବୋକାଙ୍କ ଦିବସ' (ଅଲ୍ ଫୁଲସ୍ ଡେ଼) କହନ୍ତି । ଏ ଦିନରେ ସଭ୍ୟତାର ସମସ୍ତ ଆଦବ୍ କାଇଦାକୁ ପାଓଶାରେ ଦେଇ କେବଳ ଉଚ୍ଛୃଙ୍ଖଳଭାବରେ ସମସ୍ତେ ଜୀବନ କାଟନ୍ତି । ଏପରି ଏକ ଅଶୁଭ ଦିନରେ ଆମର ଓଡ଼ିଶା ପ୍ରଦେଶ ପ୍ରଥମେ ସୃଷ୍ଟି ହୋଇଥିଲା ! ବୋଧହୁଏ ସେଇ କାରଣରୁ ଦୀର୍ଘ ବାରବରଷରେ ମଧ୍ୟ ଆମ ସରକାର କୌଣସି ଦିଗରେ ବିଶେଷ ରୂପେ ଆଗେଇ ନାହାନ୍ତି ! “ବାରବରଷର ତପସ୍ୟା ଶୁଖୁଆ ପୋଡ଼ାରେ ଯାଏ” ବୋଲି ଆମର ଗୋଟିଏ ପ୍ରବଚନ ଅଛି—ଏଥିପାଇଁ ଏଯାଏ ଯେଉଁସବୁ କାର୍ଯ୍ୟ ଯୋଜନାମାନ ତିଆରି ହୋଇଛି । ସେ ଗୁଡ଼ିକ କେତେଦୂର କାର୍ଯ୍ୟକାରୀ ହୋଇପାରେ ଓ ଆମ ସରକାର ଏ ସବୁ ଦିଗରେ କଣ କରନ୍ତି ଜାଣିବା ସହଜ ନ ହେଲେ ମଧ୍ୟ ଦୀର୍ଘ ବାରବର୍ଷ ପରେ ମଧ୍ୟ ଆମର ଲୋକପ୍ରତିନିଧିମାନେ ଯେ କିଛି କରିବେ ଏଇ ଆଶା ରହିଛି—ଆଶାରେ ତ ଲୋକ ବଞ୍ଚି ରହେ ! ଏଣୁ ଦେଖାଯାଉ ଆମର ଆଶା କେତେଦୂର ଆଗେଇବ !

# ଜ ୟ ଦେ ବ

ଶ୍ରୀ ନୀଳକଣ୍ଠ ରଥ

ଉତ୍କଳର ଦୂର ପଲ୍ଲୀ କୋଣେ
ଫୁଟିଲା ପଙ୍କଜ କୋଳେ ଶରବର୍ଗ ଦିନେ ।
ଗୋଧନ ବାହୁଡ଼ା ବେଣୁ ମରୁ ପରେ ଝରି
ଉଠିଲା କେତେଥି ଢେଉଁ କି ପୁଲକ ଭରି ।
ଶ୍ୟାମା ଶୁକ ଶାରୀ
ଛାଡ଼ିଲେ ଜଗତ ହେଲେ ଉତ୍କଳ ବିହାରୀ ।
ହେ ଚିର ବସନ୍ତ !
ଲାଗି ତବ ପରଶ ଅମଳ ହେଲା ପ୍ରାଣବନ୍ତ
ଉତ୍କଳର କର୍କଶ ପ୍ରାନ୍ତର ।
ଶରତର ଶୁଭ୍ର ମଲ୍ଲି ଫୁଲ
ବସନ୍ତର ଚମ୍ପକ ସମ୍ଭାର
ଆଷାଢ଼ କେତକୀ
ଜ୍ୟେଷ୍ଠ ନାଗେଶ୍ୱର ମାଳ
ହେମନ୍ତର ସୁବର୍ଣ୍ଣ କେଦାର
ସବୁ ହେଲେ ତୁଲ
ପୂଜିବାକୁ ଉତ୍କଳ ଜନନୀ
ତୁମ ଯୋଗୁ ପୂତ ଯାର କୋଳ ।
ପାରିଜାତ ବକ୍ଷେ ବହି ମୃଦୁ ମନ୍ଦାକିନୀ
ବହିଲା ଉତ୍କଳେ ହୋଇ ବିପଥ ଗାମିନୀ ।
ଶୁଣିଲା ଦ୍ୱାରକା ରାଜ୍ୟ ସଙ୍ଗୀତ ଅମର
ଧନ୍ୟ ଉତ୍କଳ ଜନନୀ
'ଜୟଦେବ' ସୁତ ଚିତା ଅମର ।



Digitized by srujanika@gmail.com

# ଶ୍ରୀ ହର୍ଷ

## କବିବର ଦକ୍ଷିଣ ଓଡ଼ିଶାର କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ସେ ସମ୍ବନ୍ଧେ ବିଶେଷ ବିମର୍ଶ

ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ

ଅମ୍ଭର କବିବର ଯେ ଗଞ୍ଜାମର କେଉଁ ସ୍ଥାନରେ ଜନ୍ମିଥିଲେ· ତାହା ବିଗ୍ଭର କଲେ ଆଧୁନିକ ଧରାକୋଟ ତାଙ୍କର ଜନ୍ମସ୍ଥାନ ଥିବା କଥା ଅନୁମାନ କରାଯାଏ । କବିବର ନିଜ କାବ୍ୟର ସପ୍ତଦଶ ସର୍ଗ ସମାପ୍ତି ସ୍ଥଳେ ଛନ୍ଦ ପ୍ରଶସ୍ତି ନାମକ ସ୍ୱ ରଚିତ ଖଣ୍ଡିଏ ଗ୍ରନ୍ଥର ସୂଚନା ଦେଇ ଅଛନ୍ତି । ଭାରତର ଇତିହାସରେ ଛନ୍ଦ ଉପାଧି କିମ୍ବା ଛନ୍ଦବଂଶର ନାମ ମିଳୁନାହିଁ । ସୁତରାଂ ବୋଧହୁଏ ଅପଭ୍ରଂଶ ପ୍ରଣାଳୀରେ ଶିଂଗ ବା ଶଂଗ ପଦ କାଳେ ଛନ୍ଦରୂପେ ପରିଣତ ହୋଇଥିବ । କିମ୍ବା ଶିଂଗ ଶବ୍ଦର ପରିବର୍ତ୍ତେ ଛନ୍ଦ ଶବ୍ଦ କବି ବ୍ୟବହାର କରିଥିବେ । କବିଙ୍କ ସମୟକୁ କଳିଙ୍ଗରେ ଖିଡ଼ିଶିଂଗି ରାଜ୍ୟ ନାମରେ ଗୋଟିଏ ରାଜ୍ୟ ଥିଲା । ସମସାମୟିକ ଶିଳାଲେଖ ପ୍ରମାଣ ବଳରେ ଜଣାଯାଏ ଯେ ଉକ୍ତ ଖିଡ଼ିଶିଂଗି ରାଜ୍ୟ ଖିଡିଶିଂଗି, ଗିଡ଼ିଶିଂଗି ନାମରେ ବ୍ୟବହୃତ ହେଉଥିଲା । ଏବଂ ସେଠା ରାଜାମାନଙ୍କର ଉପାଧି ସୁଦ୍ଧା ଶିଂଗ, ଶଙ୍ଗ ସିଙ୍ଗନ ନାମରେ ବ୍ୟବହୃତ ଥିଲା । ବୋଧହୁଏ ଅମ୍ଭ କବିବର "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଏହି ସୁବିଦିତ ବାକ୍ୟ ପ୍ରରୋଚନାରେ ମାତୃଭୂମି ପ୍ରତି ଅକୃତ୍ରିମ ସ୍ନେହ ପ୍ରକାଶ କରିବାକୁ ଯାଇ ନିଜ ଭୂପତିଙ୍କ ଉପାଧି ଶଙ୍ଗ୍ ଶବ୍ଦଟିକୁ ଟିକିଏ ସୁନ୍ଦର ଭାବେ ବ୍ୟବହାର କରିବା ସଙ୍କଳ୍ପରେ ଛନ୍ଦରୂପେ ପରିବର୍ତ୍ତିନ କରି ପକାଇ ଅଛନ୍ତି । ଅତି ଛନ୍ଦ ପ୍ରଶସ୍ତି ଲେଖା ଛଳରେ ସ୍ୱୀୟ ରାଜବଂଶର ପ୍ରଶସ୍ତି ଗାନ ପୂର୍ବକ ନିଷ୍କପଟ ବା ନିରୁପାଧି ପ୍ରଣୟ ଅଭିବ୍ୟକ୍ତ କରିଅଛନ୍ତି । ସେ ସମୟରେ ପ୍ରୋକ୍ତ ଗିଡ଼ିଶିଂଗି ରାଜ୍ୟଟି ଆଧୁନିକ ଧରାକୋଟ ବଡ଼ଗଡ଼ ଶେରଗଡ଼ ଓ ବିରୁଳି ପାଲୁରୁ ହୁମ୍ମା ଖଲ୍ଲିକୋଟ ଓ ଆଠଗଡ଼ର କିୟଦଂଶ ନେଇ ଅମ୍ଭ ପରିଚୟ ଦେଉଥିବାର ଜଣାଯାଏ । ରାଜ୍ୟ ଗୁଡ଼ିକରେ କବିଙ୍କ ସମୟରେ ଅନେକ ପଣ୍ଡିତ ବାସ କରୁଥିଲେ । ଏ ମଧ୍ୟରେ ଧରାକୋଟ ପଣ୍ଡିତ ବାସ ସମ୍ବନ୍ଧେ ଟିକିଏ ମୁଖ୍ୟତା ଲଭି କରିଥିଲା । କାରଣ ଏ ପର୍ଯ୍ୟନ୍ତ ସୁଦ୍ଧା ପଣ୍ଡିତ ସଂଖ୍ୟା ଧରାକୋଟରେ କମ୍ ନୁହେ । କାଳକ୍ରମେ ପ୍ରୋକ୍ତ ଖିଡ଼ିଶିଂଗ ରାଜ୍ୟ ଅନ୍ୟାନ୍ୟ ରାଜବଂଶର ଅବସ୍ଥାନ ହେତୁରୁ କିମ୍ବା ଅନ୍ୟ କୌଣସି କାରଣ ବଶତଃ ଛୋଟ ଛୋଟ ବହୁ· ସଂଖ୍ୟକ ରାଜ୍ୟରେ ପରିଣତ ହୋଇ ଅନେକ ନାମ ଧାରଣ କରିଅଛି ।

### କବିଙ୍କ ଶେଷ ଜୀବନ

ପଦ୍ମାକର ନାମରେ କାଶୀଶ୍ୱରଙ୍କର ଜଣେ ପ୍ରଧାନମନ୍ତ୍ରୀ ଥିଲେ । ସେ କୌଣସି କାର୍ଯ୍ୟ ବଶତଃ 'ଅତାହଲ୍ଲପୁର'ରୁ ଯାଇଥିଲେ । ସେଠାରେ ଏକଦା ସେ କୌଣସି ଗୋଟିଏ ସରୋବର ତଟରେ ଠିଆ ହୋଇ ଅଛନ୍ତି ଏପରି ସମୟରେ ଦେଖିଲେ ଯେ ଜଣେ ରଜକୀ ଖଣ୍ଡିଏ ବସ୍ତ୍ର ପ୍ରକ୍ଷାଳନ କରୁଥିଲା । ସେହି ଶାଢ଼ିରୁ ଉତ୍କଟ କେତକୀ-ପରିମଳ ବହିର୍ଗତ ହୋଇ ଚତୁର୍ଦ୍ଦିଗରେ ପ୍ରସରି ଯାଉଥିଲା । ସୁତରାଂ ସେହି ଗନ୍ଧ ଲୋଭରେ ଭ୍ରମରଗଣ ପାଖେ ପାଖେ ଉଡ଼ୁ ଅଛନ୍ତି । ମନ୍ତ୍ରୀ ତାହା ଦେଖି ବିସ୍ମିତଭାବେ ରଜକୀକୁ ପଗ୍ଭରିଲେ, "ଏହି ଶାଢ଼ି ଖଣ୍ଡିକ ଯାହାର୍ ସେହି ରମଣୀକୁ ଆମ୍ଭଙ୍କୁ ଦେଖାଇ ପାରିବୁ ଯଦି ତା ହେଲେ ବହୁତ ଧନ ଦେବି ।" ଏହି ପ୍ରଲୋଭନରେ ରଜକୀର ମନ ଟଳିଗଲା । ସେ କହିଲା ଅବଶ୍ୟ ଦେଖାଇ ପାରିବି । କିନ୍ତୁ ସାୟଂକାଳରେ ମୋ ସଙ୍ଗେ ଆସିବେ ତ ? ମନ୍ତ୍ରୀ ସ୍ୱୀକୃତ ହେଲେ ସାୟଂକାଳ ଉପସ୍ଥିତ ହେଲା । ମନ୍ତ୍ରୀ ସେ ରମଣୀକୁ ଦେଖିବାକୁ ବଡ଼ ଉଦ୍‌ବିଗ୍ନ । ସୁତରାଂ ଶୀଘ୍ରେ ଶୀଘ୍ରେ ନିଜର ସକଳ କାର୍ଯ୍ୟ ଶେଷକରି ସେ ରଜକୀ ସମୀପକୁ ଗଲେ । ରଜକୀ ତାଙ୍କୁ ସାଥିରେ· ଧରି



Digitized by srujanika@gmail.com

ଲଗା ପ୍ରତ୍ୟର୍ପଣ କରିବାକୁ ଗଲ । ସେହି ଉଦ୍ଦିଷ୍ଟ ରମଣୀର ଘରେ ପହଞ୍ଚିଲେ । ମନ୍ତ୍ରୀ ବେଶାନ୍ତର ସ୍ୱୀକାର କରିଥିବାରୁ ଗୃହସ୍ଥର ସ୍ତ୍ରୀ ପୁରୁଷଙ୍କୁ ଯିବା ସମୟରେ ବାଧାପ୍ରାପ୍ତ ହୋଇ ନ ଥିଲେ । ସୁତରାଂ ଅନାୟାସରେ ସେହି ଗୃହସ୍ଥର ସ୍ତ୍ରୀ ପୁରୁଷ ମଧ୍ୟରେ ହଠାତ୍ ପ୍ରବେଶ କଲେ । ରଜକୀ ସେଠାରେ ପ୍ରବେଶ ମାତ୍ରେ ଅଙ୍ଗୁଳି ଅଭିନୟରେ ସେହି ରମଣୀକୁ ଦେଖାଇ ଦେଲା । ମନ୍ତ୍ରୀ ଦେଖିଲେ ରମଣୀର ଆକୃତି ପ୍ରକୃତି ବଡ଼ ମଧୁର । ଦରିଦ୍ର କ୍ଷତ୍ରିୟ ଘରର କନ୍ୟା । ଲକ୍ଷଣ ଦ୍ୱାରା ତାକୁ ପଦ୍ମିନୀ ଜାତୀୟା ବୋଲି ସ୍ଥିର କରି ପକାଇଲେ । ସେଠାରୁ ଫେରି ଆସି ବସାରେ ପହଞ୍ଚିଲେ । ପରେ ସେ ଦେଶର ଅଧିପତି କୁମାରପାଳଙ୍କଠାରୁ ଖବର ଦେଲେ, "ସେ ସେହି ରମଣୀଟିକୁ ତାଙ୍କ ରାଜାଙ୍କ ସକାଶେ ଦେବେ ।" କୁମାରପାଳ କଅଣ କରିବେ, ସେତ କାଶୀ ରାଜାଙ୍କ ଅଧୀନସ୍ଥ ରାଜା, ଆଦେଶ ପାଳନ କରିବାକୁ ସେ ବାଧ୍ୟ । କୌଣସି କଥା ବିଗୃର ନ କରି ସେହି କନ୍ୟାଙ୍କୁ ଅଣାଇଁ କାଶୀ ରାଜାଙ୍କ ଉଦ୍ଦେଶରେ ମନ୍ତ୍ରୀଙ୍କୁ ଅର୍ପଣ କଲେ । ମନ୍ତ୍ରୀ ଉକ୍ତ କନ୍ୟାଙ୍କୁ ଯଥୋଚିତ ସମ୍ମାନ ସହକାରେ ସଙ୍ଗରେ ଧରି କାଶୀ ଯାତ୍ରା କଲେ । ଆଉ ସେହି ପଦ୍ମିନୀଙ୍କୁ ନିଜରାଜା ଜୟନ୍ତଚନ୍ଦ୍ରଙ୍କୁ ଅର୍ପଣ କଲେ । ରାଜା ଜୟନ୍ତଚନ୍ଦ୍ର ସୁଦ୍ଧା ସେହି ଅପୂର୍ବ ସୁନ୍ଦରୀଙ୍କର ସୁକୁମାର ସୁଷମା ସନ୍ଦର୍ଶନ କରି ମୁଗ୍ଧ ହୋଇ ମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ ତାଙ୍କୁ ନିଜର ଭୋଗିନୀରୂପେ ରଖିଲେ । ସେଦିନଠାରୁ ସେ କନ୍ୟାର ନାମ ହେଲା ସୋହାଗୀ ମହାଦେଇ । ସେ ବଡ଼ ପଣ୍ଡିତା ଥିଲେ । ସୁତରାଂ ଗର୍ବରେ ସେ ନିଜର କଳା ଭାରତୀ ନାମ ଚତୁର୍ଦ୍ଦିଗରେ ଉଦ୍‌ଘୋଷିତ କଲେ । ଏକଦା ସେ ଶୁଣି ପାରିଲେ ଯେ "ଶ୍ରୀହର୍ଷ ନାମକ ଜଣେ କବି ନିଜର ଶେଷ ଜୀବନ ଅତିବାହିତ କରିବାଲାଗି ମୁକ୍ତି କ୍ଷେତ୍ର ଶ୍ରୀ କାଶୀଧାମକୁ ଆସି ଏଠାରେ ସେ ନିଜେ ନରଭାରତୀ ଉପାଧିରେ ଆତ୍ମପରିଚୟ ଦେଉଛନ୍ତି ।" ଏହା ଶୁଣିଲା ମାତ୍ରେ ସୋହାଗୀ ମହାଦେଈ ଈର୍ଷା ପରବଶ ହୋଇ କ୍ରୋଧରେ ଜ୍ୱଳି ଉଠିଲେ । ଏବଂ ମନେ ମନେ ତାଙ୍କର ପରାଭବ ଉପାୟ ସ୍ଥିର କଲେ । ଦିନେ ସେ କଳାଭାରତୀ ପ୍ରୋକ୍ତ ନର ଭାରତୀଙ୍କୁ ଡକାଇ ପଚାରିଲେ—"ତୁମ୍ଭେ କିଏ ?" ଶ୍ରୀହର୍ଷ କହିଲେ—"ମୁଁ କଳା ସର୍ବଜ୍ଞ" । ମହାଦେଈ କହିଲେ—"ତେବେ ପାଦରେ ଜୋତା ଲଗାଇ ଦିଅ" । ଶ୍ରୀହର୍ଷ ଭାବିଲେ—"ମୁଁ କଳା ସର୍ବଜ୍ଞ" ବୋଲି ଆତ୍ମପରିଚୟ ଦେଇଅଛୁ । ବର୍ତ୍ତମାନ ଯଦି ଏହାଙ୍କ କଥା ଅସ୍ୱୀକାର କରେ ତା ହେଲେ ଅଜ୍ଞ ଶ୍ରେଣୀରେ ଗଣ୍ୟ ହେବି ।" ଅଗତ୍ୟା ଅଙ୍ଗୀକାର କରି ସେଠାରୁ ନିଜ ବସାକୁ ଫେରିଲେ । ବୃକ୍ଷ ବଲ୍କଳରେ ସୁନ୍ଦର ଦୁଇଟି ଜୋତା ନିର୍ମାଣ କରି ଧରିଗଲେ । ସେହି ରାଣୀଠାରୁ ଖବର ଦେଲେ । ସେ ରାଣୀ ସୁଦ୍ଧା ତାଙ୍କର ଆଗମନ ବାର୍ତ୍ତା ଶ୍ରବଣ ମାତ୍ରେ ସେଠାରେ ପହଞ୍ଚିଲେ । ପାଦ ଦେଖାଇ ଦେଲେ । ଶ୍ରୀହର୍ଷ ମେଲ୍ଲାର ସଦୃଶ ଦୁଃଖିତ ଚିତ୍ତରେ ପ୍ରଥମେ ରାଣୀଙ୍କ ବାମ ପାଦରେ ପରେ ଦକ୍ଷିଣ ପାଦରେ ଯୋଡ଼ା ଜୋଡ଼ିକ ଲଗାଇ ଦେଲେ । ସେଥିରେ ରାଣୀ ସନ୍ତୁଷ୍ଟ ଚିତ୍ତରେ ଅନ୍ତଃପୁରକୁ ଚାଲିଗଲେ । ଆଉ ଶ୍ରୀହର୍ଷ ସେଠାରୁ ଯାଇ ଗଙ୍ଗାକୂଳରେ ସନ୍ନ୍ୟାସ ଗ୍ରହଣ କଲେ ।

କାଳେ ସେ ସୋହାଗୀ ମହାଦେଈଙ୍କର ଗୋଟିଏ ପୁତ୍ର ଉତ୍ପନ୍ନ ହେଲା । କାଳ କ୍ରମେ ସେ ପୁତ୍ର ଯୁବକ ହେଲା । ସବିଶେଷ ପାଣ୍ଡିତ୍ୟ ଉପାର୍ଜ୍ଜନ କଲା ସତ୍ୟ କିନ୍ତୁ ସେ ବଡ଼ ଦୁର୍ନୀତିକାରୀ ହୋଇ ଉଠିଲା ।

ସେ ରାଜାଙ୍କର ବିଦ୍ୟାଧର ନାମକ ଜଣେକ ସଚିବ ଥିଲେ । ସେ ଚିନ୍ତାମଣି ବିନାୟକଙ୍କ ଅନୁକମ୍ପାରୁ ଖଣ୍ଡିଏ ସ୍ପର୍ଶ (ପରଶ) ମଣି ଲାଭ କରିଥିଲେ । ସେହି ମଣିର ସ୍ପର୍ଶରେ ସକଳ ଧାତୁ ସୁବର୍ଣ୍ଣରେ ପରିଣତ ହେଉଥିଲା । ସେ ମଣି ମହାତ୍ମ୍ୟରେ ସେ ପ୍ରତ୍ୟହ ଏକଶତ ବ୍ରାହ୍ମଣଙ୍କୁ ଭୋଜନ ଦିଅନ୍ତି । ସୁତରାଂ ଲଘୁ ଯୁଧିଷ୍ଠିର ବୋଲି ତାଙ୍କର ପ୍ରଖ୍ୟାତି ଜଗଦ୍‌ବିଦିତ ଥିଲା । ଆଉ ତାଙ୍କ ପ୍ରଜ୍ଞାର ସୁସୂକ୍ଷ୍ମତା ହେତୁରୁ ସେ ଲୋକରେ



Digitized by srujanika@gmail.com

ସୁପ୍ରତିଷ୍ଠିତ ମହତ୍ତ୍ୱ ଉପଲବ୍ଧି କରିଥିଲେ । ଦିନେ ରାଜା ତାଙ୍କୁ ପ୍ରଶ୍ନ କଲେ—"କେଉଁ ପୁତ୍ରକୁ ରାଜ୍ୟର ଉତ୍ତରାଧିକାର ଦେବି ?" ମନ୍ତ୍ରୀ କହିଲେ—"ସଦ୍‌ବଂଶ ପ୍ରସୂତ ହେତୁରୁ ପଟ୍ଟମହାଦେବୀଙ୍କ ପୁତ୍ର ମେଘଚନ୍ଦ୍ର ଉତ୍ତରାଧିକାର ପାଇବା ଯୋଗ୍ୟ । ଭୋଗିନୀ ପୁତ୍ର ତାହା ପାଇବା ନିତାନ୍ତ ଅସଙ୍ଗତ ।" ମନ୍ତ୍ରୀଙ୍କ ଏହି ଉକ୍ତି ରାଜାଙ୍କର ମନୋମତ ହେଲନାହିଁ । ସେ ଭାବିଥିଲେ—"ମନ୍ତ୍ରୀ ତାଙ୍କର ମନୋଗତ ଅଭିଳଷିତ ବ୍ୟକ୍ତ କରିବା ଇଚ୍ଛାରେ ଭୋଗିନୀ ପୁତ୍ରଙ୍କର ଉତ୍ତରାଧିକାର ମନୋନୀତ କରିବେ ।" ମନ୍ତ୍ରୀ ସେପରି ନ କରି ଭାବିଚିନ୍ତି କହି ଅଛନ୍ତି । ସୁତରାଂ ରାଜାଙ୍କର ଇଚ୍ଛା ବିରୁଦ୍ଧ କଥା କହିଅଛନ୍ତି । ତାହା ଶୁଣି ରାଜା ଟିକିଏ ବିରକ୍ତି ପ୍ରକାଶ କଲେ । ସେଥିରେ ରାଜାଙ୍କର ଅଭିପ୍ରାୟ ଜାଣିପାରି ମନ୍ତ୍ରୀ ଅନ୍ୟାନ୍ୟ ମନ୍ତ୍ରୀ ଓ ବୃଦ୍ଧ ପୁରବାସୀଙ୍କ ସହିତ ଏକଦା ରାଜସଭାରେ ପ୍ରବିଷ୍ଟ ହେଲେ । ଏବଂ ମେଘ ଚନ୍ଦ୍ରଙ୍କୁ ଉତ୍ତରାଧିକାର ଦେବାକୁ ହେବ ବୋଲି ବାଧ କଲେ । ରାଜା ଅନିଚ୍ଛାସତ୍ତ୍ୱେ ସୁଦ୍ଧା ବାଧ ବାଧକତା ସୂତ୍ରରେ ଆବଦ୍ଧ ହୋଇ ମନ୍ତ୍ରୀଙ୍କ ଇଚ୍ଛା ପୂରଣ କରିବାକୁ ସ୍ୱୀକୃତ ହେଲେ । ଯଦି ସେ ସେପରି କରି ନଥାନ୍ତେ ତାହେଲେ ଦେଶ ତମାମ୍ ମେଳି ହେବ ବୋଲି ସ୍ପଷ୍ଟ ବୁଝି ପାରିଲେ । ସୁତରାଂ ରାଜା ନିଜ ଇଚ୍ଛା ରକ୍ଷା କରିବାକୁ ଲେଶମାତ୍ର ଚେଷ୍ଟା କରି ନ ଥିଲେ । ଏ କଥା କର୍ଣ୍ଣାକର୍ଣ୍ଣିଭାବେ ସୋହାଗୀରାଣୀ ଶୁଣିପାରି ପଦାହତ ସର୍ପିଣୀର ନ୍ୟାୟ କ୍ରୁଦ୍ଧା ହୋଇ ଉଠିଲେ । ସେହିକ୍ଷଣି ମନେ ମନେ ମନ୍ତ୍ରୀଙ୍କ ଅନିଷ୍ଟ ସମ୍ବନ୍ଧେ ଏବଂ ରାଜ୍ୟର ଭବିଷ୍ୟତ ପତନ ସମ୍ବନ୍ଧେ ଭୂରି ଭୂରି ଚିନ୍ତା କଲେ । ପରିଶେଷରେ ସ୍ଥିର କଲେ ଯେ ତକ୍ଷଶିଳାଧିଶ୍ୱରଙ୍କ ଦ୍ୱାରା ନିଜ ରାଜ୍ୟର ଅନିଷ୍ଟ ଘଟାଇବା କଥା ତାଙ୍କ ପକ୍ଷରେ ଶ୍ରେୟସ୍କର । ସୁତରାଂ ବିଶ୍ୱସ୍ତ ସୂତ୍ରରେ ସେହି ତକ୍ଷଶିଳାଧିପତି ସୁରଗୁଣଙ୍କଠାକୁ ଖବର ଦେଲେ ଯେ—"ସେ ଯେତେଥର କାଶୀ ବିଧ୍ୱଂସ-ଲାଗି ଅଭିଯାନ କରିବେ ତେତେ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ପାଇବେ ।" ଏଥିରେ ସୂରବାଣ ସ୍ୱୀକୃତ ହେଲେ । କାରଣ ସେ ଭାବିଲେ ଯେ ଯୁଦ୍ଧରେ ଜୟ କଲେ କାଶୀ ରାଜ୍ୟ ଲାଭ ହେବ । ପରାଜୟରେ ତାଙ୍କର କୌଣସି କ୍ଷତି ହେବ ନାହିଁ । ସୋହାଗୀ ମହାଦେଈଙ୍କଠାରୁ ପ୍ରାପ୍ତ ଲକ୍ଷକ ଟଙ୍କା ବ୍ୟୟ ହେବ ଏହା ଭାବି ଯୁଦ୍ଧ ଲାଗି ନିଜର ସୈନ୍ୟାଦି ସାଜସଜ୍ଜା କଲେ । କର୍ଣ୍ଣାକର୍ଣ୍ଣିଭାବେ ସୋହାଗୀ ମହାଦେଈଙ୍କର ଏହି କୁତ୍ସିତ ଅଭିଳାଷ କାଳେ ମନ୍ତ୍ରୀଙ୍କର କର୍ଣ୍ଣଗୋଚର ହେଲା । ମନ୍ତ୍ରୀ ସେଥିରେ ସବିଶେଷ ଦୁଃଖିତ ହେଲେ । କଅଣ କରିବେ ? ଅଗତ୍ୟା ଏ ସମ୍ବାଦ ରାଜାଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ରାଜା ତାହା ଶୁଣି ମନ୍ଦହାସ କରି କହିଲେ—"ନାଁ,' ଏ ସବୁ ମିଛ । ଆମ୍ଭର ପ୍ରିୟ ବଲ୍ଲଭ କଦାପି ଆମ୍ଭର ଦ୍ରୋହ ଆଚରଣରେ ପ୍ରବୃତ୍ତ ହେବେ ନାହିଁ । ଏପରି ମିଥ୍ୟା ସମ୍ବାଦ ଦେବା ତୁମ୍ଭପରି ବ୍ୟକ୍ତି ପକ୍ଷେ ବଡ଼ ଅସୁନ୍ଦର କଥା । ସୁତରାଂ ଏଣିକି ସାବଧାନ ହୁଅନ୍ତୁ ।" ମନ୍ତ୍ରୀ କହିଲେ—"ଏ ବିଷୟରେ ସାକ୍ଷୀ ଅଛନ୍ତି । ବୁଝନ୍ତୁ ସ୍ପଷ୍ଟ ଜାଣିବେ ।" ରାଜା ତାହା ଶୁଣି କୋପ ପୂର୍ଣ୍ଣ ଚିତ୍ତରେ କିଛି ନ କହି ସେଠାରୁ ଉଠି ଅନ୍ତଃପୁରକୁ ଚାଲିଗଲେ । ମନ୍ତ୍ରୀ ଚିନ୍ତା କରିବାକୁ ଲାଗିଲେ । "ରାଜା ବର୍ତ୍ତମାନ ନିତାନ୍ତ ଶତ୍ରୁ ହେଲେ । ସୋହାଗୀ ଖୁବ୍ ବଳବତୀ । ଦେଶରେ ସର୍ବତ୍ର ତାହାର ସୁଖ୍ୟାତି । ସୁତରାଂ ସେହି ଅବିବେକନୀର ପ୍ରତିଜ୍ଞାନୁସାରେ ଏଣିକି ରାଜ୍ୟ ଅତ୍ୟଳ୍ପ ଦିନ ମଧ୍ୟରେ ବିନଷ୍ଟ ହେବା ଅସମ୍ଭବ ନୁହେ । ଏଥିରେ ଆଉ କରିବାକୁ ବା କଅଣ ଅଛି ? ସୁତରାଂ ଯଦି ରାଜାଙ୍କର ମରଣ ପୂର୍ବରୁ ମୋର ମରଣ ଘଟିଥାଏ ତା ହେଲେ ମୁଁ ନିଜକୁ ବଡ଼ ଧନ୍ୟ ମନେ କରିବି । ଏପରି ଚିନ୍ତାକରି ପରଦିନ ପ୍ରାତଃକାଳରେ ସର୍ବଶେଷ ଦୁଃଶକୁନ ସନ୍ଦର୍ଶନ କରି ଅସ୍ଥିର ଚିତ୍ତରେ ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲେ—"ମହାରାଜ ! ଯଦି ଆଦେଶ କରନ୍ତି ତେବେ ମୁଁ ଗଙ୍ଗାରେ ଦେହ ତ୍ୟାଗ କରିବି ।" ରାଜା ତାହା ଶୁଣି ହଠାତ୍ ପ୍ରତ୍ୟୁତ୍ତର କଲେ—"ତୁମ୍ଭେ ମଲେ ଆମ୍ଭେ ବଡ଼ ସୁଖୀ ହୁଅନ୍ତୁ ।" ମନ୍ତ୍ରୀ ବିଗ୍ଭରି କଲେ—"ହିତ



Digitized by srujanika@gmail.com

ବଚନ ଶ୍ରବଣ ନ କରିବା, ଅନ୍ୟାୟରେ ପ୍ରବୃତ୍ତ ହେବା, ପ୍ରିୟଜନଙ୍କଠାରେ ଦୋଷାରୋପ କରିବା ଓ ଗୁରୁଜନଙ୍କୁ ଅନାଦର କରିବା ଏ ସବୁ ମୃତ୍ୟୁର ପୂର୍ବରୂପ । ସୁତରାଂ ଏହି ସମସ୍ତ ଲକ୍ଷଣ ଦ୍ୱାରା ଠିକ୍ ଜଣାଯାଏ ଯେ ରାଜାଙ୍କର ମରଣ ସମୟ ନିତାନ୍ତ ଆସନ୍ନ । ଆଉ ଏ ଶରୀର ରଖିବା ନିଷ୍ପ୍ରୟୋଜନ ।”ଏହି ଭାବି ସେ ସେଠାରୁ ଘରକୁ ଚାଲିଗଲେ । ଗୃହରେ ବସି ନିଜର ପାରତ୍ରିକ ସଦ୍‌ଗତି ସଙ୍କଳ୍ପରେ ଶାସ୍ତ୍ରୋକ୍ତ କ୍ରମେ ଅନେକ ଦାନ ଦେଲେ । କ୍ରମଶଃ ବିରକ୍ତିପୂର୍ଣ୍ଣ ମାନସରେ ପୁରୋହିତଙ୍କ ସହ ଗଙ୍ଗାତୀରକୁ ଚାଲିଗଲେ ! ଗଙ୍ଗା ମଧ୍ୟରେ ପ୍ରବେଶ କରିକରି ପୁରୋଧାଙ୍କୁ ସମ୍ବୋଧନ କରି କହିଲେ—“ଦାନ ଗ୍ରହଣ କରନ୍ତୁ ।” ବ୍ରାହ୍ମଣ ହସ୍ତ ପ୍ରସାରି ଦେଲେ । ମନ୍ତ୍ରୀ ନିଜଠାରେ ଥିବା ପରଶମଣି ଖଣ୍ଡିକ ସେହି ବ୍ରାହ୍ମଣଙ୍କ ହସ୍ତରେ ପ୍ରଦାନ କରି ଗଙ୍ଗା ଗର୍ଭରେ ପ୍ରାଣ ବିସର୍ଜନ କଲେ । ପୁରୋହିତ ଦେଖିଲେ ଯେ ହାତରେ ଖଣ୍ଡିଏ ଶିଳା ଅଛି । ନିତାନ୍ତ ଅସନ୍ତୁଷ୍ଟ ହେଲେ । ସେ ଦାନକୁ ଭୂରି ଭୂରି ନିନ୍ଦାକରି ସେ ଶିଳାଖଣ୍ଡିକ ଗଙ୍ଗା ମଧ୍ୟକୁ ଫିଙ୍ଗିଦେଇ ମ୍ଳାନ ମୁଖରେ ଗୃହକୁ ଫେରିଗଲେ ।

ଏଣେ ତକ୍ଷଶିଳାଧୀଶ୍ୱର ସୁରତ୍ରାଣ କାଶୀପ୍ରତି ବାରଂବାର ଅଭିଯାନ କଲେ । ବିବିଧ ଉପଦ୍ରବ ଘଟାଇଲେ । ରାଜ୍ୟରେ ଲୁଟପାଟ ଆରମ୍ଭ କଲେ । କୌଣସିଠାରେ ଗୃହଦାହ ଆରମ୍ଭ କଲେ । ସୁତରାଂ ଦେଶବାସୀ ସର୍ବଦା ଅଶାନ୍ତ । ରାଜାଙ୍କ ମନରେ ଆଉ ଶାନ୍ତି ଲେଖା ହେଲା ନାହିଁ । ସେ ସର୍ବଦା ଚିନ୍ତିତ ହେଲେ । ମୁଖ୍ୟ ମନ୍ତ୍ରୀଙ୍କ ପ୍ରତି ଦୁର୍ବାକ୍ୟ ପ୍ରୟୋଗ କରିବାରୁ ପସ୍ତ ହୃପ କଲେ । କଅଣ କରିବେ ! ପରିଶେଷରେ ସେ ଅନାଥ ହେଲେ । ରାଜ୍ୟର ଚତୁର୍ଦ୍ଦିଗରେ ଅଶାନ୍ତିମୟ କୋଳାହଳ ଶ୍ରବଣରେ ଆଉ ତାଙ୍କର ଧୈର୍ଯ୍ୟ ରହିଲା ନାହିଁ । ଯୁଦ୍ଧରେ ଯୋଗଦେଲେ । ଦୁର୍ଭେଦନଠାରେ ଶୁଣାଗଲା ରାଜା ନିରୁଦ୍ଦିଷ୍ଟ ହେଲେ । ଶତ୍ରୁକର୍ତ୍ତୃକ ମୃତ ହେଲେ ବା ବନ୍ଦୀ ହେଲେ ଆଉ ତାହା କିଛି ଶୁଣାଗଲା ନାହିଁ । ରାଜ୍ୟ ଯବନାକ୍ରାନ୍ତ ହେଲା । ସେତେବେଳେ ସେ ସୋହାଗୀ ମହାଦେଈ ଆତ୍ମରକ୍ଷାର ଉପାୟ ନ ଦେଖି ସନ୍ନ୍ୟାସିନୀ ବେଶରେ ଗୃହରୁ ବହିର୍ଗତ ହେଲେ । ଗଙ୍ଗାତୀରରେ ପହଞ୍ଚି ଶ୍ରୀହର୍ଷଙ୍କର ପାଦତଳେ ପଡି କ୍ଷମା ପ୍ରାର୍ଥନା କଲେ । ପରିଶେଷରେ ଶ୍ରୀହର୍ଷଙ୍କଠାରୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତା ହୋଇ ନିଜ ଶେଷ ଜୀବନ ଈଶ୍ୱର ଚିନ୍ତାରେ କଟାଇଥିଲେ । ଶ୍ରୀହର୍ଷ ସୁଦ୍ଧା ସେଠାରେ ଶିବାଦ୍ୱୈତ ସିଦ୍ଧି ଲାଭ କରିଥିଲେ । ୧୩୪୮ ଖ୍ରୀଷ୍ଟାବ୍ଦରେ ରାଜଶେଖର ସୁରିଙ୍କଦ୍ୱାରା ଲିଖିତ ‘ପ୍ରବନ୍ଧକୋଷରେ’ ଏଥିର ଆଭାସ ଦେଖାଯାଏ ସତ୍ୟ । କିନ୍ତୁ ତାହା ପ୍ରମାଣ ଶୂନ୍ୟ ହେତୁରୁ ସମ୍ପୂର୍ଣ୍ଣ ମିଥ୍ୟା ନ ହେଲେ ସୁଦ୍ଧା ଆଂଶିକ ମିଥ୍ୟା କଳ୍ପନାରେ ଦୂଷିତହୋଇଥିବା କଥା ଅନେକ ଐତିହାସିକଙ୍କ ମୁଖରୁ ଶୁଣାଯାଏ ।

ଆମ୍ଭେ କହୁ ଶ୍ରୀହର୍ଷ ଖ୍ରୀ ୧୦୭୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ବ ୮୬ ର୍ଷ ବୟସରେ (ଖ୍ରୀ ୧୧୬୫ବ୍ଦରେ) ଇହଧାମ ତ୍ୟାଗ କରିଥିଲେ । ସୁତରାଂ ଦ୍ୱାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ତାଙ୍କର ଯେ ଅସ୍ତିତ୍ୱ ଥିଲା ସେପରି ଏକାଦଶ ଶତାବ୍ଦୀରେ ସୁଦ୍ଧା ଅସ୍ତିତ୍ୱ ଥିଲା । ସୁତରାଂ ଭୋଜରାଜକୃତ ସରସ୍ୱତୀ କଣ୍ଠା ଭରଣରେ ନୈଷଧୀୟ ଚରିତ କାବ୍ୟର ଶ୍ଳୋକ ଉଦାହୃତ ହୋଇଥିବା ଅସମ୍ଭବ ନୁହେଁ । କାରଣ ଶ୍ରୀହର୍ଷଙ୍କ ଜନ୍ମ ସମୟ ଉପରୋକ୍ତ କ୍ରମେ ସ୍ୱୀକାର ନ କଲେ “କୋମ୍ବରାଙ୍କ ପ୍ରମିତେ ୯୦୬ ଷୁତେଷୁ ଶକାନ୍ତତଃ । ବର୍ଷେ ଷୂଦୟନଶ୍ଚକ୍ରେ ଶୁବୋଧଂ ଲକ୍ଷଣାବଲୀଂ ।” ଲକ୍ଷଣାବଲୀ ଶେଷରେ ଏହି ଶ୍ଳୋକଟି ମିଥ୍ୟା ହେବ । ଯଥା—

୯୦୬ ଶକାବ୍ଦ ସମଯୁକ୍ତ ଅର୍ଥାତ୍ ଖ୍ରୀ ୯୮୪ ଖ୍ରୀଷ୍ଟାବ୍ଦରେ ଉଦୟନ ଲକ୍ଷଣାବଲୀ ଶେଷ କରିଥିବା କଥା ତାଙ୍କର ସେହି ଗ୍ରନ୍ଥର ଶେଷ ଶ୍ଳୋକରୁ ଜଣାଯାଏ । ଅର୍ଥାତ୍ ଉଦୟନଙ୍କର ଗ୍ରନ୍ଥ ଲେଖା ସାମର୍ଥ୍ୟ ଜନ୍ମିଥିଲା । ନ୍ୟୂନପକ୍ଷେ ସେ ସମୟକୁ ତାଙ୍କର ବ ୧୫ ର୍ଷ ବୟସ ଧରାଯାଉ ।

ଶ୍ରୀହର୍ଷ ନିଜ କାବ୍ୟରେ ଗଜପତି ଉତ୍କଳେଶ୍ୱରଙ୍କ ପ୍ରଶସ୍ତି ଜ୍ୟୋତକ ଏବଂ ତାଙ୍କ ଆରାଧ



Digitized by srujanika@gmail.com

ଦେବତା ଜଗନ୍ନାଥ ଓ ଶ୍ରୀରାମଙ୍କର ସ୍ତୁତି ବୋଧକ ଅନେକ ବାକ୍ୟ ଲେଖି ଅଛନ୍ତି । ଏବଂ 'ନବ ସାହସାଙ୍କ ଚରିତ ଚମ୍ପୂରେ' ସେ ରାଜାଙ୍କ ପ୍ରଶସ୍ତି ଲେଖିଅଛନ୍ତି । ଉତ୍କଳରେ ନବ ସାହସାଙ୍କ ନାମାନ୍ତର ଚୋଡ଼ ଗଙ୍ଗଙ୍କ ରାଜତ୍ୱ ଖ୍ରୀ ୧୧୩୨ ଅବ୍ଦରେ ଆରମ୍ଭ ହୋଇଥିଲା । ଉକ୍ତ ଚୋଡ଼ଗଙ୍ଗ ଖ୍ରୀ ୧୧୪୭ ଅବ୍ଦରେ ଇହଧାମ ତ୍ୟାଗ କରିଥିଲେ । ଏ ସମ୍ବନ୍ଧେ ଅନେକ ଇତିହାସ ପ୍ରମାଣ ମିଳେ, ଏବଂ ଏ ସମୟରେ ସେ ସେହି କାବ୍ୟ ଓ ଚମ୍ପୂ ପ୍ରଶସ୍ତି ଲେଖିଥିବାର ପ୍ରମାଣ ଦେଇଅଛୁଁ ।

ଶ୍ରୀହର୍ଷ ଓ ଉଦୟନଙ୍କ ସମୟ ଅନ୍ତରବର୍ତ୍ତ ୧୬ ଖ୍ରୀ: ୧୩୫୩ (ଶକ ୧୨୭୫) ଅବ୍ଦରେ ଆଧୁନିକ ଅହମଦାବାଦ ସମୀପବର୍ତ୍ତୀ ଗୋଲକା ଗ୍ରାମ ବାସ୍ତବ୍ୟ ଗଣ୍ଡୁ ପଣ୍ଡିତ ନାମକ କୌଣସି ଜଣେ ପଣ୍ଡିତଙ୍କ ଦ୍ୱାରା ଲିଖିତ ନୈଷଧ ବ୍ୟାଖ୍ୟାନରେ ଲେଖାଅଛି, "ନବ ନିର୍ମିତଂ ନୈଷଧ କାବ୍ୟଂ" ଆଉ ଠାଏ ଲେଖା ଅଛି, ପ୍ରଥମଂ ତାବଲ୍ଲବ ବର୍ଜାଗୀଷ୍ଟ କଥାମ୍ୟାଂ ସୁପିବୃ ପରିଭାବକ ମୁଦୟନ ମତ୍ୟମର୍ଷଣ ତୟା କଷ୍ଟାକ୍ଷୟଂ ତଦ୍‌ଗ୍ରନ୍ଥୀନୁଦ୍ଗ୍ରନ୍ଥନ୍ତୁ ଖଣ୍ଡନଂ ପ୍ରାରମ୍ଭସ୍ତୁଃ ଇତ୍ୟାଦି । ଏଥିରୁ ଜଣାଯାଏ ଯେ ଶ୍ରୀହର୍ଷ ଉଦୟନଙ୍କଠାରୁ ପରାଜୟ ପାଇଥିଲେ । ରାଜ ଶେଖର କବି ସୁଦ୍ଧା ପ୍ରବନ୍ଧରେ କୋଷରେ ଉଦୟନଙ୍କଠାରୁ ଉକ୍ତ ଶ୍ରୀହର୍ଷଙ୍କ ପରାଭବ ଲେଖି ଅଛନ୍ତି । ସୁତରାଂ ସେ କଥା ମିଥ୍ୟା ନୁହେ ।

ଆଉ ଗୋଟିଏ କଥା ମହାମାନ୍ତ୍ରିକ ଶ୍ରୀ ହୀର ନିଜ ସମୟରେ ଯଦି ଶ୍ରୀହର୍ଷ ପୁତ୍ରଙ୍କୁ ମନ୍ତ୍ରପୁରଶ୍ଚରଣ ବିଷୟରେ ସକ୍ଷମ ବା ଉପଯୁକ୍ତ ବିବେଚିତ କରିଥାନ୍ତେ ତେବେ ତାଙ୍କର ଚିନ୍ତାମଣି ମନ୍ତ୍ରପୁର-ଶ୍ଚରଣ ବିଧି ନିଜେ ଉତ୍ତର ସାଧକ ଭାବେ ଥାଇ କରାଇ ଦେଇଥାନ୍ତେ । ସୁତରାଂ ସ୍ପଷ୍ଟ ଉକ୍ତ ହୁଏ ଯେ ଶ୍ରୀ ହୀରଙ୍କ ମରଣ ସମୟକୁ ଶ୍ରୀହର୍ଷ ଅଳ୍ପ ବୟସ୍କ ଥିଲେ । ନୈଷଧ କାବ୍ୟର ସର୍ଗ ସମାପ୍ତି ଶ୍ଳୋକରୁ 'ଜିତେନ୍ଦ୍ରିୟଚୟ' ଏହି କ୍ରିୟାବିଶେଷଣରୁ ସୁଦ୍ଧା ସେଥିର ଆଭାସ ପ୍ରାପ୍ତ ହୁଏ ।

ଶ୍ରୀହର୍ଷଙ୍କର ୧୨ ବର୍ଷ ବୟସରେ ଶ୍ରୀ ହୀରଙ୍କର ମରଣ ଯଦି ସମ୍ଭବପର ବୋଲି କଳ୍ପନା କରାଯାଏ ତେବେ ଶ୍ରୀ ହୀରଙ୍କର ମରଣ ଖ୍ରୀ ୧୦୯୧ ଅବ୍ଦରେ, ଏବଂ ଶ୍ରୀହର୍ଷଙ୍କ ଜନ୍ମ ଖ୍ରୀ ୧୦୭୯ ଅବ୍ଦରେ ଘଟିଥିବା ଖୁବ୍ ସମ୍ଭବ । ଏ ଅନୁସାରେ ଦେଖିଦେଲେ ଶ୍ରୀ ହୀରଙ୍କ ମରଣ କାଳ ଓ ଉଦୟନଙ୍କ ଲକ୍ଷଣାବଳୀ ଲେଖାର ଅନ୍ତର ସମୟ ହୁଏ ବା ୧୦୭ ବର୍ଷ ।

ଅତଏବ ଶ୍ରୀ ହୀର ଓ ଉଦୟନଙ୍କ ମଧ୍ୟରେ ଯେଉଁ ବିବାଦ ଘଟିଥିଲା ସେ ସମୟକୁ ଉଦୟନଙ୍କର ବୟସ ଯଦି ବା ୮୦ ବର୍ଷ ଧରାଯାଏ ତେବେ ଉଦୟନଙ୍କ ଜନ୍ମ ସ୍ୱୀକାର କହିବାକୁ ହେବ ଶକ ୮୯୧ (ଖ୍ରୀ ୯୬୯ ଅ) ରେ, ଆଉ ସେ ବିବାଦ ସମୟକୁ ଶ୍ରୀହର୍ଷଙ୍କ ବୟସ ବା ୩୦ ବର୍ଷ ଧଇଲେ ତାଙ୍କ ଜନ୍ମ ଶକ ୯୪୧ (ଖ୍ରୀ: ୧୦୧୯ ଅ)ରେ, ଏବଂ ବିବାଦ ସମୟକୁ ଶକାବ୍ଦ ୯୭୧ (ଖ୍ରୀ ୧୦୪୯ ଅ)ରେ ଅର୍ଥାତ୍ ଖ୍ରୀ ୧୦୪୯ ଅବ୍ଦରେ ଶ୍ରୀ ହୀର ଉଦୟନଙ୍କଠାରୁ ପରାଜୟ ସ୍ୱୀକାର କରିଥିଲେ । ସେ ଉତ୍ତାରୁ ସେଥିର ପ୍ରତିକାର ଲାଗି ଦୈବବଳ ଉପାର୍ଜନ ପ୍ରୟାସ କରି ବହୁକାଳ ନିୟମାନୁଲମ୍ବରେ କାଳ କଟାଇଲା ପରେ ତାଙ୍କର ବୃଦ୍ଧ ସମୟରେ ଅର୍ଥାତ୍ ଶ୍ରୀ ହୀରଙ୍କର ବା ୭୦ ବର୍ଷ ବୟସରେ ଅଲ୍ଲ ଦେବୀଙ୍କ ଗର୍ଭରୁ ଶ୍ରୀହର୍ଷ ଜନ୍ମିଥିଲେ । ଏପରି ସ୍ୱୀକାର କଲେ ଉପରୋକ୍ତ "ତର୍କାମୃତାଙ୍କ ପ୍ରମିତେ" ଶ୍ଳୋକଟିର ଯଥାର୍ଥ ଉପଲବ୍ଧି ହୁଏ । ସୁତରାଂ ସ୍ପଷ୍ଟ ଜଣାଯାଏ ଯେ ଖ୍ରୀ: ଏକାଦଶ ଶତାବ୍ଦୀରେ ମଧ୍ୟ ଶ୍ରୀହର୍ଷଙ୍କର ଅସ୍ତିତ୍ୱ ସମ୍ଭବପର । ଏଥିରେ ସନ୍ଦେହ ନାହିଁ ।



Digitized by srujanika@gmail.com

# ଶେଷ ଶିଖା ଜଳେ

ଶ୍ରୀ ରାମଚନ୍ଦ୍ର ରଥ

ତୁମେ ତ ଖୁବ୍ ସୁନ୍ଦର ଓଡ଼ିଆ କହିପାର ଆଭା, ତୁମେ ତୁମର ହିନ୍ଦି କବିତା ଗୁଡ଼ିକୁ ଓଡ଼ିଆରେ ଅନୁବାଦ କଲେ ଖୁବ୍ ଭାବପ୍ରବଣ ହୋଇ ଉଠନ୍ତା ପାଠକ। 'ବାପୁଜୀ'ଙ୍କର ଆଦର୍ଶ ନେଇ ତୁମେ ଏ ଦେଶକୁ ନେତୃତ୍ୱ ଦେବ ଆଭା, ତୁମ କବିତାଗୁଡ଼ିକର ମର୍ମେ ମର୍ମେ ସେହି ଯେଉଁ ବିପ୍ଳବର ଛନ୍ଦାୟିତ ରେଖା ଆଉ ଭାଷାର ଲାଳିତ୍ୟ ମୋପରି ମୂର୍ଖ ଝିଅକୁ ମଧ୍ୟ ଭାବପ୍ରବଣ କରିପକାଏ।

'ଲି' ହିନ୍ଦି ପଢ଼ିନି ସିନା ବୁଝେ ଖୁବ୍ ଅଳ୍ପ। ଆଭା କହିଲା "ଲି, ତୁମେ କାହିଁ ହିନ୍ଦି ଶିଖୁନ ?" ଭାଷା ଓଡ଼ିଆ ଓ ହିନ୍ଦି ମିଶା। 'ଲି' ସାଥିରେ ବରାବର ରହି ସେ ଓଡ଼ିଆ କହିବାକୁ ଶିକ୍ଷା କରିଛି। ଆଭା କଥା ନ ଶୁଣି 'ଲି' କହି ଚାଲିଲା—

"ଆମେ ପରା ଓଡ଼ିଆ ଝିଅ। ଶରଦିନ ଅଲଅଳ ହୋଇ ବଢ଼ି ଆସିଛୁ। ରାଜମଣ୍ଡଳରେ ଭାଗ ନେବାକୁ ପିଲାଦିନୁ ସମୟ ପାଇନୁ। କଲେଜରେ ପଢ଼ିଲା ବେଳେ ତୁମ ନାମ କେତେଥର ଶୁଣିଥିଲି। କିନ୍ତୁ ଆଜି ତୁମର ଆଦର୍ଶ ମୋ ଅନ୍ତରରେ ଜ୍ୱଳନ୍ତ ପ୍ରତିକ୍ରିୟାର ସୃଷ୍ଟି କରିଛି। ସତେ ତୁମେ କେଡ଼େ ମହାନ୍। ଆଜି ମୋର ମନେ ପଡ଼େ କଲିକତାର ସାମ୍ପ୍ରଦାୟିକ ଗଣ୍ଡଗୋଳ ଓ ତମ ସାଥିରେ ମୋର ପ୍ରଥମ ପରିଚୟ— ହୃଦୟରେ ମନ୍ଥନ ସୃଷ୍ଟି ହୁଏ। ମୁଁ ଆଜି କେତେ ଆପଣାର କରିପାରିଛି ତୁମଙ୍କୁ।"—ଉକ୍ତିରେ ଆପେ ଆପେ ମଥା ନଇଁଯାଏ 'ଲି'ର।

"ତୁମର ଏଇ ଭାବ ପ୍ରବଣତା ଆଉ କୋମଳ କଥା ଗୁଡ଼ାକ ମୋ ଆଖିରେ କିଛି ଅର୍ଥର ସଙ୍କେତ ଦେଇ ପାରେନି। ତୁମେ ଏଡ଼େ ଉଦାସିନ କାହିଁ ?"

'ଲି' କଥାକୁ ଅନ୍ୟ ଦିଗରେ ପରିବର୍ତ୍ତନ କରି କହିଲା "ସେଦିନ ଯେଉଁ ନୂଆ କବିତାଟି ଲେଖିଥିଲ କାହିଁ କିଛି ଶୁଣାଇଲନି ତ ? ତୁମର ଏକାଗ୍ରତା ଭାଙ୍ଗିବାରେ କବିତାର ଅଙ୍ଗସୌଷ୍ଠବ ନଷ୍ଟ ହୋଇପାରେ ଭାବି ମୁଁ ଧୀରେ ଚାଲିଗଲି ପ୍ରାର୍ଥନା ସଭାକୁ।"

ଆଭାର ମନେ ପଡ଼ିଲା "ସେ ଦିନର ରକ୍ତାକ୍ତ ଧରଣୀ। ରକ୍ତ ପିପାସୁ ପିଶାଚମାନଙ୍କର ତାଣ୍ଡବ ମଧ୍ୟରେ ସରଳା ଷୋଡ଼ଶୀର ସର୍ବସ୍ୱ ଅପହରଣ। ସେଦିନ 'ବାପୁଜୀ'ଙ୍କର ସାଥିରେ ସେ ଯାଇଥିଲା ନୂଆଖାଲି ପରିଦର୍ଶନରେ। ଯେଉଁ କଠୋର ହୃଦୟ ନେଇ ସେ ଯାଇଥିଲା ତା' ମଧ୍ୟରେ ଭାବ ପ୍ରବଣତାର ଅବକାଶ ନ ଥିଲେ ମଧ୍ୟ ସେଦିନ ସେ ଫେରିଥିଲା ଅଶ୍ରୁସିକ୍ତ ନୟନରେ। ଦୁନିଆଟା ତାକୁ ସେହି ବାଳବିଧବାର ନଗ୍ନମୂର୍ତ୍ତି ପରି ଶ୍ରୀହୀନା ଦେଖାଯାଉଥିଲା। ଆଉ ସେହି କ୍ଷଣିକର ଦୁର୍ବଳତାହିଁ ତାକୁ ପ୍ରେରଣା ଦେଇଥିଲା ଏ କବିତାଟିକୁ ରଚନା କରିବାପାଇଁ।"

"ଆଉ ମଧ୍ୟ ତାର ମନେ ପଡ଼ିଲା, ପିଲାଦିନୁ ବାପୁଜୀଙ୍କର ସ୍ନେହର ଅଧିକାରିଣୀ ହୋଇଥିଲେ ସୁଦ୍ଧା ସେ ବାପୁଜୀଙ୍କର ଶ୍ରେଷ୍ଠ ମାନବିକତାର ପରିଚୟ ସେଦିନ ପାଇଥିଲା। ତାଙ୍କର ସେ ସ୍ନେହ କଥା କେତେ ମଧୁର କିଏ ଥିଲା କେଜାଣି ବାଳିକାଟି ତାର ସମସ୍ତ ଦୁଃଖ ଭୁଲିଯାଇ ବାପୁଜୀଙ୍କର ସହଗାମିନୀ ହେଲା ଓ ଆଜି ସେବାଶ୍ରମର ଜଣେ ଶ୍ରେଷ୍ଠ କର୍ମୀ ସେ। ବାପୁଜୀଙ୍କର ସ୍ୱର୍ଗ କପରି ସ୍ୱାମୀ ଶୋକାତୁରା ବାଳିକାକୁ ସାନ୍ତ୍ୱନା ଦେଇଥିଲା ଭାବି ସ୍ତବ୍ଧ ହୋଇ ଯାଇଥିଲା ସେ। ଶତ ଶତ ଆଶ୍ରୟହୀନ ନିସହାୟ ପ୍ରାଣକୁ ସାନ୍ତ୍ୱନା ଦେଇ ସେଦିନ ସେ ଫେରିଥିଲା—ଆଉ ଲେଖିଥିଲା ଉକ୍ତ କବିତାଟି ବାପୁଜୀଙ୍କର ଶ୍ରେଷ୍ଠ ଆଦର୍ଶକୁ ଭିତ୍ତିକରି।"

ଆଭା କବିତାଟି ପଢ଼ିଲା। ଭାବନାର ରୂପ



Digitized by srujanika@gmail.com

ତା ସ୍ୱରକୁ ଆପେ ଆପେ ଥରାଇ ଦେଇଥିଲା ।। ହୁଏତ ସେ ନିଜେ ଅନୁଭବ କରିବାର ସମୟ ପାଇନାହିଁ । 'ଲି' ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଲା । କୋମଳମତି ବାଳିକା ନୂଆଖାଲିର ବୀଭତ୍ସ ଦୃଶ୍ୟ କଳ୍ପନା କରିପାରିଲା ନାହିଁ ନିଷ୍ଠୁର ଭାବରେ । ଆଭା ପରକ୍ଷଣରେ ନିଜକୁ ସଂଯତ କରିନେଇ କହିଲା—

"ଏ ଦୁର୍ବଳତା ଆଜିର ଦେଶବକ୍ଷରେ ଶୋଭା ପାଏନି 'ଲି' । ଦୁଃଖ ଦେଖି ଲୁହ ଗଡ଼ାଇବାର ସମୟ ଚାଲିଯାଉଛି । ପ୍ରତିକାରର ଉପାୟ ଚିନ୍ତାକର । ଦେଶ ଆଜି ତୁମପରି ଝିଅମାନଙ୍କର ନେତୃତ୍ୱ ଚାହେଁ । ତୁମେ ଏତେ ଦୁର୍ବଳ ହୋଇପଡ଼ିଲେ ଚଳିବ ନାହିଁ । ଆମ ସ୍ୱାଧୀନ ଭାରତର ଅଗ୍ରଦୂତ ବାପୁଜୀଙ୍କର ଆଦର୍ଶ ମଥାରେ ବହି ତାଙ୍କର ଅହିଂସାର ପତାକା ବହି ନେଇ ଦେଶର ବକ୍ଷ ଉପରେ——"

'ଲି' କହିଲା "କିନ୍ତୁ ଆଭା, ମୋର କିପରି ମନେହୁଏ ବାପୁଜୀଙ୍କର ଆଦର୍ଶ ଆଜି ଦେଶର କେତେଜଣ ପ୍ରତ୍ୟାଖ୍ୟାନ କରୁଛନ୍ତି, ପ୍ରତିବାଦ କରୁଛନ୍ତି ।"

"ଆଭା ବାଧା ଦେଇ କହିଲା "ନାଁ 'ଲି', ବାପୁଜୀଙ୍କର ଆଦର୍ଶ ଖାଲି କଥାର କଥା ନୁହେଁ । ତାହା ନିଶ୍ଚୟ ଦିନେ ସେମାନଙ୍କୁ ଅନୁପ୍ରାଣିତ କରିବ । ସେମାନେ ନିଜର ଭୁଲ ବୁଝିବେ ।"

'ଲି' ନୀରବ ଭାବରେ ଶୁଣୁଥିଲା ଆଭାର ଦୀପ୍ତି ପୂର୍ଣ୍ଣ କଥାଗୁଡ଼ାକ । ସେତେବେଳକୁ ସୂର୍ଯ୍ୟ ବୁଡ଼ି ଯାଇଥିଲେ ଚକ୍ରବାଳର ଅନ୍ତରାଳରେ ।

× × × ×

ତା' ପୂର୍ବଦିନ ଆଜାଦଙ୍କର ହାତରୁ ଲେମ୍ବୁ ରସ ଖାଇ ବାପୁଜୀ ଅନଶନ ଭାଙ୍ଗିଥିଲେ । ଆଜି ପ୍ରାର୍ଥନା ସଭାରେ ଆଭା ଅନୁପସ୍ଥିତ । ବାପୁଜୀ କେବଳ ମନୁ ସାଥିରେ ଚାଲି ଯାଇଛନ୍ତି । ଆଭାର ବ୍ୟସ୍ତ ବ୍ୟାକୁଳ ପ୍ରାଣ କିଛି ଭାବି ଭାବି ଠିକ୍ କରିପାରି ନାହିଁ । ଆଜି ଯେତେବେଳେ ସେ ବାପୁଜୀଙ୍କର କୋଠରି ମଧ୍ୟରେ ପ୍ରବେଶ କରିଥିଲା, ସେତେବେଳେ ଗୋଟିଏ ନୂତନ ପ୍ରବନ୍ଧ ବାପୁଜୀ ଶେଷକରି ରଖି ଯାଇଥିବାର ଦେଖିଲା ସେ । ଆଭା ପଢ଼ିଲା । ସେ ପ୍ରବନ୍ଧରେ ଫୁଟି ଉଠିଥିଲା ଜୀବନର ଗଭୀର ଦର୍ଶନ, ପୁଣି ତାଙ୍କର ପ୍ରାଣର ପୂର୍ଣ୍ଣ ଆବେଗରେ ଯେଉଁ କେତେଗୋଟି ଧାଡ଼ି ଲେଖିଥିଲେ ସେଥିରେ ଫୁଟି ଉଠିଥିଲା, ପଳାୟନ-ବାଦର କ୍ଷୀଣ ଆଭାସ । "ସତେ ଯେପରି ବାପୁଜୀ ଆଉ ଦୁନିଆଁ ଭିତରେ ବଞ୍ଚିରହିବାର ଆଶା କରୁନାହାନ୍ତି । ସତେ ଯେପରି ତାଙ୍କର ଶକ୍ତି ନାହିଁ ଆଉ ତାଙ୍କର ଅସମାପ୍ତି ଆଶାରେ ସମାପ୍ତି ଟାଣିବାକୁ × × × ×

ସେତିକି ବେଳୁ ଆଭା ତାର ମନେ ମନେ ସନ୍ଧାନ କରୁଛି "ବାପୁଜୀଙ୍କର କର୍ମମୟ ଜୀବନ ମଧ୍ୟରେ ସେ କେତେବେଳେ ଦୁନିଆଁ ମଧ୍ୟରୁ ପଳାଇଯିବାର ସ୍ୱପ୍ନ ଦେଖିଛନ୍ତି କି ନାହିଁ ?" କିନ୍ତୁ କିଛି ସନ୍ଧାନ ପାଉନାହିଁ ।

'ଲି' ଏ ସବୁ ଶୁଣି କହିଲା "ବୃଥାରେ ଅଶୁଭ ଆଶଙ୍କା କରୁଛ ତୁମେ ଆଭା । ଡାକ୍ତର ସବୁ କହୁଛନ୍ତି ଆଗାମୀ କେତେବର୍ଷ ମଧ୍ୟରେ ବାପୁଜୀଙ୍କୁ ରୋଗ ଛୁଇଁବ ନାହିଁ ।"

ତାର କେତେ ସପ୍ତାହ ପରେ ଆଜି ଜାନୁୟାରୀ ୩୦ ତାରିଖ ୧୯୪୮ । 'ଲି' ପାର୍କରେ ବୁଲି କଅଁଳ ଘାସ ଉପରେ ତାର ପାଦର ବ୍ୟଥା ସନ୍ଧାନ କରୁଥିଲା । ସାନ୍ଧ୍ୟ ପ୍ରକୃତି ହୋଇ ଉଠିଥିଲା ଧୂସର ଅରୁଣିମାରେ ରଞ୍ଜିତ । ତା' ପ୍ରାଣରେ ଅତୀତର ବ୍ୟର୍ଥ ଦିନଗୁଡ଼ିକ କେତେ ବାରି ଯେମିତି ଉଙ୍କି ମାରୁଥିଲା । ହଠାତ୍ ସେ ଶୁଣିଲା ଜଣେ ହିନ୍ଦୁ ବାଳକ ଗୋଟିଏ ମଠର ନିକଟରେ ଠିଆ ହୋଇ ଚିତ୍କାର କରିଉଠୁଛି "ବାପୁଜୀଙ୍କୁ ଜଣେ ଦୁର୍ବୃତ୍ତ ଗୁଳି ମାରିଛି ।"

ଆଭା ଚମକି ଉଠିଲା । ମଠର ନିକଟକୁ ଫେରିଲା ବେଳକୁ ତାହା ଆରମ୍ଭ କରିଥିଲା ବିରଳା ଭବନ ଆଡ଼କୁ ଗତି କରିବାପାଇଁ । 'ଲି' ଚାଲି ଚାଲି ଘଟଣା ସ୍ଥଳରେ ପହୁଞ୍ଚିଲା ବେଳକୁ ମହାତ୍ମାଙ୍କର ଶେଷବାଣୀ ଇଥର୍‌ର ବୁକୁ ଚିରି ମିଳାଇ ଯାଇଥିଲା ।



Digitized by srujanika@gmail.com

ସତ୍ୟ ଓ ଅହିଂସାର ଚିର ସେବକ ଆଜ ନଥିଲେ । ସେତେବେଳକୁ ସୂର୍ଯ୍ୟ ଭାରତର ଭାଗ୍ୟରବି ସହୃତ ପଶ୍ଚିମ ଆକାଶ ତଳେ ।

'ଲକ୍ଷ' କରୁଣ ସ୍ୱରରେ ଡାକଲା "ଆଭା"

"ଲକ୍ଷ" ଆଭାର ଆଖିରେ ଅତୀତର ସନ୍ଦେହ-ପାଇଁ ଅନୁତାପ ।

ଆଜ ଭାରତ ବସ୍ତ୍ର ଶ୍ରୀହୀନ । ଗୈରିକ ବସନ ଧାରିଣୀ ସନ୍ୟାସିନୀପରି ଭାରତ ଶ୍ରୀହୀନ ଆଜ ସର୍ବହରା । ଶ୍ରେଷ୍ଠ ନାୟକର ନେତୃତ୍ୱ ଆଜି ସେ ହରାଇଛି ।

ତା' ପରଦିନ ଯମୁନା କୂଳରେ ପ୍ରଣତ 'ଲକ୍ଷ' ଆଜ ଆଭା କପୋଳରେ ଶେଷ ଭସ୍ମ ମାଖି ଧୀରେ ଧୀରେ ମଥା ତୋଳିଲେ ଦେଶ ସେବାର ନୂତନ ମନ୍ତ୍ର ନେଇ ବାପୁଜୀଙ୍କର ସେଇ ଚିତାଗ୍ନିର ଶେଷ ଶିଖା ତଳେ ।

# ଦ ହି ଖା ଇ

ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ବି. **ଏ.**

ଉଇଁ ଆସୁଥିବ କନକ ଅରୁଣ
ପଖାଳି ପ୍ରାଚୀ ପାଟଳ ଦିଗ
ଗଉଡ଼ ଗାଁଆର କୋଚିଲା ବଣରେ
ଗୋଟିଏ କାହାଣୀ ହୁଏ ସଜାଗ ।
ପକ୍ଷି କଳରବ ଝରଣାର କଳ
ପାହାନ୍ତି ପବନ ପାଗଳ ଗାନ
ଏ ସକଳ ମିଶି ସେ କରୁଣ ସ୍ମୃତି
ନୀରବେ କରନ୍ତି ନିତି ବୟାନ ।
ସଙ୍ଖିନାଳ ଧାର ଆମ୍ବ କୋଚିଲାର
ଉତାଲେ ଯେ ଥାଇ ଗଉଡ଼ ଗାଁ
ସେହି ଗାଁଆର ସେ ଛନକ ବୟସୀ
ଗୋପାଳ କଣୋଗୀ ଲେଖିଛି ନାଁ ।
କୁଆ କାଆ କଲେ ପାହାନ୍ତି ପହରେ
ଦଳ ଦଳ ହୋଇ କଣୋଗୀ ନେତେ
ଦହି ହାଣ୍ଡି ଧେନ ନଇ ଆରପାରେ
ବିକ ଯାଉଥାନ୍ତି ନିତି ଉଷତେ ।
କାହାର ଢଳିଲ ଗହଳ ଗଭାରେ
ଫୁଲ ଦୁଇଗୋଟା ଥାଅଇ ଝୁଲି
କାହାର ହଳଦି ରଙ୍ଗ କପଡ଼ାରେ
ଉଠୁଥିବ ନୂଆ ଯୌବନ ଫୁଲ ।
ସକଳେ ସେହିସେ କୋଚିଲାର ବାଟେ
ଯାଆନ୍ତି ପାରି ହୋଇ ମଶାଣି ନଇ
ସବୁର ମୁଣ୍ଡରେ ଦହି ଦଣା ଧରି
ପଦ୍ମେ ଅଳି ସମ ଥିବଟି ରହି ।
ସେହି ଗାଁ ଝିଅ ଲଳିତା ନାମଟି
ବୟସ ହୋଇବ ଷୋଳ ଫଗୁଣ
ଦହି ନେଇ ବିକ ଯାଏ ଦୂର ଗାଁ
ପାର ହୋଇ ଆମ୍ବ କୋଚିଲା ବଣ ।
ସେ ଦିନ ହସିଲା ଗୋଲାପୀ ସୁରୂପ
ଗଉଭଣା ସଂକରାନ୍ତି ସକାଳ
ଲଳିତା ଲପନ ହସି ଉଠୁଥାଏ
ସିନ୍ଦୂରର ଟୋପାଭରେ କପାଳ ।
ସୁ'କଟି ଏକ ପବନ ବହିଲା
ଲଳିତା ଚମକିଗଲା ଥକାଇ
ଅଲପ ନିମିଷେ ଗୁହୁଁ ଗୁହୁଁ କାହିଁ
ଦହି ହାଣ୍ଡି ଗଲା ଶୂନ୍ୟେ ଉଭାଇ ।
ଲଳିତା ଛାତରେ ଛନକା ପଶିଲା
ଉଆଁସ ରାତର ଭୟ ଅଣାଇ
ଦହି କାହିଁଗଲା ଦହି କଏ ନେଲା
ନଶିବଦ ସେ ତ କୋଚିଲା ଭୂଇଁ ।
ଘରେ ଫେରି ଯେବେ ଅଚେତ ଲଳିତା
ସତେ କି ହୋଇଲା ଡାହାଣୀ ଭେଟ
ବେଳୁବେଳ ପରା ଉତ୍ତାପ ବଢ଼ିଲା
ଜ୍ୱର ଆସି ହେଲା ଘୋର ସଙ୍କଟ ।



Digitized by srujanika@gmail.com

ଚନ୍ଦ୍ରପାରବତନ ଲଳିତା ବଣଶୋଭୀ
ଶୋଇଲା ବଣାଦେ ଶେଷ ସପନେ
ମା’ ବାପ ଛାଡ଼ି ଉଚ୍ଛୁଳା ହୋଇଲେ
ଦାଗ ରହିଗଲା ଅଭୁଲା ମନେ ।
ଏବେ ସେ ଗଉଡ଼ ଟାଁଗର ମାଇପେ
କୁହାକୁହି ହେଲେ କେତେ ପ୍ରକାରେ
ଦହିଗାଈ ଦଅଁ ନାମ ହେଲା ଜଣା
ସେହି ଅମ୍ବତୋଟା କୋଶଲ ଧାରେ ।

ଗଉଡୁଣୀ ଯିଏ ଭୂପଣ୍ଡୁଣୀ ହିଁଏ
ଦହି ନେଇପାନ୍ତି ସେହି ସେ ବାଟେ
ଅଗେ ଦହି ପୋଷେ ଅଗାଡ଼ି ଦଅନ୍ତି
ଦହିଗାଈ ଦଅଁ ପଦେ ଅଢଟେ ।
ଭସ୍ମ କର କେହି ଦହି ବଳେ ନାହିଁ
ନ ଦେଇ ସେହି ସେ ଦେବତୀ ପାଦେ
ଦହି ଖାଇ ଦଅଁ ଭୂଇଁରୁ ଫୁଟିଲେ
ଶୁଣାଯାଏ ଗାଁରେ ଏ କଥା ପଦେ ।

# ମେଘଦୂତ ଉତ୍ପତ୍ତିର ବିଚାର

ରାଜାବାହାଦୁର ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ

ସୌନ୍ଦର୍ଯ୍ୟ ସୃଷ୍ଟିର ଶକ୍ତି କବି ପ୍ରତିଭାର ପରମାପକ ସର୍ବ ସୌନ୍ଦର୍ଯ୍ୟ ମହାନିଧି ବିଶ୍ୱସ୍ରଷ୍ଟାଙ୍କ ସୃଷ୍ଟ ଜଗତ ଅଶେଷ ସୌନ୍ଦର୍ଯ୍ୟର ଅପ୍ରକାଶିତ ଭଣ୍ଡାର । ସେହି ଲୋକୋତ୍ତର ପ୍ରତିଭା ସୁନ୍ଦର, ପୁରୁଷୋତ୍ତମ କବି ସାର୍ବଭୌମ, କାଳିଦାସଙ୍କ ଚକ୍ଷେ ଏହି ଚରାଚର ବିଶ୍ୱର ଜଳେ, ସ୍ଥଳେ, ଅନଳେ, ଭୂତଳେ, ପାତାଳେ ନଭସ୍ଥଳେ, ଫୁଲେ, ଫଳେ ଓ ଦ୍ୟୁଲୋକେ ସମାନ ଭାବେ ମନମୋହିନୀ ସୌନ୍ଦର୍ଯ୍ୟ ଲୀଳା ଅନୁକ୍ଷଣ ବିଳସିତ ହେଉଅଛି । ଏହି ସୃଷ୍ଟିର କି ଜଡ଼, କି ଚିତ୍ ସର୍ବପ୍ରକାରେ ସୌନ୍ଦର୍ଯ୍ୟର ଆଧାର, ପ୍ରକୃତିର ଅପରିମେୟ କୃପାଦ୍ୱାରା କିମ୍ବା ପ୍ରାକ୍‌କାଳୀନ ସୁକୃତ ବଳରେ ଯେଉଁ ଭାଗ୍ୟବାନ୍ ମାନଙ୍କର ସ୍ୱାଭାବିକ ପ୍ରତିଭା, ଗଭୀର ଓ ସୁନିର୍ମଳ ଶାସ୍ତ୍ରଜ୍ଞାନ, କାବ୍ୟର ଅନୁଶୀଳନ ଦ୍ୱାରା ଅବିଶ୍ରାନ୍ତ ଉଦ୍ୟମ ଓ ଅଭିନିବେଶ କାବ୍ୟ ସମ୍ପଦ ଲାଭର ଏହି ଅସାଧାରଣ ସାମଗ୍ରୀ ନିଶ୍ଚୟ ଲବ୍ଧ ହୁଏ, କେବଳ ସେମାନଙ୍କର ଅନ୍ତର୍ଦୃଷ୍ଟି ସୌନ୍ଦର୍ଯ୍ୟମୟୀ ପ୍ରକୃତିର ଗୁପ୍ତ ହୃଦୟ କକ୍ଷ ନିହିତ ସୌନ୍ଦର୍ଯ୍ୟର ସନ୍ଧାନ ଲାଭ କରେ । ବାଗ୍‌ଦେବୀଙ୍କର ଅପାର କରୁଣା ଦ୍ୱାରା କାଳିଦାସ ଦୁରୂହ ସୌନ୍ଦର୍ଯ୍ୟ ସୃଷ୍ଟି ବ୍ୟାପାରରେ ସିଦ୍ଧହସ୍ତ ଥିଲେ । ଅତଏବ ସେ ନିଜର ଅସାଧାରଣ ପ୍ରତିଭାର ଜୀବନ୍ତ ନିଦର୍ଶନ ସ୍ୱରୂପ, ପୂର୍ବ ମେଘରେ ପ୍ରାକୃତିକ ସୌନ୍ଦର୍ଯ୍ୟର ପରାକାଷ୍ଠା ବର୍ଣ୍ଣନା କରି କୈଳାସ ପର୍ବତ ଶିଖରରେ ଶୋଭମାନ ସକଳ ଋତୁରେ ସମସୁଖ-ଦାୟିନୀ ଅମରାବତୀ ସହଚରୀ ଅଳକା ନଗରୀର ଅନାୟାସ ଗମ୍ୟ ସୋପାନ ପଥ ରଚନା କରିଅଛନ୍ତି । ଏହିରୂପେ ସେ ଜଡ଼ୀୟ ସୌନ୍ଦର୍ଯ୍ୟର ବିଶ୍ଳେଷଣ କରି ସହକାରିତାର ଅନ୍ତର ସୌନ୍ଦର୍ଯ୍ୟ ରାଶି ଉଦ୍‌ଘାଟନରେ ଅଭିଳାଷୀ ହୋଇ ଭୂଲୋକ ସୌନ୍ଦର୍ଯ୍ୟଠାରୁ ମହତ୍ତର ଦ୍ୟୁଲୋକ ସୌନ୍ଦର୍ଯ୍ୟ ସଦୃଶ୍ୟ ଉତ୍ତର ମେଘ ରଚନା କରିଥିଲେ । ଉତ୍ତର ମେଘ ତାହାଙ୍କର ଅସାଧ୍ୟ ସାଧନାରେ ଗରୀୟସୀ କଳ୍ପନା ତୂଳିକା ବିରଚିତ ବିଚିତ୍ର ବର୍ଣ୍ଣନା ଦିବ୍ୟଲୋକ ସୌନ୍ଦର୍ଯ୍ୟର ନିକଷ ଶିଳା ଅଳକା, ଯକ୍ଷ ରାଜାଙ୍କର ସମୃଦ୍ଧି ଓ ତଦନୁରୂପ କାର୍ଯ୍ୟକଳାପ ଏବଂ ଯକ୍ଷାଙ୍ଗନା ନିକଟରେ ବକ୍ତବ୍ୟ ଯକ୍ଷର ପ୍ରେମଗର୍ଭ, ସାନ୍ତ୍ୱନା ଶୀତଳ, ଆଶାମୟୀ ବାଣୀ ପଠନ ମାତ୍ରେହିଁ ପାଠକ ବୃନ୍ଦ ଜାଣି ପାରୁଥିବେ ଯେ, ସହାନୁଭୂତି ମୂଳକ ଓ ଚିତ୍ତାକର୍ଷକ ଭାବେ ଚିତ୍ରିତ କରିଅଛନ୍ତି । ବେଦାନ୍ତ ଶାସ୍ତ୍ରରେ ଅରୁନ୍ଧତୀ ନ୍ୟାୟଶାସ୍ତ୍ରର ସହାୟ ଦ୍ୱାରା ଅତୀନ୍ଦ୍ରିୟ ବ୍ରହ୍ମତତ୍ତ୍ୱ ବ୍ୟାଖ୍ୟାର ମତ, ସାଧାରଣରେ ସ୍ଥୂଳ ଦୃଷ୍ଟି ଗ୍ରାହ୍ୟ ଜଡ଼ ସୌନ୍ଦର୍ଯ୍ୟ ବର୍ଣ୍ଣନାର ସହାୟତାରେ ସହୃଦୟ



Digitized by srujanika@gmail.com

ପାଠକ ବର୍ଗଙ୍କ ଅନ୍ତର୍ଦୃଷ୍ଟି—ଉନ୍ମେଷିତ କରି ମହାକବି ଏଥିରେ ମାନବ ହୃଦୟ ନଶ୍ୱର ସାରଗର୍ଭ ପ୍ରେମର ସୁସମାଚାର ସଂକ୍ଷେପ ଭାବେ ଜଗତରେ ପ୍ରଚାର କରିବାର ବାସନା କରି ବିରହମନ୍ଥିତ ମାନବର ପ୍ରତିବିମ୍ବ ସ୍ଥାନୀୟ ଉତ୍ତର ମେଘର ମନୋହର ଛବି ଅଙ୍କନ କରିଅଛନ୍ତି । ଏହି ପ୍ରସଙ୍ଗରେ କବିବର କହିଅଛନ୍ତି—

"ବିରହ ବେଦନା ଅନୁଭୋଗ ନ କଲେ ସମ୍ଭୋଗମୂଳକ ଶୃଙ୍ଗାର ରସ ପୁଷ୍ଟି ସାଧନା କରେ ନାହିଁ ।" "ନ ବିନା ବିପ୍ରଲମ୍ଭେନ ସମ୍ଭୋଗଃ ପୁଷ୍ଟିମଶ୍ନୁତେ ।" ଏହି ଆଲଙ୍କାରିକ ସୂତ୍ର ଅବଲମ୍ବନ କରି ପ୍ରେମରେ ଭରା, ବିରହଦାବାନଳ ଦଗ୍ଧୀଭୂତ, ନିଜର ହୃଦୟକୁ ସ୍ୱ ରଚିତ ମେଘଦୂତ ଦର୍ପଣରେ ପ୍ରତିବିମ୍ବ ଦର୍ଶନ କରି ଦର୍ପଣର ନିମ୍ନ ଦେଶରେ ଉଚ୍ଛଳିତ ନିଜର ଛାୟା ମୂର୍ତ୍ତିକୁ ସନ୍ଦର୍ଶନ କରନ୍ତଃ ହର୍ଷ ଚଞ୍ଚଳ ମାନସ ଶିଶୁର ନ୍ୟାୟ ଆନନ୍ଦରେ ବିହ୍ୱଳ ହୋଇଥିଲେ, ସେ ଅନ୍ତରରେ ଓ ବାହ୍ୟରେ ସ୍ୱୀୟ କାନ୍ତାର ବିରହ ଭାବରେ ବିଭାଜିତ ମହାଭାବରେ ଉନ୍ମାଦିତ ହୋଇ ଚରମ କୋଟି ପ୍ରାପ୍ତ "ପ୍ରେମ ବୈଚିତ୍ର୍ୟ" ନିଜେ ଆସ୍ୱାଦନ କରି ଜଗତରେ ପ୍ରେମର ଭିଖାରୀ ନିଜ ଅପ୍ରଜନ ଜୀବନିବହଙ୍କୁ ପ୍ରେମାସ୍ୱାଦନରେ ମାଧୁର୍ଯ୍ୟମୟୀ ଭଙ୍ଗୀ ନିଚୁଡ଼ ଇଙ୍ଗିତ ଦ୍ୱାରା ପ୍ରଚାର କରିଅଛନ୍ତି । ପୃଥିବୀରେ ଆମ୍ଭେମାନେ ପ୍ରଧାନତଃ ପ୍ରବୃତ୍ତି ସୁଲଭ ଭୋଗରେ ମଗ୍ନ ହୋଇ ବିଚ୍ଛେଦର ସମ୍ଭାବନାକୁ ଏକାନ୍ତ ଭୟ କରୁ, ଅତଏବ ନିବୃତ୍ତି ସୁଲଭ ତ୍ୟାଗ ସୁଖର ବିରହାନନ୍ଦ (melancholy delight) ମନେ ମନେ ଚିନ୍ତା କରି ଚମକି ଉଠେ । ଅନୁଭବ କରିଥିବା କଥା ଆଲୋଡ଼ନ କରିବା ବିଡ଼ମ୍ବନା ମାତ୍ର । ଅତି ଭୋଗର ଅବଶ୍ୟମ୍ଭାବୀ ପରିଣତି ଅତୃପ୍ତିର ଅଭିମତ ଦୃଢ଼ ମିଳନର ଅପରିହାର୍ଯ୍ୟ ଫଳ ପ୍ରାଣାନ୍ତକ ଅବସାଦ ସମ୍ଭୋଗ ସହଚର ରସମୟ ମିଳନର ସ୍ଥଳରେ ଆମ୍ଭର କେବଳ ପ୍ରତ୍ୟକ୍ଷ ଅର୍ଥାତ୍ ରକ୍ତମାଂସମୟ ଜଡ଼ ସୌନ୍ଦର୍ଯ୍ୟର କପଟ ସ୍ତାବକ ଓ ଅନ୍ଧ ଉପାସକ ଭାବେ ଥାଉଁ । କିନ୍ତୁ ବିପ୍ରଲମ୍ଭ ଶୃଙ୍ଗାର ରସମୟ ବିରହ କାଳରେ ଆମ୍ଭେ ଯାହାଦ୍ୱାରା ସୁଦୂର ସ୍ଥିତ ଅପ୍ରତ୍ୟକ୍ଷ; ଏପରି କି ଲୋକାନ୍ତରିତ ପ୍ରିୟଜନର ଅକପଟ ଓ ନିଃସ୍ୱାର୍ଥ ଉପାସକର ଯୋଗ୍ୟ ହୋଇ ପାରୁ । ରସିକ ଶିରୋମଣି, ପ୍ରେମ କଳ୍ପତରୁ କବି ସାର୍ବଭୌମ କାଳିଦାସ ନିଜ ମାନସ ପୁତ୍ର ଶାପଗ୍ରସ୍ତ ଦୂର ପ୍ରୋଷିତ, ଅଜସ୍ର ବିଳାସର କମଳ କୋମଳ ଶଯ୍ୟାରେ ଲାଳିତପାଳିତ ଧନାଧୀଶ୍ୱର ପ୍ରିୟସେବକ ଯକ୍ଷଙ୍କୁ ଲକ୍ଷ୍ୟକରି କୌଣସି ଅଜ୍ଞେୟ ଦୂରଦେଶ ଅବସ୍ଥିତା, ସୁଦତୀ କୁଳତିଳକାୟମାନା, ବିରହରେ ଜୀର୍ଣ୍ଣଶୀର୍ଣ୍ଣା, ଶିଶିର ଦ୍ୱାରା ମର୍ଦ୍ଦିତା ପ୍ରଦୋଷ ପଦ୍ମିନୀ ସଦୃଶ୍ୟ ଶୋଚନୀୟା—ଅଥଚ ପ୍ରିୟ ଦର୍ଶନା ନିଜ ପ୍ରିୟତମା ପ୍ରତି ଉଦ୍ଦେଶ୍ୟ ପୂର୍ବକ ବିମାନଗୃହୀ ଦୂତ—ମେଘର ମୁଖରେ ସମ୍ବାଦ ପ୍ରେରଣ କରି ଅନାଦି କାଳ ମାୟା ବିଜୃମ୍ଭିତ ବିୟୋଗ ଦାବାନଳ ଦଗ୍ଧ ଜୀବ ସମୂହର ମାନସ ଦୂତ ସାହାଯ୍ୟରେ ଚିର ପ୍ରିୟତମ, ରସିକ ଶେଖରମଣି ଭଗବାନଙ୍କ ପ୍ରତି ଜନ୍ମ ଜନ୍ମାନ୍ତର ବାଞ୍ଛିତ ମିଳନର ପ୍ରାର୍ଥନା ଦ୍ୱାରା ଇଙ୍ଗିତରେ ସଙ୍କେତ କରିଅଛନ୍ତି କି ନାହିଁ, ସୁଧୀ, ଚିନ୍ତାଶୀଳ, ସାହିତ୍ୟକମଣ୍ଡଳୀଙ୍କ ସେ କଥା ଅବଶ୍ୟ ବିବେଚନା କରିବା କର୍ତ୍ତବ୍ୟ ।

# ନ୍ୟାୟଦର୍ଶନର ଉପଯୋଗିତା

(ପୂର୍ବ ପ୍ରକାଶିତ ପରେ)—ଅଧ୍ୟାପକ ଶ୍ରୀ ରଘୁନାଥ ରଥ ତର୍କତୀର୍ଥ ନ୍ୟାୟାଚାର୍ଯ୍ୟ

ଜଗତରେ ଯାହା କିଛି ଅଛି ବୋଲି ଆମେ ବୁଝୁଅଛେ ସେ ଗୁଡ଼ିକ ପ୍ରମାଣ ଦ୍ୱାରା ସ୍ଥିର ହୋଇଅଛି । ବିନା ପ୍ରମାଣରେ କୌଣସି ବସ୍ତୁ ବା ପଦାର୍ଥର ଅସ୍ତିତ୍ୱ କେହି ସ୍ୱୀକାର କରନ୍ତି ନାହିଁ । ପ୍ରମାଣ ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ପ୍ରମାଣ ସର୍ବବାଦୀ ସମ୍ମତ ଅତଏବ ପ୍ରଥମେ ପ୍ରତ୍ୟକ୍ଷ ପ୍ରମାଣ ଏ ପ୍ରବନ୍ଧର



Digitized by srujanika@gmail.com

ଅଲୋଚ୍ୟ ବିଷୟ । ପ୍ରତ୍ୟକ୍ଷ ଶବ୍ଦର ଅର୍ଥ କଣ ? ଇନ୍ଦ୍ରିୟ ଦ୍ୱାରା ଜାତ ଜ୍ଞାନର ନାମ ପ୍ରତ୍ୟକ୍ଷ । ପ୍ରତ୍ୟକ୍ଷ କିପରି ହୁଏ ? ପ୍ରଥମେ ଆତ୍ମା-ମନର ସହିତ ସଂଯୁକ୍ତ ହୁଏ ମନ; ଯେଉଁ ଇନ୍ଦ୍ରିୟ ଦ୍ୱାରା ବିଷୟର ଜ୍ଞାନ ହୋଇଥାଏ ତାହାର ସହିତ ସଂଯୁକ୍ତ ହୁଏ । ପରେ ଇନ୍ଦ୍ରିୟ ବସ୍ତୁ ବା ପଦାର୍ଥ ସହ ସଂଯୁକ୍ତ ହୁଏ । ପରେ ଏହା ଅମୁକ ଏହିପ୍ରକାର ବିଷୟର ଜ୍ଞାନ ଆମର ଜନ୍ମିଥାଏ । ଉଦାହରଣ ସ୍ୱରୂପ ଆମ ଆଖି ଆଗରେ ଖଣ୍ଡିଏ ପୋଥି ରହିଛି, ଉକ୍ତ ପୁସ୍ତକଟିକୁ ଆମେ ଜାଣିବାକୁ ଗଲାବେଳେ ପ୍ରଥମେ ଆମର ଆତ୍ମା ଓ ମନ ଦୁହିଁଙ୍କର ସଂଯୋଗ ହେଉଛି, ପରେ ମନ ଚକ୍ଷୁ (ଆଖି)ର ସହିତ ସଂଯୁକ୍ତ ହେଉଛି, ଚକ୍ଷୁ ପୁସ୍ତକର ସହିତ ସଂଯୁକ୍ତ ହେଉଛି ପରେ ଏହା ପୁସ୍ତକ ଅଟେ ଏପରି ଜ୍ଞାନ ଜନ୍ମୁଛି । ସେହିପରି ଆତ୍ମା ମନର ସହିତ ସଂଯୁକ୍ତ ହୋଇ ମନ, ଜିହ୍ୱାର ସହିତ ସଂଯୁକ୍ତ ହୋଇ ଜିହ୍ୱା ବା ରସନା ମଧୁ ସ୍ୱାଦ ରସର ସହିତ ସଂଯୁକ୍ତ ହୋଇ ଏହା ମଧୁର, ପିତା, ଅମ୍ଳ, ଲବଣ, ରାଗ, କଷା, ପ୍ରଭୃତି ଷଡ଼୍‌ବିଧ ରସର ଜ୍ଞାନ ଜନ୍ମିଥାଏ । ତଥା ଘ୍ରାଣ (ନାସା) ସୁରଭି ବା ଅସୁରଭି ଗନ୍ଧର ସହିତ ସଂଯୁକ୍ତ ଘ୍ରାଣେନ୍ଦ୍ରିୟ ଆତ୍ମସଂଯୁକ୍ତ ମନର ସହ ସଂଯୁକ୍ତ ହୋଇ ସୁରଭି ଏବଂ ଅସୁରଭି ରୂପ ଦ୍ୱିବିଧ ଗନ୍ଧର ଜ୍ଞାନ ଜନ୍ମାଇ ଥାଏ । ଏବଂ ଉକ୍ତ ରୀତିରେ ଆତ୍ମା ମନ ସହିତ ମନ, ତ୍ୱକ୍ (ଚର୍ମ)ର ସହିତ ଚର୍ମ ସ୍ପର୍ଶ ରୂପ ବିଷୟର ସହିତ ସଂଯୁକ୍ତ ହୋଇ ଉଷ୍ଣ, ଶୀତ ଅନୁଷ୍ଣାଶୀତ କୋମଳ କଠିନ ପ୍ରଭୃତି ସ୍ପର୍ଶମାନଙ୍କର ପ୍ରତ୍ୟକ୍ଷ ଜନ୍ମାଇ ଥାଏ । ସେହିପରି ଶ୍ରବଣ (କାନ) ଶବ୍ଦର ସହିତ ସଂଯୁକ୍ତ ହୋଇ ଅର୍ଥାତ ଆତ୍ମା ଓ ମନର ପ୍ରଥମତଃ ସଂଯୋଗ ହୁଏ ପରେ ମନ ଶ୍ରବଣର ସହିତ ଶ୍ରବଣ ଶବ୍ଦର ସହିତ ସଂଯୁକ୍ତ ହୋଇ ଶବ୍ଦର ଜ୍ଞାନ ଜନ୍ମାଏ । ସୁତରାଂ ଇନ୍ଦ୍ରିୟ ଓ ବିଷୟ ଦୁହିଁଙ୍କର ସଂଯୋଗ ବଶତଃ ଯେଉଁ ନିଷ୍ଭ୍ରମାତ୍ମକ ଜ୍ଞାନ ହୁଏ ତାହା ପ୍ରତ୍ୟକ୍ଷ ପଦବାଚ୍ୟ । ଏଠାରେ ଇନ୍ଦ୍ରିୟ ଶବ୍ଦ ଦ୍ୱାରା ଚକ୍ଷୁ, ଜିହ୍ୱା, ତ୍ୱକ୍, ଶ୍ରବଣ, ଘ୍ରାଣ, ତଥା ମନ ଏହି ଛଅଟି କେବଳ ଗ୍ରହଣ କରାଯାଉଛି ଉପରୋକ୍ତ ଛଅଟି ଇନ୍ଦ୍ରିୟ ଦ୍ୱାରା ଯେଉଁ ପଦାର୍ଥ ଏବଂ ପଦାର୍ଥ ଗତ ରୂପ, ରସ, ଗନ୍ଧ ସ୍ପର୍ଶ ଶବ୍ଦ ଆଦିର ପ୍ରତ୍ୟକ୍ଷ କଲେ ସେ ଗୁଡିକ ବିଷୟ ନାମରେ ଅଭିହିତ । ସଚରାଚର ଉକ୍ତ ଇନ୍ଦ୍ରିୟମାନଙ୍କ ଦ୍ୱାରା ଜ୍ଞାନ ସାକ୍ଷାତ ହୋଇଥାଏ ବୋଲି ଏ ଗୁଡିକ ଜ୍ଞାନେନ୍ଦ୍ରିୟ ନାମରେ ପରିଚିତ । ମନ, ଅନ୍ତରେନ୍ଦ୍ରିୟ ଅତ ଚକ୍ଷୁ କର୍ଣ୍ଣ ତ୍ୱକ୍ ଦ୍ୱାରା ଜ୍ଞାନ ହୋଇ ନ ପାରେ । ଅତଏବ ମନ ସର୍ବପ୍ରକାର ଜ୍ଞାନ ବା ପ୍ରତ୍ୟକ୍ଷର ପ୍ରଧାନ ସହାୟକ ଅଟେ । ସେଥି-ସକାଶେ ଗୀତାରେ କୁହାଯାଇଛି, "ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି" ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମୁଁ ମନ ଅଟେ । ବସ୍ତୁତଃ ଅନେକ ସମୟରେ ଆଖିରେ ଦେଖୁଥିଲେ ମଧ୍ୟ ମନଃ ସଂଯୋଗର ଅଭାବରେ ଲୋକେ ଦେଖିପାରନ୍ତି ନାହିଁ । ସେହିପରି ଶୁଣିଲାବେଳେ ଚାଖିଲାବେଳେ ଶୁଙ୍ଘିଲାବେଳେ ଅନ୍ୟମନସ୍କତା ହେତୁ ଲୋକ ଉପରୋକ୍ତ ବିଷୟ ଗୁଡିକର ସମ୍ୟକ୍ ଜ୍ଞାନ ଲାଭ କରିପାରେ ନାହିଁ । କଲେଜରେ ଅଧ୍ୟାପକମାନଙ୍କଠାରୁ ଶାସ୍ତ୍ରବିଷୟକ ବକ୍ତୃତା ଶୁଣିଲାବେଳେ ଯେଉଁ ଯୁବକ ଯେତିକି ମନଃ ସଂଯୋଗ କରନ୍ତି ସେ ସେହି ପରିମାଣରେ ଜ୍ଞାନ ସଂଗ୍ରହ କରନ୍ତି । ଏହା ଛଡ଼ା ଉପରୋକ୍ତ ଚକ୍ଷୁ, କର୍ଣ୍ଣ, ଘ୍ରାଣ, ତ୍ୱକ୍ ଜିହ୍ୱା ଏମାନଙ୍କ ଦ୍ୱାରା ଯେଉଁ ମାନଙ୍କର ଜ୍ଞାନ ହୋଇ ପାରୁନାହିଁ ସେହି ଭଳିଆ ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ଯତ୍ନ, ପ୍ରଭୃତି ଯେତେ ଗୁଡ଼ିଏ ଗୁଣର ପ୍ରତ୍ୟକ୍ଷ, କେବଳ ଅନ୍ତରେନ୍ଦ୍ରିୟ ମନଦ୍ୱାରା ହୋଇଥାଏ । ଯେପରି ମୁଁ ସୁଖୀ, ମୁଁ ଦୁଃଖୀ, ମୁଁ, ଜ୍ଞାନବାନ୍, ଯତ୍ନବାନ୍, ଦ୍ୱେଷଯୁକ୍ତ ଏହି ସବୁ ବ୍ୟବହାର ଗୁଡିକ ଜ୍ଞାନ ପୂର୍ବକ ହୋଇଥିବାରୁ ଏଗୁଡିକର ପ୍ରତ୍ୟକ୍ଷ ମନଦ୍ୱାରା ହୋଇଥାଏ । ଏଠାରେ ପ୍ରଥମତଃ ଆତ୍ମା ଓ ମନର ସଂଯୋଗ, ପରେ ମନ ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ ଏମାନଙ୍କର ସହିତ ମିଳିତ ହୋଇ ସୁଖାଦି ଜ୍ଞାନ ଜନ୍ମାଇ ଥାଏ । ସୁତରାଂ ଇନ୍ଦ୍ରିୟ ତଥା ବିଷୟ, ଦୁହିଁଙ୍କ ସଂଯୋଗରୁ ଯେଉଁ ଜ୍ଞାନ ହୋଇଥାଏ ତାହା ବାହ୍ୟ ଏବଂ ଅନ୍ତର ଦୁଇଭାଗରେ ବିଭକ୍ତ ଅଟେ । ବାହ୍ୟ ଅର୍ଥାତ୍ ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟମାନଙ୍କ ଦ୍ୱାରା ଉତ୍ପନ୍ନ ଜ୍ଞାନ ବାହ୍ୟ ନାମରେ ପରିଚିତ ଅନ୍ତର ଅର୍ଥାତ ମନଦ୍ୱାରା ଉତ୍ପନ୍ନ



Digitized by srujanika@gmail.com

ଜ୍ଞାନ ଯନ୍ତ୍ରର ନାମରେ ଅଭିହିତ ଅଟେ । ଜ୍ଞାନ ଶବ୍ଦରେ ଏଠାରେ ନିଶ୍ଚୟାତ୍ମକ ଜ୍ଞାନ ବୁଝିବାକୁ ହେବ । ଯେହେତୁ ସଂଶୟ ସ୍ମୃତି ପ୍ରଭୃତି ମଧ୍ୟ ଜ୍ଞାନ ପଦରେ ଅଭିହିତ । କିନ୍ତୁ ପ୍ରତ୍ୟକ୍ଷ, ସଂଶୟ ବା ସ୍ମୃତ୍ୟାତ୍ମକ ନୁହେଁ ବୋଲି ଏହା ନିଶ୍ଚୟାତ୍ମକ ଜ୍ଞାନ ଅଟେ । ଏଥିରୁ ଦେଖାଗଲା ଯେ ବାହ୍ୟେନ୍ଦ୍ରିୟ ଜନିତ ପ୍ରତ୍ୟକ୍ଷ ଚାକ୍ଷୁଷ, ରାସନ, ତ୍ୱାଚ, ଶ୍ରାବଣ, ଘ୍ରାଣଜ ଭେଦରେ ପାଞ୍ଚପ୍ରକାର ଏବଂ ମାନସ ପ୍ରତ୍ୟକ୍ଷ ଏକପ୍ରକାର ସବୁ ମିଶି ଇନ୍ଦ୍ରିୟ ଜାତ ପ୍ରତ୍ୟକ୍ଷ ଛଅପ୍ରକାର ଅଟେ । ପ୍ରତ୍ୟକ୍ଷର ଅନ୍ୟ ଦୁଇପ୍ରକାର ଭେଦ ଅଛି । ତାହା ସବିକଳ୍ପକ ଏବଂ ନିର୍ବିକଳ୍ପକ ରୂପ ଅଟେ । ସବିକଳ୍ପକ—ଯେଉଁ ଅବସ୍ଥାରେ ନାମ, ଜାତି ସ୍ୱରୂପ ପ୍ରଭୃତିର ଜ୍ଞାନ ଥାଏ ତାହା ସବିକଳ୍ପିକ । ଯେପରି ଆମେ ଆଖିରେ ଯଦି ଗୋଟିଏ କୌଣସି ପଦାର୍ଥ ଦେଖୁଥାଏ—ତେବେ ତାହାର ନାମ ଜାତି (ବିଶେଷଣ) ସ୍ୱରୂପ ପ୍ରଭୃତି ଜ୍ଞାନ ଆମର ନିଶ୍ଚୟ ହୋଇଥାଏ । ଉଦାହରଣ ସ୍ୱରୂପ ଆମେ ଯଦି ଗାଈ, ଘୋଡ଼ା ମଣିଷ ଗଛ ଘର ପ୍ରଭୃତି ଦେଖିଲେ ତେବେ ସେ ଗୁଡ଼ିକର ନାମ ଆଉ ବିଶେଷଣ ସ୍ୱରୂପ ଆମେ ଅବଶ୍ୟ ବୁଝିଥାଉ କିନ୍ତୁ ଦୂରରୁ କିଛି ଦେଖିଲେ ସେ ବିଷୟରେ ଆମର ନାମ ସ୍ୱରୂପ ବିଶେଷଣ ପ୍ରଭୃତିର ସବିଶେଷ କିଛି ଜ୍ଞାନ ହୁଏ ନାହିଁ କିନ୍ତୁ ଏହା ଗୋଟାଏ କିଛି ଏପରି ଜ୍ଞାନ ମାତ୍ର ଜନ୍ମେ । ସେହି ଜ୍ଞାନକୁହିଁ ନିର୍ବିକଳ୍ପିକ କହନ୍ତି । ବିକଳ୍ପ ଶବ୍ଦର ଅର୍ଥ ବିଶେଷଣ, ନ୍ୟାୟ ମତରେ ବିଶେଷଣ ଜ୍ଞାନ ଛଡ଼ା ବିଶିଷ୍ଟର ଜ୍ଞାନ ହୁଏ ନାହିଁ । ଯଥା ଅଶ୍ୱାରୋହୀ ଯାଉଅଛି । ପକ୍ଷୀ ଉଡ଼ୁଚି । ସେ ଜଣେ ଜ୍ଞାନୀ ଅଟନ୍ତି । ମୁଁ ଯତ୍ନବାନ୍ । ଇତ୍ୟାଦି ବ୍ୟବହାର ବେଳେ ଅଶ୍ୱ, ପକ୍ଷ, ଜ୍ଞାନ, ଯତ୍ନ, ପ୍ରଭୃତି ବିଶେଷଣ ଗୁଡ଼ିକର ଜ୍ଞାନ ନଥିଲେ ଯେପରି ଅଶ୍ୱାରୋହୀ ପକ୍ଷୀ ଜ୍ଞାନୀ ଯତ୍ନବାନ୍ ପ୍ରଭୃତି ବାକ୍ୟ ଗୁଡ଼ିକର ଅର୍ଥ ବୋଧହୁଏ ନାହିଁ ସେହିପରି ବିଶେଷଣ ଅଂଶର ଜ୍ଞାନ ନ ହେଲେ ବିଶିଷ୍ଟ ଶବ୍ଦର ଅର୍ଥ ବୋଧ ହୋଇ ପାରିବ ନାହିଁ । ଅତଏବ ଯେଉଁସବୁ ଶବ୍ଦର ଅର୍ଥ ଆମର ବୋଧହୁଏ ସେ ଗୁଡ଼ିକର ବିଶେଷଣ ଜ୍ଞାନ ପ୍ରଥମେ ହୋଇ ପରେ ବୋଧ ହୋଇଥାଏ । (କ୍ରମଶଃ)



Digitized by srujanika@gmail.com

# ସମ୍ପାଦକୀୟ

ଭାରତର ସର୍ବୋତ୍ତମ ବରେଣ୍ୟ ନେତା ପଣ୍ଡିତ ଜବାହରଲାଲ ଗତଥର କଟକ ଆସିବାର ଠିକ୍ ପୂର୍ବରୁ ଶ୍ରୀଯୁକ୍ତ କପିଳେଶ୍ୱର ଦାସଙ୍କ ନିକଟକୁ ଟିକଲିର ସିନିଅର ରାଜା ବାହାଦୁର, ଲବ୍ଧ-ପ୍ରତିଷ୍ଠ ସାହିତ୍ୟିକ ତଥା ଓଡ଼ିଆ ଜାତୀୟ ଆନ୍ଦୋଳନର ଜଣେ ଅଗ୍ରଣୀ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦ୍ଦେବ ନିମ୍ନ ମର୍ମରେ ପତ୍ର ଲେଖିଥିଲେ—

ମାନନୀୟ ଜବାହରଲାଲ ନେହେରୁ କଟକ ଆସୁଛନ୍ତି । ସେହି ସମୟରେ ମାନ୍ଦ୍ରାଜ ଓଡ଼ିଆମାନଙ୍କ ପକ୍ଷରୁ ଗୋଟିଏ ଗୁହାରିକ ଦେଇଥିଲେ ଭଲ ହୁଅନ୍ତା । ସେଥିରେ, ମାନ୍ଦ୍ରାଜର ଉତ୍ତର ବିଶାଖପାଟଣା ଜିଲ୍ଲାରେ ଅଳ୍ପସଂଖ୍ୟକ ଓଡ଼ିଆମାନେ ଅଛନ୍ତି । ସେମାନଙ୍କର ଦାବୀ ଉପେକ୍ଷିତ ନ କରି ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ବିଚାର କରିବାକୁ, ଓଡ଼ିଆ ମାତୃଭାଷା ଉତ୍ତର ବିଶାଖ ପାଟଣା ଜିଲ୍ଲାର କୋର୍ଟରେ ଭାଷା କରିବାକୁ, ସ୍କୁଲ ମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବାକୁ, ଯେଉଁପରି ଗଞ୍ଜାମର ତେଲୁଗୁମାନଙ୍କୁ ସୁବିଧା ଦିଆଯାଉଅଛି, ସେହିପରି ଓଡ଼ିଆମାନଙ୍କୁ (ମାନ୍ଦ୍ରାଜର) ସୁବିଧା ତଥା ଆସେମ୍ବ୍ଲିରେ ପୃଥକ ସ୍ଥାନ ମାନ୍ଦ୍ରାଜରେ ଓଡ଼ିଆଙ୍କୁ ଦେବାକୁ, ଯେଉଁପରି ଗଞ୍ଜାମର ତେଲୁଗୁମାନଙ୍କୁ ଓଡ଼ିଶା ଏସେମ୍ବ୍ଲିରେ ସୁବିଧା ଦିଆଯାଇଛି । ଗଞ୍ଜାମର ତେଲୁଗୁ ଜନସଂଖ୍ୟା ସହ ବିଶାଖା ପାଟଣା ଜିଲ୍ଲାର ଓଡ଼ିଆ ଜନସଂଖ୍ୟାର ତୁଳନା କରି ଦେଖାଇବାକୁ ହେବ । ଉତ୍ତର ବିଶାଖ ପାଟଣା ଜିଲ୍ଲାରେ ଓଡ଼ିଆ ଅଧିବାସୀ ଥିବା ଜମିଦାରୀ ବିଭାଜନ—ବର୍ତ୍ତମାନ ପୃଥକ୍ ଶ୍ରୀକାକୁଲ ଜିଲ୍ଲା ହେବାର କଥା—ସେଥିରେ ଓଡ଼ିଆ ଅଧିବାସି ଥିବା ରାଜ୍ୟ ଅନେକ ଅଛି— କୁରୁପାମ, କୋରଙ୍ଗି, ପାର୍ବତୀପୁର, ସାଲୁର, ପାସିପେଣ୍ଟ, ମାଡ଼ଗୁଲ, ପାଲକଣ୍ଡା ଇତ୍ୟାଦି ।

ଏଥିପ୍ରତି ଓଡ଼ିଆ କର୍ମୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ସେମାନଙ୍କର ମୁହଁରୁ ଶୁଣାଗଲା ମାନ୍ୟବର ପଟେଲ କଟକ ଆସିଲାବେଳେ ଆମେ ଏପରି ଉଦ୍ୟମ କରି ଯେଉଁ ହଟହଟାରେ ପଡ଼ିଥିଲୁ, ଆଖି ପାଣି ଆଖିରେ ମାରିଥିଲୁ, ଓଡ଼ିଶା ସରକାରଙ୍କର ନୀରବ ତାଚ୍ଛଲ୍ୟ ଅନୁଭବ କରିଥିଲୁ, ସେତିକି ଯଥେଷ୍ଟ; ଆଉ ତାହାର ପୁନରାବୃତ୍ତି କାହିଁକି ? ସେତିକିରେ ଏହିପରି ଗୁରୁତର କାର୍ଯ୍ୟର ପ୍ରସ୍ତାବରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । କିନ୍ତୁ ଏ ପୂର୍ଣ୍ଣଚ୍ଛେଦ ପକାଇବାରେ କ୍ଷତି କାହାର ହେବ ? ଅନ୍ୟ ପକ୍ଷର ତ ନୁହେଁ, ଆମର । ବାସ୍ତବିକ୍ ଏ ବିଷୟରେ ଏକପକ୍ଷରେ ଓଡ଼ିଶାର ସର୍ବସାଧାରଣ ତଥା ସରକାରଙ୍କ ଯେତିକି ଅସ୍ପୃହଣୀୟ, ମାନ୍ଦ୍ରାଜ ଓଡ଼ିଆଙ୍କ ଅବସାଦ, ନିଶ୍ଚେଷ୍ଟତା, ଅଭିମାନ ସେତିକି । ଆନ୍ଦୋଳନର ଯୁଗ ଏ । ବହୁତ ବାଧା ବିଘ୍ନ ପଡ଼ିବ; ଅନେକ ଧକ୍କା ଖାଇ ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବାକୁ ହେବ । ବିଧାତା କରନ୍ତୁ, ଆମର ଏ ଜାତୀୟ ଉଦ୍ୟମରେ ନିରାଶାର କୁଜ୍ଝଟିକା ଶୀଘ୍ର ଅପସାରିତ ହେଉ । ନୂତନ ବଳ, ସାହସ, ସାମର୍ଥ୍ୟ ଆସୁ । ଭେଦ-ଭାବ ଦୂର ହେଉ । ଏକତା ଓ ମିଳନର ମଧୁମନ୍ତ୍ର ଉଚ୍ଚାରିତ ହେଉ ।

× × × ×

ଇତି ମଧ୍ୟରେ ଶ୍ରୀଯୁକ୍ତ କପିଳେଶ୍ୱର ଦାସ ଗଞ୍ଜାମର ପୂର୍ବଖଣ୍ଡ ପାଣ୍ଡିଆ ଗାଁର ନବ ପ୍ରତିଷ୍ଠିତ 'ଇରୁ ଦୁର୍ଗ ପାଠାଗାର' ପରିଦର୍ଶନ କରିଥିଲେ । ସ୍ଥାନୀୟ ଧନୀ ତଥା ଶିକ୍ଷିତ ଯୁବକ ଶ୍ରୀ ପେକୁଲ୍ କୃଷ୍ଣମୂର୍ତ୍ତିଙ୍କ ବଦାନ୍ୟତା ଯୋଗେ ତଥା ତରୁଣ ବର୍ଗଙ୍କ ଉତ୍ସାହ ଯୋଗେ ଅନୁଷ୍ଠାନଟି ସ୍ଥାପିତ ହୋଇଛି । ଏ ପର୍ଯ୍ୟନ୍ତ ଓଡ଼ିଆ, ଇଂରେଜୀ, ତେଲୁଗୁ, ହିନ୍ଦି, ବଙ୍ଗାଳୀ ଇତ୍ୟାଦି ଭାଷାରେ ଇତିହାସ, ପୁରାଣ, ନାଟକ, କାବ୍ୟ, ଉପନ୍ୟାସ ଇତ୍ୟାଦି ବିଭିନ୍ନ ବିଭାଗରେ ବହୁ ପୁସ୍ତକ ସଂଗୃହୀତ ହୋଇଛି । ସଭ୍ୟମାନଙ୍କଠାରୁ ନିୟମିତ ଇଚ୍ଛାନୁମତ କିଛି କିଛି ଚାନ୍ଦା ଆଦାୟ ହେଉଛି । ପୁସ୍ତକ ଦିଆନିଆ ହିସାବ୍ ଠିକ୍ ଭାବରେ ରଖାଯାଉଛି । ଜଣେ ପରିଚାଳକ ନିଯୁକ୍ତ ହୋଇଛନ୍ତି । ପାଠାଗାରଟି ବର୍ତ୍ତମାନ ଭଡ଼ା ଘରେ ରଖାଯାଇଛି । ସେଥିପାଇଁ ଖଣ୍ଡିଏ ସ୍ୱତନ୍ତ୍ର ଘର



Digitized by srujanika@gmail.com

ଆବଶ୍ୟକ । ପୁଣି ପାଠାଗାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ଆବଶ୍ୟକ । ଆଶା କରାଯାଏ ଶିକ୍ଷାଭିମାନୀ ଦାନୀମାନଙ୍କର ଶୁଭ ଦୃଷ୍ଟି ଏଥି ଉପରେ ପଡିବ । ଆସନ୍ତା ଶୀତ କାଳରେ ପାଠାଗାରର ବାର୍ଷିକୋତ୍ସବ ଟିକିଏ ବିପୁଳ ଓ ସୁନ୍ଦର ଭାବରେ 'ବୀଣା'ର ସମ୍ପାଦକଙ୍କ ସଭାପତିତ୍ୱରେ ତଥା ଉତ୍କଳର ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷିତ ବର୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ କରିବାର ସୂଚନା ଦିଆଯାଇଛି—ଯେପରି ଉତ୍କଳ-ସାହିତ୍ୟ-ମଣ୍ଡଳର ସାହାଯ୍ୟ ଓ ସହଯୋଗ ଏ ଅନୁଷ୍ଠାନରେ ରହିବ । ସେଥିସଙ୍ଗେ ପୁଣି ଇତିହାସ-ପ୍ରସିଦ୍ଧ ଅଶୋକ ଖୋଦିତ ଅନୁଶାସନ ତଥା ଶିଳାଲିପି 'ଜଉଗଡ଼'ର ପ୍ରତ୍ନତତ୍ତ୍ୱ ଗବେଷଣାର ଅଧ୍ୟାୟ ପିଟିଯିବ । 'ବୀଣା' 'ଚତୁରଙ୍ଗ' 'ସହକାର' 'ନବୀନ' ଇତ୍ୟାଦି ସାହିତ୍ୟିକ ପତ୍ର-ପତ୍ରିକା ପାଠାଗାରପାଇଁ ମଗାଇବାର ପ୍ରସ୍ତାବ କରାଯାଇଛି । ବିଧାତା କରନ୍ତୁ, ରାଜନୈତିକ ସଂଘର୍ଷର ଦୂରରେ ରହି ଏ ଶିଶୁ ଅନୁଷ୍ଠାନ କ୍ରମେ ସୁନ୍ଦରତର, ବଳବତ୍ତର ହୋଇ ଗାଁ ଗହଳରେ ଶିକ୍ଷାର ଆଲୋକ ବିକୀରଣ କରିବାରେ, ସାହିତ୍ୟର ସୌନ୍ଦର୍ଯ୍ୟ ଫୁଟାଇବାରେ, ତଥା ପଲ୍ଲୀ-ମଙ୍ଗଳ-ସାଧନର ନିର୍ଘୃଣ, ନିପୁଣ, ନିଷ୍ଠାପର କର୍ମ-କେନ୍ଦ୍ର ହେବାରେ କୁଶଳତା ସମ୍ପାଦନ କରୁ ।

× × × ×

ଭାରତର ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ଭାଷାମୂଳକ ପ୍ରଦେଶ ସଂଗଠନ ଫଳରେ ଦୋଭାଷୀ ଅଞ୍ଚଳ ସମସ୍ୟା ବର୍ତ୍ତମାନ ଉତ୍କଟ ଆକାର ଧାରଣ କରିଛି । ଏ ସମସ୍ୟା ସମ୍ପର୍କରେ ଶ୍ରୀଯୁକ୍ତ କପିଳେଶ୍ୱର ଦାସଙ୍କର ଗୋଟିଏ ସଦ୍ୟ ଯୋଜନା ଆମର ହସ୍ତଗତ ହୋଇଛି । ତାହାଁର କେତୋଟି ସଙ୍କେତ ତଳେ ଦେଉଛୁ—

ଭାଷା ସୂତ୍ରରେ ପ୍ରଦେଶ ଗଠନ ଗୋଟିଏ ଠିକ୍ ନୀତି ବୋଲି ଗୃହୀତ ହୋଇଛି । କଂଗ୍ରେସ ଏ ନୀତିକୁ ମାନିଛି । ତଥାପି ମନେ ରଖିବାକୁ ହେବ ଏହି ସୂତ୍ରରେ କେତେ ଆକାରରେ ପ୍ରାଦେଶିକ ସୀମା ନିର୍ଣ୍ଣିତ ହେଲେ ସୁଦ୍ଧା ଗୋଟିଏ ପ୍ରାଦେଶିକ ଭାଷା ଭାଷୀ କେତେ ଲୋକ ନିଶ୍ଚୟ ପଡ଼ୋଶୀ ପ୍ରଦେଶର ସୀମା-ଅଞ୍ଚଳରେ ରହିଯିବେ । ଏହିପରି ଭାବରେ ପ୍ରାଦେଶିକ ସୀମାକୁ ଲାଗି ଦୁଇ ପାର୍ଶ୍ୱରେ କେତେକ ଦୋଭାଷୀ ଅଞ୍ଚଳ ନିଶ୍ଚୟ ରହିଯିବ । ଦେଖାଯାଉଛି, ବର୍ତ୍ତମାନ ଏପରି ଅଞ୍ଚଳମାନଙ୍କରେ ଦୁଇ ଭାଷା ଭାଷୀଙ୍କ ଦାବୀ ଓ ପ୍ରତି-ଦାବୀର ସଂଘର୍ଷର ଉପଯୁକ୍ତ ସମାଧାନ ଅଭାବରେ ତିକ୍ତ ଭାବ ସୃଷ୍ଟି ହେଉଛି । ଦରିଦ୍ର ଅଶିକ୍ଷିତ ଶ୍ରମିକ-କୃଷକ ଅବଶ୍ୟ ଏଥିପ୍ରତି ସେତେ ଦୃଷ୍ଟି ଦିଅନ୍ତି ନାହିଁ । ପେଟ ଚିନ୍ତାରେ ସେମାନେ ବ୍ୟସ୍ତ । ଏଣେ କେତେକ ତଥାକଥିତ ଶିକ୍ଷିତ ନ୍ୟସ୍ତ ସ୍ୱାର୍ଥ ଦଳଗତ ଲୋକେ ଏ ତିକ୍ତ ଭାବକୁ ଅସ୍ତ୍ରକରି, ତିଳକୁ ତାଳକରି ନିଜର ସ୍ୱାର୍ଥ ପ୍ରଚାରର ସୁବିଧା ନିଅନ୍ତି । ତଥାପି, ଭାଷା-ସଂଖ୍ୟାଲଘୁଙ୍କ ଦାବୀ ଉପେକ୍ଷିତ ହୁଏ । ସେମାନଙ୍କର ଅଭାବ ରହିଯାଏ । ତେଣୁ ଅସଦ୍‌ଭାବ ଓ ଅସୂୟା ବଢ଼ିବାପାଇଁ ସୁଯୋଗ ମିଳେ ।

ଏଣୁ ଏ ସମସ୍ୟାକୁ 'କିଛି ନୁହେଁ' ବୋଲି ଅବହେଳା ଦେଖାଇବା ବିପଦ ଜନକ । ସମସ୍ୟାର ମୌଳିକ ସତ୍ୟତା ପରୀକ୍ଷା କରିବାକୁ ହେବ । ତତ୍‌ସମ୍ପୃକ୍ତ ପ୍ରସଙ୍ଗ ଗୁଡ଼ିକର ଉଚିତ ସମାଧାନ କରିବାକୁ ହେବ । ଭ୍ରାତୃଭାବ, ପରସ୍ପର ବୁଝାମଣା, ଆଦାନ-ପ୍ରଦାନ ଆନ୍ତରିକତା ଥିଲେ, ଯେତେ ଜଟିଳ ବିଷୟ ହେଲେ ମଧ୍ୟ ସନ୍ତୋଷଜନକ ଭାବରେ ସମାଧିତ ହୋଇ ପାରିବ । ପ୍ରକୃତରେ ଦେଖିଲେ ଏ ସମସ୍ୟାରେ ବିଶାଳ ଜାତୀୟତା, ଧର୍ମ, ଅର୍ଥନୀତି ଇତ୍ୟାଦିର ପ୍ରଶ୍ନ ଉଠୁ ନାହିଁ କେବଳ ପ୍ରଶ୍ନ ଉଠୁଛି, କିପରି ଗୋଟିଏ ପ୍ରଦେଶର ଭାଷା-ସଂଖ୍ୟାଲଘୁଙ୍କ ଭାଷାର ରକ୍ଷା ଓ ଅଭିବୃଦ୍ଧି ହେବ । ସ୍ୱାର୍ଥପର ସଂଘର୍ଷମୂଳକ ରାଜନୈତିକ ଚାପ ନ ପଡ଼ିଲେ ସାଧାରଣ ଲୋକେ ଲୋକ-ଜୀବନ ଅନୁସରଣୀରେ ଏ ପ୍ରଶ୍ନର ଉତ୍ତର ଅନେକ ଦୂର ଦେଇ ପାରନ୍ତେ । ଅନ୍ୟପକ୍ଷରେ ଭାଷାର ପ୍ରାଚୀନ ପରଂପରା ସଙ୍ଗେ ସାମାଜିକ ସାଂସ୍କୃତିକ, ଐତିହାସିକ ଶ୍ରେଣୀ-ଜୀବନ ଅନେକ ଦୂର ଗୁନ୍ଥା ହୋଇ ରହିଥାଏ । ଯତ୍ନ କରିବାକୁ ହେବ ଯେପରି ସେହି ଶ୍ରେଣୀ-ଜୀବନ ବିକଳାଙ୍ଗ ନ ହୁଏ ପୁଣି ଯେପରି ତାହାର ଅଭିବୃଦ୍ଧିରେ ପ୍ରାଦେଶିକ ତଥା ସାମୂହିକ ଜୀବନ ସମୃଦ୍ଧ ଓ ବିଚିତ୍ର



Digitized by srujanika@gmail.com

ହୁଏ । ବାସ୍ତବ କ୍ଷେତ୍ରରେ ଏହି ସଂଖ୍ୟାଲଘୁ-ଭାଷା ସମସ୍ୟାର ପ୍ରୟୋଗ ଓ ପ୍ରଭାବ ତିନୋଟି ବିଭାଗରେ ଦେଖା ଯାଇଥାଏ—ଶିକ୍ଷା, ସର୍ବସେବା ଓ ଶାସନତନ୍ତ୍ର, ସ୍ୱାୟତ୍ତ ଶାସନରେ ପ୍ରାତିନିଧ୍ୟ ।

ପ୍ରାଥମିକ ଶିକ୍ଷା ପିଲେ ମାତୃଭାଷାରେ ପାଇବେ । ଏ କଥାରେ କୌଣସି ସନ୍ଦେହ ରହି ନ ପାରେ । ଭାଷା-ସଂଖ୍ୟାଲଘୁ ପିଲାଙ୍କୁ ମାତୃଭାଷାରେ ଶିକ୍ଷା ଦେବାରେ କିଞ୍ଚିତ ଅବହେଳା ଦେଖାଇବା ପ୍ରାଦେଶିକ ସରକାରଙ୍କର ଆଦୌ କ୍ଷମଣୀୟ ହେବ ନାହିଁ । ପିଲା ସଂଖ୍ୟା ଆବଶ୍ୟକାନୁଯାୟୀ ଥିଲେ ସେମାନଙ୍କପାଇଁ ସ୍ୱତନ୍ତ୍ର ସ୍କୁଲ ରହିବ । ନ ହେଲେ ମିଶ୍ରିତ ସ୍କୁଲରେ ସେମାନଙ୍କପାଇଁ ସ୍ୱତନ୍ତ୍ର ଶ୍ରେଣୀ (Saprate Section) ରହିବ । ସେକେଣ୍ଡାରୀ ଶିକ୍ଷା ମଧ୍ୟ କେବଳ ଜାତୀୟତା ଦୃଷ୍ଟିରୁ ନୁହେଁ, ଶିକ୍ଷାର ପାରଗତା ଓ ମନସ୍ତାତ୍ତ୍ୱିକତା ଦୃଷ୍ଟିରୁ ମାତୃଭାଷାରେ ଦିଆଯିବ—ଏ ସିଦ୍ଧାନ୍ତ ଏବେ ହୋଇ ସାରିଲାଣି । ଏଣୁ ସେକେଣ୍ଡାରୀ ଶିକ୍ଷାରେ ମଧ୍ୟ ଭାଷା-ସଂଖ୍ୟାଲଘୁ ପିଲାଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ସକଳ ପ୍ରକାର ସୁବିଧା ଦେବାକୁ ହେବ । ସେମାନଙ୍କର ସଂଖ୍ୟା ଆବଶ୍ୟକୀୟ ହେଲେ ସେମାନଙ୍କପାଇଁ ସ୍ୱତନ୍ତ୍ର ହାଇସ୍କୁଲ ରହିବ । ନ ହେଲେ ମିଶ୍ରିତ ସ୍କୁଲମାନଙ୍କରେ ପ୍ରତ୍ୟେକ ଶ୍ରେଣୀରେ ସେମାନଙ୍କର ସଂଖ୍ୟା ୧୫ ବା ତଦୁର୍ଦ୍ଧ୍ୱରୁ ଅଧିକ ହେଲେ ସେମାନଙ୍କପାଇଁ ସ୍ୱତନ୍ତ୍ର ଶ୍ରେଣୀ ରହିବ । ବିଭାଗୀୟ ନିୟମ ଅନୁଯାୟୀ ୪୦ ଛାତ୍ର ରହିବା ଗୋଟିଏ ଶ୍ରେଣୀରେ ସେମାନଙ୍କର ସଂଖ୍ୟା ୫ରୁ ଊଣା ହେଲେ, ସେମାନେ ମାତୃଭାଷାରେ ଶିକ୍ଷା ପାଇବାପାଇଁ ଅଧିକାର ମୂଳକ ଦାବୀ କରିପାରିବେ ନାହିଁ । ସେମାନେ ପ୍ରାଦେଶିକ ଭାଷାରେ ଶିକ୍ଷା ପାଇବେ । ଅନ୍ୟପ୍ରକାରେ ସେମାନେ ମିଶ୍ରିତ ଶ୍ରେଣୀରେ ରହିବେ ଏବଂ ଶିକ୍ଷକମାନେ ଉଭୟଙ୍କୁ ଯଥାକ୍ରମେ ଉଭୟଭାଷାରେ ଶିକ୍ଷା ଦେବେ । ଅବଶ୍ୟ ଏଥିଦ୍ୱାରା କିଞ୍ଚିତ ବିଭକ୍ତି ଆସିବ ଓ ଶିକ୍ଷ-ତତ୍ପରତାରେ କିଛିର ବାଧା ପଡ଼ିବା ଅନିବାର୍ଯ୍ୟ ହେବ । କିନ୍ତୁ ଯେତେଦୂର ସମ୍ଭବ ଭାଷା ଇତର ବିଷୟ ଗୁଡ଼ିକ (Non-languge Subjects)ର ଦିଏଇ କିଛିର ବଢ଼ାଇ ଦେଲେ ଓ ସେ ସମ୍ପର୍କୀୟ ଶିକ୍ଷକଙ୍କ ସଂଖ୍ୟା କିଛିର ବଢ଼ାଇ ଦେଲେ ଏ ଅସୁବିଧା କେତେକ ପରିମାଣରେ ଦୂର ହେବାର ସମ୍ଭାବନା । ସେହିପରି ମେଟ୍ରିକ୍ ବୋର୍ଡ଼ରେ ଉଭୟ ଭାଷାରେ ପରୀକ୍ଷା ଚଳାଇବା ଲାଗି ବ୍ୟବସ୍ଥା ହେବା ଉଚିତ । ଏ ସମ୍ବନ୍ଧରେ ଉଭୟ ଭାଷାରେ ପାରଦର୍ଶୀ ତାଲିମ୍ ପ୍ରାପ୍ତ ଶିକ୍ଷକ ମିଳିବା କଷ୍ଟକର ହୋଇପାରେ । ଏଣୁ ଏଭଳି ଶିକ୍ଷକମାନଙ୍କୁ ବେତନର ଶତକଡ଼ା ୨୦ ବା ସେପରି କିଛି ଅଧିକା ପଇସା (Allowance) ଦେଲେ ସେମାନେ ଉତ୍ସାହିତ ହେବେ । ଶିକ୍ଷା ଦିଗରେ ଏ ଅଧିକା ଖର୍ଚ୍ଚ ସଂଖ୍ୟାଲଘୁଙ୍କ ହିତ ଦୃଷ୍ଟିରେ ସରକାର ବହନ କରିବାକୁ ହେବ । କିନ୍ତୁ ଏହି ଖର୍ଚ୍ଚ ବେଶୀ ହେବାର ସମ୍ଭାବନା ନାହିଁ—ଯେହେତୁ ସଂଖ୍ୟାଲଘୁମାନେ ପ୍ରଦେଶର କେବଳ ଗୋଟିଏ ଜିଲ୍ଲା, ଯେଉଁଟି ସୀମାକୁ ଲାଗିଥିବ, ସେଥିରେହିଁ ରହିଥିବାର ସମ୍ଭାବନା । ପୁଣି ଯଦି ସଂଖ୍ୟାଲଘୁଙ୍କ ସୁବିଧାପାଇଁ କୌଣସି ବଦାନ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଏ ବିଷୟରେ ପାଣ୍ଠି ଦିଅନ୍ତି, ତେବେ ଉପରଲିଖିତ ସଂଖ୍ୟା-କଟକଣା କିଛି ନ ରଖି ସଂଖ୍ୟାଲଘୁ-ଛାତ୍ର ଯେତେ ସଂଖ୍ୟକ ହେଲେ ମଧ୍ୟ ସେମାନଙ୍କପାଇଁ ସ୍ୱତନ୍ତ୍ର ଶ୍ରେଣୀ ବା ସ୍କୁଲ ରଖାଇ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ମାର୍ଗ ପ୍ରଶସ୍ତ ଥିବା ଉଚିତ । କିନ୍ତୁ ସରକାର • ସେପରି ଏ ଦିଗରେ କିଛି ଖର୍ଚ୍ଚ ନ କରନ୍ତି ।

ଏହିପରି ଭାବରେ ଉପରୋକ୍ତ ଯୋଜନାରେ ସୂଚିତ ଅନ୍ୟାନ୍ୟ ବିଭାଗର ଟିକିନିଖି ଆଲୋଚନା କରାଯାଇ ଉପସଂହାରରେ କୁହାଯାଇଛି:—

"ପରସ୍ପର ସୌହାର୍ଦ୍ଦ୍ୟ ଓ ସର୍ବମଙ୍ଗଳର ଆଦର୍ଶ ନ ଥିଲେ କେବଳ ଆଇନ୍ କାନୁନ୍‌ରେ କୌଣସି କଥା ସୁରୁଖୁରୁରେ ସମ୍ପାଦନ ହୋଇ ନ ପାରେ । ଏ ବିଷୟରେ ମଧ୍ୟ ଭାଷା-ସଂଖ୍ୟାଲଘୁ ମାତୃ ପ୍ରଦେଶ ପ୍ରତି ସନ୍ତତ ସତୃଷ୍ଣ ପଶ୍ଚାଦ୍ଦୃଷ୍ଟି ନିକ୍ଷେପ ନ କରି, ବାସ କରୁଥିବା ପ୍ରଦେଶ ପ୍ରତି କୌଣସି ବିଦ୍ରୋହ ବା ଅସୂୟା ନ ଦେଖାଇ, ସେହି ପ୍ରଦେଶର ଉନ୍ନତି-ସାଧନରେ ତଥା ସୁଖ ଦୁଃଖରେ ସମଭାଗୀ ହୋଇ



Digitized by srujanika@gmail.com

ସାଧୁ ନାଗରିକ ହେବାର ଆଦର୍ଶରେ ଅନୁପ୍ରାଣିତ ହେଲେ ପୁଣି ଅନ୍ୟ ପକ୍ଷରେ ସଂଖ୍ୟା-ଗରିଷ୍ଠ ସେମାନଙ୍କ ପ୍ରତି ଅନ୍ୟାୟ ନ କରି, ଈର୍ଷା ନ ଦେଖାଇ ସେମାନଙ୍କର ସତ୍ତ୍ୱକୁ ଲୋପ କରିବାର ଦୁରୁଦ୍ୟମ ନ କରି ସେମାନଙ୍କ ପ୍ରତି ଉଦାରତା ଦେଖାଇଲେ ଏ ସମସ୍ୟାର ସୁନ୍ଦର ସମାଧାନ ହେବ ।

ଏ ଗଠନ-ମୂଳକ ନିଷ୍ପକ୍ଷପାତ ଯୋଜନା ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ ହୋଇ ନେତୃବର୍ଗଙ୍କ ଆଲୋଚନା-ସଂଯୁକ୍ତ ହେଲେ ବର୍ତ୍ତମାନ ଆମ ଦେଶରେ ଅନ୍ତଃସଂଘର୍ଷରେ ବିଭିନ୍ନ କାରଣରୁ ଯେଉଁ ଉତ୍କଟ ପ୍ରାଦେଶିକତା ଅନ୍ୟତମ କାରଣ ହୋଇଛି, ତାହାର ନିରାକରଣରେ କେତେକ ଦୂର ଉପାଦାନ ମିଳିବ ବୋଲି ଆମର ଆଶା ।”

× × × ×

ଇତି ମଧ୍ୟରେ ବିଶାଖପାଟଣା ଉତ୍କଳ ସମାଜର ସଂପାଦକ ଶ୍ରୀଯୁକ୍ତ ମହାଦେବ ମହାପାତ୍ର ଉତ୍ତର ବିଶାଖପାଟଣା ଜିଲ୍ଲା ହାଇସ୍କୁଲ ମାନଙ୍କର ଓଡ଼ିଆ ପଣ୍ଡିତମାନଙ୍କୁ ପୁଣି ଶ୍ରୀଯୁକ୍ତ କପିଳେଶ୍ୱର ଦାସଙ୍କୁ ନିମ୍ନଲିଖିତ ବିଷୟ ଜଣାଇଛନ୍ତି—

“ମୁଁ ଆପଣଙ୍କର ଦୃଷ୍ଟି ମାଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କ ୨୯-୫-୪୮ ତାରିଖର ଆଦେଶ G. O. No. 1394/48 dated 29-5-48 ପ୍ରତି ଆକର୍ଷଣ କରୁଛି । ଏହି ଆଦେଶରେ ମାଦ୍ରାଜ ପ୍ରଦେଶର ସ୍କୁଲମାନରୁ ଓଡ଼ିଆ ଏକାବେଳକେ ଉଠାଇ ଦିଆଯାଇଛି । ୪୮-୪୯ ସାଲ ଠାରୁ ମାଦ୍ରାଜ ପ୍ରଦେଶର ସେକେଣ୍ଡରି ଶିକ୍ଷାର ଯେଉଁ ପୁନର୍ଗଠନ ସଜ୍ଜା (Reorganisation) ଅବଲମ୍ବିତ ହେଉଛି, ସେଥିରେ ଓଡ଼ିଆ ଭାଷାକୁ ଆଞ୍ଚଳିକ ଭାଷା (Regional languages) ବା ଗୌରବିକ ଭାଷା (Classical languages) ତାଲିକାରେ ଆଦୌ ସ୍ଥାନ ଦିଆଯାଇନାହିଁ । ଆମେ ଏ ସମ୍ବାଦ ବହୁ ବିଳମ୍ବରେ ପାଇଛୁ ଓ ଓଡ଼ିଆ ଭାଷାର ନ୍ୟାଯ୍ୟ ବ୍ୟବହାରପାଇଁ ପ୍ରବଳ ଆନ୍ଦୋଳନ କରୁଛୁ । ମାଦ୍ରାଜ ପ୍ରଦେଶର ଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ଆବେଦନ ପଠାଇଛୁଁ । ତାଙ୍କର ଉତ୍ତରକୁ ଅପେକ୍ଷା କରୁଛୁ । କିନ୍ତୁ କେବଳ ଆମର ଆନ୍ଦୋଳନରେ ଏହି ବିଷୟ ସମାଧାନ ହୋଇ ପାରିବ ନାହିଁ । ଜିଲ୍ଲା ତମାମ ଆନ୍ଦୋଳନ ଚଳାଇ ମାଦ୍ରାଜ ଓ ଓଡ଼ିଶା ସରକାରଙ୍କୁ ଜଣାଇବାକୁ ହେବ । ଏଣୁ ଏ ଜିଲ୍ଲାର ଓଡ଼ିଆଙ୍କର ନ୍ୟାଯ୍ୟ ଓ ସ୍ୱାର୍ଥରକ୍ଷା ଦୃଷ୍ଟିରେ ଆପଣଙ୍କୁ ଅନୁରୋଧ କରୁଛୁ କି, ଆପଣମାନେ ଅତିଶୀଘ୍ର ସଭା ସମିତିମାନ କରାଇ ଏ ବିଷୟରେ ପ୍ରସ୍ତାବମାନ ଉଭୟ ସରକାରଙ୍କ ନିକଟକୁ ପଠାନ୍ତୁ ।”

ମାଦ୍ରାଜର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଅବିନାଶ ଲିଙ୍ଗଂ ଚେଟ୍ଟିଅର୍‌ଙ୍କ ନିକଟକୁ ସମାଜର ସଭାପତି ଶ୍ରୀଯୁକ୍ତ ଭୁବନେଶ୍ୱର ଦାସଙ୍କ ସ୍ୱାକ୍ଷରରେ ପଠାଯାଇଥିବା ଆବେଦନ ପତ୍ରର ସାରାଂଶ ତଳେ ଦିଆଯାଉଛି—

“ବିଶ୍ୱସ୍ତ ସୂତ୍ରରୁ ଜାଣି ପାରିଛୁ—ଏ ପର୍ଯ୍ୟନ୍ତ ମାଦ୍ରାଜ ପ୍ରଦେଶରେ ସ୍କୁଲ ଓ କଲେଜମାନଙ୍କରେ ଦ୍ୱିତୀୟ ଭାଷା (second language) ରୂପେ ଶିକ୍ଷା ଦିଆଯାଉଥିବା ଓଡ଼ିଆ ଭାଷାକୁ ଏ ବର୍ଷଠାରୁ ପ୍ରାଦେଶିକ ଭାଷା ତାଲିକାରୁ ଉଠାଇ ଦିଆଯାଇଛି । ସେ ସଂପର୍କରେ ନିମ୍ନଲିଖିତ ବିଷୟ ଆପଣଙ୍କୁ ଜଣାଇ ଟେଲିଗ୍ରାମ୍ ଆଦେଶ ଦ୍ୱାରା ଏ ଅନ୍ୟାୟର ପୁନର୍ବିଚାର ଓ ନିରାକରଣ ଲାଗି ଅନୁରୋଧ କରୁଛୁଁ । ଆପଣ ଜାଣନ୍ତି—୧୯୩୬ ରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ପରେ ମଧ୍ୟ ମାଦ୍ରାଜ ପ୍ରଦେଶରେ କେତେକ ଓଡ଼ିଆ ଭାଷୀ ଅଞ୍ଚଳ ରହିଯାଇଛି—ଯେଉଁ ଅଞ୍ଚଳରେ ବର୍ତ୍ତମାନ ଦଶଲକ୍ଷ ଓଡ଼ିଆ ସଂଖ୍ୟା-ଲଘିଷ୍ଠ ଭାବରେ ବାସ କରୁଛନ୍ତି । ଏବେ ଜାଣିପାରୁଛୁ ଆଦେଶ ଦିଆଯାଇଛି ଯେ ଏ ବର୍ଷଠାରୁ ଏଠା ସ୍କୁଲ କଲେଜମାନଙ୍କରେ ପ୍ରଥମ ଦଫାରେ (I Part) ତେଲୁଗୁ, ଦ୍ୱିତୀୟ ଦଫା (II Part)ରେ ଓଡ଼ିଆ ଭିନ୍ନ ଅନ୍ୟାନ୍ୟ ଭାଷା ଓ ତୃତୀୟ ଦଫା III Part) ରେ ଇଂରେଜୀ ଭାଷା ଶିକ୍ଷା ଦିଆଯିବ । ଏ ପ୍ରଦେଶର ବହୁ ସଂଖ୍ୟକ ଓଡ଼ିଆ ସଂଖ୍ୟାଲଘୁଙ୍କ ନ୍ୟାଯ୍ୟ ସ୍ୱାର୍ଥରକ୍ଷା ଦୃଷ୍ଟିରେ ଓଡ଼ିଆ ଭାଷାର ସ୍ଥାନ ମଧ୍ୟ ଏଥିରେ ରଖିବା ମାଦ୍ରାଜ ସରକାରଙ୍କ ଏକାନ୍ତ କର୍ତ୍ତବ୍ୟ । ଏଠାରେ କହିପାରୁ—ମେଦିନାପୁର, ସିଂହଭୂମ୍, ଫୁଲଝର ଇତ୍ୟାଦି ଅଞ୍ଚଳମାନଙ୍କରେ ଓଡ଼ିଆ ସଂଖ୍ୟା ମାଦ୍ରାଜୀ ଓଡ଼ିଆଙ୍କଠାରୁ ଊଣା ।



Digitized by srujanika@gmail.com

ତଥାପି ବିହାର ଓ ବଙ୍ଗର ସ୍କୁଲ କଲେଜମାନଙ୍କରେ ଓଡ଼ିଆ ଭାଷା ଉଠାଇ ଦିଆଯାଇ ନାହିଁ । ଓଡ଼ିଶାରେ ଅନ୍ଧ୍ର ସଂଖ୍ୟା କେବଳ ଦୁଇଲକ୍ଷ । ତଥାପି ଓଡ଼ିଶା ସରକାର ସେଠା ସ୍କୁଲ କଲେଜମାନଙ୍କରେ ତେଲୁଗୁ ଶିକ୍ଷା ରଖିଛନ୍ତି ପୁଣି ଗଞ୍ଜାମ ଓ କୋରାପୁଟ ଜିଲ୍ଲା ମାନଙ୍କରେ ତେଲୁଗୁ କଚେରୀ ଭାଷା ରଖିଛନ୍ତି । ତେବେ ମାନ୍ଦ୍ରାଜ ପ୍ରଦେଶରେ ସ୍କୁଲ କଲେଜ-ମାନଙ୍କରେ ଓଡ଼ିଆ ଛାତ୍ର ମାତୃଭାଷା ଶିକ୍ଷା କାହିଁକି ପାଇବେ ନାହିଁ, ଏହାର କାରଣ ଜଣାଯାଉ ନାହିଁ । ଅନ୍ୟାନ୍ୟ ସବୁ ପ୍ରଦେଶରେ ସଂଖ୍ୟାଲଘୁଙ୍କୁ ଦିଆ-ଯାଉଥିବା ସୁବିଧା ଦୃଷ୍ଟିରେ, ଏଠାରେ ପ୍ରାଦେଶିକ ଭାଷା ତାଲିକାରୁ ବିଶେଷତଃ ଶିକ୍ଷା କ୍ଷେତ୍ରରେ ଓଡ଼ିଆକୁ ଉଠାଇ ଦେବା ଅର୍ଥଶୂନ୍ୟ ଓ ଘୋର ଅନ୍ୟାୟ, ଏହା କହିବାପାଇଁ—ମୁଁ ସମ୍ପୂର୍ଣ୍ଣ ହକ୍‌ଦାର । ବିଶେଷତଃ ଆମର ଜାତିର ମହାନ୍ ଜନକ ବାପୁଜୀଙ୍କର ମହାନ୍ ଆତ୍ମାର ଶାନ୍ତି ନିମନ୍ତେ କଂଗ୍ରେସ ଅନୁଷ୍ଠାନ ସାଂପ୍ରଦାୟିକ ଭେଦଭାବ ଦେଖାଇବା ଉଚିତ ନୁହେଁ । ତେବେ କଂଗ୍ରେସ ମନ୍ତ୍ରୀ-ମଣ୍ଡଳ ଚାଳିତ ମାନ୍ଦ୍ରାଜ-ସରକାର ମାନ୍ଦ୍ରାଜୀ ଓଡ଼ିଆଙ୍କ ପ୍ରତି ଏପରି ସାବତ-ମା ନୀତି କାହିଁକି ଧରିଛନ୍ତି ଜଣା ଯାଉନାହିଁ । ଏହି ଅସନ୍ତୋଷଜନକ ବିଷୟ ପ୍ରତି ମୁଁ ଦଶଲକ୍ଷ ଓଡ଼ିଆଙ୍କ ପକ୍ଷରୁ ଆପଣଙ୍କର ତୁରନ୍ତ ଓ ବ୍ୟକ୍ତିଗତ ଦୃଷ୍ଟି ଆକର୍ଷଣ କରୁଛି । ପ୍ରସ୍ତାବିତ ବିଷୟରେ ଗମ୍ଭୀର ଓ ଅନୁକୂଳ ଅନୁଧ୍ୟାନ କରି ଏଠାର ସ୍କୁଲ କଲେଜମାନଙ୍କରେ ଓଡ଼ିଆ ଭାଷା ରଖିବାପାଇଁ ଶିକ୍ଷା କର୍ତ୍ତୃପକ୍ଷଙ୍କୁ ତାର ଯୋଗେ ଆଦେଶ ଦେଲେ ମୁଁ ଆନନ୍ଦିତ ହେବି । ଦଳିତ ସଂଖ୍ୟାଲଘୁଙ୍କ ନ୍ୟାଯ୍ୟ ସ୍ୱାର୍ଥରକ୍ଷା କଲେହିଁ ବାପୁଜୀଙ୍କ ଭାବନା ଚରିତାର୍ଥ ହେବ—ନଚେତ୍ ନୁହେଁ ।'

ଆବେଦନଟି ଏକ୍ସପ୍ରେସ୍ ଏୟାର୍ ମେଲ୍‌ଯୋଗେ ପଠାଯାଇଥିଲା । ତଥାପି ତାହାର ଉତ୍ତର କିଛି ନ ମିଳିବାରୁ ପୁଣି ସମାଜ ପକ୍ଷରୁ ଟେଲିଗ୍ରାମ୍ କରି-ଯାଇଛି । ତାହା ସଙ୍ଗେ ପୁଣି ନିମ୍ନଲିଖିତ ଟିପ୍ପଣୀ ଦିଆ ଯାଇଛି:—'ଓଡ଼ିଆ ଛାତ୍ରମାନେ ମାତୃଭାଷା ଛାଡ଼ି ଅନ୍ୟ ଭାଷା ପଢ଼ିବେ, ଏହା ମର୍ମାନ୍ତିକ ବେଦନାର ବିଷୟ । ଅନ୍ଧ୍ର ଅଞ୍ଚଳରେ ଦଶଲକ୍ଷ ଓଡ଼ିଆ ଅଛନ୍ତି; ତଥାପି ଓଡ଼ିଆ ଅଞ୍ଚଳର ଭାଷା ବୋଲି ଗୃହୀତ ହୋଇନାହିଁ ପୁଣି ସଂସ୍କୃତ ଓ ଉର୍ଦ୍ଦୁ ସଙ୍ଗେ ପୌରଣିକ ଭାଷା ତାଲିକାରେ ମଧ୍ୟ ସ୍ଥାନ ପାଇନାହିଁ । ଏପରି ସ୍ଥଳେ ରାମରାଜ୍ୟ ଆଦର୍ଶ ପ୍ରଚାରକ ଗାନ୍ଧିବାଦୀ ଲୋକ-ସରକାରଙ୍କୁ ପଚାରିବାରେ ଅନ୍ୟାୟ ହେବନାହିଁ—ଏପରି କରିବା ଦ୍ୱାରା ଚିକିଟି, କାଶିବୁଗ୍‌ଗା, ଇଚ୍ଛାପୁର, ମଞ୍ଜୁଷା, ସୋମପେଣ୍ଟ, ପାଲକୋଣ୍ଡା, ପାର୍ବତୀପୁର, ବିଶାଖାପାଟଣା ଇତ୍ୟାଦି ସେକେଣ୍ଡ୍ରିର ସ୍କୁଲମାନଙ୍କରେ ପଢ଼ୁଥିବା ସହସ୍ର ସହସ୍ର ଓଡ଼ିଆ ଶିକ୍ଷାର୍ଥୀଙ୍କ ଅବସ୍ଥା କଅଣ ହେବ ?

ଏ ସବୁ ଲେଖାର ନକଲ ମାନ୍ଦ୍ରାଜର ଶିକ୍ଷା ବିଭାଗୀୟ ଡାଇରେକ୍ଟର, ଉତ୍ତର ଓ ଦକ୍ଷିଣ ବିଶାଖାପାଟଣା ଡି. ଇ. ଓ. ବିଶାଖାପାଟଣା ଜିଲ୍ଲାବୋର୍ଡ଼ ସ୍ପେଶାଲ୍ ଅଫିସର, ଗୁଣ୍ଟୁର୍ ସ୍କୁଲ-ସମୂହ ଇନ୍‌ସ୍-ପେକ୍ଟର, ଓଡ଼ିଶାର ଶିକ୍ଷା ମନ୍ତ୍ରୀ ମାନ୍ୟବର ପଣ୍ଡିତ ଲିଙ୍ଗରାଜ ମିଶ୍ର, ମାନ୍ଦ୍ରାଜର ଓ ଓଡ଼ିଶାର ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ଦ୍ରାଜ ସେକେଣ୍ଡ୍ରିର ଶିକ୍ଷା ପୁନର୍ଗଠନ-ବିଭାଗୀୟ ସ୍ପେଶାଲ୍ ଅଫିସର ଶ୍ରୀଯୁକ୍ତ ଟି. ପି. ଶଙ୍କରନ କୃଷ୍ଣନାଇଡୁଙ୍କ ନିକଟକୁ ପଠାଯାଇଛି । × × ×

ଏହା ଉପରେ ଆଲୋଚନା ଅନାବଶ୍ୟକ । ଏ ପର୍ଯ୍ୟନ୍ତ କଥାଟା କେବଳ ଶିକ୍ଷା-ମାଧ୍ୟମ (Medium of Instruction) ସଂପର୍କରେ ନିବଦ୍ଧ ଥିଲା—ଅର୍ଥାତ୍ ମାନ୍ଦ୍ରାଜ ପ୍ରଦେଶରେ ଓଡ଼ିଆ ଛାତ୍ରମାନେ ଇତିହାସ, ଗଣିତ, ଭୂଗୋଳ, ବିଜ୍ଞାନ ଇତ୍ୟାଦି ଭାଷା-ଇତର ବିଷୟ (Non-language Subjects) ଗୁଡ଼ିକ ଓଡ଼ିଆ ଭାଷାରେ ପାଇବାକୁ ସବୁ ସୁବିଧା ଦେବା ଉଚିତ—କିନ୍ତୁ ସେପରି ଦିଆଯାଉ ନାହିଁ—ତେଲୁଗୁରେ ସେ ସବୁ ସୁବିଧା ଦେବା ଉଚିତ—କିନ୍ତୁ ସେପରି ଦିଆଯାଉ ନାହିଁ—ତେଲୁଗୁରେ ସେ ସବୁ ବିଷୟ ଶିଖିବାପାଇଁ କେଉଁ କେଉଁଠାରେ ବାଧ୍ୟ କରାଯାଉଛି—ଏହି ପ୍ରକରଣରେ ଯାହା କିଛି ଆନ୍ଦୋଳନ ଚାଲିଥିଲା । କିନ୍ତୁ ବର୍ତ୍ତମାନ ସମସ୍ତେ ବୁଝି ପାରୁଥିବେ, ମାତୃଭାଷା ଅର୍ଥାତ୍ ଘରର Vernacular ଭାବରେ ମଧ୍ୟ ଓଡ଼ିଆ ଆଉ ରହୁନାହିଁ—ଅର୍ଥାତ୍ ଶିକ୍ଷା-କ୍ଷେତ୍ରରୁ ଓଡ଼ିଆ ଏକା-



Digitized by srujanika@gmail.com

ୀଲକେ ନଷ୍ଟ ଭ୍ରଷ୍ଟ ହୋଇ ଯାଉଛନ୍ତି; ଏଠା ସ୍କୁଲ ଲେଜ ମାନଙ୍କରୁ ଓଡ଼ିଆ ପଣ୍ଡିତ ତଥା ଶିକ୍ଷକମାନଙ୍କୁ ହାର କରି ଦିଆଯିବ । ଓଡ଼ିଆ ଭାଷାର ସତ୍ତ୍ୱ ଲୁପ୍ତ ହୋଇଯିବ । ଭାଷାର ସତ୍ତ୍ୱ ଲୋପ ହେଲେ ।ତୀୟତା ଲୋପ ହେବାପାଇଁ ଆଉ କେତେଦିନ ଟିବ ? ଏ ବିଷୟର ଗୁରୁତା, ମାରାତ୍ମକତା ମାଦ୍ରାଜୀ ବୁଝ ଆମ ପକ୍ଷରେ ଏତେ ଅକଳନୀୟ ଯେ ଆମେ ଣ୍ଡ ବିଷୟଟିରେ କିଛି ଚିନ୍ତା କରିପାରୁ ନାହୁଁ । ହାର ଫଳ କ'ଣ ଯେ ହେବ କହି ହେଉନାହିଁ । ଅପଷଣ, ସନ୍ଧିକ୍ଷଣ ପହଞ୍ଚିଗଲା । ଓଡ଼ିଆ ଜାତି, ଡ଼ିଶା ସରକାର କଅଣ କରିବାକୁ ଯାଉଛନ୍ତି ? ବିପଜ୍ଜନରୁ ଉଦ୍ଧାରପାଇଁ କି ବ୍ୟବସ୍ଥା କରୁଛନ୍ତି ? ଛିନ୍ନ ଅଞ୍ଚଳର ମୃତପ୍ରାୟ ପୁଣି ଦକ୍ଷିଣ ନିବାସୀ ।ବରେ 'ବୀଣା'ର ଏ ସମସ୍ୟା ଜୀବନ-ମରଣ ମସ୍ୟା—ଯେ ହେତୁ ଓଡ଼ିଆ ଭାଷା ତଥା ଜାତୀୟତା ଠାରୁ ଲୋପ ହେଲେ, କାହାକୁ ଧରି 'ବୀଣା' ।ହିବ ? ତେଣୁ 'ବୀଣା' ଏ ବିଷୟକୁ ନିଜର ବୋଲି ।ହଣ କରିଛି । କ୍ରମେ ଏ ସମ୍ପର୍କୀୟ ଆନ୍ଦୋଳନ ଓ ନ୍ୟାନ୍ୟ ପ୍ରସଙ୍ଗରେ ବିଶଦ ବିବରଣୀ 'ବୀଣା'ରେ ।ଶ ପାଇବ । ଇତି ମଧ୍ୟରେ ଆମେ ଶେଷଥରପାଇଁ ଯାଉ ହସ୍ତରେ ଓଡ଼ିଆ ଜାତି ପୁଣି ଓଡ଼ିଶା, ମାଦ୍ରାଜ ।ଥା କେନ୍ଦ୍ର ସରକାର, ସର୍ବସାଧାରଣ ଓ କଂଗ୍ରେସ ନୁଷ୍ଠାନର ତୀବ୍ର ଦୃଷ୍ଟି ଏ ଅସହନୀୟ ପରିସ୍ଥିତି ପ୍ରତି ।କର୍ଷଣ କରି ନ୍ୟାୟ ଭିକ୍ଷା କରୁଛୁଁ ।

× × × ×

ଦକ୍ଷିଣ ବିଚ୍ଛିନ୍ନ ଅଞ୍ଚଳରେ ଟିକଲି ଗୋଟିଏ ।ଶ୍ୟ ଜମିଦାରୀ । ଟିକଲି ରାଜବଂଶର ଓଡ଼ିଆ ଜାତୀୟ ।ତା ତଥା ସାହିତ୍ୟ-ଚର୍ଚ୍ଚା ଓ ପୋଷକତା ପୂର୍ବରୁ ।ସିଦ୍ଧ । ଦକ୍ଷିଣ ଓଡ଼ିଶାର ଚିକିଟି ଅନ୍ୟ ଗୋଟିଏ ।ଖ୍ୟ ଜମିଦାରୀ । ଏ ଜମିଦାରୀର କେତେକାଂଶ ।ଦ୍ୟାପି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳରେ ଅଛି । ଚିକିଟି ।ଜବଂଶର ଓଡ଼ିଆ ଜାତୀୟ ମମତା ତଥା ଉତ୍କଳ ।ହିତ୍ୟ ଅଭିବୃଦ୍ଧିରେ ନିସ୍ବାର୍ଥପର ସେବା ମଧ୍ୟ ।ନ-ବିଦିତ । ସୁଖର କଥା, ଇତି ମଧ୍ୟରେ ଏ ଦୁଇ ।ଜବଂଶ ମଧ୍ୟରେ ବନ୍ଧୁତା ସ୍ଥାପିତ ହୋଇଛି । ।କଲିର ଜୁବରାଜ ରାଜା ଶ୍ରୀ ଜଗନ୍ନାଥ ଦେବ ବର୍ମାଙ୍କର ଶୁଭ ପରିଣୟ ଚିକିଟି ରାଜା ସାହେବଙ୍କ କନିଷ୍ଠ ଭଗିନୀଙ୍କ ସହିତ ସମ୍ପନ୍ନ ହୋଇଛି । ଆଶା କରାଯାଏ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଜାତୀୟତା ତଥା ସାହିତ୍ୟ ରକ୍ଷା ଓ ବିକାଶ ପରଂପରାରେ ଏ ଶୁଭ ମିଳନ ମଣି-କାଞ୍ଚନର ସଂଯୋଗ ହେବ । 'ବୀଣା'ର ପୋଷକ ତଥା ପ୍ରବର୍ତ୍ତକ ଭାବରେ ରାଜା ଜଗନ୍ନାଥ ଦେବ ବର୍ମାଙ୍କୁ 'ବୀଣା' ଏ ଶୁଭ ସନ୍ଧିକ୍ଷଣ ଅବସରରେ ଅଭିବାଦନ ଜଣାଉଛି ।

× × ×

ଏ ସଂଖ୍ୟାରେ 'ବୀଣା'ର ପ୍ରଥମ ବର୍ଷ ପୂର୍ଣ୍ଣ ହୋଇଛି । 'ବୀଣା' ଯେଉଁ ଲକ୍ଷ୍ୟ ଧରି ଜନ୍ମଲାଭ କରିଛି, ତାହାର ପୂର୍ଣ୍ଣତା ସାଧନରେ ଅଳ୍ପ ସମୟ ମଧ୍ୟରେ ସେ କେତେଦୂର ଅଗ୍ରସର ହୋଇଛି, ତାହା ସହୃଦୟ ପାଠକ-ପାଠିକାହିଁ ବିଚାର କରିବେ । ଏ ଦୁର୍ଭିକ୍ଷ କାଳରେ ଅଶାନ୍ତ ଆପଜ୍ଜନକ ପରିସ୍ଥିତିରେ, ନାନା ବାଧା ବିଘ୍ନସତ୍ତ୍ୱ ଆଦର୍ଶରେ ଆସ୍ଥା ରଖି, ଜାତୀୟତାରେ ବିଶ୍ୱାସ ରଖି, ସାହିତ୍ୟର ଚିରନ୍ତନ କଲ୍ୟାଣ ସାଧକ ଶକ୍ତିରେ ବିଶ୍ୱାସ ରଖି, ବିଶ୍ୱ-ନିୟନ୍ତାଙ୍କ ମଙ୍ଗଳମୟ ନିୟମରେ ଭକ୍ତି ରଖି ବିନୀତ ସେବକ ଭାବରେ 'ବୀଣା' ଶୈଶବର ଅସହାୟ ଅବସ୍ଥାରୁ ଉଠିଥିଲା ସତ; ତଥାପି ଭବିଷ୍ୟତରେ ତାହାର କର୍ମଠତା, ଉନ୍ନତି ତଥା କୁଶଳତା କେତେଦୂର ସମ୍ପାଦିତ ହେବ, ତାହା କିଏ କହିପାରିବ ? ତଥାପି ଆମର ପରିକଳ୍ପନା ଅଛି, ତାହା ଯେତେଦୂର ସୁନ୍ଦର, ସରସ, ଉପକାର ଜନକ ହୋଇପାରେ, ସେତେ ଦୂର କରିବାକୁ । ଏଣିକି ପ୍ରତି ମାସରେ ତାହା ଠିକ୍ ସମୟରେ ପ୍ରକାଶିତ ହେବାର ବ୍ୟବସ୍ଥା ପ୍ରତି ମଧ୍ୟ ଆମେ ସଜାଗ ଦୃଷ୍ଟି ଦେଉଛୁଁ । ପୁଣି ଆସନ୍ତା ସଂଖ୍ୟାଠାରୁ ତହିଁରେ ହସନ୍ତିକା, ପ୍ରଶ୍ନୋତ୍ତର, ଚିଠି, ଜ୍ଞାନ-ବିଜ୍ଞାନ, ମାସିକ ଟିପାଖାତା ଇତ୍ୟାଦି କେତେକ ନୂତନ ବିଭାଗ ଖୋଲିବାର ବ୍ୟବସ୍ଥା କରୁଛୁଁ । ଆଶା କରୁଛୁ 'ବୀଣା' ତାହାର ବର୍ତ୍ତମାନ ଥିବା ଗ୍ରାହକ, ପୋଷକ, ଶୁଭେଚ୍ଛୁଙ୍କ ଅଧିକ ଗ୍ରାହକତା, ପୋଷକତା ଓ ଶୁଭେଚ୍ଛା ପାଇବା ସଙ୍ଗେ ସଙ୍ଗେ ନୂତନ ଗ୍ରାହକ, ପୋଷକ ଓ ଶୁଭେଚ୍ଛୁ ଲାଭ କରିବ । ଭଗବାନ ତାହାକୁ ଦୀର୍ଘଜୀବୀ, ବଳିଷ୍ଠ ଉପାଦେୟ କରନ୍ତୁ ।



Digitized by srujanika@gmail.com

# ନିୟମାବଳୀ

୧. 'ବୀଣା' ପ୍ରତ୍ୟେକ ଓଡ଼ିଆ ଶୁକ୍ଳ ମାସ ପ୍ରଥମ ଦିବସରେ ପ୍ରକାଶ ପାଉଥିବ । ଲେଖକଙ୍କୁ ଅନୁରୋଧ ଯେ ରଚନାଗୁଡ଼ିକ ଇଂରେଜୀ ମାସ ପହିଲି ତାରିଖରେ ପଠାଉ ଥିବେ ।

୨. ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ଲେଖିଥିବା ଉଚିତ । ରଚନାର ନିମ୍ନ ଭାଗରେ ନିଜର ଠିକଣା ଦେବା ପାଇଁ ବିନୀତ ଅନୁରୋଧ ।

୩. ଲେଖକ ଡାକଟିକଟ ଯୋଗାଇ ଥିଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ।

ସମ୍ପାଦକ, 'ବୀଣା'
ଟିକିଲି, (ବିଶାଖପାଟଣା ଜିଲ୍ଲା)

---

# ବିଜ୍ଞାପନ

୧. 'ବୀଣା'ର ବାର୍ଷିକ ମୂଲ୍ୟ ସଡାକ ଟ ୫୲, ଏହା ଅଗ୍ରୀମ ଦେୟ । ଗ୍ରାହକଙ୍କ ଇଚ୍ଛାନୁମତେ ଭି. ପି. ରେ ମଧ୍ୟ ପଠାଯିବ ।

୨. ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦୲୵

୩. 'ବୀଣା' ସମ୍ପର୍କରେ ଯେ କୌଣସି କଥା ଓ ହିସାବ ଜାଣିବାକୁ ହେଲେ ଗ୍ରାହକମାନେ ନିଜ ନିଜର ଗ୍ରାହକ ନମ୍ବର ଲେଖିବାରେ ଭୁଲିବେ ନାହିଁ ।

୪. କିଛି କାଳ ପାଇଁ ଗ୍ରାହକ ସ୍ଥାନ ପରିବର୍ତ୍ତନ କଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ କାଳ ପାଇଁ ହେଲେ 'ବୀଣା'ର ପରିଚାଳକଙ୍କୁ ଜଣାଇଲେ ଗ୍ରାହକ ଗ୍ରାହିକାମାନେ 'ବୀଣା' ଶୀଘ୍ର ପାଇ ପାରିବେ ।

୫. ବିଜ୍ଞାପନ ସମ୍ପର୍କରେ ପରିଚାଳକଙ୍କ ସହିତ ପତ୍ର ଆଦାନ ପ୍ରଦାନ ରଖିବେ ।

୬. କୌଣସି କାରଣ ବଶତଃ 'ବୀଣା' ପାଇବାର ବିଳମ୍ବ ହେଲେ ଗ୍ରାହକେ ନିଜର ଗ୍ରାହକ ନମ୍ବର ଦେଇ ପରିଚାଳକଙ୍କୁ ଜଣାଇଲେ 'ବୀଣା' ଯଥା ସମୟରେ ପାଇ ପାରୁଥିବେ ।

୭. ରଚନା ବ୍ୟତୀତ ଯେ କୌଣସି ବିଷୟ ଜାଣିବାକୁ ଥିଲେ ପରିଚାଳକଙ୍କ ଠିକଣାରେ ଲେଖିଲେ ଉତ୍ତର ପାଇ ପାରିବେ ।

ଶ୍ରୀ ଭବାନୀ ପ୍ରସାଦ ଦେଓ
ପରିଚାଳକ, 'ବୀଣା'
ଟିକିଲି (ବିଶାଖପାଟଣା ଜିଲ୍ଲା)

---

## ବିଜ୍ଞାପନର ନିୟମାବଳୀ

ଏକ ମାସ ନିମନ୍ତେ ପୃଷ୍ଠାର ପ୍ରତି ସ୍ତମ୍ଭର ଏକ ଧାଡ଼ିକୁ ...ଟ ୦୨
" " ପୂର୍ଣ୍ଣ ଏକ ପୃଷ୍ଠାକୁ ... ... ...ଟ ୩୦୧
ସେହି ବିଜ୍ଞାପନଟି ଛ ମାସ ଯାଏ ରଖିଲେ ପ୍ରତି ମାସକୁ ପ୍ରତି ଧାଡ଼ିକୁ ...ଟ ୦୲୵
" " " " ପୂର୍ଣ୍ଣ ଏକ ପୃଷ୍ଠାକୁ ... ...ଟ ୨୫୧

ଶ୍ରୀ ଭବାନୀ ପ୍ରସାଦ ଦେଓ
ପରିଚାଳକ, 'ବୀଣା'
ଟିକିଲି (ବିଶାଖପାଟଣା ଜିଲ୍ଲା)

Digitized by srujanika@gmail.com

Regd. No. M. 5003

ସଡାକ ବାର୍ଷିକ ଦେୟ ଟ ୫ ପ୍ରତି ଖଣ୍ଡ ଟ ୦।୵


## ବିଜ୍ଞପ୍ତି

'ବୀଣା' ପାଇଁ ଏଜେଣ୍ଟ ଦରକାର । ଯେଉଁ ଏଜେଣ୍ଟମାନେ ଅନ୍ୟୁନ ପଞ୍ଚାବନ ନୂତନ ଗ୍ରାହକ ସଂଗ୍ରହ କରିବେ ସେମାନଙ୍କୁ ଶତକଡ଼ା ପଚିଶ ଟଙ୍କା କମିସନ ଦିଆଯିବ । ଅଧିକ ସଂଖ୍ୟକ ଗ୍ରାହକ ସଂଗ୍ରାହକମାନଙ୍କ ପକ୍ଷେ ଶତକଡ଼ା ତିରିଶ ମଧ୍ୟ ଦିଆଯିବ । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାରେ ଲେଖନ୍ତୁ ।

ଶ୍ରୀ ଭବାନୀ ପ୍ରସାଦ ଦେଓ
ପରିଚାଳକ, 'ବୀଣା'
ଚିକଲ୍ (ବିଶାଖାପାଟଣା ଜିଲ୍ଲା)


ମୁଦ୍ରାକର :—ଶ୍ରୀ ନରସିଂହ ମିଶ୍ର,
'ଭାରତ ପ୍ରେସ' ବାଲୁବଜାର, କଟକ

ପ୍ରକାଶକ ଓ ସମ୍ପାଦକ:—ଶ୍ରୀ ମଧୁସୂଦନ ଦେବ,
ବି. ଏ.